ସୋମଦେବଙ୍କ

କଥାସରିତ୍ ସାଗର

ଅନୁବାଦ

ଡଃ. ସୁଦର୍ଶନ ଆଚାର୍ଯ୍ୟ

Digitized by srujanika@gmail.com

ଏକ ନିର୍ଦ୍ଦିଷ୍ଟ ସମୟ ଓ ପରିସର ମଧ୍ୟରେ ଜଣେ ଜଣେ ବୁଦ୍ଧିଜୀବୀ ମଣିଷର ବୌଦ୍ଧିକ ଅଭିବ୍ୟକ୍ତି ବିଦଗ୍ଧ ସାହିତ୍ୟର ଆଧାରସ୍ତମ୍ଭ। କିନ୍ତୁ ସାଧାରଣ ମଣିଷ ସମାଜରେ ଯୁଗଯୁଗାନ୍ତର ଧରି ସଞ୍ଚିତ ବିଚିତ୍ର ଅନୁଭୂତି ଓ ଚିନ୍ତାଚେତନାରେ ଲୋକସାହିତ୍ୟ ଋଦ୍ଧିମନ୍ତ। ଗୋଟିଏ ଦେଶ ଓ ଜାତିର ସାଂସ୍କୃତିକ ପରମ୍ପରାକୁ ଜାଣିବାପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରମ୍ପରାକୁ ଭୁଲିବାପାଇଁ ଚେଷ୍ଟା କରି ଆଜି ଆମେ ଲକ୍ଷ୍ୟଭ୍ରଷ୍ଟ। ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ ଦିନେ କୁରୁକ୍ଷେତ୍ରର ରଣାଙ୍ଗନରେ ସବ୍ୟସାଚୀ ଅର୍ଜ୍ଜୁନ; ସଖାପାଇଁ ଶ୍ରୀକୃଷ୍ଣ ସମସ୍ତ ଉପନିଷଦ ରୂପ ଗାଭୀକୁ ଦୋହନ କରିଥିଲେ। ସାମ୍ପ୍ରତିକ ସମୟରେ ଅର୍ଜ୍ଜୁନଙ୍କ ବିଷାଦ ଓ ଦ୍ୱନ୍ଦ୍ୱ ଆମ ଭିତରେ ସଂକ୍ରମିତ। ଏହାର ମହୌଷଧି ଭାରତୀୟ ଲୋକସଂସ୍କୃତି ଓ ଲୋକମାନସର ଅନୁଶୀଳନ। ଶ୍ରୀମଦ୍ ଭଗବଦ୍ ଗୀତା ଭାରତୀୟ ମନୀଷାର ଚରମ ଅଭିବ୍ୟକ୍ତି; ବୃହତ୍‌କଥା ଏବଂ ତା'ର ସରସ ସଂକ୍ଷିପ୍ତ ସଂସ୍କରଣ **'କଥାସରିତ ସାଗର'** ଭାରତୀୟ ଲୋକମାନସର ସ୍ୱଚ୍ଛସୁନ୍ଦର ମୁକୁର, ଭାରତୀୟର ଆଚରଣ ସଂହିତା। ଏହି ମହାସାଗାରରେ ଅବଗାହନ କରିପାରିଲେ ଆଜିର ଭାରତୀୟ ତା'ର ଭାରତୀୟତାକୁ ଫେରିପାଇ ପାରିବା ସମ୍ଭବ ହୋଇପାରେ।

Digitized by srujanika@gmail.com

କଥାସରିତ ସାଗର
Kathasarita Sagar

ଅନୁବାଦ : ଡକ୍ଟର ସୁଦର୍ଶନ ଆଚାର୍ଯ୍ୟ
Translated by : Dr. Sudarsana Acharya

ପ୍ରକାଶକ : ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
Publisher : Sahadev Pradhan
Friends' Publishers, Binodbehari,
Cuttack-753 002, Orissa (India)

ପ୍ରଥମ ପ୍ରକାଶ : ୨୦୦୫
First Edition : 2005

ପ୍ରଚ୍ଛଦ : ରଂଜିତ୍ ପରିଜା
Artist : Ranjit Parija

ଅକ୍ଷରସଜ୍ଜା : ୟୁନିଟେକ୍, କଟକ
Typeset : Unitech, Cuttack

ମୁଦ୍ରଣ : ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍, କଟକ
Printer : Laxmi Offset Press, Cuttack

ISBN 81-7401-565-5

Price : **Rs. 150**

Digitized by srujanika@gmail.com

କୃତଜ୍ଞତା

'କଥାସରିତ ସାଗର'ର ତୃତୀୟ ଭାଗ ପ୍ରକାଶ ପାଉଛି । ପୂର୍ବ ଭାଗଗୁଡ଼ିକ ପରି ଏହାକୁ ମଧ ଶୋଭନୀୟ ଆବରଣ ମଧ୍ୟରେ ପାଠକମାନଙ୍କ ନିକଟରେ ପହଞ୍ଚାଇ ପାରିଥିବାରୁ ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ୍‌ର ତତ୍ତ୍ୱାବଧାରକ, ତାଙ୍କ ସୁଯୋଗ୍ୟ ସନ୍ତାନ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଏହାର ମୁଦ୍ରାକର ଓ ପ୍ରଚ୍ଛଦପଟ ଶିଳ୍ପୀ ବନ୍ଧୁମାନେ ମଧ ମୋର ଧନ୍ୟବାଦାର୍ହ । ପାଣ୍ଡୁଲିପି ପ୍ରସ୍ତୁତିରେ ଶ୍ରଦ୍ଧେୟ ସୁଧାକର ଦାସଙ୍କ ସହାୟତା ଭୁଲିବାର ନୁହେ । ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି । ଅନୁବାଦଟି ପାଠକମାନଙ୍କ ମନଃପୂତ ହୋଇପାରିଲେ, ଶ୍ରମ ସାର୍ଥକ ହେବ ।

—ଅନୁବାଦକ

Digitized by srujanika@gmail.com

କଥାସୂଚୀ

ପୃଷ୍ଠା

■ ନବମ ସରିତ [୧-୧୩୪]

❑ ସାମ୍ପ୍ରତିକ ପରିପ୍ରେକ୍ଷୀରେ କଥାସରିତ ସାଗର [କ-ତ]

■ ନବମ ସରିତ [୧-୧୩୪]

❑ ଅଳଙ୍କାରବତୀ ୧

○ ପ୍ରଥମ ତରଙ୍ଗ ୩

❖ ଅଳଙ୍କାରବତୀ କଥା - ୪; ରାମ ଓ ସୀତା କଥା-୭; ରାଜା ପୃଥ୍ୱୀରୂପ ଓ ରାଣୀ ରୂପଲତା କଥା - ୧୨ ।

○ ଦ୍ୱିତୀୟ ତରଙ୍ଗ ୨୧

❖ ଅଶୋକମାଳା କଥା - ୨୩; ସ୍ଥୂଳଭୂଜ ବିଦ୍ୟାଧର କଥା - ୨୬; ଅନଙ୍ଗରତି କଥା - ୨୭; ଅନଙ୍ଗ ପ୍ରଭା କଥା - ୩୩ ।

○ ତୃତୀୟ ତରଙ୍ଗ ୫୨

❖ ନରବାହନଦତ୍ତ ଓ ଭିକ୍ଷୁକ କଥା - ୫୨; ରାଜା ଲକ୍ଷଦତ୍ତ ଏବଂ ଭିକ୍ଷୁକ ଲବ୍‌ଧ ଦତ୍ତ କଥା - ୫୨; ବ୍ରାହ୍ମଣ ବୀର ପ୍ରଳମ୍ବ ବାହୁ କଥା - ୫୭; ବୀରବର ବ୍ରାହ୍ମଣ କଥା - ୫୮; ଦେବପୁତ୍ର ସୁପ୍ରଭ କଥା - ୬୦ ।

○ ଚତୁର୍ଥ ତରଙ୍ଗ ୬୭

❖ ନରବାହନ ଦତ୍ତଙ୍କ ମୃଗୟା - ୬୭; ଚାରି ଦିବ୍ୟ ପୁରୁଷ କଥା - ୬୮; ନରବାହନଦତ୍ତଙ୍କ ଶ୍ୱେତ ଦ୍ୱୀପ ଯାତ୍ରା - ୬୯; ନରବାହନଦତ୍ତଙ୍କ ନାରୀକେଳ ଦ୍ୱୀପ ଯାତ୍ରା - ୭୧; ସମୁଦ୍ର ବୈଶ୍ୟ କଥା - ୭୪; ସମୁଦ୍ରଶୂର ବୈଶ୍ୟ କଥା - ୭୫; ରାଜା ଚମରବାଳ କଥା - ୭୯; ରାଜା ବହୁସୁବର୍ଣ୍ଣ କଥା - ୮୦; ବଣିକ ଅର୍ଥବର୍ମା ଓ ଭୋଗବର୍ମା କଥା - ୮୧ ।

○ ପଞ୍ଚମ ତରଙ୍ଗ ୮୬

❖ ମରୁଭୂତି କଥା - ୮୬; ରାଜା ଚିରଦାତା ଓ ଭୃତ୍ୟ ପ୍ରସଙ୍ଗ କଥା - ୮୭; ରାଜା କନକବର୍ଷ କଥା-୮୮ ।

○ ଷଷ୍ଠ ତରଙ୍ଗ ୧୦୪

❖ ଚନ୍ଦ୍ରସ୍ୱାମୀ ଓ ତା'ର ପୁତ୍ର ମହୀପାଳ କଥା - ୧୦୪; ପିତାଙ୍କଦ୍ୱାରା ଅଭିଶପ୍ତ ଚକ୍ର ଓ ଖଡ୍‌ଗ କଥା - ୧୧୪; ଅହଙ୍କାରୀ ମୁନି, ପତିବ୍ରତା ସ୍ତ୍ରୀ ଏବଂ ଧର୍ମ ବ୍ୟାଧ କଥା - ୧୧୬; ନଳ ଦମୟନ୍ତୀ କଥା - ୧୨୧ ।

Digitized by srujanika@gmail.com

ପୃଷ୍ଠା

■ ଦଶମ ସରିତ [୧୩୫-୩୧୨]

❑ ଶକ୍ତିଯଶ ୧୩୫

○ ପ୍ରଥମ ତରଙ୍ଗ ୧୩୭

❖ ଭାରବାହକ ବସୁଧର କଥା - ୧୩୭; ଭଦ୍ରଘଟ କଥା - ୧୩୮; ଆଳଜାଳ କଥା - ୧୪୧ ।

○ ଦ୍ୱିତୀୟ ତରଙ୍ଗ ୧୫୧

❖ ରାଜା ବିକ୍ରମସିଂହ ଓ ବେଶ୍ୟା କୁମୁଦିକା କଥା - ୧୫୧; ବୈଶ୍ୟ ଶୀଳହର ଓ ଚନ୍ଦ୍ରଶ୍ରୀ କଥା - ୧୫୬; ଦୁଃଶୀଳା ଓ ଦେବଦାସ କଥା - ୧୫୭; ବଜ୍ରସାର କଥା - ୧୫୮; ରାଜା ସିଂହବଳ ଓ ରାଣୀ କଲ୍ୟାଣବତୀ କଥା - ୧୬୦ ।

○ ତୃତୀୟ ତରଙ୍ଗ ୧୬୩

❖ ଶକ୍ତିଯଶାଙ୍କ କୌଶାମ୍ବୀ ଆଗମନ - ୧୬୩; ଦୁଇ ବିଦ୍ୟାଧରୀ କଥା - ୧୬୪; ଶୁକର ଆତ୍ମବୃତ୍ତାନ୍ତ - ୧୬୬; ସୋମପ୍ରଭ, ମକରନ୍ଦିକା ଓ ମନୋରଥପ୍ରଭା କଥା - ୧୬୭; ମନୋରଥପ୍ରଭା କଥା - ୧୬୯ ।

○ ଚତୁର୍ଥ ତରଙ୍ଗ ୧୭୬

❖ ଭୃତ୍ୟ ଶୂରବର୍ମା କଥା - ୧୭୬; ସଂଜୀବକ ଓ ପିଙ୍ଗଳକ ଉପାଖ୍ୟାନ - ୧୭୭; କୀଲୋତ୍ପାଟିନ ବାନର କଥା - ୧୭୮; ଦମନକ ଓ କରଟକ ସମ୍ବାଦ - ୧୭୮; ଭେରୀ ଓ ଶୃଗାଳ କଥା - ୧୮୦; ବକ କର୍କଟ କଥା - ୧୮୨; ସିଂହ ଶଶକ କଥା - ୧୮୩; ଉକୁଣି ଓ ଓଡ଼ଶ କଥା - ୧୮୬; ମଦୋତ୍କଟ ସିଂହ ଉପାଖ୍ୟାନ - ୧୮୭; ଟିଟ୍ଟିଭ ଟିଟ୍ଟିଭୀ କଥା - ୧୮୯; ହଂସ କଇଁଚ କଥା - ୧୮୯; ତିନି ମାଛ କଥା - ୧୯୦; ବାନର ଓ ସୂଚୀମୁଖ ପକ୍ଷୀ କଥା - ୧୯୨; ଧର୍ମବୁଦ୍ଧି ଓ ଦୁଷ୍ଟବୁଦ୍ଧି ବଣିକ କଥା - ୧୯୩; ବକ ଓ ସର୍ପ କଥା - ୧୯୫; ବଣିକପୁତ୍ର ଓ ଲୁହା ତରାଜୁ କଥା - ୧୯୫ ।

○ ପଞ୍ଚମ ତରଙ୍ଗ ୧୯୭

❖ ଅଗୁରୁଦାହୀ ବୈଶ୍ୟ କଥା - ୧୯୭; ମୂର୍ଖ ତେଲୀ କଥା - ୧୯୭; ପାଣିରେ ନିଆଁ ସାଇତିବା ମୂର୍ଖ କଥା - ୧୯୮; ନାସିକାରୋପଣ କଥା - ୧୯୮; ଗଉଡ଼ ମୂର୍ଖ କଥା - ୧୯୯; ଅଳଙ୍କାର ଲମ୍ବକ କଥା - ୧୯୯; ମୂର୍ଖ ତୂଳାବେପାରୀ କଥା - ୨୦୦; ଖଜୁରି କଟାଳି କଥା - ୨୦୦; ମୂର୍ଖ ସଚିବ କଥା - ୨୦୧; ଲୁଣଖିଆ ମୂର୍ଖ

Digitized by srujanika@gmail.com

ପୃଷ୍ଠା

କଥା - ୨୦୧; ମୂର୍ଖ ଗୋପାଳକ କଥା - ୨୦୧; ଚ଼ନ୍ଦାମୁଣ୍ଡିଆ ମୂର୍ଖ କଥା - ୨୦୨; କୁଆ, କଇଁଚ଼, ମୂଷିକ ଓ ହରିଣ କଥା - ୨୦୩; ମୂଷିକ ଓ ସନ୍ନ୍ୟାସୀ କଥା - ୨୦୫; କୃପଣ ଘରଣୀ କଥା - ୨୦୫; ଲୋଭୀ ଶୃଗାଳ କଥା - ୨୦୬; ଈର୍ଷ୍ୟାଳୁ ପୁରୁଷ କଥା - ୨୦୯; ନାଗ ଓ ଗରୁଡ଼ କଥା - ୨୧୧; କେଶମୂର୍ଖ କଥା - ୨୧୨; ତୈଳମୂର୍ଖ କଥା - ୨୧୩; ଅସ୍ଥିମୂର୍ଖ କଥା - ୨୧୩; ମୂର୍ଖା ଚଣ୍ଡାଳକନ୍ୟା କଥା - ୨୧୪; କୃପଣ ରାଜା କଥା - ୨୧୫; ଦୁଇ ମିତ୍ର କଥା - ୨୧୬; ଜଳଭୀତ ମୂର୍ଖ କଥା - ୨୧୭; ପୁତ୍ରଘାତୀ ମୂର୍ଖ କଥା - ୨୧୮; ଭ୍ରାତୃମୂର୍ଖ କଥା - ୨୧୮; ବ୍ରହ୍ମଚାରୀ ପୁତ୍ର କଥା - ୨୧୮; ମୂର୍ଖ ଜ୍ୟୋତିଷୀ କଥା - ୨୧୯; କ୍ରୋଧୀ ମୂର୍ଖ କଥା - ୨୧୯; ମୂର୍ଖରାଜା କଥା - ୨୨୦; ମୂର୍ଖ ପଣ୍ଡିତ କଥା - ୨୨୧; ମୂର୍ଖ ସାଧବ କଥା - ୨୨୧; ପ୍ରତିମାଂସପ୍ରଦ କଥା - ୨୨୨; ମୂର୍ଖା ରମଣୀ କଥା - ୨୨୨; ମୂର୍ଖ ଭୃତ୍ୟ କଥା - ୨୨୩; ଦୁଇ ଭାଇ କଥା - ୨୨୪; ମୂର୍ଖ ଯୋଦ୍ଧା କଥା - ୨୨୫; ନିପଟ ମୂର୍ଖ କଥା - ୨୨୬ ।

○ **ଷଷ୍ଠ ତରଙ୍ଗ** ୨୨୭

❖ କାକ ଓ ଉଲ୍ଲୁକ କଥା - ୨୨୭; ବ୍ୟାଘ୍ର ଚର୍ମାବୃତ ଗର୍ଦ୍ଦଭ କଥା - ୨୨୮; ଗଜ ଶଶକ କଥା - ୨୨୯; କପିଞ୍ଜଳ ଓ ଠେକୁଆ କଥା - ୨୩୧; ବ୍ରାହ୍ମଣ ଓ ଧୂର୍ତ୍ତ କଥା - ୨୩୨; ବୃଦ୍ଧ ବୈଶ୍ୟ ଓ ଚ଼ୋର କଥା - ୨୩୪; ଚ଼ୋର ଓ ରାକ୍ଷସ କଥା - ୨୩୫; ମୂର୍ଖ ବଢ଼େଇ କଥା - ୨୩୬; ମୂଷିକ କନ୍ୟା କଥା - ୨୩୮; ଭେକବାହନ ସର୍ପ କଥା - ୨୪୦; ମିଥ୍ୟାଭିମାନୀ ସେବକ କଥା - ୨୪୧; ଦୁଇ ମୂର୍ଖ ବ୍ରାହ୍ମଣ ପୁତ୍ର କଥା - ୨୪୨; ଅସନ୍ତୁଷ୍ଟ ସାଧୁ କଥା - ୨୪୩; ସୁବର୍ଣ୍ଣ ମୁଷ୍ଟି କଥା - ୨୪୪; ମୂର୍ଖ ସେବକ କଥା - ୨୪୪; ରୋଟି ମୂର୍ଖ କଥା - ୨୪୫; ମୂର୍ଖ ଭୃତ୍ୟ କଥା - ୨୪୬; ମୂର୍ଖ ମଇଁଷି ଚ଼ୋର କଥା - ୨୪୬; ଚ଼କୋର ମୂର୍ଖକଥା - ୨୪୭; ମୂର୍ଖାଭିମାନୀ ବୈଦ୍ୟକଥା - ୨୪୮ ।

○ **ସପ୍ତମ ତରଙ୍ଗ** ୨୪୯

❖ ଯଶୋଧର ଓ ଲକ୍ଷ୍ମୀଧର କଥା - ୨୪୯; ବାନର-ମକର କଥା - ୨୫୬; ମୂର୍ଖ ଗଧ କଥା - ୨୫୮; ମୂର୍ଖଗାୟକ ଓ ଧନୀଶ୍ରୋତା

Digitized by srujanika@gmail.com

ପୃଷ୍ଠା

କଥା - ୨୬୦; ଦୁଇ ମୂର୍ଖ ଶିଷ୍ୟକଥା - ୨୬୧; ଦୁଇମୁଣ୍ଡିଆ ସାପକଥା - ୨୬୨; ଚାଉଳଖିଆ ମୂର୍ଖକଥା - ୨୬୨; ଗଧ ଦୁଧ କଥା - ୨୬୩; ମୂର୍ଖପୁତ୍ର କଥା - ୨୬୩ ।

○ ଅଷ୍ଟମ ତରଙ୍ଗ ୨୬୪

❖ ବ୍ରାହ୍ମଣ ଓ ନେଉଳ କଥା - ୨୬୪; ମୂର୍ଖରୋଗୀ ଓ ବୈଦ୍ୟ କଥା - ୨୬୫; ମୂର୍ଖପୁରୁଷ ଓ ତପସ୍ୱୀ କଥା - ୨୬୬; ମୂର୍ଖ ପଥିକ କଥା - ୨୬୬; ମୂର୍ଖର ଚନ୍ଦ୍ର ଦର୍ଶନ କଥା - ୨୬୭; ବୁଦ୍ଧିମତି ସ୍ତ୍ରୀ କଥା - ୨୬୭; ଘଟ ଓ କର୍ପର କଥା - ୨୬୮ ।

○ ନବମ ତରଙ୍ଗ ୨୭୮

❖ ବୋଧିସତ୍ତ୍ୱଙ୍କ ଅଂଶରେ ଜନ୍ମିତ ବଣିକ କଥା - ୨୭୮; ବୋଧିସତ୍ତ୍ୱଙ୍କ ଅଂଶ ଜାତ ତପସ୍ୱୀ କଥା - ୨୮୧; ସିଂହର ଆତ୍ମବୃତ୍ତାନ୍ତ - ୨୮୨; ସ୍ୱର୍ଣ୍ଣଚୂଡ଼ ପକ୍ଷୀର ଆତ୍ମକଥା - ୨୮୩; ସର୍ପର ଆତ୍ମକାହାଣୀ - ୨୮୪; ସ୍ତ୍ରୀର ଆତ୍ମକଥା - ୨୮୪; ମୂର୍ଖ ଭିକ୍ଷୁ କଥା - ୨୮୭; ମୂର୍ଖ କୃପଣ କଥା - ୨୮୮; ମାର୍ଜାର ମୂର୍ଖ କଥା - ୨୮୯; ମୂର୍ଖ ମହନ୍ତ କଥା - ୨୯୦; ମୂର୍ଖ ସଂସର୍ଗ କଥା - ୨୯୨; ହିରଣ୍ୟାକ୍ଷ କଥା - ୨୯୩ ।

○ ଦଶମ ତରଙ୍ଗ ୨୯୭

❖ ବିଦ୍ୟାଭିମାନୀ ପରିବ୍ରାଜକ କଥା - ୨୯୭; ଛଳନାମୟୀ ନାରୀକଥା - ୨୯୯; ଏକାଦଶ ମାରିକା କଥା - ୩୦୩; ବଳଦଜୀବୀ ମୂର୍ଖ କଥା - ୩୦୪; ସ୍ୱୟଂନିଯୁକ୍ତ ଧୂର୍ତ୍ତ ମନ୍ତ୍ରୀ କଥା - ୩୦୬; ହେମପ୍ରଭା କଥା - ୩୦୮ ।

■ ଏକାଦଶ ସରିତ [୩୧୩-୩୨୨]

❑ ବେଳା ୩୧୩

○ ପ୍ରଥମ ତରଙ୍ଗ ୩୧୫

❖ ରୁଚିର ଦେବ ଓ ପୋତକ କଥା - ୩୧୫; ବଣିକ ଓ ବେଳା କଥା - ୩୧୭ ।

Digitized by srujanika@gmail.com

ସାମ୍ପ୍ରତିକ ପରିପ୍ରେକ୍ଷୀରେ କଥାସରିତ ସାଗର

ସାହିତ୍ୟର ବିଭିନ୍ନ ଲକ୍ଷ୍ୟ ମଧ୍ୟରୁ ଲୋକବ୍ୟବହାର ସମ୍ପର୍କରେ ଧାରଣା ଦେବା ଏବଂ କାନ୍ତାସମ୍ମିତ ଉପଦେଶ ଦ୍ୱାରା ପାଠକର ଅମଙ୍ଗଳ ଦୂର କରିବା ଅନ୍ୟତମ । ବିଦଗ୍ଧ ସାହିତ୍ୟ ହେଉ କି ଲୋକସାହିତ୍ୟ ହେଉ, ଏ ଉଭୟ ଲକ୍ଷ୍ୟ ପୂର୍ତ୍ତି ପାଇଁ ସାହିତ୍ୟ ସର୍ବଦା ଉନ୍ମୁଖ । ରସାତ୍ମକ ଆନନ୍ଦ ପ୍ରଦାନ କରିବା ଅବଶ୍ୟ ସାହିତ୍ୟର ମୌଳିକ ଲକ୍ଷ୍ୟ । ବ୍ରହ୍ମାନନ୍ଦ ସହୋଦର ତୁଲ୍ୟ ଅଲୌକିକ ଆନନ୍ଦ ସହିତ ଉଲ୍ଲିଖିତ ଉଭୟ ଲୌକିକ ଆବଶ୍ୟକତା ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହଁନ୍ତି । ସାହିତ୍ୟ ପାଠକର ମଙ୍ଗଳ ସାଧନ କରିନପାରେ, କିନ୍ତୁ ଅମଙ୍ଗଳ ଦୂର କରିବାରେ ତା'ର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବନାହିଁ । ବିଦଗ୍ଧ ସାହିତ୍ୟର ଆଡ଼ମ୍ବରପୂର୍ଣ୍ଣ ପ୍ରକାଶନ ଶୈଳୀ ମଧ୍ୟରେ ଆତ୍ମହରା ପାଠକ ବାସ୍ତବ ସଂସାରଠାରୁ ବିଚ୍ଛିନ୍ନ ହୋଇ ଏକ ଅଲୌକିକ ସାମ୍ରାଜ୍ୟ ମଧ୍ୟରେ ପ୍ରବେଶ କରିଯାଏ, ଫଳରେ ଲୋକବ୍ୟବହାର ଓ ଶିବେତର କ୍ଷତି ସମ୍ପର୍କରେ ତା'ର ସଚେତନତା ରହେ ନାହିଁ । କିନ୍ତୁ ଲୋକସାହିତ୍ୟର ସରଳ ସାବଲୀଳ ଲଳିତ-ମଧୁର ଉପସ୍ଥାପନା କୌଶଳ ଦ୍ୱାରା ଶ୍ରୋତା ଓ ପାଠକ ତା'ର ପ୍ରତ୍ୟକ୍ଷୀଭୂତ ପାର୍ଥିବ ଜଗତଠାରୁ ବିଚ୍ଛିନ୍ନ ହୋଇଯାଏ ନାହିଁ । ଗଳ୍ପସ୍ରଷ୍ଟା ଏବଂ ଗଳ୍ପସାଗର ପାଠକ ଓ ଶ୍ରୋତାକୁ ନିଜ ପରିସର ମଧ୍ୟରେ ରଖି କଥାରସ ଆସ୍ୱାଦନ କରାଇବାପାଇଁ ପ୍ରୟାସ କରିଥାନ୍ତି; ଲୋକଚରିତ୍ର ଅଧ୍ୟୟନ ସହିତ ସତ୍‌ଚିନ୍ତା, ସଦ୍‌ଭାବନା, ସତ୍‌ସଙ୍ଗ ଓ ସଦାଚାରଦ୍ୱାରା ସାଂସାରିକ ଜୀବନର କଣ୍ଟକିତ ମାର୍ଗକୁ ପୁଷ୍ପିତ କରିବା ନିମିତ୍ତ ପରୋକ୍ଷ ନୀତି ଉପଦେଶ ଶୁଣାଇଥାଆନ୍ତି ।

ସଂସାର ବଡ଼ ବିଚିତ୍ର । ମନୁଷ୍ୟର ଚରିତ୍ର ଏବଂ ତାର ଆଚରଣ ତତୋଽଧିକ ବୈଚିତ୍ର୍ୟମୟ । ସାଂସାରିକ ଜୀବନକୁ ପ୍ରଶାନ୍ତ ଓ ଆନନ୍ଦମୟ କରିବାକୁ ହେଲେ କେବଳ ଲୋକ ବା ଜୀବଚରିତ୍ର ଅଧ୍ୟୟନ ଯଥେଷ୍ଟ ନୁହେଁ; ତା' ସହିତ ଆବଶ୍ୟକ ନିଜର ଆଚରଣ ସମ୍ପର୍କରେ ସଚେତନତା । ଜୀବନ ପଥରେ ବହୁବିଧ ପରିସ୍ଥିତି ଓ ବହୁ ବ୍ୟକ୍ତିଙ୍କ ସମ୍ପର୍କରେ ଆସିବାକୁ ହୁଏ । ସାଧୁ ସନ୍ଥ, ଚୋର ତସ୍କର, କୃତଜ୍ଞ କୃତଘ୍ନ, ସାଧ୍ୱୀ କୁଳଟା, ଗଣିକା

Digitized by srujanika@gmail.com

ପତିବ୍ରତା, କ୍ଷମାଶୀଳ ପ୍ରତିହିଂସାପରାୟଣ ପ୍ରଭୃତି ବହୁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ସାଂସାରିକ ମଣିଷ ପାଇଁ ଅତ୍ୟନ୍ତ ସ୍ୱାଭାବିକ । ପ୍ରତ୍ୟେକଙ୍କୁ ଚିହ୍ନି ସେମାନଙ୍କ ସହିତ ସମୁଚିତ ଆଚରଣ କରିନପାରିଲେ ଜୀବନ ଦୁର୍ବିସହ ହୋଇପଡ଼ିବ । ଲୋକକଥାଗୁଡ଼ିକ ଏପ୍ରକାର ବହୁବିଧ ଚରିତ୍ରର ଏକ ବିସ୍ତୃତ କାନ୍‌ଭାସ୍ । ନିଜ ପରିବେଶ, ନିଜ ଭୌଗୋଳିକ ପରିସ୍ଥିତି, ନିଜ ସାଂସ୍କୃତିକ ପରମ୍ପରା ଏବଂ ଉପଲବ୍ଧ ଆଞ୍ଚଳିକ ସୁବିଧା ଓ ସୁଯୋଗକୁ ଦୃଷ୍ଟିରେ ରଖି ଗଳ୍ପସ୍ରଷ୍ଟା ବ୍ୟକ୍ତିର ଆଚରଣ ପଦ୍ଧତି ସମ୍ପର୍କରେ ପରୋକ୍ଷ ଓ ପ୍ରତ୍ୟକ୍ଷ ସୂଚନା ପ୍ରଦାନ ପୂର୍ବକ ତା'ର ଜୀବନପଥରୁ ଅମଙ୍ଗଳ ସବୁକୁ ଦୂରୀଭୂତ କରିଥାନ୍ତି । ବ୍ୟକ୍ତିର ସମୁଚିତ ଆଚରଣ ଉପରେ ହିଁ ସାମାଜିକ ଓ ରାଷ୍ଟ୍ରୀୟ ଶୃଙ୍ଖଳା ନିର୍ଭରଶୀଳ । ବ୍ୟକ୍ତି ଉଚ୍ଛୃଙ୍ଖଳ ହେଲେ ସାମାଜିକ ଜୀବନ ଦୁର୍ବିସହ ହେବା ଏବଂ ରାଷ୍ଟ୍ରର ଅଧଃପତନ ଘଟିବା ସୁନିଶ୍ଚିତ । ଏ ଦୃଷ୍ଟିରୁ ଲୋକକାହାଣୀର ସ୍ରଷ୍ଟାମାନଙ୍କୁ ଜଣେ ଜଣେ ନୀତିଶାସ୍ତ୍ରପ୍ରଣେତା ଏବଂ ଲୋକକାହାଣୀକୁ ଗୋଟିଏ ସଂସ୍କୃତିର ଆଚାର ସଂହିତା କହିବା ଅସମୀଚୀନ ହେବନାହିଁ ।

ଦୀର୍ଘ ଏକହଜାର ବର୍ଷର ବ୍ୟବଧାନରେ ବିଶ୍ୱବିଶ୍ରୁତ କଥାଶିଳ୍ପୀ ଗୁଣାଢ଼୍ୟଙ୍କ ବୃହତ୍‌କଥାର ସମୟୋପଯୋଗୀ ସଙ୍କଳୟିତା ସୋମଦେବ ଭଟ୍ଟଙ୍କ କଥାସରିତ ସାଗର ଏହିପରି ଏକ ଆଚରଣ ସଂହିତା । ଏହାର କଳେବର ମଧ୍ୟରେ ଆମେ ପ୍ରତ୍ୟକ୍ଷ କରୁ ଅସଂଖ୍ୟ ଚରିତ୍ରର ଏକ ସୀମାହୀନ କୁମ୍ଭମେଳା । କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱରେ ଯେତେ ପ୍ରକାର ମାନବ ଚରିତ୍ର ପରିଦୃଷ୍ଟ ଓ ସମ୍ଭବପର, ସେ ସମସ୍ତଙ୍କୁ ଏହି କଥାଗ୍ରନ୍ଥ ମଧ୍ୟରେ ଦେଖିବାର ସୁଯୋଗ ମିଳିପାରିବ । କେଉଁଠି ସୋମଦେବ ସେମାନଙ୍କୁ ପଶୁପକ୍ଷୀ ସରୀସୃପ ଭାବରେ, କେଉଁଠି ଦେବତା, ଗନ୍ଧର୍ବ, ଯକ୍ଷ, ବିଦ୍ୟାଧର ଭାବରେ ଏବଂ ଅନ୍ୟ କେଉଁଠି ଦୈତ୍ୟ; ରାକ୍ଷସ, କିରାତ, କାପାଳିକ ରୂପରେ ଉପସ୍ଥାପନ କରିଛନ୍ତି । ପ୍ରତ୍ୟେକେ ମାନବର ଗୋଟିଏ ଗୋଟିଏ ସତ୍ ବା ଅସତ୍ ଗୁଣର ପ୍ରତୀକ; ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଦ୍ୱେଷ କିମ୍ବା ଦୟା, କ୍ଷମା, ଆର୍ଜବ, ସାରଲ୍ୟ, ସ୍ନେହ, ମମତା, ବାତ୍ସଲ୍ୟର ଗୋଟିଏ ଗୋଟିଏ ମୂର୍ତ୍ତିମନ୍ତ ବିଗ୍ରହ । ଏମାନଙ୍କ ମାଧ୍ୟମରେ ସେ ବ୍ୟକ୍ତିକୁ ଜଣେ ଜଣେ ମମତାମୟୀ ପିତାମାତା, ସ୍ନେହଶୀଳ ଭ୍ରାତାଭଗିନୀ, ବାତ୍ସଲ୍ୟଭରା ଗୁରୁ ଗୁରୁପତ୍ନୀ, ଅନ୍ତରଙ୍ଗ ସଖାସଖୀ, ଶୁଭାକାଂକ୍ଷୀ ସଚିବ ସେନାପତି, ପ୍ରଜାବତ୍ସଳ ରାଜା ଓ ଜନନାୟକ, ପ୍ରେମଶୀଳା ସହଧର୍ମିଣୀ ଓ ସହକର୍ମିଣୀ ସୃଷ୍ଟି କରିବାପାଇଁ ପ୍ରୟାସ

Digitized by srujanika@gmail.com

କରିଛନ୍ତି । ପ୍ରତ୍ୟେକଙ୍କୁ ନିଜ ନିଜର ଔଚିତ୍ୟପୂର୍ଣ୍ଣ ଆଚରଣ ମାଧ୍ୟମରେ ଶ୍ରୋତା ଓ ପାଠକମାନଙ୍କୁ ଶିକ୍ଷା ପ୍ରଦାନ କରିବାପାଇଁ ଗଳ୍ପଗୁଡ଼ିକ ଉଦ୍ଦିଷ୍ଟ । ସୋମଦେବଙ୍କ ଏ ଔଚିତ୍ୟ ଦୃଷ୍ଟି ଥିଲା ଏକାନ୍ତ ସମୟୋପଯୋଗୀ ।

ସୋମଦେବ ଥିଲେ କାଶ୍ମୀର ରାଜ୍ୟର ନାଗରିକ । ତାଙ୍କ ଜନ୍ମ, ଜୀବନୀ, ଶିକ୍ଷାଦୀକ୍ଷା, ବୃତ୍ତି ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଜାଣିବା ପାଇଁ ଆମ ନିକଟରେ କୌଣସି ଉପାଦାନ ନାହିଁ । ସେ କେବଳ ନିଜକୁ 'ବିପ୍ରବର ଭୂରି ଗୁଣାଭିରାମ ରାମାତ୍ମଜ' ରୂପେ ପରିଚିତ କରାଇଛନ୍ତି । ଏଥିରୁ ସେ ଏକ ବିଶିଷ୍ଟ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିବା ଏବଂ ବିବିଧ ସଦ୍‌ଗୁଣାଲଂକୃତ ଶ୍ରୀରାମଙ୍କ ପୁତ୍ରଥିବା ଜଣାଯାଏ । ରାଜପରିବାର କିମ୍ବା ରାଜସଭା ସହିତ ତାଙ୍କ ସମ୍ପର୍କ କଣ ଥିଲା କହିବା ସମ୍ଭବ ନୁହେଁ । ଲୋହର ବଂଶୀ ରାଜା ଅନନ୍ତଙ୍କ ମହାରାଣୀ ସୂର୍ଯ୍ୟବତୀଙ୍କ କ୍ଷଣିକ ମନୋରଞ୍ଜନ ସକାଶେ ସେ ବୃହତ୍‌କଥାର ଏହି ଅଭିନବ ସଂସ୍କରଣ ପ୍ରସ୍ତୁତ କରି ତାଙ୍କୁ ଶୁଣାଇଥିଲେ । ରାଜା ଅନନ୍ତ, ରାଣୀ ସୂର୍ଯ୍ୟବତୀ, ସେମାନଙ୍କ ପୁତ୍ର କଳଶ ଏବଂ ପୌତ୍ର ଶ୍ରୀହର୍ଷଦେବଙ୍କ ଉଚ୍ଛ୍ୱସିତ ପ୍ରଶଂସା କରିଥିବା ଯୋଗୁଁ ମନେହୁଏ ସେ ଜଣେ ଚାରଣ କବି କିମ୍ବା ଗଳ୍ପସାଗର ଥିଲେ । ରାଜା ଏବଂ ରାଜପରିବାରର ସ୍ତୁତି ଗାନ କରିବା ଏବଂ ସେମାନଙ୍କ ମନୋନୁକୂଳ ଗଳ୍ପ କହି ମନୋରଞ୍ଜନ କରିବା ତାଙ୍କ କାର୍ଯ୍ୟ ଥିଲା । ତେଣୁ ସେ ସମସାମୟିକ ଶାସକମାନଙ୍କ ବ୍ୟକ୍ତିତ୍ୱର ଅପର ଦିଗଟି ପ୍ରତି ସଚେତନ ଥିଲେ ସୁଦ୍ଧା ମୌନ ରହିଛନ୍ତି । ତାଙ୍କ ବୟୋଜ୍ୟେଷ୍ଠ କବି ଓ ଐତିହାସିକ 'ରାଜତରଙ୍ଗିଣୀ' ପ୍ରଣେତା କହ୍ଲଣଙ୍କ ପରି ସେ ଶାସକମାନଙ୍କ ଯଥାର୍ଥ ସ୍ୱରୂପ ଉପସ୍ଥାପନ କରିବାରୁ ନିବୃତ୍ତ ରହିଛନ୍ତି; ମହାରାଣୀ ସୂର୍ଯ୍ୟବତୀଙ୍କ ମାନସିକତା ପ୍ରତି ଦୃଷ୍ଟିରଖି ସେ ବୃହତ୍ କଥାର ନବୀକରଣ କରିଛନ୍ତି ।

ରାଣୀ ସୂର୍ଯ୍ୟବତୀ ଥିଲେ ତ୍ରିଗର୍ତ୍ତ ଅର୍ଥାତ୍ ଜଳନ୍ଧର ରାଜ୍ୟର ରାଜା ଇନ୍ଦୁଦେବଙ୍କ କନ୍ୟା । ସେ ରାଜା ଅନନ୍ତଙ୍କ କେବଳ ସହଧର୍ମିଣୀ ନଥିଲେ, ରାଜ୍ୟ ଶାସନରେ ମଧ୍ୟ ଥିଲେ ତାଙ୍କ ସହକର୍ମିଣୀ । ରାଜା ରାଜ୍ୟଶାସନର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରି ନିଜେ ରାଜ୍ୟ ବିସ୍ତାରପାଇଁ ସର୍ବଦା ବ୍ୟସ୍ତ ରହୁଥିଲେ । ଏହି ସୁଯୋଗରେ ମହାରାଣୀ ରାଜ୍ୟଶାସନରେ ଥିଲେ କାଶ୍ମୀରର ସର୍ବମୟୀକର୍ତ୍ତ୍ରୀ । ରାଜକର୍ମଚାରୀମାନେ ତାଙ୍କ ନିୟନ୍ତ୍ରଣାଧୀନ ଥିଲେ । ରାଣୀଙ୍କ ଇଚ୍ଛା ଅନୁଯାୟୀ ରାଜାଙ୍କ ନିଷ୍ପତ୍ତି ମଧ୍ୟ ପରିବର୍ତ୍ତିତ ହେଉଥିଲା । ସୂର୍ଯ୍ୟବତୀ ଅବଶ୍ୟ ରାଜନୀତିନିପୁଣା ଥିଲେ । ବହୁ ମଠ ମନ୍ଦିର ନିର୍ମାଣ ଓ ଦେବ ବିଗ୍ରହ ପ୍ରତିଷ୍ଠା କରି ସେ ପ୍ରଜାମାନଙ୍କ ମଙ୍ଗଳ ସାଧନ ପାଇଁ ଉଦ୍ୟମ କରୁଥିଲେ ।

Digitized by srujanika@gmail.com

ଗୁଣୀ, ବିଦ୍ୱାନ୍, ସାଧୁ, ସନ୍ଥ ଓ ପଣ୍ଡିତମାନଙ୍କୁ ଆଶ୍ରୟ ଦେବାରେ ତାଙ୍କର କାର୍ପଣ୍ୟ ନଥିଲା । ତାଙ୍କ ପାତିବ୍ରତ୍ୟ ମଧ ଥିଲା ଆଦର୍ଶସ୍ଥାନୀୟ । ପୁତ୍ର କଳଶର ଅବିନୀତ ବ୍ୟବହାର, ପ୍ରଜାପୀଡ଼ନ, କାମାସକ୍ତି ଓ ବିଳାସ ବ୍ୟସନରେ ମର୍ମାହତ ହୋଇ ରାଜା ଅନନ୍ତ ଖ୍ରୀଷ୍ଟାବ୍ଦ ୧୦୮୧ରେ ଆତ୍ମହତ୍ୟା କରି ପ୍ରାଣତ୍ୟାଗ କରିଥିବା ବେଳେ ରାଣୀ ସୂର୍ଯ୍ୟବତୀ ତାଙ୍କ ଚିତାଗ୍ନିରେ ଆତ୍ମାହୁତି ଦେଇ ସହଗମନ କରିଥିଲେ । କିନ୍ତୁ ତାଙ୍କର ଗୋଟିଏ ମାତ୍ର ଦୋଷ ଥିଲା ଅତ୍ୟଧିକ ପୁତ୍ରବତ୍ସଳତା; ସେ ପୁତ୍ରସ୍ନେହରେ ଅନ୍ଧୀଭୂତା ଥିଲେ । ତାଙ୍କ ପ୍ରରୋଚନାରେ ରାଜା ଅନନ୍ତ ଖ୍ରୀ ୧୦୬୩ରେ ଅଯୋଗ୍ୟ ପୁତ୍ରକୁ ରାଜଗାଦିରେ ଅଭିଷିକ୍ତ କରି ରାଜ୍ୟଶାସନରୁ ଅବ୍ୟାହତି ନେଇଥିଲେ । ଅବଶ୍ୟ ପରେ ରାଣୀ ନିଜର ଭ୍ରାନ୍ତି ବୁଝିପାରି କଳଶଙ୍କୁ ନାମମାତ୍ର ରାଜଗାଦିରେ ଅଧିଷ୍ଠିତ ରଖି ନିଜେ ଶାସନଭାର ପୁନର୍ଗ୍ରହଣ କରିଥିଲେ । ସୂର୍ଯ୍ୟବତୀଙ୍କ ଏହି ଅତ୍ୟଧିକ ପୁତ୍ରବାତ୍ସଲ୍ୟ କଳଶଙ୍କୁ କୁମାର୍ଗଗାମୀ କରିଥିଲା । ଏହିପରି ଜଣେ ରାଣୀଙ୍କ ମନୋରଞ୍ଜନ କରିବାପାଇଁ ସୋମଦେବ ବୃହତ୍‌କଥାକୁ ଯେଉଁ ଅଭିନବ ରୂପ ପ୍ରଦାନ କରିଥିଲେ ସେଥିରେ ରାଜ୍ୟାଭିଳାଷୀ ରାଜା, ଅବିନୀତ ରାଜପୁତ୍ର, ପତିବ୍ରତା ନାରୀମାନଙ୍କ ଯଶୋଗାନ, ରାଜନୀତିର ବିଭିନ୍ନ ଦିଗ, ନାରୀ ଓ ପୁରୁଷ ଚରିତ୍ରର ଦୁର୍ବଳତା ଇତ୍ୟାଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିବା ଏକାନ୍ତ ସ୍ୱାଭାବିକ ।

ସୂର୍ଯ୍ୟବତୀଙ୍କ ପୁତ୍ରମୋହ ରୂପକ ଅନୌଚିତ୍ୟ ଆଚରଣ ରାଜା ଅନନ୍ତଙ୍କ ଯେ ଆତ୍ମହତ୍ୟାର କାରଣ ହୋଇଥିଲା ତା'ନୁହେଁ, ପରବର୍ତ୍ତୀ ରାଜାମାନଙ୍କର ଅନୁରୂପ ଅବୈଧ ଆଚରଣ ଏକାଦଶ ଶତାବ୍ଦୀ କାଶ୍ମୀରକୁ ରାଜନୈତିକ ଘୂର୍ଣ୍ଣିମଧ୍ୟକୁ ଟାଣି ନେଇଥିଲା । ଏ ଶତାବ୍ଦୀର କାଶ୍ମୀର ଇତିହାସ ରକ୍ତପାତ, ପିତୃହତ୍ୟା, ଭ୍ରାତୃହତ୍ୟା, କୁଶାସନ, ପରାଜୟ, ଦୁର୍ଭିକ୍ଷ ଇତ୍ୟାଦିରେ ପରିପୂର୍ଣ୍ଣ । ଦୁର୍ବିନୀତ ପୁତ୍ରର ଦୌରାତ୍ମ୍ୟ ସହ୍ୟ କରିନପାରି ରାଜା ଅନନ୍ତ ରାଣୀ ସୂର୍ଯ୍ୟବତୀଙ୍କ ସହିତ ଅସମୟରେ ବିଜୟେଶ୍ୱର ସ୍ଥିତ ତୀର୍ଥକୁ ଚାଲିଯାଇଥିଲେ । ପୁତ୍ର କଳଶଙ୍କ ପରିବର୍ତ୍ତେ ପୌତ୍ର ହର୍ଷଙ୍କୁ ରାଜସିଂହାସନରେ ଅଭିଷିକ୍ତ କରିବା ପାଇଁ ଚାହୁଁଥିବାର ସୂଚନା ପାଇ କଳଶ ବିଜୟେଶ୍ୱର ନଗରକୁ ଦଗ୍ଧୀଭୂତ କରିଥିଲେ ଏବଂ ପିତାଙ୍କ ସମ୍ପତ୍ତି ଅପହରଣ କରିଥିଲେ । ଏପରିକି ଶେଷ ଜୀବନରେ ରାଜା ଅନନ୍ତଙ୍କୁ ପର୍ଣ୍ଣୋତ୍ସଠାରେ ନିର୍ବାସିତ ଜୀବନଯାପନ କରିବାକୁ ପଡ଼ିଥିଲା । କିଛି ସମୟପାଇଁ କଳଶ ସତ୍‌ପଥକୁ ଫେରି ଆସିଥିଲେ ସୁଦ୍ଧା ପୁତ୍ର ହର୍ଷ ତାଙ୍କ ଜୀବନକୁ ଦୁର୍ବିସହ କରିଦେଇଥିଲେ । ଫଳରେ ପିତା ପୁତ୍ରକୁ କାରାରୁଦ୍ଧ କରିବାପାଇଁ ପଶ୍ଚାଦ୍‌ପଦ ହୋଇନାହାଁନ୍ତି । ହର୍ଷଙ୍କ

Digitized by srujanika@gmail.com

ପ୍ରତି ବିମୁଖ ଥିବା ମନ୍ତ୍ରୀମାନେ କଳଶଙ୍କ ମୃତ୍ୟୁପୂର୍ବରୁ ତାଙ୍କର ଅନ୍ୟତମ ପୁତ୍ର ଉତ୍କର୍ଷଙ୍କୁ ଲୋହାରରୁ ଆଣି ରାଜସିଂହାସନରେ ଅଭିଷିକ୍ତ କରିଥିଲେ । କିନ୍ତୁ ଉତ୍କର୍ଷ ମଧ କିଛିଦିନ ମଧ୍ୟରେ ବିପଥଗାମୀ ହୋଇଛନ୍ତି । ପ୍ରଥମେ ହର୍ଷଙ୍କ ପ୍ରତି ତାଙ୍କର ଆଚରଣ କ୍ରୂର ଓ ନିଷ୍ଠୁର ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାଙ୍କଠାରୁ ସାହାଯ୍ୟ ପାଇବା ଆଶାରେ ସେ ହର୍ଷଙ୍କୁ କାରାମୁକ୍ତ କରିଛନ୍ତି । ଲକ୍ଷ୍ୟ ଥିଲା ତାଙ୍କ ରାଜସିଂହାସନ ପ୍ରତି ବିପଦ ସୃଷ୍ଟି କରୁଥିବା ବିମାତା ପୁତ୍ର ବିଜୟମଲ୍ଲଙ୍କୁ ରାଜ୍ୟରୁ ଦୂରେଇ ରଖିବା । କିନ୍ତୁ କାରାଗାରରୁ ମୁକ୍ତି ପାଇବା ପରେ ହର୍ଷ ବିଜୟମଲ୍ଲଙ୍କ ସହିତ ସହଯୋଗ କରି ଉତ୍କର୍ଷଙ୍କୁ ବନ୍ଦୀ କରିଥିଲେ । ସେହି ବନ୍ଦିଶାଳାରେ ହିଁ ଉତ୍କର୍ଷ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି ।

ବିଜୟମଲ୍ଲଙ୍କୁ ଉତ୍କର୍ଷଙ୍କ ବିରୋଧରେ ସାହଯ୍ୟ କରିଥିଲେ ସୁଦ୍ଧା ହର୍ଷ ନିଜର ଚକ୍ରାନ୍ତ ବଳରେ କାଶ୍ମୀର ସିଂହାସନ ଅଧିକାର କରିନେଇଥିଲେ । ବିଜୟମଲ୍ଲ ଦରଦକୁ ପଳାୟନ କରି, ସେହି ରାଜ୍ୟର ସେନାବାହିନୀ ସହିତ କାଶ୍ମୀର ଆକ୍ରମଣ କରିବାପାଇଁ ଉଦ୍ୟତ ହେଲେ । କିନ୍ତୁ ହର୍ଷଙ୍କ ସୌଭାଗ୍ୟ, କିଛି ଦୁର୍ବୃତ୍ତଙ୍କ ଦ୍ୱାରା ବିଜୟମଲ୍ଲ ପଥ ମଧ୍ୟରେ ହିଁ ନିହତ ହେଲେ । କନ୍ଦର୍ପ ଥିଲେ ହର୍ଷଙ୍କ ଜଣେ ଶୁଭାକାଂକ୍ଷୀ, ରାଷ୍ଟ୍ରବାଦୀ, ରାଜନୀତି ନିପୁଣ ସଚିବ । କିନ୍ତୁ ମଦ୍ୟପୀ ଓ ନାରୀଲୋଲୁପୀ ହର୍ଷ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କରିବାରୁ ସେ କାଶ୍ମୀର ପରିତ୍ୟାଗ କରି ସପରିବାର ବାରାଣସୀ ଧାମକୁ ଚାଲିଗଲେ । ହର୍ଷଙ୍କୁ ସତ୍‌ଉପଦେଶ ଦେବାପାଇଁ ଆଉ କେହି ରହିଲେ ନାହିଁ । ରାଜାଙ୍କ ବିଳାସବ୍ୟସନ ପାଇଁ ପ୍ରଜାପୀଡ଼ନ ଆରମ୍ଭ ହେଲା । ସେ ମନ୍ଦିରଗୁଡ଼ିକୁ ଲୁଣ୍ଠନ କଲେ, ପ୍ରଜାମାନଙ୍କଠାରୁ ଅଧିକରୁ ଅଧିକ କର ଆଦାୟ କରାଗଲା । ରାଜପୁରୀ ଓ ଦୁଗ୍ଧଘାଟ ଆକ୍ରମଣ କରି ସେ ପରାସ୍ତ ହେଲେ । ଏ ସମୟରେ ଲୋହାରରେ ଥିବା ତାଙ୍କ ପିତୃବଂଶର ଦୁଇଜଣ ଯୁବକ ଉଚ୍ଛଳ ଓ ସୁସ୍ସଳଙ୍କ ବୀରତ୍ୱ ଓ ସାହସ ତାଙ୍କ ଦୃଷ୍ଟି ଆକର୍ଷଣ କଲା । ରାଜ୍ୟ ରକ୍ଷାପାଇଁ ସେ ଉଭୟଙ୍କୁ କାଶ୍ମୀର ଅଣାଗଲା । ଏ ସମୟରେ କାଶ୍ମୀରରେ ଦେଖାଦେଇଥିଲା ଏକ ଅଭୂତପୂର୍ବ ଦୁର୍ଭିକ୍ଷ । ଏହି ଦୁଃସମୟରେ ସୁଦ୍ଧା ପ୍ରଜାମାନଙ୍କୁ କର ଭାରରେ ଆକ୍ରାନ୍ତ କରୁଥିବା ଦେଖି ଏହି ଉଭୟ ଯୁବକ କର୍ମଚାରୀମାନଙ୍କ ଅତ୍ୟାଚାରର ବିରୋଧ କଲେ । ସେମାନଙ୍କ ପ୍ରତି ପ୍ରଜାମାନଙ୍କ ଅନୁରକ୍ତି ଦେଖି ହର୍ଷ ଭାବିଲେ ଯେ ଏମାନେ ଭବିଷ୍ୟତରେ ତାଙ୍କ ପୁତ୍ର ଭୋଜଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଠିଆ ହେବେ । ସେ ସେମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ଏହାର ସୂଚନା ପାଇ ଉଭୟ ଭ୍ରାତା କେବଳ ରାଜ୍ୟତ୍ୟାଗ କରି- ପଳାୟନ କଲେ ନାହିଁ, କିଛିଦିନ ମଧ୍ୟରେ ସେମାନେ

Digitized by srujanika@gmail.com

ଡାମରମାନଙ୍କ ସାହାଯ୍ୟରେ ରାଜଧାନୀ ଆକ୍ରମଣ କରି ରାଜପ୍ରାସାଦକୁ ଅଗ୍ନିସାତ୍ କଲେ । ସେମାନଙ୍କ ପ୍ରତିରୋଧ କରିନପାରି ହର୍ଷଙ୍କୁ ରାଜ୍ୟତ୍ୟାଗ କରିବାକୁ ପଡ଼ିଲା । ସେ ଶ୍ରୀନଗରଠାରେ ଯାଇ ଏକ ପର୍ଣ୍ଣକୁଟୀରରେ ଆଶ୍ରୟ ନେଲେ । ଶତ୍ରୁମାନଙ୍କ ଚକ୍ରାନ୍ତରେ ଭୋଜଙ୍କ ନିଧନ ସମ୍ବାଦ ସେଠାରେ ତାଙ୍କ କର୍ଣ୍ଣଗୋଚର ହେଲା । ସେ ପ୍ରତିଶୋଧ ପରାୟଣ ହୋଇ ଶତ୍ରୁମାନଙ୍କ ପ୍ରତିରୋଧ କରିବାପାଇଁ ବାହାରିଲେ, କିନ୍ତୁ ନିଃସହାୟ ଭାବରେ ଖ୍ରୀଷ୍ଟାବ୍ଦ ୧୧୦୧ରେ ତାଙ୍କୁ ଜୀବନ ଦେବାକୁ ପଡ଼ିଲା । ଏହାହିଁ ଏକାଦଶ ଶତାବ୍ଦୀ କାଶ୍ମୀରର ରାଜନୈତିକ ପରିବେଶ ।

ଦୁର୍ବିପାକ ସମୟରେ ବ୍ୟକ୍ତି ତା'ର ଅତୀତ ଗୌରବକୁ ସ୍ମରଣ କରେ । କାଶ୍ମୀରବାସୀ ଏବଂ କାଶ୍ମୀରର ବିଦଗ୍ଧ ବୁଦ୍ଧିଜୀବୀମାନେ ଏ ସମୟରେ କାଶ୍ମୀରର ପରାକ୍ରମଶାଳୀ ଓ ପ୍ରଜାବତ୍ସଳ ପୂର୍ବତନ ନରପତିମାନଙ୍କୁ ସ୍ମରଣ କରିବା ଏକାନ୍ତ ସ୍ୱାଭାବିକ । ତେଣୁ କହ୍ଲଣ ରାଜତରଙ୍ଗିଣୀରେ କର୍କୋଟ ବା ନାଗବଂଶୀ ରାଜା ଚନ୍ଦ୍ରାପୀଡ଼ ଓ ଲଳିତାଦିତ୍ୟଙ୍କ ଏପରି ଉଚ୍ଛ୍ୱସିତ ପ୍ରଶସ୍ତି ଗାନ କରିଛନ୍ତି । ଚନ୍ଦ୍ରାପୀଡ଼ ଯେପରି ନ୍ୟାୟପରାୟଣ ଓ ଦୟାଶୀଳ ଥିଲେ ଲଳିତାଦିତ୍ୟ ସେହିପରି ବୀର ଓ ପରାକ୍ରମଶାଳୀ ଥିଲେ । କହ୍ଲଣଙ୍କ ବିବରଣୀ ଅନୁଯାୟୀ ସେ ଶତ୍ରୁରାଷ୍ଟ୍ର କନୌଜ ଆକ୍ରମଣ କରି ଯଶୋବର୍ମନ୍‌ଙ୍କୁ ପରାସ୍ତ କରିବା ପରେ ଦିଗ୍‌ବିଜୟ ଯାତ୍ରା ଆରମ୍ଭ କରିଥିଲେ । କଳିଙ୍ଗ, ଗୌଡ଼, କର୍ଣ୍ଣାଟ, କୋଙ୍କଣ, ଦ୍ୱାରକା, ଅବନ୍ତୀ, କାମ୍ବୋଜ, ତୁଖାର, ତୀବତ୍, ଦରଦ, ପ୍ରାଗ୍‌ଜ୍ୟୋତିଷପୁର, ସ୍ତ୍ରୀରାଜ୍ୟ ବା ଉତ୍ତରପୂର୍ବାଞ୍ଚଳ, ଉତ୍ତରକୁରୁ ପ୍ରଭୃତି ତାଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା । ସେ ଚୀନ ଓ ଆରବ ରାଜାମାନଙ୍କ ସହିତ ମଧ୍ୟ ମିତ୍ରତା ସୂତ୍ରରେ ଆବଦ୍ଧ ଥିଲେ । କାଶ୍ମୀର ପଣ୍ଡିତମାନେ ତାଙ୍କୁ ସସାଗରାଧରାର ଚକ୍ରବର୍ତ୍ତୀ ସମ୍ରାଟ ରୂପେ ଅଭିହିତ କରନ୍ତି । ନିଜ ଜୈତ୍ରଯାତ୍ରାର ସ୍ମାରକୀ ସ୍ୱରୂପ ସେ ସ୍ୱୀୟ ରାଜଧାନୀକୁ ସ୍ୱର୍ଗପୁରୀ ରୂପେ ସୁସଜ୍ଜିତ କରିଥିଲେ । ବହୁ ମଠ, ମନ୍ଦିର, ଦେବାଳୟ, ପ୍ରାସାଦ, ପୁଷ୍କରିଣୀ ଦ୍ୱାରା ରାଜ୍ୟଥିଲା ଶ୍ରୀସମ୍ପନ୍ନ । କାଶ୍ମୀରୀ କାରୁକଳାର ଅକ୍ଷୟ କୀର୍ତ୍ତି ବହନ କରି ମାର୍ତ୍ତଣ୍ଡ ମନ୍ଦିରର ଭଗ୍ନାବଶେଷ ଆଜିସୁଦ୍ଧା ବିଦ୍ୟମାନ । ଅଷ୍ଟମ ଶତାବ୍ଦୀର ଏହି ସ୍ୱନାମଧନ୍ୟ ଶାସକ ଲଳିତାଦିତ୍ୟ କଥାସରିତ ସାଗରର ନାୟକ ନରବାହନଦତ୍ତଙ୍କ ସ୍ମୃତି ଜାଗ୍ରତ କରନ୍ତି ।

ଏକାଦଶ ଶତାବ୍ଦୀର ଏପରି ଏକ ଦୁଃସମୟରେ ସୋମଦେବ ଭଟ୍ଟଙ୍କ ଆବିର୍ଭାବ । କାଶ୍ମୀରୀୟ ସଂସ୍କୃତିର ଏହି ଅବକ୍ଷୟୀ ରୂପ ଯେକୌଣସି ରାଷ୍ଟ୍ରସଚେତନ ବୁଦ୍ଧିଜୀବୀଙ୍କୁ ବିଚଳିତ କରିବା ସ୍ୱାଭାବିକ । ରାଜା, ପ୍ରଜା, ରାଜକର୍ମଚାରୀ ଓ ରାଜସଚିବମାନଙ୍କ

Digitized by srujanika@gmail.com

ଅନୁଚିତ ଆଚରଣ ତାଙ୍କ ମନରେ ଜାଗ୍ରତ କରିଛି ଔଚିତ୍ୟବୋଧ । ଏହି ଅନୌଚିତ୍ୟ ସମକାଳୀନ କ୍ଷେମେନ୍ଦ୍ରଙ୍କ ମନରେ ମଧ୍ୟ ଏ ପ୍ରକାର ଭାବନା ଜାଗ୍ରତ କରିଥିଲା । ଉଭୟେ କାଶ୍ମୀରବାସୀଙ୍କୁ ଉଚିତ ମାର୍ଗର ଅନୁସରଣ କରି ସେମାନଙ୍କ ଅତୀତ ଗୌରବ ଫେରାଇ ଆଣିବାପାଇଁ ପ୍ରୟାସ କରିଛନ୍ତି । ପ୍ରତ୍ୟକ୍ଷ ଉପଦେଶ ଦୁର୍ମାର୍ଗଗାମୀମାନଙ୍କ କ୍ଷେତ୍ରରେ ବିପରୀତ ଫଳହିଁ ପ୍ରଦାନ କରିଥାଏ । ଗୁଣାଢ୍ୟଙ୍କ ବୃହତ୍ କଥାରୁ ସେମାନେ ଏହା ଶିକ୍ଷା କରିଛନ୍ତି । ଏଥିପାଇଁ ଉଭୟେ ସେହି ବିପୁଳ କଥାଗ୍ରନ୍ଥର ହିଁ ଆଶ୍ରୟରେ କାଶ୍ମୀରବାସୀଙ୍କ ମାନସିକ ପରିବର୍ତ୍ତନ ଆଣିବା ନିମିତ୍ତ ପ୍ରୟାସ କରିଛନ୍ତି । ସୋମଦେବଙ୍କ 'କଥାସରିତ ସାଗର' ଏବଂ କ୍ଷେମେନ୍ଦ୍ରଙ୍କ 'ବୃହତ୍ କଥା ମଞ୍ଜରୀ' ଏ ପ୍ରୟାସର ହିଁ ଅମୃତମୟ ପରିଣତି । ସୋମଦେବଙ୍କ ଅନ୍ୟକୌଣସି ଗ୍ରନ୍ଥ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନଥିଲେ ସୁଦ୍ଧା ପ୍ରାୟ ସମକାଳୀନ କ୍ଷେମେନ୍ଦ୍ରଙ୍କ ବହୁ ଉପାଦେୟ ଗ୍ରନ୍ଥ ମୁଦ୍ରିତ ହୋଇ ପ୍ରକାଶ ପାଇଛି ।

ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ, ଏହି ଔଚିତ୍ୟ ବୋଧ କ୍ଷେମେନ୍ଦ୍ରଙ୍କ ମାନସିକତାକୁ ଏପରି ଭାବେ ପ୍ରଭାବିତ କରିଛି ଯେ ସେ ତାଙ୍କ ସମସ୍ତ ରଚନାରେ ନିଜର ଏହି ଆଭିମୁଖ୍ୟକୁ ହିଁ ପ୍ରକାଶ କରିବା ନିମିତ୍ତ ପ୍ରୟାସ କରିଛନ୍ତି । ତାଙ୍କ 'ସମୟ ମାତୃକା' ଗଣିକା ଓ ଗଣିକାସକ୍ତ ପୁରୁଷମାନଙ୍କପାଇଁ ଏକ ଅବଶ୍ୟ ପାଠ୍ୟଗ୍ରନ୍ଥ । କଳାବତୀ ନାମ୍ନୀ ଜଣେ ଗଣିକା ମାଧ୍ୟମରେ ସେ ଆଠଟି ଅଧ୍ୟାୟରେ ବିଭକ୍ତ ଏହି ଗ୍ରନ୍ଥରେ ନିଜର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଓ ସୁଚିନ୍ତିତ ମନ୍ତବ୍ୟ ଉପସ୍ଥାପନ କରିଛନ୍ତି । ଚାରଣ, ବୈଦ୍ୟ, ସ୍ୱର୍ଣ୍ଣକାର ଏବଂ ଜ୍ୟୋତିର୍ବିଦମାନଙ୍କ ପାଇଁ ତାଙ୍କ 'କଳାବିଳାସ'ରେ ବିଭିନ୍ନ ଉପଦେଶ ପ୍ରଦାନ କରାଯାଇଛି । ସେହିପରି ଧନ, ଜ୍ଞାନ, ପଦବୀ, ରୂପ ଇତ୍ୟାଦିକୁ ନେଇ ଅହଙ୍କାର ଓ ଔଦ୍ଧତ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କୁ ଏସବୁର ଅଳୀକତା ସମ୍ପର୍କରେ ବୁଝାଇ ଦେବାପାଇଁ ତାଙ୍କ 'ଦର୍ପଦଳନ' ଗ୍ରନ୍ଥ ଉଦ୍ଦିଷ୍ଟ । ସମକାଳୀନ କାଶ୍ମୀରର ରାଜନୈତିକ ପରିସ୍ଥିତିକୁ ସୁଧାରିବା ପାଇଁ କ୍ଷେମେନ୍ଦ୍ର ରଚନା କରିଛନ୍ତି 'ସେବ୍ୟସେବକୋପଦେଶ', 'ଚାରୁଚର୍ଯ୍ୟା', 'ଦଶୋପଦେଶ' ଏବଂ 'ନର୍ମମାଳା' । ଏସବୁରେ ସମକାଳୀନ ରାଜା ଓ ରାଜକର୍ମଚାରୀମାନଙ୍କ ଦୌରାତ୍ମ୍ୟ, ଅତ୍ୟାଚାର, କୂଟଚକ୍ରାନ୍ତ, ଦୁର୍ନୀତି ଇତ୍ୟାଦିର ଚିତ୍ର ଉପସ୍ଥାପିତ । ଏଗୁଡ଼ିକୁ ଜଣେ ପ୍ରତ୍ୟକ୍ଷ ଦ୍ରଷ୍ଟାର ଅନୁଭବସିଦ୍ଧ ଆତ୍ମ ବିବୃତି ବୋଲି କହିଲେ ଅସମୀଚୀନ ହେବନାହିଁ ।

କ୍ଷେମେନ୍ଦ୍ରଙ୍କ ଔଚିତ୍ୟ ଦୃଷ୍ଟି କେବଳ ଉଲ୍ଲିଖିତ ରଚନାବଳୀରେ ସୀମାବଦ୍ଧ ନୁହେଁ । ତାଙ୍କ ସାହିତ୍ୟାଲୋଚନାକୁ ମଧ୍ୟ ଏହା ବଡ଼ ବିଚିତ୍ର ଭାବରେ ପ୍ରଭାବିତ କରିଛି । ତାଙ୍କ

Digitized by srujanika@gmail.com

'ସୁବୃତ୍ତତିଳକ' କେବଳ ବିଭିନ୍ନ ବୃତ୍ତର ଲକ୍ଷଣ ଓ ଉଦାହରଣରେ ପର୍ଯ୍ୟବସିତ ନୁହେଁ। ବର୍ଣ୍ଣନୀୟ ବସ୍ତୁ ଓ ରସାନୁକୂଳ ବୃତ୍ତ ପ୍ରୟୋଗ ସମ୍ପର୍କରେ ମଧ୍ୟ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ବୃତ୍ତ ଓ ଛନ୍ଦ ସମ୍ପର୍କୀୟ ଏ ପ୍ରକାର ଆଲୋଚନା କ୍ଷେତ୍ରରେ କ୍ଷେମେନ୍ଦ୍ର ବୋଧହୁଏ ଅଦ୍ୱିତୀୟ। ଅନ୍ୟ କୌଣସି ଆଳଙ୍କାରିକ କବି– ସୃଷ୍ଟିକୁ ଏ ଦୃଷ୍ଟିରୁ ଆଲୋଚନା କରିଥିବା ଜଣାଯାଏ ନାହିଁ। କେବଳ ଛନ୍ଦ ବା ବୃତ୍ତ ରୂପକ ବାହ୍ୟ ଆବରଣ ନୁହେଁ, ସାହିତ୍ୟର ଆତ୍ମା ସମ୍ପର୍କୀୟ ଆଲୋଚନାରେ ମଧ୍ୟ ତାଙ୍କ ଅଭିନବ ଦୃଷ୍ଟିକୋଣ ଏକାନ୍ତ ଉଲ୍ଲେଖଯୋଗ୍ୟ। କାଶ୍ମୀର ଭୂସ୍ୱର୍ଗ ରୂପେ ପରିଚିତ; ପ୍ରାକୃତିକ ସୌନ୍ଦର୍ଯ୍ୟ, ନୈସର୍ଗିକ ଜଳାଶୟ, ବିଚିତ୍ର ବର୍ଣ୍ଣାଢ଼୍ୟ ଓ ସ୍ୱାଦିଷ୍ଟ ପୁଷ୍ପଫଳ, ଗୌରବାବହ ଅତୀତ, ମନ୍ଦିରମାଳିନୀ କାଶ୍ମୀରକୁ ଦେବତାମାନଙ୍କପାଇଁ ମଧ୍ୟ ଲୋଭନୀୟ କରିପାରିଛି। କିନ୍ତୁ ବ୍ୟକ୍ତିମାନଙ୍କ ଅନୁଚିତ ଆଚରଣ ଯୋଗୁଁ କାଶ୍ମୀରର ଅଧଃପତନ ଘଟୁଥିବା ସେ ଲକ୍ଷ୍ୟ କରିଥିଲେ। ଏହି ପର୍ଯ୍ୟବେକ୍ଷଣ ଉପରେ ତାଙ୍କ କାବ୍ୟାତ୍ମବାଦ ପ୍ରତିଷ୍ଠିତ। ସେ କାବ୍ୟାତ୍ମାବିବେଚନା କ୍ଷେତ୍ରରେ ଔଚିତ୍ୟବାଦର ପ୍ରବର୍ତ୍ତକ। 'ଔଚିତ୍ୟ ବିଚାର ଚର୍ଚ୍ଚା' ତାଙ୍କ ଅଳଙ୍କାର ଗ୍ରନ୍ଥ। ତାଙ୍କ ମତରେ କାବ୍ୟ ରସ, ରୀତି, ଅଳଙ୍କାର, ଧ୍ୱନି, ବକ୍ରୋକ୍ତି ପ୍ରଭୃତିରେ ପରିପୂର୍ଣ୍ଣ ହୋଇଥାଇପାରେ, କିନ୍ତୁ ଏସବୁ ଉଚିତ ସ୍ଥାନରେ, ଉଚିତ ପାତ୍ରରେ ଏବଂ ଉଚିତ ସମୟରେ ଉପଯୁକ୍ତ ଭାବେ ଯଦି ବିନ୍ୟସ୍ତ ହୋଇନଥାଏ ତେବେ ସୃଷ୍ଟି ସହିତ ସ୍ରଷ୍ଟା ମଧ୍ୟ ଉପହସିତ ହୋଇଥାନ୍ତି। ତେଣୁ ତାଙ୍କପାଇଁ କାବ୍ୟ ରସସିଦ୍ଧ ହେଲେ ସୁଦ୍ଧା ଔଚିତ୍ୟ ହିଁ ତା'ର ପ୍ରାଣ। ଶାସନକ୍ଷେତ୍ରରେ ମହାରାଣୀ ସୂର୍ଯ୍ୟବତୀଙ୍କୁ ପ୍ରାଧାନ୍ୟଦେବା ରାଜା ଅନନ୍ତଙ୍କ ପକ୍ଷେ ଉଚିତ ନଥିଲା; ସେହିପରି ପ୍ରଶାସିକାର ଦାୟିତ୍ୱ ଗ୍ରହଣ କରି ଅଯୋଗ୍ୟ ପୁତ୍ର ପ୍ରତି ଅତ୍ୟଧିକ ମମତ୍ୱବୋଧ ମହାରାଣୀ ସୂର୍ଯ୍ୟବତୀଙ୍କପାଇଁ ଔଚିତ୍ୟପୂର୍ଣ୍ଣ ଆଚରଣ ନଥିଲା। ତେଣୁ ସମସ୍ତ ସଦ୍‌ଗୁଣ ସତ୍ତ୍ୱେ ଉଭୟ ରାଜା ଓ ରାଣୀ ଲୋକଦୃଷ୍ଟିରେ ନିନ୍ଦିତ ହୋଇପଡ଼ିଥିଲେ।

ଉଭୟ ସୋମଦେବ ଓ କ୍ଷେମେନ୍ଦ୍ରଙ୍କ ପ୍ରତ୍ୟକ୍ଷ ଅନୁଭୂତିରୁ ପ୍ରସୂତ ଏହି ଔଚିତ୍ୟ ଦୃଷ୍ଟି କେବଳ ଏକାଦଶ ଶତାବ୍ଦୀ କାଶ୍ମୀରର ପୂର୍ବ ଗୌରବ ଫେରାଇ ଆଣିବାପାଇଁ ଯେ ଉଦ୍ଦିଷ୍ଟ ତା' ନୁହେଁ, ଏହା ଯେକୌଣସି ବିଶୃଙ୍ଖଳ ରାଷ୍ଟ୍ର ଏବଂ କ୍ଷୟିଷ୍ଣୁ ସଂସ୍କୃତିର ପୁନରୁଦ୍ଧାରପାଇଁ ଏକାନ୍ତ ଉପାଦେୟ। ସେମାନଙ୍କ ସମକାଳରେ ରାଜଶାସିତ କାଶ୍ମୀର ଓ କାଶ୍ମୀରୀୟ ସଂସ୍କୃତିର ଅବସ୍ଥା ଯାହା ଥିଲା ବର୍ତ୍ତମାନ ବିଶ୍ୱର ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ପରିସ୍ଥିତି ଊଣାଅଧିକେ ପ୍ରାୟ ଅନୁରୂପ। ଏଣୁ ସାମ୍ପ୍ରତିକ ପରିସ୍ଥିତିରେ

Digitized by srujanika@gmail.com

ଭାରତର ରାଷ୍ଟ୍ରପତିଙ୍କମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଭୋଟଦାତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଔଚିତ୍ୟପୂର୍ଣ୍ଣ ଆଚରଣର ଉପାଦେୟତା ଅନସ୍ୱୀକାର୍ଯ୍ୟ । ଏ ଦିଗରେ 'କଥାସରିତ ସାଗର' ଆମର ଦିଗ୍‌ଦର୍ଶକ ହୋଇପାରେ ।

ଭାରତୀୟମାନଙ୍କ ଦୁର୍ଭାଗ୍ୟ ଯେ ସେମାନେ ଦୀର୍ଘ ତିନିଶହ ବର୍ଷଧରି ଇଂରେଜ ପରି ଗୋଟିଏ ଆତ୍ମସଚେତନ ଓ ଆତ୍ମପ୍ରତିଷ୍ଠା ପିପାସୁ ଜାତିର କବଳରେ ରହିବାପାଇଁ ବାଧ ହେଲେ । ଏହି ଜାତିର ବୁଦ୍ଧିଜୀବୀମାନେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ନିକଟ ସଂସ୍ପର୍ଶରେ ଆସି ଏହାର ବିଶେଷତ୍ୱ ଓ ମହତ୍ତ୍ୱ ଆରମ୍ଭରୁ ଉପଲବ୍ଧି କରିଛନ୍ତି । ରାଜଶକ୍ତି ଭାରତୀୟମାନଙ୍କୁ ପାଶ୍ଚାତ୍ୟ ଜୀବନଚର୍ଯ୍ୟାରେ ଅନୁପ୍ରାଣିତ କରିବାପାଇଁ ପ୍ରୟାସ କରୁଥିଲା ବେଳେ ଏହାର ପୃଷ୍ଠପୋଷକତାରେ ଧର୍ମ ପ୍ରଚାରକମାନେ ଭାରତୀୟ ସଂସ୍କୃତି ଉପରେ କୁଠାରାଘାତ କରିବା ଆରମ୍ଭ କରିଛନ୍ତି । ସେମାନେ ସେଥିପାଇଁ ଖୋଜିଛନ୍ତି ଭାରତର ଅତୀତ ଇତିହାସ, ମଠ ମନ୍ଦିରରେ ଉପାସିତ ଦେବଦେବୀମାନଙ୍କର ଅଲୌକିକ ପ୍ରଭାବ ଓ ଅର୍ଚ୍ଚନା ପଦ୍ଧତି, ଭାରତୀୟ ଜନତାର ମାନସିକ ପ୍ରବୃତ୍ତି ଏବଂ ସମସ୍ତ ଆଭ୍ୟନ୍ତରୀଣ ପାର୍ଥକ୍ୟ ମଧ୍ୟରେ ଏପରି ଏକ ବିଶାଳ ଭୂଖଣ୍ଡକୁ ଗୋଟିଏ ସୂତ୍ରରେ ଆବଦ୍ଧ କରି ରଖିଥିବା ମୌଳିକ ତତ୍ତ୍ୱଟିକୁ । ବହୁ ଜାତି, ବହୁ ବର୍ଣ୍ଣ, ବହୁ ଧାର୍ମିକ ମତବାଦ, ବହୁରାଷ୍ଟ୍ରକୁ ଏତେବର୍ଷ ଧରି ଗୋଟିଏ ଭାଷା ଯେ ଏକତ୍ର କରି ରଖିପାରିଛି, ଏହା ସେମାନେ ଉପଲବ୍ଧି କରିଛନ୍ତି । ଏହି ଭାଷାଟିର ମୂଳୋତ୍ପାଟନ ନକଲେ ଭାରତର ଜାତୀୟ ସଂହତିକୁ ଦୁର୍ବଳ କରିବା ସମ୍ଭବ ନୁହେଁ ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଛି । ଏଣୁ ପ୍ରଥମେ ସେମାନେ ଏହା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି । ବହୁ କଷ୍ଟ ସ୍ୱୀକାର କରି କଳେବଳେକୌଶଳେ ସେମାନଙ୍କ ମଧ୍ୟରୁ ବହୁ ସଚେତନ ବିଦ୍ୱାନ୍ ସଂସ୍କୃତ ଭାଷା ଶିକ୍ଷା କରି ଭାରତୀୟ ସଂସ୍କୃତିର ପ୍ରକୃତ ସ୍ୱରୂପ ଜାଣିବାପାଇଁ ଅକ୍ଲାନ୍ତ ଅଧ୍ୟବସାୟ କରିଥିଲେ ସୁଦ୍ଧା ଅତ୍ୟନ୍ତ ଚତୁରତାର ସହିତ ସଂସ୍କୃତ ଭାଷାକୁ ମୃତଭାଷା ବୋଲି ପ୍ରଚାର କରିଛନ୍ତି । ଧୀରେ ଧୀରେ ଏହି ଭାଷା ଯେ ଏକ ଅତ୍ୟନ୍ତ କ୍ଳିଷ୍ଟ, ଦୁରଧିଗମ୍ୟ ଏବଂ ଅନାବଶ୍ୟକ ଏପରି ଏକ ଭ୍ରାନ୍ତ ଧାରଣା ଭାରତୀୟମାନଙ୍କ ମାନସିକତାରେ ବଦ୍ଧମୂଳ କରାଇବାପାଇଁ ଉଦ୍ୟମ କରାଯାଇଛି । ଫଳରେ ଭାରତୀୟମାନେ ନିଜର ମାତୃଭାଷା ସଂସ୍କୃତ ପ୍ରତି ଅନାଗ୍ରହ ପ୍ରକାଶ କରିଛନ୍ତି । ସଂସ୍କୃତଜ୍ଞ ଭାରତୀୟ ବିଦ୍ୱାନ୍‌ମାନେ ଉପହାସର ପାତ୍ର ହୋଇଛନ୍ତି । ସଂସ୍କୃତଜ୍ଞ ଶବ୍ଦଟି 'ସଂସ୍କୃତିଆ'ରେ ପରିଣତ ହୋଇ ହେୟ, ମୂର୍ଖ, ଗ୍ରାମ୍ୟ ଇତ୍ୟାଦି ଅପକୃଷ୍ଟ ଅର୍ଥରେ ସଙ୍କୁଚିତ ହୋଇପଡ଼ିଚି । ଏହାର ପରିଣାମ ସ୍ୱରୂପ

Digitized by srujanika@gmail.com

ଭାରତୀୟ କେବଳ ସଂସ୍କୃତଠାରୁ ନୁହେଁ, ତା'ର ମହାନ୍ ପରମ୍ପରାଠାରୁ ଦୂରେଇ ଯାଇଛି । ଭାରତୀୟ ଜ୍ଞାନଭଣ୍ଡାରର ଚାବିକାଠିଟି ଆମେ ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କ ହାତରେ ଧରାଇଦେଇ ବୌଦ୍ଧିକ ଭାବେ ନିଃସ୍ୱ ହୋଇପଡ଼ିଛୁ । ଆମେ ସେମାନଙ୍କ ଉତ୍ତଳ ଯବକାଚରେ ଭାରତୀୟ ସଂସ୍କୃତିର ବିକୃତ ରୂପ ଦେଖୁଥିଲା ବେଳେ ସେମାନେ ତା'ର ଯଥାର୍ଥ ବିନିଯୋଗ କରିପାରୁଛନ୍ତି । ଅଭିନବ ଜ୍ଞାନ କୌଶଳ ଶିକ୍ଷା କରିବାପାଇଁ ପାଶ୍ଚାତ୍ୟ ଜଗତରେ ବେଦବେଦାନ୍ତ, ଜ୍ୟୋତିଷ ଆୟୁର୍ବେଦ, ଦର୍ଶନଗଣିତର ପରିଶୀଳନ ଚାଲିଥିଲା ବେଳେ ଆମେ ଏସବୁକୁ ଅଳୀକ, ଅନାବଶ୍ୟକ, ଅବୈଜ୍ଞାନିକ ଓ ପ୍ରଗତିର ପ୍ରତିବନ୍ଧକ ବୋଲି ପରିତ୍ୟାଜ୍ୟ ମନେକରୁଛୁ । ଏବେତ ଏସବୁପାଇଁ ସୁନ୍ଦର ଶବ୍ଦଟିଏ ବ୍ୟବହାର କରାଯାଉଛି—ଗୈରିକ । ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ନଥିବା ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କର ଅନୁବାଦ ମାଧ୍ୟମରେ ଆମେ ଆମ ସଂସ୍କୃତିକୁ ଚିହ୍ନିବାପାଇଁ ଅଧିକ ଆଗ୍ରହୀ । ତେଣୁ ଆଜିର ଭାରତବର୍ଷରେ, ଦୁର୍ଭାଗ୍ୟବଶତଃ, ଭାରତୀୟମାନେ ହିଁ ହେଉଛନ୍ତି ଅଣଭାରତୀୟ ।

ଏ ପ୍ରକାର ବ୍ୟାଧିତ ମାନସିକତା ଭିତରେ ଆମେ ଆମର ପ୍ରାଚୀନ ପୁରାଣ ଓ ଗଳ୍ପ ସାହିତ୍ୟକୁ ଗାଳଗଳ୍ପ ବୋଲି ପରିତ୍ୟାଗ କରିଛୁ । କିନ୍ତୁ ସେଗୁଡ଼ିକ ଯେ ଭାରତବର୍ଷର ପୁନଃନିର୍ମାଣରେ ସହାୟକ, ଏହା କହିବା ବାହୁଲ୍ୟ ମାତ୍ର । 'କଥାସରିତ ସାଗର'ର ଗଳ୍ପଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ସେ ସବୁର ସାମ୍ପ୍ରତିକ ଉପାଦେୟତା ନିର୍ଣ୍ଣୟ କରିବାର ଏହା ଅବସର ନୁହେଁ । ତଥାପି ଦୁଇ ଚାରୋଟି ଉଦାହରଣ ଏଠାରେ ଉପସ୍ଥାପନା କରାଯାଇପାରେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତକୁ ଏକ ଶିଳ୍ପ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାପାଇଁ ସରକାର ବହୁଳ ଅର୍ଥ ବିନିଯୋଗ କରୁଛନ୍ତି । କ୍ଷୁଦ୍ର ଓ ବୃହତ୍ ଶିଳ୍ପ ପ୍ରତିଷ୍ଠାପାଇଁ କୋଟି କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଉଛି । କିନ୍ତୁ ପରବର୍ତ୍ତୀ କାଳୀନ ପରିସଂଖ୍ୟାନରୁ ଦେଖାଯାଉଛି ଯେ ଏଥିରୁ ଅଧିକାଂଶ ଶିଳ୍ପ ରୁଗ୍ଣ ଏବଂ ଉତ୍ପାଦନ-ଅସମର୍ଥ । ଏହାର ଗୋଟିଏ ବଡ଼ କାରଣ ହେଲା ଯେଉଁ ବ୍ୟକ୍ତିମାନଙ୍କର ନିର୍ଦ୍ଦିଷ୍ଟ ଶିଳ୍ପ ସମ୍ପର୍କରେ କୌଣସି ପୂର୍ବାନୁଭୂତି ବା ଧାରଣା ନାହିଁ, ସେମାନେ ସରକାରୀ ସାହାଯ୍ୟ ନେଇ ଅନ୍ୟଦିଗରେ ଖର୍ଚ୍ଚ କରୁଛନ୍ତି । ବ୍ୟବସାୟ ବୁଦ୍ଧି ନଥିବା ବ୍ୟକ୍ତିକୁ ସାହାଯ୍ୟ କରିବା ଅପାତ୍ରରେ ଦାନ ବ୍ୟତୀତ ଆଉ କ'ଣ ହୋଇପାରେ ? ଏମାନେ ପ୍ରାଚୁର୍ଯ୍ୟରୁ ଆରମ୍ଭ କରି ସେଥିପାଇଁ ଶୂନ୍ୟରେ ପହଞ୍ଚୁଥାନ୍ତି, କିନ୍ତୁ ଶୂନ୍ୟରୁ ଆରମ୍ଭ କଲେ ବ୍ୟବସାୟୀ

Digitized by srujanika@gmail.com

ବୁଦ୍ଧିସମ୍ପନ୍ନ ବ୍ୟକ୍ତି କିପରି ପ୍ରତିଷ୍ଠିତ ଶିଳ୍ପପତି ହୋଇପାରେ ତା'ର ପ୍ରକୃଷ୍ଟ ଉଦାହରଣ ମଲାମୂଷାଟିଏ ନେଇ ବ୍ୟବସାୟ ଆରମ୍ଭ କରିଥିବା ଦୁଃସ୍ଥ ବଣିକ ପୁତ୍ରର କଥା ।

ସେହିପରି ଅସତ୍ ଉପାୟରେ କଳାଧନ ସଂଗ୍ରହ କରି ସାମାଜିକ ଓ ରାଜନୈତିକ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କର ଦୌରାତ୍ମ୍ୟ ଭାରତୀୟ ରାଜନୀତି ଓ ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଛି । ଏମାନଙ୍କ ହାତରେ ରାଜନୈତିକ ଦଳ ଓ ନେତାମାନେ କ୍ରୀଡ଼ନକ ହୋଇପଡୁଛନ୍ତି । ଚୋରା କାରବାର କିମ୍ବା ଅବୈଧ ଉପାୟରେ ନିମ୍ନସ୍ତରରୁ ଆସି ହଠାତ୍ ଧନୀ ହୋଇଯାଇଥିବା ବ୍ୟକ୍ତିମାନେ ଇନ୍ଦ୍ର-ଚନ୍ଦ୍ର ନମାନିବା ସ୍ୱାଭାବିକ । ରାଣୀ ଅନ୍ତଃପୁରରୁ ସୁନାହାରଟିଏ ଚୋରିକରି ଆଣିଥିବା ମୂଷାଟିର ଉପଦ୍ରବରେ କୌପୀନଧାରୀ ସନ୍ନ୍ୟାସୀ ତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ । ତା'ର ଉପଦ୍ରବରୁ ମୁକ୍ତିଲାଭ କରିବାର ପନ୍ଥା ବାହାର କରିଥିଲେ ତାଙ୍କ ମିତ୍ର ସନ୍ନ୍ୟାସୀ । ସେ ମୂଷାର ବିଲଟିକୁ ଖନନ କରି ସୁବର୍ଣ୍ଣ ହାରଟିକୁ ନେଇ ଆସିଥିଲେ । ଏପରି କରିବା ଆମ ଶାସକମାନଙ୍କ ପକ୍ଷରେ ସମ୍ଭବ କି ? ଯଦି ଶାସକମାନେ ଭକ୍ଷକ ହୁଅନ୍ତି, ନୋଟ୍‌ର ଶଯ୍ୟା ଉପରେ ସୁଖନିଦ୍ରା ଯାନ୍ତି ତେବେ କଳାଧନର ସ୍ରୋତକୁ ଅବରୋଧ କରିବା କେତେଦୂର ସମ୍ଭବ ? ମିତ୍ର ସନ୍ନ୍ୟାସୀ ସୁନାହାରଟିକୁ ଉଠାଇ ନେଇ ଆସିବା ପରି ଆମ ଶାସକମାନେ କଳା ବେପାରୀ ଏବଂ ଦୁର୍ନୀତି ପରାୟଣ ଶାସକ ଓ ପ୍ରଶାସକମାନଙ୍କ ସମସ୍ତ ସ୍ୱଦେଶୀ ଓ ବିଦେଶୀ ବ୍ୟାଙ୍କ୍‌ରେ ଥିବା ସମ୍ପତ୍ତିକୁ ବାଜ୍ୟାପ୍ତ କରିପାରିବେ କି ?

ଅନୁରୂପ ଭାବେ ଜନଜାତି ବା ଆଦିବାସୀମାନଙ୍କ ଉନ୍ନୟନପାଇଁ ଅର୍ଥର ସ୍ରୋତ ବହିଚାଲିଛି । ସରକାର ସେମାନଙ୍କୁ ଜାତୀୟ ସ୍ରୋତରେ ସମ୍ମିଳିତ କରିବାପାଇଁ ବାରମ୍ବାର ଉଦ୍‌ବେଗ ପ୍ରକାଶ କରୁଛନ୍ତି, କିନ୍ତୁ ତା'ର ପରିଣାମ ଦିବାଲୋକ ପରି ସୁସ୍ପଷ୍ଟ । ଆମ ଆଦିବାସୀ ଉନ୍ନୟନ ନୀତି ଲକ୍ଷ୍ୟକଲେ ମନେହୁଏ ଆମେ ସେମାନଙ୍କୁ ଆମ ନିଜସ୍ତରରେ ମଣିଷ ବୋଲି ମନେକରୁନାହୁଁ, ସେମାନଙ୍କୁ ଆମେ ଦୟାର ପାତ୍ର ରୂପେ ବିବେଚନା କରୁଛୁ ଏବଂ ସେମାନଙ୍କ ସଂସ୍କୃତି, ଭାଷା ଓ ସଭ୍ୟତାକୁ ଲୋପ କରିବାପାଇଁ ଅପପ୍ରୟାସ କରୁଛୁ । 'କଥାସରିତ ସାଗର' ମଧ୍ୟରେ ଭୀଲ୍, ଶବର, ପୁଳିନ୍ଦ ଇତ୍ୟାଦି ଜନଜାତିର ଚିତ୍ରର ଅଭାବ ନାହିଁ । ସେମାନଙ୍କ ଦସ୍ୟୁବୃତ୍ତି, ବଳିପ୍ରଥା, ଜୀବନଚର୍ଯ୍ୟା ଚିତ୍ରଣରେ ଏହାର ସ୍ରଷ୍ଟା ଆଦୌ କୃପଣତା ପ୍ରକାଶ କରିନାହାନ୍ତି । କିନ୍ତୁ ରାଷ୍ଟ୍ରଶାସକମାନେ ସେମାନଙ୍କୁ କେବେ ଦୟାର ପାତ୍ର କିମ୍ବା ତାଙ୍କ ସଂସ୍କୃତିକୁ କେବେ ନିକୃଷ୍ଟ ସଂସ୍କୃତି ବୋଲି ବିବେଚନା କରିନାହାନ୍ତି । ରାଜା ଓ ରାଜକୁମାରମାନେ ଦୁର୍ଗପିଶାଚ, ମାତଙ୍ଗ ପ୍ରଭୃତିଙ୍କୁ ମିତ୍ରଭାବରେ

Digitized by srujanika@gmail.com

ହିଁ ଗ୍ରହଣ କରିଛନ୍ତି; ସେମାନଙ୍କ ସଂସ୍କୃତିକୁ ସମ୍ମାନ ଦେଖାଇଛନ୍ତି । ଯେତେଦିନ ପର୍ଯ୍ୟନ୍ତ ସେମାନେ ଆମର ଦୟାର ପାତ୍ର ଥିବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କର ଉନ୍ନତି ସମ୍ଭବ ବୋଲି ମନେହୁଏ ନାହିଁ । ବଣ୍ଡାମାନଙ୍କୁ ଲୁଗାପିନ୍ଧାଇବା, ଆଦିବାସୀଙ୍କ ବନସ୍ଥଳୀକୁ ବୃକ୍ଷଶୂନ୍ୟକରି ସେମାନଙ୍କପାଇଁ କୋଠା ନିର୍ମାଣ କରିବା– ସେମାନଙ୍କ ଉନ୍ନତିପାଇଁ ପରିକଳ୍ପିତ ନା ସଂସ୍କୃତି ସହିତ ଗୋଟିଏ ଗୋଟିଏ ଜନଜାତିକୁ ଲୋପ କରିବାର ଯୋଜନା ! ରାମାୟଣରେ ଗୁହ ଥିଲେ ରାମଚନ୍ଦ୍ରଙ୍କ ମିତ୍ର, ଶବରୀର ଉଚ୍ଛିଷ୍ଟ ଗ୍ରହଣ କରିବାପାଇଁ ମଧ୍ୟ ରାମଚନ୍ଦ୍ର କୁଣ୍ଠା ପ୍ରକାଶ କରିନଥିଲେ । ମହାଭାରତରେ କଳିଙ୍ଗାଧିପତି ନିଜର ଶବର ସେନାବାହିନୀ ସହିତ କୌରବ ପକ୍ଷରେ ଯୋଗ ଦେଇଥିଲେ; ସେ ଥିଲେ ଦୁର୍ଯ୍ୟୋଧନଙ୍କ ଅତ୍ୟନ୍ତ ବିଶ୍ୱସ୍ତ । ତେଣୁ ତାଙ୍କୁ ଦୂତରୂପେ ପ୍ରେରଣ କରାଯାଇଥିଲା । ଗୁପ୍ତ ରାଜାମାନେ ଦାକ୍ଷିଣାତ୍ୟ ବିଜୟପାଇଁ ମହେନ୍ଦ୍ରାଚଳରେ ଶିବିର ସ୍ଥାପନ କରି ଶବରାଧିପତିମାନଙ୍କ ସହାୟତା ଲାଭ କରିଥିଲେ । ସୂର୍ଯ୍ୟବଂଶୀ କପିଳେନ୍ଦ୍ରଦେବ ମଧ୍ୟ ଏହି ଆଦିବାସୀମାନଙ୍କୁ ମିତ୍ର ଭାବରେ ହିଁ ଗ୍ରହଣ କରି ଦାକ୍ଷିଣାତ୍ୟର ରାଜାମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଥିଲେ । ଆଜିସୁଦ୍ଧା ପୁରୁଷୋତ୍ତମ କ୍ଷେତ୍ର ଓ ବଦ୍ରିନାରାୟଣରେ ଶ୍ରୀଜଗନ୍ନାଥ ଓ ବଦ୍ରିବିଶାଳଙ୍କ ପୂଜକ ଭାବେ ଏହି ଜନଜାତିର ସେବକମାନଙ୍କୁ ଦେଖିବାକୁ ମିଳେ । ତେଣୁ ସେମାନଙ୍କ ଉନ୍ନତି ପାଇଁ ଚିନ୍ତା କଲାବେଳେ ଅତୀତକୁ ବିସ୍ମୃତ ହେବା ଉଚିତ ହେବ ନାହିଁ ।

ଅନୁରୂପ ଭାବେ ଯୌତୁକପ୍ରଥା । ଏହା ଯେ ନିଶ୍ଚିତଭାବେ ଏକ କଳଙ୍କିତ ପ୍ରଥା, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆଇନ ବଳରେ ରାତାରାତି ଏହାର ନିରାକରଣ କେତେଦୂର ସମ୍ଭବ ବିଚାର କରିବାର କଥା । ବର୍ତ୍ତମାନର ଆଇନ ଫଳରେ ଯୌତୁକ ପ୍ରଥା କେତେଦୂର ନିରାକୃତ ହୋଇପାରିଛି କହିବା ସମ୍ଭବ ନହେଲେ ସୁଦ୍ଧା ବହୁ ନିରୀହ ସ୍ୱାମୀ, ଶାଶୁ, ଶ୍ୱଶୁର ଅକାରଣରେ ନିର୍ଯ୍ୟାତିତ ହେଉଥିବାର ବହୁ ଚାକ୍ଷୁଷ ପ୍ରମାଣର ଅଭାବ ନାହିଁ । ଭାରତୀୟ ସଂସ୍କୃତିରେ କନ୍ୟାଦାନ ସହିତ ଦକ୍ଷିଣା ଦାନର ପ୍ରଥା ବହୁପ୍ରାଚୀନ କାଳରୁ ଚଳିଆସିଛି । 'କଥାସରିତ ସାଗର'ର ବିଭିନ୍ନ ବିବାହ ବର୍ଣ୍ଣନା ଅବସରରେ ପିତାମାତା ଓ ଭ୍ରାତାମାନେ ଏତେ ପରିମାଣରେ ହସ୍ତୀ, ଅଶ୍ୱ, ରଥ, ଆଭୂଷଣ, ସଖୀ, ପରିଚାରିକା ପ୍ରଦାନ କରୁଥିଲେ ଯେ ଜାମାତାମାନଙ୍କର ଆର୍ଥିକ ଅନଟନ ଚିରକାଳ ପାଇଁ ଦୂରୀଭୂତ ହେଉଥିଲା । ଅବଶ୍ୟ ପରିବର୍ତ୍ତିତ ପରିସ୍ଥିତିରେ ସ୍ୱତଃପ୍ରବୃତ୍ତ ଭାବେ ଦିଆଯାଉଥିବା ଯୌତୁକ ବର୍ତ୍ତମାନ ଏକ ଦାବିରେ ପରିଣତ ହୋଇଛି । ଏହି ପ୍ରଥାର ନିରାକରଣପାଇଁ

Digitized by srujanika@gmail.com

ଆଇନ ଅପେକ୍ଷା ମାନସିକ ପରିବର୍ତ୍ତନର ଆବଶ୍ୟକତା ଅଧିକ ମନେହୁଏ । ଆମ ଦେଶରେ ତ ଆଇନ କେବଳ ଭଙ୍ଗ କରିବାପାଇଁ ପ୍ରଣୟନ କରାଯାଏ ।

ବର୍ତ୍ତମାନ ଦୁର୍ନୀତିର କଥା ଚିନ୍ତାକରାଯାଉ । ଏଥିପାଇଁ ଭାରତର ସାଧାରଣ ଜନତାଠାରୁ ଉଚ୍ଚତମ ଶାସକ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ । ଶହେଟି ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ମଧ୍ୟରେ ଆମ ସ୍ଥାନ ପ୍ରଥମରେ ନଥିବା ଯୋଗୁଁ ଆମେ ନିଜକୁ ଗର୍ବିତ ମନେକରୁଛୁ । ଦ୍ୱିତୀୟ କିମ୍ବା ତୃତୀୟରେ ରହିଲେ ଅତି ନିର୍ଲଜ୍ଜ ଭାବରେ ଆତ୍ମପ୍ରସାଦ ମଧ୍ୟ ଅନୁଭବ କରୁଛୁ । କିନ୍ତୁ ଏହାର ନିରାକରଣ ନିମିତ୍ତ ଆମର କେତେଦୂର ଆନ୍ତରିକତା ଅଛି ତାହା ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି । ବ୍ରିଟିଶ ଶାସକ ଓ ରାଜକର୍ମଚାରୀମାନେ ଅଭିନବ ରାଜ୍ୟଶାସନ କୌଶଳ ଆମକୁ ଶିକ୍ଷାଦେବା ସହିତ ଶାସନ କଳରେ ଦୁର୍ନୀତିର ବୀଜ ବପନ କରିଦେଇଗଲେ । ଅବଶ୍ୟ ଦୁର୍ନୀତି ଓ ଅପରାଧପ୍ରବଣତା ଯୁଗେଯୁଗେ ରହିଆସିଛି । ୧୯୦୪ ମସିହାରେ ପ୍ରକାଶିତ ସାର୍ ଜେ. ଡବ୍ଲ୍ୟୁ. କାୟେଙ୍କ 'ଲାଇଭ୍ସ୍ ଅଫ୍ ଇଣ୍ଡିଆନ୍ ଅଫିସରସ୍' ଗ୍ରନ୍ଥରେ ସେ ତତ୍କାଳୀନ ଜିଲ୍ଲାପାଳ ଓ ବିଚାରପତିମାନଙ୍କ ସମ୍ପର୍କରେ ଲେଖିଛନ୍ତି, "I am sorry to say that I have every reason to believe that at present almost all the Collectors are, under the name of some relation or friend, deeply engaged in commerce." ସେ ପୁଣି ତିନିଜଣ କର୍ମଚାରୀଙ୍କ ନାମ ଉଲ୍ଲେଖ କରିଛନ୍ତି । ଭାରତରେ ପ୍ରାୟ କୋଡ଼ିଏ ବର୍ଷ ଚାକିରି କଲାପରେ ମି. ବ୍ଲାନ୍‌ସାର୍ଡ଼ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ପଚାଶହଜାର ପାଉଣ୍ଡ ଧରି ଘରକୁ ଫେରିଥିଲେ । ସେହିପରି କଲିକତାରେ ଚାକିରି କରୁଥିବା ମି. ଜନ୍‌ସନ୍ ତେରବର୍ଷ ଚାକିରି ମଧ୍ୟରେ ପଇଁତିରିଶି ହଜାର ପାଉଣ୍ଡ ଅବୈଧ ଭାବେ ସଂଗ୍ରହ କରିଥିଲେ । ଦଶବର୍ଷ ଚାକିରି ମଧ୍ୟରେ ମି. ଓ୍ୱେନ୍‌ଙ୍କ ସଂଗୃହୀତ ଅର୍ଥର ପରିମାଣ ଥିଲା ପଚିଶହଜାର ପାଉଣ୍ଡ । ସେମାନଙ୍କ ଦ୍ୱାରା ଏହି ଉପ୍ତ ବୀଜ ବର୍ତ୍ତମାନ ମହାଦ୍ରୁମରେ ପରିଣତ ହେଲାଣି । ଏହାକୁ ନିରାକରଣ କରିବାପାଇଁ ଆମ ଧର୍ମଶାସ୍ତ୍ର ଓ ଅର୍ଥଶାସ୍ତ୍ର ସହିତ କଥାସରିତ ସାଗରର ଗଳ୍ପଗୁଡ଼ିକ ମଧ୍ୟରେ ବହୁ ଉପାୟ ନିର୍ଦ୍ଦିଷ୍ଟ । ବିଭିନ୍ନ ଗଳ୍ପର ବିଶ୍ଳେଷଣରୁ ଏହା ସୁସ୍ପଷ୍ଟ ଯେ ଚରିତ୍ର ନିର୍ମାଣାତ୍ମକ ଶିକ୍ଷା ପ୍ରଣାଳୀ ଏବଂ କଠୋର ଦଣ୍ଡନୀତିଦ୍ୱାରା ହିଁ ପ୍ରଶାସନ କ୍ଷେତ୍ରରୁ ଦୁର୍ନୀତିକୁ ଦୂର କରାଯାଇପାରେ । ରାଜପୁତ୍ରମାନଙ୍କଠାରୁ ସାଧାରଣ ନାଗରିକ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମନିଷ୍ଠା ଓ ଆଧ୍ୟାତ୍ମିକତାରେ ଶିକ୍ଷିତ କରିବା ଥିଲା ଅତୀତ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଦୁଇଟି ବିଶେଷତ୍ୱ । ତାହା ବର୍ତ୍ତମାନ ଶିକ୍ଷାକ୍ଷେତ୍ରରୁ ପ୍ରାୟ ନିର୍ବାସିତ । ସେହିପରି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ହସ୍ତ, ପଦ,

Digitized by srujanika@gmail.com

ନାସା, କର୍ଣ୍ଣ ଛେଦନ, ମୁଣ୍ଡନ, ରାଜ୍ୟରୁ ନିର୍ବାସନ ରୂପ ଦଣ୍ଡ ଥିଲା ଅତ୍ୟନ୍ତ କଠୋର । କିନ୍ତୁ ଆଜିର ଦଣ୍ଡନୀତି ମାନବିକତାର କୋମଳସ୍ପର୍ଶରେ ଅତ୍ୟନ୍ତ କୋହଳ । ନ୍ୟାୟାଳୟରେ ଅପରାଧୀର ଦଣ୍ଡ ଘୋଷିତ ହୁଏ ଦୀର୍ଘବର୍ଷର ବ୍ୟବଧାନରେ, ଏପରିକି ଅପରାଧୀର ମୃତ୍ୟୁ ପରେ । କାରାଗାର ଅପରାଧୀମାନଙ୍କ ନିରାପଦ ଆଶ୍ରୟ ଏବଂ ଭବିଷ୍ୟତ ଅପରାଧପାଇଁ ସଙ୍ଗଠିତ ଉଦ୍ୟମର ମନ୍ତ୍ରଣାକକ୍ଷ । ଏ ଉଭୟ ସମ୍ପର୍କରେ 'କଥାସରିତ ସାଗର'ର ଗଳ୍ପଗୁଡ଼ିକ ଆମକୁ ଦିଗ୍‌ଦର୍ଶନ ଦେଇପାରନ୍ତି । ଶିକ୍ଷା କ୍ଷେତ୍ରରେ ଚରିତ୍ର ନିର୍ମାଣ ଓ ଆଧ୍ୟାତ୍ମିକତା ପ୍ରତି ନିସ୍ପୃହତା ଏବଂ ଦଣ୍ଡନୀତିରେ ଅନାବଶ୍ୟକ କ୍ଷମାଶୀଳତା ଓ ଅଯଥା କାଳକ୍ଷେପଣ ନୀତି କଦାପି ସ୍ପୃହଣୀୟ ନୁହେଁ ।

ଦୁର୍ନୀତିର ମୂଳ ଖୋଜି ବସିଲେ ଆମେ ଶେଷରେ ପୁଣି ଯାଇ ସେହି ଔଚିତ୍ୟ ତତ୍ତ୍ୱ ପାଖରେ ପହଞ୍ଚିବା । ବର୍ତ୍ତମାନ ଭାରତବର୍ଷ ଏହି ଔଚିତ୍ୟହୀନତାର କବଳିତ । ଗଣତନ୍ତ୍ର, ଭୋଟ ରାଜନୀତିରେ ପର୍ଯ୍ୟବସିତ । ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ଦଳୀୟ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ଆମକୁ ନିୟନ୍ତ୍ରଣ କରୁଛି । ଏଥିପାଇଁ ବୁଦ୍ଧିଜୀବୀମାନେ ନିଜ ବିବେକକୁ ବିକ୍ରୀ କରିଦେବାପାଇଁ ପଶ୍ଚାତ୍‌ପଦ ନୁହନ୍ତି । ଭୋଟଦାତାଙ୍କଠାରୁ ଭୋଟଭିକ୍ଷୁକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଅନୁଚିତ ମାର୍ଗର ପଥିକ । ଉଚିତ ମାର୍ଗ ଅବଲମ୍ବନ କରୁଥିବା ମୁଷ୍ଟିମେୟ ପ୍ରଶାସକ ବା ରାଜନେତା ହଂସ ମଧ୍ୟରେ ବକ କିମ୍ବା କାକ ମଧ୍ୟରେ କୋକିଳ ପରି ଅପାଂକ୍ତେୟ ଓ ନିର୍ଯ୍ୟାତିତ । ଯେଉଁମାନେ ଶାସକ ପଦରେ ଆସୀନ ନିଜ ଭତ୍ତା ଓ ପ୍ରାପ୍ୟ ବୃଦ୍ଧିବେଳେ ଦଳନିର୍ବିଶେଷରେ ସହମତ, କିନ୍ତୁ ପ୍ରଜାମାନଙ୍କ ସ୍ୱାର୍ଥରକ୍ଷା କଥା ଚିନ୍ତା କଲାବେଳେ ସେମାନେ ବାଦବିସମ୍ବାଦ ମଧ୍ୟରେ ମୂଳ ଆଲୋଚ୍ୟ ବିଷୟଠାରୁ ଦୂରେଇ ଯାଇଥାନ୍ତି । ଜନତା ଯେଉଁମାନଙ୍କୁ ନିଜର ସ୍ୱାର୍ଥରକ୍ଷାପାଇଁ ନିର୍ବାଚନ କରିଥାନ୍ତି ଆଲୋଚନା କକ୍ଷରେ ସେମାନଙ୍କ ନିର୍ଲଜ୍ଜ ଓ ଅଶାଳୀନ ଆଚରଣ ଏବଂ ଆସୁରିକ ପ୍ରବୃତ୍ତି କେତେ ଯେ ଦୁଃଖଦାୟକ ତାହା ସେହି କରଦାତାମାନେ ହିଁ ଜାଣନ୍ତି । ରାଜା ବା ଶାସକ ନିର୍ବାଚନରେ ସେଥିପାଇଁ ବୋଧହୁଏ ସାଧାରଣ ଜନତା କିମ୍ବା ମନୁଷ୍ୟକୁ ଗୁରୁତ୍ୱ ଦିଆଯାଉ ନଥିଲା । ରାଜା ନିଜେ ତାଙ୍କ ଉତ୍ତରାଧିକାରୀ ନିର୍ବାଚନ କରୁଥିଲେ । ଜ୍ୟେଷ୍ଠପୁତ୍ର ଯେ ରାଜା ହେବ, ଏହା ସର୍ବଦା ପାଳନୀୟ ନଥିଲା । ସେ ଅଯୋଗ୍ୟ ହେଲେ ଅନ୍ୟ ପୁତ୍ରମାନଙ୍କ ଉପରେ ରାଜ୍ୟଶାସନ ଭାର ଅର୍ପଣ କରାଯାଉଥିଲା । ଯୁବରାଜ ଭାବେ ସେ ନିଜର ଯୋଗ୍ୟତା ପ୍ରଦର୍ଶନ କରୁଥିଲେ । ରାଷ୍ଟ୍ର ଓ ରାଜାଙ୍କ ମଙ୍ଗଳାକାଂକ୍ଷୀ ସଚିବମାନଙ୍କ ପରାମର୍ଶ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ସଚିବମାନେ ରାଜାଙ୍କ ଅପେକ୍ଷା ରାଷ୍ଟ୍ରପ୍ରତି ଥିଲେ

Digitized by srujanika@gmail.com

ଅଧିକ ନିଷ୍ଠାବନ୍ତ । ଯୌଗନ୍ଧରାୟଣ, ଶ୍ରୁତଧି, ଗୁଣଶର୍ମା ପ୍ରଭୃତିଙ୍କ ପରି ମନ୍ତ୍ରୀମାନେ ଆମ ପ୍ରଶାସକମାନଙ୍କ ଆଦର୍ଶ ହେବା ଉଚିତ । ରାଜ୍ୟ ଯେଉଁଠି ହଠାତ୍ ଅରାଜକ ହୋଇପଡୁଥିଲା ସେତେବେଳେ ଜଣେ ସୁଯୋଗ୍ୟ ରାଜା ନିର୍ବାଚନର ଆବଶ୍ୟକତା ଦେଖାଦେଉଥିଲା । ଏ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଥିଲା ବଡ଼ ବିଚିତ୍ର । ରାଜ୍ୟର ହିତକାମୀ ବୁଦ୍ଧିଜୀବୀମାନେ ସାଧାରଣ ପ୍ରଜାଙ୍କ ମତାମତକୁ ବିଶ୍ୱାସ କରୁନଥିଲେ । ମନୁଷ୍ୟ ଅପେକ୍ଷା ଅଧିକ ଅବିଶ୍ୱାସୀ ଜୀବ ଆଉ କିଏ ହୋଇପାରେ ! ତେଣୁ ଏହି ଗୁରୁଦାୟିତ୍ୱ ହାତୀ ଉପରେ ଛାଡ଼ି ଦିଆଯାଉଥିଲା । ସେ ଯା'ର ମସ୍ତକରେ ସୁନାକଳଶ ଢାଳୁଥିଲା ସେ ହେଉଥିଲା ରାଷ୍ଟ୍ରନାୟକ । ତେଣୁ କୌଣସି ବ୍ୟକ୍ତିବିଶେଷ ବା ଗୋଷ୍ଠୀ ବା ଦଳପ୍ରତି ତାର ଆସକ୍ତି, ଅନୁରକ୍ତି କିମ୍ବା ଆନୁଗତ୍ୟ ରହୁନଥିଲା । 'କଥାସରିତ ସାଗର'ରେ ଏହାର ଉଦାହରଣ ଅପ୍ରଚୁର ନୁହେଁ । ତା' ସହିତ ଅନ୍ୟର ସହାୟତାରେ ରାଜପଦ ଲାଭ କରିଥିବା ରାଜାମାନଙ୍କ ଅସଦାଚରଣ, କାପୁରୁଷତା ଓ ପକ୍ଷପାତିତାର ଚିତ୍ର ମଧ୍ୟ ଏଥିରେ ଦେଖିବାକୁ ମିଳେ ।

କଥାସରିତ ସାଗରର ଗଳ୍ପ ମଧ୍ୟରେ ଆମେ ଯେଉଁ ପ୍ରଜାବତ୍ସଳ ଶାସକ, କର୍ମନିଷ୍ଠ ପ୍ରଶାସକ ଏବଂ ନିଷ୍ପକ୍ଷପାତୀ ନ୍ୟାୟମୂର୍ତ୍ତିମାନଙ୍କୁ ଦେଖୁ ସେମାନେ ରାଷ୍ଟ୍ରୀୟ ନୀତିଗୁଡ଼ିକ କେତେଦୂର ପ୍ରତିପାଳିତ ହେଉଛି ତାହା ପ୍ରତ୍ୟକ୍ଷ ଭାବେ ଅନୁସନ୍ଧାନ କରୁଥିଲେ । ଯେଉଁଠି ଶାସନକଳ ଅପରାଧୀକୁ ଧରିବାରେ ବ୍ୟର୍ଥ ହେଉଥିଲେ ସେଠାରେ ରାଜା ନିଜେ ଛଦ୍ମବେଶରେ ଯାଇ ସେମାନଙ୍କ ସନ୍ଧାନ ନେଉଥିଲେ । ନ୍ୟାୟମୂର୍ତ୍ତିମାନେ କେବଳ ସାକ୍ଷୀମାନଙ୍କ ବୟାନ ଉପରେ ନିର୍ଭର ନକରି ନିଜର ବୁଦ୍ଧିମତ୍ତା ଦ୍ୱାରା ପ୍ରକୃତ ଅପରାଧୀକୁ ଚିହ୍ନଟ କରିବାପାଇଁ ପ୍ରୟାସ କରୁଥିଲେ । ଫଳରେ ରାଷ୍ଟ୍ର ସୁଶାସିତ ଓ ସମୃଦ୍ଧିଶାଳୀ ହେଉଥିଲା; କିନ୍ତୁ ବର୍ତ୍ତମାନ କୌଣସି ଯୋଜନା ପାଇଁ ଅର୍ଥସଂସ୍ଥାନ କରିଦେଲେ ଶାସକ-ମାନଙ୍କ ଦାୟିତ୍ୱ ଶେଷ ହେଲା ବୋଲି ମନେକରାଯାଉଛି । ତା'ର ସାର୍ଥକ ବିନିଯୋଗ ଦିଗରେ ଶାସକମାନେ କର୍ମଚାରୀ-ନିର୍ଭରଶୀଳ । କୌଣସି ଶାସକ ବା ପ୍ରଶାସକ ଛଦ୍ମ ବେଶରେ ଯାଇ ରାଜକର୍ମଚାରୀମାନଙ୍କ କାର୍ଯ୍ୟପ୍ରଣାଳୀ ଅନୁଧ୍ୟାନ କରିବା କିମ୍ବା ଯେଉଁମାନଙ୍କପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି, ତା'ଦ୍ୱାରା ସେମାନେ କେତେଦୂର ଉପକୃତ ହୋଇଛନ୍ତି ତାହା ନିର୍ଣ୍ଣୟ କରିବା ସାମ୍ପ୍ରତିକ ସମୟରେ କେବଳ ସ୍ୱପ୍ନମାତ୍ର । ଅର୍ଥବଳ କିମ୍ବା ବାହୁବଳ (ନିଶ୍ଚିତଭାବେ ଅଧିକାଂଶ ସ୍ଥଳରେ ବୁଦ୍ଧିବଳ ନୁହେଁ) ଦ୍ୱାରା କେହି ଶାସକ ହୋଇପାରେ ନାହିଁ । ସେହିପରି ଦରମାହାର ବୃଦ୍ଧି କରିଦେଲେ

Digitized by srujanika@gmail.com

କର୍ମନିଷ୍ଠା ଓ ରାଷ୍ଟ୍ର ପ୍ରତି ବିଶ୍ୱସ୍ତତା ବଢ଼ିଯାଏ ନାହିଁ । ସମସ୍ତେ 'ବୀରବର' ନୁହନ୍ତି ଯେ ଦିନକୁ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ବିନିମୟରେ ପ୍ରଭୁଙ୍କ ପ୍ରାଣରକ୍ଷା କରିବ । ଏଣୁ ଆଜିର ପରିସ୍ଥିତିରେ ପାରିଶ୍ରମିକର ଅଭିବୃଦ୍ଧି ସହିତ କର୍ମନିଷ୍ଠାର ଅବନତି ଏତେ ସ୍ୱଷ୍ଟ । ଅନ୍ୟାନ୍ୟ କ୍ଷେତ୍ର ତୁଳନାରେ ଶିକ୍ଷା କ୍ଷେତ୍ରରେ ଏହାର କୁପ୍ରଭାବ ବିଶେଷ ଭାବେ ଲକ୍ଷଣୀୟ । ଅପର୍ଯ୍ୟାପ୍ତ ଆର୍ଥିକ ସହାୟତା ଭାରତବର୍ଷରେ ନିରକ୍ଷରଙ୍କ ସଂଖ୍ୟା କେବଳ ବୃଦ୍ଧି କରିଚାଲିଛି । ଗବେଷଣା ନାମରେ ଗୋ-ଗୋଷ୍ଠର ଅଭିବୃଦ୍ଧି ହେଉନାହିଁ କି !

ଏହିପରି ଭାରତବର୍ଷର ସାମ୍ପ୍ରତିକ ପ୍ରଶାସନିକ ଓ ସାଂସ୍କୃତିକ ଅବକ୍ଷୟ ଅନୁଧ୍ୟାନ କଲେ ଆମେ ଏକାଦଶ ଶତାବ୍ଦୀ କାଶ୍ମୀରର ପରିସ୍ଥିତି ମଧ୍ୟରେ ଯାଇ ପୁଣି ପହଞ୍ଚିଯାଇଛୁ ବୋଲି ମନେହୁଏ । ତେଣୁ ଏହି ପରିସ୍ଥିତିରୁ ତାକୁ ଉଦ୍ଧାର କରିବାପାଇଁ ଅନ୍ୟାନ୍ୟ ଦେଶର ଶାସନବ୍ୟବସ୍ଥା, ରୀତିନୀତିକୁ ଆପଣେଇ ନେବା ଅପେକ୍ଷା ନିଜ ଦେଶର ସାଂସ୍କୃତିକ ପରମ୍ପରା, ରାଜଧର୍ମ, ରାଜନୀତି, ଶାସିତ ମାନସିକତା ଇତ୍ୟାଦିର ପୁନରନୁଶୀଳନ ଆବଶ୍ୟକ । କାଶ୍ମୀରର ପୁନରଭ୍ୟୁଦୟ ପାଇଁ ସୋମଦେବ ବୃହତ୍‌କଥାର ନବୀକରଣ କରିଥିଲେ । ଆଜି ସେହି ଅମର ସୃଷ୍ଟି ଆମକୁ ହୁଏତ ଉଚିତମାର୍ଗ ନିର୍ବାଚନ କରିବାରେ ସହାୟକ ହୋଇପାରେ ।

ସୁଦର୍ଶନ ଆଚାର୍ଯ୍ୟ

Digitized by srujanika@gmail.com

ଇଦଂ ଗୁରୁଗିରୀନ୍ଦ୍ରଜାପ୍ରଣୟମନ୍ଦରାନ୍ଦୋଳନାତ୍
ପୁରା କିଲ କଥାମୃତଂ ହରମୁଖାମ୍ବୁଧେରୁଦ୍‌ଗତମ୍ ।
ପ୍ରସହ୍ୟ ରସୟନ୍ତି ଯେ ବିଗତବିଘ୍ନଲବ୍ଧର୍ଦ୍ଧୟୋ
ଧୁରଂ ଦଧତି ବୈବୁଧୀଂ ଭୁବି ଭବପ୍ରସାଦେନ ତେ ।

Digitized by srujanika@gmail.com

ନବମ ସରିତ

ଅଳଙ୍କାରବତୀ

Digitized by srujanika@gmail.com

ନିଶୁମ୍ଭଭରନମ୍ରୋର୍ବୀଖର୍ବିତାଃ ପର୍ବତା ଅପି
ଯଂ ନମନ୍ତୀବ ନୃତ୍ୟନ୍ତଂ ନମାମସ୍ତଂ ବିନାୟକମ୍ ।।

Digitized by srujanika@gmail.com

ପ୍ରଥମ ତରଙ୍ଗ

ବତ୍ସରାଜ ଉଦୟନଙ୍କ ପୁତ୍ର ନରବାହନଦତ୍ତ ବିଦ୍ୟାଧରରାଜାମାନଙ୍କର ଚରିତ ଶ୍ରବଣ କରି ଏବଂ ଚକ୍ରବର୍ତ୍ତୀ ପଦ ଲାଭ ପୂର୍ବରୁ ହିଁ ସେମାନଙ୍କଦ୍ୱାରା ସମ୍ମାନିତ ହୋଇ ପିତୃଗୃହରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥାଆନ୍ତି ।

ଏକଦା ନିଜର ବିଶାଳ ସେନାବାହିନୀ ଏବଂ ମନ୍ତ୍ରୀ ଗୋମୁଖଙ୍କ ସହ ମୃଗୟା କରିବା ନିମିତ୍ତ ସେ ନିବିଡ଼ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । କିଛି ସମୟ ମଧ୍ୟରେ ସୈନ୍ୟବାହିନୀରୁ ତାଙ୍କ ସଂପର୍କ ବିଚ୍ଛିନ୍ନ ହେଲା । ସେ ଗୋମୁଖଙ୍କ ସହ ଅରଣ୍ୟ ଭିତରକୁ ଚାଲିଗଲେ । ପଥମଧ୍ୟରେ ତାଙ୍କର ଦକ୍ଷିଣଚକ୍ଷୁ ସ୍ପନ୍ଦିତ ହେବାକୁ ଲାଗିଲା । ଫଳରେ, ଭବିଷ୍ୟତରେ କିଛି ଅପୂର୍ବ ବସ୍ତୁ ପାଇବାର ଆଶା ତାଙ୍କ ମନ ମଧ୍ୟରେ ସଞ୍ଚାରିତ ହେଲା । କିଛି ଦୂର ଯିବା ପରେ ସେମାନେ ଦିବ୍ୟ ବୀଣାସ୍ୱର ସଂଗତ ମଧୁର ସଙ୍ଗୀତ ଧ୍ୱନି ଶୁଣିବାକୁ ପାଇଲେ । ତା'ର ଅନୁସରଣରେ ଅଗ୍ରସର ହୋଇ ସେମାନେ ଏକ ଶିବାଳୟ ନିକଟରେ ଯାଇ ଉପସ୍ଥିତ ହେଲେ । ଅଶ୍ୱଟିକୁ ନିକଟସ୍ଥ ବୃକ୍ଷରେ ବାନ୍ଧିଦେଇ ନରବାହନଦତ୍ତ ତା' ମଧ୍ୟରେ ପ୍ରବେଶ କରି ଦେଖିଲେ ଯେ ବହୁ ସୁନ୍ଦରୀଙ୍କ ସହ କୌଣସି ଏକ ଦିବ୍ୟରମଣୀ ସେଠାରେ ବସି ବୀଣା ବାଦନ ପୂର୍ବକ ଭଗବାନଙ୍କ ସ୍ତୁତି ପାଠ କରୁଅଛି । ଚନ୍ଦ୍ର ଦର୍ଶନରେ ସାଗର ଉଦ୍‌ବେଳିତ ହୋଇଉଠିଲା ପରି ନରବାହନଦତ୍ତ ଲାବଣ୍ୟରାଶି ବିତରଣ କରୁଥିବା ଏହି କନ୍ୟାଟିର ଦର୍ଶନରେ ଚଞ୍ଚଳ ହୋଇ ଉଠିଲେ । ତାଙ୍କର ଭାବାନ୍ତର ଜାତ ହେଲା । ସରସ ଓ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ରାଜକୁମାରଙ୍କୁ ନିରୀକ୍ଷଣ କରିବା ଫଳରେ କନ୍ୟାଟି ମଧ୍ୟ ଅଙ୍ଗୁଳି ସଞ୍ଚାଳନ ବିସ୍ମୃତ ହେଲା ।

ରାଜକୁମାରଙ୍କ ମନୋଭାବ ଜାଣିପାରି ଗୋମୁଖ ସେହି ଦିବ୍ୟ କନ୍ୟାଟିର ପରିଚୟ ତା'ର ସଖୀମାନଙ୍କଠାରୁ ଜାଣିବାପାଇଁ ବିଚାର କରୁଥିବା ସମୟରେ ଦୀପ୍ତ ସୁବର୍ଣ୍ଣ ତୁଲ୍ୟ ରକ୍ତବର୍ଣ୍ଣ କାନ୍ତି ବିତରଣ କରୁଥିବା ଜଣେ ପ୍ରୌଢ଼ା ବିଦ୍ୟାଧରୀ ଆକାଶ ମାର୍ଗରେ ଆସି

Digitized by srujanika@gmail.com

ସେଠାରେ ଅବତରଣ କଲେ । ସେ ଯାଇ ଉକ୍ତ କନ୍ୟା ନିକଟରେ ଉପବେଶନ କରନ୍ତେ କନ୍ୟାଟି ଉଠି ତାଙ୍କର ଚରଣ ସ୍ପର୍ଶ ପୂର୍ବକ ପ୍ରଣିପାତ କଲା । ଏଥିରେ ସେ ପ୍ରୌଢ଼ା ବିଦ୍ୟାଧରୀ ଆଶୀର୍ବାଦ ପ୍ରଦାନ ପୂର୍ବକ କହିଲେ, 'ସମସ୍ତ ବିଦ୍ୟାଧର କୁଳର ଚକ୍ରବର୍ତ୍ତୀଙ୍କୁ ତୁମେ ନିର୍ବିଘ୍ନରେ ପତିରୂପରେ ଲାଭ କର ।' ଏହା ଶ୍ରବଣ କରି ନରବାହନଦତ୍ତ ତାଙ୍କ ନିକଟକୁ ଯାଇ ପ୍ରଣାମ କରନ୍ତେ ସେ ତାଙ୍କୁ ମଧ୍ୟ ଆଶୀର୍ବାଦ ପ୍ରଦାନ କଲେ । ସେହି ସୌମ୍ୟଦର୍ଶନା ବିଦ୍ୟାଧରୀଙ୍କୁ ଯୁବରାଜ ପ୍ରଶ୍ନ କଲେ, 'ମାତା, ଏ କନ୍ୟାଟି କିଏ ? ଏବଂ ସେ ଆପଣଙ୍କର କ'ଣ ହୁଅନ୍ତି ? ଦୟାକରି ପ୍ରକାଶ କଲେ କୃତାର୍ଥ ହେବି ।' ବିଦ୍ୟାଧରୀ ଉତ୍ତରରେ କହିଲେ, 'ବତ୍ସ, ଶୁଣ, ମୁଁ ତାର ସମଗ୍ର ବୃତ୍ତାନ୍ତ ତୁମ ନିକଟରେ ବ୍ୟକ୍ତ କରୁଛି'–

ଅଳଙ୍କାରବତୀ କଥା

ହିମାଳୟ ପର୍ବତ ଉପରେ ଶ୍ରୀସୁନ୍ଦରପୁର ନାମରେ ଏକ ସମୃଦ୍ଧିଶାଳୀ ନଗର ଅଛି । ସେଠାରେ ଅଳଙ୍କାରଶୀଳ ନାମକ ଜଣେ ବିଦ୍ୟାଧର ରାଜତ୍ୱ କରୁଥିଲେ । ଉଦାରଗୁଣସମ୍ପନ୍ନା କାଞ୍ଚନପ୍ରଭା ତାଙ୍କର ପ୍ରିୟତମା ପଟ୍ଟମହିଷୀ । ସମୟକ୍ରମେ ଉକ୍ତ ରାଜାଙ୍କ ଔରସରୁ ରାଣୀଙ୍କର ଏକ ପୁତ୍ରସନ୍ତାନ ଜାତ ହେଲା । ତା'ର ଜନ୍ମ ସମୟରେ ଭଗବତୀ ପାର୍ବତୀ ସ୍ୱପ୍ନରେ ରାଣୀଙ୍କୁ କହିଥିଲେ ଯେ ଏହି ପୁତ୍ରଟି ଅତ୍ୟନ୍ତ ଧର୍ମଶୀଳ ହେବ । ତଦନୁସାରେ ରାଜା ପୁତ୍ରର ନାମ ରଖିଥିଲେ ଧର୍ମଶୀଳ । ପୁତ୍ର ଯୌବନରେ ପଦାର୍ପଣ କରନ୍ତେ ରାଜା ତାକୁ ସମସ୍ତ ରାଜନୀତି ଶିକ୍ଷା ଦେଇ ଯୁବରାଜପଦରେ ଅଭିଷିକ୍ତ କଲେ । ଯୌବରାଜ୍ୟ ଲାଭ କରି ଏକାନ୍ତ ଧର୍ମପରାୟଣ ଏବଂ ଜିତେନ୍ଦ୍ରିୟ ଧର୍ମଶୀଳ ପିତାଙ୍କ ଅପେକ୍ଷା ଅଧିକ ଭାବରେ ପ୍ରଜାବୃନ୍ଦଙ୍କର ଆନନ୍ଦ ସମ୍ପାଦନ କରିପାରିଲେ ।

ଏହିପରି କିଛି ଦିନ ବିତିଗଲା । ଅଳଙ୍କାରଶୀଳଙ୍କର ମହାରାଣୀ କାଞ୍ଚନପ୍ରଭା ପୁଣି ଗର୍ଭଧାରଣ କଲେ । ଏହିଥର ସେ ଏକ କନ୍ୟା ପ୍ରସବ କଲେ । କନ୍ୟା ଭୂମିଷ୍ଠ ହେବା ସମୟରେ ଶୂନ୍ୟବାଣୀ ହେଲା ଯେ ଏ କନ୍ୟା ବିଦ୍ୟାଧର ଚକ୍ରବର୍ତ୍ତୀ ନରବାହନଦତ୍ତଙ୍କୁ ପତିରୂପେ ଲାଭ କରିବ । ପିତା ଏହାର ନାମକରଣ କଲେ ଅଳଙ୍କାରବତୀ । ଅଳଙ୍କାରବତୀ ଚନ୍ଦ୍ରକଳାତୁଲ୍ୟ କ୍ରମଶଃ ବୃଦ୍ଧି ଲାଭ କରି ଯୌବନାବସ୍ଥାରେ ପଦାର୍ପଣ କଲା ଏବଂ ବିଭିନ୍ନ ବିଦ୍ୟାରେ ଧୁରୀଣା ହୋଇଉଠିଲା । ମହାଦେବଙ୍କ ପ୍ରତି ତାର ପ୍ରଗାଢ଼ ଭକ୍ତି ଯୋଗୁଁ ସେ ବିଭିନ୍ନ ଶିବମନ୍ଦିରକୁ ଯାଇ ତାଙ୍କର ଆରାଧନା କରୁଥାଏ ।

Digitized by srujanika@gmail.com

ଯୁବରାଜ ଧର୍ମଶୀଳ ଦିନେ ପିତାଙ୍କ ନିକଟକୁ ଯାଇ କହିଲେ, 'ପିତାଶ୍ରୀ, ଏହି କ୍ଷଣଭଙ୍ଗୁର ସାଂସାରିକ ଭୋଗ ବିଳାସ ମୋତେ ଆଉ ଭଲ ଲାଗୁନାହିଁ । ସଂସାରର ସମସ୍ତ ବସ୍ତୁ ତ ବିନାଶଶୀଳ । ବ୍ୟାସଦେବଙ୍କ ଉକ୍ତି ଆପଣଙ୍କର ସ୍ମରଣ ଥିବ । ସେ କହିଥିଲେ ଯେ ସଂସାରରେ ଯେତେ ପଦାର୍ଥ ଅଛି, ସମସ୍ତର ଶେଷ ଗତି ହେଉଛି ବିନାଶ; ଉନ୍ନତିର ଶେଷ ପରିଣତି ପତନ; ସମସ୍ତ ସଂଯୋଗର ଶେଷ ସୀମା ବିଯୋଗ; ଜୀବନର ଅନ୍ତିମ ପରିଣତି ମରଣ । ତେଣୁ ନିଶ୍ଚିତ ରୂପେ ବିନାଶଶୀଳ ଏହି ସାଂସାରିକ ବସ୍ତୁ ସମୂହ ମନସ୍ୱୀ ବିଦ୍ୱାନ୍ ବ୍ୟକ୍ତିମାନଙ୍କର ଆନନ୍ଦ ସମ୍ପାଦନ କରିପାରେ ନାହିଁ । ପାର୍ଥିବ ଭୋଗ ବିଳାସ ଓ ଧନ ସମ୍ପତ୍ତି ପରଲୋକରେ ମନୁଷ୍ୟର ସହାୟତା କରିପାରନ୍ତି ନାହିଁ; କାରଣ ଏ ସମସ୍ତ ଏହି ଇହଲୋକରେ ହିଁ ବିନଷ୍ଟ ହୋଇଯାଆନ୍ତି । ଏହି କାରଣରୁ ମୁଁ ଅରଣ୍ୟକୁ ଯାଇ ତପସ୍ୟା ଆଚରଣ କରିବା ପାଇଁ ସଂକଳ୍ପ କରିଛି । ଏହାଦ୍ୱାରା ମୋର ମୁକ୍ତିର ପଥ ସୁଗମ ହେବ ।'

ରାଜା ଅଳଙ୍କାରଶୀଳ ପୁତ୍ର ଧର୍ମଶୀଳର ଏ ପ୍ରକାର ପ୍ରତିଜ୍ଞା ଶ୍ରବଣ କରି ବ୍ୟାକୁଳ ହୋଇଉଠିଲେ । ଅଶ୍ରୁପୂର୍ଣ୍ଣ ଲୋଚନରେ ସେ ପୁତ୍ରକୁ ବୁଝାଇଲେ, 'ବତ୍ସ, ଏହି ଯୌବନ ସମୟରେ ତୋର ଏପରି ଚିନ୍ତା ଉଚିତ ନୁହେ । ବିଦ୍ୱାନ୍ ବ୍ୟକ୍ତିମାନେ ଯୌବନ ଉପଭୋଗ କରିବା ପରେ ହିଁ ବାର୍ଦ୍ଧକ୍ୟରେ ବୈରାଗ୍ୟ ଆଚରଣ କରିଥାଆନ୍ତି । ଏହି ସମୟରେ ବିବାହ କରି ଧର୍ମ ମାର୍ଗରେ ରାଜ୍ୟ ପରିପାଳନ କରିବା ଆବଶ୍ୟକ । ସାଂସାରିକ ଭୋଗରାଶିକୁ ଉପଭୋଗ କରିବା ନିମିତ୍ତ ଏହାହିଁ ପ୍ରକୃଷ୍ଟ ସମୟ । ଯୌବନରେ ବୈରାଗ୍ୟ ଶୋଭନୀୟ ନୁହେ ।'

ପିତାଙ୍କଠାରୁ ଏହା ଶ୍ରବଣ କରି ଧର୍ମଶୀଳ ପୁଣି କହିଲେ, 'ଭୋଗ ଓ ବୈରାଗ୍ୟ ଶାରୀରିକ ଅବସ୍ଥା ଉପରେ ନିର୍ଭର କରେ ନାହିଁ । ଈଶ୍ୱରଙ୍କ କୃପାବିନ୍ଦୁ ଲାଭ କରି ଶିଶୁ ମଧ୍ୟ ସଂସାର ପ୍ରତି ବିରକ୍ତ ହୋଇଯାଇପାରେ । କିନ୍ତୁ କୌଣସି କୌଣସି କାପୁରୁଷ ବାର୍ଦ୍ଧକ୍ୟରେ ଉପସ୍ଥିତ ହୋଇ ମଧ୍ୟ ସାଂସାରିକ ଆସକ୍ତିକୁ ଦୂର କରିପାରନ୍ତି ନାହିଁ । ରାଜ୍ୟ ପ୍ରତି ମୋର ଅନୁରାଗ ନାହିଁ କି ବୈବାହିକ ବନ୍ଧନରେ ଆବଦ୍ଧ ହେବା ନିମନ୍ତେ ମଧ୍ୟ ମୁଁ ଇଚ୍ଛା କରୁନାହିଁ । ଭଗବାନ୍ ଶଙ୍କରଙ୍କ ଆରାଧନା ପୂର୍ବକ ତପସ୍ୟା ଆଚରଣ କରିବା ହିଁ ମୋର ଏକମାତ୍ର ଅଭିଳାଷ ।'

ସଂସାର ବନ୍ଧନରେ ଆବଦ୍ଧ ରହିବା ନିମିତ୍ତ ବିବିଧ ପ୍ରଯତ୍ନ ପ୍ରତି ଅନାସକ୍ତ ଧର୍ମଶୀଳଙ୍କ ଏ ପ୍ରକାର ମନୋଭାବ ଲକ୍ଷ୍ୟ କରି ପିତା ଅଳଙ୍କାରଶୀଳ ଅଶ୍ରୁ ବିମୋଚନ

Digitized by srujanika@gmail.com

ପୂର୍ବକ କହିଲେ, 'ବତ୍ସ, ଯୌବନରେ ଯଦି ତୋର ବୈରାଗ୍ୟ ଭାବ ଜାଗ୍ରତ ହୋଇପାରିଛି, ମୋ ପରି ବୃଦ୍ଧର କ'ଣ ତାହା ହୋଇପାରିବ ନାହିଁ ? ତେଣୁ ମୁଁ ମଧ ତୋ ସହିତ ଅରଣ୍ୟରେ ଯାଇ ତପସ୍ୟା କରିବି ।' ଏହା କହି ରାଜା ପୃଥିବୀ ପୃଷ୍ଠକୁ ଆସି ବ୍ରାହ୍ମଣମାନଙ୍କୁ ଦଶ ସହସ୍ର ଭାର ସୁବର୍ଣ୍ଣ ପ୍ରଦାନ କଲେ । ପରେ ନିଜର ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରି ରାଣୀ କାଞ୍ଚନପ୍ରଭାଙ୍କୁ କହିଲେ, 'ପ୍ରିୟେ, ତୁମେ ମୋର ଆଦେଶ ଅନୁଯାୟୀ ଏହି ନଗରରେ ହିଁ ରହିବ । ଏଠାରେ ରହି ତୁମକୁ ଏହି କନ୍ୟା ଅଳଙ୍କାରବତୀର ରକ୍ଷଣାବେକ୍ଷଣ ଭାର ଗ୍ରହଣ କରିବାକୁ ପଡ଼ିବ । ସମୟକ୍ରମେ ଅର୍ଥାତ୍ ଏକବର୍ଷ ପୂର୍ଣ୍ଣ ହେଲେ ମୁଁ ନିଜେ ଆସି ଏହାକୁ ବିଦ୍ୟାଧର ଚକ୍ରବର୍ତ୍ତୀ ନରବାହନଦତ୍ତଙ୍କ ହସ୍ତରେ ସମର୍ପଣ କରିବି । ଠିକ୍ ଯେଉଁଦିନ ବର୍ଷ ପୂର୍ଣ୍ଣ ହେବ ସେହି ଦିନଟିହିଁ ବିବାହ ପାଇଁ ଉତ୍କୃଷ୍ଟ; ସେହି ଦିନ ପୁଣି ଏହାର ବିବାହ ଲଗ୍ନ ଅଛି । ତେଣୁ ଉକ୍ତ ଦିନ ଏହାର ବିବାହ କ୍ରିୟା ସମ୍ପନ୍ନ ହେଲେ ନରବାହନଦତ୍ତ ଆମର ଏହି ନଗରର ପରିପାଳନା ଭାର ଗ୍ରହଣ କରିବେ ।' ଏହା କହି ରାଜା ଅଳଙ୍କାରଶୀଳ ରୋରୁଦ୍ୟମାନା ପତ୍ନୀ ଓ କନ୍ୟାକୁ ଆଶ୍ୱାସନା ପ୍ରଦାନ ପୂର୍ବକ ପୁତ୍ର ସହ ଅରଣ୍ୟାନୀ ଅଭିମୁଖରେ ଅଗ୍ରସର ହେଲେ ।

ସେହିଦିନଠାରୁ ରାଣୀ କାଞ୍ଚନପ୍ରଭା ନିଜର କନ୍ୟା ଅଳଙ୍କାରବତୀ ସହ ଉକ୍ତ ନଗରୀରେ ବାସ କରିବାକୁ ଲାଗିଲେ । କାରଣ କୌଣସି ପତିବ୍ରତା ରମଣୀ ନିଜ ପତିଙ୍କର ଆଦେଶକୁ ଉଲ୍ଲଂଘନ କରେ ନାହିଁ । ସେଠାରେ ବାସ କରୁଥିବା ସମୟରେ ରାଜା ଅଳଙ୍କାରଶୀଳଙ୍କର ଏହି କନ୍ୟା ଭକ୍ତିପୂର୍ଣ୍ଣ ଭାବରେ ତୀର୍ଥଯାତ୍ରା କରି ଏବଂ ମାତାଙ୍କ ସହ ବହୁ ଶୈବକ୍ଷେତ୍ର ପରିଭ୍ରମଣ ଓ ପରିଦର୍ଶନ କରି ସମୟ ଅତିବାହିତ କରୁଥାଏ । ଏକଦା ପ୍ରଜ୍ଞପ୍ତି ନାମକ ବିଦ୍ୟା ଆସି ଅଳଙ୍କାରବତୀକୁ କହିଲା ଯେ କାଶ୍ମୀର ରାଜ୍ୟରେ ବହୁ ଶୈବକ୍ଷେତ୍ର ଅଛି । ସେଠାକୁ ଯାଇ ତପସ୍ୟା ଓ ଉପାସନା କଲେ ବହୁ ପୁଣ୍ୟ ଲାଭ ହେବ ଏବଂ ସେ ନିର୍ବିଘ୍ନରେ ସମସ୍ତ ବିଦ୍ୟାଧର ପୀଠର ଚକ୍ରବର୍ତ୍ତୀ ନରବାହନଦତ୍ତଙ୍କୁ ପତି ରୂପେ ଲାଭ କରିପାରିବ ।

ପ୍ରଜ୍ଞପ୍ତିଠାରୁ ଏ ପ୍ରକାର ନିର୍ଦ୍ଦେଶ ଲାଭ ପରେ ଅଳଙ୍କାରବତୀ ମାତାଙ୍କ ସହ କାଶ୍ମୀର ରାଜ୍ୟରେ ଥିବା ବହୁ ପୁଣ୍ୟତୀର୍ଥରେ ମହାଦେବଙ୍କର ଉପାସନା କଲା । ନନ୍ଦୀକ୍ଷେତ୍ର, ମହାଦେବ ପର୍ବତ, ଅମର ପର୍ବତ, ସୁରେଶ୍ୱରୀ ପର୍ବତ, ବିଜୟ ପର୍ବତ, କପଟେଶ୍ୱର କ୍ଷେତ୍ର ପ୍ରଭୃତି ତୀର୍ଥରେ ଭଗବାନ୍ ଗୌରୀପତିଙ୍କର ଆରାଧନା କରି ମାତା ଓ କନ୍ୟା ସ୍ୱ ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରି ଆସିଲେ । 'ହେ ଯୁବକ, ଏହି କନ୍ୟା ହିଁ

Digitized by srujanika@gmail.com

ସେହି ଅଳଙ୍କାରବତୀ ଏବଂ ମୁଁ ତାର ମାତା କାଞ୍ଚନପ୍ରଭା । ଆଜି ଅଳଙ୍କାରବତୀ ମୋତେ ନ କହି ଏଠାକୁ ଚାଲିଆସିଥିଲା । ମୁଁ ପ୍ରଜ୍ଞପ୍ତି ବିଦ୍ୟାବଳରେ ତା'ଣ ଏଠାକୁ ଆସିଥିବା ଜାଣିପାରି, ଆସିଅଛି । ଏହି ବିଦ୍ୟାପ୍ରଭାବରେ ମୁଁ ଆହୁରି ଜାଣିପାରିଛି ଯେ ତୁମେ ଆଜି ଏଠାରେ ପଦାର୍ପଣ କରିଅଛ । ତେଣୁ ଦେବ ଅନୁଗ୍ରହରୁ ପ୍ରାପ୍ତ ଏହି କନ୍ୟାଟିକୁ ତୁମେ ଗ୍ରହଣ କର । ଏହାର ପିତା ନିର୍ଦ୍ଦିଷ୍ଟ କରିଥିବା ବିବାହ ଲଗ୍ନ କାଲି ପ୍ରାତଃକାଳରେ ଅଛି । ତେଣୁ ତୁମେ ବର୍ତ୍ତମାନ ନିଜର କୌଶାମ୍ବୀ ନଗରୀକୁ ପ୍ରତ୍ୟାବର୍ତ୍ତନ କରିଯାଅ । କାଲି ପ୍ରଭାତରୁ ମୁଁ ମୋର କନ୍ୟା ସହ ଯାଇ ସେଠାରେ ଉପସ୍ଥିତ ହେବି । ସେତେବେଳେ ଏହାର ପିତା ଅଳଙ୍କାରଶୀଳ ତପୋବନରୁ ଆସି ତୁମ ହସ୍ତରେ ଅଳଙ୍କାରବତୀକୁ ସମର୍ପଣ କରିବେ ।'

କାଞ୍ଚନପ୍ରଭାଙ୍କଠାରୁ ଏହା ଶ୍ରବଣ କରି ନରବାହନଦତ୍ତ ଏବଂ ଅଳଙ୍କାରବତୀଙ୍କ ଅବସ୍ଥା ଅବର୍ଣ୍ଣନୀୟ ହୋଇପଡ଼ିଲା । ସେମାନେ ଚକୋର-ଚକୋରୀ ତୁଲ୍ୟ ଏକ ରାତ୍ରିର ବିଚ୍ଛେଦ ଦୁଃଖ ସହ୍ୟ କରିବା ପାଇଁ ମଧ ପ୍ରସ୍ତୁତ ନଥିଲେ । ତେଣୁ ସନ୍ଧ୍ୟା ସମୟରେ ଉଭୟଙ୍କ ଚକ୍ଷୁ ଲୋତକପୂର୍ଣ୍ଣ ହୋଇଉଠିଲା । ଉଭୟଙ୍କର ଏ ପ୍ରକାର ଆତୁରତା ଲକ୍ଷ୍ୟ କରି କାଞ୍ଚନପ୍ରଭା କହିଲେ, 'ଗୋଟିଏ ରାତ୍ରିର ବିରହ ଦୁଃଖ ପାଇଁ ତୁମ୍ଭେମାନେ ଏପରି ଅଧୈର୍ଯ୍ୟ କାହିଁକି ହୋଇ ପଡୁଛ ? ଧୈର୍ଯ୍ୟଶୀଳବ୍ୟକ୍ତିମାନେ ଅନିଶ୍ଚିତ ସମୟ ପର୍ଯ୍ୟନ୍ତ ବିରହ ଦୁଃଖ ଅକାତରରେ ସହ୍ୟ କରିଥାଆନ୍ତି ।' ଏ ସମ୍ପର୍କରେ ରାମଭଦ୍ର ଓ ସୀତାଦେବୀଙ୍କ କଥା କହୁଛି, ଶୁଣ–

ରାମ ଓ ସୀତା କଥା

ପ୍ରାଚୀନ କାଳରେ ଅଯୋଧାର ରାଜା ,ଦଶରଥଙ୍କ ଚାରିପୁତ୍ର ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ମଧରୁ ରାମଥିଲେ ଜ୍ୟେଷ୍ଠ । ସେ ରାବଣକୁ ମାରିବା ପାଇଁ ଭଗବାନ୍ ବିଷ୍ଣୁଙ୍କ ଅଂଶରେ ଜନ୍ମଗ୍ରହଣ କରିଥିଲେ । ରାଜା ଜନକଙ୍କ କନ୍ୟା ସୀତା ତାଙ୍କର ପ୍ରାଣପ୍ରିୟା ପତ୍ନୀ । ଦୈବଯୋଗରେ ପିତା ଦଶରଥ ଦ୍ୱିତୀୟ ପୁତ୍ର ଭରତଙ୍କୁ ରାଜ୍ୟ ପ୍ରଦାନ କରି ରାମଙ୍କୁ ସୀତା ଓ ଲକ୍ଷ୍ମଣଙ୍କ ସହିତ ବନକୁ ପ୍ରେରଣ କଲେ । ବନରେ ରାବଣ ମାୟାବଳରେ ତାଙ୍କର ପ୍ରାଣାଧିକା ପତ୍ନୀ ସୀତାଙ୍କୁ ହରଣ କଲା ଏବଂ ପଥମଧରେ ଜଟାୟୁକୁ ପରାସ୍ତ ଓ ନିହତ କରି ତାଙ୍କୁ ନେଇ ଲଙ୍କା ନଗରୀକୁ ଚାଲିଗଲା ।

Digitized by srujanika@gmail.com

ବିରହୀ ରାମ ବାଳୀଙ୍କୁ ହତ୍ୟାକରି ଏବଂ ତାର ଭ୍ରାତା ସୁଗ୍ରୀବ ସହ ମିତ୍ରତା ସ୍ଥାପନ ପୂର୍ବକ ହନୁମାନଙ୍କ ସାହାଯ୍ୟରେ ସୀତାଙ୍କ ସନ୍ଦେଶ ଲାଭ କଲେ । ଏହାପରେ ରାମ ସମୁଦ୍ରତଟକୁ ଯାଇ ସେତୁ ବନ୍ଧ ନିର୍ମାଣ ପୂର୍ବକ ରାବଣକୁ ବଧ କଲେ ଏବଂ ବିଭୀଷଣଙ୍କୁ ଲଙ୍କାରାଜ୍ୟ ପ୍ରଦାନ କରି ସୀତାଙ୍କୁ ଲାଭ କଲେ । ଲଙ୍କାରୁ ପ୍ରତ୍ୟାବର୍ତ୍ତନ କରି ଏବଂ ଭରତଙ୍କଠାରୁ ରାଜ୍ୟ ଗ୍ରହଣ କରି ରାମ ରାଜ୍ୟପାଳନ କରୁଥିବା ସମୟରେ ସୀତାଙ୍କର ଗର୍ଭୋଦୟ ହେଲା ।

ଏହି ଅବସରରେ ଏକଦା ରାମ ରାଜ୍ୟର ପ୍ରଜାବୃନ୍ଦଙ୍କ ସମାଚାର ଜାଣିବା ପାଇଁ ଛଦ୍ମବେଶରେ ଭ୍ରମଣ କରୁଥିବା ସମୟରେ କୌଣସି ପୁରୁଷର ଆଚରଣ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ସେ ନିଜର ପତ୍ନୀକୁ ନିଜ ହାତରେ ଟାଣି ଗୃହରୁ ବାହାର କରି ଦେଉଥାଏ । ପତ୍ନୀର ଦୋଷ ଥିଲା ଯେ ସେ ଅନ୍ୟ ପୁରୁଷର ଗୃହରେ ଯାଇ ରାତ୍ରି ଯାପନ କରିଥିଲା । କିନ୍ତୁ ନିଜର ନିର୍ଦ୍ଦୋଷତା ସାବ୍ୟସ୍ତ କରିବାକୁ ଯାଇ ସ୍ତ୍ରୀ କହୁଥିଲା, 'ରାକ୍ଷସ ଗୃହରେ ବାସ କରିଥିବା ସୀତା ଦେବୀଙ୍କୁ ରାମଚନ୍ଦ୍ର ତ ପରିତ୍ୟାଗ କରି ନଥିଲେ । ତୁମେ କ'ଣ ତାଙ୍କଠାରୁ ଆହୁରି ଶ୍ରେଷ୍ଠ ? ମୁଁ ତ ତୁମର ବନ୍ଧୁ ଗୃହରେ ବାସ କରୁଥିଲି, ମୋତେ ତୁମେ ପରିତ୍ୟାଗ କରିବାରେ କୌଣସି ଯଥାର୍ଥତା ନାହିଁ ।' ଏହା ଶ୍ରବଣ କରି ରାଜା ରାମଙ୍କ ମନରେ ଗଭୀର ଲଜ୍ଜା ଓ ଦୁଃଖ ଜାତ ହେଲା । ସେ ଲୋକାପବାଦ ଭୟରେ ସୀତାଙ୍କୁ ନେଇ ବନରେ ଛାଡ଼ିଦେଲେ । ପ୍ରକୃତରେ ଯଶସ୍ୱୀ ବ୍ୟକ୍ତିମାନେ ବିରହ କ୍ଳେଶ ସହ୍ୟ କରିପାରନ୍ତି କିନ୍ତୁ ଲୋକାପବାଦ ନୁହେ ।

ସହତେ ବିରହ କ୍ଳେଶଂ ଯଶସ୍ୱୀ ନାୟଶଂ ପୁନଃ ।

ଗର୍ଭାଳସା ସୀତା ବହୁକଷ୍ଟ ସ୍ୱୀକାର କରି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଯାଇ ଉପସ୍ଥିତ ହେଲେ । ବାଲ୍ମୀକି ମଧ୍ୟ ଉଦାରତାବଶତଃ ତାଙ୍କୁ ସେଠାରେ ଆଶ୍ରୟ ପ୍ରଦାନ କଲେ । କିନ୍ତୁ ସେଠାରେ ସୀତାଙ୍କୁ ଦେଖି ଆଶ୍ରମସ୍ଥ ଅନ୍ୟାନ୍ୟ ଋଷିମାନେ ବିଚାର କଲେ, 'ସୀତା ନିଶ୍ଚିତ ଭାବରେ ଦୋଷଦୁଷ୍ଟା । ନୋଚେତ୍ ପତି କାହିଁକି ତାଙ୍କୁ ପରିତ୍ୟାଗ କରନ୍ତେ । ପ୍ରତ୍ୟହ ଏହାଙ୍କୁ ଦର୍ଶନ କଲେ ଆମର ପାପରାଶି ବୃଦ୍ଧିପ୍ରାପ୍ତ ହେବ । ବାଲ୍ମୀକି ତ ଦୟାପରବଶ ହୋଇ ତାଙ୍କୁ ଆଶ୍ରମରୁ ବହିଷ୍କାର ନକରି ତାଙ୍କ ଦର୍ଶନଜନିତ ପାପରାଶିକୁ ତପସ୍ୟାଦ୍ୱାରା କ୍ଷାଳନ କରିବା ପାଇଁ ଚେଷ୍ଟା କରୁଛନ୍ତି । ତେଣୁ ଚାଲ ଆମେ ଅନ୍ୟ କୌଣସି ମହର୍ଷିଙ୍କ ଆଶ୍ରମରେ ଯାଇ ଆଶ୍ରୟ ଗ୍ରହଣ କରିବା ।'

Digitized by srujanika@gmail.com

ବାଲ୍ମୀକି, ଆଶ୍ରମବାସୀମାନଙ୍କର ଏ ପ୍ରକାର ମନୋଭାବର ସୂଚନା ଲାଭ କରି, ସେମାନଙ୍କୁ କହିଲେ, 'ସୀତାଙ୍କ ଚରିତ୍ର ଯେ ନିଷ୍କଳଙ୍କ ଏଥିରେ ସନ୍ଦେହ କରିବାର କିଛି ନାହିଁ । ମୁଁ ତାଙ୍କର ପବିତ୍ରତା ଯୋଗବଳରେ ଜାଣିପାରିଅଛି । ତେଣୁ ତୁମ୍ଭେମାନେ ମନରେ ଅବିଶ୍ୱାସ ଭାବ ପୋଷଣ କରିବା ଉଚିତ ନୁହେ ।' ତଥାପି ସେମାନେ ଅବିଶ୍ୱାସ କରନ୍ତେ ନିଜେ ସୀତା ସେମାନଙ୍କୁ କହିଲେ, 'ଆପଣମାନେ ଯେ ଭାବରେ ମୋର ପରୀକ୍ଷା ଚାହାନ୍ତି, ସେ ପ୍ରକାର କରିପାରନ୍ତି । ପରୀକ୍ଷାରେ ଯଦି ମୁଁ ବିଶୁଦ୍ଧା ନୁହେ ବୋଲି ପ୍ରମାଣିତ ହେବି, ତା'ହେଲେ ଶିରଚ୍ଛେଦ କରି ଆପଣମାନେ ମୋର ଦଣ୍ଡ ବିଧାନ କରିପାରନ୍ତି ।'

ସୀତାଙ୍କ ମୁଖରୁ ଏହା ଶ୍ରବଣ କରି ଦୟାଶୀଳ ତପସ୍ୱୀମାନେ କହିଲେ, 'ଏହି ନିବିଡ଼ ଅରଣ୍ୟାନୀ ମଧ୍ୟରେ ଟିଟିଭ ସରୋବର ନାମରେ ଏକ ତୀର୍ଥ ଅଛି । ପ୍ରାଚୀନ କାଳରେ କୌଣସି ଟିଟିଭୀକୁ ଅନ୍ୟ ଟିଟିଭ ସଙ୍ଗରେ କ୍ରୀଡ଼ା କରିବା ରୂପ ମିଥ୍ୟା ଦୋଷରେ ଦୁଷ୍ଟ କରି ତା'ର ପତି ତାକୁ ପରିତ୍ୟାଗ କଲା । ଏଥିରେ ଦୁଃଖିତା, ଶରଣହୀନା ଏବଂ ଅନାଥା ଟିଟିଭୀ ପୃଥିବୀ ଓ ଲୋକପାଳମାନଙ୍କୁ ସାକ୍ଷ୍ୟ ରଖି କ୍ରନ୍ଦନ କରିବାକୁ ଲାଗିଲା । ସେତେବେଳେ ସେମାନେ ତାର ବିଶୁଦ୍ଧି ପରୀକ୍ଷା ପାଇଁ ଏହି ସରୋବର ନିର୍ମାଣ କରିଥିଲେ । ଏହି ସରୋବରରେ ରାମପତ୍ନୀ ସୀତା ତାଙ୍କ ନିଷ୍କଳଙ୍କତାର ପ୍ରମାଣ ପ୍ରଦାନ କରନ୍ତୁ ।' ଏହା କହି ସେମାନେ ସୀତାଙ୍କ ସହ ଯାଇ ଉକ୍ତ ସରୋବର ନିକଟରେ ଉପସ୍ଥିତ ହେଲେ । 'ଯଦି ଆର୍ଯ୍ୟପୁତ୍ର ରାମଙ୍କ ବିନା କୌଣସି ପରପୁରୁଷ ସ୍ୱପ୍ନରେ ସୁଦ୍ଧା ମୋର ମାନସ ପଟରେ ସ୍ଥାନ ପାଇ ନ ଥାଆନ୍ତି, ତାହାହେଲେ, ହେ ମାତ ବସୁନ୍ଧରେ ! ମୁଁ ଏହି ସରୋବରକୁ ନିର୍ବିଘ୍ନରେ ପାର କରିଯିବି'—ଏହା କହି ସୀତା ସରୋବର ମଧ୍ୟରେ ପ୍ରବେଶ କରନ୍ତେ ପୃଥିବୀ ତାଙ୍କୁ କୋଳରେ ଧାରଣ କରି ପରପାରକୁ ନେଇଗଲେ ।

ଏହି ଘଟଣା ସଂଦର୍ଶନ କରି ସମସ୍ତ ମୁନିକୁମାରଙ୍କ ମନରେ ସୀତାଙ୍କ ମହାନ୍ ଚାରିତ୍ରିକ ବୈଶିଷ୍ଟ୍ୟ ସମ୍ପର୍କରେ ଅବିଶ୍ୱାସ ଦୂର ହେଲା ଏବଂ ସେମାନେ ଏହି ମହାପତିବ୍ରତାଙ୍କୁ ପ୍ରଣାମ କଲେ । ରାମଙ୍କ ଏ ପ୍ରକାର ଅନ୍ୟାୟ ଆଚରଣରେ କୋପାନ୍ୱିତ ହୋଇ ସେମାନେ ତାଙ୍କୁ ଶାପ ଦେବା ସକାଶେ ଉଦ୍ୟତ ହୁଅନ୍ତେ ସତୀସାଧ୍ୱୀ ସୀତା ସେମାନଙ୍କୁ ପ୍ରାର୍ଥନା କରି କହିଲେ, 'ମୁଁ ଆପଣମାନଙ୍କୁ ବିନମ୍ର ଭାବରେ ନିବେଦନ କରୁଅଛି ଯେ ଆପଣମାନେ ମୋର ପତି ରାମଚନ୍ଦ୍ରଙ୍କର କୌଣସି ଅନିଷ୍ଟ କରିବା ପାଇଁ ଚିନ୍ତା ସୁଦ୍ଧା କରନ୍ତୁ ନାହିଁ । ଆପଣମାନେ ଯଦି ଚାହାନ୍ତି ମୋତେ ଅଭିଶାପ ଦେଇପାରନ୍ତି ।' ସୀତା ଏହା କହି ଯେତେବେଳେ ସେମାନଙ୍କୁ ଶାପ ପ୍ରଦାନରୁ ନିରସ୍ତ କଲେ ସେତେବେଳେ

Digitized by srujanika@gmail.com

ସେମାନେ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ସେ ପୁତ୍ରବତୀ ହୁଅନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କଲେ ।

ସୀତା ସେହି ଆଶ୍ରମରେ କାଳାତିପାତ କରି ସମୟ କ୍ରମେ ଏକ ପୁତ୍ର ସନ୍ତାନ ପ୍ରସବ କଲେ । ମହର୍ଷି ବାଲ୍ମୀକି ଏହି ନବଜାତ ସନ୍ତାନଟିର ନାମ ରଖିଲେ ଲବ । ଏକଦା ସୀତା ଲବଙ୍କୁ ସାଙ୍ଗରେ ନେଇ ସ୍ନାନ କରିବା ନିମନ୍ତେ ନଦୀକୁ ଚାଲିଯାଇ ଥାଆନ୍ତି । ଏ ସମୟରେ ମହର୍ଷି ବାଲ୍ମୀକି ତାଙ୍କ ପର୍ଣ୍ଣକୁଟୀରରେ ପ୍ରବେଶ କରି ତାହା ଶୂନ୍ୟ ଥିବା ଦେଖିଲେ । ତାହା ଦେଖି ସେ ଚିନ୍ତା କଲେ ଯେ ସୀତା ତ ସର୍ବଦା ପୁତ୍ରଟିକୁ କୁଟୀରରେ ରଖି ବାହାରକୁ ଯାଇଥାଆନ୍ତି; ଆଜି ବୋଧହୁଏ କୌଣସି ହିଂସ୍ରଜନ୍ତୁ ବାଳକଟିକୁ ଗ୍ରାସ କରିଦେଇଛି । ତେଣୁ ଅନ୍ୟ ଏକ ବାଳକ ତାଙ୍କୁ ପ୍ରଦାନ କରିବା ଏକାନ୍ତ ଆବଶ୍ୟକ । ନୋଚେତ୍ ସ୍ନାନରୁ ଫେରି ସେ ଯେତେବେଳେ କୁଟୀରକୁ ଶୂନ୍ୟ ଦେଖିବେ, ସେତେବେଳେ ଅବଶ୍ୟ ଜୀବନ ବିସର୍ଜ୍ଜନ କରିବେ । ଏହିପରି ଚିନ୍ତାକରି ସେ କୁଶ ସାହାଯ୍ୟରେ 'ପବିତ୍ର'ଟିଏ ତିଆରି କରି ତାକୁ ଏକ ବାଳକରେ ପରିଣତ କଲେ । ବାଳକଟି ଠିକ୍ ଲବ ପରି ଦେଖାଗଲା । ତାକୁ ଲବ ସ୍ଥାନରେ ରଖି ସେ କୁଟୀରରୁ ପ୍ରତ୍ୟାବର୍ତ୍ତନ କରିଯିବା ବେଳେ ସୀତା ଲବ ସହ ଆସି ସେଠାରେ ଉପସ୍ଥିତ ହେଲେ । ଅନ୍ୟ ଏକ ବାଳକଙ୍କୁ କୁଟୀର ମଧ୍ୟରେ ଦେଖି ସେ ମହର୍ଷିଙ୍କୁ ଏହାର ରହସ୍ୟ ଜିଜ୍ଞାସା କରନ୍ତେ ମୁନି ତାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କରି କହିଲେ, 'ହେ ପବିତ୍ର ସୀତେ ! ଏହା ଭାଗ୍ୟର କଥା । ବର୍ତ୍ତମାନ ଏହି ଦ୍ୱିତୀୟ ବାଳକଟିକୁ ମଧ୍ୟ ଗ୍ରହଣ କର, ମୁଁ ଏହାକୁ ମୋର ମନ୍ତ୍ର ବଳରେ କୁଶ ସାହାଯ୍ୟରେ ସୃଷ୍ଟି କରିଥିବାରୁ ଏହାର ନାମ କୁଶ ରହିବ ।'

ମୁନିଙ୍କଠାରୁ ଏହା ଶ୍ରବଣ କରି ସୀତା ଉଭୟ ବାଳକଙ୍କୁ ଲାଳନପାଳନ କରିବାକୁ ଲାଗିଲେ । ଉଭୟ କ୍ଷତ୍ରିୟ କୁମାର ଶୈଶବରୁ ହିଁ ମହର୍ଷି ବାଲ୍ମୀକିଙ୍କ କୃପାରୁ ସମସ୍ତ ଦିବ୍ୟ ଶସ୍ତ୍ରାସ୍ତ୍ର ବିଦ୍ୟା ଉତ୍ତମ ରୂପେ ଆୟତ୍ତ କଲେ । ଏକଦା ଏହି ଉଭୟ ବାଳକ ଆଶ୍ରମର ଗୋଟିଏ ମୃଗକୁ ହତ୍ୟାକରି ତାର ମାଂସ ଭକ୍ଷଣ କଲେ ଏବଂ ବାଲ୍ମୀକିଙ୍କ ଦ୍ୱାରା ପୂଜିତ ଶିବଲିଙ୍ଗଟିକୁ ଖେଳଣା ରୂପେ ବ୍ୟବହାର କରି କ୍ରୀଡ଼ା କରିବାକୁ ଲାଗିଲେ । ସେମାନଙ୍କର ଏ ପ୍ରକାର ବ୍ୟବହାରରେ ମହର୍ଷି ଦୁଃଖ ପ୍ରକାଶ କରନ୍ତେ, ସୀତା କ୍ଷମା ପ୍ରାର୍ଥନା କଲେ । ଫଳରେ ମହର୍ଷି ଉଭୟଙ୍କୁ ପ୍ରାୟଶ୍ଚିତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଲବ କୁବେର ସରୋବରକୁ ଯାଇ କିଛି ପଦ୍ମପୁଷ୍ପ ଏବଂ କୁବେରଙ୍କ ଉଦ୍ୟାନରୁ କିଛି ମନ୍ଦାର ପୁଷ୍ପ ନେଇ ଆସିବ । ଏହାଦ୍ୱାରା ଉଭୟ ଭ୍ରାତା ଯଦି ଏହି ଶିବଲିଙ୍ଗଟିକୁ ଉପାସନା କରନ୍ତି ତାହା ହେଲେ ଏମାନଙ୍କର ପ୍ରାୟଶ୍ଚିତ୍ତ ହେବ ଏବଂ ପାପ ଶାନ୍ତି ହେବ ।

Digitized by srujanika@gmail.com

ମୁନିଙ୍କ ମୁଖରୁ ଏହା ଶୁଣିବାମାତ୍ରେ ଲବ କୁବେରଙ୍କ ଉଦ୍ୟାନ ଓ ସରୋବରକୁ ଯାଇ ଏବଂ ସେଠାରେ ଥିବା ରକ୍ଷକମାନଙ୍କୁ ଯୁଦ୍ଧରେ ପରାସ୍ତ କରି ମନ୍ଦାର ଓ କମଳ ନେଇ ଶୀଘ୍ର ପ୍ରତ୍ୟାବର୍ତ୍ତନ କଲା । ମାର୍ଗରେ ଅଧିକ ଶ୍ରାନ୍ତ ହୋଇପଡ଼ିବାରୁ ସେ ଗୋଟିଏ ବିଶାଳ ବୃକ୍ଷର ଛାୟାରେ ଶ୍ରାନ୍ତି ଅପନୋଦନ କରିବା ନିମିତ୍ତ ବିଶ୍ରାମ ନେଲା ।

ଏହି ଅବସରରେ ରାମଙ୍କ ଅଶ୍ୱମେଧ ଯଜ୍ଞ ନିମିତ୍ତ ଗୋଟିଏ ଉତ୍ତମ ଲକ୍ଷଣଯୁକ୍ତ ବ୍ୟକ୍ତିର ଅନୁସନ୍ଧାନରେ ଆସି ଲକ୍ଷ୍ମଣ ସେଠାରେ ଉପସ୍ଥିତ ହେଲେ । ଲବ ତାଙ୍କ ସହ ଯୁଦ୍ଧରେ ପ୍ରବୃତ୍ତ ହେବା ପାଇଁ ଉଦ୍ୟତ ହେବାରୁ ସେ ସମ୍ମୋହନାସ୍ତ୍ର ପ୍ରୟୋଗ ଦ୍ୱାରା ମୋହିତ କରି କ୍ଷାତ୍ର ଧର୍ମ ଅନୁଯାୟୀ ତାକୁ ବନ୍ଧନ ପୂର୍ବକ ଅଯୋଧ୍ୟା ନଗରୀକୁ ନେଇ ଚାଲିଗଲେ । ଏଣେ ଲବଙ୍କ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ଦେଖି ସୀତା ବିବ୍ରତ ହେବାରୁ ସର୍ବଜ୍ଞ ବାଲ୍ମୀକି ତାଙ୍କୁ ଆଶ୍ୱାସନା ପ୍ରଦାନ ପୂର୍ବକ ଆଶ୍ରମସ୍ଥ କୁଶଙ୍କୁ କହିଲେ, 'ବତ୍ସ, ଲବକୁ ବନ୍ଧନ କରି ଲକ୍ଷ୍ମଣ ଅଯୋଧ୍ୟା ନଗରୀକୁ ନେଇଯାଇ ଅଛନ୍ତି । ତୁ ବର୍ତ୍ତମାନ ସେଠାକୁ ଯାଇ ଏହି ଦିବ୍ୟାସ୍ତ୍ରମାନଙ୍କଦ୍ୱାରା ଲକ୍ଷ୍ମଣଙ୍କୁ ପରାସ୍ତ କରି ଭାଇକୁ ମୁକ୍ତକର ।'

ମୁନିଙ୍କଠାରୁ ଆଦେଶ ଲାଭ କରି କୁଶ ଦିବ୍ୟ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଅଯୋଧ୍ୟା ଅଭିମୁଖରେ ଯାତ୍ରା କଲା । ସେଠାରେ ଉପସ୍ଥିତ ହୋଇ ସେ ଅନ୍ୟମାନଙ୍କ ସହ ଯୁଦ୍ଧ କରି ସମଗ୍ର ଯଜ୍ଞଭୂମିକୁ ଅବରୋଧ କରିଦେଲା । ଏହା ଦେଖି ପ୍ରଥମେ ଲକ୍ଷ୍ମଣ ତାର ପ୍ରତିରୋଧ କଲେ, କିନ୍ତୁ କୁଶ ଦିବ୍ୟ ଶର ପ୍ରୟୋଗ କରି ତାଙ୍କୁ ପରାସ୍ତ କଲା । ଲକ୍ଷ୍ମଣ ପରାସ୍ତ ହୁଅନ୍ତେ ରାମ ଧନୁର୍ବାଣ ନେଇ ତାକୁ ଆକ୍ରମଣ କଲେ । କିନ୍ତୁ ବାଲ୍ମୀକିଙ୍କ ପ୍ରଭାବରୁ ସେ କୁଶକୁ ପରାଜିତ କରିବା ପାଇଁ ସମର୍ଥ ହୋଇପାରିଲେ ନାହିଁ । ବାଳକର ବୀରତ୍ୱରେ ବିମୁଗ୍ଧ ରାମ ତାର ପରିଚୟ ଜିଜ୍ଞାସା କରନ୍ତେ ସେ କହିଲା, 'ମୋର ଜ୍ୟେଷ୍ଠ ଭ୍ରାତା ଲବକୁ ଲକ୍ଷ୍ମଣ ବାନ୍ଧି ନେଇଆସି ଅଛନ୍ତି । ପ୍ରଥମେ ତାଙ୍କୁ ଏଠାରେ ଆଣି ଉପସ୍ଥିତ କରାଅ । ମୁଁ ତାଙ୍କୁ ମୁକ୍ତ କରିବା ପାଇଁ ଏଠାକୁ ଆସିଅଛି । ମାତା ଜାନକୀ କହନ୍ତି ଯେ ଆମେ ଲବ କୁଶ ଦୁହେଁ ରାମଙ୍କ ପୁତ୍ର ।' ଏହାପରେ ସେ ନିଜର ବୃତ୍ତାନ୍ତ ବ୍ୟକ୍ତ କରନ୍ତେ ରାମ ଅଶ୍ରୁପୂର୍ଣ୍ଣ ଲୋଚନରେ ଲବକୁ ମୁକ୍ତିଦାନ ପୂର୍ବକ ଉଭୟଙ୍କୁ କୋଳାଗ୍ରତ କରି କହିଲେ, 'ତୁମେ ଦୁହେଁ ଯାହାର ପୁତ୍ର, ମୁଁ ହିଁ ସେହି ପାପିଷ୍ଠ ରାମ ।'

ଏହାପରେ ନଗରବାସୀମାନେ ସୀତାଙ୍କର ପ୍ରଶଂସା ଗାନ ପୂର୍ବକ ଉଭୟ ପୁତ୍ରଙ୍କୁ ସ୍ୱୀକାର କଲେ । ରାମ ମଧ୍ୟ ବାଲ୍ମୀକିଙ୍କ ଆଶ୍ରମରୁ ସୀତାଙ୍କୁ ଆନୟନ କରି ଏବଂ ପୁତ୍ରମାନଙ୍କ ଉପରେ ରାଜ୍ୟଭାର ନ୍ୟସ୍ତ କରି ସୁଖମୟ ଜୀବନଯାପନ କରିବାକୁ ଲାଗିଲେ ।

Digitized by srujanika@gmail.com

ଏହିପରି ଧୈର୍ଯ୍ୟଶୀଳ ମହାପୁରୁଷମାନେ ଏ ପ୍ରକାର ଦାରୁଣ ବିରହ ବେଦନା ସହ୍ୟ କରିଥାଆନ୍ତି । କିନ୍ତୁ ବତ୍ସ ! ତୁମେ ଦୁହେଁ ଗୋଟିଏ ରାତ୍ରିର ବିରହ ଦୁଃଖ ମଧ୍ୟ ସହ୍ୟ କରିବା ପାଇଁ ସମର୍ଥ ହୋଇପାରୁନାହଁ !'

ବିବାହ ନିମିତ୍ତ ଅତ୍ୟନ୍ତ ଉତ୍କଣ୍ଠିତ ଅଳଙ୍କାରବତୀ ଓ ନରବାହନଦତ୍ତଙ୍କୁ କାଞ୍ଚନପ୍ରଭା ଏପରି ଆଶ୍ୱାସନା ପ୍ରଦାନ ପୂର୍ବକ କନ୍ୟାସହ ପ୍ରସ୍ଥାନ କଲେ । ସେମାନେ ଚାଲିଯିବା ପରେ ବିଷଣ୍ଣମନା ନରବାହନଦତ୍ତ ମଧ୍ୟ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କରି ଆସିଲେ । ଉକ୍ତ ରଜନୀରେ ବିନିଦ୍ର ନରବାହନଦତ୍ତଙ୍କର ମନୋରଞ୍ଜନ କରିବା ନିମିତ୍ତ ଗୋମୁଖ କହିଲେ, 'ଯୁବରାଜ, ମୁଁ ଆପଣଙ୍କୁ ପୃଥ୍ୱୀରୂପ ରାଜାଙ୍କ କଥା ଶୁଣାଉଛି, ଶ୍ରବଣ କରନ୍ତୁ–

ରାଜା ପୃଥ୍ୱୀରୂପ ଓ ରାଣୀ ରୂପଲତା କଥା

ଦକ୍ଷିଣ ଦିଗରେ ପ୍ରତିଷ୍ଠାନ ବୋଲି ଗୋଟିଏ ନଗର ଅଛି । ସେଠାରେ ପୃଥ୍ୱୀରୂପ ନାମରେ ଜଣେ ରୂପବାନ୍ ରାଜା ରାଜତ୍ୱ କରନ୍ତି । ଏକଦା ଦୁଇଜଣ ସର୍ବଜ୍ଞ ଶ୍ରମଣ ଆସି ତାଙ୍କ ରାଜସଭାରେ ଉପସ୍ଥିତ ହେଲେ । ସେମାନେ ରାଜାଙ୍କର ଅଦ୍ଭୁତ ସୌନ୍ଦର୍ଯ୍ୟ ସଂଦର୍ଶନ କରି ତାଙ୍କୁ କହିଲେ, 'ମହାରାଜ, ଆମ୍ଭମାନେ ସମଗ୍ର ଭୂମଣ୍ଡଳ ପରିକ୍ରମା କରି ଆସିଲୁ । କିନ୍ତୁ ଆପଣଙ୍କ ସମକକ୍ଷ କୌଣସି ପୁରୁଷ ବା ସ୍ତ୍ରୀ ଏଯାବତ୍ ଆମର ଦୃଷ୍ଟିଗୋଚର ହୋଇ ନାହିଁ । ଅବଶ୍ୟ ମୁକ୍ତିପୁର ଦ୍ୱୀପରେ ରାଜତ୍ୱ କରୁଥିବା ରାଜା ରୂପଧରଙ୍କ ଔରସରେ ତାଙ୍କ ପତ୍ନୀ ହେମଲତାଙ୍କ ଗର୍ଭରୁ ଗୋଟିଏ ଅପରୂପ ଲାବଣ୍ୟବତୀ କନ୍ୟା ଜାତ ହୋଇଅଛି । ରାଜା ତାର ନାମ ରଖିଛନ୍ତି ରୂପଲତା । ସେ କେବଳ ଆପଣଙ୍କର ଯୋଗ୍ୟତମା ପ୍ରଣୟିନୀ ଏବଂ ଆପଣ ମଧ୍ୟ ତାର ଏକାନ୍ତ ଯୋଗ୍ୟ ପତି । ଉଭୟଙ୍କର ବିବାହ ଅତି ଉତ୍ତମ ହେବ ବୋଲି ଆମର ବିଶ୍ୱାସ ।'

ଶ୍ରମଣଙ୍କ ଠାରୁ ଏହା ଶ୍ରବଣ କରନ୍ତେ କାମଦେବଙ୍କ ପଞ୍ଚଶର ରାଜାଙ୍କର କର୍ଣ୍ଣ ମାଧ୍ୟମରେ ଯାଇ ହୃଦୟରେ ବିଦ୍ଧ ହେଲା । ଫଳରେ ଉତ୍କଣ୍ଠିତ ରାଜା ପୃଥ୍ୱୀରୂପ ନିଜର କୁଶଳ ଚିତ୍ରକର କୁମାରୀଦତ୍ତଙ୍କୁ ଆଜ୍ଞାଦେଲେ ଯେ ସେ ତାଙ୍କର ଏକ ଚିତ୍ରପଟ ନିର୍ମାଣ କରନ୍ତୁ ଏବଂ ତାକୁ ଧରି ଶ୍ରମଣମାନଙ୍କ ସହିତ ମୁକ୍ତିପୁର ଦ୍ୱୀପକୁ ଯାଆନ୍ତୁ । ସେଠାରେ କୌଶଳ କ୍ରମେ ରୂପଧରଙ୍କ କନ୍ୟା ରୂପଲତାଙ୍କୁ ତାଙ୍କ ଚିତ୍ରପଟ ପ୍ରଦର୍ଶନ କରାନ୍ତୁ । ପୁଣି ତାକୁ ଦେଖି ରୂପଧର ନିଜ କନ୍ୟା ପ୍ରଦାନ କରିବା ନିମିତ୍ତ ସମ୍ମତ କି ନୁହନ୍ତି ତାହା ନିର୍ଣ୍ଣୟ କରି ରୂପଲତାଙ୍କ ଏକ ଚିତ୍ରପଟ ଅଙ୍କନ କରନ୍ତୁ । ଚିତ୍ରକରଙ୍କୁ ଏପରି ନିର୍ଦ୍ଦେଶ ପ୍ରଦାନ ପୂର୍ବକ ସେ ତାଙ୍କୁ ଶ୍ରମଣମାନଙ୍କ ସହ ମୁକ୍ତିପୁର ଦ୍ୱୀପକୁ ପ୍ରେରଣ କଲେ ।

Digitized by srujanika@gmail.com

ଚିତ୍ରକର ଓ ଶ୍ରମଣଯୁଗଳ ମୁକ୍ତିପୁର ଅଭିମୁଖରେ ଅଗ୍ରସର ହୋଇ, କିଛିଦିନ ପରେ ସମୁଦ୍ରତଟବର୍ତ୍ତୀ ପତ୍ରପୁର ନାମକ ନଗରରେ ଆସି ଉପସ୍ଥିତ ହେଲେ । ସେଠାରୁ ଏକ ଜଳଯାନ ସାହାଯ୍ୟରେ ସେମାନେ ପଞ୍ଚମ ଦିନରେ ଯାଇ ମୁକ୍ତିପୁର ଦ୍ୱୀପରେ ପହଞ୍ଚିଲେ । ସେଠାରେ ଥିବା ରାଜଦ୍ୱାରରେ ଚିତ୍ରକର ଅଙ୍କିତ ଚିତ୍ରପଟଟିକୁ ଟାଙ୍ଗିଦେଇ ଘୋଷଣା କଲା ଯେ ତାର ସମକକ୍ଷ ଦ୍ୱିତୀୟ ଚିତ୍ରକର ପୃଥିବୀରେ ବିରଳ । ଏହା ଶୁଣି ରାଜା ରୂପଧର ତାକୁ ରାଜଭବନକୁ ନିମନ୍ତ୍ରଣ କରି ନେଲେ । ସେ ମଧ୍ୟ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରଣିପାତ ପୂର୍ବକ କହିଲା, 'ଦେବ, ମୁଁ ସମଗ୍ର ଭୂମଣ୍ଡଳ ଭ୍ରମଣ କରି ସୁଦ୍ଧା ନିଜ ତୁଲ୍ୟ ଅନ୍ୟ ଏକ ଚିତ୍ରକର ଦେଖିବାକୁ ପାଇଲି ନାହିଁ । ତେଣୁ ଦେବ, ଦାନବ, ଗନ୍ଧର୍ବ ଯାହାର ଚିତ୍ରପଟ ଆପଣଙ୍କ ମନୋନୀତ, ଆଦେଶ କଲେ ମୁଁ ତାହା ପ୍ରସ୍ତୁତ କରି ଆପଣଙ୍କ ଆଶୀର୍ବାଦ ଲାଭ କରିବି ।'

ଏହାଶୁଣି ରାଜା ନିଜ କନ୍ୟା ରୂପଲତାଙ୍କୁ ତା' ସମ୍ମୁଖରେ ଉପସ୍ଥିତ କରାଇ କହିଲେ ଯେ ସେ ତାର ଏକ ଚିତ୍ରପଟ ଅଙ୍କନ କରୁ । ସଙ୍ଗେ ସଙ୍ଗେ ଚିତ୍ରକର କୁମାରୀଦତ୍ତ ରୂପଲତାଙ୍କର ଏକ ଜୀବନ୍ତ ଚିତ୍ର ଅଙ୍କନ କରି ରାଜାଙ୍କ ସମ୍ମୁଖରେ ଉପସ୍ଥାପନ କଲା । ଏହା ଦେଖି ରାଜା ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ତାକୁ ପ୍ରକୃତ କଳାକୁଶଳୀ ଜାଣି ଜିଜ୍ଞାସା କଲେ, 'ଭଦ୍ର, ତୁମେ ତ ସମଗ୍ର ପୃଥିବୀ ପରିଭ୍ରମଣ କରିଅଛ । ରୂପ ସୌନ୍ଦର୍ଯ୍ୟରେ ମୋର କନ୍ୟାର ସମକକ୍ଷ ଅନ୍ୟ କୌଣସି ପୁରୁଷ ବା ସ୍ତ୍ରୀ ଯଦି କେଉଁସ୍ଥାନରେ ତୁମର ଦୃଷ୍ଟିଗୋଚର ହୋଇଥାଏ, ଦୟାକରି ପ୍ରକାଶ କଲେ ଉପକୃତ ହୁଅନ୍ତି ।'

ରାଜାଙ୍କ ଅନୁରୋଧ ରକ୍ଷାକରି କୁମାରୀଦତ୍ତ କହିଲା, 'ମହାରାଜ, ବର୍ତ୍ତମାନ ସୁଦ୍ଧା ରାଜକନ୍ୟାଙ୍କ ରୂପ ସହ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ କୌଣସି ସ୍ତ୍ରୀ ବା ପୁରୁଷ ମୋର ଦୃଷ୍ଟିଗୋଚର ହୋଇନାହାନ୍ତି । କିନ୍ତୁ ପ୍ରତିଷ୍ଠାନପୁର ଅଧିପତି ପୃଥ୍ୱୀରୂପ ଏହାଙ୍କର ସମକକ୍ଷ ରୂପବାନ୍ ହେବେ ବୋଲି ମନେ ହେଉଅଛି । ଯଦି ଏ ଦୁହିଁଙ୍କ ମିଳନ ଘଟନ୍ତା, ତାହାହେଲେ ବିଧାତାର ଉଭୟ ସୃଷ୍ଟି ସାର୍ଥକ ହେଲା ବୋଲି କହି ହୁଅନ୍ତା । ପୃଥ୍ୱୀରୂପ ଉପଯୁକ୍ତ କନ୍ୟା ଅଭାବରେ ବର୍ତ୍ତମାନ ସୁଦ୍ଧା ଅବିବାହିତ ଅଛନ୍ତି । ମହାରାଜ, ମୁଁ ତାଙ୍କର ଅଦ୍ୱିତୀୟ ରୂପରାଶି ସନ୍ଦର୍ଶନରେ ମୁଗ୍ଧ ହୋଇ ତାଙ୍କର ଗୋଟିଏ ଚିତ୍ରପଟ ମଧ୍ୟ ଅଙ୍କନ କରି ସାରିଛି ।' ଚିତ୍ରକରଙ୍କଠାରୁ ଏହା ଶୁଣି ରାଜା ଉକ୍ତ ଚିତ୍ରପଟଟି ଦେଖିବାପାଇଁ ଆଗ୍ରହ ପ୍ରକାଶ କରନ୍ତେ ସେ ତାକୁ ବାହାର କରି ରାଜାଙ୍କ ସମ୍ମୁଖରେ ଉପସ୍ଥାପନ କଲା ।

Digitized by srujanika@gmail.com

ଚିତ୍ରପଟ ଉପରେ ରାଜା ପୃଥ୍ୱୀରୂପଙ୍କ ପ୍ରତିକୃତି ସନ୍ଦର୍ଶନ କରି ରୂପଧର ବିସ୍ମୟବିମୂଢ଼ ହୋଇ କେବଳ ଶିରଃ ସଞ୍ଚାଳନ କରିବାକୁ ଲାଗିଲେ । କିଛି ସମୟପରେ ବିସ୍ମୟ ଭାବ କଟିଯାଆନ୍ତେ ଆନନ୍ଦ ଗଦ୍‌ଗଦ ସ୍ୱରରେ କହିଲେ, 'ବସ୍ତ୍ର ଉପରେ ଲିଖିତ ଏହି ରୂପସମ୍ଭାର ଦେଖି ମୁଁ ଧନ୍ୟ, ଏବଂ ଯେଉଁମାନେ ଏହି ରୂପଧାରୀ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ରୂପେ ଦର୍ଶନ କରୁଛନ୍ତି ସେମାନଙ୍କୁ ମୋର ଶତ ପ୍ରଣାମ ।'

ନିକଟରେ ଦଣ୍ଡାୟମାନା ରୂପଲତା ପିତାଙ୍କର ମନ୍ତବ୍ୟ ଶୁଣି ଏବଂ ଚିତ୍ରପଟ ଉପରେ ପୃଥ୍ୱୀରୂପଙ୍କ ସ୍ୱରୂପ ଦର୍ଶନ କରି କାମାନଳରେ ସନ୍ତପ୍ତ ହେଲେ । ସେହି ସମୟଠାରୁ ସେ ଆଉ କିଛି ଦେଖିପାରିଲେ ନାହିଁ କି ଶୁଣି ପାରିଲେ ନାହିଁ । କନ୍ୟାର ଏ ପ୍ରକାର ଅବସ୍ଥା ଦେଖି ରାଜା ପୁଣି ଚିତ୍ରକରକୁ କହିଲେ, 'ଯଦି ତୁମର ଚିତ୍ରପଟ ପ୍ରକୃତ ହୋଇଥାଏ, ତାହାହେଲେ ରାଜା ପୃଥ୍ୱୀରୂପ ହିଁ ମୋର କନ୍ୟା ନିମନ୍ତେ ଉପଯୁକ୍ତ ବରପାତ୍ର । ତେଣୁ ତୁମେ ମୋର କନ୍ୟାର ଚିତ୍ରପଟ ନେଇ ତାଙ୍କୁ ପ୍ରଦର୍ଶନ କରାଅ । ଯଦି ତାହା ଦର୍ଶନ କରି ଏବଂ ଏଠାରେ ଘଟିଥିବା ସମସ୍ତ ସମାଚାର ଶ୍ରବଣ କରି ମୋର କନ୍ୟାକୁ ଗ୍ରହଣ କରିବାପାଇଁ ସମ୍ମତ ହୁଅନ୍ତି, ତା'ହେଲେ ସେ ତୁରନ୍ତ ଏଠାକୁ ଆସିବାପାଇଁ ଚେଷ୍ଟା କରନ୍ତୁ ।'

ଏହାପରେ ଧନରତ୍ନଦ୍ୱାରା ସତ୍କାର କରି ରାଜା ରୂପଧର ଶ୍ରମଣମାନଙ୍କ ସହ ଚିତ୍ରକରକୁ ବିଦାୟ ଦେଲେ ଏବଂ ନିଜ ପକ୍ଷରୁ ଜଣେ ଦୂତକୁ ମଧ୍ୟ ସେମାନଙ୍କ ସହ ପ୍ରେରଣ କଲେ । କିଛିଦିନ ମଧ୍ୟରେ ଚିତ୍ରକର, ଶ୍ରମଣ ଓ ଦୂତ ସମୁଦ୍ର ପାର ହୋଇ ପ୍ରତିଷ୍ଠାନପୁର ନଗରରେ ଯାଇ ଉପସ୍ଥିତ ହେଲେ । ସେଠାରେ ପହଞ୍ଚି ସେମାନେ ରାଜା ରୂପଧରଙ୍କ ପ୍ରଦତ୍ତ ସମସ୍ତ ଉପହାର ପ୍ରଦାନ ପୂର୍ବକ ପୃଥ୍ୱୀରୂପଙ୍କ ନିକଟରେ ମୁକ୍ତିପୁରର ସମସ୍ତ ସମାଚାର ସହିତ ରୂପଧରଙ୍କ ପ୍ରେରିତ ସନ୍ଦେଶ ମଧ୍ୟ ପ୍ରକାଶ କଲେ । ଚିତ୍ରକର କୁମାରୀଦତ୍ତ ପଟ୍ଟବସ୍ତ୍ର ଉପରେ ଚିତ୍ରିତ ରୂପଲତାଙ୍କ ଚିତ୍ରପଟ ମଧ୍ୟ ବାହାର କରି ରାଜାଙ୍କ ସମ୍ମୁଖରେ ପ୍ରଦର୍ଶନ କଲା । ପୃଥ୍ୱୀରୂପ ଲାବଣ୍ୟ ସରସୀ ତୁଲ୍ୟ ରୂପଲତାଙ୍କ ରୂପସୌନ୍ଦର୍ଯ୍ୟ ଦର୍ଶନରେ ଏପରି ବିମୁଗ୍ଧ ହେଲେ ଯେ ସେ ତା' ଉପରୁ ନିଜର ଦର୍ଶନେନ୍ଦ୍ରିୟକୁ ଅନ୍ୟ କୌଣସି ଦିଗରେ ପରିଚାଳିତ କରିପାରିଲେ ନାହିଁ । ଚକୋର ଯେପରି ବାରମ୍ବାର ଚନ୍ଦ୍ରଜ୍ୟୋତ୍ସ୍ନା ପାନ କଲେ ହେଁ ତା'ର କଦାପି ପରିତୃପ୍ତି ଆସେ ନାହିଁ, ସେହିପରି ସୌନ୍ଦର୍ଯ୍ୟ ସୁଧାମୟୀ ରୂପଲତାଙ୍କ ଚିତ୍ରପଟରୁ ବାରମ୍ବାର ନେତ୍ରମୁଖରେ ରୂପସୁଧା ପାନ କରି ରାଜା ପୃଥ୍ୱୀରୂପ ସନ୍ତୁଷ୍ଟି ଲାଭ କରିପାରିଲେ ନାହିଁ ।

Digitized by srujanika@gmail.com

କିଛି ସମୟ ପରେ ସେ କହିଲେ, 'ମିତ୍ର, ଏହାର ନିର୍ମାତା ପ୍ରଜାପତି ଏବଂ ଏହାର ଚିତ୍ରପଟ ଅଙ୍କନ କରିଥିବା ତୁମର ହସ୍ତ ପ୍ରକୃତରେ ବନ୍ଦନୀୟ, ଜଣେ ଏହାକୁ ନିର୍ମାଣ କରିଥିଲେ, ଅନ୍ୟ ଜଣେ ଏହାକୁ ଚିତ୍ରପଟରେ ଅଙ୍କନ କରିପାରିଚି । ଏଣୁ ମୁଁ ରାଜା ରୂପଧରଙ୍କ ପ୍ରସ୍ତାବକୁ ସ୍ୱୀକାର କରୁଅଛି । ମୁକ୍ତିପୁର ଦ୍ୱୀପକୁ ଯାଇ ମୁଁ ନିଶ୍ଚିତ ଭାବେ ରୂପଲତାଙ୍କ ପାଣିଗ୍ରହଣ କରିବି ।' ଏହା କହି ଶ୍ରମଣ, ଚିତ୍ରକର ଓ ଦୂତକୁ ବହୁ ଧନରତ୍ନ ଦ୍ୱାରା ପୁରସ୍କୃତ କରି ଚିତ୍ରପଟସ୍ଥିତ ରୂପଲତାଙ୍କ ସୌନ୍ଦର୍ଯ୍ୟ ପାନପୂର୍ବକ ରାଜା ସମୟ ବିତାଇବାକୁ ଲାଗିଲେ ।

ଉଦ୍ୟାନ ବିହାର, ରୂପ ଦର୍ଶନ ଓ ଗଭୀର ଚିନ୍ତାରେ ନିମଗ୍ନ ରହି କୌଣସି ରୂପେ ସେହି ଦିନଟି ବିତାଇ ଦେଇ ବିରହୀ ରାଜା ପୃଥ୍ୱୀରୂପ ପରଦିନ ପ୍ରଭାତରୁ ଲଗ୍ନ ଓ ବେଳା ନିଶ୍ଚୟ କରି ମୁକ୍ତିପୁର ଦ୍ୱୀପ ଅଭିମୁଖରେ ଯାତ୍ରା ଆରମ୍ଭ କଲେ । ବହୁ ଗଜାରୋହୀ ଓ ଅଶ୍ୱାରୋହୀ ସେନା, ସାମନ୍ତ ରାଜା ଓ ରାଜକୁମାର, ଚିତ୍ରକର କୁମାରୀଦତ୍ତ, ଉଭୟ ଶ୍ରମଣ ଏବଂ ରୂପଧରଙ୍କ ଦୂତ ମଧ୍ୟ ରାଜାଙ୍କର ଅନୁଗମନ କରୁଥାଆନ୍ତି । ରାଜା ନିଜେ ମଙ୍ଗଳଘଟ ନାମକ ହସ୍ତୀ ପୃଷ୍ଠରେ ଆରୋହଣ କରି ବହୁ ଦୂର ପଥ ଅତିକ୍ରମ କଲାପରେ ବିନ୍ଧ୍ୟାରଣ୍ୟର ଦ୍ୱାର ଦେଶରେ ଆସି ଉପସ୍ଥିତ ହେଲେ ।

ଉକ୍ତ ଦିନଟି ସେଠାରେ ବିଶ୍ରାମ କରି ଦ୍ୱିତୀୟ ଦିନ ପ୍ରଭାତରୁ ରାଜା ପୃଥ୍ୱୀରୂପ ଶତ୍ରୁମର୍ଦ୍ଦନ ନାମକ ହସ୍ତୀ ପୃଷ୍ଠରେ ଆରୋହଣ କରି ବିନ୍ଧ୍ୟାଟବୀ ମଧ୍ୟରେ ପ୍ରବେଶ କଲେ । କିଛି ଦୂର ଅଗ୍ରସର ହେବାପରେ ସେ ଦେଖିଲେ ଯେ ତାଙ୍କ ସୈନ୍ୟମାନେ ପୃଷ୍ଠଭଙ୍ଗ ଦେଇ ଇତସ୍ତତଃ ପଳାୟନ କରୁଅଛନ୍ତି । ଏଥିରେ ବିସ୍ମିତ ହୋଇ ରାଜା ଏହାର କାରଣ ଚିନ୍ତା କରୁଥିଲା ବେଳେ ନିର୍ଭୟ ନାମକ ରାଜପୁତ୍ର ହସ୍ତୀ ପୃଷ୍ଠରେ ଥାଇ କହିଲା, 'ମହାରାଜ, ଆଗରେ ଶବରମାନଙ୍କର ଏକ ପ୍ରବଳ ସେନାବାହିନୀ ଆମକୁ ଆକ୍ରମଣ କରୁଛି । ସେହି ଶବରମାନେ ଆମର ପଚାଶ ହାତୀ, ତିନିଶହ ଘୋଡ଼ା ଓ ହଜାରେ ପଦାତିକ ସୈନିକଙ୍କୁ ମାରିସାରିଲେଣି ।

ଆମର ସୈନିକମାନେ ମଧ୍ୟ ଦୁଇ ହଜାର ଶବରଙ୍କୁ ନିହତ କଲେଣି । ଆମ ପକ୍ଷରୁ ଜଣେ ମଲାବେଳେ ତାଙ୍କ ପକ୍ଷରୁ ଦୁଇଜଣ ପ୍ରାଣ ଦେଉଛନ୍ତି । କିନ୍ତୁ ସେମାନଙ୍କ ବଜ୍ର ତୁଲ୍ୟ ଶର ପ୍ରହାର ଫଳରେ ଆମର ସୈନିକମାନେ ଛତ୍ରଭଙ୍ଗ ଦେବା ଆରମ୍ଭ କରିଛନ୍ତି ।'

ଏହା ଶୁଣି କ୍ରୁଦ୍ଧ ପୃଥ୍ୱୀରୂପ ଶୀଘ୍ର ସେଠାରେ ଉପସ୍ଥିତ ହୋଇ ଶବରମାନଙ୍କୁ ଆକ୍ରମଣ କଲେ । କୌରବ ସେନାକୁ ସବ୍ୟସାଚୀ ଅର୍ଜ୍ଜୁନ ଧ୍ୱଂସ କରିବାପରି ରାଜା

Digitized by srujanika@gmail.com

ଶବରମାନଙ୍କୁ ସଂହାର କରିବାକୁ ଲାଗିଲେ । ନିର୍ଭୟ ପ୍ରଭୃତି ରାଜକୁମାରମାନେ ମଧ ରାଜାଙ୍କ ଦ୍ୱାରା ଉତ୍ସାହିତ ହୋଇ ଅସଂଖ୍ୟ ଭୀଲ୍ ସୈନିକଙ୍କୁ ନିହତ କଲେ । ପରିଶେଷରେ ରାଜା ପୃଥ୍ୱୀରୂପ ଭାଲ ଅସ୍ତ୍ର ପ୍ରୟୋଗ କରି ଭୀଲ୍ ସେନାପତିଙ୍କ ଶିରଚ୍ଛେଦ କଲେ । ଶରାହତ ହସ୍ତୀର ଶରୀରରୁ ରକ୍ତ ସ୍ରୋତ ନିର୍ଗତ ହେବାରୁ ତାହା ଧାତୁରସରଞ୍ଜିତ ଅଂଜନାଦ୍ରିର ଶୋଭା ଧାରଣ କଲା । ରାଜା ବିଜୟଲାଭ କରନ୍ତେ ପଳାୟମାନ ସେନାବାହିନୀ ପୁଣି ସମ୍ମିଳିତ ହେଲା । ଜୀବିତ ଶବରମାନେ ପ୍ରାଣରକ୍ଷା ପାଇଁ ଅରଣ୍ୟାନୀର ବୃକ୍ଷରାଜି ମଧ୍ୟରେ ନିଜ ନିଜକୁ ଲୁକ୍କାୟିତ ରଖିବା ନିମିତ୍ତ ଚେଷ୍ଟା କଲେ ।

ଏହିପରି ଯୁଦ୍ଧ ଶେଷକରି ରାଜା ପୃଥ୍ୱୀରୂପ ପ୍ରତ୍ୟାବର୍ତ୍ତନ କରନ୍ତେ ରୂପଧରଙ୍କ ଦୂତ ତାଙ୍କ ପରାକ୍ରମର ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲା । ବିଜୟୀ ରାଜା ଆହତ ସେନାବାହିନୀକୁ ବିଶ୍ରାମ ଦେବା ନିମିତ୍ତ ଅରଣ୍ୟମଧ୍ୟସ୍ଥିତ ଏକ ସରୋବର ତଟରେ ଶିବିର ସ୍ଥାପନ କଲେ । ପରଦିନ ପ୍ରଭାତରୁ ପୁଣି ଯାତ୍ରାରମ୍ଭ ହେଲା ଏବଂ ସେମାନେ ସମୁଦ୍ର ତୀରବର୍ତ୍ତୀ ପତ୍ରପୁର ନଗରରେ ଯାଇ ଉପସ୍ଥିତ ହେଲେ । ପତ୍ରପୁର ରାଜା ଉଦାରଚରିତ ତାଙ୍କର ଯଥୋଚିତ ସତ୍କାର କରି ତାଙ୍କୁ ବାରମ୍ବାର ଅନୁରୋଧ କରନ୍ତେ ସେ ଗୋଟିଏ ରାତ୍ରି ପାଇଁ ତାଙ୍କର ଆତିଥ୍ୟ ସ୍ୱୀକାର କଲେ । ପରଦିନ ପ୍ରଭାତରୁ ଉଦାରଚରିତଙ୍କଦ୍ୱାରା ପ୍ରଦତ୍ତ ଜଳଯାନ ଓ ନୌକା ସାହାଯ୍ୟରେ ସେ ପୁଣି ସମୁଦ୍ର ଯାତ୍ରା ଆରମ୍ଭ କଲେ । ଆଠଦିନ ଅନବରତ ଜଳଯାତ୍ରା କରି ରାଜା ନିଜର ବନ୍ଧୁ ଓ ଅନୁଚରମାନଙ୍କ ସହ ମୁକ୍ତିପୁର ଦ୍ୱୀପରେ ଯାଇ ପହଞ୍ଚିଲେ ।

ତାଙ୍କ ଆଗମନର ସୂଚନା ଲାଭ କରି ରାଜା ରୂପଧର ଅତୀବ ଆନନ୍ଦର ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବାପାଇଁ ସମୁଦ୍ର ତଟରେ ଆସି ଉପସ୍ଥିତ ହେଲେ । ସେନାବାହିନୀର ଅଭ୍ୟର୍ଥନା ପୂର୍ବକ ସେ ପୃଥ୍ୱୀରୂପଙ୍କୁ କୋଳାଗ୍ରତ କରି ସ୍ୱାଗତ କଲେ । ରାଜା ରୂପଧରଙ୍କ ସହ ରାଜଧାନୀରେ ପ୍ରବେଶ କରନ୍ତେ ନଗରୀର ରମଣୀବୃନ୍ଦ ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ତାଙ୍କର ରୂପରାଶିକୁ ନେତ୍ରମୁଖରେ ପାନ କରିବାକୁ ଲାଗିଲେ । ରାଜଭବନରେ ପ୍ରବେଶ କରନ୍ତେ ରାଜା ଓ ରାଣୀ ନିଜ କନ୍ୟାର ଉପଯୁକ୍ତ ଓ ଅନୁରୂପ ଜାମାତାଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦ ଅନୁଭବ କଲେ, ଏବଂ ନିଜ ବିଭବ ଅନୁଯାୟୀ ତାଙ୍କର ଅତିଥି ସତ୍କାର କରିବା ସଙ୍ଗେ ସଙ୍ଗେ ରହିବା ନିମିତ୍ତ ସମସ୍ତ ସୁବିଧା କରିଦେଲେ ।

ଦ୍ୱିତୀୟ ଦିନ ଶୁଭଲଗ୍ନରେ ବିବାହ ମଣ୍ଡପ ଉପରେ ରାଜା ପୃଥ୍ୱୀରୂପ ଚିର ଅଭିଳଷିତା ରୂପଲତାଙ୍କୁ ବିଧିପୂର୍ବକ ପତ୍ନୀ ରୂପରେ ଗ୍ରହଣ କଲେ । ପରସ୍ପର ପରସ୍ପରର

Digitized by srujanika@gmail.com

ରୂପଦର୍ଶନ ପାଇଁ ଉତ୍କଣ୍ଠାର ସହ ଦୃଷ୍ଟିପାତ କରନ୍ତେ ମନେହେଲା ସତେ ଯେପରି ଚକ୍ଷୁଗୁଡ଼ିକ କର୍ଣ୍ଣନିକଟକୁ ଯାଇ କହୁଛନ୍ତି ଯେ ତୁ ଯାହା ଶୁଣିଥିଲୁ ମୁଁ ଆଜି ତାକୁ ସାକ୍ଷାତ୍ ଦର୍ଶନ କରି ତାର ସତ୍ୟତା ଉପଲବ୍ଧି କରିପାରିଛି । ରାଜା ରୂପଧର ପ୍ରତ୍ୟେକ ଲାଜାହୋମ ସମୟରେ ବରବଧୂଙ୍କୁ ଏତେ ଧନରତ୍ନ ପ୍ରଦାନ କଲେ ଯେ ଦର୍ଶକମାନଙ୍କ ମନରେ ବିବାହମଣ୍ଡପ ରତ୍ନାକରର ଭ୍ରମ ଜାତ କଲା । ବିବାହ ଉତ୍ସବ ସମାପ୍ତ ହୁଅନ୍ତେ ରାଜା ଚିତ୍ରକର କୁମାରୀଦତ୍ତ, ଶ୍ରମଣ ଏବଂ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ଧନରତ୍ନଦ୍ୱାରା ସମୁଚିତ ସତ୍କାର କଲେ । ପୃଥ୍ୱୀରୂପ ମଧ୍ୟ ବନ୍ଧୁ ଓ ମିତ୍ରମାନଙ୍କ ସହ ପାନ, ଭୋଜନ, ନୃତ୍ୟଗୀତାଦିରେ ଦିବସଟି ବିତାଇଦେଲେ । ସୂର୍ଯ୍ୟଦେବ ଅସ୍ତାଚଳଗାମୀ ହୁଅନ୍ତେ ଉତ୍କଣ୍ଠିତ ରାଜା ରୂପଲତାଙ୍କ ଶୟନ ଭବନରେ ଯାଇ ପ୍ରବେଶ କଲେ । ସମଗ୍ର ଭବନଟି ମଣିମୁକ୍ତାଦ୍ୱାରା ଜାଜ୍ୱଲ୍ୟମାନ ହୋଇ ଉଠୁଥିଲା । ସୁବର୍ଣ୍ଣମୟ ରତ୍ନ ଦୀପାବଳୀଦ୍ୱାରା ଆଲୋକିତ ଗୃହର ମଧ୍ୟ ଭାଗରେ ରତ୍ନଜଡ଼ିତ ଏକ ବହୁମୂଲ୍ୟ ଶଯ୍ୟା ଶୋଭା ପାଉଥିଲା । ଯୁବକ ପୃଥ୍ୱୀରୂପ ତା' ଉପରେ ଆରୋହଣ କରି ଏବଂ ଚିର ଉତ୍କଣ୍ଠିତା ରୂପଲତାଙ୍କୁ ବାହୁପାଶରେ ଲାଭ କରି ଆକାଂକ୍ଷିତ ସୁରତ କ୍ରୀଡ଼ାରେ ନିମଜ୍ଜିତ ହେଲେ ।

ସୁରତକ୍ଲାନ୍ତ ରାଜା ବନ୍ଦୀମାନଙ୍କ ସ୍ତୁତିପାଠରେ ପ୍ରଭାତରୁ ଶଯ୍ୟାତ୍ୟାଗ କରି ଦେବରାଜ ଇନ୍ଦ୍ରତୁଲ୍ୟ ଶୋଭା ପାଇବାକୁ ଲାଗିଲେ । ଶ୍ୱଶୁର ରୂପଧରଙ୍କ ଦ୍ୱାରା ଆୟୋଜିତ ବିବିଧ ଭୋଗବିଳାସରେ ନିମଜ୍ଜିତ ରହି ଦଶଦିନ କଟିଗଲା । ଏକାଦଶ ଦିବସରେ ଜ୍ୟୋତିଷୀମାନଙ୍କଦ୍ୱାରା ଉପଯୁକ୍ତ ବେଳା ନିର୍ଣ୍ଣୟ କରାଇ ରାଜା ପୃଥ୍ୱୀରୂପ ମଙ୍ଗଳାଚରଣ ପୂର୍ବକ ନିଜ ରାଜ୍ୟ ଅଭିମୁଖରେ ଯାତ୍ରା କରିବାପାଇଁ ପ୍ରସ୍ତୁତ ହେଲେ ।

ରୂପଧର ସମୁଦ୍ରତଟ ପର୍ଯ୍ୟନ୍ତ ଜାମାତାଙ୍କର ଅନୁସରଣ କରି ସେମାନେ ଜଳଯାନ ଆରୋହଣ କରିବା ପରେ ପ୍ରତ୍ୟାବର୍ତ୍ତନ କଲେ । ଅନ୍ୟାନ୍ୟ ଅନୁଚର ଓ ବନ୍ଧୁ ଅନ୍ୟ ଜଳଯାନରେ ଆରୋହଣ କରନ୍ତେ ଯାତ୍ରାରମ୍ଭ ହେଲା । ଦୀର୍ଘ ଆଠଦିନ ଧରି ସମୁଦ୍ର ମଧ୍ୟରେ ଯାତ୍ରାକରି ସେମାନେ ଅପରତଟରେ ଆସି ଉପସ୍ଥିତ ହେଲେ । ରାଜାଙ୍କୁ ଅଭ୍ୟର୍ଥନା କରିବା ପାଇଁ ତାଙ୍କର ସେନାବାହିନୀ ସେଠାରେ ଅପେକ୍ଷା କରିଥାଆନ୍ତି । ପତ୍ରପୁରାଧିପତି ଉଦାରଚରିତ ମଧ୍ୟ ସେଠାରେ ପ୍ରତୀକ୍ଷା କରିଥାଆନ୍ତି । ପୃଥ୍ୱୀରୂପ କିଛିଦିନ ନିମିତ୍ତ ଉଦାରଚରିତଙ୍କ ଆତିଥ୍ୟରେ ରହି ଯାତ୍ରାଜନିତ କ୍ଲାନ୍ତି ଅପନୋଦନ କଲେ ।

ଏହାପରେ ନିଜ କଲ୍ୟାଣଗିରି ନାମକ ହସ୍ତୀ ପୃଷ୍ଠରେ ଆରୋହଣ କରି ଏବଂ ରୂପଲତାଙ୍କୁ ଜୟମଙ୍ଗଳ ନାମକ ହସ୍ତୀ ପୃଷ୍ଠରେ ଆସୀନ କରାଇ ପୃଥ୍ୱୀରୂପ ସେଠାରୁ

Digitized by srujanika@gmail.com

ଅଗ୍ରସର ହେଲେ । କିଛିଦିନ ନିରନ୍ତର ଯାତ୍ରା କରି ସେ ଧ୍ୱଜା, ତୋରଣ ଇତ୍ୟାଦି ଦ୍ୱାରା ସୁସଜ୍ଜିତ ନିଜର ରାଜଧାନୀ ପ୍ରତିଷ୍ଠାନପୁର ନଗରୀରେ ଯାଇ ପ୍ରବେଶ କଲେ । ଏହି ନଗରୀର ଦିବ୍ୟସୁନ୍ଦରୀ ନାରୀବୃନ୍ଦ ରୂପଲତାଙ୍କ ସୌନ୍ଦର୍ଯ୍ୟ ସଂଦର୍ଶନରେ ନିଜ ନିଜର ରୂପଗର୍ବ ପରିତ୍ୟାଗ କରିବା ପାଇଁ ବାଧ୍ୟହେଲେ ।

ରାଜା ନିଜ ବାସଭବନରେ ଉପସ୍ଥିତ ହୋଇ ରାଜ୍ୟରେ ବିବାହଉତ୍ସବ ପାଳନ କଲେ । ଚିତ୍ରକର କୁମାରୀଦତ୍ତ ରାଜାଙ୍କଠାରୁ ବହୁ ଧନରତ୍ନ ଏବଂ ଗ୍ରାମ ଲାଭ କରି ସନ୍ତୁଷ୍ଟ ହେଲା । ଶ୍ରମଣମାନଙ୍କୁ ମଧ୍ୟ ସମୁଚିତ ଧନଦ୍ୱାରା ସତ୍କାର କରାଗଲା । ଏହିପରି ଉପସ୍ଥିତ ଅନ୍ୟାନ୍ୟ ସାମନ୍ତ ନରପତି, ମନ୍ତ୍ରୀ ତଥା ମିତ୍ରମାନଙ୍କର ମଧ୍ୟ ଯଥୋଚିତ ସତ୍କାର ପୂର୍ବକ ରାଜା ପୃଥ୍ୱୀରୂପ ସେମାନଙ୍କୁ ସମ୍ମାନିତ କଲେ । କ୍ରମେ କ୍ରମେ ସମସ୍ତେ ବିଦାୟ ଗ୍ରହଣ କରି ଚାଲିଯିବା ପରେ ରାଜା ନବବିବାହିତା ପତ୍ନୀ ରୂପଲତାଙ୍କ ସହ ଆନନ୍ଦରେ ସାଂସାରିକ ସୁଖ ଉପଭୋଗ କରିବାକୁ ଲାଗିଲେ ।

ମନ୍ତ୍ରୀ ଗୋମୁଖ ତନ୍ମୟ ହୋଇ ଚାହୁଁଥିବା ନରବାହନଦତ୍ତଙ୍କୁ ଲକ୍ଷ୍ୟକରି ପୁଣି କହିଲେ, 'ମହାରାଜ, ଧୈର୍ଯ୍ୟଶୀଳ ବ୍ୟକ୍ତିମାନେ ଏହିପରି ବହୁ କଷ୍ଟ ସହ୍ୟକରି ଚିରକାଳ ପର୍ଯ୍ୟନ୍ତ ବିରହ ବ୍ୟଥା ସହ୍ୟ କରିଥାଆନ୍ତି । କିନ୍ତୁ ଆପଣ ଗୋଟିଏ ରାତ୍ରି ପାଇଁ ବିୟୋଗ ଦୁଃଖ ସହ୍ୟ କରିପାରୁ ନାହାନ୍ତି । କାଲି ପ୍ରଭାତରୁ ହିଁ ତ ଅଳଙ୍କାରବତୀଙ୍କ ସହ ଆପଣଙ୍କର ବିବାହ ସମ୍ପନ୍ନ ହେବ ।' ଗୋମୁଖ ଏହା କହୁଥିବା ସମୟରେ ଯୌଗନ୍ଧରାୟଣଙ୍କ ପୁତ୍ର ମରୁଭୂତି ସେଠାରେ ଉପସ୍ଥିତ ହୋଇ କହିଲେ, 'ଗୋମୁଖ, ତୁମେ ତ ସଂସାର କଣ ଜାଣିନ କି ପ୍ରେମ କି ପଦାର୍ଥ ଜାଣିନ । ସେଥିପାଇଁ ଏପରି ନୀତି ବାଣୀ ଶୁଣାଇପାରୁଛ । କନ୍ଦର୍ପବାଣର ଶରବ୍ୟ ନ ହେବା ପର୍ଯ୍ୟନ୍ତ ହିଁ ମାନବ ଧୈର୍ଯ୍ୟ, ବିବେକ, ଚରିତ୍ର ପ୍ରଭୃତି ରକ୍ଷା କରିପାରିଥାଏ । ସଂସାର ମଧ୍ୟରେ ସରସ୍ୱତୀ, ସ୍କନ୍ଦ ଏବଂ ଜିନହିଁ କନ୍ଦର୍ପକୁ ବସ୍ତ୍ରାଞ୍ଚଳରେ ଲାଗିଥିବା ତୃଣତୁଲ୍ୟ ପରିତ୍ୟାଗ କରିପାରିଅଛନ୍ତି । ତା' ନ ହେଲେ ଆଉ ସମସ୍ତେ କନ୍ଦର୍ପର ବଶବର୍ତ୍ତୀ ।'

ମରୁଭୂତିଙ୍କଠାରୁ ଏପରି ଆକ୍ଷେପ ଶ୍ରବଣ କରି ଏବଂ ଗୋମୁଖ ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଠୁଥିବା ଦେଖି ନରବାହନଦତ୍ତ ତାଙ୍କ ପକ୍ଷ ସମର୍ଥନ କରି କହିଲେ, 'ମୋର ଚିନ୍ତାକୁଳିତ ମନରେ ଆନନ୍ଦ ସଞ୍ଚାର କରିବାପାଇଁ ଗୋମୁଖ ଯାହା କହିଛନ୍ତି ତାହା ଯଥାର୍ଥ । ସ୍ନେହଶୀଳ ବ୍ୟକ୍ତି ମିତ୍ରର ବିରହ ବେଦନା ଦେଖି କଣ ସାଧୁବାଦ ଦେଇଯାଆନ୍ତେ ? ଆତ୍ମୀୟ ବ୍ୟକ୍ତିମାନଙ୍କର ବିରହାବସ୍ଥାରେ ସେମାନଙ୍କୁ ଆଶ୍ୱାସନା ବ୍ୟତୀତ ଆଉ କଣ

Digitized by srujanika@gmail.com

ଦିଆଯାଇପାରେ । ପରେ କଣ ଘଟିବ ତାହା କାମଦେବଙ୍କ ବିନା ଅନ୍ୟ କାହାର ଗୋଚର ନୁହେ ।' ଏହିପରି କଥାବାର୍ତ୍ତା ଓ ଆଲୋଚନା ପ୍ରତିଆଲୋଚନା ମଧ୍ୟରେ ନରବାହନଦତ୍ତଙ୍କ ବିନିଦ୍ର ରଜନୀ କଟିଗଲା ।

ରାତ୍ରି ଶେଷ ହେବାରୁ ନରବାହନଦତ୍ତ ଶଯ୍ୟା ତ୍ୟାଗ ପୂର୍ବକ ନିତ୍ୟକର୍ମ ଶେଷକରି ଅଳଙ୍କାରବତୀଙ୍କ ଚିନ୍ତାରେ ମଗ୍ନ ଥିବା ସମୟରେ କାଞ୍ଚନପ୍ରଭା ଆକାଶ ମାର୍ଗରୁ ଅବତରଣ କରୁଥିବା ତାଙ୍କର ଦୃଷ୍ଟିଗୋଚର ହେଲା । ସେ ନିଜର ପତି ଅଳଙ୍କାରଶୀଳ, ପୁତ୍ର ଧର୍ମଶୀଳ ଏବଂ କନ୍ୟା ଅଳଙ୍କାରବତୀଙ୍କ ସହ ଆସି ଉପସ୍ଥିତ ହେଲେ । ସେମାନେ ବିମାନରୁ ଅବତରଣ କରି ନରବାହନଦତ୍ତଙ୍କ ସମ୍ମୁଖରେ ଆସି ଦଣ୍ଡାୟମାନ ହୁଅନ୍ତେ ସେ ସେମାନଙ୍କର ଯଥୋଚିତ ସତ୍କାର କଲେ । ଏ ସମୟରେ ରତ୍ନ ଓ ସୁବର୍ଣ୍ଣର ଅସଂଖ୍ୟ ଭାର ବହନ କରି ହଜାର ହଜାର ବିଦ୍ୟାଧର ଆକାଶ ମାର୍ଗରୁ ଅବତରଣ କଲେ । ଏ ସମାଚାର ପାଇ ବତ୍ସରାଜ ଉଦୟନ ମଧ୍ୟ ନିଜର ମହାରାଣୀ ଓ ମନ୍ତ୍ରୀମାନଙ୍କ ସହ ଆସି ସେଠାରେ ପହଞ୍ଚିଲେ ।

ପୁତ୍ରର ସୌଭାଗ୍ୟ ଦର୍ଶନରେ ପ୍ରସନ୍ନଚିତ୍ତ ବତ୍ସରାଜ ଅତିଥିମାନଙ୍କର ଯଥାମାନ୍ୟ ସତ୍କାର କରିବା ପରେ ସ୍ନେହନମ୍ର ଅଳଙ୍କାରଶୀଳ ଉଦୟନଙ୍କୁ ଲକ୍ଷ୍ୟ କରି କହିଲେ, 'ମହାରାଜ, ଏ ହେଉଛି ଅଳଙ୍କାରବତୀ, ମୋର କନ୍ୟା । ଏହାର ଜନ୍ମ ସମୟରେ ଶୂନ୍ୟବାଣୀ ଶୁଣାଯାଇଥିଲା ଯେ ଏ ଆପଣଙ୍କ ପୁତ୍ର ଏବଂ ବିଦ୍ୟାଧରମାନଙ୍କର ଭାବୀ ଚକ୍ରବର୍ତ୍ତୀ ନରବାହନଦତ୍ତଙ୍କର ପାଣିଗ୍ରହଣ କରିବ । ତେଣୁ ମୁଁ ଏହାକୁ ନରବାହନଦତ୍ତଙ୍କ ହସ୍ତରେ ଅର୍ପଣ କରୁଅଛି । ଆଜି ଉଭୟଙ୍କ ପକ୍ଷରେ ଶୁଭଲଗ୍ନ ଥିବାରୁ ମୁଁ ମୋର ପରିବାର ସହିତ ଆସି ପହଞ୍ଚିଛି ।' ଉଦୟନ ଏହା ତାଙ୍କର ମହତୀ କୃପା ବୋଲି କହି ପ୍ରସ୍ତାବକୁ ସ୍ୱୀକାର କଲେ ।

ଉଭୟ ପକ୍ଷ ବିବାହ ପାଇଁ ସମ୍ମତ ହେବାରୁ ବିଦ୍ୟାଧର ଅଧିପତି ଅଳଙ୍କାରଶୀଳ ନିଜ ବିଦ୍ୟା ପ୍ରଭାବରେ ସେଠାରେ ଥିବା ପ୍ରାଙ୍ଗଣରେ ଜଳସେଚନ କରି ଏକ ବସ୍ତ୍ର ମଣ୍ଡପ ନିର୍ମାଣ କଲେ । ବିଭିନ୍ନ ମଣିମୁକ୍ତା ଦ୍ୱାରା ବିଖଚିତ ହୋଇ ପ୍ରାଙ୍ଗଣଟି ଗୋଟିଏ କୌତୁକାଗାର ତୁଲ୍ୟ ଦେଖାଗଲା । ଏହାପରେ ଅଳଙ୍କାରଶୀଳ ନରବାହନଦତ୍ତଙ୍କୁ ପ୍ରସ୍ତୁତ ହେବା ନିମିତ୍ତ ଅନୁରୋଧ ଜଣାଇଲେ । ରାଜକୁମାର ସ୍ନାନ ସମାପନ ପୂର୍ବକ ବରବେଶରେ ବିଭୂଷିତ ହୋଇ ବିବାହ ମଣ୍ଡପରେ ଆସି ଉପସ୍ଥିତ ହେବାରୁ ଅଳଙ୍କାରଶୀଳ ତାଙ୍କ ହସ୍ତରେ ନିଜର କନ୍ୟା ଅଳଙ୍କାରବତୀଙ୍କୁ ବିଧିପୂର୍ବକ ଅର୍ପଣ କଲେ । ଲାଜାହୋମ ସମୟରେ

Digitized by srujanika@gmail.com

ପୁତ୍ରସହ ଅଳଙ୍କାରଶୀଳ କନ୍ୟା ଦାନର ଦକ୍ଷିଣା ସ୍ୱରୂପ ଅସଂଖ୍ୟ ମଣି, ମୁକ୍ତା, ବସନ, ଭୂଷଣ ପ୍ରଦାନ କଲେ । ଏହା ସହିତ ସେ ସ୍ୱୀୟ କନ୍ୟାର ପରିଚାରିକା ସ୍ୱରୂପ ବହୁ ଦିବ୍ୟ ରମଣୀ ମଧ୍ୟ ପ୍ରଦାନ କରିବାପାଇଁ ବିସ୍ମୃତ ହେଲେ ନାହିଁ ।

ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ନୂତନ ସମ୍ବନ୍ଧୀଙ୍କଦ୍ୱାରା ଉତ୍ତମ ରୂପେ ସତ୍କୃତ ହୋଇ ଅଳଙ୍କାରଶୀଳ ନିଜର ପତ୍ନୀ ଓ ପୁତ୍ରସହ ବିଦାୟ ଗ୍ରହଣ କରି ଯେପରି ଆସି ଉପସ୍ଥିତ ହୋଇଥିଲେ ସେହିପରି ପ୍ରସ୍ଥାନ କଲେ । ବିଦ୍ୟାଧରରାଜାମାନଙ୍କଦ୍ୱାରା ନିଜର ପୁତ୍ର ଏପରି ବହୁ ସମ୍ମାନିତ ହେଉଥିବାରୁ ପିତା ଉଦୟନ ପ୍ରଭୃତ ଆନନ୍ଦ ଲାଭ କରି ଅନେକ ଦିନ ପର୍ଯ୍ୟନ୍ତ ବିବାହ ଉତ୍ସବ ପାଳନ ପାଇଁ ମନ୍ତ୍ରୀବୃନ୍ଦ ତଥା ରାଜ୍ୟବାସୀଙ୍କୁ ନିର୍ଦ୍ଦେଶ ଦେଲେ ।

ନରବାହନଦତ୍ତ ମଧ୍ୟ ସଦ୍‌ଗୁଣସମ୍ପନ୍ନା ଅନିନ୍ଦ୍ୟ ରୂପବତୀ ଅଳଙ୍କାରବତୀଙ୍କୁ ବିବାହ କରି ଅତ୍ୟନ୍ତ ଆନନ୍ଦିତ ହେଲେ ।

●

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ନରବାହନଦତ୍ତ ନବପରିଣିତା ବଧୂ ଅଳଙ୍କାରବତୀଙ୍କ ସହିତ କୌଶାମ୍ବୀ ନଗରୀରେ ପିତା ବତ୍ସରାଜ ଉଦୟନଙ୍କ ପ୍ରାସାଦରେ ଆନନ୍ଦମୟ ଜୀବନ ଯାପନ କରୁଥାଆନ୍ତି । ସେଠାରେ ଅଳଙ୍କାରଶୀଳଙ୍କଠାରୁ ଯୌତୁକ ସ୍ୱରୂପ ଲାଭ କରିଥିବା ଦାସୀମାନଙ୍କ ନୃତ୍ୟଗୀତାଦି ଦର୍ଶନ ଏବଂ ମିତ୍ର ଓ ବନ୍ଧୁମାନଙ୍କ ସହ ଆସବ ପାନରେ ତାଙ୍କର ସମୟ ବିତିଯାଉଥାଏ ।

ଦିନେ ଅଳଙ୍କାରବତୀଙ୍କ ମାତା କାଞ୍ଚନପ୍ରଭା ଆସି ନରବାହନଦତ୍ତଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ସେ ତାଙ୍କର ଉଚିତ ସତ୍କାର କଲେ । କାଞ୍ଚନପ୍ରଭା ତାଙ୍କୁ ଏକାନ୍ତରେ ତାଙ୍କ ରାଜଧାନୀ ସୁନ୍ଦରପୁରକୁ ଅଳଙ୍କାରବତୀ ସହ ଯିବା ପାଇଁ ନିମନ୍ତ୍ରଣ ଜଣାଇଲେ । ନରବାହନଦତ୍ତ ଏଥିପାଇଁ ପିତାଙ୍କ ନିକଟରେ ନିଜର ଅଭିଳାଷ ବ୍ୟକ୍ତ କଲେ । ଉଦୟନ ମଧ୍ୟ ଏଥିରେ ସମ୍ମତ ହୁଅନ୍ତେ ରାଜକୁମାର ପିତାଙ୍କର ନର୍ମ ସଚିବ ବସନ୍ତକ, ନିଜର ମିତ୍ର ଏବଂ ପତ୍ନୀ ଅଳଙ୍କାରବତୀଙ୍କ ସହ କାଞ୍ଚନପ୍ରଭାଙ୍କ ବିଦ୍ୟା ପ୍ରଭାବରେ ନିର୍ମିତ ବିମାନ ଆରୋହଣ କରି ଆକାଶମାର୍ଗରେ ସୁନ୍ଦରପୁର ଅଭିମୁଖରେ ଯାତ୍ରା କଲେ । ବିମାନ ଉପରୁ ନରବାହନଦତ୍ତଙ୍କୁ ପୃଥିବୀ ଏକ କ୍ଷୁଦ୍ର ଭୂଖଣ୍ଡ ଏବଂ ସମୁଦ୍ର ତା'ର ପରିଖା ସ୍ୱରୂପ ପ୍ରତିଭାତ ହେଉଥାଏ । ସେ ଏ ସବୁ ଦର୍ଶନ କରି ପ୍ରଭୂତ ଆନନ୍ଦ ଲାଭ କରୁଥିଲାବେଳେ ବିମାନ ଯାଇ ହିମାଳୟ ପର୍ବତ ଉପରେ ପହଞ୍ଚିଲା । କିନ୍ନରମାନଙ୍କ ଗୀତ ଏବଂ ଦିବ୍ୟାଙ୍ଗନାମାନଙ୍କର ସଙ୍ଗୀତ ଧ୍ୱନିଦ୍ୱାରା ମୁଖରିତ ହିମାଳୟ ଅତ୍ୟନ୍ତ ମନୋହର ଦେଖାଯାଉଥାଏ । ଏହି ପର୍ବତ ଉପରେ ବହୁ ଆଶ୍ଚର୍ଯ୍ୟଜନକ ବସ୍ତୁ ଦର୍ଶନ ପୂର୍ବକ ନରବାହନଦତ୍ତ ଯାଇ ସୁନ୍ଦରପୁର ନଗରରେ ଉପସ୍ଥିତ ହେଲେ ।

ସୁନ୍ଦରପୁର ନଗରର ମଣିମୁକ୍ତା ଖଚିତ ସ୍ୱର୍ଣ୍ଣ ପ୍ରାସାଦଗୁଡ଼ିକ ହିମାଳୟରେ ସୁମେରୁ ଶିଖରର ଭ୍ରମ ସୃଷ୍ଟି କରୁଥିଲେ । ଆକାଶମାର୍ଗରୁ ଅବତରଣ ପୂର୍ବକ ବିମାନରୁ ନିର୍ଗତ

Digitized by srujanika@gmail.com

ହୋଇ ସେମାନେ ନଗର ମଧ୍ୟରେ ପ୍ରବେଶ କଲେ । ଏହାଙ୍କ ଆଗମନ ସମୟରେ ବାୟୁ ପ୍ରବାହରେ ଉଡୁଥିବା ପତାକା ସମୂହ ଯେପରି ନିଜ ପ୍ରଭୁଙ୍କ ଆଗମନରେ ପ୍ରଫୁଲ୍ଲତା ପ୍ରକାଶ କରୁଥିଲେ । କାଞ୍ଚନପ୍ରଭା ବନ୍ଦାପନା କରିବା ପରେ ନରବାହନଦତ୍ତ ନିଜ ମିତ୍ର, ମନ୍ତ୍ରୀ, ବସନ୍ତକ ଓ ଅଳଙ୍କାରବତୀଙ୍କ ସହ ରାଜଭବନରେ ପ୍ରବେଶ ପୂର୍ବକ ବିଦ୍ୟାଧର ବିଦ୍ୟା ପ୍ରଭାବରେ ସେ ଇନ୍ଦ୍ର ଭୋଗ ଲାଭ କରି ଅବସ୍ଥାନ କରିବାକୁ ଲାଗିଲେ ।

ଏକଦା କାଞ୍ଚନପ୍ରଭା ତାଙ୍କୁ କହିଲେ, 'ବତ୍ସ, ଏହି ନଗରରେ ଭଗବାନ ଉମାପତିଙ୍କ ଏକ ମନ୍ଦିର ଅଛି । ତାଙ୍କର ଦର୍ଶନ ଓ ପୂଜନ ଦ୍ୱାରା ଭକ୍ତ ଭୋଗ ଓ ମୋକ୍ଷ ଉଭୟ ଲାଭ କରିଥାଏ । ଅଳଙ୍କାରବତୀଙ୍କ ପିତା ସେଠାରେ ଏକ ବିସ୍ତୃତ ଉଦ୍ୟାନ ନିର୍ମାଣ କରି ଅଛନ୍ତି । ପୁଣି ତାଙ୍କ ଦ୍ୱାରା ସେଠାରେ ସ୍ୱନାମଧନ୍ୟ ଗଙ୍ଗାସର ମଧ୍ୟ ନିର୍ମିତ ହୋଇଅଛି । ଆଜି ସେହି ଉଦ୍ୟାନରେ ଭ୍ରମଣ କରି ମହାଦେବଙ୍କର ଦର୍ଶନ କର ।'

ଶାଶୁଙ୍କ ଠାରୁ ନିର୍ଦ୍ଦେଶ ପାଇ ନରବାହନଦତ୍ତ ନିଜର ମିତ୍ର ଏବଂ ପତ୍ନୀଙ୍କ ସହ ଉକ୍ତ ରମଣୀୟ ଉଦ୍ୟାନ ଅଭିମୁଖରେ ଅଗ୍ରସର ହେଲେ । ଉଦ୍ୟାନଟି ସୁବର୍ଣ୍ଣ ଶାଖା, ରତ୍ନ ପ୍ରଶାଖା ଏବଂ ମୋତିଝରାଦ୍ୱାରା ସୁଶୋଭିତ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇ ରହିଥିଲା । ଗଙ୍ଗାସରରେ ସ୍ନାନ ସମାପନ ପୂର୍ବକ ମହାଦେବଙ୍କୁ ଆରାଧନା କରି ଯୁବରାଜ ରତ୍ନପଙ୍କ ଓ ସ୍ୱର୍ଣ୍ଣକମଳ ପରିବ୍ୟାପ୍ତ ସରୋବର ମଧ୍ୟରେ ଜଳକ୍ରୀଡ଼ା କରିବାକୁ ଲାଗିଲେ । ଏହି ପୁଷ୍କରିଣୀ ତଟରେ ବିହାର କରୁଥିବା ସମୟରେ ସେ ଲତା-ଗୃହ ସମୂହରେ ମିତ୍ର ଓ ପତ୍ନୀଙ୍କ ସହ ଲୀଳା ବିଳାସ କରି ପ୍ରଭୂତ ଆନନ୍ଦ ଲାଭ କରୁଥାନ୍ତି । ଦିବ୍ୟ ଆସବ ପାନ, ସଙ୍ଗୀତ ଶ୍ରବଣ, ଗୋଷ୍ଠୀ କ୍ରୀଡ଼ା ଦର୍ଶନ ତଥା ମରୁଭୂତିଙ୍କର ବିବିଧ ହାସ ପରିହାସ ତାଙ୍କୁ ସ୍ୱର୍ଗୀୟ ସୁଖ ଦେଉଥାଏ । ଏହିପରି ଗୋଟିଏ ମାସ ଅତୀତ ହେଲା । କାଞ୍ଚନପ୍ରଭାଙ୍କଦ୍ୱାରା ଦିବ୍ୟ ବସନ ଭୂଷଣରେ ସତ୍କୃତ ହୋଇ ନରବାହନଦତ୍ତ ବନ୍ଧୁ ଓ ଅଳଙ୍କାରବତୀଙ୍କ ସହ କୌଶାମ୍ବୀ ଫେରି ଆସିଲେ । ପିତା ଓ ମାତା ସେମାନଙ୍କୁ ଆଶୀର୍ବାଦ କରିବା ସଙ୍ଗେସଙ୍ଗେ କାଞ୍ଚନପ୍ରଭାଙ୍କୁ ସ୍ୱାଗତ କଲେ ।

କୌଶାମ୍ବୀରେ ଉପସ୍ଥିତ ହୋଇ କାଞ୍ଚନପ୍ରଭା ବତ୍ସରାଜ ଉଦୟନ ଓ ମହାରାଣୀ ବାସବଦତ୍ତାଙ୍କ ଗହଣରେ ଥିବା କନ୍ୟା ଅଳଙ୍କାରବତୀକୁ ଉପଦେଶ ଦେଇ କହିଲେ, 'ମା, ଈର୍ଷା ଓ କ୍ରୋଧ ପରବଶ ହୋଇ ତୁ ନିଜର ପତିଙ୍କ ମନରେ କଦାପି କଷ୍ଟ ଦେବୁ ନାହିଁ । ଏହାଦ୍ୱାରା ପତି ରୁଷ୍ଟ ହେଲେ ଦୁଃଖ ଅତ୍ୟନ୍ତ ଗଭୀର ଏବଂ ପଶ୍ଚାତ୍ତାପର କାରଣ ହୋଇଥାଏ । ମୁଁ ମୋର ଯୌବନ ସମୟରେ ଈର୍ଷ୍ୟାବଶତଃ ତୋର ପିତାଙ୍କୁ ବହୁ କଷ୍ଟ

Digitized by srujanika@gmail.com

ଦେଇଥିଲି । ତେଣୁ ସେ ବନକୁ ଚାଲିଯିବାରୁ ମୁଁ ଆଜି ଗଭୀର ଦୁଃଖ ଲାଭ କରି ଅନୁତପ୍ତ ହେଉଅଛି ।' କନ୍ୟାକୁ ଏ ପ୍ରକାର ଉପଦେଶ ପ୍ରଦାନ କରି ସାଶ୍ରୁଲୋଚନା କାଞ୍ଚନପ୍ରଭା ସେମାନଙ୍କଠାରୁ ବିଦାୟ ନେଇ ବିମାନ ଆରୋହଣ ପୂର୍ବକ ସ୍ୱ ଭବନ ଅଭିମୁଖରେ ପ୍ରସ୍ଥାନ କଲେ ।

ସେ ଚାଲିଯିବା ପରେ ନରବାହନଦତ୍ତ ପ୍ରାତଃକୃତ୍ୟ ସମାପନ କରି ମନ୍ତ୍ରୀମାନଙ୍କ ସହ ବସିଥିବା ସମୟରେ ଏକ ଭୟଭୀତା ନାରୀ ଆସି ଅଳଙ୍କାରବତୀଙ୍କୁ ଅଭୟ ପ୍ରାର୍ଥନା କଲା । ସେ ଉଚ୍ଚସ୍ୱରରେ କ୍ରନ୍ଦନ କରୁଥାଏ ଏବଂ ବ୍ୟାକୁଳ ଭାବରେ ତାକୁ ରକ୍ଷା କରିବାପାଇଁ ନିବେଦନ କରୁଥାଏ ।

ଅଶୋକମାଳା କଥା

ସେହି ନାରୀ ଅଳଙ୍କାରବତୀଙ୍କଠାରୁ ଅଭୟ ଲାଭ କରି କହିଲା, 'ଜଣେ ବ୍ରାହ୍ମଣ ମୋତେ ହତ୍ୟା କରିବା ପାଇଁ ବାହାରେ ଅପେକ୍ଷା କରିଛି । ତାଠାରୁ ରକ୍ଷା ପାଇବାପାଇଁ ମୁଁ ଆପଣଙ୍କ ନିକଟରେ ବର୍ତ୍ତମାନ ଶରଣାର୍ଥିନୀ ।' ଏଥିରେ ଅଳଙ୍କାରବତୀ ତାକୁ ଅଭୟ ପ୍ରଦାନ କରି ସମସ୍ତ ବୃତ୍ତାନ୍ତ ବ୍ୟକ୍ତ କରିବା ପାଇଁ କହନ୍ତେ, ସେ କହିଲା—

'ମୋର ନାମ ଅଶୋକମାଳା । ମୁଁ ଏହି ନଗରୀରେ ବାସ କରୁଥିବା ବଳସେନ ନାମକ କ୍ଷତ୍ରିୟଙ୍କ କନ୍ୟା । ଯେତେବେଳେ ମୁଁ କୁମାରୀ ଥିଲି ସେତେବେଳେ ମୋର ରୂପରେ ଆକୃଷ୍ଟ ହୋଇ ହଠଶର୍ମା ନାମକ ବ୍ରାହ୍ମଣ ମୋତେ ବିବାହ କରିବାପାଇଁ ଚାହିଁଥିଲା । ଏଥିପାଇଁ ସେ ମୋର ପିତାଙ୍କୁ ରାଜି କରାଇବା ନିମିତ୍ତ ଚେଷ୍ଟା କରିଥିଲା । ଏହି ଭୀଷଣ ଓ କ୍ରୂର ବ୍ରାହ୍ମଣକୁ କଦାପି ମୁଁ ପତି ରୂପେ ବରଣ କରିବି ନାହିଁ ବୋଲି କହିଥିଲି । ଯଦି ବାଧକରି ମୋତେ ତା' ସହିତ ବିବାହ କରିଦିଆଯାଏ, ତା'ହେଲେ ମୁଁ ତା'ର ଗୃହରେ ରହିବି ନାହିଁ ବୋଲି ମଧ୍ୟ ଜଣାଇ ଦେଇଥିଲି । ମୋର ଏ ପ୍ରକାର ପ୍ରତିଜ୍ଞା ଶୁଣି ହଠଶର୍ମା ଆମ ବାସଭବନ ସମ୍ମୁଖରେ ଅନଶନ କରି ବସି ରହିଲା । ପିତା ତା'ର ଏତାଦୃଶ ଆଚରଣ ଦେଖି ବ୍ରହ୍ମହତ୍ୟା ଭୟରେ ମୋତେ ତା' ହସ୍ତରେ ସମର୍ପଣ କଲେ ।

ହଠଶର୍ମା ମୋର ଅନିଚ୍ଛା ସତ୍ତ୍ୱେ ମୋତେ ବିବାହ କରି ତା'ର ଗୃହକୁ ନେଇ ଯାଆନ୍ତେ ମୁଁ ତାକୁ ପରିତ୍ୟାଗ କରି ଅନ୍ୟ ଏକ କ୍ଷତ୍ରିୟ କୁମାରଙ୍କ ଆଶ୍ରୟ ଗ୍ରହଣ କଲି । ହଠଶର୍ମା ଧନ ମଦରେ ଉନ୍ମତ୍ତ ହୋଇ ତାଙ୍କର ସର୍ବନାଶ ଘଟାଇବାରୁ ମୁଁ ବାଧ୍ୟ ହୋଇ ଜଣେ କ୍ଷତ୍ରିୟ କୁମାରଙ୍କ ନିକଟକୁ ଚାଲିଗଲି । ଏହା ଜାଣିପାରି କ୍ରୂର ହଠଶର୍ମା ଦିନେ

Digitized by srujanika@gmail.com

ରାତ୍ରିରେ ଆସି ତାଙ୍କ ଗୃହରେ ଅଗ୍ନି ସଂଯୋଗ କଲା । ଏଥିରେ ବ୍ୟତିବ୍ୟସ୍ତ ଓ ଭୟଭୀତ ହୋଇ ମୁଁ ଅନ୍ୟ ଏକ ବିତ୍ତଶାଳୀ କ୍ଷତ୍ରିୟ ସନ୍ତାନଙ୍କ ଆଶ୍ରୟ ନେଲି । ହଠଶର୍ମା ତାଙ୍କ ଗୃହଟିକୁ ମଧ୍ୟ ଅଗ୍ନି ସଂଯୋଗ କରି ଭସ୍ମସାତ୍ କରି ଦିଅନ୍ତେ ସେ ମୋତେ ପରିତ୍ୟାଗ କଲେ । ତେଣୁ ମୁଁ ଅନ୍ୟ କୌଣସି ଉପାୟ ନ ଦେଖି ଇତସ୍ତତଃ ଭ୍ରମଣ କରିବାକୁ ଲାଗିଲି । ସେ ମୋତେ ହତ୍ୟା କରିବାପାଇଁ ମୋର ଅନୁଧାବନ କଲା । ଫଳରେ ମୁଁ ଶୃଗାଳ ମୁଖରୁ କାନ୍ଦିଶିକ ପଳାୟନ କଲାପରି ତା'ଠାରୁ ଦୂରରେ ରହିବାପାଇଁ ଚେଷ୍ଟା କଲି । ତଥାପି ସେ ମୋର ପିଛା ଛାଡ଼ିଲା ନାହିଁ । ପରିଶେଷରେ ଏହି ରାଜଭବନକୁ ଆସି ମୁଁ ଆପଣଙ୍କ ଶକ୍ତିମାନ୍ ସେବକ ତଥା ଶରଣରକ୍ଷଣପରାୟଣ ବୀରଶର୍ମାଙ୍କ ଆଶ୍ରୟ ନେଲି ଏବଂ ତାଙ୍କର ଦାସୀ ଭାବରେ ରହିବା ପାଇଁ ସ୍ୱୀକୃତ ହେଲି । ଏହା ଜାଣିପାରି ହଠଶର୍ମା କିଂକର୍ତ୍ତବ୍ୟବିମୂଢ଼ ହୋଇ ମୋର ବିରହରେ ଦିନକୁ ଦିନ କ୍ଷୀଣରୁ କ୍ଷୀଣତର ହେବାକୁ ଲାଗିଲା । ଦିନେ ସେ ଆସି ବୀରଶର୍ମାଙ୍କ ଭବନ ନିକଟରେ ଉପସ୍ଥିତ ହେବାରୁ ବୀରଶର୍ମା ତାକୁ ବନ୍ଧନ କରିବା ପାଇଁ ଉଦ୍ୟତ ହେଲେ, କିନ୍ତୁ ମୁଁ ବାରଣ କରନ୍ତେ ସେ ତାକୁ ଛାଡ଼ିଦେଲେ । ଆଜି ଏକାକୀନୀ ଘରୁ ବାହାରିବା ଦେଖି ପାଷଣ୍ଡ ମୋତେ ହତ୍ୟା କରିବା ପାଇଁ ଛୁରିକା ହସ୍ତରେ ଦୌଡ଼ି ଆସିଲା । ମୁଁ ତାକୁ ଦେଖି ଭୟଭୀତ ହୋଇପଡ଼ିଲି ଏବଂ ଆଶ୍ରୟ ପାଇବା ଆଶାରେ ରାଜଭବନ ମଧ୍ୟରେ ପ୍ରବେଶ କରିବା ପାଇଁ ଚେଷ୍ଟା କଲି । ଦୟାଳୁ ଦ୍ୱାରପାଳ ମୋର ଏ ଅବସ୍ଥା ଦେଖି ଦ୍ୱାର ଉନ୍ମୁକ୍ତ କରନ୍ତେ ମୁଁ ଆସି ଆପଣଙ୍କ ନିକଟରେ ଉପସ୍ଥିତ ହୋଇଛି । ବୋଧହୁଏ ସେହି ବ୍ରାହ୍ମଣ ବର୍ତ୍ତମାନ ସୁଦ୍ଧା ମୋତେ ଅପେକ୍ଷା କରି ରାଜଦ୍ୱାର ନିକଟରେ ବୁଲୁଥିବ ।'

ବ୍ରାହ୍ମଣ ରମଣୀଠାରୁ ଏହା ଶ୍ରବଣ କରି ନରବାହନଦତ୍ତ ତୁରନ୍ତ ଉକ୍ତ ବ୍ରାହ୍ମଣକୁ ଆଣି ଉପସ୍ଥିତ କରାଇବା ପାଇଁ ଦ୍ୱାରପାଳକୁ ନିର୍ଦ୍ଦେଶ ଦେଲେ । କ୍ରୋଧ କମ୍ପିତ ଶରୀର ହଠଶର୍ମା ଛୁରିକାହସ୍ତରେ ଆସି ଅଶୋକମାଳା ପ୍ରତି ରୋଷାରୁଣ ଦୃଷ୍ଟିପାତ ପୂର୍ବକ ଦଣ୍ଡାୟମାନ ହେଲା । ତାକୁ ଦେଖି ଯୁବରାଜ ନରବାହନଦତ୍ତ ପ୍ରଶ୍ନ କଲେ, 'ହେ ଦୁଷ୍ଟ ବ୍ରାହ୍ମଣ, ତୁମେ ଏହି ନାରୀଟିକୁ କାହିଁକି ପ୍ରହାର କରୁଅଛ ଏବଂ ଅନ୍ୟର ଗୃହରେ କାହିଁକି ଅଗ୍ନି ସଂଯୋଗ କରୁଅଛ ? ଏପରି ପାପ କାର୍ଯ୍ୟରେ ଲିପ୍ତ ରହିବା କଣ ଉଚିତ ହେଉଅଛି ?' ଉତ୍ତରରେ ବ୍ରାହ୍ମଣ କହିଲା, 'ଏ ମୋର ଧର୍ମପତ୍ନୀ । ମୋତେ ପରିତ୍ୟାଗ କରି ସେ ଯଦି ପର ପୁରୁଷ ନିକଟରେ ବାସ କରେ ତାହାହେଲେ ମୁଁ ଏହା କିପରି ସହ୍ୟ କରିବି ?'

Digitized by srujanika@gmail.com

ହଠଶର୍ମାର ଏ ପ୍ରକାର ଉତ୍ତର ଶୁଣି ଅଶୋକମାଳା ଉଦ୍‌ବିଗ୍ନ ହୋଇ ଲୋକପାଳମାନଙ୍କୁ ଲକ୍ଷ୍ୟ କରି କହିଲା, 'ହେ ଲୋକପାଳ, ତୁମ୍ଭେମାନେ ପ୍ରକାଶ କର ଯେ ତୁମ୍ଭମାନଙ୍କୁ ସାକ୍ଷୀ ରଖି ଏହି କୁତ୍ସିତ ବ୍ରାହ୍ମଣ କଣ ମୋତେ ବଳପୂର୍ବକ ବିବାହ କରିନାହିଁ ? ମୋର ଅନିଚ୍ଛା ସତ୍ତ୍ୱେ ଏ କଣ ମୋତେ ବାଧ କରି ତା'ର ଗୃହକୁ ନେଇ ନାହିଁ ? ବିବାହ ସମୟରେ ମୁଁ କଣ କହି ନଥିଲି ଯେ ମୁଁ ତାର ଗୃହରେ କଦାପି ବାସ କରିବି ନାହିଁ ।'

ଅଶୋକମାଳାର ବାକ୍ୟ ସମର୍ଥନ କରି ଏ ସମୟରେ ଦିବ୍ୟବାଣୀ ହେଲା, ଅଶୋକମାଳା ଯାହା କହୁଛି ତାହା ଏକାନ୍ତ ଯଥାର୍ଥ । ଏ ମାନବୀ ନୁହ । ଏହାର ପୂର୍ବ ବୃତ୍ତାନ୍ତ ଏହିପରି–

ଅଶୋକକର ନାମରେ ଜଣେ ବିଦ୍ୟାଧର ଅଧିପତି ଥିଲେ । ଏହି ପୁତ୍ରହୀନ ରାଜାଙ୍କର ଭାଗ୍ୟବଶତଃ ଏକମାତ୍ର କନ୍ୟା ଜାତ ହୋଇଥିଲା । ପିତା ଏହାର ନାମ ରଖିଥିଲେ ଅଶୋକମାଳା । କନ୍ୟାଟି ପିତୃ ଗୃହରେ କ୍ରମେ କ୍ରମେ ବୃଦ୍ଧି ଲାଭ କରିବାକୁ ଲାଗିଲା । ଯୌବନ ପ୍ରାପ୍ତିପରେ ଅଶୋକମାଳା ନିଜର ରୂପବିଭବରେ ଗର୍ବିତା ହୋଇ ବିବାହ କରିବା ପାଇଁ ଆସୁଥିବା କାହାରିକୁ ପତିରୂପେ ବରଣ କରିବା ନିମନ୍ତେ ସମ୍ମତ ହେଲା ନାହିଁ । ଏହାର ଏହି ଜିଦ୍‌ଖୋର ମନୋଭାବ ଦେଖି ପିତା କ୍ରୁଦ୍ଧ ହୋଇ ଏହାକୁ ଅଭିଶାପ ଦେଲେ ଯେ ଏ ମର୍ତ୍ତ୍ୟ ଲୋକରେ ଆସି ଜନ୍ମ ଗ୍ରହଣ କରିବ ଏବଂ ଏଠାରେ ମଧ୍ୟ ତାର ନାମ ଅପରିବର୍ତ୍ତିତ ରହିବ । ଏଠାରେ ଏକ କୁତ୍ସିତ ଓ କଦାକାର ବ୍ରାହ୍ମଣକୁ ପତିରୂପେ ଲାଭ କରି ତାକୁ ପରିତ୍ୟାଗ ପୂର୍ବକ ସେ ଅନ୍ୟ ତିନୋଟି ପତି ବରଣ କରିବ । କିନ୍ତୁ କାହାରି ନିକଟରେ ସେ ବହୁଦିନ ରହି ନପାରି ଶେଷରେ ଏକ ବଳବାନ ରାଜପୁତ୍ରର ଆଶ୍ରୟ ନେବ । ଏହାର ସନ୍ଧାନ ପାଇ ପୂର୍ବ ବ୍ରାହ୍ମଣ ଯେତେବେଳେ ଏହାକୁ ହତ୍ୟା କରିବାପାଇଁ ଉଦ୍ୟତ ହେବ ସେତେବେଳେ ଏହି ଅଶୋକମାଳା ରାଜଭବନ ମଧ୍ୟରେ ପ୍ରବେଶ କରି ଶାପମୁକ୍ତ ହେବ ।

'ଏ ହିଁ ଅତୀତର ସେହି ବିଦ୍ୟାଧର କୁମାରୀ ଅଶୋକମାଳା । ବର୍ତ୍ତମାନ ତାର ଶାପର ଅବଧି ଶେଷ ହୋଇଅଛି । ତେଣୁ ସେ ବିଦ୍ୟାଧର ଲୋକକୁ ଫେରିଯାଇ ପୁଣି ତା'ର ବିଦ୍ୟାଧର ଶରୀର ଧାରଣ କରିବ ଏବଂ ଅଭିରୁଚି ନାମକ ବିଦ୍ୟାଧର ରାଜାଙ୍କୁ ବିବାହ କରି ପୂର୍ବ ଶାପ ସ୍ମରଣ ପୂର୍ବକ ଆନନ୍ଦମୟ ଜୀବନଯାପନ କରିବ ।'

ଦିବ୍ୟବାଣୀ ଶୁଣି ଅଶୋକମାଳାର ପ୍ରାଣହୀନ ଶରୀର ଭୂମି ଉପରେ ଲୋଟି ପଡ଼ିଲା ।

Digitized by srujanika@gmail.com

ଏହି ଘଟଣାରେ ନରବାହନଦତ୍ତ ଏବଂ ଅଳଙ୍କାରବତୀଙ୍କ ଚକ୍ଷୁ ଲୋତକାର୍ଦ୍ର ହୋଇ ଉଠିଲା । ଅତି କଷ୍ଟରେ କ୍ରୋଧ ସମ୍ବରଣ କରୁଥିବା ପ୍ରେମାନ୍ଧ ହଠଶର୍ମା କିଛି ସମୟ ବିଳାପ କରିବା ପରେ ହଠାତ୍ ହର୍ଷ ଗଦ୍‌ଗଦ ହୋଇଉଠିଲା । ତାର ଏ ପ୍ରକାର ଅଦ୍ଭୁତ ଆଚରଣରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିସ୍ମିତ ହୋଇ ଏହାର କାରଣ ଜିଜ୍ଞାସା କରନ୍ତେ ସେ କହିଲା, ମୁଁ ମଧ୍ୟ ମୋର ପୂର୍ବଜନ୍ମ ସ୍ମରଣ କରି ପାରିଛି, ଶୁଣନ୍ତୁ–

ସ୍ଥୂଳଭୁଜ ବିଦ୍ୟାଧର କଥା

ହିମାଳୟ ପର୍ବତର ଶିଖରଦେଶରେ ମଦନପୁର ନାମକ ଏକ ବିଶିଷ୍ଟ ନଗର ଅଛି । ସେଠାରେ ପ୍ରଳମ୍ବଭୁଜ ନାମରେ ଜଣେ ବିଦ୍ୟାଧର ରାଜତ୍ୱ କରନ୍ତି । ସ୍ଥୂଳଭୁଜ ତାଙ୍କରି ପୁତ୍ର । ସେ ଯୌବନରେ ଅତ୍ୟନ୍ତ ରୂପବାନ୍ ଥିଲେ ।

ସ୍ଥୂଳଭୁଜଙ୍କ ବିବାହ ବୟସ ହୁଅନ୍ତେ ସୁରଭିବସ୍ତ୍ର ନାମକ ବିଦ୍ୟାଧର ରାଜା ନିଜର କନ୍ୟା ସହିତ ପ୍ରଳମ୍ବଭୁଜଙ୍କ ଗୃହରେ ଉପସ୍ଥିତ ହୋଇ କହିଲେ, 'ଇଏ ମୋର କନ୍ୟା ସୁରଭିଦତ୍ତା । ମୁଁ ଏହାକୁ ଆପଣଙ୍କ ପୁତ୍ର ସ୍ଥୂଳଭୁଜ ନିମିତ୍ତ ପ୍ରଦାନ କରୁଅଛି । ତେଣୁ ଏ ଉଭୟଙ୍କର ବିବାହ କରାଇ ଦିଅନ୍ତୁ ।' ଉକ୍ତ ପ୍ରସ୍ତାବରେ ସମ୍ମତ ହୋଇ ପ୍ରଳମ୍ବଭୁଜ ନିଜର ପୁତ୍ର ନିକଟରେ ଏ ପ୍ରସ୍ତାବ ଉପସ୍ଥାପନ କଲେ । କିନ୍ତୁ ସ୍ଥୂଳଭୁଜ ନିଜର ଅନିନ୍ଦ୍ୟ ଓ ଅସାମାନ୍ୟ ରୂପ ଗର୍ବରେ ଉନ୍ମତ୍ତ ହୋଇ କନ୍ୟାଟି ମଧ୍ୟମ ରୂପବତୀ ଥିବାଯୋଗୁଁ ତା' ସହ ବିବାହ କରିପାରିବେ ନାହିଁ ବୋଲି ପ୍ରତ୍ୟାଖ୍ୟାନ କଲେ । ତଥାପି ପିତା ପୁତ୍ରକୁ ବୁଝାଇବାକୁ ଯାଇ କହିଲେ 'ବତ୍ସ, ଅତ୍ୟଧିକ ରୂପବିଭବରେ କ'ଣ ଅଛି । ଉଚ୍ଚ ବଂଶର କନ୍ୟା ସର୍ବଥା ଗ୍ରହଣୀୟ । କନ୍ୟା ପିତା ଏହାକୁ ତୋ ନିମିତ୍ତ ପ୍ରଦାନ କରିଅଛନ୍ତି ଏବଂ ମୁଁ ତାକୁ ଗ୍ରହଣ କରିଛି । ଏଣୁ ତୁ ମୋର ସତ୍ୟ ରକ୍ଷା କରି ଏହାକୁ ବିବାହ କରିବା ଉଚିତ ହେବ ।'

ସ୍ଥୂଳଭୁଜ କିନ୍ତୁ ପିତାଙ୍କ ପ୍ରସ୍ତାବ ବାରମ୍ବାର ପ୍ରତ୍ୟାଖ୍ୟାନ କଲେ । ଫଳରେ ସେ କ୍ରୁଦ୍ଧ ହୋଇ ପୁତ୍ରକୁ ଅଭିଶାପ ଦେଲେ, 'ରୂପ ଗର୍ବରେ ଉନ୍ମତ୍ତ ହୋଇଥିବା ଯୋଗୁଁ ତୁ ବର୍ତ୍ତମାନ ଯାଇ ମର୍ତ୍ତ୍ୟଲୋକରେ ଜନ୍ମ ଗ୍ରହଣ କର । ସେଠାରେ ତୋର ଆକୃତି ଅତ୍ୟନ୍ତ ଭୟଙ୍କର ଓ କଦର୍ଯ୍ୟ ହେବ । ତୁ ଶାପଚ୍ୟୁତ ଅଶୋକମାଳାକୁ ବଳାତ୍କାର ପୂର୍ବକ ବିବାହ କରିବୁ, କିନ୍ତୁ ସେ ତୋତେ ଗ୍ରହଣ ନକରି ପରିତ୍ୟାଗ କରିବ । ଫଳରେ ତୁ ବିଯୋଗ ଦୁଃଖ ଲାଭ କରିବୁ । ସେ ଯେତେବେଳେ ଅନ୍ୟ ପୁରୁଷ ସହ ଜୀବନଯାପନ କରିବ

Digitized by srujanika@gmail.com

ସେତେବେଳେ ତୁ ଭୟଙ୍କର ବିରହ ବେଦନାରେ କ୍ଷୀଣ ଓ ଦୁର୍ବଳ ହୋଇପଡ଼ିବୁ ଏବଂ ପ୍ରେମାତିଶଯ୍ୟ ଯୋଗୁଁ ଅଗ୍ନିଦାହ ପ୍ରଭୃତି ପାପ କର୍ମରେ ଲିପ୍ତ ହେବୁ ।'

ପୁତ୍ରକୁ ଏ ପ୍ରକାର ଅଭିଶାପ ପ୍ରଦାନ କରୁଥିବା ପ୍ରଳମ୍ବଭୁଜଙ୍କ ଚରଣ ସ୍ପର୍ଶ କରି ରୋରୁଦ୍ୟମାନା ସୁରଭିଦତ୍ତା କହିଲେ, 'ମୋର ଅପରାଧ ପାଇଁ ମୋର ପତିଙ୍କୁ କାହିଁକି ଶାପଗ୍ରସ୍ତ କଲେ, ମୋତେ ମଧ୍ୟ ଅନୁରୂପ ଅଭିଶାପ ଦିଅନ୍ତୁ ।' ଏଥିରେ ପ୍ରଳମ୍ବଭୁଜ ଟିକିଏ ଶାନ୍ତ ହୋଇ ପୁତ୍ରର ଶାପାନ୍ତ ଘୋଷଣା ପୂର୍ବକ କହିଲେ ଯେ 'ଅଶୋକମାଳା ଶାପମୁକ୍ତ ହେଲେ ସ୍ଥୂଳଭୁଜ ମଧ୍ୟ ନିଜର ପୂର୍ବଜନ୍ମ ସ୍ମରଣ କରି ମୁକ୍ତିଲାଭ କରିବ ଏବଂ ନିଜର ବିଦ୍ୟାଧର ଶରୀର ଲାଭପୂର୍ବକ ଅଭିଶାପ ସ୍ମରଣରେ ଗର୍ବ ଅଭିମାନ ରହିତ ହୋଇ ତୁମକୁ ବିବାହ କରିବ ।' ପ୍ରଳମ୍ବଭୁଜଙ୍କ ଶାପାନ୍ତ ଘୋଷଣା ଶୁଣି ସୁରଭିଦତ୍ତା କୌଣସିମତେ ଧୈର୍ଯ୍ୟ ଧାରଣ କରି ଭବିତବ୍ୟ ପାଇଁ ପ୍ରତୀକ୍ଷା କଲେ ।

ଆପଣମାନେ ମୋତେ ହିଁ ସେହି ଶାପଗ୍ରସ୍ତ ସ୍ଥୂଳଭୁଜ ବୋଲି ଜାଣନ୍ତୁ । ଅଭିମାନ ଓ ଗର୍ବ ପାଇଁ ମୁଁ ଏ ପ୍ରକାର ଦୁଃଖ ଲାଭ କରୁଥିଲି । ଅହଙ୍କାରୀ ବ୍ୟକ୍ତିମାନେ ନିଜର ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ କଦାପି ସୁଖ ଲାଭ କରିପାରନ୍ତି ନାହିଁ । ଆଜି ମୋର ଶାପର ଅବଧି ଶେଷ ହୋଇଛି ।

ପୁଂସାମଦୃଷ୍ଟେ ଦୃଷ୍ଟେ ବା ଶ୍ରେୟୋଽହଂକାରିଣାଂ କୁତଃ ।

ଏହା କହି ହଠଶର୍ମା ଦିବ୍ୟ ବିଦ୍ୟାଧର କୁମାର ରୂପ ଧାରଣ କଲା । ନିଜ ବିଦ୍ୟା ପ୍ରଭାବରେ ଅଶୋକମାଳାର ମୃତଶରୀରକୁ ଗଙ୍ଗା ସ୍ରୋତରେ ନିମଜ୍ଜନ କରି ଏବଂ ଅଳଙ୍କାରବତୀଙ୍କ ସମଗ୍ର ବାସ ଭବନକୁ ଗଙ୍ଗାଜଳରେ ପରିଷ୍କାର କରି ସେ ନିଜର ଭାବୀ ଚକ୍ରବର୍ତ୍ତୀ ନରବାହନଦତ୍ତଙ୍କୁ ପ୍ରଣାମ ପୂର୍ବକ ନିଜର କାର୍ଯ୍ୟ ସିଦ୍ଧି ନିମିତ୍ତ ଆକାଶ ମାର୍ଗରେ ସ୍ୱୀୟ ବାସଭବନ ଅଭିମୁଖରେ ପ୍ରସ୍ଥାନ କଲା ।

ଏହା ଦେଖି ଉପସ୍ଥିତ ସମସ୍ତ ବ୍ୟକ୍ତି ବିସ୍ମୟ ବିମୂଢ଼ ହୋଇପଡ଼ନ୍ତେ ଗୋମୁଖ ଅନଙ୍ଗରତିଙ୍କ କଥା କହିବା ଆରମ୍ଭ କଲେ—

ଅନଙ୍ଗରତି କଥା

ପୃଥିବୀ ପୃଷ୍ଠରେ ଶୂରପୁର ନାମକ ଏକ ଯଥାର୍ଥନାମା ନଗରୀ ଅଛି । ସେଠାରେ ମହାବରାହ ନାମରେ ଜଣେ ଅତ୍ୟନ୍ତ ପରାକ୍ରମଶାଳୀ ରାଜା ରାଜତ୍ୱ କରୁଥିଲେ । ସନ୍ତାନହୀନ ଏହି ରାଜାଙ୍କ ଔରସରେ ବହୁଦିନ ପରେ ମହିଷୀ ପଦ୍ମରତିଙ୍କ ଗର୍ଭରୁ ଏକ

Digitized by srujanika@gmail.com

କନ୍ୟା ଜାତ ହେଲା । ପିତାମାତା କନ୍ୟାଟିର ନାମ ରଖିଲେ ଅନଙ୍ଗରତି । କାଳକ୍ରମେ କନ୍ୟାଟି ଯୌବନରେ ପଦାର୍ପଣ କରନ୍ତେ ବହୁ ରାଜା ତାର ରୂପ ବିଭବରେ ଆକୃଷ୍ଟ ହୋଇ ବିବାହ କରିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ । କିନ୍ତୁ ସେ କାହାରିକୁ ପତିରୂପରେ ବରଣ କରିବାପାଇଁ ଇଚ୍ଛୁକ ହେଲା ନାହିଁ । ବରଂ ସେ ପ୍ରତିଜ୍ଞା କଲା ଯେ ଯେଉଁ ପୁରୁଷ ଶୂର, ବୀର ଓ ରୂପବାନ ହୋଇଥିବେ ତାଙ୍କୁ ହିଁ ସେ ପତିପଦରେ ବରଣ କରିବ ।

କିଛିଦିନ ଅତୀତ ହେଲା । ଏକଦା ରାଜକୁମାରୀର ପ୍ରତିଜ୍ଞା ଶ୍ରବଣ କରି ତାର ସମ୍ମତିକ୍ରମେ ବିବାହ କରିବା ପାଇଁ ଦକ୍ଷିଣାପଥରୁ ଚାରିଜଣ ବୀର ପୁରୁଷ ଆସି ରାଜା ମହାବରାହଙ୍କ ନିକଟରେ ଉପସ୍ଥିତ ହେଲେ । ରାଜା ସେମାନଙ୍କ ଅଭିଳାଷ ଜ୍ଞାତ ହୋଇ କନ୍ୟା ଅନଙ୍ଗରତି ସମ୍ମୁଖରେ ହିଁ ତାଙ୍କୁ ଜିଜ୍ଞାସା କଲେ, 'ତୁମ୍ଭମାନଙ୍କ ଶୁଭ ନାମ ସହ କିଏ କେଉଁ ବିଦ୍ୟାରେ ଧୁରୀଣ ତାହା ଦୟାପୂର୍ବକ ପ୍ରକାଶ କର ।'

ଉତ୍ତର ଦେବାକୁ ଯାଇ ଜଣେ କହିଲେ, 'ମୁଁ ପଞ୍ଚପଟ୍ଟିକ ନାମକ ଶୂଦ୍ର । ମୋର ବୟନ ବିଜ୍ଞାନରେ ଉତ୍ତମ ଜ୍ଞାନ ଅଛି । ମୁଁ ପ୍ରତ୍ୟହ ପାଞ୍ଚ ଯୋଡ଼ା ବସ୍ତ୍ର ବୟନ କରେ । ଏଥିରୁ ଗୋଟିଏ ଯୋଡ଼ି ବ୍ରାହ୍ମଣଙ୍କୁ, ଅନ୍ୟ ଏକ ଯୋଡ଼ା ଦେବତାଙ୍କୁ ପ୍ରଦାନ କରେ । ତୃତୀୟ ଯୋଡ଼ା ମୁଁ ପରିଧାନ କରେ, ଚତୁର୍ଥ ଯୋଡ଼ି ମୋର ଯେ ପତ୍ନୀ ହେବ ସେ ପରିଧାନ କରିବ ବୋଲି ରଖାଯାଏ ଏବଂ ଶେଷ ଯୋଡ଼ିଟି ବିକ୍ରୟ କରି ଲବ୍ଧ ଅର୍ଥରେ ମୁଁ ପରିବାର ପୋଷଣ କରେ ।'

ଦ୍ୱିତୀୟ ବ୍ୟକ୍ତି କହିଲେ, 'ମୁଁ ଭାଷାବିଜ୍ଞାନୀ ବୈଶ୍ୟ । ସମସ୍ତ ପଶୁ ଓ ପକ୍ଷୀଙ୍କର ଭାଷା ମୁଁ ବୁଝିପାରେ ।'

ତୃତୀୟ ବ୍ୟକ୍ତି କହିଲେ, 'ମୁଁ ଖଡ୍‌ଗଧର ନାମକ କ୍ଷତ୍ରିୟ । ଖଡ୍‌ଗ ବ୍ୟତୀତ ମୁଁ ଅନ୍ୟ କୌଣସି ଉପାୟରେ ଜୀବିକା ନିର୍ବାହ କରେ ନାହିଁ ।'

ଶେଷରେ ଚତୁର୍ଥ ବ୍ୟକ୍ତି କହିଲେ, 'ମୁଁ ଜୀବଦତ୍ତ ନାମକ ବ୍ରାହ୍ମଣ । ପାର୍ବତୀଙ୍କ କୃପା ଏବଂ ମୋର ବିଦ୍ୟା ପ୍ରଭାବରୁ ମୁଁ ମୃତା ନାରୀକୁ ଜୀବନଦାନ କରିପାରେ ।'

ଏହା କହି ପ୍ରତ୍ୟେକେ ସ୍ୱତନ୍ତ୍ର ଭାବରେ ପୁଣି ନିଜ ନିଜର ରୂପ, ଗୁଣ, ବଳ, ବୀର୍ଯ୍ୟ ପ୍ରଭୃତିର ପ୍ରଶଂସା ଗାନ କଲେ । କିନ୍ତୁ ବ୍ରାହ୍ମଣ ଜୀବଦତ୍ତ ନିଜର ରୂପ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ନିଜର ଆତ୍ମପ୍ରୌଢ଼ି ପ୍ରଖ୍ୟାପନ କଲେ ।

ଏହା ଶ୍ରବଣ କରିବା ପରେ ମହାବରାହ ଏମାନଙ୍କ ରହିବା ନିମନ୍ତେ ସମସ୍ତ ବ୍ୟବସ୍ଥା କରିଦେବାପାଇଁ ପ୍ରତିହାରୀକୁ ନିର୍ଦ୍ଦେଶ ପ୍ରଦାନ ଦେବାରୁ ସେ ସଙ୍ଗେ ସଙ୍ଗେ ସେମାନଙ୍କୁ ଧରି ପ୍ରସ୍ଥାନ କଲା ।

Digitized by srujanika@gmail.com

ସେମାନେ ଚାଲିଯିବା ପରେ ରାଜା ମହାବରାହ ଅନଙ୍ଗରତିକୁ ଏ ଚାରିଜଣଙ୍କ ମଧ୍ୟରୁ ସେ କାହାକୁ ବିବାହ କରିବ ବୋଲି ଜିଜ୍ଞାସା କରନ୍ତେ ସେ କହିଲା, 'ପିତା, ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମୋର ମନୋମତ ହୋଇପାରି ନାହାନ୍ତି । ଏମାନଙ୍କ ମଧ୍ୟରେ ଜଣେ ଶୂଦ୍ର । ସେ ଯେତେ ଗୁଣବାନ୍ ହେଲେ ହେଁ ଲାଭ କଣ ? ଦ୍ୱିତୀୟ ବୈଶ୍ୟ, ସେ ପଶୁ ପକ୍ଷୀମାନଙ୍କର ଭାଷା ଜାଣନ୍ତି । ଏ ବିଦ୍ୟାରେ ମଧ୍ୟ ଲାଭ କଣ ଅଛି ? ମୁଁ କ୍ଷତ୍ରିୟ କନ୍ୟା ହୋଇ ଶୂଦ୍ର ବା ବୈଶ୍ୟ ସହ କିପରି ବିବାହ କରିବି ? ତୃତୀୟ ବ୍ୟକ୍ତି ମୋ ତୁଲ୍ୟ କ୍ଷତ୍ରିୟ ବଂଶ ସମ୍ଭୂତ । ସେ ଗୁଣବାନ ହେଲେ ହେଁ ସେବା କାର୍ଯ୍ୟରେ ନିଯୁକ୍ତ ରହି ଜୀବିକା ଅର୍ଜ୍ଜନ କରନ୍ତି, ପୁଣି ଦରିଦ୍ର ଏବଂ ପ୍ରାଣୀ ବିକ୍ରୟୀ । ମୁଁ ପୃଥିବୀ ପତିଙ୍କ କନ୍ୟା ହୋଇ ଜଣେ ସେବକର ପାଣିଗ୍ରହଣ କରିବା ଶୋଭନୀୟ ନୁହେ । ଚତୁର୍ଥ ବ୍ରାହ୍ମଣ ହେଲେ ହେଁ କୁରୂପ, କର୍ମହୀନ, ବେଦରହିତ ଏବଂ ପତିତ । ସେ ତ ଆପଣଙ୍କର ଦଣ୍ଡଯୋଗ୍ୟ । ଆପଣ ଧର୍ମର ରକ୍ଷକ, ବର୍ଣ୍ଣାଶ୍ରମର ପ୍ରତିପାଳକ, ପୁଣି ଖଡ଼୍‌ଗଶୂର ଅପେକ୍ଷା ଧର୍ମଶୂର ଅଧିକ ପ୍ରଶଂସନୀୟ । ଏକ ଧର୍ମଶୂର ସହସ୍ର ଖଡ଼୍‌ଗଶୂରଙ୍କ ସ୍ୱାମୀ ହୋଇପାରେ ।'

କନ୍ୟାଠାରୁ ଏହା ଶ୍ରବଣ କରି ରାଜା ତାଙ୍କୁ ଅନ୍ତଃପୁର ମଧ୍ୟକୁ ପଠାଇ ଦେଇ ନିଜେ ଦୈନନ୍ଦିନ କ୍ରିୟା ସମାପନ କରିବା ନିମିତ୍ତ ପ୍ରସ୍ଥାନ କଲେ ।

ଦ୍ୱିତୀୟ ଦିନ ସେହି ଚାରିଜଣ ବୀର ପୁରୁଷ ପ୍ରତିହାରଗୃହରୁ ନଗର ଭ୍ରମଣ ଉଦ୍ଦେଶ୍ୟରେ ନିର୍ଗତ ହେଲେ । ଏ ସମୟରେ ପଦ୍ମକବଳ ନାମକ ମଦୋନ୍ମତ୍ତ ଦୁଷ୍ଟ ହସ୍ତୀ ବନ୍ଧନ ଛିନ୍ନ କରି ଗଜଶାଳାରୁ ପଳାୟନ କରିଥାଏ । ସେ ବହୁ ବ୍ୟକ୍ତିଙ୍କୁ ପଦଦଳିତ କରି ରାଜରାସ୍ତାରେ ବିଚରଣ କରୁଥିବା ସମୟରେ ଏହି ଚାରିଜଣଙ୍କୁ ଦେଖି ଆକ୍ରମଣ କଲା । ସେମାନେ ମଧ୍ୟ ନିଜ ନିଜର ଅସ୍ତ୍ରଶସ୍ତ୍ର ନେଇ ପ୍ରତିଆକ୍ରମଣ କଲେ । ଏମାନଙ୍କ ମଧ୍ୟରେ ଥିବା କ୍ଷତ୍ରିୟବୀର ଖଡ଼୍‌ଗଧର ଅନ୍ୟମାନଙ୍କୁ ପଛରେ ପକାଇ ନିଜେ ଏକାକୀ ହସ୍ତୀର ସମ୍ମୁଖୀନ ହେଲା । ହସ୍ତୀଟି ଗର୍ଜ୍ଜନ କରି ତାକୁ ଆକ୍ରମଣ କରିବା ପାଇଁ ଚେଷ୍ଟା କରନ୍ତେ ସେ ଖଡ଼୍‌ଗର ଏକ ମାତ୍ର ପ୍ରହାରରେ ତାର ଶୁଣ୍ଢଟିକୁ କମଳନାଳ ତୁଲ୍ୟ ଶରୀରରୁ ଛିନ୍ନ କରିଦେଲା । ଏହାପରେ ତାର ପେଟ ତଳ ଦେଇ ନିର୍ଗତ ହୋଇ ଏବଂ ଚକ୍ରାକାରରେ ଘୂର୍ଣ୍ଣନ କରି ସେ ତାହାର ପୃଷ୍ଠ ଦେଶରେ ଦ୍ୱିତୀୟବାର ପ୍ରହାର କଲା । ତୃତୀୟ ପ୍ରହାରରେ ସେ ତାର ପଦଗୁଡ଼ିକ କର୍ତ୍ତନ କରି ଦିଅନ୍ତେ ହସ୍ତୀ ଭୂମି ଉପରେ ପଡ଼ିଯାଇ ପଞ୍ଚତ୍ୱ ପ୍ରାପ୍ତ ହେଲା । ତାର ଏତାଦୃଶ ପରାକ୍ରମ ଦେଖି ଦର୍ଶକମାନେ ଚକିତ ହୋଇପଡ଼ିଲେ ଏବଂ ରାଜା ମହାବରାହ ମଧ୍ୟ ବିସ୍ମୟ ପ୍ରକାଶ କଲେ ।

Digitized by srujanika@gmail.com

ପରଦିନ ରାଜା ହସ୍ତୀ ପୃଷ୍ଠରେ ଆରୋହଣ କରି ମୃଗୟା ନିମିତ୍ତ ଅରଣ୍ୟ ଅଭିମୁଖରେ ଅଗ୍ରସର ହେଲେ । ଏହା ଦେଖି ସେହି ଚାରିଜଣ ବୀର ମଧ୍ୟ ତାଙ୍କର ଅନୁଗମନ କଲେ । ମୃଗୟାରେ ବହୁ ଶାର୍ଦ୍ଦୂଳ, ମୃଗ ଓ ବରାହ ଶିକାର କରିବା ପରେ ହସ୍ତୀମାନଙ୍କର ଭୀଷଣ ବୃଂହଣ ଶ୍ରବଣରେ କ୍ରୋଧାନ୍ୱିତ ହୋଇ ସିଂହମାନେ ଚତୁର୍ଦ୍ଦିଗରୁ ଆସି ରାଜାଙ୍କୁ ଆକ୍ରମଣ କଲେ । ବୀର ଖଡ୍‌ଗଧର ଏହା ଦେଖି ଆକ୍ରମଣ କରୁଥିବା ସିଂହମାନଙ୍କ ମଧ୍ୟରୁ ଗୋଟିକୁ ଖଡ୍‌ଗର ଏକମାତ୍ର ପ୍ରହାରରେ ଦ୍ୱିଖଣ୍ଡନ କଲା ଏବଂ ଅନ୍ୟ ଏକ ସିଂହର ପାଦକୁ ବାମ ହସ୍ତରେ ଧାରଣ କରି ଭୂମି ଉପରେ କଚାଡ଼ି ହତ୍ୟା କଲା । ଏହିପରି ପଞ୍ଚପଟ୍ଟିକ ଶୂଦ୍ର, ବୈଶ୍ୟ ଓ ବ୍ରାହ୍ମଣ ମଧ୍ୟ ରାଜାଙ୍କୁ ଆକ୍ରମଣ କରୁଥିବା ସିଂହ ଓ ଶାର୍ଦ୍ଦୂଳମାନଙ୍କୁ ଅନାୟାସରେ ଭୂମି ଉପରେ କଚାଡ଼ି ହତ୍ୟା କରିବାକୁ ଲାଗିଲେ । ଏମାନଙ୍କ ବୀରତ୍ୱରେ ଆଶ୍ଚର୍ଯ୍ୟଚକିତ ରାଜା ମହାବରାହ ମୃଗୟା ବିହାରରୁ ନିର୍ବିଘ୍ନରେ ଆସି ନିଜ ପ୍ରାସାଦରେ ଉପସ୍ଥିତ ହୁଅନ୍ତେ ବୀରବୃନ୍ଦ ପ୍ରତିହାରୀ ଗୃହ ଅଭିମୁଖରେ ପ୍ରସ୍ଥାନ କଲେ ।

ମୃଗୟାରୁ ପ୍ରତ୍ୟାବର୍ତ୍ତନ କରି ରାଜା କ୍ଳାନ୍ତ ହୋଇପଡ଼ିଥିଲେ ହେଁ ସେତେବେଳେ ହିଁ ଅନ୍ତଃପୁର ମଧ୍ୟକୁ ଯାଇ ଅନଙ୍ଗରତି ସହ ଦେଖା କଲେ । ମୃଗୟାରେ ଘଟିଥିବା ସମସ୍ତ ଘଟଣା ଏବଂ ବୀରମାନଙ୍କର ଅଦ୍ଭୁତ ପରାକ୍ରମ ତା' ନିକଟରେ ବର୍ଣ୍ଣନା କରିବାରୁ ସେ ମଧ୍ୟ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲା । ଏହି ଅବସରରେ ରାଜା ତାକୁ କହିଲେ, 'ବତ୍ସେ, ପଞ୍ଚପଟ୍‌ଟିକ ଓ ଭାଷାବିଜ୍ଞାନୀ ଯଦି ସମାନ ବଂଶର ନୁହଁନ୍ତି ଏବଂ ବ୍ରାହ୍ମଣ ଯଦି କୁତ୍ସିତ ଓ କୁକର୍ମଶୀଳ, ତାହାହେଲେ କ୍ଷତ୍ରିୟ ଖଡ୍‌ଗଧରର ଦୋଷ କଣ ରହିଲା ? ତାର ରୂପ ଯେପରି ସୁନ୍ଦର, ପରାକ୍ରମ ମଧ୍ୟ ସେହିପରି ଅନନ୍ୟସାଧାରଣ । ଯିଏ ଏପରି ମଦୋନ୍ମତ୍ତ ଓ ବଳବାନ ହସ୍ତୀକୁ ହତ୍ୟା କରିପାରେ, ଯେ ଉନ୍ମତ୍ତ ସିଂହମାନଙ୍କୁ ତରବାରି ସାହାଯ୍ୟରେ ହତ୍ୟା କରିପାରେ ଏବଂ ସିଂହମାନଙ୍କର ପାଦଧରି ଭୂମି ଉପରେ କଚାଡ଼ି ସେମାନଙ୍କୁ ମାରିଦେଇ ପାରେ, ତାର ପରାକ୍ରମ ଓ ବଳବୀର୍ଯ୍ୟ ସମ୍ପର୍କରେ ଅଧିକ କହିବା ନିଷ୍ପ୍ରୟୋଜନ । ଯଦି ତୁ କହୁଛୁ ଯେ ସେ ଦରିଦ୍ର ଏବଂ ଅନ୍ୟର ସେବକ ରୂପେ ଜୀବିକା ନିର୍ବାହ କରୁଅଛନ୍ତି, ତାହାହେଲେ ମୁଁ ଏହିକ୍ଷଣି ତାଙ୍କୁ ରାଜସମ୍ପତ୍ତି ପ୍ରଦାନ କରି ପ୍ରଭୁ କରିଦେବି । ତେଣୁ ତୋର ଯଦି ମନୋନୀତ ହେଉଛି ତାହାହେଲେ ପତି ପଦରେ ତାକୁ ବରଣ କରିପାରୁ ।'

ପିତାଙ୍କ ଠାରୁ ଏହା ଶୁଣି ଅନଙ୍ଗରତି କହିଲା, 'ଆପଣଙ୍କର ଯଦି ଏହା ହିଁ ଇଚ୍ଛା, ତାହାହେଲେ ସେମାନଙ୍କୁ ଏବଂ ଜ୍ୟୋତିର୍ବିଦ୍‌ମାନଙ୍କୁ ଡାକି ପଚାରନ୍ତୁ ଏବଂ ସେମାନେ

Digitized by srujanika@gmail.com

କଣ କହୁଛନ୍ତି ଶୁଣନ୍ତୁ ।’ ଏଥିରେ ଆନନ୍ଦିତ ହୋଇ ରାଜା ପରଦିନ ପ୍ରଭାତରୁ ଉକ୍ତ ବୀରମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ସମ୍ମୁଖରେ ହିଁ ଜ୍ୟୋତିର୍ବିଦମାନଙ୍କୁ ବିନମ୍ରତାର ସହ ଜିଜ୍ଞାସା କଲେ, ‘ଆପଣମାନେ ଦେଖନ୍ତୁ ଏହି ଚାରିଜଣଙ୍କ ମଧ୍ୟରୁ କାହାର ଜାତକ ସହ ଅନଙ୍ଗରତି ଜାତକର ମେଳ ହେଉଛି ଏବଂ ବିବାହ ପାଇଁ ଶୁଭ ଲଗ୍ନ କେବେ ଅଛି ?’

ରାଜାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗଣକମାନେ ପ୍ରଥମେ ଉକ୍ତ ଚାରିଜଣଙ୍କର ରାଶି ନକ୍ଷତ୍ର ଜିଜ୍ଞାସା କରି ଏବଂ ପରେ କିଛି ସମୟ ପାଇଁ ବିଚାର କରି କହିଲେ, ‘ମହାରାଜ, ଆପଣ ଯଦି ଆମ ପ୍ରତି କୋପାନ୍ୱିତ ନ ହୁଅନ୍ତି, ତାହାହେଲେ ଆମ୍ଭେମାନେ ଦୃଢ଼ ଭାବରେ କହିବୁ ଯେ ଏହି ଚାରିଜଣଙ୍କ ମଧ୍ୟରୁ କାହାରି ଜଣକର ହେଲେ ଜାତକ ରାଜକୁମାରୀଙ୍କ ଜାତକ ସହ ମିଳି ପାରୁ ନାହିଁ । ତେଣୁ ରାଜକୁମାରୀ ଏମାନଙ୍କ ମଧ୍ୟରୁ କାହାରିକୁ ବିବାହ କରିପାରିବେ ନାହିଁ । ପୁଣି ଏହାଙ୍କ ବିବାହ ମର୍ତ୍ତ୍ୟ ଲୋକରେ ହେବା ସମ୍ଭବପର ନୁହେ । କାରଣ ଏ କନ୍ୟା ଜଣେ ଶାପଗ୍ରସ୍ତା ବିଦ୍ୟାଧରୀ । ଆଗାମୀ ତିନିମାସ ମଧ୍ୟରେ ଏହାର ଅଭିଶାପ ସମୟ ସମାପ୍ତ ହେବ । ତେଣୁ ଏହି ବୀରପୁରୁଷମାନେ ତିନିମାସ ପର୍ଯ୍ୟନ୍ତ ଏଠାରେ ଅପେକ୍ଷା କରନ୍ତୁ । ଏମଧ୍ୟରେ ଯଦି ଅନଙ୍ଗରତି ବିଦ୍ୟାଧର-ଶରୀର ଲାଭ କରି ଚାଲି ନ ଯାଆନ୍ତି, ତାହାହେଲେ ତାଙ୍କର ବିବାହ ଏ ଲୋକରେ ହୋଇପାରିବ ।’

ଉପସ୍ଥିତ ସମସ୍ତେ ଜ୍ୟୋତିଷୀମାନଙ୍କର ଅଭିମତରେ ବିଶ୍ୱାସ ସ୍ଥାପନ କଲେ ଏବଂ ଜୀବଦତ୍ତାଦି ବୀରମାନେ ତିନିମାସ ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କଲେ । ତିନୋଟି ମାସ ଅତୀତ ହେଲା ପରେ ରାଜା ପୁଣି ଚାରି ବୀର, ଜ୍ୟୋତିର୍ବିଦ ଏବଂ ଅନଙ୍ଗରତିକୁ ତାଙ୍କ ନିକଟକୁ ଡକାଇ ଆଣିଲେ । ଗଣକମାନେ ଅନଙ୍ଗରତିକୁ ସେ ସମୟରେ ଅଧିକ ସୁନ୍ଦର ଓ ଦୀପ୍ତିମତୀ ଦେଖି ଜାଣିପାରିଲେ ଯେ ତାଙ୍କର ଅଭିଶପ୍ତ ଜୀବନର ଅବସାନ ଘଟିବାକୁ ଯାଉଛି । ରାଜା ଜ୍ୟୋତିଷୀମାନଙ୍କୁ ପୁଣିଥରେ ଗଣନା କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ସମୟରେ ଅନଙ୍ଗରତି ନିଜର ବସ୍ତ୍ରାଞ୍ଚଳରେ ମୁଖ ଆଚ୍ଛାଦନ କରି ମାନବ ଶରୀର ପରିତ୍ୟାଗ କଲେ । ରାଜା କନ୍ୟାର ଏ ପ୍ରକାର ଆଚରଣରେ ବିସ୍ମିତ ହୋଇ ଯେତେବେଳେ ନିଜେ ତାର ମୁଖରୁ ଆବରଣ ଖୋଲିଦେଲେ, ଦେଖିଲେ, ଅନଙ୍ଗରତିର ପ୍ରାଣବାୟୁ ଉଡ଼ିଯାଇଛି । ତାର ରୂପବିଭବ ଶିଶିରକାଳୀନ ପଦ୍ମ ତୁଲ୍ୟ ମ୍ଲାନ ହୋଇପଡ଼ିଛି, ନେତ୍ର ରୂପକ ଭ୍ରମର ଓଲଟି ପଡ଼ିଛି, ମୁଖକମଳ ତେଜୋହୀନ ହୋଇ ପଡ଼ିଛି ଏବଂ ତାର କଣ୍ଠରେ ଆଉ କଳହଂସ କୂଜନ ନାହିଁ । କନ୍ୟାର ମୃତ ଶରୀର ଦେଖି ରାଜା ବଜ୍ରାହତ

Digitized by srujanika@gmail.com

ତଥା ଛିନ୍ନପକ୍ଷ ପର୍ବତ ତୁଲ୍ୟ ଭୂମି ଉପରେ ନିଶ୍ଚେଷ୍ଟ ହୋଇ ପଡ଼ିଗଲେ ଏବଂ ରାଣୀ ପଦ୍ମରତି ହସ୍ତୀ-ଉତ୍ପାଟିତ ପୁଷ୍ପହୀନ ଲତା ତୁଲ୍ୟ ମୂର୍ଚ୍ଛିତା ହେଲେ । ଅନ୍ୟାନ୍ୟ ପରିଜନ ବୃନ୍ଦ କରୁଣ ସ୍ୱରରେ ବିଳାପ କରିବାକୁ ଲାଗିଲେ । ଉକ୍ତ ବୀର ପୁରୁଷମାନେ ମଧ୍ୟ ଅତ୍ୟନ୍ତ ଦୁଃଖିତ ହୋଇପଡ଼ିଲେ ।

ଏ ସମୟରେ ରାଜା ଶୀଘ୍ର ପ୍ରକୃତିସ୍ଥ ହୋଇ ଜୀବଦତ୍ତଙ୍କୁ ଲକ୍ଷ୍ୟ କରି କହିଲେ, 'ଏ ଅବସରରେ ତୁମର ମିତ୍ରମାନଙ୍କର କୌଣସି କର୍ତ୍ତବ୍ୟ ନାହିଁ କି ଶକ୍ତି ନାହିଁ । ତୁମେ ପ୍ରଥମରୁ ପ୍ରକାଶ କରିଥିଲ ଯେ ତୁମେ ବିଦ୍ୟା ପ୍ରଭାବରେ କୌଣସି ମୃତା ରମଣୀକୁ ଜୀବଦାନ ଦେଇପାର । ଯଦି ପ୍ରକୃତରେ ତୁମର ବିଦ୍ୟାବଳ ଅଛି ତାହାହେଲେ ମୋର କନ୍ୟାକୁ ଜୀବଦାନ ଦିଅ । ସେ ଜୀବନଲାଭ କରିବା ପରେ ମୁଁ ନିଶ୍ଚିତ ରୂପେ ତାକୁ ତୁମ ହସ୍ତରେ ଅର୍ପଣ କରିବି ।'

ରାଜାଙ୍କ ଠାରୁ ଏହା ଶୁଣି ଜୀବଦତ୍ତ ମୃତା ଅନଙ୍ଗରତିଙ୍କ ମୁଖରେ ମନ୍ତ୍ରବାରି ସେଚନ କରି ନିମ୍ନ ଆର୍ଯ୍ୟାଟି ପାଠ କଲା–

ଅଟ୍ଟାଟ୍ଟହାସ ହସିତେ କରଙ୍କମାଳାକୁଳେ ଦୁରାଲୋକେ
ଚାମୁଣ୍ଡେ ବିକରାଳେ ସାହାଯ୍ୟଂ ମେ କୁରୁ ତ୍ୱରିତମ୍ ।

କିନ୍ତୁ ଏଥିରେ କିଛି ଫଳ ହେଲା ନାହିଁ । ନିଜର ବିଦ୍ୟା ବିଫଳ ହେବା ଦେଖି ଜୀବଦତ୍ତ ଭାବିଲା ଯେ ବିନ୍ଧ୍ୟବାସିନୀଙ୍କ ପ୍ରଦତ୍ତ ମନ୍ତ୍ର ଯଦି ବିଫଳ ହେଲା, ତା'ହେଲେ ଉପହାସ୍ୟାସ୍ପଦ ଜୀବନଧାରଣରେ ଆଉ ଲାଭ କଅଣ ? ଏଣୁ ସେ ଆତ୍ମହତ୍ୟା କରିବାପାଇଁ ଖଡ୍ଗ ଉତ୍ତୋଳନ କଲା । କିନ୍ତୁ ତାଙ୍କୁ ଏହି କଠୋର କର୍ମରୁ ନିବୃତ୍ତ କରି ଏ ସମୟରେ ଦିବ୍ୟବାଣୀ ଶୁଣାଗଲା–

'ଜୀବଦତ୍ତ ! ଏ ପ୍ରକାର ଦୁଃସାହସ କର ନାହିଁ । ଅନଙ୍ଗରତି ଜଣେ ବିଦ୍ୟାଧର କୁମାରୀ । ମାତାପିତାଙ୍କ ଶାପରୁ ସେ ଏତେଦିନ ପର୍ଯ୍ୟନ୍ତ ମାନବ ଲୋକରେ ଜୀବନଯାପନ କରୁଥିଲା । ଆଜି ସେ ତାର ପୂର୍ବ ବିଦ୍ୟାଧର ରୂପ ଫେରି ପାଇଛି । ତେଣୁ ତୁମେ ପୁଣି ଯାଇ ସେହି ଦେବୀ ବିନ୍ଧ୍ୟବାସିନୀଙ୍କୁ ଆରାଧନା କର, ଯା' ଫଳରେ ଏହି ବିଦ୍ୟାଧର କୁମାରୀକୁ ନିଜର ପତ୍ନୀରୂପେ ଲାଭ କରିପାରିବ । ଅନଙ୍ଗରତି ବର୍ତ୍ତମାନ ଦିବ୍ୟ ଭୋଗ ବିଳାସରେ ଜୀବନ ବିତାଉଥିବାରୁ ରାଜା ଓ ରାଣୀ ମଧ୍ୟ ଦୁଃଖ କରିବା ଅନୁଚିତ ।'

Digitized by srujanika@gmail.com

ଶୂନ୍ୟବାଣୀ ଶାନ୍ତ ହୁଅନ୍ତେ ରାଜା ଶୋକ ପରିତ୍ୟାଗ ପୂର୍ବକ ଶବସତ୍କାର ଓ ସଂସ୍କାରର ଆୟୋଜନ କଲେ ଏବଂ ଜୀବଦତ୍ତ ବ୍ୟତୀତ ଅନ୍ୟ ତିନିଜଣ ବୀର ନିରାଶାରେ ନିଜ ରାଜ୍ୟ ଅଭିମୁଖରେ ପ୍ରସ୍ଥାନ କଲେ ।

ଜୀବଦତ୍ତ ଏହି ବିଦ୍ୟାଧରୀକୁମାରୀଙ୍କୁ ଲାଭ କରିବାପାଇଁ ବିନ୍ଧ୍ୟବାସିନୀଙ୍କ ନିକଟରେ ଯାଇ ଶରଣାଗତ ହେଲା । ବହୁଦିନ ଧରି ତପସ୍ୟା ଆଚରଣ କରିବା ପରେ ଦିନେ ଦେବୀ ପ୍ରସନ୍ନ ହୋଇ ସ୍ୱପ୍ନରେ ତାକୁ ଆଦେଶ ଦେଲେ, ମୁଁ ତୁମ ପ୍ରତି ପ୍ରସନ୍ନ । ଉଠ, ମୁଁ ଯାହା କହୁଛି ଶୁଣ—

ଅନଙ୍ଗପ୍ରଭା କଥା

ହିମାଳୟ ପର୍ବତରେ ବୀରପୁର ନାମକ ଏକ ନଗର ଅଛି । ସେଠାରେ ସମର ନାମକ ବିଦ୍ୟାଧର ରାଜା ରଜତ୍ୱ କରନ୍ତି । ତାଙ୍କ ରାଣୀ ଅନଙ୍ଗବତୀ । ରାଣୀଙ୍କ ଗର୍ଭରୁ ଅନଙ୍ଗପ୍ରଭା ନାମ୍ନୀ କନ୍ୟାଟିଏ ଜାତ ହୋଇଥିଲା । କନ୍ୟାଟି ନିଜର ରୂପ ଓ ଯୌବନ ଗର୍ବରେ କାହାରିକୁ ପତି ପଦରେ ବରଣ କରିବାପାଇଁ ସମ୍ମତା ନ ହେବାରୁ ମାତାପିତା ରୋଷାନ୍ୱିତ ହୋଇ ତାକୁ ଅଭିଶାପ ଦେଲେ ଯେ ସେ ଯାଇ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିବ, କିନ୍ତୁ ସେଠାରେ ମଧ୍ୟ ପତିସଙ୍ଗ ସୁଖ ଲାଭ କରିପାରିବ ନାହିଁ । ଷୋଳବର୍ଷ ବୟସରେ ତାହାର ଶାପମୁକ୍ତି ଘଟିବ । ସେତେବେଳେ ପୁଣି ସେ ନିଜ ଲୋକକୁ ଫେରିଯିବ ।

ସେମାନେ ପୁଣି କହିଲେ ଯେ—

'କୌଣସି ମୁନିକନ୍ୟା ପ୍ରତି ଅନୁଚିତ ଅଭିଳାଷ ପୋଷଣ କରି ମାନବ ଜନ୍ମ ଲାଭ କରିଥିବା କୁତ୍ସିତରୂପଶାଳୀ ଜୀବଦତ୍ତ ତୋର ପତି ହେବ । ତୁ ତାକୁ ବିବାହ କରିବାପାଇଁ ଚାହୁଁନଥିଲେ ହେଁ ସେ ତୋତେ ମର୍ତ୍ତ୍ୟ ଲୋକକୁ ନେଇ ଚାଲିଯିବ । କିନ୍ତୁ ତୋତେ ଅନ୍ୟଜଣେ ଅପହରଣ କରି ନେଇଯିବା ଫଳରେ ତା' ସହିତ ତୋର ବିଚ୍ଛେଦ ଘଟିବ । ଜୀବଦତ୍ତ ପୂର୍ବଜନ୍ମରେ ଆଠଟି ନାରୀ ଅପହରଣ କରିଥିବା ଯୋଗୁଁ ସେ ଆଠଜନ୍ମ ପର୍ଯ୍ୟନ୍ତ ଭୋଗ କରିବାକୁ ଥିବା ଦୁଃଖ ଏହି ଗୋଟିଏ ଜନ୍ମରେ ହିଁ ଭୋଗ କରିବ । ତୁ ମଧ୍ୟ ତାର ସମ୍ପର୍କରେ ଆସି ନିଜର ବିଦ୍ୟା ବିସ୍ମୃତ ହେବା ଫଳରେ ସମ୍ପୂର୍ଣ୍ଣ ମାନବତା ଲାଭ କରି ଗୋଟିଏ ଜନ୍ମରେ ଆଗାମୀ ଆଠ ଜନ୍ମର ଦୁଃଖ ଭୋଗ କରିବୁ । ପାପୀମାନଙ୍କର ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ସେମାନେ କିଛି ପାପରେ

Digitized by srujanika@gmail.com

ଭାଗୀଦାର କରାଇ ଦେଇଥାଆନ୍ତି । ସ୍ତ୍ରୀମାନେ ତ ପତିଙ୍କ ପାପରାଶି ଅନୁଯାୟୀ ଦୁଃଖ ଲାଭ କରିବା ସ୍ୱାଭାବିକ ।

'ତୁ ଉପଯୁକ୍ତ ପତି ଲାଭ କରିଥିଲେ ହେଁ ତାଙ୍କୁ ଗ୍ରହଣ କରିନାହୁଁ । ତେଣୁ ପୂର୍ବଜନ୍ମ ସ୍ମରଣ ନ କରି ତୁ ବହୁ ପୁରୁଷଙ୍କୁ ପତି ରୂପେ ଗ୍ରହଣ କରିବୁ । ଯେଉଁ ଆକାଶଚାରୀ ଓ କୁଳୀନ ମଦନପ୍ରଭ ତୋତେ ବିବାହ କରିବାପାଇଁ ଚାହୁଁଥିଲା, ସେ ମାନବ ଜନ୍ମରେ ରାଜା ହୋଇ ଶେଷରେ ତୋର ସ୍ୱାମୀ ହେବ । ପରିଶେଷରେ ତୁ ମାନବଜନ୍ମରୁ ମୁକ୍ତିଲାଭ କରି ବିଦ୍ୟାଧର ଲୋକକୁ ଫେରିଆସିବୁ ଏବଂ ବିଦ୍ୟାଧର ଶରୀରରେ ପୁଣି ମଦନପ୍ରଭଙ୍କୁ ପତି ରୂପରେ ଲାଭକରି ଆନନ୍ଦରେ ଜୀବନଯାପନ କରିବୁ ।'

ଏହିପରି ମାତାପିତାଙ୍କଦ୍ୱାରା ଶାପଗ୍ରସ୍ତ ହୋଇ ଅନଙ୍ଗପ୍ରଭା ଅନଙ୍ଗରତି ରୂପରେ ପୃଥିବୀ ପୃଷ୍ଠରେ ଜନ୍ମଗ୍ରହଣ କରିଥିଲା । ବର୍ତ୍ତମାନ ସେ ଏହି ଶରୀର ପରିତ୍ୟାଗ କରି ପୁଣି ଅନଙ୍ଗପ୍ରଭା ବିଦ୍ୟାଧରୀରେ ପରିଣତ ହୋଇଯାଇଅଛି । ତେଣୁ ତୁ ବର୍ତ୍ତମାନ ବୀରପୁର ଯାଇ ଏବଂ ତା'ର ପିତାକୁ ଯୁଦ୍ଧରେ ପରାଜିତ କରି ଏହି କୌଳିନ୍ୟରହିତା ଅନଙ୍ଗପ୍ରଭାକୁ ବିବାହ କର । ତୁ ଏହି ଖଡ୍‌ଗଟି ଗ୍ରହଣ କର, ଏହାକୁ ହସ୍ତରେ ଧାରଣ କରିଥିବା ପର୍ଯ୍ୟନ୍ତ ଆକାଶରେ ବିଚରଣ କରିବା ସଙ୍ଗେ ସଙ୍ଗେ ତୁ ଅଜେୟ ହୋଇ ରହିଥିବୁ ।'

ଦେବୀ ବିନ୍ଧ୍ୟବାସିନୀ ଏହା କହି ଏବଂ ଗୋଟିଏ ତରବାରି ପ୍ରଦାନ କରି ଅନ୍ତର୍ହିତା ହେଲେ । ଏହାପରେ ଜୀବଦତ୍ତ ଜାଗ୍ରତ ହୋଇ ଦେଖିଲା ଯେ ତା ହସ୍ତରେ ଏକ ବିଶାଳ ତରବାରି ଶୋଭା ପାଉଛି । ସେ ନିଜର ମନୋରଥ ସିଦ୍ଧ ହୋଇଥିବା ଦେଖି ଆନନ୍ଦ ମନରେ ଦେବୀଙ୍କୁ ଭୂମିଷ୍ଠ ପ୍ରଣିପାତ କଲା । ଭଗବତୀଙ୍କ କୃପାରୁ ସଙ୍ଗେସଙ୍ଗେ ତାର ସମସ୍ତ କ୍ଳେଶ ମଧ୍ୟ ଦୂର ହୋଇଗଲା ।

ଏହାପରେ ଜୀବଦତ୍ତ ହସ୍ତରେ ଖଡ୍‌ଗଧାରଣ ପୂର୍ବକ ସମଗ୍ର ହିମାଳୟ ଭ୍ରମଣ କରି ଶେଷରେ ବିଦ୍ୟାଧରାଧିପତି ସମରଙ୍କ ନିକଟରେ ଆସି ଉପସ୍ଥିତ ହେଲା । ସମର ଦ୍ୱନ୍ଦ୍ୱ ଯୁଦ୍ଧରେ ପରାସ୍ତ ହୋଇ ନିଜର କନ୍ୟା ଅନଙ୍ଗପ୍ରଭାକୁ ଜୀବଦତ୍ତ ହସ୍ତରେ ସମର୍ପଣ କଲେ । ବ୍ରାହ୍ମଣ ସେଠାରେ କିଛିଦିନ ସ୍ୱର୍ଗୀୟ ଜୀବନଯାପନ କରି ଦିନେ ପତ୍ନୀ ଅନଙ୍ଗପ୍ରଭା ଏବଂ ଶ୍ୱଶୁର ସମରଙ୍କୁ କହିଲା, 'ଆମ୍ଭମାନେ ବର୍ତ୍ତମାନ ମର୍ତ୍ତ୍ୟ ଲୋକକୁ ଫେରିଯିବୁ । ଜନ୍ମଭୂମିକୁ ଯିବା ପାଇଁ ମୁଁ ଏକାନ୍ତ ଉତ୍କଣ୍ଠିତ । ନିଜର ମାତୃଭୂମି ଯେତେ ନିକୃଷ୍ଟ ହେଲେ ହେଁ ତାହା ମନୁଷ୍ୟର ଅତ୍ୟନ୍ତ ପ୍ରିୟ ।'

Digitized by srujanika@gmail.com

ପ୍ରାଣିନାଂ ହି ନିକୃଷ୍ଟାପି ଜନ୍ମଭୂମିଃ ପରା ପ୍ରିୟା ।

ତାଙ୍କ ପ୍ରସ୍ତାବକୁ ଶ୍ୱଶୁର ସମର୍ଥନ କଲେ ହେଁ ଭବିଷ୍ୟତ ଜୀବନ ସମ୍ପର୍କରେ ସଚେତନ ଅନଙ୍ଗପ୍ରଭା ବହୁ କଷ୍ଟରେ ସମ୍ମତା ହେଲା ।

ଏହାପରେ ଜୀବଦତ୍ତ ଅନଙ୍ଗପ୍ରଭାକୁ କୋଳରେ ଧରି ମର୍ତ୍ତ୍ୟଲୋକକୁ ଅବତରଣ କଲା । ପଥମଧ୍ୟରେ ଏକ ରମଣୀୟ ପର୍ବତ ଦେଖି ଅନଙ୍ଗପ୍ରଭା ଶ୍ରାନ୍ତି ଦୂର କରିବା ନିମିତ୍ତ ସେଠାରେ ବିଶ୍ରାମ ନେବାପାଇଁ ପ୍ରସ୍ତାବ କରନ୍ତେ ବ୍ରାହ୍ମଣ ଜୀବଦତ୍ତ ମଧ୍ୟ ଏଥିରେ ସମ୍ମତ ହୋଇ ସେଠାରେ ଅବତରଣ କରି ବିଶ୍ରାମ ନେଲା । ବିଦ୍ୟାଧରୀଙ୍କ ବିଦ୍ୟାପ୍ରଭାବରେ ସେମାନେ ପାନ ଭୋଜନ ଶେଷ କଲେ । ଦୈବପ୍ରେରିତ ହୋଇ ଜୀବଦତ୍ତ ଅନଙ୍ଗପ୍ରଭାକୁ ଏକ ସଙ୍ଗୀତ ଗାନ କରିବା ନିମନ୍ତେ ଅନୁରୋଧ କରନ୍ତେ ସେ ନିଜର ସୁମଧୁର କଣ୍ଠରେ ଶିବସ୍ତୁତି ଗାନ କରିବାକୁ ଲାଗିଲା । ସ୍ୱର ଲହରୀର ମାଧୁର୍ଯ୍ୟ କ୍ରମେ କ୍ରମେ ବ୍ରାହ୍ମଣକୁମାରକୁ ଗାଢ଼ ନିଦ୍ରାରେ ଅଭିଭୂତ କରିଦେଲା ।

ଏ ସମୟରେ ମୃଗୟାବିନୋଦରେ କ୍ଲାନ୍ତ ହୋଇ ନିର୍ଝରିଣୀର ସନ୍ଧାନ କରୁଥିବା ହରିବର ନାମକ ରାଜା ଗୀତ ମାଧୁରୀରେ ବିମୋହିତ ମୃଗ ତୁଲ୍ୟ ଅନଙ୍ଗପ୍ରଭା ସମ୍ମୁଖକୁ ଆକୃଷ୍ଟ ହୋଇ ଆସିଲେ । ପୂର୍ବରୁ ଶୁଭ ଶକୁନ ଦର୍ଶନଦ୍ୱାରା ମଙ୍ଗଳମୟ ବସ୍ତୁଲାଭର ଆଶା ପୋଷଣ କରୁଥିବା ହରିବର ରତିକାନ୍ତିମତୀ ସୁନ୍ଦରୀ ଅନଙ୍ଗପ୍ରଭାର ଦର୍ଶନରେ ବିମୋହିତ ହୋଇପଡ଼ିଲେ । ଲଳିତ ସଙ୍ଗୀତ ଶ୍ରବଣ ତଥା ମନୋହର ରୂପ ଦର୍ଶନରେ ରାଜାଙ୍କ ଶରୀର କାମବାଣରେ ବିଦ୍ଧ ହେଲା । ଅନଙ୍ଗପ୍ରଭା ମଧ୍ୟ ରାଜାଙ୍କର ରୂପଲାବଣ୍ୟ ଦେଖି କନ୍ଦର୍ପର ଶରବ୍ୟ ହୋଇ ପଡ଼ିଲା । ସେ ଚିନ୍ତା କଲା, 'ଏ ମହାପୁରୁଷ କିଏ ହୋଇପାରନ୍ତି ? ଧନୁର୍ବାଣ ହୀନ କନ୍ଦର୍ପ ନା ମୋର ସ୍ତୁତିପାଠରେ ସନ୍ତୁଷ୍ଟ ଗୌରୀପତି ମହେଶ୍ୱର ।' ଏହିପରି ଚିନ୍ତା କରି ସେ ଶେଷରେ ତାଙ୍କର ପରିଚୟ ଏବଂ ସେଠାକୁ ଆସିବାର କାରଣ ଜିଜ୍ଞାସା କଲା ।

ରାଜା ହରିବର ସୁନ୍ଦରୀ ପ୍ରଶ୍ନର ଯଥାଯଥ ଉତ୍ତର ପ୍ରଦାନ ପୂର୍ବକ ତାର ଏବଂ ନିକଟରେ ଶୟନ କରିଥିବା ପୁରୁଷଟିର ପରିଚୟ ଜିଜ୍ଞାସା କଲେ । ଏଥିରେ ଅନଙ୍ଗପ୍ରଭା କହିଲା, 'ମୁଁ ଜଣେ ବିଦ୍ୟାଧରୀ ଏବଂ ଏହି ଖଡ୍ଗସିଦ୍ଧ ପୁରୁଷଟି ମୋର ସ୍ୱାମୀ । କିନ୍ତୁ ମୁଁ ତୁମକୁ ଦେଖିବା ସଙ୍ଗେ ସଙ୍ଗେ ତୁମ ପ୍ରତି ଅନୁରାଗିଣୀ ହୋଇପଡ଼ିଛି । ତେଣୁ ଆସ ମୋର ପତିଙ୍କ ନିଦ୍ରାଭଙ୍ଗ ହେବା ପୂର୍ବରୁ ଆମେ ତୁମ ନଗରକୁ ଚାଲିଯିବା । ସେଠାରେ ମୁଁ ମୋର ସମଗ୍ର ବୃତ୍ତାନ୍ତ ବିସ୍ତୃତ ରୂପେ ବର୍ଣ୍ଣନା କରିବି ।'

Digitized by srujanika@gmail.com

ରାଜା ହରିବର ଏ ପ୍ରସ୍ତାବ ଶ୍ରବଣ କରି ତ୍ରିଭୁବନର ଆଧିପତ୍ୟ ଲାଭ କଲା ପରି ମନେ କଲେ । ଅନଙ୍ଗପ୍ରଭା ରାଜାଙ୍କୁ କୋଳରେ ଧରି ପବନ ବେଗରେ ଆକାଶ ମାର୍ଗରେ ପ୍ରସ୍ଥାନ କରିବା ପାଇଁ ଚିନ୍ତା କରିବା ବେଳେ ସେ ପତି-ଦ୍ରୋହବଶତଃ ତାର ସମସ୍ତ ବିଦ୍ୟା ବିସ୍ମୃତ ହେଲା । ସେତେବେଳେ ହଠାତ୍ ତାର ପିତୃ-ଅଭିଶାପ ସ୍ମରଣ ହେବାରୁ ସେ ଅତ୍ୟନ୍ତ ବିଷଣ୍ଣ ଦେଖାଗଲା । ତାର ଏପରି ଭାବାନ୍ତର ଲକ୍ଷ୍ୟ କରି ଏବଂ ଏହାର କାରଣ ଜାଣିପାରି ରାଜା ହରିବର କହିଲେ, 'ବର୍ତ୍ତମାନ ଦୁଃଖ କରିବାର ସମୟ ନୁହେ । ତୁମର ପତି ଯଦି ଜାଗ୍ରତ ହୁଏ ତାହାହେଲେ ସବୁ ବ୍ୟର୍ଥ ହେବ । ଏହା ତ ଦୈବାଧୀନ । ତେଣୁ ସେ ସମ୍ପର୍କରେ ଅଧିକ ଚିନ୍ତା କରିବା ଅନୁଚିତ । ନିଜ ମସ୍ତକର ଛାୟା ଏବଂ ଦୈବର ଗତିକୁ କେହି ଲଙ୍ଘନ କରିପାରିବେ ନାହିଁ । ଆସ, ଶୀଘ୍ର ଏଠାରୁ ପଳାୟନ କରିବା ।

କୋ ହି ସ୍ୱଶିରସଚ୍ଛାୟାଂ ବିଧେଶ୍ଚୋଲ୍ଲଂଘୟେତ୍ ଗତିମ୍ ।

ରାଜା ଏହିପରି ଅନଙ୍ଗପ୍ରଭା ମନରେ ବିଶ୍ୱାସ ଜାତ କରାଇ ତାକୁ କୋଳାଗ୍ରତ କଲେ । ଗୁପ୍ତଧନ ପ୍ରାପ୍ତ ହେବାପରି ହରିବର ଶୀଘ୍ର ଯାଇ ନିଜର ରଥ ଉପରେ ଆରୋହଣ କରନ୍ତେ ସାରଥି ପବନ ବେଗରେ ରଥ ଚାଳନା କଲା । ଅଳ୍ପ ସମୟ ମଧ୍ୟରେ ସେମାନେ ଯାଇ ରାଜଧାନୀରେ ଉପସ୍ଥିତ ହେଲେ । ରାଜ୍ୟବାସୀ ରାଜାଙ୍କ ସହ ଏକ ପରମାସୁନ୍ଦରୀ ରମଣୀଙ୍କୁ ଦେଖି ପ୍ରଭୂତ ଆନନ୍ଦ ଲାଭ କଲେ । ରାଜା ହରିବର ମଧ୍ୟ ନଗରମଧ୍ୟରେ ବିଦ୍ୟାଧରୀ ପତ୍ନୀ ସହ ଆନନ୍ଦରେ ଦିବ୍ୟସୁଖ ଉପଭୋଗ କରିବାକୁ ଲାଗିଲେ । ଅନଙ୍ଗପ୍ରଭା ସେଠାରେ ରାଜାଙ୍କ ପ୍ରତି ପ୍ରଗାଢ଼ ଭାବରେ ଅନୁରକ୍ତ ହୋଇ ଦିନଯାପନ କଲା ଏବଂ ଶାପ ଫଳରେ ନିଜର ପ୍ରଭାବ ବିସ୍ମୃତ ହୋଇ ପାର୍ଥିବ ମୋହରେ ମୋହିତା ହୋଇପଡ଼ିଲା ।

ଏଣେ କିଛି ସମୟ ପରେ ଜୀବଦତ୍ତ ଜାଗ୍ରତ ହୋଇ ଦେଖିଲା ଯେ କେବଳ ଅନଙ୍ଗପ୍ରଭା ନୁହ ତାର ତରବାରିଟି ମଧ୍ୟ ଅଦୃଶ୍ୟ ହୋଇଯାଇଛି । ଅନଙ୍ଗପ୍ରଭା କାହିଁ ? ମୋର ତରବାରି ଗଲା କୁଆଡ଼େ ? ଅନଙ୍ଗପ୍ରଭା କଣ ତରବାରି ନେଇ ପଳାୟନ କଲା, ନା ଉଭୟକୁ କେହି ତୃତୀୟ ବ୍ୟକ୍ତି ଅପହରଣ କରିନେଲା ? ପାଗଳ ପରି ଏହିପରି ବିବିଧ ଆଶଙ୍କା କରି କାମପୀଡ଼ିତ ଜୀବଦତ୍ତ ତିନିଦିନ ପର୍ଯ୍ୟନ୍ତ ସମଗ୍ର ପର୍ବତରେ ଅନଙ୍ଗପ୍ରଭାର ଅନୁସନ୍ଧାନ କରି ବିଫଳ ହେଲା । ଏହାପରେ ପର୍ବତରୁ ଅବତରଣ କରି ସେ ଦଶଦିନ ପର୍ଯ୍ୟନ୍ତ ଏଣେତେଣେ ବହୁ ସ୍ଥାନରେ ସନ୍ଧାନ କଲା, କିନ୍ତୁ ଅନଙ୍ଗପ୍ରଭାର ପଦଚିହ୍ନ ମଧ୍ୟ ତାର ଦୃଷ୍ଟିଗୋଚର ହେଲା ନାହିଁ ।

Digitized by srujanika@gmail.com

କରୁଣ ଭାବରେ ବିଳାପ କରି ବନ ମଧ୍ୟରେ ନିରାହାରରେ ଭ୍ରମଣ କରୁଥିବା ସମୟରେ ସେ ଏକ କ୍ଷୁଦ୍ର ଗ୍ରାମ ନିକଟରେ ଆସି ପହଞ୍ଚିଲା । ଏହି ଗ୍ରାମରେ ବାସ କରୁଥିବା ଏକ ସମ୍ପନ୍ନ ବ୍ରାହ୍ମଣ ଗୃହରେ ଆଶ୍ରୟ ନେବା ଆଶାରେ ଯାଇ ଉପସ୍ଥିତ ହୁଅନ୍ତେ ଗୃହ ମଧ୍ୟରୁ ଏକ ରୂପସୀ ଏବଂ ଶୁଭ୍ର ବସ୍ତ୍ର ପରିହିତା ରମଣୀ ନିର୍ଗତ ହୋଇ ତାଙ୍କୁ ଆସନ ପ୍ରଦାନ କଲେ ଏବଂ ତାର ଚରଣ ପ୍ରକ୍ଷାଳନ କରିବା ପାଇଁ ଦାସୀମାନଙ୍କୁ ଆଦେଶ ଦେଇ କହିଲେ 'ଏହି ବ୍ରାହ୍ମଣ ପତ୍ନୀ-ବିରହ ଜନିତ ଦୁଃଖରେ ନିରାହାର ରହି ବାରଦିନ ହେଲା ଏଣେତେଣେ ଭ୍ରମଣ କରୁଛନ୍ତି, ଆଜି ତ୍ରୟୋଦଶ ଦିବସ, ତେଣୁ ଶୀଘ୍ର ତାଙ୍କର ପାନ ଭୋଜନାଦିର ବ୍ୟବସ୍ଥା କର ।'

ଏହା ଶୁଣି ଜୀବଦତ୍ତ ଭାବିଲା ଯେ ହୁଏତ ଅନଙ୍ଗପ୍ରଭା ଏଠାକୁ ଆସିଅଛି, ନୋଚେତ୍ ଏ ନାରୀ ନିଶ୍ଚୟ ଏକ ଯୋଗିନୀ । ଏହା ଭାବି ପାନଭୋଜନାଦିରେ ସଂତୃପ୍ତ ବ୍ରାହ୍ମଣ ଅତି ନମ୍ରତାର ସହ ପ୍ରଣାମ ପୂର୍ବକ ତାଙ୍କୁ ପ୍ରଶ୍ନ କଲା, 'ହେ ବିଦୁଷି, ଆପଣ ମୋର ସମସ୍ତ ବୃତ୍ତାନ୍ତ କିପରି ଜ୍ଞାତ ହେଲେ ଦୟା ପୂର୍ବକ ପ୍ରକାଶ କରନ୍ତୁ, ଦ୍ୱିତୀୟତଃ ମୋର ପତ୍ନୀ ଏବଂ ତରବାରି କେଉଁଠାରେ ଅଛି, ତାର ସନ୍ଧାନ ଦେଇ ମୋର ଆଶଙ୍କା ଦୂର କରନ୍ତୁ ।'

ଉତ୍ତରରେ ପତିବ୍ରତା ପ୍ରିୟଦତ୍ତା କହିଲେ, 'ଭଦ୍ର, ମୁଁ ମୋର ପତିଙ୍କ ବିନା ଅନ୍ୟ କୌଣସି ଦ୍ୱିତୀୟ ପୁରୁଷକୁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନାହିଁ । ଅନ୍ୟ ପୁରୁଷକୁ ମୁଁ ମୋର ଭ୍ରାତା ବା ପୁତ୍ର ବୋଲି ଜ୍ଞାନ କରେ । ମୋର ଗୃହରୁ କୌଣସି ଅତିଥି କଦାପି ଅସତ୍କୃତ ହୋଇ ଫେରିଯାଇ ନାହାନ୍ତି । ଏସବୁର ପ୍ରଭାବରେ ମୁଁ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଜାଣିପାରେ । ତୁମର ପତ୍ନୀ ଅନଙ୍ଗପ୍ରଭାକୁ ରାଜା ହରିବର ନେଇ ଚାଲିଯାଇ ଅଛନ୍ତି । ତୁମେ ନିଦ୍ରିତ ହେବା ପରେ ତୁମ ପତ୍ନୀର ସଙ୍ଗୀତ ମାଧୁର୍ଯ୍ୟରେ ବିମୁଗ୍ଧ ହୋଇ ରାଜା ଆସି ସେଠାରେ ଉପସ୍ଥିତ ହେଲେ । ତାଙ୍କୁ ଦେଖି ସେହି କାମୁକୀ ତାଙ୍କ ପ୍ରତି ଆସକ୍ତ ହୋଇପଡ଼ିଥିଲା । କିନ୍ତୁ ଦୁରାଚାରିଣୀ ତାଙ୍କୁ ପରିତ୍ୟାଗ କରି ପୁଣି ଅନ୍ୟ ପୁରୁଷ ନିକଟକୁ ପଳାୟନ କରିବ ।

'ଖଡ଼୍‌ଗଟିକୁ ମଧ୍ୟ ତାକୁ ଲାଭ କରିବା ପାଇଁ ଭଗବତୀ ତୁମକୁ ପ୍ରଦାନ କରିଥିଲେ । ସେ ଅପହୃତା ହେବାରୁ ଖଡ଼୍‌ଗଟି ପୁଣି ଦେବୀଙ୍କ ନିକଟକୁ ଚାଲିଗଲା । ଦେବୀ ବିନ୍ଧ୍ୟବାସିନୀ ଅନଙ୍ଗପ୍ରଭାର ଅଭିଶାପ ସମ୍ପର୍କରେ ତୁମକୁ ସ୍ୱପ୍ନରେ ଯାହା କହିଥିଲେ ତାହା ବୋଧହୁଏ ତୁମେ ଭୁଲିଗଲଣି, ତେଣୁ ଏହି ଅବଶ୍ୟମ୍ଭାବୀ କଥାରେ ତୁମର ଏପରି

Digitized by srujanika@gmail.com

ମୋହ ଜାତ ହେଉଅଛି । ତୁମେ ବାରମ୍ବାର ଦୁଃଖ ପ୍ରଦାୟକ ଏହି ପାପବନ୍ଧନକୁ ଛିନ୍ନ କର । ଭ୍ରାତ, ପରପୁରୁଷାସକ୍ତ, ମାନବୀଭୂତା ଏବଂ ତୁମ ସହ ବିଶ୍ୱାସଘାତକତା ଜନିତ ପାପରୁ ଭ୍ରଷ୍ଟବିଦ୍ୟା ଏହି ଦୁରାଚାରିଣୀ ବିଦ୍ୟାଧରୀକୁ ଲାଭ କରି ମଧ୍ୟ ତୁମେ ଆଉ କି ଆନନ୍ଦ ପାଇବ ?'

ପତିବ୍ରତା ପ୍ରିୟଦତ୍ତାଙ୍କଠାରୁ ଏପରି ଆଶ୍ୱାସନା ପାଇ ଜୀବଦତ୍ତ ଅନଙ୍ଗପ୍ରଭାର ଆଶା ପରିତ୍ୟାଗ କଲା ଏବଂ ଦୁଶ୍ଚରିତ୍ରତା ଯୋଗୁଁ ତା' ପ୍ରତି ବିରକ୍ତ ହୋଇ କହିଲା, 'ଆର୍ଯ୍ୟେ, ତୁମର ସତ୍ ଉପଦେଶରେ ମୋର ସମସ୍ତ ଦୁଃଖ ଶାନ୍ତ ହେଲା ଏବଂ ମୋହ ପାଶ ଛିନ୍ନ ହେଲା । ପୁଣ୍ୟାତ୍ମାମାନଙ୍କର ସାହଚର୍ଯ୍ୟ ସର୍ବଥା ମଙ୍ଗଳପ୍ରଦ ହୋଇଥାଏ ।

କାମଂ ନ ଶ୍ରେୟସେ କସ୍ୟ ସଙ୍ଗମଃ ପୁଣ୍ୟକର୍ମଭିଃ ।

ପୂର୍ବଜନ୍ମର ପାପ ଫଳରୁ ମୁଁ ଏ ଜନ୍ମରେ ଏପରି ଦୁଃଖ ଲାଭ କରିଅଛି । ବର୍ତ୍ତମାନ ଏହି ପାପରାଶି ପ୍ରକ୍ଷାଳନ କରିବା ନିମିତ୍ତ ରାଗ-ଦ୍ୱେଷ ସବୁ ତ୍ୟାଗ କରି ତୀର୍ଥ ଯାତ୍ରା କରିବି । ଅନଙ୍ଗପ୍ରଭା ନିମନ୍ତେ ଅନ୍ୟ ସହ ଶତ୍ରୁତା କରିବାରେ କିଛି ଲାଭ ନାହିଁ । ଯେ କ୍ରୋଧକୁ ଜୟ କରିପାରେ, ସେ ଅନାୟାସରେ ସମଗ୍ର ସଂସାର ଜୟ କରିପାରିବ ।'

ଜିତକ୍ରୋଧେନ ସର୍ବଂ ହି ଜଗଦେତଦ୍‌ବିଜୀୟତେ ।

ଜୀବଦତ୍ତ ଏପରି କହୁଥିବା ସମୟରେ ପ୍ରିୟଦତ୍ତାଙ୍କ ସ୍ୱାମୀ ସେଠାରେ ଆସି ଉପଗତ ହେଲେ । ସେ ମଧ୍ୟ ପରମଧାର୍ମିକ ଏବଂ ଅତିଥିପରାୟଣ । ଜୀବଦତ୍ତର ଉଚିତ ସତ୍କାର କରି ସେ ତାଙ୍କର ଅବଶିଷ୍ଟ ଦୁଃଖ ଓ ସନ୍ତାପକୁ ଶାନ୍ତ କଲେ । ଫଳରେ ଜୀବଦତ୍ତ ସେଠାରେ ଗୋଟିଏ ଦିନ ବିଶ୍ରାମ ଗ୍ରହଣ ପୂର୍ବକ ସେମାନଙ୍କଠାରୁ ବିଦାୟ ନେଇ ତୀର୍ଥ ପର୍ଯ୍ୟଟନ ଉଦ୍ଦେଶ୍ୟରେ ନିଷ୍କ୍ରାନ୍ତ ହେଲା । ନିର୍ଜ୍ଜନ ବନ ମଧ୍ୟରେ ବହୁ କଷ୍ଟ ସ୍ୱୀକାର କରି, ବନ୍ୟ କନ୍ଦ, ମୂଳ, ଫଳ ଭକ୍ଷଣ ପୂର୍ବକ ସେ ପୃଥିବୀର ସମସ୍ତ ତୀର୍ଥ ପର୍ଯ୍ୟଟନ କଲା । ପରିଶେଷରେ ସେ ବିନ୍ଧ୍ୟବାସିନୀଙ୍କ ଶରଣାଗତ ହୋଇ ଉପବାସ ପୂର୍ବକ କୁଶାସ୍ତରଣ ଉପରେ କଠୋର ତପସ୍ୟା ଆରମ୍ଭ କଲା ।

ତାର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ଅମ୍ବିକା ପ୍ରତ୍ୟକ୍ଷ ଦର୍ଶନ ଦେଇ କହିଲେ, 'ଉଠ ବତ୍ସ, ତୁମେ ଚାରିଜଣ ତ ମୋର ଗଣ ଥିଲ । ତୁମ୍ଭମାନଙ୍କର ନାମ ଥିଲା ପଞ୍ଚମୂଳ, ଚତୁର୍ବକ୍ତ୍ର, ମହୋଦର ଏବଂ ବିକଟବଦନ । ଦିନେ ତୁମେ ସବୁ ଭ୍ରମଣ କରିବା ଉଦ୍ଦେଶ୍ୟରେ ଗଙ୍ଗାତଟକୁ ଯାଇଥିଲ । ସେଠାରେ ମହର୍ଷି କପିଳଜଟଙ୍କ କନ୍ୟା ରୂପଲେଖା

Digitized by srujanika@gmail.com

ସ୍ନାନ କରୁଥାଏ । ତାଙ୍କୁ ଦେଖି ତୁମ୍ଭେମାନେ କାମମୋହିତ ହୋଇପଡ଼ିଲ ଏବଂ ତା' ସହିତ କାମ କ୍ରୀଡ଼ା କରିବା ପାଇଁ ଅଭିଳାଷ କଲ । ସେ ଅନୂଢ଼ା ଥିବା କଥା ପ୍ରକାଶ କରନ୍ତେ ଅନ୍ୟ ତିନିଜଣ ମୌନ ହେଲେ କିନ୍ତୁ ତୁ ତାର ହସ୍ତ ଧାରଣ କଲୁ । ଫଳରେ ସେ ଆକୁଳ ହୋଇ ବାପାଙ୍କୁ ଡାକିବାକୁ ଲାଗିଲା । ଏହା ଶୁଣିପାରି ନିକଟରେ ବସି ତପସ୍ୟା କରୁଥିବା ମହର୍ଷି କପିଳଜଟ ଆସି ସେଠାରେ ପହଞ୍ଚିଲେ । ତାଙ୍କୁ ଦେଖି ତୁ ସେହି କନ୍ୟାର ହାତ ଛାଡ଼ିଦେଲୁ । ମହର୍ଷି ତୁମ୍ଭମାନଙ୍କୁ ମାନବଜନ୍ମ ଗ୍ରହଣ କରିବା ପାଇଁ ଅଭିଶାପ ଦେଲେ ।

'ତୁମ୍ଭେମାନେ ମହର୍ଷିଙ୍କୁ ପ୍ରାର୍ଥନା କରନ୍ତେ ସେ କ୍ରୋଧ ସମ୍ବରଣ ପୂର୍ବକ ଶାପାନ୍ତ ଘୋଷଣା କରି କହିଲେ ଯେ ତୁମ୍ଭେମାନେ ଯେତେବେଳେ ଯାଇ ରାଜକୁମାରୀ ଅନଙ୍ଗରତିଙ୍କୁ ବିବାହ କରିବାପାଇଁ ପ୍ରାର୍ଥନା କରିବ, ସେତେବେଳେ ସେ ବିଦ୍ୟାଧର ଲୋକକୁ ଚାଲିଯିବ । ଏ ସମୟରେ ତିନିଜଣ ଶାପମୁକ୍ତ ହେବ, କିନ୍ତୁ ବିକଟବଦନ ଏହି ବିଦ୍ୟାଧରୀଭୂତା ରାଜକୁମାରୀକୁ ପତ୍ନୀ ରୂପରେ ଲାଭ କରି ମଧ୍ୟ ହରାଇବ । ଏହାପରେ ସେ ବହୁ କଷ୍ଟରେ ଯାଇ ଦେବୀ ବିନ୍ଧ୍ୟବାସିନୀଙ୍କୁ ଆରାଧନା କରି ଶାପମୁକ୍ତ ହେବ । ତୁମେ ରୂପଲେଖାର ହସ୍ତ ସ୍ପର୍ଶ କରିଥିବାରୁ ପରଦାରାପହରଣ ରୂପ ଉତ୍କଟ ପାପରେ ଲିପ୍ତ ହୋଇଅଛ ।'

ମହର୍ଷି କପିଳଜଟ ଏହିପରି ଯେଉଁ ଅଭିଶାପ ପ୍ରଦାନ କଲେ ତା' ଫଳରେ ତୁମେମାନେ ଦାକ୍ଷିଣାତ୍ୟରେ ଯାଇ ଚତୁର୍ପ୍ରବୀର ରୂପେ ଜନ୍ମ ଗ୍ରହଣ କଲ । ପଞ୍ଚପଟ୍ଟିକ ଶୂଦ୍ର, ଭାଷା ବିଜ୍ଞାନୀ ବୈଶ୍ୟ, ଖଡ୍‌ଗଧର କ୍ଷତ୍ରିୟ ଏବଂ ଜୀବଦତ୍ତ ବ୍ରାହ୍ମଣ ରୂପେ ଅବତୀର୍ଣ୍ଣ ହୋଇ ତୁମ୍ଭେମାନେ ମିତ୍ର ରୂପେ କାଳ ଯାପନ କଲ । ତୁମ ବ୍ୟତୀତ ଅନ୍ୟ ତିନିଜଣ, ଅନଙ୍ଗରତି ବିଦ୍ୟାଧର ଲୋକକୁ ପ୍ରସ୍ଥାନ କରିଯିବା ପରେ ଏଠାକୁ ଆସି ଶାପମୁକ୍ତ ହେଲେ । ମୋର ଆରାଧନା କରି ତୁ ମଧ୍ୟ ଶାପମୁକ୍ତ ହୋଇଅଛୁ । ବର୍ତ୍ତମାନ ମୋଠାରୁ ଆଗ୍ନେୟ ଧାରଣା (ଏକ ପ୍ରକାର ଯୋଗ) ଗ୍ରହଣ କରି ନିଜର ଶରୀର ତ୍ୟାଗ କର । ଏହି ଧାରଣାଦ୍ୱାରା ଅଷ୍ଟଜନ୍ମ ଉପଭୋଗ୍ୟ ପାପରାଶିକୁ ଏହି ଜନ୍ମରେ ହିଁ ଭସ୍ମୀଭୂତ କରିହେବ ।' ଏହା କହି ଦେବୀ ଅନ୍ତର୍ହିତା ହୁଅନ୍ତେ ଜୀବଦତ୍ତ ଏହି ଆଗ୍ନେୟ ଧାରଣା ବଳରେ ନିଜର ସମସ୍ତ ପାପରାଶି ସହ ଶରୀରକୁ ମଧ୍ୟ ଦଗ୍ଧ କରି ମୁନି ଶାପରୁ ମୁକ୍ତିଲାଭ କଲା ଏବଂ ଗଣଶ୍ରେଷ୍ଠ ରୂପେ ଦେବୀଙ୍କ ନିକଟରେ ବାସ କଲା ।

ପରସ୍ତ୍ରୀ ସଙ୍ଗମ ଜନିତ ପାପରୁ ଦେବତାମାନେ ଯେତେବେଳେ ଏ ପ୍ରକାର ଦୁଃଖ ଲାଭ କରୁଛନ୍ତି, ସେତେବେଳେ ସାଧାରଣ ମାନବର କଥା ବା କଣ କୁହାଯିବ !

Digitized by srujanika@gmail.com

ଦେବାନାମପ୍ୟହୋ ଯେନ ପାପେନ କ୍ଳେଶ ଈଦୃଶଃ
ପରସ୍ତ୍ରୀସଙ୍ଗମୋତ୍‌ଥେନ ହାନ୍ୟେଷାଂ ତେନ କା ଗତିଃ ।

ଏଣେ ଅନଙ୍ଗପ୍ରଭା ରାଜା ହରିବରଙ୍କ ଅନ୍ତଃପୁରରେ ପଟ୍ଟମହିଷୀ ରୂପେ ଜୀବନଯାପନ କରୁଥାଏ । ରାଜା ତାଠାରେ ସର୍ବଦା ଆସକ୍ତ ରହି ରାଜ୍ୟଶାସନ ଭାର ମନ୍ତ୍ରୀ ସୁମନ୍ତ୍ରଙ୍କ ହସ୍ତରେ ନ୍ୟସ୍ତ କରି ଦେଇଥାଆନ୍ତି ।

ଦିନେ ମଧ୍ୟପ୍ରଦେଶରୁ ଲବ୍‌ଧବର ନାମକ ଜଣେ ନୂତନ ନାଟ୍ୟାଚାର୍ଯ୍ୟ ଆସି ରାଜା ହରିବରଙ୍କ ରାଜସଭାରେ ଉପସ୍ଥିତ ହେଲେ । ବାଦ୍ୟ ଓ ନୃତ୍ୟରେ ତାଙ୍କର ଅପୂର୍ବ କୁଶଳତା ଦେଖି ରାଜା ତାଙ୍କୁ ବହୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଅନ୍ତଃପୁରର ନାଟ୍ୟ ଅଧ୍ୟାପକ ରୂପେ ନିଯୁକ୍ତ କଲେ । ସେ ଅନଙ୍ଗପ୍ରଭାକୁ ଏପରି ନୃତ୍ୟପ୍ରବୀଣା କରିଦେଲେ ଯେ ସେ ନୃତ୍ୟ କରୁଥିବା ସମୟରେ ସପତ୍ନୀମାନେ ଈର୍ଷ୍ୟାନ୍ୱିତ ହୋଇଉଠୁଥିଲେ । ନାଟ୍ୟାଚାର୍ଯ୍ୟଙ୍କ ନିକଟ ସମ୍ପର୍କରେ ଆସି ଏବଂ ନାଟ୍ୟରସରେ ନିମଗ୍ନ ରହି ଅନଙ୍ଗପ୍ରଭା ଧୀରେ ଧୀରେ ତାଙ୍କ ପ୍ରତି ଆସକ୍ତ ହୋଇପଡ଼ିଲା । ନାଟ୍ୟାଚାର୍ଯ୍ୟ ମଧ୍ୟ ତାର ସୌନ୍ଦର୍ଯ୍ୟ ଓ ନୃତ୍ୟ କୁଶଳତା ଦେଖି କାମାସକ୍ତ ହୋଇଉଠିଲେ ।

ଏକଦା ଅନଙ୍ଗପ୍ରଭା କାମୋନ୍ମତ୍ତା ହୋଇ ଏକାନ୍ତରେ ନିଜର ଅଭିଳାଷ ନାଟ୍ୟାଚାର୍ଯ୍ୟଙ୍କ ନିକଟରେ ପ୍ରକାଶ କଲା । ଫଳରେ ନୃତ୍ୟମନ୍ଦିର ମଧ୍ୟରେ ହିଁ ସେମାନେ ନିଜ ନିଜର କାମପିପାସା ମେଣ୍ଟାଇ ନେଲେ । କାମକ୍ରୀଡ଼ା ଶେଷରେ ଅନଙ୍ଗପ୍ରଭା ଅତ୍ୟନ୍ତ ଅନୁରାଗବତୀ ହୋଇ ଲବ୍‌ଧବରଙ୍କୁ କହିଲା, 'ମୁଁ ତୁମବିନା ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଜୀବନଧାରଣ କରିପାରିବି ନାହିଁ । ଏଣେ ରାଜା ହରିବର ଯଦି ଏହା ଜାଣନ୍ତି ତାହାହେଲେ ଆମକୁ କଦାପି କ୍ଷମା ଦେବେ ନାହିଁ । ତେଣୁ ଚାଲ ଅନ୍ୟ କୌଣସି ସ୍ଥାନକୁ ପଳାୟନ କରିବା, ଯେଉଁଠାରେ ରହିଲେ ରାଜା ଆମର ସନ୍ଧାନ ପାଇପାରିବେ ନାହିଁ । ତୁମ ନିକଟରେ ରାଜପ୍ରଦତ୍ତ ରତ୍ନ, ଅଶ୍ୱ, ଉଷ୍ଟ୍ର ପ୍ରଭୃତି ଧନ ସମ୍ପତ୍ତି ଅଛି ଏବଂ ରାଜା ମୋର ନୃତ୍ୟ ଦର୍ଶନରେ ପ୍ରୀତ ହୋଇ ମୋତେ ମଧ୍ୟ କେତେକ ଅଳଙ୍କାର ପ୍ରଦାନ କରିଅଛନ୍ତି । ତେଣୁ ଏସବୁ ନେଇ ଆମେ ଯଥାଶୀଘ୍ର ଏଠାରୁ ପଳାୟନ କରିବା ଏବଂ ନିର୍ଭୟରେ ସୁଖମୟ ଜୀବନଯାପନ କରିବା ।' ଏହି ପ୍ରସ୍ତାବ ଶ୍ରବଣରେ ଲବ୍‌ଧବର ଅତ୍ୟନ୍ତ ଆନନ୍ଦିତ ହୋଇ ସେଥିରେ ସମ୍ମତ ହେଲେ ।

ପରଦିନ ଅନଙ୍ଗପ୍ରଭା ପୁରୁଷ ବେଶରେ ଜଣେ ଅନ୍ତରଙ୍ଗା ଦାସୀସହ ଯାଇ ନାଟ୍ୟାଚାର୍ଯ୍ୟଙ୍କ ଗୃହରେ ଉପସ୍ଥିତ ହେଲା । ନାଟ୍ୟାଚାର୍ଯ୍ୟ ସେତିକି ବେଳକୁ ତାଙ୍କର

Digitized by srujanika@gmail.com

ସମସ୍ତ ଧନସମ୍ପତ୍ତି ଉଷ୍ଟ୍ରପୃଷ୍ଠରେ ରଖି ସାରିଥାଆନ୍ତି । ଅନଙ୍ଗପ୍ରଭା ପହଞ୍ଚିବାମାତ୍ରେ ଅଶ୍ୱାରୋହଣ ପୂର୍ବକ ସେମାନେ ହରିବରଙ୍କ ନଗରରୁ ବହିର୍ଗତ ହେଲେ । ପ୍ରଥମେ ସେ ବିଦ୍ୟାଧର ଲକ୍ଷ୍ମୀ ପରିତ୍ୟାଗ ପୂର୍ବକ ରାଜଲକ୍ଷ୍ମୀକୁ ବରଣ କରିଥିଲା, ବର୍ତ୍ତମାନ ତାକୁ ପରିତ୍ୟାଗ କରି ନୃତ୍ୟ-ଗୀତ ଶିକ୍ଷକର ଆଶ୍ରୟ ନେଲା । ସ୍ତ୍ରୀମାନଙ୍କର ଏ ପ୍ରକାର ଚଞ୍ଚଳ ମନୋବୃତ୍ତିକୁ ଧିକ୍ ।

ସେମାନେ ବହୁଦୂର ପଥ ଅତିକ୍ରମ କରି ବିୟୋଗପୁର ନାମକ ଏକ ନଗରରେ ଯାଇ ପ୍ରବେଶ କଲେ । ସେଠାରେ ଉଭୟେ ସ୍ୱତନ୍ତ୍ରତା ପୂର୍ବକ ଜୀବନଯାପନ କରୁଥାଆନ୍ତି । ନାଟ୍ୟାଚାର୍ଯ୍ୟ ଏ ପ୍ରକାର ସୁନ୍ଦରୀ ସ୍ତ୍ରୀ ଲାଭକରି ନିଜର ଲବ୍ଧବର ନାମ ସାର୍ଥକ ହେଲା ବୋଲି ମନେ କରୁଥାଆନ୍ତି ।

ଏଣେ ରାଜା ହରିବର ଅନଙ୍ଗପ୍ରଭାଙ୍କ ବିରହ ଶୋକରେ ଶରୀର ତ୍ୟାଗ କରିବାପାଇଁ ଉଦ୍ୟତ ହେଲେ । ଏହା ଦେଖି ମନ୍ତ୍ରୀ ସୁମନ୍ତ୍ର ରାଜାଙ୍କୁ ଆଶ୍ୱାସନା ପ୍ରଦାନ ପୂର୍ବକ କହିଲେ, 'ମହାରାଜ, ଆପଣଙ୍କୁ ଅଧିକ କଣ କହିବି ! ଆପଣ ତ ସବୁ କିଛି ଜାଣନ୍ତି । ଯେଉଁ ନାରୀ ଖଡ୍‌ଗବିଦ୍ୟାଧରକୁ ପରିତ୍ୟାଗ କରି ଆପଣଙ୍କୁ ଦେଖିବାମାତ୍ରେ ଆପଣଙ୍କ ସହ ଚାଲି ଆସିଥିଲା, ସେ ଆପଣଙ୍କ ସହ ଚିରକାଳ ବାସ କରିଥାଆନ୍ତା ବୋଲି ଆପଣ କିପରି ଭାବୁଅଛନ୍ତି ? ଉତ୍ତମ ଓ ଉତ୍କୃଷ୍ଟ ବସ୍ତୁ ପ୍ରତି ନିଃସ୍ପୃହ ହୋଇ ଯେଉଁ ସ୍ତ୍ରୀ ଚାଲି ଆସିପାରେ, ସେ ସେହିପରି ଏକ ସାଧାରଣ ବ୍ୟକ୍ତିସହ ପଳାୟନ କରିବାରେ ଆଶ୍ଚର୍ଯ୍ୟ କଣ ଅଛି ? ତୃଣଶଳାକା ଅନ୍ୟ ତୃଣ ପ୍ରତିହିଁ ଆକୃଷ୍ଟ ହୋଇଥାଏ ।

ତୃଣରତ୍ନଶଳାକେବ ତୃଣଦୃଷ୍ଟ୍ୟନୁରାଗତଃ

ତାହାକୁ ନିଶ୍ଚୟ ନାଟ୍ୟାଚାର୍ଯ୍ୟ ନେଇ ପଳାୟନ କରିଛି । କାରଣ ସେ ମଧ୍ୟ ବର୍ତ୍ତମାନ ନଗର ମଧ୍ୟରେ ଉପସ୍ଥିତ ନୁହେ । ଆଜି ପ୍ରଭାତରୁ ସେମାନେ ଏକତ୍ର ଥିବା କଥା ଭୃତ୍ୟମାନଙ୍କଠାରୁ ଶୁଣାଯାଉଛି । ତେଣୁ ମହାରାଜ, ଆପଣ ସେହି ସ୍ତ୍ରୀର ଚଞ୍ଚଳ ଚିତ୍ତବୃତ୍ତି ସମ୍ପର୍କରେ ଅବହିତ ଥାଇ ସୁଦ୍ଧା ତା ପ୍ରତି କିପରି ଆସକ୍ତ ହୋଇ ରହିଛନ୍ତି ? ବିଳାସିନୀ ସ୍ତ୍ରୀମାନଙ୍କର ଅନୁରାଗ ସନ୍ଧ୍ୟାକାଳୀନ ଆକାଶର ରକ୍ତିମା ତୁଲ୍ୟ କ୍ଷଣସ୍ଥାୟୀ ।

ବିଳାସିନୀ ହି ସର୍ବସ୍ୟ ସଂଧ୍ୟେବ କ୍ଷଣରାଗିଣୀ ।

ମନ୍ତ୍ରୀଙ୍କର କଥା ଶୁଣି ହରିବର ଚିନ୍ତାନ୍ୱିତ ହୋଇପଡ଼ିଲେ । ସେ ଚିନ୍ତା କରିବାକୁ ଲାଗିଲେ ଯେ ମନ୍ତ୍ରୀ ଯାହା କହୁଛନ୍ତି ତାହା ଅଯଥାର୍ଥ ନୁହେ । ବିଳାସିନୀ ନାରୀମାନେ

Digitized by srujanika@gmail.com

ସ୍ୱାଭାବିକ ଭାବେ ଦୁଃଖପ୍ରଦା, କଷ୍ଟଦାୟିନୀ, କ୍ଷଣପରିବର୍ତ୍ତନଶୀଳା । ସେମାନଙ୍କ ସ୍ନେହ ଓ ପ୍ରେମ ଅନିତ୍ୟ । ପତନମାତ୍ରେ ନିମଜ୍ଜିତ ଏବଂ ଦର୍ଶନମାତ୍ରେ ଉତ୍କଣ୍ଠିତ କରୁଥିବା ନଦୀ ଓ ନାରୀ ଭ୍ରମ (ନଦୀ ପକ୍ଷେ ଜଳ ଭଉଁରୀ)ରେ ପଡ଼ିବାମାତ୍ରେ ମନୁଷ୍ୟ ଆଉ ମୁକ୍ତିଲାଭ କରିପାରେ ନାହିଁ । ବ୍ୟସନରେ ନିରୁଦ୍‌ବେଗ, ବିଭବରେ ନିରହଙ୍କାର ଏବଂ କର୍ମରେ ଅନାସକ୍ତ ବ୍ୟକ୍ତିମାନେ ହିଁ ପଣ୍ଡିତ । ଏମାନେ ହିଁ ସଂସାରକୁ ଜୟ କରନ୍ତି ।

ପତିତଂ ମଜ୍ଜୟନ୍ତୀଷୁ ଦର୍ଶିତୋତ୍କଳିକାସୁ ଚ଼
ପ୍ରାଜ୍ଞଃ ପତତ୍ୟଗାଧାସୁ ନସ୍ତ୍ରୀଷୁ ଚ଼ ନଦୀଷୁ ଚ଼ ।
ବ୍ୟସନେଷ୍ୱ ନିରୁଦ୍‌ବେଗା ବିଭବେଷ୍ୱପ୍ୟଗର୍ବିତାଃ
କାର୍ଯ୍ୟେଷ୍ୱକାତରା ଯେ ଚ଼ ତେ ଧୀରାସ୍ତୈର୍ଜ୍ଜିତଂ ଜଗତ୍ ।

ଏହିପରି ଚିନ୍ତାକରି ରାଜା ହରିବର ସମସ୍ତ ଦୁଶ୍ଚିନ୍ତା ପରିତ୍ୟାଗ ପୂର୍ବକ ଅନ୍ୟ ସ୍ତ୍ରୀମାନଙ୍କ ସହ ସୁଖରେ ଜୀବନ ଅତିବାହିତ କରିବାକୁ ଲାଗିଲେ ।

ଏଣେ ଅନଙ୍ଗପ୍ରଭା ମଧ୍ୟ ବିୟୋଗପୁର ନଗରରେ ନାଟ୍ୟାଚାର୍ଯ୍ୟ ଲବ୍‌ଧବର ସହ କିଛିଦିନ କାଳଯାପନ କଲା । ଏଠାରେ ନାଟ୍ୟାଚାର୍ଯ୍ୟଙ୍କ ସହ ସୁଦର୍ଶନ ନାମକ ଏକ ଦ୍ୟୂତକ୍ରୀଡ଼ା ବିଳାସୀ ଯୁବକର ମିତ୍ରତା ହେଲା । ସେହି ସୁଦର୍ଶନ ଲବ୍‌ଧବରଙ୍କୁ ଦ୍ୟୂତକ୍ରୀଡ଼ାରେ ବାରମ୍ବାର ପରାସ୍ତ କରି ଅନଙ୍ଗପ୍ରଭା ସମ୍ମୁଖରେ ହିଁ ସର୍ବସ୍ୱାନ୍ତ ଓ ଦରିଦ୍ର କରିଦେଲା । ଏଥିରେ ବିରକ୍ତ ଓ କ୍ରୋଧାନ୍ୱିତ ହୋଇ ଅନଙ୍ଗପ୍ରଭା ନାଟ୍ୟାଚାର୍ଯ୍ୟଙ୍କୁ ବର୍ଜନ କରି ସୁଦର୍ଶନକୁ ନିଜର ପତିରୂପେ ବରଣ କଲା । ସ୍ତ୍ରୀ ଓ ଧନ ଉଭୟ ଚାଲିଯିବା ପରେ ନାଟ୍ୟାଚାର୍ଯ୍ୟ ନିରାଶରେ ସଂସାରବିରାଗୀ ହୋଇପଡ଼ିଲେ ଏବଂ ମସ୍ତକରେ ଜଟାଜୁଟ ଧାରଣ କରି ତପସ୍ୟା କରିବା ନିମିତ୍ତ ଗଙ୍ଗାତଟକୁ ପ୍ରସ୍ଥାନ କଲେ । ସର୍ବଦା ନବ ନବପୁରୁଷ ସଙ୍ଗ ଅଭିଳାଷିଣୀ ଅନଙ୍ଗପ୍ରଭା ନିଶ୍ଚିନ୍ତ ମନରେ ସୁଦର୍ଶନ ସହ କାଳଯାପନ କରିବାକୁ ଲାଗିଲା ।

ଦିନେ ହଠାତ୍ ସୁଦର୍ଶନର ଗୃହରେ ଚୋରମାନେ ପ୍ରବେଶ କରି ତାର ସର୍ବସ୍ୱ ଅପହରଣ କରିନେଲେ । ସେ ନିଃସ୍ୱ ଓ କାଙ୍ଗାଳ ହୋଇପଡ଼ିଲା । ତାର ଏ ଅବସ୍ଥା ଲକ୍ଷ୍ୟ କରି ଅନଙ୍ଗପ୍ରଭା ଦୁଃଖିତା ଓ ଅନୁତପ୍ତା ହୁଅନ୍ତେ ସେ କହିଲା, 'ହିରଣ୍ୟଗୁପ୍ତ ନାମରେ ମୋର ଜଣେ ଧନଶାଳୀ ମିତ୍ର ଅଛନ୍ତି । ଚାଲ, ତାଙ୍କଠାରୁ କିଛି ଅର୍ଥ ଋଣ ସ୍ୱରୂପ ଆଣି ବାଣିଜ୍ୟ ବ୍ୟବସାୟଦ୍ୱାରା ପୁଣି ଅର୍ଥ ଉପାର୍ଜନ କରିବା ।'

Digitized by srujanika@gmail.com

ଦୁର୍ଭାଗ୍ୟବଶତଃ ନଷ୍ଟବୁଦ୍ଧି ସୁଦର୍ଶନ ଅନଙ୍ଗପ୍ରଭା ସହିତ ଯାଇ ହିରଣ୍ୟଗୁପ୍ତଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ତାଙ୍କୁ କିଛି ଋଣ ଦେବା ପାଇଁ ଅନୁରୋଧ କଲା । ହିରଣ୍ୟଗୁପ୍ତ ଓ ଅନଙ୍ଗପ୍ରଭାଙ୍କ ଚାରିଚକ୍ଷୁର ମିଳନଘଟିବାରୁ ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଏଥିରେ ବିହ୍ୱଳିତ ହୋଇ ବୈଶ୍ୟ ଆଦରର ସହିତ ବନ୍ଧୁଙ୍କୁ କହିଲେ, 'ମିତ୍ର, କାଲି ପ୍ରଭାତରୁ ମୁଁ ତୁମକୁ ତୁମର ଅଭିଳଷିତ ଧନ ପ୍ରଦାନ କରିବି । ଆଜି ମୋର ଅତିଥିରୂପେ ତୁମେ ପାନଭୋଜନାଦି କରି ଏଠାରେ ରହିଯାଅ ।' ସୁଦର୍ଶନ ତାଙ୍କର କୁତ୍ସିତ ମନୋବୃତ୍ତିର ସୂଚନା ପାଇ କହିଲା, 'ମିତ୍ର, ଆଜି ମୁଁ ପାନଭୋଜନାଦି ପାଇଁ ପ୍ରସ୍ତୁତ ନୁହେଁ । ଅନ୍ୟ ଦିନ ଆସି ତୁମର ଆତିଥ୍ୟ ସ୍ୱୀକାର କରିବି ।' ଚତୁର ହିରଣ୍ୟଗୁପ୍ତ ନିରାଶ ନ ହୋଇ ପୁଣି କହିଲେ, 'ତା'ହେଲେ ତୁମର ସ୍ତ୍ରୀ ଆଜି ମୋର ଗୃହରେ ନିଶ୍ଚୟ ଭୋଜନ କରିବେ । ସେ ପ୍ରଥମବାର ଆମ ଘରେ ପଦାର୍ପଣ କରିଛନ୍ତି । ତେଣୁ ତାଙ୍କର ଅତିଥି ସତ୍କାର ନ କରିବା ମୋ ପକ୍ଷରେ ଅସୁନ୍ଦର ହେବ ।' ଏହା ଶୁଣି ସୁଦର୍ଶନ ଧୂର୍ତ୍ତ ହେଲେ ହେଁ ଆବଶ୍ୟକତା ଦୃଷ୍ଟିରୁ ମୌନ ରହିବା ପାଇଁ ବାଧ୍ୟ ହେଲା ଏବଂ ବୈଶ୍ୟ ଅନଙ୍ଗପ୍ରଭାଙ୍କୁ ନେଇ ଅଭ୍ୟନ୍ତରକୁ ଚାଲିଗଲେ ।

ଗୃହ ମଧ୍ୟରେ ହିରଣ୍ୟଗୁପ୍ତ ଯୌବନମଦୋନ୍ମତ୍ତ ଅନଙ୍ଗପ୍ରଭାଙ୍କ ସହ ଏକାନ୍ତରେ ଭୋଜନ, ମଦ୍ୟପାନ ଇତ୍ୟାଦି କରି ନିଜର ଅଭିଳାଷ ପୂରଣ କରୁଥାଆନ୍ତି । ଏଣେ ସୁଦର୍ଶନ ପତ୍ନୀର ପ୍ରତୀକ୍ଷାରେ ବସି ରହିଲା । ବହୁ ସମୟ ଅପେକ୍ଷା କରି ଭୃତ୍ୟମାନଙ୍କଦ୍ୱାରା ସମ୍ବାଦ ପ୍ରେରଣ କରନ୍ତେ ସେମାନେ ଆସି କହିଲେ, 'ତୁମର ସ୍ତ୍ରୀ ଭୋଜନ କରି ଗୃହକୁ ପ୍ରତ୍ୟାବର୍ତ୍ତନ କରିଗଲେଣି । ତୁମେ ବୋଧହୁଏ ତାଙ୍କୁ ଦେଖି ପାରିନାହଁ ? ଏଠାରେ ବସି ଆଉ କଣ କରିବ । ଯାଅ, ଘରକୁ ଫେରି ଯାଅ ।' ସୁଦର୍ଶନ ବିବ୍ରତ ହୋଇ ପୁଣି 'ନା, ସେ ବର୍ତ୍ତମାନ ସୁଦ୍ଧା ଯାଇ ନାହାନ୍ତି । ସେ ଏଠାରେ ଥିବା ପର୍ଯ୍ୟନ୍ତ ମୁଁ ମଧ୍ୟ ଯାଇପାରିବି ନାହିଁ' ବୋଲି କହନ୍ତେ ହିରଣ୍ୟଗୁପ୍ତଙ୍କ ଭୃତ୍ୟମାନେ ତାକୁ ପ୍ରହାର କରି ସେଠାରୁ ତଡ଼ିଦେଲେ । ସେ ଅପମାନିତ ହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଚିନ୍ତାକଲା 'ବଣିକ ମିତ୍ର ହୋଇ ସୁଦ୍ଧା ମୋର ସ୍ତ୍ରୀକୁ ଅପହରଣ କଲେ । ଏହି ଜନ୍ମର ଫଳ ମୁଁ ଲାଭ କରିଗଲି । ଅନ୍ୟସହ ଯେପରି ମୁଁ ଆଚରଣ କରିଥିଲି, ବର୍ତ୍ତମାନ ଅନ୍ୟଠାରୁ ମଧ୍ୟ ଅନୁରୂପ ଆଚରଣ ଓ ଅଭ୍ୟର୍ଥନା ଲାଭ କଲି । ତେଣୁ କାହାପ୍ରତି ଆଉ କ୍ରୋଧ ପ୍ରକାଶ କରିବା ଉଚିତ ନୁହେ । ମୁଁ ମୋର ଭାଗ୍ୟକୁ ହିଁ ନିନ୍ଦା କରିପାରେ । ତେଣୁ ବର୍ତ୍ତମାନ ଏପରି କିଛି ଉପାୟ କରି କର୍ମଜାଲ ଛିନ୍ନ କଲେ ପୁନର୍ଜନ୍ମ ବା ଏ ପ୍ରକାର ଅପମାନ ଆଉ ହେବ

Digitized by srujanika@gmail.com

ନାହିଁ ।' ଏହିପରି ଚିନ୍ତାକରି କ୍ରୋଧ ରହିତ ସୁଦର୍ଶନ ବଦରିକାଶ୍ରମ ଯାଇ ସଂସାର-ବନ୍ଧନରୁ ମୁକ୍ତ ହେବା ନିମିତ୍ତ ତପଶ୍ଚରଣ କଲା ।

ଏଣେ ଅନଙ୍ଗପ୍ରଭା ଧନାଢ଼୍ୟ ସୁନ୍ଦର ପତି ଲାଭ କରି ପୁଷ୍ପରୁ ପୁଷ୍ପକୁ ଉଡ଼ିବୁଲୁଥିବା ଭ୍ରମର ତୁଲ୍ୟ ଆନନ୍ଦ ଉପଭୋଗ କରୁଥାଏ । ଧୀରେ ଧୀରେ ସେ ଏହି ବିପୁଳ ସମ୍ପତ୍ତିଶାଳୀ ବୈଶ୍ୟ ହିରଣ୍ୟଗୁପ୍ତର ଜୀବନ ଓ ଧନ ଉଭୟ ଉପରେ ଆଧିପତ୍ୟ ବିସ୍ତାର କରିବସିଲା । ଏହି ଦେଶର ରାଜା ବୀରବାହୁ ପୃଥିବୀର ଶ୍ରେଷ୍ଠ ସୁନ୍ଦରୀ ଅନଙ୍ଗପ୍ରଭା ତାଙ୍କ ରାଜ୍ୟରେ ରହୁଥିବା ଜାଣି ସୁଦ୍ଧା ଧର୍ମ ଓ ମର୍ଯ୍ୟାଦା ଦୃଷ୍ଟିରୁ ତାକୁ ଅପହରଣ କରିବା ପାଇଁ ଚେଷ୍ଟା କଲେ ନାହିଁ ।

ଅନଙ୍ଗପ୍ରଭାଙ୍କ ବଦ୍‌ଖର୍ଚ୍ଚ ଯୋଗୁଁ କ୍ରମେ କ୍ରମେ ହିରଣ୍ୟଗୁପ୍ତଙ୍କ ବିପୁଳ ସମ୍ପତ୍ତି ଚ୍ୟୁତ ହେବାକୁ ଲାଗିଲା । ଗୃହ ମଧ୍ୟରେ କୁଳଟା ଓ ଦୁରାଚାରିଣୀ ରମଣୀ ବାସ କଲେ ସଦାଚାରିଣୀ ସପତ୍ନୀ ତୁଲ୍ୟ ଲକ୍ଷ୍ମୀ କ୍ରମେ କ୍ରମେ କ୍ଷୀଣ ହୋଇଯାଆନ୍ତି ।

ମ୍ଲାୟତି ଶ୍ରୀଃ କୁଳସ୍ତ୍ରୀବ ଗୃହେ ବନ୍ଧକ୍ୟଧିଷ୍ଠିତେ ।

ଧନସମ୍ପତ୍ତି ହ୍ରାସ ଦେଖି ଉକ୍ତ ହିରଣ୍ୟଗୁପ୍ତ କେତେକ ପଣ୍ୟ ବସ୍ତୁ ସଂଗ୍ରହ କରି ବାଣିଜ୍ୟ ନିମିତ୍ତ ସୁବର୍ଣ୍ଣ ଦ୍ୱୀପ ଅଭିମୁଖରେ ଯାତ୍ରା କରିବା ପାଇଁ ଉଦ୍ୟତ ହେଲେ । ବିଯୋଗ ଦୁଃଖ ଭୟରେ ସେ ଅନଙ୍ଗପ୍ରଭାଙ୍କୁ ମଧ୍ୟ ନିଜ ସହିତ ନେବାପାଇଁ ବିସ୍ମୃତ ହେଲେ ନାହିଁ ।

କିଛି ପଥ ଅତିକ୍ରମ କରି ସେମାନେ ସାଗରପୁର ନାମକ ନଗରରେ ଆସି ପହଞ୍ଚିଲେ । ସମୁଦ୍ର ତଟବର୍ତ୍ତୀ ଏହି ନଗରରେ ବାସ କରୁଥିବା ସାଗରବୀର ନାମକ ଧୀବରମୁଖ୍ୟଙ୍କ ସହ ହିରଣ୍ୟଗୁପ୍ତଙ୍କ ବନ୍ଧୁତା ହେଲା । ଏହି ମତ୍ସ୍ୟଜୀବୀ ସାଗରବୀରଙ୍କ ସହ କଥାବାର୍ତ୍ତା କରି ତାଙ୍କରି ଜାହାଜରେ ବୈଶ୍ୟ ହିରଣ୍ୟଗୁପ୍ତ ଅନଙ୍ଗପ୍ରଭା ସହ ଯାତ୍ରା ଆରମ୍ଭ କଲେ । ସେମାନେ ସମୁଦ୍ର ମଧ୍ୟରେ ଯାତ୍ରା କରୁଥିବା ସମୟରେ ବିଜୁଳି ରୂପ ନୟନ ପ୍ରକାଶ ପୂର୍ବକ ଭୀତିସଂତ୍ରାସଦାୟକ ଘନକୃଷ୍ଣ ମେଘ ଆକାଶକୁ ଆଚ୍ଛନ୍ନ କଲା । ପ୍ରଚଣ୍ଡ ବାୟୁ ପ୍ରବାହିତ ହୋଇ ମୁଷଳଧାରାରେ ବୃଷ୍ଟି ମଧ୍ୟ ହେବାକୁ ଲାଗିଲା । ସମୁଦ୍ରରେ ପ୍ରଚଣ୍ଡ ବାତ୍ୟା ସୃଷ୍ଟି ହୋଇ ଜାହାଜଟି କ୍ରମଶଃ ଜଳମଗ୍ନ ହେଲା । ଜାହାଜର ଏ ପ୍ରକାର ପରିସ୍ଥିତି ଦର୍ଶନ କରି ହିରଣ୍ୟଗୁପ୍ତଙ୍କ ସମସ୍ତ ସେବକ ଆର୍ତ୍ତଚିତ୍କାର କରିବାକୁ ଲାଗିଲେ । ଜାହାଜ ସହ ସେମାନଙ୍କର ଭବିଷ୍ୟତ ସ୍ୱପ୍ନ ମଧ୍ୟ ନିଷ୍ଫଳ ହେଲା । ହିରଣ୍ୟଗୁପ୍ତ ନିଜର ଉତ୍ତରୀୟକୁ କଟିଦେଶରେ ବେଷ୍ଟନ କରି ଅନଙ୍ଗପ୍ରଭା ସନ୍ଧାନରେ ସମୁଦ୍ର ମଧ୍ୟକୁ ଲମ୍ଫ

Digitized by srujanika@gmail.com

ପ୍ରଦାନ କଲେ । ସମୁଦ୍ରର ଅତଳ ଜଳମଧ୍ୟରେ ଖଣ୍ଡିଏ କାଷ୍ଠ ଫଳକ ତାଙ୍କର ହସ୍ତଗତ ହେଲା । ସେ ତା'ର ଆଶ୍ରୟ ନେଇ ସାଗର ଗର୍ଭରେ ଭାସିବାକୁ ଲାଗିଲେ ।

ଏଣେ ଧୀବର ମୁଖ୍ୟ ସାଗରବୀର ଏକ ଦୀର୍ଘ କାଷ୍ଠ ଫଳକକୁ ରଜ୍ଜୁ ଦ୍ୱାରା ବହୁ କଷ୍ଟରେ ବନ୍ଧନ କରି ଅନଙ୍ଗପ୍ରଭା ସହ ତା ଉପରେ ଆରୋହ କଲା ଏବଂ ଆଶ୍ୱାସନା ପ୍ରଦାନ ପୂର୍ବକ ହସ୍ତ ସାହାଯ୍ୟରେ ଆହୁଲା ମାରି ମାରି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଲାଗିଲା । ଜାହାଜଟି ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହେବା ପରେ ଝଡ଼ ଶାନ୍ତ ହେଲା ଏବଂ ବିକ୍ଷୁବ୍ଧ ସାଗର ବକ୍ଷ ସଜ୍ଜନ ହୃଦୟ ତୁଲ୍ୟ ନିଶ୍ଚଳ ହୋଇପଡ଼ିଲା । କାଷ୍ଠ ଫଳକକୁ ଆଶ୍ରୟ କରି ହିରଣ୍ୟଗୁପ୍ତ ଅନୁକୂଳ ବାୟୁର ସହାୟତାରେ ଆସି ପଞ୍ଚମ ଦିବସରେ ତଟ ଦେଶରେ ଉପସ୍ଥିତ ହେଲେ । କାଷ୍ଠ ଫଳକରୁ ଅବତରଣ କରି ସେ ଅନଙ୍ଗପ୍ରଭା ବିରହରେ ଗଭୀର ଦୁଃଖ ଲାଭ କରିବାକୁ ଲାଗିଲେ । କିନ୍ତୁ ପରେ ଏହାକୁ ଅବଶ୍ୟମ୍ଭାବୀ ଦୈବଯୋଗ ମନେକରି ସ୍ୱ ନଗରକୁ ପ୍ରତ୍ୟାବର୍ତ୍ତନ ପୂର୍ବକ ସେ ପୁଣି ବ୍ୟବସାୟଦ୍ୱାରା ଧନ ଉପାର୍ଜନ କରି ଆନନ୍ଦରେ ଜୀବନ ଯାପନ କଲେ ।

ସାଗରବୀର ଆଶ୍ଚର୍ଯ୍ୟଜନକ ଭାବରେ ଅନଙ୍ଗପ୍ରଭା ସହ ଗୋଟିଏ ଦିନ ମଧ୍ୟରେ ଯାଇ ସମୁଦ୍ରର ପରପାରରେ ଉପସ୍ଥିତ ହେଲା । ସେଠାରେ ଅପୂର୍ବ ବଳଶାଳୀ, ସମ୍ରାଟତୁଲ୍ୟ ସମ୍ପତ୍ତିଶାଳୀ ଏବଂ ରୂପବାନ୍ ଯୁବକ ସାଗରବୀରକୁ ନିଜର ଆଜ୍ଞାକାରୀ ବୋଲି ଜାଣିପାରି ଅନଙ୍ଗପ୍ରଭା ତାକୁ ପତିପଦରେ ବରଣ କଲା । ପ୍ରକୃତରେ ଚରିତ୍ରହୀନା ସ୍ତ୍ରୀମାନେ ନିଜର କାମପିପାସା ଚରିତାର୍ଥ କରିବାପାଇଁ ଉଚ୍ଚ ନୀଚର ବିଚାର କରନ୍ତି ନାହିଁ ।

ନ ସ୍ତ୍ରୀ ଚଳିତଚାରିତ୍ରା ନିମ୍ନୋନ୍ନତମବେକ୍ଷତେ ।

ଅନଙ୍ଗପ୍ରଭା କୈବର୍ତ୍ତ ଗୃହରେ ତାର ଧନ ସମ୍ପତ୍ତି ଉପଭୋଗ କରି ବାସ କରିବାକୁ ଲାଗିଲା ।

ଏକଦା ସେ ନିଜ ପ୍ରାସାଦର ଚନ୍ଦ୍ରଶାଳାପୁରରେ ଭ୍ରମଣ କରୁଥିବା ବେଳେ ରାଜପଥରେ ଯାଉଥିବା ବିଜୟବର୍ମା ନାମକ ଜଣେ କ୍ଷତ୍ରିୟ ସନ୍ତାନ ଉପରେ ତାର ଦୃଷ୍ଟିପାତ ହେଲା । ଉକ୍ତ ଯୁବକଟିର ସୁନ୍ଦର ରୂପ ଓ ବଳିଷ୍ଠ ଶାରୀରିକ ଗଠନରେ ଆକୃଷ୍ଟ ହୋଇ ସେ ପ୍ରାସାଦ ପୃଷ୍ଠରୁ ଅବତରଣ କଲା ଏବଂ ତାଙ୍କ ନିକଟକୁ ଯାଇ ଆକୁଳ କଣ୍ଠରେ କହିଲା, 'ମୁଁ ଆପଣଙ୍କୁ ଦେଖିବା ସଙ୍ଗେସଙ୍ଗେ ଆପଣଙ୍କ ରୂପରେ ମୁଗ୍ଧ ହୋଇପଡ଼ିଛି । ମୋତେ ଆପଣ ସଙ୍ଗରେ ନିଅନ୍ତୁ ।' ବିଜୟବର୍ମା ଏହି ପ୍ରସ୍ତାବରେ ସମ୍ମତ ହୋଇ ସେହି ଭ୍ରଷ୍ଟା ବିଦ୍ୟାଧରୀ ସହ ସ୍ୱ ବାସଭବନକୁ ପ୍ରସ୍ଥାନ କଲା ।

Digitized by srujanika@gmail.com

ଅନଙ୍ଗପ୍ରଭା ପଳାୟନ କରିବା ପରେ ସାଗରବୀର ତାର ପଳାୟନ ବାର୍ତ୍ତା ଜ୍ଞାତ ହୋଇ ନିଜର ସମସ୍ତ ଧନସମ୍ପତ୍ତି, ସୁଖ ସମ୍ପଦ ପରିତ୍ୟାଗ ପୂର୍ବକ ତପସ୍ୟାଦ୍ୱାରା ଶରୀରତ୍ୟାଗ କରିବା ନିମିତ୍ତ ଗଙ୍ଗାତଟକୁ ଚାଲିଗଲା । ତା'ର ଏ ପ୍ରକାର ଦୁଃଖ ହେବା ମଧ୍ୟ ସ୍ୱାଭାବିକ ! କାହିଁ ବିଚାରା ମତ୍ସ୍ୟଜୀବୀ ଧୀବର ଏବଂ କାହିଁ ଆକାଶଚାରିଣୀ ବିଦ୍ୟାଧରୀ !

ଅନଙ୍ଗପ୍ରଭା ଏହାପରେ ସ୍ୱଚ୍ଛନ୍ଦତା ପୂର୍ବକ ବିଜୟବର୍ମା ସହ ଉକ୍ତ ନଗରରେ ବାସ କରିବାକୁ ଲାଗିଲା । ଏକଦା ଏହି ନଗରର ରାଜା ସାଗରବର୍ମା ହସ୍ତୀପୃଷ୍ଠରେ ଆରୋହଣ କରି ନଗର ଭ୍ରମଣରେ ବାହାରି ଥାଆନ୍ତି । ନିଜ ନାମରେ ପ୍ରସିଦ୍ଧ ଏବଂ ନିଜେ ନିର୍ମାଣ କରାଇଥିବା ନଗରଟିର ପ୍ରତ୍ୟେକ ଅଂଶ ଦର୍ଶନ କରି ସେ ବିଜୟବର୍ମା ବାସ କରୁଥିବା ଅଞ୍ଚଳରେ ଆସି ପହଞ୍ଚିଲେ । ରାଜାଙ୍କୁ ସେହି ମାର୍ଗରେ ଆସୁଥିବା ଜାଣିପାରି ଅନଙ୍ଗପ୍ରଭା ତାଙ୍କୁ ଦର୍ଶନ କରିବାପାଇଁ ନିଜ ବାସଭବନର ଊର୍ଦ୍ଧ୍ୱ ଦେଶରେ ଯାଇ ପହଞ୍ଚିଲା ।

ରାଜାଙ୍କ ଦର୍ଶନରେ ଅନଙ୍ଗପ୍ରଭା ଏ ପ୍ରକାର ଆସକ୍ତ ହୋଇପଡ଼ିଲା ଯେ ସେ ରାଜାଙ୍କର ମାହୁନ୍ତକୁ ଲକ୍ଷ୍ୟ କରି କହିଲା, 'ହେ ଗଜାରୋହି, ମୁଁ କେବେ ହାତୀରେ ବସି ନାହିଁ । ଏଣୁ ତୁମେ ଟିକିଏ ହାତୀ ଉପରେ ମୋତେ ଚଢ଼ାଇ ଦିଅ । ତା' ହେଲେ ହାତୀ ଉପରେ ବସିବାର ସୁଖ ମୁଁ ଜାଣିପାରିବି ।' ଏହା ଶୁଣି ମାହୁନ୍ତ ରାଜାଙ୍କ ଆଦେଶ ପାଇଁ ତାଙ୍କୁ ଚାହିଁ ରହନ୍ତେ, ରାଜା ସ୍ୱର୍ଗଚ୍ୟୁତ ଚନ୍ଦ୍ରମା ତୁଲ୍ୟ କାନ୍ତିମତୀ ଅନଙ୍ଗପ୍ରଭାକୁ ଦେଖି ତା' ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଚକୋର ତୁଲ୍ୟ ଅତୃପ୍ତ ନୟନରେ ତା'ର ରୂପସୁଧା ପାନ କରି ରାଜା ତାକୁ ଲାଭ କରିବା ଆଶାରେ ମାହୁନ୍ତକୁ ତା'ର ଅଭିଳାଷ ପୂର୍ଣ୍ଣ କରିବାପାଇଁ ନିର୍ଦ୍ଦେଶ ଦେଲେ ।

ରାଜାଙ୍କ ଆଦେଶରେ ମାହୁନ୍ତ ବିଜୟବର୍ମାଙ୍କ ବାସଭବନ ନିକଟରେ ନେଇ ହସ୍ତୀନୀକୁ ଉପସ୍ଥିତ କରାଇଲା । ଏହା ଦେଖି ଅନଙ୍ଗପ୍ରଭା ଜ୍ଞାତସାରରେ ରାଜାଙ୍କ କୋଳକୁ ଡେଇଁ ପଡ଼ିଲା । ପୂର୍ବରୁ ବହୁପତି ଗ୍ରହଣ କରିଥିବା ଅନଙ୍ଗପ୍ରଭା ପକ୍ଷରେ ଏହା ଆଶ୍ଚର୍ଯ୍ୟର କଥା ନୁହେ । ସେ ନବ ନବ ସ୍ୱାମୀ ଗ୍ରହଣ କରି ତୃପ୍ତି ଲାଭ କରିପାରୁ ନଥିଲା । ପିତାମାତାଙ୍କ ଅଭିଶାପ ଫଳରେ ମାନବ କେତେ ଦୁଃଖ ଲାଭ କରିପାରେ, ତାହା ହିଁ ଲକ୍ଷ୍ୟ କରିବା କଥା ।

ତଳେ ପଡ଼ିଯିବାର ଛଦ୍ମ ଭୟରେ ସେ ରାଜାଙ୍କ କଣ୍ଠାଲିଙ୍ଗନ କରି ତାଙ୍କ ଶରୀରରେ ମିଶିଯିବା ପାଇଁ ଚେଷ୍ଟା କଲା । ରାଜା ମଧ୍ୟ ତାର ଶରୀର ସ୍ପର୍ଶ ରୂପ ଅମୃତଦ୍ୱାରା ସିକ୍ତ ହୋଇ ପରମ ଆନନ୍ଦ ଲାଭ କଲେ । କୌଶଳରେ ତାଙ୍କର କୋଳାଗ୍ରତ ହୋଇଥିବା

Digitized by srujanika@gmail.com

ଏବଂ କଣ୍ଠାଲିଙ୍ଗନ ପୂର୍ବକ ଚୁମ୍ବନ ଦାନ ପାଇଁ ଇଚ୍ଛା କରୁଥିବା ଅନଙ୍ଗପ୍ରଭାକୁ ସଙ୍ଗରେ ନେଇ ରାଜା ରାଜପ୍ରାସାଦ ଅଭିମୁଖରେ ଅଗ୍ରସର ହେଲେ । ଅନ୍ତଃପୁର ମଧ୍ୟରେ ପ୍ରବେଶ କରି ରାଜା ଅନଙ୍ଗପ୍ରଭାଠାରୁ ସମଗ୍ର ମିଥ୍ୟା ବୃତ୍ତାନ୍ତ ଶ୍ରବଣ ପୂର୍ବକ ତାକୁ ନିଜର ପଟ୍ଟମହିଷୀ ପଦ ପ୍ରଦାନ କଲେ ।

ଏଣେ ବିଜୟବର୍ମା ଗୃହକୁ ପ୍ରତ୍ୟାବର୍ତ୍ତନ କରି ଶୁଣିଲେ ଯେ ତାଙ୍କ ସ୍ତ୍ରୀଙ୍କୁ ରାଜା ଅପହରଣ କରିନେଇ ଯାଇ ଅଛନ୍ତି । ସେ କ୍ଷତ୍ରିୟୋଚିତ ଭାବରେ ଯାଇ ରାଜଦ୍ୱାରରେ ଉପସ୍ଥିତ ହେଲେ । ଦ୍ୱାରପାଳମାନେ ତାଙ୍କୁ ପ୍ରାସାଦ ମଧ୍ୟରେ ପ୍ରବେଶ କରିବାପାଇଁ ଅନୁମତି ପ୍ରଦାନ ନକରିବା ଦେଖି ସେ ସେମାନଙ୍କ ସହ ଯୁଦ୍ଧରେ ପ୍ରବୃତ୍ତ ହେଲେ ଏବଂ ଯୁଦ୍ଧରେ ପୃଷ୍ଠ ପ୍ରଦର୍ଶନ-ନ କରି ସେମାନଙ୍କଦ୍ୱାରା ନିହତ ହେଲେ । ବୀରପୁରୁଷମାନେ ନିଜର ପତ୍ନୀ ହରଣ ଜନିତ ଅପମାନ ସହ୍ୟ କରିପାରନ୍ତି ନାହିଁ ।' ଏହି ଦୁରାଚାରିଣୀ ସ୍ତ୍ରୀ ପ୍ରତି ଆସକ୍ତ ନ ହୋଇ, ଆସ, ନନ୍ଦନ କାନନରେ ଆମ୍ଭମାନଙ୍କ ସହ କ୍ରୀଡ଼ା କର' ଏହା କହି ଦିବ୍ୟାଙ୍ଗନାମାନେ ଯେପରି ବିଜୟବର୍ମାଙ୍କୁ ନିମନ୍ତ୍ରଣ କରି ସ୍ୱର୍ଗ ରାଜ୍ୟକୁ ନେଇଗଲେ ।

ଏଣେ ନଦୀ ଯାଇ ସାଗର ଗର୍ଭରେ ସ୍ଥିର ହେଲା ପରି ଅନଙ୍ଗପ୍ରଭା ରାଜା ସାଗରବର୍ମାଙ୍କ ସହ ସ୍ଥିର ଭାବରେ ବାସ କରିବାକୁ ଲାଗିଲା । ସେ ନିଜର ଭବିତବ୍ୟ ଯୋଗୁଁ ରାଜାଙ୍କୁ ଲାଭ କରି ନିଜକୁ କୃତାର୍ଥ ମନେକଲା । ଏବଂ ରାଜା ମଧ୍ୟ ତାକୁ ଲାଭ କରି ନିଜର ଜନ୍ମ ସାର୍ଥକ ହେଲା ବୋଲି ମନେକଲେ ।

କିଛିଦିନ ମଧ୍ୟରେ ଅନଙ୍ଗପ୍ରଭା ଗର୍ଭରୁ ସାଗରବର୍ମାଙ୍କ ଔରସରେ ଏକ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲା । ପିତା ପୁତ୍ରର ନାମକରଣ କଲେ ସମୁଦ୍ରବର୍ମା । ରାଜ୍ୟସାରା ମହାସମାରୋହରେ ଜନ୍ମୋତ୍ସବ ପରିପାଳିତ ହେଲା । ସମୁଦ୍ରବର୍ମା କ୍ରମଶଃ ବୃଦ୍ଧିଲାଭ କରି ଯୌବନରେ ପଦାର୍ପଣ କରନ୍ତେ ରାଜା ତାଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କଲେ । ଏହାପରେ ଗୁଣଶାଳୀ ଓ ବଳଶାଳୀ ସମୁଦ୍ରବର୍ମାଙ୍କ ବିବାହ ପାଇଁ ଆୟୋଜନ କରାଗଲା । ରାଜା ସମରବର୍ମାଙ୍କ କନ୍ୟା କମଳବତୀଙ୍କୁ ରୂପ ଓ ଗୁଣରେ ଅନନ୍ୟ-ସାମାନ୍ୟା ଦେଖି ସାରଗବର୍ମା ତାଙ୍କୁ ପୁତ୍ରବଧୂ ରୂପେ ଗ୍ରହଣ କଲେ । ବିବାହିତ ସମୁଦ୍ରବର୍ମାଙ୍କ ବଳବୀର୍ଯ୍ୟ, ଶିକ୍ଷାଦୀକ୍ଷାଦିରେ ପରିତୃପ୍ତ ହୋଇ ପିତା କିଛିଦିନ ପରେ ସମଗ୍ର ରାଜ୍ୟ ତାଙ୍କ ହସ୍ତରେ ଅର୍ପଣ କରିଦେଲେ ।

ତେଜସ୍ୱୀ ଓ କ୍ଷତ୍ରିୟ କର୍ମ ମର୍ମଜ୍ଞ ସମୁଦ୍ରବର୍ମା ପିତୃରାଜ୍ୟ ଲାଭ କରି ପ୍ରଣିପାତ ପୂର୍ବକ ପିତାଙ୍କୁ ନିବେଦନ କଲେ, 'ପିତା, ମୋତେ ଆଦେଶ ଓ ଆଶୀର୍ବାଦ ପ୍ରଦାନ

Digitized by srujanika@gmail.com

କରନ୍ତୁ । ମୁଁ ବର୍ତ୍ତମାନ ବିଜୟ ଯାତ୍ରାରେ ନିର୍ଗତ ହେବି । କାରଣ ପୃଥିବୀ ଜୟ କରିବାପାଇଁ ଅଭିଳାଷ ପୋଷଣ କରୁନଥିବା ରାଜାଙ୍କ ପ୍ରତି ରାଜଲକ୍ଷ୍ମୀ କଦାପି ସନ୍ତୁଷ୍ଟ ହୁଅନ୍ତି ନାହିଁ । ନପୁଂସକ ପତି ଯେପରି ନାରୀର ପ୍ରିୟପାତ୍ର ହୋଇପାରେ ନାହିଁ ସେପରି ବି ଜିଗୀଷାହୀନ ରାଜା ପୃଥିବୀର ପ୍ରିୟପାତ୍ର ହୋଇପାରି ନଥାଏ ।

ଅଜିଗୀଷୁଃ ପତିର୍ଭୂମେର୍ନିନ୍ଦ୍ୟଃ କ୍ଳୀବ ଇବ ସ୍ତ୍ରିୟଃ ।

ଶତ୍ରୁ ରାଜ୍ୟ ଜୟ କରି ବାହୁବଳରେ ଲାଭ କରିଥିବା ରାଜଲକ୍ଷ୍ମୀ ହିଁ ଧର୍ମଶୀଳା ଓ କୀର୍ତ୍ତିପ୍ରଦାୟିନୀ । ତେଣୁ ମହାରାଜ, ଏହି କ୍ଷୁଦ୍ର ସାମନ୍ତ ରାଜାମାନଙ୍କର ରାଜ୍ୟ ଉପରେ ଆଧିପତ୍ୟ ବିସ୍ତାର କରି ଲାଭ ବା କଅଣ ? ମାର୍ଜାର ଯେପରି ନିଜର ଉନ୍ନତିପାଇଁ ନିଜର ସନ୍ତାନମାନଙ୍କୁ ଭକ୍ଷଣ କରେ, ସେହିପରି ଆମେ ଏହି କ୍ଷୁଦ୍ର ରାଜାମାନଙ୍କୁ ଭକ୍ଷଣ କରୁଅଛୁ ମାତ୍ର ।'

ପୁତ୍ରଠାରୁ ଏ ପ୍ରକାର ଉକ୍ତି ଶ୍ରବଣ କରି ସାଗରବର୍ମା କହିଲେ, 'ବତ୍ସ, ତୁମେ ବର୍ତ୍ତମାନ ନୂତନ କରି ରାଜ୍ୟଭାର ଗ୍ରହଣ କରିଅଛ, ତେଣୁ ପ୍ରଥମେ ନିଜରାଜ୍ୟ ସଜାଡ଼ିବା ପାଇଁ ଉଦ୍ୟୋଗ କର । ରାଜଧର୍ମ ଅନୁଯାୟୀ ପ୍ରଜାମାନଙ୍କୁ ପାଳନ କରୁଥିବା ଶାସକ କଦାପି ପାପୀ ବା ନିନ୍ଦନୀୟ ନୁହେ । ନିଜର ଶକ୍ତି ଓ ସାମର୍ଥ୍ୟ ପରୀକ୍ଷା ନ କରି ଅନ୍ୟ ସମସ୍ତ ରାଜାଙ୍କର ବିରୁଦ୍ଧାଚରଣ କରିବା ଉଚିତ ନୁହେ । ବତ୍ସ, ତୁମେ ଅବଶ୍ୟ ଅତ୍ୟନ୍ତ ପରାକ୍ରମଶାଳୀ ଓ ରଣକୁଶଳୀ ଏବଂ ତୁମ ନିକଟରେ ପର୍ଯ୍ୟାପ୍ତ ସୈନ୍ୟ ସାମନ୍ତ ମଧ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛନ୍ତି । ତଥାପି ବିଜୟ ଯାତ୍ରାରେ ବିଶ୍ୱାସ ନାହିଁ; କାରଣ ବିଜୟଲକ୍ଷ୍ମୀ ସର୍ବଦା ଅସ୍ଥିର ।'

ପିତାଙ୍କଠାରୁ ଏ ପ୍ରକାର ଉପଦେଶ ବାଣୀ ଶ୍ରବଣ କରି ସୁଦ୍ଧା ସମୁଦ୍ରବର୍ମା ତାଙ୍କଠାରୁ ଆଶୀର୍ବାଦ ନେଇ ବିଜୟ ଯାତ୍ରାରେ ଅଗ୍ରସର ହେଲେ । କ୍ରମଶଃ ବହୁ ରାଜ୍ୟ ଜୟ କରି ଏବଂ ବହୁ ଶତ୍ରୁ ରାଜାଙ୍କୁ ପରାସ୍ତ କରି ସେ ଅସଂଖ୍ୟ ହସ୍ତୀ, ଅଶ୍ୱ, ସେନା ଓ ସୁବର୍ଣ୍ଣ ସହ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ବିଭିନ୍ନ ଦିଗରୁ ସଂଗ୍ରହ କରିଥିବା ବହୁ ମୂଲ୍ୟବାନ୍ ମଣିମୁକ୍ତା ସହ ମାତା ପିତାଙ୍କ ଚରଣରେ ପ୍ରଣିପାତ କରନ୍ତେ ସେମାନେ ହର୍ଷ ଗଦ୍‌ଗଦ ଚିତ୍ତରେ ତାଙ୍କୁ ଆଶୀର୍ବାଦ ଦେଲେ । ପିତାଙ୍କ ନିର୍ଦ୍ଦେଶରେ ସେ ବ୍ରାହ୍ମଣମାନଙ୍କୁ ଗଜ, ଅଶ୍ୱ, ଧନ, ରତ୍ନ ଏବଂ ସେବକ, ସାମନ୍ତରାଜା ଏବଂ ରାଜ୍ୟବାସୀଙ୍କୁ ବହୁ ମୂଲ୍ୟ ଉପହାର ଏତେ ପରିମାଣରେ ବିତରଣ କଲେ ଯେ ତାଙ୍କ ରାଜ୍ୟରେ ଦରିଦ୍ର ଶବ୍ଦଟି ଅର୍ଥହୀନ ହୋଇପଡ଼ିଲା ।

Digitized by srujanika@gmail.com

ପୁତ୍ରର ଐଶ୍ୱର୍ଯ୍ୟରେ ଗୌରବାନ୍ୱିତ ରାଜା ଓ ରାଣୀ ବହୁ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଜୟ ଉତ୍ସବ ପାଳନ କଲେ । ଏହିପରି ଆନନ୍ଦରେ ଜୀବନଯାପନ ପୂର୍ବକ ଦିନେ ରାଜା ସାଗରବର୍ମା ମନ୍ତ୍ରୀମାନଙ୍କ ସମ୍ମୁଖରେ ପୁତ୍ରକୁ କହିଲେ, 'ବତ୍ସ, ଏ ଜନ୍ମରେ ଯାହା କରିବା କଥା ମୁଁ ତାହା କରିସାରିଛି । ରାଜ୍ୟବାସୀଙ୍କୁ ସୁଖଶାନ୍ତି ପ୍ରଦାନ କରିଅଛି କିନ୍ତୁ ଶତ୍ରୁଦ୍ୱାରା ପରାଜିତ ହେବା ମୋ ଭାଗ୍ୟରେ କଦାପି ଘଟି ନାହିଁ । ପୁଣି ତୁମର ସାମ୍ରାଜ୍ୟ ପ୍ରାପ୍ତି ମଧ୍ୟ ଦେଖିଲି । ବର୍ତ୍ତମାନ ମୋର ଆଉ କଣ ଆବଶ୍ୟକ ? ତେଣୁ ଏହି ଶରୀରରେ ପ୍ରାଣବାୟୁ ରହିଥିବା ପର୍ଯ୍ୟନ୍ତ କୌଣସି ତୀର୍ଥ କ୍ଷେତ୍ରରେ ଯାଇ ବାସ କରିବା ନିମନ୍ତେ ମୋର ଅଭିଳାଷ ହେଉଅଛି । ଏହି ମର ଶରୀର ବିନାଶଶୀଳ । ତେଣୁ ଏହି ରାଜପ୍ରାସାଦ ପ୍ରତି ମୋର ଆଉ ଆସକ୍ତି ନାହିଁ । ବୃଦ୍ଧାବସ୍ଥା ଆସି ମୋର କର୍ଣ୍ଣରେ ତାର ନିର୍ଦ୍ଦେଶ ଶୁଣାଇ ସାରିଲାଣି । ଏଣୁ ତୁମେ ରାଜ୍ୟଭାର ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରି ମୋତେ ବିଦାୟ ଦିଅ ।'

ପୁତ୍ରକୁ ଏହିପରି ଉପଦେଶ ଓ ଆଶ୍ୱାସନା ପ୍ରଦାନ କରି ରାଜା ସାଗରବର୍ମା ଏବଂ ରାଣୀ ଅନଙ୍ଗପ୍ରଭା ପୁତ୍ର ତଥା ରାଜ୍ୟବାସୀଙ୍କ ଶତ ଅନୁରୋଧ ସତ୍ତ୍ୱେ ପ୍ରୟାଗ ତୀର୍ଥ ଅଭିମୁଖରେ ପ୍ରସ୍ଥାନ କଲେ । ସମୁଦ୍ରବର୍ମା ମଧ୍ୟ କିଛି ଦୂର ପିତାଙ୍କର ଅନୁଗମନ କରି ରାଜ୍ୟକୁ ପ୍ରତ୍ୟାଗମନ ପୂର୍ବକ ନ୍ୟାୟପୂର୍ଣ୍ଣ ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

ଅନଙ୍ଗପ୍ରଭା ସହ ସାଗରବର୍ମା ପ୍ରୟାଗତୀର୍ଥରେ କଠୋର ତପସ୍ୟା କରି ହରପାର୍ବତୀଙ୍କୁ ପ୍ରସନ୍ନ କଲେ । ସ୍ୱୟଂ ମହାଦେବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ ସେମାନଙ୍କୁ କହିଲେ, 'ମୁଁ ତୁମ ପ୍ରତି ପ୍ରସନ୍ନ । ତେଣୁ ବର୍ତ୍ତମାନ ତୁମର ପୂର୍ବଜନ୍ମ ବୃତ୍ତାନ୍ତ କହୁଅଛି ଶ୍ରବଣ କର । ତୁମେ ଓ ଅନଙ୍ଗପ୍ରଭା ମାନବ ନୁହ; ଶାପଭ୍ରଷ୍ଟ ବିଦ୍ୟାଧର । ବର୍ତ୍ତମାନ ତୁମ୍ଭମାନଙ୍କର ଅଭିଶାପ କ୍ଷୟ ହୋଇଯାଇଅଛି । କାଲି ପ୍ରଭାତରୁ ତୁମ୍ଭେମାନେ ପୁଣି ବିଦ୍ୟାଧର ଲୋକକୁ ଫେରିଯିବ ।' ଏହା କହି ହରଗୌରୀ ଅନ୍ତର୍ହିତ ହୁଅନ୍ତେ ରାଜା ଓ ରାଣୀଙ୍କର ନିଦ୍ରାଭଙ୍ଗ ହେଲା । ଆଶ୍ଚର୍ଯ୍ୟଚକିତ ହୋଇ ସେମାନେ ପରସ୍ପର ନିକଟରେ ନିଜ ନିଜର ସ୍ୱପ୍ନ ବୃତ୍ତାନ୍ତ ବର୍ଣ୍ଣନା କଲେ ।

ଏ ସମୟରେ ଅନଙ୍ଗପ୍ରଭା ପ୍ରସନ୍ନ ଚିତ୍ତରେ ରାଜାଙ୍କୁ କହିଲେ, 'ମହାରାଜ, ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ମୋର ପୂର୍ବଜନ୍ମ କଥା ସ୍ମରଣ କରିପାରିଅଛି । ପୂର୍ବଜନ୍ମରେ ମୁଁ ବିଦ୍ୟାଧରପତି ସମରଙ୍କ କନ୍ୟା ଥିଲି । ବୀରପୁର ନଗରରେ ମୋର ଜନ୍ମ ହୋଇଥିଲା । ମୋର ନାମ ଥିଲା ଅନଙ୍ଗପ୍ରଭା । ପିତାଙ୍କ ଦ୍ୱାରା ଅଭିଶପ୍ତା ହୋଇ ମୁଁ ମର୍ତ୍ତ୍ୟଲୋକରେ

Digitized by srujanika@gmail.com

ଆସି ଅବତୀର୍ଣ୍ଣ ହେଲି ଏବଂ ନିଜର ବିଦ୍ୟାଧରୀତ୍ୱ ବିସ୍ମୃତ ହେଲି । କିନ୍ତୁ ବର୍ତ୍ତମାନ ମୋର ସବୁ କିଛି ସ୍ମରଣ ହେଉଅଛି ।'

ସେ ଏହିପରି କହୁଥିବା ସମୟରେ ତାଙ୍କର ପିତା ବିଦ୍ୟାଧରପତି ସମର ଆକାଶମାର୍ଗରୁ ଅବତରଣ କଲେ । ରାଜା ସାଗରବର୍ମା ତାଙ୍କୁ ପ୍ରଣାମ କରନ୍ତେ ସେ କନ୍ୟା ଅନଙ୍ଗପ୍ରଭାକୁ 'ବତ୍ସେ, ତୋର ଅଭିଶପ୍ତ ଜୀବନ ଶେଷ ହୋଇଯାଇଅଛି । ଏଣୁ ତୁ ବର୍ତ୍ତମାନ ସମସ୍ତ ବିଦ୍ୟା ମୋଠାରୁ ଗ୍ରହଣ କର । ଗୋଟିଏ ଜନ୍ମରେ ହିଁ ତୁ ଆଗାମୀ ଆଠଟି ଜନ୍ମର ଦୁଃଖ ଭୋଗ କରିସାରିଅଛୁ, କହି କୋଳାଗ୍ରତ କଲେ ଏବଂ ସମସ୍ତ ବିଦ୍ୟା ମଧ୍ୟ ପ୍ରଦାନ କଲେ । ଏହାପରେ ସେ ରାଜା ସାଗରବର୍ମାଙ୍କୁ ଲକ୍ଷ୍ୟକରି କହିଲେ, 'ତୁମେ ମଦନପ୍ରଭ ନାମକ ବିଦ୍ୟାଧର ଅଧିପତି । ମୁଁ ସମର ନାମକ ଅନ୍ୟତମ ବିଦ୍ୟାଧରାଧିପତି ଏବଂ ଅନଙ୍ଗପ୍ରଭା ମୋର ପ୍ରିୟତମା କନ୍ୟା । ରୂପମଦରେ ଗର୍ବିତା ହୋଇ ସେ ବିବାହପାଇଁ ଇଚ୍ଛୁକ ଥିବା ସମସ୍ତ ବିଦ୍ୟାଧରଙ୍କୁ ପ୍ରତ୍ୟାଖ୍ୟାନ କଲା । ଏମାନଙ୍କ ମଧ୍ୟରେ ତୁମେ ମଧ୍ୟ ଥିଲ ଅନ୍ୟତମ । ଦୁର୍ଭାଗ୍ୟବଶତଃ ଏ ସମୟରେ ସେ ତୁମକୁ ମଧ୍ୟ ପତିପଦରେ ବରଣ କଲାନାହିଁ । ତେଣୁ ମୁଁ ଏହାକୁ ମର୍ତ୍ତ୍ୟଲୋକରେ ଯାଇ ବାସ କରିବାପାଇଁ ଅଭିଶାପ ଦେଲି । ଫଳରେ ସେ ମର୍ତ୍ତ୍ୟଲୋକରେ ଅବତୀର୍ଣ୍ଣ ହେଲା । ଏ ସମୟରେ ତୁମେ ତାର ରୂପଗୁଣରେ ମୁଗ୍ଧ ହୋଇ ତାକୁ ଏହି ପୃଥିବୀରେ ପତ୍ନୀ ରୂପେ ଲାଭ କରିବା ପାଇଁ ତପସ୍ୟା ଆଚରଣ କଲ । ତୁମର ଆରାଧନାରେ ସନ୍ତୁଷ୍ଟ ଭଗବାନ୍ ଗୌରୀପତିଙ୍କ ନିର୍ଦ୍ଦେଶରେ ତୁମେ ଶରୀର ତ୍ୟାଗ ପୂର୍ବକ ମରଲୋକରେ ଜନ୍ମ ଗ୍ରହଣ କଲ ଏବଂ ଏହାକୁ ନିଜର ପତ୍ନୀରୂପେ ଲାଭ କଲ । ବର୍ତ୍ତମାନ ତୁମେ ଦୁହେଁ ପୁଣି ବିଦ୍ୟାଧର ଲୋକକୁ ପ୍ରତ୍ୟାବର୍ତ୍ତନ କରିଯାଅ ।'

ସମରଙ୍କଠାରୁ ଏହା ଶୁଣି ସାଗରବର୍ମା ନିଜର ପୂର୍ବଜନ୍ମ ବୃତ୍ତାନ୍ତ ସ୍ମରଣ କରି ଗଙ୍ଗାଯମୁନା ସଙ୍ଗମରେ ଶରୀର ତ୍ୟାଗ ପୂର୍ବକ ପୁଣି ମଦନପ୍ରଭରେ ପରିଣତ ହେଲେ । ଅନଙ୍ଗପ୍ରଭା ମଧ୍ୟ ନିଜର ସମସ୍ତ ବିଦ୍ୟା ତଥା ବିଦ୍ୟାଧରୀସିଦ୍ଧି ପୁନଶ୍ଚ ପ୍ରାପ୍ତ ହୋଇ ଅପୂର୍ବ ଶୋଭା ଧାରଣ କଲା । ପରସ୍ପରର ଅଭିନବ ରୂପ ଦର୍ଶନରେ ପ୍ରଭୂତ ଆନନ୍ଦିତ ମଦନପ୍ରଭ ଓ ଅନଙ୍ଗପ୍ରଭା ସେଠାରୁ ରାଜା ସମରଙ୍କ ସହ ଆକାଶଯାନ ଆରୋହଣ ପୂର୍ବକ ବୀରପୁର ନଗର ଅଭିମୁଖରେ ଅଗ୍ରସର ହେଲେ । ସେଠାରେ ଉପସ୍ଥିତ ହୋଇ ସମର ନିଜର କନ୍ୟା ଅନଙ୍ଗପ୍ରଭାକୁ ବିଧିପୂର୍ବକ ମଦନପ୍ରଭଙ୍କ ହସ୍ତରେ ସମର୍ପଣ କଲେ । ମଦନପ୍ରଭ ଏ ସମୟଠାରୁ ଶାପମୁକ୍ତା ବିଦ୍ୟାଧରୀ ପତ୍ନୀ ସହ ଅନୁପମ ଆନନ୍ଦରେ କାଳଯାପନ କରିବାକୁ ଲାଗିଲେ ।

Digitized by srujanika@gmail.com

ଏହିପରି ନିଜର ଅନ୍ୟାୟ ଆଚରଣ ଏବଂ ଅହଙ୍କାର ଯୋଗୁଁ ଆକାଶଚାରୀ ବ୍ୟକ୍ତିମାନେ ମର୍ତ୍ତ୍ୟ ଲୋକରେ ଆସି ଅବତୀର୍ଣ୍ଣ ହୋଇଥାଆନ୍ତି । କିନ୍ତୁ ପୂର୍ବ ପୁଣ୍ୟ ପ୍ରଭାବରୁ ସେମାନେ ଚିରକାଳ ଏଠାରେ ବାସ ନକରି ପୁଣି ନିଜ ନିଜ ଲୋକକୁ ଫେରିଯାଇ ଥାଆନ୍ତି ।

ଅଳଙ୍କାରବତୀଙ୍କ ସହ ନରବାହନଦତ୍ତ ନିଜର ପ୍ରିୟତମ ମନ୍ତ୍ରୀ ଗୋମୁଖଙ୍କଠାରୁ ଏ ପ୍ରକାର ବିସ୍ମୟକର କଥା ଶ୍ରବଣ କରି ଅତ୍ୟନ୍ତ ଆନନ୍ଦ ଲାଭ କଲେ । ଏ ସମୟରେ ଦୌବାରିକମାନଙ୍କ ସ୍ତୁତିପାଠ ଶୁଣାଗଲା । ଫଳରେ ସେ ନିଜର ନିତ୍ୟକର୍ମ ସମାପନ କରିବା ପାଇଁ ଅନ୍ୟମାନଙ୍କଠାରୁ ବିଦାୟ ଗ୍ରହଣ କଲେ ।

●

Digitized by srujanika@gmail.com

ତୃତୀୟ ତରଙ୍ଗ

ନରବାହନଦତ୍ତ ଓ ଭିକ୍ଷୁକ କଥା

ଦିନେ ଅଳଙ୍କାରବତୀଙ୍କ ସହ ବସିଥିବା ବେଳେ ମନ୍ତ୍ରୀ ମରୁଭୂତି ଆସି ନରବାହନଦତ୍ତଙ୍କୁ କହିଲେ, 'ଯୁବରାଜ, ଦେଖନ୍ତୁ କଙ୍କାଳସାର, ଦୁର୍ବଳ ତଥା ପ୍ରାୟଉଲଗ୍ନ ଗୋଟିଏ ଭିକ୍ଷୁକ ଖରାକାକର ନମାନି ରାଜଦ୍ୱାରରେ ସର୍ବଦା ବସି ରହିଛି । ତା ପ୍ରତି ଆପଣ ଟିକିଏ ଦୟା ଦେଖାଉ ନାହାନ୍ତି କାହିଁକି ? ଉଚିତ ସମୟରେ ଅଳ୍ପ କିଛି ସାହାଯ୍ୟ ଦେଲେ ସୁଦ୍ଧା ବହୁ ଉପକାର ହୋଇଥାଏ । କିନ୍ତୁ ଅନ୍ୟ ସମୟରେ ବିପୁଳ ଦାନର ମଧ ମୂଲ୍ୟ କିଛି ରହେନାହିଁ । ତେଣୁ ତାର ପ୍ରାଣ ଯିବା ପୂର୍ବରୁ ତାକୁ କିଛି ସାହାଯ୍ୟ କରନ୍ତୁ ।'

ଏହା ଶୁଣି ମନ୍ତ୍ରୀ ଗୋମୁଖ କହିଲେ, 'ଯୁବରାଜ, ମରୁଭୂତି ଯଥାର୍ଥ କହିଛନ୍ତି । କିନ୍ତୁ ମୋ ମତରେ ଆପଣଙ୍କର ଏଥିରେ କୌଣସି ଅପରାଧ ନାହିଁ । ଯେତେବେଳ ପର୍ଯ୍ୟନ୍ତ ଧନପ୍ରାପ୍ତିର ପରିପନ୍ଥୀ ପାପରାଶି କ୍ଷୟ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଦାତା ଇଚ୍ଛା କଲେ ସୁଦ୍ଧା ତାର ଦାରିଦ୍ର୍ୟ ଦୂର କରିପାରିବ ନାହିଁ । ପାପରାଶି କ୍ଷୟ ହେଲେ ବଳପୂର୍ବକ ପ୍ରତିରୋଧ କଲେ ହେଁ ଭଗବାନ ତାଙ୍କୁ କୌଣସି ନା କୌଣସି ଉପାୟରେ ପ୍ରଚୁର ଅର୍ଥ ପ୍ରଦାନ କରିବେ । ଏ ସମସ୍ତ କର୍ମର ଅଧୀନ । ଏ ସମ୍ପର୍କରେ ରାଜା ଲକ୍ଷଦତ୍ତ ଏବଂ କାର୍ପଟିକ ଲବ୍‌ଧଦତ୍ତ କଥା ଶ୍ରବଣ କରନ୍ତୁ–

ରାଜା ଲକ୍ଷଦତ୍ତ ଏବଂ ଭିକ୍ଷୁକ ଲବ୍‌ଧଦତ୍ତ କଥା

ପୃଥିବୀ ପୃଷ୍ଠରେ ଲକ୍ଷପୁର ନାମକ ଏକ ନଗର ଥିଲା । ସେଠାରେ ଲକ୍ଷଦତ୍ତ ନାମରେ ଜଣେ ଦାନୀଶ୍ରେଷ୍ଠ ରାଜା ରାଜତ୍ୱ କରୁଥିଲେ । ସେହି ରାଜା ଯାଚକମାନଙ୍କୁ ଏକ ଲକ୍ଷରୁ କମ୍ ପଦାର୍ଥ ଦେବା ଜାଣି ନଥିଲେ । ଯେଉଁ ଯାଚକ ତାଙ୍କ ସହ ବାର୍ତ୍ତାଳାପ

Digitized by srujanika@gmail.com

କରୁଥିଲା, ତାକୁ ପାଞ୍ଚଲକ୍ଷ ଦାନ କରୁଥିଲେ ଏବଂ ଯାହା ପ୍ରତି ସେ ପ୍ରସନ୍ନ ହେଉଥିଲେ, ତାକୁ ସମଗ୍ର ଜୀବନକାଳପାଇଁ ଦାରିଦ୍ର୍ୟମୁକ୍ତ କରିଦେଉଥିଲେ । ତେଣୁ ତାଙ୍କ ନାମ ଥିଲା ଲକ୍ଷଦତ୍ତ ।

ଏହି ରାଜା ଲକ୍ଷଦତ୍ତଙ୍କ ସିଂହଦ୍ୱାରରେ ଗୋଟିଏ ଭିକ୍ଷୁକ ଚର୍ମଖଣ୍ଡ ଦ୍ୱାରା ନିଜର ଶରୀରକୁ ଆବୃତ କରି ଦିନରାତି ବସି ରହିଥାଏ । ଏହି ଜଟାଧାରୀ ଭିକ୍ଷୁକ ଶୀତ, ବର୍ଷା କିମ୍ବା ଗ୍ରୀଷ୍ମକୁ ଭ୍ରୂକ୍ଷେପ ନ କରି ରାଜଦ୍ୱାରରେ ଅବିଚଳିତ ଭାବେ ରହିଥାଏ ଏବଂ ରାଜା ମଧ୍ୟ ତା'କୁ ଏ ପ୍ରକାର ଅବସ୍ଥାରେ ପ୍ରତ୍ୟହ ଦେଖୁଥାଆନ୍ତି । ଏହିପରି ବହୁଦିନ ଅତିବାହିତ ହୋଇଗଲେ ମଧ୍ୟ ଦାନୀଶ୍ରେଷ୍ଠ ଓ ଦୟାଳୁ ରାଜା ତା'କୁ କିଛି ସାହାଯ୍ୟ ପ୍ରଦାନ କରୁ ନ ଥାଆନ୍ତି ।

ରାଜା ଏକଦା ମୃଗୟା ବିହାର ନିମିତ୍ତ ଘନ ଅରଣ୍ୟାନୀ ଅଭିମୁଖରେ ଅଗ୍ରସର ହେଲେ । ଉକ୍ତ ଭିକ୍ଷୁକ ମଧ୍ୟ ଲଗୁଡ଼ ହସ୍ତରେ ରାଜାଙ୍କର ଅନୁସରଣ କଲା । ରାଜା ଧନୁର୍ବାଣ ସାହାଯ୍ୟରେ ଅସଂଖ୍ୟ ବ୍ୟାଘ୍ର, ବରାହ ପ୍ରଭୃତିଙ୍କୁ ନିହତ କଲାବେଳେ ଭିକ୍ଷୁକ ମଧ୍ୟ ରାଜାଙ୍କ ସମ୍ମୁଖରେ ରହି ସୁଦୃଢ଼ ଦଣ୍ଡ ଦ୍ୱାରା ବହୁ ହିଂସ୍ରଜନ୍ତୁଙ୍କୁ ବଧ କରିବାକୁ ଲାଗିଲା । ଦରିଦ୍ର ଭିକ୍ଷୁକର ଏ ପ୍ରକାର ପରାକ୍ରମ ଦେଖି ରାଜା ତାକୁ ଜଣେ ବିଶିଷ୍ଟ ବୀର ପୁରୁଷ ବୋଲି ମନେ କଲେ ହେଁ କିଛି ପ୍ରଦାନ କଲେ ନାହିଁ । ମୃଗୟା ଶେଷରେ ରାଜା ନଗରକୁ ପ୍ରତ୍ୟାବର୍ତ୍ତନ କରି ରାଜପ୍ରାସାଦରେ ପ୍ରବେଶ କଲେ ଏବଂ ଭିକ୍ଷୁକ ପୂର୍ବପରି ସିଂହଦ୍ୱାରରେ ଆସି ଉପସ୍ଥିତ ହେଲା ।

କିଛିଦିନ ପରେ ରାଜା ଲକ୍ଷଦତ୍ତ କୌଣସି ଏକ ସୀମାନ୍ତବର୍ତ୍ତୀ ଶତ୍ରୁରାଜାଙ୍କୁ ପରାସ୍ତ କରିବାପାଇଁ ତା'ର ରାଜ୍ୟ ଆକ୍ରମଣ କଲେ । ଉଭୟଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ସଂଘଟିତ ହେଲା । ଏହି ଯୁଦ୍ଧରେ ମଧ୍ୟ ଉକ୍ତ ଭିକ୍ଷୁକ ନିଜର ଦଣ୍ଡ ସାହାଯ୍ୟରେ ବହୁ ଶତ୍ରୁ ସୈନ୍ୟଙ୍କୁ ନିଧନ କଲା । ରାଜା ଯୁଦ୍ଧରେ ଜୟଲାଭ କରି ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ କିନ୍ତୁ ଉକ୍ତ ଭିକ୍ଷୁକର ବୀରତ୍ୱ ଦର୍ଶନରେ ସେ ବିସ୍ମିତ ହୋଇଥିଲେ ହେଁ ତାକୁ କିଛି ପ୍ରଦାନ କଲେ ନାହିଁ ।

ଏହିପରି ନିରନ୍ତର ରାଜଦ୍ୱାରରେ ରହି ଏବଂ ପ୍ରତ୍ୟହ ଧୁନି ଜାଳି ଭିକ୍ଷୁକ ପାଞ୍ଚଟି ବର୍ଷ ବିତାଇ ଦେଲା । ଷଷ୍ଠ ବର୍ଷ ପ୍ରାରମ୍ଭରେ ରାଜା ହଠାତ୍ ଦିନେ ତା' ପ୍ରତି ଦୟାର୍ଦ୍ର ହୋଇ ଚିନ୍ତାକଲେ ଯେ ବହୁଦିନରୁ କଷ୍ଟ ପାଇ ଗୋଟିଏ ଲୋକ ମୋରି ଦ୍ୱାରରେ ବସି ରହିଛି, କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ତା'ର କିଛି ଉପକାର କରି ନାହିଁ । ତେଣୁ କୌଣସି

Digitized by srujanika@gmail.com

ଉପାୟରେ ଏହାକୁ କିଛି ଅର୍ଥ ପ୍ରଦାନ କରି ଦେଖିବା ଉଚିତ ଯେ ଏହାର ଭାଗ୍ୟ ଏହା ପ୍ରତି ଅନୁକୂଳ ହେଲାଣି କି ନାହିଁ, ଏହାର ପାପରାଶି କ୍ଷାଳିତ ହେଲାଣି କି ନାହିଁ ଏବଂ ଏହାପ୍ରତି ବର୍ତ୍ତମାନ ଧନଲକ୍ଷ୍ମୀଙ୍କର କୃପାକଟାକ୍ଷପାତ ହୋଇଛି କି ନାହିଁ ?

ରାଜା ଏହିପରି ଚିନ୍ତାକରି ନିଜର ଧନ ଭଣ୍ଡାରରେ ଯାଇ ପ୍ରବେଶ କଲେ । ସେଠାରେ ସେ ଏକ ବେଲ ଭିତରେ ବହୁ ମୂଲ୍ୟବାନ୍ ରତ୍ନ ପୂର୍ଣ୍ଣକରି ତାକୁ ଏକ ଫରୁଆ ପରି ବନ୍ଦ କରିଦେଲେ । ଏହାପରେ ସେ ନିଜ ପ୍ରାସାଦରୁ ନିର୍ଗତ ହୋଇ ରାଜଦ୍ୱାରରେ ଏକ ସାଧାରଣ ସଭା ଆହ୍ୱାନ କରି ସମସ୍ତ ସାମନ୍ତ, ପାରିଷଦ ଓ ମନ୍ତ୍ରୀମାନଙ୍କୁ ଏକତ୍ର କଲେ । ସମସ୍ତେ ଆସି ଉପସ୍ଥିତ ହୁଅନ୍ତେ ସେ ସ୍ନେହପୂର୍ଣ୍ଣ ଭାବରେ ରାଜଦ୍ୱାରସ୍ଥିତ ଭିକ୍ଷୁକକୁ ନିକଟକୁ ଆସିବା ସକାଶେ ଆହ୍ୱାନ କରନ୍ତେ ସେ ପ୍ରସନ୍ନ ଚିତ୍ତରେ ଆସି ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା । ରାଜା ତାକୁ କୌଣସି ଏକ ସୁଭାଷିତ ଶ୍ଳୋକପାଠ କରିବାପାଇଁ ଅନୁରୋଧ କରିବାରୁ ସେ ନିମ୍ନଲିଖିତ ଶ୍ଳୋକଟି ଆବୃତ୍ତି କଲା–

'ପୂରୟତି ପୂର୍ଣ୍ଣମେଷା ତରଙ୍ଗିଣୀସଂହତିଃ ସମୁଦ୍ରମିବ
ଲକ୍ଷ୍ମୀରଧନସ୍ୟ ପୁନର୍ଲୋଚନମାର୍ଗେଽପି ନାୟାତି ।'

ଅର୍ଥାତ୍ ନଦୀଜଳ ଯେପରି ଜଳପୂର୍ଣ୍ଣ ସାଗରକୁ ହିଁ ଆହୁରି ପରିପୂର୍ଣ୍ଣ କରିଥାଏ, ସେହିପରି ଲକ୍ଷ୍ମୀ ମଧ୍ୟ ଧନବାନ୍ ବ୍ୟକ୍ତିମାନଙ୍କୁ ଅଧିକ ଧନସମ୍ପଦ ପ୍ରଦାନ କରି ଧନହୀନ ବ୍ୟକ୍ତିମାନଙ୍କର ଦୃଷ୍ଟିପଥାରୂଢ଼ ସୁଦ୍ଧା ହୁଅନ୍ତି ନାହିଁ ।

ଏହା ଶ୍ରବଣ କରି ଏବଂ ତାକୁ ଏହା ପୁଣି ପାଠ କରାଇ ପ୍ରସନ୍ନମନା ରାଜା ରତ୍ନପୂର୍ଣ୍ଣ ଉକ୍ତ ମାତୁଲଙ୍ଗ ଫଳଟି ତାକୁ ପ୍ରଦାନ କଲେ । ରାଜାଙ୍କର ଏ ପ୍ରକାର ଆଚରଣ ଦେଖି ଉପସ୍ଥିତ ଜନତା ବିସ୍ମିତ ହେଲେ । ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ ଯେ ରାଜା ଲକ୍ଷଦତ୍ତ ତ ଯାହା ପ୍ରତି ପ୍ରସନ୍ନ ହୁଅନ୍ତି ତାକୁ ଅଚଳାଚଳ ସମ୍ପତ୍ତି ପ୍ରଦାନ କରି ସମଗ୍ର ଜୀବନକାଳ ପାଇଁ ତା'ର ଦାରିଦ୍ର୍ୟ ଦୂର କରିଦିଅନ୍ତି, କିନ୍ତୁ ଏହି କାର୍ପଟିକ ଏପରି ଭାଗ୍ୟହୀନ ଯେ ରାଜା ଆନନ୍ଦର ସହ ତାକୁ ନିକଟକୁ ଡାକି ମଧ୍ୟ ଏହିପରି ଏକ ବୀଜପୁର ମାତୁଲଙ୍ଗ ଫଳ ପ୍ରଦାନ କଲେ । ପ୍ରକୃତରେ ଭାଗ୍ୟହୀନ ବ୍ୟକ୍ତି ପାଇଁ କଳ୍ପବୃକ୍ଷ ମଧ୍ୟ ପଳାଶ ବୃକ୍ଷରେ ପରିଣତ ହୋଇଥାଏ ।

କଳ୍ପବୃକ୍ଷୋଽପ୍ୟଭବ୍ୟାନାଂ ପ୍ରାୟୋ ଯାତି ପଲାଶତାମ୍ ।

ସେମାନେ ଏପରି ଭାବିବାରେ ମଧ୍ୟ କୌଣସି ଅସ୍ୱାଭାବିକତା ନଥିଲା । କାରଣ ଏହି ଫଳ ମଧ୍ୟରେ ଯେ ଅମୂଲ୍ୟ ଧନରାଶି ରହିଛି, ସେମାନେ ବା ତାହା ଜାଣନ୍ତେ କିପରି !

Digitized by srujanika@gmail.com

କାର୍ପଟିକ ଫଳଟିକୁ ହସ୍ତରେ ଧାରଣ କରି ରାଜାଙ୍କ ନିକଟରୁ ଯିବା ସମୟରେ ଜଣେ ଜରାକ୍ଳିଷ୍ଟ ଭିକ୍ଷୁ ସହ ତାର ସାକ୍ଷାତ ହେଲା । ସେହି ରାଜବନ୍ଦିକ ନାମକ ଭିକ୍ଷୁ ଖଣ୍ଡିଏ ଶାଢ଼ି ବଦଳରେ ପୂର୍ବୋକ୍ତ ଭିକ୍ଷୁକଠାରୁ ଉକ୍ତ ଫଳଟି ଗ୍ରହଣ କଲା । କିଛି ସମୟ ପରେ ସେ ଯାଇ ରାଜାଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ଉକ୍ତ ମାତୁଳଙ୍ଗଟିକୁ ରାଜାଙ୍କ ଚରଣ ପ୍ରାନ୍ତରେ ସ୍ଥାପନ କରି ପ୍ରଣାମ କଲା । ରାଜା ଫଳଟିକୁ ଚିହ୍ନିପାରି ଯେତେବେଳେ ଭିକ୍ଷୁକୁ ଏହା କେଉଁଠାରୁ ପାଇଲ ବୋଲି ଜିଜ୍ଞାସା କଲେ, ସେତେବେଳେ ସେ ସମସ୍ତ ସମାଚାର ତାଙ୍କ ନିକଟରେ ବର୍ଣ୍ଣନା କଲା । ଏଥିରେ ଦୁଃଖିତ ହୋଇ ରାଜା ଚିନ୍ତାକଲେ ଯେ ବର୍ତ୍ତମାନ ସୁଦ୍ଧା ଏହାର ପାପରାଶି କ୍ଷାଳିତ ହୋଇନାହିଁ । ଏହାପରେ ସେ ଉପହାରଟିକୁ ଗ୍ରହଣ କରି ନିଜର ଦୈନନ୍ଦିନ କର୍ମ ସମାପନ କରିବାପାଇଁ ଅନ୍ତଃପୁର ମଧ୍ୟକୁ ଚାଲିଗଲେ ।

ଏଣେ ଉକ୍ତ କାର୍ପଟିକ ଲବ୍‌ଧଦତ୍ତ ମଧ୍ୟ ଶାଢ଼ିଟିକୁ ବିକ୍ରିକରି ଏବଂ ସେହି ଅର୍ଥଦ୍ୱାରା ନିଜର ପାନ ଭୋଜନର ପ୍ରବନ୍ଧ କରି ରାଜଦ୍ୱାରରେ ଆସି ପୂର୍ବପରି ବସି ରହିଲା ।

ଦ୍ୱିତୀୟ ଦିନ ରାଜା ପୁଣି ଏକ ସାଧାରଣ ସଭା ଆହ୍ୱାନ କଲେ । ଏଥିରେ ମଧ୍ୟ ପୂର୍ବଦିନ ତୁଲ୍ୟ ମନ୍ତ୍ରୀ, ସାମନ୍ତ, ପାରିଷଦବୃନ୍ଦ ଆସି ଏକତ୍ର ହୁଅନ୍ତେ ରାଜା ଭିକ୍ଷୁକକୁ ସ୍ନେହପୂର୍ଣ୍ଣ ଭାବରେ ଡାକି ନିକଟରେ ବସାଇଲେ ଏବଂ ପୂର୍ବ ପଠିତ ସୁଭାଷିତ ଶ୍ଳୋକଟି ପାଠକରାଇ ଅନ୍ୟ ଏକ ମାତୁଳଙ୍ଗ ଫଳ ପ୍ରଦାନ କଲେ । ଆଜି ମଧ୍ୟ ରାଜା ଏହାପ୍ରତି ପ୍ରସନ୍ନ ହୋଇ ଏହାର କିଛି ଉପକାର କଲେ ନାହିଁ ବୋଲି ଉପସ୍ଥିତ ଜନତା ଆଶ୍ଚର୍ଯ୍ୟର ସହ କୁହାକୁହି ହେଲେ । ଏଥିରେ ବ୍ୟାକୁଳ ହୋଇ ଭିକ୍ଷୁକ ମଧ୍ୟ ଫଳଟିକୁ ଧରି ଏହାହିଁ ରାଜାଙ୍କ ଅନୁଗ୍ରହ ଭାବି ସଭା ସ୍ଥଳରୁ ନିଷ୍କ୍ରାନ୍ତ ହେଲା । ଏ ସମୟରେ କୌଣସି ବିଷୟାଧିକାରୀ ରାଜଦର୍ଶନ ଆଶାରେ ସଭାସ୍ଥଳକୁ ଯାଉଥାଆନ୍ତି । ଭିକ୍ଷୁକ ହସ୍ତରେ ମାତୁଳଙ୍ଗ ଫଳଟି ଦେଖି ଏବଂ ତାକୁ ଶୁଭଶକୁନ ମନେ କରି ଦୁଇ ଯୋଡ଼ା ଧୋତି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସେ ଉକ୍ତ ଫଳଟିକୁ ଭିକ୍ଷୁକ ଠାରୁ ଗ୍ରହଣ କଲେ । ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସେ ପ୍ରଥମେ ତାକୁ ରାଜାଙ୍କ ଚରଣତଳେ ସ୍ଥାପନ କରିବା ପରେ ଅନ୍ୟାନ୍ୟ ଉପହାରମାନ ପ୍ରଦାନ କରି ପ୍ରଣିପାତ କଲେ ।

ରାଜା ଫଳଟିକୁ ଚିହ୍ନିପାରି ଏହା କେଉଁଠାରୁ ଓ କିପରି ଲାଭ କଲ ବୋଲି ଜିଜ୍ଞାସା କରନ୍ତେ ବିଷୟାଧିକାରୀ ସମସ୍ତ ବିଷୟ ରାଜାଙ୍କ ଠାରେ ପ୍ରକାଶ କରନ୍ତେ ରାଜା ଲକ୍ଷଦତ୍ତ

Digitized by srujanika@gmail.com

ମନେ ମନେ ଭାବିଲେ ଯେ ଉକ୍ତ ଭିକ୍ଷୁକ ପ୍ରତି ଲକ୍ଷ୍ମୀ ବର୍ତ୍ତମାନ ସୁଦ୍ଧା ପ୍ରସନ୍ନ ନୁହନ୍ତି । ସେ ଉକ୍ତ ମାତୁଳଙ୍ଗଟି ନେଇ ସଭାସ୍ଥଳରୁ ଚାଲିଯିବା ପରେ ଭିକ୍ଷୁକ ଉକ୍ତ ଧୋତି ଓ ଉତ୍ତରୀୟକୁ କୌଣସି ବଣିକ ନିକଟରେ ବିକ୍ରୟ କରି ଲବ୍ଧ ଅର୍ଥରେ ନିଜର ପାନାହାରର ବ୍ୟବସ୍ଥା କଲା ଏବଂ ଅନ୍ୟ ଯୋଡ଼ିଟିକୁ ନିଜେ ପରିଧାନ କଲା ।

ତୃତୀୟ ଦିନ ରାଜା ପୁଣି ଏକ ସାଧାରଣ ସଭାର ଆୟୋଜନ କଲେ ଏବଂ ସମସ୍ତ ଜନତା ପୂର୍ବପରି ଆସି ସେଠାରେ ଏକତ୍ର ହେଲେ । ରାଜା ପୂର୍ବଦିନମାନଙ୍କ ପରି ଭିକ୍ଷକକୁ ଡାକି ଏବଂ ପୂର୍ବ ସୁଭାଷିତଟି ପାଠ କରାଇ ତାକୁ ଅନ୍ୟ ଏକ ବିଲ୍ୱଫଳ ପ୍ରଦାନ କଲେ । ଏହା ଦେଖି ସମସ୍ତେ ବିସ୍ମିତ ହେଲେ ଏବଂ କାର୍ପଟିକ ମଧ୍ୟ ତାକୁ ନେଇ ରାଜାଙ୍କର ଗଣିକାକୁ ପ୍ରଦାନ କଲା । ରାଜାଙ୍କ ସମ୍ମାନ ବୃକ୍ଷର ଚଳମାନ ଲତା ରୂପିଣୀ ଉକ୍ତ ଗଣିକା ଏହି ଫଳଟିକୁ ଗ୍ରହଣ କରି ତାକୁ ଭବିଷ୍ୟତ ଫଳ ସୂଚକ ବହୁ ସୁବର୍ଣ୍ଣଦାନ କଲା ।

ଭିକ୍ଷୁକ ସେହି ସୁବର୍ଣ୍ଣଦ୍ୱାରା କିଛିଦିନ ସୁଖରେ କାଳାତିପାତ କରିବାକୁ ଲାଗିଲା । ଏଣେ ଗଣିକା କୌଣସି କାର୍ଯ୍ୟ ଉପଲକ୍ଷ୍ୟରେ ରାଜାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେଲା । ସେ ଉକ୍ତ ସୁନ୍ଦର ଏବଂ ବିରାଟକାୟ ମାତୁଳଙ୍ଗ ଫଳଟିକୁ ନେଇ ରାଜାଙ୍କ ନିକଟରେ ଉପହାର ସଦୃଶ୍ୟ ପ୍ରଦାନ କଲା । ରାଜା ତାକୁ ଚିହ୍ନିପାରି ଗଣିକାକୁ ତାର ପ୍ରାପ୍ତି ସମ୍ପର୍କରେ ପ୍ରଶ୍ନ କରନ୍ତେ ସେ କହିଲା ଯେ କୌଣସି ଭିକ୍ଷୁକଠାରୁ ସେ ଏହା ପାଇଅଛି । ରାଜା ଏହା ଶୁଣି ଚିନ୍ତାକଲେ, 'ଆଶ୍ଚର୍ଯ୍ୟର କଥା, ଏହି ଭାଗ୍ୟହୀନ ଭିକ୍ଷୁକଟି ପ୍ରତି ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମୀ ସୁପ୍ରସନ୍ନା ନୁହନ୍ତି । ତେଣୁ ଏ ପର୍ଯ୍ୟନ୍ତ ସେ ମୋର ଦୟାର୍ଦ୍ରତାର ସୁଫଳ ଲାଭ କରିପାରୁ ନାହିଁ । ଏହି ରତ୍ନରାଶି ବାରମ୍ବାର ମୋ ନିକଟକୁ ହିଁ ଫେରିଆସୁଛି ।' ଦୁଃଖର ସହ ଏହିପରି ଚିନ୍ତା କରି ରାଜା ଉକ୍ତ ଫଳଟିକୁ ନେଇ ନିତ୍ୟକର୍ମ ପାଇଁ ସଭାସ୍ଥଳରୁ ପ୍ରସ୍ଥାନ କଲେ ।

ଏହିପରି କିଛିଦିନ ବ୍ୟବଧାନରେ ରାଜା ଚତୁର୍ଥ ଥର ପାଇଁ ଏକ ସାଧାରଣ ସଭାର ଆୟୋଜନ କଲେ । ଏଠାରେ ପୂର୍ବପରି ସେ ସେହି ଭିକ୍ଷୁକକୁ ନିକଟକୁ ଡାକି ପୂର୍ବ ସୁଭାଷିତ ଶ୍ଳୋକଟିକୁ ପାଠ କରାଇଲେ ଏବଂ ଗୋଟିଏ ମାତୁଳଙ୍ଗ ଫଳ ପ୍ରଦାନ କଲେ । କିନ୍ତୁ ଆଜି ସେ ଶୀଘ୍ରତାର ସହ ତାକୁ ଗ୍ରହଣ କରିବା ସମୟରେ ଏହା ଭୂମି ଉପରେ ପଡ଼ିଯାଇ ଦୁଇଫାଳ ହୋଇଗଲା । ଫଳରେ ତାହା ମଧ୍ୟରୁ ଅଗଣିତ ବହୁମୂଲ୍ୟ ମଣିମୁକ୍ତା ଭୂମି ଉପରେ ବିଛି ହୋଇପଡ଼ିଲା ଏବଂ ସେଗୁଡ଼ିକରୁ ଉଦ୍ଭୂତ ତେଜୋରାଶିରେ ସମଗ୍ର ସଭାସ୍ଥଳି ଆଲୋକିତ ହେଲା । ଏହା ଦେଖି ଉପସ୍ଥିତ ବ୍ୟକ୍ତିମାନେ, 'ପ୍ରକୃତ କଥା ନ ଜାଣି

Digitized by srujanika@gmail.com

ଆମ୍ଭେମାନେ ବିଭ୍ରାନ୍ତ ହେଉଥିଲେ କିନ୍ତୁ ମହାରାଜାଙ୍କ କୃପା ପ୍ରକୃତରେ ଅତି ବଳିୟସୀ' ବୋଲି କଥାବାର୍ତ୍ତା ହୁଅନ୍ତେ, ରାଜା ଲକ୍ଷଦତ୍ତ କହିଲେ, ମୁଁ ଏହି ଉପାୟରେ ଜାଣିବାକୁ ଚାହୁଁଥିଲି ଯେ ପ୍ରକୃତରେ ଲକ୍ଷ୍ମୀ ଏହାପ୍ରତି ସନ୍ତୁଷ୍ଟା କି ନୁହନ୍ତି ? ଏହିପରି ଏହାର ଭାଗ୍ୟପରୀକ୍ଷା କରି ଦେଖିଲି ଯେ ତୃତୀୟଥର ଯାଏ ସେ ଲକ୍ଷ୍ମୀଙ୍କର କୃପାକଟାକ୍ଷ ଲାଭ କରିପାରି ନଥିଲା । ଆଜି ତାର ସମସ୍ତ ପାପ କ୍ଷାଳିତ ହୁଅନ୍ତେ ଚଞ୍ଚଳା ଲକ୍ଷ୍ମୀ ତାକୁ ଦର୍ଶନ ପ୍ରଦାନ କରିଅଛନ୍ତି ।'

ଏହା କହି ରାଜା ଲକ୍ଷଦତ୍ତ ବହୁ ଧନ, ରତ୍ନ, ଗ୍ରାମ, ନଗର, ହସ୍ତୀ, ଅଶ୍ୱ ପ୍ରଭୃତି ପ୍ରଦାନ କରି ଉକ୍ତ ଭିକ୍ଷୁକକୁ ନିଜର ଏକ ସାମନ୍ତ ରାଜାରେ ପରିଣତ କରିଦେଲେ । ଏଥିରେ ସେହି କାର୍ପଟିକ ଲବ୍‌ଧଦତ୍ତ ଏବଂ ଅନ୍ୟାନ୍ୟ ଉପସ୍ଥିତ ବ୍ୟକ୍ତି ରାଜାଙ୍କର ବହୁ ପ୍ରଶଂସା କରି ଧନ୍ୟ ଧନ୍ୟ କଲେ । ରାଜା ମଧ୍ୟ ନିଜର କୌଶଳ ସାର୍ଥକ ହେବା ଦେଖି ନିତ୍ୟକର୍ମ ସମାପନପାଇଁ ପ୍ରାସାଦ ମଧ୍ୟରେ ପ୍ରବେଶ କଲେ । ଲବ୍‌ଧଦତ୍ତ ମଧ୍ୟ ସ୍ୱସ୍ଥାନକୁ ଗମନ କଲା ।

ଏହିପରି ପାପରାଶି ନଷ୍ଟ ନ ହେବା ପର୍ଯ୍ୟନ୍ତ ଲକ୍ଷ ପ୍ରଯତ୍ନ କଲେ ମଧ୍ୟ ଭୃତ୍ୟମାନେ ପ୍ରଭୁଙ୍କର ପ୍ରସାଦ ଲାଭ କରିବାପାଇଁ ସମର୍ଥ ହୁଅନ୍ତି ନାହିଁ ।

ଏହିପରି ଉକ୍ତ କଥା ଶେଷ କରି ମନ୍ତ୍ରୀଶ୍ରେଷ୍ଠ ଗୋମୁଖ ରାଜକୁମାର ନରବାହନ ଦତ୍ତଙ୍କୁ କହିଲେ, 'ଯୁବରାଜ, ମୁଁ ଭାବୁଛି ଆପଣଙ୍କ ରାଜପ୍ରାସାଦ ସମ୍ମୁଖରେ ବସିଥିବା ଭିକ୍ଷୁକର ପାପରାଶି ବର୍ତ୍ତମାନ ସୁଦ୍ଧା ନଷ୍ଟ ହୋଇନାହିଁ । ଏଣୁ ଆପଣଙ୍କ ଚିତ୍ତ ତା' ପ୍ରତି ଦୟାର୍ଦ୍ର ହୋଇଉଠୁ ନାହିଁ ।' ଗୋମୁଖଙ୍କଠାରୁ ଏହା ଶୁଣି ନରବାହନଦତ୍ତ ଉକ୍ତ ଭିକ୍ଷୁକକୁ ବହୁ ଧନ, ରତ୍ନ, ଗଜ, ଅଶ୍ୱ, ଗ୍ରାମ ଓ ବସ୍ତ୍ର ପ୍ରଦାନ କଲେ, ଫଳରେ ସେ ଚିରଦିନ ପାଇଁ ଦାରିଦ୍ର୍ୟମୁକ୍ତ ହେଲା । ପ୍ରକୃତରେ, କୃତଜ୍ଞ ତଥା ବିବେକୀ ଅନୁଚରଯୁକ୍ତ ପ୍ରଭୁମାନଙ୍କର ସେବା କଦାପି ନିଷ୍ଫଳ ହୋଇନଥାଏ ।

କୃତଜ୍ଞେ ସତ୍‌ପରିବାରେ ପ୍ରଭୌ ସେବାଫଳା କୁତଃ ।

ବ୍ରାହ୍ମଣବୀର ପ୍ରଲମ୍ବବାହୁ କଥା

ନରବାହନଦତ୍ତ ଏହିପରି ଭାବରେ କୌଶାମ୍ବୀ ନଗରରେ ବାସ କରୁଥିବା ବେଳେ ଦାକ୍ଷିଣାତ୍ୟରୁ କୌଣସି ଯୁବକ ପ୍ରଲମ୍ବବାହୁ ତାଙ୍କର ସେବା କରିବା ନିମିତ୍ତ ଆସି ଉପସ୍ଥିତ ହେଲେ । ସେହି ବୀର ଯୁବକ ରାଜାଙ୍କୁ ନିବେଦନ କରି କହିଲେ, 'ମହାରାଜ, ଆପଣଙ୍କ

Digitized by srujanika@gmail.com

ବିପୁଳ ଯଶୋରାଶିଦ୍ୱାରା ଆକୃଷ୍ଟ ହୋଇ ମୁଁ ଏଠାରେ ଆସି ପହଞ୍ଚିଛି । ଆପଣ ରଥ, ଗଜ ବା ଅଶ୍ୱ ପୃଷ୍ଠରେ ବିଚରଣ କରୁଥିବା ବେଳେ ମୁଁ ସର୍ବଦା ଆପଣଙ୍କର ଅନୁସରଣ କରିବି, କିନ୍ତୁ ଆପଣ ଆକାଶମାର୍ଗରେ ଗମନ କଲେ ମୁଁ ଆପଣଙ୍କର ପଶ୍ଚାତ୍ ଗମନ କରିବାପାଇଁ ସମର୍ଥ ହେବି ନାହିଁ । ଭବିଷ୍ୟତରେ ଆପଣ ବିଦ୍ୟାଧରମାନଙ୍କର ଚକ୍ରବର୍ତ୍ତୀ ହେବେ ବୋଲି ଶୁଣାଯାଉଛି । ସେତେବେଳେ ଆପଣ ଆକାଶଚାରୀ ହେବେ । ତେଣୁ ବର୍ତ୍ତମାନପାଇଁ ମୋତେ ଆପଣଙ୍କର ସେବକ ରୂପେ ନିଯୁକ୍ତ କରନ୍ତୁ ଏବଂ ମୋର ଜୀବିକା ନିର୍ବାହ ପାଇଁ ଆପଣ ମୋତେ ପ୍ରତ୍ୟହ ଏକଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରନ୍ତୁ ।'

ଯୁବରାଜ ତା'ଠାରୁ ଏହା ଶ୍ରବଣ କରି ସେହି ତେଜସ୍ୱୀ ବ୍ରାହ୍ମଣ ଯୁବକ ପ୍ରଳୟବାହୁଙ୍କୁ ପ୍ରତ୍ୟହ ଏକଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରି ସେବା କାର୍ଯ୍ୟରେ ନିଯୁକ୍ତ କଲେ ।

ଏ ପ୍ରସଙ୍ଗରେ ଗୋମୁଖ ଯୁବରାଜଙ୍କୁ କହିଲେ ଯେ ଯୁବରାଜ, ଅତ୍ୟଧିକ ପାରିତୋଷିକ ନେଇ ଯେଉଁ ଅନୁଚରମାନେ ରାଜାମାନଙ୍କର ସେବା କରିଥାଆନ୍ତି, ସେମାନେ କଦାପି ଅକୃତଜ୍ଞ ହୁଅନ୍ତି ନାହିଁ । ଏ ସମ୍ପର୍କରେ ଗୋଟିଏ କଥା ଶ୍ରବଣ କରନ୍ତୁ—

ବୀରବର ବ୍ରାହ୍ମଣ କଥା

ପୃଥିବୀ ପୃଷ୍ଠରେ ବିକ୍ରମପୁର ନାମରେ ଏକ ନଗର ଅଛି । ପ୍ରାଚୀନ କାଳରେ ବିକ୍ରମତୁଙ୍ଗ ନାମରେ ଜଣେ ରାଜା ଏଠାରେ ରାଜତ୍ୱ କରୁଥିଲେ । ଏହାଙ୍କ କୃପାଣରେ ତୀକ୍ଷ୍ଣତା ଥିଲା, ଦଣ୍ଡରେ ନୁହେ; ଧର୍ମରେ ନିରନ୍ତର ଆସକ୍ତି ଥିଲା କିନ୍ତୁ ମଦ୍ୟ, ସ୍ତ୍ରୀ ଓ ମୃଗୟାରେ ନୁହେ; ଧନୁର ଗୁଣ କେବଳ ଛିନ୍ନ ହେଉଥିଲା, କିନ୍ତୁ ମାନବିକ ଗୁଣ ସମୂହ ନୁହେ; ଅବିଚାର କେବଳ ପଶୁପାଳନରେ ଥିଲା କିନ୍ତୁ ଅନ୍ୟତ୍ର ନୁହେ ।

ଏକଦା ମାଳବଦେଶବାସୀ ଜଣେ ଭବ୍ୟରୂପଶାଳୀ ବ୍ରାହ୍ମଣ ଯୁବକ ଆସି ତାଙ୍କୁ ସେବା କାର୍ଯ୍ୟରେ ନିଯୁକ୍ତ କରିବାପାଇଁ ରାଜା ବିକ୍ରମତୁଙ୍ଗଙ୍କ ନିକଟରେ ନିବେଦନ କଲେ । ଏହି ବ୍ରାହ୍ମଣ ଯୁବକଙ୍କର ନାମ ଥିଲା ବୀରବର ଏବଂ ତାଙ୍କ ସହ ତାଙ୍କ ପତ୍ନୀ ଧର୍ମବତୀ, କନ୍ୟା ବୀରବତୀ ଏବଂ ପୁତ୍ର ସତ୍ତ୍ୱବର ମଧ ରହିଥିଲେ । ରାଜାଙ୍କର ସେବା କରିବା ନିମିତ୍ତ ତାଙ୍କ ନିକଟରେ ତିନୋଟି ଉପକରଣ ଥିଲା—କଟିରେ କୃପାଣ, ଗୋଟିଏ ହସ୍ତରେ ଏକ ଦୀର୍ଘ ତରବାରି ଏବଂ ଅନ୍ୟ ହସ୍ତରେ ଦର୍ପଣତୁଲ୍ୟ ନିର୍ମଳ ଏକ ଢାଲ । ନିଜର ଏହି କ୍ଷୁଦ୍ର ପରିବାର ପରିପୋଷଣପାଇଁ ସେ ରାଜାଙ୍କୁ ପ୍ରତ୍ୟହ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରିବାପାଇଁ ଅନୁରୋଧ କଲେ । ରାଜା ମଧ ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱରେ ମୁଗ୍ଧ

Digitized by srujanika@gmail.com

ହୋଇ ଏବଂ ତାଙ୍କର ବିଶେଷତ୍ୱ ପରୀକ୍ଷା କରିବାପାଇଁ ତାଙ୍କୁ ପ୍ରତିଦିନ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରିବା ନିମିତ୍ତ ସମ୍ମତ ହେଲେ ।

ସେ ଦୁଇଟିମାତ୍ର ହସ୍ତରେ ଏତେ ଗୁଡ଼ିଏ ସ୍ୱର୍ଣ୍ଣମୁଦ୍ରା କିପରି ଖର୍ଚ୍ଚ କରୁଛନ୍ତି ଦେଖିବା ନିମନ୍ତେ ରାଜା ତାଙ୍କ ପଛରେ ଜଣେ ଗୁପ୍ତଚର ନିଯୁକ୍ତ କଲେ । ବୀରବର ନିଜର ଓ ନିଜ ପରିବାରର ପାନ ଭୋଜନର ବ୍ୟବସ୍ଥା ପାଇଁ ଏକଶତ ମୁଦ୍ରା ପତ୍ନୀ ଧର୍ମବତୀଙ୍କୁ ପ୍ରଦାନ କରୁଥିଲେ; ଅନ୍ୟ ଏକଶତ ମୁଦ୍ରା ବସ୍ତ୍ର, ପରିଧାନ, ମାଳା ପ୍ରଭୃତି ପାଇଁ ବ୍ୟୟ କରୁଥିଲେ; ତୃତୀୟ ଶତମୁଦ୍ରା ସେ ସ୍ନାନ ଶେଷ କରି ଶିବ, ବିଷ୍ଣୁ ପ୍ରଭୃତି ଦେବତାମାନଙ୍କର ଉପାସନାପାଇଁ ବ୍ୟୟ କରୁଥିଲେ ଏବଂ ଅବଶିଷ୍ଟ ଦୁଇଶତ ସ୍ୱର୍ଣ୍ଣମୁଦ୍ରା ବ୍ରାହ୍ମଣ ଓ ଦୀନଦରିଦ୍ରମାନଙ୍କୁ ଦାନ କରୁଥିଲେ । ଏହିପରି ସେ ପ୍ରତିଦିନ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ରାଜକୋଷରୁ ଆଣି ବ୍ୟୟ କରନ୍ତି । ନିତି ପ୍ରଭାତରୁ ମଧାହ୍ନ ପର୍ଯ୍ୟନ୍ତ ସେ ରାଜଭବନର ମୁଖ୍ୟଦ୍ୱାରରେ ଦଣ୍ଡାୟମାନ ରହନ୍ତି । ଏହାପରେ ସ୍ନାନ ଭୋଜନ ପ୍ରଭୃତି ଶେଷକରି ପୁଣି ସନ୍ଧ୍ୟାଠାରୁ ରାତ୍ରି ଶେଷ ପର୍ଯ୍ୟନ୍ତ ସେଠାରେ ପହରା ଦେଉଥାଆନ୍ତି ।

ରାଜନିଯୁକ୍ତ ଗୁପ୍ତଚର ବୀରବରଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ବିବରଣୀ ରାଜାଙ୍କ ନିକଟରେ ପ୍ରଦାନ କରୁଥାଏ । କିଛିଦିନ ପରେ ରାଜା ବୀରବରଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଗୁପ୍ତଚରକୁ ତାର କର୍ମରୁ ନିବୃତ୍ତ କଲେ । ବୀରବର ମଧ ପାନଭୋଜନ ଇତ୍ୟାଦି ସମୟ ବ୍ୟତୀତ ଅନ୍ୟ ସମୟରେ ରାଜଭବନର ମୁଖ୍ୟଦ୍ୱାରରେ ତରବାରି ହସ୍ତରେ ପହରା ଦେଉଥାଆନ୍ତି ।

କିଛିଦିନ ଏହିପରି ଭାବରେ ଅତିବାହିତ ହେଲା । ବୀରପୁରୁଷମାନଙ୍କ ବୀରତ୍ୱ ସହ୍ୟ କରି ନପାରି ବର୍ଷାଋତୁ ଯେପରି ବୀରବରଙ୍କୁ ଜୟ କରିବା ଅଭିଳାଷରେ ଆସି ଉପସ୍ଥିତ ହେଲା । ଯେତେବେଳେ ମେଘ ମୁଷଳଧାରାରେ ବୃଷ୍ଟି କରୁଥାଏ, ସେତେବେଳେ ବୀରବର ସ୍ତମ୍ଭ ସଦୃଶ ଅବିଚଳିତ ଭାବରେ ରାଜାଙ୍କର ସିଂହଦ୍ୱାରରେ ଦଣ୍ଡାୟମାନ ଥାଆନ୍ତି । ରାଜା ବିକ୍ରମତୁଙ୍ଗ ତାଙ୍କୁ ପ୍ରତିଦିନ ଏପରି ଭାବରେ ପହରା ଦେଉଥିବା ଦେଖି ନିଜର ଶୟନାଗାରରେ ପ୍ରବେଶ କରନ୍ତି । ଦିନେ ରାତ୍ରିରେ ଭୟଙ୍କର ବୃଷ୍ଟିପାତ ହେଉଥାଏ । ରାଜା ଉପରୁ ଜିଜ୍ଞାସା କଲେ ସିଂହଦ୍ୱାରରେ କିଏ ଅଛ ? ବୀରବର ସଙ୍ଗେ ସଙ୍ଗେ ଉତ୍ତର ଦେଲେ, 'ମୁଁ ବୀରବର, ମହାରାଜ' ।

ଏହି ଉତ୍ତରରେ ବିସ୍ମିତ ହୋଇ ରାଜା ବିକ୍ରମତୁଙ୍ଗ ଯେତେବେଳେ ବୀରବରଙ୍କ ଅଦ୍ଭୁତ ସାହସ ଓ ପରାକ୍ରମ ସମ୍ପର୍କରେ ଚିନ୍ତା କରୁଥିଲେ, ସେତେବେଳେ ଦୂରରୁ କୌଣସି

Digitized by srujanika@gmail.com

ଅବଳାର କରୁଣ କ୍ରନ୍ଦନ ଧ୍ୱନି ତାଙ୍କର କର୍ଣ୍ଣଗୋଚର ହେଲା । ତାଙ୍କ ରାଜ୍ୟରେ ତ କେହି ଦୁଃଖିନୀ ନାହାନ୍ତି, ତଥାପି କିଏ ସେ ଏପରି ରୋଦନ କରୁଅଛି ବୋଲି ଚିନ୍ତାକରି ରାଜା ବୀରବରଙ୍କୁ କହିଲେ, 'ବୀରବର, ଦୂରରେ କିଏ ଜଣେ ନାରୀ ବିଳାପ କରୁଛି, ଶୁଣ । ତାର ପରିଚୟ ଏବଂ ଦୁଃଖର କାରଣ ଜାଣିବା ପାଇଁ ତୁମେ ଟିକିଏ ସେଠାକୁ ଯାଇଆସ ।' ସଙ୍ଗେ ସଙ୍ଗେ ବୀରବର ସେଠାକୁ ଯିବାପାଇଁ ପ୍ରସ୍ତୁତ ହେଲେ । କଟିବଦ୍ଧ ଛୁରିକା ଏବଂ ଉନ୍ମୁକ୍ତ ତରବାରି ହସ୍ତରେ ସେ ସେହି କ୍ରନ୍ଦନ ଧ୍ୱନିର ଅନୁସରଣ କରି ଅଗ୍ରସର ହେବାକୁ ଲାଗିଲେ ।

ବିଜୁଳିର ଭୀଷଣ ଚମକ, ମେଘର ପ୍ରବଳ ବୃଷ୍ଟିପାତ ଏବଂ ରାତ୍ରିର ଘନ ଅନ୍ଧକାର ପ୍ରତି ଭ୍ରୂକ୍ଷେପ ନ କରି ବୀରବରଙ୍କୁ ଅଗ୍ରସର ହେବା ଦେଖି ଦୟାଶୀଳ ବିକ୍ରମତୁଙ୍ଗ ମଧ୍ୟ ପ୍ରାସାଦ ପୃଷ୍ଠରୁ ଅବତରଣ କରି କରବାଳ ହସ୍ତରେ ଗୁପ୍ତ ଭାବରେ ତାଙ୍କର ଅନୁସରଣ କଲେ ।

ରାଜାଙ୍କଦ୍ୱାରା ଗୁପ୍ତଭାବେ ଅନୁସୃତ ହୋଇ ବୀରବର ରୋଦନ ଧ୍ୱନିର ଅନୁସରଣରେ ଯାଇ ନଗର ବାହାରେ ଥିବା ଏକ ସରୋବର ନିକଟରେ ଉପସ୍ଥିତ ହେଲେ । ସେହି ପୁଷ୍କରିଣୀ କୂଳରେ ଜଣେ ରମଣୀ ବସି କ୍ରନ୍ଦନ କରୁଥାନ୍ତି । 'ହା ନାଥ, ହା ଦୟାର୍ଦ୍ର ହୃଦୟ, ହେ ବୀର, ତୁମଦ୍ୱାରା ପରିତ୍ୟକ୍ତ ହୋଇ ମୁଁ କିପରି ଜୀବନଧାରଣ କରିବି' ବୋଲି ବାରମ୍ବାର ତା'ର ମୁଖରୁ ନିର୍ଗତ ହେଉଥାଏ । ଏହାଦେଖି ବୀରବର ତାର ପରିଚୟ ଓ ରୋଦନର କାରଣ ଜିଜ୍ଞାସା କରନ୍ତେ ନାରୀଟି କହିଲେ, 'ବତ୍ସ, ବୀରବର, ମୁଁ ପୃଥିବୀ; ମୋର ପତି ଧାର୍ମିକ ରାଜା ବିକ୍ରମତୁଙ୍ଗ । ଆଜିଠାରୁ ତୃତୀୟ ଦିବସରେ ତାଙ୍କର ନିଶ୍ଚୟ ମୃତ୍ୟୁ ହେବ । ତେଣୁ ଏହି ବୈଧବ୍ୟ ଦୁଃଖ ମୁଁ କିପରି ସହ୍ୟ କରିବି ଚିନ୍ତା କରୁଛି । ଏପରି ଅବସ୍ଥାରେ ମୁଁ କେବଳ ବିଳାପ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ଦେଖିପାରୁ ନାହିଁ ।'

ଦେବପୁତ୍ର ସୁପ୍ରଭ କଥା

'ଦେବପୁତ୍ର ସୁପ୍ରଭଙ୍କ ପରି ମୁଁ ମଧ୍ୟ ଦିବ୍ୟଦୃଷ୍ଟିରେ ଭବିଷ୍ୟତର ଶୁଭାଶୁଭ ଜାଣିପାରେ । ଏହି ଦିବ୍ୟଦୃଷ୍ଟି ବଳରେ ଦେବପୁତ୍ର ସୁପ୍ରଭ ଜାଣିପାରିଥିଲେ ଯେ ତାଙ୍କର ପୁଣ୍ୟରାଶି କ୍ଷୟ ହୋଇଯିବାରୁ ସେ ସ୍ୱର୍ଗରୁ ବିଚ୍ୟୁତ ହୋଇ ଏକ ସପ୍ତାହ ମଧ୍ୟରେ କୌଣସି ଶୂକରୀ ଗର୍ଭରେ ଯାଇ ରହିବେ । ସେ ଏହି ଭବିଷ୍ୟତ କଷ୍ଟ କଳ୍ପନା କରି, ଉପଭୋଗ କରୁଥିବା ସ୍ୱର୍ଗସୁଖ ନିମିତ୍ତ ବ୍ୟାକୁଳ ହୋଇଉଠିଲେ । 'ହା ସ୍ୱର୍ଗ, ହା ଅପ୍ସରାବୃନ୍ଦ, ହାୟ

Digitized by srujanika@gmail.com

ନନ୍ଦନବନର ଲତାଗୃହ, ମୁଁ ବର୍ତ୍ତମାନ ତୁମ୍ଭମାନଙ୍କୁ ପରିତ୍ୟାଗ କରି ଶୂକରୀଗର୍ଭରେ ଯାଇ କିପରି ରହିବି ଏବଂ ଏହାପରେ ପଂକରାଶି ମଧ୍ୟରେ କିପରି ଜୀବନ ପୋଷଣ କରିବି' ବୋଲି ବିକଳ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ ।

'ତାଙ୍କ କ୍ରନ୍ଦନ ଧ୍ୱନିରେ ବିଚଳିତ ହୋଇ ଇନ୍ଦ୍ର ଯେତେବେଳେ ତାଙ୍କର ଦୁଃଖର କାରଣ ଜିଜ୍ଞାସା କଲେ, ସେ ସେତେବେଳେ ସମସ୍ତ କଥା ଇନ୍ଦ୍ରଙ୍କ ନିକଟରେ ପ୍ରକାଶ କଲେ । ଦେବରାଜ ଇନ୍ଦ୍ର ତାଙ୍କ ଦୁଃଖରେ ସମବେଦନା ପ୍ରକାଶ କରି କହିଲେ, 'ଏଥିରୁ ମୁକ୍ତିଲାଭ କରିବା ପାଇଁ ତୁମ ପକ୍ଷରେ ଗୋଟିଏ ମାତ୍ର ଉପାୟ ଅଛି । ତୁମେ 'ଓଁ ନମୋ ଶିବାୟ' ମନ୍ତ୍ର ଜପ କରି ଭଗବାନ୍ ମହାଦେବଙ୍କର ଶରଣାଗତ ହୁଅ । ଫଳରେ ତୁମର ସମସ୍ତ ପାପ କ୍ଷୟ ହେବ ଏବଂ ଯଥେଷ୍ଟ ପୁଣ୍ୟ ମଧ୍ୟ ଲାଭ ହେବ । ଏହି ପୁଣ୍ୟ ପ୍ରଭାବରୁ ତୁମକୁ ଆଉ ସ୍ୱର୍ଗ ରାଜ୍ୟରୁ ବିଚ୍ୟୁତ ହେବାକୁ ପଡ଼ିବ ନାହିଁ କି ଶୂକରୀର ଗର୍ଭସ୍ଥ ହେବା ଆବଶ୍ୟକ ହେବ ନାହିଁ ।'

'ଇନ୍ଦ୍ରଙ୍କଠାରୁ ଏହି ଉପଦେଶ ଲାଭ କରି ଦେବପୁତ୍ର ସୁପ୍ରଭ 'ଓଁ ନମୋ ଶିବାୟ' ମନ୍ତ୍ର ଜପ ପୂର୍ବକ ଭଗବାନ୍ ମହେଶ୍ୱରଙ୍କର ଉପାସନା କଲେ । ଛଅଦିନ ଧରି ତନ୍ମୟ ଭାବରେ ଏହି ମନ୍ତ୍ର ଜପକରି କେବଳ ଯେ ସେ ଶୂକର ଜନ୍ମରୁ ନିଷ୍କୃତି ଲାଭ କଲେ ତା' ନୁହେ, ପୁଣ୍ୟ ପ୍ରଭାବରେ ସ୍ୱର୍ଗ ଲୋକରୁ ମଧ୍ୟ ଉର୍ଦ୍ଧ୍ୱକୁ ଚାଲିଗଲେ । ସପ୍ତମ ଦିନ ଦେବରାଜ ଇନ୍ଦ୍ର ତାଙ୍କୁ ସ୍ୱର୍ଗଲୋକରେ ଦେଖିବାକୁ ନପାଇ ବିଶେଷ ଦୃଷ୍ଟି ବଳରେ ଜାଣିପାରିଲେ ଯେ ସୁପ୍ରଭ ସ୍ୱର୍ଗରୁ ଆହୁରି ଉର୍ଦ୍ଧ୍ୱଲୋକକୁ ଚାଲିଯାଇଛନ୍ତି ।

'ଏହିପରି ସୁପ୍ରଭ ଯେପରି ନିଜର ଭାବୀ ଅମଙ୍ଗଳ କଳ୍ପନା କରି ରୋଦନ କରୁଥିଲେ, ମୁଁ ମଧ୍ୟ ସେହିପରି ମୋର ଭବିଷ୍ୟତ ବୈଧବ୍ୟ ସମ୍ପର୍କରେ ଚିନ୍ତାକରି ବିଳାପ କରୁଅଛି ।'

ପୃଥିବୀଠାରୁ ଏହାଶୁଣି ବୀରବର ନମ୍ରତାର ସହ କହିଲେ, 'ମାତ, ଇନ୍ଦ୍ରଙ୍କ ଉପଦିଷ୍ଟ କୌଶଳଦ୍ୱାରା ଯେପରି ସୁପ୍ରଭ ପାପମୁକ୍ତ ହୋଇଯାଇଥିଲେ, ସେହିପରି ରାଜାଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବାପାଇଁ ଯଦି କିଛି ଉପାୟ ଥାଏ, ତାହାହେଲେ ପ୍ରକାଶ କରନ୍ତୁ; ମୁଁ ତାର ବ୍ୟବସ୍ଥା କରିବି ।' ବୀରବରଙ୍କ କଥାରେ ପ୍ରୀତ ହୋଇ ପୃଥିବୀ କହିଲେ, 'ବତ୍ସ, ଏହାର ଏକ ମାତ୍ର ଉପାୟ ଅଛି ଏବଂ ତାହା ତୁମଦ୍ୱାରା ହିଁ ସାଧିତ ହୋଇପାରିବ ।' ଏଥିରେ ବୀରବର ଗଭୀର ଆନନ୍ଦ ପ୍ରକାଶ ପୂର୍ବକ କହିଲେ, 'ଯଦି ଏହା ହୁଏ, ତା'ହେଲେ ଶୀଘ୍ର ପ୍ରକାଶ କରନ୍ତୁ । ପ୍ରଭୁଙ୍କ ମଙ୍ଗଳ ସାଧନପାଇଁ ଯଦି ଆବଶ୍ୟକ ହୁଏ ତାହାହେଲେ

Digitized by srujanika@gmail.com

ମୁଁ ମୋର ପୁତ୍ର, ପତ୍ନୀ ଓ କନ୍ୟାର ଜୀବନ ଦେବାପାଇଁ ମଧ୍ୟ କୁଣ୍ଠାବୋଧ କରିବି ନାହିଁ । ପ୍ରଭୁଙ୍କର ମଙ୍ଗଳ ସାଧନ କରିପାରିଲେ ହିଁ ମୋର ଜନ୍ମ ସଫଳ ହେବ ।'

ବୀରବରଙ୍କ ନିର୍ଭୀକତା ଏବଂ ପ୍ରଭୁପ୍ରୀତି ଦେଖି ପୃଥିବୀ କହିଲେ, 'ରାଜଭବନ ନିକଟରେ ଥିବା ଚଣ୍ଡିକା ମନ୍ଦିରରେ ଯଦି ତୁମେ ତୁମର ପୁତ୍ର ସତ୍ତ୍ୱବରକୁ ବଳି ସ୍ୱରୂପ ପ୍ରଦାନ କରିବ, ତାହାହେଲେ ରାଜା ମୃତ୍ୟୁମୁଖରୁ ରକ୍ଷା ପାଇପାରିବେ । ଏହା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ।' ପୃଥିବୀଙ୍କ ଠାରୁ ଏହାଶୁଣି ବୀରବର ଅବିଚଳିତ କଣ୍ଠରେ କହିଲେ 'ମୁଁ ବର୍ତ୍ତମାନ ହିଁ ଯାଇ ଏହି ଉପାୟ କରୁଛି' । ବୀରବର ଶୀଘ୍ର ପୃଥିବୀଙ୍କଠାରୁ ବିଦାୟ ଗ୍ରହଣ କରି ଯିବାପାଇଁ ଉଦ୍ୟତ ହୁଅନ୍ତେ 'ତୁମ ବ୍ୟତୀତ ପ୍ରଭୁଙ୍କର ମଙ୍ଗଳ ସାଧନ କରିବା ପାଇଁ ଆଉ କିଏ ସମର୍ଥ ହେବ, ଭଗବାନ୍ ତୁମର ମଙ୍ଗଳ କରନ୍ତୁ' କହି ପୃଥିବୀ ଅନ୍ତର୍ହିତା ହେଲେ । ରାଜା ବିକ୍ରମତୁଙ୍ଗ ଗୁପ୍ତ ଭାବରେ ଏ ସମସ୍ତ ଘଟଣା ଦେଖି ବିସ୍ମିତ ହେଲେ ।

ଏହାପରେ ବୀରବର ସେହି ଅନ୍ଧକାର ରାତ୍ରୀରେ ଯାଇ ନିଜ ଗୃହରେ ପ୍ରବେଶ କଲେ । ରାଜା ମଧ୍ୟ ତାଙ୍କର ଅନୁଗମନ କରି ତାଙ୍କ ଗୃହ ନିକଟରେ ନିଜକୁ ଲୁକ୍‌କାୟିତ ରଖିଲେ । ବୀରବର ନିଜର ପତ୍ନୀଙ୍କୁ ଜାଗ୍ରତ କରି ପୃଥିବୀଙ୍କଠାରୁ ଶୁଣିଥିବା ସମସ୍ତ ବୃତ୍ତାନ୍ତ ତାଙ୍କ ନିକଟରେ ବ୍ୟକ୍ତ କଲେ । ଏଥିରେ ଆଦୌ ବିଚଳିତ ନ ହୋଇ ସେ ପତିଙ୍କୁ କହିଲେ, 'ପ୍ରଭୁଙ୍କ ହିତ ସାଧନ କରିବା ଏକାନ୍ତ ଆବଶ୍ୟକ । ଆପଣ ପୁତ୍ରକୁ ଜାଗ୍ରତ କରି ତାକୁ ଏ ସମ୍ପର୍କରେ ପଚାରନ୍ତୁ ।' ବୀରବର ପୁତ୍ରକୁ ଜାଗ୍ରତ କରି ରାଜାଙ୍କ ଜୀବନରକ୍ଷା ପାଇଁ ପୃଥିବୀ କହିଥିବା ସମସ୍ତ କଥା ତାକୁ ଶୁଣାଇଲେ । ଏହା ଶୁଣି ଯଥାର୍ଥନାମା ବାଳକ ସତ୍ତ୍ୱବର କହିଲା, 'ପିତା, ପ୍ରଭୁଙ୍କର ଜୀବନ ରକ୍ଷା ପାଇଁ ଜୀବନଦାନ କରିବାର ସୁଯୋଗ ମୋତେ ମିଳିଥିବାରୁ ମୁଁ ଧନ୍ୟ । ମୁଁ ଯାହାର ଅନ୍ନରେ ପ୍ରତିପାଳିତ, ତା'ର ଉପକାର କରିବା ଏକାନ୍ତ ଆବଶ୍ୟକ । ତେଣୁ ମୋତେ ନେଇ ଦେବୀଙ୍କ ନିକଟରେ ବଳିଦାନ କରନ୍ତୁ ।' ଏହାଶୁଣି ବୀରବର ପୁତ୍ରର ପ୍ରଶଂସା କରି ଆଶ୍ୱାସନା ପ୍ରଦାନ ପୂର୍ବକ କହିଲେ, 'ତୁ ହିଁ ମୋର ଔରସରୁ ଜାତ ସୁଯୋଗ୍ୟ ସନ୍ତାନ ।' ରାଜା ସମଗ୍ର ପରିବାରଟିର ଆତ୍ମବଳ ଦେଖି ବିସ୍ମିତ ହେଲେ ।

ଏ ସମୟରେ ବୀରବର ପୁତ୍ରକୁ ନିଜ ସ୍କନ୍ଧରେ ଧାରଣ କରି ପତ୍ନୀ ଓ କନ୍ୟା ସହିତ ଚଣ୍ଡିକା ମନ୍ଦିର ଅଭିମୁଖରେ ଅଗ୍ରସର ହେଲେ । ରାଜା ବିକ୍ରମତୁଙ୍ଗ ମଧ୍ୟ ବିସ୍ମୟ ବିମୂଢ଼ ହୋଇ ଗୁପ୍ତରେ ସେମାନଙ୍କର ଅନୁସରଣ କଲେ ।

Digitized by srujanika@gmail.com

ମନ୍ଦିର ମଧ୍ୟରେ ପ୍ରବେଶ କରି ବୀରବର ପୁତ୍ରକୁ ସ୍କନ୍ଧରୁ ଅବତରଣ କରାଇଲେ । ଧୈର୍ଯ୍ୟଶୀଳ ସତ୍ତ୍ୱବର ବାଳକ ହେଲେ ହେଁ ଦେବୀଙ୍କୁ ପ୍ରଣାମ କରି କହିଲା, 'ଦେବି, ମୋର ମସ୍ତକ ଗ୍ରହଣ କରି ଆପଣ ରାଜା ବିକ୍ରମତୁଙ୍ଗଙ୍କୁ ଜୀବିତ ରଖନ୍ତୁ ଏବଂ ସେ ଆନନ୍ଦରେ ପୃଥିବୀ ପରିପାଳନା କରନ୍ତୁ ।' ପୁତ୍ରର ଏପ୍ରକାର ଉକ୍ତିରେ ବୀରବର ତାକୁ ପ୍ରଶଂସାକରି କୋଷମୁକ୍ତ ତରବାରିଦ୍ୱାରା ତାର ମସ୍ତକ ଛେଦନ କଲେ ଏବଂ 'ମହାରାଜାଙ୍କର କଲ୍ୟାଣ ହେଉ', କହି ସେହି ଛିନ୍ନ ମସ୍ତକକୁ ନେଇ ଚଣ୍ଡୀଙ୍କର ଚରଣତଳେ ସ୍ଥାପନ କଲେ । ପ୍ରକୃତ ସ୍ୱାମୀଭକ୍ତ ସେବକମାନେ ପୁତ୍ର କିମ୍ବା ନିଜର ପ୍ରାଣ ମଧ୍ୟ ପ୍ରଭୁଙ୍କ ମଙ୍ଗଳ ପାଇଁ ପ୍ରଦାନ କରିବାରେ କୁଣ୍ଠାପ୍ରକାଶ କରି ନଥାଆନ୍ତି ।

ନାସ୍ତ୍ୟହୋ ସ୍ୱାମିଭକ୍ତାନାଂ ପୁତ୍ରେ ବାତ୍ମନି ବା ସ୍ପୃହା ।

ଏ ସମୟରେ ଆକାଶରୁ ଦିବ୍ୟବାଣୀ ଶୁଣାଗଲା, 'ବୀରବର, ତୁମର ଜୀବନ ଧନ୍ୟ । ପୁତ୍ରର ମସ୍ତକ ଦାନ କରି ତୁମେ ପ୍ରଭୁଙ୍କର ଜୀବନ ରକ୍ଷା କରିପାରିଛ ।' ରାଜା ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏ ସବୁ ଦୃଶ୍ୟ ଦେଖୁଥାଆନ୍ତି । ଏ ସମୟରେ ବୀରବରଙ୍କ କନ୍ୟା ବୀରବତୀ ମୃତ ଭ୍ରାତା ନିକଟକୁ ଯାଇ ଏବଂ ତାର ମସ୍ତକହୀନ ଶରୀରକୁ କୋଳାଗ୍ରତ କରି ତାକୁ ଚୁମ୍ବନ କରୁ କରୁ ଗଭୀର ଦୁଃଖ ସହ୍ୟ କରି ନପାରି ମୃତ୍ୟୁ ବରଣ କଲା । କନ୍ୟାକୁ ମଧ୍ୟ ମୃତ ଦେଖି ବୀରବରଙ୍କ ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି ପୁଟରେ ଅତି ବିନମ୍ର ଭାବେ ପତିଙ୍କୁ କହିଲେ, 'ରାଜାଙ୍କର ତ କଲ୍ୟାଣ ସାଧିତ ହେଲା । ବର୍ତ୍ତମାନ ମୋତେ ଅନୁମତି ପ୍ରଦାନ କରନ୍ତୁ, ମୁଁ ମୋର ମୃତ ପୁତ୍ର ଓ କନ୍ୟାର ଶରୀରକୁ ନେଇ ଅଗ୍ନି ମଧ୍ୟରେ ପ୍ରବେଶ କରିବି । ଏହି ଅଜ୍ଞାନ ବାଳିକା ଯେତେବେଳେ ଭ୍ରାତୃ ଶୋକରେ ଜୀବନ ପରିତ୍ୟାଗ କଲା, ସେତେବେଳେ ମୋର ଜୀବନଧାରଣ କରିବାରେ ଆଉ ସାର୍ଥକତା କଣ ଅଛି, ବଞ୍ଚିରହି ବା ମୁଁ ଆଉ କି ସୁଖ ଲାଭ କରିବି ?' ପତ୍ନୀଙ୍କଠାରୁ ଏହି ଦୃଢ଼ତା ବ୍ୟଞ୍ଜକ ଉକ୍ତି ଶୁଣି ବୀରବର କହିଲେ, 'ପ୍ରିୟେ, ତୁମେ ତାହାହିଁ କର । ମୁଁ ବର୍ତ୍ତମାନ କ'ଣ କହି ବା ତୁମକୁ ସାନ୍ତ୍ୱନା ଦେବି । ପୁତ୍ର ଶୋକରେ ତୁମେ ବର୍ତ୍ତମାନ ସଂସାର ପ୍ରତି ବିରକ୍ତ । ପ୍ରତୀକ୍ଷା କର ମୁଁ ତୁମ ପାଇଁ ଚିତା ପ୍ରସ୍ତୁତ କରିଦେଉଛି ।'

ଏହା କହି ବୀରବର ମନ୍ଦିର ନିର୍ମାଣର ଅବଶିଷ୍ଟ କାଷ୍ଠ ସଂଗ୍ରହ କରି ଚିତା ପ୍ରସ୍ତୁତ କଲେ ଏବଂ ଉଭୟ ସନ୍ତାନଙ୍କ ଶବକୁ ତା' ଉପରେ ରଖି ଅଗ୍ନି ସଂଯୋଗ କଲେ । ଧର୍ମବତୀ ମଧ୍ୟ ପତିଙ୍କ ଚରଣରେ ପ୍ରଣିପାତ କରି ଏବଂ 'ଆର୍ଯ୍ୟପୁତ୍ର, ଆଗାମୀ ଜନ୍ମରେ ମଧ୍ୟ ତୁମେ ମୋର ପତି ହୁଅ ଏବଂ ରାଜାଙ୍କର କଲ୍ୟାଣ ହେଉ' ବୋଲି କହି ପ୍ରଜ୍ୱଳିତ ଚିତାଗ୍ନି

Digitized by srujanika@gmail.com

ମଧ୍ୟରେ ଶୀତଳ ଜଳ ପୂର୍ଣ୍ଣ ହ୍ରଦ ମଧ୍ୟରେ ପ୍ରବେଶ କରିବା ପରି ପ୍ରବିଷ୍ଟ ହେଲେ । ଗୁପ୍ତରେ ରହି ଏ ସବୁ ଦର୍ଶନ କରୁଥିବା ରାଜା ବିକ୍ରମତୁଙ୍ଗ ସେମାନଙ୍କର ଋଣ କିପରି ପରିଶୋଧ କରିବେ ସେକଥା ହିଁ ଚିନ୍ତା କରୁଥାଆନ୍ତି ।

ଏ ସମୟରେ ଧୀରଚିତ୍ତ ବୀରବର ମଧ ଚିନ୍ତାକଲେ, 'ପ୍ରଭୁଙ୍କ କାର୍ଯ୍ୟ ତ ସମାପ୍ତ ହେଲା । ଦିବ୍ୟ ବାଣୀ ମଧ ତ ଶ୍ରବଣ କଲି । ରାଜାଙ୍କ ଅନ୍ନ ପରିବର୍ତ୍ତେ ମୋର ପାଳନୀୟ ପୁତ୍ର ଓ ପରିବାରକୁ ବଳିଦାନ ଦେଲି । ବର୍ତ୍ତମାନ କେବଳ ଉଦର ପୂର୍ଣ୍ଣ କରିବାପାଇଁ ଜୀବନ ଧାରଣ କରିବାରେ ଆଉ ଆବଶ୍ୟକତା କଣ ? ତେଣୁ ମୁଁ ମଧ ମୋର ଶରୀରକୁ ଚଣ୍ଡିକାଙ୍କ ନିକଟରେ ଉପହାର ସ୍ୱରୂପ ପ୍ରଦାନ କରି ତାଙ୍କର ଉପାସନା କରିବି ।' ସତ୍ତ୍ୱଭାବାପନ୍ନ ବୀରବର ଏ ପ୍ରକାର ଚିନ୍ତା କରି ବରଦାୟିନୀ ଚଣ୍ଡିକାଙ୍କ ସ୍ତୁତିପାଠ କରିବାକୁ ଲାଗିଲେ—

'ମହେଶ୍ୱରି ନମସ୍ତୁଭ୍ୟଂ ପ୍ରଣତାଭୟଦାୟିନି
ସଂସାରପଙ୍କମଗ୍ନଂ ମାଂ ଶରଣାଗତମୁଦ୍ଧର ।
ତ୍ୱଂ ପ୍ରାଣଶକ୍ତିର୍ଭୂତାନାଂ ତ୍ୱୟେଦଂ ଚେଷ୍ଟତେ ଜଗତ୍
ସୃଷ୍ଟେରାଦୌ ସ୍ୱସଂଭୂତା ସ୍ୱୟଂ ଦୃଷ୍ଟାସି ଶମ୍ଭୁନା ।
ଜ୍ୱଳନ୍ତୀ ବିଶ୍ୱମୁଦ୍ଭାସ୍ୟ ଦୁର୍ନିରୀକ୍ଷ୍ୟେଣ ତେଜସା
ଉଚ୍ଚଣ୍ଡାକାଣ୍ଡବାଳାର୍କ କୋଟିପଂକ୍ତିରିବୋଦିତା ।
ଭୁଜାନଂ ଚକ୍ରବାଳେନ ସଂଛାଦିତଦିଗନ୍ତରା
ଖଡ୍ଗଖେଟକକୋଦଣ୍ଡଶରଶୂଳାଦିଧାରିଣା ।
ସଂସ୍ତୁତାସି ଚ ତେନୈବ ଦେବେନୈବଂ ତ୍ରିଶୂଳିନା
ନମସ୍ତେ ଚଣ୍ଡି ଚାମୁଣ୍ଡେ ମଙ୍ଗଳେ ତ୍ରିପୁରେ ଜୟେ ।
ଏକାନଂଶେ ଶିବେ ଦୁର୍ଗେ ନାରାୟଣି ସରସ୍ୱତି
ଭଦ୍ରକାଳି ମହାଲକ୍ଷ୍ମି ସିଦ୍ଧେ ରୁରୁବିଦାରିଣି ।
ତ୍ୱଂ ଗାୟତ୍ରୀ ମହାରାଜ୍ଞୀ ରେବତୀ ବିନ୍ଧ୍ୟବାସିନୀ
ଉମା କାତ୍ୟାୟନୀ ଚ ତ୍ୱଂ ଶର୍ବପର୍ବତବାସିନୀ ।
ଇତ୍ୟାଦିଭିର୍ନାମଭିଃ ତ୍ୱାଂ ଦେବି ସ୍ତୁତିପରଂ ହରମ୍
ଶ୍ରୁତ୍ୱା ସ୍କନ୍ଦୋ ବଶିଷ୍ଠଶ୍ଚ ବ୍ରହ୍ମାଦ୍ୟାସ୍ତ୍ୱାଂ ଚ ତୁଷ୍ଟୁବୁଃ ।

Digitized by srujanika@gmail.com

ସ୍ତୁବନ୍ତସ୍ତ୍ୱାଂ ଚ ଭଗବତ୍ୟମରା ଋଷୟୋ ନରାଃ
ଈପ୍‌ସିତାଭ୍ୟଧିକାନ୍ କାମାନ୍ ପ୍ରାପ୍ତାଶ୍ଚ ପ୍ରାପ୍ନୁବନ୍ତି ଚ ।
ତନ୍ମେ ପ୍ରସୀଦ ବରଦେ ଗୃହାଣ ତ୍ୱମିମାମପି
ମତ୍‌ଶରୀରୋପହରାର୍ଚାଂ ଶ୍ରେୟୋ ରାଜ୍ଞୋଽସ୍ତୁ ମତ୍‌ପ୍ରଭୋ।'

ଏହିପରି ସ୍ତୁତି କରି ଯେତେବେଳେ ବୀରବର ନିଜର ମସ୍ତକ ପ୍ରଦାନ କରିବା ପାଇଁ ତରବାରି ଉତ୍ତୋଳନ କଲେ, ସେତେବେଳେ ଶୂନ୍ୟବାଣୀ ହେଲା, 'ବତ୍ସ, ଏ ପ୍ରକାର ଦୁଃସାହସ କରନାହିଁ । ତୋର ବୀରତ୍ୱରେ ମୁଁ ପ୍ରସନ୍ନ । ତେଣୁ ତୁ ତୋର ଅଭିଳଷିତ ବର ପ୍ରାର୍ଥନା କର ।'

ଏହାଶୁଣି ବୀରବର କହିଲେ, ମୋତେ ଏହି ବରପ୍ରଦାନ କର ଯେ ରାଜା ବିକ୍ରମତୁଙ୍ଗ ଏକ ଶତ ବର୍ଷ ପରମାୟୁ ଲାଭ କରନ୍ତୁ ଏବଂ ମୋର ମୃତା ପତ୍ନୀ ଓ ମୃତ ସନ୍ତାନମାନେ ଜୀବନ ଲାଭ୍ କରନ୍ତୁ ।' ବୀରବର ଏହା କହିବା ମାତ୍ରେ 'ତଥାସ୍ତୁ' କହି ଶୂନ୍ୟବାଣୀ ମୌନ ହେଲା ଏବଂ ଧର୍ମବତୀ, ବୀରବତୀ ଏବଂ ସତ୍ତ୍ୱବର ଅକ୍ଷୁଣ୍ଣ ଶରୀରରେ ଉଠି ଠିଆ ହେଲେ ।

ଏହାପରେ ବୀରବର ସେମାନଙ୍କୁ ସ୍ୱଗୃହରେ ଛାଡ଼ିଦେଇ ପୁଣି ଆସି ସିଂହଦ୍ୱାରରେ ପହରା ଦେବାକୁ ଲାଗିଲେ । ଏ ସମସ୍ତ ଦର୍ଶନ କରି ବିସ୍ମିତ ତଥା ଆନନ୍ଦିତ ରାଜା ବିକ୍ରମତୁଙ୍ଗ ମଧ୍ୟ ଗୁପ୍ତ ଭାବରେ ଯାଇ ରାଜପ୍ରାସାଦ ଆରୋହଣ କଲେ । ଶୟନ କକ୍ଷରେ ପ୍ରବେଶ କରି ସେ ଯେତେବେଳେ ପୁଣି 'ସିଂହଦ୍ୱାରରେ କିଏ ଅଛ' ବୋଲି ଜିଜ୍ଞାସା କଲେ, ସେତେବେଳେ ବୀରବର ସଙ୍ଗେସଙ୍ଗେ ଉତ୍ତର ଦେଲେ, 'ମୁଁ ବୀରବର ଏଠାରେ ଉପସ୍ଥିତ ଅଛି, ମହାରାଜ୍ । ମୁଁ ସେହି ନାରୀଟିକୁ ଦେଖିବାପାଇଁ ଯାଇଥିଲି । କିନ୍ତୁ ସେ ମୋତେ ଦେଖିବା ମାତ୍ରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲା ।' ଏ ସମସ୍ତ ବୃତ୍ତାନ୍ତ ଶ୍ରବଣ ଓ ଦର୍ଶନ କରି ରାଜା ଆଉ ଶୟନ କରିପାରିଲେ ନାହିଁ । ସେ ଚିନ୍ତା କରିବାକୁ ଲାଗିଲେ ଯେ ଏହି ବୀରବର ନିଶ୍ଚୟ ଜଣେ ଅଦ୍ଭୁତ ଏବଂ ଅସାଧାରଣ ପୁରୁଷ । ଏ ପ୍ରକାର ପ୍ରଶଂସନୀୟ କାର୍ଯ୍ୟକରି ସେ ସମ୍ପର୍କରେ ଚର୍ଚ୍ଚା ସୁଦ୍ଧା କରିବାପାଇଁ ଏ ବ୍ୟକ୍ତି ଇଚ୍ଛା କରୁନାହିଁ । ଗମ୍ଭୀର, ବିଶାଳ ତଥା ମହାସତ୍ତ୍ୱଶାଳୀ ସମୁଦ୍ର ମଧ୍ୟ ପ୍ରଳୟକାଳୀନ ପ୍ରଚଣ୍ଡ ବାତ୍ୟାରେ ବିକ୍ଷୁବ୍‌ଧ ହୋଇଉଠିଥାଏ । କିନ୍ତୁ ଏ ବ୍ୟକ୍ତି ତା' ଅପେକ୍ଷା ଆହୁରି ଗମ୍ଭୀର ଓ ସ୍ଥିର । ମୋର ଅଜ୍ଞାତସାରରେ ନିଜର ପୁତ୍ର, ପତ୍ନୀ, କନ୍ୟାର ଏବଂ ଶେଷରେ ନିଜର

Digitized by srujanika@gmail.com

ପ୍ରାଣ ମଧ୍ୟ ଯେଉଁ ବ୍ୟକ୍ତି ମୋପାଇଁ ପ୍ରଦାନ କରିପାରେ, ମୁଁ ତାର ପ୍ରତ୍ୟୁପକାର କି ପ୍ରକାର ଭାବରେ ବା କରିପାରିବି ! ଏହିପରି ବହୁ ଚିନ୍ତା କରି ରାଜା ରାତ୍ରି ଯାପନ କଲେ ।

ପରଦିନ ପ୍ରଭାତରୁ ହିଁ ରାଜା ଦରବାରରେ ଯାଇ ଉପସ୍ଥିତ ହେଲେ । ବୀରବର ମଧ୍ୟ ସଭାଗୃହରେ ଯଥାରୀତି ପ୍ରବେଶ କଲେ । ରାଜା ବିକ୍ରମତୁଙ୍ଗ ରାତ୍ରିରେ ଘଟିଥିବା ସମସ୍ତ ଘଟଣା ଅନ୍ୟମାନଙ୍କ ନିକଟରେ ପ୍ରକାଶ କରନ୍ତେ ସଭାସଦ୍‌ମାନେ ଏକ ସ୍ୱରରେ ବୀରବରଙ୍କ ପ୍ରଶଂସା ଗାନ କରିବାକୁ ଲାଗିଲେ । ଏହାପରେ ରାଜା ସ୍ୱହସ୍ତରେ ବୀରବର ଓ ସତ୍ତ୍ୱବରଙ୍କ ପଟ୍ଟବନ୍ଧନ କରି ବହୁ ଗ୍ରାମ ଓ ଦେଶ ସହ ଦଶକୋଟି ସ୍ୱର୍ଣ୍ଣମୁଦ୍ରା ଏବଂ ଷାଠିଏ ଗୁଣ ମାସିକ ବୃତ୍ତି ପ୍ରଦାନ କଲେ । ଏ ସମୟରେ ବ୍ରାହ୍ମଣ ବୀରବର ରାଜାଙ୍କ ତୁଲ୍ୟ ଶୋଭା ପାଇବାକୁ ଲାଗିଲେ । ତାଙ୍କ ମସ୍ତକରେ ଶ୍ୱେତଛତ୍ର ଶୋଭା ପାଇବାକୁ ଲାଗିଲା । ଏହିପରି ବୀରବର ଆନନ୍ଦରେ ଚିରକାଳ ପରିବାର ସହିତ ରାଜସେବାରେ ଦିନ କଟାଇବାକୁ ଲାଗିଲେ ।'

ମନ୍ତ୍ରୀ ଗୋମୁଖ ଯୁବରାଜ ନରବାହନଦତ୍ତଙ୍କୁ ଏପ୍ରକାର ଏକ କଥା ଶୁଣାଇ ଉପସଂହାରରେ କହିଲେ, 'ଯୁବରାଜ, ରାଜାମାନଙ୍କର ବହୁ ପୁଣ୍ୟ ଫଳରୁ ଏ ପ୍ରକାର ଅନୁପମ ସେବକ ସେମାନଙ୍କୁ ମିଳିଥାଆନ୍ତି । ଏମାନେ ପ୍ରଭୁଙ୍କପାଇଁ ଆତ୍ମୋତ୍ସର୍ଗ କରି ନିଜର ଇହଲୋକ ଓ ପରଲୋକ ସଫଳ କରିଥାଆନ୍ତି । ତେଣୁ, ଏହି ବ୍ରାହ୍ମଣ ବୀର ପ୍ରଲମ୍ୱବାହୁ ସେହିପରି ଏକ ସେବକ ବୋଲି ମନେହୁଏ । ସେ ଅଧିକରୁ ଅଧିକ ସତ୍ତ୍ୱଶାଳୀ, ଶକ୍ତିମାନ, ଧୀର, ସ୍ଥିର ଓ ସୁନ୍ଦର ରୂପଶାଳୀ ହୋଇଥିବାରୁ ବୀରବର ତୁଲ୍ୟ ଆପଣଙ୍କର ସେବା କରିପାରିବ ବୋଲି ମୋର ବିଶ୍ୱାସ ।'

ଉଦାର ହୃଦୟ ନରବାହନଦତ୍ତ ମନ୍ତ୍ରୀ ଗୋମୁଖଙ୍କଠାରୁ ଏ ପ୍ରକାର ଗଳ୍ପ ଶ୍ରବଣକରି ଅତ୍ୟନ୍ତ ପ୍ରସନ୍ନ ହେଲେ ।

●

Digitized by srujanika@gmail.com

ଚତୁର୍ଥ ତରଙ୍ଗ

ନରବାହନଦତ୍ତଙ୍କ ମୃଗୟା

ନରବାହନଦତ୍ତ ନିଜର ପରମ ମିତ୍ର ଗୋମୁଖ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତ ଅନୁଚରମାନଙ୍କ ସହ ପିତା ବତ୍ସରାଜ ଉଦୟନଙ୍କ ବାସଭବନରେ ବାସ କରୁଥାଆନ୍ତି । ମାନ ଅଭିମାନ ଜାତ ବିରହ ବେଦନା ସୁଦ୍ଧା ସହ୍ୟ କରିପାରୁ ନଥିବା ଫଳରେ ସମସ୍ତ ଈର୍ଷ୍ୟା ପରିତ୍ୟାଗ କରିଥିବା ଅନୁରାଗିଣୀ ଅଳଙ୍କାରବତୀ ସର୍ବଦା ତାଙ୍କର ମନୋରଞ୍ଜନ ପାଇଁ ସଜାଗ ରହିଥାଆନ୍ତି । ଏହିପରି ଭାବରେ ଦିନଯାପନ କରି ଏକଦା ନରବାହନଦତ୍ତ ମୃଗୟା ବିହାର ନିମିତ୍ତ ରାଜପ୍ରାସାଦରୁ ନିର୍ଗତ ହେଲେ । ମିତ୍ର ଗୋମୁଖ, ନୂତନ ସେବକ ବ୍ରାହ୍ମଣ ପ୍ରଲମ୍ବବାହୁ ଏବଂ ଅନ୍ୟାନ୍ୟ ସୈନିକମାନେ ତାଙ୍କର ଅନୁଗମନ କରୁଥାଆନ୍ତି ।

ବନ ମଧ୍ୟରେ ପ୍ରବେଶ କରନ୍ତେ ମିତ୍ର, ସେବକ ଓ ସେନାବାହିନୀର ଅଗ୍ରଭାଗରେ ଉପସ୍ଥିତ ରହି ମୃଗୟା ବିନୋଦରେ ଯୁବରାଜଙ୍କୁ ସହାୟତା କରୁଥାଆନ୍ତି । ରଥାରୋହୀ ଯୁବରାଜ ପୂର୍ଣ୍ଣ ବେଗରେ ଇତସ୍ତତଃ ବିଚରଣ କରୁଥିଲେ ସୁଦ୍ଧା ପ୍ରଲମ୍ବବାହୁ ଅଶ୍ୱମାନଙ୍କର ଗତିକୁ ଜୟ କରି ସର୍ବଦା ରାଜାଙ୍କର ପୁରୋଭାଗରେ ରହୁଥାଆନ୍ତି । ନରବାହନଦତ୍ତ ରଥ ଉପରେ ରହି ବ୍ୟାଘ୍ର, ବରାହ, ସିଂହ ଓ ଗଜମାନଙ୍କୁ ବାଣବିଦ୍ଧ କରୁଥିଲାବେଳେ ପ୍ରଲମ୍ବବାହୁ ଭୂମି ଉପରେ ପଦଚାରଣା କରି ସେହି ଆରଣ୍ୟକ ପଶୁମାନଙ୍କୁ ତରବାରି ସାହାଯ୍ୟରେ ହତ୍ୟା କରୁଥାଆନ୍ତି । ତାଙ୍କର ଅପୂର୍ବ ବୀରତ୍ୱ ଓ ଅଦ୍ଭୁତ ପରାକ୍ରମ ରାଜକୁମାରଙ୍କୁ ବିସ୍ମିତ କରୁଥାଏ । ପ୍ରଲମ୍ବବାହୁ ଅଗ୍ରଭାଗରେ ରହି ବହୁ ପଶୁଙ୍କୁ ଶିକାର କରୁଥିଲେ ହେଁ ପରିଶେଷରେ ରାଜକୁମାର ନରବାହନଦତ୍ତ ମୃଗୟାରେ ଶ୍ରାନ୍ତକ୍ଳାନ୍ତ ଓ ତୃଷାର୍ତ୍ତ ହୋଇ ଗୋମୁଖ ପ୍ରଭୃତିଙ୍କ ସହ ଜଳର ଅନୁସନ୍ଧାନରେ ଯାଇ ନିବିଡ଼ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ।

Digitized by srujanika@gmail.com

କିଛିଦୂର ଅଗ୍ରସର ହେବା ପରେ ସୁବର୍ଣ୍ଣ କମଳ ପରିଶୋଭିତ ଏକ ରମଣୀୟ ସରୋବର ତାଙ୍କର ଦୃଷ୍ଟିଗୋଚର ହେଲା । ବହୁ ସୂର୍ଯ୍ୟ ଉଦ୍ଭାସିତ ଆକାଶ ପୃଥିବୀରେ ଅବତରଣ କରିବା ପରି ସରୋବରଟି ଦର୍ଶକ ମନରେ ଭ୍ରାନ୍ତି ସୃଷ୍ଟି କରୁଥାଏ । ଏଠାରେ ସ୍ନାନକରି ନରବାହନଦତ୍ତ ଜଳପାନ ପୂର୍ବକ ବିଶ୍ରାମ ନେବାକୁ ଲାଗିଲେ । ଏହି ସମୟରେ ଚାରୋଟି ପୁରୁଷ ତାଙ୍କର ଦୃଷ୍ଟି ଆକର୍ଷଣ କଲେ । ଦିବ୍ୟରୂପଶାଳୀ ଏବଂ ଦିବ୍ୟ ପରିଧେୟ ଓ ଅଳଙ୍କାର ସୁଶୋଭିତ ଏହି ଚାରିଜଣ ପୁରୁଷ ସରୋବରରୁ ସ୍ୱର୍ଣ୍ଣକମଳ ଚୟନ କରୁଥାଆନ୍ତି । କୌତୂହଳବଶତଃ ନରବାହନଦତ୍ତ ଯାଇ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ସେମାନଙ୍କର ଜିଜ୍ଞାସାକ୍ରମେ ସେ ନିଜର ନାମ, ବଂଶ ଇତ୍ୟାଦିର ବିସ୍ତୃତ ପରିଚୟ ଦେଲେ ।

ଚାରି ଦିବ୍ୟ ପୁରୁଷ କଥା

ସାନ୍ନିଧ ଲାଭରେ ପ୍ରସନ୍ନମନା ନରବାହନଦତ୍ତଙ୍କ ଜିଜ୍ଞାସା କ୍ରମେ ସେମାନେ ନିଜର ପରିଚୟ ଦେବାକୁ ଯାଇ କହିଲେ, 'ମହାସମୁଦ୍ର ମଧ୍ୟରେ ବହୁଧନରତ୍ନ ପରିପୂର୍ଣ୍ଣ ଏକ ବିଶାଳ ଦ୍ୱୀପ ଅଛି । ଏହା ନାରିକେଳ ଦ୍ୱୀପ ନାମରେ ସୁପରିଚିତ । ଏଠାରେ ମୈନାକ, ବୃଷଭ, ଚକ୍ର ଓ ବଳାହକ ନାମକ ଚାରୋଟି ଦିବ୍ୟ ପର୍ବତ ଅଛି । ଏହି ଚାରୋଟି ପର୍ବତ ଉପରେ ଆମେ ଚାରିଜଣ ବାସକରୁ । ଆମ୍ଭମାନଙ୍କ ମଧ୍ୟରୁ ଜଣକର ନାମ ରୂପସିଦ୍ଧି, ସେ ବିବିଧ ପ୍ରକାର ରୂପଧାରଣ କରିପାରନ୍ତି; ଦ୍ୱିତୀୟର ନାମ ପ୍ରମାଣସିଦ୍ଧି, ସେ ଅତି ସୂକ୍ଷ୍ମ ପ୍ରମାଣମାନଙ୍କୁ ଦେଖିପାରନ୍ତି; ତୃତୀୟ ଜ୍ଞାନସିଦ୍ଧି, ସେ ଭୂତ, ବର୍ତ୍ତମାନ ଓ ଅତୀତର ସମସ୍ତ କଥା ଜାଣିବାପାଇଁ ସମର୍ଥ ଏବଂ ଚତୁର୍ଥ ମୁଁ ଦେବସିଦ୍ଧି, ମୁଁ ସମସ୍ତ ଦେବତାମାନଙ୍କର ସିଦ୍ଧି ପ୍ରାପ୍ତ ହୋଇପାରିଛି ।

ଆମ୍ଭେମାନେ ପ୍ରତ୍ୟହ ଏହି ସରୋବରରୁ ସ୍ୱର୍ଣ୍ଣକମଳ ଆହରଣ କରି ଶ୍ୱେତଦ୍ୱୀପସ୍ଥ ଭଗବାନ୍ କମଳାପତି ବିଷ୍ଣୁଙ୍କର ଉପାସନା କରୁ । ଆମ୍ଭେମାନେ ତାଙ୍କରି ଭକ୍ତ ଏବଂ ତାଙ୍କରି କୃପାରୁ ହିଁ ଆମେ ପୂର୍ବୋକ୍ତ ପର୍ବତମାନଙ୍କର ରାଜତ୍ୱ ପ୍ରାପ୍ତ ହୋଇପାରିଛୁ । କେବଳ ସେତିକି ନୁହ, ତାଙ୍କ ଦୟାରୁ ଏହି ସିଦ୍ଧି ଓ ସମ୍ପତ୍ତି ମଧ୍ୟ ଆମ୍ଭମାନଙ୍କର କରଗତ ହୋଇଅଛି । ତୁମେ ଯଦି ଚାହଁ, ତାହାହେଲେ ଚାଲ ଆମ୍ଭମାନଙ୍କ ସହ ତାଙ୍କର ଦର୍ଶନ କରିବ । ଯଦି ଆପତ୍ତି ନଥାଏ, ଆମ୍ଭେମାନେ ତୁମକୁ ଆକାଶମାର୍ଗରେ ନେଇଯିବୁ ।

ସେମାନଙ୍କ ପ୍ରସ୍ତାବରେ ସମ୍ମତ ହୋଇ ନରବାହନଦତ୍ତ ଖାଦ୍ୟ ଓ ପାନୀୟ ପରିପୂର୍ଣ୍ଣ ସେହି ସ୍ଥାନରେ ଗୋମୁଖ ପ୍ରଭୃତି ମିତ୍ର ଓ ଅନୁଚରବୃନ୍ଦଙ୍କୁ ପ୍ରତୀକ୍ଷା କରିବା

Digitized by srujanika@gmail.com

ସକାଶେ ନିର୍ଦ୍ଦେଶ ଦେଇ ଯିବା ନିମିତ୍ତ ପ୍ରସ୍ତୁତ ହେଲେ । ଏହାପରେ ଏ ଚାରିଜଣଙ୍କ ମଧ୍ୟରୁ ଦେବସିଦ୍ଧି ନିଜର ଉତ୍ସଙ୍ଗରେ ନରବାହନଦତ୍ତଙ୍କୁ ଧାରଣ କରି ଅନ୍ୟମାନଙ୍କ ସହ ଆକାଶ ମାର୍ଗରେ ଶ୍ୱେତଦ୍ୱୀପ ଅଭିମୁଖରେ ଅଗ୍ରସର ହେଲେ ।

ନରବାହନଦତ୍ତଙ୍କ ଶ୍ୱେତଦ୍ୱୀପ ଯାତ୍ରା

ଉକ୍ତ ଚାରିଜଣ ଦିବ୍ୟପୁରୁଷଙ୍କ ସହାୟତାରେ ନରବାହନଦତ୍ତ ଶ୍ୱେତଦ୍ୱୀପରେ ଉପସ୍ଥିତ ହୋଇ ଶେଷଶାୟୀ ଭଗବାନ୍ ବିଷ୍ଣୁଙ୍କୁ ଦର୍ଶନ କଲେ । ନିକଟରେ କମଳା, ଚରଣ ପ୍ରାନ୍ତରେ ଭୂଦେବୀ ଶୋଭା ପାଉଥାଆନ୍ତି । ଶରୀରଧାରୀ ଭଗବାନ୍ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗନ୍ଧର୍ବ ଓ ନାରଦ ପ୍ରଭୃତି ମହର୍ଷିଙ୍କଦ୍ୱାରା ପରିସେବିତ ହେଉଥାଆନ୍ତି । ସମ୍ମୁଖରେ ପକ୍ଷୀରାଜ ଗରୁଡ଼ । ନରବାହନଦତ୍ତ ଭଗବାନ୍‌ଙ୍କର ସାକ୍ଷାତ୍ ଦର୍ଶନ ଲାଭ କରି ଭାବିଲେ ଯେ ସତ୍‌ସଙ୍ଗ କାହାକୁ ବା ସୁଫଳ ପ୍ରଦାନ କରିନଥାଏ ।

କସ୍ୟ ନାଭ୍ୟୁଦୟେ ହେତୁର୍ଭବେତ୍‌ସାଧୁସମାଗମଃ ।

ମହର୍ଷି କଶ୍ୟପ, ନାରଦ, ଦିବ୍ୟପୁରୁଷ ପ୍ରଭୃତିଙ୍କଦ୍ୱାରା ଯଥାରୀତି ଆରାଧିତ ଭଗବାନ୍ ବିଷ୍ଣୁଙ୍କୁ ଯୁବରାଜ ମଧ୍ୟ ବିଧିପୂର୍ବକ ଉପାସନା କରି ବଦ୍ଧାଂଜଳିପୁଟରେ ସ୍ତୁତିପାଠ କଲେ ।

ନମୋଽସ୍ତୁ ତୁଭ୍ୟଂ ଭଗବନ୍ ଭକ୍ତକଳ୍ପମହୀରୁହ
ଲକ୍ଷ୍ମୀକଳ୍ପଲତାଶ୍ଳିଷ୍ଟବପୁଷେଽଭୀଷ୍ଟଦାୟିନେ ।
ନମସ୍ତେ ଦିବ୍ୟ ହଂସାୟ ସନ୍ମାନସନିବାସିନେ
ସତତୋଦିତନାଦାୟ ପରାକାଶବିହାରିଣେ ।
ତୁଭ୍ୟଂ ନମୋଽତିସର୍ବାୟ ସର୍ବାଭ୍ୟନ୍ତରବର୍ତ୍ତିନେ
ଗୁଣାତିକ୍ରାନ୍ତରୂପାୟ ପୂର୍ଣ୍ଣଷାଡ଼୍‌ଗୁଣ୍ୟମୂର୍ତ୍ତୟେ ।
ବ୍ରହ୍ମା ତେ ନାଭିକମଳେ ସ୍ୱାଧ୍ୟାୟୋଦ୍ୟନ୍‌ମୃଦୁଧ୍ୱନିଃ
ତଦ୍‌ଭୂତାନେକଚରଣୋଽପ୍ୟେଷ ଷଟ୍‌ଚରଣାୟତେ ।
ଭୂମିପାଦୋ ଦ୍ୟୁର୍ମୂର୍ଦ୍ଧା ତ୍ୱଂ ଦିକ୍‌ଶ୍ରୋତ୍ରୋଽର୍କେନ୍ଦୁ ଲୋଚନଃ
ବ୍ରହ୍ମାଣ୍ଡଜଠରଃ କୋଽପି ପୁରୁଷୋ ଗୀୟସେ ବୁଧୈଃ ।
ତ୍ୱତ୍ତୋ ଧାମନିଧେଷ୍ଟାସୌ ଭୂତଗ୍ରାମୋ ବିଜୃମ୍ଭତେ

Digitized by srujanika@gmail.com

ନାଥ ସ୍ଫୁଲିଙ୍ଗସଂଘାତ ଇବ ପ୍ରଜ୍ୱଳତୋଽନଳାତ୍ ।
ପୁନଶ୍ଚ ପ୍ରବିଶତ୍ୟେଷ ତ୍ୱାମେବ ପ୍ରଳୟାଗମେ
ଦିନାନ୍ତେ ବିଗ୍ରହବ୍ରାତ ଇବ ବାସମହାଦ୍ରୁମମ୍ ।
ସୃଜସ୍ୟୁଲ୍ଲସିତଃ ସ୍ୱାଂଶାସ୍ତମେତାନ୍ ଭୁବନେଶ୍ୱରାନ୍
ଅନନ୍ତବେଳାକ୍ଷୁଭିତସ୍ତରଙ୍ଗାନିବ ବାରିଧିଃ ।
ବିଶ୍ୱରୂପୋଽପ୍ୟରୂପସ୍ତ୍ୱଂ ବିଶ୍ୱକର୍ମାପି ଚାକ୍ରିୟଃ
ବିଶ୍ୱାଧାରୋଽପ୍ୟନାଧାରଃ କଃ ସ ତତ୍ତ୍ୱମବୈତି ତେ ।
ତାଂ ତାମୃଦ୍ଧିଂ ସୁରାଃ ପ୍ରାପ୍ତାସ୍ତ୍ୱତ୍ପ୍ରସନ୍ନେକ୍ଷଣେକ୍ଷିତାଃ
ତତ୍ ପ୍ରସୀଦ ପ୍ରପନ୍ନଂ ମାଂ ପଶ୍ୟ ପଶ୍ୟାର୍ଦ୍ରୟା ଦୃଶା ।

ଅର୍ଥାତ୍ ହେ ଭକ୍ତ କଳ୍ପବୃକ୍ଷ, ହେ ଲକ୍ଷ୍ମୀରୂପିଣୀ ଲତାପରିଶୀଳିତ ଶରୀର, ହେ ଅଭୀଷ୍ଟ ପ୍ରଦାତା, ମୁଁ ତୁମକୁ ପ୍ରଣାମ କରୁଅଛି । ହେ ସାଧୁହୃଦୟ, ମାନସ ସରୋବର ବିହାରୀ, ସର୍ବଦା କଳକୂଜନ ପ୍ରବଣ ଅନନ୍ତ ଆକାଶ ବିହାରୀ ଦିବ୍ୟ ହଂସ ସ୍ୱରୂପ, ତୁମକୁ ମୋର ପ୍ରଣାମ । ହେ ସର୍ବାତିରିକ୍ତ ତଥା ସର୍ବାନ୍ତଃକରଣବାସି, ହେ ନିର୍ଗୁଣାତ୍ମକ ତଥାପି ଷଟ୍‌ଗୁଣ ସମନ୍ୱିତ ମୂର୍ତ୍ତି, ତୁମକୁ ମୁଁ ନମସ୍କାର କରୁଅଛି । ବେଦାଧ୍ୟୟନ ସ୍ୱରୂପ ମଧୁର ଗୁଞ୍ଜନ କରୁଥିବା ଏବଂ ବହୁଚରଣ ଯୁକ୍ତ ବ୍ରହ୍ମା ତୁମଠାରୁ ଜାତହୋଇ ଭ୍ରମର ସ୍ୱରୂପ ତୁମର ଚତୁର୍ଦ୍ଦିଗରେ ଘୂରି ବୁଲୁଛନ୍ତି । ଆକାଶ ତୁମର ମସ୍ତକ, ଦିଗଗୁଡ଼ିକ ତୁମର କର୍ଣ୍ଣ, ସୂର୍ଯ୍ୟ ଓ ଚନ୍ଦ୍ରମା ତୁମର ନୟନଯୁଗଳ ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତୁମର ଉଦର; ତେଣୁ ତୁମେ ପରମପୁରୁଷ ରୂପେ ସର୍ବଜନବିଦିତ । ଅଗ୍ନିରୁ ଅଗ୍ନିକଣା ଜାତ ହେଲା ପରି ଏହି ସମସ୍ତ ପ୍ରାଣୀ ତଥା ତେଜୋପୁଞ୍ଜ ତୁମଠାରୁ ଉତ୍ପନ୍ନ ହୋଇଅଛନ୍ତି । ସନ୍ଧ୍ୟାଗମରେ ପକ୍ଷୀମାନେ ବୃକ୍ଷରେ ଆସି ଆଶ୍ରୟ ନେବା ପରି ଏହି ସମଗ୍ର ପ୍ରାଣୀଜଗତ ପ୍ରଳୟ କାଳରେ ତୁମ ଉଦରରେ ଯାଇ ଆଶ୍ରୟ ଗ୍ରହଣ କରିଥାଆନ୍ତି । ଅନନ୍ତ ବେଳାଭୂମିଦ୍ୱାରା ବିକ୍ଷୁବ୍‌ଧ ହୋଇ ସମୁଦ୍ର ଯେପରି ଲହରୀ ସୃଷ୍ଟି କରେ ତୁମେ ମଧ୍ୟ ସେହିପରି ତୁମର ଶରୀରରୁ ଇନ୍ଦ୍ରାଦି ଲୋକପାଳମାନଙ୍କୁ ସୃଷ୍ଟି କରିଅଛ । ତୁମେ ବିଶ୍ୱରୂପ କିନ୍ତୁ ତୁମେ ରୂପହୀନ; ବିଶ୍ୱକର୍ମା ହୋଇ ମଧ୍ୟ କର୍ମରହିତ; ବିଶ୍ୱାଧାର ହୋଇ ମଧ୍ୟ ନିରାଧାର । ତେଣୁ ତୁମର ବାସ୍ତବିକ ରୂପ ଅବଧାରଣ କରିବାପାଇଁ କେହି ସମର୍ଥ ନୁହନ୍ତି । ତୁମର କୃପାଦୃଷ୍ଟିପାତ ହେବାରୁ ଦେବତାମାନେ ଏପ୍ରକାର ଐଶ୍ୱର୍ଯ୍ୟ ଉପଭୋଗ କରୁଅଛନ୍ତି । ମୁଁ ତୁମର ଶରଣାଗତ, ଏଣୁ ମୋ ଉପରେ କିଞ୍ଚିତ୍ କୃପାଦୃଷ୍ଟିପାତ କର ।

Digitized by srujanika@gmail.com

ଏହିପରି ସ୍ତୁତିପାଠ କରୁଥିବା ନରବାହନଦତ୍ତଙ୍କ ପ୍ରତି ସନ୍ତୁଷ୍ଟ ହୋଇ ଭଗବାନ୍ କମଳାପତି ନାରଦଙ୍କୁ କହିଲେ, 'ଯାଅ, କ୍ଷୀରସାଗରରୁ ଜାତ ଅପ୍‌ସରାମାନଙ୍କୁ ମୁଁ ଇନ୍ଦ୍ରଙ୍କ ନିକଟରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲି, ସେମାନେ ତାଙ୍କ ନିକଟରେ ଅବସ୍ଥାନ କରୁଛନ୍ତି । ସେମାନଙ୍କୁ ରଥରେ ବସାଇ ଏଠାକୁ ଶୀଘ୍ର ନେଇଆସ ।' ବିଷ୍ଣୁଙ୍କ ଆଦେଶ ଶୁଣିବା ମାତ୍ରେ ମହର୍ଷି ନାରଦ ମାତଳି ସହ ରଥରେ ଯାଇ ତୁରନ୍ତ ଅପ୍‌ସରାମାନଙ୍କୁ ନେଇ ଆସିଲେ । ସେମାନେ ଆସି ପହଞ୍ଚିବା ମାତ୍ରେ ଭଗବାନ ବତ୍ସରାଜପୁତ୍ର ନରବାହନଦତ୍ତଙ୍କୁ କହିଲେ, 'ନରବାହନଦତ୍ତ, ତୁମେ ଭବିଷ୍ୟତରେ ବିଦ୍ୟାଧର ରାଜାମାନଙ୍କର ଚକ୍ରବର୍ତ୍ତୀ ହେବ । ଏଣୁ ମୁଁ ତୁମ ହସ୍ତରେ ଏହି ଅପ୍‌ସରାମାନଙ୍କୁ ସମର୍ପଣ କରୁଅଛି । ତୁମେ ଏମାନଙ୍କର ଯୋଗ୍ୟତମ ସ୍ୱାମୀ ଏବଂ ଏମାନେ ମଧ୍ୟ ତୁମର ଯୋଗ୍ୟପତ୍ନୀ । ମହେଶ୍ୱର ମୋତେ ପୂର୍ବରୁ କହିଛନ୍ତି ଯେ ତୁମେ କାମଦେବଙ୍କ ଅଂଶରେ ଜନ୍ମ ଗ୍ରହଣ କରିଅଛ ।'

ଭଗବାନଙ୍କ ଏ ପ୍ରକାର ଅହେତୁକୀ କରୁଣା ଲାଭ କରି ପ୍ରହୃଷ୍ଟମନା ନରବାହନଦତ୍ତ ତାଙ୍କର ଚରଣ ତଳେ ଭୂମିଷ୍ଠ ପ୍ରଣିପାତ କରନ୍ତେ ଭଗବାନ ମାତଳିଙ୍କୁ ଆଦେଶ ଦେଲେ ଯେ ନରବାହନଦତ୍ତ ଯେଉଁ ପଥରେ ଯିବାପାଇଁ ଇଚ୍ଛା କରିବେ, ସେହି ପଥରେ ତାଙ୍କୁ ଅପ୍‌ସରାମାନଙ୍କ ସହ ନେଇ ତାଙ୍କ ବାସଭବନରେ ପହଞ୍ଚାଇ ଦେବ । ଭଗବାନଙ୍କଠାରୁ ଏହି ଆଦେଶ ପାଇ ଯୁବରାଜ ଅପ୍‌ସରାମାନଙ୍କ ସହ ଯାଇ ରଥ ଉପରେ ଆରୋହଣ କଲେ ।

ନରବାହନଦତ୍ତଙ୍କ ନାରିକେଳ ଦ୍ୱୀପ ଯାତ୍ରା

ନରବାହନଦତ୍ତଙ୍କର ଏ ପ୍ରକାର ଐଶ୍ୱର୍ଯ୍ୟଲାଭ ଦେଖି ଦେବତାମାନେ ତାଙ୍କ ପ୍ରତି ଈର୍ଷାନ୍ୱିତ ହେବା ସ୍ୱାଭାବିକ । କିନ୍ତୁ ସେମାନଙ୍କ ମନୋଭାବ ଜାଣିବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେ । ନରବାହନଦତ୍ତ ଉପରୋକ୍ତ ଦିବ୍ୟପୁରୁଷମାନଙ୍କଦ୍ୱାରା ନିମନ୍ତ୍ରିତ ହୋଇ ନାରିକେଳ ଦ୍ୱୀପ ଅଭିମୁଖରେ ଯାତ୍ରା କଲେ । ସେଠାରେ ରୂପସିଦ୍ଧି ପ୍ରଭୃତି ଦେବପୁତ୍ରମାନଙ୍କଦ୍ୱାରା ଯଥୋଚିତ ସତ୍କୃତ ହୋଇ ସେ ନଭଶ୍ଚୁମ୍ବୀ ମୈନାକ ପ୍ରଭୃତି ପର୍ବତମାନଙ୍କରେ ଭ୍ରମଣ କରି ଅପ୍‌ସରାମାନଙ୍କ ସହ କ୍ରୀଡ଼ା କରିବାକୁ ଲାଗିଲେ ।

ଏ ସମୟରେ ବସନ୍ତଋତୁ ଆସି ପ୍ରବେଶ କଲା । ପର୍ବତସ୍ଥିତ ଉପବନଗୁଡ଼ିକ ବିଭିନ୍ନ ବିକଶିତ ପୁଷ୍ପର ସୌରଭରେ ସୁରଭିତ ହୋଇଉଠିଲା । ଏହି ଋତୁରେ ନରବାହନଦତ୍ତ

Digitized by srujanika@gmail.com

ସୁଶୋଭିତ ପାର୍ବତ୍ୟ ଉପବନ ସମୂହରେ ଭ୍ରମଣ କରି ସମୟ ଅତିବାହନ କରୁଥାଆନ୍ତି । ଦେବପୁତ୍ରମାନେ ଗୋଟି ଗୋଟି କରି ଉପବନଗୁଡ଼ିକୁ ଦେଖାଉଥାଆନ୍ତି । 'ଦେଖ, ଏହି ବୃକ୍ଷର ପୁଷ୍ପମଞ୍ଜରୀଗୁଡ଼ିକ ପୁଷ୍ପରୂପୀ ବିଶାଳ ନେତ୍ରଗୁଡ଼ିକୁ ବିସ୍ତାରଣ କରି ଆଗତ ବସନ୍ତ ରୂପ ପତିକୁ ସ୍ୱାଗତ କରୁଅଛନ୍ତି । ଆମ୍ଭମାନଙ୍କର ଜନ୍ମ କ୍ଷେତ୍ର ଏହି ସରୋବର ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପହଞ୍ଚି ପାରୁନଥିବାରୁ କୁମୁଦଗୁଡ଼ିକ କ୍ରୀଡ଼ା କୌତୁକରେ ନିମଜ୍ଜିତ ରହି ସମଗ୍ର ପୁଷ୍କରିଣୀକୁ ଆଚ୍ଛାଦନ କରି ଦେଇ ଅଛନ୍ତି । ପ୍ରସ୍ଫୁଟିତ କର୍ଣ୍ଣିକାର ପୁଷ୍ପଗୁଡ଼ିକ ଗନ୍ଧହୀନ ହୋଇଥିବାଯୋଗୁଁ ଭ୍ରମରମାନେ ସେଗୁଡ଼ିକୁ ପରିତ୍ୟାଗ କରି ପଳାୟନ କରୁଅଛନ୍ତି । ପ୍ରଭୁମାନେ ନୀଚକର୍ମରେ ଲିପ୍ତ ରହିଲେ ସଜ୍ଜନ ବ୍ୟକ୍ତି ସେମାନଙ୍କୁ ପରିତ୍ୟାଗ କରିଥାନ୍ତି ।

ବିମୁଞ୍ଚନ୍ତ୍ୟଲୟୋ ନୀଚଂ ଶ୍ରୀମନ୍ତମିବ ସାଧବଃ ।

ଏଣେ ଶୁଣ କିନ୍ନରୀମାନଙ୍କ ଗାନ, କୋକିଳର କୂଜନ ଏବଂ ଭ୍ରମରର ଗୁଞ୍ଜନଦ୍ୱାରା ଉପବନ ସ୍ୱାଗତ ଗୀତିକା ଗାନ କରି ବସନ୍ତକୁ ଅଭ୍ୟର୍ଥନା ଜଣାଉଅଛି ।'

ନରବାହନଦତ୍ତ ଏହିପରି ନଗରବାସିନୀମାନଙ୍କର ଆନନ୍ଦ ଉତ୍ସବରେ ଯୋଗଦାନ କରି ବସନ୍ତ ସମୟଟି ସେଠାରେ ବିତାଇଦେଲେ । ଅପ୍ସରାମାନଙ୍କ ସହ କ୍ରୀଡ଼ା କରି ସେ ଦେବଯୋଗ୍ୟ ଭୋଗବିଳାସରେ ସମୟ ଅତିବାହନ କରୁଥାଆନ୍ତି । ଭାଗ୍ୟବାନ୍ ବ୍ୟକ୍ତିମାନେ ଯେଉଁଆଡ଼େ ଯାଆନ୍ତି, ଦିବ୍ୟଭୋଗ ସବୁ ପୂର୍ବରୁ ଯାଇ ସେଠାରେ ତାଙ୍କୁ ଅପେକ୍ଷା କରି ରହିଥାଆନ୍ତି ।

ସୁକୃତୋ ଯତ୍ର ଗଚ୍ଛନ୍ତି ତତ୍ରୈଷାମୃଦ୍ଧୟୋଽଗ୍ରତଃ ।

ଏହିପରି କିଛିଦିନ ଅତିବାହିତ ହେଲା । ସେ ସେହି ଦିବ୍ୟପୁରୁଷମାନଙ୍କୁ ଦିନେ କହିଲେ, 'ପିତାଙ୍କୁ ଦର୍ଶନ କରିବାପାଇଁ ମୋର ଉତ୍କଣ୍ଠା ଜାଗ୍ରତ ହେଲାଣି । ତେଣୁ ବର୍ତ୍ତମାନ ମୁଁ ଆମ ରାଜଧାନୀକୁ ଫେରିଯିବି । ଆପଣମାନେ ଆମ ନଗରକୁ ଆସି ମୋତେ କୃତାର୍ଥ କରନ୍ତୁ ।' ଏହା ଶୁଣି ସେମାନେ କହିଲେ, 'ଆମ୍ଭମାନଙ୍କ ରାଜ୍ୟର ସମସ୍ତ ଉତ୍କୃଷ୍ଟ ବସ୍ତୁ ଆପଣ ଦେଖିପାରିଛନ୍ତି । ଯେତେବେଳେ ସମସ୍ତ ବିଦ୍ୟା ସିଦ୍ଧ କରିବେ, ସେତେବେଳେ ଆମ୍ଭମାନଙ୍କୁ ବିସ୍ମୃତ ହେବେ ନାହିଁ ।'

ଏହିପରି କହୁଥିବା ଦିବ୍ୟପୁରୁଷମାନଙ୍କଠାରୁ ବିଦାୟ ଗ୍ରହଣ ପୂର୍ବକ ନରବାହନଦତ୍ତ ରଥ ଉପରେ ଆରୋହଣ କରି ମାତଳିଙ୍କୁ କହିଲେ, 'ଯେଉଁ ଦିବ୍ୟ

Digitized by srujanika@gmail.com

ସରୋବର ନିକଟରେ ମୋର ମିତ୍ର ଗୋମୁଖ ପ୍ରଭୃତି ମୋତେ ପ୍ରତୀକ୍ଷା କରି ରହିଛନ୍ତି ତୁମେ ସେହି ପଥରେ ମୋତେ ନେଇ କୌଶାମ୍ବୀରେ ପହଞ୍ଚାଇ ଦିଅ ।' ମାତଳି ଏଥିରେ ସମ୍ମତ ହୋଇ ରାଜକୁମାରଙ୍କୁ ଅପ୍‌ସରାମାନଙ୍କ ସହ ଉକ୍ତ ସରୋବର ନିକଟରେ ନେଇ ପହଞ୍ଚାଇ ଦେଲେ । ସେଠାରେ ଗୋମୁଖ, ପ୍ରଳମ୍ବବାହୁ ପ୍ରଭୃତି ତାଙ୍କୁ ଦର୍ଶନ କରି ଅଭିବାଦନ କରନ୍ତେ ସେ ସେମାନଙ୍କୁ, 'ତୁମ୍ଭେମାନେ ଆସିଥିବା ମାର୍ଗରେ କୌଶାମ୍ବୀ ଫେରିଆସ । ସେଠାରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିବି' କହି କୌଶାମ୍ବୀରେ ଯାଇ ଉପସ୍ଥିତ ହେଲେ । ବିମାନରୁ ଅବତରଣ କରି ଏବଂ ମାତଳିଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ପୂର୍ବକ ବିଦାୟ ଦେଇ ନରବାହନଦତ୍ତ ଅପ୍‌ସରାମାନଙ୍କ ସହ ନିଜ ବାସଭବନରେ ପ୍ରବେଶ କଲେ ।

ସ୍ୱୀୟ ବାସଭବନରେ ଅପ୍‌ସରାମାନଙ୍କ ରହିବାର ବ୍ୟବସ୍ଥା କରାଇଦେଇ ନରବାହନଦତ୍ତ ତାଙ୍କ ଆଗମନରେ ଆନନ୍ଦିତ ପିତା ବତ୍ସରାଜ ଉଦୟନଙ୍କ ନିକଟକୁ ଗମନ କଲେ । ପିତା ଉଦୟନ ଏବଂ ମାତା ବାସବଦତ୍ତା ଓ ପଦ୍ମାବତୀଙ୍କ ଚରଣରେ ପ୍ରଣିପାତ କରନ୍ତେ ସେମାନେ ପୁତ୍ରକୁ ଅତୃପ୍ତ ନୟନରେ ନିରୀକ୍ଷଣ କରି ଆଶୀର୍ବାଦ ପ୍ରଦାନ କଲେ । ଏ ସମୟରେ ଗୋମୁଖ ପ୍ରଭୃତି ମିତ୍ର ଏବଂ ବ୍ରାହ୍ମଣ ସେବକ ପ୍ରଳମ୍ବବାହୁ ପ୍ରଭୃତି ଅନୁଚରବୃନ୍ଦ ଆସି ସେଠାରେ ଉପସ୍ଥିତ ହେଲେ । ସମସ୍ତେ ଆସି ଏକତ୍ର ହୁଅନ୍ତେ ଉଦୟନଙ୍କ ଅନୁରୋଧ କ୍ରମେ ରାଜକୁମାର ନିଜର ବିସ୍ମୟକର ଯାତ୍ରାବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କଲେ । ଉପସ୍ଥିତ ସମସ୍ତେ, ଈଶ୍ୱର ଯାହାପ୍ରତି ପ୍ରୀତ ହୁଅନ୍ତି, ତାଙ୍କୁ ଏ ପ୍ରକାର ଉତ୍କୃଷ୍ଟ ଓ କଲ୍ୟାଣକାରୀ ମିତ୍ର ମିଳିଥାଆନ୍ତି ବୋଲି ବିସ୍ମୟଚକିତ ଭାବରେ କହିବାକୁ ଲାଗିଲେ । ସମସ୍ତଙ୍କ ମୁଖରୁ ଉଚ୍ଛ୍ୱସିତ ପ୍ରଶଂସା ଶ୍ରବଣ କରି ବତ୍ସରାଜ ପୁତ୍ରପ୍ରତି ଭଗବାନଙ୍କ ଅଶେଷ କୃପା ପ୍ରକାଶ ପାଇଥିବାରୁ ସମଗ୍ର ରାଜ୍ୟରେ ଉତ୍ସବ ପାଳନ କଲେ । ଏହି ଅବସରରେ ଗୋମୁଖ ଭଗବତ୍‌ପ୍ରଦତ୍ତ ଅପ୍‌ସରାମାନଙ୍କୁ ଆଣି ସେଠାରେ ଉପସ୍ଥିତ କରାଇଲେ । ସେମାନେ ଉଦୟନ, ବାସବଦତ୍ତା ଓ ପଦ୍ମାବତୀଙ୍କୁ ପ୍ରଣାମ ପୂର୍ବକ ଦାସୀମାନଙ୍କର ଜିଜ୍ଞାସା କ୍ରମେ ନିଜ ନିଜର ନାମ ଦେବରୂପା, ଦେବରତି, ଦେବମାଳା ଓ ଦେବପ୍ରିୟା ବୋଲି ପ୍ରକାଶ କଲେ ।

ଏ ସମୟରେ ଆନନ୍ଦ ଉତ୍ସବମୟ କୌଶାମ୍ବୀ ନଗରୀର ଚଳଚଞ୍ଚଳ ରକ୍ତବର୍ଣ୍ଣ ପତାକା ସମୂହକୁ ଦେଖିଲେ ମନେ ହେଉଥିଲା ଯେ ନଗରୀ, ନରବାହନଦତ୍ତଙ୍କଦ୍ୱାରା ସ୍ୱର୍ଗରାଜ୍ୟରେ ପରିଣତ ହେଲା ବୋଲି ମନେକରି, ସିନ୍ଦୂରରାଶି ନିକ୍ଷେପ ପୂର୍ବକ ଚର୍ଚ୍ଚରୀ କ୍ରୀଡ଼ା କରୁଅଛି ।

Digitized by srujanika@gmail.com

ମାତାପିତାଙ୍କଠାରୁ ବିଦାୟ ନେଇ ନରବାହନଦତ୍ତ ନିଜର ଅନ୍ୟାନ୍ୟ ପ୍ରଣୟିନୀମାନଙ୍କୁ ସାକ୍ଷାତ କରିବା ନିମିତ୍ତ ପ୍ରସ୍ଥାନ କଲେ । ସେମାନେ ଏହି ଚାରିଦିନର ବିରହକୁ ଚାରିବର୍ଷ ବୋଲି ମନେକରି ଅତ୍ୟନ୍ତ କ୍ଷୀଣ ହୋଇପଡ଼ିଥାଆନ୍ତି । ନିଜ ନିଜର ବିରହବେଦନା ବର୍ଣ୍ଣନା କରି ସେମାନେ ଯୁବରାଜଙ୍କୁ ଅଭିନନ୍ଦନ କଲେ । ଗୋମୁଖ ମଧ୍ୟ ବନବାସ ସମୟରେ ରଥ ଓ ଅଶ୍ୱମାନଙ୍କୁ ରକ୍ଷା କରୁଥିବା ସଙ୍ଗେ ସଙ୍ଗେ ସ୍ୱହସ୍ତରେ ସିଂହଶାର୍ଦ୍ଦୂଳ ପ୍ରଭୃତି ହିଂସ୍ର ବନ୍ୟଜନ୍ତୁମାନଙ୍କୁ ପ୍ରଳମ୍ବବାହୁ କିପରି ଶିକାର କରୁଥିଲେ ତା'ର ବୃତ୍ତାନ୍ତ ବର୍ଣ୍ଣନା କରି ସମସ୍ତଙ୍କୁ ବିସ୍ମିତ କଲେ ।

ଏହିପରି ବିଭିନ୍ନ ବିନୋଦାତ୍ମକ କଥା ଶ୍ରବଣ, ପତ୍ନୀମାନଙ୍କର ନୟନାମୃତପାନ ଏବଂ ମନ୍ତ୍ରୀମାନଙ୍କ ସହ ଆସବ ସେବନ କରି ନରବାହନଦତ୍ତ କୌଶାମ୍ବୀ ନଗରୀରେ ସମୟ ବିତାଉଥାଆନ୍ତି ।

ଏକଦା ସେ ନିଜର ସଚିବମାନଙ୍କ ସହ ଅଳଙ୍କାରବତୀଙ୍କ ପ୍ରକୋଷ୍ଠରେ ଉପବେଶନ କରିଥିବା ସମୟରେ ହଠାତ୍ ବାହାରେ ତୂର୍ଯ୍ୟନାଦ ହେଉଥିବା ତାଙ୍କର କର୍ଣ୍ଣଗୋଚର ହେଲା । ସେ ନିଜର ସେନାପତି ହରିଶିଖଙ୍କୁ ଏହି ଶବ୍ଦ କେଉଁଠାରୁ ଏବଂ କାହିଁକି ଆସୁଛି ଦେଖି ଆସିବା ନିମିତ୍ତ ଅନୁରୋଧ କଲେ । ହରିଶିଖ ସଙ୍ଗେ ସଙ୍ଗେ ପ୍ରାସାଦ ବାହାରକୁ ଯାଇ ସମସ୍ତ ବୃତ୍ତାନ୍ତ ବୁଝି ଆସି ନିବେଦନ କଲେ—

ସମୁଦ୍ର ବୈଶ୍ୟ କଥା

ଏହି ନଗରରେ ସମୁଦ୍ର ନାମକ ଜଣେ ବଣିକ ଅଛନ୍ତି । ସେ ବାଣିଜ୍ୟ କରିବା ନିମନ୍ତେ ସୁବର୍ଣ୍ଣଦ୍ୱୀପ ଯାତ୍ରା କରିଥିଲେ । ସେଠାରୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଜାହାଜଟି ସମୁଦ୍ର ଗର୍ଭରେ ନିମଜ୍ଜିତ ହେବାରୁ ତାଙ୍କ ନିଜର ଏବଂ ଉପାର୍ଜିତ ସମସ୍ତ ଧନସମ୍ପତ୍ତି ନଷ୍ଟ ହୋଇଗଲା । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରୁ ଜୀବନଲାଭ କରି ସେ ସମୁଦ୍ର ପାର ହୋଇ ନିଜ ଗୃହରେ ଆସି ପହଞ୍ଚିଗଲେ । ଆଜି ସେ ପହଞ୍ଚିବାର ଷଷ୍ଠଦିନ । ପାଞ୍ଚଟି ଦିନ ଅତ୍ୟନ୍ତ ଦୁଃଖରେ ବିତାଇବା ପରେ ନିଜର ଗୃହ ସମ୍ମୁଖସ୍ଥ ଉପବନରୁ ସେ ଏକ ମୂଲ୍ୟବାନ୍ ଗୁପ୍ତ ଧନଭଣ୍ଡାର ଲାଭ କଲେ । ତାଙ୍କର ସାବତ ଭ୍ରାତାମାନଙ୍କଦ୍ୱାରା ଏ ବିଷୟ ରାଜା ଉଦୟନଙ୍କ କର୍ଣ୍ଣଗୋଚର ହେଲା । ଏଣୁ ଆଜି ସେହି ବଣିକ ସ୍ୱୟଂ ରାଜା ଉଦୟନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ନିବେଦନ କଲେ ଯେ ସେ ବହୁ ସ୍ୱର୍ଣ୍ଣଦଣ୍ଡ ସହ ଚାରି କୋଟି ସ୍ୱର୍ଣ୍ଣମୁଦ୍ରା କୌଣସି ଗୁପ୍ତ ଧନଭଣ୍ଡାରରୁ ଲାଭ କରିଅଛନ୍ତି ।

Digitized by srujanika@gmail.com

ମହାରାଜଙ୍କ ଆଦେଶ ହେଲେ ସେ ସେଗୁଡ଼ିକ ଆଣି ଅର୍ପଣ କରିବେ । ଏହାଶୁଣି ଦୟାଶୀଳ ଉଦୟନ ତାକୁ କହିଲେ, 'ସମୁଦ୍ର ମଧ୍ୟରେ ସମସ୍ତ ଧନସମ୍ପତ୍ତି ହରାଇ ତୁମେ ଅତ୍ୟନ୍ତ ଦୁଃଖ ଲାଭ କରୁଥିଲ । ଏଥିରେ ବିଧାତା ଦୟାପରବଶ ହୋଇ ତୁମକୁ ଏହା ପ୍ରଦାନ କରିଅଛନ୍ତି । ତେଣୁ କୌଣସି ବିବେକୀ ଲୋକ ତାକୁ ନେବାପାଇଁ ଇଚ୍ଛା କରିବ ନାହିଁ । ତୁମେ ଏହି ପ୍ରାପ୍ତ ଧନକୁ ସୁଖପୂର୍ବକ ଉପଭୋଗ କର ।' ଏହାଶୁଣି ସେହି ବୈଶ୍ୟ ଆନନ୍ଦରେ ବତ୍ସରାଜଙ୍କ ଚରଣ ତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ବର୍ତ୍ତମାନ ଅତ୍ୟନ୍ତ ଆନନ୍ଦର ସହିତ ତୂର୍ଯ୍ୟନାଦ କରି ସେ ନିଜର ପରିବାର ଓ ଅନୁଚର ବୃନ୍ଦଙ୍କ ସହ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଅଛନ୍ତି ।'

ହରିଶିଖଙ୍କଠାରୁ ଏହା ଶ୍ରବଣ କରି ଏବଂ ପିତାଙ୍କ ଦୟାଶୀଳତାରେ ମୁଗ୍ଧ ହୋଇ ନରବାହନଦତ୍ତ ନିଜର ମନ୍ତ୍ରୀମାନଙ୍କୁ କହିଲେ, 'ବିଧାତା ମନୁଷ୍ୟମାନଙ୍କର ସୁଖ ସମ୍ପଦ ଅପହରଣ କରି ନେଇ, ସଙ୍ଗେ ସଙ୍ଗେ ସେଗୁଡ଼ିକ କାହିଁକି ଫେରାଇ ଦିଏ ତାର ରହସ୍ୟ ଜାଣିବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେ । ବୋଧହୁଏ ମନୁଷ୍ୟମାନଙ୍କ ଉତ୍ଥାନ-ପତନକୁ ନେଇ ବିଧାତା ଏହିପରି ବିନୋଦକ୍ରୀଡ଼ା କରିଥାଆନ୍ତି !'

ଏହାଶୁଣି ଗୋମୁଖ ସଙ୍ଗେ ସଙ୍ଗେ କହିଲେ, 'ଭାଗ୍ୟର ଗତି ବଡ଼ ବିସ୍ମୟକର । ଏ ସମ୍ପର୍କରେ ସମୁଦ୍ରଶୂରଙ୍କ କଥା ଶ୍ରବଣ କରନ୍ତୁ–

ସମୁଦ୍ରଶୂର ବୈଶ୍ୟ କଥା

ପୂର୍ବକାଳରେ ରାଜା ହର୍ଷବର୍ମା ହର୍ଷପୁର ନାମକ ନଗରରେ ରାଜତ୍ୱ କରୁଥିଲେ । ରାଜାଙ୍କ ସୁଶାସନ ଫଳରେ ପ୍ରଜାବୃନ୍ଦ ଅତ୍ୟନ୍ତ ଆନନ୍ଦରେ କାଳଯାପନ କରୁଥାଆନ୍ତି । ଏହି ନଗରରେ ସମୁଦ୍ରଶୂର ନାମରେ ଜଣେ କୁଳୀନ, ଧାର୍ମିକ, ଧୈର୍ଯ୍ୟଶୀଳ ଏବଂ ଧନାଢ୍ୟ ବଣିକ ବାସ କରୁଥିଲେ ।

ଏକଦା ସମୁଦ୍ରଶୂର ବାଣିଜ୍ୟ ଉପଲକ୍ଷେ ରତ୍ନଦ୍ୱୀପକୁ ଯିବାପାଇଁ ପ୍ରସ୍ତୁତ ହେଲେ । ବିଭିନ୍ନ ଉପକରଣ ସହ ସେ ସାଗରତୀରକୁ ଯାଇ ଜାହାଜ ଆରୋହଣ କଲେ । ରତ୍ନଦ୍ୱୀପରେ ପହଞ୍ଚିବାପାଇଁ କିଛିଦୂର ଅଛି, ଏ ସମୟରେ ଆକାଶ ମେଘାଚ୍ଛନ୍ନ ହୋଇ ଭୟଙ୍କର ରୂପ ଧାରଣ କଲା ଏବଂ ପ୍ରବଳ ଝଡ଼ ଫଳରେ ସାଗରବକ୍ଷ ବିକ୍ଷୁବ୍ଧ ହୋଇଉଠିଲା । ଉତ୍ତାଳ ତରଙ୍ଗମାଳାଦ୍ୱାରା ବାରମ୍ବାର ଜଳଯାନଟି ଉତ୍କ୍ଷିପ୍ତ ହୋଇ ସାଗର ବକ୍ଷରେ ନିମଜ୍ଜିତ ହୋଇଯାଉଥିବା ଦେଖି ସମୁଦ୍ରଶୂର ସାହସର ସହିତ ଅତଳ

Digitized by srujanika@gmail.com

ଜଳରାଶି ମଧ୍ୟକୁ ଲମ୍ଫ ପ୍ରଦାନ କଲେ । କିଛି ସମୟ ପର୍ଯ୍ୟନ୍ତ ହସ୍ତ ସାହାଯ୍ୟରେ ସନ୍ତରଣ କରିବା ପରେ ହଠାତ୍ ଗୋଟିଏ ଶବ ତାଙ୍କର ଦୃଷ୍ଟିଗୋଚର ହେଲା । ସେ ତାହା ଉପରେ ବସି ଏବଂ ହସ୍ତକୁ ଆହୁଲା ରୂପେ ବ୍ୟବହାର କରି ବାୟୁର ଅନୁକୂଳ ଗତି ଯୋଗୁଁ ସୁବର୍ଣ୍ଣଦ୍ୱୀପର ତଟପ୍ରଦେଶରେ ଯାଇ ପହଞ୍ଚିଲେ । ଶବପୃଷ୍ଠରୁ ଅବତରଣ କରି ସେ ଯେତେବେଳେ ପୁଣି ତାକୁ ସମୁଦ୍ରଗର୍ଭରେ ଭସେଇ ଦେବାପାଇଁ ଉଦ୍ୟତ ହେଉଛନ୍ତି ଏ ସମୟରେ ତାର କଟି ଦେଶରେ ବନ୍ଧାଥିବା ଏକ ଗ୍ରନ୍ଥି ଉପରେ ତାଙ୍କର ଦୃଷ୍ଟିପାତ ହେଲା । କୌତୂହଳବଶତଃ ସେ ତାକୁ ଖୋଲି ଦେଖିଲେ ଯେ ତା' ମଧ୍ୟରେ ଏକ ବହୁମୂଲ୍ୟ କଣ୍ଠାଭରଣ ନିଜର ମନୋରମ ଜ୍ୟୋତିରାଶିରେ ଉଦ୍ଭାସିତ ହେଉଅଛି । ଏହାଦେଖି ସେ ଯଥେଷ୍ଟ ଆନନ୍ଦଲାଭ କଲେ ଏବଂ ଏହା ତୁଳନାରେ ତାଙ୍କର ନଷ୍ଟ ହୋଇଯାଇଥିବା ସମସ୍ତ ସମ୍ପତ୍ତି ଅତି ତୁଚ୍ଛ ବୋଲି ମନେକଲେ ।

ଏହାପରେ ସେ ଯଥାବିଧି ସ୍ନାନ ସମାପନପୂର୍ବକ ଉକ୍ତ ମାଳାଟିକୁ ହସ୍ତରେ ଧାରଣକରି କ୍ରମଶଃ କଳଶପୁର ନାମକ ନଗରରେ ଯାଇ ଉପସ୍ଥିତ ହେଲେ । ସମୁଦ୍ରରେ ସନ୍ତରଣ କରି ଅତ୍ୟଧିକ କ୍ଳାନ୍ତ ହୋଇପଡ଼ିଥିବାରୁ ଉକ୍ତ ନଗରର ବାହାରେ ଥିବା ଏକ ଦେବମନ୍ଦିର ମଧ୍ୟରେ ସେ ପ୍ରଥମେ ଆଶ୍ରୟ ନେଲେ । ସେଠାରେ ଥିବା ଉତ୍ତମ ଛାୟାପ୍ରଦ ବୃକ୍ଷବାଟିକା ମଧ୍ୟରେ ବିଶ୍ରାମ କରୁଥିବା ସମୟରେ ସେ ଗଭୀର ନିଦ୍ରାଭିଭୂତ ହୋଇପଡ଼ିଲେ ।

ସେ ଶୟନ କରିଥିବା ସମୟରେ ଦୈବଯୋଗରେ ଉକ୍ତ ନଗରର ନଗରରକ୍ଷୀମାନେ ଆସି ସେଠାରେ ପହଞ୍ଚିଲେ । ସୁପ୍ତ ବ୍ୟକ୍ତିଟିର ହସ୍ତରେ ଜାଜ୍ୱଲ୍ୟମାନ କଣ୍ଠାଭରଣଟି ଦେଖି ସେମାନଙ୍କ ବିସ୍ମୟର ସୀମା ରହିଲା ନାହିଁ । ତାହାଥିଲା ରାଜକୁମାରୀ ଚକ୍ରସେନାଙ୍କର । ଏଣୁ ଚୋର ମନେକରି ସେମାନେ ତାକୁ ରାଜାଙ୍କ ନିକଟକୁ ନେଇଗଲେ । ରାଜାଙ୍କ ଜିଜ୍ଞାସା କ୍ରମେ ବୈଶ୍ୟ ସମୁଦ୍ରଶୂର ସମସ୍ତ ସତ୍ୟ ଘଟଣା ତାଙ୍କ ନିକଟରେ ପ୍ରକାଶ କଲେ । କିନ୍ତୁ ରାଜା ତାହା ବିଶ୍ୱାସ ନକରି ଏହା ମିଥ୍ୟା ଏବଂ ଲୋକଟି ନିଶ୍ଚୟ ଚୋରି କରିଛି ଭାବି ସଭାସଦ୍‌ମାନଙ୍କ ସମ୍ମୁଖରେ ମାଳାଟିକୁ ଖୋଲି ଧରିଲେ । ମାଳାଟିର କାନ୍ତି ଓ ଔଜ୍ଜଲ୍ୟ ଦେଖି ଆକାଶରେ ଉଡ଼ି ଯାଉଥିବା ଗୋଟିଏ ଗୃଧ୍ରପକ୍ଷୀ ତାକୁ ରାଜାଙ୍କ ହସ୍ତରୁ ଝାମ୍ପିନେଇ ଚାଲିଗଲା ଏବଂ ଚାହୁଁଚାହୁଁ ଆକାଶ ମାର୍ଗରେ ଉଡ଼ିଯାଇ ଅଦୃଶ୍ୟ ହେଲା ।

Digitized by srujanika@gmail.com

ନିଜର ଅମୂଲ୍ୟ ରତ୍ନମାଳାଟି ଚାଲିଯିବାରୁ ବୈଶ୍ୟ ଭଗବାନ୍‌ଙ୍କ ନାମ ଉଚ୍ଚାରଣ କରି ଚିତ୍କାର କରିବାକୁ ଲାଗିଲେ । ଏହାକୁ ଛଦ୍ମରୋଦନ ମନେକରି ରାଜା କ୍ରୋଧାନ୍ୱିତ ହୋଇ ତାର ପ୍ରାଣଦଣ୍ଡ ବିଧାନ କରନ୍ତେ ଶୂନ୍ୟବାଣୀ ଶୁଭିଲା–

'ହେ ରାଜନ୍, ତାକୁ ହତ୍ୟା କରନାହିଁ । ଏହି ସଜ୍ଜନ ବଣିକ ସମୁଦ୍ରଶୂର ତୁମ ରାଜ୍ୟକୁ ବାଣିଜ୍ୟ କରିବାପାଇଁ ଆସିଅଛି । ହାରଟିକୁ ଯେଉଁ ଚୋର ଅପହରଣ କରି ନେଇଥିଲା ସେ ରକ୍ଷକମାନଙ୍କ ଭୟରେ ଏଣେତେଣେ ବୁଲି ବୁଲି ଶେଷରେ ସମୁଦ୍ର ଗର୍ଭରେ ଯାଇ ଆତ୍ମହତ୍ୟା କଲା । ଏହି ବଣିକର ଜଳଯାନଟି ପ୍ରବଳ ବାତ୍ୟାଦ୍ୱାରା ସାଗର ଗର୍ଭରେ ନିମଜ୍ଜିତ ହୁଅନ୍ତେ ଏ ବଣିକ ଉକ୍ତ ଶବଟିକୁ ଆଶ୍ରୟ କରି ଏଠାରେ ଆସି ପହଞ୍ଚିଥିଲା ଏବଂ ତାର କଟି ଦେଶରେ ବନ୍ଧାଥିବା ଏହି ହାରଟିକୁ ମଧ୍ୟ ଲାଭ କଲା । ବଣିକ ହାରଟିକୁ ଅପହରଣ କରି ନେଇ ନାହିଁ । ଏଣୁ ସେ ନିରପରାଧ । ତୁମେ ତାକୁ ମୁକ୍ତି ଦେଇ ସମ୍ମାନର ସହିତ ବିଦାୟ ଦିଅ ।'

ଶୂନ୍ୟବାଣୀ ମୌନ ହୁଅନ୍ତେ ରାଜା ନିଜର ଭ୍ରମ ବୁଝିପାରି ସମୁଦ୍ରଶୂରଙ୍କୁ ମୁକ୍ତ କରି ବହୁ ଧନସମ୍ପଦ ସହ ବିଦାୟ ଦେଲେ । ବଣିକ ମଧ୍ୟ ଉକ୍ତ ସମ୍ପଦଦ୍ୱାରା ବ୍ୟବସାୟ ସାମଗ୍ରୀ କ୍ରୟ କରି ସ୍ୱଦେଶ ଅଭିମୁଖରେ ଅଗ୍ରସର ହେଲେ । ଏହିଥର ବିଶାଳ ସମୁଦ୍ର ପାର ହୋଇ ଅପର ପାରରେ ଆସି ପହଞ୍ଚିବାରେ ତାଙ୍କର କୌଣସି ଅସୁବିଧା ହେଲା ନାହିଁ ।

ନୌକାରୁ ଅବତରଣ କରି ସେ ଅନ୍ୟାନ୍ୟ ବଣିକଙ୍କ ସହ ନିଜ ନଗର ଅଭିମୁଖରେ ଅଗ୍ରସର ହେଉଥିଲା ବେଳେ ଦିନେ ସନ୍ଧ୍ୟା ସମୟରେ ଏକ ଭୟଙ୍କର ଅରଣ୍ୟ ନିକଟରେ ଆସି ପହଞ୍ଚିଲେ । ଏଠାରେ ଶିବିର ସ୍ଥାପନ କରି ସେମାନେ ରାତ୍ରିଟି କଟାଇ ଦେଇ ପରଦିନ ଅରଣ୍ୟ ମଧ୍ୟରେ ପ୍ରବେଶ କରିବେ ବୋଲି ଚିନ୍ତାକରି ପାନ ଭୋଜନାଦି ଶେଷ କଲେ । ସମସ୍ତେ ଗାଢ଼ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ ହେଁ ସମୁଦ୍ରଶୂରଙ୍କ ଚକ୍ଷୁରେ ନିଦ୍ରା ନଥାଏ । ଏ ସମୟରେ ଦସ୍ୟୁମାନଙ୍କର ଏକ ବିଶାଳ ସେନା ଆସି ସେମାନଙ୍କୁ ଆକ୍ରମଣ କଲେ । ସେମାନେ ଅନ୍ୟାନ୍ୟ ବଣିକମାନଙ୍କୁ ହତ୍ୟା କରୁଥିବା ବେଳେ ସମୁଦ୍ରଶୂର ନିଜର ସମସ୍ତ ପଦାର୍ଥ ପରିତ୍ୟାଗ କରି ଏକ ବଟବୃକ୍ଷ ଆରୋହଣ ପୂର୍ବକ ନିଜକୁ ଲୁକ୍କାୟିତ କରି ରଖିଲେ । ଦସ୍ୟୁମାନେ ସମସ୍ତ ବଣିକଙ୍କୁ ହତ୍ୟା କରି ଏବଂ ସମସ୍ତ ଦ୍ରବ୍ୟ ଲୁଣ୍ଠନ କରି ଫେରିଯିବା ପରେ ସେ ଅତ୍ୟନ୍ତ ଦୁଃଖ ଓ ଚିନ୍ତାରେ ଉକ୍ତ ବଟବୃକ୍ଷ ଉପରେ ରାତ୍ରି ଯାପନ କଲେ ।

Digitized by srujanika@gmail.com

ପ୍ରଭାତରୁ ସେ ବଟବୃକ୍ଷର ଉର୍ଦ୍ଧ୍ୱଦେଶକୁ ଚାହିଁଲା ବେଳେ ପତ୍ରଗହଳି ମଧ୍ୟରେ ଦୀପାଲୋକ ତୁଲ୍ୟ ଏକ ଉଜ୍ଜ୍ୱଳ ଜ୍ୟୋତି ତାଙ୍କର ଦୃଷ୍ଟି ଆକର୍ଷଣ କଲା । ସେ କୌତୂହଳ ଦମନ କରି ନପାରି ଉପରକୁ ଉଠିବାକୁ ଲାଗିଲେ । ସେଠାରେ ସେ ଗୋଟିଏ ଗୃଧ୍ର ପକ୍ଷୀର ନୀଡ଼ ଥିବା ଦେଖିପାରି ତା' ନିକଟକୁ ଯାଆନ୍ତେ ଉକ୍ତ ନୀଡ଼ ମଧ୍ୟରୁ ରତ୍ନର ଦୀପ୍ତ ଜ୍ୟୋତି ଆସି ତାଙ୍କର ଚକ୍ଷୁ ଯୁଗଳକୁ ଝଲସାଇ ଦେଲା । ସେ ତାହା ମଧ୍ୟରେ ହସ୍ତ ଭର୍ତ୍ତିକରି ଯାହା ପାଇଲେ ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ଯେଉଁ ମାଳାଟି ଶବର ବସ୍ତ୍ରଗ୍ରନ୍ଥିରୁ ସେ ପାଇଥିଲେ, ଯା'କୁ ପାଇ ସେ ରାଜାଙ୍କଦ୍ୱାରା ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଥିଲେ ଏବଂ ଯାହା ରାଜାଙ୍କ ହସ୍ତରୁ କୌଣସି ଗୃଧ୍ରଦ୍ୱାରା ଅପହୃତ ହୋଇଥିଲା, ସେହି ମାଳାଟି ପୁଣି ଲାଭକରି ତାଙ୍କର ଆନନ୍ଦ ଓ ବିସ୍ମୟ ବହୁଗୁଣିତ ହେଲା । ସେ ସେହି ମାଳାଟି ସହ ବୃକ୍ଷରୁ ଅବତରଣ କରି ଆନନ୍ଦ ମନରେ ହର୍ଷପୁର ନଗରରେ ଯାଇ ଉପସ୍ଥିତ ହେଲେ । ସେହି ଦିନଠାରୁ ଅଧିକ ଅର୍ଥ ଉପାର୍ଜ୍ଜନର ଚିନ୍ତା ପରିତ୍ୟାଗ କରି ସେ ନିଜର ପରିବାର ସହ ସୁଖମୟ ଜୀବନ ଯାପନ କଲେ ।

ସମୁଦ୍ରରେ ନିମଜ୍ଜିତ ହେବା, ଧନ ସମ୍ପତ୍ତି ନଷ୍ଟ ହେବା, ଅମୂଲ୍ୟ ଅଳଙ୍କାର ପ୍ରାପ୍ତ ହେବା, ଶବସାହାଯ୍ୟରେ ସମୁଦ୍ର ଲଙ୍ଘନ କରିବା, ପୁଣି ସେହି ମାଳାଟିକୁ ହରାଇ ବସିବା, ଅକାରଣରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହେବା, ତତ୍କ୍ଷଣାତ୍ ପୁଣି ବହୁ ଧନସମ୍ପଦ ରାଜାଙ୍କଠାରୁ ଲାଭ କରିବା, ପଥମଧ୍ୟରେ ଦସ୍ୟୁମାନଙ୍କଦ୍ୱାରା ଆକ୍ରାନ୍ତ ହେବା ଏବଂ ଶେଷରେ ବୃକ୍ଷ ଆରୋହଣ କରି ନିଜର ଜୀବନରକ୍ଷା କଲାବେଳେ ପୁଣି ରତ୍ନମାଳାଟି ଲାଭକରିବା, ଏ ସମସ୍ତ ଲକ୍ଷ୍ୟ କଲେ ମନେହେବ ଯେ ଦୈବର ଗତି ଅତି ବିଚିତ୍ର । କିନ୍ତୁ ପୁଣ୍ୟବାନ୍ ବ୍ୟକ୍ତିମାନେ ପ୍ରଥମେ ଦୁଃଖ ଲାଭକରି ଶେଷରେ ସୁଖ ପାଇଥାଆନ୍ତି ।'

ସୁକୃତୀ ଚାନୁଭୂୟୈବ ଦୁଃଖମପ୍ୟଶ୍ନୁତେ ସୁଖମ୍ ।

ଗୋମୁଖଙ୍କଠାରୁ ଏହିକଥା ଶ୍ରବଣ କରି ନରବାହନଦତ୍ତ ସ୍ନାନ ପାନପାଇଁ ସେଠାରୁ ଉଠିଗଲେ ।

ପରଦିନ ନରବାହନଦତ୍ତ ସଭାରେ ବସିଥିବା ବେଳେ ତାଙ୍କର ଶୈଶବମିତ୍ର ତଥା ବୀର ରାଜପୁତ୍ର ସମରତୁଙ୍ଗ ଆସି କହିଲେ, 'ମହାରାଜ, ଆମ ନିଜର ବଂଶରେ ଜାତ ସଂଗ୍ରାମବର୍ଷ ତାଙ୍କର ବୀରଜିତ ପ୍ରଭୃତି ଚାରିପୁତ୍ରଙ୍କ ସହାୟତାରେ ମୋର ରାଜ୍ୟ ଅପହରଣ କରିଅଛନ୍ତି । ତେଣୁ ମୁଁ ସେହି ପାଞ୍ଚଜଣଙ୍କୁ ବନ୍ଧନ କରି ଆଣିବା ପାଇଁ ଯାଉଅଛି । ଆପଣଙ୍କୁ ପୂର୍ବରୁ ଏ ବିଷୟ ନିବେଦନ କରିବି ବୋଲି ଏଠାକୁ ଆସିଥିଲି ।' ଏହା କହି ସେ ତୀର ବେଗରେ ସେଠାରୁ ପ୍ରସ୍ଥାନ କଲେ ।

Digitized by srujanika@gmail.com

ରାଜକୁମାର ସମରତୁଙ୍ଗଙ୍କ ସେନାର ନ୍ୟୂନତା ଏବଂ ସଂଗ୍ରାମବର୍ଷଙ୍କ ସେନାର ବିପୁଳତା ବିଷୟ ଜ୍ଞାତ ହୋଇ ମିତ୍ରଙ୍କ ସହାୟତା ନିମିତ୍ତ ନରବାହନଦତ୍ତ ନିଜର ସେନାବାହିନୀ ପ୍ରେରଣ କଲେ । କିନ୍ତୁ ଅଭିମାନୀ ସମରତୁଙ୍ଗ ମିତ୍ରଙ୍କ ସେନାବାହିନୀର ବିନା ସହାୟତାରେ ହିଁ ସେହି ପାଞ୍ଚଜଣଙ୍କୁ ନିଜ ବାହୁବଳରେ ବନ୍ଧନ କରି ନେଇ ଆସିଲେ । ତାଙ୍କୁ ଦେଖି ଏବଂ ତାଙ୍କର ପରାକ୍ରମର ପରିଚୟ ପାଇ ନରବାହନଦତ୍ତ ପ୍ରଶଂସା କରି କହିଲେ, 'ଶରୀରକୁ ଆକ୍ରାନ୍ତ କରି ରହିଥିବା ପଞ୍ଚେନ୍ଦ୍ରିୟ ତୁଲ୍ୟ ରାଜ୍ୟ ଅଧିକାର କରି ନେଇଥିବା ଏହି ପଞ୍ଚଶତ୍ରୁଙ୍କୁ ଜୟକରି ତୁମେ ନିଜ ପୁରୁଷାର୍ଥର ଯଥେଷ୍ଟ ପରିଚୟ ପ୍ରଦାନ କରିଅଛ, ମିତ୍ର, ଧନ୍ୟ ତୁମର ବୀରତ୍ୱ, ଧନ୍ୟ ତୁମର ସାଧନା !'

ଏହା ଶୁଣି ଗୋମୁଖ କହିଲେ, 'ଯଦି ଆପଣ ରାଜା ଚମରବାଳଙ୍କ କଥା ଶ୍ରବଣ କରି ନାହାନ୍ତି, ତାହାହେଲେ ଶୁଣନ୍ତୁ । ସେ ଠିକ୍ ଏହି ସମରତୁଙ୍ଗଙ୍କ ତୁଲ୍ୟ ଭାଗ୍ୟବାନ୍ ଓ ପରାକ୍ରମଶାଳୀ ।'

ରାଜା ଚମରବାଳ କଥା

ହସ୍ତିନାପୁର ନାମରେ ଏକ ନଗର ଅଛି । ସେଠାରେ ଧନ, ବଳ ଓ ଦୁର୍ଗର ଅଧିକାରୀ ରାଜା ଚମରବାଳ ରାଜତ୍ୱ କରୁଥିଲେ । ଏହାଙ୍କ ସହିତ ସମରବଳ ପ୍ରଭୃତି ଏହାଙ୍କର ଅନ୍ୟାନ୍ୟ ଗୋତ୍ରଜମାନଙ୍କର ମଧ୍ୟ ରାଜ୍ୟ ଥିଲା । ସେମାନେ ମିଳିତ ଭାବେ ଚିନ୍ତାକଲେ ଯେ ଆମ ଭିତରେ ଏକତା ନଥିବା ଯୋଗୁଁ ଚମରବାଳ ସର୍ବଦା ଆମ୍ଭମାନଙ୍କୁ ବିଭିନ୍ନ ଭାବରେ ଦୁଃଖ ଦେଉ ଅଛନ୍ତି । ତେଣୁ ଆମେ ଏକତ୍ର ହୋଇ ତାଙ୍କୁ ଅପମାନିତ କରିବା । ଏହିପରି ଚିନ୍ତାକରି ସେମାନେ ସମ୍ମିଳିତ ଭାବରେ ତାଙ୍କୁ ଆକ୍ରମଣ କରିବାପାଇଁ ଉଦ୍ୟତ ହେଲେ । ଆକ୍ରମଣପାଇଁ ଶୁଭ ମୁହୂର୍ତ୍ତ ନିର୍ଣ୍ଣୟ କରିବା ସକାଶେ କୌଣସି ଗଣକଙ୍କୁ ଯାଇ ଜିଜ୍ଞାସା କରନ୍ତେ ଗଣକ କହିଲେ, 'ଏକବର୍ଷ ମଧ୍ୟରେ ଯୁଦ୍ଧଯାତ୍ରା ପାଇଁ ଶୁଭ ମୁହୂର୍ତ୍ତ ନାହିଁ । ଯଦି ବର୍ଷକ ମଧ୍ୟରେ ଆକ୍ରମଣ କର ତା'ହେଲେ ଚମରବାଳ ନିଶ୍ଚୟ ତୁମ୍ଭମାନଙ୍କୁ ପରାସ୍ତ କରିବେ । ଲକ୍ଷ୍ମୀଙ୍କ ଉପାସନାରେ ଭୋଗ ରୂପକ ଫଳ ମିଳିଥାଏ । ବର୍ତ୍ତମାନ ତୁମ୍ଭେମାନେ ତ ଯଥେଷ୍ଟ ଭୋଗ ବିଳାସରେ ଅଛ । ତେଣୁ ତୁମ୍ଭେମାନେ ତାଙ୍କର ସୌଭାଗ୍ୟରେ ଈର୍ଷାନ୍ୱିତ ହେବା ଉଚିତ ନୁହେଁ । ଯଦି ମୋ କଥାରେ ତୁମ୍ଭମାନଙ୍କର ବିଶ୍ୱାସ ହେଉନାହିଁ ତାହାହେଲେ ଦୁଇଜଣ ବଣିକଙ୍କ କଥା ଶୁଣ—

Digitized by srujanika@gmail.com

ରାଜା ବହୁସୁବର୍ଣ୍ଣ କଥା

ପ୍ରାଚୀନ କାଳରେ ପୃଥିବୀ ପୃଷ୍ଠରେ କୌତୁକପୁର ବୋଲି ଗୋଟିଏ ନଗର ଥିଲା । ସେଠାରେ ବହୁସୁବର୍ଣ୍ଣ ନାମରେ ଜଣେ ସାର୍ଥକନାମା ରାଜା ରାଜତ୍ୱ କରୁଥିଲେ । ଯଶୋବର୍ମା ନାମକ ଜଣେ କ୍ଷତ୍ରିୟ ଯୁବକ ତାଙ୍କର ସେବକ ରୂପେ ରହିଥାଏ । ରାଜା ଦାନଶୀଳ ହେଲେ ହେଁ ସେ ଏହି ଯଶୋବର୍ମାଙ୍କୁ କଦାପି କିଛି ଦିଅନ୍ତି ନାହିଁ । ସେ ଉତ୍କଟ ଦାରିଦ୍ର୍ୟରୁ ଯଦି କେବେ କିଛି ରାଜାଙ୍କୁ ଭିକ୍ଷା କରୁଥିଲା, ସେତେବେଳେ ରାଜା ସୂର୍ଯ୍ୟଙ୍କୁ ଦେଖାଇ କହୁଥିଲେ, 'ମୁଁ ତୁମକୁ କିଛି ଦେବାପାଇଁ ସର୍ବଦା ଇଚ୍ଛା କରୁଛି । କିନ୍ତୁ କଣ କରିବି, ଭଗବାନ୍ ସୂର୍ଯ୍ୟ ମୋତେ ସର୍ବଦା ସେଥିରୁ କ୍ଷାନ୍ତ କରୁଅଛନ୍ତି ।'

ଏଥିରେ ଦୁଃଖିତ ହୋଇ ଯଶୋବର୍ମା ଉପଯୁକ୍ତ ଅବସରର ପ୍ରତୀକ୍ଷା କରୁଥିବା ସମୟରେ ଦିନେ ସୂର୍ଯ୍ୟପରାଗ ଉପସ୍ଥିତ ହେଲା । ଏହି ସମୟରେ ବହୁ ଅର୍ଥ ଦାନ କରୁଥିବା ବହୁସୁବର୍ଣ୍ଣଙ୍କ ନିକଟରେ ଉପସ୍ଥିତ ହୋଇ ଯଶୋବର୍ମା ନିବେଦନ କଲା ଯେ ବର୍ତ୍ତମାନ ତାଙ୍କୁ କିଛି ଅର୍ଥ ଦିଆଯାଉ; କାରଣ ଯେଉଁ ସୂର୍ଯ୍ୟ ରାଜାଙ୍କୁ ଦାନ ଦେବାରୁ ନିବୃତ୍ତ କରୁଥିଲେ ସେ ବର୍ତ୍ତମାନ ଶତ୍ରୁ କବଳରେ । ଏହା ଶୁଣି ରାଜା ବହୁସୁବର୍ଣ୍ଣ ହାସ୍ୟ ପ୍ରକାଶ ପୂର୍ବକ ତାଙ୍କୁ ବହୁ ଧନରତ୍ନ ପ୍ରଦାନ କଲେ ।

ଯଶୋବର୍ମା ଆନନ୍ଦରେ ଏହି ଧନରାଶି ଉପଭୋଗ କରି କିଛିକାଳ କଟାଇଦେଲେ । କ୍ରମେ କ୍ରମେ ଏହା ନିଃଶେଷ ହେଲା । ଏ ସମୟରେ ତାଙ୍କର ପତ୍ନୀ ଇହଧାମ ତ୍ୟାଗକଲେ । ସେ ପୁଣି ରାଜାଙ୍କୁ କିଛି ଅର୍ଥ ଭିକ୍ଷା କରି ନପାରି ସଂସାରପ୍ରତି ବିରକ୍ତ ହୋଇପଡ଼ିଲେ ଏବଂ ବିନ୍ଧ୍ୟବାସିନୀଙ୍କ ଆରାଧନା କରିବା ନିମିତ୍ତ ପ୍ରସ୍ଥାନ କଲେ । 'ଏହି ବ୍ୟର୍ଥ ଶରୀରରେ ଆଉ ଲାଭ କଣ ? ଏ ପ୍ରକାର ଦାରିଦ୍ର୍ୟ ପ୍ରପୀଡ଼ିତ ଜୀବନଧାରଣ ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ତେଣୁ ଏହି ଶରୀର ପରିତ୍ୟାଗ କରିବି ନୋଚେତ୍ କିଛି ବର ଲାଭ କରିବି', ଏହିପରି ଦୃଢ଼ ନିଶ୍ଚୟ କରି ସେ କୁଶାସ୍ତରଣ ଉପରେ ବସି ନିରାହାର ପୂର୍ବକ ବିନ୍ଧ୍ୟବାସିନୀଙ୍କ ଉପାସନା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ସ୍ୱପ୍ନରେ ତାଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଜିଜ୍ଞାସା କଲେ ଯେ ତାଙ୍କର ଧନଲକ୍ଷ୍ମୀ ନା ଭୋଗଲକ୍ଷ୍ମୀ କେଉଁ ଲକ୍ଷ୍ମୀ ଆବଶ୍ୟକ । ଏଥିରେ ଯଶୋବର୍ମା କହିଲେ ଯେ ସେ ଉଭୟ ଲକ୍ଷ୍ମୀର ପାର୍ଥକ୍ୟ ସଠିକ୍ ରୂପେ ଜାଣି ନାହାନ୍ତି । ଏହାଶୁଣି ଦେବୀ ତାଙ୍କୁ ପୁଣି କହିଲେ, 'ତୁମ ରାଜ୍ୟରେ ଭୋଗବର୍ମା ଓ ଅର୍ଥବର୍ମା ନାମରେ ଯେଉଁ ଦୁଇଜଣ ବଣିକ ବାସ

Digitized by srujanika@gmail.com

କରୁଅଛନ୍ତି, ତୁମେ ତାଙ୍କ ନିକଟକୁ ଯାଇ ଦେଖ ଏବଂ ତୁମର କେଉଁ ଲକ୍ଷ୍ମୀରେ ଆବଶ୍ୟକ ତାହା ମୋତେ ଆସି ଜଣାଅ ।'

ଦେବୀଙ୍କଠାରୁ ଏହା ଶୁଣି ଯଶୋବର୍ମା ପ୍ରଭାତରୁ ଶଯ୍ୟାତ୍ୟାଗ ପୂର୍ବକ ବ୍ରତ ପାରଣା କରି କୌତୁକପୁର ଅଭିମୁଖରେ ଯାତ୍ରା କଲେ ।

ବଣିକ ଅର୍ଥବର୍ମା ଓ ଭୋଗବର୍ମା କଥା

ପ୍ରଥମେ ସେ ଯାଇ ଅର୍ଥବର୍ମାଙ୍କ ଗୃହରେ ଉପସ୍ଥିତ ହେଲେ । ତାଙ୍କର ବାସଭବନ ଅସଂଖ୍ୟ ସ୍ୱର୍ଣ୍ଣ ଓ ରତ୍ନରେ ପରିପୂର୍ଣ୍ଣ ଥିଲା । ଯଶୋବର୍ମା ତାଙ୍କର ଏହି ସମ୍ପଦରାଶି ଦର୍ଶନ କରି ତାଙ୍କ ନିକଟରେ ଯାଇ ପହଞ୍ଚିଲେ । ଅର୍ଥବର୍ମା ତାଙ୍କର ଉପଯୁକ୍ତ ସତ୍କାର କରି ଭୋଜନପାଇଁ ନିମନ୍ତ୍ରଣ କଲେ । ଯଶୋବର୍ମା ତାଙ୍କ ସହ ବସି ଘୃତ, ମାଂସ, ବ୍ୟଞ୍ଜନ ପ୍ରଭୃତି ଯଥେଷ୍ଟ ପରିମାଣରେ ଭୋଜନ କରି ସନ୍ତୁଷ୍ଟ ହେଲେ । ଅର୍ଥବର୍ମା ତାଙ୍କ ନିକଟରେ ବସି ଦୁଇତୋଳା ଘୃତରେ ପକ୍ୱ କିଛି ସକ୍ତୁ, କିଛି ଅନ୍ନ ଏବଂ ଖଣ୍ଡିଏ ମାଂସ ମାତ୍ର ଗ୍ରହଣ କଲେ ।

ଏଥିରେ ବିସ୍ମିତ ହୋଇ ଯଶୋବର୍ମା ଅର୍ଥବର୍ମାଙ୍କୁ ଜିଜ୍ଞାସା କଲେ, 'ହେ ବଣିକପ୍ରବର, ତୁମେ କଣ ପ୍ରତ୍ୟହ ଏତିକି ମାତ୍ର ଭୋଜନ କର ?' ସେ ଉତ୍ତର ଦେଲେ, 'ଆଜି ମୁଁ ତୁମଯୋଗୁଁ କିଛି ମାଂସ ଏବଂ ଦୁଇତୋଳା ଘିଅ ଖାଇଛି । କିନ୍ତୁ ପ୍ରତ୍ୟହ ମୁଁ ସକ୍ତୁ ସହ ଏକ କର୍ଷ ମାତ୍ର ଘିଅ ଖାଇଥାଏ । ଅଗ୍ନିମାନ୍ଦ୍ୟ ଯୋଗୁଁ ଅଧିକ ଭୋଜନ କରିବା ମୋ ପକ୍ଷରେ ସମ୍ଭବପର ହୋଇପାରୁ ନାହିଁ ।' ଏଥିରେ ବିଶ୍ୱାସ ସ୍ଥାପନ କରି ନପାରି ଯଶୋବର୍ମା ମନେ ମନେ ତାଙ୍କ କୃପଣତାକୁ ଧିକ୍କାର କଲେ ଏବଂ ତାଙ୍କର ଏହି ଅର୍ଥଲକ୍ଷ୍ମୀ ବ୍ୟର୍ଥ ବୋଲି ମନେକଲେ । ରାତ୍ରିରେ ବଣିକ ଯଶୋବର୍ମାଙ୍କ ନିମନ୍ତେ ଦୁଧ ଓ ଭାତର ବ୍ୟବସ୍ଥା କଲେ । ସେ ଉଦରପୂର୍ଣ୍ଣ ଭୋଜନ କଲେ କିନ୍ତୁ ଅର୍ଥବର୍ମା ଛଟାଙ୍କିଏ ମାତ୍ର ଦୁଗ୍ଧ ପାନକଲେ ।

ଭୋଜନଶେଷ ହେବା ପରେ ଉଭୟେ ଗୋଟିଏ କୋଠରିରେ ଯାଇ ଶୟନ କଲେ । ଯଶୋବର୍ମା ସ୍ୱପ୍ନରେ ଦେଖିଲେ ଯେ କେତେଜଣ ଭୟଙ୍କର ପୁରୁଷ ହସ୍ତରେ ଦଣ୍ଡ ଧାରଣ କରି ବିନା ଭୟ ବା ଶଙ୍କାରେ ସେହି ଗୃହ ମଧ୍ୟରେ ପ୍ରବେଶ କରିଛନ୍ତି । 'ତୁ ଆଜି ଅଧିକ ଏକ ତୋଳା ଘିଅ ଆଉ ମାଂସରସ ସହ ଅଧିକ ପରିମାଣରେ ଭାତ କାହିଁକି ଖାଇଲୁ ଏବଂ ଛଟାଙ୍କିଏ ଦୁଧ କାହିଁକି ପିଇଲୁ' କହି ସେମାନେ ଅର୍ଥବର୍ମାଙ୍କୁ ମନଇଚ୍ଛା

Digitized by srujanika@gmail.com

ପ୍ରହାର କରିବାକୁ ଲାଗିଲେ । ପୁଣି ସେ ଖାଇଥିବା ଘୃତ, ଅଧିକ ମାଂସରସ ଓ ଦୁଧ ତାଙ୍କ ଉଦରରୁ ବାହାର କରିନେଲେ ।

ସ୍ୱପ୍ନରେ ଏହା ଦେଖି ଯଶୋବର୍ମାଙ୍କ ନିଦ ଭାଙ୍ଗିଗଲା । ସେତେବେଳକୁ ଅର୍ଥବର୍ମା ଉଦର ଶୂଳରେ ପୀଡ଼ା ପାଉଥାନ୍ତି । ଅସହ୍ୟ ପୀଡ଼ାରେ ଚିତ୍କାର କରୁଥିବା ଅର୍ଥବର୍ମାଙ୍କ ଉଦରକୁ ଭୃତ୍ୟମାନେ ଚିପି ଧରିଥାଆନ୍ତି । କିଛି ସମୟ କଷ୍ଟ ପାଇବା ପରେ ସେ ଖାଇଥିବା ଅଧିକା ଖାଦ୍ୟତକ ବାନ୍ତି କରିଦେଲେ । ଫଳରେ ଶୂଳ ଶାନ୍ତ ହେଲା ।

ଏସବୁ ଲକ୍ଷ୍ୟକରି ଯଶୋବର୍ମା ଅର୍ଥଲକ୍ଷ୍ମୀଙ୍କୁ ଧିକ୍‌କାର କଲେ । ତାଙ୍କର ମନେ ହେଲା ଏପ୍ରକାର ଲକ୍ଷ୍ମୀ ଲାଭ ଅପେକ୍ଷା ଦାରିଦ୍ର୍ୟ ଶତଗୁଣରେ ଶ୍ରେୟସ୍କର । ଏକଥା ଚିନ୍ତାକରି ସେ ବିନିଦ୍ର ରଜନୀ ଅତିବାହନ କଲେ ।

ପରଦିନ ପ୍ରଭାତରୁ ସେ ଅର୍ଥବର୍ମାଙ୍କଠାରୁ ବିଦାୟ ନେଇ ଭୋଗବର୍ମାଙ୍କ ନିକଟରେ ଯାଇ ଉପସ୍ଥିତ ହେଲେ । ସେଠାରେ ମଧ୍ୟ ଭୋଗବର୍ମାଙ୍କ ଦ୍ୱାରା ଉପଯୁକ୍ତ ଭାବେ ସତ୍କୃତ ହୋଇ ଭୋଜନ ପାଇଁ ନିମନ୍ତ୍ରିତ ହେଲେ । ସେ ଭୋଗବର୍ମାଙ୍କ ବାସଭବନରେ ପୂର୍ବପରି ସମ୍ପତ୍ତିର ଆଡ଼ମ୍ବର ଦେଖିବାକୁ ପାଇଲେ ନାହିଁ । କେବଳ ସୁନ୍ଦର ଓ ସ୍ୱଚ୍ଛ ବାସଭବନ, ନିର୍ମଳ ପରିଧେୟ ଏବଂ ଉତ୍କୃଷ୍ଟ ଆଭୂଷଣ ତାଙ୍କର ଦୃଷ୍ଟିଗୋଚର ହେଲା ।

ଯଶୋବର୍ମାଙ୍କ ଉପସ୍ଥିତିରେ ହିଁ ଭୋଗବର୍ମା ତାଙ୍କର ଦୈନିକ ବ୍ୟବସାୟ ଆରମ୍ଭ କଲେ । ଗୋଟିଏ ବ୍ୟବସାୟୀଠାରୁ କିଛି ସାମଗ୍ରୀ କ୍ରୟ କରି ସଙ୍ଗେ ସଙ୍ଗେ ସେ ଅନ୍ୟ ଜଣେ ବ୍ୟବସାୟୀକୁ ତାହା ବିକ୍ରୟ କରିଦେଲେ ଏବଂ ମଧ୍ୟସ୍ଥ ଭାବରେ ନିଜର କୌଣସି ମୂଳଧନ ନ ଖଟାଇ କିଛି ସ୍ୱର୍ଣ୍ଣମୁଦ୍ରା ଲାଭକଲେ । ପୁଣି ସେଗୁଡ଼ିକ ନିଜ ନିକଟରେ ନରଖି ଭୃତ୍ୟଦ୍ୱାରା ସ୍ତ୍ରୀଙ୍କ ନିକଟକୁ ପଠାଇ ଦେଇ ଉତ୍ତମ ଭୋଜନ ପ୍ରସ୍ତୁତ କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ ।

କିଛି ସମୟ ମଧ୍ୟରେ ଇଚ୍ଛାଭରଣ ନାମକ ଜଣେ ମିତ୍ର ଆସି ଭୋଗବର୍ମାଙ୍କୁ କହିଲେ, 'ଆର୍ଯ୍ୟମାନଙ୍କ ପାଇଁ ଭୋଜନ ପ୍ରସ୍ତୁତ ହେଲାଣି । ଆସ, ଅନ୍ୟ ବହୁମିତ୍ର ତେଣେ ତୁମର ଅପେକ୍ଷାରେ ରହି ଅଛନ୍ତି ।' ଏହାଶୁଣି ଭୋଗବର୍ମା, 'ଆଜି ମୁଁ ଯାଇପାରିବି ନାହିଁ, କାରଣ ଏଠାରେ ମୋର ମିତ୍ର ଏହି ଅତିଥି ଅଛନ୍ତି', କହନ୍ତେ ସେ 'ତୁମ ସହ ତୁମର ଅତିଥି ମଧ୍ୟ ଆସନ୍ତୁ । ସେ କଣ ଆମର ମିତ୍ର ନୁହନ୍ତି କି ?' କହି ଇଚ୍ଛାଭରଣ ଉଭୟଙ୍କୁ ସଙ୍ଗରେ ନେଇ ଚାଲିଗଲେ । ଯଶୋବର୍ମା ମଧ୍ୟ ଭୋଗବର୍ମାଙ୍କ ସହ ଯାଇ ଉତ୍ତମ

Digitized by srujanika@gmail.com

ରୂପେ ଭୋଜନ କଲେ । ଏହାପରେ ଉପରୁ ଉତ୍ତମ ପାନୀୟ ସବୁ ଆସନ୍ତେ ସେମାନେ ତାହା ପାନକରି ସଂତୃପ୍ତି ଲାଭ କଲେ । ସନ୍ଧ୍ୟାରେ ଭୋଗବର୍ମା ଯଶୋବର୍ମାଙ୍କ ସହ ସ୍ୱଗୃହକୁ ଆସି ରାତ୍ରି ଭୋଜନ ସମାପନ କଲେ ।

ରାତ୍ରି ଅଧିକ ହୁଅନ୍ତେ ଭୋଗବର୍ମା ସେବକମାନଙ୍କୁ ପଚାରିଲେ, 'ଆଜି ରାତି ପାଇଁ ପୂରା ଜଳ ଅଛି କି ନାହିଁ ?' ସେମାନେ ସମ୍ମତି ଜଣାଇବାରୁ ବଣିକ 'ଦେଖାଯାଉ ଶେଷ ରାତ୍ରିରେ କିପରି ଜଳ ମିଳୁଛି' କହି ଶଯ୍ୟା ଉପରେ ଶୋଇଗଲେ । ତାଙ୍କ ନିକଟରେ ଶୟନ କରିଥିବା ଯଶୋବର୍ମା ରାତ୍ରିରେ ସ୍ୱପ୍ନ ଦେଖିଲେ ଯେ ଦୁଇ ତିନିଜଣ ପୁରୁଷ ସେହି ଶୟନ କକ୍ଷ ମଧ୍ୟରେ ପ୍ରବେଶ କରି, 'ରେ ଦୁଷ୍ଟ, ଆଜି ତୁମ୍ଭେମାନେ ଭୋଗବର୍ମାଙ୍କ ଶେଷ ରାତ୍ରିର ପାନୀୟ ଜଳପ୍ରତି କାହିଁକି ସମୁଚିତ ଧ୍ୟାନ ଦେଲ ନାହିଁ' କହି ସେବକମାନଙ୍କୁ ପ୍ରହାର କରିବାକୁ ଲାଗିଲେ । ସେବକମାନେ ସେମାନଙ୍କର ପ୍ରଥମ ଅପରାଧ ପାଇଁ କ୍ଷମା ଭିକ୍ଷା କରିବାରୁ ସେମାନେ ସେଠାରୁ ଅନ୍ତର୍ହିତ ହୋଇଗଲେ ।

ଏହାପରେ ଯଶୋବର୍ମା ଜାଗ୍ରତ ହୋଇ ଚିନ୍ତାକଲେ ଯେ ବିନା ଯତ୍ନରେ ଭୋଗବର୍ମା ଯେଉଁ ଭୋଗଶ୍ରୀ ଲାଭ କରୁଛନ୍ତି, ତାହା ପ୍ରକୃତରେ ପ୍ରଶଂସନୀୟ । ଧନ ସମ୍ପଦରେ ପରିପୂର୍ଣ୍ଣ ହୋଇଥିଲେ ହେଁ ଅର୍ଥବର୍ମାଙ୍କର ଅର୍ଥଲକ୍ଷ୍ମୀ ବ୍ୟର୍ଥ । ଏହିପରି ଚିନ୍ତାକରି ସେ ରାତ୍ରିଯାପନ ପୂର୍ବକ ପ୍ରଭାତରୁ ଭୋଗବର୍ମାଙ୍କଠାରୁ ବିଦାୟ ନେଇ ବିନ୍ଧ୍ୟବାସିନୀଙ୍କ ନିକଟକୁ ପ୍ରସ୍ଥାନ କଲେ । ସେଠାରେ ପୁଣି ତପସ୍ୟାରେ ଦେବୀଙ୍କୁ ସନ୍ତୁଷ୍ଟ କରନ୍ତେ ସେ ସ୍ୱପ୍ନରେ ଆସି ତାଙ୍କୁ ଦର୍ଶନ ଦେଲେ । ଯଶୋବର୍ମା ପ୍ରଣିପାତ ପୂର୍ବକ ଭୋଗଲକ୍ଷ୍ମୀ ନିମନ୍ତେ ବର ପ୍ରାର୍ଥନା କରନ୍ତେ ଦେବୀ 'ତଥାସ୍ତୁ' କହି ଅନ୍ତର୍ହିତା ହେଲେ ।

ଯଶୋବର୍ମା ବରଲାଭ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ବିନା ପ୍ରୟାସରେ ପ୍ରାପ୍ତ ଭୋଗରାଶି ଉପଭୋଗ କରି ଆନନ୍ଦରେ ଜୀବନ ଯାପନ କରିବାକୁ ଲାଗିଲେ ।

ଏହପରି ଭୋଗ କରିପାରୁଥିବା ସ୍ୱଳ୍ପ ସମ୍ପତ୍ତି ଶ୍ରେୟସ୍କର କିନ୍ତୁ ଭୋଗରହିତ ଅନନ୍ତ ସମ୍ପତ୍ତି ବୃଥାମାତ୍ର ।

ତଦେବଂ ଭୋଗସମ୍ପନ୍ନା ଶ୍ରୀରପ୍ୟଳ୍ପତରା ବରଂ
ନ ପୁନର୍ଭୋଗରହିତା ସୁବିସ୍ତୀର୍ଣ୍ଣାପ୍ୟପାର୍ଥକା ।

ଏଣୁ ତୁମ୍ଭେମାନେ ରାଜା ଚମରବାଳଙ୍କ ସୁରକ୍ଷିତ ସମ୍ପତ୍ତି ପ୍ରତି କାହିଁକି ଅଯଥା ଈର୍ଷାନ୍ୱିତ ହେଉଅଛ ? ଦାନ ଓ ଭୋଗପାଇଁ ଉଦ୍ଦିଷ୍ଟ ଧନସମ୍ପତ୍ତି ପ୍ରତି ଦୃଷ୍ଟିଦେବା ବରଂ

Digitized by srujanika@gmail.com

ତୁମ ପକ୍ଷରେ ଶ୍ରେୟସ୍କର । ତେଣୁ ଚମରବାଳଙ୍କୁ ଆକ୍ରମଣ କରିବା ତୁମ ପକ୍ଷରେ ଉଚିତ ହେବ ନାହିଁ । ପୁଣି ଯୁଦ୍ଧଯାତ୍ରା ପାଇଁ ଲଗ୍ନ ମଧ ଶୁଭ ନୁହେ । ଫଳରେ ତୁମର ବିଜୟ ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ ।'

ଗଣକଠାରୁ ଏହାଶୁଣି ମଧ ସେହି ଈର୍ଷାଳୁ ଭ୍ରାତାମାନେ ତାଙ୍କ ଉପଦେଶ ପ୍ରତି ଭ୍ରୂକ୍ଷେପ ନକରି ରାଜା ଚମରବାଳଙ୍କୁ ଆକ୍ରମଣ କଲେ । ଶତ୍ରୁମାନଙ୍କର ଆକ୍ରମଣ ବାର୍ତ୍ତା ଲାଭକରି ଚମରବାଳ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ । ଯଥାବିଧି ସ୍ନାନପୂର୍ବକ ସେ ପ୍ରଥମେ ଭଗବାନ୍ ଗୌରୀପତିଙ୍କ ଉପାସନା କଲେ । ଉତ୍ତମ କ୍ଷେତ୍ରମାନଙ୍କରେ ପୂଜା ପାଉଥିବା ଶିବଙ୍କର ଅଠଷଠିଟି ନାମ ଉଚ୍ଚାରଣ ପୂର୍ବକ ଆରାଧନା କରନ୍ତେ ଶୂନ୍ୟବାଣୀ ହେଲା, 'ରାଜନ୍, ନିଃଶଙ୍କ ଚିତ୍ତରେ ଯାଇ ରଣଭୂମିରେ ଅବତୀର୍ଣ୍ଣ ହୁଅ, ନିଶ୍ଚିତ ଭାବରେ ବିଜୟଶ୍ରୀ ଲାଭ ହେବ' ।

ଏଥିରେ ପ୍ରସନ୍ନ ହୋଇ ରାଜା ଚମରବାଳ ନିଜର ସୈନ୍ୟବାହିନୀ ସହ ଶତ୍ରୁପକ୍ଷର ସମ୍ମୁଖୀନ ହେଲେ । ଶତ୍ରୁମାନଙ୍କ ସେନା ବାହିନୀରେ ତିରିଶ ସହସ୍ର ହସ୍ତୀ, ତିନିଲକ୍ଷ ଅଶ୍ୱ ଏବଂ ଏକ କୋଟି ପାଦାତିକ ସୈନିକ ଥିବା ବେଳେ ଚମରବାଳଙ୍କ ସେନାବାହିନୀରେ ଥିଲେ ବିଂଶତିଲକ୍ଷ ପଦାତିକ, ଦଶ ସହସ୍ର ହସ୍ତୀ ଏବଂ ଏକ ଲକ୍ଷ ଅଶ୍ୱ । ଭୟଙ୍କର ଯୁଦ୍ଧ ସଂଘଟିତ ହେଲା । ସମୁଦ୍ର ମଧରେ ମହାବରାହ ରୂପୀ ଭଗବାନ୍ ପ୍ରବେଶ କଲା ପରି ରାଜା ବୀର ନାମକ ନିଜର ଏକମାତ୍ର ଅଙ୍ଗରକ୍ଷକ ସହ ଶତ୍ରୁପକ୍ଷୀୟ ସେନାବାହିନୀ ମଧରେ ପ୍ରବେଶ କଲେ । ଅସଂଖ୍ୟ ଶତ୍ରୁଙ୍କୁ ନିହତ କରି ସେ ରଣଭୂମିକୁ ମୃତ ଶରୀର ଦ୍ୱାରା ଆଚ୍ଛାଦିତ କରିପକାଇଲେ ।

ଏହିପରି ଭୀଷଣ ଯୁଦ୍ଧରେ ପ୍ରବୃତ୍ତହୋଇ ଚମରବାଳ ସମ୍ମୁଖରୁ ଆସୁଥିବା ସମରବଳଙ୍କୁ ଶକ୍ତିବିଦ୍ଧ କରି ପାଶଦ୍ୱାରା ବନ୍ଧନ କରିଦେଲେ । ଦ୍ୱିତୀୟ ରାଜା ସମରଶୂରଙ୍କ ହୃଦୟକୁ ଲକ୍ଷ୍ୟକରି ବାଣ ପ୍ରୟୋଗ କରନ୍ତେ ସେ ନିଶ୍ଚେଷ୍ଟ ହୋଇପଡ଼ିବାରୁ ତାଙ୍କୁ ମଧ ପୂର୍ବପରି ବନ୍ଧନ କରି ଆଣିଲେ । ଚମରବାଳଙ୍କ ଅଙ୍ଗରକ୍ଷକ ବୀର ତୃତୀୟ ରାଜା ସମରଜିତଙ୍କୁ ପାଶଦ୍ୱାରା ଆବଦ୍ଧ କରି ରାଜାଙ୍କ ନିକଟରେ ଆଣି ଉପସ୍ଥିତ କରାଇଲା । ସେନାପତି ଦେବବଳ ମଧ ଚତୁର୍ଥ ରାଜା ପ୍ରତାପଚନ୍ଦ୍ରଙ୍କୁ ଆଣି ରାଜାଙ୍କୁ ଉପହାର ଦେଲେ । ଏହା ଦେଖି ପଞ୍ଚମ ପ୍ରତାପସେନ କ୍ରୋଧାନ୍ୱିତ ହୋଇ ଚମରବାଳଙ୍କୁ ଆକ୍ରମଣ କଲେ । ପ୍ରତାପସେନଙ୍କ ବାଣଗୁଡ଼ିକୁ ନିଷ୍ପ୍ରଭ କରିଦେଇ ତିନୋଟି ବାଣଦ୍ୱାରା ରାଜା ତାଙ୍କ ଲଲାଟ ପଟକୁ ବିଦ୍ଧକଲେ ଏବଂ ପାଶାସ୍ତ୍ରଦ୍ୱାରା ବନ୍ଧନ କରି ନିଜ ନିକଟକୁ ନେଇ ଆସିଲେ ।

Digitized by srujanika@gmail.com

ପାଞ୍ଚଜଣଯାକ ଏହିପରି ଭାବରେ ପରାସ୍ତ ହୁଅନ୍ତେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ଏମାନଙ୍କର ସେନାବାହିନୀ ପ୍ରାଣରକ୍ଷା ନିମିତ୍ତ ପଳାୟନ କରିବାକୁ ଲାଗିଲା ।

ଏହି ଯୁଦ୍ଧରେ ବହୁ ଧନରତ୍ନ, ସୈନ୍ୟ ସାମନ୍ତ ସହ ବହୁ ରାଣୀଙ୍କୁ ମଧ୍ୟ ଚମରବାଳ ଲାଭକଲେ । ଏହି ରାଣୀମାନଙ୍କ ମଧ୍ୟରେ ରାଜା ପ୍ରତାପସେନଙ୍କ ମହାରାଣୀ ଯଶୋଲେଖା ଥିଲେ ଅତ୍ୟନ୍ତ ସୁନ୍ଦରୀ ଓ ରୂପବତୀ ।

ଏହାପରେ ରାଜା ଚମରବାଳ ଅଙ୍ଗରକ୍ଷକ ବୀର, ସେନାପତି ଦେବବଳ ଏବଂ ନିଜର ସେନାବାହିନୀ ସହ ସ୍ୱ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରି ଆସିଲେ । ରାଜ୍ୟରେ ବିଜୟ ଉତ୍ସବ ପାଳିତ ହେଲା । ଦେବବଳ ଓ ବୀରଙ୍କୁ ପଟ୍ଟବନ୍ଧନ କରି ରାଜା ସେମାନଙ୍କୁ ପର୍ଯ୍ୟାପ୍ତ ଧନରତ୍ନ ପ୍ରଦାନ କଲେ । କ୍ଷାତ୍ର ଧର୍ମାନୁଯାୟୀ ପ୍ରତାପସେନଙ୍କୁ ଜୟ କରି ତାଙ୍କର ମହାରାଣୀ ଯଶୋଲେଖାଙ୍କୁ ଲାଭ କରିଥିବାରୁ ରାଜା ତାଙ୍କୁ ନିଜର ଜଣେ ରାଣୀରୂପେ ଅନ୍ତଃପୁର ମଧ୍ୟରେ ସ୍ଥାନ ଦେଲେ । ପ୍ରଥମେ ବିଜିତା ଯଶୋଲେଖା ଇତସ୍ତତଃ ହେଉଥିଲେ ହେଁ ପରେ ରାଜାଙ୍କ ପ୍ରତି ଅନୁରକ୍ତା ହୋଇପଡ଼ିଲେ । କାମ ଓ ମୋହଗ୍ରସ୍ତ ବ୍ୟକ୍ତିମାନଙ୍କର ଧର୍ମ ଭାବନା ପ୍ରକୃତରେ ବଡ଼ ବିଚିତ୍ର ।

କାମ ମୋହପ୍ରବୃତ୍ତାନାଂ ଶବଳା ଧର୍ମବାସନା ।

କିଛିଦିନ ପରେ ରାଣୀ ଯଶୋଲେଖାଙ୍କ ଅନୁରୋଧ କ୍ରମେ ରାଜା ଚମରବାଳ ପ୍ରତାପସେନ ପ୍ରଭୃତିଙ୍କୁ ମୁକ୍ତିପ୍ରଦାନ କରି ନିଜ ନିଜ ରାଜ୍ୟକୁ ପ୍ରେରଣ କରିଦେଲେ । ସେହିଦିନଠାରୁ ରାଜା ଚମରବାଳ ନିଜର ନିଷ୍କଣ୍ଟକ ରାଜଲକ୍ଷ୍ମୀ ଏବଂ ଅପ୍ସରାବିନିନ୍ଦିତ ରୂପଲାବଣ୍ୟଶାଳୀ ବିଜୟ ପତାକାରୂପିଣୀ ଯଶୋଲେଖାଙ୍କ ସହ କ୍ରୀଡ଼ା କରି ଚିରକାଳ ପର୍ଯ୍ୟନ୍ତ ରାଜ୍ୟଶାସନ କଲେ ।

ଏହିପରି ଆବେଗରେ ଉନ୍ମତ୍ତ, ଦ୍ୱେଷରେ ବ୍ୟାକୁଳ, ଆତ୍ମପର ଭାବନା ବିଯୁକ୍ତ ଏବଂ ମଦଗର୍ବିତ ବହୁ ବ୍ୟକ୍ତିଙ୍କୁ ଜଣେ ସାଧୁପୁରୁଷ ଅକ୍ଳେଶରେ ପରାଜିତ କରିଦେଇଥାଏ ।

ଗୋମୁଖଙ୍କଠାରୁ ଏହି କଥା ଶ୍ରବଣରେ ନରବାହନଦତ୍ତ ତାଙ୍କୁ ବହୁ ପ୍ରଶଂସା କରି ନିଜର ନିତ୍ୟକର୍ମ ଶେଷ କରିବା ନିମନ୍ତେ ରାଜଭବନ ମଧ୍ୟରେ ପ୍ରବେଶ କଲେ, ଏବଂ ରାଣୀମାନଙ୍କ ସହ ସଙ୍ଗୀତଆସରରେ ରାତ୍ରିଯାପନ କରିବାକୁ ଲାଗିଲେ ।

●

Digitized by srujanika@gmail.com

ପଞ୍ଚମ ତରଙ୍ଗ

ମରୁଭୂତି କଥା

ଦିନେ ଯୁବରାଜ ନରବାହନଦତ୍ତ ମନ୍ତ୍ରୀମାନଙ୍କ ସହ ଅଳଙ୍କାରବତୀଙ୍କ ବାସଭବନରେ ବସି ଥାଆନ୍ତି । ଏ ସମୟରେ ମରୁଭୂତିଙ୍କ ସେବକ ଏବଂ ଅନ୍ତଃପୁର ରକ୍ଷକ କଞ୍ଚୁକୀର ସହୋଦର ଭ୍ରାତା ଆସି ତାଙ୍କୁ ନିବେଦନ କଲା, 'ଯୁବରାଜ, ମୁଁ ଦୁଇବର୍ଷ ହେଲା ମରୁଭୂତିଙ୍କର ସେବା କରିଆସୁଛି । ସେ ମଧ୍ୟ ମୋତେ ଏବଂ ମୋର ପରିବାରକୁ ଅନ୍ନ-ବସ୍ତ୍ର ପ୍ରଦାନ ପୂର୍ବକ ପାଳନ କରୁଅଛନ୍ତି । ପୂର୍ବରୁ ସେ କହିଥିଲେ ଯେ ପ୍ରତିବର୍ଷ ମୋତେ ପଚାଶ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରିବେ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ କିଛି ପାଇନାହିଁ । ଏକଥା ଉଠାଇବାରୁ ସେ ପଦାଘାତ କରି ମୋତେ ତାଙ୍କ ଗୃହରୁ ବହିଷ୍କାର କରିଦେଲେ । ଏଣୁ ମୁଁ ଆପଣଙ୍କ ଦ୍ୱାରରେ ଅନଶନ ଆରମ୍ଭ କରିଦେଇଛି । ଯଦି ଆପଣ ଏହାର ସୁବିଚାର ନ କରନ୍ତି, ତା' ହେଲେ ଅଗ୍ନିରେ ପ୍ରବେଶ କରି ଆତ୍ମହତ୍ୟା କରିବି ।'

ସେ ଏହା କହି ପ୍ରଣିପାତ ପୂର୍ବକ ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତେ, ମରୁଭୂତି କହିଲେ, 'ଯୁବରାଜ, ଏହାକୁ ସ୍ୱର୍ଣ୍ଣମୁଦ୍ରା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲି । କିନ୍ତୁ ବର୍ତ୍ତମାନ ମୋ ନିକଟରେ କିଛି ସ୍ୱର୍ଣ୍ଣମୁଦ୍ରା ନଥିବା ଯୋଗୁଁ ଦେଇପାରିନାହିଁ ।' ମରୁଭୂତିଙ୍କ ଉତ୍ତରରେ ଅନ୍ୟମାନେ ହାସ୍ୟ ପ୍ରକାଶ କରନ୍ତେ ନରବାହନଦତ୍ତ ମିତ୍ରଙ୍କୁ ଏ ପ୍ରକାର ମୂର୍ଖତା ଆଦୌ ଭଲନୁହେ ବୋଲି କହି ତୁରନ୍ତ ତାହାର ପ୍ରାପ୍ୟ ଦେଇଦେବା ପାଇଁ ନିର୍ଦ୍ଦେଶ ଦେଲେ । ଯୁବରାଜ ତଥା ପ୍ରଭୁଙ୍କ କଥାରେ ମରୁଭୂତି ଲଜ୍ଜିତ ହୋଇ ସଙ୍ଗେସଙ୍ଗେ ତାକୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କଲେ ।

ଏହି ଅବସରରେ ଗୋମୁଖ କହିଲେ ଯେ, ଏଥିପାଇଁ ମରୁଭୂତିଙ୍କୁ ନିନ୍ଦା କରାଯାଇ ନପାରେ । ବିଧାତାଙ୍କ ସୃଷ୍ଟିରେ ଏପରି ବହୁ ବିଚିତ୍ର ଚିତ୍ତବୃତ୍ତି ବିଶିଷ୍ଟ ବ୍ୟକ୍ତି ଦେଖିବାକୁ

Digitized by srujanika@gmail.com

ମିଳନ୍ତି । ଆପଣମାନେ ବିଳମ୍ବରେ ଦରମା ଦେଉଥିବା ରାଜା ଚିରଦାତା ଏବଂ ତାଙ୍କର ସେବକ ପ୍ରସଙ୍ଗ କଥା ବୋଧହୁଏ ଶୁଣି ନାହାନ୍ତି–

ରାଜା ଚିରଦାତା ଓ ଭୃତ୍ୟ ପ୍ରସଙ୍ଗ କଥା

'ପୂର୍ବକାଳରେ ଚିରପୁର ନାମକ ନଗରରେ ଚିରଦାତା ବୋଲି ଜଣେ ରାଜା ରାଜତ୍ୱ କରୁଥିଲେ । ସେ ନିଜେ ସଜ୍ଜନ ଥିଲେ ହେଁ ତାଙ୍କର ପରିବାର ଅତି ଦୁର୍ଜନ । ତେଣୁ ସେ ଭୃତ୍ୟମାନଙ୍କୁ ବିଳମ୍ବରେ ସେମାନଙ୍କ ପାଉଣା ପ୍ରଦାନ କରନ୍ତି ।

କୌଣସି ଦୂର ଦେଶରୁ ପ୍ରସଙ୍ଗ ନାମକ ଜଣେ ସେବକ ତାର ଦୁଇଜଣ ମିତ୍ରଙ୍କ ସହ ଆସି ରାଜାଙ୍କର ସେବା କରିବାକୁ ଲାଗିଲା । ଦୀର୍ଘ ପାଞ୍ଚବର୍ଷ ବିତିଗଲା କିନ୍ତୁ ରାଜା ସାଧାରଣ ସମୟ ଛାଡ଼ି ଉତ୍ସବାଦି ସମୟରେ ମଧ୍ୟ ସେମାନଙ୍କୁ କିଛି ଦେଲେ ନାହିଁ । ଅନ୍ୟ ଦୁଇଜଣ ବନ୍ଧୁଙ୍କଦ୍ୱାରା ପ୍ରେରିତ ହେଲେ ସୁଦ୍ଧା ପ୍ରସଙ୍ଗ ଅନ୍ୟାନ୍ୟ ଅନୁଚରମାନଙ୍କ ଚକ୍ରାନ୍ତ ଯୋଗୁଁ ରାଜାଙ୍କ ସହ ସାକ୍ଷାତ କରିପାରୁ ନଥାଏ ।

ଏକଦା ରାଜାଙ୍କ କନିଷ୍ଠ ପୁତ୍ରର ଦେହାନ୍ତ ଘଟିଲା । ରାଜାଙ୍କର ସମସ୍ତ ସେବକ ଆସି ତାଙ୍କୁ ଆଶ୍ୱାସନା ଦେବାକୁ ଲାଗିଲେ । ଏହି ଅବସରରେ ପ୍ରସଙ୍ଗ, ଅନ୍ୟମାନଙ୍କ ବାରଣ ସତ୍ତ୍ୱେ ଶୋକର ଆବେଗରେ ରାଜାଙ୍କୁ କହିଲା, 'ପ୍ରଭୋ, ବହୁଦିନ ଧରି ଆମ୍ଭେମାନେ ଆପଣଙ୍କର ସେବାକରି ଆସୁଅଛୁ । କିନ୍ତୁ ଆପଣ ଆମ୍ଭମାନଙ୍କୁ କିଛି ଦେଇ ନାହାନ୍ତି । ଆମେ ଆପଣଙ୍କ ଏହି ପୁତ୍ରଠାରୁ କିଛି ପାଇବୁ ବୋଲି ଆଶା କରି ଏ ଯାଏ ଆପଣଙ୍କୁ ପାଟି ଫିଟାଇ ମାଗି ନଥିଲୁ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ ମଧ୍ୟ କାଳର କବଳିତ ହେଲେ । ବର୍ତ୍ତମାନ ଆମେ କଣ କରିବୁ, ବିଦାୟ ଦିଅନ୍ତୁ ।' ଏହା କହି ପ୍ରସଙ୍ଗ ନିଜର ଅନ୍ୟ ଦୁଇଜଣ ମିତ୍ରଙ୍କ ସହ ରାଜାଙ୍କ ଚରଣରେ ପ୍ରଣିପାତ କରି ରାଜଭବନରୁ ନିଷ୍କ୍ରାନ୍ତ ହେଲା ।

ଏହା ଦେଖି ରାଜା ଚିନ୍ତା କଲେ ଯେ ଏହି ସେବକମାନେ ମୋର ପୁତ୍ର ନିକଟରେ ମଧ୍ୟ ଆଶା ରଖିଥିଲେ । ତେଣୁ ଏମାନଙ୍କୁ ପରିତ୍ୟାଗ କରିବା ଉଚିତ ନୁହେ । ଏହା ଭାବି ରାଜା ସେମାନଙ୍କୁ ଡାକି ଆଣି ଏତେ ଧନସମ୍ପଦ ପ୍ରଦାନ କଲେ ଯେ ଦାରିଦ୍ର୍ୟ ସେମାନଙ୍କୁ ଆଉ କେବେ ସ୍ପର୍ଶ କଲାନାହିଁ ।

ତେଣୁ, ମହାରାଜ, ଏପରି ବିଚିତ୍ର ଚରିତ୍ରବିଶିଷ୍ଟ ବ୍ୟକ୍ତି ମଧ୍ୟ ଦେଖାଯାନ୍ତି । ସେମାନେ ଉତ୍ସବରେ ଦାନ ନକରି ପୁତ୍ରର ମୃତ୍ୟୁରେ ଏ ପ୍ରକାର ଅଜସ୍ର ଦାନ ଦେଇଥାଆନ୍ତି ।'

Digitized by srujanika@gmail.com

ଏହା କହି ଗୋମୁଖ ମୌନ ହୁଅନ୍ତେ ନରବାହନଦତ୍ତ ତାଙ୍କୁ ଆଉ ଗୋଟିଏ ଗଳ୍ପ କହିବା ପାଇଁ ଅନୁରୋଧ କଲେ । ଫଳରେ କଥାକୁଶଳ ଗୋମୁଖ ପୁଣି ଆରମ୍ଭ କଲେ–

ରାଜା କନକବର୍ଷ କଥା

ପ୍ରାଚୀନ କାଳରେ ଗଙ୍ଗାନଦୀର ତଟ ଦେଶରେ କନକପୁର ବୋଲି ଗୋଟିଏ ନଗର ଥିଲା । ଗଙ୍ଗାଜଳ ସ୍ନାନ କରି ଏହି ନଗରର ନାଗରିକମାନେ ନିଜ ନିଜର ସମସ୍ତ ପାପ କ୍ଷାଳନ କରୁଥିଲେ । ଏହି ରାଜ୍ୟରେ ବନ୍ଧ କହିଲେ କାବ୍ୟବନ୍ଧ (ଚରିତ୍ର ବା ଦଣ୍ଡ ନୁହେ), ଛେଦ କହିଲେ କେବଳ କସ୍ତୁରୀ ଗୋରୋଚନା ପ୍ରଭୃତିଦ୍ୱାରା ଶରୀରରେ କରାଯାଉଥିବା ପତ୍ରାବଳି (ମସ୍ତକ ବା ବୃତ୍ତି ଛେଦ ନୁହେ), ଭଙ୍ଗ କହିଲେ କେବଳ ନାରୀମାନଙ୍କର ଚୂର୍ଣ୍ଣକୁନ୍ତଳ (ବଚନ ବା ପ୍ରତିଜ୍ଞା ଭଙ୍ଗ ନୁହେ), ଖଳ କହିଲେ କେବଳ ଧାନଖଳା (ଖଳ ଲୋକ ନୁହେ) ବୋଲି ବୁଝାଯାଉଥିଲା ।

ଏହି ନଗରର ରାଜା କନକବର୍ଷ ଥିଲେ ମହାଯଶସ୍ୱୀ । ସେ ନାଗରାଜ ବାସୁକିଙ୍କ ପୁତ୍ର ପ୍ରିୟଦର୍ଶନଙ୍କ ଔରସରୁ ଏବଂ ଯଶୋଧାରା ନାମ୍ନୀ ରାଜକୁମାରୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ସମଗ୍ର ପୃଥିବୀର ଭାର ବହନ କରିଥିଲେ ହେଁ ତାଙ୍କର ଶକ୍ତି ଥିଲା ଅଶେଷ । ଯଶଃପାଇଁ ରାଜାଙ୍କର ଲୋଭଥିଲା କିନ୍ତୁ ଧନପାଇଁ ନୁହେ; ପାପପାଇଁ ଭୟଥିଲା କିନ୍ତୁ ଶତ୍ରୁପାଇଁ ନୁହେ; ପରନିନ୍ଦା ଗାନ କରିବାରେ ସେ ମୂର୍ଖ ଥିଲେ କିନ୍ତୁ ଶାସ୍ତ୍ରରେ ନୁହେ ; ତାଙ୍କର କ୍ରୋଧରେ ସ୍ୱଳ୍ପତା ଥିଲା କିନ୍ତୁ ପ୍ରସନ୍ନତାରେ ନୁହେ, ତାଙ୍କର ମୁଷ୍ଟି ଧନୁ ଧାରଣରେ ବଦ୍ଧଥିଲା କିନ୍ତୁ ଦାନଶୀଳତା ପାଇଁ ସେ ବଦ୍ଧମୁଷ୍ଟି ନଥିଲେ । ଏହି ଅଦ୍ଭୁତ ରୂପଶାଳୀ ଏବଂ ସଂସାରବିଜୟୀ ରାଜାଙ୍କୁ ଦର୍ଶନ କରିବାମାତ୍ରେ ସୁନ୍ଦରୀ ସ୍ତ୍ରୀମାନେ କାମବିହ୍ୱଳା ହୋଇଉଠୁଥିଲେ ।

ସେ ନିଜର ପ୍ରଜାବୃନ୍ଦଙ୍କୁ ସୁଖଶାନ୍ତିରେ ପରିପାଳନ କରୁଥିବା ସମୟରେ ସମୟକ୍ରମେ ଶରତଋତୁ ଆସି ପୃଥିବୀର ପ୍ରତ୍ୟେକ ବସ୍ତୁକୁ ସ୍ପର୍ଶକଲା । ଏହି ଋତୁରେ ହସ୍ତୀସମୂହ ମଦୋନ୍ମତ୍ତ ହୋଇଉଠିଲେ, ରାଜହଂସମାନଙ୍କର କଳକୂଜନ କର୍ଣ୍ଣଗୋଚର ହେବାରୁ ଜନତା ପ୍ରଭୂତ ଆନନ୍ଦ ଲାଭ କଲେ । ରାଜା ମଧ୍ୟ ଏହି ଶାରଦୀୟ ଶୋଭା ଦର୍ଶନ କରି ପଦ୍ମପୁଷ୍ପ ସୁରଭିତ ବାତାନୁକୂଳ ଚିତ୍ର ମହଲରେ ଯାଇ ଉପସ୍ଥିତ ହେଲେ ।

ଚିତ୍ରଭବନସ୍ଥିତ ଗୋଟିଏ ଚିତ୍ରପଟ ନିକଟରେ ବସି ସେ ଯେତେବେଳେ ତାର କଳା କୌଶଳକୁ ସପ୍ରଶଂସ ଦୃଷ୍ଟିରେ ଚାହିଁ ରହିଥିଲେ, ସେତେବେଳେ ଦ୍ୱାରପାଳ ଆସି

Digitized by srujanika@gmail.com

ନିବେଦନ କଲା, 'ଜଣେ ଚିତ୍ରକର ବିଦର୍ଭ ଦେଶରୁ ଆସି ଅଛନ୍ତି । ସେ ନିଜକୁ ଅଦ୍ୱିତୀୟ ଚିତ୍ରକର ରୂପେ ପରିଚିତ କରାଉଛନ୍ତି । ତାଙ୍କ ନାମ ରୋଳଦେବ । ସେ ଗୋଟିଏ ରମଣୀୟ ଚିତ୍ର ଅଙ୍କନ କରି ରାଜଭବନର ଦ୍ୱାର ଦେଶରେ ଟାଙ୍ଗି ଦେଇଛନ୍ତି । ନିର୍ଦ୍ଦେଶ ଦେଲେ, ତାଙ୍କୁ ଆଣି ଛାମୁରେ ଉପସ୍ଥିତ କରାନ୍ତି । ଏହାଶୁଣି ରାଜା କନକବର୍ଷ ସଙ୍ଗେସଙ୍ଗେ ତାଙ୍କୁ ନେଇ ଆସିବା ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କଲେ । ଦ୍ୱାରପାଳ ଚିତ୍ରକର ରୋଳଦେବଙ୍କୁ କ୍ଷଣକ ମଧ୍ୟରେ ଆଣି ଛାମୁରେ ହାଜର କରାଇଲା ।

ଚିତ୍ରଭବନ ମଧ୍ୟରେ ପ୍ରବେଶକରି ରୋଳଦେବ ଦେଖିଲେ ଯେ ରାଜା ସୁନ୍ଦରୀ ନାରୀମାନଙ୍କର ଉନ୍ନତ ସ୍ତନ ଉପରେ ନିଜର ଶରୀରଭାର ନ୍ୟସ୍ତ କରି ଉପବେଶନ କରିଅଛନ୍ତି । ହସ୍ତରେ ତାଙ୍କର ତାମ୍ବୁଲବିଟିକା । ଅନ୍ୟାନ୍ୟ ନାରୀ ଗୋଟିଏ ପରେ ଗୋଟିଏ ଚିତ୍ରପଟଆଣି ରାଜାଙ୍କ ସମ୍ମୁଖରେ ଟେକି ଧରନ୍ତେ ସେ ସେଗୁଡ଼ିକୁ ନିବିଷ୍ଟ ଭାବେ ନିରୀକ୍ଷଣ କରୁଅଛନ୍ତି । ଏ ସମୟରେ ରୋଳଦେବ ଯାଇ ରାଜାଙ୍କୁ ବିନମ୍ର ପ୍ରଣାମ ପୂର୍ବକ ନିବେଦନ କଲେ, 'ମହାରାଜ୍, ଆପଣଙ୍କ ଚରଣକମଳ ଦର୍ଶନ ଅଭିଳାଷରେ ମୁଁ ଗୋଟିଏ ଚିତ୍ରପଟ ଅଙ୍କନ କରି ରାଜଭବନର ଦ୍ୱାର ଦେଶରେ ସ୍ଥାପନ କରିଛି । ଏହା ମୋର ଔଦ୍ଧତ୍ୟ ବା ଅହଙ୍କାରର ପରିଚାୟକ ବୋଲି ଆପଣ ମନେ କରିବେ ନାହିଁ । ଆପଣ ଯାହାର ଚିତ୍ର ଅଙ୍କନ କରିବାପାଇଁ ଆଦେଶ ଦେବେ, ମୁଁ ସଙ୍ଗେ ସଙ୍ଗେ ତା'ର ଚିତ୍ରପଟ ଅଙ୍କନ କରି ମୋର ଅର୍ଜିତ ବିଦ୍ୟା ସାର୍ଥକ କରିବି ।'

ରୋଳଦେବଙ୍କର ଏ ପ୍ରକାର ଅନୁରୋଧରେ ରାଜା ଚିତ୍ରକରର ଇଚ୍ଛା ଅନୁଯାୟୀ ଚିତ୍ରଟିଏ ଅଙ୍କନ କରିବାପାଇଁ ନିର୍ଦ୍ଦେଶ ଦେଲେ । କିନ୍ତୁ ଚିତ୍ରଟି ଜୀବନ୍ତ ଓ ଆନନ୍ଦଦାୟକ ହେବା ଉଚିତ । ରାଜାଙ୍କଠାରୁ ଏହା ଶୁଣି ସମ୍ମୁଖରେ ବସିଥିବା ସଭାସଦ୍‌ମାନେ ରାଜାଙ୍କର ହିଁ ଚିତ୍ର ଅଙ୍କନ କରିବାର ପ୍ରସ୍ତାବ ଦେଲେ । କାରଣ ଅନ୍ୟ କାହାର ଚିତ୍ର ଅଙ୍କନ କରି ଲାଭ କିଛି ନାହିଁ ।

ଏହାଶୁଣି ରୋଳଦେବ ତତ୍‌କ୍ଷଣାତ୍ ପଟ ଉପରେ ରାଜାଙ୍କର ଏକ ଚିତ୍ର ଅଙ୍କନ କଲେ । କନକବର୍ଷଙ୍କ ଶାରୀରିକ ଶୋଭା ଅନୁଯାୟୀ ଉଚ୍ଚ ନାସିକା, ଦୀର୍ଘ ଆରକ୍ତ ନେତ୍ର, ବିପୁଳ ଲଲାଟ ପଟ, କୁଞ୍ଚିତ କଜ୍ଜଳକୃଷ୍ଣ କେଶପାଶ, ବିସ୍ତୃତ ଉରଦେଶରେ ଅସ୍ତ୍ରଶସ୍ତ୍ରର କ୍ଷତଚିହ୍ନ, ପରାକ୍ରମରେ ପରାସ୍ତ ହୋଇ ସିଂହଶାବକ ଉପହାର ସ୍ୱରୂପ ପ୍ରଦାନ କରିଥିବା କ୍ଷୀଣ କଟି, ହସ୍ତୀହସ୍ତ ତୁଲ୍ୟ ବାହୁ, ଉନ୍ମତ୍ତ ହସ୍ତୀର ବନ୍ଧନସ୍ତମ୍ଭ ତୁଲ୍ୟ ପୃଥୁଳ ଜଘନପ୍ରଦେଶ, ନବପଲ୍ଲବିତ ଅଶୋକ ଲତା ତୁଲ୍ୟ ପଦଯୁଗଳ ଚିତ୍ରଣ କରି ଚିତ୍ରକର ସଭାସଦ୍‌ମାନଙ୍କ ସମ୍ମୁଖରେ ଚିତ୍ରଟିକୁ ପ୍ରଦର୍ଶନ କଲେ ।

Digitized by srujanika@gmail.com

ସେମାନଙ୍କ ସମ୍ମୁଖରେ ହିଁ ରାଜାଙ୍କର ଏପ୍ରକାର ଏକ ଜୀବନ୍ତ ଆଲେଖ୍ୟ ପ୍ରସ୍ତୁତ କରିଥିବା ଯୋଗୁଁ ସଭାସଦ୍‌ବୃନ୍ଦ ବିସ୍ମୟରେ ତାଙ୍କୁ ଧନ୍ୟ ଧନ୍ୟ କରିବାକୁ ଲାଗିଲେ । କିନ୍ତୁ ସେମାନେ କହିଲେ, 'ରାଜାଙ୍କୁ ଚିତ୍ରପଟ ଉପରେ ଏକାକୀ ଦର୍ଶନ କରି ଆମ୍ଭେମାନେ ତୃପ୍ତି ଲାଭ କରିପାରୁନାହୁଁ, ତେଣୁ ପ୍ରାଚୀର ଗାତ୍ରରେ ଅଙ୍କିତ ଯେକୌଣସି ଜଣେ ରାଣୀଙ୍କୁ ନେଇ ଆପଣ ରାଜାଙ୍କ ସହ ଆସୀନ କରାନ୍ତୁ । ତାହାହେଲେ ଆମ୍ଭେମାନେ ଅଧିକ ଆନନ୍ଦ ଲାଭ କରିବୁ ।' ଏହା ଶୁଣି ଚିତ୍ରକର ଥରେ ସେହି ଚିତ୍ରଗୁଡ଼ିକ ଉପରେ ଦୃଷ୍ଟିପାତ କରି ସଭାସଦ୍‌ମାନଙ୍କୁ କହିଲେ, 'ଏମାନଙ୍କ ମଧ୍ୟରୁ ଜଣେ ହେଲେ ରାଜାଙ୍କ ସମକକ୍ଷା ନୁହନ୍ତି । ମୁଁ ତ ଭାବୁଛି ରାଜାଙ୍କର ଉପଯୁକ୍ତ ସୁନ୍ଦରୀ ସମଗ୍ର ପୃଥିବୀରେ ବିରଳ । ଅବଶ୍ୟ ଜଣେ ରାଜକୁମାରୀ ଅଛନ୍ତି । ତାଙ୍କ ସମ୍ପର୍କରେ ମୁଁ ଆପଣମାନଙ୍କୁ କିଛି ସୂଚନା ଦେଇପାରେ; ଶୁଣନ୍ତୁ—

ବିଦର୍ଭ ଦେଶରେ କୁଣ୍ଡିନପୁର ବୋଲି ଏକ ନଗର ଅଛି । ସେଠାରେ ଦେବଶକ୍ତି ନାମରେ ଜଣେ ରାଜା ରାଜତ୍ୱ କରନ୍ତି । ତାଙ୍କର ପ୍ରାଣପ୍ରିୟା ପଟ୍ଟମହିଷୀ ଅନନ୍ତବତୀ । ଏହି ରାଣୀଙ୍କ ଗର୍ଭରୁ ରାଜାଙ୍କ ଔରସରେ ମଦନସୁନ୍ଦରୀ ନାମରେ ଏକ କନ୍ୟା ଜାତ ହୋଇଅଛନ୍ତି । ଗୋଟିଏ ଜିହ୍ୱା ସାହାଯ୍ୟରେ ଏହାଙ୍କର ରୂପ ବର୍ଣ୍ଣନା କରିବା ନିମନ୍ତେ ମୁଁ ଅସମର୍ଥ । ପୁଣି ମୁଁ ଏତିକି ମାତ୍ର କହିପାରେ ଯେ ବିଧାତା ଏହାଙ୍କୁ ନିର୍ମାଣ କରିବା ପରେ ଅନୁରୂପ ଆଉ ଗୋଟିଏ କନ୍ୟା ନିର୍ମାଣ କରିବାପାଇଁ ଇଚ୍ଛା କଲେ ହେଁ ଗୋଟିଏ ଯୁଗ ବିତିଗଲାଣି, ତଥାପି ସେ ସଫଳ ହୋଇପାରୁ ନାହାନ୍ତି । ସମଗ୍ର ପୃଥିବୀରେ ସେ ହିଁ ଆପଣମାନଙ୍କ ରାଜାଙ୍କପାଇଁ ଏକମାତ୍ର ଅନୁରୂପ କନ୍ୟା ।

ମୁଁ ଉକ୍ତ ନଗରୀରେ ବାସ କରୁଥିବା ସମୟରେ ଦାସୀଦ୍ୱାରା ଆମନ୍ତ୍ରିତ ହୋଇ ଅନ୍ତଃପୁର ମଧ୍ୟକୁ ଯାଇଥିଲି । ସେଠାରେ ଚନ୍ଦନଲିପ୍ତାଙ୍ଗୀ, ମୃଣାଳମାଳାଧାରିଣୀ, କମଳଦଳଶଯ୍ୟା ଉପରେ ବାରମ୍ବାର ପାର୍ଶ୍ୱ ପରିବର୍ତ୍ତନ କରୁଥିବା ଦୁର୍ବଳ ଓ ପାଣ୍ଡୁର-ଶରୀରା ଏହି ରାଜକନ୍ୟାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲି । ସେତେବେଳେ ଦାସୀମାନେ ତାଙ୍କୁ କଦଳୀପତ୍ରରେ ବ୍ୟଜନ କରୁଥାଆନ୍ତି । ଏଥିରୁ ମୋର ଅନୁମାନ ହୋଇଥିଲା ଯେ ରାଜକୁମାରୀ କାମଜ୍ୱର ପ୍ରପୀଡ଼ିତା । ସେ ସଖୀମାନଙ୍କୁ କହୁଥାଆନ୍ତି, 'ସଖି, ଚନ୍ଦନର ପ୍ରଲେପ ଏବଂ କମଳ ଦଳ ଶୀତଳ ହେଲେହେଁ ମୋର ଶରୀରକୁ ସନ୍ତପ୍ତ କରୁଅଛନ୍ତି ମାତ୍ର । ଏଣୁ ଏସବୁ ବନ୍ଦକର । ଏପ୍ରକାର ବିଫଳ ପ୍ରଯତ୍ନରେ ଲାଭ କଣ ?' ସଖୀମାନେ ତାଙ୍କୁ ବାରମ୍ବାର ସାନ୍ତ୍ୱନା ପ୍ରଦାନ କରୁଥିଲେ ହେଁ ସେମାନଙ୍କୁ ଏ ସବୁ ଶୀତଳ ଉପଚାର ବନ୍ଦ କରିବା ପାଇଁ ସେ ପ୍ରାର୍ଥନା କରୁଥାଆନ୍ତି ।

Digitized by srujanika@gmail.com

ରାଜକୁମାରୀଙ୍କୁ ଏପରି ଅବସ୍ଥାରେ ଦେଖି ମୁଁ ପ୍ରଥମେ ବିଚଳିତ ହୋଇପଡ଼ିଲି । କିନ୍ତୁ ପରେ ଏହାର କାରଣ ଜାଣିବା ପାଇଁ ମୁଁ ପ୍ରଣାମ ପୂର୍ବକ ତାଙ୍କ ନିକଟରେ ଯାଇ ଆସନ ଗ୍ରହଣ କଲି । 'ଉପାଧ୍ୟାୟ, ଏହାରି ଅନୁରୂପ ଏକ ଚିତ୍ରପଟ ମୋ ପାଇଁ ଆଙ୍କି ଦିଅନ୍ତୁ' କହି ସେ ନିଜର କମ୍ପିତ କରପଲ୍ଲବରେ ତୂଳିକା ଧାରଣ କରି ଭୂମି ଉପରେ ଏକ ସୁନ୍ଦର ଚିତ୍ର ଅଙ୍କନ କଲେ । ଏହା କୌଣସି ଅତ୍ୟନ୍ତ ରୂପଶାଳୀ ଯୁବକର ଚିତ୍ର ଥିଲା । ମହାରାଜ୍ ! ଏହାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚିତ୍ରାଙ୍କନ କରି ମୋର ମନେହେଲା ଯେ ମୁଁ ସାକ୍ଷାତ୍ କାମଦେବଙ୍କର ଚିତ୍ରଟିଏ ହିଁ ଅଙ୍କନ କଲି । କିନ୍ତୁ ସେ ଉକ୍ତ ଚିତ୍ରଟିର ହସ୍ତରେ କନ୍ଦର୍ପର ପୁଷ୍ପ ଧନୁ ଓ ପୁଷ୍ପ ଧରାଇ ନଥିବାରୁ ମୁଁ ମନେ ମନେ ଭାବିଲି ଯେ ଏହା କନ୍ଦର୍ପର ନୁହେ କୌଣସି ଯୁବକର ଚିତ୍ର । ଏହି ଯୁବକଙ୍କୁ ରାଜକୁମାରୀ କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଦେଖିଛନ୍ତି, ନୋଚେତ୍ ତାର ରୂପଗୁଣ ସମ୍ପର୍କରେ ଶୁଣିବାକୁ ପାଇଛନ୍ତି, ଏହାଙ୍କର ଏହି କାମଜ୍ୱର ମଧ୍ୟ ସେହି ପୁରୁଷପାଇଁ । ତେଣୁ ମୋତେ ଏଠାରୁ ଶୀଘ୍ର ବିଦାୟ ନେଇ ପଳାୟନ କରିବାକୁ ପଡ଼ିବ । କାରଣ ଏହାଙ୍କର ପିତା ଦେବଶକ୍ତି ଅତ୍ୟନ୍ତ କ୍ଷଣକୋପୀ । ଏ ସମ୍ବାଦ ତାଙ୍କର କର୍ଣ୍ଣଗୋଚର ହେଲେ ସେ ମୋତେ କଦାପି କ୍ଷମା ଦେବେ ନାହିଁ ।'

ଏହିପରି ଚିନ୍ତାକରି ମୁଁ ରାଜକୁମାରୀଙ୍କୁ ନମସ୍କାର ପୂର୍ବକ ବିଦାୟ ଗ୍ରହଣ କଲି । ସେ ମଧ୍ୟ ମୋତେ ଯଥାର୍ଥ ଭାବେ ସମ୍ମାନିତ କଲେ । ମୁଁ ତାଙ୍କର ପରିଜନମାନଙ୍କଠାରୁ ଏହାମଧ୍ୟ ଶୁଣିବାକୁ ପାଇଲି ଯେ ରାଜକୁମାରୀ ଆପଣଙ୍କ ନିମିତ୍ତ ଏ ପ୍ରକାର ମନୋବ୍ୟଥା ଲାଭ କରୁଛନ୍ତି । ଏଣୁ ଗୁପ୍ତରେ ରାଜକୁମାରୀଙ୍କ ଏକ ଚିତ୍ରପଟ ଅଙ୍କନ କରି ଆପଣଙ୍କ ନିକଟରେ ଆସି ଉପସ୍ଥିତ ହୋଇଅଛି । ବର୍ତ୍ତମାନ ଆପଣଙ୍କୁ ଦର୍ଶନ କରି ମୋର ସନ୍ଦେହ ଦୂରୀଭୂତ ହେଲା । ରାଜକୁମାରୀ ଆପଣଙ୍କ ରୂପ ହିଁ ମୋଦ୍ୱାରା ଅଙ୍କନ କରାଇଥିଲେ । ଏହି ଚିତ୍ରକୁ ମୁଁ ବାରମ୍ବାର ଅଙ୍କନ କରିବା ପାଇଁ ସମର୍ଥ ନୁହେ । ତେଣୁ ରାଜକୁମାରୀ ମଦନସୁନ୍ଦରୀ ଆପଣଙ୍କ ଅନୁରୂପ ହେଲେ ହେଁ ଆପଣଙ୍କ ସହ ତାଙ୍କୁ ଗୋଟିଏ ଚିତ୍ରପଟରେ ଅଙ୍କନ କରିବା ମୋ ପକ୍ଷରେ ଆଉ ସମ୍ଭବ ହୋଇପାରୁ ନାହିଁ ।

ରୋଳଦେବଙ୍କଠାରୁ ଏହା ଶୁଣି ରାଜା ରାଜକୁମାରୀଙ୍କ ଚିତ୍ରପଟଟି ଦେଖିବାପାଇଁ ଚାହିଁବାରୁ ସେ ଚିତ୍ରପେଟିକା ମଧ୍ୟରୁ ଚିତ୍ରପଟଟି ବାହାର କରି ରାଜାଙ୍କୁ ପ୍ରଦାନ କଲେ ।

ରାଜା କନକବର୍ଷ ନିର୍ଜୀବ ରୂପେ ଶୋଭାପାଉଥିବା ସେହି ରୂପବତୀ ରାଜକୁମାରୀଙ୍କ ଚିତ୍ରପଟ୍ଟ ଦର୍ଶନରେ ତତ୍କ୍ଷଣାତ୍ କାମଶରରେ ପୀଡ଼ିତ ହୋଇପଡ଼ିଲେ ।

Digitized by srujanika@gmail.com

ସେ ରୋଳଦେବଙ୍କୁ ପ୍ରଚୁର ଅର୍ଥ ଦାନପୂର୍ବକ ବିଦାୟ କରି ରାଜକୁମାରୀଙ୍କ ଚିତ୍ରପଟ ସହ ନିଜର ଶୟନ କକ୍ଷକୁ ପ୍ରତ୍ୟାବର୍ତ୍ତନ କଲେ ।

ସେଠାରେ ଏକାନ୍ତରେ ଉକ୍ତ ଚିତ୍ରପଟ ଦର୍ଶନ କରି ରାଜାଙ୍କ ଚକ୍ଷୁ ତୃପ୍ତି ଲାଭ କରିପାରିଲା ନାହିଁ । ସେ ରାଜକାର୍ଯ୍ୟ ପରିତ୍ୟାଗ କରି ତନ୍ମୟ ଭାବରେ ସେହି ଚିତ୍ରପଟର ରୂପ ଧ୍ୟାନ କରିବାକୁ ଲାଗିଲେ । ଏହାକୁ ଅପୂର୍ବ ଅବସର ମନେକରି କାମଦେବ ମଧ୍ୟ ତାଙ୍କ ରୂପ ସହିତ ସ୍ପର୍ଦ୍ଧା କରୁଥିବା ରାଜା କନକବର୍ଷଙ୍କୁ ପୁଷ୍ପବାଣ ପ୍ରୟୋଗଦ୍ୱାରା ବ୍ୟଥିତ କରିବାକୁ ଲାଗିଲେ । ରାଜା ନିଜର ଅପରୂପ ଲାବଣ୍ୟଦ୍ୱାରା ପୃଥିବୀର ରମଣୀମାନଙ୍କୁ ଯେଉଁ ପରିମାଣରେ ଦୁଃଖ ପ୍ରଦାନ କରୁଥିଲେ, ବର୍ତ୍ତମାନ ତା’ ଅପେକ୍ଷା ଅଧିକ ଦୁଃଖ ଲାଭ କରିବାକୁ ଲାଗିଲେ । ଏହିପରି କିଛିଦିନ ଅକଥନୀୟ ବିରହ ବେଦନା ସହ୍ୟ କରି ରାଜା କ୍ରମଶଃ ପାଣ୍ଡୁର ଓ ଦୁର୍ବଳ ହୋଇପଡ଼ିଲେ । ତାଙ୍କର ମନୋବେଦନାର କାରଣ ଜ୍ଞାତ ହେବା ନିମିତ୍ତ ବ୍ୟାକୁଳ ହେଉଥିବା କେତେଜଣ ଆପ୍ତସଖାଙ୍କ ନିକଟରେ ସେ ପରିଶେଷରେ ନିଜର ମନୋଭାବ ସ୍ପଷ୍ଟ ପ୍ରକାଶ କଲେ ।

ବନ୍ଧୁମାନେ ରାଜାଙ୍କର ମନୋବେଦନାର କାରଣ ଜାଣିବାପାଇଁ ସମର୍ଥ ହୁଅନ୍ତେ, ଏହାର ପ୍ରତିକାର ନିମିତ୍ତ ଉପାୟ ଚିନ୍ତାକଲେ । ସେମାନଙ୍କ ପ୍ରରୋଚନାରେ ଦେବଶକ୍ତିଙ୍କ ନିକଟକୁ ରାଜାଙ୍କ ସକାଶେ କନ୍ୟା ପ୍ରାର୍ଥନାକରି ଏକ ଦୂତ ପ୍ରେରଣ କରିବାପାଇଁ ନିଶ୍ଚୟ କରାଗଲା । ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକୁଶଳୀ, ପରମ ବିଶ୍ୱସ୍ତ, କୁଳୀନ, ମଧୁର ତଥା ସ୍ପଷ୍ଟଭାଷୀ ସଙ୍ଗମସ୍ୱାମୀ ନାମକ ବ୍ରାହ୍ମଣଙ୍କୁ ଦୂତରୂପେ ନିଯୁକ୍ତ କରାଗଲା । ସେ ବହୁମୂଲ୍ୟ ସାଜସଜ୍ଜାସହ ବିଦର୍ଭଦେଶ ଅଭିମୁଖରେ ପ୍ରସ୍ଥାନକରି କୁଣ୍ଡିନପୁର ନଗରରେ ଯାଇ ଉପସ୍ଥିତ ହେଲେ । ସେଠାରେ ସେ ରାଜା ଦେବଶକ୍ତିଙ୍କ ସହ ଯଥାବିଧି ସାକ୍ଷାତକରି ନିଜର ପ୍ରଭୁ ରାଜା କନକବର୍ଷଙ୍କ ନିମିତ୍ତ ତାଙ୍କ କନ୍ୟା ମଦନସୁନ୍ଦରୀଙ୍କ ପାଣି ପ୍ରାର୍ଥନା କଲେ ।

‘କନ୍ୟା ତ ନିଶ୍ଚିତ ରୂପେ କାହାରିକୁ ସମର୍ପଣ କରିବାକୁ ହେବ । ରାଜା କନକବର୍ଷ ନିଶ୍ଚିତରୂପେ ଏହାର ଉପଯୁକ୍ତ ବରପାତ୍ର । ପୁଣି ସେ ନିଜେ ଏହାକୁ ଗ୍ରହଣ କରିବା ସକାଶେ ଆଗ୍ରହୀ । ଏଣୁ ଏହାଙ୍କୁ ହିଁ କନ୍ୟାପ୍ରଦାନ କରିବା ଉଚିତ’—ଏପରି ବିଚାରକରି ରାଜା ଦେବଶକ୍ତି କନକବର୍ଷଙ୍କ ପ୍ରସ୍ତାବରେ ସ୍ୱୀକୃତ ହେଲେ । କେବଳ ସେତିକି ନୁହେଁ, ସେ କନ୍ୟାର ନୃତ୍ୟ କୁଶଳତା ମଧ୍ୟ ସଂଗମସ୍ୱାମୀଙ୍କୁ ପ୍ରଦର୍ଶନ କରାଇଲେ ।

ଯଥୋଚିତ ସତ୍କାର କରି ଏବଂ କନ୍ୟା ପ୍ରଦାନର ସ୍ୱୀକୃତି ପ୍ରଦାନପୂର୍ବକ ରାଜା ଦେବଶକ୍ତି ଦୂତ ସଂଗମସ୍ୱାମୀଙ୍କୁ ବିଦାୟ ଦେଲେ । କେବଳ ସେତିକି ନୁହେଁ, ତାଙ୍କ ସହ

Digitized by srujanika@gmail.com

ନିଜର ମଧ୍ୟ ଜଣେ ଦୂତକୁ ପ୍ରେରଣକରି ତାଙ୍କଦ୍ୱାରା ରାଜା କନକବର୍ଷଙ୍କୁ ବରଯାତ୍ରୀ ସହ ଆସି ତାଙ୍କ କନ୍ୟାର ପାଣିଗ୍ରହଣ କରିବା ପାଇଁ ଅନୁରୋଧ ଜଣାଇଲେ ।

ରାଜଦୂତ ସହ ପ୍ରତ୍ୟାବର୍ତ୍ତନ କରି ସଂଗମସ୍ୱାମୀ କାର୍ଯ୍ୟସିଦ୍ଧି ସମ୍ପର୍କରେ ରାଜା କନକବର୍ଷଙ୍କ ନିକଟରେ ନିବେଦନ କଲେ । ରାଜା ଏ ସମ୍ବାଦ ଶ୍ରବଣରେ ମଦନସୁନ୍ଦରୀ ତାଙ୍କ ପ୍ରତି ଅନୁରକ୍ତା ଥିବା ଜାଣି ଦୂତର ଯଥାପୂର୍ବ ସତ୍କାର ପୂର୍ବକ ଶୁଭଲଗ୍ନ ନିଶ୍ଚୟକରି ବିବାହ ନିମିତ୍ତ କୁଣ୍ଡିନପୁର ନଗର ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

ପଥ ମଧ୍ୟରେ ବ୍ୟାଘ୍ର, ସିଂହ, ବରାହ ତଥା ଆରଣ୍ୟକ ଦସ୍ୟୁମାନଙ୍କୁ ଅବଲୀଳାକ୍ରମେ ମୃଗୟା କରି ରାଜା କନକବର୍ଷ ବିଦର୍ଭରାଜ୍ୟରେ ଆସି ଉପସ୍ଥିତ ହେଲେ । ତାଙ୍କର ଆଗମନ ବାର୍ତ୍ତା ଶ୍ରବଣରେ ରାଜା ଦେବଶକ୍ତି ତାଙ୍କୁ ସ୍ୱାଗତକରି କୁଣ୍ଡିନପୁର ନଗର ମଧ୍ୟରେ ପ୍ରବେଶ କରାଇଲେ । ଉକ୍ତ ନଗରର ପୁରନାରୀମାନଙ୍କ ନୟନରାଶିକୁ ଆନନ୍ଦାପ୍ଳୁତକରି ବିବାହ ନିମିତ୍ତ ସୁସଜ୍ଜିତ ରାଜଭବନ ମଧ୍ୟରେ ଯାଇ ରାଜା କନକବର୍ଷ ବରଯାତ୍ରୀମାନଙ୍କ ସହ ଉପସ୍ଥିତ ହୁଅନ୍ତେ ଦେବଶକ୍ତି ଏମାନଙ୍କର ଉଚିତ ସତ୍କାର କରି ଅଭିନନ୍ଦନ ଜ୍ଞାପନ କଲେ । ଉକ୍ତ ଦିବସଟି ସେଠାରେ ଆନନ୍ଦର ସହିତ ଯାପନ କରିବା ନିମିତ୍ତ ସମସ୍ତ ବ୍ୟବସ୍ଥା କରାଗଲା ।

ଦ୍ୱିତୀୟ ଦିନ ବିବାହ ସମ୍ପନ୍ନ ହେଲା । ଦେବଶକ୍ତି କନ୍ୟାସହିତ ତାଙ୍କର ସମସ୍ତ ସମ୍ପତ୍ତି ଜାମାତାଙ୍କୁ ଅର୍ପଣକଲେ । କନକବର୍ଷ ବିବାହର ସପ୍ତମ ଦିବସରେ ନବବଧୂସହ ନିଜର ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିଆସିଲେ । ଚନ୍ଦ୍ରିକା ସହ ଚନ୍ଦ୍ରମା ତୁଲ୍ୟ ମଦନସୁନ୍ଦରୀଙ୍କ ସହ ଜଗଦାନନ୍ଦପ୍ରଦାୟକ ରାଜା କନକବର୍ଷ ସ୍ୱ ନଗରରେ ଉପସ୍ଥିତ ହୁଅନ୍ତେ ସମଗ୍ର ରାଜ୍ୟରେ ମହୋତ୍ସବ ପରିପାଳିତ ହେଲା ।

ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଷ୍ଟପଟ୍ଟମହିଷୀଙ୍କ ମଧ୍ୟରେ ରୁକ୍ମିଣୀଙ୍କ ପରି କନକବର୍ଷଙ୍କର ଅସଂଖ୍ୟ ରାଣୀଙ୍କ ମଧ୍ୟରେ ମଦନସୁନ୍ଦରୀ ଥିଲେ ଅତ୍ୟନ୍ତ ପ୍ରିୟପାତ୍ରୀ । ଏହି ଦମ୍ପତି ପରସ୍ପରର ରୂପସୁଧାପାନ କରିବା ନିମିତ୍ତ ଏପରି ଭାବରେ ପରସ୍ପରକୁ ନିରୀକ୍ଷଣ କରୁଥିଲେ ଯେ ମନେ ହେଉଥିଲା କାମଦେବଙ୍କର ବାଣପ୍ରହାରରୁ ରକ୍ଷା ପାଇବାପାଇଁ ଉଭୟେ ଉଭୟଙ୍କ ଶରୀରକୁ କୀଳିତ କରୁଥିଲେ ।

ଏହିପରି ଭାବରେ ଆନନ୍ଦର ସହିତ ରାଜା କନକବର୍ଷ ଓ ରାଣୀ ମଦନସୁନ୍ଦରୀ କାଳଯାପନ କରୁଥିବା ବେଳେ ମାନବତୀ ନାରୀମାନଙ୍କର ମାନରୂପ ମତ୍ତହସ୍ତୀକୁ ମର୍ଦ୍ଦନ କରୁଥିବା ଏବଂ କେଶର ପୁଷ୍ପରୂପ କେଶଗୁଚ୍ଛଧାରଣ କରିଥିବା ବସନ୍ତରୂପ ଉନ୍ମତ୍ତ

Digitized by srujanika@gmail.com

କେଶରୀ ପୃଥିବୀପୃଷ୍ଠରେ ଅବତରଣ କଲା । ବନ୍ଧୁ କନ୍ଦର୍ପର ଧନୁର୍ବାଣକୁ ଆମ୍ରମଞ୍ଜରୀ ତଥା ଗୁଞ୍ଜନଶୀଳ ଭ୍ରମରଦ୍ୱାରା ସୁସଜ୍ଜିତ କରି ଋତୁରାଜ ବସନ୍ତ ସମଗ୍ର ବିଶ୍ୱରେ କ୍ରୀଡ଼ାକରିବା ଆରମ୍ଭ କରିଦେଲା । ପଥିକ ବନିତାମାନଙ୍କର ହୃଦୟ ତୁଲ୍ୟ ଉପବନ ଲତାସମୂହକୁ ପ୍ରକମ୍ପନ କରି ମଳୟାନିଳ ପ୍ରବାହିତ ହେବାକୁ ଲାଗିଲା । କୋକିଳର କଳକୂଜନ ଯେପରି ନାରୀମାନଙ୍କୁ ଡାକି କହୁଥିଲା, 'ହେ ଯୁବତୀବୃନ୍ଦ ! ନଦୀର ବନ୍ୟା, ବୃକ୍ଷର ପୁଷ୍ପ, ଚନ୍ଦ୍ରର ଜ୍ୟୋସ୍ନା ଥରେ ନଷ୍ଟ ହେଲେ ପୁଣି ଫେରିଆସେ, କିନ୍ତୁ ମାନବର ଯୌବନ ଥରେ ଚାଲିଗଲେ ଆଉ ଫେରିଆସେ ନାହିଁ । ତେଣୁ ହେ ସୁନ୍ଦରୀବର୍ଗ, ଅଭିମାନ-ଜନିତ କଳହ ପରିତ୍ୟାଗ କରି ନିଜର ପ୍ରିୟତମଙ୍କ ସହ କ୍ରୀଡ଼ାକର ।'

ଏହି ବସନ୍ତ ଋତୁରେ ରାଜା କନକବର୍ଷ ବସନ୍ତ ବିହାର ନିମିତ୍ତ ନିଜର ସମସ୍ତ ରାଣୀଙ୍କୁ ନେଇ ରାଜଭବନରୁ ବହିର୍ଗତ ହେଲେ । ପରିଜନମାନଙ୍କର ଗୈରିକ ବସ୍ତ୍ରଦ୍ୱାରା ଅଶୋକସ୍ତବକର ଶୋଭା ତଥା ସଙ୍ଗୀତର ସୁମଧୁର ଧ୍ୱନିଦ୍ୱାରା କୋକିଳର କୁହୁତାନକୁ ପରାଭୂତକରି ରାଜା ଉପବନ ମଧ୍ୟରେ ବାସନ୍ତୀ କ୍ରୀଡ଼ା କରିବାକୁ ଲାଗିଲେ । ଅନ୍ୟାନ୍ୟ ରାଣୀମାନେ ନିକଟରେ ରହିଥିଲେ ସୁଦ୍ଧା ସେ ମଦନସୁନ୍ଦରୀଙ୍କ ସହ ପୁଷ୍ପ ଚୟନାଦି କରୁଥାନ୍ତି ।

ଉଦ୍ୟାନ ମଧ୍ୟରେ ବହୁ ସମୟଧରି କ୍ରୀଡ଼ା କରିବା ପରେ ରାଣୀମାନଙ୍କ ସହ ସ୍ନାନ ନିମିତ୍ତ ଗୋଦାବରୀ ନଦୀରେ ପ୍ରବେଶକରି ରାଜା ଜଳକ୍ରୀଡ଼ା କରିବାକୁ ଲାଗିଲେ । ମୁଖଦ୍ୱାରା କମଳ, ନେତ୍ରଦ୍ୱାରା କୁମୁଦ, କୁଚଦ୍ୱାରା ଚକ୍ରବାକ ଏବଂ ନିତମ୍ବବିମ୍ବଦ୍ୱାରା ଗୋଦାବରୀ ପୁଳିନକୁ ରାଣୀମାନେ ପରାଜିତ କରୁଥାଆନ୍ତି । ତେଣୁ ବୋଧହୁଏ ଗୋଦାବରୀ କ୍ରୋଧ ପ୍ରକାଶ ପୂର୍ବକ ନିଜର ତରଙ୍ଗ ରୂପ ଭ୍ରୂଭଙ୍ଗଦ୍ୱାରା ସେମାନଙ୍କୁ ଚାହିଁ ରହିଥାଏ । ଜଳ ବିହାର ଅବସରରେ ସ୍ୱଚ୍ଛ ଓ ସିକ୍ତବସନ ମଧ୍ୟରୁ ପରିସ୍ଫୁଟ ରାଣୀମାନଙ୍କର ଅଙ୍ଗଶୋଭା ରାଜାଙ୍କୁ ଯଥେଷ୍ଟ ଆନନ୍ଦ ଦେଉଥାଏ ।

ଏ ସମୟରେ ରାଜା କନକବର୍ଷ ଜଣେ ମହିଷୀଙ୍କର ସ୍ୱର୍ଣ୍ଣକଳସତୁଲ୍ୟ ବସ୍ତ୍ରରହିତ ଉତ୍ତୁଙ୍ଗସ୍ତନ ଯୁଗଳ ସନ୍ଦର୍ଶନରେ ବିହ୍ୱଳ ହୋଇ ଜଳରାଶିଦ୍ୱାରା ସେ ଉଭୟକୁ ତାଡ଼ନ କରିବାକୁ ଲାଗିଲେ । ଏହାଦେଖି ମଦନସୁନ୍ଦରୀ ଈର୍ଷ୍ୟାନ୍ୱିତା ହୋଇଉଠିଲେ ଏବଂ ଜଳରାଶିକୁ ତୁମ୍ଭେମାନେ କାହିଁକି ଏପରି ବିକ୍ଷୁବ୍ଧ କରୁଅଛ କହି ନଦୀମଧ୍ୟରୁ ଚାଲିଆସିବା ସଙ୍ଗେସଙ୍ଗେ ବସ୍ତ୍ର ପରିବର୍ତ୍ତନ ପୂର୍ବକ ସଖୀମାନଙ୍କ ସହ ସ୍ୱ ଭବନ ଅଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ ।

Digitized by srujanika@gmail.com

ରାଜା କନକବର୍ଷ ଏଥିରୁ ମଦନସୁନ୍ଦରୀଙ୍କର ମନୋଭାବ ବୁଝିପାରି ଜଳକ୍ରୀଡ଼ା ପରିତ୍ୟାଗ ପୂର୍ବକ ରାଣୀଙ୍କ ଅନୁଗମନ କଲେ । ଅନ୍ତଃପୁର ଦ୍ୱାରରେ ଥିବା ଶୁକପକ୍ଷୀ ଭିତରକୁ ଯିବାପାଇଁ ତାଙ୍କୁ ବାରଣକଲା । ତଥାପି ରାଜା ଅନ୍ତଃପୁର ମଧ୍ୟରେ ପ୍ରବେଶ କରି ଅଭିମାନିନୀ ରାଣୀଙ୍କୁ ଦର୍ଶନ କଲେ । ରାଣୀ ମଦନସୁନ୍ଦରୀ ବାମକରତଳରେ ନିଜର ମ୍ଳାନ ମୁଖମଣ୍ଡଳ ସ୍ଥାପନ କରି ଉଭୟ ନୟନରୁ ପ୍ରବାହିତ ସ୍ୱଚ୍ଛ ମୋତି ତୁଲ୍ୟ ଅଶ୍ରୁବିନ୍ଦୁଦ୍ୱାରା ତାକୁ ସିକ୍ତ କରୁଥାଆନ୍ତି । ତାଙ୍କର ରୁଦ୍ଧକଣ୍ଠରୁ ସ୍ପଷ୍ଟ ବାକ୍ୟ ଉଚ୍ଚାରିତ ହୋଇପାରୁନଥାଏ । କିନ୍ତୁ ଉଜ୍ଜ୍ୱଳ ଦନ୍ତପଂକ୍ତିର ନିର୍ମଳ କିରଣ ରାଶିଦ୍ୱାରା ତାଙ୍କର ମୁଖମଣ୍ଡଳ ରମଣୀୟ ଦେଖାଯାଉଥାଏ । ସେ ଅପଭ୍ରଂଶ ଭାଷାରେ ଏକ ସୁନ୍ଦର ଚଉପଦୀ ଗାନ କରୁଥାଆନ୍ତି । ତାର ଭାବାର୍ଥ ହେଲା, 'ଯଦି ବିରହବେଦନା ଅସହ୍ୟ ତାହାହେଲେ ଅଭିମାନ ପରିତ୍ୟାଗ କରିବା ଉଚିତ; ଯଦି ବିରହ ସହ୍ୟ କରାଯାଇପାରେ, ତେବେ ଅଭିମାନ ବୃଦ୍ଧି କରାଯାଇପାରେ । ଏହା ଜ୍ଞାତହୋଇ ଉପରୋକ୍ତ ଉଭୟ ପନ୍ଥାରୁ ଗୋଟିଏ ପନ୍ଥା ନିଶ୍ଚୟ କର । ଅନ୍ୟଥା ଦୁଇନାଆରେ ଗୋଡ଼ଦେଇ ମଝିଦରିଆରେ ବୁଡ଼ିମରିବା ହିଁ ସାରହେବ ।'

ଏହିପରି ଅଭିମାନକରି ବସିଥିବା ମଦନସୁନ୍ଦରୀଙ୍କ ନିକଟରେ ରାଜା କନକବର୍ଷ ଧୀରେ ଧୀରେ ଯାଇ ଆଶଙ୍କା ଓ ସମ୍ଭ୍ରମର ସହିତ ଉପସ୍ଥିତ ହେଲେ । କୋପନା ମହିଷୀ ଏ ଅବସ୍ଥାରେ ମଧ୍ୟ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାଆନ୍ତି । ମୁଖ ଅବନତ କରି ବସି ରହିଥିବା ରାଣୀଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କରି ମଧୁର ବଚନଦ୍ୱାରା ରାଜା ତାଙ୍କର ମାନଭଙ୍ଗ କରିବାପାଇଁ ଚେଷ୍ଟାକଲେ । ବକ୍ରୋକ୍ତିଦ୍ୱାରା ନିଜର ଅପରାଧ ସ୍ୱୀକାର କରି ସଖୀମାନଙ୍କର ସମ୍ମୁଖରେ ହିଁ ରାଜା ରାଣୀଙ୍କର ଚରଣ ପ୍ରାନ୍ତରେ ନିଜର ଅପରାଧୀ ଆତ୍ମାକୁ ସ୍ଥାପନ କରନ୍ତି ।

ରାଣୀ ମଦନସୁନ୍ଦରୀ ଅଭିମାନଜାତ ଅଶ୍ରୁଦ୍ୱାରା ରାଜାଙ୍କୁ ସିକ୍ତକରି ଦୃଢ଼ ଆଲିଙ୍ଗନ ପାଶରେ ଆବଦ୍ଧ କଲେ । ରାଜା ମଧ୍ୟ ରାଣୀଙ୍କ ଅଭିମାନ ହ୍ରାସ ହେଉଥିବା ଲକ୍ଷ୍ୟ କରି ଉକ୍ତ ଦିନଟି ତାଙ୍କ ଗହଣରେ ଆନନ୍ଦରେ ଅତିବାହିତ କରି ରାତ୍ରିଟି ମଧ୍ୟ ତାଙ୍କ ନିକଟରେ ହିଁ ବିତାଇଦେଲେ ।

ରାଜା କନକବର୍ଷ ରାଣୀ ମଦନସୁନ୍ଦରୀଙ୍କ ନିକଟରେ ଶୟନ କରିଥିବା ବେଳେ ଗୋଟିଏ ଦୁଃସ୍ୱପ୍ନ ଦେଖିଲେ । ସେଥିରେ ସେ ଦେଖିବାକୁ ପାଇଲେ ଯେ କୌଣସି କୁରୂପା ରମଣୀ ତାଙ୍କର କଣ୍ଠରୁ ମୋତିମାଳା ଏବଂ ଶିରରୁ ମୁକୁଟ ନେଇ ଯାଉଅଛି । ତାହାର ପଶ୍ଚାତ୍ ଦେଶରେ ବିଭିନ୍ନ ପଶୁର ଅଙ୍ଗଧାରଣ କରିଥିବା ଦୁଇଟି ବେତାଳ ରହିଅଛନ୍ତି ।

Digitized by srujanika@gmail.com

ଏମାନଙ୍କ ସହ ବାହୁଯୁଦ୍ଧରେ ପ୍ରବୃତ୍ତ ହୋଇ ରାଜା ଏମାନଙ୍କୁ ପରାସ୍ତ କଲେ । ପରେ ସେମାନଙ୍କ ପୃଷ୍ଠଦେଶରେ ଆରୋହଣ କରିବା ଫଳରେ ବେତାଳମାନେ ରାଜାଙ୍କୁ ଧରି ପକ୍ଷୀ ତୁଲ୍ୟ ଆକାଶମାର୍ଗରେ ଉଡ଼ିଗଲେ ଏବଂ ତାଙ୍କୁ ନେଇ ସମୁଦ୍ର ମଧ୍ୟରେ ନିକ୍ଷେପ କଲେ । କଷ୍ଟ ସ୍ୱୀକାର କରି ରାଜା ସମୁଦ୍ର ଗର୍ଭରୁ ମୁକ୍ତିଲାଭ କରନ୍ତେ ଦେଖିଲେ ଯେ ପୂର୍ବପରି ତାଙ୍କର କଣ୍ଠଦେଶରେ ମୁକ୍ତାମାଲ୍ୟ ଏବଂ ଶିରୋଦେଶରେ ସ୍ୱର୍ଣ୍ଣମୁକୁଟ ଶୋଭାପାଉଅଛି ।

ସ୍ୱପ୍ନଦର୍ଶନରେ ପ୍ରାତଃକାଳରୁ ରାଜାଙ୍କର ନିଦ୍ରାଭଙ୍ଗ ହେଲା । ତାଙ୍କର ଦର୍ଶନ ଲାଭ ନିମିତ୍ତ ପ୍ରତୀକ୍ଷା କରିଥିବା କୌଣସି ବୌଦ୍ଧଭିକ୍ଷୁଙ୍କୁ ଏହି ସ୍ୱପ୍ନର ଫଳ ସମ୍ପର୍କରେ ଜିଜ୍ଞାସା କରନ୍ତେ ସେ କହିଲେ, 'ମହାରାଜ, ଆପଣଙ୍କ ନିକଟରେ ଅପ୍ରିୟ ସତ୍ୟ କହିବାପାଇଁ ମୁଁ ପ୍ରସ୍ତୁତ ନୁହେଁ, କିନ୍ତୁ ଆପଣ ଯେତେବେଳେ ଜିଜ୍ଞାସା କଲେଣି, ସେତେବେଳେ ମୁଁ କହିବାପାଇଁ ବାଧ ହେଉଛି । ମୋତିମାଳା ଓ ମୁକୁଟ ଅପହୃତ ହେବା ଆପଣ ଯାହା ସ୍ୱପ୍ନରେ ଦେଖିଛନ୍ତି, ତାହା ପତ୍ନୀ ଓ ପୁତ୍ରଠାରୁ ଆପଣଙ୍କର ବିୟୋଗର ସୂଚନା ପ୍ରଦାନ କରୁଛି । ସମୁଦ୍ରର ଉତ୍ତୀର୍ଣ୍ଣହୋଇ ଆପଣ ଏ ଉଭୟଙ୍କୁ ପୁଣି ଲାଭକରିଥିବା ଦେଖିଥିବାରୁ ମନେହେଉଛି, ଏ ଦୁଃଖର ଅବସାନ ପରେ ଆପଣ ପୁଣି ସେମାନଙ୍କ ସହ ମିଳିତ ହେବେ ।'

ଭିକ୍ଷୁଠାରୁ ଏହା ଶ୍ରବଣ କରି ରାଜା କିଛି ସମୟ ଚିନ୍ତା କରିବା ପରେ ପୁଣି କହିଲେ ଯେ ବର୍ତ୍ତମାନ ସୁଦ୍ଧା ତ ତାଙ୍କର ପୁତ୍ର ସନ୍ତାନ ଲାଭ ହୋଇନାହିଁ । ପ୍ରଥମେ ପୁତ୍ରଜାତ ହେଲେ ସିନା ତା' ସହିତ ବିଚ୍ଛେଦ ହେବ । ଏ ସମୟରେ ଅନ୍ୟଜଣେ ବିଦ୍ୱାନ୍ ଆସି ରାଜାଙ୍କ ନିକଟରେ ରାମାୟଣ ବୃତ୍ତାନ୍ତ ବ୍ୟାଖ୍ୟାନ କରିବାକୁ ଲାଗିଲେ । ଏଥିରୁ ରାଜା ମହାରାଜା ଦଶରଥଙ୍କ ପୁତ୍ରଲାଭ ବିଷୟ ଅବଗତ ହୋଇ କିଛି ସାନ୍ତ୍ୱନା ପ୍ରାପ୍ତ ହେଲେ । ଭିକ୍ଷୁ ଓ ପଣ୍ଡିତ ଚାଲିଯିବା ପରେ ରାଜାଙ୍କ ମନରେ ପୁତ୍ରଲାଭ ଚିନ୍ତା ବୃଦ୍ଧିପ୍ରାପ୍ତ ହେଲା । ତେଣୁ ରାଜାଙ୍କର ଦିବସଟି ଅତି ଦୁଃଖରେ ହିଁ ବିତିଗଲା ।

ଦିନେ ରଜା ଶୟନାଗାରରେ ଏକାକୀ ଶୟନ କରିଥାଆନ୍ତି । ଆଖିରେ ତାଙ୍କର ନିଦ ନଥାଏ । ପଲଙ୍କ ଉପରେ କେବଳ ସେ ପଡ଼ି ରହିଥାଆନ୍ତି । ଶୟନକକ୍ଷର ଦ୍ୱାର ରୁଦ୍ଧଥିଲେ ହେଁ ସହସା କୌଣସି ରମଣୀ ତାହା ମଧ୍ୟରେ ପ୍ରବେଶ କରିଥିବା ତାଙ୍କର ଦୃଷ୍ଟିଗୋଚର ହେଲା । ରମଣୀଟି ବିନମ୍ର ଓ ଶାନ୍ତ ସ୍ୱଭାବ ବିଶିଷ୍ଟା ବୋଲି ମନେ ହେଉଥିଲା । ତାକୁ ଦେଖିବା ମାତ୍ରେ ରାଜା ଶଯ୍ୟାତ୍ୟାଗ ପୂର୍ବକ ପ୍ରଣାମ କଲେ । ରାଜାଙ୍କୁ

Digitized by srujanika@gmail.com

ଆଶୀର୍ବାଦ ପୂର୍ବକ ନାରୀଜଣକ କହିଲା, 'ବତ୍ସ, ମୁଁ ତୋର ପିତାଙ୍କ ଜ୍ୟେଷ୍ଠା ଭଗିନୀ ଏବଂ ନାଗରାଜ ବାସୁକିଙ୍କର କନ୍ୟା । ମୋର ନାମ ରତ୍ନପ୍ରଭା, ମୁଁ ତୋର ସୁରକ୍ଷା ନିମିତ୍ତ ସର୍ବଦା ଅଦୃଶ୍ୟ ଭାବରେ ତୋ ନିକଟରେ ରହିଅଛି । ଆଜି ତୋତେ ଅତ୍ୟନ୍ତ ଦୁଃଖିତ ଦେଖି ତୋ ନିକଟରେ ଆତ୍ମପ୍ରକାଶ କଲି । ମୁଁ ତୋର ଦୁଃଖ ଦେଖିପାରେ ନାହିଁ । ଦୁଃଖର କାରଣ ପ୍ରକାଶ କଲେ ମୁଁ ନିରାକରଣର ଉପାୟ ଚିନ୍ତା କରିବି ।'

ପିତୃସ୍ୱସାଙ୍କଠାରୁ ଏହା ଶୁଣି ରାଜା କହିଲେ, 'ମୋର ଜୀବନ ଆଜି ଧନ୍ୟ ହେଲା । ତୁମେ ମୋର ସୁରକ୍ଷା ନିମିତ୍ତ ଏ ପ୍ରକାର ଯତ୍ନ ନେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । କିନ୍ତୁ ବର୍ତ୍ତମାନ ସୁଦ୍ଧା ମୋର ଗୋଟିଏ ପୁତ୍ର ସନ୍ତାନ ଜାତ ନ ହେବାରୁ ମୁଁ ଭୀଷଣ ମନୋବେଦନା ଅନୁଭବ କରୁଅଛି । ପୂର୍ବକାଳରେ ସୂର୍ଯ୍ୟବଂଶୀୟ ପ୍ରଖ୍ୟାତଯଶା ରାଜା ଦଶରଥ ମଧ ସ୍ୱର୍ଗପ୍ରାପ୍ତି ନିମିତ୍ତ ପୁତ୍ର କାମନା କରିଥିଲେ । ମୋ ଭଳି ବ୍ୟକ୍ତିର କଥା ବା କ'ଣ କହିବି ?'

ରାଜା କନକବର୍ଷଙ୍କଠାରୁ ତାଙ୍କ ମନୋବେଦନାର କାରଣ ଜ୍ଞାତହୋଇ ରତ୍ନପ୍ରଭା ଆଶ୍ୱାସନା ପ୍ରଦାନ ପୂର୍ବକ କହିଲେ, 'ଯଦି ଏହା ତୋର ଦୁଃଖର କାରଣ ହୋଇଥାଏ, ତାହାହେଲେ, ବତ୍ସ, ତୁ ଯାଇ ଭଗବାନ୍ କାର୍ତ୍ତିକେୟଙ୍କର ଆରାଧନା କର । ତାଙ୍କ ଆରାଧନାରେ ବିଘ୍ନ ସଂଘଟନ କରିବା ନିମିତ୍ତ ତୋର ମସ୍ତକ ଉପରେ କୁମାରଧାରା ବୃଷ୍ଟିହେବ । ଏ ସମୟରେ ତୁ ମୋର ଶରୀର ମଧରେ ପ୍ରବେଶ କରିଗଲେ ତାକୁ ବିନା କଷ୍ଟରେ ସହ୍ୟ କରିଯିବୁ । ପୁଣି ଏହାଦ୍ୱାରା ତୁ ଅନ୍ୟାନ୍ୟ ବିଘ୍ନକୁ ମଧ ଅନାୟାସରେ ଅତିକ୍ରମ କରି ଈପିସ୍ତ ଫଳ ଲାଭ କରିବାରେ ସମର୍ଥ ହେବୁ ।'

ଏହା କହି ନାଗକନ୍ୟା ଅନ୍ତର୍ହିତା ହୋଇଯାଆନ୍ତେ ରାଜା ପ୍ରସନ୍ନଚିତ୍ତରେ ରାତ୍ରିଯାପନ କଲେ ।

ପରଦିନ ପ୍ରାତଃକାଳରୁ ରାଜା କନକବର୍ଷ ମନ୍ତ୍ରୀମାନଙ୍କ ଉପରେ ରାଜ୍ୟଭାର ସମର୍ପଣ କରି ପୁତ୍ରପ୍ରାପ୍ତି ନିମନ୍ତେ ସ୍ୱାମୀ କାର୍ତ୍ତିକେୟଙ୍କର ଶରଣାଗତ ହେବା ସକାଶେ ପ୍ରସ୍ଥାନ କଲେ ।

ରାଜା ନାଗଶକ୍ତିରେ ଶକ୍ତିମାନ ହୋଇ କାର୍ତ୍ତିକେୟଙ୍କ ମନ୍ଦିର ନିକଟରେ କଠୋର ତପଃ ସାଧନ ଆରମ୍ଭ କଲେ । ଏ ସମୟରେ ତାଙ୍କର ମସ୍ତକ ଉପରେ ବଜ୍ରତୁଲ୍ୟ କୁମାରଧାରା ପଡ଼ିବାକୁ ଲାଗିଲା । ନାଗଶକ୍ତି ଲାଭ କରିଥିବା ଯୋଗୁଁ ରାଜା ତାହା ଅକ୍ଳେଶରେ ସହ୍ୟ କରିଯାଇ ପାରିଲେ । ଏହା ଦେଖି ତପସ୍ୟାରେ ବିଘ୍ନ ଘଟାଇବାପାଇଁ କାର୍ତ୍ତିକେୟ ଗଣେଶଙ୍କୁ ପ୍ରେରଣ କଲେ । ଗଣେଶ ଏହି ଧାରାରେ ହଳାହଳ ବିଷଯୁକ୍ତ

Digitized by srujanika@gmail.com

କରି ଏକ ଭୀଷଣ ଅଜଗର ସର୍ପ ସୃଷ୍ଟି କଲେ । କିନ୍ତୁ ରାଜା ଏଥିରେ ଅଣୁ ମାତ୍ର ବିଚଳିତ ହେଲେ ନାହିଁ । ଏଥିରେ କ୍ରୋଧାନ୍ୱିତ ହୋଇ ବିନାୟକ ନିଜେ ରାଜାଙ୍କର ଉଦରରେ ଦନ୍ତାଘାତ କଲେ । ଏହା ଦେବତାମାନଙ୍କର ସୁଦ୍ଧା ଅସହ୍ୟ ହେଲେ ହେଁ ରାଜା ତାକୁ ବିନା କ୍ଳେଶରେ ସହ୍ୟ କରିଗଲେ ।

କିନ୍ତୁ ବିଘ୍ନରାଜଙ୍କୁ ଅଜେୟ ଜାଣି ରାଜା ପ୍ରଥମ ଆଘାତ ସହ୍ୟ କରିଯିବାପରେ ତାଙ୍କର ସ୍ତୁତିପାଠ କରିବା ଆରମ୍ଭ କଲେ ।

ନମଃ ସର୍ବାର୍ଥସଂସିଦ୍ଧିନିଧିକୁମ୍ଭୋପମାତ୍ମନେ
ଲମ୍ବୋଦରାୟ ବିଘ୍ନେଶ ବ୍ୟାଳାଳଂଙ୍କରଣାୟ ତେ ।
ଲୀଳୋତ୍‌କ୍ଷିପ୍ତକରାଘାତବିଧୂତାସନପଙ୍କଜମ୍
ବ୍ରହ୍ମାଣମପି ସୋତ୍କମ୍ପଂ କୁର୍ବନ୍‌ଜୟ ଗଜାନନ ।
ସୁରାସୁରମୁନୀନ୍ଦ୍ରାଣାମପି ସନ୍ତି ନ ସିଦ୍ଧୟଃ
ଅତୁଷ୍ଟେ ତ୍ୱୟି ଲୋକୈକଶରଣ୍ୟେ ଶଙ୍କରପ୍ରିୟ ।
ଘଟୋଦରଃ ଶୂର୍ପକର୍ଣ୍ଣୋ ଗଣାଧକ୍ଷୋ ମଦୋତ୍କଟଃ
ପାଶହସ୍ତୋଽମ୍ବରୀଷଶ୍ଚ ଜମ୍ଭକସ୍ତ୍ରିଶିଖାୟୁଧଃ ।
ଏବମାଦ୍ୟୈଃ ସ୍ତୁବନ୍ତି ସ୍ମ ପାପଘ୍ନୈରଷ୍ଟଷଷ୍ଟିଭିଃ
ତତ୍‌ସଂଖ୍ୟସ୍ଥାନନିୟତୈର୍ନାମଭିଃ ତ୍ୱାଂ ସୁରୋତ୍ତମାଃ ।
ସ୍ମରତଃ ସ୍ତୁବତଶ୍ଚ ତ୍ୱାଂ ବିନଶ୍ୟନ୍ତି ଭୟଂ ପ୍ରଭୋ
ରଣରାଜକୁଳଦ୍ୟୂତଚୌରାଗ୍ନିଶ୍ୱାପଦାଦିଜମ୍ ।

ଅର୍ଥାତ୍ ହେ ସମସ୍ତ କାମନାର ସିଦ୍ଧି କୋଷ ସ୍ୱରୂପ ଗଣପତି, ତୁମକୁ ମୋର ନମସ୍କାର । ହେ ଲମ୍ବୋଦର, ହେ ବିଘ୍ନ ବିନାଶକ, ହେ ସର୍ପ ନିର୍ମିତ ଯଜ୍ଞୋପବୀତଧାରୀ, ମୁଁ ତୁମକୁ ପ୍ରଣାମ କରୁଅଛି । କ୍ରୀଡ଼ା ଅବସରରେ ବ୍ରହ୍ମାଙ୍କର ଆସନୀଭୂତ କମଳକୁ ମଧ୍ୟ ତୁମେ ପ୍ରକମ୍ପିତ କରିପାର । ତୁମେ ଅପ୍ରସନ୍ନ ହେଲେ ଦେବତା, ଦୈତ୍ୟ ଓ ମୁନିଶ୍ରେଷ୍ଠମାନେ ମଧ୍ୟ ସିଦ୍ଧି ଲାଭ କରିବାରେ ସମର୍ଥ ନୁହନ୍ତି । ତେଣୁ ହେ ତ୍ରିଭୁବନର ଏକମାତ୍ର ଶରଣସ୍ଥଳ ଶଙ୍କରପୁତ୍ର, ତୁମକୁ ମୋର ବିନମ୍ର ପ୍ରଣତି । ହେ ଘଟୋଦର, ହେ ଶୂର୍ପକର୍ଣ୍ଣ, ହେ ଗଣାଧକ୍ଷ, ହେ ମଦୋତ୍କଟ, ହେ ପାଶହସ୍ତ, ହେ ଅମ୍ବରୀଷ, ହେ ଜମ୍ଭକ, ହେ ତ୍ରିଶିଖାୟୁଧ, ବିଭିନ୍ନ ସ୍ଥାନରେ ଦେବତା ଓ ଦୈତ୍ୟମାନେ ଅଠଷଠି ନାମରେ ତୁମର ସ୍ତୁତିପାଠ କରି

Digitized by srujanika@gmail.com

ଉପାସନା କରନ୍ତି । ଏହି ନାମ ଉଚ୍ଚାରଣ ପୂର୍ବକ ତୁମର ସ୍ମରଣ କଲେ ସଂଗ୍ରାମ, ରାଜକୁଳ, ଦ୍ୟୁତ, ଚୋର, ଅଗ୍ନି ଓ ହିଂସ୍ର ଜନ୍ତୁମାନଙ୍କର ଭୟ ରହେ ନାହିଁ ।

ରାଜା କନକବର୍ଷ ଏହିପରି ସ୍ତୁତିସ୍ତୋତ୍ରଦ୍ୱାରା ବିଘ୍ନରାଜ ଗଣପତିଙ୍କୁ ପ୍ରାର୍ଥନା କରିବା ଫଳରେ ସନ୍ତୁଷ୍ଟ ହୋଇ ସେ, 'ମୁଁ ତୋ ଉପରେ ସନ୍ତୁଷ୍ଟ ହେଲି, ଆଉ କୌଣସି ବିଘ୍ନ ଘଟାଇବି ନାହିଁ, ତୁ ପୁତ୍ର ଲାଭ କର' କହି ଅନ୍ତର୍ହିତ ହେଲେ । ଏହାପରେ କୁମାରଧାରା ସହ୍ୟ କରିଥିବା ରାଜା କନକବର୍ଷଙ୍କୁ ସାକ୍ଷାତ୍ ଦର୍ଶନ ଦେଇ କୁମାର କାର୍ତ୍ତିକେୟ କହିଲେ, 'ହେ ଧୀର, ମୁଁ ତୁମ ପ୍ରତି ପ୍ରସନ୍ନ, ଅଭିଳଷିତ ବର ଭିକ୍ଷା କର ।' ଏଥିରେ ଆନନ୍ଦିତ ହୋଇ ରାଜା କାର୍ତ୍ତିକେୟଙ୍କ କୃପାରୁ ତାଙ୍କର ଗୋଟିଏ ପୁତ୍ର ପ୍ରାପ୍ତିର ଅଭିଳାଷ ନିବେଦନ କଲେ ।

'ଏହା ହିଁ ହେବ । ମୋର ଗଣମାନଙ୍କ ଅଂଶରୁ ତୋର ଗୋଟିଏ ପୁତ୍ର ଜାତ ହେବ । ସେ ପୃଥିବୀ ପୃଷ୍ଠରେ ହିରଣ୍ୟବର୍ଷ ନାମରେ ପରିଚିତ ହେବ ।' ଏହା କହି ମୟୂରବାହନ ସ୍ୱାମୀକୁମାର ରାଜାଙ୍କ ପ୍ରତି ଅଧିକ କୃପା ପ୍ରଦର୍ଶନ ନିମିତ୍ତ ତାଙ୍କୁ ଗର୍ଭ ଗୃହ ମଧ୍ୟକୁ ଆହ୍ୱାନ କଲେ । ଏଥିରେ ଭୟଭୀତା ହୋଇ ରାଜାଙ୍କ ଶରୀରରେ ଅଦୃଶ୍ୟ ରୂପରେ ରହିଥିବା ରତ୍ନପ୍ରଭା ତାଙ୍କୁ ତ୍ୟାଗ କରି ପଳାୟନ କଲେ । ଶାପ ଭୟରେ ସ୍ତ୍ରୀମାନେ ସାଧାରଣତଃ କାର୍ତ୍ତିକେୟଙ୍କ ଗର୍ଭ ଗୃହ ମଧ୍ୟରେ ପ୍ରବେଶ କରି ନଥାନ୍ତି ।

ଫଳରେ ରାଜା କନକବର୍ଷ ନାଗଶକ୍ତିରୁ ବଞ୍ଚିତ ହୋଇ ନିଜସ୍ୱ ମାନବିକ ତେଜ ନେଇ ହିଁ ଗର୍ଭ ଗୃହ ମଧ୍ୟରେ ପ୍ରବେଶ କଲେ । ତେଜୋହୀନ ରାଜାଙ୍କର ମ୍ଳାନୀଭୂତ ଶରୀର କାନ୍ତି ଲକ୍ଷ୍ୟ କରି କାର୍ତ୍ତିକେୟ ପ୍ରଥମେ କିଛି ବୁଝିପାରିଲେ ନାହିଁ । କିନ୍ତୁ ଧ୍ୟାନ ବଳରେ ସେ ଯେତେବେଳେ ଜାଣିପାରିଲେ ଯେ ନାଗଶକ୍ତି ପ୍ରଭାବରୁ ହିଁ ରାଜା କଠୋର ତପସ୍ୟାରେ ବିଜୟୀ ହୋଇଛନ୍ତି, ସେତେବେଳେ ସେ କୋପାନ୍ୱିତ ହୋଇ ତାଙ୍କୁ ଅଭିଶାପ ଦେଲେ–'ରାଜା, ତୁ ମୋ ସହିତ କପଟ ବ୍ୟବହାର କରିଅଛୁ । ଏଣୁ, ପୁତ୍ର ଓ ପତ୍ନୀ ଠାରୁ ବିଚ୍ଛିନ୍ନ ହୋଇ ତୁ ଭୟଙ୍କର ଦୁଃଖ ଲାଭ କରିବୁ ।' ବଜ୍ରପାତ ତୁଲ୍ୟ ଏହି କଠୋର ଅଭିଶାପ ରାଜାଙ୍କୁ ପ୍ରଥମେ କିଂକର୍ତ୍ତବ୍ୟବିମୂଢ଼ କରିଦେଲା । କିନ୍ତୁ ସେ ମୋହ ତ୍ୟାଗ କରି ନିଜର କବିତ୍ୱ ଶକ୍ତିଦ୍ୱାରା ସୁଲଳିତ ଓ ସୁମଧୁର ଶ୍ଳୋକାବଳୀ ସାହାଯ୍ୟରେ ଭଗବାନ୍ ଷଣ୍ମୁଖଙ୍କ ସ୍ତୁତିପାଠ କରିବାକୁ ଲାଗିଲେ । ରାଜାଙ୍କ ଭକ୍ତିପୂର୍ଣ୍ଣ ସ୍ତୋତ୍ର ଶ୍ରବଣରେ କାର୍ତ୍ତିକେୟଙ୍କ ରୋଷ ପ୍ରଶମିତ ହେଲା । ସେ ଶାପାନ୍ତ ଘୋଷଣା କରି କହିଲେ, 'ରାଜା, ତୋର ସ୍ତୁତିରେ ମୁଁ ପ୍ରୀତ ହେଲି । ଏଣୁ ପତ୍ନୀ ଓ ପୁତ୍ରଠାରୁ ତୁ ଗୋଟିଏ ବର୍ଷ ମାତ୍ର ବିଚ୍ଛିନ୍ନ ହୋଇ ରହିବୁ । ତିନିଥର ଅପମୃତ୍ୟୁ ମୁଖରୁ ବଞ୍ଚିବା ପରେ ତୁ ପୁଣି ସେମାନଙ୍କ

Digitized by srujanika@gmail.com

ସହ ମିଳିତ ହେବୁ ।' କାର୍ତ୍ତିକେୟ ଏହା କହି ଅନ୍ତର୍ହିତ ହୁଅନ୍ତେ ରାଜା ସ୍ୱାମୀକୁମାରଙ୍କ କୃପା ଲାଭ କରିଥିବା ଯୋଗୁଁ ସନ୍ତୁଷ୍ଟ ହୋଇ ନିଜ ନଗରକୁ ପ୍ରତ୍ୟାବର୍ତ୍ତନ କଲେ ।

କିଛିଦିନ ପରେ ଚନ୍ଦ୍ରରୁ ଅମୃତ ତୁଲ୍ୟ ମଦନସୁନ୍ଦରୀଙ୍କ ଗର୍ଭରୁ ରାଜାଙ୍କର ଗୋଟିଏ ପୁତ୍ର ସନ୍ତାନ ଲାଭ ହେଲା । ରାଜା ଓ ରାଣୀ ପୁତ୍ର ମୁଖ ଦର୍ଶନ କରି ଅତ୍ୟନ୍ତ ଆନନ୍ଦିତ ହେଲେ । ପ୍ରଭୂତ ଧନ ବ୍ୟୟରେ ପୁତ୍ରର ଜନ୍ମ ଉତ୍ସବ ପାଳିତ ହେଲା । ରାଜା କନକ ରାଶି ବର୍ଷା କରି ନିଜର କନକବର୍ଷ ନାମ ସାର୍ଥକ କଲେ ।

କୁମାର ଜନ୍ମର ପାଞ୍ଚଟି ରାତ୍ରି କଟିଯିବା ପରେ ଷଷ୍ଠ ଦିନ ରାତ୍ରିରେ ରାଜା ପ୍ରସୂତି ଭବନର ସୁରକ୍ଷାପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ସୁଦ୍ଧା ହଠାତ୍ ପ୍ରବଳ ମେଘ ଘୋଟି ଆସିଲା । ପ୍ରମାଦଗ୍ରସ୍ତ ରାଜାଙ୍କୁ ଅପେକ୍ଷା କରିଥିବା ଶତ୍ରୁମାନେ ଯେପରି ଘେରିଯାଆନ୍ତି, ସେହିପରି ଆକାଶ ମଣ୍ଡଳକୁ ପ୍ରଚଣ୍ଡ ମେଘ ଗ୍ରାସ କଲା । ବାତ୍ୟା ରୂପକ ମଦୋନ୍ମତ୍ତ ହସ୍ତୀ ମଦଧାରା ତୁଲ୍ୟ ମୂଷଳ ଧାରାରେ ବୃଷ୍ଟିପାତ କରି ପ୍ରକାଣ୍ଡ ବୃକ୍ଷଗୁଡ଼ିକୁ ଉତ୍ପାଟନ କଲା ।

ଏହି ସମୟରେ ପ୍ରସୂତି ଭବନର ଶୃଙ୍ଖଳ ଖୋଲି ଜଣେ ସ୍ତ୍ରୀ ତା ମଧ୍ୟରେ ପ୍ରବେଶ କଲା । ସେ ହାତରେ ଏକ ବିଶାଳ ଖଡ୍‌ଗ ଧାରଣ କରିଥାଏ । ଗୃହ ମଧ୍ୟରେ ପ୍ରବେଶ କରି ସେ ରାଣୀଙ୍କ ସେବିକାମାନଙ୍କୁ ଜ୍ଞାନଶୂନ୍ୟ କରିଦେଲା ଏବଂ ସ୍ତନ୍ୟ ପାନ କରୁଥିବା ଶିଶୁଟିକୁ ରାଣୀଙ୍କଠାରୁ ଟାଣି ନେଇ ବାହାରକୁ ଚାଲିଗଲା । ରାଣୀ ଚିତ୍କାର କରି ସେହି ଅନ୍ଧକାର ରାତ୍ରିରେ ସ୍ତ୍ରୀଟିର ଅନୁଧାବନ କଲେ । ସ୍ତ୍ରୀଟି କ୍ଷିପ୍ରଗତିରେ ଯାଇ ଅନ୍ଧକାର ମଧ୍ୟରେ ଏକ ସରୋବର ମଧ୍ୟକୁ ଡେଇଁ ପଡ଼ିଲା । ରାଣୀ ମଧ୍ୟ ପୁତ୍ର ମୋହରେ ତାର ଅନୁସରଣ କରି ସେହି ସରୋବର ଭିତରକୁ ଲମ୍ଫ ଦେଲେ ।

ଏହାର କିଛି ସମୟ ମଧ୍ୟରେ ଆକାଶ ମେଘମୁକ୍ତ ହେଲା ଏବଂ ରାତ୍ରି ଶେଷ ହୋଇ ଆସିଲା । ସେବିକା ଓ ଧାତ୍ରୀମାନେ ପ୍ରସୂତିଗୃହ ମଧ୍ୟରେ କୋଳାହଳ ଆରମ୍ଭ କରିଦେଲେ । ଏହା ଶୁଣିପାରି ରାଜା କନକବର୍ଷ ପ୍ରସୂତି ଭବନକୁ ଆସି ଦେଖିଲେ ଯେ ପତ୍ନୀ ଓ ପୁତ୍ର ବ୍ୟତୀତ ତାହା ଶୂନ୍ୟ ପଡ଼ିଛି । ଏହା ଦେଖି ତାଙ୍କର ସଂଜ୍ଞା ଲୋପ ହୋଇଗଲା । ସେ ଯେତେବେଳେ ଚେତନା ଫେରିପାଇଲେ ସେତେବେଳେ 'ହା ପୁତ୍ର, ହା ରାଣୀ' ବୋଲି କେବଳ ଚିତ୍କାର କରିବାକୁ ଲାଗିଲେ । ଏହି ସମୟରେ ବର୍ଷବ୍ୟାପୀ ଅଭିଶାପ କଥା ତାଙ୍କର ସ୍ମରଣ ହେଲା । ସେ ମନେ ମନେ କହିବାକୁ ଲାଗିଲେ, 'ହେ ଭଗବାନ୍, ବିଷ ମିଶ୍ରିତ ଅମୃତ ତୁଲ୍ୟ ତୁମେ ଏହି ଅଭାଗାକୁ ଅଭିଶାପଯୁକ୍ତ ବର କାହିଁକି ଦେଲ ? ପ୍ରାଣପ୍ରିୟା ମଦନସୁନ୍ଦରୀ ବ୍ୟତୀତ ଗୋଟିଏ ବର୍ଷ ସହସ୍ର ବର୍ଷ ପରି ପ୍ରତୀୟମାନ ହେବ ।'

Digitized by srujanika@gmail.com

ସମସ୍ତ ସମାଚାର ପ୍ରଚାରିତ ହୋଇଯିବାରୁ ମନ୍ତ୍ରୀମାନେ ରାଜାଙ୍କୁ ବିଭିନ୍ନ ରୂପରେ ସାନ୍ତ୍ୱନା ଦେବାପାଇଁ ଚେଷ୍ଟା କଲେ । କିନ୍ତୁ ରାଣୀଙ୍କ ସହ ଚାଲିଯାଇଥିବା ରାଜାଙ୍କର ଧୈର୍ଯ୍ୟ ଆଉ ଫେରିଲା ନାହିଁ । ରାଜା କ୍ରମଶଃ ବିବଶ ହୋଇ ରାଜ୍ୟ ପରିତ୍ୟାଗ ପୂର୍ବକ ବିନ୍ଧ୍ୟାଚଳକୁ ଚାଲିଗଲେ ।

ଏହି ଅରଣ୍ୟର ହରିଣ ଶିଶୁମାନଙ୍କ ନେତ୍ରରେ ରାଣୀଙ୍କର ନେତ୍ରଶୋଭା, ଚମରୀ ମୃଗମାନଙ୍କର ଚାମରରେ କେଶକଳାପର ସୌନ୍ଦର୍ଯ୍ୟ ଏବଂ ହସ୍ତିନୀମାନଙ୍କ ଗତିର ମନ୍ଥରତାରେ ରାଣୀଙ୍କ ପଦପାତ ଶୋଭା କଳ୍ପନା କରି ରାଜାଙ୍କର କାମାଗ୍ନି ଅଧିକ ସନ୍ଦୀପିତ ହେଲା । କ୍ଷୁଧା ଓ ତୃଷ୍ଣାକାତର ରାଜା କନକବର୍ଷ ବହୁ ସ୍ଥାନ ଭ୍ରମଣ କରି ବିନ୍ଧ୍ୟ ଉପତ୍ୟକାରେ ପ୍ରବାହିତ ଗୋଟିଏ ନିର୍ଝରିଣୀରୁ କିଛି ଜଳପାନ କଲେ । ଏହାଦ୍ୱାରା ଟିକିଏ ଆଶ୍ୱସ୍ତ ହୋଇ ସେ ଗୋଟିଏ ବୃକ୍ଷର ଛାୟାରେ କ୍ଷଣକ ପାଇଁ ଆଶ୍ରୟ ନେଇଛନ୍ତି, ଏହି ସମୟରେ ନିକଟସ୍ଥ ଗୁମ୍ଫା ମଧ୍ୟରୁ ବିନ୍ଧ୍ୟ ପର୍ବତର ଅଟ୍ଟହାସ ତୁଲ୍ୟ ଶୁଭ୍ରକେଶର ବିମଣ୍ଡିତ ଗୋଟିଏ ଭୟଙ୍କର ସିଂହ ରାଜାଙ୍କ ଉପରକୁ ଲମ୍ଫ ପ୍ରଦାନ କଲା । ଠିକ୍ ଏହି ମୁହୂର୍ତ୍ତରେ ଆକାଶ ମାର୍ଗରେ ଯାଉଥିବା କୌଣସି ବିଦ୍ୟାଧର ତୀର ବେଗରେ ଅବତରଣ କରି ନିଜର ତରବାରିଦ୍ୱାରା ସିଂହଟିକୁ ହତ୍ୟାକଲା । ସେହି ବିଦ୍ୟାଧର ନିକଟକୁ ଆସି ରାଜାଙ୍କର ଏପରି ଦୁରବସ୍ଥାର କାରଣ ଜିଜ୍ଞାସା କରନ୍ତେ, ନିଜର ଅବସ୍ଥା ସମ୍ପର୍କରେ ସଚେତନ ରାଜା କନକବର୍ଷ ଉତ୍ତରରେ କହିଲେ, 'ବିରହ ରୂପକ ଅଗ୍ନି ଜ୍ୱାଳାରେ ପାଗଳ ପ୍ରାୟ କନକବର୍ଷକୁ ତୁମେ ଯେ ଚିହ୍ନି ପାରିଛ, ଏହା ହିଁ ମୋର ଦୁର୍ଭାଗ୍ୟ ।'

ରାଜାଙ୍କ ଉତ୍ତର ଶୁଣି ବିଦ୍ୟାଧର କହିଲା, 'ପୂର୍ବେ ମୁଁ ଆପଣଙ୍କ ନଗରରେ ଜଣେ ପରିବ୍ରାଜକ ରୂପେ ବାସ କରୁଥିଲି । ସେତେବେଳେ ମୋର ନାମ ଥିଲା ବନ୍ଧୁମିତ୍ର । ଆପଣ ମୋର ସେବାରେ ସନ୍ତୁଷ୍ଟ ହୋଇ ମୋତେ ସାହାଯ୍ୟ କରିଥିଲେ । ଫଳରେ ବେତାଳ ସିଦ୍ଧ କରି ମୁଁ ବିଦ୍ୟାଧରତ୍ୱ ପ୍ରାପ୍ତ ହେଲି । ଏଣୁ ବର୍ତ୍ତମାନ ଚିହ୍ନିପାରି ପ୍ରତ୍ୟୁପକାର ପାଇଁ ଆପଣଙ୍କୁ ମାରିବା ନିମନ୍ତେ ଉଦ୍ୟତ ସିଂହଟିକୁ ହତ୍ୟା କରିଛି । ଆଜିଠାରୁ ମୋର ନାମ ବନ୍ଧୁପ୍ରଭ ହେଲା ।' ଏଥିରେ ପ୍ରୀତ ହୋଇ ରାଜା କନକବର୍ଷ ସ୍ନେହପୂର୍ଣ୍ଣ ଭାବରେ ତାକୁ କହିଲେ, 'ହଁ, ବର୍ତ୍ତମାନ ମୋର ମନେ ପଡ଼ିଲା । ଆଜି ତୁମେ ପ୍ରକୃତ ମିତ୍ରର କାର୍ଯ୍ୟ କରିଅଛ । ବର୍ତ୍ତମାନ କହ, ପତ୍ନୀ ଓ ପୁତ୍ର ସହିତ ମୋର କେବେ ମିଳନ ଘଟିବ ?' ରାଜାଙ୍କଠାରୁ ଏହା ଶୁଣି ଏବଂ ନିଜର ବିଦ୍ୟା ପ୍ରଭାବରେ ସବୁ କଥା ଜାଣିପାରି ବନ୍ଧୁପ୍ରଭ କହିଲା, 'ବିନ୍ଧ୍ୟବାସିନୀଙ୍କ ଦର୍ଶନ ଲାଭ ପରେ ଆପଣ ପତ୍ନୀ ଓ ପୁତ୍ରଙ୍କୁ ସାକ୍ଷାତ

Digitized by srujanika@gmail.com

କରିପାରିବେ । ଏଣୁ ଆପଣ ନିଜର କାର୍ଯ୍ୟସିଦ୍ଧି ନିମିତ୍ତ ଅଗ୍ରସର ହୁଅନ୍ତୁ । ମୁଁ ମୋର ବିଦ୍ୟାଧର ଲୋକକୁ ଯାଉଅଛି ।'

ରାଜାଙ୍କୁ ଏହିପରି ସାନ୍ତ୍ୱନା ଦେଇ ବିଦ୍ୟାଧର ବନ୍ଧୁପ୍ରଭ ଆକାଶମାର୍ଗରେ ଉଡ଼ିଗଲା । କନକବର୍ଷ ଧୀରେ ଧୀରେ ଧୈର୍ଯ୍ୟ ସଂଗ୍ରହ କରି ଦେବୀ ବିନ୍ଧ୍ୟବାସିନୀଙ୍କ ଦର୍ଶନ ଲାଳସାରେ ଅଗ୍ରସର ହେଲେ ।

ଅରଣ୍ୟ ପଥରେ ଯାଉଥିବାବେଳେ ଗୋଟିଏ ବନ୍ୟ ହସ୍ତୀ ନିଜର ଶୁଣ୍ଡ ଉତ୍ତୋଳନ କରି ରାଜାଙ୍କୁ ଆକ୍ରମଣ କଲା । ଭୟଭୀତ ରାଜା ଗୋଟିଏ ସୁଡ଼ଙ୍ଗ ମଧ୍ୟ ଦେଇ ଦୌଡ଼ିବାକୁ ଲାଗିଲେ । ହାତୀଟି ମଧ୍ୟ ତାଙ୍କର ଅନୁଧାବନ କଲା । କିନ୍ତୁ ସୁଡ଼ଙ୍ଗର ସଂକୀର୍ଣ୍ଣ ପଥରେ ସେ ଆଉ ଅଗ୍ରସର ହୋଇପାରିଲା ନାହିଁ । ସେଠାରେ ହିଁ ତାର ପ୍ରାଣବାୟୁ ଉଡ଼ିଗଲା । ଶ୍ରାନ୍ତକ୍ଲାନ୍ତ ଓ ତୃଷାତୁର ରାଜା କିଛିଦୂର ଯିବାପରେ ପଦ୍ମପୁଷ୍ପ ପରିଶୋଭିତ ଗୋଟିଏ ସ୍ୱଚ୍ଛ ସରୋବର ନିକଟରେ ପହଞ୍ଚିଲେ । ଏଥିରେ ସ୍ନାନ ସାରି ଜଳପାନ ଓ ମୃଣାଳ ଖଣ୍ଡ ଭକ୍ଷଣ ଦ୍ୱାରା ରାଜା କିଛିଟା ଆଶ୍ୱସ୍ତ ହେଲେ । ସେ ଏହି ସରୋବର କୂଳରେ ଥିବା ଗୋଟିଏ ଛାୟାପ୍ରଦ ବୃକ୍ଷତଳେ ବିଶ୍ରାମ କରୁ କରୁ ଗାଢ଼ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ ।

ଏହି ସମୟରେ ଶିକାରରୁ ଫେରୁଥିବା କେତେଜଣ ଶବର ସେଠାରେ ଆସି ପହଞ୍ଚିଲେ । ସେମାନେ ସମସ୍ତ ଉତ୍ତମ ଲକ୍ଷଣଯୁକ୍ତ ରାଜାଙ୍କୁ ସେଠାରେ ଶୟନ କରିଥିବା ଦେଖି ତାଙ୍କୁ ଦେବୀଙ୍କ ନିକଟରେ ବଳି ଦେବାପାଇଁ ଉପଯୁକ୍ତ ବୋଲି ବିବେଚନା କଲେ । ଏଣୁ ରାଜାଙ୍କୁ ଦୃଢ଼ ରୂପେ ବନ୍ଧନ କରି ସେମାନେ ଶବରରାଜ ମୁକ୍ତାଫଳଙ୍କ ନିକଟକୁ ନେଇଗଲେ । ମୁକ୍ତାଫଳ ମଧ୍ୟ ରାଜାଙ୍କୁ ଉପଯୁକ୍ତ ଦେଖି ବଳିଦାନପାଇଁ ତାଙ୍କୁ ନେଇ ଦେବୀ ବିନ୍ଧ୍ୟବାସିନୀଙ୍କ ମନ୍ଦିରରେ ଉପସ୍ଥିତ ହେଲେ । ରାଜା କନକବର୍ଷ ଦେବୀଙ୍କ ସମ୍ମୁଖରେ ପହଞ୍ଚିବା ମାତ୍ରେ ତାଙ୍କୁ ପ୍ରଣିପାତ କରି ଦେବୀଙ୍କ ଆଶୀର୍ବାଦ ଓ ଭଗବାନ୍ କାର୍ତ୍ତିକେୟଙ୍କ ବର ପ୍ରଭାବରୁ ବନ୍ଧନମୁକ୍ତ ହେଲେ । ଏହାକୁ ଦେବୀଙ୍କର ଅପାର କରୁଣା ମନେକରି ବିସ୍ମୟ ଚକିତ ଶବରମୁଖ୍ୟ ରାଜାଙ୍କୁ ବଧ ନ କରି ମୁକ୍ତି ଦେଲା । ଏହିପରି ତୃତୀୟବାର ଅପମୃତ୍ୟୁରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ରାଜା କନକବର୍ଷଙ୍କ ଶାପର ଅବଧି ଏକ ବର୍ଷ ଶେଷ ହେଲା ।

ଏହି ସମୟରେ କନକବର୍ଷଙ୍କ ପିତୃସ୍ୱସା ନାଗକନ୍ୟା ଆସି ସେଠାରେ ଉପସ୍ଥିତ ହେଲେ । ତାଙ୍କ ସହିତ ରାଣୀ ଓ ରାଜପୁତ୍ର ମଧ୍ୟ ଆସିଥାଆନ୍ତି । ପ୍ରଣାମ କରୁଥିବା ରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରି ସେ କହିଲେ, 'ପୁତ୍ର, ତୋର ଅଭିଶାପ ବୃତ୍ତାନ୍ତ ଜାଣିପାରି ମୁଁ

Digitized by srujanika@gmail.com

ମାତା ଓ ପୁତ୍ର ଉଭୟଙ୍କୁ ନେଇଯାଇଥିଲି । ବର୍ତ୍ତମାନ ତୁ ସେମାନଙ୍କ ସହ ନିଜ ରାଜ୍ୟକୁ ଫେରିଯାଇ ରାଜଭୋଗ ଉପଭୋଗ କର ।' ଏହା କହି ନାଗକନ୍ୟା ଅନ୍ତର୍ହିତା ହୁଅନ୍ତେ ରାଜା ପତ୍ନୀ ଓ ପୁତ୍ରର ସମାଗମକୁ ଏକ ସ୍ୱପ୍ନ ବୋଲି ମନେକଲେ । ଦୀର୍ଘ ବିରହ ପରେ ଏହି ମିଳନ ଅତ୍ୟନ୍ତ ମଧୁର ମନେହେଲା । ଉଭୟେ ପରସ୍ପରକୁ ଆଲିଙ୍ଗନ ପାଶରେ ଆବଦ୍ଧ କରି ଆନନ୍ଦାଶ୍ରୁ ଦ୍ୱାରା ବିରହବେଦନା ପ୍ରକ୍ଷାଳନ କଲେ ।

ଶବର ସର୍ଦ୍ଦାର ମୁକ୍ତାଫଳ ମଧ୍ୟ କନକବର୍ଷଙ୍କୁ ଚିହ୍ନିପାରି ନିଜର ଅବାଞ୍ଛିତ ଆଚରଣପାଇଁ କ୍ଷମା ଭିକ୍ଷା କଲା । ସେ ରାଜା, ରାଜପୁତ୍ର ଓ ରାଣୀ ମଦନସୁନ୍ଦରୀଙ୍କୁ ନିଜର ଶବର ପଲ୍ଲୀକୁ ନେଇ ସେମାନଙ୍କର ଉପଯୁକ୍ତ ପରିଚର୍ଯ୍ୟା କଲା । ସେଠାରେ ରହୁଥିବା ବେଳେ ରାଜା କନକବର୍ଷ ଶ୍ୱଶୁର ଦେବଶକ୍ତି ଓ ନିଜର ସେନାବାହିନୀକୁ ଡକାଇ ଆଣିଲେ । ସମସ୍ତେ ଆସି ପହଞ୍ଚିବା ପରେ ରାଜା ଭଗବାନ୍ କାର୍ତ୍ତିକେୟଙ୍କ ନିର୍ଦ୍ଦେଶାନୁଯାୟୀ ପୁତ୍ର ହିରଣ୍ୟବର୍ଷ ଓ ରାଣୀ ମଦନସୁନ୍ଦରୀଙ୍କ ସହ ହସ୍ତୀପୃଷ୍ଠରେ ଶ୍ୱଶୁରାଳୟ ଯାତ୍ରା କଲେ ।

କିଛି ସମୟ ମଧ୍ୟରେ ସେମାନେ ଶ୍ୱଶୁରଙ୍କ ରାଜଧାନୀ ବିଦର୍ଭଦେଶସ୍ଥିତ କୁଣ୍ଡିନପୁର ନଗରୀରେ ଆସି ଉପସ୍ଥିତ ହେଲେ । ଶ୍ୱଶୁର ମଧ୍ୟ ଜାମାତା, କନ୍ୟା ଓ ପୌତ୍ରର ଉପଯୁକ୍ତ ସତ୍କାର କରି ସେମାନଙ୍କୁ କିଛି ଦିନପାଇଁ ସେଠାରେ ଅଟକାଇ ଦେଲେ । ଏହାପରେ କନକବର୍ଷ ସେମାନଙ୍କଠାରୁ ବିଦାୟ ନେଇ ପତ୍ନୀ, ପୁତ୍ର ଓ ସେନାବାହିନୀ ସହ ନିଜ ରାଜ୍ୟ କନକପୁର ପ୍ରତି ଅଗ୍ରସର ହେଲେ । ପ୍ରହୃଷ୍ଟମନା ରାଜାଙ୍କୁ ଦେଖି ରାଜ୍ୟବାସୀ ପ୍ରଭୂତ ଆନନ୍ଦ ଲାଭ କରିବା ସଙ୍ଗେସଙ୍ଗେ ରାଜପରିବାରକୁ ହର୍ଷପୂର୍ଣ୍ଣ ଅଭିନନ୍ଦନ ଜ୍ଞାପନ କଲେ । ରାଜ୍ୟରେ ବହୁଦିନ ଧରି ଆନନ୍ଦ ଉତ୍ସବ ପାଳିତ ହେଲା । ଏହି ଅବସରରେ ରାଜା ମଦନସୁନ୍ଦରୀଙ୍କ ପଟ୍ଟ ବନ୍ଧନ କରି ତାଙ୍କୁ ମହାରାଣୀ ପଦବୀରେ ଅଭିଷିକ୍ତ କଲେ । ଏହିପରି ଭାବରେ ରାଜା କନକବର୍ଷ ମହାରାଣୀ ମଦନସୁନ୍ଦରୀ ଓ ପୁତ୍ର ହିରଣ୍ୟବର୍ଷ ସହିତ ପ୍ରତ୍ୟହ ନବ ନବ ଉତ୍ସବ ପାଳନ କରି ସାର୍ବଭୌମ ନିଷ୍କଣ୍ଟକ ରାଜ୍ୟ ପରିପାଳନା କରିବାକୁ ଲାଗିଲେ ।'

ଯୁବରାଣୀ ଅଳଙ୍କାରବତୀ ଓ ଯୁବରାଜ ନରବାହନଦତ୍ତ ଗୋମୁଖଙ୍କଠାରୁ ଏହି ବିଚିତ୍ର କଥା ଶ୍ରବଣ କରି ଅତୀବ ପ୍ରୀତ ହେଲେ ।

●

Digitized by srujanika@gmail.com

ଷଷ୍ଠ ତରଙ୍ଗ

ଗୋମୁଖଙ୍କ ଏହି ବିଚିତ୍ର କଥା ଶ୍ରବଣରେ ମରୁଭୂତି ଈର୍ଷ୍ୟାନ୍ୱିତ ହୋଇଉଠିଲେ । ତାଙ୍କ ମନରେ କ୍ରୋଧ ଜାତ ହେଲା । ଏହା ଲକ୍ଷ୍ୟ କରି ନରବାହନଦତ୍ତ ତାଙ୍କୁ ସନ୍ତୁଷ୍ଟ କରିବାପାଇଁ ତାଙ୍କଠାରୁ ବି ଏପରି ଗୋଟିଏ କଥା ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ । ଏଥିରେ ପ୍ରୀତ ହୋଇ 'ଠିକ୍ ଅଛି, ମୁଁ ବି ଗୋଟିଏ କଥା କହୁଛି, ଶୁଣନ୍ତୁ' କହି ମରୁଭୂତି ଆରମ୍ଭ କଲେ–

ଚନ୍ଦ୍ରସ୍ୱାମୀ ଓ ତା'ର ପୁତ୍ର ମହୀପାଳ କଥା

ପ୍ରାଚୀନ କାଳରେ କମଳପୁର ନଗରରେ ରାଜା କମଳବର୍ମା ରାଜତ୍ୱ କରୁଥାଆନ୍ତି । ସେତେବେଳେ ସେଠାରେ ଚନ୍ଦ୍ରସ୍ୱାମୀ ନାମକ ଜଣେ କୁଳୀନ ବ୍ରାହ୍ମଣ ବାସ କରୁଥିଲେ । ସେହି ଗୁଣଶାଳୀ ବ୍ରାହ୍ମଣଙ୍କ ପତ୍ନୀ ଦେବମତୀ । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ତୁଲ୍ୟ ବିନମ୍ରତାର ସେ ତୃତୀୟ ଅବତାର । ତାଙ୍କ ଗର୍ଭରୁ ବ୍ରାହ୍ମଣଙ୍କର ଏକ ଉତ୍ତମ ଲକ୍ଷଣଯୁକ୍ତ ପୁତ୍ର ସନ୍ତାନ ଜାତ ହୋଇଥିଲା । ସନ୍ତାନଟି ଭୂମିଷ୍ଠ ହେଲାବେଳେ ଦିବ୍ୟ ବାଣୀ ଶୁଣାଯାଇଥିଲା ଯେ ଏହି ସନ୍ତାନଟିର ନାମ ମହୀପାଳ ରହିବ; କାରଣ ଭବିଷ୍ୟତରେ ସେ ରାଜା ହୋଇ ସମଗ୍ର ପୃଥିବୀରେ ଚିରକାଳ ପର୍ଯ୍ୟନ୍ତ ରାଜତ୍ୱ କରିବ । ଦିବ୍ୟବାଣୀ ଶ୍ରବଣରେ ଚନ୍ଦ୍ରସ୍ୱାମୀ ଆଡ଼ମ୍ବର ସହିତ ପୁତ୍ରର ଜନ୍ମ ଉତ୍ସବ ପାଳନ କରିବା ସଙ୍ଗେ ସଙ୍ଗେ ତା'ର ନାମ ରଖିଲେ ମହୀପାଳ । ମହୀପାଳ କ୍ରମଶଃ ବୃଦ୍ଧି ଲାଭ କରନ୍ତେ ପିତା ତାକୁ ଅସ୍ତ୍ରଶସ୍ତ୍ର ବିଦ୍ୟା ଶିକ୍ଷା ଦେବା ସହିତ ବେଦ, ବେଦାଙ୍ଗ ପ୍ରଭୃତି ମଧ୍ୟ ଅଧ୍ୟୟନ କରାଇଲେ । ଏହା ମଧ୍ୟରେ ଚନ୍ଦ୍ରସ୍ୱାମୀଙ୍କ ଗୁଣବତୀ ପତ୍ନୀ ଦେବମତୀ ଗୋଟିଏ ସର୍ବାଙ୍ଗସୁନ୍ଦରୀ କନ୍ୟା ପ୍ରସବ କଲେ । ଏହାର ନାମକରଣ କରାଗଲା ଚନ୍ଦ୍ରବତୀ । ମହୀପାଳ ଓ ଚନ୍ଦ୍ରବତୀ ପିତୃଗୃହରେ କ୍ରମଶଃ ବଢ଼ିବାକୁ ଲାଗିଲେ ।

Digitized by srujanika@gmail.com

କିଛି ବର୍ଷ ପରେ ବର୍ଷା ଅଭାବରୁ ରାଜ୍ୟରେ ଦୁର୍ଭିକ୍ଷ ଦେଖାଦେଲା । ସୂର୍ଯ୍ୟଙ୍କ ପ୍ରଖର କିରଣରେ କ୍ଷେତସବୁ ଜଳିଗଲା । ଦୁର୍ଭିକ୍ଷ ଯୋଗୁଁ ରାଜା କନକବର୍ମା ସତ୍‌ମାର୍ଗ ପରିତ୍ୟାଗ କରି ଅସତ୍ ପନ୍ଥାରେ ପ୍ରଜାମାନଙ୍କୁ ଲୁଣ୍ଠନ କରିବାକୁ ଲାଗିଲେ । ଦୁର୍ଭିକ୍ଷ ଓ ଅତ୍ୟାଚାର ଫଳରେ ଅତିଷ୍ଠ ହୋଇ ଦିନେ ଦେବମତୀ ରାଜ୍ୟ ପରିତ୍ୟାଗପୂର୍ବକ ନିଜର ପିତୃ ଗୃହକୁ ଚାଲିଯିବାପାଇଁ ପ୍ରସ୍ତାବ ଦେଲେ । ଏହି ପରିସ୍ଥିତିରେ ଶିଶୁ ଦୁଇଟିକୁ ବଞ୍ଚାଇ ରଖିବା ସମ୍ଭବ ହେବ ନାହିଁ ବୋଲି ତାଙ୍କର ଆଶଙ୍କା ହେଲା । ଏଥିରେ ଚନ୍ଦ୍ରସ୍ୱାମୀ କହିଲେ, 'ଏହା ଅନୁଚିତ ହେବ । ଦୁର୍ଭିକ୍ଷ ସମୟରେ ଗୃହତ୍ୟାଗ କରି ଚାଲିଯିବା ମହାପାପ । ବରଂ ମୁଁ ଏହି ଶିଶୁ ଦୁଇଟିକୁ ନେଇ ତୁମ ପିତାଙ୍କ ଗୃହରେ ଛାଡ଼ି ଦେଇ ଶୀଘ୍ର ଫେରି ଆସୁଛି ।'

ଏହା କହି ଚନ୍ଦ୍ରସ୍ୱାମୀ ଉଭୟ ସନ୍ତାନଙ୍କୁ ଧରି ଶ୍ୱଶୁରାଳୟ ପ୍ରତି ଅଗ୍ରସର ହେଲେ । ତିନି ଚାରିଦିନ ଧରି ଅନବରତ ଚାଲିବାପରେ ସେମାନେ ଆସି ଏକ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ଏହି ଅରଣ୍ୟର ଧୂଳିରାଶି ସୂର୍ଯ୍ୟ କିରଣରେ ଅଗ୍ନିକଣାତୁଲ୍ୟ ଉତ୍ତପ୍ତ ହୋଇ ଉଠିଥିଲା ଏବଂ ଏଥିରେ ଗୋଟିଏ ଦୁଇଟି ମାତ୍ର ଶୁଷ୍କ ବୃକ୍ଷ ଦେଖାଯାଉଥିଲା । ଶିଶୁ ଦୁଇଟି ତୃଷାରେ ବ୍ୟାକୁଳ ହୋଇ ଉଠୁଥିଲେ । ଏଣୁ ସେ ସେମାନଙ୍କୁ ଗୋଟିଏ ବୃକ୍ଷଛାୟାରେ ବସାଇ ଦେଇ ଜଳର ସନ୍ଧାନରେ ବାହାରିଲେ । କିନ୍ତୁ ନିକଟରେ ଜଳର ଚିହ୍ନବର୍ଣ୍ଣ ସୁଦ୍ଧା ନ ଥିଲା । ଏଣୁ ସେ ସେମାନଙ୍କଠାରୁ ବହୁ ଦୂରକୁ ଚାଲିଗଲେ । ପଥ ମଧ୍ୟରେ ଶବରରାଜ ସିଂହଦଂଷ୍ଟ୍ର ସହ ତାଙ୍କର ସାକ୍ଷାତ ହେଲା । ସିଂହଦଂଷ୍ଟ୍ର କାର୍ଯ୍ୟ ଉପଲକ୍ଷ୍ୟରେ ଅନ୍ୟତ୍ର ଯାଉଥାଏ । ବ୍ରାହ୍ମଣଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ଏବଂ ତାଙ୍କୁ ତୃଷାର୍ତ୍ତ ଜାଣି ଜଳପାନ କରାଇବା ନିମିତ୍ତ ସେ ନିଜର ସେବକମାନଙ୍କୁ ନିର୍ଦ୍ଦେଶ ଦେଲା ।

ଏଥିରୁ ସିଂହଦଂଷ୍ଟ୍ରର ପ୍ରକୃତ ଅଭିପ୍ରାୟର ସୂଚନା ପାଇ ଦୁଇ ତିନିଜଣ ଅନୁଚର ନିରୀହ ଚନ୍ଦ୍ରସ୍ୱାମୀଙ୍କୁ ତାଙ୍କ ଶବର ପଲ୍ଲୀକୁ ନେଇଗଲେ ଏବଂ ସେଠାରେ ତାଙ୍କୁ ଉତ୍ତମ ରୂପେ ବାନ୍ଧିଦେଲେ । ଅନୁଚରମାନଙ୍କଠାରୁ ସେ ଜାଣିପାରିଲେ ଯେ ନରବଳି ପାଇଁ ତାଙ୍କୁ ସେଠାରେ ବନ୍ଦୀ କରାଯାଇଛି । ଅରଣ୍ୟ ମଧ୍ୟରେ ଛାଡ଼ି ଆସିଥିବା ଶିଶୁ ଦୁଇଟିର ଚିନ୍ତା ତାଙ୍କୁ ବ୍ୟାକୁଳିତ କଲା । ସେମାନେ ଯେ ବ୍ୟାଘ୍ର କିମ୍ବା ସିଂହର ଆହାର ହେବେ, ଏହା ଭାବି ବ୍ରାହ୍ମଣଙ୍କ ଚକ୍ଷୁ ଅଶ୍ରୁପ୍ଳାବିତ ହେଲା । ସେ ଅନ୍ୟ କୌଣସି ଉପାୟ ନଦେଖି କେବଳ କାନ୍ଦିବାକୁ ଲାଗିଲେ । ଏ ସମୟରେ ସୂର୍ଯ୍ୟଦେବଙ୍କ ପ୍ରଖର କିରଣ ତାଙ୍କୁ ସତେ ଯେପରି

Digitized by srujanika@gmail.com

ସାନ୍ତ୍ୱନା ଦେଲା । ସେ ମୋହ ତ୍ୟାଗ ପୂର୍ବକ ଭଗବାନ୍ ମାର୍ତ୍ତଣ୍ଡଙ୍କ ଶରଣାଗତ ହୋଇ ତାଙ୍କୁ ସ୍ତୁତି କରିବାକୁ ଲାଗିଲେ ।

ତୁଭ୍ୟଂ ପରାପରାକାଶଶାୟିନେ ଜ୍ୟୋତିଷେ ବିଭୋ
ଆଭ୍ୟନ୍ତରଂ ଚ ବାହ୍ୟଂ ଚ ତମଃ ପ୍ରଣୁଦତେ ନମଃ ।
ତ୍ୱଂ ବିଷ୍ଣୁସ୍ତ୍ରିଜଗତ୍‌ବ୍ୟାପୀ ତ୍ୱଂ ଶିବଃ ଶ୍ରେୟସାଂ ନିଧିଃ
ସୁପ୍ତଂ ବିଚେଷ୍ଟୟନ୍‌ବିଶ୍ୱଂ ପରମସ୍ତ୍ୱଂ ପ୍ରଜାପତିଃ
ଅପ୍ରକାଶୌ ପ୍ରକାଶେତାମେତାବିତ୍ୟଗ୍ନିଚନ୍ଦ୍ରୟୋଃ
ନ୍ୟସ୍ତାତ୍ମତେଜା ଦୟୟେବାନ୍ତର୍ଧିଂ ଯାସି ଯାମିନୀମ୍ ।
ବିଦ୍ରବନ୍ତ୍ୟପି ରକ୍ଷାଂସି ପ୍ରଭବନ୍ତି ନ ଦସ୍ୟବଃ
ପ୍ରମୋଦନ୍ତେ ଚ ଗୁଣିନୋ ଭାସ୍ୱନ୍ନଭ୍ୟୁଦିତେ ତ୍ୱୟି ।
ତଦ୍ରକ୍ଷ ଶରଣାପନ୍ନଂ ତ୍ରୈଲୋକ୍ୟୈକପ୍ରଦୀପ ମାମ୍
ଇଦଂ ଦୁଃଖାନ୍ଧକାରଂ ମେ ବିଦାରୟ ଦୟାଂ କୁରୁ ।

'ହେ ପରାକାଶଶାୟୀ, ହେ ପରମ ଜ୍ୟୋତି ସ୍ୱରୂପ, ହେ ପ୍ରଭୁ, ହେ ବାହ୍ୟ ତଥା ଅନ୍ତର୍ନିହିତ ଅନ୍ଧକାର ସଂହାରକ, ତୁମକୁ ପ୍ରଣାମ କରୁଅଛି । ତୁମେ ତ୍ରିଭୁବନ ପରିବ୍ୟାପ୍ତ ବିଷ୍ଣୁ, ସମସ୍ତ ମଙ୍ଗଳର ଆଧାର ଶିବ ଏବଂ ସୁପ୍ତ ଜଗତକୁ କାର୍ଯ୍ୟକ୍ଷମ କରାଇବାରେ ପ୍ରଜାପତି ସ୍ୱରୂପ । ଦୟାପରବଶ ହୋଇ ଅପ୍ରକାଶ ଅଗ୍ନି ଓ ଚନ୍ଦ୍ରମାଙ୍କୁ ପ୍ରକାଶିତ କରିବା ନିମିତ୍ତ ତୁମେ ନିଜର ତେଜୋରାଶିକୁ ସେମାନଙ୍କୁ ପ୍ରଦାନ କରି ରାତ୍ରିରେ ଅନ୍ତର୍ହିତ ହୁଅ । ହେ ବିବସ୍ୱାନ୍, ତୁମର ଉଦୟରେ ରାକ୍ଷସମାନେ ପଳାୟନ କରନ୍ତି, ଦସ୍ୟୁମାନେ ପ୍ରଭାବହୀନ ହୁଅନ୍ତି ଏବଂ ଗୁଣୀ ଲୋକମାନେ ଆନନ୍ଦ ପ୍ରକାଶ କରନ୍ତି । ହେ ତ୍ରିଭୁବନର ଏକମାତ୍ର ପ୍ରଦୀପ, ମୁଁ ତୁମର ଶରଣାଗତ । ମୋତେ ରକ୍ଷା କର । ମୋର ଏହି ଦୁଃଖ ରୂପ ଅନ୍ଧକାର ଦୂର କର ।'

ବ୍ରାହ୍ମଣଙ୍କ ସ୍ତୁତିପାଠରେ ସୂର୍ଯ୍ୟଦେବ ସନ୍ତୁଷ୍ଟ ହେଲେ । ଦିବ୍ୟବାଣୀ ଶୁଣାଗଲା, 'ଚନ୍ଦ୍ରସ୍ୱାମୀ, ମୁଁ ତୁମ ଉପରେ ପ୍ରସନ୍ନ । ଶବରମାନଙ୍କ ଦ୍ୱାରା ତୁମର ମୃତ୍ୟୁ ହେବ ନାହିଁ । ତୁମେ ମୋର ଆଶୀର୍ବାଦରୁ ତୁମର ପୁତ୍ର କନ୍ୟାଙ୍କୁ ଲାଭ କରି ପରମ ପ୍ରୀତ ହେବ ।' ଦିବ୍ୟବାଣୀଦ୍ୱାରା ଏହିପରି ଆଶ୍ୱାସିତ ହୋଇ ଚନ୍ଦ୍ରସ୍ୱାମୀ ବିଶ୍ୱାସପୂର୍ବକ ଶବର ପ୍ରଦତ୍ତ ପାନଭୋଜନ ଗ୍ରହଣ କରି ସେଠାରେ ଅପେକ୍ଷା କରିବାକୁ ଲାଗିଲେ ।

Digitized by srujanika@gmail.com

ଏଣେ ମହୀପାଳ ଛୋଟ ଭଉଣୀଟି ସହିତ ଅରଣ୍ୟ ମଧ୍ୟରେ ପିତାଙ୍କୁ ଅପେକ୍ଷା କରି ବସିରହିଥାଏ । ବହୁ ସମୟଧରି ବସି ରହିବା ପରେ ମଧ ପିତା ନ ଆସିବାରୁ ସେ ଅଶୁଭ ଆଶଙ୍କାରେ କାନ୍ଦିବାକୁ ଲାଗିଲା । ଏହି ସମୟରେ ଦଳେ ବଣିକ ସେହି ମାର୍ଗରେ ଯାଉ ଯାଉ ମହୀପାଳ ବସିଥିବା ବୃକ୍ଷମୂଳରେ ଆସି ପହଞ୍ଚିଲେ । ତାଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ଦଳମୁଖ୍ୟ ତାକୁ ସାନ୍ତ୍ୱନା ଦେବା ସଙ୍ଗେ ସଙ୍ଗେ ତାର ଶରୀରରେ ସମସ୍ତ ଶୁଭ ଲକ୍ଷଣ ଲକ୍ଷ୍ୟ କରି ଭଗିନୀ ସହିତ ତାକୁ ନିଜ ଦେଶକୁ ନେଇ ଚାଲିଗଲା । ବଣିକଗୃହରେ ପୁତ୍ରସ୍ନେହ ପ୍ରାପ୍ତ ହୋଇ ମହୀପାଳ ସମୟ ଅତିବାହିତ କରୁଥାଏ । ଶୈଶବରୁ ହିଁ ଅଗ୍ନିହୋତ୍ର ଇତ୍ୟାଦି କରି ସେ ବ୍ରାହ୍ମଣର ଆଚରଣ ଅବ୍ୟାହତ ରଖିଥାଏ ।

ଏହି ସମୟରେ ଥରେ ତାରାପୁର ରାଜ୍ୟର ରାଜା ତାରାଧର୍ମଙ୍କ ନୈଷ୍ଠିକ ବ୍ରାହ୍ମଣ ସଚିବ ଅନନ୍ତସ୍ୱାମୀ କୌଣସି କାର୍ଯ୍ୟବଶତଃ ସେହି ମାର୍ଗରେ ଯାଉଥାଆନ୍ତି । ପଥକ୍ଲାନ୍ତି ଦୂର କରିବାପାଇଁ ସେ ନିଜର ହାତୀ, ଘୋଡ଼ା, ଅନୁଚର, ପରିଚାରକ ପ୍ରଭୃତିଙ୍କ ସହ ଆସି ନିଜର ଏହି ମିତ୍ର ବଣିକ ମୁଖ୍ୟଙ୍କ ଗୃହରେ ବିଶ୍ରାମ ନେଲେ । ଏଠାରେ ଜପ, ତପ, ଅଗ୍ନିହୋତ୍ର ପ୍ରଭୃତି ବ୍ରାହ୍ମଣ ସୁଲଭ କ୍ରିୟା କଳାପରେ ନିପୁଣ ସର୍ବାଙ୍ଗସୁନ୍ଦର ଶିଶୁ ମହୀପାଳ ତାଙ୍କର କୌତୂହଳ ଜାଗ୍ରତ କଲା । ସେ ମିତ୍ରଙ୍କଠାରୁ ତାର ବିବରଣୀ ସଂଗ୍ରହ କଲେ । ତାକୁ ବ୍ରାହ୍ମଣ ସନ୍ତାନ ଜାଣି ସନ୍ତାନହୀନ ଅନନ୍ତସ୍ୱାମୀ ପୋଷ୍ୟପୁତ୍ର କରିବା ନିମିତ୍ତ ଭାଇଭଉଣୀ ଉଭୟଙ୍କୁ ମିତ୍ରଙ୍କଠାରୁ ଭିକ୍ଷା କଲେ । ଏହାପରେ ସେ ବଣିକଙ୍କଠାରୁ ବିଦାୟ ନେଇ ଉଭୟ ଶିଶୁଙ୍କ ସହ ତାରାପୁର ରାଜ୍ୟରେ ଯାଇ ଉପସ୍ଥିତ ହେଲେ । ସେଠାରେ ସେ ମହୀପାଳକୁ ବିଧିପୂର୍ବକ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲେ ଏବଂ ମହୀପାଳ ମଧ ସେହିଦିନଠାରୁ ବିଦ୍ୟା ଓ ଧନ ସମ୍ପଦପୂର୍ଣ୍ଣ ଅନନ୍ତସ୍ୱାମୀଙ୍କ ଗୃହରେ ସୁଖମୟ ଜୀବନ ଯାପନ କରିବାକୁ ଲାଗିଲା ।

ଏଣେ ଶବରମୁଖ୍ୟ ସିଂହଦଂଷ୍ଟ୍ର ନିଜର ଅଭିଳଷିତ କାର୍ଯ୍ୟ ଶେଷକରି ଶବର ପଲ୍ଲୀକୁ ଫେରି ଆସିଲା । ସେ ଚନ୍ଦ୍ରସ୍ୱାମୀଙ୍କ ନିକଟକୁ ଯାଇ କହିଲା, 'ହେ ବ୍ରାହ୍ମଣଶ୍ରେଷ୍ଠ, ମୋତେ ସ୍ୱପ୍ନରେ ଦେଖାଦେଇ ଭଗବାନ୍ ଭାସ୍କର କହିଲେ ଯେ ମୁଁ ତୁମକୁ ହତ୍ୟା ନ କରି ଉପଯୁକ୍ତ ସତ୍କାରପୂର୍ବକ ଛାଡ଼ିଦେବି । ଏଣୁ ତୁମେ ନିଜର ଇଚ୍ଛା ଅନୁଯାୟୀ ଯେଉଁଆଡ଼େ ଚାହିଁବ ଯାଇପାର ।' ଏହାକହି ସିଂହଦଂଷ୍ଟ୍ର ତାଙ୍କୁ ଯଥେଷ୍ଟ ମୁକ୍ତା ଓ କସ୍ତୁରୀ ପ୍ରଦାନ କରିବା ସଙ୍ଗେସଙ୍ଗେ ଅରଣ୍ୟମଧ୍ୟରେ ପଥ ପ୍ରଦର୍ଶନ କରିବାପାଇଁ କେତେକ ଅନୁଚରଙ୍କ ସହ ବିଦାୟ ଦେଲା ।

ଚନ୍ଦ୍ରସ୍ୱାମୀ ଶବରପଲ୍ଲୀରୁ ନିର୍ଗତ ହୋଇ ଅରଣ୍ୟ ମଧ୍ୟରେ ନିଜର ସନ୍ତାନମାନଙ୍କର ସନ୍ଧାନ କଲେ । କିନ୍ତୁ ତାଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଅରଣ୍ୟ ମଧ୍ୟରୁ ନିର୍ଗତ

Digitized by srujanika@gmail.com

ହୋଇ ଏମାନଙ୍କ ଅନୁସନ୍ଧାନରେ ସେ ସମୁଦ୍ର ତଟବର୍ତ୍ତୀ ଜଳପୁର ନାମକ ନଗରରେ ଉପନୀତ ହେଲେ । ସେଠାରେ କୌଣସି ବ୍ରାହ୍ମଣ ଗୃହରେ ଯାଇ ସେ ଆତିଥ୍ୟ ଗ୍ରହଣ କଲେ । ବ୍ରାହ୍ମଣ ପାନଭୋଜନଦ୍ୱାରା ଅତିଥି ସତ୍କାର କରି ତାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କଲାପରେ କହିଲା, 'କିଛିଦିନ ପୂର୍ବେ କନକବର୍ମା ନାମରେ ଜଣେ ବ୍ୟବସାୟୀ ଏଠାକୁ ଆସିଥିଲେ । ସେ ଅରଣ୍ୟ ମଧ୍ୟରୁ ଛୋଟ ଭଉଣୀ ସହିତ ଗୋଟିଏ ବ୍ରାହ୍ମଣ ବାଳକ ପାଇଥିଲେ । ଅତ୍ୟନ୍ତ ରୂପଶାଳୀ ଏହି ଉଭୟ ଶିଶୁଙ୍କୁ ନେଇ ସେ ଏଠାରୁ ନାରିକେଳ ଦ୍ୱୀପ ଅଭିମୁଖରେ ଯାତ୍ରା କଲେ । କିନ୍ତୁ ବାଳକଟିର ନାମ କହିବା ମୋ ପକ୍ଷରେ ସମ୍ଭବ ନୁହେଁ ।'

ବ୍ରାହ୍ମଣଙ୍କଠାରୁ ଏହା ଶୁଣି ଏବଂ ସେମାନେ ତାଙ୍କର ହିଁ ଶିଶୁ ସନ୍ତାନ ହୋଇଥିବେ ବୋଲି ନିଶ୍ଚୟ କରି ଚନ୍ଦ୍ରସ୍ୱାମୀ ନାରିକେଳ ଦ୍ୱୀପକୁ ଯିବା ନିମିତ୍ତ ମନସ୍ଥ କଲେ । ରାତିଟି କୌଣସିମତେ ବିତାଇ ଦେଇ ପ୍ରାତଃକାଳରୁ ନାରିକେଳ ଦ୍ୱୀପକୁ ଯାଉଥିବା ବ୍ୟବସାୟୀ ବିଷ୍ଣୁବର୍ମାଙ୍କ ସହିତ ତାଙ୍କରି ନୌକା ସାହାଯ୍ୟରେ ସେ ନାରିକେଳ ଦ୍ୱୀପରେ ଯାଇ ଉପନୀତ ହେଲେ । ସେଠାରେ କନକବର୍ମାଙ୍କ ସନ୍ଧାନ କରି ଦ୍ୱୀପବାସୀ ବଣିକମାନଙ୍କଠାରୁ ଜାଣିବାକୁ ପାଇଲେ ଯେ କିଛି ଦିନ ପୂର୍ବେ କନକବର୍ମା ଅରଣ୍ୟରୁ ପ୍ରାପ୍ତ ଦୁଇଜଣ ରୂପବନ୍ତ ବ୍ରାହ୍ମଣ ସନ୍ତାନଙ୍କ ସହ ସେଠାକୁ ଆସିଥିଲେ । କିନ୍ତୁ ପରେ ସେ ଉଭୟ ସନ୍ତାନଙ୍କ ସହ କଟାହ ଦ୍ୱୀପକୁ ଚାଲିଗଲେ । ବଣିକମାନଙ୍କଠାରୁ ଏହା ଶୁଣି ଚନ୍ଦ୍ରସ୍ୱାମୀ କଟାହ ଦ୍ୱୀପକୁ ଯାଉଥିବା ବଣିକ ଦାନବର୍ମାଙ୍କ ସହ ଜଳଯାତ୍ରା କରି ସେଠାରେ ପଦାର୍ପଣ କଲେ । କିନ୍ତୁ ସେଠାରେ ମଧ୍ୟ ସେ ଶୁଣିବାକୁ ପାଇଲେ ଯେ କନକବର୍ମା କର୍ପୂର ଦ୍ୱୀପ ଚାଲି ଯାଇଛନ୍ତି । ଏହି କ୍ରମରେ ସେ ବଣିକମାନଙ୍କ ସହ କର୍ପୂର, ସୁବର୍ଣ୍ଣ ଓ ସିଂହଳ ଦ୍ୱୀପ ଭ୍ରମଣ କଲେ । କିନ୍ତୁ କନକବର୍ମାଙ୍କୁ ସାକ୍ଷାତ କରିବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ସିଂହଳଦ୍ୱୀପବାସୀମାନଙ୍କଠାରୁ ସେ କେବଳ ଏତିକି ମାତ୍ର ଜାଣିବାକୁ ପାଇଲେ ଯେ କନକବର୍ମା ସେଠାରୁ ନିଜର ରାଜ୍ୟ ଚିତ୍ରକୂଟକୁ ଚାଲିଯାଇଛନ୍ତି । ଏହି ସମ୍ବାଦ ଲାଭ କରି ଚନ୍ଦ୍ରସ୍ୱାମୀ କୋଟୀଶ୍ୱର ନାମକ ବୈଶ୍ୟଙ୍କ ସହାୟତାରେ ସମୁଦ୍ର ପାର ହୋଇ ଚିତ୍ରକୂଟରେ ଯାଇ ପହଞ୍ଚିଲେ । ସେଠାରେ ଅବଶ୍ୟ ସନ୍ଧାନ କରିବା ଫଳରେ କନକବର୍ମାଙ୍କ ସହ ତାଙ୍କର ସାକ୍ଷାତ ହେଲା । ଶିଶୁ ସନ୍ତାନମାନଙ୍କପାଇଁ ଉତ୍କଣ୍ଠିତ ଚନ୍ଦ୍ରସ୍ୱାମୀ ନିଜର ଦୁଃଖପୂର୍ଣ୍ଣ ଭ୍ରମଣ ବୃତ୍ତାନ୍ତ କହିବାପରେ କନକବର୍ମା ସହାନୁଭୂତି ପ୍ରକାଶ କରି ଉଭୟ ଶିଶୁଙ୍କୁ ଆଣି ତାଙ୍କ ନିକଟରେ ଉପସ୍ଥିତ କରାଇଲେ । କିନ୍ତୁ ସେ ଦେଖିଲେ ଯେ ସେମାନେ ତାଙ୍କରି ସନ୍ତାନ ନୁହନ୍ତି ।

Digitized by srujanika@gmail.com

ନିରାଶା ଓ ଦୁଃଖରେ ଚନ୍ଦ୍ରସ୍ୱାମୀ କାନ୍ଦି ପକାଇଲେ । ତାଙ୍କ ଚକ୍ଷୁରୁ ଅବିରଳ ଲୋତକ ବହିବାକୁ ଲାଗିଲା । ସେ ଭାବିଲେ, 'ଏତେ ଦୁଃଖ କଷ୍ଟ ସହ୍ୟକରି ଏତେ ରାଜ୍ୟ ବୁଲିବାପରେ ମଧ ନା ପୁତ୍ର, ନା କନ୍ୟା କାହାରି ସନ୍ଧାନ ପାଇଲି ନାହିଁ । କୃପଣ ପ୍ରଭୁ ତୁଲ୍ୟ ଭାଗ୍ୟ ମୋତେ କେବଳ ଆଶା ଦେଲା କିନ୍ତୁ ତାହା ପୂର୍ଣ୍ଣ କଲା ନାହିଁ । ଏହି ଦୁରାଶା ମୋତେ ଦୂରଦୂରାନ୍ତର ଭ୍ରମଣ କରାଇଲା ମାତ୍ର ।' ଏହିପରି ଚିନ୍ତା ଓ ବିଳାପ କରୁଥିବା ଚନ୍ଦ୍ରସ୍ୱାମୀଙ୍କୁ କନକବର୍ମା ସାନ୍ତ୍ୱନା ପ୍ରଦାନ କରନ୍ତେ ସେ ନିରାଶାରେ ଭାଙ୍ଗିପଡ଼ି ପ୍ରତିଜ୍ଞା କରିବସିଲେ ଯେ ସମଗ୍ର ପୃଥିବୀ ପରିକ୍ରମା କରି ସେ ସନ୍ତାନମାନଙ୍କୁ ଖୋଜିବୁଲିବେ । କିନ୍ତୁ ଗୋଟିଏ ବର୍ଷ ମଧରେ ଯଦି ସେମାନଙ୍କର ସନ୍ଧାନ ନ ପାଆନ୍ତି, ତେବେ ଗଙ୍ଗା ତଟରେ ନିରାହାର ବ୍ରତ ଆଚରଣ କରି ଶରୀର ତ୍ୟାଗ କରିବେ । ଏହିପରି ପ୍ରତିଜ୍ଞା କରୁଥିବା ବେଳେ ସେଠାରେ ବସିଥିବା ଜଣେ ବିଜ୍ଞ ବୃଦ୍ଧ ସାନ୍ତ୍ୱନା ଦେଇ କହିଲେ, 'ନାରାୟଣୀଙ୍କ କୃପାରୁ ତୁ ପୁଣି ସନ୍ତାନମାନଙ୍କୁ ଲାଭ କରିବୁ, ଯାଅ ।' ଏଥିରେ ଆନନ୍ଦିତ ହୋଇ ଏବଂ ଭଗବାନ୍ ସୂର୍ଯ୍ୟଦେବଙ୍କ କରୁଣା ସ୍ମରଣ କରି ଚନ୍ଦ୍ରସ୍ୱାମୀ ଚିତ୍ରକୂଟ ନଗରୀରୁ ନିଷ୍କ୍ରାନ୍ତ ହେଲେ ।

ବହୁ ଅଗ୍ରହାର, ଗ୍ରାମ ଓ ନଗର ମଧରେ ପୁତ୍ର ଓ କନ୍ୟାର ସନ୍ଧାନ କରି ଦିନେ ସନ୍ଧ୍ୟା ସମୟରେ ଚନ୍ଦ୍ରସ୍ୱାମୀ ଏକ ନିବିଡ଼ ଅରଣ୍ୟ ମଧରେ ଯାଇ ପହଞ୍ଚିଲେ । ସେଠାରେ ଥିବା ଫଳ ଓ ଜଳ ତାଙ୍କୁ ସଂତୃପ୍ତ କଲା । ହିଂସ୍ର ବନ୍ୟପଶୁମାନଙ୍କଠାରୁ ନିଜକୁ ସୁରକ୍ଷିତ କରି ସେଠାରେ ରାତ୍ରି ଯାପନ କରିବା ନିମନ୍ତେ ଏକ ସମୁଚ୍ଚ ବୃକ୍ଷ ଶାଖାରେ ଯାଇ ସେ ଆଶ୍ରୟ ନେଲେ । ରାତି ବଢ଼ିବାକୁ ଲାଗିଲା କିନ୍ତୁ ତାଙ୍କ ଆଖିକୁ ନିଦ ଆସିଲା ନାହିଁ । ମଧରାତ୍ରି ବେଳକୁ ସେ ଦେଖିଲେ ଯେ ନାରାୟଣୀଙ୍କ ନେତୃତ୍ୱରେ ଗୋଟିଏ ମାତୃଚକ୍ର (ମାତୃକାମାନଙ୍କର ଏକ ଗୋଷ୍ଠୀ) ଆସି ସେଠାରେ ପହଞ୍ଚିଲା । ସେମାନେ ନାନାବିଧ ସୁମିଷ୍ଟ ଆହାର ନେଇ ଭୈରବଙ୍କୁ ପ୍ରତୀକ୍ଷା କରିବାକୁ ଲାଗିଲେ । ମାତୃକାଗଣ ଭୈରବଙ୍କ ବିଳମ୍ବର କାରଣ ଜିଜ୍ଞାସା କରନ୍ତେ ନାରାୟଣୀ କେବଳ ହସି ଦେଇ ଚୁପ୍ ରହିଲେ । କିନ୍ତୁ ମାତୃକାମାନେ ବାରମ୍ବାର ଅନୁରୋଧ କରନ୍ତେ ସେ ଶେଷରେ କହିଲେ, 'ଯଦିଓ ଏହା ଏକ ଅତ୍ୟନ୍ତ ଲଜ୍ଜାଜନକ ବ୍ୟାପାର, ତଥାପି କହୁଛି, ଶୁଣ ।

ସୁରପୁର ନଗରରେ ରାଜା ସୁରସେନ ରାଜତ୍ୱ କରନ୍ତି । ଏହାଙ୍କ କନ୍ୟା ବିଦ୍ୟାଧରୀ ସୌନ୍ଦର୍ଯ୍ୟରେ ଅଦ୍ୱିତୀୟା । ଏହାକୁ ବିବାହ ଦେବାପାଇଁ ଇଚ୍ଛା କରୁଥିବା ରାଜା ସୁରସେନ ଶୁଣିବାକୁ ପାଇଲେ ଯେ ରାଜା ବିମଳଙ୍କ ପୁତ୍ର ପ୍ରଭାକର ହିଁ ତାଙ୍କ କନ୍ୟାର ଉପଯୁକ୍ତ ପତି । ରାଜା ସୁରସେନ ଯେ ପ୍ରଭାକରଙ୍କ ହସ୍ତରେ ନିଜର କନ୍ୟାକୁ ଅର୍ପଣ କରିବାପାଇଁ

Digitized by srujanika@gmail.com

ଚାହାନ୍ତି, ଏକଥା ରାଜା ବିମଳ ମଧ୍ୟ ଶୁଣିଲେ । ସେ ବିଦ୍ୟାଧରୀଙ୍କୁ ନିଜ ପୁତ୍ରର ଅନୁରୂପ ମନେକରି ଦୂତଦ୍ୱାରା ସୁରସେନଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଁଲେ । ସୁରସେନ ଏଥିରେ ସମ୍ମତ ହୋଇ ବିଧିପୂର୍ବକ ପ୍ରଭାକରଙ୍କ ହସ୍ତରେ ନିଜର କନ୍ୟାକୁ ସମର୍ପଣ କରିବା ସଙ୍ଗେସଙ୍ଗେ ବହୁ ଧନସମ୍ପଦ ମଧ୍ୟ ପ୍ରଦାନ କଲେ ।

କନ୍ୟା ବିଦାୟ ହେଲା । ବିଦ୍ୟାଧରୀ ଶ୍ୱଶୁରାଳୟରେ ଯାଇ ପହଞ୍ଚିଲା । ରାତ୍ରିରେ ମଧୁଶଯ୍ୟା ଗୃହରେ ପ୍ରଭାକର ସହ ତାର ମିଳନ ହେଲା । କିନ୍ତୁ ଉତ୍କଣ୍ଠିତା ବିଦ୍ୟାଧରୀ ଯେତେବେଳେ ପ୍ରଭାକରକୁ କୌଣସି ଶୃଙ୍ଗାର ଚେଷ୍ଟା ବିନା ନିର୍ଲିପ୍ତ ଭାବେ ଶୋଇଯିବାର ଦେଖିଲା, ତାର ବିସ୍ମୟର ସୀମା ରହିଲା ନାହିଁ । ସେ ସୁପ୍ତ ପ୍ରଭାକରକୁ ପରୀକ୍ଷା କରି ଦେଖିଲା ଯେ ସ୍ୱାମୀ ତାର ନପୁଂସକ । ନପୁଂସକ ପତି ଲାଭ କରି ତା'ର ଜୀବନ ନଷ୍ଟ ହେଲା, ଏହା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ବୋଲି ଚିନ୍ତା କରି ସେ କୌଣସିମତେ ରାତିଟି ବିତାଇ ଦେଲା । ପରଦିନ ପ୍ରାତଃକାଳରୁ ହିଁ ସେ ପିତାଙ୍କ ନିକଟକୁ ପତ୍ର ଲେଖି ଜଣାଇଦେଲା ଯେ ପିତା ବିନା ପରୀକ୍ଷାରେ ତାକୁ ଏକ ନପୁଂସକ ହସ୍ତରେ ଅର୍ପଣ କରିଛନ୍ତି ।

ପତ୍ର ପାଠ କରି ରାଜା ସୁରସେନ ଭାବିଲେ ଯେ ରାଜା ବିମଳ ତାଙ୍କୁ ଠକି ଦେଇଛନ୍ତି । ଏଥିରେ ସେ କ୍ରୁଦ୍ଧ ହୋଇଉଠିଲେ । ନିଜ କ୍ରୋଧ ପ୍ରକାଶ କରି ସେ ବିମଳଙ୍କୁ ଲିଖିତ ଆକାରରେ ଜଣାଇଦେଲେ, 'ତୁମେ ଛଳନା କରି ନିଜର ନପୁଂସକ ପୁତ୍ର ସହିତ ମୋର କନ୍ୟାର ବିବାହ କରାଇଦେଇଛ । ବର୍ତ୍ତମାନ ଏହାର ଫଳ ଭୋଗ କରିବାକୁ ହେବ । ମୁଁ ସେନାବାହିନୀ ନେଇଆସୁଛି । ତୁମର ମୃତ୍ୟୁ ସୁନିଶ୍ଚିତ ।'

ସେନାବାହିନୀର ଗର୍ବରେ ଉନ୍ମତ୍ତ ସୁରସେନ ପ୍ରତିଶୋଧ ନେବାପାଇଁ ଏହି ପ୍ରକାର ବାର୍ତ୍ତା ବିମଳଙ୍କ ନିକଟକୁ ପ୍ରେରଣ କଲେ । ରାଜା ବିମଳ ମଧ୍ୟ ଏହି ପତ୍ର ପାଇ ନିଜର ମନ୍ତ୍ରୀମାନଙ୍କ ସହିତ ମନ୍ତ୍ରଣା କଲେ । ସେ ଜାଣିଥିଲେ ଯେ ଶକ୍ତିଶାଳୀ ସେନାର ଅଧିକାରୀ ସୁରସେନ ତାଙ୍କର ଅଜେୟ । ଯେତେବେଳେ ସେମାନେ କୌଣସି ଉପାୟ ଖୋଜି ପାଇଲେ ନାହିଁ ସେତେବେଳେ ପିଙ୍ଗଦତ୍ତ ନାମକ ସେନାପତି କହିଲେ, 'ମହାରାଜ, ଆମର କଲ୍ୟାଣପାଇଁ ଗୋଟିଏ ମାତ୍ର ଉପାୟ ଅଛି । ଚେଷ୍ଟା କରନ୍ତୁ । ସ୍ଥୂଳଶିରା ନାମକ ଏକ ଯକ୍ଷ ଅଛି । ଏହାକୁ ସିଦ୍ଧି କରିବା ମନ୍ତ୍ର ଓ ଉପାସନା ବିଧି ମୁଁ ଜାଣେ । ଏହାଦ୍ୱାରା ସେ ଅଭିଳଷିତ ଫଳପ୍ରଦାନ କରିବ । ମୋଠାରୁ ଏହି ମନ୍ତ୍ର ଗ୍ରହଣ କରି ତାକୁ ସିଦ୍ଧ କରନ୍ତୁ ଏବଂ ଯୁବରାଜଙ୍କପାଇଁ ଲିଙ୍ଗ ଭିକ୍ଷା କରନ୍ତୁ । ଏହାଦ୍ୱାରା ରାଜା ସୁରସେନଙ୍କ ସହ ଆମର ଶତ୍ରୁତା ଦୂର ହେବ ।'

Digitized by srujanika@gmail.com

ମନ୍ତ୍ରୀଙ୍କ ମନ୍ତ୍ରଣାକ୍ରମେ ରାଜା ଉପରୋକ୍ତ ମନ୍ତ୍ର ତାଙ୍କଠାରୁ ଗ୍ରହଣ କଲେ ଏବଂ ଏହାଦ୍ୱାରା ଯକ୍ଷ ସିଦ୍ଧି କରି ପୁତ୍ର ନିମିତ୍ତ ଲିଙ୍ଗଟିଏ ଭିକ୍ଷା କଲେ । ଯକ୍ଷଦ୍ୱାରା ଲିଙ୍ଗପ୍ରାପ୍ତ ହୋଇ ପ୍ରଭାକର ପୂର୍ଣ୍ଣ ଯୁବକରେ ପରିଣତ ହେଲା କିନ୍ତୁ ସେହି ଯକ୍ଷ ନପୁଂସକତ୍ୱ ଲାଭ କଲା । ବର୍ତ୍ତମାନ ବିଦ୍ୟାଧରୀ ପ୍ରଭାକରକୁ ପୁରୁଷତ୍ୱସମ୍ପନ୍ନ ଦେଖି ଏବଂ ତା' ସହିତ ଯୌନକ୍ରୀଡ଼ା କରି ପରମ ତୃପ୍ତି ଲାଭ କଲା । ସେ ଭାବିବାକୁ ଲାଗିଲା, 'ଯୌବନ ମଦରେ ଉନ୍ମତ୍ତ ହୋଇ ମୁଁ ଭୁଲ କରିଛି । ମୋର ପତି ନପୁଂସକ ନୁହନ୍ତି । ସେ ପରିପୂର୍ଣ୍ଣ ପୁରୁଷ । ତାଙ୍କ ସମ୍ପର୍କରେ ଅନ୍ୟଥା ଚିନ୍ତା କରିବା ମୋର ଉଚିତ ନଥିଲା ।' ଏହିପରି ଚିନ୍ତା କରି ସେ ଲଜ୍ଜିତା ହେଲେ ସୁଦ୍ଧା ପିତାଙ୍କ ନିକଟକୁ ନିଜର ଭ୍ରମ ବିଷୟ ଲେଖି ଜଣାଇଦେଲା । ପିତା ସୁରସେନ ମଧ୍ୟ କନ୍ୟାର ପତ୍ର ପାଠ କରି ଶାନ୍ତ ହେଲେ ।

ଏହି ସମାଚାର ଶ୍ରବଣରେ ଆଜି ଭୈରବ ରୁଷ୍ଟ ହୋଇ ସ୍ଥୂଳଶିରା ଯକ୍ଷକୁ ଡାକି ଅଭିଶାପ ଦେଲେ ଯେ—'ଜନନେନ୍ଦ୍ରିୟ ଦାନ କରିବାଦ୍ୱାରା ତୁ ନପୁଂସକତ୍ୱ ପ୍ରାପ୍ତ ହୋଇଛୁ, ତେଣୁ ଆଜିଠାରୁ ତୁ ଆଜୀବନ ନପୁଂସକ ହୋଇ ହିଁ ରହିବୁ ଏବଂ ସେହି ପ୍ରଭାକର ଚିରକାଳ ପୁରୁଷ ଭାବେ ଜୀବନ ଯାପନ କରିବ ।' ଏଣୁ ନପୁଂସକତ୍ୱ ଲାଭ କରିଥିବା ସେହି ଯକ୍ଷ ଆଜି ଅତ୍ୟନ୍ତ ଦୁଃଖଲାଭ କଲାବେଳେ ପ୍ରଭାକର ଭୋଗମୟ ସରସ ଜୀବନପାଇଁ ଆନନ୍ଦିତ । ଏଥିପାଇଁ ଆଜି ଭୈରବଙ୍କ ଆସିବାରେ କିଛି ବିଳମ୍ବ ଘଟିଛି । ତଥାପି ସେ ଆସିଗଲେ ବୋଲି ଜାଣ ।

ଦେବୀ ନାରାୟଣୀ ମାତୃକାଗଣଙ୍କୁ ଏହିପରି କହୁଥିବାବେଳେ ଭୈରବ ଚକ୍ରେଶ୍ୱର ଦେବ ଆସି ସେଠାରେ ଉପସ୍ଥିତ ହେଲେ । ଯୋଗିନୀମାନେ ଆଣିଥିବା ବିବିଧ ଉପହାରଦ୍ୱାରା ତାଙ୍କର ଅର୍ଚ୍ଚନା କରିବାକୁ ଲାଗିଲେ । ଏଥିରେ ପ୍ରୀତ ହୋଇ ଭୈରବ କିଛି ସମୟ ଧରି ସେହି ଯୋଗିନୀମାନଙ୍କ ସହ ତାଣ୍ଡବ ନୃତ୍ୟରେ ନିମଜ୍ଜିତ ରହିଲେ ।

ଚନ୍ଦ୍ରସ୍ୱାମୀ ବୃକ୍ଷ ଉପରେ ବସି ଏହା ଲକ୍ଷ୍ୟ କରୁଥିବାବେଳେ ନାରାୟଣୀଙ୍କ କୌଣସି ଏକ ଦାସୀର ଦୃଷ୍ଟି ତାଙ୍କ ଉପରେ ନିବଦ୍ଧ ହେଲା । ତାର ଦୃଷ୍ଟି ସହିତ ଚନ୍ଦ୍ରସ୍ୱାମୀଙ୍କ ଦୃଷ୍ଟି ମିଳିତ ହେଲା । ଦୈବାତ୍ ସେମାନେ ପରସ୍ପର ପ୍ରତି ଆକୃଷ୍ଟ ହୋଇପଡ଼ିଲେ । କିନ୍ତୁ ନାରାୟଣୀଙ୍କ ତୀକ୍ଷ୍ଣ ଦୃଷ୍ଟିରୁ ଏହା ଅଛପା ରହିଲା ନାହିଁ । ମାତୃକାଗଣ ଭୈରବଙ୍କ ସହ ଚାଲିଯିବାପରେ ସେ ସେଠାରେ କିଛି ସମୟପାଇଁ ରହିଗଲେ । ତାଙ୍କରି ନିର୍ଦ୍ଦେଶରେ ଚନ୍ଦ୍ରସ୍ୱାମୀ ବୃକ୍ଷରୁ ଅବତରଣ କରନ୍ତେ ସେ ଉଭୟଙ୍କୁ ସେମାନଙ୍କ ମିଳନ ଅଭିଳାଷ ସମ୍ପର୍କରେ ପ୍ରଶ୍ନ କଲେ । ଉଭୟେ ସତ୍ୟପ୍ରକାଶ ପୂର୍ବକ ସମ୍ମତି ପ୍ରଦାନ କରିବା ହେତୁ

Digitized by srujanika@gmail.com

ସେ ପ୍ରୀତ ହୋଇ କହିଲେ, 'ତୁମେମାନେ ସତକଥା କହିଥିବା ଯୋଗୁଁ ମୁଁ ତୁମକୁ ଅଭିଶାପ ଦେଉନାହିଁ । ବରଂ ଚନ୍ଦ୍ରସ୍ୱାମୀ, ତୁମ ହାତରେ ଏହି ଦାସୀକୁ ଅର୍ପଣ କଲି । ତୁମେମାନେ ସୁଖୀ ହୁଅ ।'

ଏହା ଶୁଣି ଚନ୍ଦ୍ରସ୍ୱାମୀ କହିଲେ, 'ଭଗବତି ! ମୁଁ ମୋର ସ୍ୱଭାବ ଚଞ୍ଚଳ ମନକୁ ଆୟତ୍ତ କରିପାରିନଥିଲେ ସୁଦ୍ଧା ପରସ୍ତ୍ରୀକୁ ସ୍ପର୍ଶ କରିପାରିବି ନାହିଁ । ମନ ଅବଶ୍ୟ ସ୍ୱଭାବ ଚଞ୍ଚଳ, କିନ୍ତୁ ଶାରୀରିକ ପାପରୁ ଏହାକୁ ରକ୍ଷା କରିବା ଉଚିତ ।' ପବିତ୍ର ତଥା ପଣ୍ଡିତ ବ୍ରାହ୍ମଣଙ୍କଠାରୁ ଏହା ଶୁଣି ଦେବୀ ନାରାୟଣୀ ତା' ଉପରେ ସନ୍ତୁଷ୍ଟ ହୋଇ କହିଲେ, 'ବତ୍ସ, ମୁଁ ତୋ ପ୍ରତି ପ୍ରସନ୍ନ, ତୁ ତୋର ଶିଶୁ ସନ୍ତାନମାନଙ୍କୁ ଲାଭ କରି ସୁଖୀହୁଅ । ଏହି ଅମ୍ଳାନ ପଦ୍ମପୁଷ୍ପଟି ନେ । ଏହା ବିଭିନ୍ନ ପ୍ରକାର ବିଷଦୋଷ ହରଣ କରିପାରେ ।' ଏହା କହି ଦେବୀ ନାରାୟଣୀ ତାକୁ ପଦ୍ମପୁଷ୍ପଟିଏ ପ୍ରଦାନ କରି ଦାସୀ ସହ ଅନ୍ତର୍ହିତା ହେଲେ ।

ଦେବୀଙ୍କଠାରୁ ଅମ୍ଳାନ ପଦ୍ମ ଗ୍ରହଣ କରି ଚନ୍ଦ୍ରସ୍ୱାମୀ ପ୍ରଭାତରୁ ସେହି ସ୍ଥାନ ପରିତ୍ୟାଗ କଲେ । ବିଭିନ୍ନ ରାଜ୍ୟ ଭ୍ରମଣ କରି ସେ ଶେଷରେ ତାରାପୁର ନଗରରେ ଆସି ଉପସ୍ଥିତ ହେଲେ । ଏଠାରେ ତାଙ୍କର ପୁତ୍ର ମହୀପାଳ ଓ କନ୍ୟା ଚନ୍ଦ୍ରବତୀ ବ୍ରାହ୍ମଣ ସଚିବ ଅନନ୍ତସ୍ୱାମୀଙ୍କ ଗୃହରେ ଅବସ୍ଥାନ କରୁଥାଆନ୍ତି । ନଗରରେ ଉପନୀତ ହୋଇ ଚନ୍ଦ୍ରସ୍ୱାମୀ ଏହାଙ୍କ ଗୃହରେ ଭୋଜନ କରିବାର ଅଭିଳାଷ ନେଇ ଗୃହ ଦ୍ୱାରରେ ଯାଇ ପହଞ୍ଚିଲେ । ମନ୍ତ୍ରୀ ମହୋଦୟଙ୍କୁ ଅତିଥିପ୍ରିୟ ଜାଣି ସେ ତାଙ୍କ ଦ୍ୱାରରେ ବେଦପାଠ ଆରମ୍ଭ କଲେ । ଦ୍ୱାରପାଳ ଯାଇ ଭିତରେ ସୂଚନା ଦେବାରୁ ଅନନ୍ତସ୍ୱାମୀ ଅତିଥିଙ୍କୁ ଗୃହ ମଧ୍ୟକୁ ନେଇ ତାଙ୍କୁ ଭୋଜନପାଇଁ ନିମନ୍ତ୍ରଣ ଜଣାଇଲେ । ଚନ୍ଦ୍ରସ୍ୱାମୀ ଏଥିରେ ସନ୍ତୁଷ୍ଟ ହୋଇ ପାପହାରୀ ଅନନ୍ତ ହ୍ରଦରେ ସ୍ନାନ କରିବାପାଇଁ ବାହାରିଲେ । ସେ ସ୍ନାନ ଶେଷ କରି ଫେରିବାବେଳେ ସମଗ୍ର ନଗରରେ ହାହାକାର ଉଠୁଥାଏ । ଏହାର କାରଣ ଜିଜ୍ଞାସା କରି ସେ ଜାଣିବାକୁ ପାଇଲେ ଯେ ସେହି ନଗରରେ ମହୀପାଳ ନାମରେ ଗୋଟିଏ ବାଳକ ରହୁଥିଲା । ତାକୁ ବଣିକ ସାର୍ଥବର କୌଣସି ନିବିଡ଼ ଅରଣ୍ୟାନୀ ମଧ୍ୟରୁ ପାଇଥିଲେ । ବାଳକଟିର ଶରୀରରେ ଉତ୍ତମ ଲକ୍ଷଣମାନ ଦେଖି ଅନନ୍ତସ୍ୱାମୀ ତାକୁ ତାର ଭଉଣୀ ସହିତ ନିଜ ଗୃହକୁ ନେଇ ଆସିଥିଲେ । ଅପୁତ୍ରକ ଥିବା ଯୋଗୁଁ ଏହି ବାଳକଟିକୁ ସେ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ତେଣୁ ମହୀପାଳ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ଏହି ଗୁଣବାନ୍ ବାଳକଟିକୁ ରାଜା ମଧ୍ୟ ଅତ୍ୟନ୍ତ ଆଦର କରୁଥିଲେ । ଆଜି କାଳସର୍ପ ଦଂଶନରେ ଏହି ବାଳକଟିର ମୃତ୍ୟୁ ଘଟିଛି । ଏଣୁ ସମଗ୍ର ନଗରବାସୀ ହାହାକାର କରୁଛନ୍ତି ।

Digitized by srujanika@gmail.com

ଏହା ଶୁଣି ଚନ୍ଦ୍ରସ୍ୱାମୀ ଭାବିଲେ ଯେ ସେହି ବାଳକଟି ନିଶ୍ଚିତ ଭାବେ ତାଙ୍କରି ସନ୍ତାନ । ସେ ଯଥାଶୀଘ୍ର ଯାଇ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଲେ । ସେଠାରେ ବିଷଣ୍ଣ ଜନତାର ଭୀଷଣ ଭିଡ଼ । ତା' ମଧ୍ୟରେ ବାଳକଟିକୁ ଦେଖି ଏବଂ ତାକୁ ଚିହ୍ନିପାରି ଦେବୀ ନାରାୟଣୀଙ୍କ ପ୍ରଦତ୍ତ ଔଷଧୀ ରୂପ ଅମ୍ଲାନ ପଦ୍ମ ଧାରଣ କରିଥିବା ଚନ୍ଦ୍ରସ୍ୱାମୀ ଆନନ୍ଦିତ ହେଲେ । ସେ ସେହି ପଦ୍ମପୁଷ୍ପଟିକୁ ନେଇ ବାଳକର ନାସିକା ଦ୍ୱାରରେ ସ୍ପର୍ଶ କରାଇଲେ । ଫଳରେ ସଙ୍ଗେ ସଙ୍ଗେ ବାଳକ ବିଷମୁକ୍ତ ହେଲା । ସେ ନିଦରୁ ଉଠିଲା ପରି ଚାରିଆଡ଼େ ଚାହିଁବାକୁ ଲାଗିଲା । ତାର ପୁନର୍ଜୀବନ ଲାଭରେ ରାଜାଙ୍କ ସହିତ ରାଜ୍ୟବାସୀ ଆନନ୍ଦ ଉତ୍ସବ ପାଳନ କଲେ । ଚନ୍ଦ୍ରସ୍ୱାମୀଙ୍କୁ ମଧ୍ୟ କୌଣସି ଅବତାର ପୁରୁଷ ମନେକରି ରାଜ୍ୟବାସୀ ଓ ରାଜା ପ୍ରଭୂତ ଧନ ସମ୍ପଦ ପ୍ରଦାନ ପୂର୍ବକ ସମ୍ମାନିତ କଲେ ।

ମନ୍ତ୍ରୀ ଅନନ୍ତସ୍ୱାମୀଙ୍କ ଗୃହରେ ପୁତ୍ର ମହୀପାଳ ଓ କନ୍ୟା ଚନ୍ଦ୍ରବତୀ ସହିତ ଚନ୍ଦ୍ରସ୍ୱାମୀ ସମ୍ମାନର ସହିତ ବାସ କରିବାକୁ ଲାଗିଲେ । ସେମାନେ ପରସ୍ପରକୁ ଚିହ୍ନି ପାରିଥିଲେ ସୁଦ୍ଧା ମୌନ ରହିଥାଆନ୍ତି । ପଣ୍ଡିତ ଲୋକମାନେ ଅବସର ନ ଆସିଲେ ନିଜକୁ ପ୍ରକଟନ କରନ୍ତି ନାହିଁ ।

କୁର୍ବନ୍ତ୍ୟକାଳେଽଭିବ୍ୟକ୍ତିଂ ନ କାର୍ଯ୍ୟାପେକ୍ଷିଣୋ ବୁଧାଃ ।

ଏହିପରି କିଛିଦିନ ବିତିଗଲା । ରାଜା ତାରାବର୍ମା ମହୀପାଳର ସଦ୍‌ଗୁଣାବଳୀରେ ମୁଗ୍ଧ ହୋଇ ନିଜର କନ୍ୟା ତାରାବତୀକୁ ତା' ହସ୍ତରେ ସମର୍ପଣ କଲେ । ଏହା ସହିତ ସେ ରାଜ୍ୟର ଅର୍ଦ୍ଧେକ ଓ ସମଗ୍ର ରାଜ୍ୟର ପରିଚାଳନା ଭାର ତାହାରି ହାତରେ ନ୍ୟସ୍ତ କରି ଶାନ୍ତି ଲାଭ କଲେ । ମହୀପାଳ ମଧ୍ୟ ଚନ୍ଦ୍ରସ୍ୱାମୀଙ୍କୁ ନିଜର ପ୍ରକୃତ ପିତା ବୋଲି ଘୋଷଣା କରି ଏବଂ ଭଉଣୀ ଚନ୍ଦ୍ରବତୀକୁ ଉପଯୁକ୍ତ ପାତ୍ର ହାତରେ ସମର୍ପଣ କରି ଆନନ୍ଦର ସହିତ କାଳଯାପନ କରିବାକୁ ଲାଗିଲା ।

ଅବସରକ୍ରମେ ଚନ୍ଦ୍ରସ୍ୱାମୀ ପୁତ୍ରକୁ କହିଲେ, 'ଚାଲ, ତୋର ମାଆକୁ ଆଣିବାପାଇଁ ନିଜ ଦେଶକୁ ଯିବା । ତୁ ରାଜା ହୋଇ ତାକୁ ଭୁଲିଯାଇଥିବା କଥା ଚିନ୍ତା କରି କାଳେ ତୋର ଚିରଦୁଃଖିନୀ ମାଆ ତୋତେ ଅଭିଶାପ ଦେଇପାରେ । ମାତା ପିତାଙ୍କଦ୍ୱାରା ଅଭିଶପ୍ତ ବ୍ୟକ୍ତି କଦାପି ସୁଖ ଭୋଗ କରିପାରେ ନାହିଁ ।

ମାତାପିତୃଭ୍ୟାଂ ଶପ୍ତଃ ସନ୍ନକାତୁ ସୁଖମଶ୍ନୁତେ ।

ଏ ସମ୍ପର୍କରେ ମୁଁ ଅତୀତର ଗୋଟିଏ କଥା କହୁଛି ଶୁଣ—

Digitized by srujanika@gmail.com

ପିତାଙ୍କଦ୍ୱାରା ଅଭିଶପ୍ତ ଚକ୍ର ଓ ଖଡ୍‌ଗ କଥା

ପ୍ରାଚୀନ କାଳରେ ଧବଳପୁର ନଗରରେ ଚକ୍ର ନାମକ ଏକ ବୈଶ୍ୟପୁତ୍ର ବାସ କରୁଥିଲା । ସେ ବାଣିଜ୍ୟ ସକାଶେ ବିଦେଶ ଯାତ୍ରାର ଅଭିଳାଷ ପ୍ରକାଶ କରନ୍ତେ ତା'ର ପିତାମାତା ତାକୁ ଏଥିରୁ ନିବୃତ୍ତ କରିବାପାଇଁ ଚେଷ୍ଟା କଲେ । କିନ୍ତୁ ସେ ସେମାନଙ୍କର ବାରଣ ନ ମାନି ବାଣିଜ୍ୟ କରିବାପାଇଁ ସୁବର୍ଣ୍ଣ ଦ୍ୱୀପ ଅଭିମୁଖରେ ଯାତ୍ରା କଲା । ପାଞ୍ଚଟି ବର୍ଷ ମଧ୍ୟରେ ସେ ପର୍ଯ୍ୟାପ୍ତ ଧନ ଉପାର୍ଜ୍ଜନ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ନିମିତ୍ତ ଏକ ଧନରତ୍ନପୂର୍ଣ୍ଣ ନୌକା ନେଇ ବାହାରିଲା । କିନ୍ତୁ ନିଜ ଦେଶରେ ପହଞ୍ଚିବାପାଇଁ ଆଉ ଅଳ୍ପ ପଥ ଥାଏ, ଏ ସମୟରେ ଆକାଶ ଭୟଙ୍କର ମେଘରେ ଆଚ୍ଛାଦିତ ହୋଇଗଲା । ସମୁଦ୍ର ବକ୍ଷ ପ୍ରବଳ ବାତ୍ୟାରେ ଆନ୍ଦୋଳିତ ହେଲା । ପିତାମାତାଙ୍କ ଇଚ୍ଛାର ବିରୁଦ୍ଧାଚରଣ କରି ବାଣିଜ୍ୟ ନିମିତ୍ତ ନିର୍ଗତ ହୋଇଥିବାଯୋଗୁଁ, ବୋଧହୁଏ, ରୋଷାନ୍ୱିତ ସମୁଦ୍ର ଉତ୍ତାଳ ତରଙ୍ଗମାଳାଦ୍ୱାରା ତାର ନୌକାଟିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲା । ନୌକାମଧ୍ୟରେ ଥିବା ବହୁ ଯାତ୍ରୀ ସମୁଦ୍ର ବକ୍ଷରେ ଭାସିଗଲେ, କେତେକ ମଗରମାନଙ୍କର ଆହାର ହେଲେ; କିନ୍ତୁ ପରମାୟୁ ବଳରୁ ଚକ୍ର ଲହରୀ ମୁଖରେ ଆସି ସମୁଦ୍ର କୂଳରେ ପହଞ୍ଚିଲା ।

ସମୁଦ୍ର ତଟରେ ଅସହାୟ ଓ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିବାବେଳେ ଚକ୍ର ସ୍ୱପ୍ନ ଦେଖିଲା ଯେ ଗୋଟିଏ ଭୀଷଣାକୃତି ପୁରୁଷ ଆସି ତାର ସମ୍ମୁଖରେ ଠିଆହେଲା । ସେ ହାତରେ ଗୋଟିଏ ପାଶ ଧରିଥାଏ । ସେହି ପୁରୁଷ ଚକ୍ରକୁ ପାଶଦ୍ୱାରା ବନ୍ଧନ କରି ଏକ ସଭାସ୍ଥଳିରେ ଯାଇ ପହଞ୍ଚିଲା । ସେଠାରେ ସିଂହାସନ ଉପରେ ଜଣେ ପୁରୁଷ ବସିଥାଆନ୍ତି । ତାଙ୍କରି ନିର୍ଦ୍ଦେଶରେ ସେହି ପାଶହସ୍ତ ପରିଚାରକଟି ଚକ୍ରକୁ ନେଇ ଏକ ଲୌହନିର୍ମିତ କୋଠରି ମଧ୍ୟରେ ନିକ୍ଷେପ କଲା । ଚକ୍ର କୋଠରିର ଚତୁର୍ଦ୍ଦିଗ ନିରୀକ୍ଷଣ କରି ଦେଖିଲା ଯେ ସେଠାରେ ତାରି ପରି ଅନ୍ୟ ଜଣେ ପୁରୁଷ ମଧ୍ୟ ରହିଛି । ସେହି ପୁରୁଷଟିର ମସ୍ତକ ଉପରେ ଗୋଟିଏ ଉତ୍ତପ୍ତ ଲୌହଚକ୍ର ଘୂରୁଥିବା ସେ ଲକ୍ଷ୍ୟ କଲା । ତାର ଏପରି ଦୁର୍ଦ୍ଦଶା ଦେଖି ଚକ୍ର ପୁରୁଷଟିର ପରିଚୟ ଏବଂ ଏପରି ଦୁର୍ଦ୍ଦଶାର କାରଣ ଜିଜ୍ଞାସା କରନ୍ତେ ସେ ଉତ୍ତରରେ କହିଲା—

ମୁଁ ଖଡ୍‌ଗ ନାମକ ବୈଶ୍ୟପୁତ୍ର । ପିତାମାତାଙ୍କ କଥା ନ ଶୁଣିବାଯୋଗୁଁ ସେମାନେ ମୋ ଉପରେ କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ ଯେ ମୁଁ ଯେପରି ସେମାନଙ୍କ ମସ୍ତକ ଉପରେ ଉତ୍ତପ୍ତ ଲୌହ ଚକ୍ର ରୂପରେ ରହି ସେମାନଙ୍କୁ ଅସହ୍ୟ ବେଦନା ଦେଉଛି, ସେହିପରି ମୁଁ ମଧ୍ୟ ଅଦୃଶ୍ୟ ଦୁଃଖ ଲାଭ କରିବି । ମୁଁ ଏଥିରେ ଭୟଭୀତ ହୋଇ କ୍ରନ୍ଦନ

Digitized by srujanika@gmail.com

କରିବାରୁ ସେମାନେ ମୋ ପ୍ରତି ଦୟା ପରବଶ ହୋଇ କହିଲେ, 'ବତ୍ସ, ଆଉ କାନ୍ଦ ନାହିଁ । ତୋର ଏହି ଦୁଃଖ ଗୋଟିଏ ମାସ ମାତ୍ର ରହିବ ।' ଏହା ଶୁଣି ମୁଁ ସେହି ଦିନଟି ଅତ୍ୟନ୍ତ ଦୁଃଖରେ ବିତାଇଲି । କିନ୍ତୁ ସେହିଦିନ ରାତିରେ ଶୋଇଥିବାବେଳେ ସ୍ୱପ୍ନରେ ଦେଖିଲା ପରି ଗୋଟିଏ ଭୟଙ୍କର ପୁରୁଷ ଆସି ମୋ ଆଗରେ ଠିଆହେଲା । ସେହି ପୁରୁଷଟି ବଳପୂର୍ବକ ମୋତେ ଉଠାଇ ଆଣି ଏହି ଲୌହ ନିର୍ମିତ କୋଠରି ମଧ୍ୟରେ ଆବଦ୍ଧ କଲା ଏବଂ ଏହି ଉତ୍ତପ୍ତ ଲୌହଚକ୍ରକୁ ମୋ ମୁଣ୍ଡ ଉପରେ ରଖିଦେଇ ଚାଲିଗଲା ।

ଏହିପରି ଭାବରେ ମୁଁ ପିତାମାତାଙ୍କ ଅଭିଶାପ ଭୋଗ କରୁଅଛି । ଭୟଙ୍କର ଯନ୍ତ୍ରଣା ଭୋଗ କରୁଥିଲେ ସୁଦ୍ଧା ମୋ ଜୀବନ ଯାଉ ନାହିଁ । ଆଜି ଅଭିଶାପର ଶେଷ ଦିବସ । ତଥାପି ଏହି ଯନ୍ତ୍ରଣାର ଶେଷ ନାହିଁ ।

ଖଡ୍‌ଗଠାରୁ ଏହା ଶୁଣି ଦୟାଳୁ ଚକ୍ର ତାକୁ କହିଲା, 'ଧନଲୋଭରେ ବିଦେଶ ଯାତ୍ରା କରିବାପାଇଁ ମୁଁ ପିତାମାତାଙ୍କ କଥା ମାନି ନଥିଲି । ସେଥିପାଇଁ ସେମାନେ ମୋତେ ଅଭିଶାପ ଦେଇଥିଲେ ଯେ ମୋର ଉପାର୍ଜିତ ସମସ୍ତ ଧନ ନଷ୍ଟ ହେବ । ଏହା ଫଳରେ ମୁଁ ଉପାର୍ଜନ କରିଥିବା ସମସ୍ତ ଧନସମ୍ପଦ ସମୁଦ୍ର ମଧ୍ୟରେ ବୁଡ଼ିଗଲା । ଏହା ହିଁ ମୋର ଦୁଃଖପୂର୍ଣ୍ଣ କାହାଣୀ । ଏଣୁ ଏହି ଜୀବନରେ ଆଉ ଲାଭ କ'ଣ ? ତୁମେ ବରଂ ସେହି ଚକ୍ରଟିକୁ ମୋର ମସ୍ତକରେ ସ୍ଥାପନ କରି ଶାପମୁକ୍ତ ହୁଅ ।'

ଚକ୍ର ଏହିପରି କହୁଥିବାବେଳେ ଶୂନ୍ୟବାଣୀ ହେଲା ଯେ, 'ଖଡ୍‌ଗ ! ତୁ ଶାପମୁକ୍ତ ହେଲୁ । ଏହି ଉତ୍ତପ୍ତ ଚକ୍ରଟିକୁ ଚକ୍ରର ମସ୍ତକରେ ରଖିଦେ ।' ଏହା ଶେଷ ହେବା ମାତ୍ରେ ଖଡ୍‌ଗ ଚକ୍ରଟିକୁ ନେଇ ଚକ୍ରର ମସ୍ତକ ଉପରେ ସ୍ଥାପନ କଲା । ଏହାପରେ ସେ କୌଣସି ଅଦୃଶ୍ୟ ଶକ୍ତିର ପ୍ରଭାବରେ ନିଜର ପିତୃଗୃହରେ ଯାଇ ପହଞ୍ଚିଲା । ବର୍ତ୍ତମାନ ସେ ପିତାମାତାଙ୍କ ଆଦେଶ ପାଳନ କରି ସୁଖରେ ବାସ କରୁଅଛି ।

ଏଣେ ଚକ୍ର ସେହି ଉତ୍ତପ୍ତ ଲୌହ ଚକ୍ରଟିକୁ ମସ୍ତକ ଉପରେ ଧାରଣ କରି କହିଲା, 'ପୃଥିବୀ ପୃଷ୍ଠରେ ମୋ ପରି ଯେତେ ପାପୀ ଅଛନ୍ତି, ସେ ସମସ୍ତେ ପାପଭାରରୁ ମୁକ୍ତିଲାଭ କରନ୍ତୁ । ଯେତେବେଳ ପର୍ଯ୍ୟନ୍ତ ଏ ପ୍ରକାର ପାପର ଶେଷ ନ ହୋଇଛି, ସେ ପର୍ଯ୍ୟନ୍ତ ଏ ଚକ୍ର ମୋର ମସ୍ତକ ଉପରେ ରହିଥାଉ ।'

ଚକ୍ରର ଏ ପ୍ରକାର ସାହସ ଓ ଧୈର୍ଯ୍ୟ ଦେଖି ସ୍ୱର୍ଗରୁ ଦେବତାମାନେ ପୁଷ୍ପବୃଷ୍ଟି କଲେ ଏବଂ ପ୍ରସନ୍ନ ହୋଇ କହିଲେ, 'ତୁ ପ୍ରକୃତରେ ଜଣେ ମହାପୁରୁଷ, ତୋର ଏହି ସାହସ ପ୍ରଶଂସନୀୟ । ଅନ୍ୟମାନଙ୍କୁ କରୁଣା ପ୍ରଦର୍ଶନ ଯୋଗୁଁ ତୋର ସମସ୍ତ ପାପ ନଷ୍ଟ

Digitized by srujanika@gmail.com

ହେଲା । ବର୍ତ୍ତମାନ ଏଥିରୁ ମୁକ୍ତ ହୁଅ ଏବଂ ଅକ୍ଷୟ ଧନସମ୍ପଦର ଅଧିକାରୀ ହୁଅ ।' ଦେବତାମାନେ ଏହିପରି କହୁଥିବା ଅବସ୍ଥାରେ ଚକ୍ରର ମସ୍ତକ ଉପରୁ ଉତ୍ତପ୍ତ ଲୌହ ଚକ୍ରଟି ଅଦୃଶ୍ୟ ହୋଇଗଲା । ଏ ସମୟରେ ଇନ୍ଦ୍ରଙ୍କ ପ୍ରେରିତ ଏକ ବିଦ୍ୟାଧର ଆକାଶମାର୍ଗରୁ ଅବତରଣ କରି ବହୁ ଧନସମ୍ପଦଦ୍ୱାରା ଚକ୍ରକୁ ଅଭିନନ୍ଦନ କଲା । ସେ ଚକ୍ରକୁ କୋଳରେ ଧରି ତାକୁ ଧବଳପୁର ନଗରରେ ପହଞ୍ଚାଇ ଦେଇ ନିଜର ଗନ୍ତବ୍ୟ ପଥରେ ଚାଲିଗଲା ।

ଏହାପରେ ଚକ୍ର ପିତାମାତାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶକରି ସେମାନଙ୍କଠାରୁ କ୍ଷମାଭିକ୍ଷା କଲା ଏବଂ ବନ୍ଧୁସ୍ୱଜନଙ୍କ ସହ ନିଜର ଧର୍ମ ପାଳନପୂର୍ବକ ଆନନ୍ଦରେ କାଳାତିପାତ କରିବାକୁ ଲାଗିଲା ।

ମହୀପାଳକୁ କଥାଟି ଶୁଣାଇ ଚନ୍ଦ୍ରସ୍ୱାମୀ ପୁଣି କହିଲେ, 'ପିତାମାତାଙ୍କ କଥା ଅନ୍ୟଥା କଲେ ଏପରି କୁପରିଣାମ ଭୋଗ କରିବାକୁ ହୁଏ, କିନ୍ତୁ ସେମାନଙ୍କଠାରେ ଭକ୍ତି କାମଧେନୁ ପରି ଫଳ ପ୍ରଦାନ କରିଥାଏ । ଏ ସମ୍ପର୍କରେ ଅନ୍ୟ ଗୋଟିଏ କଥା ଶୁଣ—

ଅହଙ୍କାରୀ ମୁନି, ପତିବ୍ରତା ସ୍ତ୍ରୀ ଏବଂ ଧର୍ମ ବ୍ୟାଧ କଥା

ପ୍ରାଚୀନ କାଳରେ କୌଣସି ଅରଣ୍ୟରେ ଜଣେ ମହାତପସ୍ୱୀ ବାସ କରୁଥାଆନ୍ତି । ଦିନେ ସେ କୌଣସି ବୃକ୍ଷଛାୟାରେ ବିଶ୍ରାମ କରୁଥିବାବେଳେ ଗୋଟିଏ ବଗୁଲୀ ତାଙ୍କ ଉପରେ ମଳତ୍ୟାଗ କଲା । ମୁନି ଏଥିରେ କ୍ରୁଦ୍ଧ ହୋଇ ତାକୁ ଚାହିଁ ଦିଅନ୍ତେ ବଗୁଲୀଟି ସଙ୍ଗେ ସଙ୍ଗେ ଭସ୍ମୀଭୂତ ହୋଇଗଲା । ନିଜ ତପସ୍ୟାର ଏପରି ଅଲୌକିକ ପ୍ରଭାବ ଦେଖି ତପସ୍ୱୀଙ୍କ ମନରେ ଅହଙ୍କାର ଜାତ ହେଲା ।

ଏକଦା ଏହି ତପସ୍ୱୀ ଭିକ୍ଷା ସଂଗ୍ରହ କରିବାପାଇଁ ନଗର ମଧ୍ୟରେ ପ୍ରବେଶ କଲେ । ସେ କୌଣସି ବ୍ରାହ୍ମଣର ଦ୍ୱାରସ୍ଥ ହୋଇ ବ୍ରାହ୍ମଣ ପତ୍ନୀଙ୍କୁ ଭିକ୍ଷାପାଇଁ ଅନୁରୋଧ କଲେ । ପତିବ୍ରତା ବ୍ରାହ୍ମଣୀ ଏଥିରେ ତାଙ୍କୁ କହିଲା —'ଆପଣ ଟିକିଏ ଅପେକ୍ଷା କରନ୍ତୁ, ମୁଁ ପତିଙ୍କ ସେବା ଶେଷ କରି ଆସୁଛି, ଭିକ୍ଷା ଦେବି ।' ଏଥିରେ ମୁନି ରାଗିଯାଇ ତା' ପ୍ରତି ରୋଷପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କଲେ । ଏହା ଦେଖି ବ୍ରାହ୍ମଣୀ ହସି ହସି କହିଲା, 'ମହାଶୟ, ମୁଁ ବଗୁଲୀ ନୁହେ, ଅପେକ୍ଷା କରନ୍ତୁ ।' ଏହାଶୁଣି ମୁନି ବିସ୍ମିତ ହେଲେ । ଏହି ବ୍ରାହ୍ମଣୀ ତାଙ୍କର ପ୍ରଭାବ ସମ୍ପର୍କରେ କିପରି ଜାଣିବାକୁ ପାଇଲା ସେ ବୁଝିପାରିଲେ ନାହିଁ । ଏଣୁ ସେ ଦ୍ୱାରଦେଶରେ ଅପେକ୍ଷା କରିବାକୁ ଲାଗିଲେ ।

Digitized by srujanika@gmail.com

କିଛି ସମୟ ପରେ ସେହି ପତିବ୍ରତା ରମଣୀ ପତିଙ୍କର ଯଜ୍ଞ ସମ୍ପର୍କୀୟ ସେବା ସମାପ୍ତ କରି ଭିକ୍ଷା ଦେବାପାଇଁ ମୁନିଙ୍କ ସମୀପରେ ଆସି ଉପସ୍ଥିତ ହେଲା । ତାକୁ ଦେଖି ମୁନି ଯୋଡ଼ହସ୍ତରେ କହିଲେ, 'ମା, ତୁମେ ପରୋକ୍ଷରେ ଏହି ବଗୁଲୀ ବୃତ୍ତାନ୍ତ କିପରି ଜାଣିପାରିଲି ? ଏହା ନ କହିବା ପର୍ଯ୍ୟନ୍ତ ମୁଁ ଭିକ୍ଷା ଗ୍ରହଣ କରିବି ନାହିଁ ।'

ଏହାର ଉତ୍ତରରେ ସେହି ପତିବ୍ରତା କହିଲା, 'ମୁଁ ପତି ସେବା ବ୍ୟତୀତ ଅନ୍ୟ କୌଣସି ଦ୍ୱିତୀୟ ଧର୍ମ ଜାଣେ ନାହିଁ । କେବଳ ତାଙ୍କରି କୃପାରୁ ହିଁ ମୁଁ ଏପରି ବିଜ୍ଞାନ ଶକ୍ତି ଲାଭ କରିପାରିଛି, ଏଠାରେ ମାଂସ ବିକ୍ରୟ କରୁଥିବା ଜଣେ ଧର୍ମବ୍ୟାଧ ଅଛନ୍ତି । ଆପଣ ତାଙ୍କ ସହ ଯାଇ ସାକ୍ଷାତ କରନ୍ତୁ । ଏହାଦ୍ୱାରା ଆପଣଙ୍କ ଅହଙ୍କାର ଦୂର ହୋଇ କଲ୍ୟାଣ ମିଳିପାରିବ ।'

ସେହି ପତିବ୍ରତା ବ୍ରାହ୍ମଣୀଠାରୁ ଏହା ଶୁଣି ମୁନି ଭିକ୍ଷା ଗ୍ରହଣ ପୂର୍ବକ ତାକୁ ପ୍ରଣାମ କରି ସେଠାରୁ ପ୍ରସ୍ଥାନ କଲେ । ଦ୍ୱିତୀୟ ଦିନ ସେ ନଗର ମଧ୍ୟରେ ଧର୍ମ ବ୍ୟାଧର ସନ୍ଧାନ କରିବାକୁ ଲାଗିଲେ । ଶେଷରେ ଦୋକାନ ମଧ୍ୟରେ ବସି ମାଂସ ବିକ୍ରୟ କରୁଥିବା ଧର୍ମବ୍ୟାଧ ସହିତ ତାଙ୍କର ସାକ୍ଷାତ ହେଲା । ପ୍ରଥମ ସାକ୍ଷାତରେ ହିଁ ଧର୍ମବ୍ୟାଧ ପ୍ରଶ୍ନ କଲା, 'ତୁମକୁ କ'ଣ ସେହି ପତିବ୍ରତା ପଠାଇଛନ୍ତି ?' ଏହା ଶୁଣି ଆଶ୍ଚର୍ଯ୍ୟ ଚକିତ ମୁନି ତାକୁ ପଚାରିଲେ, 'ତୁମେ ମାଂସ ବିକ୍ରେତା ହୋଇ ଏପରି ଜ୍ଞାନ କିପରି ଲାଭ କଲ ?'

ଉତ୍ତରରେ ଧର୍ମବ୍ୟାଧ କହିଲା, 'ମୁଁ କେବଳ ମାତାପିତାଙ୍କର ଭକ୍ତ । ସେମାନେ ହିଁ ମୋର ଦେବତା । ମୁଁ ସେମାନଙ୍କୁ ସ୍ନାନ କରାଇ ସ୍ନାନ କରେ, ସେମାନଙ୍କୁ ଖୁଆଇ ଖାଏ, ସେମାନେ ଶୟନ କଲା ପରେ ମୁଁ ଶୟନ କରେ । ଏଥିପାଇଁ ମୁଁ ଏପରି ଜ୍ଞାନର ଅଧିକାରୀ ହୋଇପାରିଛି । ନିଜର ଜୀବିକା ନିର୍ବାହ କରିବାପାଇଁ ମୁଁ ଅନ୍ୟଦ୍ୱାରା ମରାଯାଇଥିବା ପଶୁର ମାଂସ ବିକ୍ରୟ କରେ । ଏହି କର୍ମ ମଧ୍ୟ ମୁଁ ମୋର କର୍ତ୍ତବ୍ୟ ବୋଲି କରେ କିନ୍ତୁ ଧନ ଲାଭ ଆଶାରେ ନୁହେ । ଜ୍ଞାନର ବିଘ୍ନ ବା ଶତ୍ରୁ ହେଉଛି ଅହଙ୍କାର ।

ଜ୍ଞାନବିଘ୍ନମହଂକାରମ୍ ।

ମୁଁ ଏବଂ ସେହି ପତିବ୍ରତା ବ୍ରାହ୍ମଣପତ୍ନୀ ଏହି ଅହଙ୍କାରଠାରୁ ସର୍ବଦା ଦୂରରେ ରହିଅଛୁ । ଏଣୁ ଅବାଧରେ ଆମର ଜ୍ଞାନ ଲାଭ ହୋଇଅଛି ।

ଏଣୁ ତୁମେ ମଧ୍ୟ ତପସ୍ୟା ଆଚରଣ କରି ଆତ୍ମଶୁଦ୍ଧି ନିମିତ୍ତ ଅହଙ୍କାର ପରିତ୍ୟାଗ କର ଏବଂ ନିଜର ଧର୍ମ ପାଳନ କର । ଏହାଦ୍ୱାରା ଅତିଶୀଘ୍ର ତୁମର ଜ୍ଞାନଜ୍ୟୋତି ପ୍ରକାଶିତ ହେବ ।' ଧର୍ମବ୍ୟାଧଠାରୁ ଏହିପରି ଉପଦେଶ ଲାଭ କରି ମୁନି ତା' ସହିତ ତାର ଗୃହକୁ

Digitized by srujanika@gmail.com

ଯାଇ ବ୍ୟାଧର ଦୈନନ୍ଦିନ ଜୀବନ ଯାପନ ପ୍ରଣାଳୀ ଲକ୍ଷ୍ୟ କଲେ । ଏଥିରୁ ସେ ଉପଯୁକ୍ତ ଶିକ୍ଷା ଲାଭ କରି ଆନନ୍ଦର ସହିତ ତପସ୍ୟା ଆଚରଣପାଇଁ ଅରଣ୍ୟ ଅଭିମୁଖରେ ଯାତ୍ରା କଲେ ।

ଏମାନଙ୍କ ଉପଦେଶ ଅନୁଯାୟୀ କର୍ମ କରିବା ଫଳରେ ମୁନି ଯେପରି ସିଦ୍ଧି ଲାଭ କଲେ, ଧର୍ମବ୍ୟାଧ ଓ ପତିବ୍ରତା ମଧ୍ୟ ଏହିପରି ସତ୍ ଉପଦେଶ ଦେଇଥିବା ଯୋଗୁଁ ସମାନ ସିଦ୍ଧି ପ୍ରାପ୍ତ ହେଲେ । ମାତା ପିତା ଓ ପତିଙ୍କଠାରେ ଭକ୍ତି ରଖିଥିବା ବ୍ୟକ୍ତିର ପ୍ରଭାବ ଏପରି ଅଲୌକିକ । ଏଣୁ ବର୍ତ୍ତମାନ ଚାଲ, ତୋତେ ଦେଖିବାପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ମାତାଙ୍କୁ ଆଶ୍ୱାସନା ଦବୁ ।'

ପିତାଙ୍କଠାରୁ ଏହା ଶୁଣି, ମହୀପାଳ ତାଙ୍କ ଅନୁରୋଧକ୍ରମେ ନିଜର ରାଜ୍ୟ ଅଭିମୁଖରେ ଯାତ୍ରା କରିବାପାଇଁ ପ୍ରସ୍ତୁତ ହେଲା । ସେ ନିଜର ଧର୍ମପିତାଙ୍କୁ ସମସ୍ତ ବୃତ୍ତାନ୍ତ କହି ଏବଂ ରାଜ୍ୟର ସମସ୍ତ ଭାର ତାଙ୍କ ଉପରେ ନ୍ୟସ୍ତ କରି ରାତ୍ରିରେ ସ୍ୱୀୟ ପିତାଙ୍କ ସହ ପ୍ରସ୍ଥାନ କଲା । କିଛିଦିନପରେ ସେ ନିଜ ଗ୍ରାମରେ ଉପସ୍ଥିତ ହୋଇ ମା'ଙ୍କ ସହ ସାକ୍ଷାତ କଲା । ବସନ୍ତ ଋତୁ ଆଗମନରେ କୋକିଳ ବଧୂ ଯେପରି ଉଲ୍ଲସିତ ହୁଏ, ପୁତ୍ରର ଦର୍ଶନରେ ମାତା ସେହିପରି ଆନନ୍ଦିତା ହୋଇଉଠିଲେ । ବନ୍ଧୁ ସ୍ୱଜନ ତା'ର ବହୁ ସତ୍କାର କଲେ । ପିତା ପୁତ୍ରର ସମଗ୍ର ବୃତ୍ତାନ୍ତ ଶୁଣାଇ ସମସ୍ତଙ୍କୁ ବିସ୍ମିତ କରାଇଲେ । ଏହିପରି ଭାବରେ ମହୀପାଳ ପିତାମାତାଙ୍କ ସହ ସ୍ୱଗୃହରେ କିଛି ଦିନ ବାସ କରିବାକୁ ଲାଗିଲା ।

ଏଣେ ତାରାପୁର ନଗରୀର ଶୟନ କକ୍ଷରେ ନିଦ୍ରା ଯାଇଥିବା ମହୀପାଳର ପତ୍ନୀ ରାତ୍ରିଶେଷରେ ଶଯ୍ୟା ତ୍ୟାଗ କରି ଦେଖିଲା ତାର ପତି କେଉଁଆଡ଼େ ଚାଲିଯାଇଛନ୍ତି । ଏହା ଜାଣିପାରି ସେ ବିରହ ଦୁଃଖରେ ବ୍ୟାକୁଳ ହୋଇଉଠିଲା । ନବର, ଉଦ୍ୟାନ କେଉଁଠି ସେ ଶାନ୍ତି ପାଇପାରିଲା ନାହିଁ । ଅଶ୍ରୁଧାରାଦ୍ୱାରା ବକ୍ଷସ୍ଥିତ ହାର ଭାରାକ୍ରାନ୍ତ ହୋଇଉଠିଲା । ଦିନରାତି ପତିନାମ ଉଚ୍ଚାରଣ ପୂର୍ବକ କାନ୍ଦି କାନ୍ଦି ସେ ମୃତ୍ୟୁ ହିଁ ଅଧିକ ସୁଖପ୍ରଦ ବୋଲି ଚିନ୍ତା କରୁଥାଏ । କନ୍ୟାର ଏ ପ୍ରକାର ବ୍ୟାକୁଳତା ଦେଖି ପିତା ଅନନ୍ତସ୍ୱାମୀ ତାକୁ ଆଶ୍ୱାସନା ଦେଇ କହିଲେ ଯେ ମହୀପାଳ ତାଙ୍କୁ କୌଣସି ଜରୁରୀ କାର୍ଯ୍ୟରେ ଯାଇ, ଶୀଘ୍ର ଫେରି ଆସିବି ବୋଲି କହିଛି । ଏଣୁ ବିଶେଷ କିଛି ଚିନ୍ତା କରିବାର ନାହିଁ । ଏଥିରେ ବନ୍ଧୁମତୀ କିଛି ପରିମାଣରେ ଆଶ୍ୱସ୍ତା ହେଲା ।

ତଥାପି ପତିଙ୍କ ସମାଚାର ଜାଣିବାପାଇଁ ବନ୍ଧୁମତୀ ବିଦେଶରୁ ଆସୁଥିବା ବ୍ରାହ୍ମଣ ଅତିଥିମାନଙ୍କର ଯଥୋଚିତ ସତ୍କାର କରି ସେମାନଙ୍କୁ ସନ୍ତୁଷ୍ଟ କରୁଥାଏ । ଦିନେ ସଙ୍ଗମଦତ୍ତ ନାମକ ଜଣେ ବ୍ରାହ୍ମଣ ଅତିଥି ଭିକ୍ଷା ଗ୍ରହଣ କରିବାପାଇଁ ଆସି ପହଞ୍ଚିଲେ । ସେ ତାଙ୍କୁ

Digitized by srujanika@gmail.com

ନାମ ଓ ସ୍ୱରୂପ କହି ପତିଙ୍କର ସମାଚାର ଜିଜ୍ଞାସା କଲା । ବ୍ରାହ୍ମଣ ଏପରି କୌଣସି ବ୍ୟକ୍ତିକୁ ଦେଖିଥିବା ସ୍ମରଣ କରି ନ ପାରିଲେ ସୁଦ୍ଧା ବନ୍ଧୁମତୀକୁ ଆଶ୍ୱାସନା ଦେବାପାଇଁ କହିଲେ, 'ମହାରାଣି ! ତୁମେ ଅଧୈର୍ଯ୍ୟ ହେବା ଉଚିତ ନୁହେ । ପ୍ରିୟ ସମାଗମ ଏକ ଶୁଭ କାର୍ଯ୍ୟ ହୋଇଥିବା ଯୋଗୁଁ ବିଳମ୍ବରେ ହିଁ ସିଦ୍ଧ ହୋଇଥାଏ । ଏ ସମ୍ପର୍କରେ ମୁଁ ଏକ ବିସ୍ମୟକର ଘଟଣା ଦେଖିଥିଲି, ଶୁଣନ୍ତୁ–

ଏକଦା ତୀର୍ଥ ଯାତ୍ରାରେ ବାହାରି ମୁଁ ହିମାଳୟ ପର୍ବତ ଉପରେ ଥିବା ମାନସ ସରୋବରରେ ଯାଇ ପହଞ୍ଚିଲି । ସେଠାରେ ମଣିନିର୍ମିତ ଏକ ସ୍ୱଚ୍ଛ ଶୁଭ୍ର ଅଟ୍ଟାଳିକା ମୋର ଦୃଷ୍ଟିଗୋଚର ହେଲା । ସହସା ତାହା ମଧ୍ୟରୁ ଜଣେ ପୁରୁଷ ବାହାରିଆସିଲେ । ସେ ହସ୍ତରେ ଖଡ୍‌ଗ ଧାରଣ କରିଥାଆନ୍ତି । ପୁରୁଷ ଜଣକ ଦିବ୍ୟ ନାରୀମାନଙ୍କ ଗହଣରେ ଯାଇ ମାନସ ସରୋବର ତୀରରେ ପହଞ୍ଚିଲେ । ସେଠାରେ ଆସବ ପାନରେ ଉନ୍ମତ୍ତ ହୋଇ ସେ ସେହି ନାରୀମାନଙ୍କ ସହ କ୍ରୀଡ଼ା କରିବାକୁ ଲାଗିଲେ । ମୁଁ ମଧ୍ୟ ଉତ୍ସୁକତାର ସହିତ ଲୁଚି ଲୁଚି ତାହା ଦେଖିବାକୁ ଲାଗିଲି । ଏ ସମୟରେ ଅନ୍ୟ ଜଣେ ସୁନ୍ଦର ପୁରୁଷ ସେଠାରେ ଆସି ପହଞ୍ଚିଲେ । ତାଙ୍କୁ ଦେଖିବା ପରେ ମୁଁ ଯାହା ସବୁ ଦେଖିଥିଲି ତାଙ୍କ ନିକଟରେ ପ୍ରକାଶ କଲି ଏବଂ ନାରୀମାନଙ୍କ ସହ କ୍ରୀଡ଼ା କରୁଥିବା ପୁରୁଷଟିକୁ ତାଙ୍କୁ ଦେଖାଇଲି । ଏହା ଦେଖି ସେ ନିଜର ବୃତ୍ତାନ୍ତ ମୋତେ ଶୁଣାଇବାକୁ ଯାଇ କହିଲେ–

ତ୍ରିଭୁବନପୁର ନାମକ ରାଜ୍ୟରେ ମୁଁ ତ୍ରିଭୁବନ ନାମକ ରାଜା ଥିଲି । ସେଠାରେ ଜଣେ ଶୈବ ସାଧୁ ବହୁଦିନ ଧରି ମୋର ସେବା କରୁଥାଏ । ଦିନେ ଏକାନ୍ତରେ ମୁଁ ତାକୁ ଏପରି ସେବା କରିବାର କାରଣ ଜିଜ୍ଞାସା କଲି । ସେ ଉତ୍ତରରେ ଯାହା କହିଲା ସେଥିରୁ ମୁଁ ଜାଣିପାରିଲି ଯେ ସେ କୌଣସି ଗୁମ୍ଫା ମଧ୍ୟରେ ଥିବା ଖଡ୍‌ଗ ସିଦ୍ଧି ପାଇଁ ମୋର ସହାୟତା ଚାହୁଁଛି । ଏଥିରେ ମୁଁ ସମ୍ମତ ହେଲି । ତାପରେ ସେ ମୋତେ ଉକ୍ତ ରାତ୍ରିରେ ଗୋଟିଏ ନିବିଡ଼ ଅରଣ୍ୟ ମଧ୍ୟକୁ ନେଇ ଚାଲିଲା । ସେଠାରେ ଯଜ୍ଞ ସମାପନ କରି ସେ ଗୋଟିଏ ଗୁମ୍ଫାର ଦ୍ୱାର ଦେଖାଇ ମୋତେ କହିଲା, 'ହେ ବୀର, ପ୍ରଥମେ ତୁମେ ଏହି ଗୁମ୍ଫା ମଧ୍ୟରେ ପ୍ରବେଶ କର । ସେଠାରେ ତୁମେ ଗୋଟିଏ ଖଡ୍‌ଗ ଦେଖିବାକୁ ପାଇବ । ଏହାପରେ ତୁମେ ଆସି ମୋତେ ତା' ଭିତରକୁ ନେଇଯିବ । ଏଥିପାଇଁ ତୁମେ ମୋ ନିକଟରେ ସତ୍ୟ କର ।'

ତାହା ନିକଟରେ ପ୍ରତିଜ୍ଞାବଦ୍ଧ ହୋଇ ମୁଁ ସେହି ବିଳ ମଧ୍ୟରେ ପ୍ରବେଶ କଲି । ସେଠାରେ ରତ୍ନନିର୍ମିତ ଏକ ପ୍ରାସାଦ ମୋର ଦୃଷ୍ଟିଗୋଚର ହେଲା । ମୁଁ ତାକୁ ଦେଖି

Digitized by srujanika@gmail.com

ବିସ୍ମୟ ଚକିତ ଭାବରେ ସେଠାରେ ଠିଆ ହୋଇଛି, ଏ ସମୟରେ ଗୋଟିଏ ଅସୁର କନ୍ୟା ତା ମଧ୍ୟରୁ ବାହାରି ମୋତେ ପ୍ରେମପୂର୍ବକ ତା' ମଧ୍ୟକୁ ନେଇଗଲା ଏବଂ ମୋତେ ଗୋଟିଏ ଖଡ୍ଗ ପ୍ରଦାନ କରି କହିଲା, 'ଏହା ତୁମକୁ ସମସ୍ତ ସିଦ୍ଧି ପ୍ରଦାନ କରିପାରିବ ଏବଂ ଆକାଶମାର୍ଗରେ ଉଡ଼ି ବୁଲିବାପାଇଁ ସାହାଯ୍ୟ କରିବ । ଏଣୁ ସାବଧାନତା ସହକାରେ ଏହାକୁ ରକ୍ଷା କର ।' ଏହିପରି କହୁଥିବା ଅସୁର କନ୍ୟା ସହ ମୁଁ ସେଠାରେ କିଛିଦିନ ବାସ କଲି ।

ଏହାପରେ ସେହି ଶୈବସାଧୁଠାରେ କରିଥିବା ପ୍ରତିଜ୍ଞା ସ୍ମରଣ କରି ମୁଁ ଉପରୋକ୍ତ ଖଡ୍‌ଗ ସହ ବିଳ ବାହାରକୁ ଆସି ଦେଖିଲି ଯେ ସେ ମୋତେ ସେଠାରେ ଅପେକ୍ଷା କରି ବସିରହିଛି । ତାକୁ ସଙ୍ଗରେ ନେଇ ମୁଁ ପୁଣି ବିଳ ମଧ୍ୟରେ ପ୍ରବେଶ କଲି । ସେଠାରେ ପୂର୍ବୋକ୍ତ ଅସୁରକନ୍ୟା ସହ ମୁଁ ଏବଂ ଅନ୍ୟ ଏକ ଅସୁର କନ୍ୟା ସହ ପାଶୁପତ ସାଧୁ ବାସ କରିବାକୁ ଲାଗିଲୁ ।

ଦିନେ ମୁଁ ମଦ୍ୟପାନ କରି ଉନ୍ମତ୍ତ ଅବସ୍ଥାରେ ଥିଲା ବେଳେ, ସେ କୌଶଳରେ ମୋ ନିକଟରୁ ସେହି ଖଡ୍‌ଗଟିକୁ ହସ୍ତଗତ କରିନେଲା । ଏହା ଫଳରେ ସେ ହଠାତ୍ ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଲା ଏବଂ ମୋତେ ଧରି ବିଳ ବାହାରକୁ ଫୋପାଡ଼ି ଦେଲା । ମୁଁ ବିଳ ବାହାରେ ଦୀର୍ଘ ବାର ବର୍ଷ କାଳ ଅପେକ୍ଷା କରି ରହିଲି । ଆଜି ସେହି ଶଠ ପାଶୁପତକୁ ମୋର ପ୍ରଣୟିନୀ ଉକ୍ତ ଅସୁରକନ୍ୟା ସହ କ୍ରୀଡ଼ା କରୁଥିବା ଦେଖୁଛି ।

ହେ ଦେବି ! ମୁଁ ରାଜା ତ୍ରିଭୁବନଙ୍କ ସହ ଏପରି ବାର୍ତ୍ତାଳାପ କରୁଥିବାବେଳେ ସେହି ପାଶୁପତ ମଦ୍ୟ ପ୍ରଭାବରେ ଗାଢ଼ନିଦ୍ରାରେ ଶୋଇଗଲା । ଏହା ଦେଖି ରାଜା ତ୍ରିଭୁବନ ତା' ନିକଟକୁ ଯାଇ ଖଡ୍‌ଗଟିକୁ ଉଠାଇନେଲେ; ଫଳରେ ସେ ଦିବ୍ୟଶକ୍ତିର ଅଧିକାରୀ ହେଲେ । ଏହାପରେ ମଦୋନ୍ମତ୍ତ ରାଜା ଶୋଇଥିବା ସେହି ପାଶୁପତକୁ ପଦାଘାତ କରି ଉଠାଇ ଖୁବ୍ ଭର୍ତ୍ସନା କଲେ, କିନ୍ତୁ ନିଜେ ଜଣେ ବୀର ଯୋଦ୍ଧା ହୋଇଥିବା ଯୋଗୁଁ ତାକୁ ବଧକଲେ ନାହିଁ । ପାଶୁପତ ସିଦ୍ଧି ଭ୍ରଷ୍ଟ ହୋଇଥିବା ଯୋଗୁଁ ବହୁତ ଦୁଃଖ କଲା, କିନ୍ତୁ ଅନ୍ୟ କିଛି କରିବାପାଇଁ ତାର ଉପାୟ ନଥିଲା । ରାଜା ନିଜର ପୂର୍ବ ପ୍ରଣୟିନୀ ସେହି ଅସୁରକନ୍ୟା ଓ ତା'ର ସହଚରୀମାନଙ୍କ ସହ ପୁନଶ୍ଚ ଗୁମ୍ଫା ମଧ୍ୟକୁ ଚାଲିଗଲେ । କୃତଘ୍ନ ଲୋକମାନେ ବହୁ କଷ୍ଟରେ ଉପାର୍ଜିତ ସିଦ୍ଧିରୁ ନିଶ୍ଚିତ ଭାବେ ଭ୍ରଷ୍ଟ ହୋଇଥାଆନ୍ତି ।

କୃତଘ୍ନାଶ୍ଚିରସିଦ୍ଧାର୍ଥା ଅପି ଭ୍ରଶ୍ୟନ୍ତି ହି ଧ୍ରୁବମ୍ ।

Digitized by srujanika@gmail.com

ଏହି ଘଟଣା ସ୍ୱଚକ୍ଷୁରେ ଦର୍ଶନ କରି ବିଭିନ୍ନ ସ୍ଥାନ ଭ୍ରମଣପୂର୍ବକ ମୁଁ ଏଠାରେ ଆସି ପହଞ୍ଚିଛି । ତେଣୁ ଦେବି ! ବିଳମ୍ବ ହେଲେ ସୁଦ୍ଧା ପତିଙ୍କ ସହ ତୁମର ଅବଶ୍ୟ ମିଳନ ହେବ । କାରଣ ଯେଉଁମାନେ ଅନ୍ୟର କଲ୍ୟାଣ କରିଥାଆନ୍ତି, ସେମାନେ କଦାପି ଦୁଃଖଭୋଗ କରନ୍ତି ନାହିଁ ।'

ଶୁଭକୃନ୍ନହି ସୀଦତି ।

ବ୍ରାହ୍ମଣଠାରୁ ଏପରି ଉପଦେଶ ଶୁଣି ବନ୍ଧୁମତୀ କିଛିଟା ଆଶ୍ୱସ୍ତା ହେଲା ଏବଂ ବ୍ରାହ୍ମଣକୁ ବହୁ ଧନରତ୍ନ ଦେଇ ସନ୍ତୁଷ୍ଟ କଲା ।

ପରଦିନ ଅନ୍ୟ ଏକ ବ୍ରାହ୍ମଣ ବହୁ ଦୂରଦୂରାନ୍ତର ଭ୍ରମଣ କରି ମହାରାଣୀଙ୍କ ନିକଟରେ ଆସି ଉପସ୍ଥିତ ହେଲା । ଉତ୍କଣ୍ଠିତା ବନ୍ଧୁମତୀ ତାକୁ ମଧ୍ୟ ନାମ ଓ ସ୍ୱରୂପ କହି ପତିଙ୍କ ସମାଚାର ଜିଜ୍ଞାସା କଲା । ଉତ୍ତରରେ ବ୍ରାହ୍ମଣ କହିଲା, 'ଦେବି ! ମୁଁ ତୁମର ପତିଙ୍କୁ କୌଣସି ସ୍ଥାନରେ ଦେଖି ନାହିଁ । କିନ୍ତୁ ମୋର ନାମ ସୁମନ, ମୁଁ ଯେତେବେଳେ ତୁମ ଦ୍ୱାରରେ ଆସି ପହଞ୍ଚିଛି, ତୁମେ ନିଶ୍ଚିତ ଭାବରେ ଆନନ୍ଦ ଲାଭ କରିବ, ଏହା ମୋର ଦୃଢ଼ ବିଶ୍ୱାସ । କାରଣ ବହୁ ବିଳମ୍ବରେ ହେଲେ ସୁଦ୍ଧା ବିଯୋଗୀମାନଙ୍କର ମିଳନ ସଂଘଟିତ ହୋଇଥାଏ । ମୁଁ ଏ ସମ୍ପର୍କରେ ଗୋଟିଏ କଥା କହୁଛି, ଶୁଣ –

ନଳ ଦମୟନ୍ତୀ କଥା

ପ୍ରାଚୀନ କାଳରେ ନଳ ନାମରେ ଜଣେ ରାଜା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ତାଙ୍କର ରୂପରେ ଅପମାନିତ ହୋଇ, ମନେହୁଏ, କନ୍ଦର୍ପ ଶିବନେତ୍ର ଜାତ ଅଗ୍ନିରେ ନିଜକୁ ଭସ୍ମୀଭୂତ କରାଇଥିଲେ । ଅବିବାହିତ ନଳ ନିଜର ଅନୁରୂପ ସୁନ୍ଦରୀ କନ୍ୟାଟିଏ ଖୋଜୁଥାଆନ୍ତି । ଶେଷରେ ସେ ବିଦର୍ଭର ରାଜା ଭୀମଙ୍କର ଦମୟନ୍ତୀ ନାମରେ କନ୍ୟାଟିଏ ଥିବା କଥା ଶୁଣିବାକୁ ପାଇଲେ । ସମଗ୍ର ପୃଥିବୀ ପୃଷ୍ଠରେ ରାଜା ଭୀମ ମଧ୍ୟ ନଳଙ୍କ ବ୍ୟତୀତ ନିଜ କନ୍ୟାପାଇଁ ଉପଯୁକ୍ତ ବରପାତ୍ର ଖୋଜି ପାଉନଥାନ୍ତି ।

ଦିନେ ଦମୟନ୍ତୀ ଜଳକ୍ରୀଡ଼ା କରିବାପାଇଁ ଉପବନସ୍ଥିତ ପୁଷ୍କରିଣୀ ମଧ୍ୟରେ ପ୍ରବେଶ କଲେ । ସେଠାରେ ମୃଣାଳ ଭକ୍ଷଣ କରି କ୍ରୀଡ଼ା କରୁଥିବା ଏକ ସୁନ୍ଦର ରାଜହଂସ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ସେ ନିଜର ପଣତକାନି ଫୋପାଡ଼ି ତାକୁ ଧରିନେଲେ । ରାଜହଂସ ଦମୟନ୍ତୀଙ୍କ କବଳିତ ହୋଇ ମନୁଷ୍ୟ ତୁଲ୍ୟ ସ୍ୱରରେ କହିଲା, 'ରାଜକୁମାରି, ମୁଁ ତୁମର ଉପକାର କରିବି । ମୋତେ ମୁକ୍ତି ଦିଅ । ନିଷଧ ଦେଶରେ ନଳ ନାମରେ

Digitized by srujanika@gmail.com

ଜଣେ ରାଜା ଅଛନ୍ତି । ସେ ଅସାଧାରଣ ରୂପଶାଳୀ । ଉତ୍ତମ ସୂତ୍ର ଦ୍ୱାରା ଗୁନ୍ଥା ଯାଇଥିବା ହାର ତୁଲ୍ୟ ରମଣୀମାନେ ତାଙ୍କୁ ହୃଦୟରେ ଧାରଣ କରିଥାନ୍ତି । ତୁମେ ତାଙ୍କର ଉପଯୁକ୍ତ ପତ୍ନୀ ଏବଂ ସେ ତୁମର ଉପଯୁକ୍ତ ପତି । ଏଣୁ ମୁଁ ତୁମ ଦୁହିଁଙ୍କର ମିଳନ ସଂଘଟନ କରିବାପାଇଁ ପ୍ରଣୟ ଦୂତ ରୂପେ କାର୍ଯ୍ୟ କରିବି ।'

ଏହା ଶୁଣି ଦମୟନ୍ତୀଙ୍କର ମନେହେଲା, ହଂସଟି ପ୍ରକୃତରେ ଦିବ୍ୟ ଶକ୍ତିଶାଳୀ ଏବଂ ସେ ସତ୍ୟ କଥା କହୁଅଛି । ତେଣୁ ରାଜକୁମାରୀ ତାକୁ ମୁକ୍ତି ପ୍ରଦାନ କରି କହିଲେ, 'ଠିକ୍ ଅଛି, ତୁ ଦୂତ ରୂପରେ ବର୍ତ୍ତମାନ ଯାଇପାରୁ । ମୁଁ ନଳଙ୍କ ବ୍ୟତୀତ ଅନ୍ୟ କାହାରିକୁ ବରଣ କରିବି ନାହିଁ । କାରଣ ସେ ମୋର ଶ୍ରବଣ ମାର୍ଗରେ ପ୍ରବେଶ କରି ମନକୁ ହରଣ କରିସାରିଛନ୍ତି ।'

ଏହାଶୁଣି ହଂସ ସେଠାରୁ ଶୀଘ୍ର ପ୍ରସ୍ଥାନ କଲା ଏବଂ ନଳଙ୍କର କ୍ରୀଡ଼ା ସରୋବରରେ ଯାଇ ଆଶ୍ରୟ ନେଲା । ରାଜା ନଳ ଏହି ମନୋହର ରାଜହଂସଟିକୁ ଦେଖି କୌତୂହଳବଶତଃ ନିଜର ଉତ୍ତରୀୟ ସାହାଯ୍ୟରେ ତାକୁ ଧରିନେଲେ । ନଳଙ୍କ ହସ୍ତ ପୁଟରେ ରହି ହଂସ କହିଲା, 'ମହାରାଜ, ମୋତେ ଛାଡ଼ି ଦିଅନ୍ତୁ । ଆପଣଙ୍କର ଉପକାର କରିବାପାଇଁ ହିଁ ମୁଁ ଏଠାକୁ ଆସିଅଛି । ବିଦର୍ଭ ଦେଶରେ ଭୀମ ବୋଲି ଜଣେ ରାଜା ରାଜତ୍ୱ କରନ୍ତି । ଦମୟନ୍ତୀ ବୋଲି ତାଙ୍କର ଏକ କନ୍ୟା ଅଛନ୍ତି । ସେ ପୃଥିବୀର ତିଳୋତ୍ତମା ପରି ଅପୂର୍ବ ସୁନ୍ଦରୀ । ଦେବତାମାନେ ମଧ୍ୟ ତାଙ୍କୁ ଲାଭ କରିବାପାଇଁ ଲାଳାୟିତ । ମୋଠାରୁ ଆପଣଙ୍କର ଗୁଣାବଳୀ ଶ୍ରବଣ କରି ସେ ଆପଣଙ୍କର ପ୍ରେମ ପାଶରେ ଆବଦ୍ଧା । ଆପଣଙ୍କ ବ୍ୟତୀତ ସେ ଅନ୍ୟ କାହାରିକୁ ପତି ରୂପରେ ବରଣ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଅଛନ୍ତି । ଏହା ଜଣାଇବାପାଇଁ ହିଁ ମୁଁ ଏଠାକୁ ଆସିଅଛି ।'

ଏହିପରି ଶୁଭ ସମ୍ବାଦ ଆଣିଥିବା ରାଜହଂସର କଥା ଶୁଣି ରାଜା ନଳ କନ୍ଦର୍ପ ବାଣରେ ଜର୍ଜ୍ଜରିତ ହୋଇଉଠିଲେ । ଆନନ୍ଦ ଗଦ୍‌ଗଦ ସ୍ୱରରେ ସେ ହଂସକୁ କହିଲେ, 'ହେ ପକ୍ଷିଶ୍ରେଷ୍ଠ, ମୁଁ ଧନ୍ୟ । ମୂର୍ତ୍ତିମତୀ ଈପ୍‌ସିତ-ସମ୍ପଦ ତୁଲ୍ୟ ଦମୟନ୍ତୀ ମୋତେ ବରଣ କରିଥିବାରୁ ମୁଁ ନିଜକୁ ଅଦ୍ୱିତୀୟ ସୌଭାଗ୍ୟଶାଳୀ ବୋଲି ମନେ କରୁଅଛି ।' ଏହା କହି ରାଜା ନଳ ହଂସଟିକୁ ମୁକ୍ତି ଦାନ କଲେ । ସେ ମଧ୍ୟ ଦମୟନ୍ତୀଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲା ଏବଂ ନିଜର ଈପ୍‌ସିତ ମାର୍ଗରେ ଉଡ଼ି ଚାଲିଗଲା ।

ଦମୟନ୍ତୀ ଏହି ବାର୍ତ୍ତା ଶ୍ରବଣରେ ନଳଙ୍କ ପାଇଁ ଉତ୍କଣ୍ଠିତା ହୋଇଉଠିଲେ । ସେ ମାତାଙ୍କ ନିକଟରେ ନିଜର ମନୋଭାବ ବ୍ୟକ୍ତ କରନ୍ତେ ମାତା କନ୍ୟାର ମନୋରଥ ପୂର୍ଣ୍ଣ

Digitized by srujanika@gmail.com

କରିବାପାଇଁ ସ୍ୱୟମ୍ବର ସଭାର ଆୟୋଜନ କରିବା ନିମିତ୍ତ ରାଜାଙ୍କୁ ପ୍ରାର୍ଥନା କଲେ । ରାଜା ମଧ୍ୟ ଏଥିରେ ସମ୍ମତ ହୋଇ ଦମୟନ୍ତୀ-ସ୍ୱୟମ୍ବର ସକାଶେ ପୃଥିବୀର ସମସ୍ତ ରାଜାଙ୍କ ନିକଟକୁ ଦୂତ ପ୍ରେରଣ କଲେ । ଦୂତମାନଙ୍କଠାରୁ ସ୍ୱୟମ୍ବର ସମାଚାର ଶୁଣିବାମାତ୍ରେ ସମସ୍ତ ରାଜନ୍ୟବର୍ଗ ବିଦର୍ଭ ନଗରୀରେ ଯାଇ ପହଞ୍ଚିବାକୁ ଲାଗିଲେ । ଉତ୍କଣ୍ଠିତ ନଳ ମଧ୍ୟ ଦିବ୍ୟ ରଥ ଆରୋହଣ କରି ବିଦର୍ଭ ଅଭିମୁଖରେ ଯାତ୍ରା କଲେ ।

ଏହି ଅବସରରେ ମହର୍ଷି ନାରଦ ସ୍ୱର୍ଗଲୋକରେ ଯାଇ ଲୋକପାଳମାନଙ୍କୁ ଏହି ସମାଚାର ଶୁଣାଇଲେ । ଏହା ଶୁଣି ଇନ୍ଦ୍ର, ବାୟୁ, ଯମ, ଅଗ୍ନି ଓ ବରୁଣ ଏହି ପାଞ୍ଚଜଣ ଲୋକପାଳ ନିଜ ନିଜ ମଧ୍ୟରେ ମନ୍ତ୍ରଣା କରି ନଳଙ୍କ ନିକଟରେ ଯାଇ ପହଞ୍ଚିଲେ । ବିଦର୍ଭ ନଗରୀକୁ ଯାଉଥିବା ନଳଙ୍କୁ ପଥ ମଧ୍ୟରେ ସାକ୍ଷାତ କରି ସେମାନେ କହିଲେ, 'ତୁମେ ଆମ ପକ୍ଷରୁ ଗୋଟିଏ ସନ୍ଦେଶ ନେଇ ଦମୟନ୍ତୀଙ୍କ ନିକଟରେ ପହଞ୍ଚାଇଦିଅ । ତାଙ୍କୁ କହିବ ଯେ ସେ ଆମ୍ଭମାନଙ୍କ ମଧ୍ୟରୁ ଜଣକୁ ବରଣ କରିବେ । ମାନବ ନଳଙ୍କୁ ବିବାହ କରି ସେ କି ସୁଖ ବା ପାଇବେ ! ମନୁଷ୍ୟ ମାତ୍ରେ ମରଣଶୀଳ । କିନ୍ତୁ ଦେବତାମାନେ ଅମର । ତୁମେ ଆମର ବର ପ୍ରଭାବରୁ ଅଦୃଶ୍ୟ ଭାବରେ ତାଙ୍କ ନିକଟକୁ ଯାଇପାରିବ, ଅନ୍ୟ କେହି ତୁମକୁ ଦେଖିପାରିବେ ନାହିଁ ।'

ନଳ ଦେବତାମାନଙ୍କ କଥାରେ ସମ୍ମତ ହେଲେ ଏବଂ ଅଦୃଶ୍ୟ ରୂପରେ ଦମୟନ୍ତୀଙ୍କ ଅନ୍ତଃପୁରରେ ପ୍ରବେଶ କରି ଦେବତାମାନଙ୍କ ସନ୍ଦେଶ ନିବେଦନ କଲେ । ଏହାର ଉତ୍ତରରେ ପତିବ୍ରତା ଦମୟନ୍ତୀ କହିଲେ, 'ସେହି ଦେବତାମାନେ ଆହୁରି ଦୀର୍ଘଜୀବୀ ହୁଅନ୍ତୁ । ମୁଁ ତ ନଳଙ୍କୁ ପତି ରୂପରେ ବରଣ କରିସାରିଛି । ସେହି ଦେବତାମାନଙ୍କଠାରେ ମୋର ବା ପ୍ରୟୋଜନ କ'ଣ ?' ଦମୟନ୍ତୀଙ୍କଠାରୁ ଏହି ଉତ୍ତର ଶୁଣି ନଳ ତାଙ୍କ ନିକଟରେ ନିଜକୁ ପ୍ରକଟନ କଲେ ଏବଂ ତାଙ୍କଠାରୁ ବିଦାୟ ନେଇ ଦେବତାମାନଙ୍କୁ ଦମୟନ୍ତୀଙ୍କ ଉତ୍ତର ସଠିକ୍ ଭାବେ ଜଣାଇଦେଲେ । ନଳଙ୍କର ଏହି ସତ୍ୟବାଦିତାରେ ଦେବତାମାନେ ପ୍ରସନ୍ନ ହୋଇ କହିଲେ, 'ହେ ସତ୍ୟବାଦି ! ଆମ୍ଭେମାନେ ତୁମ ପ୍ରତି ଅତ୍ୟନ୍ତ ପ୍ରସନ୍ନ । ତୁମେ ସ୍ମରଣ କରିବାମାତ୍ରେ ଆମ୍ଭେମାନେ ତୁମ ନିକଟରେ ଆସି ଉପସ୍ଥିତ ହେବୁ ।' ନଳଙ୍କୁ ଏପରି ବରଦାନ କରି ଦେବତାମାନେ ସେଠାରୁ ଅନ୍ତର୍ହିତ ହେଲେ ।

ନଳ ମଧ୍ୟ ଦେବତାମାନଙ୍କଠାରୁ ଏହିପରି ବର ଲାଭ କରି ଆନନ୍ଦ ମନରେ ବିଦର୍ଭ ଅଭିମୁଖରେ ଅଗ୍ରସର ହେଲେ । କିନ୍ତୁ ଲୋକପାଳମାନେ ଦମୟନ୍ତୀଙ୍କୁ ଲକ୍ଷ୍ୟ ଭ୍ରଷ୍ଟ କରିବା

Digitized by srujanika@gmail.com

ଇଚ୍ଛାରେ ନଳଙ୍କ ରୂପ ଧାରଣକରି ପୂର୍ବରୁ ଯାଇ ସ୍ୱୟମ୍ବର ସଭାରେ ଉପସ୍ଥିତ ହୋଇଥାଆନ୍ତି । ମନୁଷ୍ୟ ତୁଲ୍ୟ ଆଚାର ବ୍ୟବହାର କରୁଥିବା ଏହି ଦେବତାମାନେ ସ୍ୱୟମ୍ବର ସଭା ଆରମ୍ଭ ହେବାମାତ୍ରେ ନଳଙ୍କ ନିକଟରେ ଯାଇ ଆସନ ଗ୍ରହଣ କଲେ । ଏହାପରେ ସ୍ୱୟମ୍ବର ସଭା ଆରମ୍ଭ ହେଲା । ଦମୟନ୍ତୀ ସଭା ମଧ୍ୟରେ ଉପସ୍ଥିତ ହେଲେ ଏବଂ ଧୀରେ ଧୀରେ ଜଣେ ଜଣେ ରାଜାଙ୍କର ପରିଚୟ ସ୍ୱୀୟ ଭ୍ରାତାଙ୍କଠାରୁ ପ୍ରାପ୍ତହୋଇ ନଳଙ୍କ ନିକଟରେ ଆସି ପହଞ୍ଚିଲେ । ଏକତ୍ର ଛଅଜଣ ନଳଙ୍କୁ ଦେଖି ପ୍ରଥମେ ସେ ହତଚକିତ ହୋଇପଡ଼ିଲେ । କାରଣ ପ୍ରତ୍ୟେକଙ୍କ ଶରୀରର ଛାୟା ପଡୁଥିଲା ଏବଂ ଚକ୍ଷୁର ପଲକ ମଧ୍ୟ ପଡୁଥିଲା । ଏହିପରି ସମ୍ପୂର୍ଣ୍ଣ ମାନବ ଲକ୍ଷଣଯୁକ୍ତ ଛଅ ଜଣ ନଳଙ୍କୁ ଦେଖି ଦୟମନ୍ତୀ ଜାଣିପାରିଲେ ଯେ ଏହା ନିଶ୍ଚିତ ଭାବରେ ସେହି ଲୋକପାଳମାନଙ୍କର ଚକ୍ରାନ୍ତ । ତେଣୁ ସେ ମନେ ମନେ ପାଞ୍ଚଜଣ ଲୋକପାଳଙ୍କୁ ପରିତ୍ୟାଗକରି ଷଷ୍ଠ ନଳଙ୍କୁ ବରଣ କରିବାପାଇଁ ଉପାୟ ଚିନ୍ତା କରିବାକୁ ଲାଗିଲେ । ଏକମାତ୍ର ନଳଙ୍କଠାରେ ସମର୍ପିତମନା ଦମୟନ୍ତୀ ସୂର୍ଯ୍ୟଙ୍କୁ ଚାହିଁ କହିଲେ,–'ହେ ଲୋକପାଳଗଣ, ଯଦି ସ୍ୱପ୍ନରେ ସୁଦ୍ଧା ନଳଙ୍କ ବ୍ୟତୀତ ମୋର ମନ ଅନ୍ୟ ପୁରୁଷ ପ୍ରତି ଆକୃଷ୍ଟ ହୋଇନଥିବ, ତା'ହେଲେ ଏହି ସତ୍ୟର ପ୍ରଭାବରେ ଆପଣମାନେ ନିଜର ସ୍ୱରୂପ ପ୍ରଦର୍ଶନ କରାନ୍ତୁ । ବିବାହ ପୂର୍ବରୁ ବରଣ କରିଥିବା ପୁରୁଷ ବ୍ୟତୀତ, ସ୍ତ୍ରୀ ନିମିତ୍ତ ଅନ୍ୟ ସମସ୍ତ ପୁରୁଷ ଯେପରି ପରପୁରୁଷ, ସେହିପରି ଅନ୍ୟ ସମସ୍ତ ପୁରୁଷଙ୍କପାଇଁ ସେହି କନ୍ୟା ମଧ୍ୟ ପରସ୍ତ୍ରୀ । ଆପଣମାନେ ଏହା କିପରି ଭୁଲିଗଲେ ?' ଏହା ଶୁଣି ଇନ୍ଦ୍ର ପ୍ରଭୃତି ପଞ୍ଚଲୋକପାଳ ନିଜର ସ୍ୱରୂପ ପ୍ରକାଶ କରିବା ପାଇଁ ବାଧ୍ୟ ହେଲେ । ଫଳରେ ନଳଙ୍କୁ ସ୍ପଷ୍ଟ ଚିହ୍ନିପାରି ପ୍ରସନ୍ନମନା ଦମୟନ୍ତୀ ନିଜର ପ୍ରସ୍ଫୁଟିତ ନୀଳକମଳ ସଦୃଶ କଟାକ୍ଷ ସହିତ ନଳଙ୍କ ଗଳାରେ ବରଣମାଳା ଅର୍ପଣ କଲେ । ଆକାଶରୁ ପୁଷ୍ପ ବୃଷ୍ଟି ହେବାକୁ ଲାଗିଲା । ରାଜା ଭୀମ ବିଧିପୂର୍ବକ ନଳ-ଦମୟନ୍ତୀଙ୍କ ବିବାହ ସମ୍ପନ୍ନ କଲେ । ଏହାପରେ ରାଜା ଭୀମଙ୍କଠାରୁ ଯଥୋଚିତ ସତ୍କାର ଲାଭ କରି ଅନ୍ୟାନ୍ୟ ରାଜା ଓ ଲୋକପାଳମାନେ ନିଜ ନିଜ ନଗରକୁ ପ୍ରତ୍ୟାବର୍ତ୍ତନ କଲେ ।

ଇନ୍ଦ୍ର ପ୍ରଭୃତି ଦେବତାମାନେ ସ୍ୱର୍ଗଲୋକକୁ ଯିବା ପଥରେ ସେମାନଙ୍କ ସହିତ ଦ୍ୱାପର ଓ କଳିର ସାକ୍ଷାତ ହେଲା । ସେ ଦୁହେଁ ଦମୟନ୍ତୀଙ୍କ ସ୍ୱୟମ୍ବରକୁ ଯାଉଥିବା ଜାଣିପାରି ଦେବତାମାନେ କହିଲେ, 'ବର୍ତ୍ତମାନ ତୁମ୍ଭମାନଙ୍କର ବିଦର୍ଭ ନଗରୀକୁ ଯିବା ନିଷ୍ପ୍ରୟୋଜନ । ଆମ୍ଭେମାନେ ସେହିଠାରୁ ହିଁ ଆସୁଅଛୁ । ସ୍ୱୟମ୍ବର ଶେଷ ହୋଇଯାଇଛି ଏବଂ ଦମୟନ୍ତୀ ରାଜା ନଳଙ୍କୁ ପତି ରୂପେ ବରଣ କରିଅଛନ୍ତି ।' ଏହା ଶୁଣିବାମାତ୍ରେ ସେହି ପାପୀ ଯୁଗଳ କ୍ରୋଧରେ ଜଳି ଉଠି କହିଲେ, 'ଆପଣମାନଙ୍କ ତୁଲ୍ୟ

Digitized by srujanika@gmail.com

ଦେବତାମାନଙ୍କୁ ଛାଡ଼ି ଦମୟନ୍ତୀ ନଳକୁ ବରଣ କରିଛି ? ଏଥିପାଇଁ ସେହି ଉଭୟଙ୍କର ବିଚ୍ଛେଦ ଅବଶ୍ୟ ସଂଘଟନ କରିବୁ ।' ଏହିପରି ପ୍ରତିଜ୍ଞା କରି ସେ ଦୁହେଁ ସେଠାରୁ ଫେରିଗଲେ ।

ଏଣେ ରାଜା ନଳ ସାତ ଦିନ ଶ୍ୱଶୁର ଗୃହରେ ବାସକରି ନବବଧୂ ଦମୟନ୍ତୀଙ୍କ ସହିତ୍ ନିଷେଧ ଦେଶକୁ ଫେରି ଆସିଲେ । ନଳ-ଦମୟନ୍ତୀଙ୍କର ଦାମ୍ପତ୍ୟ ପ୍ରେମ ଶିବ-ପାର୍ବତୀଙ୍କ ଅପେକ୍ଷା ମଧ୍ୟ ଅଧିକ ନିବିଡ଼ ଥିଲା; କାରଣ ପାର୍ବତୀ ଶିବଙ୍କର ଅର୍ଦ୍ଧାଂଶ ମାତ୍ର, କିନ୍ତୁ ଦମୟନ୍ତୀ ତ ନଳଙ୍କର ସର୍ବସ୍ୱ ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମା । ସମୟକ୍ରମେ ନଳଙ୍କ ଠାରୁ ଦମୟନ୍ତୀଙ୍କର ପ୍ରଥମେ ଚନ୍ଦ୍ରସେନ ନାମକ ପୁତ୍ର ଏବଂ ପରେ ଇନ୍ଦ୍ରସେନା ନାମ୍ନୀ କନ୍ୟା ଜନ୍ମ ଲାଭ କରିଥିଲେ ।

ଏତେଦିନ ପର୍ଯ୍ୟନ୍ତ କଳି ନିଜର ପୂର୍ବ ପ୍ରତିଜ୍ଞାରେ ଅଟଳ ରହି ଶାସ୍ତ୍ରାନୁବର୍ତ୍ତୀ ନଳଙ୍କର ଦୋଷ ଅନୁସନ୍ଧାନରେ ଲାଗିଥିଲା । କିଛିଦିନ ପରେ ଏକଦା ମଦ୍ୟପାନରେ ଉନ୍ମତ୍ତ ଓ ବିବେଚନାଶକ୍ତିରହିତ ଧର୍ମାତ୍ମା ନଳ ବିନା ସନ୍ଧ୍ୟାରେ ପାଦ ପ୍ରକ୍ଷାଳନ ନକରି ଶଯ୍ୟା ଗ୍ରହଣ କଲେ । ଦିନରାତି ସୁଯୋଗ ଖୋଜୁଥିବା କଳି ଏହା ଉପଯୁକ୍ତ ଅବସର ମନେକରି ନଳଙ୍କ ଶରୀରରେ ପ୍ରବେଶ କଲା । କଳି ଶରୀରରେ ପ୍ରବେଶ କରିବା ମାତ୍ରେ ନଳ ଧର୍ମାଚରଣ ପରିତ୍ୟାଗପୂର୍ବକ ଅନ୍ୟାୟ ଆଚରଣ କରିବାକୁ ଲାଗିଲେ, ଯେପରି– ଜୁଆ ଖେଳିବା, ଦାସୀମାନଙ୍କୁ ସମ୍ଭୋଗ କରିବା, ମିଥ୍ୟା କହିବା, ଦିନରେ ଶୋଇବା, ରାତିରେ ବିନିଦ୍ର ରହିବା, ବିନା କାରଣରେ କ୍ରୋଧ ପ୍ରକାଶ କରିବା, ଅନ୍ୟାୟରେ ଧନ ଅର୍ଜ୍ଜନ କରିବା, ସଜ୍ଜନମାନଙ୍କୁ ଅପମାନିତ କରିବା ଏବଂ ଦୁଷ୍ଟ ଲୋକମାନଙ୍କୁ ସମ୍ମାନ ଦେବା ଇତ୍ୟାଦି ।

ଏହିପରି ପୁଷ୍କର ମଧ୍ୟ ସତ୍‌ମାର୍ଗ ପରିତ୍ୟାଗ କରିବା ଫଳରେ ଦ୍ୱାପର ଅବସର ପାଇ ତାଙ୍କ ଶରୀରରେ ପ୍ରବେଶ କଲା । ଦିନେ ରାଜା ନଳ ନିଜର କନିଷ୍ଠ ଭ୍ରାତା ପୁଷ୍କର ଘରକୁ ଯାଇଥାଆନ୍ତି । ସେଠାରେ ଦମ୍ୟନ୍ତ ନାମକ ଏକ ସୁନ୍ଦର ଶ୍ୱେତ ବୃଷଭ ତାଙ୍କର ଦୃଷ୍ଟି ଆକର୍ଷଣ କରେ । ନଳ ଲୋଭାବିଷ୍ଟ ହୋଇ ଛୋଟ ଭାଇଠାରୁ ବୃଷଭଟିକୁ ନେବାପାଇଁ ନିଜର ଇଚ୍ଛା ପ୍ରକାଶ କରନ୍ତି । କିନ୍ତୁ ଦ୍ୱାପରଦ୍ୱାରା ପ୍ରଭାବିତ ପୁଷ୍କର ବୃଷଭଟିକୁ ଦେବା ପରିବର୍ତ୍ତେ କହିଲେ, 'ଯଦି ବୃଷଭଟି ନେବା ତୁମର ଏକାନ୍ତ ଇଚ୍ଛା ତେବେ ମୋ ସହିତ ପଶା ଖେଳରେ ଜିଣି ଏହାକୁ ନେଇପାର । ଆଉ ବିଳମ୍ବ କରନାହିଁ ।' ଏହାଶୁଣି କଳିଦ୍ୱାରା ଆବିଷ୍ଟ ନଳ ମଧ୍ୟ ପୁଷ୍କରଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ । ଉଭୟ ଭାଇଙ୍କ ମଧ୍ୟରେ ଦ୍ୟୁତ କ୍ରୀଡ଼ା ଆରମ୍ଭ ହେଲା । ପୁଷ୍କର ଶ୍ୱେତ ବୃଷଭଟିକୁ ପଣ ରୂପରେ ରଖିଲେ ଏବଂ ନଳ

Digitized by srujanika@gmail.com

ହସ୍ତୀ, ଅଶ୍ୱ ଇତ୍ୟାଦି ବାଜି ଲଗାଇଲେ । ପରିଶେଷରେ ପୁଷ୍କର ଜୟଯୁକ୍ତ ହେଲେ ଏବଂ ନଳ ପରାଜିତ ହେଲେ । ଏହିପରି ଦୁଇ ତିନି ଦିନ ଧରି ଦ୍ୟୂତକ୍ରୀଡ଼ା ଚାଲିଲା । ଏଥିରେ ନଳ ନିଜର ସମସ୍ତ ସୈନ୍ୟବାହିନୀ, ରାଜସ୍ୱ ପ୍ରଭୃତି ହରାଇ ବସିଲେ । ଶରୀରରେ କଳି ଥିବା ଯୋଗୁଁ ଏଥିରୁ ନିବୃତ୍ତ ହେବାପାଇଁ ଅନ୍ୟମାନଙ୍କର ସମସ୍ତ ଅନୁରୋଧ ବ୍ୟର୍ଥ ହେଲା । ରାଜ୍ୟ ନଷ୍ଟ ହେବା ଜାଣି ଦମୟନ୍ତୀ ନିଜ୍‌ର ଶିଶୁ ସନ୍ତାନ ଦୁଇଟିଙ୍କୁ ଏକ ଉତ୍ତମ ରଥରେ ବସାଇ ପିତାଙ୍କ ନିକଟକୁ ପଠାଇଦେଲେ ।

ନଳ ଧୀରେ ଧୀରେ ସମସ୍ତ ରାଜ୍ୟ ହରାଇ ବସିଲେ । ଏହା ଦେଖି ଜିତେନ୍ଦ୍ରିୟ ପୁଷ୍କର କହିଲେ, 'ତୁମେ ତ ସମସ୍ତ କିଛି ହରାଇଲଣି । ବର୍ତ୍ତମାନ ଏହି ବୃଷଭପାଇଁ ଦମୟନ୍ତୀଙ୍କୁ ପଣ ରୂପେ ରଖିପାର' । ଏଥିରେ ନଳଙ୍କର କ୍ରୋଧାଗ୍ନି ପ୍ରଜ୍ୱଳିତ ହୋଇ ଉଠିଲା । ଏହି ଦୁଃସମୟରେ ନଳ ପୁଷ୍କରଙ୍କୁ କିଛି କହି ନ ପାରିଲେ ସୁଦ୍ଧା ଦମୟନ୍ତୀଙ୍କୁ ଆଉ ବାଜି ଲଗାଇଲେ ନାହିଁ । ଏଥିରେ ପୁଣି ପୁଷ୍କର କହିଲେ, 'ଯଦି ଦମୟନ୍ତୀଙ୍କୁ ପଣ ରୂପେ ରଖିବା ପାଇଁ ତୁମେ ଅସମର୍ଥ ତେବେ ଏହି ମୁହୂର୍ତ୍ତରେ ହିଁ ତାଙ୍କୁ ନେଇ ରାଜ୍ୟ ତ୍ୟାଗ କର ।' ଏଥିରେ ରାଜା ନଳ ଦମୟନ୍ତୀଙ୍କ ସହିତ ରାଜ୍ୟ ପରିତ୍ୟାଗ କରି ଚାଲିଗଲେ ଏବଂ ରାଜାଙ୍କ ସୈନିକମାନେ ତାଙ୍କୁ ରାଜ୍ୟ ସୀମାନ୍ତରେ ନେଇ ପହଞ୍ଚାଇଦେଲେ ।

କଳି ଯଦି ନଳଙ୍କ ତୁଲ୍ୟ ରାଜାଙ୍କୁ ଏହିପରି ଦୁଃଖ ଦେଇପାରେ ତେବେ ଅନ୍ୟ ସାଧାରଣ ମଣିଷର କଥା ବା ଆଉ କ'ଣ କୁହାଯିବ ! ଏହିପରି ସମସ୍ତ ଦୁର୍ଦ୍ଦଶାର ମୂଳ କାରଣ, ଧର୍ମହୀନ ଓ ସ୍ନେହରହିତ ଦ୍ୟୂତ କ୍ରୀଡ଼ାକୁ ଧିକ୍ । ଏହା କଳି ଓ ଦ୍ୱାପରର ପ୍ରାଣ ସ୍ୱରୂପ । ନଳତୁଲ୍ୟ ରାଜର୍ଷିମାନଙ୍କୁ ମଧ୍ୟ ଏମାନେ ବିପଦରେ ପକାଇ ପାରନ୍ତି ।

ଏହାପରେ ରାଜା ନଳ ରାଜ୍ୟରୁ ବିତାଡ଼ିତ ହୋଇ ନିଘଞ୍ଚ ଅରଣ୍ୟ ମଧ୍ୟରେ ଯାଇ ପ୍ରବେଶ କଲେ । କ୍ଷୁଧା ଏବଂ କ୍ଳାନ୍ତିରେ ବ୍ୟାକୁଳ ହୋଇ ସେମାନେ ବନ ମଧ୍ୟରେ ଥିବା ଏକ ସରୋବର ନିକଟରେ ଆସି ପହଞ୍ଚିଲେ । ଦମୟନ୍ତୀଙ୍କ କୋମଳ ଚରଣ କୁଶବିଦ୍ଧ ହୋଇ ରକ୍ତାକ୍ତ ହୋଇଯାଇଥାଏ । ଶରୀର ପ୍ରକ୍ଷାଳନ ଓ ଜଳପାନ କରି ସରୋବର ତଟରେ ବିଶ୍ରାମ କରୁଥିବା ବେଳେ ନଳ ଦୁଇଟି ହଂସ ଦେଖିବାକୁ ପାଇଲେ । ସେମାନଙ୍କୁ ଧରିବା ପାଇଁ ରାଜା ଯେତେବେଳେ ନିଜର ଉତ୍ତରୀୟଟିକୁ ସେମାନଙ୍କ ଉପରକୁ ପକାଇ ଦେଲେ, ହଂସ ଦୁଇଟି ତତ୍‌କ୍ଷଣାତ୍ ଉତ୍ତରୀୟ ସହିତ ସେଠାରୁ ଉଡ଼ି ଚାଲିଗଲେ । ବର୍ତ୍ତମାନ ନଳ ଏକବସ୍ତ୍ର । ଏ ସମୟରେ ଶୂନ୍ୟରୁ ଶୁଣାଗଲା ଯେ ସେହି ହଂସ ଦୁଇଟି ପଶାଖେଳର ଦୁଇଟି କାଠି ଥିଲେ ଏବଂ ଶେଷରେ ନଳଙ୍କର ପରିଧେୟ ବସ୍ତ୍ର ମଧ୍ୟ ହରଣକରି

Digitized by srujanika@gmail.com

ଚାଲିଯାଇଛନ୍ତି । ଏଥିରେ ନଳଙ୍କର ଦୁଃଖ ଆହୁରି ବଢ଼ିଗଲା । ସେ ବସି ବସି ଦମୟନ୍ତୀଙ୍କୁ ତାଙ୍କ ପିତୃ ରାଜ୍ୟର ପଥ ସମ୍ପର୍କରେ ସୂଚନା ଦେବାକୁ ଲାଗିଲେ । ସେଠାରୁ ଦୁଇଟି ମାର୍ଗ ଦୁଇଦିଗକୁ ଯାଇଥାଏ । ତାଙ୍କୁ ଦେଖାଇ ନଳ କହିଲେ, 'ପ୍ରିୟେ ! ଏଥିରୁ ଗୋଟିଏ ମାର୍ଗ ତୁମ ପିତାଙ୍କ ରାଜ୍ୟ ବିଦର୍ଭ ନଗରୀକୁ ଯାଇଅଛି ଏବଂ ଅନ୍ୟ ମାର୍ଗରେ ଗଲେ କୋଶଳ ରାଜଧାନୀରେ ପହଞ୍ଚି ହେବ ।' ଏହାଶୁଣି ଦମୟନ୍ତୀଙ୍କ ମନ ଶଙ୍କାକୁଳ ହୋଇ ଉଠିଲା; ସତରେ କ'ଣ ନଳ ତାଙ୍କୁ ଛାଡ଼ି ଚାଲିଯିବା ପାଇଁ ଚାହୁଁଛନ୍ତି ! ଏହାପରେ ଉଭୟ ପତି-ପତ୍ନୀ ସନ୍ଧ୍ୟା ସମୟରେ ଫଳ ମୂଳ ଆହାର କରି କୁଶ ଶଯ୍ୟାରେ ଶୋଇଗଲେ । ପଥଶ୍ରାନ୍ତି ଯୋଗୁଁ ଦମୟନ୍ତୀ ଗାଢ଼ନିଦ୍ରାରେ ଅଭିଭୂତା ହେଲେ ହେଁ ନଳଙ୍କ ଚକ୍ଷୁରେ ନିଦ୍ରା ନଥାଏ । କଳିର ପ୍ରଭାବରେ ସେ ସେଠାରୁ ଚାଲିଯିବା ପାଇଁ ଚିନ୍ତା କରୁଥାନ୍ତି ।

କିଛି ସମୟ ପରେ ଦମୟନ୍ତୀଙ୍କୁ ଶୋଇଯାଇଥିବା ଦେଖି ନଳ ଧୀରେ ଧୀରେ ଉଠି ବସିଲେ ଏବଂ ଦମୟନ୍ତୀଙ୍କର ଛିନ୍ନ ଉତ୍ତରୀୟଟିର ଗୋଟିଏ ଅଂଶ କାଟିନେଲେ । ଏକବସ୍ତ୍ର ପରିହିତା ଦମୟନ୍ତୀଙ୍କୁ ପରିତ୍ୟାଗ କରି ଏବଂ ଛିନ୍ନ ଉତ୍ତରୀୟଟିକୁ ପରିଧାନ କରି ନଳ ସେଠାରୁ ଯଥାଶୀଘ୍ର ପଳାୟନ କଲେ ।

ରାତ୍ରି ପ୍ରଭାତ ହେବାରୁ ଦମୟନ୍ତୀଙ୍କର ନିଦ୍ରାଭଙ୍ଗ ହେଲା । ନିକଟରେ ପତିଙ୍କୁ ନ ଦେଖି ଦମୟନ୍ତୀ ଜାଣିପାରିଲେ, ନଳ ତାଙ୍କୁ ପରିତ୍ୟାଗ କରି ଚାଲିଯାଇଛନ୍ତି । ସେ ଅତ୍ୟନ୍ତ କରୁଣ ସ୍ୱରରେ ବିଳାପ କରିବାକୁ ଲାଗିଲେ, 'ହେ ଆର୍ଯ୍ୟପୁତ୍ର, ହେ ମହାଶକ୍ତିଶାଳି, ହେ କ୍ଷମାଶୀଳ, ହେ ପ୍ରିୟତମ ! ମୋ ପ୍ରତି ତୁମକୁ କିଏ ଏପରି ନିର୍ଦ୍ଦୟ କରାଇଲା, ଏହି ନିବିଡ଼ ଅରଣ୍ୟ ମଧ୍ୟରେ ତୁମେ କିପରି ଏକାକୀ ଭ୍ରମଣ କରିବ ? ତୁମର ପଥଶ୍ରମ ଦୂର କରିବାପାଇଁ କିଏ ତୁମର ସେବା କରିବ ? ତୁମର ଯେଉଁ ଚରଣଯୁଗଳକୁ ରାଜାମାନଙ୍କର ମସ୍ତକସ୍ଥିତ ପୁଷ୍ପ ସମୂହର ପରାଗ ରାଗ ରଞ୍ଜିତ କରୁଥିଲା, ତାହା ବର୍ତ୍ତମାନ ଧୂଳିଧୂସରିତ ହେବ । ତୁମର ଯେଉଁ କୋମଳ ଶରୀର ଚନ୍ଦନଲେପ ସହ୍ୟ କରି ପାରୁନଥିଲା, ତାହା ବର୍ତ୍ତମାନ ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣ କିପରି ସହ୍ୟ କରିବ ? ମୁଁ ଏହି ଶିଶୁ ସନ୍ତାନମାନଙ୍କୁ ନେଇ କିପରି ବା ବଞ୍ଚିବି ? ମୋ ଜୀବନରେ ବା ଆଉ ଲାଭ କଣ ? ମୁଁ ଯଦି ପତିବ୍ରତା, ତା'ହେଲେ ମୋର ସତୀତ୍ୱର ପ୍ରଭାବରେ ଦେବତାମାନେ ତୁମର କଲ୍ୟାଣ କରନ୍ତୁ ।' ଏହିପରି ନଳଙ୍କର ଗୁଣାବଳୀ ସ୍ମରଣ କରି ଦମୟନ୍ତୀ ବିଳାପ କରିବାକୁ ଲାଗିଲେ ।

କିଛି ସମୟ ପରେ ଟିକିଏ ଆଶ୍ୱସ୍ତା ହେବାରୁ ପୂର୍ବ ଦିନ ନଳଙ୍କ ଦ୍ୱାରା ସୂଚିତ ମାର୍ଗରେ ସେ ଅଗ୍ରସର ହେବାକୁ ଲାଗିଲେ । ପଥ ମଧ୍ୟରେ ତାଙ୍କୁ ବହୁ ନଦୀ, ପର୍ବତ ଓ

Digitized by srujanika@gmail.com

ଉପତ୍ୟକା ଲଙ୍ଘନ କରିବାକୁ ପଡ଼ିଲା । କୌଣସିମତେ ସେ ଏସବୁକୁ ଅତିକ୍ରମ କରି ଚାଲିଲେ, କିନ୍ତୁ ନିଜର ପତିଭକ୍ତିକୁ ଲଙ୍ଘନ କରିପାରିଲେ ନାହିଁ । ପଥ ମଧ୍ୟରେ ତାଙ୍କ ସତୀତ୍ୱର ଶକ୍ତିହିଁ ତାଙ୍କୁ ରକ୍ଷା କରୁଥାଏ । ଏହାର ପ୍ରଭାବରେ ସେ ସର୍ପ ମୁଖରୁ ରକ୍ଷା ପାଇଥିଲେ ଏବଂ ତାଙ୍କ ପ୍ରତି ଆସକ୍ତ ବ୍ୟାଧ ମଧ୍ୟ ଏହାଦ୍ୱାରା ଭସ୍ମୀଭୂତ ହୋଇଥିଲା । କିଛିଦିନ ପରେ ଦୈବକ୍ରମେ ସେ ଗୋଟିଏ ବଣିକଦଳଙ୍କ ସହିତ ଯାଇ ସୁବାହୁ ନାମକ ରାଜାଙ୍କ ରାଜଧାନୀରେ ପହଞ୍ଚିଲେ । ସୁବାହୁଙ୍କ କନ୍ୟା ଚନ୍ଦ୍ରଶାଳା ପୁରରୁ ଦମୟନ୍ତୀଙ୍କୁ ଦେଖି ଏବଂ ତାଙ୍କର ରୂପରେ ମୁଗ୍ଧା ହୋଇ ତାଙ୍କୁ ରାଜ ଅନ୍ତଃପୁର ମଧ୍ୟକୁ ନିମନ୍ତ୍ରଣ କରିନେଲେ । ମହାରାଣୀଙ୍କ ଦ୍ୱାରା ଆଶ୍ୱସ୍ତା ଓ ସମାଦୃତା ଦମୟନ୍ତୀ ସେହିଠାରେ କୌଣସି ପ୍ରକାରେ କାଳଯାପନ କରିବାକୁ ଲାଗିଲେ । ନିଜର ପରିଚୟ ଦେବାକୁ ଯାଇ ସେ ଏତିକି ମାତ୍ର କହୁଥିଲେ ଯେ ତାଙ୍କୁ ତାଙ୍କ ପତି ପରିତ୍ୟାଗ କରି ଚାଲିଯାଇଛନ୍ତି ।

ଏଣେ ଦମୟନ୍ତୀଙ୍କ ପିତା ଭୀମ, ନଳଙ୍କ ସମସ୍ତ ସମାଚାର ଜାଣିପାରି ନଳ ଓ ଦମୟନ୍ତୀଙ୍କ ଅନୁସନ୍ଧାନ କରିବାପାଇଁ ଚତୁର୍ଦ୍ଦିଗକୁ ଦୂତ ପ୍ରେରଣ କରିଥାନ୍ତି । ଏହି ଦୂତମାନଙ୍କ ମଧ୍ୟରୁ ସୁଷେଣ ନାମକ ଜଣେ ମନ୍ତ୍ରୀ ବ୍ରାହ୍ମଣର ଛଦ୍ମବେଶରେ ଚତୁର୍ଦ୍ଦିଗ ଭ୍ରମଣ କରି ସୁବାହୁଙ୍କ ରାଜଧାନୀରେ ଆସି ଉପସ୍ଥିତ ହେଲେ । ସେଠାରେ ସେ, ଆଗନ୍ତୁକମାନଙ୍କ ମଧ୍ୟରେ ନିଜର ପରିଚିତ ବ୍ୟକ୍ତିର ସନ୍ଧାନ କରୁଥିବା ଦମୟନ୍ତୀଙ୍କୁ ଦେଖିବାକୁ ପାଇଲେ ଏବଂ ଦମୟନ୍ତୀ ମଧ୍ୟ ପିତାଙ୍କ ମନ୍ତ୍ରୀଙ୍କୁ ଦେଖି ଆନନ୍ଦିତା ହେଲେ । ଉଭୟେ ପରସ୍ପରକୁ ଚିହ୍ନିପାରି ଏପରି ଭାବରେ କରୁଣ ସ୍ୱରରେ କ୍ରନ୍ଦନ କଲେ ଯେ ସୁବାହୁଙ୍କ ରାଣୀ ଏଥିରେ ବିସ୍ମିତା ହୋଇ ସେମାନଙ୍କର ପରିଚୟ ଜିଜ୍ଞାସା କଲେ । ଦମୟନ୍ତୀଙ୍କର ପରିଚୟ ଜାଣିବା ପରେ ସେ ବୁଝିପାରିଲେ ଯେ ଦମୟନ୍ତୀ ତାଙ୍କ ଭଉଣୀର ଏକମାତ୍ର କନ୍ୟା । ତେଣୁ ରାଣୀ ରାଜା ସୁବାହୁଙ୍କୁ ସମସ୍ତ ସମାଚାର ଜ୍ଞାପନ କରି ଯଥୋଚିତ ସମ୍ମାନର ସହିତ ଦମୟନ୍ତୀଙ୍କୁ ସେନାବାହିନୀ, ଦେହରକ୍ଷୀ ଓ ମନ୍ତ୍ରୀ ସୁଷେଣଙ୍କ ସହ ରାଜା ଭୀମଙ୍କ ନିକଟକୁ ପ୍ରେରଣ କଲେ । ପିତାଙ୍କ ଆଶ୍ରୟରେ ସେହିଦିନଠାରୁ ଦମୟନ୍ତୀ ଉଭୟ ସନ୍ତାନଙ୍କ ସହିତ ନଳଙ୍କୁ ପ୍ରତୀକ୍ଷା କରି ପିତୃଗୃହରେ ବାସ କରିବାକୁ ଲାଗିଲେ ।

ରାଜା ଭୀମ ମଧ୍ୟ ନଳଙ୍କର ପାକ ବିଦ୍ୟା ଓ ରଥଚାଳନା ବିଦ୍ୟାର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ ଗୁପ୍ତଚରମାନଙ୍କୁ ନଳଙ୍କ ଅନ୍ୱେଷଣରେ ପ୍ରେରଣ କରୁଥାଆନ୍ତି । ଏହି ଗୁପ୍ତଚରମାନଙ୍କୁ ସେ ନିର୍ଦ୍ଦେଶ ଦେଇଥାନ୍ତି ଯେ, 'ଯେଉଁଠାରେ ନଳ ଥିବା ସନ୍ଦେହ ହେବ, ସେଠାରେ ତୁମ୍ଭେମାନେ ଏହି ଆର୍ଯ୍ୟା (ଶ୍ଳୋକ)ଟିକୁ ଆବୃତ୍ତି କରିବ,' ଏହା କହି

Digitized by srujanika@gmail.com

ସେ ସେମାନଙ୍କୁ ଯେଉଁ ଆର୍ଯ୍ୟାଟି ଶୁଣାଇଲେ ତାର ଭାବାର୍ଥ ହେଲା, 'ହେ ଚନ୍ଦ୍ର, ଅରଣ୍ୟ ମଧ୍ୟରେ ଶୋଇଥିବା କୁମୁଦିନୀ ତୁଲ୍ୟ ସୁନ୍ଦରୀ ନବଯୁବତୀ ପତ୍ନୀକୁ ନିଷ୍ଠୁରତାର ସହିତ ପରିତ୍ୟାଗ କରି ଅମ୍ବର (ବସ୍ତ୍ର ଓ ଆକାଶ) ଖଣ୍ଡ ସହିତ ତୁମେ ଅଦୃଶ୍ୟ ରୂପରେ କେଉଁଆଡ଼େ ଚାଲିଗଲ ?'

ଏଣେ ରାଜା ନଳ ରାତ୍ରିର ଅନ୍ଧକାରରେ ଦମୟନ୍ତୀଙ୍କୁ ପରିତ୍ୟାଗପୂର୍ବକ ଛିନ୍ନ ବସ୍ତ୍ର ପରିଧାନ କରି ବହୁ ଦୂରକୁ ଚାଲିଗଲେ । କିଛି ଦୂର ଅଗ୍ରସର ହେବାପରେ ଅରଣ୍ୟର ଗୋଟିଏ ପ୍ରଦେଶରେ ପ୍ରଜ୍ୱଳିତ ହେଉଥିବା ବନାଗ୍ନି ତାଙ୍କର ଦୃଷ୍ଟିଗୋଚର ହେଲା । ତା ମଧ୍ୟରୁ ସେ ହଠାତ୍ ଶୁଣିବାକୁ ପାଇଲେ, 'ହେ ମହାପୁରୁଷ, ଏହି ବନାଗ୍ନି ଦଗ୍ଧ କରିବା ପୂର୍ବରୁ ମୋତେ ଏଥିରୁ ରକ୍ଷା କରନ୍ତୁ ।' ଏହାଶୁଣି ରାଜା ନଳ ନିରୀକ୍ଷଣ କରି ଦେଖିଲେ ଯେ ବନାଗ୍ନି ମଧ୍ୟରେ କୁଣ୍ଡଳାକାରରେ ଗୋଟିଏ ବୃହଦାକାର ସର୍ପ ଶୋଇଅଛି । ବନାଗ୍ନିର ଝଲକରେ ସର୍ପଟିର ମସ୍ତକସ୍ଥିତ ମଣି ଉଦ୍ଭାସିତ ହୋଇଉଠୁଥିଲା । ମନେ ହେଉଥିଲା ସତେ ଯେପରି ବନାଗ୍ନି ହସ୍ତରେ ପ୍ରଚଣ୍ଡ ଶସ୍ତ୍ର ଧାରଣପୂର୍ବକ ସର୍ପଟିର ଫଣାକୁ ଆକ୍ରମଣ କରୁଅଛି । ରାଜା ଦୟାପୂର୍ବକ ନିକଟକୁ ଯାଇ ସର୍ପଟିକୁ ନିଜର ସ୍କନ୍ଧ ଉପରେ ରଖି ଦୂରକୁ ନେଇଗଲେ । ସେ ତାକୁ ସ୍କନ୍ଧରୁ ଓହ୍ଲାଇବାକୁ ଯାଉଛନ୍ତି ଏପରି ସମୟରେ ସର୍ପଟି କହିଲା, 'ଏହିଠାରୁ ଆଉ ଦଶ ପାହୁଣ୍ଡ ଆଗକୁ ନେଇ ମୋତେ ଛାଡ଼ି ଦିଅନ୍ତୁ ।' ତାର ଅନୁରୋଧକ୍ରମେ ନଳ ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅ, ଏହିପରି ଗଣି ଗଣି ଦଶ ପାହୁଣ୍ଡ ଆଗକୁ ଅଗ୍ରସର ହେଲେ । ରାଜା ଯେତେବେଳେ ଦଶ କହିଲେ, ସ୍କନ୍ଧ ଉପରେ ଥିବା ସର୍ପ ହଠାତ୍ ତାଙ୍କର ଲଲାଟ ନିକଟରେ ଦଂଶନ କଲା । ଫଳରେ ନଳଙ୍କର ବାହୁ ଦୁଇଟି ଅତ୍ୟନ୍ତ କ୍ଷୁଦ୍ର ହୋଇଯିବା ସଙ୍ଗେ ସଙ୍ଗେ ତାଙ୍କର ଶରୀର ଘନକୃଷ୍ଣବର୍ଣ୍ଣ ଓ କଦାକାର ହୋଇଗଲା । ଏଥିରେ ନଳ କ୍ରୋଧବଶତଃ ସର୍ପଟିକୁ ସ୍କନ୍ଧରୁ ଓହ୍ଲାଇଦେଇ ପଚାରିଲେ, 'ତୁ କିଏ ! ଏହା କ'ଣ ମୋ ପାଇଁ ତୋର ପ୍ରତ୍ୟୁପକାର ?' ନଳଙ୍କର କ୍ରୋଧ ଶାନ୍ତ କରି ସର୍ପଟି ଉତ୍ତରରେ କହିଲା, 'ମହାରାଜ, ମୁଁ ନାଗମାନଙ୍କର ରାଜା କର୍କୋଟକ । ଗୁପ୍ତ ଭାବରେ ବାସ କରିବାକୁ ହେଲେ ମହାପୁରୁଷମାନେ କାର୍ଯ୍ୟ ସିଦ୍ଧି ନିମିତ୍ତ ନିଜର ରୂପକୁ ବଦଳାଇ ଦେଇଥାଆନ୍ତି । ତେଣୁ ମୁଁ ଆପଣଙ୍କର ଲଲାଟ ନିକଟରେ ଦଂଶନ କରିଛି । ଏହାଦ୍ୱାରା ଆପଣଙ୍କର ଉପକାର ହିଁ ହେବ । ପୁଣି ଆପଣ ଅଗ୍ନି ଶୌଚ ନାମକ ଏହି ବସ୍ତ୍ରଯୁଗଳ ଗ୍ରହଣ କରନ୍ତୁ । ଏହାକୁ ପରିଧାନ କଲେ ଆପଣ ନିଜର ସ୍ୱରୂପ ଫେରିପାଇବେ ।' ଏହା କହି ଏବଂ ନଳଙ୍କୁ ଶୌଚ ବସ୍ତ୍ରଯୁଗଳ ଦାନ କରି କର୍କୋଟକ ନିଜ ପଥରେ ଚାଲିଗଲା ।

Digitized by srujanika@gmail.com

କର୍କୋଟକ ଚାଲିଯିବା ପରେ ନଳ ପୁଣି ଅଗ୍ରସର ହୋଇ କୋଶଳ ରାଜ୍ୟରେ ଯାଇ ପହଞ୍ଚିଲେ । ସେଠାରେ ରାଜା ଋତୁପର୍ଣ୍ଣ ରାଜତ୍ୱ କରୁଥାଆନ୍ତି । ନଳ ନିଜକୁ ହ୍ରସ୍ୱବାହୁ ନାମରେ ପରିଚିତ କରାଇ ତାଙ୍କର ପାଚକ (ରାନ୍ଧୁଣିଆ) ରୂପରେ ସେଠାରେ ବାସ କରିବାକୁ ଲାଗିଲେ । ନିଜର ସୁମିଷ୍ଟ ଖାଦ୍ୟ ପ୍ରସ୍ତୁତି ଏବଂ ରଥଚାଳନା ବିଦ୍ୟାରେ ବିଶେଷତ୍ୱ ଯୋଗୁଁ ସେ ରାଜ୍ୟ ମଧ୍ୟରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଥାଆନ୍ତି । ଏହି ସମୟରେ ବିଦର୍ଭ ରାଜ୍ୟର ଅନ୍ୟତମ ଗୁପ୍ତଚର ସେଠାରେ ଆସି ଉପସ୍ଥିତ ହେଲା । ହ୍ରସ୍ୱବାହୁଙ୍କର ଉପରୋକ୍ତ ବିଶେଷତ୍ୱ ଦେଖି ତା' ମନରେ ସନ୍ଦେହ ଜାତ ହେବାରୁ ସେ ରାଜସଭା ମଧ୍ୟକୁ ଯାଇ ଭୀମଙ୍କଦ୍ୱାରା ନିର୍ଦ୍ଦିଷ୍ଟ ଆର୍ଯ୍ୟାଟିକୁ ଆବୃତ୍ତି କରିବାକୁ ଲାଗିଲା । ଏହାକୁ ସଭାସଦ୍‌ମାନେ ପାଗଳର ପ୍ରଳାପ ବୋଲି ମନେ କଲେ; କିନ୍ତୁ ପାଚକ ବେଶରେ ଥିବା ନଳ ଏହାର ଉତ୍ତରରେ କହିଲେ, 'କ୍ଷୀଣ ଚନ୍ଦ୍ରମା ଅମ୍ବର (ବସ୍ତ୍ର ଓ ଆକାଶ)ର ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ଯଦି କୁମୁଦିନୀ ପାଇଁ ଅଦୃଶ୍ୟ ହୋଇଯାଏ, ତେବେ ଏଥିରୁ ତାକୁ ନିଷ୍ଠୁର ବୋଲି କିପରି ବା କୁହାଯାଇ ପାରିବ ?' ଏହି ଉତ୍ତର ଶୁଣି ଗୁପ୍ତଚର ବିକୃତ ହ୍ରସ୍ୱବାହୁକୁ ଛଦ୍ମବେଶୀ ନଳ ବୋଲି ମନେକରି ସେଠାରୁ ପ୍ରସ୍ଥାନ କଲା ।

ବିଦର୍ଭ ରାଜଧାନୀରେ ପହଞ୍ଚି ସେ ମହାରାଣୀଙ୍କ ସହିତ ଭୀମ ଓ ଦମୟନ୍ତୀଙ୍କୁ କୋଶଳ ରାଜ୍ୟର ସମସ୍ତ ସମାଚାର ଜ୍ଞାପନ କଲା । ଏହାଶୁଣି ଦମୟନ୍ତୀ ଏକାନ୍ତରେ ପିତାଙ୍କୁ କହିଲେ, 'ପାଚକର ଛଦ୍ମବେଶରେ ରହିଥିବା ହ୍ରସ୍ୱବାହୁ ମୋର ପତି ନଳଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ବର୍ତ୍ତମାନ ତାଙ୍କୁ ଏଠାକୁ ଆଣିବା ପାଇଁ ମୁଁ ଗୋଟିଏ ଉପାୟ ଚିନ୍ତା କରୁଛି । ଆପଣ ସେହିପରି କରନ୍ତୁ । ବର୍ତ୍ତମାନ କୋଶଳ ରାଜ୍ୟକୁ ଗୋଟିଏ ଦୂତ ପଠାଯାଉ । ସେ ରାଜା ଋତୁପର୍ଣ୍ଣଙ୍କ ନିକଟରେ ପହଞ୍ଚିବାମାତ୍ରେ କହିବ ଯେ ରାଜା ନଳ କେଉଁଆଡ଼େ ଚାଲିଗଲେ । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଏଣୁ ଦମୟନ୍ତୀ କାଲି ପ୍ରଭାତରେ ପୁଣି ନୂତନ ପତିବରଣ କରିବେ । ପଥ ମଧ୍ୟରେ ବିଘ୍ନ ଘଟିବା ଯୋଗୁଁ ମୋର ଆସିବା ବିଳମ୍ବ ହେଲା । ଆପଣ ଏହି ସ୍ୱୟମ୍ବର ପାଇଁ ଆଜି ହିଁ ବିଦର୍ଭ ରାଜଧାନୀରେ ପହଞ୍ଚିବା ଆବଶ୍ୟକ । ଏହା ଶୁଣି ସେ ରଥ ଚାଳନାରେ କୁଶଳୀ ଆର୍ଯ୍ୟପୁତ୍ର ନଳଙ୍କ ସହିତ ଗୋଟିଏ ମାତ୍ର ଦିନରେ ଆସି ଅବଶ୍ୟ ପହଞ୍ଚିଯିବେ ।' ନିଷଧାଧିପତି ନଳଙ୍କ ବ୍ୟତୀତ ଏହା ଅନ୍ୟ କାହାଦ୍ୱାରା ସମ୍ଭବ ନୁହେଁ । ଏଥିରୁ ନଳଙ୍କର ପ୍ରକୃତ ପରିଚୟ ମିଳିପାରିବ ।

ପିତାଙ୍କ ସହିତ ଏପରି ବିଚାର କରି ଦମୟନ୍ତୀ କୋଶଳ ରାଜା ଋତୁପର୍ଣ୍ଣଙ୍କ ନିକଟକୁ ଉପଯୁକ୍ତ ଦୂତଟିଏ ପଠାଇଲେ । ଦୂତ ଯାଇ ରାଜା ଋତୁପର୍ଣ୍ଣଙ୍କୁ ଦମୟନ୍ତୀଙ୍କ ସନ୍ଦେଶ ପ୍ରଦାନ କଲା । ଋତୁପର୍ଣ୍ଣ ମଧ୍ୟ ଉତ୍ସୁକତାର ସହିତ ପାଚକରୂପୀ ନଳଙ୍କୁ ଡାକି

Digitized by srujanika@gmail.com

କହିଲେ, 'ହ୍ରସ୍ୱବାହୁ, ତୁମେ କହୁଥିଲ ଯେ ରଥ ଚାଳନାରେ ମଧ୍ୟ ତୁମର ଅଭିଜ୍ଞତା ଅଛି । ଯଦି ପାରିବ ତେବେ ମୋତେ ଆଜି ହିଁ ବିଦର୍ଭ ରାଜଧାନୀରେ ନେଇ ପହଞ୍ଚାଇ ଦିଅ ।' ଏଥିରେ ନଳ ସମ୍ମତ ହୋଇ ଉତ୍କୃଷ୍ଟ ଅଶ୍ୱଗୁଡ଼ିକୁ ସଂଯୋଜନ କରି ଏକ ଉତ୍ତମରଥ ପ୍ରସ୍ତୁତ କଲେ । ସେ ମନେ ମନେ ଭାବୁଥାନ୍ତି ଯେ ଏହି ସ୍ୱୟମ୍ବର ମୋତେ ସେଠାକୁ ନେବାପାଇଁ ଏକ ଉପଲକ୍ଷ୍ୟ ମାତ୍ର । ଦମୟନ୍ତୀ ସ୍ୱପ୍ନରେ ସୁଦ୍ଧା ଅନ୍ୟ ପତି ଗ୍ରହଣ କରିବା ସମ୍ଭବ ନୁହେଁ । ଦେଖାଯାଉ, ସେଠାରେ ବିଧାତା ମୋ ପାଇଁ କ'ଣ ରଖିଛି ? ଏହା ଚିନ୍ତାକରି ସେ ସୁସଜ୍ଜିତ ରଥ ସହିତ ଆସି ଋତୁପର୍ଣ୍ଣଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ରାଜାଙ୍କୁ ରଥ ଉପରେ ବସାଇ ଗରୁଡ଼ ତୁଲ୍ୟ ତୀବ୍ର ବେଗରେ ରଥକୁ ଉଡ଼ାଇ ନେଲେ ।

ରଥର ଏ ପ୍ରକାର ଶୀଘ୍ର ଗତି ଫଳରେ ଋତୁପର୍ଣ୍ଣଙ୍କ ଉତ୍ତରୀୟଟି ଉଡ଼ିଗଲା । ରାଜା ରଥକୁ ଅଟକାଇବା ପାଇଁ କହନ୍ତେ ନଳ କହିଲେ, 'ମହାରାଜ, ଆପଣଙ୍କର ଉତ୍ତରୀୟ କେଉଁଠାରେ ପଡ଼ିଲା, ଆଉ ଜାଣିବା ସମ୍ଭବ ନୁହେ । କାରଣ ରଥ ବର୍ତ୍ତମାନ ଅନେକ ଯୋଜନ ଆଗକୁ ଆସିଗଲାଣି ।' ଏହା ଶୁଣି ରାଜା ଋତୁପର୍ଣ୍ଣ ନଳଙ୍କୁ କହିଲେ, 'ମୋତେ ତୁମ ରଥଚାଳନା ବିଦ୍ୟା ଶିଖାଇ ଦିଅ । ଏହାର ପରିବର୍ତ୍ତେ ମୁଁ ତୁମକୁ ଅକ୍ଷ-ବିଦ୍ୟା ଶିକ୍ଷା ଦେବି ଏବଂ ତାହା ତୁମେ ବର୍ତ୍ତମାନହିଁ ପରୀକ୍ଷା କରି ଦେଖିପାରିବ । ଏହି ବିଦ୍ୟାଦ୍ୱାରା ପଶାକାଠି ତୁମର ବଶବର୍ତ୍ତୀ ହେବା ସଙ୍ଗେ ସଙ୍ଗେ ସଂଖ୍ୟା ଜ୍ଞାନ ମଧ୍ୟ ଲାଭ ହେବ । ଆଗରେ ଯେଉଁ ବୃକ୍ଷଟି ଦେଖାଯାଉଛି ସେଥିରେ କେତୋଟି ଫଳ ଓ ପତ୍ର ଅଛି ତାହା ମୁଁ କହିଦେଉଛି । ତୁମେ ତାକୁ ଗଣନା କରି ଦେଖିପାର ।' ଏହା କହି ଋତୁପର୍ଣ୍ଣ ସେହି ବୃକ୍ଷରେ ଯେତୋଟି ପତ୍ର ଓ ଫଳ ଅଛି ବୋଲି କହିଥିଲେ ନଳ ସେଗୁଡ଼ିକ ଗଣନା କରି ତାଙ୍କ ଉକ୍ତିର ସତ୍ୟତା ଉପଲବ୍ଧି କଲେ । ଏହାପରେ ରାଜା ନଳ ଋତୁପର୍ଣ୍ଣଙ୍କୁ ରଥ ଚାଳନା ବିଦ୍ୟା ଶିକ୍ଷା ଦେବା ସଙ୍ଗେସଙ୍ଗେ ଋତୁପର୍ଣ୍ଣଙ୍କ ଠାରୁ ଅକ୍ଷ-ବିଦ୍ୟା ଗ୍ରହଣ କଲେ । ସେ ଅନ୍ୟ ବୃକ୍ଷରେ ଏହି ବିଦ୍ୟାକୁ ପରୀକ୍ଷା କରି ଦେଖିଲେ ଯେ ବିଦ୍ୟାଟି ତାଙ୍କର ଆୟତ୍ତାଧୀନ ହୋଇଅଛି । ସେ ଏଥିରେ ଗଭୀର ଆନନ୍ଦ ଉପଲବ୍ଧି କରିବା ବେଳେ ହଠାତ୍ ତାଙ୍କ ଶରୀରରୁ ଗୋଟିଏ ଘନକୃଷ୍ଣ ବର୍ଣ୍ଣ ପୁରୁଷ ନିର୍ଗତ ହେଲା । ନଳ ତାହାର ପରିଚୟ ଜିଜ୍ଞାସା କରନ୍ତେ ସେ ଉତ୍ତରରେ କହିଲା, 'ମୁଁ କଳି । ଦମୟନ୍ତୀ ଆପଣଙ୍କୁ ବରଣ କରିବାଯୋଗୁଁ ମୁଁ ଈର୍ଷ୍ୟାନ୍ୱିତ ହୋଇ ଆପଣଙ୍କ ଶରୀରରେ ପ୍ରବେଶ କରିଥିଲି । ଫଳରେ ଆପଣ ଦ୍ୟୂତକ୍ରୀଡ଼ାରେ ସମସ୍ତ ସମ୍ପତ୍ତି ହରାଇ ବସିଲେ । ଅରଣ୍ୟ ମଧ୍ୟରେ କର୍କୋଟକ ଆପଣଙ୍କୁ ଦଂଶନ କରିବା ଛଳରେ ମୋତେ ହିଁ ଦଂଶନ କରିଥିଲା । ଫଳରେ ମୋର ସମଗ୍ର ଶରୀର ଦଗ୍ଧୀଭୂତ ହେଉଅଛି । ବିନାକାରଣରେ ଅନ୍ୟର ଅନିଷ୍ଟ କରିବା ଆଦୌ କଲ୍ୟାଣପ୍ରଦ ନୁହେଁ । ତେଣୁ ବସ୍ୱ, ମୁଁ ବର୍ତ୍ତମାନ ଯାଉଅଛି । ତୁମ ଶରୀରରେ

Digitized by srujanika@gmail.com

ରହିବା ଆଉ ମୋ ପକ୍ଷରେ ସମ୍ଭବ ନୁହେଁ ।' ଏହା କହି କଳି ଅନ୍ତର୍ହିତ ହେଲା । ରାଜା ନଳ ମଧ୍ୟ ସେହି ମୁହୂର୍ତ୍ତରେ ନିଜର ପୂର୍ବ ଶକ୍ତି ଫେରିପାଇଲେ । ତାଙ୍କ ମନରେ ପୁଣି ଧର୍ମଭାବ ଜାଗ୍ରତ ହେଲା, ସେ ପୁଣି ରଥ ଉପରକୁ ଉଠିଆସି ସେହିଦିନ ହିଁ ଋତୁପର୍ଣ୍ଣଙ୍କୁ ନେଇ ବିଦର୍ଭ ରାଜଧାନୀରେ ପହଞ୍ଚାଇଦେଲେ । ଋତୁପର୍ଣ୍ଣଙ୍କଠାରୁ ତାଙ୍କ ଆଗମନର କାରଣ ଜାଣିପାରି ବିଦର୍ଭବାସୀ ତାଙ୍କୁ ଉପହାସ କଲେ, କିନ୍ତୁ ରାଜା ଭୀମ ତାଙ୍କର ଉପଯୁକ୍ତ ଅତିଥି ସତ୍କାର କରି ରାଜଭବନ ନିକଟରେ ତାଙ୍କ ରହିବା ବ୍ୟବସ୍ଥା କରିଦେଲେ ।

ଆଶ୍ଚର୍ଯ୍ୟଜନକ ରଥ ଧ୍ୱନି ଶୁଣି ଦମୟନ୍ତୀ ନଳଙ୍କ ଆଗମନର ସମ୍ଭାବନା କରି ଆନନ୍ଦିତା ହେଲେ । ପ୍ରକୃତ ସତ୍ୟାସତ୍ୟ ଜାଣିବାପାଇଁ ସେ ଗୋଟିଏ ଦାସୀକୁ ନଳଙ୍କ ନିକଟକୁ ପ୍ରେରଣ କଲେ । ଦାସୀଟି ଫେରିଆସି କହିଲା 'ଦେବି ! ରାଜା ଋତୁପର୍ଣ୍ଣ ତୁମର ମିଥ୍ୟା ସ୍ୱୟମ୍ବର ନିମନ୍ତ୍ରଣ ଲାଭକରି ଏଠାରେ ଆସି ପହଞ୍ଚିଛନ୍ତି । ହ୍ରସ୍ୱବାହୁ ନାମକ ତାଙ୍କର ଯେଉଁ ସାରଥି ଅଛି ସେ ରଥ ଚାଳନା ବିଜ୍ଞାନରେ ଅତ୍ୟନ୍ତ ଧୁରୀଣ । ତାହାରି ସହାୟତାରେ ଋତୁପର୍ଣ୍ଣ ଗୋଟିଏ ଦିନ ମଧ୍ୟରେ କୋଶଳରୁ ବିଦର୍ଭ ରାଜ୍ୟରେ ଆସି ପହଞ୍ଚିପାରିଛନ୍ତି । ସେ ସାରଥିଟି ତାଙ୍କର ପାଚକ ମଧ୍ୟ । ମୁଁ ରନ୍ଧନଶାଳାକୁ ଯାଇ ସେହି ପାଚକକୁ ଦେଖିଲି । ପାଚକଟି ଅତ୍ୟନ୍ତ କଦାକାର ଓ କୃଷ୍ଣବର୍ଣ୍ଣ ବିଶିଷ୍ଟ । ମୁଁ ସେଠାରେ ଗୋଟିଏ ଚମତ୍କାର ଘଟଣା ଦେଖିବାକୁ ପାଇଲି । ସେ ଚାଉଳରେ ପାଣି ନ ଦେଇ ରୋଷେଇ କରିବା ଆରମ୍ଭ କଲା । କିନ୍ତୁ ହାଣ୍ଡିରେ ଆପେ ଆପେ ପାଣି ଆସିଗଲା । ସେ କାଠରେ ନିଆଁ ନ ଧରାଇଲେ ସୁଦ୍ଧା କାଠଗୁଡ଼ିକ ଆପେ ଆପେ ଜଳି ଉଠିଲା ଏବଂ ନିମିଷକ ମଧ୍ୟରେ ବହୁପ୍ରକାର ଦିବ୍ୟ ଖାଦ୍ୟ ସାମଗ୍ରୀ ଆପେ ଆପେ ପ୍ରସ୍ତୁତ ହୋଇଗଲା । ଏସବୁ ଦେଖି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଫେରିଆସିଲି ।'

ଦାସୀଠାରୁ ଏ ସମସ୍ତ ସମାଚାର ଶୁଣି ଦମୟନ୍ତୀ ଚିନ୍ତା କରିବାକୁ ଲାଗିଲେ ଯେ ଅଗ୍ନି ଓ ଜଳକୁ ବଶୀଭୂତ କରିଥିବା ଏବଂ ରଥ ବିଜ୍ଞାନ ଜାଣିଥିବା ଆର୍ଯ୍ୟପୁତ୍ର ନଳ ଏପରି କଦାକାର କିପରି ହୋଇଗଲେ ! ବୋଧହୁଏ ମୋର ବିରହରୁ ଜାତ ହୋଇଥିବା ଅତ୍ୟନ୍ତ ଦୁଃଖବଶତଃ ତାଙ୍କର ଏ ଦଶା ହୋଇଅଛି । ଏ ସମ୍ପର୍କରେ ତାଙ୍କଠାରୁ ହିଁ ବୁଝା-ଯାଇପାରେ । ଏହିପରି ଚିନ୍ତାକରି ସେ ଶିଶୁ ସନ୍ତାନ ଦୁଇଟିକୁ ନଳଙ୍କ ନିକଟକୁ ପଠାଇଦେଲେ । ଏମାନଙ୍କୁ ଦେଖି ଏବଂ କୋଳକୁ ଉଠାଇ ନେଇ ବହୁ ସମୟଧରି ନଳ କାନ୍ଦିବାକୁ ଲାଗିଲେ । ତାଙ୍କର ଚକ୍ଷୁଯୁଗଳରୁ ଅବିରତ ଲୋତକଧାରା ବୃଷ୍ଟି ହେଲା । କିଛି ସମୟପରେ କୋହ ସମ୍ଭରଣକରି ବାଷ୍ପରୁଦ୍ଧ କଣ୍ଠରେ ଦାସୀକୁ କହିଲେ, 'ମୋର ଏହିପରି ଦୁଇଟି ଶିଶୁ ସନ୍ତାନ ଅଛନ୍ତି । ସେମାନେ ବର୍ତ୍ତମାନ ତାଙ୍କ ମାତାମହଙ୍କ ଗୃହରେ ଅବସ୍ଥାନ କରୁଛନ୍ତି । ସେମାନଙ୍କର ସ୍ମୃତି ଜାଗ୍ରତ ହେବାରୁ ମୁଁ ଏପରି ଶୋକାକୁଳ

Digitized by srujanika@gmail.com

ହୋଇପଡ଼ିଛି ।' ନଳଙ୍କଠାରୁ ଏହା ଶୁଣି ଦାସୀଟି ଶିଶୁ ଦୁଇଟି ସହିତ ଫେରିଆସି ଦମୟନ୍ତୀଙ୍କୁ ସମସ୍ତ କଥା ଜଣାଇଲା । ଏଥିରେ ଦମୟନ୍ତୀଙ୍କର ପୂର୍ଣ୍ଣ ବିଶ୍ୱାସ ହେଲା ଯେ ହ୍ରସ୍ୱବାହୁ ରାଜା ନଳଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି ।

ପରଦିନ ପ୍ରଭାତରୁ ସେ ପୁଣି ଦାସୀକୁ କହିଲେ ଯେ, ସେ ଯାଇ ଋତୁପର୍ଣ୍ଣଙ୍କ ପାଚକକୁ କହିବ, 'ରାଜକୁମାରୀ ଶୁଣିଛନ୍ତି ଯେ ତୁମପରି ପାଚକ ପୃଥିବୀରେ ବିରଳ । ତେଣୁ ତୁମେ ଆଜି ଆସି ରାଜକୁମାରୀଙ୍କପାଇଁ ଭୋଜନ ସାମଗ୍ରୀ ପ୍ରସ୍ତୁତ କରିବ ।' ହ୍ରସ୍ୱବାହୁ ଏଥିରେ ସମ୍ମତହୋଇ ଋତୁପର୍ଣ୍ଣଙ୍କ ଠାରୁ ଆଜ୍ଞାନେଇ ଦମୟନ୍ତୀଙ୍କ ନିକଟକୁ ଗଲେ । ତାଙ୍କୁ ଦେଖି ଦମୟନ୍ତୀ କହିଲେ, 'ଆପଣ ଯଦି ପାଚକର ଛଦ୍ମ ବେଶରେ ଥିବା ରାଜା ନଳ, ତେବେ ଚିନ୍ତା-ସମୁଦ୍ରରେ ନିମଜ୍ଜିତ ମୋତେ ଆଉ ସନ୍ତପ୍ତ କରନ୍ତୁ ନାହିଁ ।' ଏହା ଶୁଣି ସ୍ନେହ, ଦୁଃଖ ଓ ଲଜ୍ଜାରେ ବ୍ୟାକୁଳ ରାଜା ନଳ ଅଶ୍ରୁସମ୍ବରଣ କରିନପାରି ବାଷ୍ପ ଗଦ୍‌ଗଦ କଣ୍ଠରେ କହିଲେ, 'ମୁଁ ହିଁ ସେହି ବଜ୍ରକଠୋର ପାପୀ ନଳ । ତୁମକୁ ସନ୍ତପ୍ତ କରିବାପାଇଁ ମୁଁ ନଳ ହୋଇ ମଧ୍ୟ ଅନଳର କାର୍ଯ୍ୟ କରିଅଛି ।' ନଳଙ୍କଠାରୁ ଏହା ଶୁଣି ଦମୟନ୍ତୀ ତାଙ୍କ ବିରୂପତାର ରହସ୍ୟ ଜିଜ୍ଞାସା କରନ୍ତେ ମହାରାଜ ନଳ କର୍କୋଟକକୁ ଦାବାଗ୍ନିରୁ ରକ୍ଷା କରିବାଠାରୁ ତାଙ୍କ ଶରୀରରୁ କଳି ନିର୍ଗତ ହେବା ପର୍ଯ୍ୟନ୍ତ ସମସ୍ତ ସମାଚାର ଆନୁପୂର୍ବିକଭାବେ ବର୍ଣ୍ଣନା କଲେ । ପୁଣି କର୍କୋଟକ ପ୍ରଦତ୍ତ ଅଗ୍ନି ଶୌଚ ବସ୍ତ୍ର ପରିଧାନକରି ନଳ ନିଜର ପୂର୍ବ ରୂପ ଲାଭକଲେ ।

ନଳଙ୍କୁ ତାଙ୍କର ନିଜ ରୂପରେ ଦର୍ଶନ କରି ଦମୟନ୍ତୀଙ୍କ ଆନନ୍ଦାଶ୍ରୁ ସମସ୍ତ ବାଧା ବନ୍ଧନ ଲଙ୍ଘନକରି ବହିବାକୁ ଲାଗିଲା । ଏହାଦ୍ୱାରା ତାଙ୍କ ହୃଦୟରେ ଥିବା ଦୁଃଖରୂପକ ଦାବାନଳ ପ୍ରଶମିତ ହେଲା । ସେ ଅବର୍ଣ୍ଣନୀୟ ଆନନ୍ଦ ଉପଲବ୍‌ଧି କଲେ । ଦାସୀ, ପରିଚାରିକାମାନେ ନଳଙ୍କ ଆବିର୍ଭାବରେ ସମଗ୍ର ରାଜ ଅନ୍ତଃପୁରକୁ କୋଳାହଳମୟ କରିଦେଲେ । ସେମାନଙ୍କଠାରୁ ସମସ୍ତ ସମାଚାର ଜ୍ଞାତ ହୋଇ ବିଦର୍ଭରାଜ ଭୀମ ସେଠାକୁ ଆସି ନଳଙ୍କର ସମୁଚିତ ଅଭିନନ୍ଦନ ଓ ସତ୍କାର କରିବା ସଙ୍ଗେସଙ୍ଗେ ସମଗ୍ର ରାଜ୍ୟରେ ମହୋତ୍ସବ ପାଳନ କଲେ । ଏହାପରେ ରାଜା ଭୀମ ଯଥୋଚିତ ସମ୍ମାନର ସହିତ କୋଶଳ ରାଜ ଋତୁପର୍ଣ୍ଣଙ୍କୁ ବିଦାୟ ଦେଲେ । ରାଜା ଋତୁପର୍ଣ୍ଣ ମଧ୍ୟ ନଳଙ୍କୁ ଉପଯୁକ୍ତ ସମ୍ବର୍ଦ୍ଧନା ଜ୍ଞାପନକରି କୋଶଳ ଅଭିମୁଖରେ ଯାତ୍ରାକଲେ । ଏହାପରେ ନିଷଧରାଜ ନଳ କଳି ପ୍ରଭାବରୁ ଦେଖାଦେଇଥିବା ସମସ୍ତ ଉପଦ୍ରବର କାହାଣୀ ବର୍ଣ୍ଣନା କରି ପ୍ରାଣପ୍ରିୟା ଦମୟନ୍ତୀଙ୍କ ସହିତ ଶ୍ୱଶୁରାଳୟରେ ଆନନ୍ଦର ସହିତ ବାସ କରିବାକୁ ଲାଗିଲେ ।

Digitized by srujanika@gmail.com

ଏହିପରି କିଛିଦିନ ବିତିଗଲା । ନଳ ଶ୍ୱଶୁରଙ୍କର ସେନାବାହିନୀ ସହିତ ନିଷଧ ଦେଶ ଆକ୍ରମଣ କଲେ । କନିଷ୍ଠ ଭ୍ରାତା ପୁଷ୍କରଙ୍କୁ ପୁଣି ଅକ୍ଷ କ୍ରୀଡ଼ାରେ ପରାଜିତ କରି ସେ ତାଙ୍କୁ ବଶୀଭୂତ କଲେ । ପୁଷ୍କରଙ୍କ ଶରୀରରୁ ଦ୍ୱାପର ଚାଲିଯାଇଥିବା ଯୋଗୁଁ ସେ ମଧ୍ୟ ଜ୍ୟେଷ୍ଠ ଭ୍ରାତାଙ୍କର ଉପଯୁକ୍ତ ସତ୍କାର କରି ଅଭିନନ୍ଦନ ଜ୍ଞାପନ କଲେ । ଧର୍ମାତ୍ମା ନଳ ପୁଷ୍କରଙ୍କୁ ରାଜ୍ୟର ଗୋଟିଏ ଅଂଶ ପ୍ରଦାନକରି ଅବଶିଷ୍ଟ ଅଂଶକୁ ପୁଣି ବିଧିପୂର୍ବକ ଶାସନକରିବା ସଙ୍ଗେସଙ୍ଗେ ପ୍ରାଣପ୍ରିୟା ଦମୟନ୍ତୀଙ୍କ ସହିତ ରାଜଭୋଗ ଉପଭୋଗ କରିବାକୁ ଲାଗିଲେ ।

ତାରାପୁର ନଗରରେ ବ୍ରାହ୍ମଣ ସୁମନ ପ୍ରୋଷିତପତିକା ରାଜକୁମାରୀ ବନ୍ଧୁମତୀଙ୍କୁ ନଳ ଦମୟନ୍ତୀଙ୍କର ଏହି ଅପୂର୍ବ କଥା ଶୁଣାଇ ପୁଣି କହିଲା, 'ରାଜକୁମାରୀ, ମହତ୍ ଲୋକମାନେ ମଧ୍ୟ ଏହିପରି ଅସହ୍ୟ କଷ୍ଟ ସହ୍ୟ କରିବା ପରେ ପୁଣି ସୁଖ ଲାଭ କରିଥାନ୍ତି । ସୂର୍ଯ୍ୟଙ୍କ ତୁଲ୍ୟ ପ୍ରଚଣ୍ଡ ତେଜସ୍ୱୀ ଅସ୍ତହୋଇ ପୁଣି ଉଦୟ ହୋଇଥାନ୍ତି । ତେଣୁ ତୁମେ ମଧ୍ୟ ପତିଙ୍କୁ ଅବଶ୍ୟ ଲାଭକରିବ । ଧୈର୍ଯ୍ୟହୀନ ହୁଅ ନାହିଁ । ଉଦ୍‌ବିଗ୍ନ ହେବା ମଧ୍ୟ ଅନାବଶ୍ୟକ । ପତିଙ୍କର ପୁନରାଗମନରେ ତୁମର ଅତ୍ୟନ୍ତ ଆନନ୍ଦ ଲାଭ ହେବ ।' ବ୍ରାହ୍ମଣଠାରୁ ଏହା ଶୁଣି ରାଜକୁମାରୀ ବନ୍ଧୁମତୀ ତାଙ୍କୁ ବହୁ ଧନରତ୍ନ ଓ ବସନ ଭୂଷଣ ଦେଇ ସନ୍ତୁଷ୍ଟ କଲା । ତା'ର ଆଶ୍ୱାସନା ବାଣୀରେ ସେ ଧୈର୍ଯ୍ୟଧାରଣପୂର୍ବକ ପତିଙ୍କର ପୁନରାଗମନପାଇଁ ପ୍ରତୀକ୍ଷା କରିବାକୁ ଲାଗିଲା ।

କିଛିଦିନ ପରେ ମହୀପାଳ ନିଜ ରାଜ୍ୟରୁ ପିତାମାତାଙ୍କ ସହିତ ଆସି ନିଜର ରାଜଧାନୀ ତାରାପୁରରେ ଉପସ୍ଥିତ ହେଲେ । ପ୍ରଜାମାନେ ଏଥିରେ ଅତ୍ୟନ୍ତ ଆନନ୍ଦିତ ହେଲେ । ବନ୍ଧୁମତୀଙ୍କ ଆନନ୍ଦ ଅବର୍ଣ୍ଣନୀୟ । ପୂର୍ଣ୍ଣମୀ ଚନ୍ଦ୍ର ସାଗରର ଜଳରାଶିକୁ ଉଦ୍‌ବେଳିତ କଲାପରି ଉତ୍କଣ୍ଠିତା ବନ୍ଧୁମତୀର ହୃଦୟ ଉଦ୍‌ବେଳିତ ହୋଇଉଠିଲା । ମହୀପାଳ ବନ୍ଧୁମତୀ ସହିତ ଶ୍ୱଶୁରଙ୍କଠାରୁ ପ୍ରାପ୍ତ ରାଜ୍ୟ ଶାସନ ପୂର୍ବକ ସମସ୍ତ ଅଭୀଷ୍ଟ ଭୋଗ ଉପଭୋଗ କରି ରାଜଧାନୀ ତାରାପୁରରେ ବାସ କରିବାକୁ ଲାଗିଲେ ।

ବତ୍ସରାଜ ଉଦୟନଙ୍କ ପୁତ୍ର ନରବାହନଦତ୍ତ ନିଜର ରାଣୀମାନଙ୍କ ସହିତ ମନ୍ତ୍ରୀ ମରୁଭୂତିଙ୍କ ମୁଖରୁ ଏହି ବିଚିତ୍ର ଓ ଅନୁରାଗ-ମନୋହର କଥା ଶ୍ରବଣକରି ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା କରିବାକୁ ଲାଗିଲେ ।

●

Digitized by srujanika@gmail.com

ଦଶମ ଚରିତ

ଶକ୍ତିଯଶ

Digitized by srujanika@gmail.com

ଅବାରଣୀୟଂ ରିପୁଭିର୍ବାରଣୀୟଂ କରଂ ନୁମଃ
ହେରମ୍ବସ୍ୟ ସସିନ୍ଦୂରମସିଂ ଦୂରମଘଚ୍ଛିଦମ୍ ।।
ପାୟାଦ୍ ବଃ ପୁରଦାହାୟ ଶମ୍ଭୋଃ ସନ୍ଧଧତଃ ଶରମ୍
ସମଂ ବ୍ୟଗ୍ରେଷୁ ନେତ୍ରେଷୁ ତୃତୀୟମଧିକଂ ସ୍ଫୁରତ୍ ।
ରକ୍ତାରୁଣା ନୃସିଂହସ୍ୟ କୁଟିଳା ବିଦ୍ୱିଷୋ ବଧେ
ନଖଶ୍ରେଣୀ ଚ ଦୃଷ୍ଟିଶ୍ଚ ନିହନ୍ତୁଂ ଦୁରିତାନି ବଃ ।।

Digitized by srujanika@gmail.com

ପ୍ରଥମ ତରଙ୍ଗ

ନରବାହନଦତ୍ତ ପତ୍ନୀ ଓ ମନ୍ତ୍ରୀମାନଙ୍କ ସହିତ ପିତା ଉଦୟନଙ୍କ ରାଜଧାନୀ କୌଶାମ୍ବୀ ନଗରୀରେ ସମୟ ବିତାଉଥାଆନ୍ତି । ଦିନେ ସେ ପିତାଙ୍କ ସହିତ ରାଜସଭାରେ ବସିଥିଲାବେଳେ ସେହି ନଗରୀର ଜଣେ ବୈଶ୍ୟ ଉଦୟନଙ୍କ ନିକଟରେ ଆସି ଉପସ୍ଥିତ ହେଲା । ରତ୍ନଦତ୍ତ ନାମକ ସେହି ବୈଶ୍ୟ ପ୍ରଣାମପୂର୍ବକ ନିବେଦନ କଲା –

ଭାରବାହକ ବସୁଧର କଥା

''ମହାରାଜ, ଏହି ନଗରୀରେ ବସୁଧର ନାମରେ ଏକ ଦରିଦ୍ର ଭାରବାହକ ବାସ କରେ । ଆଜିକାଲି ହଠାତ୍ ସେ ଯଥେଷ୍ଟ ଦେବାନେବା ଓ ଖୁଆଇବା ପିଆଇବା କରୁଥିବା ଲକ୍ଷ୍ୟ କରାଯାଉଅଛି । ମୁଁ ଦିନେ ତା'ର ଏହି ପରିବର୍ତ୍ତନର କାରଣ ଜାଣିବା ପାଇଁ ତାକୁ ଖୁବ୍ ଖାଇବା ପିଇବାକୁ ଦେଇ ଏବଂ ନିଶାରେ ଉନ୍ମତ୍ତ କରାଇ ପଚାରିବାରୁ ସେ କହିଲା ଯେ ରାଜଭବନର ଦ୍ୱାରଦେଶରୁ ସେ ରତ୍ନଖଚିତ ଗୋଟିଏ କଙ୍କଣ ପାଇଥିଲା । ସେଥିରୁ ଗୋଟିଏ ରତ୍ନ ବାହାର କରି ହିରଣ୍ୟଗୁପ୍ତ ନାମକ ବଣିକକୁ ବିକ୍ରୀ କରିବାରୁ ସେ ତାକୁ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ଦେଲା । ଏଥିପାଇଁ ସେ ଆଜିକାଲି ଏହିପରି ଅଏସ୍ କରୁଛି ।

ଏହା କହି ସେ ମୋତେ ଆପଣଙ୍କର ନାମାଙ୍କିତ କଙ୍କଣଟି ଦେଖାଇଲା । ମହାରାଜ, ଏହା ନିବେଦନ କରିବା ପାଇଁ ହିଁ ମୁଁ ଛାମୁଙ୍କ ନିକଟକୁ ଆସିଅଛି ।

ଏହା ଶୁଣି ବତ୍ସରାଜ ଉଦୟନ କଙ୍କଣ ସହିତ ଭାରବାହକ ଓ ରତ୍ନ ସହିତ ହରିଣ୍ୟଗୁପ୍ତକୁ ଡକାଇ ଆଣିଲେ । ଭାରବାହକ ନିକଟରେ ବା କଙ୍କଣଟିକୁ ଦେଖି ତାଙ୍କର ସ୍ମରଣ ହେଲା ଯେ ସେ ନଗର ଭ୍ରମଣରେ ଯାଇଥିବାବେଳେ କଙ୍କଣଟି ତାଙ୍କ ହାତରୁ କେଉଁଠାରେ ପଡ଼ିଯାଇଥିଲା ।

ସଭାସଦ୍‌ମାନେ ଏହି ରହସ୍ୟ ଜାଣି ନପାରି ସେହି ଭାରବାହକକୁ ପଚାରିଲେ, 'ରାଜାଙ୍କ ନାମ ଲେଖାଥିବା ସତ୍ତ୍ୱେ ତୁ ଏହାକୁ କେଉଁଠୁ ଚୋରାଇ ଆଣିଛୁ ?' ଉତ୍ତରରେ

Digitized by srujanika@gmail.com

ସେ କହିଲା, 'ମୁ ତ ବୋଝ ବହି ଜୀବିକା ନିର୍ବାହ କରେ । ଅକ୍ଷର ସହିତ ମୋର ସମ୍ପର୍କ ନାହିଁ । ରାଜାଙ୍କର ନାମ ବା ମୁଁ ପଢ଼ିବି କିପରି ? ଦରିଦ୍ରତାରୁ ମୁକ୍ତି ପାଇବାପାଇଁ ମୁଁ ଏହାକୁ ଉଠାଇ ନେଲି ।' ଭାରବାହକ ଏପରି କହିବା ପରେ ରତ୍ନଟିକୁ କ୍ରୟ କରିଥିବା ବଣିକ ହରିଣ୍ୟଗୁପ୍ତ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାପାଇଁ କହିଲା, 'ମୁଁ ବିନା ମୂଲଚାଲରେ ଅଧିକ ମୂଲ୍ୟ ଦେଇ ଏହି ରତ୍ନଟିକୁ କିଣିଅଛି । ଏହା ଉପରେ ରାଜାଙ୍କର ନାମ ଲେଖାଯାଇନଥିଲା, ତେଣୁ ମୁଁ ଏହାକୁ ରଖି ସ୍ୱର୍ଣ୍ଣମୁଦ୍ରା ଦେଇଅଛି ।'

ହିରଣ୍ୟଗୁପ୍ତର ଏହି କୈଫିୟତ ଶୁଣି ସେଠାରେ ବସିଥିବା ମନ୍ତ୍ରୀ ଯୌଗନ୍ଧରାୟଣ କହିଲେ, 'ଏଥିରେ କାହାରି ଦୋଷ ନାହିଁ । ଦରିଦ୍ର ଓ ନିରକ୍ଷର ଭାରବାହକକୁ କ'ଣ ବା କୁହାଯାଇପାରିବ ? ଦରିଦ୍ରତା ଯୋଗୁଁ ମନୁଷ୍ୟ ଚୋରି କରିଥାଏ । ପୁଣି ମିଳିଥିବା ଧନକୁ କିଏ ବା ଛାଡ଼େ ? ଉଚିତ ମୂଲ୍ୟ ଦେଇ ରତ୍ନ କ୍ରୟ କରିଥିବା ବଣିକର ଅପରାଧ ବା କ'ଣ ?' ରାଜା ଉଦୟନ ମଧ୍ୟ ମନ୍ତ୍ରୀଙ୍କ କଥାକୁ ସମର୍ଥନ କଲେ । ସେ ଭାରବାହକ ବ୍ୟୟ କରିଥିବା ସ୍ୱର୍ଣ୍ଣମୁଦ୍ରା ବଣିକକୁ ଦେଇ ତା'ଠାରୁ କଙ୍କଣଟିକୁ ଗ୍ରହଣ କଲେ ଏବଂ ପ୍ରାପ୍ତମୁଦ୍ରା ବ୍ୟୟ କରିସାରିଥିବା ଭାରବାହକକୁ ମୁକ୍ତି ଦେଲେ । ରାଜାଙ୍କଠାରୁ ବରାଭୟ ପାଇ ଭାରବାହକ ନିଜ ଘରକୁ ଫେରିଗଲା ।

ଏହି ରତ୍ନଦତ୍ତ ହିଁ ବିଶ୍ୱାସଘାତୀ ଓ ଦୁଷ୍ଟ ବୋଲି ମନେ ମନେ ଚିନ୍ତା କଲେ ସୁଦ୍ଧା ରାଜା ଆବଶ୍ୟକତା ଦୃଷ୍ଟିରୁ ତା'କୁ ସମ୍ମାନିତ କଲେ । ସମସ୍ତେ ଚାଲିଯିବା ପରେ ରାଜସଭାରେ ବସିଥିବା ବସନ୍ତକ କହିଲେ, ଭାଗ୍ୟ ପ୍ରତିକୂଳ ହେଲେ ହାତକୁ ଆସିବା ଅର୍ଥ ମଧ୍ୟ ଏପରି ନଷ୍ଟ ହୋଇଯାଏ ।

ଅହୋ ଦୈବାଭିଶପ୍ତାନାଂ ପ୍ରାପ୍ତୋଽପ୍ୟର୍ଥଃ ପଳାୟତେ ।

ସେହି ଭଦ୍ରଘଟର ମଧ୍ୟ ଏହି ଭାରବାହକ ପରି ଦଶା ହୋଇଥିଲା, ଶୁଣନ୍ତୁ —

ଭଦ୍ରଘଟ କଥା

ପାଟଳିପୁତ୍ର ନଗରରେ ଶୁଭଦତ୍ତ ନାମରେ ଜଣେ କାଠୁଆରି ରହୁଥିଲା । ସେ ଅରଣ୍ୟରୁ କାଠ କାଟି ନିଜର ପରିବାର ପୋଷଣ କରୁଥାଏ । ଦିନେ କାଠ ନ ମିଳିବାରୁ ସେ ଅରଣ୍ୟର ବହୁ ଦୂରକୁ ଚାଲିଗଲା । ସେଠାରେ ଦୈବଯୋଗରୁ ତା'ର ଚାରିଜଣ

Digitized by srujanika@gmail.com

ଯକ୍ଷଙ୍କ ସହିତ ସାକ୍ଷାତ ହେଲା । ଦିବ୍ୟ ବସ୍ତ୍ର ଓ ଅଳଙ୍କାର ଧାରଣ କରିଥିବା ସେହି ଯକ୍ଷମାନଙ୍କୁ ଦେଖି ଶୁଭଦତ୍ତ ପ୍ରଥମେ ଭୟଭୀତ ହୋଇପଡ଼ିଲା । କିନ୍ତୁ ସେମାନେ ତାକୁ ଏକ ଗରିବ ଶ୍ରମିକ ଭାବି ଦୟା ଦେଖାଇ କହିଲେ, 'ଭଦ୍ର ! ତୁ ଆମ୍ଭମାନଙ୍କ ନିକଟରେ ସେବକ ହୋଇ ରହ । ବିନା ପରିଶ୍ରମରେ ଆମେ ତୋର ପରିବାର ପୋଷଣ କରିବୁ ।' ସେମାନଙ୍କ କଥାରେ ସମ୍ମତ ହୋଇ ଶୁଭଦତ୍ତ ସେଠାରେ ରହିବାକୁ ଲାଗିଲା ।

ଶୁଭଦତ୍ତ ଯକ୍ଷମାନଙ୍କର ସ୍ନାନ ପାନ ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ ଥାଏ । ଦିନେ ଖାଇବା ସମୟ ହେବାରୁ ସେମାନେ ଖାଇବା ପାଇଁ ବସି ଶୁଭଦତ୍ତକୁ ଆଗରେ ଥିବା ଭଦ୍ରଘଟରୁ ଖାଦ୍ୟ ସାମଗ୍ରୀ ଆଣି ପରିବେଷଣ କରିବାକୁ ନିର୍ଦ୍ଦେଶ ଦେଲେ । ଶୁଭଦତ୍ତ ଘଟ ଭିତରେ କିଛି ନଥିବା ଦେଖି ଚୁପ୍‌ଚାପ୍ ଠିଆ ହୋଇ ରହିଲା । ତା'ର ବିଳମ୍ବ ଦେଖି ଯକ୍ଷମାନେ ହସି ହସି କହିଲେ, 'ଶୁଭଦତ୍ତ ! ତୁ ବୋଧହୁଏ ଜାଣିନାହୁଁ, ଘଟ ଭିତରେ ହାତ ଭର୍ତ୍ତି କଲେ ଯାହା ଚାହିଁବୁ ତାହା ତା' ଭିତରୁ ବାହାରିବ । ଏହା ଇପ୍‌ସିତ ଖାଦ୍ୟପଦାର୍ଥ ଦେଇପାରେ ।' ଏହା ଶୁଣି ଶୁଭଦତ୍ତ ଘଟ ଭିତରେ ହାତ ପୂରାଇ ଇପ୍‌ସିତ ଅନ୍ନ ବ୍ୟଞ୍ଜନ ତା' ଭିତରୁ ବାହାର କରି ଆଣିଲା । ସେ ସବୁକୁ ଯକ୍ଷମାନଙ୍କୁ ଦେବାପରେ ସେ ମଧ୍ୟ ନିଜର ଇଚ୍ଛାନୁଯାୟୀ ଭୋଜନ କଲା ।

ଏହିପରି ଭୟ ଓ ଭକ୍ତିର ସହିତ ସେ ଯକ୍ଷମାନଙ୍କର ସେବା କରୁଥାଏ; କିନ୍ତୁ ତା ମନରୁ ପରିବାରର ଚିନ୍ତା ଯାଉ ନଥାଏ । ଏହା ଲକ୍ଷ୍ୟକରି ଯକ୍ଷମାନେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇ ତାର ପରିବାରକୁ ମଧ୍ୟ ନିଶ୍ଚିନ୍ତ କରିଦେଲେ । ସେହିଦିନଠାରୁ ଶୁଭଦତ୍ତ ଆହୁରି ଭକ୍ତିପୂର୍ଣ୍ଣ ଭାବରେ ସେମାନଙ୍କର ସେବା କରିବାକୁ ଲାଗିଲା ।

ଏହିପରି ଗୋଟିଏ ମାସ ବିତିଗଲା । ଯକ୍ଷମାନେ ତା'ର ସେବାରେ ସନ୍ତୁଷ୍ଟ ହୋଇ ଦିନେ ତାକୁ କହିଲେ, 'ଆମ୍ଭେମାନେ ତୋ ସେବାରେ ସନ୍ତୁଷ୍ଟ । ବର୍ତ୍ତମାନ ତୋର ଯାହା ଆବଶ୍ୟକ ତାହା ମାଗିପାରୁ ।' ଏହାଶୁଣି ଶୁଭଦତ୍ତ କହିଲା, 'ଯଦି ଆପଣମାନେ ମୋ ପ୍ରତି ସନ୍ତୁଷ୍ଟ, ତେବେ ମୋତେ ଏହି ଭଦ୍ରଘଟଟି ଦିଅନ୍ତୁ ।' ଏହାଶୁଣି ଯକ୍ଷମାନେ କହିଲେ, 'ତୁ ଏହାକୁ ରଖିପାରିବୁ ନାହିଁ । କାରଣ ଏହା ଥରେ ଭାଙ୍ଗିଗଲେ ଏହାର ସମସ୍ତ ଶକ୍ତି ନଷ୍ଟ ହୋଇଯାଏ । ତେଣୁ ଅନ୍ୟ କିଛି ବର ମାଗ ।' ଯକ୍ଷମାନେ ଏହିପରି କହିବା ସତ୍ତ୍ୱେ ଶୁଭଦତ୍ତ ନିଜ କଥାରେ ଅଟଳ ରହିବାରୁ ସେମାନେ ତାକୁ ସେହି ଭଦ୍ରଘଟଟି ପ୍ରଦାନ କଲେ ।

Digitized by srujanika@gmail.com

ଏହାପରେ ଶୁଭଦତ୍ତ ସେମାନଙ୍କୁ ପ୍ରଣାମ କରି ଘଟ ସହିତ ଯାଇ ଯଥାଶୀଘ୍ର ନିଜ ଘରେ ପହଞ୍ଚିଲା । ତାକୁ ଦେଖି ତା'ର ପରିବାର ଅତ୍ୟନ୍ତ ଆନନ୍ଦିତ ହେଲେ । ସେ ଗୋପନୀୟ ଭାବରେ ଘଟ ମଧ୍ୟରୁ ଭୋଜନ ସାମଗ୍ରୀ ବାହାର କରି ଅନ୍ୟ ପାତ୍ରରେ ପରିବାରର ସମସ୍ତଙ୍କୁ ପରିବେଷଣ କରୁଥାଏ । ସେହିଦିନଠାରୁ ସେ ବୋଝ ବୋହିବା କାମ ଆଉ କଲାନାହିଁ । ଏହିପରି ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବାବେଳେ ଦିନେ ସେ ଘଟ ମଧ୍ୟରୁ ବାହାର କରି ଯଥେଷ୍ଟ ମଦ୍ୟପାନ କରିବାକୁ ଲାଗିଲା । ମଦନିଶାରେ ଉନ୍ମତ୍ତ ହୋଇ ପ୍ରଳାପ କରୁଥିବାବେଳେ ତାର ବନ୍ଧୁମାନେ ଏହି ଘଟର ରହସ୍ୟ ସମ୍ପର୍କରେ ଜିଜ୍ଞାସା କରନ୍ତେ ମୂର୍ଖ ଶୁଭଦତ୍ତ ସେମାନଙ୍କୁ କିଛି କହିବା ପରିବର୍ତ୍ତେ ଗର୍ବର ସହିତ ସେହି ଘଟଟିକୁ ସ୍କନ୍ଧ ଉପରେ ରଖି ନାଚିବାକୁ ଲାଗିଲା । ମଦନିଶାରେ ଏହିପରି ନାଚୁଥିବାବେଳେ ହଠାତ୍ ତା'ର ଗୋଡ଼ ଖସିଯିବା ଫଳରେ ଘଟଟି ଭୂମି ଉପରେ ପଡ଼ି ଖଣ୍ଡବିଖଣ୍ଡିତ ହୋଇଗଲା ଏବଂ ନିଜର ପୂର୍ବ ଆକୃତି ଧାରଣ କରି ଯକ୍ଷମାନଙ୍କ ନିକଟରେ ପହଞ୍ଚିଗଲା । ଶୁଭଦତ୍ତ ମଧ୍ୟ ସେହି ସମୟଠାରୁ ପୁଣି କାଠୁଆରିର ଦୁଃଖପୂର୍ଣ୍ଣ ଜୀବନ ଯାପନ କରିବାକୁ ଲାଗିଲା । ଏହିପରି ମଦ୍ୟପ ଓ ଭାଗ୍ୟହୀନ ଲୋକମାନେ ଉତ୍ତମ ସମ୍ପତ୍ତି ଲାଭ କରି ମଧ୍ୟ ତାହା ରକ୍ଷା କରିବା ପାଇଁ ସମର୍ଥ ହୋଇନଥାନ୍ତି ।

ତଦେବଂ ପାନଦୋଷାଦିପ୍ରମାଦାହତବୁଦ୍ଧୟଃ
ଅଭବ୍ୟାଃ ପ୍ରାପ୍ତମପ୍ୟର୍ଥଂ ନୈବ ଜାନନ୍ତି ରକ୍ଷିତୁମ୍ ।

ବସନ୍ତକଠାରୁ ଭଦ୍ରଘଟ ସମ୍ପର୍କୀୟ ଏପରି ହାସ୍ୟରସାତ୍ମକ କଥା ଶ୍ରବଣ କରି ଉଦୟନ ସ୍ନାନାହାର ପାଇଁ ପ୍ରସ୍ଥାନ କଲେ । ନରବାହନଦତ୍ତ ମଧ୍ୟ ପିତାଙ୍କ ସହ ଏକ ଆସନରେ ଭୋଜନ କରି ସେଠାରେ ଅବସ୍ଥାନ କଲେ । ସନ୍ଧ୍ୟା ଉପସ୍ଥିତ ହେବାରୁ ସେ ନିଜର ମିତ୍ର ଓ ମନ୍ତ୍ରୀମାନଙ୍କ ସହ ସ୍ୱୀୟ ବାସ ଭବନରେ ଯାଇ ପ୍ରବେଶ କଲେ ।

ରାତ୍ରି ଭୋଜନ ସମାପ୍ତି ପରେ ନରବାହନଦତ୍ତ ଶୟନ ଶଯ୍ୟାରେ କେବଳ ପଡ଼ି ରହିଥାଆନ୍ତି । ତାଙ୍କ ଆଖିରେ ନିଦ ନଥାଏ । ଏହା ଲକ୍ଷ୍ୟ କରି ମିତ୍ର ମରୁଭୂତି ଅନ୍ୟମାନେ ଶୁଣିବା ପରି ନରବାହନଦତ୍ତଙ୍କୁ କହିଲେ, 'ରାଜକୁମାର ! ଆଜି ବୋଧହୁଏ ଆପଣ ଗଣିକା ସଂଭୋଗ ଅଭିଳାଷ ରଖି ରାଣୀମାନଙ୍କୁ ଏଠାକୁ ଡାକିନାହାନ୍ତି । ସେହି ଗଣିକା ମଧ୍ୟ ଆସିନାହିଁ । ଏଣୁ ଆପଣଙ୍କ ଚକ୍ଷୁକୁ ନିଦ୍ରା ଆସୁନାହିଁ । ଆପଣ ସବୁ କିଛି ଜାଣି ମଧ୍ୟ ବେଶ୍ୟାପ୍ରୀତି ଛାଡ଼ି ପାରୁନାହାନ୍ତି । ବେଶ୍ୟାମାନଙ୍କ ହୃଦୟରେ କଦାପି ସଦ୍‌ଭାବ ନଥାଏ । ଏ ସମ୍ପର୍କରେ ଗୋଟିଏ ଗଳ୍ପ ଶୁଣନ୍ତୁ –

Digitized by srujanika@gmail.com

ଆଲଜାଲ କଥା

ଏହି ପୃଥିବୀ ପୃଷ୍ଠରେ ଚିତ୍ରକୂଟ ବୋଲି ଏକ ବିଭବଶାଳୀ ନଗରୀ ଅଛି । ଏଠାରେ ରତ୍ନବର୍ମା ନାମରେ ଜଣେ ଅତ୍ୟନ୍ତ ଧନଶାଳୀ ବ୍ୟବସାୟୀ ବାସ କରନ୍ତି । ସେ ଈଶ୍ୱରଙ୍କ ଆରାଧନା କରି ଗୋଟିଏ ପୁତ୍ର ଲାଭ କରିଥିଲେ । ଏଣୁ ତା'ର ନାମ ରଖିଥିଲେ ଈଶ୍ୱର ବର୍ମା । ଶିକ୍ଷା ସମାପ୍ତ କରି ପୁତ୍ରଟି ଯେତେବେଳେ ଯୌବନରେ ପଦାର୍ପଣ କଲା, ତାକୁ ଦେଖି ରତ୍ନବର୍ମା ଚିନ୍ତାକଲେ, 'ବିଧାତା ଏପରି ଯୌବନ ମଦମତ୍ତ ଧନଶାଳୀ ଯୁବକମାନଙ୍କ ପାଇଁ ଏମାନଙ୍କ ଧନ ଓ ଜୀବନ ଅପହରଣ କରିବା ନିମିତ୍ତ ବେଶ୍ୟା ରୂପକ ସୁଶୋଭନ ନରକ ସୃଷ୍ଟି କରିଛନ୍ତି ।

ରୂପିଣୀ କୁସୃତିଃ ସୃଷ୍ଟା ଧନପ୍ରାଣାପହାରିଣୀ
ଆଢ଼୍ୟାନାଂ ଯୌବନାନ୍ଧାନାଂ ବେଶ୍ୟା ନାମେହ ବେଧସା ।

ଏଣୁ ମୋର ଏହି ପୁତ୍ରକୁ ବେଶ୍ୟାମାନଙ୍କ କୂଟ ଛଳନାରୁ ରକ୍ଷା କରିବା ନିମିତ୍ତ ଏହାକୁ ସେମାନଙ୍କ ଛଳନା ସମ୍ପର୍କରେ ଶିକ୍ଷା ଦେବା ନିମନ୍ତେ କୌଣସି କୁଟ୍ଟନୀ ନିକଟରେ ରଖିବା ଉଚିତ ହେବ । ଏହାଦ୍ୱାରା ସେ ଆଉ ସେମାନଙ୍କ ଦ୍ୱାରା ଆକୃଷ୍ଟ ହେବ ନାହିଁ ।'

ଏହିପରି ଚିନ୍ତାକରି ରତ୍ନବର୍ମା ନିଜର ଯୁବକ ପୁତ୍ର ଈଶ୍ୱରବର୍ମାକୁ ସଙ୍ଗରେ ନେଇ ଯମଜିହ୍ୱା ନାମ୍ନୀ କୁଟ୍ଟନୀ ନିକଟରେ ଯାଇ ପହଞ୍ଚିଲେ । ସ୍ଥୂଳହନୁ, ଦୀର୍ଘଦଶନା ଏବଂ ଚେପ୍‌ଟାନାକୀ ସେହି କୁଟ୍ଟନୀ ସେତେବେଳେ ତାହାର କନ୍ୟାକୁ ଏପରି ଶିକ୍ଷା ଦେଉଥାଏ । 'ମା, ଧନ ଦ୍ୱାରା ହିଁ ବ୍ୟକ୍ତି ପୂଜିତ ହୁଏ । ବିଶେଷତଃ ବେଶ୍ୟାମାନଙ୍କର ପୂଜା ଧନଦ୍ୱାରା ହିଁ ହୋଇଥାଏ । ବେଶ୍ୟାସକ୍ତ ବ୍ୟକ୍ତି କଦାପି ଧନ ସଞ୍ଚୟ କରିପାରେ ନାହିଁ । ଏଣୁ ବେଶ୍ୟାମାନେ ପ୍ରେମଠାରୁ ଦୂରରେ ରହିବା ଉଚିତ । ବେଶ୍ୟାମାନଙ୍କ ପାଇଁ ଅନୁରାଗ ଏବଂ ଅନ୍ଧକାର ପାଇଁ ସନ୍ଧ୍ୟା ଅଗ୍ରଦୂତ ପରି । ଏଣୁ ସୁଶିକ୍ଷିତା ବେଶ୍ୟାମାନେ ଅଭିନେତ୍ରୀ ପରି କୃତ୍ରିମ ପ୍ରେମ ପ୍ରଦର୍ଶନ କରିବା ବିଧେୟ । ସେମାନେ ପ୍ରଥମତଃ ଆସକ୍ତ ବ୍ୟକ୍ତିମାନଙ୍କର ମନୋରଞ୍ଜନ କରିବା ଆବଶ୍ୟକ । ତାପରେ ସେମାନଙ୍କର ରକ୍ତ ଓ ପରେ ଧନ ଦୋହନ କରିବା ଉଚିତ । ଅନୁରକ୍ତ ବ୍ୟକ୍ତିର ଧନ ସମ୍ପଦ ଶେଷହେଲେ ଶିକ୍ଷିତା ବେଶ୍ୟା ସେମାନଙ୍କୁ ପରିତ୍ୟାଗ କରିବା ବିଧେୟ । ଯଦି କୌଣସି କାରଣରୁ ସେ ପୁଣି ଧନ ସମ୍ପଦ ସଂଗ୍ରହ କରେ ତେବେ ତାକୁ ପୁଣି ଦୋହନ କରିବା ଉଚିତ । ଯେଉଁ ବେଶ୍ୟା ମୁନିମାନଙ୍କ ପରି

Digitized by srujanika@gmail.com

ବାଳକ, ଯୁବକ, ବୃଦ୍ଧ, କୁତ୍ସିତ ଓ ସୁନ୍ଦର ସମସ୍ତଙ୍କଠାରେ ସମଭାବନା ରଖିପାରେ ସେ ପ୍ରଚୁର ଅର୍ଥ ସଂଗ୍ରହ କରେ ।' ନିଜର କନ୍ୟାକୁ ଏହିପରି ଶିକ୍ଷା ଦେଉଥିବା ସେହି କୁଟ୍ଟନୀ ନିକଟରେ ରତ୍ନବର୍ମା ଯାଇ ଉପସ୍ଥିତ ହେଲେ । ତାଙ୍କୁ ଦେଖି କୁଟ୍ଟନୀ ସ୍ୱାଗତ ସତ୍କାରପୂର୍ବକ ନିକଟରେ ନେଇ ବସାଇଲା । ତାକୁ ଲକ୍ଷ୍ୟକରି ରତ୍ନବର୍ମା କହିଲେ, 'ଆର୍ଯ୍ୟେ ! ମୋର ଏହି ପୁତ୍ରକୁ ବେଶ୍ୟାମାନଙ୍କର କଳା ସମ୍ପର୍କରେ କିଛି ଶିକ୍ଷା ଦିଅ, ଯାହା ଫଳରେ ସେ ଜଣେ ବିଦଗ୍ଧ ନାଗରିକ ହୋଇପାରିବ । ଏଥିପାଇଁ ମୁଁ ତୁମକୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦେଉଅଛି ।' ଏହାଶୁଣି ସେ ରତ୍ନବର୍ମାଙ୍କ ଅନୁରୋଧ ସ୍ୱୀକାର କଲା । ରତ୍ନବର୍ମା ମଧ୍ୟ ଅର୍ଥ ଓ ପୁତ୍ର ଉଭୟଙ୍କୁ ତା' ହସ୍ତରେ ସମର୍ପଣ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଈଶ୍ୱରବର୍ମା ଯମଜିହ୍ୱାର ଗୃହରେ ଗୋଟିଏ ବର୍ଷ ରହି ଷୋଡ଼ଶ ବର୍ଷରେ ପଦାର୍ପଣ କରନ୍ତେ ପିତାଙ୍କ ନିକଟକୁ ଫେରିଆସିଲା । ପିତାଙ୍କ ସହିତ ପ୍ରଥମ ଆଳାପରେ ହିଁ ସେ କହିଲା ଯେ ଧର୍ମ ଓ ଅର୍ଥରୂପକ ଉଭୟ ପୁରୁଷାର୍ଥ ଅର୍ଥ ଦ୍ୱାରା ହିଁ ସିଦ୍ଧ ହୋଇଥାଏ । ଏଥିପାଇଁ ଅର୍ଥର ଉପାସନା ବ୍ୟତୀତ ଅନ୍ୟ ଉପାସନାର ଆବଶ୍ୟକତା ନାହିଁ । ପୁତ୍ରଠାରୁ ଏହା ଶୁଣି ତାର ଉପଯୁକ୍ତ ଶିକ୍ଷାର ଲାଭ ହୋଇଥିବା ବିଶ୍ୱାସ ପିତାଙ୍କ ମନରେ ଜାତ ହେଲା । ପୁତ୍ରର ଏପରି ବ୍ୟବସାୟ ବୁଦ୍ଧି ଦେଖି ସେ ତାକୁ ବାଣିଜ୍ୟ କରିବା ପାଇଁ ପାଞ୍ଚକୋଟି ଟଙ୍କାର ପଦାର୍ଥ ପ୍ରଦାନ କଲେ । ତାକୁ ନେଇ ଈଶ୍ୱରବର୍ମା ଗୋଟିଏ ବ୍ୟବସାୟୀ ଦଳ ସହିତ ଶୁଭଦିନ ଦେଖି ସ୍ୱର୍ଣ୍ଣଦ୍ୱୀପ ଅଭିମୁଖରେ ଯାତ୍ରା କଲା ।

ପଥ ମଧ୍ୟରେ ସେମାନେ କାଞ୍ଚନପୁର ନଗରରେ ଯାଇ ଉପସ୍ଥିତ ହେଲେ । ନଗର ବାହାରେ ଥିବା ଏକ ଉପବନ ମଧ୍ୟରେ ଈଶ୍ୱରବର୍ମା ନିଜର ଶିବିକା ସ୍ଥାପନ କଲା । ଏଠାରେ ପାନ ଭୋଜନ ସମାପନପୂର୍ବକ ବହୁମୂଲ୍ୟ ଅଳଙ୍କାରରେ ଭୂଷିତ ହୋଇ ସେ ସନ୍ଧ୍ୟା ସମୟରେ ନଗର ଭ୍ରମଣରେ ବାହାରିଲା । ନଗରର ଏକ ମନ୍ଦିର ମଧ୍ୟରେ ନୃତ୍ୟ ପରିବେଷିତ ହେଉଥାଏ । କୌତୂହଳବଶତଃ ସେ ମନୋରଞ୍ଜନ ପାଇଁ ସେହି ମନ୍ଦିର ଭିତରେ ପ୍ରବେଶ କଲା । ସେଠାରେ ସୁନ୍ଦରୀ ନାମ୍ନୀ କୌଣସି ବେଶ୍ୟା ନୃତ୍ୟ ପରିବେଷଣ କରୁଥାଏ । ତାର ରୂପ ସୌନ୍ଦର୍ଯ୍ୟ ଦେଖିଲେ ମନେ ହେଉଥିଲା ସତେ ଯେପରି ସେ ତାରୁଣ୍ୟ ରୂପକ ବାତ୍ୟା ଦ୍ୱାରା ଉଦ୍‌ବେଳିତ ଲାବଣ୍ୟ ସାଗରର ଏକ ଉତ୍ତାଳ ତରଙ୍ଗ । ଦୂରରୁ ହିଁ ସୁନ୍ଦରୀକୁ ଦେଖି ଈଶ୍ୱରବର୍ମା ତା' ପ୍ରତି ସମ୍ପୂର୍ଣ୍ଣ ରୂପେ ଆସକ୍ତ ହେଲା । ସେତେବେଳେ ଯମଜିହ୍ୱାର ସମସ୍ତ ଶିକ୍ଷା ସେ ବିସ୍ମୃତ ହୋଇପଡ଼ିଲା ।

Digitized by srujanika@gmail.com

କିଛି ସମୟ ପରେ ନାଟକ ଅଭିନୟ ଶେଷ ହେଲା । ସୁନ୍ଦରୀ ଦେବ ମନ୍ଦିରରୁ ବାହାରି ଚାଲିଯିବାବେଳେ ଈଶ୍ୱରବର୍ମା ନିଜର ମିତ୍ର ଦ୍ୱାରା ତାହା ସହିତ ସାକ୍ଷାତ କରିବାର ଅଭିଳାଷ ତା' ନିକଟରେ ନିବେଦନ କଲା । ସୁନ୍ଦରୀ ମଧ୍ୟ ତାକୁ ଧନିକ ସନ୍ତାନ ଦେଖି ଏଥିରେ ସମ୍ମତ ହେଲା । ପରଦିନ ଈଶ୍ୱରବର୍ମା ଚତୁର ଓ ବିଶ୍ୱାସୀ ଭୃତ୍ୟମାନଙ୍କୁ ଶିବିରର ପ୍ରହରୀ ରୂପେ ନିଯୁକ୍ତ କରି ସୁନ୍ଦରୀର ବାସଭବନରେ ଯାଇ ଉପସ୍ଥିତ ହେଲା । ସେ ପହଞ୍ଚିବା ମାତ୍ରେ ବେଶ୍ୟାର ଚତୁରୀ ମାତା କୁଟ୍ଟନୀ ମକରକଟୀ ଆସି ତାକୁ ଯଥୋଚିତ ସତ୍କାରପୂର୍ବକ ଗୃହ ମଧ୍ୟକୁ ଅଭ୍ୟର୍ଥନା କରି ନେଲା । ସନ୍ଧ୍ୟା ହେବାମାତ୍ରେ ସେ ଈଶ୍ୱର ବର୍ମାକୁ ନେଇ ଶୟନାଗାର ମଧ୍ୟରେ ପ୍ରବେଶ କରାଇଲା । ବିବିଧ ରତ୍ନଖଚିତ ଚନ୍ଦ୍ରାତପ ଓ ବହୁମୂଲ୍ୟ ପଲଙ୍କ ଦ୍ୱାରା ଶୟନାଗାର ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ସେଠାରେ ବିବିଧ ନୃତ୍ୟ ଓ ସୁରତ କ୍ରୀଡ଼ାରେ ନିପୁଣା ସୁନ୍ଦରୀ ତା'ର ମନୋରଞ୍ଜନ କରିବାକୁ ଲାଗିଲା । ଈଶ୍ୱରବର୍ମା ମଧ୍ୟ ସୁନ୍ଦରୀର ମିଥ୍ୟା ଅନୁରାଗରେ ଆତ୍ମବିସ୍ମୃତ ହୋଇ ତା' ସହିତ ସୁରତ କ୍ରୀଡ଼ାରେ ନିମଜ୍ଜିତ ହେଲା । ଗଣିକା କନ୍ୟାର ଅପୂର୍ବ ପ୍ରଣୟ ନିବେଦନ ତାକୁ ବିମୁଗ୍ଧ କଲା । ସୁନ୍ଦରୀ ଈଶ୍ୱରବର୍ମାକୁ ମୁହୂର୍ତ୍ତକ ପାଇଁ ସୁଦ୍ଧା ହାତଛଡ଼ା କରୁ ନଥାଏ । ଫଳରେ ଈଶ୍ୱରବର୍ମା ଦ୍ୱିତୀୟ ଦିନ ସୁଦ୍ଧା ତା' ନିକଟରୁ ବିଦାୟ ନେଇପାରିଲା ନାହିଁ । ବରଂ ଏହି ଦୁଇଦିନ ମଧ୍ୟରେ ସେ ତାକୁ ପଚିଶ ଲକ୍ଷ ଟଙ୍କାର ଉପହାର ପ୍ରଦାନ କଲା ।

'ମୁଁ ବହୁ ଧନରତ୍ନ ଅର୍ଜନ କରିଛି, କିନ୍ତୁ ଆପଣଙ୍କ ପରି ପ୍ରେମିକ ପୁରୁଷ ପାଇନାହିଁ । ଆପଣ ଥିଲେ ମୋର ସବୁ କିଛି ଅଛି; ଏହି ଧନସମ୍ପଦ ନେଇ ମୁଁ କ'ଣ କରିବି ?' ଏହିପରି ମିଥ୍ୟା ଅନାଗ୍ରହ ଦେଖାଇ ଉପହାର ନେବାପାଇଁ ଅସମ୍ମତା ହେଉଥିବା ସୁନ୍ଦରୀକୁ ଲକ୍ଷ୍ୟ କରି ତା'ର ମାତା ମକରକଟୀ କହିଲା, 'ମା, ତୁ ତ ମୋର ଏକମାତ୍ର ସନ୍ତାନ । ମୋର ଯାହା ଧନସମ୍ପଦ ଅଛି, ସବୁତ ତାଙ୍କରି । ଏହିସବୁ ମଧ୍ୟ ନେଇ ସେଥିରେ ମିଶାଇ ଦେ । କ୍ଷତି କ'ଣ ?' ମା କଥା ଶୁଣି ସୁନ୍ଦରୀ ଅନିଚ୍ଛା ସତ୍ତ୍ୱେ ନେବାପରି ସେହି ଉପହାର ସବୁ ଗ୍ରହଣ କଲା । ଈଶ୍ୱରବର୍ମା ଏହାଦେଖି ବେଶ୍ୟାର କପଟ ଅନୁରାଗକୁ ଅକପଟ-ପ୍ରଣୟ ମନେକରି ଅତ୍ୟନ୍ତ ଆନନ୍ଦ ଅନୁଭବ କରିବାକୁ ଲାଗିଲା ।

ସୁନ୍ଦରୀର ରୂପ, ନୃତ୍ୟ, ସଙ୍ଗୀତ ପ୍ରଭୃତିରେ ମୁଗ୍ଧ ହୋଇ ଈଶ୍ୱରବର୍ମା ସେଠାରେ ରହୁ ରହୁ ଦୁଇମାସ ବିତିଗଲା । ଏହି ସମୟ ମଧ୍ୟରେ ସେ ସୁନ୍ଦରୀକୁ ଦୁଇକୋଟି ଟଙ୍କାର ସମ୍ପତ୍ତି ଦେଇସାରିଥାଏ । ଏହା ଦେଖି ତା'ର ମିତ୍ର ଅର୍ଥଦତ୍ତ ଆସି ଏକାନ୍ତରେ ତାକୁ

Digitized by srujanika@gmail.com

କହିଲା, 'ମିତ୍ର, ଏତେ ଯତ୍ନରେ ସେହି କୁଟ୍ଟନୀଠାରୁ ପାଇଥିବା ଶିକ୍ଷା ଭୀରୁର ଶସ୍ତ୍ରବିଦ୍ୟା ପରି ଉପଯୁକ୍ତ ଅବସରରେ ଭୁଲିଗଲ । ତୁମେ ଯଦି ଏହି ବେଶ୍ୟାର ପ୍ରେମକୁ ସତ୍ୟ ବୋଲି ଅନୁଭବ କରୁଥାଅ, ତେବେ ମରୁଭୂମିର ମରୀଚିକାରେ ଜଳ ଥିବା ନିଶ୍ଚିତ ବୋଲି ଭାବ । ଏଣୁ ନିଜର ସମସ୍ତ ଧନ ନିଃଶେଷ ହେବା ପୂର୍ବରୁ ଏଠାରୁ ଚାଲ ବାହାରିଯିବା । ତୁମେ ଏପରି ଭାବରେ ଧନତକ ଅପବ୍ୟୟ କରିଛ ବୋଲି ଜାଣିଲେ, ପିତା ତୁମକୁ କଦାପି କ୍ଷମା ଦେବେନାହିଁ ।'

ମିତ୍ରଠାରୁ ଏହା ଶୁଣି ଈଶ୍ୱରବର୍ମା କହିଲା, 'ସତକଥା, ବେଶ୍ୟାମାନଙ୍କୁ ବିଶ୍ୱାସ କରିବା ଉଚିତ ନୁହେଁ, କିନ୍ତୁ ଏହି ସୁନ୍ଦରୀ ଅନ୍ୟ ବେଶ୍ୟାମାନଙ୍କଠାରୁ ସ୍ୱତନ୍ତ୍ର । ତାକୁ ଅବିଶ୍ୱାସ କରାଯାଇନପାରେ । ସେ ମୋତେ ମୁହୂର୍ତ୍ତକପାଇଁ ନ ଦେଖିଲେ ଜୀବନ ଛାଡ଼ିଦେବ । ଏଣୁ ଯଦି ଯିବାକଥା, ଚାଲ, ତୁମେ ଯାଇ ତାକୁ ବୁଝାଇବ ।' ଈଶ୍ୱରବର୍ମାଠାରୁ ଏହାଶୁଣି ଅର୍ଥଦତ୍ତ ସୁନ୍ଦରୀ ନିକଟରେ ଯାଇ ପହଞ୍ଚିଲା । ସେ ତାକୁ ମକରକଟୀ ସମ୍ମୁଖରେ ହିଁ କହିଲା, 'ଈଶ୍ୱରବର୍ମା ପ୍ରତି ତୁମର ପ୍ରେମ ପ୍ରକୃତରେ ଅସାଧାରଣ । କିନ୍ତୁ ତାଙ୍କୁ ବର୍ତ୍ତମାନ ବାଣିଜ୍ୟ ବ୍ୟବସାୟ ପାଇଁ ସ୍ୱର୍ଣ୍ଣଦ୍ୱୀପକୁ ଯିବା ନିହାତି ଆବଶ୍ୟକ । ସେଠାରୁ ଅର୍ଥ ଉପାର୍ଜନ କରିବା ପରେ ସେ ତୁମ ନିକଟରେ ଦୀର୍ଘଦିନ ଧରି ରହିପାରିବେ । ଏଥିପାଇଁ ବର୍ତ୍ତମାନ ତାଙ୍କୁ ଯିବାକୁ ଦିଅ ।' ଏହାଶୁଣି ସୁନ୍ଦରୀ ଅଶ୍ରୁପୂର୍ଣ୍ଣ ଲୋଚନରେ ଈଶ୍ୱରବର୍ମାଙ୍କ ଆଡ଼େ ଚାହିଁ ଅର୍ଥଦତ୍ତକୁ କହିଲା, 'ସେକଥା ଆପଣମାନେ ହିଁ ଜାଣନ୍ତି, ମୁଁ ବା କ'ଣ କହିବି । ପରିଣତି ନ ଦେଖିଲେ କିଏ କାହାକୁ ବିଶ୍ୱାସ କରେ ! ମୋ ଭାଗ୍ୟରେ ବିଧାତା ଯାହା ଲେଖିଛି ।' ଏଥିରେ ତା'ର ମା ମକରକଟୀ କହିଲା, 'ତୋର ଏହି ପ୍ରଣୟୀ ଧନ ଉପାର୍ଜନ କରି ନିଶ୍ଚିତ ଭାବେ ଫେରିଆସିବେ । ସେ ତୋତେ କଦାପି ପରିତ୍ୟାଗ କରିବେ ନାହିଁ ।' ଏହିପରି ଆଶ୍ୱାସନା ଦେଇ ଏବଂ କନ୍ୟାକୁ ସମ୍ମତା କରାଇ ମକରକଟୀ ପଥ ପାର୍ଶ୍ୱରେ ଥିବା ଗୋଟିଏ କୂଅ ଭିତରେ ଗୋପନରେ ଜାଲ ବନ୍ଧାଇ ଦେଲା ।

ଏଣେ ଈଶ୍ୱରବର୍ମା ସୁନ୍ଦରୀର ଆଚରଣ ଦେଖି ଦ୍ୱନ୍ଦ୍ୱରେ ପଡ଼ିଥାଏ । ସୁନ୍ଦରୀ ଭାବୀ ବିରହ ଦୁଃଖରେ ପାନ ଭୋଜନ କମାଇ ଦେଇଥାଏ । ନୃତ୍ୟ, ଗୀତ, ବାଦ୍ୟ ପ୍ରଭୃତିରେ ସେ ଆଉ ଆଗ୍ରହ ପ୍ରକାଶ କରେନାହିଁ । ଈଶ୍ୱରବର୍ମା ତାକୁ ଧୈର୍ଯ୍ୟ ଓ ଆଶ୍ୱାସନା ଦେବାକୁ ଲାଗିଥାଏ । ଏହିପରି ଭାବରେ ବିଦାୟ ଦିବସ ଉପଗତ ହେଲା । ଈଶ୍ୱରବର୍ମା ସୁନ୍ଦରୀଠାରୁ ବିଦାୟ ନେଇ ତା'ର ବାସଭବନରୁ ନିର୍ଗତ ହେଲା । କୁଟ୍ଟନୀ ମକରକଟୀ ଏହି ଯାତ୍ରାରେ

Digitized by srujanika@gmail.com

ମଙ୍ଗଳ କାମନା କରି ମଙ୍ଗଳାରୋପଣ କଲା । ସୁନ୍ଦରୀ ଅଶ୍ରୁପୂର୍ଣ୍ଣ ଲୋଚନରେ ମା ସହିତ ତାକୁ ଜାଲ ବନ୍ଧାଥିବା ସେହି କୂଅ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଅଗ୍ରସର ହେଲା । ଯେତେବେଳେ ଈଶ୍ୱରବର୍ମା ସୁନ୍ଦରୀକୁ ସେଠାରୁ ଫେରାଇ ଦେଇ ଆଗକୁ ପାଦ ବଢ଼ାଇଲା, ସେତେବେଳେ ସୁନ୍ଦରୀ ସେହି କୂଅ ମଧ୍ୟକୁ ଡେଇଁ ପଡ଼ିଲା । ଏହା ଦେଖି ତା'ର ମା ଓ ପରିଚାରିକାମାନେ ଚିତ୍କାର କରିଉଠିଲେ । ଏହି ଚିତ୍କାର ଶୁଣି ଈଶ୍ୱରବର୍ମା ପୁଣି ସେଠାକୁ ଫେରିଆସିଲା ଏବଂ ସୁନ୍ଦରୀ କୂଅକୁ ଡେଇଁ ପଡ଼ିଥିବା ଦେଖି ମୂର୍ଚ୍ଛିତ ହେଲା ।

ଏହାପରେ କନ୍ୟାର ଏହିପରି ପରିସ୍ଥିତିରେ ପ୍ରଳାପ କରୁଥିବା ମକରକଟୀ ପୂର୍ବରୁ ନିଯୁକ୍ତ ଥିବା ସେବକମାନଙ୍କ ସାହାଯ୍ୟରେ କୂଅ ମଧ୍ୟକୁ ଓହ୍ଲାଇଲା । ସୁନ୍ଦରୀ ଜାଲ ଉପରେ ପଡ଼ିଥାଏ । ତାକୁ ତା' ମଧ୍ୟରୁ 'ଭାଗ୍ୟକୁ ବଞ୍ଚିଯାଇଛି' 'ଭାଗ୍ୟକୁ ବଞ୍ଚିଯାଇଛି' ବୋଲି ଚିତ୍କାର କରି ଧୀରେ ଧୀରେ ଉପରକୁ ଉଠାଇ ଆଣିଲା । ସୁନ୍ଦରୀ ମଧ୍ୟ ଜ୍ଞାନଶୂନ୍ୟ ହେବା ପରି ଅଭିନୟ କରୁଥାଏ । ଈଶ୍ୱରବର୍ମା ଚେତନା ଲାଭ କରି ତା' ନିକଟକୁ ଆସିବାରୁ ସେ ତାଙ୍କୁ ଅସ୍ପଷ୍ଟ ସ୍ୱରରେ କିଛି କହିବାକୁ ଲାଗିଲା ।

ଏହିପରି କିଛି ସମୟ ବିତିଗଲା । ସମସ୍ତେ ଆଶ୍ୱସ୍ତ ହେଲେ । ଈଶ୍ୱରବର୍ମା ପ୍ରସନ୍ନ ଚିତ୍ତରେ ନିଜର ଅନୁଚରମାନଙ୍କ ସହିତ ପୁଣି ସୁନ୍ଦରୀର ବାସଭବନକୁ ଫେରିଆସିଲା । ସେହି ବେଶ୍ୟାର ପ୍ରେମ ନିଷ୍କପଟ ପ୍ରେମ ବୋଲି ତା'ର ହୃଦ୍‌ବୋଧ ହେବାରୁ ସେ ନିଜ ଜନ୍ମକୁ ସାର୍ଥକ ମନେକଲା ଏବଂ ତାକୁ ପାଇଥିବା ଯୋଗୁଁ ସମସ୍ତ ଧନ ସମ୍ପଦ ପ୍ରାପ୍ତି ହେଲା ଭାବି ସ୍ୱର୍ଣ୍ଣଦ୍ୱୀପ ଯାତ୍ରା ଚିନ୍ତା ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କଲା ।

ସେଠାରେ ଭୋଗବିଳାସରେ ଏହିପରି କାଳ ଯାପନ କରୁଥିଲା ବେଳେ ଅର୍ଥଦତ୍ତ ଆସି ପୁଣି ତାକୁ କହିଲା, 'ମିତ୍ର ! ବେଶ୍ୟାର ମୋହରେ ପୁଣି ତୁମେ ନିଜର ସର୍ବନାଶ କଲ । କୂଅ ଭିତରକୁ ଡେଇଁ ପଡ଼ିଥିବା ଯୋଗୁଁ ତୁମେ ସୁନ୍ଦରୀର ପ୍ରେମକୁ ପ୍ରକୃତ ପ୍ରେମ ବୋଲି ବିଶ୍ୱାସ କରିଯିବା ଉଚିତ ନୁହେଁ । କୁଟ୍ଟନୀମାନଙ୍କର କୂଟ ଚକ୍ରାନ୍ତକୁ ସ୍ୱୟଂ ବ୍ରହ୍ମା ମଧ୍ୟ ଭେଦ କରିପାରନ୍ତି ନାହିଁ । ପିତାଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ଅର୍ଥ ଏହିପରି ଭାବରେ ଉଡ଼ାଇଦେଲେ ସେ ତୁମକୁ କ'ଣ କହିବେ ? ତୁମେ ତା'ପରେ କୁଆଡ଼େ ଯିବ ? ତେଣୁ ଯଦି ନିଜର ମଙ୍ଗଳ ଚାହଁ, ତେବେ ବର୍ତ୍ତମାନ ହିଁ ଏଠାରୁ ବାହାରି ଆସ ।' କିନ୍ତୁ ଈଶ୍ୱର ବର୍ମା ମିତ୍ର କଥାରେ କର୍ଣ୍ଣପାତ ନକରି ଶେଷ ତିନିକୋଟି ମୁଦ୍ରା ମଧ୍ୟ ସୁନ୍ଦରୀକୁ ସମର୍ପଣ କରିଦେଲା । ଏହିପରି ସମସ୍ତ ସମ୍ପତ୍ତି ଶେଷ ହୋଇଯିବା ପରେ କୁଟ୍ଟନୀ ମକରକଟୀ

Digitized by srujanika@gmail.com

ସେବକମାନଙ୍କ ଦ୍ୱାରା ଅର୍ଦ୍ଧଚନ୍ଦ୍ର ଦେଇ ଈଶ୍ୱରବର୍ମାକୁ ନିଜ ବାସଭବନରୁ ବହିଷ୍କାର କରିଦେଲା ।

ଏଣେ ଅର୍ଥଦତ୍ତ ପ୍ରଭୃତି ମିତ୍ରମାନେ ନିଜ ଦେଶକୁ ଫେରିଯାଇ ଈଶ୍ୱରବର୍ମାର ପିତାଙ୍କ ନିକଟରେ ସମସ୍ତ ଘଟଣା ବର୍ଣ୍ଣନା କଲେ । ରତ୍ନବର୍ମା ଏଥିରେ ଅତ୍ୟନ୍ତ ଦୁଃଖିତ ହୋଇ କୁଟ୍ଟନୀ ଯମଜିହ୍ୱା ନିକଟକୁ ଯାଇ କହିଲେ 'ତୋତେ ଏତେ ଟଙ୍କା ଦେଇ ପୁତ୍ରକୁ ଶିକ୍ଷା ଦେଲି, କିନ୍ତୁ ମକରକଟୀ ଅନାୟାସରେ ତାକୁ ଠକି ପାଞ୍ଚକୋଟି ଟଙ୍କା ନେଇଗଲା ।' ତାଙ୍କଠାରୁ ପୁତ୍ରର ସମସ୍ତ ବୃତ୍ତାନ୍ତ ଶୁଣି ବୃଦ୍ଧା କୁଟ୍ଟନୀ ଯମଜିହ୍ୱା କହିଲା, 'ତୁମେ ପୁତ୍ରକୁ କୌଶଳରେ ଏଠାକୁ ନେଇଆସ । ମୁଁ ତାକୁ ଏପରି ଶିକ୍ଷା ଦେବି ଯେ ସେ ମକରକଟୀର ସର୍ବସ୍ୱ ଅପହରଣ କରି ଆଣିବ ।'

କୁଟ୍ଟନୀ ଯମଜିହ୍ୱାର ଏପରି ପ୍ରତିଜ୍ଞା ଶୁଣି ରତ୍ନବର୍ମା ପୁତ୍ରର ହିତୈଷୀ ମିତ୍ର ଅର୍ଥଦତ୍ତକୁ ପ୍ରଚୁର ଅର୍ଥ ଦେଇ ଈଶ୍ୱରବର୍ମାକୁ ଆଣିବା ନିମନ୍ତେ ପ୍ରେରଣ କଲେ । ସେ ଯାଇ କାଞ୍ଚନପୁର ନଗରରେ ଉପସ୍ଥିତ ହେଲା ଏବଂ ଈଶ୍ୱରବର୍ମାକୁ କହିଲା, 'ମିତ୍ର, ତୁମେ ମୋ କଥା ଶୁଣିଲ ନାହିଁ । ବର୍ତ୍ତମାନ ବେଶ୍ୟାର ପ୍ରକୃତ ପ୍ରେମ କିପରି ଦେଖିଲ ତ ? ପାଞ୍ଚକୋଟି ମୁଦ୍ରା ବ୍ୟୟରେ ଅର୍ଦ୍ଧଚନ୍ଦ୍ର ପାଇବା ସାର ହେଲା । କେଉଁ ବୁଦ୍ଧିମାନ ଲୋକ ବେଶ୍ୟାଠାରେ ସ୍ନେହ ଓ ବାଲୁକାରାଶିରେ ତୈଳ ଥିବା ବିଶ୍ୱାସ କରିବ ? ତୁମକୁ ବା ଆଉ କ'ଣ କହିବି ? ଏହା ବସ୍ତୁର ସ୍ୱାଭାବିକ ଧର୍ମ । ଚତୁର ଓ ବୀର ପୁରୁଷମାନେ ସ୍ତ୍ରୀମାନଙ୍କ ବିଳାସବ୍ୟସନ ପ୍ରତି ଆକୃଷ୍ଟ ନହେବା ପର୍ଯ୍ୟନ୍ତ ପ୍ରକୃତ କଲ୍ୟାଣର ଭାଗୀ ହୋଇଥାଆନ୍ତି । ଏଣୁ ବର୍ତ୍ତମାନ ଚାଲ, ପିତାଙ୍କ ଶୋକ ଦୂର କର ।'

ତାବଦ୍‌ବିଦଗ୍‌ଧୋ ବୀରଶ୍ଚ ନରୋ ଭାଗୀ ଶୁଭସ୍ୟ ଚ
ଯାବତ୍ ପତତି ନୈବାସୋ ରାମା ବିଭ୍ରମଭୂମିଷୁ ।

ଅର୍ଥଦତ୍ତଙ୍କ ଆଶ୍ୱାସନା ବାଣୀରେ କିଛିଟା ଆଶ୍ୱସ୍ତ ହୋଇ ଈଶ୍ୱରବର୍ମା ପିତାଙ୍କ ନିକଟରେ ଯାଇ ଉପସ୍ଥିତ ହେଲା । ରତ୍ନବର୍ମା ମଧ୍ୟ ନିଜର ଏକମାତ୍ର ପୁତ୍ରକୁ ଦେଖି ପୁତ୍ର ସ୍ନେହବଶତଃ ତା'ର ସମସ୍ତ ଦୋଷ କ୍ଷମା କଲେ । ସେ ତାକୁ ସାଙ୍ଗରେ ନେଇ କୁଟ୍ଟନୀ ଯମଜିହ୍ୱା ନିକଟରେ ଉପସ୍ଥିତ ହେଲେ । ତାର ଜିଜ୍ଞାସାକ୍ରମେ ଈଶ୍ୱରବର୍ମା ସୁନ୍ଦରୀ କୂଅରେ ପଡ଼ିବାଠାରୁ ଆରମ୍ଭ କରି ସେ କିପରି ସମସ୍ତ ଧନସମ୍ପତ୍ତି ତାକୁ ଅର୍ପଣ କରିଥିଲା, ଏ ସମଗ୍ର ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କଲା । ଏଥିରେ ଯମଜିହ୍ୱା କହିଲା, 'ମୁଁ ହିଁ ପ୍ରକୃତରେ ଅପରାଧିନୀ । ମୁଁ ଏହାକୁ ବେଶ୍ୟାମାନଙ୍କର ସମସ୍ତ କୂଟ କପଟ ଶିକ୍ଷା ଦେଇଥିଲେ ହେଁ

Digitized by srujanika@gmail.com

ସେମାନଙ୍କର ଭାଷା ସମ୍ପର୍କରେ କିଛି କହିନଥିଲି । ମକରକଟୀ ପୂର୍ବରୁ କୂପ ମଧ୍ୟରେ ଜାଲ ବନ୍ଧାଇ ଦେଇଥିଲା । ଫଳରେ ସୁନ୍ଦରୀ ତା' ଉପରେ ପଡ଼ି ଲେଶମାତ୍ର କଷ୍ଟ ଭୋଗ କରିନଥିଲା । ବର୍ତ୍ତମାନ ମଧ୍ୟ ଏଥିପାଇଁ ଉପାୟ ଅଛି ।'

ଏହା କହି କୁଟ୍ଟନୀ ନିଜେ ପୋଷିଥିବା ଆଳ ନାମକ ମର୍କଟକୁ ଡକାଇ ଆଣିଲା । ତା ଆଗରେ ହଜାରେଟି ସ୍ୱର୍ଣ୍ଣମୁଦ୍ରା ରଖି ସେ ସବୁକୁ ଗିଳି ଦେବା ପାଇଁ ତାକୁ ନିର୍ଦ୍ଦେଶ ଦେଲା । ସେହି ଶିକ୍ଷିତ ବାନର ମଧ୍ୟ ଚାହୁଁଚାହୁଁ ସେ ସବୁକୁ ଗିଳି ପକାଇଲା । ତାପରେ ସେ ବାନରକୁ ଲକ୍ଷ୍ୟ କରି କହିଲା, 'ବାପ, ଏହାଙ୍କୁ କୋଡ଼ିଏଟି ସ୍ୱର୍ଣ୍ଣମୁଦ୍ରା ଦେ, ତାକୁ ପଚିଶଟି ଦେ, ଏଇ ଭଦ୍ରଲୋକଙ୍କୁ ଷାଠିଏଟି ଦେ, ମୋତେ ଶହେଟି ଦେ' । ଏହିପରି ଭିନ୍ନ ଭିନ୍ନ ସଂଖ୍ୟା ଉଚ୍ଚାରଣ କରନ୍ତେ ଆଳ ଯମଜିହ୍ୱା ଦେଇଥିବା ସ୍ୱର୍ଣ୍ଣମୁଦ୍ରାଗୁଡ଼ିକରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ମୁଦ୍ରା ବାନ୍ତି କରିବାକୁ ଲାଗିଲା । ଆଳର ଏହି କୌଶଳ ଦେଖାଇ କୁଟ୍ଟନୀ ଯମଜିହ୍ୱା ପୁଣି କହିଲା, 'ବତ୍ସ ! ତୁ ଏହି ବାନରଟିକୁ ନେଇଯା । ପୁଣି ସୁନ୍ଦରୀ ନିକଟରେ ପହଞ୍ଚି ପୂର୍ବପରି ତା' ସହିତ ମିଳାମିଶା କରିବା ପାଇଁ ଆରମ୍ଭ କର । ସମୟେ ସମୟେ ଏହି ବାନରକୁ ସ୍ୱର୍ଣ୍ଣମୁଦ୍ରା ମାଗି ସୁନ୍ଦରୀ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଚେଷ୍ଟା କର । ସେ ଧୀରେ ଧୀରେ ବାନରକୁ ଏକ ଚିନ୍ତାମଣି ମନେକରି ତା'ର ସର୍ବସ୍ୱ ପରିବର୍ତ୍ତେ ଏହାକୁ ନେବାପାଇଁ ଇଚ୍ଛା ପ୍ରକାଶ କରିବ । ତୁ ମଧ୍ୟ ତା'ଠାରୁ ଏହିପରି ତାର ସର୍ବସ୍ୱ ହସ୍ତଗତ କରି ଏବଂ ଆଳକୁ ଦୁଇଦିନ ପାଇଁ କିଛି ସ୍ୱର୍ଣ୍ଣମୁଦ୍ରା ଦେଇ ସେଠାରୁ ଶୀଘ୍ର ଚାଲି ଆସିବୁ ।'

ଏହା କହି ଯମଜିହ୍ୱା ସେହି ବାନରଟିକୁ ଈଶ୍ୱରବର୍ମା ହାତରେ ଅର୍ପଣ କଲା । ପିତା ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆଉ ଦୁଇକୋଟି ସ୍ୱର୍ଣ୍ଣମୁଦ୍ରା ଦେଲେ । ଏ ସବୁ ନେଇ ଈଶ୍ୱରବର୍ମା କାଞ୍ଚନପୁର ଯାତ୍ରା କଲା । ଦୂତମାନଙ୍କ ଦ୍ୱାରା ପୂର୍ବରୁ ତା'ର ଆସିବା ସମ୍ବାଦ ଜଣାଇ ପରଦିନ ସେ ପୁଣି ସୁନ୍ଦରୀର ବାସଭବନରେ ଯାଇ ଉପସ୍ଥିତ ହେଲା । ସୁନ୍ଦରୀ ମଧ୍ୟ ଈଶ୍ୱରବର୍ମାକୁ ପୁଣି ଧନସମ୍ପତ୍ତି ସହିତ ଦେଖି ପୂର୍ବପରି ସ୍ୱାଗତ ସତ୍କାର କଲା ଏବଂ ତା' ପ୍ରତି ନିଷ୍କପଟ ପ୍ରଣୟ ଥିବା ଅଭିନୟ ପୁଣି ଆରମ୍ଭ କଲା । ଈଶ୍ୱରବର୍ମା ମଧ୍ୟ ସମୟୋଚିତ ବାକ୍ୟବିନ୍ୟାସଦ୍ୱାରା ସୁନ୍ଦରୀ ମନରେ ବିଶ୍ୱାସ ଜାତ କରାଇଲା । କିଛି ସମୟ ପରେ ସେ ଅର୍ଥଦତ୍ତଙ୍କ ଦ୍ୱାରା ବାନର ଆଳକୁ ନିଜ ନିକଟକୁ ଡକାଇ ଆଣିଲା । ପୂର୍ବରୁ ଆଳ ଏକ ହଜାର ସ୍ୱର୍ଣ୍ଣମୁଦ୍ରା ଉଦରସ୍ଥ କରିଥାଏ । ତାକୁ ଦେଖି ଈଶ୍ୱରବର୍ମା କହିଲା, 'ବାପ, ଆଳ, ଖାଇବା ପିଇବା ପାଇଁ ଦୁଇଶତ ଏବଂ ପ୍ରସାଧନ ପାଇଁ ଏକ ଶତ ଏହିପରି ତିନିଶତ ମୁଦ୍ରା ବାହାର କର । ମକରକଟୀ ବ୍ରାହ୍ମଣମାନଙ୍କୁ କିଛି

Digitized by srujanika@gmail.com

ଦାନ କରିବେ । ତେଣୁ ତାଙ୍କୁ ମଧ ଏକ ଶତ ସ୍ୱର୍ଣ୍ଣମୁଦ୍ରା ଦେ ଏବଂ ଅବଶିଷ୍ଟ ସ୍ୱର୍ଣ୍ଣମୁଦ୍ରା ସୁନ୍ଦରୀଙ୍କୁ ଦେଇଦେ ।' ଈଶ୍ୱରବର୍ମାଙ୍କର ନିର୍ଦ୍ଦେଶକ୍ରମେ ବାନର ଆଳ ଭିନ୍ନ ଭିନ୍ନ ଭାବରେ ନିର୍ଦ୍ଦିଷ୍ଟ ସଂଖ୍ୟକ ସ୍ୱର୍ଣ୍ଣମୁଦ୍ରା ବାଣ୍ଟିକରି ପ୍ରତ୍ୟେକଙ୍କୁ ଦେବାକୁ ଲାଗିଲା । ଏହିପରି ଈଶ୍ୱରବର୍ମାର ନିର୍ଦ୍ଦେଶରେ ଆଳ ପନ୍ଦର ଦିନ ପର୍ଯ୍ୟନ୍ତ ଯାବତୀୟ ବ୍ୟୟ ପାଇଁ ପ୍ରତ୍ୟହ ଏକ ହଜାର ସ୍ୱର୍ଣ୍ଣମୁଦ୍ରା ଦେଉଥାଏ ।

ଆଳର ଏହି ବିସ୍ମୟକର ଆଚରଣ ଦେଖି ମକରକଟୀ ଓ ସୁନ୍ଦରୀ ଚିନ୍ତାକଲେ ଯେ ଈଶ୍ୱରବର୍ମା ବାନର ରୂପରେ ନିଶ୍ଚୟ ଚିନ୍ତାମଣି ସିଦ୍ଧ କରିଛି । ତେଣୁ ଚାହିଁବା ମାତ୍ରେ ବାନରଠାରୁ ପ୍ରତିଦିନ ସେ ଏକ ସହସ୍ର ମୁଦ୍ରା ପାଇପାରୁଛି । ଯଦି କୌଣସି ଉପାୟରେ ଏହାକୁ ହସ୍ତଗତ କରାଯାଇପାରିବ, ତେବେ ସେମାନଙ୍କର ସକଳ ମନୋରଥ ସିଦ୍ଧ ହେବ । ମାତା ଓ କନ୍ୟା ଏହିପରି ବିଚାରକରି ଦିନେ ଈଶ୍ୱରବର୍ମାକୁ ପାନ ଭୋଜନରେ ଆପ୍ୟାୟିତ କଲେ । ସେ ସୁନ୍ଦରୀ ସହିତ ଏକାନ୍ତରେ ନିଭୃତାଳାପ କରୁଥିବାବେଳେ ସୁନ୍ଦରୀ କହିଲା, 'ଯଦି ମୋ ପ୍ରତି ଆପଣଙ୍କର ପ୍ରକୃତ ପ୍ରେମ ଅଛି, ତା'ହେଲେ ଆପଣ ଏହି ଆଳକୁ ମୋତେ ପ୍ରଦାନ କରନ୍ତୁ ।' ଏହା ଶୁଣି ଈଶ୍ୱରବର୍ମା କୃତ୍ରିମ ହାସ୍ୟ ପ୍ରକାଶ କରି କହିଲା, 'ବାନରଟି ମୋର ସର୍ବସ୍ୱ । ଏଣୁ ଏହାକୁ ତୁମ ହସ୍ତରେ ଅର୍ପଣ କରିବା ମୋ ପକ୍ଷରେ ସମ୍ଭବ ନୁହେଁ ।' ଈଶ୍ୱରବର୍ମା ଏହିପରି ନିଜର ଅନିଚ୍ଛା ପ୍ରକାଶ କରନ୍ତେ ସୁନ୍ଦରୀ ପୁଣି ତାଙ୍କୁ କହିଲା, 'ଆଳ ବଦଳରେ ମୁଁ ତୁମକୁ ପାଞ୍ଚକୋଟି ଟଙ୍କା ଦେବି । ମୋତେ ଏଇଟିକୁ ଦେଇଦିଅ ।' ତଥାପି ଈଶ୍ୱରବର୍ମା ଏଥିରେ ସମ୍ମତ ହେଲେ ନାହିଁ । ସେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କହିଲେ, 'ପାଞ୍ଚକୋଟି କ'ଣ, ତୁ ଯଦି ତୋ'ର ସର୍ବସ୍ୱ କିମ୍ବା ଏହି ସମଗ୍ର ନଗରୀ ମଧ ପ୍ରଦାନ କରୁ ତେବେ ସୁଦ୍ଧା ମୁଁ ଆଳକୁ ପ୍ରଦାନ କରିପାରିବି ନାହିଁ ।' ଏଥିରେ ସୁନ୍ଦରୀ ତଥାପି ନିରାଶ ନହୋଇ କହିଲା, 'ମୁଁ ମୋର ସର୍ବସ୍ୱ ଅର୍ପଣ କଲି । ମା' ଏଥିରେ ମୋ ଉପରେ ରାଗିପାରେ । କିନ୍ତୁ ମୋର ବାନରଟି ଆବଶ୍ୟକ ।' ଏହା କହୁ କହୁ ସୁନ୍ଦରୀ ଈଶ୍ୱରବର୍ମାର ପାଦତଳେ ପଡ଼ିଗଲା । ଏହି ସମୟରେ ଅର୍ଥଦତ୍ତ ପ୍ରଭୃତି ମିତ୍ରମାନେ ଆସି ଈଶ୍ୱରବର୍ମାକୁ କହିଲେ, 'ବାନରଟିକୁ ନେବାପାଇଁ ସେ ଯଦି ଏତେ ବ୍ୟାକୁଳ, ଯାଉ, ତାକୁ ଦେଇଦିଅ । ଯାହା ହେବ ଦେଖାଯିବ ।' ଏଥିରେ ଈଶ୍ୱରବର୍ମା ସୁନ୍ଦରୀର ସର୍ବସ୍ୱ ପରିବର୍ତ୍ତେ ମର୍କଟଟିକୁ ଦେବାପାଇଁ ସମ୍ମତ ହେଲା । ଉଭୟେ ଉକ୍ତ ଦିନଟି ଆନନ୍ଦରେ ବିତାଇଦେଲେ । ପରଦିନ ପ୍ରଭାତରୁ ଈଶ୍ୱରବର୍ମା ଆଳକୁ ଦୁଇହଜାର ମୁଦ୍ରା ଗିଳିବା ପାଇଁ ନିର୍ଦ୍ଦେଶ ଦେଲା । ଆଳ ତା'ର ନିର୍ଦ୍ଦେଶ ପାଳନ କରିବା ପରେ ସେ ତାକୁ ନେଇ ସୁନ୍ଦରୀ ହସ୍ତରେ ଅର୍ପଣ କଲା ।

Digitized by srujanika@gmail.com

ସୁନ୍ଦରୀ ମଧ୍ୟ ପ୍ରତିବଦଳରେ ତା'ର ସମସ୍ତ ସମ୍ପତ୍ତି ଈଶ୍ୱରବର୍ମା ହସ୍ତରେ ସମର୍ପଣ କରନ୍ତେ ଈଶ୍ୱରବର୍ମା ସେ ସମସ୍ତ ଧରି ବାଣିଜ୍ୟ ନିମିତ୍ତ ସ୍ୱର୍ଣ୍ଣଦ୍ୱୀପ ଅଭିମୁଖରେ ଯାତ୍ରା କଲା ।

ମାତା ଓ କନ୍ୟା ବାନରଟିକୁ ଲାଭକରି ଅତ୍ୟନ୍ତ ଉଲ୍ଲସିତ ହୋଇଉଠିଲେ । ଦୁଇଦିନ ପର୍ଯ୍ୟନ୍ତ ଆଳ ସେମାନଙ୍କୁ ମାଗିବାମାତ୍ରେ କିଛି ମୁଦ୍ରା ଦେଉଥାଏ । ଏହିପରି ସେ ଦୁଇଦିନରେ ସେମାନଙ୍କୁ ଦୁଇ ସହସ୍ର ମୁଦ୍ରା ପ୍ରଦାନ କଲା; କିନ୍ତୁ ତୃତୀୟ ଦିନ ତାକୁ ପ୍ରେମରେ ବାରମ୍ୱାର ମାଗିଲେ ସୁଦ୍ଧା ସେ କିଛି ଦେଲାନାହିଁ । ଏଥିରେ ବିରକ୍ତ ହୋଇ ସୁନ୍ଦରୀ ତାକୁ ପ୍ରହାର କଲା । ଆଳ ଏଥିରେ କ୍ରୋଧାନ୍ୱିତ ହୋଇ ସୁନ୍ଦରୀ ଓ ମକରକଟୀ ଉଭୟଙ୍କ ମୁଖକୁ ନିଜର ଦାନ୍ତ ଓ ନଖଦ୍ୱାରା ରକ୍ତାକ୍ତ କରିପକାଇଲା । ଏଥିରେ ଆହୁରି ଉତ୍‌କ୍ଷିପ୍ତ ହୋଇ ମକରକଟୀ ତାକୁ ଏପରି ଭାବରେ ପ୍ରହାର କଲା ଯେ ଆଳର ପ୍ରାଣବାୟୁ ସେଠାରେ ହିଁ ଉଡ଼ିଗଲା ।

ଆଳକୁ ମୃତ ଓ ନିଜର ସର୍ବସ୍ୱ ଅପହୃତ ଦେଖି ଉଭୟ ମାତା ଓ କନ୍ୟା ଆତ୍ମହତ୍ୟା କରିବା ପାଇଁ ପ୍ରସ୍ତୁତ ହେଲେ । ସେମାନଙ୍କର ଏ ଅବସ୍ଥା ଦେଖି ଅନ୍ୟମାନେ ହସିବାକୁ ଲାଗିଲେ । 'କୂଅ ଭିତରେ କପଟ ଜାଲ ବାନ୍ଧି ଯା'ର ସର୍ବସ୍ୱ ଅପହରଣ କରିଥିଲା, ଏବେ ସେହି ଚତୁର ବ୍ୟକ୍ତିଟି ଆଳକୁ ପଠାଇ ଏହାକୁ ଠିକ୍ ଶାସ୍ତି ଦେଇପାରିଛି; କୁଟ୍ଟନୀ ଅନ୍ୟପାଇଁ ଜାଲ ବିଛାଇ ଥିଲା, ଏବେ ସେ ସେହି ଜାଲରେ ହିଁ ପଡ଼ିଲା' – ଏହିପରି କହି ଲୋକମାନେ ମକରକଟୀକୁ ଉପହାସ କରିବାକୁ ଲାଗିଲେ । ବର୍ତ୍ତମାନ ସେମାନଙ୍କର ରୂପ ନାହିଁ କି ସମ୍ପତ୍ତି ନାହିଁ । ତେଣୁ ଆତ୍ମହତ୍ୟା ହିଁ ଏକ ମାତ୍ର ପନ୍ଥା । କିନ୍ତୁ ବନ୍ଧୁ ସ୍ୱଜନମାନେ ବହୁ କଷ୍ଟରେ ସେମାନଙ୍କୁ ଏଥିରୁ ନିବୃତ୍ତ କଲେ ।

ଏଣେ ଈଶ୍ୱରବର୍ମା ସ୍ୱର୍ଣ୍ଣଦ୍ୱୀପରେ ବାଣିଜ୍ୟ ବ୍ୟବସାୟ କରି ଅପର୍ଯ୍ୟାପ୍ତ ଧନସମ୍ପତ୍ତି ଲାଭ କଲା ଏବଂ କିଛି ଦିନ ପରେ ଫେରି ଆସି ଚିତ୍ରକୂଟ ନଗରରେ ଉପସ୍ଥିତ ହେଲା । ଅନନ୍ତ ଧନରତ୍ନ ସହିତ ଫେରି ଆସିଥିବା ପୁତ୍ରକୁ ଦେଖି ପିତା ରତ୍ନବର୍ମା ଅତ୍ୟନ୍ତ ଆନନ୍ଦିତ ହେଲେ । କୁଟ୍ଟନୀ ଯମଜିହ୍ୱାର ଉପଯୁକ୍ତ ଶିକ୍ଷା ଫଳରେ ପୁତ୍ରର ସୌଭାଗ୍ୟ ଉଦୟ ହୋଇଥିବାରୁ ପୁରସ୍କାର ଦ୍ୱାରା ସେ ତାକୁ ସନ୍ତୁଷ୍ଟ କଲେ । ଗୃହରେ ଏଥିପାଇଁ ଉତ୍ସବ ପାଳିତ ହେଲା । ଈଶ୍ୱରବର୍ମା ମଧ୍ୟ ବେଶ୍ୟାମାନଙ୍କର ବ୍ୟବହାର ଅନୁଭବ କରି ସେହିଦିନଠାରୁ ସେମାନଙ୍କ ପ୍ରତି ବିରକ୍ତ ହୋଇପଡ଼ିଲା ଏବଂ ପିତାଙ୍କଦ୍ୱାରା ନିର୍ବାଚିତ କନ୍ୟାକୁ ବିବାହ କରି ଆନନ୍ଦରେ ଜୀବନ ଯାପନ କରିବାକୁ ଲାଗିଲା । ତେଣୁ ମହାରାଜ, ସ୍ତ୍ରୀ ହୃଦୟରେ ଏହିପରି କୂଟ କପଟ ବ୍ୟତୀତ ତିଳେମାତ୍ର ସତ୍ୟତା ନଥାଏ । ତେଣୁ

Digitized by srujanika@gmail.com

ଐଶ୍ୱର୍ଯ୍ୟକାମୀ ବ୍ୟକ୍ତିମାନେ ଶୁଷ୍କ ଅରଣ୍ୟ ତୁଲ୍ୟ ଏହି ଭୀଷଣ ବିଳାସିନୀ ନାରୀମାନଙ୍କ ପ୍ରଣୟରେ ଆସକ୍ତ ହେବା ଉଚିତ ନୁହେଁ ।

ଏବଂ ନରେଶ ବନିତାହୃଦୟେ ନ ଜାତୁ
କୂଟାବୃତେ ବସତି ସତ୍ୟକଥାଲବୋଽପି ।
ତତ୍ସ୍ୱାର୍ଥସାଧଗମନାସୁ ସଦୈବ ତାସୁ
ଶୂନ୍ୟାଟବୀଷ୍ୱିବ ରମେତ ନ ଭୂତିକାମଃ ॥

ମରୁଭୂତିଙ୍କଠାରୁ ଏହି ଆଳଜାଳ କଥା ଶୁଣି ଏବଂ ଏଥିରେ ବିଶ୍ୱାସ କରି ନରବାହନଦତ୍ତ ଓ ଅନ୍ୟ ମନ୍ତ୍ରୀମାନେ ହସିବାକୁ ଲାଗିଲେ ।

●

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ବେଶ୍ୟାମାନଙ୍କ କୃତ୍ରିମ ପ୍ରଣୟ ସମ୍ପର୍କରେ ମରୁଭୂତି ଯେଉଁ ଗଳ୍ପ କହିଲେ, ତାହା ଶୁଣି ସମସ୍ତେ ଆନନ୍ଦ ଲାଭ କଲେ । ଏହାପରେ ଗୋମୁଖ ମଧ୍ୟ ନିଜର କୃତିତ୍ୱ ଦେଖାଇବା ପାଇଁ ଅନ୍ୟ ଏକ ଗଳ୍ପ କହିବା ଆରମ୍ଭ କଲେ –

ରାଜା ବିକ୍ରମସିଂହ ଓ ବେଶ୍ୟା କୁମୁଦିକା କଥା

ପ୍ରତିଷ୍ଠାନ ନଗରୀରେ ବିକ୍ରମସିଂହ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ଯେପରି ଗୁଣବାନ୍ ସେହିପରି ପରାକ୍ରମଶାଳୀ ମଧ୍ୟ । ତାଙ୍କ ରାଣୀଙ୍କ ନାମ ଥିଲା ଶଶିଲେଖା । ଶଶିଲେଖା କୁଳୀନା ଏବଂ ସର୍ବାଙ୍ଗସୁନ୍ଦରୀ ।

ଏକଦା ନଗରୀ ମଧ୍ୟରେ ବାସ କରୁଥିବା ବିକ୍ରମସିଂହଙ୍କ ପାଞ୍ଚଜଣ ଭାଇ ଆସି ତାଙ୍କୁ ଆକ୍ରମଣ କଲେ । ଏମାନଙ୍କ ନାମ ଥିଲା ମହାଭଟ, ବୀରବାହୁ, ସୁବାହୁ, ସୁଭଟ ଓ ପ୍ରତାପାଦିତ୍ୟ । ଏମାନେ ସମସ୍ତେ ଅତ୍ୟନ୍ତ ବଳବାନ୍ ଥିଲେ । ସନ୍ଧି ସ୍ଥାପନା କରି ଏମାନଙ୍କୁ ଶାନ୍ତ କରିବା ପାଇଁ ମନ୍ତ୍ରୀ ଚେଷ୍ଟା କରୁଥିଲାବେଳେ, ରାଜା ବିକ୍ରମସିଂହ ମନ୍ତ୍ରୀମାନଙ୍କ ପରାମର୍ଶ ଗ୍ରହଣ ନକରି ଯୁଦ୍ଧପାଇଁ ନିର୍ଗତ ହେଲେ । ଉଭୟ ସେନା ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ରାଜା ବୀରତ୍ୱର ଅହମିକାରେ ଉନ୍ମତ୍ତ ହୋଇ ଶତ୍ରୁବାହିନୀ ମଧ୍ୟରେ ଯାଇ ପ୍ରବେଶ କଲେ । ତାଙ୍କ ହାତରେ କେବଳ ଧନୁଟିଏ ରହିଥିଲା । ତାରି ସାହାଯ୍ୟରେ ସେ ଶତ୍ରୁମାନଙ୍କୁ ଧ୍ୱସ୍ତବିଧ୍ୱସ୍ତ କରିବା ଦେଖି ପାଞ୍ଚଜଣଯାକ ରାଜପୁତ୍ର ଏକ ସଙ୍ଗରେ ତାଙ୍କୁ ଆକ୍ରମଣ କଲେ ।

ଏମାନଙ୍କର ପ୍ରବଳ ଆକ୍ରମଣରେ ବିକ୍ରମସିଂହଙ୍କ ସୈନ୍ୟମାନେ ଯୁଦ୍ଧଭୂମିରୁ ପଳାୟନ କରିବାକୁ ଲାଗିଲେ । ଏହା ଲକ୍ଷ୍ୟକରି ରାଜାଙ୍କ ନିକଟରେ ଥିବା ମନ୍ତ୍ରୀ ଅନନ୍ତଗୁଣ କହିଲେ, 'ମହାରାଜ, ଆମର ସୈନ୍ୟବାହିନୀ ଇତସ୍ତତଃ ପଳାୟନ କରୁଛନ୍ତି । ଏଣୁ ଆଉ

Digitized by srujanika@gmail.com

ବିଜୟର ସମ୍ଭାବନା ନାହିଁ । ଆମ୍ଭମାନଙ୍କର ପରାମର୍ଶ ନଶୁଣି ଆପଣ ବଳବାନ୍ ଶତ୍ରୁ ସହିତ ଯୁଦ୍ଧ କରିବା ପାଇଁ ଚାଲିଆସିଲେ । ବର୍ତ୍ତମାନ ବି ସମୟ ଅଛି । ଆମ କଥା ରକ୍ଷା କରନ୍ତୁ । ଆସନ୍ତୁ, ଏହି ହସ୍ତୀ ପୃଷ୍ଠରୁ ଓହ୍ଲାଇ ଯାଇ ଆମେ ଅଶ୍ୱ ଆରୋହଣପୂର୍ବକ ଅନ୍ୟ ରାଜ୍ୟକୁ ଚାଲିଯିବା । ଜୀବନରେ ଥିଲେ ଏହି ଶତ୍ରୁମାନଙ୍କୁ ପୁଣି ଜୟ କରିହେବ ।'

ମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରି ରାଜା ବିକ୍ରମସିଂହ ହସ୍ତୀ ପୃଷ୍ଠରୁ ଅବତରଣ କଲେ ଏବଂ ଅଶ୍ୱ ଆରୋହଣ କରି ଅନ୍ୟମାନଙ୍କ ଅଲକ୍ଷ୍ୟରେ ଯୁଦ୍ଧ ଭୂମିରୁ ନିଷ୍କ୍ରାନ୍ତ ହେଲେ । ଏହାପରେ ରାଜା ଓ ମନ୍ତ୍ରୀ ଉଭୟେ ଛଦ୍ମବେଶ ଧାରଣ ପୂର୍ବକ ଉଜ୍ଜୟିନୀ ନଗରୀରେ ଯାଇ ଉପସ୍ଥିତ ହେଲେ ।

ଉଜ୍ଜୟିନୀ ନଗରୀରେ କୁମୁଦିକା ନାମରେ ଏକ ପ୍ରଖ୍ୟାତ ସମ୍ପତ୍ତିଶାଳିନୀ ବେଶ୍ୟା ବାସ କରୁଥିଲା । ରାଜା ଓ ମନ୍ତ୍ରୀ ତା'ର ବାସଭବନ ନିକଟରେ ଯାଇ ଅବତରଣ କଲେ । ହଠାତ୍ ଏପରି ଜଣେ ପୁରୁଷକୁ ତା'ର ବାସଭବନରେ ପ୍ରବେଶ କରୁଥିବା ଦେଖି ସେ ତାଙ୍କୁ ଏକ ଅସାଧାରଣ ପୁରୁଷ ବୋଲି ମନେକଲା । ତାଙ୍କର ପୌରୁଷ ଓ ବୀରୋଚିତ ଲକ୍ଷଣରୁ ସେ ତାଙ୍କୁ ଜଣେ ରାଜପୁରୁଷ ବୋଲି ଧରିନେଇ ତାଙ୍କଦ୍ୱାରା ତା'ର ମନୋରଥ ସିଦ୍ଧ ହେବ ବୋଲି ମନେକଲା । ଏହିପରି ଚିନ୍ତା କରି ସେ ଦ୍ୱାର ପର୍ଯ୍ୟନ୍ତ ଆସି ତାଙ୍କର ସ୍ୱାଗତ କରିବା ସଙ୍ଗେ ସଙ୍ଗେ ରାଜାଙ୍କର ବିବିଧ ସତ୍କାର କରିବାକୁ ଲାଗିଲା । ଆନନ୍ଦର ସହିତ ସେଠାରେ ବିଶ୍ରାମ କରୁଥିବା ରାଜାଙ୍କୁ କୁମୁଦିକା ତାର ସ୍ୱଭାବ ସୁଲଭ କୋମଳ ସ୍ୱରରେ କହିଲା, 'ଆଜି ମୁଁ ପ୍ରକୃତରେ ଧନ୍ୟ ହେଲି ଏବଂ ପୂର୍ବଜନ୍ମାର୍ଜ୍ଜିତ ମୋର ସମସ୍ତ ପୁଣ୍ୟ ଆଜି ସଫଳ ହେଲା । ଆପଣ ଆଜି ମୋର ଅନ୍ତଃପୁରରେ ପଦାର୍ପଣ କରି ଏହାକୁ ପବିତ୍ର କରିଛନ୍ତି । ଏହି କୃପା ପ୍ରଦର୍ଶନ ଯୋଗୁଁ ମୁଁ ଆଜିଠାରୁ ଆପଣଙ୍କର କ୍ରୀତଦାସୀ ହୋଇ ରହିଲି । ମୋର ଏକ ଶତ ହସ୍ତୀ, ବିଂଶତି ସହସ୍ର ଅଶ୍ୱ ଓ ଅପର୍ଯ୍ୟାପ୍ତ ସମ୍ପତ୍ତି ଅଛି । ଆଜିଠାରୁ ଏ ସମସ୍ତ ଆପଣଙ୍କର, ଆପଣ ଏସବୁକୁ ନିର୍ବିକାର ଚିତ୍ତରେ ବ୍ୟବହାର କରିପାରନ୍ତି ।'

ଏହିପରି କହି କୁମୁଦିକା ରାଜାଙ୍କ ସେବାରେ ନିଜକୁ ନିଯୁକ୍ତ କଲା । ସେ ମନ୍ତ୍ରୀଙ୍କ ସହିତ ରାଜା ବିକ୍ରମସିଂହଙ୍କୁ ଦିବ୍ୟ ପାନ ଭୋଜନରେ ଆପ୍ୟାୟନ କରିବା ପାଇଁ ଚେଷ୍ଟା କରୁଥାଏ । ତାହାର ଏହି ଆତ୍ମସମର୍ପଣ ମନୋଭାବରେ ରାଜା ସମସ୍ତ ଦୁଃଖ ମଧ୍ୟରେ ସୁଦ୍ଧା କିଛିଟା ସୁଖ ଲାଭ କରୁଥାଆନ୍ତି । ସେ କୁମୁଦିକାର ସମସ୍ତ ସମ୍ପତ୍ତି ଉପଭୋଗ କରିବା ସଙ୍ଗେ ସଙ୍ଗେ ସେଥିରୁ ଦାନପୁଣ୍ୟ ମଧ୍ୟ କରୁଥାଆନ୍ତି । ତଥାପି କୁମୁଦିକା ଏଥିରେ ତିଳେମାତ୍ର ବିରକ୍ତି ପ୍ରକାଶ ନକରି ବରଂ ସନ୍ତୁଷ୍ଟ ହେଉଥାଏ ।

Digitized by srujanika@gmail.com

ଦିନେ ରାଜା ବିକ୍ରମସିଂହ ମନ୍ତ୍ରୀ ଅନନ୍ତଗୁଣଙ୍କ ସହିତ ଏକାନ୍ତରେ ବାର୍ତ୍ତାଳାପ କରୁଥିବାବେଳେ ବେଶ୍ୟାର ତାଙ୍କପ୍ରତି ଥିବା ଅନାବିଳ ଓ ନିଷ୍କପଟ ପ୍ରଣୟ କଥା ପ୍ରକାଶ କଲେ । ଏଥିରେ ମନ୍ତ୍ରୀ ଧୀର ସ୍ୱରରେ କହିଲେ, 'ମହାରାଜ, ବେଶ୍ୟାମାନଙ୍କ ହୃଦୟରେ ତ ସଦ୍‌ଭାବ ରହିପାରିବ ନାହିଁ । କିନ୍ତୁ କୁମୁଦିକା ଆପଣଙ୍କ ପ୍ରତି ଯେଉଁ ସଦ୍‌ଭାବ ପ୍ରକାଶ କରୁଛି, ଏହାର ରହସ୍ୟ କିଛି ବୁଝି ହେଉନାହିଁ ।' ରାଜା ଏଥିରେ ଏକମତ ହୋଇ ପାରିଲେ ନାହିଁ । ସେ ଦୃଢ଼ ସ୍ୱରରେ କହିଲେ, 'ନା, ଏହା ଯଥାର୍ଥ ନୁହେଁ, କୁମୁଦିକା ମୋପାଇଁ ଜୀବନ ଦେଇ ଦେବ । ଯଦି ଏଥିରେ ତୁମର ବିଶ୍ୱାସ ହେଉନଥାଏ, ତେବେ ମୁଁ ଏହା ପରୀକ୍ଷା କରି ଦେଖାଇ ଦେଇପାରେ ।'

ମନ୍ତ୍ରୀଙ୍କୁ ଏହା କହି ରାଜା ଏକ କପଟ ଜାଲ ରଚ଼ନା କଲେ । ସେ ପାନ ଭୋଜନ ନିୟନ୍ତ୍ରଣ କରି ନିଜକୁ ଦୁର୍ବଳ କରିଦେଲେ । ଏହିପରି କିଛି ଦିନ ଅସାଧ୍ୟ ପୀଡ଼ାର ଛଳନା କରି ଦିନେ ସେ ନିଜର ଶରୀରକୁ ମୃତପିଣ୍ଡ ତୁଲ୍ୟ ନିଶ୍ଚେଷ୍ଟ କରିପକାଇଲେ । ମନ୍ତ୍ରୀ ରାଜାଙ୍କ କପଟ ମୃତ୍ୟୁରେ ମିଥ୍ୟା ଦୁଃଖ ପ୍ରକାଶ କରିବାକୁ ଲାଗିଲେ । ରାଜାଙ୍କ ମୃତପିଣ୍ଡକୁ ଶବାଧାରରେ ରଖି ସେବକମାନଙ୍କଦ୍ୱାରା ଶ୍ମଶାନକୁ ନିଆଗଲା । କୁମୁଦିକା ଏହା ଶୁଣି ଶୋକ ବିହ୍ୱଳ ହୋଇ ଶ୍ମଶାନରେ ଯାଇ ପହଞ୍ଚିଲା । ସେ ବନ୍ଧୁ ପରିଜନଙ୍କ ଶତ ବାରଣ ସତ୍ତ୍ୱେ ରାଜାଙ୍କର ସହଗମନ କରିବା ପାଇଁ ଚିତା ଉପରେ ଯାଇ ପଡ଼ିଗଲା । ଚିତାଗ୍ନି ଜଳି ଉଠିବାକୁ ଆରମ୍ଭ କଲାମାତ୍ରେ ରାଜା କୁମୁଦିକାର ନିବିଡ଼ ପ୍ରେମର ପରାକାଷ୍ଠା ଦେଖି ନିଦରୁ ଉଠିବା ପରି ଚିତା ଉପରେ ଉଠି ବସିଲେ । ଏଥିରେ ଉପସ୍ଥିତ ଜନତା ଆଶ୍ଚର୍ଯ୍ୟଚ଼କିତ ହୋଇ ଉଠିଲେ ଏବଂ ବିଧାତାଙ୍କ କରଣିର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ରାଜା ଓ କୁମୁଦିକାକୁ ନେଇ ଶ୍ମଶାନରୁ ପ୍ରତ୍ୟାବର୍ତ୍ତନ କଲେ । ଏଥିପାଇଁ କୁମୁଦିକା ଭୂରିଭୋଜନରେ ସମସ୍ତଙ୍କୁ ଆପ୍ୟାୟନ କଲା । ରାଜା ମଧ୍ୟ ଧୀରେ ଧୀରେ ସୁସ୍ଥ ହେବାକୁ ଲାଗିଲେ ।

ଦିନେ ବିକ୍ରମସିଂହ ଏକାନ୍ତରେ ମନ୍ତ୍ରୀ ଅନନ୍ତଗୁଣଙ୍କ ନିକଟରେ ବେଶ୍ୟା କୁମୁଦିକାର ଭୂୟସୀ ପ୍ରଶଂସା କରି କହିଲେ, 'କୁମୁଦିକାର ପ୍ରେମ ଦେଖିଲେ ତ । ସେ ମୋ ପାଇଁ ପ୍ରାଣ ମଧ୍ୟ ବିସର୍ଜନ କରୁଥିଲା ।' ଏଥିରେ ମନ୍ତ୍ରୀ ଆଦୌ ଉତ୍ସାହିତ ନହୋଇ କହିଲେ, 'ମହାରାଜ, ମୁଁ ଏଥିରେ ତଥାପି ବିଶ୍ୱାସ କରିପାରୁ ନାହିଁ । କୁମୁଦିକା ନିଶ୍ଚୟ କିଛି ଅଭିସନ୍ଧି ରଖି ଏପରି ପ୍ରଣୟ ପ୍ରଦର୍ଶନ କରୁଅଛି । ଭବିଷ୍ୟତରେ ଏହା ସ୍ପଷ୍ଟ ହେବ । ଅବଶ୍ୟ ଆମପାଇଁ ଯିଏ ଅବାରିତ ଭାବରେ ଅଜସ୍ର ଦାନ କରିଚ଼ାଲିଛି, ତା' ନିକଟରେ ଆମର

Digitized by srujanika@gmail.com

ପରିଚୟ ଆଉ ଗୋପନ ରଖିବା ଉଚିତ ହେବନାହିଁ । ବରଂ ତାହା ନିକଟରେ ଆମର ପରିଚୟ ଦେଇ ସାହାଯ୍ୟ ଭିକ୍ଷା କରିବା ଉଚିତ ହେବ । ଫଳରେ କୁମୁଦିକାର ସେନାବାହିନୀ ସହ ଅନ୍ୟ ମିତ୍ର ରାଜାମାନଙ୍କର ସେନାକୁ ସମ୍ମିଳିତ କରିପାରିଲେ ଆମେ ଶତ୍ରୁମାନଙ୍କୁ ପରାଜିତ କରିପାରିବା ।'

ମନ୍ତ୍ରୀ ଅନନ୍ତଗୁଣ ଏହିପରି କହୁଥିବା ବେଳେ ଗୋପନୀୟ ଭାବରେ ଜଣେ ଗୁପ୍ତଚର ଆସି ଉପସ୍ଥିତ ହେଲା । ରାଜାଙ୍କ ଜିଜ୍ଞାସାକ୍ରମେ ସେ କହିଲା, 'ଶତ୍ରୁମାନେ ଆକ୍ରମଣ କରି ଆମ ଦେଶକୁ ଜୟ କରିସାରିଛନ୍ତି । ସେମାନଙ୍କଠାରୁ ଆପଣଙ୍କର ମିଥ୍ୟା ମୃତ୍ୟୁ ସମ୍ବାଦ ଶୁଣି ରାଣୀ ଶଶିଲେଖା ଚିତାଗ୍ନିରେ ପ୍ରବେଶକରି ସତୀତ୍ୱ ବରଣ କରିଛନ୍ତି ।' ଗୁପ୍ତଚରଠାରୁ ଏହି ଦୁଃସମ୍ବାଦ ଲାଭ କରି ରାଜା ବିକ୍ରମ ସିଂହ 'ହା ରାଣୀ,' 'ହା ସତୀ' ବୋଲି ଉଚ୍ଚସ୍ୱରରେ ବିଳାପ କରିବାକୁ ଲାଗିଲେ । ରାଜାଙ୍କର ଏହି ଅବସ୍ଥା ଦେଖି କୁମୁଦିକା ତାଙ୍କର ପ୍ରକୃତ ପରିଚୟ ଓ ସମସ୍ତ ବୃତ୍ତାନ୍ତ ଜାଣିପାରିଲା । ରାଜାଙ୍କୁ ଆଶ୍ୱାସନା ଦେଇ ସେ କହିବାକୁ ଲାଗିଲା, 'ଆପଣ ମୋତେ ପୂର୍ବରୁ କାହିଁକି ଆଦେଶ ଦେଲେ ନାହିଁ ? ବର୍ତ୍ତମାନ ସୁଦ୍ଧା ମୋର ସୈନ୍ୟବାହିନୀ ଆପଣଙ୍କର ଆଜ୍ଞାଧୀନ । ଆପଣ ଏହା ସାହାଯ୍ୟରେ ଶତ୍ରୁମାନଙ୍କୁ ବିନାଶ କରିପାରନ୍ତି ।'

କୁମୁଦିକାଠାରୁ ଏ ପ୍ରକାର ଅଯାଚିତ ସାହାଯ୍ୟ ଲାଭ କରି ରାଜା ତାହାର ଅର୍ଥ ବିନିମୟରେ ଏକ ଶକ୍ତିଶାଳୀ ସେନାବାହିନୀ ଗଠନ କଲେ । ପୁଣି ନିଜର ଜଣେ ଅନ୍ତରଙ୍ଗ ବନ୍ଧୁ ରାଜାଙ୍କଠାରୁ ସାହାଯ୍ୟ ଭିକ୍ଷା କରି ନିଜକୁ ଅଧିକ ଶକ୍ତିଶାଳୀ କଲେ । ଏହି ଉଭୟ ସେନାବାହିନୀ ସାହାଯ୍ୟରେ ସେ ଯଥା ସମୟରେ ସେହି ପାଞ୍ଚଜଣ ଶତ୍ରୁ-ରାଜାଙ୍କୁ ଜୟକରି ନିଜର ଅପହୃତ ରାଜ୍ୟ ପୁଣି ଫେରିପାଇଲେ ।

ରାଜାଙ୍କ ସୌଭାଗ୍ୟରେ କୁମୁଦିକା ମହୋତ୍ସବ ପାଳନ କଲା । ଦିନେ ରାଜାଙ୍କ ସହିତ ଏକାନ୍ତରେ ବସିଥିଲାବେଳେ ତା'ର ଏହି ଅଯାଚିତ ସହାୟତାର କାରଣ ଜାଣିବା ପାଇଁ ରାଜା ପଚାରିଲେ, 'ମୁଁ ତୁମ ପ୍ରତି ଏକାନ୍ତ ସନ୍ତୁଷ୍ଟ । ଏପରିକି ତୁମ ପାଇଁ ଜୀବନ ଦାନ କରିବା ନିମିତ୍ତ ମଧ୍ୟ କୁଣ୍ଠିତ ହେବି ନାହିଁ । ତୁମର କି ମନୋରଥ ମୁଁ ସିଦ୍ଧ କରିପାରେ, ଦୟାକରି ପ୍ରକାଶ କର ।' ରାଜାଙ୍କର ଆଗ୍ରହ ଦେଖି କୁମୁଦିକା ନିଜର ଚିର ବାଞ୍ଛିତ ଅଭିଳାଷ ପ୍ରକାଶ କରିବାକୁ ଯାଇ କହିଲା, 'ଦେବ ! ଯଦି ଆପଣ ମୋ ପ୍ରତି ପ୍ରକୃତରେ ପ୍ରସନ୍ନ, ତେବେ ମୋର ହୃଦୟରେ ବହୁଦିନରୁ ବିଦ୍ଧହୋଇ ରହିଥିବା ଗୋଟିଏ କଣ୍ଟକ ନିଷ୍କାସନ

Digitized by srujanika@gmail.com

କରିଦିଅନ୍ତୁ । ଉଜ୍ଜୟିନୀ ନଗରୀରେ ଶ୍ରୀଧର ବୋଲି ଜଣେ ବ୍ରାହ୍ମଣ ପୁତ୍ର ବାସ କରନ୍ତି । ସେ ମୋର ପ୍ରଣୟୀ । ତାଙ୍କର ଏକମାତ୍ର ସାଧାରଣ ଦୋଷ ଯୋଗୁଁ ରାଜା ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୟାକରି ଆପଣ ତାଙ୍କୁ କାରାଗାରରୁ ମୁକ୍ତ କରନ୍ତୁ । ମୁଁ ଆପଣଙ୍କୁ ପ୍ରଥମେ ଦେଖିବାମାତ୍ରେ ଆପଣଙ୍କର ଶୁଭ ଲକ୍ଷଣ ସବୁରୁ ଆପଣଙ୍କୁ ଜଣେ ଅସାଧାରଣ ବ୍ୟକ୍ତି ବୋଲି ଜାଣିପାରିଥିଲି । ଆପଣ ଯେ ମୋର ମନୋବାଞ୍ଛା ପୂରଣ କରିବାପାଇଁ ଏକାନ୍ତ ସମର୍ଥ ଏ ବିଶ୍ୱାସ ମୋର ଜାତ ହୋଇଥିଲା । ମୋର ଭବିଷ୍ୟତ କଲ୍ୟାଣ ଦୃଷ୍ଟିରୁ ମୁଁ ଆପଣଙ୍କର ସେବାକରି ଆସୁଛି । ଆପଣଙ୍କ ମୃତ୍ୟୁରେ ମୋର ସମସ୍ତ ଆଶା ବିଫଳ ହେବା ଦେଖି ଏବଂ ସେଥିପାଇଁ ମୋର ଜୀବନ ନିଷ୍ଫଳ ହେବା ମନେକରି ଚିତାଗ୍ନିରେ ଆତ୍ମବିସର୍ଜନ କରିବା ପାଇଁ ଚେଷ୍ଟା କରିଥିଲି ।'

ବେଶ୍ୟାଠାରୁ ଏହା ଶୁଣି ରାଜା, ମନ୍ତ୍ରୀ ଅନନ୍ତଗୁଣଙ୍କ ବାକ୍ୟ ସ୍ମରଣପୂର୍ବକ ଚିନ୍ତା କରିବାକୁ ଲାଗିଲେ ଯେ ବେଶ୍ୟାମାନଙ୍କ ହୃଦୟରେ ପ୍ରକୃତ ପ୍ରେମ ରହିବା ଅସମ୍ଭବ ବୋଲି ମନ୍ତ୍ରୀ ଯାହା କହିଥିଲେ, ଯଥାର୍ଥରେ ତାହା ସତ୍ୟ । ତଥାପି ବିଚାରୀ ମୋ ପାଇଁ ଯାହା ସବୁ କରିଛି, ତାହା ମଧ୍ୟ ପ୍ରକୃତରେ ଅପୂର୍ବ । ଏଣୁ ଏହାର ମନୋବାଞ୍ଛା ପୂରଣ କରିବାକୁ ହିଁ ହେବ । ଏହିପରି ଚିନ୍ତାକରି କୁମୁଦିକାକୁ ଆଶ୍ୱାସନା ଓ ଧୈର୍ଯ୍ୟ ପ୍ରଦାନପୂର୍ବକ ବିକ୍ରମସିଂହ ଉଜ୍ଜୟିନୀ ଆକ୍ରମଣ କଲେ । ନିଜର ବିପୁଳ ସେନାବାହିନୀ ସାହାଯ୍ୟରେ ସେ ଉଜ୍ଜୟିନୀ ଜୟକରି ଯଥାଶୀଘ୍ର ଶ୍ରୀଧରଙ୍କୁ ମୁକ୍ତ କରିଆଣିଲେ । ବିପୁଳ ଧନ ସମ୍ପତ୍ତି ସହ ତାଙ୍କୁ କୁମୁଦିକା ହସ୍ତରେ ଅର୍ପଣ କରି ରାଜା ସେମାନଙ୍କୁ ପ୍ରଭୂତ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିଜକୁ ଋଣମୁକ୍ତ କଲେ । ଏହାପରେ ସେ ମନ୍ତ୍ରୀମାନଙ୍କ ଉପଦେଶକୁ ଅକ୍ଷରଶଃ ପାଳନ କରି ଚିରକାଳପାଇଁ ରାଜସୁଖ ଉପଭୋଗ କରିବାକୁ ଲାଗିଲେ ।

ଏଥିରୁ ଆପଣ ଜାଣିପାରୁଥିବେ, ବେଶ୍ୟାମାନଙ୍କର ହୃଦୟ କିପରି ଅଗାଧ ଓ ଅଗମ୍ୟ ।

ଗୋମୁଖ ଏହିପରି ନିଜର ଗଳ୍ପଟି ଶୁଣାଇ ମୌନ ହେଲେ । ନରବାହନଦତ୍ତ ବେଶ୍ୟାମାନଙ୍କର ଏହି ଅଲୌକିକ କାହାଣୀ ଶୁଣି ଆନନ୍ଦିତ ହେବା ଲକ୍ଷ୍ୟକରି ତପନ୍ତକ କହିଲେ, 'ମହାରାଜ ! କେବଳ ବେଶ୍ୟାମାନଙ୍କର ନୁହେଁ, କୌଣସି ସ୍ତ୍ରୀ ଏପରିକି ବିବାହିତା ସ୍ତ୍ରୀମାନଙ୍କୁ ମଧ୍ୟ ବିଶ୍ୱାସ କରିବା ଉଚିତ ନୁହେଁ । ଏ ସମ୍ପର୍କରେ ଆମ ନଗର ମଧ୍ୟରେ ହିଁ ମୁଁ ଏକ ବିସ୍ମୟକର ଘଟଣା ଦେଖିଥିଲି । ତାହା କହୁଛି ଶୁଣନ୍ତୁ —

Digitized by srujanika@gmail.com

ବୈଶ୍ୟ ଶୀଳହର ଓ ଚନ୍ଦ୍ରଶ୍ରୀ କଥା

ଆମର ଏହି ନଗରୀ ମଧ୍ୟରେ ବଳବର୍ମା ନାମରେ ଜଣେ ବୈଶ୍ୟ ବାସ କରୁଥିଲା । ତା'ର ସ୍ତ୍ରୀର ନାମ ଥିଲା ଚନ୍ଦ୍ରଶ୍ରୀ । ଦିନେ ଚନ୍ଦ୍ରଶ୍ରୀ ଗବାକ୍ଷ ମାର୍ଗରୁ ଶୀଳହର ନାମକ କୌଣସି ସୁନ୍ଦର ବୈଶ୍ୟପୁତ୍ରକୁ ଦେଖି ତାହା ପ୍ରତି ଆସକ୍ତା ହେଲା । ନିଜର ସଖୀଦ୍ୱାରା ତାହାକୁ ସଖୀ ଗୃହକୁ ଡକାଇ ଆଣି କାମୋନ୍ମତ୍ତା ଚନ୍ଦ୍ରଶ୍ରୀ ସେହି ବୈଶ୍ୟପୁତ୍ର ସହ ଗୁପ୍ତ ପ୍ରଣୟରେ ଲିପ୍ତ ହେଲା ।

ପ୍ରତିଦିନ ଗୋପନରେ ଚନ୍ଦ୍ରଶ୍ରୀ ଶୀଳହର ସହିତ ରତିକ୍ରୀଡ଼ା କରୁଥାଏ । ଧୀରେ ଧୀରେ ସେମାନଙ୍କର ଏହି ଗୁପ୍ତପ୍ରୀତି ବାହାରେ ପ୍ରକାଶିତ ହେଲା । ଭୃତ୍ୟ, ପରିଚାରକ ଓ ବନ୍ଧୁସ୍ୱଜନ ଏକଥା ଜାଣିବାକୁ ପାଇଲେ । କିନ୍ତୁ କେବଳ ବଳବର୍ମା ଏହା ଜାଣି ନଥାଏ । ପ୍ରକୃତରେ ପ୍ରେମାନ୍ଧ ବ୍ୟକ୍ତିମାନେ ପତ୍ନୀର ଦୁରାଚାର କଥା ମଧ୍ୟ ଜାଣିପାରନ୍ତି ନାହିଁ ।

ପ୍ରାୟେଣ ଭାର୍ଯ୍ୟାଦୌଃଶୀଲ୍ୟଂ ସ୍ନେହାନ୍ଧୋ ନେକ୍ଷତେ ଜନଃ ।

ଏହିପରି କିଛି ଦିନ ବିତିଗଲା । ବଳବର୍ମା ଦାହଜ୍ୱରରେ ପୀଡ଼ିତ ହୋଇ ଶେଷ ଅବସ୍ଥାରେ ଆସି ପହଞ୍ଚିଥାଏ । ପତିର ଏହି ଅବସ୍ଥାରେ ମଧ୍ୟ ଚନ୍ଦ୍ରଶ୍ରୀ ସଖୀ ଗୃହରେ ନିଜର ପ୍ରଣୟକ୍ରୀଡ଼ା ଅବ୍ୟାହତ ରଖିଥାଏ । ଦିନେ ସେ ନିଜର ଉପପତି ସହ ରତିକ୍ରୀଡ଼ାରେ ଲିପ୍ତ ଥିବାବେଳେ ତା'ର ପତି ବଳବର୍ମା ଶେଷ ନିଃଶ୍ୱାସ ତ୍ୟାଗ କଲା । ଏହି ସମ୍ବାଦ ଲାଭ କରି ଚନ୍ଦ୍ରଶ୍ରୀ ଶୀଳହରଠାରୁ ଅନୁମତି ନେଇ ସ୍ୱଗୃହରେ ଆସି ଉପସ୍ଥିତ ହେଲା । ସେ ପତିଙ୍କର ଚିତାଗ୍ନିରେ ଆତ୍ମାହୁତି ଦେବାପାଇଁ ପ୍ରସ୍ତୁତ ହେଉଥିବା ଦେଖି, ତାର ଚରିତ୍ର ସମ୍ପର୍କରେ ଜାଣିଥିବା ବନ୍ଧୁ ପରିଜନମାନେ ତାକୁ ସେଥିରୁ ନିବୃତ୍ତ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ସେମାନଙ୍କ ବାରଣ ସତ୍ତ୍ୱେ ଚନ୍ଦ୍ରଶ୍ରୀ ପତିଙ୍କ ଚିତାଗ୍ନିରେ ଆତ୍ମବିସର୍ଜନ କଲା ।

ଏଣୁ ସ୍ତ୍ରୀମାନଙ୍କର ମନୋଭାବ ଅତ୍ୟନ୍ତ ବିଚିତ୍ର ।

ଇତ୍ଥଂ ଦୁରବଧାର୍ଯ୍ୟୈବ ସ୍ତ୍ରୀ ଚିତ୍ତସ୍ୟ ଗତିଃ କିଳ ।

ସେମାନେ ପତିଙ୍କ ଜୀବିତାବସ୍ଥାରେ ପରପୁରୁଷ ସହ ଗୁପ୍ତ ପ୍ରଣୟରେ ଲିପ୍ତ ରହିପାରନ୍ତି ଏବଂ ପତିଙ୍କ ମୃତ୍ୟୁରେ ତାଙ୍କର ସହଗମନ ମଧ୍ୟ କରିପାରନ୍ତି ।

ତପନ୍ତକଙ୍କଠାରୁ ଏହି ଗଳ୍ପ ଶ୍ରବଣ କରି ହରିଶିଖ କହିଲେ, 'ଏ ସମ୍ପର୍କରେ ଦେବଦାସଙ୍କ କଥା ମଧ୍ୟ ଶୁଣନ୍ତୁ —

Digitized by srujanika@gmail.com

ଦୁଃଶୀଳା ଓ ଦେବଦାସ କଥା

ପ୍ରାଚୀନ କାଳରେ କୌଣସି ଗ୍ରାମରେ ଦେବଦାସ ନାମକ ଜଣେ ବ୍ୟକ୍ତି ନିଜର ପରିବାର ସହିତ ବାସ କରୁଥିଲା । ସାର୍ଥକ ନାମବତୀ ଦୁଃଶୀଳା ଥିଲା ତାର ପତ୍ନୀ । ଅନ୍ୟ ପୁରୁଷ ସହିତ ଦୁଃଶୀଳାର ପାପ ସମ୍ପର୍କ ଥିବା କଥା ତାହାର ସାଇପଡ଼ିଶା ସମସ୍ତେ ଜାଣିଥିଲେ ।

ଏକଦା ଦେବଦାସ କାର୍ଯ୍ୟବଶତଃ ରାଜଭବନକୁ ଯାଇଥାଏ, ତାକୁ ହତ୍ୟା କରିବା ପାଇଁ ଚାହୁଁଥିବା ତାହାର ସ୍ତ୍ରୀ ଏହି ଅବସରରେ ନିଜର ପ୍ରେମିକକୁ ଆଣି ଗୃହର ଭାଡ଼ି ଉପରେ ଲୁଚାଇ ରଖିଥାଏ । ସନ୍ଧ୍ୟା ସମୟରେ ଦେବଦାସ ଗୃହକୁ ଫେରିଆସି ପାନଭୋଜନ ଶେଷ କରି ଶୟନ କଲା । ମଧ୍ୟରାତ୍ରରେ ଦୁଃଶୀଳା ନିଜର ସେହି ଗୁପ୍ତ ପ୍ରେମିକଦ୍ୱାରା ଦେବଦାସକୁ ହତ୍ୟା କରାଇଲା ଏବଂ ଅନ୍ୟମାନଙ୍କ ଅଗୋଚରରେ ତାକୁ ଅନ୍ୟତ୍ର ପଠାଇ ଦେଲା । ଏହାପରେ ସେ ନୀରବରେ ରାତ୍ରିଟି ବିତାଇଦେଇ ପ୍ରଭାତରୁ 'ଚୋରମାନେ ମୋର ପତିଙ୍କୁ ମାରି ପକାଇଲେ' ବୋଲି ଚିତ୍କାର କରିବାକୁ ଲାଗିଲା । ଏହାଶୁଣି ତାହାର ପଡ଼ୋଶୀମାନେ ଆସି ସେଠାରେ ରୁଣ୍ଡ ହେଲେ । ସେମାନେ ଗୃହର ଅବସ୍ଥା ଲକ୍ଷ୍ୟ କରି କହିଲେ, 'ଯଦି ଚୋରମାନେ ତୋର ପତିକୁ ହତ୍ୟା କଲେ, ସେମାନେ ଘରୁ କିଛି ଧନସମ୍ପଦ ନନେଇ ଚାଲିଗଲେ କିପରି ?' ଏହିପରି ସନ୍ଦେହ ପ୍ରକାଶ କରି ପଡ଼ୋଶୀମାନେ ନିକଟରେ ଠିଆ ହୋଇଥିବା ଶିଶୁ ବାଳକଟିକୁ ପିତାର ମୃତ୍ୟୁ ସମ୍ପର୍କରେ ପଚାରନ୍ତେ ସେ ସ୍ପଷ୍ଟ ଭାବରେ କହିଲା, 'ଦିନ ଥାଉ ଥାଉ ଜଣେ ଯୁବକ ଆସି ଆମ ଘରର ଭାଡ଼ି ଉପରେ ଲୁଚି ରହିଥିଲା । ସେହି ଯୁବକ ହିଁ ରାତିରେ ସେଠାରୁ ଓହ୍ଲାଇ ପିତାଙ୍କୁ ହତ୍ୟା କଲା । ମୁଁ ନିକଟରେ ଠିଆ ହୋଇ ଏହା ଦେଖୁଥାଏ । ଅବଶ୍ୟ ରାତିରେ ମୁଁ ପିତାଙ୍କ ନିକଟରେ ଶୋଉଥିବା ହେତୁ ମା ମୋତେ ପୂର୍ବରୁ ସେଠାରୁ ଉଠାଇ ନେଇଥିଲେ ।'

ବାଳକଠାରୁ ଏହା ଶୁଣି ଲୋକମାନେ ପ୍ରକୃତ କଥା ବୁଝିପାରିଲେ । ଦୁଃଶୀଳାର ପ୍ରେମିକ ଯେ ପ୍ରକୃତ ହତ୍ୟାକାରୀ ଏଥିରେ ସେମାନଙ୍କର ସନ୍ଦେହ ରହିଲା ନାହିଁ । ଏଣୁ ସେହି ହତ୍ୟାକାରୀକୁ ଖୋଜି ଆଣି ସେମାନେ ତାକୁ ହତ୍ୟା କଲେ ଏବଂ ଶିଶୁ ସନ୍ତାନଟିକୁ ନିଜ ହେପାଜତରେ ରଖି ଦୁଃଶୀଳାକୁ ଗାଁରୁ ବାହାର କରିଦେଲେ ।

ଏହିପରି ପରପୁରୁଷ ପ୍ରତି ଆସକ୍ତା ଦୁଷ୍ଟଚରିତ୍ରା ରମଣୀମାନେ ନିଜର ସ୍ୱାମୀକୁ ମଧ୍ୟ ହତ୍ୟା କରିଥାଆନ୍ତି ।

Digitized by srujanika@gmail.com

ହରିଶିଖଙ୍କ ଗଳ୍ପ ଶେଷହେବା ଦେଖି ଗୋମୁଖ ପୁଣି କହିବା ପାଇଁ ଆରମ୍ଭ କଲେ, 'ଅନ୍ୟମାନଙ୍କ କଥା ଛାଡ଼ନ୍ତୁ, ବତ୍ସରାଜଙ୍କ ପ୍ରିୟ ସେବକ ବଜ୍ରସାରର ହାସ୍ୟୋଦ୍ଦୀପକ ବୃତ୍ତାନ୍ତ ବୋଧହୁଏ ଆପଣମାନେ ଜାଣି ନାହାନ୍ତି । ଶୁଣନ୍ତୁ –

ବଜ୍ରସାର କଥା

ଆପଣମାନେ ଜାଣନ୍ତି ବଜ୍ରସାର ଯେପରି ବୀର ସେହିପରି ସୁନ୍ଦର ମଧ୍ୟ । ସେ ମାଳବ ଦେଶର କୌଣସି ପରିବାରରେ ବିବାହ କରିଛି । ତାର ସ୍ତ୍ରୀ ମଧ୍ୟ ଅତ୍ୟନ୍ତ ସୁନ୍ଦରୀ । ସେ ନିଜର ଏହି ସୁନ୍ଦରୀ ପତ୍ନୀକୁ ପ୍ରାଣ ଅପେକ୍ଷା ଅଧିକ ଭଲପାଏ ।

ଏକଦା ବଜ୍ରସାରର ଶ୍ୱଶୁର ଓ ଶାଳକ ମାଳବ ଦେଶରୁ ଆସି ପହଞ୍ଚିଲେ । ସେମାନେ କନ୍ୟା ଓ ଜାମାତାଙ୍କୁ ନିମନ୍ତ୍ରଣ କରିବା ପାଇଁ ଆସିଥାଆନ୍ତି । କିଛିଦିନ କନ୍ୟାଗୃହରେ ବାସ କଲାପରେ ସେମାନେ ମାଳବ ପ୍ରତ୍ୟାବର୍ତ୍ତନ କଲେ । ବଜ୍ରସାର ମଧ୍ୟ ବତ୍ସରାଜଙ୍କ ଅନୁମତି ନେଇ ପତ୍ନୀ ସହିତ ଶ୍ୱଶୁରାଳୟ ଯାତ୍ରା କଲା । ଶ୍ୱଶୁରାଳୟରେ ପ୍ରାୟ ଗୋଟିଏ ମାସ ରହିବା ପରେ ସେ ରାଜକାର୍ଯ୍ୟରେ ଯୋଗ ଦେବାପାଇଁ ପୁଣି କୌଶାମ୍ବୀ ଫେରିଆସିଲା । କିନ୍ତୁ ତାର ପତ୍ନୀ ପିତୃଗୃହରେ ଆଉ କିଛି ଦିନ ରହିବା ପାଇଁ ତାଠାରୁ ଅନୁମତି ନେଲା ।

ଏହିପରି ବଜ୍ରସାର ଏକାକୀ କୌଶାମ୍ବୀରେ ବାସ କରୁଥାଏ । ଦିନେ ତାର ମିତ୍ର କ୍ରୋଧନ ହଠାତ୍ ବ୍ୟସ୍ତ ହୋଇ ଆସି କହିଲା, 'ମିତ୍ର, ତୁମର ଘର ଉଚ୍ଛନ୍ନ ହୋଇଗଲା । ତୁମେ ସ୍ତ୍ରୀକୁ ଶ୍ୱଶୁର ଗୃହରେ ଛାଡ଼ି ଆସିବା ଠିକ୍ ହେଲାନାହିଁ । ସେ ବର୍ତ୍ତମାନ ଅନ୍ୟ ପୁରୁଷ ସହ ଗୁପ୍ତ ପ୍ରଣୟରେ ଲିପ୍ତ । ଆଜି ମାଳବରୁ ଆସିଥିବା ମୋର ଜଣେ ବନ୍ଧୁଙ୍କଠାରୁ ଏକଥା ଶୁଣି ମୁଁ ବ୍ୟସ୍ତହୋଇ ପଡ଼ିଲି । ଏହାକୁ ତୁମେ କୌତୁକ ବୋଲି ମନେ କରନାହିଁ । ଏଣୁ ସେହି ପାପିନୀକୁ ଦଣ୍ଡ ଦେବା ପାଇଁ ତୁମେ ଅନ୍ୟ ସ୍ତ୍ରୀ ବିବାହ କର ।'

କ୍ରୋଧନ ଏହା କହି ଚାଲିଯିବା ପରେ ବଜ୍ରସାର କିଛି ସମୟ ପାଇଁ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲା । ସେ ପୂର୍ବରୁ ଥରେ ଲୋକ ପଠାଇବା ସତ୍ତ୍ୱେ ତାର ସ୍ତ୍ରୀ ଆସିନଥିଲା । ଏଣୁ ମିତ୍ରର କଥା ସତ୍ୟ ବୋଲି ତା'ର ମନେହେଲା । ଏଥିପାଇଁ ସେ ନିଜେ ଯାଇ ସ୍ତ୍ରୀକୁ ଆଣିବ ବୋଲି ମନେମନେ ନିଶ୍ଚୟ କଲା ।

ପରଦିନ ହିଁ ବଜ୍ରସାର ବତ୍ସରାଜଙ୍କଠାରୁ ଅନୁମତି ନେଇ ମାଳବ ଅଭିମୁଖରେ ଯାତ୍ରା କଲା । ସେଠାରୁ ଶାଶୁ ଶ୍ୱଶୁରଙ୍କୁ କହି ନିଜର ସ୍ତ୍ରୀ ସହିତ କୌଶାମ୍ବୀ ଫେରି ଆସିଲା ।

Digitized by srujanika@gmail.com

କିଛି ଦୂର ଆସିବା ପରେ ସେ ନିଜର ସହଯାତ୍ରୀମାନଙ୍କୁ ଭୁଲାଇ ସ୍ତ୍ରୀକୁ ନେଇ ଏକ ନିଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କଲା । ସେହି ନିର୍ଜନ ଅରଣ୍ୟ ମଧ୍ୟରେ ସେ ସ୍ତ୍ରୀକୁ ଅଟକାଇ କହିଲା, 'ମୁଁ ମୋର ଜଣେ ଅତ୍ୟନ୍ତ ବିଶ୍ୱସ୍ତ ମିତ୍ରଙ୍କଠାରୁ ଶୁଣିବାକୁ ପାଇଲି ଯେ, ତୁ ପରପୁରୁଷ ପ୍ରତି ଆସକ୍ତା । ମୁଁ ତୋତେ ଆଣିବାପାଇଁ ଯେଉଁ ଭୃତ୍ୟକୁ ପଠାଇଥିଲି, ତାହା ସହିତ ମଧ୍ୟ ତୁ ଆସିଲୁ ନାହିଁ । ବର୍ତ୍ତମାନ ସତ୍ୟକଥା ପ୍ରକାଶ କର । ନୋଚେତ୍ ଏହିଠାରେ ହିଁ ତୋତେ ହତ୍ୟା କରିବି ।' ବଜ୍ରସାରର କଥା ଶୁଣି ତାର ସ୍ତ୍ରୀ କହିଲା, 'ଯଦି ମୁଁ ନଷ୍ଟଚରିତ୍ରା ବୋଲି ତୁମର ବିଶ୍ୱାସ ହେଉଛି, ତେବେ ମୋତେ ଆଉ ପଚାରିବାର କ'ଣ ଅଛି ? ତୁମେ ଯାହା ଉଚିତ ମନେକରୁଛ, ତାହା କର ।'

ସ୍ତ୍ରୀର ଏହିପରି ଉପେକ୍ଷାପୂର୍ଣ୍ଣ ଉତ୍ତରରେ କ୍ରୋଧାନ୍ୱିତ ହୋଇ ବଜ୍ରସାର ତାକୁ ଗୋଟିଏ ବୃକ୍ଷରେ ବନ୍ଧନ କରି ଲତାଦ୍ୱାରା ପ୍ରହାର କରିବାକୁ ଲାଗିଲା । ଉତ୍ତେଜିତ ବଜ୍ରସାର ସ୍ତ୍ରୀର ପରିଧେୟଟିକୁ ଟାଣି ଦେବା ଫଳରେ ସେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇପଡ଼ିଲା । ବହୁଦିନ ଧରି ସ୍ତ୍ରୀଠାରୁ ଦୂରରେ ରହିଥିବା ଯୋଗୁଁ ସ୍ତ୍ରୀର ନଗ୍ନ ସୌନ୍ଦର୍ଯ୍ୟ ବଜ୍ରସାର ମନରେ କାମଭାବ ଉଦ୍ରେକ କଲା ଏବଂ ସେହିଠାରେ ହିଁ ତାକୁ ରମଣ କରିବାର ଆକାଂକ୍ଷା ତା' ମନରେ ବଳବତୀ ହୋଇଉଠିଲା । ସ୍ତ୍ରୀର ବନ୍ଧନ ଖୋଲିଦେଇ ସେ ଯେତେବେଳେ ତାକୁ ଆଲିଙ୍ଗନ କରିବା ପାଇଁ ଉଦ୍ୟତ ହେଲା, ସେତେବେଳେ ସ୍ତ୍ରୀ ଏହାର ବିରୋଧ କଲା । ବଜ୍ରସାର ବାରମ୍ବାର ବ୍ୟାକୁଳ ପ୍ରାର୍ଥନା କରନ୍ତେ ସେ କହିଲା, 'ତୁ ଯେପରି ମୋତେ ବାନ୍ଧି ପ୍ରହାର କରୁଥିଲୁ, ମୁଁ ସେହିପରି ତୋତେ ଏହି ବୃକ୍ଷରେ ବାନ୍ଧି ପ୍ରହାର କରିବାପରେ ହିଁ ତୋର ଆକାଂକ୍ଷା ପୂରଣ କରିବି, ନୋଚେତ୍ ନୁହେଁ ।'

କାମ ଉତ୍ତେଜନାବଶତଃ ମୂର୍ଖ ବଜ୍ରସାର ଏଥିରେ ସମ୍ମତ ହୋଇଗଲା । ଆଶ୍ଚର୍ଯ୍ୟର କଥା କାମଦେବ ବଜ୍ରସାରକୁ ତୃଣସାର କରିଦେଲେ । ଫଳରେ ସେହି ଦୁଷ୍ଟାସ୍ତ୍ରୀ ତାକୁ ବୃକ୍ଷରେ ବନ୍ଧନ କରିଦେଇ ତା'ର ନାସାକର୍ଣ୍ଣ କର୍ତ୍ତନ କରିଦେଲା ଏବଂ ନିଜେ ପୁରୁଷ ବେଶ ଧାରଣ ପୂର୍ବକ ସେଠାରୁ ପଳାୟନ କଲା ।

ରକ୍ତାକ୍ତ ବଜ୍ରସାର ସେଠାରେ ବନ୍ଧାହୋଇ ପଡ଼ିଥାଏ । କିଛି ସମୟ ପରେ କୌଣସି ବୈଦ୍ୟ ଅରଣ୍ୟରୁ ଔଷଧୀ ସଂଗ୍ରହ କରିବା ପାଇଁ ସେଠାରେ ଆସି ପହଞ୍ଚିଲେ । ସେ ଦୟାପୂର୍ବକ ବଜ୍ରସାରକୁ ସ୍ୱଗୃହକୁ ନେଇ ତା'ର ଚିକିତ୍ସା କଲେ । କିଛିଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ କୌଶାମ୍ବୀ ଫେରି ଆସିଲା । ବହୁ ଚେଷ୍ଟା ସତ୍ତ୍ୱେ ସେ ତାର ସେହି ପାପିଷ୍ଠା ପତ୍ନୀକୁ ଆଉ ଖୋଜି ପାଇଲା ନାହିଁ । କ୍ରୋଧନ ନିକଟରେ ସେ ସମଗ୍ର ବୃତ୍ତାନ୍ତ

Digitized by srujanika@gmail.com

ପ୍ରକାଶ କରନ୍ତେ, କ୍ରୋଧନ ବସରାଜଙ୍କ ସମ୍ମୁଖରେ ଏ ସମସ୍ତ ନିବେଦନ କଲା । ବଜ୍ରସାର ପୌରୁଷ ଓ ଆତ୍ମାଭିମାନରହିତ ସ୍ତ୍ରୀ ତୁଲ୍ୟ ଆଚ଼ରଣ କରିଥିବା ଯୋଗୁଁ ତାର ସ୍ତ୍ରୀ ତାକୁ ଏ ପ୍ରକାର ଉଚ଼ିତ ଦଣ୍ଡ ପ୍ରଦାନ କରିଛି ବୋଲି ସମସ୍ତେ ଉପହାସ କରିବାକୁ ଲାଗିଲେ । ଫଳରେ ସେହିଦିନଠାରୁ ବଜ୍ରସାର ମନକୁ ଦୃଢ଼କରି ବସରାଜଙ୍କ ସେବା କରିବାକୁ ଲାଗିଛି ।

ଏଣୁ ମହାରାଜ ! କେଉଁ ସ୍ତ୍ରୀକୁ ବା ବିଶ୍ୱାସ କରାଯାଇ ପାରିବ ? ଗୋମୁଖଠାରୁ ଏହାଶୁଣି ମରୁଭୂତି ପୁଣି କହିଲେ, 'ସ୍ତ୍ରୀମାନଙ୍କ ମନ ସ୍ୱଭାବ ଚ଼ଞ୍ଚଳ; ଏ ସମ୍ପର୍କରେ ଆଉ ଗୋଟିଏ ଗଳ୍ପ ଶୁଣନ୍ତୁ –

ରାଜା ସିଂହବଳ ଓ ରାଣୀ କଲ୍ୟାଣବତୀ କଥା

ପ୍ରାଚ଼ୀନ କାଳରେ ଦାକ୍ଷିଣାତ୍ୟର କୌଣସି ରାଜ୍ୟରେ ସିଂହବଳ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ମାଳବ ଦେଶର କୌଣସି ସାମନ୍ତଙ୍କ କନ୍ୟା କଲ୍ୟାଣବତୀ ଥିଲେ ତାଙ୍କର ସର୍ବାଧିକ ପ୍ରିୟତମା ରାଣୀ । ଏକଦା ରାଜାଙ୍କ ବଂଶଧରମାନେ ତାଙ୍କୁ ରାଣୀଙ୍କ ସହ ବଳପୂର୍ବକ ରାଜ୍ୟରୁ ବିତାଡ଼ନ କରିଦେଲେ । ସିଂହବଳ କୌଶଳକ୍ରମେ ରାଣୀ ଓ କିଛି ବିଶ୍ୱସ୍ତ ଭୃତ୍ୟଙ୍କ ସହ ଗୁପ୍ତପଥରେ ଯାଇ ନିଜର ଶ୍ୱଶୁରାଳୟରେ ଉପସ୍ଥିତ ହେଲେ । ଅଗଣ୍ୟ ପଥରେ ସେମାନଙ୍କୁ ଗୋଟିଏ ସିଂହ ଆକ୍ରମଣ କରିବାରୁ ରାଜା ତାକୁ ଅନାୟାସରେ ହତ୍ୟା କଲେ । ଚକ୍ରାକାରରେ ବୁଲୁଥିବା କୌଣସି ବଣୁଆ ହାତୀ ଗର୍ଜନ କରି ଏମାନଙ୍କୁ ଆକ୍ରମଣ କରିବା ପାଇଁ ଆସୁଥିବା ବେଳେ ରାଜା ତାର ପାଦ ଓ ଶୁଣ୍ଢ ଛେଦନ କରି ତାକୁ ବଧ କଲେ । କିଛି ଦୂର ଯିବାପରେ ଏମାନେ ଏକ ଦୁର୍ଦ୍ଧାନ୍ତ ଡକାୟତ ଦଳଦ୍ୱାରା ଆକ୍ରାନ୍ତ ହେଲେ । କିନ୍ତୁ ସିଂହବଳ ସେମାନଙ୍କୁ ମଦୋନ୍ମତ୍ତ ହସ୍ତୀଦ୍ୱାରା ପଦ୍ମବନ ପରି ଅଚ଼ିରେ ପରାଜିତ କରିଦେଲେ । ରାଣୀ ନିଜ ସ୍ୱାମୀଙ୍କ ପରାକ୍ରମ ଦେଖି ସପ୍ରଶଂସ ଦୃଷ୍ଟିରେ ଚାହିଁ ରହିଥିବା ବେଳେ ରାଜା ତାଙ୍କୁ ନିଜର ପିତାମାତାଙ୍କ ନିକଟରେ ଏହା ପ୍ରକାଶ ନକରିବା ପାଇଁ ଅନୁରୋଧ ଜଣାଇଲେ । କାରଣ ଏହା ଏକ ଲଜ୍ଜାକର ବିଷୟ; କ୍ଷତ୍ରିୟମାନଙ୍କ ପରାକ୍ରମ ସ୍ୱାଭାବିକ, ଏଥିପାଇଁ ସେମାନଙ୍କୁ ପ୍ରଶଂସା କରିବାର କିଛି ଯଥାର୍ଥତା ବା ବିଶେଷତ୍ୱ ନଥାଏ ।

ପଥ ମଧ୍ୟରେ ଦେଖାଦେଉଥିବା ସମସ୍ତ ବିପଦକୁ ଅତିକ୍ରମ କରି ରାଣୀ କଲ୍ୟାଣବତୀ ନିଜର ପରାକ୍ରମଶାଳୀ ପତି ଏବଂ ଅନ୍ତରଙ୍ଗ ସେବକମାନଙ୍କ ସହ

Digitized by srujanika@gmail.com

ପିତୃଗୃହରେ ଯାଇ ପହଞ୍ଚିଲେ । ପିତା ଜାମାତାଙ୍କ ରାଜ୍ୟ ଅପହରଣର ପ୍ରତିଶୋଧ ନେବାପାଇଁ ତାଙ୍କୁ ବହୁ ଅଶ୍ୱ, ଗଜ, ସେନା ଇତ୍ୟାଦି ଯୋଗାଇଦେଲେ । ଶ୍ୱଶୁରଙ୍କଠାରୁ ପ୍ରାପ୍ତ ସେନାବାହିନୀ ସହିତ ରାଜା ସିଂହବଳ କଲ୍ୟାଣବତୀଙ୍କୁ ପିତୃ ଗୃହରେ ରଖି ଅତ୍ୟନ୍ତ ପରାକ୍ରମୀ ବନ୍ଧୁ ରାଜା ଗଜାନୀକଙ୍କ ନିକଟକୁ ପ୍ରସ୍ଥାନ କଲେ ।

ରାଣୀ ଏକାକିନୀ ପିତାଙ୍କ ବାସଭବନରେ କାଳାତିପାତ କରୁଥାଆନ୍ତି । ଦିନେ ସେ ଗବାକ୍ଷ ନିକଟରେ ଠିଆ ହୋଇଥିବା ବେଳେ କୌଣସି ପୁରୁଷଠାରେ ତାଙ୍କର ଦୃଷ୍ଟି ଆବଦ୍ଧ ହେଲା । ତାକୁ ଦେଖି ରାଣୀଙ୍କ ମନରେ କାମ ବିକାର ଜାତ ହେଲା । ରୂପବାନ୍ ଓ ଶୌର୍ଯ୍ୟବାନ୍ ସ୍ୱାମୀ ପରି ଦୁର୍ଲ୍ଲଭ ପୁରୁଷ ଥିବା ସତ୍ତ୍ୱେ, ଅନ୍ୟ ପୁରୁଷ ପ୍ରତି ଲାଳାୟିତ ହେବା ଦୁଃଖର ବିଷୟ ବୋଲି ସଚେତନ ଥିଲେ ସୁଦ୍ଧା ସେ ଏହି ପୁରୁଷ ଦ୍ୱାରା ନିଜର ଦୁର୍ବାର କାମପିପାସା ମେଣ୍ଟାଇବାର ଅଭିଳାଷକୁ ଦମନ କରିପାରିଲେ ନାହିଁ । ନିଜର ଏହି ଅନୁଚିତ ଆକାଙ୍‌କ୍ଷାକୁ ତାଙ୍କ ଅନ୍ତରଙ୍ଗା ସଖୀ ନିକଟରେ ପ୍ରକାଶ କରନ୍ତେ, ସେ ସନ୍ଧ୍ୟା ହେବାରୁ ସେହି ପୁରୁଷକୁ ଝରକାଦେଇ ଏକ ରଜ୍ଜୁ ସାହାଯ୍ୟରେ ଅନ୍ତଃପୁର ମଧ୍ୟକୁ ନେଇଆସିଲା । ପୁରୁଷଟି ଶୟନାଗାରରେ ପ୍ରବେଶ କରି ରାଣୀଙ୍କ ତେଜୋରାଶି ଦ୍ୱାରା ପ୍ରଭାବିତ ହୋଇ ଦିବ୍ୟ ପଲ୍ୟଙ୍କ ପରିବର୍ତ୍ତେ ଭୂମି ଉପରେ ପଡ଼ିଥିବା ଅନ୍ୟ ଏକ ଆସନ ଉପରେ ହିଁ ବସିଗଲା । ତା'ର ଏପରି ଆଚରଣରୁ ରାଣୀ ତାକୁ ନୀଚ୍‌କୁଳ ଜାତ ବୋଲି ମନେମନେ ଅନୁତାପ କରୁଥିବା ବେଳେ ଛାତ ଉପରେ ବୁଲୁଥିବା ଗୋଟିଏ ବିଷଧର ସର୍ପ ହଠାତ୍ ତଳେ ଛିଟିକି ପଡ଼ିଲା । ଏଥିରେ ଭୟଭୀତ ହୋଇ ପୁରୁଷଟି ଧନୁଶର ସାହାଯ୍ୟରେ ତାକୁ ମାରିଦେଇ ଝରକା ବାହାରକୁ ଫୋପାଡ଼ି ଦେଲା ଏବଂ ଭୟ ଦୂର ହୋଇଯିବା ଦେଖି ଆନନ୍ଦରେ ନାଚିବାକୁ ଲାଗିଲା । ତାକୁ ନାଚିବା ଦେଖି କଲ୍ୟାଣବତୀ ଏପରି ଏକ ନୀଚ୍ କାପୁରୁଷର ଅଙ୍ଗସଙ୍ଗ ଲାଭ କରିବାକୁ ଯାଉଥିବାରୁ ନିଜକୁ ଧିକ୍କାର କରିବାକୁ ଲାଗିଲେ ।

ରାଣୀଙ୍କ ମୁଖମଣ୍ଡଳରୁ ସ୍ୱାମିନୀଙ୍କ ମନୋଭାବ ଜାଣିପାରି ଚତୁରୀ ସହଚରୀ ବ୍ୟସ୍ତଭାବରେ ଆସି ତାଙ୍କ ନିକଟକୁ ମହାରାଜା ବିଜେ କରୁଥିବା ଜଣାଇ ସେହି ପୁରୁଷକୁ ଆସିଥିବା ମାର୍ଗରେ ଶୀଘ୍ର ପଳାଇବା ପାଇଁ ନିର୍ଦ୍ଦେଶ ଦେଲା । ଏଥିରେ ବିବ୍ରତ ହୋଇ ସେ ରଜ୍ଜୁ ସାହାଯ୍ୟରେ ତଳକୁ ଓହ୍ଲାଉଥିବା ବେଳେ ରାଜଭୟରୁ ଧରାଶାୟୀ ହେଲା । ତା'ର ସୌଭାଗ୍ୟ ଯେ, ସେ ମରୁ ମରୁ ବଞ୍ଚିଗଲା ।

Digitized by srujanika@gmail.com

ପୁରୁଷଟି ଚାଲିଯିବା ପରେ କଲ୍ୟାଣବତୀ ସଖୀକୁ ଧନ୍ୟବାଦ ଜଣାଇ କହିଲେ, 'ସଖି, କୌଶଳ କରି ଏହି ନୀଚ ଓ ଅଧମ ପୁରୁଷଟିକୁ ଯାହା ଘଉଡ଼ାଇ ଦେଲୁ ସେଥିପାଇଁ ମୁଁ ତୋ ନିକଟରେ କୃତଜ୍ଞ । ତୁ ମୋର ମନକଥା ଜାଣିପାରିଲୁ ବୋଲି ସିନା ଏହା ସମ୍ଭବ ହେଲା । ପ୍ରକୃତରେ ମୁଁ ଅନୁତାପ କରୁଥିଲି । ମୋ ସ୍ୱାମୀ ତ ବନ୍ୟ ହସ୍ତୀ, ସିଂହ ଓ ଡକାୟତମାନଙ୍କୁ ହତ୍ୟାକରି ଲଜ୍ଜାବଶତଃ ତାକୁ ଲୁଚାଇଥିଲେ, ଆଉ ଏ ଅଧମ ସାପଟିଏ ମାରି ନାଚୁଥିଲା । ମୋର ଶୌର୍ଯ୍ୟଶାଳୀ ପତିଙ୍କ ପରିବର୍ତ୍ତେ ଏହି କାପୁରୁଷ ପ୍ରତି ଆକୃଷ୍ଟ ହୋଇପଡ଼ିଥିବାରୁ ମୋତେ ଧିକ୍ । ଯେଉଁ ନାରୀମାନେ ଅତ୍ୟଧିକ କାମପୀଡ଼ାରୁ ବ୍ରଣମକ୍ଷିକା ପରି ସୁଗନ୍ଧୀ କସ୍ତୁରୀକୁ ଛାଡ଼ି ଦୁର୍ଗନ୍ଧ ନର୍ଦ୍ଦମା ପ୍ରତି ଆକୃଷ୍ଟ ହୁଅନ୍ତି, ସେମାନଙ୍କୁ ମଧ ଧିକ୍ ।

ଏହିପରି ପଶ୍ଚାତ୍ତାପ କରି ରାଣୀ କଲ୍ୟାଣବତୀ ରାତିଟି ବିତାଇ ଦେଇ ପତିଙ୍କ ସହ ପୁନର୍ମିଳନର ପ୍ରତୀକ୍ଷାରେ ପିତୃଗୃହରେ ବାସ କରିବାକୁ ଲାଗିଲେ ।

ଏଣେ ରାଜା ସିଂହବଳ ବନ୍ଧୁ ରାଜା ଗଜାନୀକଙ୍କ ସେନାବାହିନୀ ସହାୟତାରେ ପରାକ୍ରମଶାଳୀ ପାଞ୍ଚଜଣ ଆତ୍ମୀୟଙ୍କୁ ପରାଜିତ କରି ନିଜର ହରାଇଥିବା ରାଜ୍ୟ ଅଧିକାର କଲେ । ଶ୍ୱଶୁରଙ୍କୁ ବହୁ ଧନସମ୍ପତ୍ତିରେ ପରିପୂର୍ଣ୍ଣ କରି ସେ ରାଣୀ କଲ୍ୟାଣବତୀଙ୍କ ସହ ନିଜ ରାଜଧାନୀକୁ ଫେରିଆସି ଚିରକାଳ ପର୍ଯ୍ୟନ୍ତ ନିଷ୍କଣ୍ଟକ ରାଜ୍ୟ ଶାସନ କରିବାକୁ ଲାଗିଲେ ।

ଦେବ, ଏହିପରି ସଦାଚାରୀ, ସତ୍ତ୍ୱଶୀଳ ତଥା ରୂପବାନ୍ ପତି ପାଇ ମଧ ବିବେକବତୀ ଯୁବତୀମାନଙ୍କର ଚିତ୍ତ ଇତସ୍ତତଃ ଦୌଡୁଥାଏ । ଏଣୁ ବିଶୁଦ୍ଧ ଚିତ୍ତ ନାରୀ ସାଧାରଣତଃ ବିରଳ ।

ମରୁଭୂତିଙ୍କଠାରୁ ଏପ୍ରକାର କଥାଶୁଣି ନରବାହନଦତ୍ତ ସୁଖନିଦ୍ରାରେ ରାତ୍ରିଯାପନ କଲେ ।

●

Digitized by srujanika@gmail.com

ତୃତୀୟ ତରଙ୍ଗ

ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ ପୂର୍ବକ ନିତ୍ୟକର୍ମ ଶେଷ କରି ନରବାହନଦତ୍ତ ସଚିବମାନଙ୍କ ଗହଣରେ ଉଦ୍ୟାନ ବିହାର ନିମିତ୍ତ ବାହାରିଲେ । ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ବେଳେ ନବୋଦିତ ସୂର୍ଯ୍ୟଙ୍କର ପ୍ରଥମ କିରଣ ଜାଲ ସହିତ ଆକାଶମାର୍ଗରୁ ଅବତରଣ କରୁଥିବା ବହୁ ବିଦ୍ୟାଧରୀ ତାଙ୍କର ଦୃଷ୍ଟି ଆକର୍ଷଣ କଲେ । ତାରକାମାନଙ୍କ ମଧ୍ୟରେ ଶୋଭା ପାଉଥିବା ନୟନହାରିଣୀ ଚନ୍ଦ୍ରରେଖା ପରି ତା' ମଧ୍ୟରେ ଜଣେ କନ୍ୟା ଶୋଭା ପାଉଥାଆନ୍ତି । ତାଙ୍କର ମୁଖ କମଳ ପୁଷ୍ପ ପରି ପ୍ରଫୁଲ୍ଲିତ ଥିଲା ଏବଂ ତା'ମଧ୍ୟରେ ନୟନଯୁଗଳ ଭ୍ରମର ପରି ବିଚରଣ କରୁଥିଲେ । ପଦ୍ମଗନ୍ଧା କନ୍ୟାଟି ରାଜହଂସ ପରି ଲୀଳାୟିତ ଗତିରେ ଆସୁଥିଲେ । ଶରୀରର ମଧ୍ୟଭାଗରେ ତରଙ୍ଗଯୁକ୍ତ ତ୍ରିବଳୀ ଲତା କନ୍ଦର୍ପ ସରୋବରର ସୌନ୍ଦର୍ଯ୍ୟ ଦେବୀଙ୍କ ଅଧିଦେବତାର ଭ୍ରମ ସୃଷ୍ଟି କରୁଥିଲା । କାମଦେବଙ୍କ ସଞ୍ଜୀବନୀ ବିଦ୍ୟା କିମ୍ବା ରମଣୀୟ ଚନ୍ଦ୍ରବିମ୍ବ ପରି ସେହି କନ୍ୟାଙ୍କୁ ଦେଖି ବତ୍ସରାଜପୁତ୍ରଙ୍କ ମାନସସାଗର ବିକ୍ଷୁବ୍ଧ ହୋଇଉଠିଲା । ମନେ ମନେ ତାଙ୍କୁ ବିଧାତାର ସୌନ୍ଦର୍ଯ୍ୟ ସୃଷ୍ଟିରେ ଏକ ବିଚିତ୍ର ରଚନା ବୋଲି ଚିନ୍ତାକରି ନରବାହନଦତ୍ତ ସଚିବମାନଙ୍କ ସହ ତାଙ୍କ ସମୀପକୁ ଅଗ୍ରସର ହେଲେ । କନ୍ୟାଟି ମଧ୍ୟ ସ୍ନେହସ୍ନିଗ୍ଧ କଟାକ୍ଷରେ ତାଙ୍କୁ ଚାହିଁଥାଆନ୍ତି । କ୍ରମଶଃ ନିକଟକୁ ଯାଇ ଯୁବରାଜ କନ୍ୟାଟିର ପରିଚୟ ଏବଂ ଆସିବାର କାରଣ ଜିଜ୍ଞାସା କଲେ । ଉତ୍ତରରେ ସେ କହିଲା –

ଶକ୍ତିଯଶାଙ୍କ କୌଶାମ୍ବୀ ଆଗମନ

ହିମାଳୟ ପର୍ବତ ଉପରେ କାଞ୍ଚନଶୃଙ୍ଗ ନାମରେ ଏକ ସୁବର୍ଣ୍ଣନିର୍ମିତ ନଗର ଅଛି । ସେଠାରେ ସ୍ଫଟିକଯଶ ନାମକ ବିଦ୍ୟାଧରାଧିପତି ରାଜତ୍ୱ କରନ୍ତି । ସେ ବଡ଼ ଧର୍ମାତ୍ମା ଏବଂ ଦୀନଦରିଦ୍ର ତଥା ଶରଣାଗତମାନଙ୍କ ଆଶ୍ରୟଦାତା । ତାଙ୍କ ରାଣୀ ହେମପ୍ରଭାଙ୍କ

Digitized by srujanika@gmail.com

ଗର୍ଭରୁ ଭଗବତୀ ପାର୍ବତୀଙ୍କ କୃପାରୁ ଗୋଟିଏ କନ୍ୟା ଭୂମିଷ୍ଠ ହୋଇଥିଲା । ତା'ର ନାମ ଶକ୍ତିଯଶା । ମୋତେ ହିଁ ସେହି ଶକ୍ତିଯଶା ବୋଲି ଜାଣନ୍ତୁ । ମୁଁ ମୋର ପାଞ୍ଚଭାଇଙ୍କଠାରୁ କନିଷ୍ଠା ଏବଂ ପିତାଙ୍କର ଅଲିଅଳ କନ୍ୟା । ପିତାଙ୍କ ଆଦେଶରେ ବିଭିନ୍ନ ବ୍ରତ ଉପବାସ କରି ମୁଁ ଦେବୀ ପାର୍ବତୀଙ୍କୁ ସନ୍ତୁଷ୍ଟ କଲି । ସେ ପ୍ରସନ୍ନା ହୋଇ ପିତାଙ୍କ ଅପେକ୍ଷା ଦଶଗୁଣ ବିଦ୍ୟାବଳ ଲାଭ କରିବାର ବର ପ୍ରଦାନ କଲେ ଏବଂ କହିଲେ ଯେ ମୁଁ ବିଦ୍ୟାଧରମାନଙ୍କ ଭାବୀ ଚକ୍ରବର୍ତ୍ତୀ ବତ୍ସରାଜ ଉଦୟନଙ୍କ ପୁତ୍ର ନରବାହନଦତ୍ତଙ୍କୁ ପତିରୂପେ ପ୍ରାପ୍ତ ହେବି । ଦେବୀଙ୍କ ବରପ୍ରଭାବରୁ ମୁଁ ବିଦ୍ୟା ବଳରେ ବଳୀୟସୀ ହୋଇ ସମୟକ୍ରମେ ଯୌବନରେ ପଦାର୍ପଣ କଲି ।

ଗତ ରାତିରେ ଦେବୀ ପାର୍ବତୀ ସ୍ୱପ୍ନରେ ଦର୍ଶନ ଦେଇ ଆଜ୍ଞା ଦେଲେ, 'ପୁତ୍ରି, କାଲି ପ୍ରଭାତରୁ ଯାଇ ତୁ ତୋର ପତିଙ୍କୁ ସାକ୍ଷାତ କରିବୁ । ପୁଣି, ଗୋଟିଏ ମାସ ପରେ ଆଜିର ଦିନରେ ତୁ ଯାଇ ସେଠାରେ ପହଞ୍ଚିବୁ । ସେହି ଦିନ ତୋର ଦୃଢ଼ନିଶ୍ଚୟ ମନୋଭାବ ଜାଣିପାରି ପିତା ତୁମ ଦୁହିଁଙ୍କର ବିବାହ ସଂସ୍କାର ସମ୍ପନ୍ନ କରିବେ ।' ଏହିପରି ନିର୍ଦ୍ଦେଶ ଦେଇ ଦେବୀ ଅନ୍ତର୍ହିତା ହେଲେ । ରାତ୍ରି ବି ଶେଷ ହେଲା । ତେଣୁ, 'ଆର୍ଯ୍ୟପୁତ୍ର ! ମୁଁ ଆପଣଙ୍କର ସାକ୍ଷାତ ଦର୍ଶନ ପାଇଁ ଏଠାକୁ ଆସିଛି । ଆପଣଙ୍କ ଦର୍ଶନ ତ ପାଇଲି । ବର୍ତ୍ତମାନ ମୁଁ ଆସୁଛି ।' ଏପରି କହି ଶକ୍ତିଯଶା ସହଚରୀମାନଙ୍କ ସହ ଆକାଶମାର୍ଗରେ ପିତ୍ରାଳୟକୁ ଫେରିଗଲେ ।

ଶକ୍ତିଯଶାଙ୍କ ସହ ବିବାହ ପାଇଁ ଉତ୍କଣ୍ଠିତ ନରବାହନଦତ୍ତ ଗୋଟିଏ ମାସକୁ ଗୋଟିଏ ଯୁଗ ବୋଲି ମନେକରି ନିଜ ବାସଭବନକୁ ଫେରିଆସିଲେ । ଯୁବରାଜଙ୍କୁ ସମ୍ପୂର୍ଣ୍ଣ ଉଦାସ ଦେଖି ତାଙ୍କର ମନୋରଞ୍ଜନ ପାଇଁ ଗୋମୁଖ ଗୋଟିଏ ଗଳ୍ପ ଶୁଣାଇବା ଆରମ୍ଭ କଲେ –

ଦୁଇ ବିଦ୍ୟାଧରୀ କଥା

ପ୍ରାଚୀନ କାଳରେ କାଞ୍ଚନପୁର ବୋଲି ଏକ ନଗରୀ ଥିଲା । ଏଠାରେ ସୁମନା ନାମରେ ଜଣେ ମହାନ୍ ରାଜା ରାଜପଣ କରୁଥିଲେ । ଅଭେଦ୍ୟ ଦୁର୍ଗସବୁ ଜୟ କରି ସେ ଶତ୍ରୁ ରାଜାମାନଙ୍କୁ ଦୁର୍ଗମ କାନ୍ତାର ମଧ୍ୟକୁ ପ୍ରେରଣ କରୁଥାଆନ୍ତି । ଏକଦା ସେ ରାଜ ଦରବାର ମଧ୍ୟରେ ବସିଥିବା ବେଳେ ପ୍ରତିହାରୀ ଆସି ନିବେଦନ କଲା ଯେ ମୁକ୍ତାଲତା

Digitized by srujanika@gmail.com

ଭାବେ ନିଜର ପରିଚୟ ଦେଉଥିବା କୌଣସି ନିଷାଦ କନ୍ୟା ତାର ବଡ଼ଭାଇ ବୀରପ୍ରଭ ସହ ଆସି ସିଂହଦ୍ୱାରରେ ଅପେକ୍ଷା କରିଛି । କନ୍ୟାଟି ପଞ୍ଜୁରି ମଧ୍ୟରେ ଗୋଟିଏ ଶୁକପକ୍ଷୀ ଧରି ମହାରାଜାଙ୍କ ଦର୍ଶନାଭିଳାଷିଣୀ । ଆଦେଶ ହେଲେ ସେ ତାକୁ ଭିତରେ ପ୍ରବେଶ କରାଇବ । ରାଜାଙ୍କ ଆଦେଶରେ ଭିଲ୍ କନ୍ୟା ପ୍ରତିହାରୀ ପ୍ରଦର୍ଶିତ ମାର୍ଗରେ ଆସି ରାଜ ଦରବାରରେ ପ୍ରବେଶ କଲା । ଏହାର ଅପରୂପ ସୌନ୍ଦର୍ଯ୍ୟରେ ବିସ୍ମିତ ହୋଇ ସଭାସଦ୍‌ମାନେ ଏହାକୁ କୌଣସି ଦିବ୍ୟାଙ୍ଗନା ବୋଲି ମନେକଲେ ।

କନ୍ୟାଟି ରାଜାଙ୍କୁ ପ୍ରଣାମ କରି କହିଲା, 'ମହାରାଜ, ଏହି ଶୁକପକ୍ଷୀଟିର ନାମ ଶାସ୍ତ୍ରଗଂଜ । ପକ୍ଷୀଟି ଚାରିବେଦ ଆୟତ୍ତ କରିଛି । ଏହାର କବିତ୍ୱ ଶକ୍ତି ମଧ୍ୟ ଅପୂର୍ବ । ସମସ୍ତ ବିଦ୍ୟା ଓ କଳାଶାସ୍ତ୍ରରେ ମଧ୍ୟ ଏ ନିପୁଣ । ଇଏ ଆପଣଙ୍କ ନିକଟରେ ରହିବା ଉଚିତ ହେବ ବୋଲି ମୁଁ ନେଇ ଆସିଛି । ଆପଣ ଏହାକୁ ସ୍ୱୀକାର କରନ୍ତୁ ।' ଏହାକହି ସେ ପଞ୍ଜୁରିଟିକୁ ରାଜାଙ୍କ ସମ୍ମୁଖରେ ସ୍ଥାପନ କରି ପୁଣି ପ୍ରଣିପାତ କଲା । ରାଜାଙ୍କ ନିର୍ଦ୍ଦେଶରେ ଦ୍ୱାରପାଳ ପଞ୍ଜୁରିର ଦ୍ୱାର ଉନ୍ମୁକ୍ତ କରନ୍ତେ ଶୁକ ବାହାରକୁ ଆସି ରାଜାଙ୍କର ଏକ ପ୍ରଶସ୍ତି ଶ୍ଳୋକ ଗାନ କଲା । ଶ୍ଳୋକଟିର ଭାବାର୍ଥ ହେଲା –

'ରାଜନ୍, ଆପଣଙ୍କ ଶତ୍ରୁମାନଙ୍କ ବିରହିଣୀ ନାରୀମାନେ ଛାଡୁଥିବା ଦୀର୍ଘଶ୍ୱାସରୁ ଜାତ ବାୟୁଦ୍ୱାରା ଆପଣଙ୍କ ପ୍ରତାପ ରୂପ ଧୂମକୁଣ୍ଡଳୀ ଶୋଭିତ ଶ୍ୟାମଳ ମୁଖ ଅଗ୍ନି ସର୍ବଦା ପ୍ରଜ୍ୱଳିତ ରହିବା ଏକାନ୍ତ ସ୍ୱାଭାବିକ, କିନ୍ତୁ ବୈଧବ୍ୟଜନିତ ଦୁଃଖରୁ ଶତ୍ରୁ ନାରୀମାନଙ୍କ ଚକ୍ଷୁରୁ ବିଗଳିତ ଅଶ୍ରୁର ବନ୍ୟାଦ୍ୱାରା ସେହି ପ୍ରତାପ ରୂପ ଅଗ୍ନି ଦଶଦିଗ ପରିବ୍ୟାପ୍ତ ହୋଇ ଅଧିକରୁ ଅଧିକ ଭାବେ ପ୍ରଜ୍ୱଳିତ ହେବା ହିଁ ଆଶ୍ଚର୍ଯ୍ୟର ବିଷୟ ।'

ରାଜାଙ୍କର ଏପ୍ରକାର ପ୍ରଶସ୍ତି ଗାନ କରି ଶୁକ କେଉଁ ଶାସ୍ତ୍ରର କେଉଁ ବିଷୟ ସମ୍ପର୍କରେ ରାଜା ଜାଣିବାକୁ ଚାହାନ୍ତି ବୋଲି ପ୍ରଶ୍ନ କଲା । ଏହା ଶୁଣି ରାଜା ଆଶ୍ଚର୍ଯ୍ୟଚକିତ ହୋଇ ରହିଯାଆନ୍ତେ ଜଣେ ସଚିବ କହିଲେ, 'ମହାରାଜ, ପୂର୍ବଜନ୍ମର କୌଣସି ମୁନି କି ଋଷି ବୋଧହୁଏ ଶାପଗ୍ରସ୍ତ ହୋଇ ଏ ଜନ୍ମରେ ଶୁକ ରୂପେ ଅବତୀର୍ଣ୍ଣ ହୋଇଛନ୍ତି । ପୂର୍ବଜନ୍ମ ସମ୍ପର୍କରେ ଏହାଙ୍କର ସ୍ମରଣ ଅଛି ଏବଂ ଏ ଜନ୍ମରେ ଶୁଣିଥିବା ଶାସ୍ତ୍ରସମୂହକୁ ମଧ୍ୟ ସେ ମନେ ରଖିପାରିଛନ୍ତି ।' ଏଥିରେ ରାଜା ସୁମନା ପ୍ରକୃତିସ୍ଥ ହୋଇ ଜିଜ୍ଞାସା କଲେ, 'ଭଦ୍ର, ତୁମର ଜନ୍ମ କେଉଁଠି କିପରି ଭାବରେ ହୋଇଛି ଏବଂ ତୁମେ ଏପରି ଶାସ୍ତ୍ରଜ୍ଞାନ କିପରି ଲାଭ କରିପାରିଛ, କହି ଆମ୍ଭମାନଙ୍କର କୌତୂହଳ ନିରାକରଣ କର ।'

Digitized by srujanika@gmail.com

ଶୁକର ଆତ୍ମବୃତ୍ତାନ୍ତ

ରାଜା ସୁମନାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶୁକ ଅଶ୍ରୁମୋଚନ ପୂର୍ବକ ଧୀର ସ୍ୱରରେ କହିଲା, 'ଏହା ଯଦିଓ କହିବା କଥା ନୁହେ, ତଥାପି ଆପଣଙ୍କ ଆଦେଶରେ ମୁଁ ବାଧ୍ୟ ହୋଇ କହୁଛି, ଶୁଣନ୍ତୁ –

ହିମାଳୟର ସମୀପରେ ଏକ ବିଶାଳ ରୋହିଣୀ ବୃକ୍ଷ ଅଛି । ବେଦର ବିଭିନ୍ନ ଶାଖା ତୁଲ୍ୟ ଏହାର ଶାଖାଗୁଡ଼ିକରେ ବ୍ରାହ୍ମଣ ତୁଲ୍ୟ ପକ୍ଷୀମାନେ ଆଶ୍ରୟ ନେଇଅଛନ୍ତି । ଏଠାରେ ଗୋଟିଏ ଶୁକ ତାର ଶୁକୀ ସହିତ ନୀଡ଼ ରଚନା କରି ରହିଥିଲା । ଏହି ଶୁକୀର ଗର୍ଭରୁ ପୂର୍ବଜନ୍ମର ଦୁଷ୍କର୍ମ ଯୋଗୁଁ ମୁଁ ଜନ୍ମ ହୋଇଥିଲି । ମୋର ଜନ୍ମ ସମୟରେ ଶୁକୀର ଦେହାନ୍ତ ହେଲା । ପିତା ବୃଦ୍ଧ, ସେ ମୋତେ ନିଜର ପକ୍ଷ ଭିତରେ ରଖି ପାଳନ ପୋଷଣ କରୁଥାଆନ୍ତି । ପାଖରେ ଥିବା ଅନ୍ୟ ପକ୍ଷୀମାନଙ୍କର ଉଚ୍ଛିଷ୍ଟରୁ ସେ ନିଜେ କିଛି ଖାଇ ଏବଂ ମୋତେ କିଛି ଖୁଆଇ ମୋର ପାଳନ କରୁଥିଲେ ।

ଏକଦା ଭେରୀ, ତୂରୀ ବଜାଇ ଗୋଟିଏ ଭୀଲ୍ ସେନା ଶିକାର କରିବା ନିମିତ୍ତ ଏହି ବନଭୂମିରେ ଆସି ପ୍ରବେଶ କଲେ । ଏମାନେ ବନ୍ୟପ୍ରାଣୀ ଶିକାର କରିବା ପାଇଁ ବନ ପ୍ରଦେଶର ଏଣେତେଣେ ଧାଁ ଦଉଡ଼ କରୁଥିଲାବେଳେ ମନେ ହେଉଥିଲା, ଭୟରେ ପଳାୟନ କରୁଥିବା କୃଷ୍ଣସାର ମୃଗମାନଙ୍କର ଚକ୍ଷୁ ବିଶିଷ୍ଟ, ଧୂଳିଧୂସରିତ ପତ୍ର ଏବଂ ଦୌଡୁଥିବା ଚମରୀମାନଙ୍କ ପୁଚ୍ଛ ରୂପକ କେଶଯୁକ୍ତ ବନଭୂମି ଅତ୍ୟନ୍ତ ବ୍ୟାକୁଳ ହୋଇଉଠୁଥିଲା । ସାରାଦିନ ଅରଣ୍ୟ ମଧ୍ୟରେ ବିନାଶଲୀଳା ରଚନା କରି ମୃତ ପଶୁମାନଙ୍କୁ ଭାରରେ ରଖି ଏହି ଭୀଲମାନେ ସନ୍ଧ୍ୟା ସମୟରେ ଆମେ ରହୁଥିବା ବୃକ୍ଷତଳେ ଆସି ପହଞ୍ଚିଲେ । ଏମାନଙ୍କ ମଧ୍ୟରେ ଜଣେ ବୃଦ୍ଧ ଭୀଲ ଥିଲା । ସେ କିଛି ଶିକାର ମାଂସ ସଂଗ୍ରହ କରିପାରି ନଥିବା ଯୋଗୁଁ ଅତ୍ୟନ୍ତ କ୍ଷୁଧାର୍ତ୍ତ ଥିଲା । ବୃକ୍ଷ ଉପରକୁ ଚାହିଁଚାହିଁ ଆସି ସେ ଆମ ବୃକ୍ଷ ନିକଟରେ ଠିଆ ହେଲା । ଗଛ ଉପରେ ବହୁପକ୍ଷୀଙ୍କ ନୀଡ଼ ଦେଖି ସେ ଶୀଘ୍ର ଉପରକୁ ଉଠି ଆସିଲା ଏବଂ ନୀଡ଼ ମଧ୍ୟରୁ ଗୋଟିଗୋଟି କରି ପକ୍ଷୀ, ପକ୍ଷୀଶାବକ ବାହାର କରି ଓ ସେମାନଙ୍କୁ ମାରି ତଳକୁ ଫୋପାଡ଼ିବା ଆରମ୍ଭ କଲା । ଯମଦୂତ ପରି ଏଇ ଭୟଙ୍କର ଭୀଲକୁ ନିକଟକୁ ଆସୁଥିବା ଦେଖି ମୁଁ ଭୟରେ ପିତାଙ୍କ ପକ୍ଷପୁଟ ମଧ୍ୟରେ ନିଜକୁ ଛପାଇ ରଖିଲି । ଏହି ପାତକୀ କ୍ରମଶଃ ଆମ ନୀଡ଼ ନିକଟକୁ ଆସି ପିତାଙ୍କୁ ଟାଣି ବାହାର କଲା ଏବଂ ତାଙ୍କର ମୁଣ୍ଡଟିକି ମୋଡ଼ିଦେଇ ତଳକୁ ଫୋପାଡ଼ି ଦେଲା । ପିତାଙ୍କ ମୃତ ଶରୀର ସହିତ ମୁଁ ମଧ୍ୟ ଆସି ତଳେ ପଡ଼ିଲି । ଭୟରେ ମୁଁ ପିତାଙ୍କ ପକ୍ଷପୁଟ ଭିତରୁ ବାହାରି ପତ୍ର ଓ

Digitized by srujanika@gmail.com

ତୃଣ ମଧ୍ୟରେ ଆତ୍ମଗୋପନ କଲି । ପାପିଷ୍ଠ ଗଛ ଉପରୁ ଓହ୍ଲାଇ ପକ୍ଷୀମାନଙ୍କୁ ନିଆଁରେ ପୋଡ଼ି ଖାଇଲା ଏବଂ କ୍ଷୁଧା ଶାନ୍ତ ହେବାରୁ ଅବଶିଷ୍ଟ ପକ୍ଷୀଙ୍କୁ ଧରି ନିଜ ଗ୍ରାମ ଅଭିମୁଖରେ ଚାଲିଗଲା ।

ସେ ଚାଲିଯିବାରୁ ମୁଁ ଭୟରହିତ ହୋଇ କୌଣସିମତେ ସେହି ଦୀର୍ଘ ରାତ୍ରିଟି ସେଠାରେ ବିତାଇଲି । ସକାଳୁ ଜଗତର ଚକ୍ଷୁ ରୂପକ ସୂର୍ଯ୍ୟ ଉଦୟ ହେଲେ । ପକ୍ଷ ଆହୁରି କଅଁଳି ନଥିବାରୁ ମୁଁ ଠିକ୍ ଭାବେ ଚାଲିପାରୁ ନଥାଏ । ତଥାପି ତୃଷାରେ ଆକୁଳ ହୋଇ କୌଣସି ପ୍ରକାରେ ନିକଟସ୍ଥ ପଦ୍ମ ସରୋବର କୂଳରେ ପହଞ୍ଚିଲି । ସରୋବରରୁ କିଛି ଜଳପାନ କରି ବାଲିବନ୍ତ ଉପରେ ପଡ଼ି ରହିଥିବା ଅବସ୍ଥାରେ ପୂର୍ବଜନ୍ମର ସୁକୃତ ତୁଲ୍ୟ ମୁନି ମରୀଚିଙ୍କୁ ଦେଖିଲି । ମୁନି ମଧ୍ୟ ମୋତେ ଦେଖିପାରି ମୋର ଚଞ୍ଚୁରେ କେତେଟୋପା ଜଳଦେଇ ଆଶ୍ୱସ୍ତ କଲେ ଏବଂ ପତ୍ରପୁଟରେ ମୋତେ ଧରି ଦୟାପୂର୍ବକ ଆଶ୍ରମକୁ ନେଇଗଲେ ।

ଆଶ୍ରମରେ ମୋତେ ଦେଖି କୁଳପତି ମହର୍ଷି ପୁଲସ୍ତ୍ୟ ମୃଦୁ ହାସ୍ୟ ପ୍ରକାଶ କରିବା ଫଳରେ ଅନ୍ୟ ଶିଷ୍ୟମାନେ ତାଙ୍କୁ ଏହାର ରହସ୍ୟ ଜିଜ୍ଞାସା କରନ୍ତେ କୁଳପତି ଦୈନନ୍ଦିନ କର୍ମ ସମାପ୍ତି ପରେ ମୋର ବୃତ୍ତାନ୍ତ ଶୁଣାଇବେ ବୋଲି କହି ସ୍ନାନପାଇଁ ଚାଲିଗଲେ । ଆଶ୍ରମର ବିଧିବିଧାନ ଶେଷ ହେଲା । ମଧ୍ୟାହ୍ନରେ ପୁଣି ଶିଷ୍ୟମାନଙ୍କ ଆଗ୍ରହ ଦେଖି ମହର୍ଷି ମୋର ବୃତ୍ତାନ୍ତ ଶୁଣାଇବା ଆରମ୍ଭ କରି କହିଲେ, 'ଶୁକ ତା'ର ବୃତ୍ତାନ୍ତ ଶୁଣିବା ପରେ ନିଜର ପୂର୍ବଜନ୍ମ ଏବଂ ଏ ଜନ୍ମର କଥା ସ୍ମରଣ କରିବ । ବର୍ତ୍ତମାନ ତୁମେମାନେ ଏହାର ପୂର୍ବଜନ୍ମର କଥା ଶୁଣ –

ସୋମପ୍ରଭ, ମକରନ୍ଦିକା ଓ ମନୋରଥପ୍ରଭା କଥା

ରତ୍ନାକର ନଗରରେ ଜୋତିଷ୍ପ୍ରଭ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କ ରାଜ୍ୟ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାଙ୍କ ତୀବ୍ର ତପସ୍ୟାରେ ପ୍ରସନ୍ନ ହୋଇ ଭଗବାନ୍ ଶଙ୍କର ଏହାଙ୍କୁ ଏକ ପୁତ୍ରଲାଭର ବର ପ୍ରଦାନ କରିଥିଲେ । ଫଳରେ ରାଣୀ ହର୍ଷବତୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ନେଲା । ପୁତ୍ରଟି ଗର୍ଭସ୍ଥ ଥିବାବେଳେ ରାଣୀ ସ୍ୱୟଂ ଚନ୍ଦ୍ରଙ୍କୁ ତାଙ୍କ ମୁଖରେ ପ୍ରବେଶ କରିଥିବାର ସ୍ୱପ୍ନ ଦେଖିଥିଲେ । ଏଣୁ ପୁତ୍ରଟିର ନାମକରଣ କରାଗଲା ସୋମପ୍ରଭ । ପ୍ରଜାମାନଙ୍କ ଆନନ୍ଦ ବୃଦ୍ଧି କରି ପୁତ୍ରଟି ସମସ୍ତ ସୁଗୁଣର ଅଧିକାରୀ ହୋଇ ବଢ଼ିବାକୁ ଲାଗିଲା ।

Digitized by srujanika@gmail.com

ସୋମପ୍ରଭ ଯୌବନରେ ପଦାର୍ପଣ କରନ୍ତେ ତାଙ୍କ ଶୌର୍ଯ୍ୟ, ବୀର୍ଯ୍ୟ ଓ ପ୍ରଜାପାଳନରେ ସନ୍ତୁଷ୍ଟ ହୋଇ ରାଜା ଜ୍ୟୋତିଷ୍ପ୍ରଭ ପୁତ୍ରକୁ ଯୌବରାଜ୍ୟରେ ଅଭିଷିକ୍ତ କଲେ । ଏହା ସହିତ ସେ ନିଜର ପ୍ରଧାନ ସଚିବ ପ୍ରଭାକରଙ୍କ ସଦ୍‌ଗୁଣଶାଳୀ ପୁତ୍ର ପ୍ରିୟଂକରକୁ ପୁତ୍ରର ସଚିବ ଭାବେ ନିଯୁକ୍ତି ଦେଲେ । ଏ ସମୟରେ ଦେବରାଜ ଇନ୍ଦ୍ରଙ୍କ ସାରଥି ମାତଲି ଏକ ଦିବ୍ୟ ଅଶ୍ୱ ସହ ଆସି ସେଠାରେ ଉପସ୍ଥିତ ହେଲେ । ସେ ସୋମପ୍ରଭଙ୍କୁ ଲକ୍ଷ୍ୟକରି କହିଲେ, 'ଆପଣ ଇନ୍ଦ୍ରଙ୍କ ପ୍ରିୟପାତ୍ର ବିଦ୍ୟାଧର କୁଳରେ ଜନ୍ମ ନେଇଛନ୍ତି । ଏଣୁ ଦେବରାଜ ତାଙ୍କ ବାହକ ଉଚ୍ଚୈଶ୍ରବାର ପୁତ୍ର ଆଶୁଶ୍ରବାକୁ ଆପଣଙ୍କ ନିକଟକୁ ପ୍ରେରଣ କରିଛନ୍ତି । ପୂର୍ବସ୍ନେହର ଏହି ଅଶ୍ୱ ପ୍ରେରଣ କରାଯାଇଛି । ଏହା ଉପରେ ଆରୋହଣ କଲେ ଆପଣ ଶତ୍ରୁମାନଙ୍କଦ୍ୱାରା ପରାଜିତ ହେବେନାହିଁ ।'

ଏହିପରି ଇନ୍ଦ୍ରଙ୍କ ବାର୍ତ୍ତା ପ୍ରଦାନ କରି ମାତଲି ଯଥୋଚିତ ଭାବେ ରାଜାଙ୍କ ଦ୍ୱାରା ସତ୍‌କୃତ ହୋଇ ଆକାଶମାର୍ଗରେ ଅଦୃଶ ହେଲେ ।

ଯୁବରାଜ ସୋମପ୍ରଭ ଏହି ଉତ୍ସବମୟ ଦିବସଟି ବନ୍ଧୁମାନଙ୍କ ସହ ପାନ ଭୋଜନରେ ବିତାଇ ଦେଇ ପରଦିନ ପିତାଙ୍କ ସମ୍ମୁଖରେ ନିଜର ଅଭିଳାଷ ବ୍ୟକ୍ତ କରି କହିଲେ, 'ପିତା, ବିଜୟ ଯାତ୍ରା ନକରିବା କ୍ଷତ୍ରିୟମାନଙ୍କ ଧର୍ମ ନୁହେଁ । ଆପଣ ଅନୁମତି ଦେଲେ ମୁଁ ଦିଗ୍‌ବିଜୟରେ ବାହାରିବି ।' ଜ୍ୟୋତିଷ୍ପ୍ରଭ ପୁତ୍ରର କ୍ଷାତ୍ରୋଚିତ ଆକାଂକ୍ଷାରେ ଆନନ୍ଦିତ ହୋଇ ଦିଗ୍‌ବିଜୟ ଯାତ୍ରାର ଆୟୋଜନ କଲେ ।

ସୋମପ୍ରଭ ମାତାପିତାଙ୍କୁ ପ୍ରଣିପାତ କରି ସେନାବାହିନୀ ସହ ଯୁଦ୍ଧଯାତ୍ରା ଅନୁକୂଳ କଲେ । ଇନ୍ଦ୍ର ପ୍ରେରିତ ଅଶ୍ୱ ଆଶୁଶ୍ରବା ଉପରେ ଆରୋହଣ କରି ଅନନ୍ତ ଶକ୍ତିଶାଳୀ ଯୁବରାଜ ସମସ୍ତ ଦିଗ ଜୟ କରି ଅପରିମିତ ଧନରତ୍ନ ପ୍ରାପ୍ତ ହେଲେ ।

ବିଜୟ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ ବେଳେ ସୋମପ୍ରଭ ହିମାଳୟ ନିକଟରେ ଶିବିର ସ୍ଥାପନ କରି ମୃଗୟାବିନୋଦ ପାଇଁ ଅରଣ୍ୟ ମଧ୍ୟରେ ପ୍ରବେଶ କରନ୍ତି । ଆକସ୍ମିକ ଭାବେ ସ୍ୱର୍ଣ୍ଣାଳଙ୍କାରମଣ୍ଡିତ ଏକ ମନୋରମ କିନ୍ନର ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଯୁବରାଜ ତାକୁ ଧରିବା ପାଇଁ ଅଶ୍ୱପୃଷ୍ଠରେ ତାର ଅନୁଧାବନ କଲେ । କିନ୍ତୁ କିନ୍ନରଟି କୌଣସି ପାର୍ବତ୍ୟ ଗୁମ୍ଫା ମଧ୍ୟରେ ପ୍ରବେଶ କରି ଅଦୃଶ୍ୟ ହୋଇଗଲା । ଯୁବରାଜ ସେତେବେଳକୁ ବହୁ ଦୂର ପଥ ଅତିକ୍ରମ କରିଯାଇଥାଆନ୍ତି । ପ୍ରଚଣ୍ଡରଶ୍ମି ଭଗବାନ ଭାସ୍କର ସମଗ୍ର ଦିବସ ଆଲୋକ ବିତରଣ କରି ସଂଧ୍ୟା ସମାଗମ ନିମନ୍ତେ ପଶ୍ଚିମ ଦିଗନ୍ତରେ ଆସି ଉପନୀତ ହୁଅନ୍ତେ କ୍ଳାନ୍ତ ସୋମପ୍ରଭ ଏକ ସରୋବର ନିକଟରେ ଆସି ପହଞ୍ଚିଲେ । ସେଠାରେ

Digitized by srujanika@gmail.com

ରାତ୍ରିଯାପନ ପାଇଁ ମନସ୍ଥ କରି ସେ ଅଶ୍ୱପୃଷ୍ଠରୁ ଅବତରଣ କଲେ ଏବଂ ତା'ପାଇଁ ତୃଣ ଓ ଜଳର ବ୍ୟବସ୍ଥା କରିଦେଲେ । ନିଜେ ଫଳ ଓ ଜଳଦ୍ୱାରା କିଞ୍ଚିତ୍ ଆଶ୍ୱସ୍ତ ହୋଇ ବିଶ୍ରାମ କରିବାର ଉଦ୍ୟମ କରୁଥିବା ବେଳେ ସଙ୍ଗୀତର ମଧୁର ସ୍ୱର ତାଙ୍କର ଶ୍ରୁତିଗୋଚର ହେଲା । କୌତୂହଳବଶତଃ ତାର ଅନୁସରଣ କରି ସେ ଏକ ଶିବ ମନ୍ଦିର ନିକଟରେ ଯାଇ ପହଞ୍ଚିଲେ । ସେଠାରେ ବସି ଜଣେ ଦିବ୍ୟରମଣୀ ଏକ ଲୟରେ ସଙ୍ଗୀତ ଗାନ କରୁଥାଆନ୍ତି । ଏହି ପରମ ସୁନ୍ଦରୀ କନ୍ୟାର ପରିଚୟ ସମ୍ପର୍କରେ ଯୁବରାଜ ଚିନ୍ତା କରୁଥିବା ବେଳେ ସେ ଭବ୍ୟ ରୂପଶାଳୀ ସୋମପ୍ରଭଙ୍କୁ ଦେଖିପାରି ସମ୍ଭ୍ରମର ସହିତ ତାଙ୍କର ଅତିଥି ସତ୍କାର କଲା । କନ୍ୟାଟିର ଜିଜ୍ଞାସାକ୍ରମେ ଯୁବରାଜ ନିଜର ପରିଚୟ ଦେବା ସହିତ ତା'ର ପରିଚୟ ଜାଣିବା ପାଇଁ ଅଭିଳାଷ ବ୍ୟକ୍ତ କଲେ । ଦିବ୍ୟ କନ୍ୟାଟି ନିଜର ପରିଚୟ ଦେବାକୁ ଯାଇ ବାଷ୍ପାକୁଳ ନୟନରେ ରାଜକୁମାରଙ୍କୁ କହିଲା –

ମନୋରଥପ୍ରଭା କଥା

'ହିମାଳୟର ମଧ୍ୟଭାଗରେ କାଞ୍ଚନାଭ ନାମକ ଏକ ନଗର ଅଛି । ସେଠାରେ ପଦ୍ମକୂଟ ନାମରେ ଜଣେ ବିଦ୍ୟାଧରାଧିପତି ଅଛନ୍ତି । ତାଙ୍କ ରାଣୀ ପ୍ରଭାଙ୍କ ଗର୍ଭରୁ ମୋର ଜନ୍ମ । ମୋର ନାମ ମନୋରଥପ୍ରଭା । ମୁଁ ମୋର ବିଦ୍ୟା ପ୍ରଭାବରେ ପ୍ରତିଦିନ ସହଚାରିଣୀ ସଖୀମାନଙ୍କ ସହ ଦିନର ତିନି ପ୍ରହର ପର୍ଯ୍ୟନ୍ତ ବିଭିନ୍ନ ଆଶ୍ରମ, ଦ୍ୱୀପ, କୁଳପର୍ବତ, ବନ, ଉପବନ ପ୍ରଭୃତିରେ ଭ୍ରମଣ କରି ସଂଧ୍ୟା ସମୟରେ ପିତାଙ୍କ ଭୋଜନ ସମୟରେ ଗୃହକୁ ଫେରି ଆସୁଥିଲି । ଦିନେ ଆମେ ଭ୍ରମଣରେ ବାହାରି ଏହି ସରୋବର ତୀରରେ ଆସି ପହଞ୍ଚିଲୁ । ଏଠାରେ ବସିଥିବା ବେଳେ ମିତ୍ରଙ୍କ ସହ ବାର୍ତ୍ତାଳାପ କରୁଥିବା ଜଣେ ମୁନିକୁମାର ମୋର ଦୃଷ୍ଟି ଆକର୍ଷଣ କଲେ । ମୁଁ ତାଙ୍କ ରୂପରେ ମୁଗ୍ଧ ହୋଇ ସ୍ୱୟଂ ଦୂତୀ ପରି ଯାଇ ତାଙ୍କ ସମ୍ମୁଖରେ ପହଞ୍ଚିଲି । ସେ ଭାବବିହ୍ୱଳ ଦୃଷ୍ଟିରେ ମୋର ସ୍ୱାଗତ କଲେ । ସେଠାରେ ବସିଥିବା ବେଳେ ଆମର ମନୋଭାବ ଜାଣିପାରି ମୋର ଜଣେ ସଖୀ ତାଙ୍କର ଜଣେ ମିତ୍ରଙ୍କୁ ମୁନିକୁମାରଙ୍କ ପରିଚୟ ସମ୍ପର୍କରେ ଜିଜ୍ଞାସା କଲା । ଉତ୍ତରରେ ମିତ୍ର କହିଲେ –

'ଏଠାରୁ ଅନତିଦୂରରେ ଏକ ଆଶ୍ରମ ଅଛି । ସେଠାରେ ଦୀଧିତିମାନ୍ ନାମରେ ଜଣେ ମୁନି ରହୁଥିଲେ । ଦିନେ ସେ ଏହି ସରୋବରରେ ସ୍ନାନ କରିବା ପାଇଁ ଆସିଥିଲା ବେଳେ ଲକ୍ଷ୍ମୀ ମଧ୍ୟ ଏଠାକୁ ଆସିଥାଆନ୍ତି । ମୁନିଙ୍କ ଉପରେ ଦୃଷ୍ଟି ପଡ଼ନ୍ତେ ସେ ହଠାତ୍ ତାଙ୍କ ପ୍ରତି ଅନୁରକ୍ତ ହୋଇପଡ଼ିଲେ । ଜିତେନ୍ଦ୍ରିୟ ମୁନିଙ୍କୁ ଶାରୀରିକ ଭାବେ ପାଇବା ଅସମ୍ଭବ

Digitized by srujanika@gmail.com

ଜାଣି ଲକ୍ଷ୍ମୀ ପ୍ରଶାନ୍ତ ଚିତ୍ତରେ ତାଙ୍କୁ ସ୍ମରଣ କରି ଏକ ମାନସ ପୁତ୍ର ଜାତ କଲେ । ପୁତ୍ରଟିକୁ ମୁନିଙ୍କ ହସ୍ତରେ ସମର୍ପଣ କରି ଲକ୍ଷ୍ମୀ ଅନ୍ତର୍ହିତା ହୋଇଗଲେ । ମୁନି ମଧ୍ୟ ବିନା ପ୍ରୟାସ ଓ ପ୍ରଯତ୍ନରେ ପାଇଥିବା ପୁତ୍ରଟିକୁ ପ୍ରସନ୍ନ ଚିତ୍ତରେ ସ୍ୱୀକାର କଲେ । ସେ ପୁତ୍ରଟିର ନାମକରଣ କଲେ ରଶ୍ମିମାନ୍ ଏବଂ ତାର ଲାଳନପାଳନ କରିବା ସହିତ ତାକୁ ସମସ୍ତ ବିଦ୍ୟା ଶିକ୍ଷା ଦେଲେ । ଏ ହେଉଛନ୍ତି ସେହି ଲକ୍ଷ୍ମୀସମ୍ଭବ ମୁନିକୁମାର ରଶ୍ମିମାନ୍ । ଆମେ ବୁଲିବା ପାଇଁ ଆସି ଏଠାରେ ବସିଛୁ ।'

ଏହାକହି ସେ ସଖୀଠାରୁ ମୋର ପରିଚୟ ଜାଣିବାକୁ ଚାହିଁଲେ । ସଖୀ ମଧ୍ୟ ମୋର ପରିଚୟ ତାଙ୍କ ନିକଟରେ ବ୍ୟକ୍ତ କଲା । ପରସ୍ପରର ନାମ କୁଳ ଗୋତ୍ର ଜାଣିବା ପରେ ଆମେ ପରସ୍ପରକୁ ଚାହିଁ ସେଠାରେ ବସିରହିଲୁ । ଏ ସମୟରେ ମୋର ଅନ୍ୟ ଜଣେ ସଖୀ ଆସି ଭୋଜନାଳୟରେ ପିତା ମୋତେ ଅପେକ୍ଷା କରୁଥିବା ବିଷୟ ଜଣାଇଲା । ମୁଁ ମୁନିକୁମାରଙ୍କୁ ସେଠାରେ ବସାଇ 'ଶୀଘ୍ର ଆସୁଛି' କହି ପିତାଙ୍କ ନିକଟକୁ ଗଲି । ଖାଇବା ଶେଷ କରି ମୁଁ ଯିବା ପାଇଁ ବାହାରିଛି, ଏପରି ସମୟରେ ମୋର ପ୍ରଥମ ସଖୀ ଆସି ଏକାନ୍ତରେ ମୁନିକୁମାରଙ୍କ ମିତ୍ର ଆସି ମୋତେ ଦେଖା କରିବା ପାଇଁ ଦ୍ୱାରଦେଶରେ ପ୍ରତୀକ୍ଷା କରୁଥିବା କଥା ଜଣାଇଲା । ମୁଁ ଯାଇ ତାଙ୍କ ନିକଟରେ ପହଞ୍ଚନ୍ତେ, ସେ କହିଲେ, 'ମିତ୍ର ରଶ୍ମିମାନ ତାଙ୍କ ପିତାଙ୍କଠାରୁ ପ୍ରାପ୍ତ ଆକାଶଗାମିନୀ ବିଦ୍ୟା ଶିକ୍ଷା ଦେଇ ମୋତେ ଆପଣଙ୍କ ନିକଟକୁ ପଠାଇଛନ୍ତି । ସେ ଜଣାଇଛନ୍ତି ଯେ କନ୍ଦର୍ପ ତାଙ୍କୁ ଯେଉଁ ଦଶାରେ ପହଞ୍ଚାଇଛି, ପ୍ରାଣେଶ୍ୱରୀ ବିନା ସେଥିରୁ ମୁକ୍ତି ପାଇବା ତାଙ୍କ ପକ୍ଷେ ସମ୍ଭବ ନୁହେ । ଆପଣଙ୍କ ବିରହରେ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଜୀବନ ଧାରଣ କରିବା ତାଙ୍କ ପକ୍ଷେ ଦୁଷ୍କର ।' ଏହା ଶୁଣି ମୁଁ ସଙ୍ଗେ ସଙ୍ଗେ ମୁନିପୁତ୍ର ଓ ମୋର ସଖୀ ସହିତ ଆସି ତାଙ୍କ ନିକଟରେ ଉପସ୍ଥିତ ହେଲି ।

କିନ୍ତୁ ଆମେ ଆସିଲା ବେଳକୁ ସବୁ ଶେଷ ହୋଇଯାଇଥାଏ । ଚନ୍ଦ୍ର ଉଦୟ ହେବା ସଙ୍ଗେ ସଙ୍ଗେ ବିରହ ବେଦନା ସହ୍ୟ କରି ନପାରି ରଶ୍ମିମାନ୍ ଶେଷ ନିଶ୍ୱାସ ତ୍ୟାଗ କରି ସାରିଥାଆନ୍ତି । ତାଙ୍କ ବିୟୋଗରେ ମୁଁ ଶରୀର ଧାରଣ ନିରର୍ଥକ ମନେକରି ତାଙ୍କ ଚିତାଗ୍ନିରେ ସତୀ ହେବାପାଇଁ ପ୍ରସ୍ତୁତ ହେଲି । କିନ୍ତୁ ଏ ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଆକାଶରୁ ତେଜୋପୁଞ୍ଜ ତୁଲ୍ୟ କୌଣସି ପୁରୁଷ ହଠାତ୍ ଅବତରଣ କରି ତାଙ୍କ ମୃତ ଶରୀର ସହିତ ଶୂନ୍ୟମାର୍ଗରେ ଉଡ଼ି ଚାଲିଗଲେ । ମୁଁ ଏକାକିନୀ ଅଗ୍ନି ମଧ୍ୟରେ ପ୍ରବେଶ କରିବା ନିମିତ୍ତ ଉଦ୍ୟତ ହେଲା ବେଳେ ଆକାଶରୁ ଶୁଣାଗଲା, 'ମନୋରଥପ୍ରଭା, ଏପରି କର

Digitized by srujanika@gmail.com

ନାହିଁ । ଏହି ମୁନିକୁମାରଙ୍କ ସହିତ ତୋର ଯଥା ସମୟରେ ପୁନଃ ସମାଗମ ଘଟିବ ।' ଏହି ଶୂନ୍ୟ ବାଣୀରେ ଆଶ୍ୱସ୍ତ ହୋଇ ମୁଁ ମୃତ୍ୟୁମୁଖରୁ ଫେରିଆସି ଶିବଙ୍କ ଆରାଧନା କରି ପ୍ରାଣପ୍ରିୟଙ୍କ ପ୍ରତୀକ୍ଷା କରୁଛି । ମୁନିକୁମାରଙ୍କ ସେହି ମିତ୍ର ମଧ୍ୟ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ଚାଲିଗଲେ ।'

ବିଦ୍ୟାଧର କନ୍ୟାଠାରୁ ଏହା ଶୁଣି ସୋମପ୍ରଭଙ୍କ ପୁନଃ ଜିଜ୍ଞାସାକ୍ରମେ ସେ ଏକାକିନୀ ରହୁଥିବାର କାରଣ ଜଣାଇବାକୁ ଯାଇ କହିଲେ, 'ସିଂହବିକ୍ରମ ନାମରେ ଜଣେ ବିଦ୍ୟାଧରାଧିପତି ଅଛନ୍ତି । ମକରନ୍ଦିକା ତାଙ୍କର ଏକମାତ୍ର ଅନନ୍ୟସମା କନ୍ୟା । ସେ ମୋର ପ୍ରାଣପ୍ରିୟା ସଖୀ । ମୋର ସମାଚାର ଜାଣିବା ପାଇଁ ଆଜି ସେ ତାଙ୍କର ଜଣେ ସଖୀକୁ ପଠାଇଥିଲେ । ମୁଁ ତା' ସହିତ ମୋର ନିଜ ସଖୀକୁ ତାଙ୍କ ନିକଟକୁ ପଠାଇ ଦେଇଛି । ଏଣୁ ବର୍ତ୍ତମାନ ମୁଁ ଏକାକିନୀ ।'

ମନୋରଥପ୍ରଭା ଏପରି କହୁଥିବା ସମୟରେ ସଖୀ ଫେରି ଆସିବାରୁ ସେ ସୋମପ୍ରଭଙ୍କ ସହ ତା'ର ପରିଚୟ କରାଇଦେଲେ । ସଖୀ ମକରନ୍ଦିକାଙ୍କ ବୃତ୍ତାନ୍ତ କହି ରାଜକୁମାରଙ୍କ ପାଇଁ ପତ୍ରଶଯ୍ୟା ପ୍ରସ୍ତୁତ କଲା ଏବଂ ଅଶ୍ୱପାଇଁ ଘାସ ପତ୍ରର ବ୍ୟବସ୍ଥା କରିଦେଲା । ସରୋବର ତଟରେ ରାତ୍ରିଯାପନ କରି ସମସ୍ତେ ପରଦିନ ପ୍ରଭାତରୁ ଶଯ୍ୟାତ୍ୟାଗ କଲେ । ପ୍ରାତଃକୃତ୍ୟ ସମାପନ କଲାବେଳକୁ ଆକାଶମାର୍ଗରୁ ଜଣେ ବିଦ୍ୟାଧର ସେଠାରେ ଅବତରଣ କଲା । ଦେବଜୟ ନାମକ ଏହି ବିଦ୍ୟାଧର ମନୋରଥ-ପ୍ରଭାଙ୍କୁ ପ୍ରଣିପାତ କରି ତାଙ୍କ ନିକଟରେ ବସି କହିଲା, 'ରାଜା ସିଂହବିକ୍ରମ ତୁମ ନିକଟକୁ ବାର୍ତ୍ତା ଦେଇ କହିଛନ୍ତି ଯେ ତୁମର ପତି ଫେରି ନ ଆସିବା ପର୍ଯ୍ୟନ୍ତ ତାଙ୍କ କନ୍ୟା ବିବାହ କରିବେ ନାହିଁ ବୋଲି ନିଶ୍ଚୟ କରିଛନ୍ତି । ତେଣୁ ତୁମେ ଯାଇ ତାଙ୍କୁ ବିବାହ ପାଇଁ ସମ୍ମତ କରାଇବ ।'

ସଖୀଙ୍କ ପ୍ରତି ଆତ୍ୟନ୍ତିକ ସ୍ନେହ ବଶରୁ ମନୋରଥପ୍ରଭା ମକରନ୍ଦିକାଙ୍କ ନିକଟକୁ ଯିବାପାଇଁ ଉଦ୍ୟତ ହୁଅନ୍ତେ ସୋମପ୍ରଭ ବିଦ୍ୟାଧରଲୋକ ଦର୍ଶନ କରିବାର କୌତୂହଳରୁ ତାଙ୍କ ସହ ଯିବା ନିମିତ୍ତ ନିଜର ଅଭିଳାଷ ପ୍ରକାଶ କଲେ । ମନୋରଥପ୍ରଭା ଏଥିରେ ସମ୍ମତି ଜଣାଇ ଦେବଜୟର କୋଳରେ ସଖୀ ଓ ସୋମପ୍ରଭଙ୍କ ସହ ବସି ମକରନ୍ଦିକାଙ୍କ ଅନ୍ତଃପୁରରେ ଯାଇ ଉପସ୍ଥିତ ହେଲେ । ରାଜକୁମାରୀଙ୍କଦ୍ୱାରା ଉପଯୁକ୍ତ ଭାବେ ସତ୍‌କୃତ ହୋଇ ମନୋରଥପ୍ରଭା ଯେତେବେଳେ ସଖୀଙ୍କ ଜିଜ୍ଞାସାକ୍ରମେ ସୋମପ୍ରଭଙ୍କ ପରିଚୟ ଓ ଦିଗ୍‌ବିଜୟ ବୃତ୍ତାନ୍ତ କହି ଶୁଣାଇଲେ, ସେତେବେଳେ ମକରନ୍ଦିକା ସୋମପ୍ରଭଙ୍କ ପ୍ରତି

Digitized by srujanika@gmail.com

ଆକୃଷ୍ଟ ହୋଇପଡ଼ିଲେ । ସୋମପ୍ରଭ ମଧ ଲକ୍ଷ୍ମୀସମା ମକରନ୍ଦିକାଙ୍କ ପ୍ରତି ଆସକ୍ତ ହୋଇ ଏହାର ପାଣିଗ୍ରହଣ କରିବା ଭାଗ୍ୟର ବିଷୟ ବୋଲି ଚିନ୍ତା କଲେ ।

ଦୁଇସଖୀ ବିଭିନ୍ନ ବିଷୟରେ ସୁଖଦୁଃଖ ହେଉଥିବା ବେଳେ ମନୋରଥପ୍ରଭା ସଖୀକୁ ଲକ୍ଷ୍ୟ କରି ପ୍ରଶ୍ନ କଲେ, 'ଚଣ୍ଡି, ତୁ କାହିଁକି ବିବାହ କରିବା ପାଇଁ ମନା କରୁଛୁ ?' ଉତ୍ତରରେ ମକରନ୍ଦିକା ସ୍ନେହପୂର୍ଣ୍ଣ ଭାବେ କହିଲେ, 'ମୁଁ କେମିତି ବିବାହ କରିବି, ତୁ ତ ମୋର ଶରୀରରୁ ଅଧିକ ପ୍ରିୟ । ତୁ ତୋର ପତି ପ୍ରାପ୍ତ ନକରିବା ପର୍ଯ୍ୟନ୍ତ ମୁଁ କିପରି ବିବାହ କରିବି !' ମନୋରଥପ୍ରଭା ହାସ୍ୟ ପ୍ରକାଶ କରି କହିଲେ, 'ଆରେ ପ୍ରିୟା, ମୁଁ ତ ମୋର ପତି ବରଣ କରିସାରିଛି । ଏବେ ଖାଲି ସମାଗମର ପ୍ରତୀକ୍ଷା କରିବା କଥା ।' ସଖୀବାକ୍ୟରେ ମକରନ୍ଦିକା ବାଧ ହୋଇ ତାଙ୍କ କଥା ମାନିବାପାଇଁ ରାଜି ହେଲେ ।

ଭାବଭଙ୍ଗୀରୁ ସଖୀର ମନୋଭାବ କଳନା କରି ମନୋରଥପ୍ରଭା ନିଜର କୌଶଳ ପ୍ରୟୋଗ କଲେ । 'ସଖି, ଦେଖ, ସୋମପ୍ରଭ ଆସମୁଦ୍ର ପୃଥିବୀ ଜୟ କରି କରି ତୋର ଅତିଥି ରୂପେ ଏଠାରେ ପଦାର୍ପଣ କରିଛନ୍ତି । ତୁ ତାଙ୍କର ଅତିଥି ସତ୍କାର କରିବା କ'ଣ ଉଚିତ ନୁହେଁ ?' ମକରନ୍ଦିକା ସଖୀର ଇଙ୍ଗିତ ବୁଝିପାରି ଉତ୍ତର ଦେଲେ, 'ବର୍ତ୍ତମାନ ମୋର ଶରୀର ସହିତ ସବୁ କିଛି ତାଙ୍କର । ମୁଁ ମୋର ସବୁ କିଛି ଦାନ କରିବା ପାଇଁ ତାଙ୍କୁ ଉପଯୁକ୍ତ ପାତ୍ର ରୂପେ ନିର୍ବାଚନ କରିଛି । ସେ ଯଦି ଚାହାନ୍ତି, ସ୍ୱୀକାର କରିପାରନ୍ତି ।' ସଖୀ କଥାର ମର୍ମ ଉପଲବ୍ଧି କରି ମନୋରଥପ୍ରଭା ରାଜା ସିଂହବିକ୍ରମଙ୍କୁ ଉଭୟଙ୍କ ବିବାହ ନିମିତ୍ତ ସମ୍ମତ କରାଇଲେ ।

ବିବାହ ନିଶ୍ଚିତ ହେଲା । କିନ୍ତୁ ଧୈର୍ଯ୍ୟଶୀଳ ସୋମପ୍ରଭ ଏଥିରେ ପ୍ରଫୁଲ୍ଲିତ ହେଲେ ସୁଦ୍ଧା ମନୋରଥପ୍ରଭାଙ୍କୁ ନିବେଦନ କଲେ ଯେ ସେ ବର୍ତ୍ତମାନ ତାଙ୍କ ଆଶ୍ରମକୁ ଫେରିଯିବେ । ତାଙ୍କୁ ନଦେଖି ମନ୍ତ୍ରୀ ଓ ସେନାବାହିନୀ ତାଙ୍କ ଅନ୍ୱେଷଣରେ ଆସି ସେଠାରେ ପହଞ୍ଚି ଯାଇପାରନ୍ତି । ସେମାନେ ତାଙ୍କୁ ନପାଇ ଫେରିଗଲେ ପିତା ବିବ୍ରତ ହେବେ । ତେଣୁ, ଆଶ୍ରମକୁ ଯାଇ ସେନା ଓ ସଚିବମାନଙ୍କୁ ଆଶ୍ୱାସିତ କରିବା ପରେ ନିଶ୍ଚିନ୍ତ ଭାବେ ବିବାହ କରିହେବ ।

ସୋମପ୍ରଭଙ୍କ କଥାର ଔଚିତ୍ୟ ଉପଲବ୍ଧି କରି ମନୋରଥପ୍ରଭା ବିଦ୍ୟାଧର ଦେବଜୟର ସହାୟତାରେ ନିଜ ଆଶ୍ରମରେ ଆସି ଉପସ୍ଥିତ ହେଲେ । ସେମାନେ ସେଠାରେ ଅବତରଣ କଲାବେଳେ ସଚିବ ପ୍ରିୟଙ୍କର ଯୁବରାଜଙ୍କ ସନ୍ଧାନରେ ଆସି ସେଠାରେ

Digitized by srujanika@gmail.com

ପହଞ୍ଚିଥାଆନ୍ତି । ଏ ସମୟରେ ଶୀଘ୍ର ଫେରିଯିବାପାଇଁ ପିତାଙ୍କ ଆଦେଶ ଧରି ଜଣେ ଦୂତ ଆସି ସୋମପ୍ରଭଙ୍କୁ ପ୍ରଣାମ କଲା । ପିତାଙ୍କ ଆଦେଶ ପାଳନ କରି ତାଙ୍କୁ ଦର୍ଶନ କରିବା ପୁତ୍ରର ପ୍ରଥମ କର୍ତ୍ତବ୍ୟ ବୋଲି ମନୋରଥପ୍ରଭା ଓ ଦେବଜୟଙ୍କୁ ବୁଝାଇ ଏବଂ ଶୀଘ୍ର ଫେରିଆସିବାର ପ୍ରତିଶ୍ରୁତି ଦେଇ ମନ୍ତ୍ରୀଙ୍କ ସମ୍ମତି କ୍ରମେ ସୋମପ୍ରଭ ସେନାବାହିନୀ ସହିତ ସ୍ୱରାଜ୍ୟ ଅଭିମୁଖରେ ପ୍ରସ୍ଥାନ କଲେ ।

ସେମାନେ ଚାଲିଯିବା ପରେ ଦେବଜୟ ଯାଇ ମକରନ୍ଦିକାଙ୍କୁ ସମସ୍ତ ସମାଚାର ଜ୍ଞାପନ କଲା । ସେ ବିରହ ବେଦନାରେ ବ୍ୟାକୁଳ ହୋଇଉଠିଲେ । ଉପବନ, ସଙ୍ଗୀତ କିମ୍ବା ସହଚରୀମାନଙ୍କ ହାସ ପରିହାସ ତାଙ୍କୁ ଶାନ୍ତିପ୍ରଦାନ କରିପାରିଲା ନାହିଁ । ଶୁକଶାରିକା-ମାନଙ୍କର ବିନୋଦପୂର୍ଣ୍ଣ ବାଣୀ ତାଙ୍କୁ ଆଉ ଆଶ୍ୱସ୍ତ କଲାନାହିଁ । ଖାଦ୍ୟ ସାମଗ୍ରୀ ତାଙ୍କୁ ବିଷତୁଲ୍ୟ ମନେହେଲା । ବେଶଭୂଷଣ କଥା ବା ଆଉ କ'ଣ କୁହାଯିବ । ମାତାପିତାଙ୍କ ଆଶ୍ୱାସନା ବାକ୍ୟ ତାଙ୍କ କର୍ଣ୍ଣ କୁହରରେ ପ୍ରବେଶ କରିପାରିଲା ନାହିଁ । ପଦ୍ମପତ୍ରଦ୍ୱାରା ପ୍ରସ୍ତୁତ ଶଯ୍ୟା ଛାଡ଼ି ସେ ପାଗଳିନୀ ପରି ଖାଲି ଇତସ୍ତତଃ ବୁଲିବାକୁ ଲାଗିଲେ । ଏଥିରେ ମାତାପିତା ବ୍ୟାକୁଳ ହୋଇଉଠିଲେ । କନ୍ୟାକୁ ପ୍ରକୃତିସ୍ଥ କରିବାର ସମସ୍ତ ଉପାୟ ଯେତେବେଳେ ବ୍ୟର୍ଥ ହେଲା, ସେତେବେଳେ ସେମାନେ କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ ଯେ ସେ ନିଜର ଜାତିସ୍ମରତା ବିସ୍ମୃତ ହୋଇ କିଛି ଦିନ ଶ୍ରୀହୀନ ନିଷାଦ ଗୃହରେ ଯାଇ ବାସ କରିବ । ସେମାନଙ୍କର ଅଭିଶାପ ସଦ୍ୟ ଫଳପ୍ରସୂ ହେଲା, ମକରନ୍ଦିକା ମର୍ତ୍ତ୍ୟଲୋକରେ ଯାଇ ଭୀଲ କନ୍ୟା ରୂପେ ବାସ କଲେ । କନ୍ୟାକୁ ଅଭିଶପ୍ତ କରିବାର ଦୁଃଖରେ ପିତାମାତା ମଧ୍ୟ କିଛି ଦିନ ମଧ୍ୟରେ ପ୍ରାଣତ୍ୟାଗ କଲେ । ପୂର୍ବଜନ୍ମର ତପସ୍ୱୀ, ଏ ଜନ୍ମର ସର୍ବଶାସ୍ତ୍ରଦର୍ଶୀ ବିଦ୍ୟାଧରାଧିପତି ସିଂହବିକ୍ରମ ପୂର୍ବଜନ୍ମର କିଛି ପାପ ଅବଶିଷ୍ଟ ରହିଯାଇଥିବାରୁ ଶୁକଯୋନିରେ ଜନ୍ମ ନେଲେ । ତାଙ୍କ ରାଣୀ ମଧ୍ୟ ଅରଣ୍ୟ ମଧ୍ୟରେ ଶୂକରୀ ଭାବେ ଜନ୍ମଗ୍ରହଣ କଲେ । ନିଜ ତପଃ ପ୍ରଭାବରେ ଏହି ଶୁକ ପୂର୍ବପଠିତ ସମସ୍ତ ଶାସ୍ତ୍ର ସ୍ମରଣ କରିପାରୁଛି । ଶୁକ ପକ୍ଷୀଟିର ଏ ପ୍ରକାର ବିଚିତ୍ର କର୍ମଗତି ଦେଖି ମୁଁ ହସିଥିଲି ।

'ମୋଠାରୁ ଏପରି ବୃତ୍ତାନ୍ତ ଶୁଣି ଶୁକ ଯେତେବେଳେ ରାଜସଭାରେ ଏହା ପ୍ରକାଶ କରିବ, ସେତେବେଳେ ସେ ଶାପମୁକ୍ତ ହେବ । ସୋମପ୍ରଭ ମଧ୍ୟ ବିଦ୍ୟାଧର ଜନ୍ମରେ ଭୀଲକନ୍ୟା ରୂପେ ରହିଥିବା ମକରନ୍ଦିକାକୁ ଲାଭ କରିବ । ମନୋରଥପ୍ରଭା ମଧ୍ୟ ବର୍ତ୍ତମାନ ରାଜା ରୂପେ ରହିଥିବା ମୁନିକୁମାର ରଶ୍ମିମାନ୍‌ଙ୍କ ସହ ବିବାହ କରି ମନୋରଥ ସିଦ୍ଧ କରିବ ।

Digitized by srujanika@gmail.com

ସୋମପ୍ରଭ ପିତାଙ୍କୁ ଦର୍ଶନ କରି ଆଶ୍ରମକୁ ଫେରିଗଲାଣି । ସେ ଏବେ ମକରନ୍ଦିକାକୁ ଲାଭ କରିବା ନିମିତ୍ତ ଦେବଦେବ ମହାଦେବଙ୍କ ଆରାଧନା କରୁଛି ।'

ମହର୍ଷି ପୁଲସ୍ତ୍ୟଙ୍କ ଠାରୁ ମୋର ଜନ୍ମବୃତ୍ତାନ୍ତ ଶ୍ରବଣ କରି ମୁଁ ଯୁଗପତ୍ ହର୍ଷ ଓ ବିଷାଦରେ ଅଭିଭୂତ ହୋଇପଡ଼ିଲି । ମୋର ସମସ୍ତ ପୂର୍ବଜନ୍ମ କଥା ସ୍ମରଣ ହେଲା । ମୋର ଜୀବନରକ୍ଷା କରିଥିବା ମୁନି ମରୀଚି ମୋତେ ତାଙ୍କ ଆଶ୍ରମକୁ ନେଇଯାଇ ପାଳନ ପୋଷଣ କରି ବଡ଼ କଲେ । ପକ୍ଷ କଅଁଳି ଯିବାପରେ ପକ୍ଷୀ ସ୍ୱଭାବବଶତଃ ମୁଁ ଏଣେତେଣେ ଉଡ଼ି ମୋର ବିଦ୍ୟାର ଆଶ୍ଚର୍ଯ୍ୟ ପ୍ରଭାବ ଦେଖାଇବାକୁ ଲାଗିଲି । ଦୈବକ୍ରମେ ଏକଦା କୌଣସି ଭୀଲହାତରେ ପଡ଼ି ଏବେ ଆପଣଙ୍କ ନିକଟରେ ଆସି ପହଞ୍ଚିଛି । ବର୍ତ୍ତମାନ ପକ୍ଷୀଜନ୍ମରେ ମୋର ପାପରାଶି କ୍ଷୀଣ ହେଲାଣି ।'

ରାଜସଭାରେ ଏହିପରି ଆତ୍ମବୃତ୍ତାନ୍ତ ଶୁଣାଇ ସେହି ବିଦ୍ୱାନ୍ ଶୁକପକ୍ଷୀ ନିଜର ବିଚିତ୍ରବାଣୀ ଶେଷ କରନ୍ତେ ରାଜା ସୁମନା ଆନନ୍ଦାତିଶଯ୍ୟରୁ ଆତ୍ମବିସ୍ମୃତପ୍ରାୟ ହୋଇପଡ଼ିଲେ ।

ଏଣେ, ସୋମପ୍ରଭଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଭଗବାନ୍ ଶଙ୍କର ତାଙ୍କୁ ସ୍ୱପ୍ନରେ ଆଦେଶ ଦେଇ କହିଲେ, 'ସୋମପ୍ରଭ, ଉଠ । ତୋର ଆରାଧନା ସଫଳ ହୋଇଛି । ତୁ ବର୍ତ୍ତମାନ ରାଜା ସୁମନାଙ୍କ ନିକଟକୁ ଚାଲିଯା ।' ସେଠାରେ ପିତୃଶାପବଶରୁ ଭୀଲ କନ୍ୟା ମୁକ୍ତଲତା ରୂପେ ରହିଥିବା ତୋର ପ୍ରଣୟିନୀ ମକରନ୍ଦିକା ସହ ମିଳନ ହେବ । ସେ ଶୁକପକ୍ଷୀ ରୂପେ ଜନ୍ମଗ୍ରହଣ କରିଥିବା ତା'ର ପିତାଙ୍କୁ ନେଇ ସେଠାକୁ ଯାଇଛି । ସେହି ବିଦ୍ୟାଧର-ରାଜକନ୍ୟା ତୋତେ ଦେଖି ଶାପମୁକ୍ତ ହେବ ଏବଂ ତା'ର ପୂର୍ବଜନ୍ମ ସ୍ମରଣ କରିବ । ଉଭୟେ ପରସ୍ପରକୁ ଚିହ୍ନିପାରି ତୁମର ମନୋରଥ ସିଦ୍ଧ କରିବ ।'

ଭକ୍ତବତ୍ସଳ ମହାଦେବ ସୋମପ୍ରଭଙ୍କୁ ଏପରି ଆଶୀର୍ବାଦ ପ୍ରଦାନପୂର୍ବକ ଆଶ୍ରମ ମଧ୍ୟରେ ତପଶ୍ଚରଣ କରୁଥିବା ମନୋରଥପ୍ରଭାଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଲେ, 'ତୁ ଯାହାକୁ ଭଲ ପାଉଛୁ, ସେ ବର୍ତ୍ତମାନ ରାଜା ସୁମନା ରୂପେ ଅବତୀର୍ଣ୍ଣ ହୋଇଛି । ତେଣୁ ତୁ ତା' ନିକଟକୁ ଚାଲିଯା' । ତୋତେ ଦେଖି ସେହି ମୁନିକୁମାର ରଶ୍ମିମାନ୍ ତାର ପୂର୍ବଜନ୍ମ ସ୍ମରଣ କରିବ । ତୋର କଲ୍ୟାଣ ହେଉ ।'

ଏହିପରି ଭଗବାନ୍ ଶଙ୍କରଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାବେ ଆଦିଷ୍ଟ ହୋଇ ସମସ୍ତେ ଯାଇ ରାଜା ସୁମନାଙ୍କ ରାଜସଭାରେ ଉପସ୍ଥିତ ହେଲେ । ସେଠାରେ ସୋମପ୍ରଭଙ୍କୁ ଦେଖି

Digitized by srujanika@gmail.com

ମକରନ୍ଦିକାର ପୂର୍ବଜନ୍ମ କଥା ସ୍ମରଣ ହେଲା । ସେ ପୁଣି ନିଜର ବିଦ୍ୟାଧରୀ ରୂପ ପ୍ରାପ୍ତ ହୋଇ ଆନନ୍ଦାତିଶଯ୍ୟରୁ ସୋମପ୍ରଭଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କଲା । ସୋମପ୍ରଭ ମଧ୍ୟ ଶିବକୃପାରୁ ବିଦ୍ୟାଧର ରାଜକୁମାରୀ ମକରନ୍ଦିକାଙ୍କୁ ପୁନଃ ମୂର୍ତ୍ତିମତୀ ଦିବ୍ୟଭୋଗଲକ୍ଷ୍ମୀତୁଲ୍ୟ ଲାଭ କରି ଆଲିଙ୍ଗନକୁ ନିବିଡ଼ତର କଲେ । ମନୋରଥପ୍ରଭାର ଦର୍ଶନରେ ରାଜା ସୁମନାଙ୍କର ମଧ୍ୟ ପୂର୍ବଜନ୍ମ ସ୍ମୃତି ଜାଗ୍ରତ ହେଲା । ଏ ସମୟରେ ଆକାଶମାର୍ଗରୁ ତାଙ୍କର ପୂର୍ବ ଜଡ଼ ଶରୀର ଭୂପତିତ ହୁଅନ୍ତେ ସେ ତା' ମଧ୍ୟରେ ପ୍ରବେଶ କରି ପୁଣି ମୁନିପୁତ୍ର ରଶ୍ମିମାନ୍ ରୂପେ ଦଣ୍ଡାୟମାନ ହେଲେ । ଦୀର୍ଘଦିନର ବିଚ୍ଛେଦ ପରେ ନିଜର ପ୍ରାଣପ୍ରିୟା ମନୋରଥପ୍ରଭାଙ୍କୁ ପ୍ରାପ୍ତ ହୋଇ ସେ ନିଜ ଆଶ୍ରମ ଅଭିମୁଖରେ ଯାତ୍ରା କଲେ । ସୋମପ୍ରଭ ମଧ୍ୟ ପ୍ରିୟତମା ମକରନ୍ଦିକାଙ୍କ ସହ ପିତୃରାଜ୍ୟକୁ ପ୍ରସ୍ଥାନ କଲେ । ଶୁକପକ୍ଷୀ ମଧ୍ୟ ନିଜ ଶରୀର ତ୍ୟାଗ ପୂର୍ବକ ସ୍ୱକୀୟ ତପୋବଳରୁ ବିଦ୍ୟାଧର ନଗରୀକୁ ଫେରିଗଲା । ଏହିପରି ଦୂରଦୂରାନ୍ତରରେ ରହୁଥିବା ପ୍ରାଣୀମାନଙ୍କର ଦୈବୀ ବିଧାନରୁ ଶୁଭ ସମାଗମ ହୋଇଥାଏ ।

ଶକ୍ତିଯଶାଙ୍କୁ ଲାଭ କରିବା ପାଇଁ ଉତ୍କଣ୍ଠିତ ନରବାହନଦତ୍ତ ସଚିବ ଗୋମୁଖଙ୍କଠାରୁ ଏହି ଅଦ୍ଭୁତ ଓ ବିଚିତ୍ର କଥା ଶୁଣି କିଞ୍ଚିତ୍ ଆଶ୍ୱସ୍ତ ହେଲେ ।

●

Digitized by srujanika@gmail.com

ଚତୁର୍ଥ ତରଙ୍ଗ

ମନ୍ତ୍ରୀପ୍ରବର ଗୋମୁଖ ଏହିପରି ଦୁଇ ବିଦ୍ୟାଧରୀ ମକରନ୍ଦିକା ଓ ମନୋରଥପ୍ରଭା କଥା ଶୁଣାଇ ଯୁବରାଜ ନରବାହନଦତ୍ତଙ୍କୁ କହିଲେ –

'ଦେବ, ଇହ ଓ ପର ଉଭୟ ଲୋକର କଲ୍ୟାଣ ଚାହୁଁଥିବା ଏପରି ବହୁ ବ୍ୟକ୍ତି ଅଛନ୍ତି । କିନ୍ତୁ ସାଧାରଣ ବ୍ୟକ୍ତି ମଧ୍ୟ କାମ, କ୍ରୋଧ, ଲୋଭ ଆଦିର ଆବେଗକୁ ସହ୍ୟ କରି ନିଜର ମଙ୍ଗଳ ସାଧନ କରିପାରନ୍ତି । ଏ ସଂକ୍ରାନ୍ତରେ ଗୋଟିଏ କଥା ଶୁଣନ୍ତୁ –

ଭୃତ୍ୟ ଶୂରବର୍ମା କଥା

ରାଜା କୁଳଧରଙ୍କ ଶୂରବର୍ମା ନାମରେ ଏକ ପରାକ୍ରମଶାଳୀ ଭୃତ୍ୟ ଥିଲା । ସେ ଏକଦା ସ୍ୱ ଗ୍ରାମକୁ ଆସି ଆକସ୍ମିକ ଭାବେ ନିଜ ଗୃହ ମଧ୍ୟରେ ପ୍ରବେଶ କରି ଦେଖିଲା ଯେ ତା'ର ସ୍ତ୍ରୀ ଜନୈକ ମିତ୍ର ସହ ସ୍ୱଚ୍ଛନ୍ଦ ଭାବରେ କେଳିରତା । ଏହା ଦେଖି ତାର କ୍ରୋଧର ସୀମା ଟପିଗଲା । ତଥାପି ଧୈର୍ଯ୍ୟର ସହ କ୍ରୋଧକୁ ଆୟତ୍ତ କରି ସେ ଭାବିଲା ଯେ ମିତ୍ରଦ୍ରୋହୀ ପଶୁରୂପକ ମିତ୍ରକୁ ହତ୍ୟା କରି ଲାଭ କିଛି ହେବ ନାହିଁ । ସେହିପରି ଏହି ଦୁରାଚାରିଣୀ ଭାର୍ଯ୍ୟାକୁ ହତ୍ୟା କରି କ'ଣ ହେବ ? ନିଜେ କେବଳ ହତ୍ୟାଜନିତ ପାପରେ ଭାଗୀ ହେବ । ଏହିପରି ଚିନ୍ତା କରି ସେ ଉଭୟଙ୍କୁ ଛାଡ଼ିଦେଲା । କିନ୍ତୁ କହିଲା, 'ତୁମମାନଙ୍କ ମଧ୍ୟରୁ ଯିଏ ବାରମ୍ବାର ମୋ ଦୃଷ୍ଟିରେ ପଡ଼ିବ, ମୁଁ ତାକୁ ହତ୍ୟା କରିବି । ଏଣୁ ତୁମେମାନେ ଏ ଗାଁ ଛାଡ଼ି ଚାଲିଯାଅ ।' ଏହାଶୁଣି ଭୟରେ ସେ ଦୁହେଁ କେଉଁଆଡ଼େ ଚାଲିଗଲେ । ଶୂରବର୍ମା ଅନ୍ୟ ସ୍ତ୍ରୀ ବିବାହ କରି ଆନନ୍ଦରେ ଜୀବନଯାପନ କଲା ।

ତେଣୁ ଦେବ ! କ୍ରୋଧକୁ ଆୟତ୍ତ କରିଥିବା ବ୍ୟକ୍ତି କଦାପି ଦୁଃଖଲାଭ କରେ ନାହିଁ ।

ଏବଂ ଦେବ ଜିତକ୍ରୋଧୋ ନ ଦୁଃଖସ୍ୟାସ୍ପଦୀଭବେତ୍ ।

Digitized by srujanika@gmail.com

କେବଳ ମନୁଷ୍ୟ ନୁହେଁ ପଶୁମାନେ ମଧ୍ୟ ପରାକ୍ରମ ଅପେକ୍ଷା ବୁଦ୍ଧି ବଳ ଦ୍ୱାରା ନିଜର କଲ୍ୟାଣ କରିଥାଆନ୍ତି । ଏ ସମ୍ପର୍କରେ ଗୋଟିଏ ଗଳ୍ପ ଶୁଣନ୍ତୁ –

ସଂଜୀବକ ଓ ପିଙ୍ଗଳକ ଉପାଖ୍ୟାନ

କୌଣସି ନଗରୀରେ ଜଣେ ଧନୀ ବୈଶ୍ୟପୁତ୍ର ବାସ କରୁଥିଲେ । ସଂଜୀବକ ନାମରେ ତାଙ୍କର ଏକ ବୃଷଭ ଥିଲା । ଥରେ ସେ ଶଗଡ଼ରେ ଜିନିଷପତ୍ର ଧରି ବାଣିଜ୍ୟ କରିବା ପାଇଁ ମଥୁରା ନଗରୀକୁ ଯାଉଥାନ୍ତି । ରାସ୍ତା କର୍ଦ୍ଦମାକ୍ତ ଥାଏ । ତା' ମଧ୍ୟରେ ଶଗଡ଼ ଗଳିଯାଇ ଓଲଟି ପଡ଼ିବାରୁ ସଂଜୀବକ କ୍ଷତବିକ୍ଷତ ହୋଇ ତା'ମଧ୍ୟରେ ପଡ଼ିଗଲା । ବଣିକ ବହୁ ଚେଷ୍ଟା କରି ବୃଷଭଟିକୁ ତା'ମଧ୍ୟରୁ ଉଠାଇପାରିଲେ ନାହିଁ । ଦୀର୍ଘ ସମୟ ଧରି ତାଙ୍କ ଚେଷ୍ଟା ବିଫଳ ହେବାରୁ ସେ ସଂଜୀବକକୁ ସେଠାରେ ଛାଡ଼ିଦେଇ ଗନ୍ତବ୍ୟ ପଥରେ ଚାଲିଗଲେ ।

ଦୈବଯୋଗରୁ ସେହି ଅସହାୟ ଓ ଅନାଥ ବୃଷଭଟି କିଛି ସମୟ ପରେ କର୍ଦ୍ଦମ ମଧ୍ୟରୁ ଉଠିଆସି କୋମଳ ଘାସପତ୍ର ଖାଇ ଧୀରେ ଧୀରେ ସୁସ୍ଥ ହେଲା । ଯମୁନା ତଟରେ ସ୍ୱଚ୍ଛନ୍ଦତାପୂର୍ବକ ବିଚରଣ କରି ସବୁଜ ଘାସ ଓ ପତ୍ର ଆହାର କରିବା ଫଳରେ ହୃଷ୍ଟପୁଷ୍ଟ ହୋଇ ସେ ଶିବଙ୍କ ବାହନ ପରି ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଲା । ଉଇହୁଙ୍କାଗୁଡ଼ିକୁ ଶିଙ୍ଗରେ ତାଡ଼ି ସେ ଗମ୍ଭୀର ଭାବେ ଭୟଙ୍କର ଗର୍ଜନ କରୁଥାଏ ।

ଏହି ସମୟରେ ଅନତି ଦୂରରେ ସମଗ୍ର ବନଭୂମି ଉପରେ ପ୍ରଭାବ ବିସ୍ତାର ପୂର୍ବକ ପିଙ୍ଗଳକ ନାମରେ ଏକ ମହାପରାକ୍ରମୀ ସିଂହ ବାସ କରୁଥାଏ । ଏହି ମୃଗରାଜ ସିଂହର ଦୁଇଟି ଶୃଗାଳ ମନ୍ତ୍ରୀ ଥାଆନ୍ତି । ଗୋଟିକର ନାମ କରଟକ ଏବଂ ଅନ୍ୟଟିର ନାମ ଦମନକ ।

ଦିନେ ସିଂହଟି ପାଣି ପିଇବା ପାଇଁ ଯମୁନା ତୀରକୁ ଯାଉଥିବା ବେଳେ ଏହି ବିଶାଳ କୁଜ ବିଶିଷ୍ଟ ବୃଷଭର ଗର୍ଜନ ଶୁଣିବାକୁ ପାଇଲା । ଚତୁର୍ଦ୍ଦିଗକୁ ପ୍ରକମ୍ପିତ କରୁଥିବା ବୃଷଭର ଭୟଙ୍କର ଗର୍ଜନ ତାକୁ ହତଚକିତ କରିଦେଲା । ପୂର୍ବରୁ ଏ ପ୍ରକାର ଶବ୍ଦ ସେ କେବେ ଶୁଣି ନଥିଲା । ଏଣୁ ସେ ଭାବିଲା ଯେ କୌଣସି ଭୟଙ୍କର ତଥା ଅତୀବ ପରାକ୍ରମଶାଳୀ ପ୍ରାଣୀ ଆସି ତା'ର ଅରଣ୍ୟ ରାଜ୍ୟରେ ପ୍ରବେଶ କରିଛି; ଦେଖିବା ମାତ୍ରେ ସେ ତାକୁ ବଧ କରିବ କିମ୍ବା ଅରଣ୍ୟ ମଧ୍ୟରୁ ବିତାଡ଼ନ କରିବ । ଏହିପରି ଚିନ୍ତାକରି ଭୟଭୀତ ସିଂହ ପାଣି ନପିଇ ସେଠାରୁ ଫେରିଗଲା ଏବଂ ଅନୁଚରମାନଙ୍କ ମଧ୍ୟରେ ନିଜକୁ ଲୁଚାଇ ରଖିଲା । ତା'ର

Digitized by srujanika@gmail.com

ଏପ୍ରକାର ଆଚରଣ ଲକ୍ଷ୍ୟ କରି ବୁଦ୍ଧିମାନ୍ ସଚିବ ଦମନକ ଏକାନ୍ତରେ କରଟକକୁ କହିଲା, 'ମହାରାଜ ଆଜି ପାଣି ପିଇବାକୁ ଯାଇ ବିନା ଜଳପାନରେ ଫେରି ଆସିଲେ । ଏହାର କାରଣ ପଚାରି ଜାଣିବା ଆମର କର୍ତ୍ତବ୍ୟ ।' କିନ୍ତୁ କରଟକ ତାକୁ ଏଥିରୁ ନିବୃତ୍ତ କରିବାକୁ ଯାଇ କହିଲା, 'ଏହା ଆମ କାମ ନୁହେ । ତୁମେ କ'ଣ କୀଳୋତ୍ପାଟିନ ମର୍କଟ କଥା ଶୁଣିନ ?

କୀଳୋତ୍ପାଟିନ ବାନର କଥା

କୌଣସି ଏକ ନଗରରେ ଜଣେ ବଣିକ ରହୁଥିଲା । ନଗର ଶେଷରେ ଗୋଟିଏ ମନ୍ଦିର ନିର୍ମାଣ କରିବା ପାଇଁ ସେ କାଠଗଡ଼ି ସବୁ ସଂଗ୍ରହ କରିଥାଏ । କେତେଜଣ ବଢ଼େଇ କାମରେ ଲାଗିଥାଆନ୍ତି । ସେମାନେ ଗୋଟିଏ କାଠଗଣ୍ଡିକୁ ଉପରପଟୁ ଅଧା ଚିରି ସେଥିରେ ଗୋଟିଏ କୀଳା ମାରିଥାଆନ୍ତି । ସନ୍ଧ୍ୟା ହେବାରୁ ସେମାନେ କାମ ବନ୍ଦ କରି ଚାଲିଗଲେ । ଏ ସମୟରେ ଗୋଟିଏ ମାଙ୍କଡ଼ ଆସି ସ୍ୱଭାବ ଚଞ୍ଚଳତା ଯୋଗୁଁ ସେହି ଅଧା ଚିରା କାଠଗଣ୍ଡି ଉପରେ ଡିଆଁଡେଇଁ କରି ବସିଗଲା ଏବଂ ଅନାବଶ୍ୟକ ଭାବେ କୀଳାଟିକୁ ଟାଣିବାରେ ଲାଗିଲା । ଏତିକିରେ ହଠାତ୍ କୀଳାଟି କାଠଗଣ୍ଡି ମଧ୍ୟରୁ ବାହାରି ଆସିବା ଯୋଗୁଁ ଚିରାଯାଇଥିବା ଦୁଇଫାଳିଆ ଗଣ୍ଡିଟି ପୁଣି ଯୋଡ଼ି ହୋଇଗଲା ଏବଂ ମାଙ୍କଡ଼ଟି ତା' ଭିତରେ ରହିଯାଇ ପଞ୍ଚତ୍ୱ ପ୍ରାପ୍ତ ହେଲା । ଏହିପରି ଯାହା ଯା'ର କାମ ନୁହେ, ତାହା କରିବାକୁ ଗଲେ ମୃତ୍ୟୁ ସୁନିଶ୍ଚିତ ।

ଏବଂ ନ ଯସ୍ୟ ଯତ୍ କର୍ମ ସ ତତ୍‌କୁର୍ବନ୍ ବିନଶ୍ୟତି ।

ଏଣୁ ରାଜାଙ୍କ ମନୋଗତି ଜାଣିବା ଆମର କ'ଣ ଆବଶ୍ୟକ ?'

କରଟକଠାରୁ ଏହା ଶୁଣି ବୁଦ୍ଧିମାନ୍ ଦମନକ କହିଲା, 'ବୁଦ୍ଧିମାନ୍ ସେବକ ସ୍ୱାମୀର ଅନ୍ତରଙ୍ଗ ହୋଇ ତାଙ୍କର ମନୋଗତ ଭାବକୁ ସର୍ବଦା ଜାଣିବା ଉଚିତ । କେବଳ ଉଦରପୂରଣ କରି ଲାଭ କ'ଣ ?

ଦମନକ ଓ କରଟକ ସମ୍ବାଦ

ଦମନକଠାରୁ ଏହାଶୁଣି ସରଳବିଶ୍ୱାସୀ କରଟକ କହିଲା, 'ନିଜ ଇଚ୍ଛାରେ ପ୍ରଭୁଙ୍କ ଅନ୍ତରଙ୍ଗ କଥାରେ ମୁଣ୍ଡ ପୂରାଇବା ସେବକମାନଙ୍କର ଧର୍ମ ନୁହେଁ ।' କିନ୍ତୁ ଏହାକୁ ସ୍ୱୀକାର ନକରି ଦମନକ ଯୁକ୍ତି କଲା, 'ନା, ଏହା ଠିକ୍ ନୁହେଁ । ନିଜ ଅନୁରୂପ ଫଳ ସମସ୍ତେ

Digitized by srujanika@gmail.com

ବାଞ୍ଛା କରନ୍ତି । ହାଡ଼ର ଖଣ୍ଡେ ଟୁକୁରାରେ କୁକୁର ସନ୍ତୁଷ୍ଟ ହୁଏ, ମାତ୍ର ସିଂହ ହାତୀକୁ ଆକ୍ରମଣ କରେ ।

ଶ୍ୱା ତୁଷ୍ୟତ୍ୟସ୍ଥିମାତ୍ରେଣ କେସରୀ ଧାବତି ଦ୍ୱିପେ ।

କରଟକ ଏଥିରେ ସନ୍ତୁଷ୍ଟ ନହୋଇ କହିଲା, 'ଏହା ଶୁଣି ପ୍ରଭୁ ଯଦି ଓଲଟା କ୍ରୋଧ ପ୍ରକାଶ କରନ୍ତି, ତେବେ ବିଶେଷ ଫଳ କଣ ମିଳିବ ? କାରଣ ରାଜାମାନେ ପର୍ବତ ପରି କଠୋର । ଅତୀବ କର୍କଶ ହିଂସ୍ରଜନ୍ତୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଏମାନେ ସାଧାରଣତଃ କଷ୍ଟସାଧ୍ୟ ହୋଇଥାଆନ୍ତି ।' ଦମନକ ତା'ର ଯୁକ୍ତିକୁ ଅସ୍ୱୀକାର ନକରି ପୁଣି କହିଲା, 'ଅବଶ୍ୟ ଏହା ସତ । କିନ୍ତୁ ବୁଦ୍ଧିମାନ୍ ସେବକମାନେ ପ୍ରଭୁଙ୍କ ସ୍ୱଭାବର ଅନୁସରଣ କରି ତାଙ୍କୁ ଧୀରେ ଧୀରେ ବଶ କରିଥାଆନ୍ତି ।' କରଟକ ଯୁକ୍ତିରେ ନପାରି ଶେଷରେ ସମ୍ମତି ପ୍ରକାଶପୂର୍ବକ ଦମନକର ଯାହା ଇଚ୍ଛା ତାହା କରିବା ପାଇଁ ସ୍ୱୀକୃତି ଦେଲା ।

କରଟକକୁ ଯୁକ୍ତିରେ ସମ୍ମତ କରାଇ ଦମନକ ରାଜା ସିଂହ ନିକଟରେ ଯାଇ ପହଞ୍ଚିଲା । ପିଙ୍ଗଳକ ତାକୁ ସ୍ୱାଗତ କରି ନିକଟରେ ବସିବା ପାଇଁ ନିର୍ଦ୍ଦେଶ ଦେବାରୁ ସେ ପାର୍ଶ୍ୱରେ ଆସନ ଗ୍ରହଣପୂର୍ବକ ନିବେଦନ କଲା, 'ଦେବ, ପୁରୁଷାନୁକ୍ରମେ ଆମ ପରିବାର ଆପଣଙ୍କ ସେବା କରିଆସିଛି । ଅନ୍ୟ କେହି ଯଦି ଆପଣଙ୍କ ହିତକାମୀ ଓ ବିଶ୍ୱାସଭାଜନ ହୁଏ, ତେବେ ଆପଣ ତାକୁ ଗ୍ରହଣ କରିପାରନ୍ତି, କିନ୍ତୁ ଆପଣାର କେହି ଯଦି ଆପଣଙ୍କ ଅଶୁଭ ଚିନ୍ତା କରେ, ତେବେ ତାକୁ ଦୂରେଇ ଦେବା ମଧ୍ୟ ଅଯଥାର୍ଥ ନୁହେ । ସ୍ୱାମୀର ହିତଚିନ୍ତକ ବିରାଡ଼ିକୁ ଅର୍ଥ ବିନିମୟରେ କିଣି ଆଣି ଘରେ ରଖାଯାଏ କିନ୍ତୁ ନିଜ ଘରେ ଜନ୍ମ ହୋଇଥିବା ଅନିଷ୍ଟକାରକ ମୂଷାକୁ ମାରି ଦିଆଯାଏ ।

କ୍ରିତ୍ୱାନ୍ୟତୋଽପି ମୂଲ୍ୟେନ ମାର୍ଜାରଃ ପୋଷ୍ୟତେ ହିତଃ
ଅହିତୋ ହନ୍ୟତେ ଯତ୍ନାତ୍ ଗୃହଜାତୋଽପି ମୂଷକଃ ।

ଆପଣାର ମଙ୍ଗଳ ଚାହୁଁଥିବା ରାଜାମାନେ ବିଶ୍ୱସ୍ତ ସେବକର କଥା ଶୁଣିବା ଉଚିତ ଏବଂ ସେବକ ମଧ୍ୟ ରାଜାଙ୍କୁ ନପଚାରି ତାଙ୍କର ହିତସାଧନ କରିବା ଏବଂ ଉଚିତ ଉପଦେଶ ଦେବା ଆବଶ୍ୟକ । ଏଣୁ ପ୍ରଭୁ, ଆପଣ ଯଦି ମୋତେ ବିଶ୍ୱାସ କରନ୍ତି, କିଛି ଗୋପନ କରି ନରଖିବା ପାଇଁ ଚାହାଁନ୍ତି ଏବଂ ମୋ ଉପରେ କ୍ରୋଧ ପ୍ରକାଶ ନକରନ୍ତି, ତେବେ ମୁଁ ଗୋଟିଏ କଥା ପଚାରିବି ।'

Digitized by srujanika@gmail.com

ଏଥିରେ ପିଙ୍ଗଳକ ତାକୁ ବିଶ୍ୱସ୍ତ ଓ ଭକ୍ତ ବୋଲି କହି ଅଭୟ ପ୍ରଦାନ କରନ୍ତେ ଦମନକ ନିବେଦନ କଲା, 'ପ୍ରଭୁ, ଆପଣ ଜଳପାନ କରିବା ପାଇଁ ଯାଇଥିଲେ, କିନ୍ତୁ ତୃଷାର୍ତ୍ତ ଥିବା ସତ୍ତ୍ୱେ ଜଳପାନ ନକରି କାହିଁକି ଚାଲିଆସିଲେ ? ପୁଣି ସେହି ସମୟରୁ ଆପଣ ଏପରି ଉଦାସ ହୋଇ କାହିଁକି ରହିଛନ୍ତି ? ଦୟା କରି ଜଣାଇଲେ ଭୃତ୍ୟର କଷ୍ଟ ଲାଘବ ହୁଅନ୍ତା ।'

ଦମନକର କଥା ଶୁଣି ସିଂହ ଚିନ୍ତା କଲା ଯେ ଦମନକ ତା' ମନକଥା ତ ଠଉରେଇ ନେଲାଣି, ଏବେ ଆଉ ଲୁଚାଇବା ଉଚିତ ନୁହେ । ସେ ଶାନ୍ତ ଭାବେ କହିଲା, 'ତୋତେ କିଛି ଲୁଚାଇବାର ନାହିଁ । ଜଳ ନିକଟରେ ପହଞ୍ଚିବା ବେଳେ ମୁଁ ଏକ ଅଦ୍ଭୁତ ଶବ୍ଦ ଶୁଣିବାକୁ ପାଇଲି । ଏପରି ଶବ୍ଦ ପୂର୍ବରୁ କେବେ ମୋର ଶ୍ରୁତିଗୋଚର ହୋଇନଥିଲା । ଏହା ମୋ ଅପେକ୍ଷା ଅଧିକ ଉଗ୍ର କୌଣସି ପ୍ରାଣୀର ହେବା ମନେହେଲା । କାରଣ ପ୍ରାଣୀ ଗର୍ଜନର ଅନୁରୂପ ହେବା ସ୍ୱାଭାବିକ । ବିଧାତାର ସୃଷ୍ଟି ବି ବଡ଼ ବିଚିତ୍ର । ଏଥିରେ ଏକକୁ ବଳି ଆରେକ ପ୍ରାଣୀ ସୃଷ୍ଟି ହୋଇଥାଆନ୍ତି । ଏହିପରି ଏକ ପ୍ରାଣୀ ଆମ ଅରଣ୍ୟ ମଧ୍ୟକୁ ପଶି ଆସିଥିବାରୁ ବର୍ତ୍ତମାନ ଏ ଶରୀର ଓ ରାଜ୍ୟ ଆଉ ମୋର ନୁହେ । ଏଣୁ ମୋତେ ଏ ଅରଣ୍ୟ ଛାଡ଼ି ଅନ୍ୟତ୍ର ଯିବାକୁ ପଡ଼ିବ ।'

ପିଙ୍ଗଳକର ଦୁର୍ବଳତା ବାରିପାରି ଦମନକ ତାକୁ ଆଶ୍ୱାସନା ଦେବାପାଇଁ କହିଲା, 'ପ୍ରଭୁ, ଆପଣ ବୀର ଏବଂ ଜଣେ ଉତ୍ତମ ଶାସକ ମଧ୍ୟ । ରାଜ୍ୟ ଛାଡ଼ି ଚାଲିଯିବା କଥା କାହିଁକି ଚିନ୍ତା କରୁଛନ୍ତି । ଜଳ ପ୍ରବାହରେ ସେତୁ ଭାସିଯାଏ, କାନକୁହାଙ୍କ ଯୋଗୁଁ ସ୍ନେହ ତୁଟିଯାଏ, ଉପଯୁକ୍ତ ଭାବେ ରକ୍ଷାକରି ନପାରିଲେ ମନ୍ତ୍ର ଭ୍ରଷ୍ଟ ହୁଏ ଏବଂ ଭୟାଳୁ ବ୍ୟକ୍ତି ହିଁ ଶବ୍ଦଶୁଣି ଭାଙ୍ଗିପଡ଼େ ।

ଜଳେନ ଭଜ୍ୟତେ ସେତୁଃ ସ୍ନେହଃ କର୍ଣ୍ଣଜପେନ ତୁ
ଅରକ୍ଷଣେନ ମନ୍ତ୍ରଶ୍ଚ ଶବ୍ଦମାତ୍ରେଣ କାତରଃ ।

ଯନ୍ତ୍ର, ଯାନ ଇତ୍ୟାଦିର ଶବ୍ଦ ମଧ୍ୟ ଭୟଙ୍କର ହୋଇଥାଏ । ଏଣୁ ପ୍ରକୃତ ତଥ୍ୟ ନଜାଣି ଭୟଭୀତ ହେବା ଉଚିତ ନୁହେ । ଏ ସମ୍ପର୍କରେ ଭେରୀ ଓ ଶୃଗାଳ କଥା ଶୁଣନ୍ତୁ ।

ଭେରୀ ଓ ଶୃଗାଳ କଥା

ପୁରାକାଳରେ କୌଣସି ଅରଣ୍ୟରେ ଗୋଟିଏ ଶୃଗାଳ ରହୁଥିଲା । ଦିନେ ସେ ଖାଦ୍ୟ ଅନ୍ୱେଷଣରେ ଯାଇ କୌଣସି ପୁରାତନ ଯୁଦ୍ଧକ୍ଷେତ୍ରରେ ପହଞ୍ଚିଲା । ତାର ଏକ

Digitized by srujanika@gmail.com

ଦିଗରୁ ଗୋଟିଏ ଗମ୍ଭୀର ଶବ୍ଦ ଆସୁଥାଏ । ଏ ଶବ୍ଦଶୁଣି ସେ ପ୍ରଥମେ ଡରି ଯାଇ ସେହି ଦିଗକୁ ଚାହିଁ ଦେଖିଲା ଯେ ଗୋଟିଏ ବିରାଟକାୟ ଭେରୀ ସେଠାରେ ଭୂମି ଉପରେ ଗଡୁଛି । ସେ ପୂର୍ବରୁ ଏପ୍ରକାର ବସ୍ତୁ କେବେ ଦେଖି ନଥିଲା । ତେଣୁ ତାହା ଏପ୍ରକାର ଶବ୍ଦ କରୁଥିବା କୌଣସି ପ୍ରାଣୀ ବୋଲି ତାର ଭ୍ରମ ହେଲା । ପ୍ରକୃତ ତଥ୍ୟ ଜାଣିବା ପାଇଁ ସେ ନିଷ୍ପନ୍ଦ ଭାବେ ଭେରୀ ନିକଟକୁ ଯାଇ ଦେଖିଲା ଯେ ତାହା କୌଣସି ଜୀବନ୍ତ ପ୍ରାଣୀ ନୁହେଁ । ପବନଦ୍ୱାରା ଦୋହଲୁଥିବା ଗୋଟିଏ ଶରର ଅଗ୍ରଭାଗ ଭେରୀ ଉପରିସ୍ଥ ଛିନ୍ନ ଚମଡ଼ା ଉପରେ ଆଘାତ କରୁଥିବାରୁ ଏପରି ଶବ୍ଦ ସୃଷ୍ଟି ହେଉଛି । ଭୟ ଦୂର ହେବାରୁ ତା'ଭିତରେ କିଛି ଖାଦ୍ୟ ଥାଇପାରେ ଭାବି ସେ ଚମଡ଼ାଟିକୁ ଛିନ୍ନଭିନ୍ନ କରି ଦେଖିଲା ଯେ ଭିତରେ କାଠ ଓ ଶୁଖିଲା ଚମଡ଼ା ବ୍ୟତୀତ ଆଉ କିଛି ନାହିଁ ।

ଏଣୁ ଛାମୁଙ୍କ ପରି ବୀର କେବଳ ଶବ୍ଦମାତ୍ରରେ ଭୟଭୀତ ହେବା ଶୋଭନୀୟ ନୁହେ । ସେହି ସ୍ଥାନଟି ଯଦି ଆପଣଙ୍କ ଭୟର କାରଣ ହୋଇଥାଏ, ତା'ହେଲେ ମୁଁ ଯାଇ ପ୍ରକୃତ ତଥ୍ୟ ସନ୍ଧାନ କରିଆସୁଛି ।

ପିଙ୍ଗଳକର ଅନୁମତି ନେଇ ଦମନକ ପ୍ରକୃତ ବିଷୟ ଜାଣିବା ପାଇଁ ଯମୁନା ତଟ ଦିଗରେ ଅଗ୍ରସର ହେଲା । ଶବ୍ଦକୁ ଅନୁସରଣ କରି ଅତି ସନ୍ତର୍ପଣରେ ଯାଉଥିବା ବେଳେ ସେ ସେଠାରେ ଘାସ ଚରୁଥିବା ଗୋଟିଏ ହୃଷ୍ଟପୁଷ୍ଟ ବୃଷଭକୁ ଦେଖିବାକୁ ପାଇଲା । ନିକଟକୁ ଯାଇ ସେ ତା' ସହିତ କଥାବାର୍ତ୍ତା କରି ପ୍ରସନ୍ନ ଚିତ୍ତରେ ସିଂହ ନିକଟକୁ ଫେରିଯାଇ ସମଗ୍ର ବୃତ୍ତାନ୍ତ ବର୍ଣ୍ଣନା କଲା । ପିଙ୍ଗଳକ ଏଥିରେ ଆଶ୍ୱସ୍ତ ହୋଇ ସେ ଯଦି ଏପରି ଏକ ବିଶାଳକାୟ ବୃଷଭକୁ ଦେଖି ତା'ସହିତ କଥାବାର୍ତ୍ତା କରିଛି, ତେବେ ତାକୁ ବୁଝାଇ ସୁଝାଇ ସେଠାକୁ ଆଣିବାପାଇଁ ପୁଣି ଦମନକକୁ ପ୍ରେରଣ କଲା । ଦମନକ ବୃଷଭକୁ ନିଜ ସ୍ୱାମୀଙ୍କ ବାର୍ତ୍ତା ଦେଇ ତା'ସହିତ ଯିବା ନିମିତ୍ତ କହିବାରୁ ସଂଜୀବକ ଭୟରେ ସିଂହ ନିକଟକୁ ଯିବାପାଇଁ ସମ୍ମତ ହେଲାନାହିଁ । ଏଥିରୁ ଶୃଗାଳ ବୃଷଭର ବଳାବଳ କଳନା କରି ସିଂହ ନିକଟକୁ ଯାଇ ତାକୁ ଅଭୟ ଦାନ କଲା ଏବଂ ପୁଣି ଯମୁନାତଟକୁ ଫେରିଆସି ପଶୁରାଜ ସିଂହର ଅଭୟ ବାଣୀ ଶୁଣାଇ ବିଶ୍ୱାସ ଓ ସାହସ ଦାନ ପୂର୍ବକ ସଂଜୀବକକୁ ସଙ୍ଗରେ ଧରି ପିଙ୍ଗଳକ ନିକଟରେ ଉପସ୍ଥିତ ହେଲା ।

'ସିଂହ ଆଦରର ସହିତ ସ୍ୱାଗତ କରି ନିଜ ନିକଟରେ ନିର୍ଭୟରେ ରହିବା ପାଇଁ ଅନୁରୋଧ କରନ୍ତେ ସଂଜୀବକ ସେଠାରେ ଆନନ୍ଦର ସହିତ ରହିବାକୁ ଲାଗିଲା । ନିଜର

Digitized by srujanika@gmail.com

ଶକ୍ତି ଓ ଚାତୁରୀ ବଳରେ ସେ ସିଂହକୁ ଏପରି ବଶୀଭୂତ କରିଦେଲା ଯେ ସିଂହ ଅନ୍ୟମାନଙ୍କୁ ଉପେକ୍ଷା କରି ବୃଷଭର ନିର୍ଦ୍ଦେଶରେ କେବଳ ପରିଚାଳିତ ହେଲା । ଏହା ଲକ୍ଷ୍ୟକରି ଦମନକ ଦିନେ ଏକାନ୍ତରେ କରଟକ ନିକଟରେ ଦୁଃଖ ପ୍ରକାଶ କରି କହିଲା, 'ଦେଖ, ସଂଜୀବକ ଦ୍ୱାରା ନିୟନ୍ତ୍ରିତ ହୋଇ ରାଜା ଆମ ଉଭୟଙ୍କୁ ଉପେକ୍ଷା କରିବା ଆରମ୍ଭ କରିଛନ୍ତି । ଶିକାର କରି ମାଂସସବୁ ସେ ଏକାକୀ ହିଁ ଖାଇ ଦେଉଛନ୍ତି । ପୂର୍ବପରି ଆମକୁ ଆଉ କିଛି ଦେଉନାହାନ୍ତି । କୌଣସି ବିଷୟରେ ଆମ ଅପେକ୍ଷା ସଂଜୀବକର ମନ୍ତ୍ରଣାକୁ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅବଶ୍ୟ ଦୋଷ ମୋର । ମୁଁ ହିଁ ଏହି ବୃଷଭକୁ ଆଣି ପ୍ରଭୁଙ୍କ ସହ ମିତ୍ରତା କରାଇଥିଲି । ବର୍ତ୍ତମାନ ବୃଷଭର ବିନାଶ ନିମନ୍ତେ କିଛି ଉପାୟ କରିବାକୁ ପଡ଼ିବ ଏବଂ ଏହି ମୂର୍ଖ ସିଂହକୁ ତାର କବଳରୁ ରକ୍ଷା କରିବାକୁ ହେବ ।' କରଟକ ଏହା ଆଉ ସମ୍ଭବ ନୁହେ ବୋଲି ଆଶଙ୍କା ବ୍ୟକ୍ତ କରିବାରୁ ଦମନକ ନିଜର ବୁଦ୍ଧି ବଳରେ ଏହା ସମ୍ଭବ ହେବ ବୋଲି କହି, ଏ ସମ୍ପର୍କରେ ତାକୁ ଏକ ଗଳ୍ପ ଶୁଣାଇଲା–

ବକ କର୍କଟ କଥା

ବିପଦ ସମୟରେ ଯାହାର ବୁଦ୍ଧି ଭ୍ରଷ୍ଟ ହୁଏନାହିଁ, ସେ ସବୁ କିଛି ସାଧନ କରିପାରେ ।

ନ ସ ଶକ୍ନୋତି କିଂ ଯସ୍ୟ ପ୍ରଜ୍ଞା ନାପଦି ହୀୟତେ ।

ପୂର୍ବେ କୌଣସି ମତ୍ସ୍ୟପୂର୍ଣ୍ଣ ସରୋବରରେ ଗୋଟିଏ ବଗ ବାସ କରୁଥିଲା । ତା'ର ଆହାର ନହେବା ପାଇଁ ମାଛଗୁଡ଼ିକ ତା ଦୃଷ୍ଟିରୁ ଦୂରେଇ ରହୁଥିଲେ । ସେମାନଙ୍କର ଏପ୍ରକାର ବ୍ୟବହାରରେ କ୍ଷୁଧାର୍ତ୍ତ ବଗ ଏକ ଉପାୟ ଚିନ୍ତା କରି ମାଛମାନଙ୍କୁ ଶୁଣାଇ ଛଳନାପୂର୍ଣ୍ଣ ଭାବେ କହିଲା, 'ଭାଇମାନେ, ତୁମମାନଙ୍କୁ ମାରିବାପାଇଁ ଗୋଟିଏ ଧୀବର ଜାଲ ନେଇଆସିଛି । ସେ ଶୀଘ୍ର ତୁମମାନଙ୍କୁ ଧରିନେବ । ଯଦି ତୁମର ମୋ ଉପରେ ବିଶ୍ୱାସ ଅଛି, ତେବେ ମୋ କଥା ମାନ । ଏଠାରୁ କିଛି ଦୂରରେ ଗୋଟିଏ ଗୁପ୍ତ ପୁଷ୍କରିଣୀ ଅଛି । ତାହାକୁ କୌଣସି ଧୀବର ଏପର୍ଯ୍ୟନ୍ତ ଦେଖି ନାହାନ୍ତି । ଯଦି ଜୀବନ ବଞ୍ଚାଇବାକୁ ଚାହଁ, ତେବେ ସେଠାକୁ ଚାଲିଯାଅ । ତୁମେ ଚାହିଁଲେ ମୁଁ ଜଣ ଜଣକୁ ନେଇ ସେଠାରେ ପହଞ୍ଚାଇ ଦେବି ।' ବଗର କପଟ ଜାଲରେ ଫସିଯାଇ ଭୟଭୀତ ମାଛମାନେ ତା' ପ୍ରସ୍ତାବରେ ସହମତ ହେଲେ । ଧୂର୍ତ୍ତବଗ ଗୋଟିଏ ଗୋଟିଏ କରି ମାଛମାନଙ୍କୁ ଥଣ୍ଟରେ ଧରି ଗୁପ୍ତ ପୁଷ୍କରିଣୀକୁ ନେବା ଆଳରେ ଗୋଟିଏ ପଥର ଚଟାଣ ଉପରେ ମାରି ଖାଇବାକୁ ଲାଗିଲା । ଏହିପରି ବହୁତ ମାଛ ତାର ଆହାର ହେଲେ ।

Digitized by srujanika@gmail.com

ମାଛଗୁଡ଼ିକୁ ଏପରି ଭାବେ ନେଉଥିବା ଦେଖି ସେହି ପୁଷ୍କରିଣୀରେ ଥିବା ଗୋଟିଏ ମକର ବକକୁ ଏ ସମ୍ପର୍କରେ ପଚାରିବାରୁ ସେ ମାଛସବୁକୁ କହିଥିବା କଥାର ପୁନରାବୃତ୍ତି କଲା । ଜୀବନ ଲୋଭରେ ମକର ମଧ୍ୟ ସେଠାରୁ ପଳାଇବା ପାଇଁ ଚାହିଁବାରୁ ସେ ନୂତନ ମାଂସର ସ୍ୱାଦୁ ଲୋଭରେ ମକରକୁ ନେଇ ଉକ୍ତ ପଥର ଚଟାଣ ଉପରେ କଚାଡ଼ି ଦେଲା । ସେଠାରେ ଇତସ୍ତତଃ ପଡ଼ିଥିବା ହାଡ଼ ଓ ମାଂସଖଣ୍ଡ ଦେଖି ବକର ବିଶ୍ୱାସଘାତକତା ବୁଝିବାରେ ମକରର ବିଳମ୍ବ ହେଲାନାହିଁ । ସେ ଯଥାଶୀଘ୍ର ବକର ଗଳା କାଟି ତାକୁ ମାରି ପକାଇଲା । ଅବଶିଷ୍ଟ ମାଛମାନେ ବକର ଛଳନା ଏବଂ ମକରର ଉପକାର ସମ୍ପର୍କରେ ଜାଣି ମକରକୁ କୃତଜ୍ଞତା ଜ୍ଞାପନ କଲେ ।

ବିପଦ ସମୟରେ ସ୍ଥିର ବୁଦ୍ଧିସମ୍ପନ୍ନ ବ୍ୟକ୍ତି କ'ଣ ନ କରିପାରେ ! ଏଣୁ ବୁଦ୍ଧି ହିଁ ହେଉଛି ପ୍ରକୃତ ବଳ । ବୁଦ୍ଧିହୀନ ବ୍ୟକ୍ତି ପାଖରେ ପରାକ୍ରମ ଥିଲେ ସୁଦ୍ଧା ସେ ତାର ଉପଯୁକ୍ତ ବିନିଯୋଗ କରିପାରେ ନାହିଁ ।

ପ୍ରଜ୍ଞାନାମ ବଳଂ ତସ୍ମାତ୍ ନିଷ୍ପ୍ରଜ୍ଞସ୍ୟ ବଳେନ କିମ୍ ।

ଏ ସମ୍ବନ୍ଧରେ ଆଉ ଗୋଟିଏ ଗଳ୍ପ କହୁଛି ଶୁଣ —

ସିଂହ ଶଶକ କଥା

କୌଣସି ଅରଣ୍ୟରେ ଏକ ପରାକ୍ରମଶାଳୀ ଓ ଅପରାଜେୟ ସିଂହ ବାସ କରୁଥିଲା । ସେ ଯେଉଁ ପଶୁକୁ ଦେଖୁଥିଲା ତାକୁ ମାରି ଖାଇ ଦେଉଥାଏ । ଦିନେ ଅରଣ୍ୟରେ ମୃଗ, ଶୃଗାଳ ଆଦି ପଶୁ ଏକତ୍ର ହୋଇ ସିଂହ ନିକଟରେ ଯାଇ ନିବେଦନ କଲେ ଯେ ସେମାନେ ପ୍ରତିଦିନ ତା'ର ଆହାର ପାଇଁ ଗୋଟିଏ ଗୋଟିଏ ପଶୁକୁ ପଠାଇବେ । ସେହି ପଶୁଟିକୁ ଆହାର କରି ସେ ନିଜର କ୍ଷୁଧା ଶାନ୍ତ କରନ୍ତୁ । ଏକା ସାଙ୍ଗରେ ବହୁ ପଶୁଙ୍କୁ ମାରି ଖାଇଲେ ଅରଣ୍ୟ ପଶୁଶୂନ୍ୟ ହୋଇଯିବ ଏବଂ ଏହାଦ୍ୱାରା ତାଙ୍କର ହିଁ କ୍ଷତି ହେବ ।

ଏଥିରେ ସମ୍ମତ ହେବାରୁ ପ୍ରତିଦିନ ଗୋଟିଏ ଗୋଟିଏ ପଶୁ ତା'ର ଆହାର ପାଇଁ ଯାଉଥାଆନ୍ତି । ଦିନେ ଗୋଟିଏ ଠେକୁଆର ପାଳି ପଡ଼ିଲା । ପଶୁମାନେ ତାକୁ ସିଂହ ନିକଟକୁ ପଠାଇଲେ । ରାସ୍ତାରେ ଠେକୁଆ ବିଚାର କଲା, ବିପଦରେ ଧୈର୍ଯ୍ୟ ରକ୍ଷା କରିବା ବ୍ୟକ୍ତି ହିଁ ବୁଦ୍ଧିମାନ୍ ।

Digitized by srujanika@gmail.com

ସ ଧୀରୋ ଯୋ ନ ସଂମୋହମାପତ୍‌କାଳେଽପି ଗଚ୍ଛତି ।

ଏଣୁ ମୃତ୍ୟୁକୁ ମୁଣ୍ଡ ଉପରେ ରଖି କିଛି ଉପାୟ ଚିନ୍ତା କରାଯାଉ । ଏହିପରି ଚିନ୍ତା କରି ସେ ବିଳମ୍ବରେ ଯାଇ ସିଂହ ନିକଟରେ ପହଞ୍ଚିଲା ।

ତାକୁ ଦେଖି କ୍ଷୁଧାର୍ତ୍ତ ସିଂହ ରାଗରେ ତମତମ ହୋଇ ପଚାରିଲା, 'ଦୁଷ୍ଟ, ତୁ କାହିଁକି ଆଜି ମୋର ଆହାରର ସମୟରେ ବ୍ୟତିକ୍ରମ କଲୁ । ତୋତେ ମାରିବା ବ୍ୟତୀତ ଆଉ କ'ଣ ଅଧିକ ଶାସ୍ତି ଦିଆଯାଇପାରିବ ?' ଏହା କହି ସିଂହ ତାକୁ ଖାଇବା ପାଇଁ ଉଦ୍ୟତ ହୁଅନ୍ତେ ଠେକୁଆ ଶାନ୍ତ ଓ ବିନମ୍ର ସ୍ୱରରେ ନିବେଦନ କଲା, 'ପଶୁରାଜ, ଏଥିରେ ମୋର କିଛି ଦୋଷ ନାହିଁ । ମୁଁ ଆଜି ମୋର ଆୟତ୍ତରେ ନଥିଲି । ବାଟରେ ଆସୁଥିଲା ବେଳେ ଅନ୍ୟ ଗୋଟିଏ ସିଂହ ମୋତେ ଛାଡ଼ିଲା ନାହିଁ । ଏଣୁ ଦୀର୍ଘ ସମୟ ଧରି ମୁଁ ସେଠାରେ ଅଟକିଗଲି ।' ଏହା ଶୁଣିବା ମାତ୍ରେ ସିଂହର କ୍ରୋଧ ପଞ୍ଚମକୁ ଉଠିଗଲା । ସେ ଲାଞ୍ଜ ପିଟି, ଆଖି ଲାଲ୍ କରି ଗର୍ଜନ କଲା, 'କିଏ ସେ ଦ୍ୱିତୀୟ ସିଂହ । ତୁ ଶୀଘ୍ର ନେଇ ମୋତେ ତାକୁ ଦେଖା ।' ନିଜର କୌଶଳ କାମ କରିଥିବା ଦେଖି ଠେକୁଆ ସିଂହକୁ ଧରି ଗୋଟିଏ କୂଅ ପାଖରେ ଆସି କହିଲା, 'ଦେଖନ୍ତୁ, ଏହି କୂଅ ଭିତରେ ସେହି ଦୁଷ୍ଟ ସିଂହ ବସିଛି ।' ସିଂହ ଭିତରକୁ ଚାହିଁ କୂଅର ସ୍ୱଚ୍ଛ ଜଳ ମଧ୍ୟରେ ନିଜର ପ୍ରତିବିମ୍ବ ଦେଖି ଭାବିଲା ଠେକୁଆର କଥା ମିଥ୍ୟା ନୁହେ । ସେ କ୍ରୋଧରେ ଭୟଙ୍କର ଗର୍ଜନ କଲା । କୂଅ ଭିତରୁ ତାର ପ୍ରତିଧ୍ୱନି ଆହୁରି ଭୟଙ୍କର ଶୁଭିଲା । ମୂର୍ଖ ସିଂହ ତାକୁ ପ୍ରତିଦ୍ୱନ୍ଦ୍ୱୀର ପ୍ରତିଗର୍ଜନ ମନେକରି ଆକ୍ରମଣ କରିବା ପାଇଁ କୂଅ ମଧ୍ୟକୁ ଲମ୍ଫ ଦେଲା ଏବଂ ପଞ୍ଚତ୍ୱ ପ୍ରାପ୍ତ ହେଲା ।

ଏହିପରି କ୍ଷୁଦ୍ର ଠେକୁଆଟିଏ ନିଜର ପ୍ରାଣ ବଞ୍ଚାଇବା ସହିତ ଅରଣ୍ୟର ଅନ୍ୟ ପଶୁମାନଙ୍କର ମଧ୍ୟ ଜୀବନ ରକ୍ଷା କଲା । ସେମାନେ ଠେକୁଆର ଉପସ୍ଥିତ ବୁଦ୍ଧିକୁ ଧନ୍ୟ ଧନ୍ୟ କଲେ । ଏଣୁ ବୁଦ୍ଧି ହିଁ ପ୍ରକୃତ ବଳ । ଶାରୀରିକ ବଳ ବୁଦ୍ଧି ନିକଟରେ ନଗଣ୍ୟ ।

ଏବଂ ପ୍ରଜ୍ଞୈବ ପରମଂ ବଳଂ ନ ତୁ ପରାକ୍ରମଃ ।

ବୁଦ୍ଧି ବଳରେ କ୍ଷୀଣ ଦୁର୍ବଳ ଠେକୁଆ ଅମିତ ପରାକ୍ରମଶାଳୀ ସିଂହର ପ୍ରାଣ ନେଇପାରିଲା । ଏଣୁ ମୁଁ ନିଜର ବୁଦ୍ଧି ପ୍ରୟୋଗ କରି ଆମର କାର୍ଯ୍ୟ ସିଦ୍ଧ କରିବା ପାଇଁ ଚେଷ୍ଟା କରିବି ।' ଏଥିରେ କରଟକର ଆଉ କିଛି କରିବାର ନଥିଲା ।

ଏହାପରେ ଦମନକ ନିଜର ପ୍ରଭୁ ମୃଗରାଜ ପିଙ୍ଗଳକ ନିକଟକୁ ଯାଇ ଉଦାସ ଭାବରେ ବସିଗଲା । ସିଂହ ତାର ଉଦାସୀନତାର କାରଣ ଜିଜ୍ଞାସା କରନ୍ତେ ସେ ତାକୁ

Digitized by srujanika@gmail.com

ଏକାନ୍ତ ଭାବେ କହିଲା, 'ଛାମୁ, କୌଣସି କଥା ଜାଣି ନୀରବ ରହିବା ଉଚିତ ନୁହେ । ଏଣୁ ମୁଁ ବାଧ ହୋଇ କହୁଛି । ପ୍ରଭୁଙ୍କ ମଙ୍ଗଳପାଇଁ ନପଚାରିଲେ ମଧ ଭୃତ୍ୟ କେତେକ ବିଷୟ ନିବେଦନ କରିଥାଏ । ଏଣୁ ଆପଣ ମୋର ନିବେଦନକୁ ଅନ୍ୟଥା ନଭାବି ଧ୍ୟାନ ଦେଇ ଶୁଣନ୍ତୁ । ଏହି ବୃଷଭ ସଂଜୀବକ ଆପଣଙ୍କୁ ମାରି ଅରଣ୍ୟର ରାଜା ହେବାପାଇଁ ଚାହୁଁଛି । ତାକୁ ନିଜର ସଚିବ ରୂପେ ନିଯୁକ୍ତି ଦେବା ଫଳରେ ସେ ଆପଣଙ୍କୁ ଭୀରୁ ରୂପେ ଗ୍ରହଣ କରିନେଇଛି; ଆପଣଙ୍କୁ ହତ୍ୟା କରିବା ପାଇଁ ତାର ଆୟୁଧ ରୂପ ଶିଙ୍ଗ ଦୁଇଟିକୁ ପଜଉଛି ଏବଂ ଅରଣ୍ୟର ପ୍ରାଣୀମାନଙ୍କ ନିକଟକୁ ଯାଇ ବୁଲି ବୁଲି କହୁଛି ଯେ ମାଂସଭୋଜୀ ସିଂହକୁ କୌଣସି ପ୍ରକାରେ ବଧ କରି ତାରି ପରି ତୃଣଭୋଜୀ ବୃଷଭକୁ ରାଜା ରୂପେ ଗ୍ରହଣ କଲେ ସେମାନେ ନିର୍ଭୟରେ ରହିପାରିବେ ।'

ଦମନକର କଥା ଅବଜ୍ଞାରେ ଉଡ଼ାଇ ଦେଇ ପିଙ୍ଗଳକ କହିଲା, 'ଏହି ତୃଣଭୋଜୀ ବିଚରା ବୃଷଭ ମୋର କ'ଣ କରିପାରିବ ? ପୁଣି ମୁଁ ତାକୁ ଅଭୟ ଦେଇ ଆଶ୍ରୟ ଦେଇଛି । ଶରଣାର୍ଥୀକୁ କିପରି ବା ବିନାଶ କରିବି ?'

ଏହାଶୁଣି ଦମନକ ଯୁକ୍ତି କଲା, 'ଛାମୁ ଏପରି ଭାବନ୍ତୁ ନାହିଁ । ରାଜା ଯାହାଙ୍କୁ ନିଜର ସମଐଶ୍ୱର୍ଯ୍ୟଶାଳୀ କରିବା ପାଇଁ ଚାହାନ୍ତି, ଲକ୍ଷ୍ମୀ ସର୍ବଦା ତାଙ୍କୁ ଅନୁସରଣ କରନ୍ତି ନାହିଁ । ଉଭୟେ ଯେତେବେଳେ ରାଜମଦରେ ଉଚ୍ଛୃଙ୍ଖଳ ହୋଇପଡ଼ନ୍ତି ସେତେବେଳେ ଉଭୟଙ୍କ ସ୍କନ୍ଧରେ ପାଦ ରଖି ଲକ୍ଷ୍ମୀ ଅଧିକ ସମୟ ରହିପାରନ୍ତି ନାହିଁ । ସେ ଜଣକୁ ତ୍ୟାଗ କରିବା ପାଇଁ ବାଧ ହୁଅନ୍ତି । ଯେଉଁ ରାଜା ହିତାକାଂକ୍ଷୀମାନଙ୍କୁ ଦୂରେଇ ଦେଇ ଅହିତ ଚିନ୍ତକମାନଙ୍କୁ ନିଜର କରନ୍ତି ତାଙ୍କୁ ଅସାଧ ରୋଗୀକୁ ବୈଦ୍ୟ ପରିତ୍ୟାଗ କରିବା ପରି ବୁଦ୍ଧିମାନ୍ ବ୍ୟକ୍ତିମାନେ ତ୍ୟାଗ କରିଥାଆନ୍ତି । ଆପାତ କଟୁ ଏବଂ ପରିଣାମରେ ମଧୁର ବଚନ କହୁଥିବା ମନ୍ତ୍ରଣାଦାତା ଯେଉଁଠାରେ ରହିଥାଆନ୍ତି, ଲକ୍ଷ୍ମୀ ସେଠାରେ ହିଁ ଆଶ୍ରୟ ନେଇଥାନ୍ତି । ଯେଉଁ ରାଜା ସଜ୍ଜନମାନଙ୍କ ଉପଦେଶକୁ ଗ୍ରହଣ ନକରି ଦୁର୍ଜନମାନଙ୍କ ବାକ୍ୟରେ ପରିଚାଳିତ ହୁଅନ୍ତି, ସେ ଶୀଘ୍ର ବିପଦ ବରଣ କରି ପଶ୍ଚାତ୍ତାପରେ ସନ୍ତପ୍ତ ହୁଅନ୍ତି ।

ପ୍ରଭୁର୍ଣ୍ଣ ଯୋ ହିତଂ ଦ୍ୱେଷ୍ଟି ସେବତେ ଚାହିତଂ ସଦା
ସ ବର୍ଜନୀୟୋ ବିଦ୍‌ବଦ୍‌ଭିର୍ବୈଦ୍ୟୈର୍ଦୁଷ୍ଟାତୁରୋ ଯଥା ।
ଅପ୍ରିୟସ୍ୟ ପ୍ରଥମତଃ ପରିଣାମେ ହିତସ୍ୟ ଚ
ବକ୍ତା ଶ୍ରୋତା ଚ ଯତ୍ର ସ୍ୟାତ୍ତ୍ର ଶ୍ରୀଃ କୁରୁତେ ପଦମ୍ ।

Digitized by srujanika@gmail.com

ନ ଶୃଣୋତି ସତାଂ ମନ୍ତ୍ରମସତାଂ ଚ ଶୃଣୋତି ଯଃ
ଅଚିରେଣ ସ ସଂପ୍ରାପ୍ୟ ବିପଦଂ ପରିତପ୍ୟତେ ।

ତେଣୁ, ଦେବ, ଏହି ବୃଷଭ ପ୍ରତି ଆପଣଙ୍କ ଆସକ୍ତି ବ୍ୟର୍ଥ ମାତ୍ର । ଆପଣଙ୍କ ପ୍ରତି ଦ୍ରୋହ ଆଚରଣ କରୁଥିବା ଏହି ବୃଷଭ ପାଇଁ ଅଭୟ ଦାନ କିମ୍ବା ଶରଣରକ୍ଷଣ ନିରର୍ଥକ । ପୁଣି ଆପଣଙ୍କ ନିକଟରେ ସର୍ବଦା ରହୁଥିବା ଏହି ବୃଷଭର ମୂତ୍ର ଓ ଗୋବରରୁ ଯେଉଁ କୀଟ ଜାତ ହୁଅନ୍ତି, ତାହା ଆପଣଙ୍କ ସ୍ୱାସ୍ଥ୍ୟପ୍ରତି ହିତକର ନୁହେ । ଏଣୁ କୌଶଳରେ ଏହାକୁ ବଧ କରିବା ଉଚିତ । ବିଦ୍ୱାନ୍ ବ୍ୟକ୍ତି ନିଜେ କିଛି ପାପ ନକଲେ ସୁଦ୍ଧା ଦୁର୍ଜନ ସଂସର୍ଗରୁ ସେ ପାପଭାଗୀ ହୋଇପଡ଼ିଥାଏ ।

ଦୁର୍ଜନଶ୍ଚେଦ୍ ସ୍ୱୟଂ ଦୋଷଂ ବିପଶ୍ଚିନ୍ନ କରୋତି ତତ୍
ଉତ୍ପଦ୍ୟତେ ସ ତତ୍ସଙ୍ଗାତ୍ ।

ଏ ସମ୍ପର୍କରେ ମୁଁ ଗୋଟିଏ କଥା କହୁଛି ଶୁଣନ୍ତୁ –

ଉକୁଣି ଓ ଓଡ଼ଶ କଥା

କୌଣସି ରାଜାଙ୍କର ପଲଙ୍କରେ ମନ୍ଦବିସର୍ପିଣୀ ନାମରେ ଗୋଟିଏ ଉକୁଣି କୁଆଡୁ ଆସି ରହିଯାଇଥାଏ । ଦିନେ ପବନର ବେଗରେ ଟିଟ୍ଟିଭ ନାମକ ଗୋଟିଏ ଓଡ଼ଶ ଆସି ତା'ଭିତରେ ପ୍ରବେଶ କଲା । ତା'ର ଅନଧିକାର ପ୍ରବେଶ ଦେଖି ମନ୍ଦବିସର୍ପିଣୀ ତାକୁ ସେଠାରୁ ତଡ଼ିବା ପାଇଁ ଚେଷ୍ଟା କରି ଅନ୍ୟ କେଉଁଠିକି ଯିବା ପାଇଁ କହନ୍ତେ ସେ ମିନତି କରି ନିବେଦନ କଲା, 'ବନ୍ଧୁ, ମୁଁ ପୂର୍ବରୁ କୌଣସି ରାଜାଙ୍କର ରକ୍ତ ଚାଖିନାହିଁ, ଦୟାକରି ଏଠାରେ ଟିକିଏ ରହିବାକୁ ଦେଲେ ତା'ର ସ୍ୱାଦୁ ଜାଣନ୍ତି ।' ଛାରପୋକର ଅନୁରୋଧ ଭାଙ୍ଗି ନପାରି ମନ୍ଦବିସର୍ପିଣୀ କହିଲା, 'ଯଦି କହୁଛୁ ରହ । କିନ୍ତୁ ରାଜାଙ୍କୁ ଅସମୟରେ କାମୁଡ଼ିବୁ ନାହିଁ । ଯେତେବେଳେ ସେ ଗଭୀର ନିଦ୍ରାରେ ଶୋଇଥିବେ କିମ୍ବା ହାସ ପରିହାସରେ ମାତିଥିବେ, ସେତେବେଳେ ତୁ ତାଙ୍କୁ ଦଂଶନ କରିପାରୁ ।' ଟିଟ୍ଟିଭ ସେପରି ହିଁ କରିବ ବୋଲି କହି ପଲଙ୍କ ଭିତରକୁ ଚାଲିଗଲା ।

ଦିନେ ରାଜା ପଲଙ୍କ ଉପରେ ପଡ଼ି ଆଖି ବୁଜିବାମାତ୍ରେ ଲୋଭ ସମ୍ବରଣ କରିନପାରି ଟିଟ୍ଟିଭ ତାଙ୍କୁ ଦଂଶନ କଲା । 'ଆରେ, କ'ଣଟା କାମୁଡ଼ି ଦେଲା ରେ' କହି ରାଜା ପାଟିକରି ଉଠିଲେ । ପହରାଦାରମାନେ ଆସି ପଲଙ୍କ ଝାଡ଼ି ଖୋଜିବା ବେଳକୁ ଟିଟ୍ଟିଭ ଦୂରକୁ

Digitized by srujanika@gmail.com

ଚାଲିଯାଇଥାଏ । ବିଚାରୀ ମନ୍ଦବିସର୍ପିଣୀ ଭୃତ୍ୟମାନଙ୍କ ଦୃଷ୍ଟିରେ ପଡ଼ିବାରୁ ସେମାନେ ତାକୁ ମକଚି ଦେଲେ ।

ଏହିପରି ଟିଙ୍କିଭର ସଂସର୍ଗରୁ ମନ୍ଦବିସର୍ପିଣୀ ପ୍ରାଣ ହରାଇଲା । ଏଥିପାଇଁ ସଂଜୀବକର ସଂସର୍ଗରୁ ଆପଣଙ୍କର ମଙ୍ଗଳ ହେବନାହିଁ । ଆପଣ ଯଦି ମୋ କଥାରେ ବିଶ୍ୱାସ କରୁନାହାନ୍ତି, ତେବେ ଆପଣ ନିଜେ ଦେଖନ୍ତୁ ସେ କିପରି ତାର ମୁନିଆ ଶିଙ୍ଗ ଦୁଇଟିକୁ ଶୂଳ ଅସ୍ତ୍ର ପରି ବୁଲାଇ ବୁଲାଇ ଆପଣଙ୍କ ନିକଟକୁ ଆସିବ ।' ଦମନକର ଛଳନାପୂର୍ଣ୍ଣ ଉକ୍ତିରେ ପିଙ୍ଗଳକ ମନେ ମନେ ସଂଜୀବକକୁ ବଧ କରିବା ପାଇଁ ନିଶ୍ଚୟ କଲା ।

ସିଂହର ମନୋଗତି ଠଉରାଇ ଦମନକ ବିଷଣ୍ଣ ଭାବେ ଚୁପ୍‌ଚାପ୍ ସଂଜୀବକ ନିକଟରେ ଯାଇ ପହଞ୍ଚିଲା । ବୃଷଭ ତାର କୁଶଳ ଜିଜ୍ଞାସା କରି ମନୋବେଦନାର କାରଣ ଜାଣିବାକୁ ଚାହିଁବାରୁ ଧୂର୍ତ୍ତ ଶୃଗାଳ ସେପରି ଉଦାସ ଭାବ ଦେଖାଇ କହିଲା, 'ସେବକମାନଙ୍କର କୁଶଳ ଅକୁଶଳ କ'ଣ ? କିଏ ଅବା ରାଜାଙ୍କର ସର୍ବଦା ପ୍ରିୟପାତ୍ର ହୋଇ ରହିଛି ? କେଉଁ ଯାଚକ(ଭିକ୍ଷୁକ) ବା ଲଘୁତା ପ୍ରଦର୍ଶନ ନକରି ରହିଛି ? କିଏ ଅବା ମୃତ୍ୟୁର ଶିକାର ନହୁଏ ? ତୁମେ ମୋର ଉଦାସ ଭାବ ସମ୍ପର୍କରେ ଜାଣିବା ପାଇଁ ଚାହୁଁଛ । କହିବା ଉଚିତ ନହେଲେ ମଧ ତୁମ ସ୍ନେହରେ ଆବଦ୍ଧ ହୋଇ କହୁଛି, ଶୁଣ । ବର୍ତ୍ତମାନ ଆମର ରାଜା ତୁମର ବିରୁଦ୍ଧାଚରଣ କରିବାକୁ ଯାଉଛନ୍ତି । ସେ ଯେପରି ନିରପେକ୍ଷ, ସେପରି ଅସ୍ଥିର ସ୍ନେହୀ । ତୁମକୁ ମାରି ଖାଇବା ପାଇଁ ତାଙ୍କର ଯୋଜନା ଚାଲିଛି । ଏଥିପାଇଁ ସେ ତାଙ୍କର ବିଶ୍ୱସ୍ତ ହିଂସ୍ର ସେବକମାନଙ୍କୁ ସର୍ବଦା ଉତ୍ସାହିତ କରୁଥିବା ମୁଁ ଲକ୍ଷ୍ୟ କରିଛି ।' ଦମନକ କରିଥିବା ପୂର୍ବ ଉପକାର ସ୍ମରଣ କରି ଏବଂ ତା'ର କହିବା ଭଙ୍ଗୀରେ ମୋହିତ ହୋଇ ସଂଜୀବକ ତା' କଥାରେ ବିଶ୍ୱାସ ସ୍ଥାପନ ପୂର୍ବକ ଦୁଃଖର ସହିତ କହିଲା, ନୀଚ ପରିଚରମାନଙ୍କ ଦ୍ୱାରା ପରିବେଷ୍ଟିତ ନୀଚମନା ପ୍ରଭୁମାନେ ସର୍ବଦା ଶତ୍ରୁଭାବାପନ୍ନ ହିଁ ହୋଇଥାଆନ୍ତି । ଏ ସମ୍ପର୍କରେ ଗୋଟିଏ ଉଦାହରଣ ଦେଉଛି –

ମଦୋତ୍କଟ ସିଂହ ଉପାଖ୍ୟାନ

କୌଣସି ବଣରେ ମଦୋତ୍କଟ ନାମରେ ଗୋଟିଏ ସିଂହ ରହୁଥିଲା । ତାହାର ତିନୋଟି ଅନୁଚର ଥିଲେ – ବାଘ, କାଉ ଓ ବିଲୁଆ । ବଣ ମଧରେ ବିଚରଣ କରୁଥିବା ବେଳେ ମଦୋତ୍କଟ ପୂର୍ବରୁ ଦେଖି ନଥିବା ଗୋଟିଏ ଅଦ୍ଭୁତ ଜୀବ ଦେଖିବାକୁ ପାଇଲା । ଜୀବଟି

Digitized by srujanika@gmail.com

ତାର ଦଳରୁ ବିଚ୍ଛିନ୍ନ ହୋଇ ଏକାକୀ ହୋଇ ପଡ଼ିଥିଲା ଏବଂ ତାର ବିକୃତ ଚେହେରା ଦେଖିଲେ ହସ ମାଡୁଥିଲା । ଏହାର ପରିଚୟ ସମ୍ପର୍କରେ ଅନୁଚରମାନଙ୍କଠାରୁ ଜାଣିବା ପାଇଁ ଚାହିଁବାରୁ ବିଭିନ୍ନ ସ୍ଥାନ ଭ୍ରମଣ କରିଥିବା କୁଆ କହିଲା ଯେ ଏ ହେଉଛି ଏକ ଓଟ । ତା'ପ୍ରତି ଦୟାର୍ଦ୍ର ହୋଇ ସିଂହ ତାକୁ ନିଜ ପାଖରେ ରଖିନେଲା ।

ଥରେ ସିଂହ କୌଣସି ହାତୀ ସହିତ ଯୁଦ୍ଧ କରି ଆହତ ଓ ଅସୁସ୍ଥ ହୋଇପଡ଼ିଲା । ଫଳରେ ନିଜର ସୁସ୍ଥ ଅନୁଚରମାନଙ୍କ ସହ ତାକୁ ଦୀର୍ଘଦିନ ଉପବାସ ରହିବାକୁ ହେଲା । ଉପବାସ ଶେଷରେ କ୍ଷୁଧାରେ ଆକୁଳ ସିଂହ ବଣର ବିଭିନ୍ନ ସ୍ଥାନ ବୁଲି କିଛି ଖାଦ୍ୟ ପାଇଲା ନାହିଁ । ଓଟ ବ୍ୟତୀତ ଅନ୍ୟ ତିନିଜଣ ଅନୁଚରଙ୍କ ସହ ସେ କ୍ଷୁଧା ମେଣ୍ଟାଇବା ପାଇଁ କିଛି ଉପାୟ ଚିନ୍ତା କରିବାକୁ ଲାଗିଲା । ସମସ୍ତେ ଏକସ୍ୱରରେ କହିଲେ ଯେ ଓଟ ସହିତ ଆମର ସେପରି କିଛି ସମ୍ବନ୍ଧ ନାହିଁ । ଏଣୁ ତାକୁ ହିଁ ମାରି ଖିଆଯାଉ । ସେ ତ ତୃଣଭୋଜୀ । ଏଣୁ ଆମପରି ମାଂସଭୋଜୀମାନଙ୍କର ତ ସେ ଭକ୍ଷ୍ୟ । ବହୁ ଲୋକଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ଗୋଟିଏ ଲୋକକୁ ବଳିଦାନ ଦେବା ଅଯଥାର୍ଥ ନୁହେ । ଯଦି ଆପଣ ଆଶ୍ରୟ ଦେଇଥିବା ବ୍ୟକ୍ତିକୁ ମାରିବା ପାଇଁ କୁଣ୍ଠାବୋଧ କରୁଥାଆନ୍ତି, ତେବେ ଏପରି କୌଶଳ ପ୍ରୟୋଗ କରିବୁ ଯାହାଦ୍ୱାରା ସେ ନିଜେ ଆସି ଆପଣଙ୍କୁ ତାର ଶରୀର ସମର୍ପଣ କରିବ ।'

ସିଂହ ଏଥିରେ ସମ୍ମତି ଜଣାଇବାରୁ କୁଆ ଅନ୍ୟ ମିତ୍ରମାନଙ୍କ ସହ ମନ୍ତ୍ରଣା କରି ଓଟକୁ ଯାଇ କହିଲା, 'ମିତ୍ର, ବର୍ତ୍ତମାନ କ'ଣ କରାଯାଇପାରିବ କୁହ । ଆମମାନଙ୍କର ପ୍ରଭୁ କ୍ଷୁଧାରେ ଏପରି ବ୍ୟାକୁଳ ହେଉଥିଲେ ସୁଦ୍ଧା ଆମକୁ କିଛି କହୁନାହାନ୍ତି । ଏଣୁ ଆମେ ନିଜ ନିଜକୁ ତାଙ୍କ ନିକଟରେ ସମର୍ପଣ କରି ଅନ୍ତତଃ ତାଙ୍କର କିଛି ପ୍ରିୟ କାର୍ଯ୍ୟ କରିବା ଉଚିତ । ଆମେ ତ ଏପରି କହିବା ପାଇଁ ଚିନ୍ତା କରିଛୁ । ତୁମକୁ ମଧ୍ୟ ଏପରି କହି ସ୍ୱାମୀଙ୍କୁ ପ୍ରସନ୍ନ କରିବା ଆବଶ୍ୟକ ।' କୁଆର ଚକ୍ରାନ୍ତ ବୁଝିନପାରି ସରଳ ଓଟ ଏଥିରେ ସମ୍ମତି ପ୍ରଦାନ କଲା ।

ସମସ୍ତେ ସାଙ୍ଗ ହୋଇ ସିଂହ ନିକଟରେ ଯାଇ ଉପସ୍ଥିତ ହେଲେ । ପ୍ରଥମେ କୁଆ ଆରମ୍ଭ କଲା, 'ପ୍ରଭୁ, ମୁଁ ଆପଣଙ୍କ ଆପଣାର, ମୋତେ ଖାଇ ଆପଣଙ୍କ କ୍ଷୁଧା ଉପଶମ କରନ୍ତୁ ।' କିନ୍ତୁ ତା'ପରି କ୍ଷୁଦ୍ର ଜୀବଟିକୁ ଖାଇ କ'ଣ ହେବ ବୋଲି ସିଂହ ତାକୁ ପ୍ରତ୍ୟାଖ୍ୟାନ କରନ୍ତେ, ଶୃଗାଳ ମଧ୍ୟ ତାକୁ ମାରି ଆହାର କରିବା ନିମିତ୍ତ ସିଂହକୁ ଅନୁରୋଧ କଲା । ଅନୁରୂପ କାରଣରୁ ସିଂହ ତା'ର ପ୍ରସ୍ତାବକୁ ମଧ୍ୟ ଅସ୍ୱୀକାର କରନ୍ତେ ବାଘ ନିଜକୁ ସମର୍ପଣ କଲା । ବାଘର ନିବେଦନ ମଧ୍ୟ ବ୍ୟର୍ଥ ହେବାରୁ ଶେଷରେ ଓଟ କହିଲା, 'ପ୍ରଭୁ, ତା'ହେଲେ ମୋର ମାଂସରେ ଆପଣ ଉଦର ପୂରଣ କରନ୍ତୁ ।' ଓଟର ବକ୍ତବ୍ୟ ଶେଷ ହେବା ପୂର୍ବରୁ

Digitized by srujanika@gmail.com

ସେମାନଙ୍କର ଚକ୍ରାନ୍ତ ସାର୍ଥକ ହୋଇଥିବା ଦେଖି ବାଘ ହିଁ ତାକୁ ମାରି ଖଣ୍ଡବିଖଣ୍ଡିତ କରି ପକାଇଲା । ସିଂହ, ବାଘ, ଶୃଗାଳ ଓ କୁଆ ମିଶି ଓଟର ମାଂସକୁ ଆନନ୍ଦରେ ଭୋଜନ କରି ତୃପ୍ତ ହେଲେ ।

ଏହିପରି କୌଣସି ପାପିଷ୍ଠ ଅକାରଣରେ ପିଙ୍ଗଳକକୁ ମୋ ବିରୋଧରେ ଅନୁପ୍ରେରଣ କରିଛି । ବର୍ତ୍ତମାନ ଭାଗ୍ୟରେ ଯାହାଥିବ, ଘଟିବ । ରାଜହଂସ ପରିବେଷ୍ଟିତ ଶାଗୁଣାକୁ ରାଜା ଭାବେ ସ୍ୱୀକାର କରିବା ଉଚିତ, କିନ୍ତୁ ଶାଗୁଣାମାନଙ୍କ ଦ୍ୱାରା ପରିବେଷ୍ଟିତ ରାଜହଂସ ପରି ରାଜା ମଧ୍ୟ ସେବିତବ୍ୟ ନୁହେଁ ।

ଗୃଧ୍ରୋଽପି ହି ବରଂ ରାଜା ସେବ୍ୟୋ ହଂସପରିଚ୍ଛଦଃ
ନ ଗୃଧ୍ର ପରିବାରସ୍ତୁ ହଂସୋଽପି କିମୁତାପରଃ ।

ଅନ୍ୟମାନଙ୍କ କଥା ଆଉ କ'ଣ କହିବି ।'

ସଂଜୀବକଠାରୁ ଏହା ଶୁଣି କୁଟିଳ ଦମନକ ସାନ୍ତ୍ୱନା ଦେବାପାଇଁ କହିବା ଆରମ୍ଭ କଲା, 'ଧୈର୍ଯ୍ୟ ରକ୍ଷା କଲେ ସମସ୍ତ କାର୍ଯ୍ୟ ସିଦ୍ଧ ହୁଏ ।

ଧୈର୍ଯ୍ୟେଣ ସାଧ୍ୟତେ ସର୍ବମ୍ ।

ଏ ସମ୍ପର୍କରେ ଏପରି ଏକ କଥା ଅଛି –

ଟିଟ୍ଟିଭ ଟିଟ୍ଟିଭୀ କଥା

ସମୁଦ୍ର ତଟରେ କୌଣସି ଟିଟ୍ଟିଭ ତା'ର ଟିଟ୍ଟିଭୀ ସହିତ ବାସ କରୁଥାଏ । ସମୟକ୍ରମେ ଟିଟ୍ଟିଭୀ ଗର୍ଭବତୀ ହେଲା । ଗର୍ଭିଣୀ ଟିଟ୍ଟିଭୀ ତାର ସ୍ୱାମୀକୁ କହିଲା, 'ଚାଲ, ଅନ୍ୟତ୍ର ଚାଲିଯିବା । ଆମର ଛୁଆ ହେଲେ ସମୁଦ୍ର ଅଣ୍ଡାଗୁଡ଼ିକୁ ଭସାଇ ନେଇଯାଇପାରେ ।' ସମୁଦ୍ର ତା'ସହିତ ବିରୁଦ୍ଧାଚରଣ କରିବ ନାହିଁ ବୋଲି କହି ଟିଟ୍ଟିଭ ତା'କଥାକୁ ଏଡ଼ାଇଦେବା ପାଇଁ ଚେଷ୍ଟା କରିବାରୁ ଟିଟ୍ଟିଭୀ କହିଲା, 'ଏମିତି କୁହନାହିଁ । ସମୁଦ୍ର ସହିତ ତୁମର ତୁଳନା କିପରି କରୁଛ ? ଶୁଭାକାଂକ୍ଷୀମାନଙ୍କର ଉପଦେଶ ମାନ, ନୋଚେତ୍ ବିନାଶ ଘଟିବ । ତୁମେ ବୋଧହୁଏ ହଂସ କଇଁଚ କଥା ଶୁଣିନାହଁ ।

ହଂସ କଇଁଚ କଥା

କୌଣସି ପୁଷ୍କରିଣୀରେ କମ୍ବୁଗ୍ରୀବ ନାମରେ ଏକ କଇଁଚ ରହୁଥିଲା । ଏହି ପୁଷ୍କରିଣୀରେ ରହୁଥିବା ବିକଟ ଓ ସଙ୍କଟ ନାମକ ଦୁଇଟି ହଂସ ତାର ମିତ୍ର ଥିଲେ । ଥରେ

Digitized by srujanika@gmail.com

ଅନାବୃଷ୍ଟି ଯୋଗୁଁ ସରୋବରର ଜଳ ଶୁଖିଆସିଲା । ହଂସଯୁଗଳ ଅନ୍ୟକୌଣସି ସରୋବରକୁ ଚାଲିଯିବା ପାଇଁ ଉଦ୍ୟତ ହେଲେ । କଇଁଚ଼ ମଧ୍ୟ ସେମାନଙ୍କ ସହ ଯିବାପାଇଁ କହିଲା । ଏଥିରେ ରାଜି ହୋଇ ମିତ୍ର ହଂସମାନେ କହିଲେ, 'ଆମେ ଯେଉଁ ସରୋବରକୁ ଯିବା ପାଇଁ ଚାହୁଁଛୁ ତାହା ବହୁତ ଦୂରରେ ଅବସ୍ଥିତ । ତୁମେ ଯଦି ଯିବା ପାଇଁ ଚାହୁଁଛ, ଆମେ ତୁମକୁ ସେଠାକୁ ନେଇଯିବୁ । କିନ୍ତୁ ତୁମକୁ ଆମ କଥା ମାନିବାକୁ ପଡ଼ିବ । ଆମେ ଗୋଟିଏ ବାଡ଼ିର ଉଭୟ ପ୍ରାନ୍ତକୁ ନଖରେ ଧରୁଛୁ, ତୁମେ ତାର ମଧ୍ୟଭାଗକୁ ଦାନ୍ତରେ ଧରି ଓହଳିଯାଅ । କିନ୍ତୁ ଆକାଶରେ ଉଡୁଥିବା ସମୟରେ ତୁମେ ଚୁପ୍ ରହିବ, ନୋଚେତ୍ ତଳେ ପଡ଼ିଗଲେ ଜୀବନ ଚାଲିଯିବ ।

କଇଁଚ଼ ଏଥିରେ ରାଜି ହେବାରୁ ହଂସଯୁଗଳ ତାକୁ ଧରି ଆକାଶ ମାର୍ଗରେ ଉଡ଼ିଯିବାକୁ ଲାଗିଲେ । କ୍ରମଶଃ ସେମାନେ ଆସି ସରୋବରର ନିକଟବର୍ତ୍ତୀ ହେଲେ । ତାର ତୀରରେ ଥିବା ନଗରବାସୀ ଏମାନଙ୍କୁ ଦେଖିବା ପାଇଁ କୌତୂହଳ ସହକାରେ ଉପରକୁ ଚାହିଁ ଭିଡ଼ ଜମାଉଥାନ୍ତି । ସେମାନଙ୍କ ପାଟିତୁଣ୍ଡ ଓ କୋଳାହଳ ଶୁଣି କଇଁଚ଼ ଆଉ ଚୁପ୍ ହୋଇ ରହିପାରିଲା ନାହିଁ । ତଳେ ହେଉଥିବା କୋଳାହଳର କାରଣ ଜାଣିବା ପାଇଁ ସେ ହଂସମାନଙ୍କୁ ପ୍ରଶ୍ନ କରିବା ମାତ୍ରେ ତାର ଦାନ୍ତ ବାଡ଼ିରୁ ଖସିଗଲା ଏବଂ କଇଁଚ଼ ତଳେ ପଡ଼ିଯାଇ ଲୋକମାନଙ୍କ ଦ୍ୱାରା ପ୍ରାଣ ହରାଇଲା । ବୁଦ୍ଧିହୀନ ବ୍ୟକ୍ତିମାନେ ଏପରି ହିଁ ବିନାଶର ସମ୍ମୁଖୀନ ହୋଇଥାନ୍ତି ।

ଟିଟ୍ଟିଭୀର ଏହି ଉପଦେଶାତ୍ମକ ଗଳ୍ପ ଶୁଣି ଟିଟ୍ଟିଭ କହିଲା, 'ପ୍ରିୟେ, ତୁମେ ଯାହା କହିଲ ତାହା ଅବଶ୍ୟ ସତ୍ୟ । କିନ୍ତୁ ତୁମେ ବି ଆଉ ଗୋଟିଏ କଥା ଶୁଣ –

ତିନି ମାଛ କଥା

କୌଣସି ଏକ ନଦୀର ଗୋଟିଏ ଗଣ୍ଡ ମଧ୍ୟରେ ତିନୋଟି ମାଛ ରହୁଥାଆନ୍ତି । ଗୋଟିକର ନାମ ଅନାଗତ ବିଧାତା, ଦ୍ୱିତୀୟଟି ପ୍ରତ୍ୟୁତ୍ପନ୍ନମତି ଏବଂ ତୃତୀୟଟିର ନାମ ଯଦ୍‌ଭବିଷ୍ୟ । ଏମାନେ ପରସ୍ପରର ମିତ୍ର ଓ ସହଯୋଗୀ ଥିଲେ ।

ଦିନେ ଏହି ଗଣ୍ଡରେ ବହୁତ ମାଛ ଥିବା ସମ୍ପର୍କରେ କଥାବାର୍ତ୍ତା ହୋଇ କେତେ ଜଣ କୈବର୍ତ୍ତ ସେହି ରାସ୍ତାରେ ଯାଉଥିବା ଶୁଣିବାକୁ ପାଇଲେ । କୈବର୍ତ୍ତମାନଙ୍କର ମନୋଭାବ ଠଉରାଇପାରି ସେମାନେ ଯେ ନିକଟରେ ମାଛ ଧରିବା ପାଇଁ ସେଠାକୁ ଆସିଯିବେ, ଏହି ଭୟରେ ଅନାଗତ ବିଧାତା ନଦୀସ୍ରୋତରେ ଅନ୍ୟ ସ୍ଥାନକୁ ପଳାୟନ

Digitized by srujanika@gmail.com

କଲା । ପ୍ରତ୍ୟୁତ୍ପନ୍ନମତି ଭାବିଲା ଯେ ବିପଦ ମୁଣ୍ଡ ଉପରକୁ ଆସିଲେ ଏହାର ପ୍ରତିକାର କଥା ଚିନ୍ତା କରାଯାଇପାରେ । ଏହା ଭାବି ସେ ନିର୍ଭୟରେ ସେଠାରେ ରହିବାକୁ ଲାଗିଲା । ତୃତୀୟ ଯଦ୍‌ଭବିଷ୍ୟ ଭାଗ୍ୟରେ ଯାହା ଥିବ ହେବ, ବୋଲି ଚିନ୍ତାକରି ଭବିଷ୍ୟତର ପ୍ରତୀକ୍ଷା କଲା ।

ପରଦିନ ପ୍ରଭାତରୁ କୈବର୍ତ୍ତମାନେ ଜାଲ ଧରି ଆସି ମାଛ ଜାଲେଇବା ଆରମ୍ଭ କଲେ । ଅନ୍ୟାନ୍ୟ ମାଛ ସହିତ ଏହି ଦୁଇବନ୍ଧୁ ମଧ୍ୟ ଧରାହେଲେ । ପ୍ରତ୍ୟୁତ୍ପନ୍ନମତି ନିଜର ଉପସ୍ଥିତ ବୁଦ୍ଧି ଖଟାଇ ଜାଲ ଭିତରେ ମଲାପରି ନିଶ୍ଚେଷ୍ଟ ହୋଇ ପଡ଼ିରହିଲା । କୈବର୍ତ୍ତମାନେ ତାକୁ ନିଜେ ନିଜେ ମରିଯାଇଛି ବୋଲି ଭାବି ଜାଲରୁ ବାହାର କରି ଭୂମି ଉପରେ ରଖିଦେଲେ । ସେ ସୁବିଧା ଦେଖି ଲମ୍ଫ ଦେଇ ପୁଣି ପାଣି ଭିତରକୁ ଚାଲିଗଲା ଏବଂ ନଦୀ ସ୍ରୋତରେ ଦୂରକୁ ପଳାୟନ କଲା । କିନ୍ତୁ ମୂର୍ଖ ଯଦ୍‌ଭବିଷ୍ୟ ଭାଗ୍ୟକୁ ଆଦରି ଜାଲ ଭିତରେ ଛଟପଟ ହେଉଥିବା ଦେଖି ତାକୁ କୈବର୍ତ୍ତମାନେ ମାରିଦେଇ ନେଇଗଲେ ।

ଏଣୁ ମୁଁ ମଧ୍ୟ ସମୟ ଆସିଲେ ଯାହା କରିବା କଥା କରିବି କିନ୍ତୁ ସମୁଦ୍ରକୁ ଡରି ଭୟାଳୁ ପରି ପଳାଇବି ନାହିଁ । ଏହିପରି ଟିଟ୍ଟିଭୀକୁ ସାହସ ଦେଇ ସେ ନିଜର ନୀଡ଼ ଭିତରେ ହିଁ ରହିବାକୁ ଲାଗିଲା ।

ଏଣେ ମହାସାଗର ଟିଟ୍ଟିଭର ଏହି ଅହମିକାପୂର୍ଣ୍ଣ କଥା ଶୁଣୁଥାଏ । କିଛି ଦିନ ପରେ ଟିଟ୍ଟିଭୀ ଅଣ୍ଡା ଦେଲା । ଏହି କ୍ଷୁଦ୍ର ଟିଟ୍ଟିଭ ତା'ର ବା କଣ କରିପାରିବ ଭାବି ସମୁଦ୍ର କୌତୁକବଶତଃ ଲହରୀ ଦ୍ୱାରା ଅଣ୍ଡାଗୁଡ଼ିକୁ ନିଜ ଗର୍ଭକୁ ନେଇଗଲା । ଏଥିରେ ଶୋକାକୁଳ ହୋଇ ଟିଟ୍ଟିଭୀ ତାର କଥା ନ ରଖିଥିବାରୁ ପତିକୁ ଦୋଷ ଦେଇ କାନ୍ଦିବାକୁ ଲାଗିଲା । ଏହା ଦେଖି ଧୈର୍ଯ୍ୟଶୀଳ ଟିଟ୍ଟିଭ ତାକୁ ସାନ୍ତ୍ୱନା ଦେଇ କହିଲା, 'ଦେଖ୍, ମୁଁ ଏ ସମୁଦ୍ରର କ'ଣ କରୁଛି ।' ଏହା କହି ସେ ସମସ୍ତ ପକ୍ଷୀଙ୍କୁ ଏକତ୍ର କରି ନିଜର ଅସହାୟତା ଓ ଦୁଃଖ ଜଣାଇଲା । ତାର ବିପଦରେ ସମବେଦନା ପ୍ରକାଶ କରି ସମସ୍ତେ ଯାଇ ପକ୍ଷୀରାଜ ଗରୁଡ଼ଙ୍କ ନିକଟରେ ପହଞ୍ଚିଲେ । ତାଙ୍କ ଜିଜ୍ଞାସା କ୍ରମେ ସମସ୍ତେ ଏକ ସ୍ୱରରେ ଟିଟ୍ଟିଭର ବିପତ୍ତି କଥା ଜଣାଇ ତାଙ୍କ ପରି ପ୍ରଭୁ ଥାଉ ଥାଉ ସେମାନେ କିପରି ଅନ୍ୟମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଛନ୍ତି, ତାହା ନିବେଦନ କଲେ । ଗରୁଡ଼ ଏଥିରେ କ୍ରୋଧାନ୍ୱିତ ହୋଇ ଭଗବାନ୍ ବିଷ୍ଣୁଙ୍କ ନିକଟରେ ଗୁହାରି କରିବାରୁ ପ୍ରଭୁ ବାହନର ମାନରକ୍ଷା କରିବା ପାଇଁ ଆଗ୍ନେୟାସ୍ତ୍ର ପ୍ରୟୋଗ କରି ସାଗରକୁ ଶୁଖାଇ ଦେଲେ ଏବଂ ତା' ମଧ୍ୟରୁ ଟିଟ୍ଟିଭର ଅଣ୍ଡାଗୁଡ଼ିକୁ ଉଦ୍ଧାର କରି ଟିଟ୍ଟିଭୀର ଦୁଃଖ ଦୂର କଲେ ।

Digitized by srujanika@gmail.com

ଏଣୁ ବୁଦ୍ଧିମାନ୍ ବ୍ୟକ୍ତିକୁ ବିପଦ ସମୟରେ ଧୈର୍ଯ୍ୟହରା ନହୋଇ ଦୃଢ଼ ରହିବାକୁ ହେବ । ବର୍ତ୍ତମାନ ତ ପିଙ୍ଗଳକ ସହିତ ତୁମର ଯୁଦ୍ଧ ନିଶ୍ଚିତ । ସିଂହ ଯେତେବେଳେ ଲାଙ୍ଗୁଳ ଟେକି ତାର ଚାରି ଖୁରାକୁ ଏକ ସଙ୍ଗରେ ଉଠାଇବା ପାଇଁ ଉଦ୍ୟତ ହେବ, ସେତେବେଳେ ଜାଣିବ ଯେ ସେ ତୁମକୁ ଆକ୍ରମଣ କରିବାକୁ ଆସୁଛି । ତୁମେ ଏତେବେଳେ ସତର୍କ ରହି ତୁମର ମୁନିଆ ଶିଙ୍ଗ ଦ୍ୱାରା ପେଟକୁ ଆଘାତ କରି ତା'ର ଅନ୍ତବୁଜୁଳି ବାହାର କରିଦେବ ।'

ଦମନକ ସଂଜୀବକକୁ ଏପରି ବିଶ୍ୱାସପୂର୍ଣ୍ଣ ଉପଦେଶ ଦେଇ କରଟକକୁ ମିତ୍ରଭେଦର ଏହି ସଂବାଦ ଶୁଣାଇବା ପାଇଁ ଚାଲିଗଲା ।

ଏଣେ ସଂଜୀବକ ସନ୍ତର୍ପଣରେ ପିଙ୍ଗଳକର ଭାବଭଙ୍ଗୀରୁ ତାର ମନୋଭାବ କଳନା କରିବା ପାଇଁ ଚାଲିଲା । ସିଂହକୁ ଲାଙ୍ଗୁଳ ଉଠାଇ ଚାରିଖୁରା ଟେକିବାର ଦେଖି ସଂଜୀବକ ନିଜର ଶିଙ୍ଗ ହଲାଇ ତା' ଆଡ଼କୁ ଅଗ୍ରସର ହୁଅନ୍ତେ ସେ ବୃଷଭକୁ ଆକ୍ରମଣ କରି ନଖଦ୍ୱାରା ରକ୍ତାକ୍ତ କରିଦେଲା । ସଂଜୀବକ ମଧ ନିଜ ଶିଙ୍ଗ ଦ୍ୱାରା ସିଂହକୁ କ୍ଷତବିକ୍ଷତ କରିବାକୁ ଲାଗିଲା ।

ଉଭୟଙ୍କ ମଧ୍ୟରେ ଏହି ତୁମୁଳ ଯୁଦ୍ଧ ଚାଲିଥିଲା ବେଳେ ସାଧୁଭାବାପନ୍ନ କରଟକ ଦମନକକୁ କହିଲା, 'ତୁ ନିଜର ସ୍ୱାର୍ଥସିଦ୍ଧି ପାଇଁ ସ୍ୱାମୀଙ୍କ ଆଗରେ ନୂତନ ବିପଦ ଠିଆ କରାଇଦେଲୁ ।' ପ୍ରଜାପୀଡ଼କ ଦ୍ୱାରା ପ୍ରାପ୍ତ ଧନ, ଶଠତା ଦ୍ୱାରା କରାଯାଇଥିବା ମୈତ୍ରୀ ଏବଂ ବଳାତ୍କାରରେ ଗୃହୀତ କାମିନୀ କଦାପି ଚିରସ୍ଥାୟୀ ନୁହନ୍ତି ।

ସଂପଦ୍ ପ୍ରଜାନୁତାପେନ ମୈତ୍ରୀ ଶାଠ୍ୟେନ କାମିନୀ
ପାରୁଷ୍ୟେଣାହୃତା ମିତ୍ର ନ ଚିରସ୍ଥାୟିନୀ ଭବେତ୍ ।

ହିତବାକ୍ୟ ଶୁଣିବା ପାଇଁ ଚାହୁଁନଥିବା ବ୍ୟକ୍ତିକୁ ବିଶେଷ ଉପଦେଶ ଦେଲେ, ତା'ର ଫଳ ଓଲଟା ହିଁ ହୋଇଥାଏ । ଯେପରି ସୂଚୀମୁଖ ବାନରଠାରୁ ପରାଭବ ହିଁ ପାଇଥିଲା –

ଅଳଂ ବା ଯୋ ବହୁ ବ୍ରୂତେ ହିତବାକ୍ୟାବମାନିନଃ
ସଂ ତସ୍ମାଲ୍ଲଭତେ ଦୋଷଂ କପେଃ ସୂଚୀମୁଖୋ ଯଥା ।

ବାନର ଓ ସୂଚୀମୁଖ ପକ୍ଷୀ କଥା

ପୂର୍ବେ କୌଣସି ଅରଣ୍ୟର ଏକ ପ୍ରଦେଶରେ ଗୋଟିଏ ବାନରଯୂଥ ରହୁଥିଲେ । ବର୍ଷେ ଭୟଙ୍କର ଶୀତ ପଡ଼ିଥାଏ । ବାନରମାନେ ଶୀତରେ ଥରି ଥରି ନିଆଁ ଟିକିଏ

Digitized by srujanika@gmail.com

ଖୋଜୁଥାଆନ୍ତି । ଏ ସମୟରେ ଗୋଟିଏ ଜୁଳୁଜୁଳିଆ ପୋକ ଉପରେ ସେମାନଙ୍କ ଦୃଷ୍ଟି ପଡ଼ିଲା । ସେମାନେ ତାକୁ ନିଆଁ ଖଣ୍ଡ ଭାବି ତା'ଉପରେ ଶୁଖିଲା ଘାସପତ୍ର ରଖି ଫୁଙ୍କିବାକୁ ଲାଗିଲେ । ମୂର୍ଖ ବାନରମାନଙ୍କର ଏପ୍ରକାର ଅପଚେଷ୍ଟା ଦେଖି ନିକଟ ବୃକ୍ଷରେ ବସା କରି ରହିଥିବା ସୂଚୀମୁଖ ନାମକ ଏକ ପକ୍ଷୀ ସେମାନଙ୍କୁ ସେଥିରୁ ନିବୃତ୍ତ କରି କହିଲା ଯେ ଉଜ୍ଜ୍ୱଳ ଦେଖାଯାଉଥିବା ବସ୍ତୁଟି ଅଗ୍ନିକଣା ନୁହେ, ଜୁଳୁଜୁଳିଆ ପୋକଟାଏ । ସେମାନେ ଅଯଥା କଷ୍ଟ କରୁଛନ୍ତି ମାତ୍ର । ବାନରମାନେ ତା'କଥା ପ୍ରତି କର୍ଣ୍ଣପାତ ନକରିବାରୁ ସେ ଗଛରୁ ଓହ୍ଲାଇ ଆସି ଆଗ୍ରହପୂର୍ବକ ସେମାନଙ୍କୁ ଏଥିରୁ କ୍ଷାନ୍ତ ହେବାପାଇଁ ଅନୁରୋଧ କଲା । ଏଥିରେ ବାନରମାନେ ରାଗିଗଲେ । ପକ୍ଷୀଟି ଉପରକୁ ଟେକାପଥର ଫୋପାଡ଼ି ତାକୁ ମାରିଦେଲେ ।

ତେଣୁ ହିତବାକ୍ୟ ପ୍ରତି ଅନାସ୍ଥା ପ୍ରକାଶ କରୁଥିବା ବ୍ୟକ୍ତିକୁ ଉପଦେଶ ଦେବା ଉଚିତ ନୁହେଁ । ମୁଁ ଆଉ କ'ଣ କରିବି । କପଟତାର ଆଶ୍ରୟ ନେଇ ତୁ ସିଂହ ଓ ବୃଷଭ ମଧ୍ୟରେ ଶତ୍ରୁତା ସୃଷ୍ଟି କରିଦେଲୁ । କିନ୍ତୁ ଦୁଷ୍ଟ ବୁଦ୍ଧିରେ ଯାହା କରାଯାଏ ତାହା ପରିଣାମରେ ଶୁଭଙ୍କର ହୁଏନାହିଁ ।

ଦୁଷ୍ଟୟା କ୍ରିୟତେ ଯଚ୍ଚ ବୁଦ୍ଧ୍ୟା ତନ୍ନ ଶୁଭଂ ଭବେତ୍ ।

ଧର୍ମବୁଦ୍ଧି ଓ ଦୁଷ୍ଟବୁଦ୍ଧି ବଣିକ କଥା

ପୂର୍ବେ କୌଣସି ନଗରରେ ଧର୍ମବୁଦ୍ଧି ଓ ଦୁଷ୍ଟବୁଦ୍ଧି ନାମରେ ଦୁଇଜଣ ବଣିକପୁତ୍ର ବାସ କରୁଥିଲେ । ସେମାନେ ଧନ ଉପାର୍ଜ୍ଜନ ନିମିତ୍ତ ନିଜର ମାତୃଭୂମି ଛାଡ଼ି ଦୂର ବିଦେଶକୁ ଯାତ୍ରା କରୁଥାଆନ୍ତି । ଏକଦା ସୌଭାଗ୍ୟବଶତଃ ସେମାନେ ଦୁଇ ହଜାର ସ୍ୱର୍ଣ୍ଣ ଦିନାର ଉପାର୍ଜ୍ଜନ କଲେ । ନିଜ ବାସସ୍ଥାନକୁ ଫେରିଆସି ବଣିକପୁତ୍ରମାନେ ଏହି ଦିନାର ସବୁକୁ ଗୋଟିଏ ଗଛ ମୂଳରେ ପୋତିଦେଇ ମାତ୍ର ଶହେଟି ଦିନାର୍ ସହିତ ପିତୃଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ପିତାଙ୍କ ସମ୍ପତ୍ତିକୁ ସମାନ ଭାଗ କରି ସେମାନେ ଆନନ୍ଦରେ ଜୀବନଯାପନ କରୁଥାଆନ୍ତି ।

ଅନୁଚିତ ମାର୍ଗରେ ନିଜର ସମ୍ପତ୍ତି ବ୍ୟୟ କରିସାରି ଦୁଷ୍ଟବୁଦ୍ଧି ଦିନେ ଏକାକୀ ଯାଇ ସେହି ଗଛମୂଳରୁ ଦିନାର୍‌ଗୁଡ଼ିକୁ ନେଇ ଆସିଲା । ଏହାର ଗୋଟିଏ ମାସ ପରେ ସେ ଧର୍ମବୁଦ୍ଧିକୁ କହିଲା, 'ଭାଇ, ମୋର କିଛି ଅର୍ଥ ଦରକାର । ଚାଲ, ଗଛ ମୂଳରୁ ସେହି ଦିନାର୍ ସବୁକୁ ଆଣି ବାଣ୍ଟିନେବା ।' ଭାଇ କଥାରେ ଧର୍ମବୁଦ୍ଧି ତା'ସହିତ ଯାଇ ଗଛମୂଳ

Digitized by srujanika@gmail.com

ଖୋଲି ଦେଖିଲା ଯେ ତା' ଭିତରୁ ସ୍ୱର୍ଣ୍ଣମୁଦ୍ରା ସବୁ କିଏ ନେଇସାରିଛି । ଏହା ଦେଖି ପରସ୍ପର ପରସ୍ପର ପ୍ରତି ଦୋଷାରୋପ କରିବାକୁ ଲାଗିଲେ ।

ଏହିପରି କଳହ କରୁଥିବା ବେଳେ ଦୁଷ୍ଟବୁଦ୍ଧି ଖଣ୍ଡେ ପଥର ଦ୍ୱାରା ନିଜର ମୁଣ୍ଡ ଫଟାଇ ଦେଇ ନ୍ୟାୟାଳୟରେ ଯାଇ ଧର୍ମବୁଦ୍ଧି ନାମରେ ନାଲିସ୍ କଲା । ନ୍ୟାୟାଳୟରେ ନିଜ ନିଜ ସପକ୍ଷରେ ବୟାନ ଦେଇ ଉଭୟେ ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ଅଟକ ରହିଲେ । ନ୍ୟାୟମୂର୍ତ୍ତିମାନଙ୍କୁ ଦୁଷ୍ଟବୁଦ୍ଧି କହିଲା, 'ଧର୍ମବୁଦ୍ଧି ଦିନାର୍‌ଗୁଡ଼ିକ ନେଇଥିବା ସମ୍ପର୍କରେ ଏକମାତ୍ର ସାକ୍ଷୀ ହେଉଛି ଯେଉଁଠି ସେଗୁଡ଼ିକୁ ଆମେ ପୋତିଥିଲୁ, ସେଇ ଗଛ । ତାକୁ ପଚାରିଲେ ସେ ଏହାର ପ୍ରମାଣ ଦେବ ।' ଏଥିରେ ବିସ୍ମୟ ପ୍ରକାଶ କରି ନ୍ୟାୟମୂର୍ତ୍ତିମାନେ ପରଦିନ ସକାଳେ ଯାଇ ଗଛଠାରୁ ପ୍ରମାଣ ସଂଗ୍ରହ କରିବେ ବୋଲି ଉଭୟଙ୍କୁ ଜମାନତ ରଖି ମୁକ୍ତ କଲେ ।

ଦୁଷ୍ଟବୁଦ୍ଧି ଘରକୁ ଆସି ନିଜ ପିତାଙ୍କ ଆଗରେ ସମସ୍ତ ସତ୍ୟ କଥା ପ୍ରକାଶ କରି ତାଙ୍କୁ ବୃକ୍ଷ ମଧ୍ୟରେ ରହି ସାକ୍ଷ୍ୟ ପ୍ରଦାନ କରିବା ପାଇଁ ନିବେଦନ କଲା । ପିତା ମଧ୍ୟ ଏଥିରେ ରାଜି ହେବାରୁ ଦୁଷ୍ଟବୁଦ୍ଧି ରାତିରେ ହିଁ ତାଙ୍କୁ ନେଇ ବୃକ୍ଷର କୋଟର ମଧ୍ୟରେ ବସାଇ ଦେଇ ଆସିଲା ।

ସକାଳୁ ନ୍ୟାୟାଧୀଶମାନେ ଦୁଇଭାଇଙ୍କ ସହ ଆସି ବୃକ୍ଷକୁ ପ୍ରଶ୍ନ କଲେ, 'ହେ ମହାବୃକ୍ଷ, ତୁମର ପାଦଦେଶରେ ପୋତା ଯାଇଥିବା ସୁବର୍ଣ୍ଣ ଦିନାର୍‌ଗୁଡ଼ିକୁ କିଏ ନେଇଛି, ସତ୍ୟ କରି କୁହନ୍ତୁ ।' ବୃକ୍ଷ ମଧ୍ୟରୁ ସ୍ପଷ୍ଟ ଶୁଣାଗଲା, 'ଧର୍ମବୁଦ୍ଧି ସେଗୁଡ଼ିକୁ ନେଇଗଲା ।' ନ୍ୟାୟମୂର୍ତ୍ତିମାନେ ଏହି ଅସମ୍ଭବ ବ୍ୟାପାର ଦେଖି, ଏହା ଦୁଷ୍ଟବୁଦ୍ଧିର ହିଁ ଚକ୍ରାନ୍ତ ବୋଲି ମନେକଲେ । ବୃକ୍ଷର କୋଟର ମଧ୍ୟରେ କୌଣସି ବ୍ୟକ୍ତିର ଉପସ୍ଥିତି ସମ୍ଭାବନା କରି ସେମାନେ ତା'ମଧ୍ୟରେ ଧୂଆଁ ଦେବାପାଇଁ ଭୃତ୍ୟମାନଙ୍କୁ ଆଦେଶ ଦେଲେ । ବୃକ୍ଷକୋଟର ଧୂଆଁରେ ପୂର୍ଣ୍ଣହୋଇ ଯିବାରୁ ଦୁଷ୍ଟବୁଦ୍ଧିର ପିତା ବ୍ୟତିବ୍ୟସ୍ତ ହୋଇ ତା'ମଧ୍ୟରୁ ବାହାରି ଆସି ଭୂମି ଉପରେ ପଡ଼ିଗଲା ଏବଂ ସେହିଠାରେ ହିଁ ତା'ର ପ୍ରାଣବାୟୁ ଉଡ଼ିଗଲା । ଏହା ଦେଖି ନ୍ୟାୟାଧିକାରୀମାନେ ସମସ୍ତ ଦୁଇସହସ୍ର ସ୍ୱର୍ଣ୍ଣ ଦିନାର ଦୁଷ୍ଟବୁଦ୍ଧିଠାରୁ ଆଣି ଧର୍ମବୁଦ୍ଧିକୁ ପ୍ରଦାନ କଲେ ଏବଂ ସତ୍ ପଥରେ ଚାଲୁଥିବାରୁ ତାକୁ ସମ୍ମାନିତ କଲେ । ଦୁଷ୍ଟବୁଦ୍ଧିର ହସ୍ତ ଓ ଜିହ୍ୱା କର୍ତ୍ତନ କରି ତାକୁ ରାଜ୍ୟରୁ ନିର୍ବାସନ କରାଗଲା ।

ଏହିପରି ଅନ୍ୟାୟ ମାର୍ଗରେ ଚାଳିତ ହୋଇ କୌଣସି କର୍ମ କଲେ ତାହା ଅଶୁଭ ଓ ଅକଲ୍ୟାଣକର ହିଁ ହୋଇଥାଏ ।

ଏବମନ୍ୟାୟ୍ୟୟା ବୁଦ୍ଧ୍ୟା କୃତଂ କର୍ମାଶୁଭାବହମ୍ ।

Digitized by srujanika@gmail.com

ଏଣୁ ନ୍ୟାୟୋଚିତ ଭାବେ ହିଁ କର୍ମ କରଣୀୟ । ଏ ସମ୍ପର୍କରେ ଗୋଟିଏ ଛୋଟ ଗଳ୍ପ କହୁଛି, ଶୁଣ –

ବକ ଓ ସର୍ପ କଥା

ଏକଦା କୌଣସି ସର୍ପ ଗୋଟିଏ ବକ ଦମ୍ପତିଙ୍କ ନୀଡ଼ ମଧ୍ୟରେ ପଶି ସେମାନଙ୍କ ଛୁଆଗୁଡ଼ିକୁ ଖାଇଯାଉଥାଏ । ଏଥିପାଇଁ ସେମାନେ ବଡ଼ ଶୋକାକୁଳ ଥାଆନ୍ତି । ଦିନେ ଗୋଟିଏ ମାଛର ଉପଦେଶ କ୍ରମେ ବକ କୌଣସି ନେଉଳର ବିଳଠାରୁ ସର୍ପର ବିଳ ପର୍ଯ୍ୟନ୍ତ କିଛି ମାଛ ଖଣ୍ଡ ନେଇ ବିଛାଇ ଦେଇ ଆସିଲା । ନେଉଳ ବିଳରୁ ବାହାରି ମାଛ ଖଣ୍ଡ ସବୁ ଖାଇ ଖାଇ ଯାଇ ସାପର ବିଳ ନିକଟରେ ପହଞ୍ଚିଲା ଏବଂ ବିଳ ଭିତରେ ପ୍ରବେଶ କରି ସାପ ଓ ତା'ର ଛୁଆସବୁକୁ ଖାଇଗଲା ।

ଏହିପରି ସୁଚିନ୍ତିତ ଉପାୟରେ କାର୍ଯ୍ୟସିଦ୍ଧି ହୋଇଥାଏ । ଏ ସମ୍ପର୍କରେ ଆଉ ଗୋଟିଏ ଉଦାହରଣ ଦେଉଛି –

ବଣିକପୁତ୍ର ଓ ଲୁହା ତରାଜୁ କଥା

ଅତୀତରେ ଜଣେ ବଣିକପୁତ୍ର ପିତାଙ୍କର ସମସ୍ତ ସମ୍ପତ୍ତି ଭୋଗବିଳାସରେ ଶେଷ କରିଦେଇ ସର୍ବସ୍ୱାନ୍ତ ହୋଇଗଲା । ପିତୃ ସମ୍ପତ୍ତିରୁ ଅବଶିଷ୍ଟ ରହିଲା ଚାରିଶହ ତୋଳାର ଗୋଟିଏ ମାତ୍ର ଲୌହ ତରାଜୁ । ତାକୁ ଅନ୍ୟ ଜଣେ ବଣିଆ ନିକଟରେ ବନ୍ଧକ ରଖି ସେ ବ୍ୟବସାୟ କରିବା ପାଇଁ ବିଦେଶକୁ ଯାତ୍ରା କଲା । ସେଠାରୁ ଫେରି ସେ ଯେତେବେଳେ ପିତାଙ୍କ ସ୍ୱାକ୍ଷରଟିକୁ ଫେରାଇ ନେବାକୁ ଚାହିଁଲା, ବଣିଆ ତରାଜୁଟିକୁ ମୂଷାମାନେ ଖାଇ ଯାଇଥିବା କହି ତାକୁ ନିରାଶ କଲା । ଏହାଶୁଣି ବଣିକପୁତ୍ର ମନେ ମନେ ହସି ତାକୁ କହିଲା 'ପ୍ରକୃତରେ ପିତାଙ୍କ ନିର୍ମିତ ସେହି ତରାଜୁର ଲୁହା ଅତି ସୁମିଷ୍ଟ ଥିଲା, ତେଣୁ ବୋଧହୁଏ ସେହି ଲୌହ ତରାଜୁଟିକୁ ମୂଷା ଖାଇଯାଇଛନ୍ତି ।'

ଏହାପରେ ସେ ବଣିଆକୁ ତାଙ୍କରି ଗୃହରେ ହିଁ ସେହି ବେଳାଟି ତା'ର ଭୋଜନର ବ୍ୟବସ୍ଥା କରିବାପାଇଁ ଅନୁରୋଧ ଜଣାଇଲା । ବଣିଆ ଅନାୟାସରେ ତରାଜୁଟି ଲାଭ କରିପାରିଥିବାରୁ ଆନନ୍ଦରେ ତାକୁ ଭୋଜନପାଇଁ ନିମନ୍ତ୍ରଣ କଲା । ବଣିକପୁତ୍ର ବଣିଆର ପୁଅକୁ ଅଁଳା କୋଳିଟିଏ ଦେଇ ତାକୁ ଧରି ସ୍ନାନ କରିବାପାଇଁ ଗଲା । ପୁଷ୍କରିଣୀରେ ସ୍ନାନ ଶେଷ କରି ଫେରିବା ବେଳେ ଶିଶୁ ସନ୍ତାନଟିକୁ ନିଜର ଜଣେ ମିତ୍ରଗୃହରେ ଛାଡ଼ି ଦେଇ

Digitized by srujanika@gmail.com

ଏକାକୀ ଭୋଜନ ପାଇଁ ବଣିଆର ଘରେ ଆସି ଉପସ୍ଥିତ ହେଲା । ବଣିଆ 'ଶିଶୁଟି କାହିଁ' ବୋଲି ପଚାରିବାରୁ ବଣିକପୁତ୍ର ଉଦାସ ଭାବରେ କହିଲା ଯେ ସେମାନେ ସ୍ନାନ ସାରି ଆସୁଥିବା ବେଳେ ହଠାତ୍ ଆକାଶରୁ ଗୋଟିଏ ସଞ୍ଚାଣ ଆସି ପିଲାଟିକୁ ନେଇ ଚାଲିଯାଇଛି ।

ବଣିଆ ଏଥିରେ ଅବିଶ୍ୱାସ କରି ନ୍ୟାୟାଳୟର ଆଶ୍ରୟ ନେଲା । ନ୍ୟାୟାଧିକାରୀଙ୍କ ପ୍ରଶ୍ନର ଉତ୍ତରରେ ବଣିକପୁତ୍ର ତାର ପୂର୍ବ ବକ୍ତବ୍ୟ ଦୋହରାଇଥିବାରୁ ସେଠାରେ ଥିବା ସମସ୍ତ ସଭାସଦ୍ ଏହା ଅସମ୍ଭବ ବୋଲି ମତ ବ୍ୟକ୍ତ କଲେ । ସେମାନଙ୍କ ସନ୍ଦେହମୋଚନ କରିବା ପାଇଁ ବଣିକପୁତ୍ର କହିଲା, 'ଦେବ, ଯେଉଁ ଦେଶରେ ଚାରିଶହ ତୋଳା ଓଜନର ଗୋଟିଏ ଲୌହ ତରାଜୁକୁ ମୂଷା ଖାଇଯାଇ ପାରେ, ସେ ଦେଶର ସଞ୍ଚାଣ ଗୋଟିଏ ଶିଶୁ କଣ ଗୋଟିଏ ହାତୀକୁ ବି ଉଠାଇ ନେବା ଅସମ୍ଭବ ନୁହେ ।' ବଣିକପୁତ୍ର କଥାର ରହସ୍ୟ ଜାଣିବା ପାଇଁ ନ୍ୟାୟାଧୀଶମାନେ କୌତୂହଳ ପ୍ରକାଶ କରନ୍ତେ ସେ ସମସ୍ତ ବୃତ୍ତାନ୍ତ ସେମାନଙ୍କ ନିକଟରେ ପ୍ରକାଶ କଲା । ନ୍ୟାୟାଧୀଶମାନଙ୍କ ଆଦେଶକ୍ରମେ ବଣିଆ ତରାଜୁଟି ଆଣି ଫେରାଇ ଦେଲା ଏବଂ ଶିଶୁ ପୁତ୍ରଟିକୁ ଧରି ଗୃହକୁ ଫେରିଗଲା ।

ଏହିପରି ପଣ୍ଡିତମାନେ କୌଶଳରେ କାର୍ଯ୍ୟ ସିଦ୍ଧି କରିଥାଆନ୍ତି । କିନ୍ତୁ ତୁ ତ ଦୁଃସାହସ କରି ପ୍ରଭୁଙ୍କୁ ବିପଦ ମଧ୍ୟକୁ ଟାଣି ନେଇଛୁ ।'

କରଟକଠାରୁ ଏହାଶୁଣି ଦମନକ ହସି ହସି କହିଲା, 'ତୁ ମୋତେ ଭୁଲ ବୁଝିଛୁ । ସିଂହ ସହିତ ଯୁଦ୍ଧ କରି ବୃଷଭ କେବେ କ'ଣ ଜୟଲାଭ କରିପାରେ । ମଦୋନ୍ମତ୍ତ ଦନ୍ତାବଳ ହାତୀମାନଙ୍କ ଦନ୍ତକ୍ଷତ ଜନିତ ବ୍ରଣ ଚିହ୍ନରେ ସୁଶୋଭିତ ସିଂହ କାହିଁ ଏବଂ କାହିଁ ଚାବୁକ ମାଡ଼ରେ କ୍ଷତବିକ୍ଷତ ଶରୀର ଭାରବାହୀ ବଳଦ ।'

ଶୃଗାଳ ଦୁଇଟି ଏହିପରି କଥାବାର୍ତ୍ତା କରୁଥିବା ବେଳେ ପିଙ୍ଗଳକ ସଂଜୀବକକୁ ବଧ କରି ଗର୍ଜ୍ଜନ କଲା । ବୃଷଭ ମରିଯିବା ପରେ ଦମନକ ଓ କରଟକ ସିଂହର ସଚିବ ଭାବେ ରହି ଆନନ୍ଦରେ କାଳକ୍ଷେପଣ କଲେ ।

ବିଜ୍ଞ ସଚିବ ଗୋମୁଖଙ୍କଠାରୁ ବୁଦ୍ଧିର ଚମତ୍କାରିତା ସମ୍ପର୍କୀୟ ଏପରି ବିଚିତ୍ର କଥାଶୁଣି ନରବାହନଦତ୍ତ ଅତୀବ ପ୍ରସନ୍ନ ଦେଖାଗଲେ ।

●

Digitized by srujanika@gmail.com

ପଞ୍ଚମ ତରଙ୍ଗ

ଏହାପରେ ଶକ୍ତି ଯଶାଙ୍କୁ ଲାଭ କରିବା ପାଇଁ ଉତ୍କଣ୍ଠିତ ନରବାହନଦତ୍ତଙ୍କ ମନୋବିନୋଦନ ପାଇଁ ମନ୍ତ୍ରୀ ଗୋମୁଖ ପୁଣି କହିବା ଆରମ୍ଭ କଲେ –

ଆପଣ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କର ବୁଦ୍ଧିର କୌଶଳ ସମ୍ପର୍କରେ କିଛି ଗଳ୍ପ ଶୁଣିଲେ । ବର୍ତ୍ତମାନ ମୂର୍ଖମାନଙ୍କ ସମ୍ପର୍କରେ ଶୁଣନ୍ତୁ –

ଅଗୁରୁଦାହୀ ବୈଶ୍ୟ କଥା

କୌଣସି ଜଣେ ବଣିକର ମୁଗ୍ଧବୁଦ୍ଧି ନାମରେ ଗୋଟିଏ ପୁତ୍ର ଥିଲା । ସେହି ବଣିକପୁତ୍ର ଏକଦା ବଣିଜ କରିବା ପାଇଁ କଟାହ ଦ୍ୱୀପରେ ଯାଇ ପହଞ୍ଚିଲା । ସେ ବିକ୍ରି କରିବା ପାଇଁ ନେଇଥିବା ପଦାର୍ଥଗୁଡ଼ିକ ମଧ୍ୟରେ ଅଧିକ ପରିମାଣର ଅଗୁରୁ କାଠ ଥାଏ । ଅନ୍ୟାନ୍ୟ ଜିନିଷ ବିକ୍ରି କରି ସେ ବହୁ ଧନ ଉପାର୍ଜ୍ଜନ କରିବା ସତ୍ତ୍ୱେ ସେଠାରେ ଅଗୁରୁ କାଠଗୁଡ଼ିକୁ କିଏ ପଚାରିଲେ ନାହିଁ । ସେହି ଦ୍ୱୀପର ଲୋକମାନେ ପ୍ରକୃତରେ ଅଗୁରୁର ବ୍ୟବହାର ଓ ମହତ୍ତ୍ୱ ଜାଣି ନଥିଲେ । ସେମାନେ କୋଇଲା କିଣୁଥିବା ଲକ୍ଷ୍ୟ କରି ସେହି ବଣିକ ପୁତ୍ର ଅଗୁରୁ କାଠଗୁଡ଼ିକୁ ଜାଳି ଅଙ୍ଗାର କରିଦେଲା ଏବଂ ତାକୁ ଅଙ୍ଗାର ଦରରେ ବିକ୍ରି କରିଦେଲା । ନିଜ ଦେଶକୁ ଫେରି ଆସି ସେ ଯେତେବେଳେ ନିଜ କୌଶଳର ପ୍ରଶଂସା ମିତ୍ରମାନଙ୍କ ଆଗରେ ଗାନ କଲା, ସେତେବେଳେ ସମସ୍ତେ ତା'ର ମୂର୍ଖତା ଦେଖି ଉପହାସ କରିବାକୁ ଲାଗିଲେ ।

ମୂର୍ଖ ତେଲୀ କଥା

ଅଗୁରୁଦାହୀ ବଣିକ ପୁତ୍ର କଥା ତ ଶୁଣିଲେ, ବର୍ତ୍ତମାନ ମୂର୍ଖ ତେଲୀ କଥା ଶୁଣନ୍ତୁ –

କୌଣସି ସ୍ଥାନରେ ଭୂତପରି ଜଣେ ମୂର୍ଖ କୃଷକ ରହୁଥାଏ । ଥରେ ସେ ନିଜେ ଉତ୍ପନ୍ନ କରିଥିବା କିଛି ରାଶିକୁ ଭାଜି ଖାଇଲା ଏବଂ ତାହା ସ୍ୱାଦିଷ୍ଟ ହୋଇଥିବା ଦେଖି

Digitized by srujanika@gmail.com

ରାଶିଗୁଡ଼ିକୁ ଭାଜି ବିଲରେ ବୁଣିଦେଲା । ସେ ଭାବିଥିଲା ଯେ ସେଥିରୁ ସ୍ୱାଦିଷ୍ଟ ରାଶି ଫଳିବ । କିନ୍ତୁ ଭଜାରାଶିରୁ ଗଜା ନବାହାରିବାରୁ ସେ ବନ୍ଧୁମାନଙ୍କ ନିକଟରେ ନିଜର ଦୁଃଖ ଜଣାଇଲା । ସେମାନେ ତା ପ୍ରତି ସହାନୁଭୂତି ଦେଖାଇବା ପରିବର୍ତ୍ତେ ତା'ର ମୂର୍ଖତା ଦେଖି ହସିବାକୁ ଲାଗିଲେ ।

ମୂର୍ଖ ତୈଳିକର କଥା ତ ଶୁଣିଲେ, ବର୍ତ୍ତମାନ ଆଉ ଏକ ମୂର୍ଖର କଥା ଶୁଣନ୍ତୁ –

ପାଣିରେ ନିଆଁ ସାଇତିବା ମୂର୍ଖ କଥା

ଏକ ସମୟରେ ଜଣେ ମୂର୍ଖ ଥାଏ । ଦିନେ ପ୍ରତିଦିନ ସକାଳୁ ଉଠି ଦେବ ଉପାସନା କରିବା ପାଇଁ ସେ ଠିକ୍ କଲା । ପୂଜା ନିମିତ୍ତ ସ୍ନାନୀୟ, ଧୂପ, ହୋମ ଇତ୍ୟାଦି ସକାଶେ ଆବଶ୍ୟକ ପଦାର୍ଥ ସବୁ ଯୋଗାଡ଼ କରି ଏକତ୍ର ରଖିଥିଲେ ସକାଳୁ ଆଉ ଅସୁବିଧା ହେବନାହିଁ ଭାବି ସେ ଗୋଟିଏ ବଡ଼ ମାଠିଆରେ ପାଣି ଭର୍ତ୍ତି କରି ସେଥିରେ କିଛି ନିଆଁ ପକାଇ ଦେଇ ଶୋଇଗଲା । ସକାଳୁ ଉଠି ଦେଖେ ତ ନିଆଁ ତ ଲିଭିଯାଇଛି, ପାଣି ମଧ୍ୟ ଗୋଳିଆ ହୋଇ ନଷ୍ଟ ହୋଇଯାଇଛି । ସେହି ପାଣିରେ ମୁହଁ ଧୋଇବା ଫଳରେ ତାର ମୁହଁ ମଧ୍ୟ କଳା ହୋଇଗଲା । ତାକୁ ଦେଖି ଅନ୍ୟମାନେ ଉପହାସ କରିବାକୁ ଲାଗିଲେ ।

ବର୍ତ୍ତମାନ ଆଉ ଏକ ମୂର୍ଖ କଥା କହୁଛି, ଶୁଣନ୍ତୁ –

ନାସିକାରୋପଣ କଥା

ଗୋଟିଏ ମୂର୍ଖ ଥାଏ ଯେ ତା'ର ସ୍ତ୍ରୀର ନାକଟି ଚେପ୍‌ଟା । ଦିନେ ତା'ର ଗୁରୁଦେବ ଆସି ପହଞ୍ଚିବାରୁ ସେ ଦେଖିଲା ଯେ ତାଙ୍କ ନାକ ବେଶ୍ ଉଚ୍ଚା । ଏହା ଲକ୍ଷ୍ୟ କରି ସେ ଗୁରୁଙ୍କ ନାକ କାଟି ସ୍ତ୍ରୀର ନାକରେ ଏବଂ ସ୍ତ୍ରୀର ନାକ ଗୁରୁଙ୍କ ନାକରେ ଲଗାଇବା ପାଇଁ ସ୍ଥିର କଲା । ପରଦିନ ଗୁରୁ ଶୋଇଥିବା ବେଳେ ତାଙ୍କ ନାକଟି କାଟି ଆଣି ସ୍ତ୍ରୀର ନାକ ସ୍ଥାନରେ ରୋପଣ କଲା । କିନ୍ତୁ ଗୁରୁଙ୍କ ନାକ ଠିକ୍ ଭାବେ ସ୍ତ୍ରୀର ନାକ ଥିବା ଜାଗାରେ ଖାପିଲା ନାହିଁ । ପରନ୍ତୁ ଉଭୟେ ନାକଟା ହୋଇଗଲେ । ଏହା ଦେଖି ଲୋକେ ତାକୁ ତିରସ୍କାର କରି ତା'ର ମୂର୍ଖତାରେ ହସିବାକୁ ଲାଗିଲେ ।

ବର୍ତ୍ତମାନ ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ –

Digitized by srujanika@gmail.com

ଗଉଡ଼ ମୂର୍ଖ କଥା

କୌଣସି ଜଙ୍ଗଲ ମଧ୍ୟରେ ଗୋଟିଏ ମହାମୂର୍ଖ ଗଉଡ଼ ରହୁଥାଏ । ସେ ଅମାପ ଧନର ଅଧିକାରୀ । ଧନ ଲୋଭରେ ବହୁ ଧୂର୍ତ୍ତ ତା' ସହିତ ମିତ୍ରତା କରିବା ପାଇଁ ଆସି ଜୁଟିଗଲେ । ଦିନେ ସେମାନେ ତାକୁ ଆସି କହିଲେ ଯେ ତା'ର ବିବାହ ପାଇଁ କୌଣସି ଧନବାନ୍ ସେଠ୍‌ର କନ୍ୟାକୁ ସେମାନେ ଠିକ୍ କରିଛନ୍ତି । ସେଠ୍ ମଧ୍ୟ ଏଥିରେ ରାଜି ଅଛନ୍ତି । ଏହା ଶୁଣି ଗଉଡ଼ ବହୁତ ଖୁସି ହୋଇଗଲା ଏବଂ ମିତ୍ରମାନଙ୍କୁ ପ୍ରଚୁର ଧନସମ୍ପତ୍ତି ଦେଇ ସମ୍ବର୍ଦ୍ଧନା କଲା ।

କିଛିଦିନ ପରେ ସେହି ଧୂର୍ତ୍ତମାନେ ଆସି ତାକୁ କହିଲେ ଯେ ତା'ର ବିବାହ ସମ୍ପନ୍ନ ହୋଇଯାଇଛି । ଏଥିରେ ସେ ଅଧିକ ଆନନ୍ଦିତ ହୋଇ ତା' ପାଖରେ ଥିବା ସମସ୍ତ ସମ୍ପତ୍ତି ସେମାନଙ୍କୁ ଦେଇଦେଲା । ସେମାନେ ଖୁସିରେ ବିଦାୟ ନେଲେ । ପରଦିନ ମୂର୍ଖ ଗଉଡ଼ ପୁତ୍ର ପ୍ରାପ୍ତି ପାଇଁ କାନ୍ଦୁଥିବା ଦେଖି ଦେଖଣାହାରିମାନେ ହାସ୍ୟ ସମ୍ବରଣ କରିପାରିଲେ ନାହିଁ । ପଶୁମାନଙ୍କ ସହ ରହି ସେ ମଧ୍ୟ ପଶୁ ପାଲଟି ଯାଇଥିବା ବିଷୟରେ ସେମାନେ କୁହାକୁହି ହେଉଥିଲେ ।

ଯୁବରାଜ, ଗଉଡ଼ ମୂର୍ଖ କଥା ତ ଶୁଣିଲେ, ବର୍ତ୍ତମାନ୍ ଅଳଙ୍କାର ଲମ୍ବକର କଥା ଶୁଣନ୍ତୁ —

ଅଳଙ୍କାର ଲମ୍ବକ କଥା

ଗୋଟିଏ ଗାଁରେ ଜଣେ ମୂର୍ଖ କୃଷକ ରହୁଥାଏ । ଦିନେ ଭୂମି ଖୋଳିବାବେଳେ ସେ ବହୁତ ଗୁଡ଼ିଏ ସ୍ୱର୍ଣ୍ଣ ଅଳଙ୍କାର ପାଇଲା । ସେଗୁଡ଼ିକ ପୂର୍ବଦିନ ରାତିରେ ଚୋରମାନେ ରାଜାଙ୍କ ଅନ୍ତଃପୁରରୁ ଚୋରିକରି ଆଣି ସେଠାରେ ପୋତିଥାଆନ୍ତି । ଅଳଙ୍କାର ପାଇବା ମାତ୍ରେ ସେ ନିଜ ସ୍ତ୍ରୀକୁ ସେଠାକୁ ଡାକି ନେଇ ସେଗୁଡ଼ିକ ଦ୍ୱାରା ତାକୁ ସଜାଇବା ଆରମ୍ଭ କଲା । ଅଳଙ୍କାର ସମ୍ବନ୍ଧରେ ଧାରଣା ନଥିବା ଯୋଗୁଁ ଅଣ୍ଟା ପାଟିଆକୁ ମୁଣ୍ଡରେ, ହାରକୁ ଅଣ୍ଟାରେ, ନୂପୁରକୁ ହାତରେ, କଙ୍କଣକୁ କାନରେ ସଜାଇ ସେ ଯେତେବେଳେ ସ୍ତ୍ରୀକୁ ଧରି ଗାଁକୁ ଆସିଲା, ସେତେବେଳେ ଗ୍ରାମବାସୀମାନେ ତାର ଏହି ବିଚିତ୍ର ବେଶ ଦେଖି ହସରେ ଫାଟିପଡ଼ିଲେ । ଏକଥା ରାଜାଙ୍କ କାନକୁ ଯିବାରୁ ସେ ସେହି କୃଷକକୁ ଧରାଇ

Digitized by srujanika@gmail.com

ନେଇ ତା'ଠାରୁ ସବୁ ଅଳଙ୍କାର ନେଇଗଲେ କିନ୍ତୁ ତାକୁ ଗୋଟିଏ ମହାମୂର୍ଖ ଜାଣି ଦଣ୍ଡ ନଦେଇ ଛାଡ଼ିଦେଲେ ।

ଦେବ, ଅଳଙ୍କାର ଲମ୍ପକ କଥା ପରେ ମୂର୍ଖ ତୁଳା ବେପାରୀ କଥା ଶୁଣନ୍ତୁ —

ମୂର୍ଖ ତୂଳାବେପାରୀ କଥା

ଗୋଟିଏ ମୂର୍ଖ ତୂଳାବେପାରୀ ତୁଳା ବିକିବା ପାଇଁ ବଜାରକୁ ଗଲା । ତୁଳା ସଫା ନୁହେ ବୋଲି କୌଣସି ଗ୍ରାହକ ତାକୁ କିଣିଲେ ନାହିଁ । ବଜାରରେ ବୁଲି ବୁଲି ସେ ଗୋଟିଏ ସୁନାରି ଦୋକାନ ପାଖରେ ଯାଇ ପହଞ୍ଚିଲା । ସେଠାରେ ଠିଆ ହୋଇ ସେ ଲକ୍ଷ୍ୟ କଲା ଯେ ସୁନାରି ଅଶୁଦ୍ଧ ସୁନାକୁ ପୋଡ଼ି ତାକୁ ଶୁଦ୍ଧ କରି ଗ୍ରାହକମାନଙ୍କୁ ବିକ୍ରି କରୁଛି ଏବଂ ଗ୍ରାହକମାନେ ମଧ୍ୟ ତାକୁ କିଣି ନେଉଛନ୍ତି । ସେ ମଧ୍ୟ ତୂଳା ସବୁକୁ ପୋଡ଼ି ଶୁଦ୍ଧ କଲେ ଚଢ଼ା ଦରରେ ବିକ୍ରି ହୋଇପାରିବ ବୋଲି ଚିନ୍ତା କରି ତୂଳାସବୁକୁ ପୋଡ଼ି ଦେଲା । ତୂଳାତକ ପୋଡ଼ିଯିବା ଦେଖି ସମସ୍ତେ ତା'ର ମୂର୍ଖତାକୁ ପରିହାସ କଲେ ।

ଦେବ, ତୂଳା ବେପାରୀର ମୂର୍ଖତା ତ ଦେଖିଲେ, ଏବେ ଜଣେ ଖଜୁରି କଟାଳିର ମୂର୍ଖତା ବିଷୟରେ ଶୁଣନ୍ତୁ —

ଖଜୁରି କଟାଳି କଥା

ଥରେ ଜଣେ ରାଜା କିଛି ଖଜୁରି କୋଳି ଆଣିବା ପାଇଁ କର୍ମଚାରୀମାନଙ୍କୁ ଆଦେଶ ଦେଲେ । ସେମାନେ ଏଥିପାଇଁ କେତେଜଣ ଗ୍ରାମବାସୀଙ୍କୁ ନିଯୁକ୍ତ କଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଏମାନେ ସବୁ ଥିଲେ ନିପଟ ମୂର୍ଖ । ସେମାନେ ଖଜୁରି ତୋଳିବାକୁ ଯାଇ ଦେଖିଲେ ଯେ ଗୋଟିଏ ଗଛ ଭୂମି ଉପରେ ପଡ଼ି ଯାଇଛି । ସେଥିରୁ ଖଜୁରି ତୋଳିବା ସହଜ ହେଉଛି ଦେଖି ଏହି ମୂର୍ଖ ଗ୍ରାମବାସୀମାନେ ସେ ଅଞ୍ଚଳରେ ଥିବା ସବୁ ଖଜୁରି ଗଛକୁ କାଟି ପ୍ରଥମେ ତଳେ ପକାଇ ଦେଲେ । ଫଳରେ ସେମାନେ ବିନା ଆୟାସରେ ପ୍ରଚୁର କୋଳି ସଂଗ୍ରହ କରିପାରିଲେ । କିନ୍ତୁ ଗଛଗୁଡ଼ିକୁ ପୁଣି ଉଠାଇ ମୂଳ ସହିତ ଯୋଡ଼ିବାର ସମସ୍ତ ଚେଷ୍ଟା ସେମାନଙ୍କର ବ୍ୟର୍ଥ ହେଲା । ରାଜା ସବୁ ଖଜୁରି ଗଛ ନଷ୍ଟ ହୋଇଥିବା ଶୁଣି ଏମାନଙ୍କୁ ଦଣ୍ଡ ପ୍ରଦାନ କଲେ ।

ଦେବ, ଏହିପରି ଆଉ ଜଣେ ମୂର୍ଖ ମନ୍ତ୍ରୀଙ୍କ କଥା ଶ୍ରବଣ କରନ୍ତୁ —

Digitized by srujanika@gmail.com

ମୂର୍ଖ ସଚିବ କଥା

ଏକଦା ଜଣେ ରାଜା ପୋତାଧନର ସନ୍ଧାନ କରିବା ପାଇଁ ଜଣେ ତଦ୍‌ବିଦ ପଣ୍ଡିତଙ୍କୁ ଡକାଇ ଆଣିଥା'ନ୍ତି । ପଣ୍ଡିତ ଜଣକ କାଳେ ଚାଲିଯିବେ ବୋଲି ରାଜାଙ୍କ ମୂର୍ଖ ସଚିବ ତାଙ୍କ ଦୁଇଟି ଚକ୍ଷୁ ଫୁଟାଇ ଦେଲା । ଫଳରେ ସେ କେବଳ ଦେଖିବା ନୁହେ ଚାଲିବା ନିମନ୍ତେ ମଧ୍ୟ ଅସମର୍ଥ ହୋଇପଡ଼ିଲେ । ମନ୍ତ୍ରୀଙ୍କ ମୂର୍ଖାମି ଦେଖି ରାଜ୍ୟବାସୀ ହାସ୍ୟ ପ୍ରକାଶ କରିବାକୁ ଲାଗିଲେ ।

ବର୍ତ୍ତମାନ ଏହି ମୂର୍ଖ ମନ୍ତ୍ରୀପରି ଆଉ ଜଣେ ମୂର୍ଖର କାହାଣୀ ଶୁଣନ୍ତୁ –

ଲୁଣଖିଆ ମୂର୍ଖ କଥା

କୌଣସି ଗ୍ରାମରେ ଗହ୍ୱର ନାମରେ ଗୋଟିଏ ମହାମୂର୍ଖ ଥିଲା । ଦିନେ ସେହି ଗ୍ରାମର ଅନ୍ୟ ଜଣେ ବାସିନ୍ଦା ତାକୁ ନିଜ ଘରକୁ ଡାକି ନେଇ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କଲା । ଭୋଜନ ଶେଷରେ ସେ ଯେତେବେଳେ ବନ୍ଧୁଙ୍କୁ ଖାଦ୍ୟ ଏପରି ସ୍ୱାଦିଷ୍ଟ ହେବାର ରହସ୍ୟ ଜିଜ୍ଞାସା କଲା, ବନ୍ଧୁ କହିଲା ଯେ ଖାଦ୍ୟକୁ ସ୍ୱାଦିଷ୍ଟ କରିବାର ପ୍ରଧାନ ଉପାଦାନ ହେଉଛି ଲୁଣ । ଏହା ଶୁଣି ମୂର୍ଖଟି ଭାବିଲା ଯେ ଲୁଣଦ୍ୱାରା ଖାଦ୍ୟ ଯଦି ଏତେ ରୁଚିକର ହୋଇପାରୁଛି, ତେବେ ଖାଲି ଲୁଣ କାହିଁକି ଖିଆ ନଯିବ । ଏହିପରି ଚିନ୍ତାକରି ଗହ୍ୱର ମୁଠାଏ ଲୁଣ ଗୁଣ୍ଡ ପାଟିରେ ଭର୍ତ୍ତି କରି ଖାଇବାକୁ ଲାଗିଲା । ଲୁଣଗୁଣ୍ଡ ଲାଗି ତାର ଓଠ, ନିଶ, ଦାଢ଼ି ସବୁ ଧଳା ହୋଇଗଲା । ତା'ର ଏହି ରୂପ ଓ ବ୍ୟବହାର ଦେଖି ହସରେ ଗ୍ରାମବାସୀଙ୍କ ମୁହଁ ବି ଧଳା ଦେଖାଗଲା ।

ମୂର୍ଖ ଗୋପାଳକ କଥା

ଏହିପରି ଦେବ, ଆଉ ଗୋଟିଏ ମୂର୍ଖ ବିଷୟରେ ଶୁଣନ୍ତୁ । ଗୋଟିଏ ମୂର୍ଖ ଗୋପାଳକ ଥାଏ । ତା'ର ଗୋଟିଏ ଗାଈ ଥିଲା । ଗାଈଟି ପ୍ରତିଦିନ ଶହେ ପଳ ବା ପାଞ୍ଚ ସେର ଦୁଧ ଦେଉଥାଏ । ଥରେ ତାର ଘରେ ଗୋଟିଏ ଉତ୍ସବ ହେବାର ଥାଏ । ଗୋପାଳକ ଭାବିଲା ଯେ ଗାଈଟିକୁ ନଦୁହିଁ ଛାଡ଼ିଦେଲେ ଦୁଧସବୁ ଜମି ରହିବ । ଉତ୍ସବ ଦିନ ତାକୁ ଦୋହନ କଲେ ଆବଶ୍ୟକୀୟ ଦୁଧ ମିଳିଯାଇ ପାରିବ । ଏହା ଭାବି ସେ ଗୋଟିଏ ମାସ ପୂର୍ବରୁ କ୍ଷୀର ଦୁହିଁବା ବନ୍ଦ କରିଦେଲା । ଉତ୍ସବ ଦିନ ସେ ଯେତେବେଳେ ଦୁଧ ଦୁହିଁବାକୁ

Digitized by srujanika@gmail.com

ଗଲା, ଦେଖିଲା ଗାଈର ଚିର ଶୁଖିଯାଇଛି । ସେ ଏକଥା ବନ୍ଧୁବାନ୍ଧବଙ୍କ ଆଗରେ ପ୍ରକାଶ କରିବାରୁ ସେମାନେ ତା'ର କଥା ସ୍ମରଣ କରି ବହୁଦିନ ଧରି ହସିବାକୁ ଲାଗିଲେ ।

ମୂର୍ଖ ଗୋପାଳକର କଥା ପରେ ଆଉ ଦୁଇଟି ମୂର୍ଖଙ୍କ କଥା ଶୁଣନ୍ତୁ ।

ଚନ୍ଦାମୁଣ୍ଡିଆ ମୂର୍ଖ କଥା

ଜଣେ ଚନ୍ଦାମୁଣ୍ଡିଆ ବ୍ୟକ୍ତି ଥାଏ ଯେ ତା'ର ଚନ୍ଦା ମୁଣ୍ଡଟି ତମ୍ବା ହାଣ୍ଡି ପରି ଲାଲ ଓ ଚିକ୍କଣ । ସେ ଗୋଟିଏ ବୃକ୍ଷ ଛାୟାରେ ବସିଥାଏ । ସେହି ରାସ୍ତା ଦେଇ କିଛି ପାଚିଲା କଇଠ ଧରି ଯାଉଥିବା ଜଣେ କ୍ଷୁଧାର୍ତ୍ତ ଯୁବକ କୌତୁକ ଦେଖିବା ପାଇଁ ତା' ମୁଣ୍ଡରେ ଗୋଟିଏ କଇଠ ବାଡ଼େଇଲା । କଇଠଟି ଫାଟିଯାଇ ତଳେ ପଡ଼ିଗଲା, ହେଲେ ଚନ୍ଦାମୁଣ୍ଡିଆ ଲୋକଟି ତାକୁ କିଛି କହିଲା ନାହିଁ । ଏହା ଦେଖି ଯୁବକଟି ମଉଜ ଦେଖିବା ପାଇଁ ଗୋଟିଏ ପରେ ଗୋଟିଏ ସବୁତକ କଇଠ ତା' ଚନ୍ଦାମୁଣ୍ଡରେ ପିଟି ଫଟାଇ ଦେଲା । ଚନ୍ଦାର ମୁଣ୍ଡରୁ ଧାର ଧାର ରକ୍ତ ବହିବାକୁ ଲାଗିଲେ ସୁଦ୍ଧା ସେ ପାଟି ଫିଟାଉ ନଥାଏ । ଯୁବସୁଲଭ ଚାପଲ୍ୟରୁ ଯୁବକଟି ଏହିପରି ସବୁତକ କଇଠ ତା' ମୁଣ୍ଡରେ ଫଟାଇ ଦେଇ ଖାଲି ପେଟରେ ହିଁ ସେଠାରୁ ଚାଲିଗଲା ।

ମିଠା କଇଠର ଆଘାତ ସହିଗଲେ କ୍ଷତି କ'ଣ ବୋଲି କହି କହି ଚନ୍ଦାମୁଣ୍ଡିଆ କଇଠ ଫାଳଗୁଡ଼ିକୁ ଏକତ୍ର ବାନ୍ଧି ସ୍ୱଗୃହକୁ ଫେରିଗଲା । ଘରକୁ ଆସି ସେ ମୁଣ୍ଡରେ ଯେଉଁ ଦୀର୍ଘ ପଟି ବାନ୍ଧିଲା, ତାକୁ ଦେଖି ମନେହେଲା ମୂର୍ଖ ସାମ୍ରାଜ୍ୟର ଚକ୍ରବର୍ତ୍ତୀ ବୋଲି ତା' ମୁଣ୍ଡରେ ଯେପରି ପଟ୍ଟବନ୍ଧନ କରାଯାଇଛି । ପଟ୍ଟିର ରହସ୍ୟ ଖୋଲିଯିବାରୁ ଲୋକେ ତାକୁ ବହୁଦିନ ପର୍ଯ୍ୟନ୍ତ ପରିହାସ କରୁଥିଲେ ।

ଯୁବରାଜ, ମୂର୍ଖ ଲୋକମାନେ ଏହିପରି ଉପହାସର ପାତ୍ର ହୋଇଥାଆନ୍ତି, ସେମାନଙ୍କ କାର୍ଯ୍ୟ ମଧ୍ୟ କଦାଚିତ୍ ସିଦ୍ଧ ହୋଇଥାଏ । କିନ୍ତୁ ବୁଦ୍ଧିମାନ୍ ଲୋକମାନେ ସଂସାରରେ ସର୍ବଦା ପୂଜା ପାଇଥାଆନ୍ତି ।

ସଚିବ ଗୋମୁଖଙ୍କଠାରୁ ଏହିପରି ହାସ୍ୟ ବିନୋଦାତ୍ମକ କଥା ଶୁଣି ନରବାହନଦତ୍ତ ପ୍ରସନ୍ନ ଚିତ୍ତରେ ନିଜର ଦୈନନ୍ଦିନ କର୍ମ ସମାପନ କରିବା ନିମିତ୍ତ ଉଠିଗଲେ ।

ସନ୍ଧ୍ୟା ହେବାରୁ ନରବାହନଦତ୍ତଙ୍କ ଉତ୍କଣ୍ଠା ବୃଦ୍ଧିପ୍ରାପ୍ତ ହେଲା । ସେ ଶକ୍ତିଯଶାଙ୍କ ସହ ମିଳନ ନିମନ୍ତେ ବ୍ୟାକୁଳ ହୋଇଉଠିଲେ । ରାଜକୁମାରଙ୍କ ଏପରି ମନୋଦଶା ଦେଖି ମିତ୍ର ଓ ସଚିବ ଗୋମୁଖ ବୁଦ୍ଧିମତ୍ତାର ପ୍ରଶଂସାସୂଚକ କିଛି କଥା କହିବା ଆରମ୍ଭ କଲେ ।

Digitized by srujanika@gmail.com

କୁଆ, କଇଁଚ, ମୂଷିକ ଓ ହରିଣ କଥା

କୌଣସି ଅରଣ୍ୟରେ ଗୋଟିଏ ବିଶାଳ ଶାଲ୍ମଳୀ ବୃକ୍ଷ ଥାଏ । ତା'ର ଗୋଟିଏ ଶାଖାରେ ଲଘୁପାତୀ ନାମକ ଗୋଟିଏ କୁଆ ବସାବାନ୍ଧି ରହିଥାଏ । ଦିନେ ସେ ନିଜର ନୀଡ଼ ମଧ୍ୟରେ ଥାଇ ଦେଖିଲା ଯେ କୌଣସି ଭୀଷଣାକୃତି ବ୍ୟାଧ ହାତରେ ଜାଲ ଓ ଠେଙ୍ଗା ଧରି ସେ ଦିଗକୁ ଆସୁଛି । ସେ ଦେଖୁ ଦେଖୁ ବ୍ୟାଧ କିଛି ଦୂରରେ ଜାଲଟିକୁ ବିଛାଇ ଦେଇ ତା' ଉପରେ କିଛି ଖୁଦ ବିଞ୍ଚିଦେଲା ଏବଂ ନିକଟରେ ଥିବା ବୃକ୍ଷ ମୂଳରେ ଲୁଚି ବସିଲା ।

ଏ ସମୟରେ ଶହଶହ କପୋତ ସହିତ ସେମାନଙ୍କ ଅଧିପତି ଚିତ୍ରଗ୍ରୀବ ଆକାଶ ମାର୍ଗରେ ଉଡ଼ି ଉଡ଼ି ଆସି ସେଠାରେ ପହଞ୍ଚିଲା । ଖୁଦ ଦାନା ଦେଖି ଖାଦ୍ୟ ଲୋଭରେ ସେମାନେ ଜାଲ ଉପରେ ଆସି ବସିବା ମାତ୍ରେ ତା' ଭିତରେ ବାନ୍ଧି ହୋଇଗଲେ । ଅନୁଗାମୀମାନଙ୍କର ଏ ପ୍ରକାର ବିପଦ ଦେଖି ଚିତ୍ରଗ୍ରୀବ ନିଜ ନିଜ ଚଞ୍ଚୁରେ ଜାଲଟିକୁ ଧରି ଯଥାଶୀଘ୍ର ଆକାଶମାର୍ଗରେ ଉଡ଼ିଯିବା ପାଇଁ ସେମାନଙ୍କୁ ଆଦେଶ ଦେଲା । ତାଙ୍କର ଆଦେଶ ପାଳନ କରି କପୋତମାନେ ଜାଲ ସହିତ ଶଙ୍କାକୁଳ ଚିତ୍ତରେ ଆକାଶମାର୍ଗକୁ ଉଡ଼ିଗଲେ । ଏହା ଦେଖି ବ୍ୟାଧ ଊର୍ଦ୍ଧ୍ୱ ଦୃଷ୍ଟିରେ କିଛି ଦୂର ସେମାନଙ୍କର ଅନୁଗମନ କଲା, କିନ୍ତୁ ଶେଷରେ ନିରାଶ ହୋଇ ଫେରିଆସିଲା ।

ବ୍ୟାଧ ଚାଲିଯିବା ଦେଖି ଚିତ୍ରଗ୍ରୀବ ନିର୍ଭୟ ଭାବେ କପୋତମାନଙ୍କୁ ନିର୍ଦ୍ଦେଶ ଦେଲା, 'ଚାଲ, ବର୍ତ୍ତମାନ ମୋର ମିତ୍ର ମୂଷିକ ହିରଣ୍ୟକଙ୍କ ନିକଟକୁ ଯିବା । ସେ ଜାଲ କାଟି ଆମକୁ ମୁକ୍ତ କରିବେ ।' ଏ ପ୍ରକାର ନିର୍ଦ୍ଦେଶ ଦେଇ ସେ କପୋତମାନଙ୍କ ସହ ଯାଇ ହିରଣ୍ୟକ ରହୁଥିବା ବିଳ ନିକଟରେ ଆକାଶରୁ ଅବତରଣ କଲା । ହିରଣ୍ୟକ ଶହେ ମୁହଁ ଥିବା ଗୋଟିଏ ବିଳ ମଧ୍ୟରେ ରହୁଥାଏ । ଚିତ୍ରଗ୍ରୀବ ନିଜର ଉପସ୍ଥିତି ଜଣାଇ କହିଲା, 'ବନ୍ଧୁ ହିରଣ୍ୟକ, ବାହାରକୁ ଆସ । ମୁଁ ଚିତ୍ରଗ୍ରୀବ ଆସିଛି ।' ଚିତ୍ରଗ୍ରୀବର ଡାକ ଶୁଣି ହରିଣ୍ୟକ ବିଳ ମଧ୍ୟରୁ ମିତ୍ରକୁ ଦେଖି ବାହାରକୁ ବାହାରିଲା ଏବଂ ମିତ୍ରର ଅନୁରୋଧ କ୍ରମେ ଜାଲଟିକୁ କାଟି ସମସ୍ତଙ୍କୁ ମୁକ୍ତ କଲା । କିଛି ସମୟ ବାର୍ତ୍ତାଳାପ କଲାପରେ ଚିତ୍ରଗ୍ରୀବ ମିତ୍ରକୁ ମଧୁର ବଚନରେ ଧନ୍ୟବାଦ ଦେଇ ଅନୁଗାମୀମାନଙ୍କ ସହ ଆକାଶ ମାର୍ଗରେ ଉଡ଼ିଗଲା ।

Digitized by srujanika@gmail.com

ଜାଲ ନିବଦ୍ଧ କପୋତମାନଙ୍କର ଅନୁଗମନ କରି ଲଘୁପାତୀ ଏସମସ୍ତ ଘଟଣା ଅନୁଧ୍ୟାନ କରୁଥାଏ । ମିତ୍ର ଚିତ୍ରଗ୍ରୀବଙ୍କୁ ବିଦାୟ ଦେଇ ମୂଷିକ ହିରଣ୍ୟକ ନିଜ ବିଳ ମଧ୍ୟରେ ପ୍ରବେଶ କରନ୍ତେ ସେ ବିଳ ନିକଟକୁ ଆସି କହିଲା, 'ମୁଁ ଲଘୁପାତୀ ନାମକ ବାୟସ । ତୁମର ମିତ୍ରସ୍ନେହ ଦେଖି ମୁଁ ମୁଗ୍ଧ ହୋଇଛି । ମିତ୍ରଙ୍କୁ ବିପଦରୁ ଉଦ୍ଧାର କରିଥିବା ତୁମ ପରି ଜଣେ ସହୃଦୟ ମିତ୍ରବତ୍ସଳଙ୍କ ସହିତ ମିତ୍ରତା ସ୍ଥାପନ କରିବା ମୋର ଇଚ୍ଛା ।' ବିଳ ମଧ୍ୟରୁ କୁଆକୁ ଦେଖି ମୂଷିକ ଉତ୍ତର ଦେଲା, 'ଏଠୁ ଚାଲିଯା । ତୁ ମୋର ଭକ୍ଷକ ଏବଂ ମୁଁ ତୋର ଖାଦ୍ୟ । ଆମ ଭିତରେ ମିତ୍ରତା କିପରି ହେବ !' ଏଥିରେ ବିରକ୍ତି ପ୍ରକାଶ ନକରି କୁଆ କୋମଳ ସ୍ୱରରେ କହିଲା, 'ଏପରି କୁହ ନାହିଁ । ତୁମକୁ ଖାଇଲେ କ୍ଷଣକପାଇଁ ତୃପ୍ତି ମିଳିପାରେ, କିନ୍ତୁ ତୁମର ମିତ୍ରତା ମୋତେ ଚିରକାଳ ରକ୍ଷା କରିବ ।' କୁଆର ବିଶ୍ୱାସପୂର୍ଣ୍ଣ ବାକ୍ୟ ଓ ଶପଥରେ ପ୍ରୀତ ହୋଇ ମୂଷିକ ହିରଣ୍ୟକ ବିଳ ବାହାରକୁ ଆସି ଲଘୁପାତୀ ସହ ମିତ୍ରତା କଲା । ମିତ୍ରକୁ କିଛି ମାଂସଖଣ୍ଡ ଏବଂ ଖୁଦଦାନା ଦେଇ ଆପ୍ୟାୟିତ କରିବା ସହିତ ଉଭୟେ ଏକତ୍ର ଭୋଜନ କରି ବିଭିନ୍ନ ବିଷୟରେ ବାର୍ତ୍ତାଳାପ କରିବାକୁ ଲାଗିଲେ ।

ଏହିପରି କିଛିଦିନ ମିତ୍ର ସହିତ ଆନନ୍ଦରେ କାଳାତିପାତ କରି ଦିନେ ଲଘୁପାତୀ ହିରଣ୍ୟକକୁ କହିଲା, 'ମିତ୍ର, ଏହି ନିକଟସ୍ଥ ଅରଣ୍ୟର ମଧ୍ୟସ୍ଥଳରେ ଗୋଟିଏ ନଦୀ ପ୍ରବାହିତ ହେଉଛି । ସେଠାରେ ମୋର ଆଉ ଜଣେ ମିତ୍ର ମନ୍ଥରକ ନାମକ କଇଁଚ ବାସ କରନ୍ତି । ମୁଁ ଆଜି ତାଙ୍କ ସହ ସାକ୍ଷାତ କରିବା ପାଇଁ ଯାଉଛି । ସେଠାରେ ମୋ ପାଇଁ ଆମିଷ ଆହାର ସୁଲଭ । ଏଠାରେ ଅବଶ୍ୟ ମାଂସାହାରର ଅଭାବ ନାହିଁ, ତଥାପି ସର୍ବଦା ବ୍ୟାଧମାନଙ୍କର ଭୟ ରହିଛି ।' ଏହା ଶୁଣି ହିରଣ୍ୟକ କହିଲା, 'ମିତ୍ର, ଚାଲ, ଆମେ ଏକା ସାଙ୍ଗରେ ରହିବା । ଏ ସ୍ଥାନ ପ୍ରତି ମୋର ମଧ୍ୟ ଆସକ୍ତି ତୁଟି ଗଲାଣି । ସେଠାକୁ ଯିବା ପରେ ଏହାର କାରଣ କହିବି ।' ମୂଷିକର ପ୍ରସ୍ତାବକୁ ସ୍ୱୀକାର କରି ଲଘୁପାତୀ ତାକୁ ଚଞ୍ଚୁରେ ଧରି ମନ୍ଥରକ ରହୁଥିବା ନଦୀ ତୀରକୁ ନେଇଗଲା । ସେଠାରେ ମନ୍ଥରକ ଦ୍ୱାରା ଉପଯୁକ୍ତ ଭାବେ ସତ୍କୃତ ହୋଇ ଉଭୟ ମିତ୍ର ଆନନ୍ଦରେ ବାସ କରିବାକୁ ଲାଗିଲେ । କଥା ପ୍ରସଙ୍ଗରେ ବାୟସ, ସେଠାକୁ ଆସିବାର କାରଣ ଏବଂ ହିରଣ୍ୟକ ସହିତ ମିତ୍ରତା କରିବାର ସମସ୍ତ ବୃତ୍ତାନ୍ତ କହି ଶୁଣାଇଲା । ମନ୍ଥରକ ମିତ୍ର ଲଘୁପାତୀଠାରୁ ମୂଷିକର ପ୍ରଶଂସା ଶୁଣି ତା'ସହିତ ମିତ୍ରତା ସ୍ଥାପନ ପୂର୍ବକ ପୂର୍ବସ୍ଥାନ ପ୍ରତି ସେ ବିରକ୍ତ ହେବାର କାରଣ ଜିଜ୍ଞାସା କଲା । ଏ ସମ୍ପର୍କରେ ହିରଣ୍ୟକ ଉଭୟଙ୍କୁ ନିଜର ପୂର୍ବାନୁଭୂତି ଶୁଣାଇବାକୁ ଯାଇ କହିଲା —

Digitized by srujanika@gmail.com

ମୂଷିକ ଓ ସନ୍ନ୍ୟାସୀ କଥା

ଏକ ସମୟରେ ମୁଁ ନଗର ନିକଟସ୍ଥ ଗୋଟିଏ ମହାବିଳ ମଧ୍ୟରେ ରହୁଥିଲି । ଦିନେ ରାଜଭବନରୁ ମୁଁ ଗୋଟିଏ ସୁବର୍ଣ୍ଣ ହାର ପାଇଲି । ମୁଁ ତାକୁ ନେଇଆସି ମୋର ବିଳ ମଧ୍ୟରେ ସଯତ୍ନରେ ସାଇତିଥାଏ । ସେହି ହାରକୁ ଦେଖି ଦେଖି ମୋର ବଳବୀର୍ଯ୍ୟ ବୃଦ୍ଧି ଲାଭ କଲି । ମୁଁ ଖାଦ୍ୟ ଆହରଣରେ ସମର୍ଥ ଜାଣି ଅନ୍ୟ ମୂଷିକମାନେ ମୋର ଅନୁଚର ହୋଇପଡ଼ିଲେ ।

ଏ ସମୟରେ ଜଣେ ସନ୍ନ୍ୟାସୀ ଆସି ମୋର ବିଳ ପାର୍ଶ୍ୱରେ ମଠ ସ୍ଥାପନା କରି ରହିଲେ । ସେ ଭିକ୍ଷା ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ ସଂଗ୍ରହ କରିଆଣନ୍ତି । ରାତ୍ରିଭୋଜନ ପରେ ସେ ଅବଶିଷ୍ଟ ଖାଦ୍ୟସାମଗ୍ରୀକୁ ସକାଳୁ ଖାଇବା ପାଇଁ ଗୋଟିଏ ଶିକାରେ ରଖି ଖୁଣ୍ଟ ଉପରେ ଓହଳାଇ ଦିଅନ୍ତି । ରାତିରେ ସନ୍ନ୍ୟାସୀ ଶୋଇଗଲେ ମୁଁ ଲମ୍ଫ ଦେଇ ଶିକା ଉପରକୁ ଉଠିଯାଏ ଏବଂ ଖାଦ୍ୟପଦାର୍ଥ ସବୁ ଶେଷ କରିଦିଏ ।

ଏହିପରି କିଛି ଦିନ ଚାଲିଗଲା । ଦିନେ ତାଙ୍କର ଜଣେ ମିତ୍ର ସନ୍ନ୍ୟାସୀ ଆସି ପହଞ୍ଚିଲେ । ରାତିରେ ଖାଇସାରିବା ପରେ ଉଭୟେ ବସି କଥାବାର୍ତ୍ତା ହେଉଥାଆନ୍ତି । ମୁଁ ଅଭ୍ୟାସବଶତଃ ସେଠାରେ ପହଞ୍ଚିଯିବାରୁ ସନ୍ନ୍ୟାସୀ ଗୋଟିଏ ଫଟା ବାଉଁଶ ବାଡ଼ିରେ ଖାଦ୍ୟ ଥିବା ପାତ୍ରଟିକୁ ବାରମ୍ବାର ଆଘାତ କରି ପାତ୍ର ଉପରେ କାନ ରଖି ମୋର ଉପସ୍ଥିତି କଳନା କରୁଥାଆନ୍ତି । ଏହା ଦେଖି ତାଙ୍କ ମିତ୍ର ମଝିରେ କଥା ବନ୍ଦ କରି ଏହାର ରହସ୍ୟ ଜାଣିବା ପାଇଁ ଚାହିଁବାରୁ ସେ ସବୁ କଥା ତାଙ୍କ ଆଗରେ ବ୍ୟକ୍ତ କଲେ, 'ଏଠାରେ ଗୋଟିଏ ମୂଷା ମୋର ଶତ୍ରୁ ହୋଇଯାଇଛି । ମୁଁ ଯେତେ ଉପରେ ଓହଳାଇଲେ ବି ମୂଷାଟି ଲମ୍ଫ ଦେଇ ଉପରକୁ ଉଠିଯାଉଛି । ଫଳରେ ପ୍ରତିଦିନ ସକାଳୁ ମୋତେ ଭୋକିଲା ହିଁ ରହିବାକୁ ପଡୁଛି । ଏଣୁ ଏହି ବାଉଁଶ ବାଡ଼ି ସାହାଯ୍ୟରେ ତାକୁ ଡରାଇବା ମୋର ଅଭ୍ୟାସରେ ପଡ଼ିଗଲାଣି । ଏହା ଶୁଣି ଆଗନ୍ତୁକ ସନ୍ନ୍ୟାସୀ କହିଲେ —

କୃପଣ ଘରଣୀ କଥା

ଲୋଭ ପ୍ରାଣୀର ଭୟଙ୍କର କ୍ଷତିକାରକ । ଏ ସମ୍ପର୍କରେ ମୋର ଗୋଟିଏ ଅନୁଭୂତି କହୁଛି । ମୁଁ ଥରେ ତୀର୍ଥ ଭ୍ରମଣରେ ଯାଇ ଗୋଟିଏ ନଗରରେ ପହଞ୍ଚିଲି । ସେଠାରେ ରହିବା ପାଇଁ ଆଶ୍ରୟଟିଏ ଖୋଜୁଥିବା ବେଳେ ଜଣେ ବ୍ରାହ୍ମଣଙ୍କ ଦ୍ୱାରରେ ଯାଇ ଉପସ୍ଥିତ

Digitized by srujanika@gmail.com

ହେଲି । ବ୍ରାହ୍ମଣ ମୋତେ ଆଦରର ସହିତ ପାଛୋଟି ନେଇ ସେହି ଦିନ କୌଣସି ପର୍ବ ପାଳିତ ହେଉଥିବାରୁ ମୋ ଉପସ୍ଥିତିରେ ହିଁ ପତ୍ନୀଙ୍କୁ କିଛି ଖେଚିଡ଼ି ପ୍ରସ୍ତୁତ କରିବା ପାଇଁ ବରାଦ କଲେ । କିନ୍ତୁ ସ୍ତ୍ରୀଙ୍କ ଠାରୁ 'ତୁମ ପରି ଦରିଦ୍ରର ଘରେ ଖେଚିଡ଼ି କୁଆଡୁ ଆସିବ' ଶୁଣି ବ୍ରାହ୍ମଣ ପତ୍ନୀଙ୍କୁ ଶିକ୍ଷା ଦେବା ପାଇଁ ଗୋଟିଏ ଗଳ୍ପ ଶୁଣାଇବା ଆରମ୍ଭ କଲେ –

ଲୋଭୀ ଶୃଗାଳ କଥା

ପ୍ରିୟେ, ଲୋଭର ସୀମା ନାହିଁ । କିଛି ସଞ୍ଚୟ କରିସାରିବା ପରେ ଅଧିକ ସଞ୍ଚୟର ଲୋଭ ତ୍ୟାଗ କରିବା ଉଚିତ । ଯେପରି –

କୌଣସି ଅରଣ୍ୟରେ ଗୋଟିଏ ବ୍ୟାଧ ପଶୁମାନଙ୍କୁ ଶିକାର କରି ମାଂସ ଭାର ନେଇ ଫେରୁଥିଲା ବେଳେ ଗୋଟିଏ ବାର୍ହା ତା' ଦୃଷ୍ଟିରେ ପଡ଼ିଲା । ସେ ତାକୁ ବଧ କରିବା ପାଇଁ ଶର ପ୍ରୟୋଗ କରନ୍ତେ ବାର୍ହାଟି କ୍ଷତବିକ୍ଷତ ହୋଇ ବ୍ୟାଧକୁ ଆକ୍ରମଣ କଲା । ଫଳରେ ବାର୍ହାର ଦନ୍ତାଘାତରେ ବ୍ୟାଧର ପ୍ରାଣବାୟୁ ଉଡ଼ିଗଲା ଏବଂ ବାର୍ହା ମଧ୍ୟ ଶରାଘାତରେ ପଞ୍ଚତ୍ୱ ପ୍ରାପ୍ତ ହେଲା ।

ଦୂରରେ ଠିଆ ହୋଇ ଗୋଟିଏ ଶୃଗାଳ ଏସବୁ ଦେଖୁଥାଏ । ଉଭୟେ ପ୍ରାଣତ୍ୟାଗ କରିବା ପରେ ସେ ଆସି ସେଠାରେ ପହଞ୍ଚିଲା । ସେ ଅତ୍ୟନ୍ତ କ୍ଷୁଧାର୍ତ୍ତ ଥିଲେ ସୁଦ୍ଧା ସଞ୍ଚୟ ମନୋବୃତ୍ତି ନେଇ ବ୍ୟାଧ କିମ୍ବା ବାର୍ହାର ଶବକୁ ଆଦୌ ଚାଖିଲା ନାହିଁ । ପ୍ରଥମେ ସେ ବ୍ୟାଧର ଧନୁରେ ଲାଗିଥିବା ଚମଡ଼ା ଗୁଣଟିକୁ ଖାଇବା ଆରମ୍ଭ କଲା । ତା'ଦ୍ୱାରା ଧନୁଟି ହଲିଯିବା ଫଳରେ ସେଥିରେ ଯୋଖା ଯାଇଥିବା ଶରଟି ଛିଟିକି ପଡ଼ିଲା । ଦୁର୍ଭାଗ୍ୟବଶତଃ ସେହି ଶରଫଳକଟି ଶୃଗାଳ ଶରୀରରେ ବିଦ୍ଧ ହୋଇଯିବା ଯୋଗୁଁ ସେ ମଧ୍ୟ ସେଠାରେ ମୃତ୍ୟୁବରଣ କଲା ।

ଏଣୁ ଅତି ସଂଗ୍ରହ ଅନୁଚିତ । ବ୍ରାହ୍ମଣ ଏପରି କହୁଥିବା ବେଳେ ବ୍ରାହ୍ମଣୀ ରାଶି ଗୁଡ଼ିକ ଶୁଖାଇବା ପାଇଁ ଆଣି ଖରାରେ ରଖିଲା । ସେ ଘର ଭିତରକୁ ଚାଲିଯିବାରୁ ବୁଲା କୁକୁରଟିଏ ଆସି ସେଥିରେ ମୁହଁ ମାରି ଦେଇ ସେ ସବୁକୁ ମାରା କରିଦେଲା । ଫଳରେ ତାକୁ ବିକିବା ବି ସମ୍ଭବ ହେଲା ନାହିଁ ।

ଏଥିପାଇଁ ଲୋଭଦ୍ୱାରା ଭୋଗ କରିହୁଏ ନାହିଁ । ଏହା କେବଳ ଦୁଃଖର ହିଁ କାରଣ ହୋଇଥାଏ ।

ତଦେବଂ ନୋପଭୋଗାୟ ଲୋଭଃ କ୍ଳେଶାୟ କେବଳମ୍ ।

Digitized by srujanika@gmail.com

ଲୋଭର ଅପକାରିତା ସମ୍ପର୍କରେ ଗଳ୍ପଟି ଶୁଣାଇ ଆଗନ୍ତୁକ ସନ୍ୟାସୀ କହିଲେ, 'ତୁମ ପାଖରେ ଯଦି ଖଣତିଟିଏ ଥାଏ, ଦିଅ । ମୁଁ ଆଜି ହିଁ ଏହି ମୂଷା ଉପଦ୍ରବକୁ ଦୂର କରିଦେବି ।' ଏହା ଶୁଣି ସନ୍ୟାସୀ ଖଣତିଟିଏ ଆଣି ବନ୍ଧୁଙ୍କ ହାତରେ ଦେଲେ ଏବଂ ମୁଁ ଲୁଚି ରହିଥିବା ଅବସ୍ଥାରେ ଏହା ଦେଖି ବିଲ ମଧ୍ୟରେ ପଶିଗଲି ।

ଏହି ଦୁଷ୍ଟ ଆଗନ୍ତୁକ ସାଧୁ ଖଣତିଟି ନେଇ ବିଲ ମଧ୍ୟରୁ ମଠ ମଧ୍ୟକୁ ମୋର ଯିବା ଆସିବା ରାସ୍ତାଟିକୁ ଖୋଳିବା ଆରମ୍ଭ କଲେ । ମୁଁ ଦୂରକୁ ଚାଲି ଯାଉଥିବା ଦେଖି ସେ ସେହି ସୁବର୍ଣ୍ଣ ହାର ଓ ମୋର ଶସ୍ୟ ଭଣ୍ଡାର ଥିବା ସ୍ଥାନ ପର୍ଯ୍ୟନ୍ତ ଖୋଳି ଆଣିଲେ । ସେଠୁ ସେ ମିତ୍ରଙ୍କୁ ଡାକି କହିଲେ, 'ଦେଖ, ମିତ୍ର, ଏହି ଧନ ବଳରେ ତୁମର ଏହି ମୂଷାଟି ଶକ୍ତିଶାଳୀ ହୋଇ ତୁମେ ଯେତେ ଉପରେ ରଖିଲେ ସୁଦ୍ଧା କୁଦା ମାରି ତୁମର ଖାଦ୍ୟ ସାମଗ୍ରୀତକ ଖାଇଯାଉଥିଲା । ଏବେ ତା' ପକ୍ଷରେ ଏହା କରିବା ଆଉ ସମ୍ଭବ ନୁହେ ।' ତାଙ୍କ କଥାବାର୍ତ୍ତା ମୋ କାନରେ ବାଜୁଥାଏ । ସେମାନେ ମୋର ସର୍ବସ୍ୱ ଲୁଟି ନେଇ ହାରଟିକୁ ଜଟାରେ ବାନ୍ଧି ନିଶ୍ଚିନ୍ତରେ ଶୋଇଗଲେ ।

ପରଦିନ ମୁଁ ପୁଣି ଯାଇ ସନ୍ୟାସୀଙ୍କ ଆହାର ଖାଇବା ପାଇଁ ଚେଷ୍ଟା କଲା ବେଳେ ସେ ମୋର ମୁଣ୍ଡକୁ ଶକ୍ତ ପ୍ରହାର କଲେ । ସୌଭାଗ୍ୟବଶତଃ ମୁଁ ବଞ୍ଚିଗଲି କିନ୍ତୁ ମୋର ପୂର୍ବଶକ୍ତି କ୍ଷୀଣ ହୋଇଗଲା । ଧନ ହିଁ ପ୍ରାଣୀର ଯୌବନ ଏବଂ ଦାରିଦ୍ର୍ୟ ତା'ର ବାର୍ଦ୍ଧକ୍ୟ । ଧନର ଅଭାବରେ ପ୍ରାଣୀର ଓଜ, ତେଜ, ବଳ ଓ ରୂପ ନଷ୍ଟ ହୋଇଯାଏ ।

ଅର୍ଥୋ ହି ଯୌବନଂ ପୁଂସାଂ ତଦଭାବଶ୍ଚ ବାର୍ଧକମ୍
ତେନାସ୍ୟୋଜୋ ବଳଂ ରୂପମୁତ୍ସାହଶ୍ଚାପି ହୀୟତେ ।

ମୋତେ ନିଜ ଉଦର ପୂରଣ ପାଇଁ ସୁଦ୍ଧା ଅସମର୍ଥ ଦେଖି ଅନ୍ୟ ଅନୁଚର ଓ ବନ୍ଧୁମାନେ ଧୀରେ ଧୀରେ ମୋତେ ପରିତ୍ୟାଗ କରି ଚାଲିଗଲେ । ଦୀର୍ଘଦିନ ଧରି ଆଶ୍ରୟ ପ୍ରଦାନ କରିଥିବା ଜୀବିକା ନିର୍ବାହ ପାଇଁ ଅସମର୍ଥ ପ୍ରଭୁକୁ ସେବକ, ପୁଷ୍ପହୀନ ବୃକ୍ଷକୁ ଭ୍ରମର, ଜଳରହିତ ସରୋବରକୁ ହଂସ ନିର୍ଦ୍ଦୟ ଭାବେ ପରିତ୍ୟାଗ କରି ଚାଲିଯାଇଥାଆନ୍ତି ।

ଅବୃତ୍ତିକେ ପ୍ରଭୁଂ ଭୃତ୍ୟା ଅପୁଷ୍ପଂ ଭ୍ରମରାସ୍ତରୁମ୍
ଅଜଳଂ ଚ ସରୋ ହଂସା ମୁଞ୍ଚନ୍ତ୍ୟପି ଚିରୋଷିତମ୍ ।

ଏହିପରି ଦୁଃଖକଷ୍ଟରେ ବହୁ ଦିନ ଅତିବାହନ କଲା ପରେ ଲଘୁପାତୀଙ୍କର ମିତ୍ରତା ଲାଭ କରି ତୁମ ନିକଟରେ ଆସି ପହଞ୍ଚିଛି ।'

Digitized by srujanika@gmail.com

ହିରଣ୍ୟକର ଏହି ଦୁଃଖଦ କାହାଣୀ ଶୁଣି ମନ୍ଥରକ କହିଲା, 'ମିତ୍ର, ଏହାକୁ ତୁମର ନିଜ ସ୍ଥାନ ବୋଲି ଭାବ । ଦୁଃଖରେ ଅଧୀର ହେବା ଉଚିତ ନୁହେଁ । ଗୁଣୀ ଲୋକ ପାଇଁ କୌଣସି ସ୍ଥାନ ବିଦେଶ ନୁହେ । ସନ୍ତୁଷ୍ଟ ବ୍ୟକ୍ତି ପାଇଁ କିଛି ଦୁଃଖପ୍ରଦ ନୁହେ । ଧୈର୍ଯ୍ୟଶାଳୀ ବ୍ୟକ୍ତି ପାଇଁ ବିପଦ ବୋଲି କିଛି ନାହିଁ । ଏବଂ ଉଦ୍ୟୋଗୀ ପୁରୁଷର କିଛି ଅସାଧ୍ୟ ନୁହ ।

ଗୁଣିନୋ ନ ବିଦେଶୋଽସ୍ତି ନ ସନ୍ତୁଷ୍ଟସ୍ୟ ଚାସୁଖମ୍
ଧୀରସ୍ୟ ଚ ବିପନ୍ନାସ୍ତି ନାସାଧ୍ୟଂ ବ୍ୟବସାୟିନଃ ।

କଇଁଚ଼ ଏହା କହୁଥିବା ବେଳେ ବ୍ୟାଧଭୀତ କୌଣସି ହରିଣ ଆସି ସେଠାରେ ଉପସ୍ଥିତ ହେଲା । ଚିତ୍ରାଙ୍ଗଦ ନାମକ ଏହି ମୃଗର ଅବସ୍ଥା ଲକ୍ଷ୍ୟ କରି ଏବଂ ବ୍ୟାଧ ଆଉ ତା'ର ପଶ୍ଚାତ୍‌ଧାବନ କରୁନଥିବା ଦେଖି ଏହି ମିତ୍ରମାନେ ତାକୁ ସାହସ ଦେଇ ତା' ସହିତ ମିତ୍ରତା ସୂତ୍ରରେ ଆବଦ୍ଧ ହେଲେ । ପରସ୍ପର ଜଣକୁ ଜଣେ ସାହାଯ୍ୟ କରି ଏହି ଚାରିବନ୍ଧୁ ସେହି ବନ୍ୟ ନଦୀ କୂଳରେ ଆନନ୍ଦରେ ବାସ କରୁଥାଆନ୍ତି ।

ଦିନେ ବହୁତ ବିଳମ୍ବ ପର୍ଯ୍ୟନ୍ତ ଚିତ୍ରାଙ୍ଗଦ ଫେରିଲା ନାହିଁ । ତା' ସମ୍ପର୍କରେ ଜାଣିବା ପାଇଁ ଲଘୁପାତୀ କାକ ବୃକ୍ଷର ଉଚ୍ଚତମ ଶାଖାରେ ଯାଇ ବସିଲା । ଅରଣ୍ୟର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦୃଷ୍ଟିପାତ କରି ସେ ଦେଖିଲା ଯେ ନଦୀତଟର ଗୋଟିଏ ସ୍ଥାନରେ ମୃଗ କୌଣସି ବ୍ୟାଧର ଜାଲ ଓ କୀଳକ ଦ୍ୱାରା ଆବଦ୍ଧ ହୋଇ ପଡ଼ିଛି । ସେ ଆସି କଇଁଚ଼ ଓ ମୂଷିକକୁ ଏକଥା ଜଣାଇଲା । ପରସ୍ପର ମଧ୍ୟରେ ରଣକୌଶଳ ଠିକ୍ କରି ଲଘୁପାତୀ ନିଜ ଚଞ୍ଚୁରେ ମୂଷିକ ହିରଣ୍ୟକକୁ ଧରି ଚିତ୍ରାଙ୍ଗଦ ବନ୍ଧା ଥିବା ସ୍ଥାନକୁ ଉଡ଼ିଗଲା । ହିରଣ୍ୟକ ଭୂମିରେ ପାଦ ରଖିବା ମାତ୍ରେ ବ୍ୟାଧର ଜାଲଟିକୁ କାଟି ଦେଇ ଚିତ୍ରାଙ୍ଗଦକୁ ମୁକ୍ତ କଲା । ଏତେବେଳେ କଇଁଚ଼ ମଧ୍ୟ ଜଳ ପଥରେ ଆସି କୂଳରେ ପହଞ୍ଚି ଯାଇଥାଏ ।

ବ୍ୟାଧ ଆସି ଦେଖିଲା ଯେ କାକ, ମୃଗ ଓ ମୂଷିକ ପଳାୟନ କରୁଛନ୍ତି । ସେ ସେମାନଙ୍କୁ ଧରିବା ପାଇଁ ବୃଥା ଚେଷ୍ଟା ନକରି କଇଁଚ଼ଟିକୁ ନିଜ ଜାଲରେ ଧରିନେଲା ଏବଂ ସେତିକିରେ ସନ୍ତୁଷ୍ଟ ହୋଇ ଗ୍ରାମ ଅଭିମୁଖରେ ଚାଲିଲା । ମନ୍ଥରକର ଏତାଦୃଶ ବିପଦ ଦେଖି ଦୂରଦର୍ଶୀ ହିରଣ୍ୟକର ପରାମର୍ଶକ୍ରମେ ଚିତ୍ରାଙ୍ଗଦ କିଛି ଦୂର ଯାଇ ମଲା ପରି ଭୂମିରେ ପଡ଼ିଗଲା ଏବଂ ବାୟସ ଲଘୁପାତୀ ତା'ଉପରେ ବସି ତା'ର ଚକ୍ଷୁ ଯୁଗଳକୁ ଖୋଳିବା ଅଭିନୟ କଲା । ଏହା ଦେଖି ବ୍ୟାଧ ମୃଗକୁ ମୃତ ବୋଲି ମନେକରି କଇଁଚ଼ଟିକୁ ଜାଲ ସହିତ ନଦୀ କୂଳରେ ରଖି ଦେଇ ମୃଗକୁ ନେବାର ବ୍ୟବସ୍ଥାରେ ଲାଗିପଡ଼ିଲା । ଏହି ସୁଯୋଗରେ ହିରଣ୍ୟକ ଜାଲଟି କାଟି ପକାଇବାରୁ ମନ୍ଥରକ ନଦୀ ଗର୍ଭକୁ ଡେଇଁପଡ଼ିଲା ।

Digitized by srujanika@gmail.com

ଏଣେ ମୃଗ ମଧ୍ୟ ବ୍ୟାଧକୁ ନିକଟବର୍ତ୍ତୀ ହେଉଥିବା ଦେଖି ଉଠି ଦୌଡ଼ିବାକୁ ଲାଗିଲା । ଲଘୁପାତୀ ମଧ୍ୟ ମୃଗ ସହିତ ଉଡ଼ି ଚାଲିଗଲା ।

ମୃଗ ନିକଟରୁ ନିରାଶ ହୋଇ ବ୍ୟାଧ କଇଁଚ଼ ନିକଟକୁ ଫେରି ଦେଖିଲା ଯେ ସେ ବି ଚାଲିଯାଇଛି । ଦିନଟି ଶୁଭ ନୁହେ ବୋଲି ଭାଗ୍ୟକୁ ନିନ୍ଦା କରି ବ୍ୟାଧ ସ୍ୱଗୃହକୁ ଫେ଼ରିଗଲା ।

ଚ଼ାରି ମିତ୍ର ପୁଣି ଏକତ୍ର ହେଲେ । ମିତ୍ରସ୍ନେହୀ ମୃଗ କୃତଜ୍ଞତାର ସହ କହିଲା, 'ଆପଣମାନଙ୍କ ପରି ମିତ୍ର ଲାଭ କରି ମୁଁ ଅତ୍ୟନ୍ତ ଭାଗ୍ୟବାନ୍ । ଆପଣମାନେ ନିଜର ପ୍ରାଣ ବିନିମୟରେ ମୋତେ ମୃତ୍ୟୁମୁଖରୁ ଫେରାଇ ଆଣିଛନ୍ତି ।' ମୃଗ ଦ୍ୱାରା ଏପରି ପ୍ରଶଂସିତ ହୋଇ କୁଆ, କଇଁଚ଼, ମୂଷିକ ଓ ହରିଣ ସେହି ବନ-ନଦୀ ତଟରେ ଆନନ୍ଦରେ ବାସ କରିବାକୁ ଲାଗିଲେ ।

ଏହିପରି ପଶୁମାନେ ମଧ୍ୟ ବୁଦ୍ଧି ବଳରେ ନିଜର କାର୍ଯ୍ୟ ସିଦ୍ଧ କରିଥାଆନ୍ତି । ସେମାନେ ମଧ୍ୟ ବିପତ୍ତି ସମୟରେ ନିଜର ଜୀବନ ପ୍ରତି ଭୂକ୍ଷେପ ନକରି ମିତ୍ରମାନଙ୍କୁ ରକ୍ଷା କରିଥାଆନ୍ତି । ମିତ୍ରମାନଙ୍କର ଏପରି ସମ୍ପର୍କ ସର୍ବଦା କଲ୍ୟାଣକାରୀ ହୋଇଥାଏ; କିନ୍ତୁ ଈର୍ଷ୍ୟାଳୁ ପୁରୁଷମାନେ ନିଜର ସ୍ତ୍ରୀର ମଧ୍ୟ ପ୍ରଶଂସାଭାଜନ ହୋଇନଥାନ୍ତି । ଏ ସମ୍ପର୍କରେ ଗୋଟିଏ କଥା ଶୁଣନ୍ତୁ –

ଈର୍ଷ୍ୟାଳୁ ପୁରୁଷ କଥା

କୌଣସି ନଗରରେ ଜଣେ ଈର୍ଷ୍ୟାଳୁ ପୁରୁଷ ବାସ କରୁଥାଏ । ତା'ର ସ୍ତ୍ରୀ ଅତୀବ ରୂପବତୀ ଓ ପ୍ରେମଶୀଳା । କିନ୍ତୁ ପତି ଥିଲା ଅତ୍ୟନ୍ତ ଅବିଶ୍ୱାସୀ । ସେ ସ୍ତ୍ରୀକୁ କଦାପି ଏକାକିନୀ ଛାଡୁ ନଥିଲା । ଚିତ୍ରପଟସ୍ଥିତ ପୁରୁଷ ମଧ୍ୟ ତା' ସ୍ତ୍ରୀର ଚାରିତ୍ରିକ ସ୍ଖଳନର କାରଣ ହୋଇପାରେ ବୋଲି ସେ ମନେ କରୁଥିଲା ।

ଥରେ ସେହି ଈର୍ଷ୍ୟାଳୁ ପୁରୁଷ ଜରୁରୀ କାର୍ଯ୍ୟ ଉପଲକ୍ଷ୍ୟରେ ସ୍ତ୍ରୀକୁ ସାଙ୍ଗରେ ଧରି ବିଦେଶ ଯାତ୍ରା କଲା । ପଥ ମଧ୍ୟରେ ଗୋଟିଏ ଅରଣ୍ୟ ପଡ଼ିଲା । ଅରଣ୍ୟରେ ଥିବା ଭୀଲ୍‌ମାନଙ୍କୁ ଦେଖି ଭୟରେ ପୁରୁଷଟି ତା' ସ୍ତ୍ରୀକୁ ନେଇ ନିକଟସ୍ଥ ଗାଁରେ ରହୁଥିବା ଜଣେ ବୃଦ୍ଧ ବ୍ରାହ୍ମଣଙ୍କ ନିକଟରେ ରଖି ପୁଣି ଅରଣ୍ୟ ମଧ୍ୟକୁ ଫେରିଗଲା ।

ବ୍ରାହ୍ମଣର ଗୃହରେ ଅବସ୍ଥାନ କରୁଥିବା ବେଳେ ସ୍ତ୍ରୀଟି ଭୀଲ୍‌ମାନଙ୍କୁ ସେହି ରାସ୍ତାରେ ଯାଉଥିବା ଦେଖୁଥାଏ । ଏକଦା କୌଣସି ଭୀଲ୍ ଯୁବକ ତା'ର ଦୃଷ୍ଟି ଆକର୍ଷଣ କଲା ।

Digitized by srujanika@gmail.com

ତା' ପ୍ରତି ଆକୃଷ୍ଟ ହୋଇ, ବେଗବତୀ ନଦୀ ଯେପରି ବନ୍ଧ ଭାଙ୍ଗି ଆଗକୁ ଚାଲିଯାଏ, ସେହିପରି ସେହି ସ୍ତ୍ରୀ ଜଣକ ଲଜ୍ଜା ପରିତ୍ୟାଗପୂର୍ବକ ଉକ୍ତ ଭୀଲ ଯୁବକ ସହିତ ପଳାୟନ କଲା । ଏହାର ପତି କାର୍ଯ୍ୟ ଶେଷରେ ଆସି ଯେତେବେଳେ ନିଜ ପତ୍ନୀକୁ ନେବାକୁ ଚାହିଁଲା, ସେତେବେଳେ ବୃଦ୍ଧ ବ୍ରାହ୍ମଣ କହିଲେ, 'ତୁମ ପତ୍ନୀ କୁଆଡ଼େ ଚାଲିଗଲା, ମୁଁ କହିପାରିବି ନାହିଁ । ଅବଶ୍ୟ, ଏ ଗାଁକୁ କିଛି ଭୀଲ୍ ଆସିଥିଲେ । ସମ୍ଭବତଃ ସେମାନେ ତାକୁ ନେଇଯାଇଛନ୍ତି । ଭୀଲ୍‌ମାନଙ୍କର ବସତି ଏହି ନିକଟରେ । ଶୀଘ୍ର ଗଲେ ତୁମ ସ୍ତ୍ରୀ ମିଳିଯାଇପାରେ । ମୋତେ ଅନ୍ୟଥା ଭାବିବ ନାହିଁ ।'

ବୃଦ୍ଧଙ୍କ କଥା ଶୁଣି ପୁରୁଷଟି ଯଥାଶୀଘ୍ର ଯାଇ ଭୀଲ୍‌ମାନଙ୍କ ବସତିରେ ପହଞ୍ଚିଲା । ସେ ପଥସାରା କାନ୍ଦୁଥାଏ ଓ ନିଜର ବୁଦ୍ଧିକୁ ନିନ୍ଦୁଥାଏ । ସେହି ଭୀଲ୍ ବସତି ମଧ୍ୟରେ ସେ ନିଜ ପତ୍ନୀକୁ ଦେଖି ପରମ ଆନନ୍ଦ ଲାଭ କଲା । ପତ୍ନୀ ମଧ୍ୟ ନିଜର ଈର୍ଷ୍ୟାଳୁ ପତିକୁ ଦେଖି ଭୟଭୀତା ହୋଇ କହିଲା, 'ମୋତେ କ୍ଷମା କର । ଏଥିରେ ମୋର କୌଣସି ଦୋଷ ନାହିଁ । ଗୋଟିଏ ଭୀଲ୍ ଯୁବକ ମୋତେ ବଳପୂର୍ବକ ନେଇ ଆସିଛି ।' ନାରୀ ପ୍ରେମରେ ଅନ୍ଧୀଭୂତ ପତି କେହି ଦେଖିବା ପୂର୍ବରୁ ସେଠାରୁ ପଳାୟନ କରିବା ପ୍ରସ୍ତାବ ଦେବାରୁ ସ୍ତ୍ରୀ କହିଲା, 'ସେହି ଭୀଲ୍ ଯୁବକ ଶିକାର କରିବା ପାଇଁ ଯାଇଛି । ତା'ର ଆସିବା ବେଳ ହୋଇଗଲାଣି । ସେ ମୋତେ ଏଠାରେ ନଦେଖି ଆମର ପିଛା କରି ଆମ ଉଭୟଙ୍କୁ ମାରିଦେବ । ଏଣୁ ସନ୍ଧ୍ୟା ପର୍ଯ୍ୟନ୍ତ ତୁମେ ଏହି ଗୁମ୍ଫା ମଧ୍ୟରେ ଲୁଚିଯାଅ । ରାତିରେ ସେ ଶୋଇଗଲେ ତାକୁ ମାରିଦେଇ ଆମେ ନିର୍ଭୟ ହୋଇ ଚାଲିଯିବା ।'

ବ୍ୟଭିଚାରିଣୀ ପତ୍ନୀର କଥାରେ ବିଶ୍ୱାସ କରି ଉକ୍ତ କାମାନ୍ଧ ପୁରୁଷ ଗୁମ୍ଫା ମଧ୍ୟରେ ନିଜକୁ ଲୁକ୍କାୟିତ କରିରଖିଲା । ପ୍ରକୃତରେ କାମାନ୍ଧ ବ୍ୟକ୍ତିର ହୃଦୟରେ ବିବେକର ସ୍ଥାନ ନଥାଏ ।

କୋଽବକାଶୋ ବିବେକସ୍ୟ ହୃଦି କାମାନ୍ଧଚେ଼ତସଃ ।

ସେହି ଦୁଷ୍ଟା ସ୍ତ୍ରୀ, ସନ୍ଧ୍ୟାବେଳେ ଭୀଲ୍ ଆସି ପହଞ୍ଚିବାରୁ, ନିଜର କାମପିପାସା ଚରିତାର୍ଥ କରିବା ନିମିତ୍ତ ତାକୁ ନେଇ ପତି ଥିବା ସ୍ଥାନଟି ଦେଖାଇଦେଲା । କ୍ରୂର ଓ ଶକ୍ତିଶାଳୀ ଭୀଲ୍ ଯୁବକ ତାକୁ ଗୁମ୍ଫା ମଧ୍ୟରୁ ଟାଣି ଆଣି ପରଦିନ ସକାଳେ ଦେବୀଙ୍କ ନିକଟରେ ବଳିଦେବା ପାଇଁ ଗୋଟିଏ ବୃକ୍ଷରେ ନେଇ ଦୃଢ଼ ଭାବରେ ବାନ୍ଧିଦେଲା ଏବଂ ରାତ୍ରୀଭୋଜନ ଶେଷରେ ସେହି ରୂପବତୀ ନାରୀକୁ ପତି ସମକ୍ଷରେ ଯଥେଚ୍ଛା ଉପଭୋଗ କରି, ତା'ସହିତ ଆନନ୍ଦରେ ଶୋଇଗଲା ।

Digitized by srujanika@gmail.com

ଭୀଲ୍ ଯୁବକକୁ ଶୋଇଯିବା ଦେଖି୍ ବୃକ୍ଷରେ ବନ୍ଧାହୋଇ ରହିଥିବା ପୁରୁଷଟି ଭକ୍ତିପୂତ ଭାବେ ଦେବୀଙ୍କ ସ୍ତୁତିପାଠ କରି ତାଙ୍କର ଆଶ୍ରୟ ଭିକ୍ଷା କଲା । ଦେବୀ ତାର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତାକୁ ବନ୍ଧନମୁକ୍ତ କରିଦେଲେ । ମୁକ୍ତି ଲାଭ କରି ସେ ଦେବୀଙ୍କ ହସ୍ତରୁ ଖଡ୍‌ଗଟି ନେଇ ସେହି ଭୀଲ ଯୁବକକୁ ହତ୍ୟା କଲା ଏବଂ ସ୍ତ୍ରୀର ନିଦ୍ରା ଭଙ୍ଗ କରି ଯିବା ପାଇଁ ପ୍ରସ୍ତୁତ ହେଲା । ଉପପତିର ମୃତ୍ୟୁ ଦେଖି୍ ସେହି ବ୍ୟଭିଚାରିଣୀ ଦୁଃଖର ସହିତ ପତିର ଅନୁଗମନ କଲାବେଳେ ଗୁପ୍ତରେ ଭୀଲ୍‌ଯୁବକର କଟାମୁଣ୍ଡଟିକୁ ସାଙ୍ଗରେ ନେଇଯାଇଥାଏ । ରାତ୍ରିର ଅନ୍ଧକାରରେ ତାର ପତି ପତ୍ନୀର ଚକ୍ରାନ୍ତ ଜାଣିପାରିଲା ନାହିଁ । ପ୍ରଭାତରୁ ସେମାନେ ଯାଇ ଗୋଟିଏ ନଗର ମଧ୍ୟରେ ପ୍ରବେଶ କରନ୍ତେ ସ୍ତ୍ରୀ ଭୀଲ ଯୁବକର କଟାମୁଣ୍ଡ ଦେଖାଇ ଏବଂ ନିଜ ପତିକୁ ହତ୍ୟାକାରୀ ଘୋଷଣା କରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲା । ନଗର ରକ୍ଷୀମାନେ ଏହାର ସତ୍ୟାସତ୍ୟ ନିର୍ଣ୍ଣୟ ପାଇଁ ପତିପତ୍ନୀ ଉଭୟଙ୍କୁ ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ । ରାଜା ପୁରୁଷଟି ଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ଏବଂ ପ୍ରକୃତ ଘଟଣା ଅନୁସନ୍ଧାନ କରି ସ୍ତ୍ରୀଟିର ନାକ କାନ କାଟି ଦଣ୍ଡିତ କଲେ । ପୁରୁଷଟି ନିର୍ଦ୍ଦୋଷରେ ଖଲାସ ହୋଇ ଏବଂ ପାପିନୀ ପତ୍ନୀର ସ୍ନେହରୂପକ ଦୁଷ୍ଟ ଗ୍ରହର କବଳରୁ ମୁକ୍ତି ପାଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା ।

ଦେବ, ଈର୍ଷ୍ୟାପାଗଳିନୀ ନାରୀମାନେ ଏପରି କାଣ୍ଡ କରିବସନ୍ତି । ପୁରୁଷର ମଧ ଏହି ଈର୍ଷ୍ୟାଳୁ ମନୋବୃତ୍ତି ସ୍ତ୍ରୀମାନଙ୍କୁ ପରପୁରୁଷ ସଙ୍ଗ ପାଇଁ ପ୍ରେରିତ କରିଥାଏ । ଏଣୁ, ନିଜର ଈର୍ଷ୍ୟାକୁ ଗୋପନ ରଖି୍ ସ୍ତ୍ରୀମାନଙ୍କୁ ରକ୍ଷା କରିବା ଉଚିତ । ପୁଣି ନିଜର ମଙ୍ଗଳ ଚାହୁଁଥିବା ପୁରୁଷମାନେ ସ୍ତ୍ରୀ ନିକଟରେ ଗୁପ୍ତକଥା କଦାପି ପ୍ରକାଶ କରିବା ଉଚିତ ନୁହେ ।

ରହସ୍ୟଂ ଚ ନ ବକ୍ତବ୍ୟଂ ବନିତାସୁ ଯଥା ତଥା ।

ଏ ସମ୍ପର୍କରେ ଗୋଟିଏ କଥା ଶୁଣନ୍ତୁ –

ନାଗ ଓ ଗରୁଡ଼ କଥା

କୌଣସି ଏକ ନାଗ ଏକଦା ଗରୁଡ଼ ଭୟରେ ପୃଥିବୀପୃଷ୍ଠକୁ ଆସି ମନୁଷ୍ୟର ଛଦ୍ମ ବେଶରେ ଜଣେ ବେଶ୍ୟାର ଗୃହରେ ରହୁଥାଏ । ବେଶ୍ୟା ତା'ଠାରୁ ପ୍ରତିଦିନ ପାଞ୍ଚଶହ ହାତୀ ଭାଟି (ମୂଲ୍ୟ) ସ୍ୱରୂପ ନେଉଥାଏ । ଦିନେ ବେଶ୍ୟା ବଡ଼ ଆଗ୍ରହର ସହିତ ପ୍ରେମପୂର୍ଣ୍ଣ ଭାବରେ ତାକୁ ପଚାରିଲା, 'ପ୍ରିୟତମ, ପ୍ରତିଦିନ ତୁମକୁ ଏତେ ହାତୀ କେଉଁଠି ମିଳୁଛି ସତ କରି କୁହ । ତୁମର ପ୍ରକୃତ ପରିଚୟ ଦେଲେ, ମୁଁ ଆନନ୍ଦିତା ହେବି ।' ବେଶ୍ୟାର

Digitized by srujanika@gmail.com

ଆଗ୍ରହ ଦେଖି କାମ ମୋହିତ ନାଗ ନିଜର ପ୍ରକୃତ ପରିଚୟ ତା' ନିକଟରେ ପ୍ରକାଶ କଲା ଏବଂ ଏହାକୁ ଅନ୍ୟ ନିକଟରେ ପ୍ରକାଶ ନକରିବା ପାଇଁ ଅନୁରୋଧ ଜଣାଇଲା । ଦିନେ ବେଶ୍ୟା ଏକାନ୍ତରେ ଏ କଥା ତା'ର ଉପମାତା କୁଟ୍ଟନୀକୁ ଜଣାଇଲା ।

ସଂଯୋଗବଶତଃ କିଛି ଦିନ ପରେ ନାଗମାନଙ୍କ ସନ୍ଧାନ କରିବା ପାଇଁ ଗରୁଡ଼ ମଧ ଆସି ଉକ୍ତ ବେଶ୍ୟାର ଗୃହରେ ପହଞ୍ଚିଲେ । ସାଧାରଣ ପୁରୁଷ ବେଶ ଧାରଣ କରି ସେ ଗଣିକା ସହିତ ଗୋଟିଏ ରାତ୍ରି ଯାପନ କରିବା ପାଇଁ କୁଟ୍ଟନୀ ନିକଟରେ ନିବେଦନ କଲେ ଏବଂ ଏଥିପାଇଁ ତାଙ୍କୁ ଭାଟି ସ୍ୱରୂପ କଣ ଦେବାକୁ ହେବ, ଜିଜ୍ଞାସା କଲେ । କୁଟ୍ଟନୀ ତାଙ୍କୁ କହିଲା ଯେ ତାର କନ୍ୟା ସହିତ ଜଣେ ନାଗ ରହୁଛନ୍ତି ଏବଂ ସେ ପ୍ରତିଦିନ ପାଞ୍ଚଶହ ହାତୀ ଭାଟି ସ୍ୱରୂପ ଦେଉଛନ୍ତି । ଏଥିରୁ ଗୋଟିଏ ରାତିର ମୂଲ୍ୟ କଳନା କରାଯାଇପାରିବ । କୁଟ୍ଟନୀଠାରୁ ଗରୁଡ଼ ସେଠାରେ ଗୋଟିଏ ନାଗ ଛଦ୍ମବେଶରେ ରହୁଥିବା ଜାଣି ସେହିଦିନ ତା' ଦ୍ୱାରରେ ଅତିଥି ରୂପେ ଆଶ୍ରୟ ନେଲେ ଏବଂ ଅଟ୍ଟାଳିକା ଉପରେ ବସିଥିବା ନାଗ ନିକଟରେ ନିଜର ସ୍ୱରୂପ ପ୍ରକଟ କରି ତାକୁ ଆହାର କଲେ ।

ଏଣୁ, ବୁଦ୍ଧିମାନ୍ ବ୍ୟକ୍ତି ପ୍ରେମବଶରୁ ସ୍ତ୍ରୀ ନିକଟରେ କୌଣସି ଗୁପ୍ତ ବିଷୟ ପ୍ରକାଶ କରନ୍ତି ନାହିଁ । ଏହା କହି ଗୋମୁଖ ପୁଣି ମୂର୍ଖମାନଙ୍କର କଥା ଆରମ୍ଭ କଲେ ।

କେଶମୂର୍ଖ କଥା

ଜଣେ ଚନ୍ଦାମୁଣ୍ଡିଆ ଲୋକ ଥାଏ ଯେ ତା ମୁଣ୍ଡଟି ତମ୍ବା ହାଣ୍ଡିର ପୃଷ୍ଠଭାଗ କରି ଚିକ୍କଣ ଓ ଲାଲ୍ । ସେ ଅତ୍ୟନ୍ତ ଧନବାନ୍ ହେଲେ ସୁଦ୍ଧା ମସ୍ତକରେ ଗୋଟିଏ ବୋଲି ବାଳ ନଥିବାରୁ ସର୍ବଦା ଲଜ୍ଜାବୋଧ କରୁଥାଏ । ଥରେ ତା'ର ଜଣେ ଧୂର୍ତ୍ତ ଭୃତ୍ୟ ଆସି ତାକୁ ଜଣାଇଲା ଯେ ଚନ୍ଦାମୁଣ୍ଡରେ ବାଳ ଉଠିବା ପାଇଁ ଔଷଧ ଜାଣିଥିବା ଜଣେ ବୈଦ୍ୟଙ୍କ ସନ୍ଧାନ ସେ ପାଇଛି । ଏଥିରେ ଆନନ୍ଦ ପ୍ରକାଶ ପୂର୍ବକ ସେ ବିତ୍ତଶାଳୀ ଚନ୍ଦା ସେହି ବୈଦ୍ୟକୁ ଯଥାଶୀଘ୍ର ନେଇ ଆସିବା ପାଇଁ ନିର୍ଦ୍ଦେଶ ଦେଲା ଏବଂ ଉଭୟ ଭୃତ୍ୟ ଓ ସେବକଙ୍କୁ ଯଥେଷ୍ଟ ଧନ ପ୍ରଦାନ କରିବାର ପ୍ରତିଶ୍ରୁତି ମଧ ଦେଲା ।

ଚନ୍ଦାର ବ୍ୟାକୁଳତାର ସୁଯୋଗ ନେଇ ଦୀର୍ଘକାଳ ତା'ର ଅନ୍ନରେ ପରିପାଳିତ ଉକ୍ତ ଧୂର୍ତ୍ତ ସେବକ ଜଣେ ଶଠ ବୈଦ୍ୟକୁ ଧରି ଆଣିଲା । ବହୁଦିନ ଧରି ଶଠ ବୈଦ୍ୟ ପର୍ଯ୍ୟାପ୍ତ ଧନ ପ୍ରାପ୍ତ ହୋଇ ଚନ୍ଦାର ଚିକିତ୍ସା କରୁଥାଏ । କିନ୍ତୁ ସେ କୌଣସି ଦିନ ନିଜର ପଗଡ଼ି ମୁଣ୍ଡରୁ ଓହ୍ଲାଉ ନଥାଏ । ବିବେକ ବାଧା ଦେବାରୁ ଦିନେ ସ୍ୱତଃପ୍ରବୃତ୍ତ ହୋଇ

Digitized by srujanika@gmail.com

ବୈଦ୍ୟ ମୁଣ୍ଡରୁ ପଗଡ଼ି ବାହାର କରି ନିଜର ଚନ୍ଦାମୁଣ୍ଡ ତାକୁ ଦେଖାଇଲା । ତଥାପି ମୂର୍ଖଟି କିଛି ବୁଝିନପାରି ବାଳ ଉଠିବା ପାଇଁ ଔଷଧର ବ୍ୟବସ୍ଥା ଚାହିଁବାରୁ ଶଠ ବୈଦ୍ୟ କହିଲା, 'ମୁଁ ତ ନିଜେ ଚନ୍ଦା, ତୋ ମୁଣ୍ଡରେ କିପରି କେଶ ଉତ୍ପନ୍ନ କରାଇ ପାରିବି । ମୂର୍ଖ, ଏଥିପାଇଁ ତ ମୁଁ ପଗଡ଼ି ହଟାଇ ତୋତେ ମୋର ଚନ୍ଦାମୁଣ୍ଡ ଦେଖାଇଥିଲି । ତଥାପି ତୁ ବୁଝିପାରିଲୁ ନାହିଁ । ଧିକ୍, ତୋର ମୂର୍ଖତା ।' ଏହା କହି ବୈଦ୍ୟ ଚାଲିଗଲା ।

ଯୁବରାଜ, ଧୂର୍ତ୍ତ ଲୋକମାନେ ମୂର୍ଖମାନଙ୍କ ସହିତ ଏହିପରି ଖେଳ ଖେଳିଥାଆନ୍ତି ।

ଏ ତ ଗଲା କେଶମୂର୍ଖର କଥା, ବର୍ତ୍ତମାନ୍ ତୈଳମୂର୍ଖର କଥା ଶୁଣନ୍ତୁ –

ତୈଳମୂର୍ଖ କଥା

କୌଣସି ଜଣେ ସାଧୁ ବ୍ୟକ୍ତିର ଗୋଟିଏ ମୂର୍ଖ ଭୃତ୍ୟ ଥାଏ । ଦିନେ ତାକୁ ବଜାରରୁ ତେଲ ଆଣିବା ପାଇଁ ପଠାଗଲା । ସେ ଗୋଟିଏ ପାତ୍ରରେ ତେଲ କିଣି ଫେରୁଥାଏ । ରାସ୍ତାରେ ଘଡ଼ିରୁ ତେଲ ସବୁ ବହିଯାଉଥିବା ଦେଖି ଜଣେ ମିତ୍ର ତାକୁ ସତର୍କ କରିବା ପାଇଁ ଘଡ଼ିର ତଳପଟ ଦେଖିବା ସକାଶେ ଉପଦେଶ ଦେଲେ । ଘଡ଼ିର ତଳପଟ ଦେଖିବା ପାଇଁ ମୂର୍ଖ ଘଡ଼ିଟିକୁ ଓଲଟାଇ ଦେଲା । ଫଳରେ ତେଲ ସବୁ ତଳେ ପଡ଼ିଗଲା । ତା'ର ଏପ୍ରକାର ନିର୍ବୁଦ୍ଧିତା ଦେଖି ରାସ୍ତାରେ ଯାଉଥିବା ଲୋକମାନେ ହସିବାକୁ ଲାଗିଲେ ଏବଂ ମାଲିକ ମଧ୍ୟ ତାକୁ ଚାକିରିରୁ ବାହାର କରିଦେଲେ ।

ଏଣୁ ମୂର୍ଖ ପାଇଁ ତାର ନିଜ ବୁଦ୍ଧି ହିଁ ଭଲ, ତାକୁ ଉପଦେଶ ଦେବା ଉଚିତ ନୁହେଁ ।

ତସ୍ମାତ୍ ସ୍ୱବୁଦ୍ଧିର୍ମୂଢ଼ସ୍ୟ ବରଂ ନ ତ୍ୱନୁଶାସନମ୍ ।

ତୈଳମୂର୍ଖ ପରେ ଅସ୍ଥି ମୂର୍ଖ କଥା ଶୁଣନ୍ତୁ –

ଅସ୍ଥିମୂର୍ଖ କଥା

ଗୋଟିଏ ମୂର୍ଖ ବ୍ରାହ୍ମଣ ଥିଲା ଯେ ତା'ର ସ୍ତ୍ରୀଟି ବ୍ୟଭିଚାରିଣୀ । ଥରେ କାର୍ଯ୍ୟବଶତଃ ସେ ଦୂର ବିଦେଶକୁ ଯାଇଥାଏ । ଏହାକୁ ଏକ ସୁଯୋଗ ମନେକରି ସେହି ବିଟପୀ ପ୍ରଚୁର ଧନ ସମ୍ପଦ ଦେଇ ନିଜର ସେବିକାକୁ ହାତର କରିନେଲା ଏବଂ ସର୍ବଦା ତାକୁ ନିଜର ସେବିକା କରି ରଖିବାର ପ୍ରତିଶ୍ରୁତି ଦେଇ ତା' ମାଧ୍ୟମରେ ନିଜର ଉପପତି ସହ ବିଳାସ କରିବାକୁ ଲାଗିଲା । ପତି ଆସିବାର ସମୟ ହେବାରୁ ସେ ସ୍ୱଗୃହରୁ ଯାଇ ସେହି ସେବିକାର ଗୃହରେ ରହୁଥାଏ ।

Digitized by srujanika@gmail.com

କିଛିଦିନ ପରେ ମୂର୍ଖ ସ୍ୱାମୀ ଫେରିଆସିଲା । ଦାସୀ ପୂର୍ବନିର୍ଦ୍ଦିଷ୍ଟ ଚକ୍ରାନ୍ତ ଅନୁଯାୟୀ ତାକୁ କାନ୍ଦକାନ୍ଦ ହୋଇ ଅଶ୍ରୁପୂର୍ଣ୍ଣ ନୟନରେ କହିଲା, 'ପ୍ରଭୁ, ଆପଣଙ୍କ ସ୍ତ୍ରୀ ହଠାତ୍ ମରିଗଲେ । ତାଙ୍କର ଶବକୁ ଦାହ କରି ଦିଆଯାଇଛି ।' ଏହା କହି ସେ ତାକୁ ଧରି ଶ୍ମଶାନକୁ ଗଲା । ସେଠାରେ ଦାହ ସ୍ଥାନ ଓ ଅନ୍ୟ ଦ୍ୱାରା ସଂଗୃହୀତ ଅସ୍ଥି ଦେଖାଇ, ତାହା ତା' ସ୍ତ୍ରୀର ଅସ୍ଥି ବୋଲି ସୂଚନା ଦେଲା । ଏଥିରେ ଶୋକାକୁଳ ହୋଇ ମୂର୍ଖଟି ସେହି ଅସ୍ଥିକୁ ଧରି କାନ୍ଦିବାକୁ ଲାଗିଲା ।

କିଛି ସମୟ ପରେ ମୂର୍ଖ ବ୍ରାହ୍ମଣ ପିଣ୍ଡାଦି ଦାନପୂର୍ବକ ସେହି ଅସ୍ଥିଗୁଡ଼ିକୁ ନିକଟସ୍ଥ ତୀର୍ଥରେ ବିସର୍ଜନ କରି ଶ୍ରାଦ୍ଧକ୍ରିୟା ଆରମ୍ଭ କଲା । ଶ୍ରାଦ୍ଧ ପାଇଁ ନୈଷ୍ଠିକ ବ୍ରାହ୍ମଣ କହି ସେହି ଦୁଷ୍ଟା ଦାସୀ ନିଜ ପ୍ରଭୁ ପତ୍ନୀର ଉପପତିକୁ ହିଁ ବରଣ କରିଆଣିଲା । ମୂର୍ଖ ବ୍ରାହ୍ମଣ ମଧ୍ୟ ଦାସୀଦ୍ୱାରା ପ୍ରବଞ୍ଚିତ ହୋଇ ତାକୁ ଉତ୍ତମ ଭୋଜନରେ ସନ୍ତୁଷ୍ଟ କଲା । ଏହିପରି ପ୍ରତି ମାସରେ ଉପପତି ସହ ଆସି ବ୍ରାହ୍ମଣର ନିଜ ପତ୍ନୀ ସ୍ୱାଦିଷ୍ଟ ଆହାର ଭୋଜନ କରି ଯାଉଥାଏ । କାଳେ ସେହି ଅସ୍ଥିମୂର୍ଖ ସନ୍ଦେହ କରିବ ଭାବି ଦାସୀ ତାକୁ କହୁଥାଏ ଯେ ସତୀତ୍ୱ ରକ୍ଷା କରିଥିବା ଯୋଗୁଁ ତାର ପତ୍ନୀ ପରଲୋକରୁ ଆସି ଶ୍ରାଦ୍ଧ ବ୍ରାହ୍ମଣ ସହିତ ନିଜ ଗୃହରେ ଭୋଜନ କରି ଯାଉଛନ୍ତି । ଗଜମୂର୍ଖ ଦାସୀ କଥାରେ ବିଶ୍ୱାସ ସ୍ଥାପନ କରି ଆନନ୍ଦ ଲାଭ କରୁଥାଏ ।

ଏହିପରି ସରଳହୃଦୟ ପୁରୁଷମାନେ କୁଟିଳ ବିଟପୀ ସ୍ତ୍ରୀମାନଙ୍କ ଦ୍ୱାରା ଅତି ସହଜରେ ଠକି ହୋଇଯାନ୍ତି । ଦେବ, ଅସ୍ଥିମୂର୍ଖ କଥା ତ ଶୁଣିଲେ, ଏବେ ଗୋଟିଏ ଚଣ୍ଡାଳ କନ୍ୟାର ମୂର୍ଖତା କଥା ଶ୍ରବଣ କରନ୍ତୁ ।

ମୂର୍ଖା ଚଣ୍ଡାଳକନ୍ୟା କଥା

ଗୋଟିଏ ଚଣ୍ଡାଳ କନ୍ୟା ଥାଏ ଯେ ସିଏ ଅତ୍ୟନ୍ତ ରୂପବତୀ । କିନ୍ତୁ ସେ ତା' ପରି ମୂର୍ଖ । ପୃଥିବୀର ସର୍ବଶ୍ରେଷ୍ଠ ପୁରୁଷକୁ ପତି ରୂପେ ବରଣ କରିବାପାଇଁ ସେ ମନେ ମନେ ସଙ୍କଳ୍ପ କରିଥାଏ ।

ଦିନେ ସେ ନଗର ଭ୍ରମଣରେ ବାହାରିଥିବା ରାଜାଙ୍କୁ ସର୍ବଶ୍ରେଷ୍ଠ ଭାବି ପତି ରୂପେ ବରଣ କରିବାପାଇଁ ତାଙ୍କର ଅନୁଗମନ କଲା । କିଛି ଦୂର ଗଲା ପରେ ସେ ଦେଖିଲା ଯେ ଜଣେ ତପସ୍ୱୀଙ୍କୁ ଦେଖି ରାଜା ହସ୍ତୀପୃଷ୍ଠରୁ ଅବତରଣ କରି ପ୍ରଣାମ କଲେ । ଏହା ଲକ୍ଷ୍ୟ କରି ସେ ତପସ୍ୱୀଙ୍କୁ ରାଜାଙ୍କ ଅପେକ୍ଷା ଶ୍ରେଷ୍ଠ ବୋଲି ମନେ କଲା ଏବଂ ତାଙ୍କୁ

Digitized by srujanika@gmail.com

ବରଣ କରିବା ପାଇଁ ତପସ୍ୱୀଙ୍କ ପଛେ ପଛେ ଚାଲିଲା । ପଥ ମଧ୍ୟରେ ଏକ ଶିବ ମନ୍ଦିର ଦେଖି ତପସ୍ୱୀ ତା' ମଧ୍ୟରେ ପ୍ରବେଶ କଲେ । ଚଣ୍ଡାଳ କନ୍ୟା ମଧ୍ୟ ତା' ମଧ୍ୟରେ ପ୍ରବେଶ କରି ଦେଖିଲା ଯେ ତପସ୍ୱୀ ଜାନୁପାତ ପୂର୍ବକ ଶିବଲିଙ୍ଗଙ୍କୁ ପ୍ରଣିପାତ କରୁଛନ୍ତି । ଏଥିରେ ଶିବଙ୍କୁ ତପସ୍ୱୀ ଅପେକ୍ଷା ଶ୍ରେଷ୍ଠ ମନେ କରି ସେ ଶିବଲିଙ୍ଗଟିକୁ ନିବିଡ଼ ଭାବେ ଆଲିଙ୍ଗନ କରି ବସି ରହିଲା ।

ଚ଼ଣ୍ଡାଳ କନ୍ୟା ସେହିପରି ବସିଥିବା ଅବସ୍ଥାରେ ଗୋଟିଏ କୁକୁର ଆସି ସେଠାରେ ପହଞ୍ଚିଲା । ସେ ପୀଠ ଉପରେ ଚଢ଼ି ଗୋଡ଼ ଟେକି ଶିବଲିଙ୍ଗ ଉପରେ ନିଜର ଜାତି ଅନୁରୂପ କର୍ମ ସମାପନ କରି ଚାଲିଗଲା । ଏଥିରୁ ସେହି ମୂର୍ଖା ଚଣ୍ଡାଳିନୀ ଅନୁମାନ କରିନେଲା ଯେ କୁକୁରଟି ଶିବଙ୍କ ଅପେକ୍ଷା ଶ୍ରେଷ୍ଠ । ତେଣୁ କୁକୁରକୁ ପତି ରୂପେ ପାଇବା ପାଇଁ ସେ ତାର ଅନୁଗମନ କରିବାକୁ ଲାଗିଲା । କିନ୍ତୁ କୁକୁରଟି ତାକୁ ପାଳିଥିବା ଗୋଟିଏ ଚଣ୍ଡାଳ ଗୃହରେ ପଶିଯାଇ ଗୃହସ୍ୱାମୀ ଚଣ୍ଡାଳ ଯୁବକର ପଦଲେହନ କରିବାକୁ ଆରମ୍ଭ କଲା । ଏହା ଲକ୍ଷ୍ୟକରି ଚଣ୍ଡାଳକନ୍ୟା ନିଜ ଜାତିର ସେହି ଚଣ୍ଡାଳ ଯୁବକକୁ ହିଁ ସର୍ବଶ୍ରେଷ୍ଠ ପୁରୁଷ ଭାବି ତାକୁ ପତି ରୂପେ ସ୍ୱୀକାର କଲା ।

ସ୍ୱାମିନ୍, ଏହିପରି ବହୁ ଉଚ୍ଚକୁ ଚଢ଼ିବା ପାଇଁ ଚ଼େଷ୍ଟା କରୁଥିବା ମୂର୍ଖମାନେ ଶେଷରେ ନିଜ ସ୍ଥାନରେ ହିଁ ଆସି ପଡ଼ିଥାଆନ୍ତି ।

ଏବଂ କୃତପଦା ଦୂରେ ପତନ୍ତି ସ୍ୱପଦେ ଜଡ଼ାଃ ।

ଏ ସମ୍ପର୍କରେ ଜଣେ ମୂର୍ଖ ଓ କୃପଣ ରାଜାଙ୍କ କଥା କହୁଛି, ଶ୍ରବଣ କରନ୍ତୁ —

କୃପଣ ରାଜା କଥା

କୌଣସି ଦେଶରେ ଜଣେ ବୁଦ୍ଧିହୀନ ରାଜା ରାଜତ୍ୱ କରୁଥିଲେ । ସେ ଅତ୍ୟନ୍ତ ଧନବାନ୍ କିନ୍ତୁ କୃପଣ । ଦିନେ ତାଙ୍କ ହିତାକାଙ୍କ୍ଷୀ ମନ୍ତ୍ରୀମାନେ ପ୍ରସଙ୍ଗ କ୍ରମେ କହିଲେ, 'ମହାରାଜ୍, ଏହି ଲୋକରେ ଦେଇଥିବା ଦାନ ପରଲୋକର କଷ୍ଟ ଦୂର କରିଥାଏ । ତେଣୁ ଆପଣ ଯଥେଚ୍ଛା ଦାନ କରି ପରଲୋକର ମାର୍ଗ ପ୍ରଶସ୍ତ କରନ୍ତୁ । ଧନ ଓ ଜୀବନ ଉଭୟ ବିନାଶଶୀଳ । ଏଣୁ ଶୀଘ୍ର ଏ ସମ୍ପର୍କରେ କିଛି କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ ।

ଏହା ଶୁଣି ରାଜା ଉତ୍ତରରେ କହିଲେ, 'ଆପଣମାନଙ୍କ କଥା ଯଥାର୍ଥ । ପରଲୋକରେ କଷ୍ଟ ପାଇଲେ ମୁଁ ଏ ବିଷୟରେ ଚିନ୍ତା କରିବି ।'

Digitized by srujanika@gmail.com

ଏହା ଶୁଣି ମନ୍ତ୍ରୀମାନେ ମନେ ମନେ ହସି ଚୁପ୍ ରହିଲେ । ଏହିପରି ମୂର୍ଖମାନେ, ଧନ ସେମାନଙ୍କୁ ନଛାଡ଼ିବା ପର୍ଯ୍ୟନ୍ତ, ଧନକୁ ଛାଡ଼ି ପାରନ୍ତି ନାହିଁ ।

ଯୁବରାଜ, ମୂର୍ଖ ରାଜାଙ୍କ କଥା ତ ଶୁଣିଲେ, ବର୍ତ୍ତମାନ ଦୁଇ ମିତ୍ରଙ୍କ କଥା ଶୁଣନ୍ତୁ –

ଦୁଇ ମିତ୍ର କଥା

କାନ୍ୟକୁବ୍‌ଜରେ ଚନ୍ଦ୍ରାପୀଡ଼ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ଧବଳମୁଖ ତାଙ୍କରି ଭୃତ୍ୟ । ସେ ସବୁବେଳେ ବାହାରେ ଖା'ପିଅ କରି ଘରକୁ ଫେରୁଥାଏ । ଦିନେ ତା'ର ସ୍ତ୍ରୀ ଏ ସମ୍ପର୍କରେ ପଚାରିବାରୁ ସେ କହିଲା ଯେ ସେ ପ୍ରତିଦିନ ତା'ର ବନ୍ଧୁଘରେ ଖାଇଦେଇ ଆସୁଛି । ତା'ର ଦୁଇଜଣ ମିତ୍ର ଅଛନ୍ତି । ଜଣେ କଲ୍ୟାଣ ବର୍ମା । ସେ ସର୍ବଦା ପାନ ଭୋଜନ ଆଦିରେ ତା'ର ଆଦର କରନ୍ତି । ଦ୍ୱିତୀୟ ମିତ୍ରଙ୍କ ନାମ ବୀରବାହୁ । ସେ ଜୀବନ ଦାନ କରି ମଧ୍ୟ ତା'ର ଉପକାର କରିବାପାଇଁ ପ୍ରସ୍ତୁତ । ଏହା ଶୁଣି ସ୍ତ୍ରୀ ସେମାନଙ୍କ ସହିତ ତା'ର ପରିଚୟ କରାଇ ଦେବାପାଇଁ ଅନୁରୋଧ କଲା ।

କିଛିଦିନ ପରେ ଧବଳମୁଖ ନିଜ ସ୍ତ୍ରୀ ସହିତ କଲ୍ୟାଣ ବର୍ମାର ଘରେ ଯାଇ ପହଞ୍ଚିଲା । କଲ୍ୟାଣ ବର୍ମା ମଧ୍ୟ ବହୁମୂଲ୍ୟ ପଦାର୍ଥ ଦ୍ୱାରା ସେମାନଙ୍କର ସ୍ୱାଗତ ସତ୍କାର କଲା । ଅନ୍ୟ ଏକ ଦିନ ଉଭୟ ସ୍ୱାମୀ-ସ୍ତ୍ରୀ ବୀରବାହୁ ନିକଟରେ ଯାଇ ପହଞ୍ଚିଲେ । ଜୁଆ ଖେଳରେ ବ୍ୟସ୍ତଥିବା ବୀରବାହୁ ଧବଳମୁଖ ଓ ତା'ର ସ୍ତ୍ରୀକୁ ସାଧାରଣ ଭାବେ ସ୍ୱାଗତ କରି ବିଦାୟ ଦେଲା ।

ଏଥିରେ ବିସ୍ମୟ ପ୍ରକାଶ କରି ଧବଳମୁଖର ସ୍ତ୍ରୀ କହିଲା, 'କଲ୍ୟାଣ ବର୍ମା ତ ତୁମର ବହୁ ସତ୍କାର କଲେ, କିନ୍ତ ବୀରବାହୁଙ୍କ ସ୍ୱାଗତ ସତ୍କାର ନିତାନ୍ତ ମାମୁଲି ଧରଣର । ଏଣୁ ତୁମେ ବୀରବାହୁଙ୍କୁ କଲ୍ୟାଣ ବର୍ମାଙ୍କ ଠାରୁ ଅଧିକ ପ୍ରିୟ ବୋଲି କାହିଁକି ମନେ କରୁଛ ?'

ଏହାଶୁଣି ଧବଳମୁଖ ନିଜ ପତ୍ନୀକୁ କହିଲା, 'ଠିକ୍ ଅଛି, ତୁ ନିଜେ ଯାଇ ଏମାନଙ୍କର ପରୀକ୍ଷା ନେବା ନିମିତ୍ତ ଉଭୟଙ୍କୁ କହ ଯେ ରାଜା ଆମ୍ଭମାନଙ୍କ ପ୍ରତି ହଠାତ୍ ରୋଷାନ୍ୱିତ ହୋଇଉଠିଛନ୍ତି । ଏହାପରେ ତୁ ସବୁକିଛି ଜାଣିପାରିବୁ ।' ଧବଳମୁଖଠାରୁ ଏହା ଶୁଣି ତା'ର ସ୍ତ୍ରୀ ଉଭୟଙ୍କ ନିକଟକୁ ଯାଇ ରାଜା ସେମାନଙ୍କ ପ୍ରତି କ୍ରୋଧ ପ୍ରକାଶ କରିଥିବା ବିଷୟ ଜଣାଇଲା । କଲ୍ୟାଣ ବର୍ମା ଏହା ଶୁଣିବା ମାତ୍ରେ କହିଲା, 'ମୁଁ ବଣିକର

Digitized by srujanika@gmail.com

ପୁଅ । ତୁମେ କହ ମୁଁ ରାଜାଙ୍କ କ'ଣ କରିବି ?' ଏହା ଶୁଣିବା ପରେ ସେ ଯାଇ ବୀରବାହୁ ନିକଟରେ ପହଞ୍ଚିଲା । ତା'ଠାରୁ ରାଜାଙ୍କ କ୍ରୋଧ ବିଷୟରେ ଶୁଣିବା ମାତ୍ରେ ବୀରବାହୁ ଖଡ଼ଗ୍ ଓ ଢ଼ାଲ ଧରି ଧବଳମୁଖ ନିକଟକୁ ଦୌଡ଼ି ଆସିଲା । ତାକୁ ଏ ଅବସ୍ଥାରେ ଦେଖି ଧବଳମୁଖ ମନ୍ତ୍ରୀମାନଙ୍କୁ ବୁଝାଇ ସେ ରାଜାଙ୍କର କ୍ରୋଧ ଶାନ୍ତ କରିଛି ବୋଲି କହି ମିତ୍ରକୁ ସାନ୍ତ୍ୱନା ଦେଲା ।

ଏହାପରେ ଧବଳମୁଖ ସ୍ତ୍ରୀକୁ କହିଲା 'ପ୍ରିୟେ ବର୍ତ୍ତମାନ ତୁମେ ଉଭୟ ମିତ୍ରଙ୍କ ପାର୍ଥକ୍ୟ ବୋଧହୁଏ ବୁଝିପାରିଛ ।' ସ୍ତ୍ରୀ ମଧ୍ୟ ଏହାଶୁଣି ପତିଙ୍କ ଉଭୟ ମିତ୍ରଙ୍କ ବିଶେଷତ୍ୱ ଉପଲବ୍ଧି କରି ସନ୍ତୁଷ୍ଟ ହେଲା ।

ଏହିପରି ବାହାରେ ଶିଷ୍ଟାଚାର ଦେଖାଉଥିବା ମିତ୍ର ସ୍ୱତନ୍ତ୍ର ଏବଂ ପ୍ରକୃତ ମିତ୍ର ସ୍ୱତନ୍ତ୍ର । ସ୍ନିଗ୍ଧତା ସମାନ ହେଲେ ସୁଦ୍ଧା ତେଲ, ତେଲ; ଏବଂ ଘିଅ, ଘିଅ ।

ଇତ୍ୟନ୍ୟଦୁପଚାରେଣ ମିତ୍ରମନ୍ୟତ୍ତୁ ସତ୍ୟତଃ
ତୁଲ୍ୟେଽପି ସ୍ନିଗ୍ଧତା ଯୋଗେ ତୈଳଂ ତୈଳଂ ଘୃତଂ ଘୃତମ୍ ।

ଗୋମୁଖ ଏହିପରି ଗଳ୍ପଟି ଶୁଣାଇ ନରବାହନଦତ୍ତଙ୍କୁ ଅନ୍ୟ ଏକ ଗଳ୍ପ କହିବା ଆରମ୍ଭ କଲେ ।

ଜଳଭୀତ ମୂର୍ଖ କଥା

କୌଣସି ଏକ ମୂର୍ଖ ପଥିକ ତୃଷାରେ ଅତ୍ୟନ୍ତ ବ୍ୟାକୁଳ ଥାଏ । ସେ କୌଣସି ପ୍ରକାରେ ଏକ ନିଘଞ୍ଚ ଅରଣ୍ୟ ଅତିକ୍ରମ କରି ଗୋଟିଏ ନଦୀକୂଳରେ ଆସି ପହଞ୍ଚିଲା । କିନ୍ତୁ ଜଳପାନ ନକରି କେବଳ ନଦୀର ଜଳକୁ ଦେଖି ଦେଖି ସେ ଠିଆ ହୋଇଥାଏ । ଏହା ଲକ୍ଷ୍ୟ କରି ନିକଟରେ ଥିବା ଅନ୍ୟ ଜଣେ ପଥିକ ଅତ୍ୟନ୍ତ ତୃଷାର୍ତ୍ତ ହୋଇ ସୁଦ୍ଧା ଜଳପାନ ନ କରୁଥିବାର କାରଣ ତା'ଠାରୁ ଜିଜ୍ଞାସା କଲା । ଉତ୍ତରରେ ତୃଷାର୍ତ୍ତ ପଥିକଟି କହିଲା, 'ଏତେ ଗୁଡ଼ିଏ ପାଣି ମୁଁ ପିଇବି କେମିତି ?' ଅନ୍ୟ ପଥିକ ଥଟ୍ଟାରେ ତାକୁ ପଚାରିଲା 'ଯଦି ତୁ ନଦୀର ସବୁ ପାଣି ନ ପିଇବୁ, ତେବେ ରାଜା କଣ ତତେ ଦଣ୍ଡ ଦେବେ ।' କଥାଟିର ମର୍ମ ବୁଝି ନପାରି ମୂର୍ଖ ପଥିକ ତଥାପି ପାଣି ନପିଇ ସେହିପରି ଠିଆ ହୋଇ ରହିଥାଏ ।

ଏହିପରି ଯେଉଁ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ କରିବା ସମ୍ଭବ ନୁହେ, ମୂର୍ଖମାନେ ତାର କିଛି ଅଂଶକୁ ମଧ୍ୟ କରିପାରନ୍ତି ନାହିଁ ।

Digitized by srujanika@gmail.com

ପୁତ୍ରଘାତୀ ମୂର୍ଖ କଥା

ଜଳଭୀତ ମୂର୍ଖକଥା ତ ଶୁଣିଲେ, ଏବେ ମହାରାଜ, ପୁତ୍ରଘାତୀ ମୂର୍ଖକଥା ଶୁଣନ୍ତୁ । ଗୋଟିଏ ଦରିଦ୍ର ପୁରୁଷର ବହୁତ ପୁତ୍ରସନ୍ତାନ ଥାଆନ୍ତି । ଥରେ ତା'ର ଗୋଟିଏ ପୁଅ ମରିଗଲା । ଏଥିରେ ସେ ଦୁଃଖ କରିବା ସଙ୍ଗେ ସଙ୍ଗେ ଅନ୍ୟ ଏକ ପୁଅକୁ ମଧ୍ୟ ମାରିଦେଲା । ଲୋକେ ତାର ଏପରି ଆଚରଣର କାରଣ ଜିଜ୍ଞାସା କରନ୍ତେ, ସେ ଉତ୍ତରରେ କହିଲା, 'ମରିଯାଇଥିବା ପୁଅଟା ଏକୁଟିଆ କିପରି ରହିବ ? ତେଣୁ ମୁଁ ଆଉ ଗୋଟିଏ ପୁଅକୁ ତା ପାଖକୁ ପଠାଇ ଦେଲି ।' ଏହାଶୁଣି ଗ୍ରାମବାସୀମାନେ ହସିବେ କି କାନ୍ଦିବେ ଜାଣିପାରିଲେ ନାହିଁ । ସେମାନେ ତା'ର କୁକର୍ମର ଶାସ୍ତିସ୍ୱରୂପ ତାକୁ ଗାଁରୁ ବାହାର କରିଦେଲେ । ପ୍ରକୃତରେ ବିଚାରହୀନ ପୁରୁଷ ଏବଂ ପଶୁ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ ।

ଭ୍ରାତୃମୂର୍ଖ କଥା

ଯୁବରାଜ ଆପଣ ତ ପୁତ୍ରଘାତୀ ମୂର୍ଖ କଥା ଶୁଣିଲେ । ବର୍ତ୍ତମାନ ଭ୍ରାତୃମୂର୍ଖ କଥା ଶୁଣନ୍ତୁ –

କୌଣସି ମୂର୍ଖ କେତେଜଣ ଲୋକଙ୍କ ଭିତରେ ବସି କଥାବାର୍ତ୍ତା କରୁଥାଏ । ଏ ସମୟରେ ଜଣେ ସଜ୍ଜନ ପୁରୁଷ ସେମାନଙ୍କ ଆଡ଼କୁ ଆସୁଥିବା ତା'ର ଦୃଷ୍ଟିଗୋଚର ହେଲା । ଦୂରରୁ ତାକୁ ଦେଖି ସେ କହିଲା 'ଇଏ ମୋର ଭାଇ ହେବ । ଏହାର ସମସ୍ତ ସମ୍ପତ୍ତିକୁ ମୁଁ ଅଂଶୀଦାର ଭାବେ ହରଣ କରିନେଇଛି । ଏହା ସହିତ ମୋର ଆଉ କୌଣସି ସମ୍ପର୍କ ନାହିଁ ।' ଏହିପରି କହି ମୂର୍ଖଟି ପଥରଖଣ୍ଡଗୁଡ଼ିକୁ ମଧ୍ୟ ହସାଇ ପକାଇଲା ।

'ପ୍ରଭୁ, ଏ ପ୍ରକାର ମୂର୍ଖମାନଙ୍କର ମୂର୍ଖତା ଏବଂ ସ୍ୱାର୍ଥାନ୍ଧ ବ୍ୟକ୍ତିମାନଙ୍କ ବିଚିତ୍ର ଆଚରଣ ବଡ଼ କୌତୁକପ୍ରଦ । ଭ୍ରାତୃମୂର୍ଖ କଥା ତ ଶୁଣିଲେ, ଏବେ ଜଣେ ବ୍ରହ୍ମଚାରୀ ପୁତ୍ର କଥା ଶୁଣନ୍ତୁ ।

ବ୍ରହ୍ମଚାରୀ ପୁତ୍ର କଥା

ନିଜ ନିଜର ପିତାମାନଙ୍କର ଗୁଣଗାନ କରୁଥିବା ବନ୍ଧୁମାନଙ୍କ ଗହଣରେ ଜଣେ ମୂର୍ଖ ନିଜ ପିତାର ବିଶେଷତ୍ୱ ପ୍ରତିପାଦନ କରିବାକୁ ଯାଇ କହିଲା, "ମୋର ପିତା ଆଜନ୍ମବ୍ରହ୍ମଚାରୀ ଥିଲେ ।" ଏହା ଶୁଣି ଜଣେ ମିତ୍ର କହିଲା "ତେବେ ତୁ ଜନ୍ମ ହେଲୁ କିପରି ?" ମୂର୍ଖ ଯେତେବେଳେ କହିଲା ଯେ ସେ ତାଙ୍କର ମାନସ ପୁତ୍ର, ସେତେବେଳେ ମିତ୍ରମାନେ ହସି ହସି ଗଡ଼ିଗଲେ ।

Digitized by srujanika@gmail.com

ମୂର୍ଖମାନେ ଏହିପରି ନିଜର ବଡ଼ିମା ପ୍ରକାଶ କରିବାକୁ ଯାଇ ହାସ୍ୟାସ୍ପଦ ହୋଇଥାଆନ୍ତି । ରାଜନ୍, ଏବେ ତ ଏ ବ୍ରହ୍ମଚାରୀ ପୁତ୍ର କଥା ଶୁଣିଲେ । ବର୍ତ୍ତମାନ୍ ଜଣେ ଜ୍ୟୋତିଷୀର କଥା ଶୁଣନ୍ତୁ –

ମୂର୍ଖ ଜ୍ୟୋତିଷୀ କଥା

ଗୋଟିଏ ଅପାଠୁଆ ଜ୍ୟୋତିଷୀ ଥାଏ । ଜୀବିକାର୍ଜ୍ଜନ କରିନପାରି ସେ ନିଜର ସ୍ତ୍ରୀ ଓ ପୁତ୍ର ସହିତ ନିଜର ଗାଁ ଛାଡ଼ି ଦୂରଦେଶକୁ ଚାଲିଗଲା । ସେଠାରେ ନିଜର ଧନ ଓ ଯଶର ବଡ଼ିମା ଗାନ କରି ସେ ଲୋକମାନଙ୍କ ମନରେ ବିଶ୍ୱାସ ଜାଗ୍ରତ କରାଉଥାଏ ।

ଦିନେ ବହୁଲୋକଙ୍କ ଆଗରେ ସେ ନିଜର ପୁତ୍ର ସନ୍ତାନଟିକୁ କୋଳରେ ଧରି କାନ୍ଦିବା ଆରମ୍ଭ କଲା । ଲୋକମାନେ ଏହାର କାରଣ ଜାଣିବା ପାଇଁ ପଚ଼ାରନ୍ତେ ସେହି ପାପୀ ମୂର୍ଖ କହିଲା ଯେ ସେ ଭୂତ, ବର୍ତ୍ତମାନ ଓ ଭବିଷ୍ୟ ତିନିକାଳର କଥା ଜାଣିପାରେ । ତା'ର ଏହି ପୁତ୍ର ଆଜିଠାରୁ ସପ୍ତମ ଦିବସରେ ମୃତ୍ୟୁବରଣ କରିବା ଜାଣି ସେ ତାକୁ ଧରି କାନ୍ଦୁଛି ।

ଏହା କହି ସେ ଲୋକଙ୍କୁ ବିସ୍ମିତ କରିଦେଲା ଏବଂ ନିଜ କଥାର ସତ୍ୟତା ପ୍ରତିପାଦନ କରିବା ନିମିତ୍ତ ସେ ସପ୍ତମ ଦିନର ସୂର୍ଯ୍ୟୋଦୟ ପୂର୍ବରୁ ନିଜ ପୁତ୍ରଟିକୁ ଗଳାଚିପି ମାରିଦେଲା । ବାଳକଟି ମରିଯିବାର ଦେଖି ଲୋକମାନେ ଜ୍ୟୋତିଷୀଟିକୁ ପ୍ରକୃତରେ ତ୍ରିକାଳଦର୍ଶୀ ବୋଲି ମନେକଲେ ଏବଂ ବହୁ ଧନରତ୍ନ ଓ ଉପହାର ଦେଇ ତା'ର ପୂଜା କରିବାକୁ ଲାଗିଲେ । ମୂର୍ଖ ଜ୍ୟୋତିଷୀ ଏହିପରି ବହୁ ଧନ ଉପାର୍ଜ୍ଜନ କରି ସ୍ୱଗୃହକୁ ଫେରିଆସିଲା ।

ଧନଲୋଭରେ ନିଜର ମିଥ୍ୟା ପାଣ୍ଡିତ୍ୟ ପ୍ରଚ଼ାର କରିବା ପାଇଁ ଇଚ୍ଛୁକ ମୂର୍ଖମାନେ ନିଜର ପ୍ରାଣପ୍ରିୟ ପୁତ୍ରକୁ ମଧ୍ୟ ହତ୍ୟା କରିପାରନ୍ତି । ତେଣୁ ଏପ୍ରକାର ଲୋଭୀମାନଙ୍କଠାରୁ ବୁଦ୍ଧିମାନ ପୁରୁଷମାନେ ଦୂରେଇ ରହିବା ଉଚ଼ିତ ।

କ୍ରୋଧୀ ମୂର୍ଖ କଥା

ମହାରାଜ, ବର୍ତ୍ତମାନ ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ । ଗୋଟିଏ ଗ୍ରାମରେ ଜଣେ ପୁରୁଷ ଥାଏ । ସେ ଯେପରି ନିପଟ ମୂର୍ଖ ସେହିପରି ଅତ୍ୟନ୍ତ କ୍ରୋଧୀ । ଥରେ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ବାହାରେ ଠିଆ ହୋଇଥିବା ଏହି ମୂର୍ଖଟିକୁ ଦେଖି ଘର

Digitized by srujanika@gmail.com

ଭିତରେ ଥିବା ଅନ୍ୟ ଜଣେ ବନ୍ଧୁଙ୍କ ନିକଟରେ ଏହାର ଗୁଣଗାନ କରିବାକୁ ଲାଗିଲା – ସବୁ ଶୁଣିସାରିଲା ପରେ ବନ୍ଧୁଜଣକ କହିଲେ, 'ଏହାର ସବୁକିଛି ଠିକ୍ ଅଛି, କିନ୍ତୁ ଏହା ପାଖରେ ଦୁଇଟି ଦୋଷ ଥିବା ଦେଖାଯାଉଛି । ଲୋକଟି ବଡ଼ ସାହସୀ ଓ କ୍ରୋଧୀ ।' ବାହାରେ ଠିଆ ହୋଇଥିବା ମୂର୍ଖଟି ଏହା ଶୁଣି ହଠାତ୍ ଗୃହ ମଧ୍ୟରେ ପ୍ରବେଶ କଲା ଏବଂ ନିଜ ପିନ୍ଧିଥିବା ଲୁଗାରେ କହୁଥିବା ଲୋକର ଗଳାରୁଦ୍ଧ କରି ପଚାରିଲା, 'ଆରେ ଦୁଷ୍ଟ, ମୋର ସାହସ କଣ ଏବଂ ମୁଁ କିପରି କ୍ରୋଧୀ କହ ।' ଏଥିରେ ହାସ୍ୟ ସମ୍ବରଣ କରିନପାରି ଉପସ୍ଥିତି ଅନ୍ୟମାନେ କହିଲେ, 'ତୁ ତ ସାହସ ଓ କ୍ରୋଧ ଉଭୟକୁ ଗୋଟିଏ ସାଙ୍ଗରେ ଦେଖାଇପାରିଛୁ । ଆଉ ପ୍ରମାଣର ଆବଶ୍ୟକ କ'ଣ ?' ଏହିପରି ପ୍ରତ୍ୟକ୍ଷ କାର୍ଯ୍ୟ କଲେ ସୁଦ୍ଧା ମୂର୍ଖମାନେ ନିଜର ମୂର୍ଖତା ବୁଝିପାରନ୍ତି ନାହିଁ ।

ମୂର୍ଖରାଜା କଥା

କୌଣସି ଦେଶରେ ଜଣେ ରାଜା ଥାଆନ୍ତି । ତାଙ୍କର ମହାରାଣୀ ସମୟକ୍ରମେ ଗୋଟିଏ ସୁନ୍ଦର କନ୍ୟା ସନ୍ତାନକୁ ଜନ୍ମଦେଲେ । ରାଜା ସନ୍ତାନଟିର ରୂପ ଓ ଚପଳତାରେ ମୁଗ୍ଧ ହୋଇ କନ୍ୟାଟିକୁ ଶୀଘ୍ର ବଢ଼ାଇବା ପାଇଁ ଉତ୍ସୁକ ହୋଇଉଠିଲେ । ଏଥିପାଇଁ ସେ ରାଜବୈଦ୍ୟମାନଙ୍କୁ ଡାକି ନିବେଦନ କଲେ ଯେ ସେମାନେ ଏପରି କିଛି ଔଷଧ ପ୍ରୟୋଗ କରନ୍ତୁ, ଯାହା ଫଳରେ କନ୍ୟାଟି ଅତି ଶୀଘ୍ର ବୃଦ୍ଧିପ୍ରାପ୍ତ ହେବ ଏବଂ ତାକୁ କୌଣସି ସତ୍‌ପାତ୍ର ହସ୍ତରେ ପ୍ରଦାନ କରାଯାଇପାରିବ ।

ଏହାଶୁଣି ଏହି ମୂର୍ଖ ରାଜାଙ୍କ ଠାରୁ ଧନ ଅପହରଣ କରିବା ଲାଳସାରେ ବୈଦ୍ୟମାନେ କହିଲେ, 'ମହାରାଜ ଏହାକିଛି ବଡ଼ କଥା ନୁହେଁ । ଏହିପାଇଁ ଔଷଧ ଅଛି । କିନ୍ତୁ ତାହା ଏଠାରେ ମିଳେନାହିଁ । ଦୂର ବିଦେଶରୁ ତାକୁ ମଗାଇବାକୁ ପଡ଼ିବ । ଯେତେବେଳ ପର୍ଯ୍ୟନ୍ତ ଆମେ ଏ ଔଷଧ ହସ୍ତଗତ କରିନାହୁଁ ସେପର୍ଯ୍ୟନ୍ତ ଆପଣ କନ୍ୟାଟିକୁ ଅଦୃଶ୍ୟ ବା ଲୁକ୍‌କାୟିତ ଭାବେ ରଖିବେ । ଏହାହିଁ ଏହି ଔଷଧୀର ବିଧାନ ।'

ବୈଦ୍ୟମାନଙ୍କ ଠାରୁ ଏହା ଶୁଣି ରାଜା ଔଷଧୀ ପ୍ରାପ୍ତି ଆଶାରେ କନ୍ୟାଟିକୁ ବହୁ ବର୍ଷ ପର୍ଯ୍ୟନ୍ତ ଗୁପ୍ତ ଭାବରେ ରଖିଥାନ୍ତି । କାଳକ୍ରମେ କନ୍ୟାଟି ଯୌବନରେ ପଦାର୍ପଣ କଲା । ସେତେବେଳେ ବୈଦ୍ୟମାନେ ତାକୁ ଆଣି ରାଜାଙ୍କ ସମ୍ମୁଖରେ ଉପସ୍ଥାପନ କଲେ ଏବଂ ଏହା ଯେ ସେମାନଙ୍କର ଅଦ୍ଭୁତ ଔଷଧର ଗୁଣ ତାହା ବୁଝାଇବାକୁ ଲାଗିଲେ । ରାଜା ମଧ୍ୟ ବୈଦ୍ୟମାନଙ୍କର ମିଥ୍ୟାକଥନକୁ ସତ୍ୟ ବୋଲି ମନେକରି ସେମାନଙ୍କୁ ବହୁ

Digitized by srujanika@gmail.com

ଧନରତ୍ନ ଦେଇ ସନ୍ତୁଷ୍ଟ କଲେ । ମହାରାଜ, ଏହିପରି ଛଳକପଟ କରି ଧୂର୍ତ୍ତମାନେ ଧନଶାଳୀ ମୂର୍ଖମାନଙ୍କୁ ଠକିଥାନ୍ତି ।

ମୂର୍ଖ ପଣ୍ଡିତ କଥା

ଏହା ସହିତ ଅର୍ଦ୍ଧପଣ ଅର୍ଥାତ୍ ଅଧୁଲିଟିଏ ପାଇବା ପାଇଁ ଜଣେ ପଣ୍ଡିତଙ୍କର ମୂର୍ଖତା କଥା ଶ୍ରବଣ କରନ୍ତୁ ।

କୌଣସି ନଗରରେ ଗୋଟିଏ ମୂର୍ଖ ବାସ କରୁଥିଲା । ସେ ନିଜକୁ ଅତ୍ୟନ୍ତ ଚତୁର ବୋଲି ମନେ କରୁଥାଏ । ସେଠାରେ ରହୁଥିବା ଅନ୍ୟ ଜଣେ ବ୍ୟକ୍ତି ଦୀର୍ଘ ଗୋଟିଏ ବର୍ଷ ଚାକିରି କରି ନିଜର ଜୀବିକା ନିର୍ବାହ ନକରିପାରିବା ଯୋଗୁଁ ଚାକିରି ଛାଡ଼ି ସ୍ୱଗୃହକୁ ଫେରିଗଲା । ସେ ଚାଲିଯିବା ପରେ ଭୃତ୍ୟଟିକୁ ସନ୍ଦେହ କରି ସେ ମୂର୍ଖ ସ୍ତ୍ରୀକୁ ପଚ଼ାରିଲା, 'ସିଏତ ଗଲା, କିନ୍ତୁ ଘରୁ କିଛି ନେଇଯାଇ ନାହିଁ ତ ?' ଉତ୍ତରରେ ସ୍ତ୍ରୀ ଜଣାଇଲା ଯେ ସେ ଗଲାବେଳେ ଗୋଟିଏ ଅର୍ଦ୍ଧପଣର ମୁଦ୍ରା ନେଇଯାଇଛି । ଏହା ଶୁଣି ପଣ୍ଡିତ ମହାଶୟ ଦଶପଣ ଖର୍ଚ୍ଚକରି ନଦୀତଟରେ ଥିବା ସେହି ଭୃତ୍ୟର ଗାଁରେ ଯାଇ ପହଞ୍ଚିଲେ ଏବଂ ତା'ଠାରୁ ଅର୍ଦ୍ଧପଣ ଆଦାୟ କରି ଫେରିଆସିଲେ । ଲୋକମାନଙ୍କ ଆଗରେ ତାଙ୍କର କୌଶଳର ବଡ଼ିମା ପ୍ରଚ଼ାର କଲାବେଳେ ଶ୍ରୋତାମାନେ ତାଙ୍କ ଚାତୁର୍ଯ୍ୟ ଅପେକ୍ଷା ମୂର୍ଖତା ପାଇଁ ଉପହାସ କରିବାକୁ ଲାଗିଲେ ।

ଧନାନ୍ଧ ବ୍ୟକ୍ତିମାନେ ସ୍ୱଳ୍ପ ଧନ ପାଇଁ ଏପରି ବହୁଧନ ବ୍ୟୟ କରିଥାନ୍ତି ।

ମୂର୍ଖ ସାଧବ କଥା

ନିଜକୁ ଚତୁର ମନେ କରୁଥିବା ମୂର୍ଖ ପଣ୍ଡିତଙ୍କ କଥା ତ ଶୁଣିଲେ, ବର୍ତ୍ତମାନ ସେହିପରି ଜଣେ ମୂର୍ଖ ସାଧବଙ୍କ କଥା ଶୁଣନ୍ତୁ ।

ଜଣେ ସାଧବ ନୌକା ନେଇ ବ୍ୟବସାୟ ଲକ୍ଷ୍ୟରେ ସମୁଦ୍ରଯାତ୍ରା କଲାବେଳେ, ତା'ର ଗୋଟିଏ ସୁବର୍ଣ୍ଣ ନିର୍ମିତ ପାତ୍ର ସମୁଦ୍ର ଭିତରେ ପଡ଼ିଗଲା । ସେହି ମୂର୍ଖ ସାଧବ ମନେମନେ ସେହି ସ୍ଥାନକୁ ଚିହ୍ନିତ କରିବା ପାଇଁ ସେଠାରେ ସୃଷ୍ଟି ହେଉଥିବା ଜଳଭଉଁରୀକୁ ସେହି ସ୍ଥାନର ସଙ୍କେତ ରୂପେ ଠିକ୍ କରିନେଲା ଏବଂ ଫେରିଲାବେଳେ ପାତ୍ରଟିକୁ ଖୋଜିନେବ ବୋଲି ନିଶ୍ଚୟ କଲା । ସେ ଯେତେବେଳେ ସେହି ମାର୍ଗ ଦେଇ ବିଦେଶରୁ ଫେରୁଥାଏ, ସେତେବେଳେ ସେ ସମୁଦ୍ରର ଅନ୍ୟତ୍ର ଜଳଭଉଁରୀକୁ ଦେଖି ପାତ୍ରଟି ପାଇବା ଲୋଭରେ

Digitized by srujanika@gmail.com

ସମୁଦ୍ରକୁ ଡେଇଁପଡ଼ିଲା । ସୌଭାଗ୍ୟବଶତଃ ସେ ତ ବଞ୍ଚିଗଲା କିନ୍ତୁ ତା'ର ମୂର୍ଖତା ସ୍ମରଣ କରି ଲୋକମାନେ ବହୁଦିନ ଧରି ହସିବାକୁ ଲାଗିଲେ ।

ପ୍ରତିମାଂସପ୍ରଦ କଥା

ଏବେ ମାଂସ ବଦଳରେ ମାଂସ ଦେଇଥିବା ଜଣେ ରାଜାଙ୍କ କଥା ଶୁଣନ୍ତୁ ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥାଆନ୍ତି । ସେ ନିଜର ରାଜପ୍ରାସାଦ ମଧ୍ୟରେ ବିଚ଼ରଣ କଲାବେଳେ ଦୁଇଜଣ ବ୍ୟକ୍ତିଙ୍କୁ ଦେଖିଲେ । ସେଥିରୁ ଜଣେ ରାଜାଙ୍କର ରନ୍ଧନଶାଳାରୁ ପାଞ୍ଚପଳ ମାଂସ ଚୋରି କରି ନେଇଯାଉଥାଏ । ଏହା ଦେଖି ରାଜା ଦଣ୍ଡସ୍ୱରୂପ ତା'ର ଶରୀରରୁ ପାଞ୍ଚପଳ ମାଂସ କଟାଇ ନେଲେ । ମାଂସକାଟି ନେବା ପରେ ଲୋକଟି କାନ୍ଦି ଚିତ୍କାର କରି ଭୂମି ଉପରେ ଗଡ଼ିବାକୁ ଲାଗିଲା । ତା'ର ଏ ଅବସ୍ଥା ଦେଖି ରାଜାଙ୍କ ହୃଦୟ ତରଳିଗଲା । ସେ ଦ୍ୱାରପାଳକୁ ଡାକି ନିର୍ଦ୍ଦେଶ ଦେଲେ ଯେ ଲୋକଟି ବୋଧହୁଏ ପାଞ୍ଚପଳ ମାଂସରେ ସନ୍ତୁଷ୍ଟ ହେଉନାହିଁ, ତେଣୁ ତାକୁ ଆଉ କିଛି ଅଧିକ ମାଂସ ଦିଅ । ଏହା ଶୁଣି ଦ୍ୱାରପାଳ କହିଲା, 'ମହାରାଜ ଗୋଟିଏ ଲୋକର ମୁଣ୍ଡକାଟ କରିସାରିଲା ପରେ ତାକୁ ଶହେଟି ମୁଣ୍ଡଦେଲେ ସିଏ କ'ଣ ଆଉ ବଞ୍ଚିପାରିବ ।' ଏହାକହି ଦ୍ୱାରପାଳ ପ୍ରାସାଦ ବାହାରକୁ ଯାଇ ହସିହସି ଗଡ଼ିଗଲା । ସେ ଚୋରି କରିଥିବା ବ୍ୟକ୍ତିଟିକୁ ତା'ଶରୀରରୁ କଟାଯାଇଥିବା ମାଂସଖଣ୍ଡ ସହିତ କୌଣସି ବୈଦ୍ୟଙ୍କ ନିକଟରେ ନେଇ ପହଞ୍ଚାଇଲା । ରାଜାଙ୍କର ଏହି ଦୟାଶୀଳତା ବହୁଦିନ ପର୍ଯ୍ୟନ୍ତ ରାଜ୍ୟବାସୀଙ୍କ ଚର୍ଚ୍ଚାର ବିଷୟ ହୋଇ ରହିଥିଲା ।

ପ୍ରକୃତରେ ମୂର୍ଖରାଜାମାନେ ଦଣ୍ଡ ଦେବା ତ ଜାଣନ୍ତି ନାହିଁ, ଅନୁଗ୍ରହ କରିବା ମଧ୍ୟ ସେମାନଙ୍କୁ ଠିକ୍ ଭାବେ ଜଣାନଥାଏ ।

ମୂର୍ଖା ରମଣୀ କଥା

ବର୍ତ୍ତମାନ ପୁତ୍ର ଚାହୁଁଥିବା ଅନ୍ୟ ଗୋଟିଏ ମୂର୍ଖା ସ୍ତ୍ରୀ ଲୋକର କଥା ଶୁଣନ୍ତୁ ।

କୌଣସି ଏକ ଗାଁରେ ଗୋଟିଏ ସ୍ତ୍ରୀ ଲୋକ ବାସ କରୁଥିଲା । ତା'ର ଗୋଟିଏ ମାତ୍ର ପୁଅ । ସେ ଅନ୍ୟ ଗୋଟିଏ ପୁଅ ପାଇବା ପାଇଁ ବିଶେଷ ଲାଳାୟିତ ଥିଲା । ଏହାର ଉପାୟ ଚିନ୍ତା କରୁଥିଲା ବେଳେ କୌଣସି ନୀଚ଼ମନା ପାଖଣ୍ଡି ତପସ୍ୱିନୀ ତାକୁ ଉପଦେଶ ଦେଲା, 'ତୁ ଯଦି ତୋର ଏହି ଜୀବିତ ପୁତ୍ର ସନ୍ତାନଟିକୁ ଦେବତାଙ୍କ ନିକଟରେ ବଳି

Digitized by srujanika@gmail.com

ଦେବୁ ତେବେ ନିଶ୍ଚିତ ଭାବରେ ତୋର ଅନ୍ୟ ଏକ ପୁଅ ହେବ ।' ସ୍ତ୍ରୀଟି ଏଥିପାଇଁ ପ୍ରସ୍ତୁତ ହେଲାବେଳେ ତା'ର ଘର ନିକଟରେ ବାସ କରୁଥିବା କୌଣସି ହିତୈଷିଣୀ ବୃଦ୍ଧା ତାକୁ ଏକାନ୍ତରେ ଡାକି ଉପଦେଶ ଛଳରେ କହିଲା, 'ଆରେ ପାପିଷ୍ଠା, ତୁ ବଞ୍ଚିଥିବା ପୁଅଟିକୁ ମାରିବା ପାଇଁ ଚାହୁଁଛୁ । ଯିଏ ଏପର୍ଯ୍ୟନ୍ତ ଗର୍ଭସ୍ଥ ହୋଇନାହିଁ ତାକୁ ବଞ୍ଚାଇ ରଖିବା ପାଇଁ ଏପରି ପାପକର୍ମ କରିବା ପାଇଁ ଯାଉଛୁ । ଯଦି ଦ୍ୱିତୀୟ ପୁତ୍ର ନହୁଏ ତା'ହେଲେ କ'ଣ କରିବୁ ?'

ଏହାକହି ସେହି ଶୁଭାକାଙ୍କ୍ଷିଣୀ ବୃଦ୍ଧା ଏବଂ ଗାଁର ଅନ୍ୟାନ୍ୟ ସ୍ତ୍ରୀମାନେ ଉକ୍ତ ସ୍ତ୍ରୀଟିକୁ ଏହି ପାପକର୍ମରୁ ବଞ୍ଚାଇ ଦେଲେ ।

କୂଟବୁଦ୍ଧି ଡାହାଣୀମାନଙ୍କ ଚକ୍ରାନ୍ତରେ ପଡ଼ି ସ୍ତ୍ରୀମାନେ ଏପରି ନଷ୍ଟ ହୋଇଯାଆନ୍ତି । ସମୟେ ସମୟେ ଅନୁଭବୀ ଓ ବୟସ୍କା ସ୍ତ୍ରୀମାନେ ଏମାନଙ୍କୁ ପାପ ପଥରୁ ଫେରାଇ ଆଣିବା ସମ୍ଭବ ହୋଇଥାଏ । କିନ୍ତୁ ସର୍ବଦା ଏହା କ'ଣ ସମ୍ଭବପର ?

ମୂର୍ଖ ଭୃତ୍ୟ କଥା

ବର୍ତ୍ତମାନ ଅଁଳା ଆଣିବାକୁ ଯାଇଥିବା ଏକ ମୂର୍ଖ ଭୃତ୍ୟର କଥା ଶୁଣନ୍ତୁ । କୌଣସି ଜଣେ ଧନଶାଳୀ ଗୃହସ୍ଥଙ୍କର ଗୋଟିଏ ମୂର୍ଖ ଭୃତ୍ୟ ଥିଲା । ଗୃହସ୍ଥ ଜଣକ ବଡ଼ ଅଁଳା ପ୍ରିୟ । ଦିନେ ସେ ଭୃତ୍ୟକୁ ତାଙ୍କ ବଗିଚାରୁ ମିଠା ମିଠା ଅଁଳା ଆଣିବା ପାଇଁ ପଠାଇଲେ । ସେହି ମୂର୍ଖ ଭୃତ୍ୟ ଗଛରୁ ଗୋଟିଏ ଗୋଟିଏ ଅଁଳା କୋଳି ତୋଳି ନିଜ ଦାନ୍ତରେ ସେ ସବୁକୁ କାମୁଡ଼ି କେଉଁଗୁଡ଼ିକ ମିଠା ତାହା ପରୀକ୍ଷା କରିବାକୁ ଲାଗିଲା । ଅଁଳା ତ ସମ୍ପୂର୍ଣ୍ଣ ମିଠା ହେବା ସମ୍ଭବ ନୁହେଁ । ତେଣୁ ଶେଷରେ ସେ ସବୁତକ ଅଇଁଠା ଅଁଳା କୋଳିକୁ ଆଣି ଗୃହସ୍ଥଙ୍କ ନିକଟରେ ନିବେଦନ କଲା, 'ପ୍ରଭୁ ମୁଁ ଗୋଟି ଗୋଟି କରି ଅଁଳା କୋଳିଗୁଡ଼ିକୁ ଚାଖି ଯେଉଁଗୁଡ଼ିକ ଟିକିଏ ମିଠା ସେଗୁଡ଼ିକୁ ନେଇଆସିଛି । ଆପଣ ନିଜେ ଖାଇଲେ ଜାଣିପାରିବେ ।'

ଗୃହସ୍ଥ ଜଣକ ହସିବେ କି କାନ୍ଦିବେ ବୁଝିପାରିଲେ ନାହିଁ । ସେ ସେହି ଅଇଁଠା ଅଁଳା କୋଳି ସହିତ ମୂର୍ଖ ଭୃତ୍ୟଟିକୁ ସେହିଦିନ ହିଁ ବିଦାୟ କରିଦେଲେ ।

ଏହିପରି ମୂର୍ଖ ବ୍ୟକ୍ତିମାନେ ନିଜର ଏବଂ ନିଜ ମାଲିକର କ୍ଷତି କରିଥାନ୍ତି । ଏ ପ୍ରସଙ୍ଗରେ ଦୁଇଭାଇଙ୍କ ସମ୍ପର୍କରେ ଗୋଟିଏ ମଜା କଥା ଶ୍ରବଣ କରନ୍ତୁ ।

Digitized by srujanika@gmail.com

ଦୁଇ ଭାଇ କଥା

ପାଟଳିପୁତ୍ର ନଗରରେ ଦୁଇଟି ଭାଇ ବାସ କରୁଥିଲେ । ବଡ଼ ଯଜ୍ଞସୋମ ଏବଂ ଛୋଟ କୀର୍ତ୍ତିସୋମ । ଏମାନଙ୍କ ନିକଟରେ ପିତାଙ୍କ ଠାରୁ ପ୍ରାପ୍ତ ପ୍ରଚୁର ଧନ ଥିଲା । ତାକୁ ଦୁଇଜଣ ନିଜ ନିଜ ଭିତରେ ବାଣ୍ଟି ନେଇଥିଲେ । କୀର୍ତ୍ତିସୋମ ନିଜ ଭାଗରେ ପଡ଼ିଥିବା ଧନରାଶିକୁ ସୁଧରେ ଲଗାଇ ବଢ଼ାଉଥାଏ । କିନ୍ତୁ ଯଜ୍ଞସୋମ ଖାଇପିଇ ଏବଂ ଦେଇନେଇ ନିଜର ସମ୍ପତ୍ତିକୁ ଶେଷ କରିଦେଲା । ଧନରାଶି ଶେଷ ହେବାପରେ ସେ ନିଜ ପତ୍ନୀକୁ କହିଲା, 'ପ୍ରିୟେ, ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ଦରିଦ୍ର । ଏ ଅବସ୍ଥାରେ ଆମେ ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ କିପରି ଚଳିବା ? ତେଣୁ କୌଣସି ଦୂର ଦେଶକୁ ଚାଲିଯିବା ହିଁ ଆମ ପକ୍ଷରେ ଉଚିତ ହେବ ।' ଉତ୍ତରରେ ପତ୍ନୀ କହିଲା, 'ବାଟରେ ଖାଇବା ପିଇବା ପାଇଁ ତ ଆମ ପାଖରେ କିଛି ନାହିଁ । ଯିବା କିପରି ?' ଏହା କହିବା ସତ୍ତ୍ୱେ ଯଜ୍ଞସୋମ ସେଠାରୁ ଚାଲିଯିବା ପାଇଁ ଜିଦ୍ ଧରି ବସନ୍ତେ ତାର ପତ୍ନୀ 'ଯଦି ଯିବା ଏକାନ୍ତ ଆବଶ୍ୟକ, ତେବେ କୀର୍ତ୍ତିସୋମ ନିକଟକୁ ଯାଇ ତାକୁ କିଛି ଅର୍ଥ ସାହାଯ୍ୟ କରିବା ପାଇଁ ଅନୁରୋଧ କର', କହି ଛୋଟ ଭାଇ ନିକଟକୁ ପଠାଇଲା ।

ଯଜ୍ଞସୋମ ଯାଇ ବାଟଖର୍ଚ୍ଚ ନିମିତ୍ତ କିଛି ଅର୍ଥ କୀର୍ତ୍ତିସୋମକୁ ଯାଚ୍ଞା କରନ୍ତେ କୀର୍ତ୍ତିସୋମର ସ୍ତ୍ରୀ କହିଲା, 'ନିଜର ସମସ୍ତ ସମ୍ପତ୍ତି ଉଡ଼ାଇ ଦେବା ଲୋକକୁ ଆମେ କେଉଁଠୁ ଆଣି କେତେ ବା ଦେଇପାରିବା ? ଯିଏ ନିର୍ଦ୍ଧନ ସିଏ ଏହିପରି ହିଁ ମାଗି ବୁଲିବ ।' ଏହାଶୁଣି ଭାଇକୁ କିଛି ସାହାଯ୍ୟ କରିବା ପାଇଁ ଚାହୁଁଥିଲେ ସୁଦ୍ଧା ସ୍ତ୍ରୀର ଭୟରେ କୀର୍ତ୍ତିସୋମ ବଡ଼ଭାଇକୁ କିଛି ଦେଇପାରିଲା ନାହିଁ । ଏହିପରି କୁଟିଳ ବୁଦ୍ଧି ସ୍ତ୍ରୀମାନଙ୍କର ବଶବର୍ତ୍ତୀ ହେଲେ ଦୁଃଖଲାଭ କରିବା ହିଁ ସାର ହୋଇଥାଏ ।

ଯଜ୍ଞସୋମ ଭାଇଠାରୁ ଫେରିଆସି ସ୍ତ୍ରୀ ନିକଟରେ ସମସ୍ତ କଥା ବର୍ଣ୍ଣନା କଲା ଏବଂ ଭଗବାନଙ୍କ ଶରଣାଗତ ହୋଇ ଗୃହରୁ ବାହାରିପଡ଼ିଲା । ସେମାନେ କିଛି ଦୂର ଗଲା ପରେ ଗୋଟିଏ ଭୀଷଣ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ଅରଣ୍ୟ ମଧ୍ୟରେ ଯାଉଥିବାବେଳେ ହଠାତ୍ ଗୋଟିଏ ଅଜଗର ଆସି ଯଜ୍ଞସୋମକୁ ଗିଳିଦେଲା । ଏହା ଦେଖି ତା'ର ପତ୍ନୀ କ'ଣ କରିବ ଜାଣି ନପାରି ଭୂମିରେ ଲୋଟିଯାଇ କାନ୍ଦିବାକୁ ଲାଗିଲା । ତା'ର କାନ୍ଦିବା ଓ ମୁଣ୍ଡ କୋଡ଼ିବା ଦେଖି ଅଜଗର ମନୁଷ୍ୟ ସ୍ୱରରେ ପଚାରିଲା, 'ଭଦ୍ରେ, ତୁମେ ଏପରି କାନ୍ଦୁଛ କାହିଁକି ?' ବ୍ରାହ୍ମଣୀ ଉତ୍ତରରେ କହିଲା, 'ହେ ମହାପ୍ରାଣି, ମୁଁ କାନ୍ଦିବିନି ତ

Digitized by srujanika@gmail.com

ଆଉ କ'ଣ କରିବି ? ତୁମେ ବିଦେଶରେ ମୋ ପରି ଜଣେ ଦୁଃଖିନୀର ଭିକ୍ଷା ଥାଳି ହରଣ କରିନେଲ । ଏବେ ମୋତେ କିଏ ବା ଭିକ୍ଷା ଦେବ ?' ସଦାଚାରିଣୀ ବ୍ରାହ୍ମଣ ପତ୍ନୀର ଦୁଃଖରେ ସମବେଦନା ପ୍ରକାଶ କରି ଅଜଗର ନିଜ ପାଟିରୁ ଗୋଟିଏ ବଡ଼ ସୁବର୍ଣ୍ଣ ପାତ୍ର ବାହାର କରି ତା' ଆଗରେ ରଖିଦେଲା ଏବଂ କହିଲା, 'ତୁମେ ଏଇ ଭିକ୍ଷା ପାତ୍ର ଗ୍ରହଣ କର । ମାଗିବା ପରେ ମଧ୍ୟ ଯଦି କେହି ଏହି ଭିକ୍ଷା ପାତ୍ରରେ କିଛି ନଦିଏ ତେବେ ତା'ର ମସ୍ତକ ଶତଧା ବିଦୀର୍ଣ୍ଣ ହୋଇଯିବ । ଏହା ତ୍ରିବାର ସତ୍ୟ ।'

ଅଜଗରଠାରୁ ଏହା ଶୁଣି ବ୍ରାହ୍ମଣ ପତ୍ନୀ ନିଜର ଉପସ୍ଥିତ ବୁଦ୍ଧିରେ କହିଲା, 'ଯଦି ଏହା ସତ୍ୟ ହୁଏ ତେବେ ପ୍ରଥମେ ତୁମେ ହିଁ ମୋର ପତିଙ୍କୁ ଏହି ଭିକ୍ଷାଥାଳିରେ ପ୍ରଦାନ କର ।' ଏହା ଶୁଣିବା ମାତ୍ରେ ଅଜଗର ସତକୁ ସତ ଜୀବିତ ଯଜ୍ଞସୋମଙ୍କୁ ବାନ୍ତିକରି ସେହି ଭିକ୍ଷା ଥାଳିରେ ଅର୍ପଣ କଲା । କେବଳ ସେତିକି ନୁହେଁ ଯଜ୍ଞସୋମ ତା' ପେଟ ଭିତରୁ ବାହାରି ଆସିବା ମାତ୍ରେ ଅଜଗରଟି ଗୋଟିଏ ଦିବ୍ୟପୁରୁଷର ରୂପ ଧାରଣ କରି ବ୍ରାହ୍ମଣ ଦମ୍ପତିଙ୍କୁ ବିନମ୍ର ଭାବେ କହିଲା, 'ମହାଭାଗ, ମୁଁ ବିଦ୍ୟାଧରମାନଙ୍କର ରାଜା କାଞ୍ଚନବେଗ । ମୋର ଅଭିଶାପର ସୀମା କୌଣସି ସତୀସାଧ୍ୱୀ ସ୍ତ୍ରୀ ସହିତ ବାର୍ତ୍ତାଳାପ ପର୍ଯ୍ୟନ୍ତ ବୋଲି ଅଭିଶାପ ଦେଲାବେଳେ ମହର୍ଷି ଗୌତମ ସୂଚନା ଦେଇଥିଲେ । ତାହା ଆଜି ସମାପ୍ତ ହେଲା । ତେଣୁ ଆପଣମାନଙ୍କ ସାନ୍ନିଧ୍ୟ ଲାଭ ଯୋଗୁଁ ମୁଁ ମୋର ପୂର୍ବରୂପ ଫେରିପାଇଛି ।' ଏହା କହି ଏବଂ ସେହି ସୁବର୍ଣ୍ଣ ପାତ୍ରକୁ ମଣିମୁକ୍ତାରେ ପରିପୂର୍ଣ୍ଣ କରି ପ୍ରସନ୍ନଚିତ୍ତ ବିଦ୍ୟାଧରପତି ଆକାଶମାର୍ଗରେ ନିଜ ଲୋକକୁ ଫେରିଗଲା । ବ୍ରାହ୍ମଣ ଦମ୍ପତି ମଧ୍ୟ ଧନପୂର୍ଣ୍ଣ ସୁବର୍ଣ୍ଣ ପାତ୍ର ନେଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଯଜ୍ଞସୋମ ସେହିଦିନ ଠାରୁ ଏହି ଅକ୍ଷୟ ଧନ ଭଣ୍ଡାରରୁ ଦାନଧର୍ମ କରି ସୁଖରେ କାଳ କଟାଇବାକୁ ଲାଗିଲେ । ବିଧାତା ସମସ୍ତଙ୍କୁ ନିଜର ସ୍ୱତ୍ୱ ଅନୁଯାୟୀ ସାହାଯ୍ୟ କରିଥାନ୍ତି । ଏ ସମ୍ପର୍କରେ ଆପଣଙ୍କୁ ଆଉ ଗୋଟିଏ କଥା କହୁଛି, ଶୁଣନ୍ତୁ –

ମୂର୍ଖ ଯୋଦ୍ଧା କଥା

କର୍ଣ୍ଣାଟ ଦେଶରେ ଜଣେ ବୀରପୁରୁଷ ରହୁଥିଲା । ଯୁଦ୍ଧକ୍ଷେତ୍ରରେ ତା'ର ବୀରତ୍ୱ ଦେଖି କର୍ଣ୍ଣାଟର ରାଜା ତା' ପ୍ରତି ଅତ୍ୟନ୍ତ ପ୍ରସନ୍ନ ଥିଲେ । ତା'କୁ କିଛି ବର ଦେବା ପାଇଁ ରାଜା ଇଚ୍ଛା କରନ୍ତେ ଏହି ମୂର୍ଖ ବୀର ପୁରୁଷଟି ନପୁଂସକ ତୁଲ୍ୟ ରାଜାଙ୍କଠାରୁ ତାଙ୍କ ଭଣ୍ଡାରିଟିକୁ ଭିକ୍ଷା କଲା ।

Digitized by srujanika@gmail.com

ଏହିପରି ପ୍ରତ୍ୟେକ ବ୍ୟକ୍ତି ନିଜର ମନ ଅନୁଯାୟୀ ଭଲ କିମ୍ବା ମନ୍ଦ ଚାହିଁଥାନ୍ତି ।

ସର୍ବଶ୍ଚିତ୍ତପ୍ରମାଣେନ ସଦସଦ୍‌ବାଭିବାଞ୍ଛତି ।

ବର୍ତ୍ତମାନ ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ —

ନିପଟ ମୂର୍ଖ କଥା

ଦିନେ ଜଣେ ମୂର୍ଖ ତା'ର ବଳଦଗାଡ଼ି ନେଇ ରାସ୍ତାରେ ଯାଉଥାଏ । ବାଟରେ ହଠାତ୍ ଗାଡ଼ିଟି ଖରାପ ହୋଇଗଲା । ତେଣୁ ସେହି ରାସ୍ତାରେ ଯାଉଥିବା ଅନ୍ୟ ଜଣେ ଶଗଡ଼ିଆକୁ ସେ ତା'ର ଗାଡ଼ିଟିକୁ ଠିକ୍ କରିଦେବା ପାଇଁ ଅନୁରୋଧ କଲା । ସେ ମଧ୍ୟ ତା'ଠାରୁ କିଛି କମ୍ ମୂର୍ଖ ନଥିଲା । ଗାଡ଼ି ଠିକ୍ କରିଦେଲେ ସେ କ'ଣ ଦେବ ବୋଲି ପଚାରନ୍ତେ ପ୍ରଥମ ଗାଡ଼ିବାଲା କହିଲା, ''କିଛି ଦେବି ନାହିଁ ।'' ଏହା ଶୁଣି ଦ୍ୱିତୀୟ ଗାଡ଼ିବାଲା ତା'ର ଶଗଡ଼ଟିକୁ ମରାମତି କରିଦେଇ 'କିଛି ଦେବି ନାହିଁ' ମାଗିବା ଦେଖି ଗାଡ଼ିରେ ବସିଥିବା ଲୋକମାନେ ହସିହସି ଗଡ଼ିଗଲେ ।

ମହାରାଜ, ମୂର୍ଖମାନେ ଏହିପରି ସର୍ବଦା ତିରସ୍କୃତ, ଅପମାନିତ, ଉପହାସର ପାତ୍ର ଏବଂ ବିପତ୍ତିର ଶିକାର ହୋଇଥାନ୍ତି । କିନ୍ତୁ ବୁଦ୍ଧିମାନ ବ୍ୟକ୍ତିମାନେ ସର୍ବଦା ସମାଜର ସମ୍ମାନର ପାତ୍ର ।

ଇତି ଦେବ ସଦୈବ ହାସ୍ୟଭାବଂ ପରିଭାବଂ ଚ ଜନସ୍ୟ ନିନ୍ଦ୍ୟତାଂ ଚ
ବିପଦାସ୍ପଦତାଂ ଚ ଯାନ୍ତି ମୂଢ଼ା ଇହ ସନ୍ତସ୍ତୁ ଭବନ୍ତି ପୂଜନୀୟାଃ ।

ଗୋମୁଖଙ୍କ ଠାରୁ ଯୁବରାଜ ନରବାହନଦତ୍ତ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ସହିତ ଏହିପରି ହାସ୍ୟ ଏବଂ ମନୋରଞ୍ଜନାତ୍ମକ କଥା ଶୁଣି ଗଭୀର ନିଦ୍ରାରେ ବିଶ୍ରାମ ନେଲେ ।

●

Digitized by srujanika@gmail.com

ଷଷ୍ଠ ତରଙ୍ଗ

ରାତ୍ରିଟି ସୁଖନିଦ୍ରାରେ କଟାଇ ପ୍ରାତଃ କାଳରୁ ନରବାହନଦତ୍ତ ପିତା ବତ୍ସରାଜ ଉଦୟନଙ୍କ ଦର୍ଶନ ପାଇଁ ତାଙ୍କ ବାସଭବନରେ ଯାଇ ପହଞ୍ଚିଲେ । ସେଠାରେ ମହାରାଣୀ ପଦ୍ମାବତୀଙ୍କ ଭ୍ରାତା ମଗଧରାଜ ପ୍ରଦ୍ୟୋତଙ୍କ ପୁତ୍ର ସିଂହବର୍ମା ମଧ୍ୟ ଆସି ପହଞ୍ଚିଥାନ୍ତି । ମାମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କିଛି ସମୟ ତାଙ୍କ ସହିତ ବାର୍ତ୍ତାଳାପ କରିବା ପରେ ନରବାହନଦତ୍ତ ସେଠାରେ ପାନଭୋଜନ ଶେଷ କରି ସ୍ୱଭବନକୁ ଫେରିଆସିଲେ । ଏକାକୀ ହେବା ଫଳରେ ତାଙ୍କ ମନ ପୁଣି ଶକ୍ତିଯଶାଙ୍କ ପାଇଁ ଉତ୍ସୁକ ହୋଇଉଠିଲା । ଏ ସମୟରେ ମନ୍ତ୍ରୀ ଗୋମୁଖ ଆସି ସେଠାରେ ଉପସ୍ଥିତ ହେଲେ । ଯୁବରାଜଙ୍କ ମାନସିକ ଅବସ୍ଥା ତାଙ୍କର ଅଜ୍ଞାତ ନଥିଲା । ବୁଦ୍ଧିମାନ୍ ଗୋମୁଖ ନିଜ ପ୍ରଭୁଙ୍କ ମନୋବେଦନା ଦୂର କରି ତାଙ୍କର ମନୋରଞ୍ଜନ ନିମିତ୍ତ ଗଳ୍ପଟିଏ ଶୁଣାଇବା ଆରମ୍ଭ କଲେ ।

କାକ ଓ ଉଲ୍ଲୁକ କଥା

କୌଣସି ଅରଣ୍ୟ ମଧ୍ୟରେ ଏକ ବିଶାଳ ବଟବୃକ୍ଷ ଥିଲା । ତା'ଉପରେ ଆଶ୍ରୟ ନେଉଥିବା ପକ୍ଷୀମାନଙ୍କର ମଧୁର କାକଳି ଶୁଣିଲେ ମନେ ହେଉଥିଲା ସତେ ଯେପରି ବୃକ୍ଷଟି ପକ୍ଷୀମାନଙ୍କୁ ଆଶ୍ରୟ ଦେବା ପାଇଁ ଆହ୍ୱାନ କରୁଛି । ସେହି ବଟଗଛ ଉପରେ କାକମାନଙ୍କର ରାଜା ମେଘବର୍ଣ୍ଣ ନୀଡ଼ଟିଏ ନିର୍ମାଣ କରି ବାସ କରୁଥାଏ । ଉଲ୍ଲୁକମାନଙ୍କର ରାଜା ଅବମର୍ଦ୍ଦ ତାର ପ୍ରବଳ ଶତ୍ରୁ । ଦିନେ ରାତ୍ରିରେ ଅବମର୍ଦ୍ଦ ସେଠାକୁ ଆସି ବହୁ କୁଆଙ୍କୁ ମାରି ସେମାନଙ୍କ ରାଜାଙ୍କୁ ଅପମାନିତ କରି ଚାଲିଗଲା । ରାତ୍ରି ପ୍ରଭାତ ହେବାରୁ ମେଘବର୍ଣ୍ଣ ତା'ର ମନ୍ତ୍ରୀମାନଙ୍କୁ ଡାକି ଏହି ଦୁଃସମ୍ବାଦ ଦେବା ସଙ୍ଗେ ସଙ୍ଗେ କହିଲା, 'ଆମର ସେହି ଶତ୍ରୁ ଅବମର୍ଦ୍ଦ ଆମ ରହିବା ସ୍ଥାନ ଜାଣିଗଲାଣି । ସେ ଆମ ଅପେକ୍ଷା ଅଧିକ ବଳବାନ୍ । ତେଣୁ ଆମକୁ ସେ ବାରମ୍ବାର ଆକ୍ରମଣ କରିବ । ଏହାର ପ୍ରତିକାର ସମ୍ପର୍କରେ ତୁମେମାନେ କିଛି ଚିନ୍ତା କର ।'

Digitized by srujanika@gmail.com

କାକରାଜ ମେଘବର୍ଣ୍ଣର ଥିଲେ ପାଞ୍ଚଜଣ ମନ୍ତ୍ରୀ – ଉଡ୍ଡୀବୀ, ଆଡ଼ୀବୀ, ସଂଡ଼ୀବୀ, ପ୍ରଡ଼ୀବୀ ଏବଂ ଚିରଞ୍ଜୀବୀ । ଏମାନେ ରାଜାଙ୍କର କଥା ଶୁଣି ନିଜ ନିଜର ମନ୍ତବ୍ୟ ଦେବା ଆରମ୍ଭ କଲେ । ଉଡ୍ଡୀବୀ କହିଲା, 'ସ୍ୱାମୀ, ଶତ୍ରୁ ଯଦି ବଳବାନ୍, ତେବେ ଅନ୍ୟ ଦେଶରେ ଆଶ୍ରୟ ନେବା ଉଚିତ । କିମ୍ବା ଆକ୍ରମଣ ନକରିବା ପାଇଁ ତାକୁ ଅନୁନୟ ବିନୟ କରିବା ଆବଶ୍ୟକ ।' ଏହାଶୁଣି ଆଡ଼ୀବୀ କହିଲା –

'ବର୍ତ୍ତମାନ ତା'ଠାରୁ ଏତେ ଭୟ ନାହିଁ । ଶତ୍ରୁର ଅଭିପ୍ରାୟ ଏବଂ ନିଜର ଶକ୍ତି ଅନୁମାନ କରି କାର୍ଯ୍ୟାନୁଷ୍ଠାନ କରିବା ବିଧେୟ ।' ସଂଡ଼ୀବୀ ମଧ୍ୟ ନିଜର ସୁଚିନ୍ତିତ ମତ ବ୍ୟକ୍ତ କରି କହିଲା, 'ସ୍ୱାମୀ, ମୃତ୍ୟୁବରଣ କରିବା କିମ୍ବା ବିଦେଶରେ ଯାଇ ବାସ କରିବା ଭଲ, କିନ୍ତୁ ଶତ୍ରୁ ନିକଟରେ ମୁଣ୍ଡ ନୁଆଁଇବା ଶୋଭନୀୟ ନୁହେଁ । ଆମର କ୍ଷତି କରୁଥିବା ଶତ୍ରୁ ସହିତ ଯୁଦ୍ଧ କରିବା ଉଚିତ । ଅନ୍ୟଠାରୁ ସାହାଯ୍ୟ ଲାଭ କରୁଥିବା ଶୂର ଏବଂ ଉତ୍ସାହୀ ରାଜା ଶତ୍ରୁମାନଙ୍କ ଉପରେ ନିଶ୍ଚିତ ଭାବେ ବିଜୟ ଲାଭ କରିଥାଏ ।' ଏହାପରେ ପ୍ରଡ଼ୀବୀ କହିଲା, 'ଆମର ଶତ୍ରୁ ଅତ୍ୟନ୍ତ ବଳବାନ୍ । ତାକୁ ଯୁଦ୍ଧରେ ଜୟ କରିବା ସମ୍ଭବ ନୁହେଁ । ବର୍ତ୍ତମାନ ତା'ସହିତ ସନ୍ଧିକରି ପରବର୍ତ୍ତୀ ସମୟରେ ଅବସର ଦେଖି ତାକୁ ହତ୍ୟା କରିବା ଉଚିତ ହେବ ।' ଶେଷରେ ଚିରଞ୍ଜୀବୀ ନିଜର ମତଦେଇ କହିଲା, ''ସନ୍ଧିପାଇଁ ଦୂତ କିଏ ହେବ ? ସନ୍ଧିର ସର୍ତ୍ତ କ'ଣ ହେବ ? କାକ ଓ ଉଲୁକମାନଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟିର ପ୍ରାରମ୍ଭ କାଳରୁ ରହିଆସିଛି । ତା' ଭିତରେ କିଏ ପଡ଼ିବ ? ଏହି କାର୍ଯ୍ୟ ମନ୍ତ୍ରଦ୍ୱାରା ସିଦ୍ଧ ହୋଇପାରେ । କାରଣ ରାଜ୍ୟଶାସନର ମୂଳ ହେଉଛି ମନ୍ତ୍ର ।''

ମନ୍ତ୍ରୀମାନଙ୍କଠାରୁ ଏହାଶୁଣି ମେଘବର୍ଣ୍ଣ ଚିରଞ୍ଜୀବୀକୁ କହିଲା, ''ତୁମେ ବୃଦ୍ଧ, ଅନୁଭବୀ, ତେଣୁ କାକ ଓ ଉଲୁକମାନଙ୍କ ମଧ୍ୟରେ ଶତ୍ରୁତାର ମୂଳ କାରଣ ତମେ ହିଁ କହିପାରିବ । ତା'ପରେ ମନ୍ତ୍ର କଥା ଚିନ୍ତା କରିବା ।'' ଏହା ଶୁଣି ଚିରଞ୍ଜୀବୀ ଉତ୍ତରରେ କହିଲା ଯେ ଏ ସମସ୍ତ ଶତ୍ରୁତାର ମୂଳ କାରଣ ବାକ୍‌ଦୋଷ ଅର୍ଥାତ୍ ସେମାନେ ପ୍ରତ୍ୟେକେ ଉଚ୍ଚାରଣ କରୁଥିବା ଶବ୍ଦ ହିଁ ଏହାର ମୂଳ କାରଣ । ଏ ସମ୍ପର୍କରେ ସେ ଗଧମାନଙ୍କର ଗୋଟିଏ ଗଳ୍ପ ଶୁଣାଇବା ଆରମ୍ଭ କଲା –

ବ୍ୟାଘ୍ର ଚର୍ମାବୃତ ଗର୍ଦ୍ଦଭ କଥା

କୌଣସି ଜଣେ ଧୋବାର ଗୋଟିଏ ଗଧ ଥାଏ । ସେ ତାକୁ ଠିକ୍ ଭାବେ ଖାଇବା ପିଇବା ଦେଇ ନପାରିବା ଯୋଗୁଁ ଗଧଟି କ୍ରମେ କ୍ରମେ ଦୁର୍ବଳ ହୋଇପଡ଼ିଲା । ତାକୁ ହୃଷ୍ଟପୁଷ୍ଟ

Digitized by srujanika@gmail.com

କରିବା ପାଇଁ ଧୋବା ତା' ଉପରେ ଏକ ବାଘର ଚମଡ଼ା ବାନ୍ଧିଦେଇ ତାକୁ ଅନ୍ୟର ଶସ୍ୟ କ୍ଷେତ୍ରରେ ଛାଡ଼ିଦେଲା । ଗଧ ଆନନ୍ଦ ମନରେ କୋମଳ ଶସ୍ୟ ସବୁ ଚରୁଥାଏ । ତାକୁ ବାଘ ବୋଲି ଭାବି କେହି ପ୍ରତିରୋଧ କରନ୍ତି ନାହିଁ । କିଛିଦିନ ପରେ ଜଣେ ଧନୁର୍ଦ୍ଧାରୀ କୃଷକ ତାକୁ ଦେଖି ହଠାତ୍ ଭୟଭୀତ ହୋଇପଡ଼ିଲା । ତା'ଠାରୁ ରକ୍ଷା ପାଇବା ପାଇଁ ସେ ନିଜର କଳା ରଙ୍ଗର କମ୍ବଳ ଦ୍ୱାରା ଶରୀରକୁ ଆବୃତ କରି ଏବଂ ଆଣ୍ଠୁ ଉପରେ ଭରାଦେଇ ସେଠାରୁ ଦୂରେଇଯିବା ପାଇଁ ଚେଷ୍ଟା କଲା । କୃଷକଟିର ଏପ୍ରକାର ରୂପ ଏବଂ ଚାଲିବାର ଭଙ୍ଗୀ ଦେଖି ବାଘର ଚମଡ଼ା ଭିତରେ ଥିବା ଗଧଟି ଏହାକୁ ଅନ୍ୟ ଏକ ଗଧ ବୋଲି ମନେକଲା । ତେଣୁ ନିଜର ସ୍ୱାଭାବିକ ସ୍ୱରରେ ଆହାର କରିବା ପାଇଁ ତାକୁ ନିମନ୍ତ୍ରଣ ଜଣାଇଲା । ଗଧର ସ୍ୱର ଶୁଣି କୃଷକଟି ତା'ର ପ୍ରକୃତ ପରିଚୟ ପାଇ ତାକୁ ଧନୁଶର ଦ୍ୱାରା ହତ୍ୟା କଲା । ଏହିପରି ନିଜର ଉଚ୍ଚାରିତ ଶବ୍ଦହିଁ ତା'ର ମୃତ୍ୟୁର କାରଣ ହେଲା । ଆମ୍ଭମାନଙ୍କ ସହିତ ଉଲ୍ଲୁକମାନଙ୍କ ଶତ୍ରୁତାର ଏହାହିଁ ମୂଳ କାରଣ ।

ପୂର୍ବେ କୌଣସି ସମୟରେ ପକ୍ଷୀମାନଙ୍କର ରାଜ୍ୟ ଅରାଜକ ହୋଇପଡ଼ିଥିଲା । ତେଣୁ ପକ୍ଷୀମାନେ ଏକତ୍ର ହୋଇ ଉଲ୍ଲୁକକୁ ରାଜପଦରେ ଅଭିଷିକ୍ତ କରାଇବା ପାଇଁ ଉଦ୍ୟମ କଲେ । ସମସ୍ତ ପକ୍ଷୀସମାଜ ଛତ୍ର ଚାମର ପ୍ରଭୃତି ଧରି ଅଭିଷେକ କାର୍ଯ୍ୟ ଆରମ୍ଭ କଲାବେଳେ ଆକାଶମାର୍ଗରେ ଯାଉଥିବା କୌଣସି କାକ ସେମାନଙ୍କୁ ଉଦ୍ଦେଶ୍ୟ କରି କହିଲା, ''ରେ ମୂର୍ଖ ପକ୍ଷୀମାନେ, ତମ ଭିତରେ ହଂସ କୋକିଳ ପରି ଆଉ ପକ୍ଷୀ କ'ଣ ନାହାନ୍ତି । ରାଜା କରିବା ପାଇଁ ତମକୁ କ'ଣ ଏହି ପାପୀ, ଅମଙ୍ଗଳସୂଚକ, ଖର୍ବ ଏବଂ ଲାବଣ୍ୟହୀନ ଆକୃତି ବିଶିଷ୍ଟ ଉଲ୍ଲୁକ ଛଡ଼ା ଆଉ କେହି ମିଳିଲେ ନାହିଁ । ତୁମକୁ ଓ ତୁମର ଭାବୀ ସମ୍ରାଟଙ୍କୁ ଧିକ୍ । କୌଣସି ପ୍ରଭାବଶାଳୀ ବ୍ୟକ୍ତିକୁ ରାଜପଦରେ ଅଭିଷିକ୍ତ କରିବା ଉଚିତ । କାରଣ ରାଜାମାନଙ୍କର ନାମ ହିଁ ସମସ୍ତ ଅଭିଳାଷ ସିଦ୍ଧ କରିଥାଏ । ଏ ସମ୍ପର୍କରେ ତୁମମାନଙ୍କୁ ଗୋଟିଏ ଗଳ୍ପ କହୁଛି, ଶୁଣ –

ଗଜ ଶଶକ କଥା

କୌଣସି ସ୍ଥାନରେ ଚନ୍ଦ୍ରସର ନାମକ ଏକ ସ୍ୱଚ୍ଛ ଜଳପୂର୍ଣ୍ଣ ବିଶାଳ ସରୋବର ଥିଲା । ଏହାର ତୀରଦେଶରେ ଶିଳୀମୁଖ ନାମରେ ଶଶକମାନଙ୍କର ଜଣେ ରାଜା ରହୁଥିଲା । ଅନାବୃଷ୍ଟି ଯୋଗୁଁ ଥରେ ସେହି ଅଞ୍ଚଳର ସମସ୍ତ ନଦୀ ଓ ସରୋବର ଶୁଖିଯିବାରୁ ହାତୀମାନେ ଏହି ଚନ୍ଦ୍ରସରକୁ ଜଳପାନ କରିବା ପାଇଁ ଆସୁଥା'ନ୍ତି । ଏହି ଗଜଯୂଥର ଅଧିପତି ଚତୁର୍ଦ୍ଦନ୍ତ । ହସ୍ତୀମାନଙ୍କର ଆଗମନ ଫଳରେ ବହୁ ଶଶକ ସେମାନଙ୍କ

Digitized by srujanika@gmail.com

ପାଦତଳେ ଦଳିଚ଼କଟି ହୋଇଯା'ନ୍ତି । ଦିନେ ହାତୀମାନେ ଚାଲିଯିବା ପରେ ଶଶକରାଜ ଶିଳୀମୁଖ ସବୁ ଶଶକଙ୍କ ଏକ ବୈଠକ ଡକାଇ ବିଜୟ ନାମକ ଗୋଟିଏ ବୁଦ୍ଧିମାନ ଶଶକକୁ କହିଲା, ''ଏହି ଗଜରାଜ ଅତ୍ୟନ୍ତ ବଳବାନ୍ । ସେ ବାରମ୍ବାର ତା'ର ବନ୍ଧୁ ଓ ଅନୁଚ଼ରମାନଙ୍କୁ ନେଇ ଏହି ସରୋବରକୁ ଜଳପାନ ନିମିତ୍ତ ନିଶ୍ଚିତ ଭାବେ ଆସିବ । ସେମାନଙ୍କର ପାଦତଳେ ନିଷ୍ପେଷିତ ହୋଇ ଆମେସବୁ ନିଃଶେଷ ହୋଇଯିବା । ଏଣୁ ଏ ସମ୍ପର୍କରେ କିଛି ଉପାୟ ଚିନ୍ତା କରିବା ଆବଶ୍ୟକ । ତୁ ତ ସବୁ କାର୍ଯ୍ୟ ଓ କୌଶଳରେ ଧୁରନ୍ଧର । ତୋର ବାକ୍‌ଚାତୁରୀ ମଧ୍ୟ ଚମତ୍କାର । ତେଣୁ ତୁ ବର୍ତ୍ତମାନ୍ ସେହି ଚତୁର୍ଦ୍ଦନ୍ତ ନିକଟକୁ ଯାଆ । କିଛି କୌଶଳ କାର୍ଯ୍ୟକାରୀ ହୋଇପାରୁଛି କି ନାହିଁ ଦେଖ । ତୁ ଯେଉଁ କାର୍ଯ୍ୟରେ ଯାଇଛୁ ସେଥିରେ ଆମର ଶୁଭ ହିଁ ହୋଇଛି ।'' ଏହା କହି ଶିଳୀମୁଖ ଅନୁଚ଼ର ବିଜୟକୁ ଦୂତରୂପେ ଚତୁର୍ଦ୍ଦନ୍ତ ନିକଟକୁ ପ୍ରେରଣ କଲା ।

ବିଜୟ ହସ୍ତୀମାନଙ୍କର ପଦଚିହ୍ନକୁ ଅନୁସରଣ କରି ଚତୁର୍ଦ୍ଦନ୍ତର ନିକଟବର୍ତ୍ତୀ ହେଲା । ଏହି ବିଶାଳକାୟ ହସ୍ତୀ ସହିତ ଯେକୌଣସି ରୂପେ ବାର୍ତ୍ତାଳାପ କରିବାର ଅଭିଳାଷ ନେଇ ବିଜୟ ନିକଟରେ ଥିବା ଗୋଟିଏ ପାହାଡ଼ର ଶିଖର ଉପରକୁ ଚଢ଼ିଗଲା । ସେଠାରୁ ଚତୁର୍ଦ୍ଦନ୍ତକୁ କହିଲା, ''ମୁଁ ରାଜା ଚନ୍ଦ୍ରମାଙ୍କ ଦୂତ ବିଜୟ । ଭଗବାନ୍ ଚନ୍ଦ୍ର ମୋ ଦ୍ୱାରା ତୁମ ପାଇଁ ଏହି ସନ୍ଦେଶ ପ୍ରେରଣ କରିଛନ୍ତି ଯେ ଚନ୍ଦ୍ରସର ନାମକ ଶୀତଳ ସରୋବର ତାଙ୍କର ନିବାସ ସ୍ଥାନ । ତା'ର ତଟରେ ରହୁଥିବା ଶଶକମାନେ ତାଙ୍କର ଅତ୍ୟନ୍ତ ପ୍ରିୟ । ତେଣୁ ତାଙ୍କ ନାମ ଶୀତାଂଶୁ ଓ ଶଶୀ । ତୁମେ ଏହି ସରୋବରକୁ କର୍ଦ୍ଦମାକ୍ତ କରିଦେଇଛ ଏବଂ ତାଙ୍କର ପ୍ରିୟ ଶଶକମାନଙ୍କୁ ପାଦରେ ଦଳି ମାରିଦେଇଛ । ଯଦି ତୁମେ ପୁଣି ଏହା କର ତା'ହେଲେ ଉପଯୁକ୍ତ ଦଣ୍ଡ ପାଇବା ପାଇଁ ପ୍ରସ୍ତୁତ ରହିବ ।'' ଦୂତଠାରୁ ଏହି ସନ୍ଦେଶ ଶୁଣି ଗଜରାଜ ଚତୁର୍ଦ୍ଦନ୍ତ ଭୟଭୀତ ହୋଇ କହିଲା, ''ମୁଁ କଦାପି ଆଉ ଏପରି କରିବି ନାହିଁ । ଭଗବାନ ଚନ୍ଦ୍ରମା ମୋର ପୂଜ୍ୟ । ଦୟାକରି ମୋତେ ତାଙ୍କର ଦର୍ଶନ କରାଇଦିଅ । ମୁଁ ତାଙ୍କୁ ପ୍ରାର୍ଥନା କରିବି ।'' ଏହା ଶୁଣି ବିଜୟ ତାକୁ ନେଇଯାଇ ରାତ୍ରିକାଳରେ ଚନ୍ଦ୍ରସରର ସ୍ୱଚ୍ଛ ଜଳରାଶିରେ ପ୍ରତିବିମ୍ବିତ ଚନ୍ଦ୍ରଙ୍କ ଦର୍ଶନ କରାଇଲା । ଗଜରାଜ ତାଙ୍କୁ ଦେଖି ଭୟରେ ଥରିଉଠିଲା ଏବଂ ଚନ୍ଦ୍ରଙ୍କୁ ପ୍ରଣାମ କରି କ୍ଷମାପ୍ରାର୍ଥନା କଲା । ସେହିଦିନଠାରୁ ହାତୀମାନେ ଚନ୍ଦ୍ରସର ନିକଟକୁ ଆଉ କେବେ ଆସିନାହାନ୍ତି ।

ବିଜୟର ବୁଦ୍ଧିମତ୍ତା ଓ କର୍ମକୁଶଳତା ଦେଖି ଶିଳୀମୁଖ ଅତ୍ୟନ୍ତ ପ୍ରୀତ ହେଲା ଏବଂ ତାକୁ ବହୁଳ ଭାବେ ପୁରସ୍କୃତ କରି ନିର୍ଭୟରେ ଚନ୍ଦ୍ରସର ତଟରେ ବାସ କରିବାକୁ ଲାଗିଲା ।

Digitized by srujanika@gmail.com

ଏହା କହି କାକ ପୁଣି ପକ୍ଷୀମାନଙ୍କୁ କହିଲା, ''ରାଜା ଏହିପରି ହେବା ଉଚିତ । ରାଜାଙ୍କ ନାମ ଶ୍ରବଣରେ ପ୍ରଜାମାନଙ୍କର ସମସ୍ତ ଦୁଃଖ ଦୂର ହୋଇଯିବା ଆବଶ୍ୟକ । ସେଥିପାଇଁ ଏହି ଆକୃତିରେ କ୍ଷୁଦ୍ର ଏବଂ ଦିନରେ ଅନ୍ଧ ଉଲ୍ଲୁକକୁ ତୁମେ ରାଜା କରିବା ପାଇଁ କିପରି ଚିନ୍ତା କରୁଛ । ସବୁ କ୍ଷୁଦ୍ର ବ୍ୟକ୍ତି ଅବିଶ୍ୱାସୀ । ଏ ସମ୍ପର୍କରେ ଆଉ ଗୋଟିଏ କଥା କହୁଛି, ଶୁଣ –

କପିଞ୍ଜଳ ଓ ଠେକୁଆ କଥା

ପୂର୍ବେ କୌଣସି ବୃକ୍ଷ ଉପରେ ଗୋଟିଏ କୁଆ ବସାବାନ୍ଧି ରହିଥାଏ । ସେହି ବୃକ୍ଷର ପାଦଦେଶରେ ଅନ୍ୟ ଗୋଟିଏ ପକ୍ଷୀ ମଧ୍ୟ ନିଜର ନୀଡ଼ ନିର୍ମାଣ କରି ରହିଥାଏ । ପକ୍ଷୀଟିର ନାମ କପିଞ୍ଜଳ । ଏକଦା କପିଞ୍ଜଳ ସେହି ବୃକ୍ଷଠାରୁ ଦୂରକୁ ଚାଲିଯାଇ ବହୁଦିନ ପର୍ଯ୍ୟନ୍ତ ଫେରିଲା ନାହିଁ । ତା'ର ନୀଡ଼ଟି ଶୂନ୍ୟ ପଡ଼ିବାରୁ ଗୋଟିଏ ଠେକୁଆ ଆସି ସେଠାରେ ରହିବା ଆରମ୍ଭ କଲା । କିଛିଦିନ ପରେ କପିଞ୍ଜଳ ଫେରି ଆସିବାରୁ ସେହି ନୀଡ଼କୁ ନେଇ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହେଲା । ସେମାନେ ଏହାର ସମାଧାନ କରିବା ପାଇଁ ଜଣେ ମଧ୍ୟସ୍ଥ ନିର୍ଣ୍ଣୟ କଲେ । ମୁଁ ମଧ୍ୟ କୌତୂହଳବଶତଃ ଗୋପନରେ ସେମାନଙ୍କର ଅନୁସରଣ କଲି । କିଛି ଦୂରଯାଇ ଉଭୟେ ଗୋଟିଏ ସରୋବର ତଟରେ ମିଥ୍ୟା ଅହିଂସା ବ୍ରତ ଆଚରଣ କରୁଥିବା ଏବଂ ମିଥ୍ୟା ଧ୍ୟାନରେ ଅର୍ଦ୍ଧନିମୀଳିତ ନେତ୍ରରେ ବସିଥିବା ଏକ ବିରାଡ଼ି ନିକଟରେ ପହଞ୍ଚିଲେ । ଏହାକୁ ପ୍ରକୃତ ମଧ୍ୟସ୍ଥ ଭାବି ସେମାନେ ତା' ନିକଟକୁ ଯାଇ ନିବେଦନ କଲେ ଭଗବନ୍, ତୁମେ ଅତ୍ୟନ୍ତ ନ୍ୟାୟବାନ୍, ଧାର୍ମିକ ଏବଂ ତପସ୍ୱୀ । ଦୟାକରି ଆମ୍ଭମାନଙ୍କ ମଧ୍ୟରେ ଲାଗିଥିବା କଳହର ଉଚିତ ସମାଧାନ କରନ୍ତୁ ।' ଏହାଶୁଣି ବିରାଡ଼ିଟି ଅତି ସ୍ୱଳ୍ପ ଶବ୍ଦ ମଧ୍ୟରେ ସେମାନଙ୍କୁ କହିଲା, 'ମୁଁ ତପସ୍ୟାରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବା ଯୋଗୁଁ ଭଲ ଶୁଣିପାରୁ ନାହିଁ । ତେଣୁ ଉଭୟେ ମୋ ନିକଟକୁ ଆସ । ଉଚିତ ନ୍ୟାୟ ନଦେଲେ ମୋର ଇହକାଳ ଓ ପରକାଳ ନଷ୍ଟ ହେବ ।' ସେମାନେ ତା'କଥାରେ ବିଶ୍ୱାସ କରି ନିକଟତର ହେବାରୁ ବିରାଡ଼ି ଉଭୟଙ୍କୁ ଏକାସଙ୍ଗେ ମାରି ଖାଇଗଲା ।

ଏଣୁ ନୀଚ଼କର୍ମା ଦୁର୍ଜ୍ଜନମାନଙ୍କୁ ବିଶ୍ୱାସ କରିବା ଉଚିତ ନୁହେଁ ।

ତଦେବଂ ନାସ୍ତି ବିଶ୍ୱାସଃ କ୍ଷୁଦ୍ର କର୍ମଣି ଦୁର୍ଜନେ ।

ଏ ଦୃଷ୍ଟିରୁ ଏହି ଦୁଷ୍ଟ ଉଲ୍ଲୁକକୁ ରାଜା ରୂପେ ଗ୍ରହଣ କରନାହିଁ ।'

Digitized by srujanika@gmail.com

କାକ ଠାରୁ ଏହାଶୁଣି ପକ୍ଷୀମାନେ ଉଲ୍ଲୁକକୁ ସେଠାରେ ଏକାକୀ ଛାଡ଼ି ଯିଏ ଯୁଆଡ଼େ ଉଡ଼ିଗଲେ । ଏହାପରେ ଉଲ୍ଲୁକ ଆକାଶ ମାର୍ଗରେ ଥିବା କାକକୁ ଲକ୍ଷ୍ୟ କରି କହିଲା, 'ଆଜିଠାରୁ ତୁମେ ଓ ଆମେ ପରସ୍ପରର ଶତ୍ରୁ ହେଲେ । ଏବେ ମୁଁ ଯାଉଛି । କିନ୍ତୁ ଏହି ଶତ୍ରୁତା ସବୁବେଳେ ମନେ ରଖିଥିବ ।'

କାକକୁ ଏହିପରି କହି ଉଲ୍ଲୁକ କ୍ରୋଧାନ୍ୱିତ ଭାବେ ସେଠାରୁ ଉଡ଼ିଗଲା । କାକ ମଧ୍ୟ 'ଠିକ୍ ଅଛି' କହି ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲା । କଥା କଥାରୁ ଉତ୍ପନ୍ନ ଅସହ୍ୟ ଶତ୍ରୁତା ପାଇଁ କେବେ ପଶ୍ଚାତ୍ତାପ ଆସେନାହିଁ । ଏହିପରି କେବଳ କଥା କହିବାର ଅପରାଧରୁ ଆମ୍ଭମାନଙ୍କ ଭିତରେ ଶତ୍ରୁତା ସୃଷ୍ଟି ହୋଇଛି । କାକରାଜ ମେଘବର୍ଣ୍ଣକୁ ଏହା କହି ମନ୍ତ୍ରୀ ଚିରଞ୍ଜୀବୀ ପୁଣି ଉପଦେଶ ଛଳରେ କହିବା ଆରମ୍ଭ କଲା –

'ମହାରାଜ, ସେହି ଉଲ୍ଲୁକମାନଙ୍କର ସଂଖ୍ୟା ଆମ ଅପେକ୍ଷା ବହୁତ ଅଧିକ; ସେମାନେ ଆମ ଅପେକ୍ଷା ଅଧିକ ବଳବାନ୍ । ଏଣୁ ଯୁଦ୍ଧରେ ସେମାନଙ୍କୁ ଜିଣିବା ଆମ ପକ୍ଷରେ ସମ୍ଭବ୍ ନୁହେଁ । ସଂଖ୍ୟାଗରିଷ୍ଠତା ସବୁବେଳେ ବିଜୟ ହାସଲ କରିଥାଏ ।

ବହବୋ ହି ଜୟନ୍ତୀହ ।

ଏ ସମ୍ପର୍କରେ ଗୋଟିଏ ଉଦାହରଣ ଶୁଣନ୍ତୁ –

ବ୍ରାହ୍ମଣ ଓ ଧୂର୍ତ୍ତ କଥା

କୌଣସି ଜଣେ ବ୍ରାହ୍ମଣ ଗୋଟିଏ ଛେଳି କିଣି ତାକୁ ନିଜ କାନ୍ଧରେ ବସାଇ ଯାଉଥାଏ । ରାସ୍ତାରେ କିଛି ଧୂର୍ତ୍ତ ବ୍ରାହ୍ମଣଠାରୁ ଏହି ଛେଳିଟିକୁ ଠକି ନେବା ପାଇଁ ଚିନ୍ତା କରି ତା' ନିକଟରେ ଯାଇ ପହଞ୍ଚିଲେ । ସେମାନଙ୍କ ମଧ୍ୟରୁ ଜଣେ ସମ୍ଭ୍ରମର ସହିତ କହିଲା, ''ବ୍ରାହ୍ମଣ ଦେବତା, ଆପଣ ଏହି କୁକୁରଟିକୁ କାନ୍ଧରେ କାହିଁକି ବସାଇଛନ୍ତି ? ଦୟାକରି ଓହ୍ଲାଇ ଦିଅନ୍ତୁ ।''

ତା'ର କଥାରେ କାନ ନଦେଇ ବ୍ରାହ୍ମଣ ଆଗକୁ ଅଗ୍ରସର ହେଲେ । କିଛି ଦୂର ଗଲାପରେ ଆଉ ଦୁଇଜଣ ଧୂର୍ତ୍ତ ତାଙ୍କ ନିକଟକୁ ଆସି ତାଙ୍କୁ ଅନୁରୂପ ଭାବେ କହି ଛେଳିଟିକୁ କାନ୍ଧରୁ ଓହ୍ଲାଇ ଦେବାପାଇଁ ଅନୁରୋଧ ଜଣାଇଲେ । ତଥାପି ବ୍ରାହ୍ମଣ ସେମାନଙ୍କ କଥାରେ ଭାସି ନଯାଇ ନିଜ ମାର୍ଗରେ ଚାଲିବାକୁ ଲାଗିଲେ । ଆଉ କିଛି ଦୂର ଗଲାପରେ ଆଉ ତିନିଜଣ ଧୂର୍ତ୍ତ ତାଙ୍କ ନିକଟକୁ ଆସି ଏକା ସାଙ୍ଗରେ କହିଲେ, ''ଆପଣ ବ୍ରାହ୍ମଣ ନା ବ୍ୟାଧ । ଏହି କୁକୁର ସାହାଯ୍ୟରେ ଶିକାର କରି ମାଂସ ବିକ୍ରୟପୂର୍ବକ ଜୀବିକା ନିର୍ବାହ

Digitized by srujanika@gmail.com

କରୁଛନ୍ତି ?'' ଏହା ଶୁଣି ବ୍ରାହ୍ମଣ ମନେ ମନେ ଚିନ୍ତା କଲେ ଯେ କୌଣସି ପ୍ରେତାତ୍ମା ବୋଧହୁଏ ତାଙ୍କର ଚକ୍ଷୁବନ୍ଧନ କରିଦେଇଥିବା ଯୋଗୁଁ କୁକୁରଟି ତାଙ୍କୁ ଛେଳି ବୋଲି ମନେ ହୋଇଛି । ନୋଚେତ୍ ଏତେଗୁଡ଼ିଏ ଲୋକ କାହିଁକି ଏପରି ମିଛ କଥା କହିଥାନ୍ତେ । ଏହିପରି ଚିନ୍ତାକରି ସେ ଛେଳିଟିକୁ ସେଠାରେ ଛାଡ଼ିଦେଇ ସ୍ନାନପୂର୍ବକ ସ୍ୱଗୃହକୁ ଫେରିଗଲେ ।'

ଏହାକହି ଚିରଞ୍ଜୀବୀ ମେଘବର୍ଣ୍ଣଙ୍କୁ ଅନୁରୋଧ କଲା, 'ମହାରାଜ, ସଂଖ୍ୟାଗରିଷ୍ଠ ଓ ବଳବାନ୍ ସର୍ବଦା ଦୁର୍ଜୟ । ତେଣୁ ଏହି ବଳବାନ୍ ଶତ୍ରୁର ବିରୋଧ କରିବା ପାଇଁ ମୁଁ ଯାହା କହୁଛି, ତାହା କରନ୍ତୁ । ଆପଣମାନେ ମୋର ପକ୍ଷରୁ କିଛି ଅଂଶ କାଟିଦେଇ ମୋତେ ଏହି ଗଛ ତଳେ ଛାଡ଼ି ପାହାଡ଼ ଉପରକୁ ଚାଲିଯାନ୍ତୁ । ମୁଁ ମୋର କାର୍ଯ୍ୟରେ ସଫଳତା ଲାଭ କରି ଫେରିଆସୁଛି ।' ଏହାଶୁଣି କାକରାଜ ମେଘବର୍ଣ୍ଣ ଛଦ୍ମକ୍ରୋଧ ପ୍ରକାଶ ପୂର୍ବକ ଚିରଞ୍ଜୀବୀକୁ କ୍ରୋଧରେ ତା'ର କିଛି ପକ୍ଷ ଛେଦନ କରି ବୃକ୍ଷ ଉପରୁ ତଳକୁ ଫୋପାଡ଼ି ଦେଲା ଏବଂ ସେଠାରୁ ନିଜର ଦଳବଳ ସହିତ ପାହାଡ଼ ଉପରକୁ ଉଡ଼ିଗଲା ।

ଚିରଞ୍ଜୀବୀ ସେଠାରେ ସେହିପରି ଭାବରେ ପଡ଼ିଥାଏ । ରାତିରେ ଉଲ୍ଲୁକରାଜ ଅବମର୍ଦ୍ଦ ସେଠାକୁ ଆସି ଦେଖିଲା ଯେ ବୃକ୍ଷ ଉପରେ ଗୋଟିଏ ବୋଲି କୁଆ ନାହାନ୍ତି । ତଳେ ପଡ଼ିଥିବା ଚିରଞ୍ଜୀବୀ ଧୀରେ ଧୀରେ କରୁଣ ଶବ୍ଦ ପ୍ରକାଶ କରୁଛି । ତାକୁ ଏ ଅବସ୍ଥାରେ ଦେଖି ଅବମର୍ଦ୍ଦ ତା' ନିକଟକୁ ଆସି ତା'ର ପରିଚୟ ଓ ଏପରି ଅବସ୍ଥାରେ ଆସି ପଡ଼ିବାର କାରଣ ଜିଜ୍ଞାସା କଲା । ଏହାକୁ ଉପଯୁକ୍ତ ସୁଯୋଗ ଭାବି ଚିରଞ୍ଜୀବୀ ଅତ୍ୟନ୍ତ ବେଦନାର ଅଭିନୟ କରି କ୍ଷୀଣ ସ୍ୱରରେ କହିଲା, 'ମୁଁ କାକରାଜ ମେଘବର୍ଣ୍ଣଙ୍କ ଅନ୍ୟତମ ସଚିବ ଚିରଞ୍ଜୀବୀ । ସେ ଅନ୍ୟ ମନ୍ତ୍ରୀମାନଙ୍କ ମନ୍ତ୍ରଣାରେ ପଡ଼ି ତୁମ ଉପରେ ଆକ୍ରମଣ କରିବା ପାଇଁ ଚାହୁଁଥିଲେ । ମୁଁ ସେମାନଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଭର୍ତ୍ସନାପୂର୍ବକ କହିଲି ଯେ ତୁମେମାନେ ଯଦି ମୋର ମନ୍ତ୍ରଣା ଚାହଁ ଏବଂ ମୋର ଉପଦେଶକୁ ଅପେକ୍ଷା କର ତେବେ ନୀତି ଅନୁଯାୟୀ ଆମ୍ଭେମାନେ ଉଲ୍ଲୁକରାଜଙ୍କ ବିରୋଧ କରିବା ଉଚିତ ନୁହେଁ; ବରଂ ଅନୁନୟ ବିନୟ ଦ୍ୱାରା ତାଙ୍କୁ ସନ୍ତୁଷ୍ଟ କରିବା ଅଧିକ ଉଚିତ ହେବ । ଏହାଶୁଣି ମୋତେ ଶତ୍ରୁର ପକ୍ଷପାତୀ ବୋଲି କହି ମେଘବର୍ଣ୍ଣଙ୍କ ଅନୁଚରମାନେ କ୍ରୋଧରେ ପ୍ରହାର କଲେ ଏବଂ ଏହି ଅବସ୍ଥାରେ ବୃକ୍ଷ ଉପରୁ ତଳକୁ ଫୋପାଡ଼ି ଦେଇ କେଉଁଆଡ଼େ ଚାଲିଗଲେ ।' ଚିରଞ୍ଜୀବୀ ଏହାକହି ଦୀର୍ଘଶ୍ୱାସ ନେଲା ଏବଂ ମୁଣ୍ଡ ତଳକୁ କରି ମୌନ ରହିଲା ।

Digitized by srujanika@gmail.com

ଉଲୂକରାଜ ଚିରଞ୍ଜୀବୀର ଏ ଅବସ୍ଥା ଦେଖି ଏବଂ କରୁଣ ଆତ୍ମବିବରଣୀ ଶୁଣି ତା'ପ୍ରତି କିପରି ଆଚରଣ କରାଯିବ, ସେ ସମ୍ପର୍କରେ ମନ୍ତ୍ରୀମାନଙ୍କ ବିଚାରବିମର୍ଶକୁ ଅପେକ୍ଷା କଲା । ଦୀପ୍ତ ନୟନ ନାମକ ଜଣେ ମନ୍ତ୍ରୀ ରାଜାଙ୍କ ଜିଜ୍ଞାସାର ଉତ୍ତର ଦେଇ କହିଲା, 'ସଜ୍ଜନମାନେ ଅରକ୍ଷଣୀୟ ଉପକାରୀ ଦସ୍ୟୁକୁ ମଧ୍ୟ ରକ୍ଷା କରିବାର ଯୋଗ୍ୟ ବୋଲି ବିବେଚନା କରିଥାନ୍ତି । ଯେପରି –

ବୃଦ୍ଧ ବୈଶ୍ୟ ଓ ଚୋର କଥା

ପ୍ରାଚୀନ କାଳରେ କୌଣସି ଦେଶରେ ଜଣେ ବୈଶ୍ୟ ବାସ କରୁଥିଲେ । ବାର୍ଦ୍ଧକ୍ୟରେ ଉପନୀତ ହୋଇ ମଧ୍ୟ ନିଜର ଧନସମ୍ପତ୍ତି ପ୍ରଭାବରୁ ସେ କୌଣସି ବୈଶ୍ୟର ସୁନ୍ଦରୀ ଓ ଯୁବତୀ କନ୍ୟାକୁ ପତ୍ନୀରୂପେ ଗ୍ରହଣ କରିଥାନ୍ତି । କିନ୍ତୁ ସେହି ବୈଶ୍ୟ କନ୍ୟା ରାତିରେ ଶୋଇବା ବେଳେ ବୃଦ୍ଧ ବୈଶ୍ୟଙ୍କ ପ୍ରତି ଏପରି ବିମୁଖ ହୋଇ ଶଯ୍ୟା ଉପରେ ଶୋଇଯାଏ ଯେ ମନେହୁଏ ବସନ୍ତ ଋତୁ ଚାଲିଯିବା ପରେ ଯେପରି ଭ୍ରମରମାନେ ପୁଷ୍ପିତ ଉପବନକୁ ପରିତ୍ୟାଗ କରି ଫେରିଯାଉଛନ୍ତି ।

ଦିନେ ରାତିରେ ସେମାନେ ଯେତେବେଳେ ଗୋଟିଏ ଶଯ୍ୟା ଉପରେ ପରସ୍ପର ବିମୁଖ ହୋଇ ଶୟନ କରିଥିଲେ, ସେତେବେଳେ ଗୋଟିଏ ଭୀଷଣାକୃତି ଚୋର ଶୟନକକ୍ଷ ମଧ୍ୟରେ ପ୍ରବେଶ କଲା । ତାକୁ ଦେଖି ପତି ପ୍ରତି ବିମୁଖ ହୋଇ ଶୋଇଥିବା କନ୍ୟାଟି ଭୟରେ ସେହି ବୃଦ୍ଧ ବୈଶ୍ୟଙ୍କୁ ନିବିଡ଼ ଭାବେ ଆଲିଙ୍ଗନ ପାଶରେ ଆବଦ୍ଧ କଲା । ଏହି ଆଶ୍ଚର୍ଯ୍ୟଜନକ ସୌଭାଗ୍ୟରେ ବିସ୍ମିତ ହୋଇ ବୃଦ୍ଧ ବୈଶ୍ୟ ଚାରିଆଡ଼କୁ ଦୃଷ୍ଟିପାତ କରି ଚୋରଟିକୁ ଘରର ଗୋଟିଏ କୋଣରେ ବସିଥିବା ଲକ୍ଷ୍ୟ କଲେ । ତାକୁ ଅପରାଧୀ ପରିବର୍ତ୍ତେ ତାଙ୍କର ପରମ ଉପକାରୀ ଭାବି ଅନୁଚରମାନଙ୍କଠାରୁ ଚୋରଟିକୁ ରକ୍ଷା କରିବା ସଙ୍ଗେ ସଙ୍ଗେ କିଛି ଧନରତ୍ନ ଦେଇ ନିର୍ବିଘ୍ନରେ ଘର ବାହାରକୁ ପଠାଇଦେଲେ ।

ଏହିପରି ଆମ୍ଭମାନଙ୍କର ଉପକାରୀ ଏହି ଚିରଞ୍ଜୀବୀକୁ ମଧ୍ୟ ଆମ୍ଭେମାନେ ରକ୍ଷା କରିବା ଉଚିତ ହେବ । ଦୀପ୍ତନୟନଠାରୁ ଏହାଶୁଣି ଅବମର୍ଦ୍ଦ ଅନ୍ୟତମ ମନ୍ତ୍ରୀ ବକ୍ରନାଶକୁ ନିଜର ସୁଚିନ୍ତିତ ମନ୍ତବ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଲା । ଉତ୍ତରରେ ବକ୍ରନାଶ କହିଲା, 'ଶତ୍ରୁମାନଙ୍କର ଗୁପ୍ତଭେଦ ଜାଣିଥିବା ଏହି ଚିରଞ୍ଜୀବୀକୁ ଆମେ ଅଭୟ ଦେବା ଉଚିତ ହେବ । ମୋ ମତରେ ଶତ୍ରୁରାଜା ଓ ତାଙ୍କ ମନ୍ତ୍ରୀମାନଙ୍କ ଶତ୍ରୁ ଆମ୍ଭମାନଙ୍କ ପାଇଁ କଲ୍ୟାଣକର ହିଁ ହେବ । ଏ ସମ୍ପର୍କରେ ଏକ ଉଦାହରଣ ଦେଉଛି –

Digitized by srujanika@gmail.com

ଚୋର ଓ ରାକ୍ଷସ କଥା

କୌଣସି ସମୟରେ ଜଣେ ବ୍ରାହ୍ମଣ ଦାନସୂତ୍ରରେ ଦୁଇଟି ଗାଈ ପାଇଥିଲେ । ସେ ସେଗୁଡ଼ିକୁ ଧରି ଘରକୁ ଫେରୁଥିବା ବେଳେ କୌଣସି ଚୋର ଗାଈଗୁଡ଼ିକୁ ଚୋରାଇ ନେବାପାଇଁ ମନସ୍ଥ କଲା । ଏ ସମୟରେ କୌଣସି ରାକ୍ଷସ ମଧ୍ୟ ରାସ୍ତାରେ ଯାଉଥିବା ବ୍ରାହ୍ମଣଙ୍କୁ ଖାଇବା ପାଇଁ ଚିନ୍ତା କରୁଥାଏ । ନିଜ ନିଜର କାର୍ଯ୍ୟସିଦ୍ଧି ପାଇଁ ଉଭୟ ଚୋର ଓ ରାକ୍ଷସ ବ୍ରାହ୍ମଣଙ୍କର ଅନୁଗମନ କରୁଥିବା ବେଳେ ରାତିରେ ପରସ୍ପରକୁ ସାକ୍ଷାତ କଲେ । ନିଜ ନିଜର ପ୍ରୟୋଜନ ସମ୍ପର୍କରେ କଥାବାର୍ତ୍ତା କରିବା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଗଲା । ଚୋର କହିଲା, 'ମୁଁ ପ୍ରଥମେ ଗାଈଗୁଡ଼ିକୁ ଚୋରାଇ ନେଉଛି । କାରଣ ତୁମେ ବ୍ରାହ୍ମଣକୁ ଧରିଲା ବେଳେ ସେ ଯଦି ଉଠିପଡ଼ନ୍ତି, ତା'ହେଲେ ମୋର କାର୍ଯ୍ୟ ସିଦ୍ଧ ହେବନାହିଁ ।' ଏହାଶୁଣି ରାକ୍ଷସ କହିଲା 'ନାଇଁ, ସେପରି କରନାହିଁ । ମୁଁ ପ୍ରଥମେ ବ୍ରାହ୍ମଣକୁ ଖାଇଯାଉଛି । ତା'ନହେଲେ ତୁମେ ଗାଈଗୁଡ଼ିକୁ ଧରି ଗଲାବେଳେ ସେମାନଙ୍କର ପାଦ ଶବ୍ଦରେ ବ୍ରାହ୍ମଣ ଯଦି ଉଠିପଡ଼େ ମୁଁ ଆଉ ଖାଇବି କାହାକୁ ?'

ଘର ମଧ୍ୟରେ ଉଭୟଙ୍କର ଏହି ବଚସାରେ ବ୍ରାହ୍ମଣଙ୍କର ନିଦ ଭାଙ୍ଗିଗଲା । ସେ ଜାଗ୍ରତ ହୋଇ ରକ୍ଷୋଘ୍ନ ଅର୍ଥାତ୍ ରାକ୍ଷସମାନଙ୍କୁ ବିନାଶ କରିବା ପାଇଁ ଉଦ୍ଦିଷ୍ଟ ମନ୍ତ୍ର ଜପ କରି ଖଡ୍‌ଗ ଉତ୍ତୋଳନ କରନ୍ତେ ଉଭୟ ଚୋର ଓ ରାକ୍ଷସ ଭୟଭୀତ ହୋଇ ସେଠାରୁ ପଳାୟନ କଲେ ।

ଚୋର ଓ ରାକ୍ଷସର ପରସ୍ପର ମଧ୍ୟରେ କଳହ ଯେପରି ବ୍ରାହ୍ମଣଙ୍କର କଲ୍ୟାଣକାରୀ ହେଲା, ସେହିପରି ମେଘବର୍ଣ୍ଣ ଓ ଚିରଞ୍ଜୀବୀ ମଧ୍ୟରେ ମନାନ୍ତର ଆମ ପାଇଁ କଲ୍ୟାଣକର ହେବ ।'

ବକ୍ରନାଶଠାରୁ ଏହା ଶୁଣି ଉଲ୍ଲୁକରାଜ ପ୍ରାକାରକର୍ଣ୍ଣ ନାମକ ଅନ୍ୟ ଜଣେ ମନ୍ତ୍ରୀଙ୍କ ଠାରୁ ତାଙ୍କର ମନ୍ତବ୍ୟ ଶୁଣିବା ପାଇଁ ଇଚ୍ଛା କଲା । ମନ୍ତ୍ରୀ ପ୍ରାକାରକର୍ଣ୍ଣ ନିଜର ମତ ଦେଇ କହିଲା, 'ଆପଣଙ୍କ ନିକଟରେ ଶରଣାଗତ ଏହି ବିପଦଗ୍ରସ୍ତ ଚିରଞ୍ଜୀବୀ ନିଶ୍ଚିତ ଭାବେ ଦୟାର ପାତ୍ର । ରାଜା ଶିବି ପୂର୍ବେ ଶରଣାଗତର ସୁରକ୍ଷା ପାଇଁ ନିଜ ଦେହର ମାଂସ ସମର୍ପଣ କରିଥିଲେ ।'

ପ୍ରାକାରକର୍ଣ୍ଣର ମତାମତ ଶୁଣିଲା ପରେ ଅବମର୍ଦ୍ଦ କ୍ରୂରଲୋଚନ ନାମକ ଅନ୍ୟ ଜଣେ ମନ୍ତ୍ରୀର ମତାମତ ଜାଣିବାକୁ ଚାହିଁବାରୁ ସେ ମଧ୍ୟ ଅନୁରୂପ ମନ୍ତବ୍ୟ ପ୍ରକାଶ କଲା ।

Digitized by srujanika@gmail.com

ଶେଷରେ ରକ୍ତାକ୍ଷଙ୍କ ପ୍ରତି ଅବମର୍ଦ୍ଦ ଦୃଷ୍ଟିପାତ କରନ୍ତେ ଏହି ବୁଦ୍ଧିମାନ ମନ୍ତ୍ରୀ କହିଲେ, 'ରାଜନ୍ ଏହି ମନ୍ତ୍ରୀମାନେ ବିପରୀତ ଉପଦେଶ ଦେଇ ଆପଣଙ୍କୁ ବିପଦ ଆଡ଼କୁ ଟାଣି ନେଉଛନ୍ତି । ଏମାନେ ନୀତିଶାସ୍ତ୍ର ଜାଣିଛନ୍ତି ବୋଲି ମନେ ହେଉନାହିଁ । ମୂର୍ଖମାନେ ଅପରାଧୀର ଅପରାଧକୁ ସ୍ୱଚକ୍ଷୁରେ ସ୍ପଷ୍ଟ ଦେଖିଲେ ସୁଦ୍ଧା ମିଥ୍ୟା ସାନ୍ତ୍ୱନା ବାକ୍ୟରେ ଆଶ୍ୱାସିତ ହୋଇଯାଇଥାନ୍ତି ।' ଏ ସମ୍ପର୍କରେ ମୁଁ ଗୋଟିଏ ଉଦାହରଣ ଦେଉଛି, ଶୁଣନ୍ତୁ –

ମୂର୍ଖ ବଢ଼େଇ କଥା

କୌଣସି ଗ୍ରାମରେ ଜଣେ ବଢ଼େଇ ବାସ କରୁଥାଏ । ପତ୍ନୀ ପ୍ରତି ତା'ର ସ୍ନେହ ଓ ପ୍ରେମ ଅମାପ । କିନ୍ତୁ ସ୍ତ୍ରୀ ପରପୁରୁଷ ସଙ୍ଗମରେ ଲିପ୍ତା । ଅନ୍ୟମାନଙ୍କଠାରୁ ସ୍ତ୍ରୀର ଏହି କଳଙ୍କିତ ଚରିତ୍ର କଥା ଶୁଣି ବଢ଼େଇ ସେସବୁକୁ ବିଶ୍ୱାସ କରୁନଥାଏ । ଦିନେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସେ ସ୍ତ୍ରୀକୁ କହିଲା, 'ପ୍ରିୟେ, ରାଜାଙ୍କ ଆଦେଶରେ ଗୋଟିଏ କଷ୍ଟସାଧ କାମ ପାଇଁ ମୋତେ ବିଦେଶ ଯିବାକୁ ପଡୁଛି । ଏଣୁ ଆମ ପାଇଁ କିଛି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିଦିଅ ।' ସ୍ତ୍ରୀ ମଧ ଯଥାଶୀଘ୍ର ମାର୍ଗରେ ଖାଇବା ପାଇଁ କିଛି ସୁମିଷ୍ଟ ଆହାର ପ୍ରସ୍ତୁତ କଲା । ତାକୁ ଏବଂ ଜଣେ ଶିଷ୍ୟକୁ ସଙ୍ଗରେ ଧରି ବଢ଼େଇ ବିଦେଶ ଯିବାପାଇଁ ଘରୁ ବାହାରି ପଡ଼ିଲା । କିନ୍ତୁ ତା'ର ଉଦ୍ଦେଶ୍ୟ ଥିଲା ଭିନ୍ନ । ସେ ପଥ ମଧ୍ୟରୁ ଫେରିଆସି ଚୁପ୍‌ଚାପ୍ ନିଜ ଘର ମଧ୍ୟରେ ପ୍ରବେଶ କଲା ଏବଂ ସେମାନଙ୍କର ଶୋଇବା ଖଟ ତଳେ ଶିଷ୍ୟ ସହିତ ନିଜକୁ ଲୁକ୍‌କାୟିତ କରି ରଖିଲା ।

ସ୍ୱାମୀ ଚାଲିଯିବା ପରେ ସେହି ନଷ୍ଟଚରିତ୍ରା ସ୍ତ୍ରୀ ନିର୍ଭୟରେ ତା'ର ଉପପତିକୁ ଡକାଇ ଆଣିଲା ଏବଂ ଖାଦ୍ୟପାନରେ ସନ୍ତୁଷ୍ଟ କରି ତା'ସହିତ ରତିକ୍ରୀଡ଼ା କରିବାକୁ ଲାଗିଲା । ସେମାନେ ସେହି ପୂର୍ବୋକ୍ତ ଶଯ୍ୟା ଉପରେ ରତିକ୍ରୀଡ଼ା କରୁଥିବାବେଳେ ସ୍ତ୍ରୀଟିର ଅଙ୍ଗୁଳି ଶଯ୍ୟାତଳେ ଥିବା ତା' ସ୍ୱାମୀର ଶରୀରକୁ ସ୍ପର୍ଶ କଲା । ସେଥିରୁ ସେ ପତିର ଚକ୍ରାନ୍ତ ଜାଣିପାରି ସତର୍କ ହୋଇଉଠିଲା । ରତିକ୍ଳାନ୍ତ ହୋଇ ବିଶ୍ରାମ ନେଉଥିବାବେଳେ ସେହି ଜାରପୁରୁଷଟି ସେ ନିଜେ ନା ତା'ର ସ୍ୱାମୀ କିଏ ତା'ର ସବୁଠାରୁ ପ୍ରିୟ ବୋଲି ପ୍ରଶ୍ନ କରନ୍ତେ ସ୍ତ୍ରୀଟି ମିଥ୍ୟା ପାତିବ୍ରତ୍ୟ ପ୍ରକାଶ କରି ଉତ୍ତର ଦେଲା, 'ମୋ ପତି ମୋର ଏତେ ପ୍ରିୟ ଯେ ମୁଁ ତାଙ୍କ ପାଇଁ ପ୍ରାଣ ମଧ ବିସର୍ଜନ କରିପାରେ । ପରପୁରୁଷ ସହିତ ସଙ୍ଗମ କରିବା ତ ନାରୀମାନଙ୍କର ସ୍ୱାଭାବିକ ଧର୍ମ । ଏଥିପାଇଁ କ'ଣ ବା କରାଯାଇପାରିବ ? ନାକ ନଥିଲେ ବିଷ୍ଠା ମଧ ଖାଇବା ସ୍ତ୍ରୀମାନଙ୍କ ପାଇଁ ଅସମ୍ଭବ ହୁଅନ୍ତା ନାହିଁ ।' କୁଳଟା

Digitized by srujanika@gmail.com

ସ୍ତ୍ରୀର ଏହିପରି ଛଳନାପୂର୍ଣ୍ଣ କଥାଶୁଣି ବଢ଼େଇଟି ଅତ୍ୟନ୍ତ ପ୍ରସନ୍ନ ଚିତ୍ତରେ ଶଯ୍ୟାତଳୁ ଶିଷ୍ୟ ସହିତ ବାହାରି ଆସିଲା । ସ୍ତ୍ରୀର ପାତିବ୍ରତ୍ୟରେ ସନ୍ତୁଷ୍ଟ ହୋଇ ସେ ଶିଷ୍ୟକୁ ଲକ୍ଷ୍ୟ କରି କହିଲା, 'ତୁ ତ ଆଜି ସବୁ ଦେଖିଲୁ । ମୋ ସ୍ତ୍ରୀର ନିଷ୍ପାପର ପତିଭକ୍ତିର ତୁ ହେଉଛୁ ପ୍ରକୃତ ସାକ୍ଷୀ । ସେ ମୋତେ ହିଁ ନିଜର ସର୍ବସ୍ୱ ବୋଲି ମନେକରେ । ସ୍ତ୍ରୀମାନଙ୍କର ସ୍ୱାଭାବିକ ରୀତି ଅନୁଯାୟୀ ସେ ଏହି ପରପୁରୁଷ ସହିତ ବିଳାସ କରୁଛି । ମାତ୍ର ଏଥିରେ ତାର ବା ଦୋଷ କ'ଣ ? ଏଣୁ ସେ ମୋର ଶିରୋଧାର୍ଯ୍ୟ ।' ଏହାକହି ସେହି ମୂର୍ଖ ବଢ଼େଇ ଉପପତି ସହିତ ନିଜର ସ୍ତ୍ରୀ ଶୟନ କରିଥିବା ଶଯ୍ୟାଟିକୁ ମୁଣ୍ଡରେ ଧରି ନାଚିବାକୁ ଲାଗିଲା ।

'ଏହିପରି ଅପରାଧକୁ ପ୍ରତ୍ୟକ୍ଷୀଭୂତ କଲେ ମଧ୍ୟ ମୂର୍ଖମାନେ ମିଥ୍ୟା ସାନ୍ତ୍ୱନାରେ ଅପରାଧୀ ପ୍ରତି ପ୍ରସନ୍ନତା ପ୍ରକାଶ କରିଥାନ୍ତି । ଏହି ବିଚାରହୀନ ବ୍ୟକ୍ତିମାନେ ସଂସାରରେ ଯଥାର୍ଥ ଉପହାସର ପାତ୍ର । ଏଣୁ ଶତ୍ରୁ ପକ୍ଷର ଏହି ଚିରଞ୍ଜୀବୀକୁ ଆଶ୍ରୟ ଦେବା ସର୍ବାଦୌ ଅନୁଚିତ । ଇଏ ଏକ ଉପେକ୍ଷିତ ସଚିବ । ରୋଗପରି ଏହାକୁ ଯଥାଶୀଘ୍ର ନଷ୍ଟ କରିଦେବା ଆବଶ୍ୟକ ।'

ରକ୍ତାକ୍ଷ ଠାରୁ ଏହାଶୁଣି ଉଲ୍ଲୁକରାଜ ଯୁକ୍ତି କଲା 'ଏହି ଚିରଞ୍ଜୀବୀ ଗୋଟିଏ ସଜ୍ଜନ ବ୍ୟକ୍ତି । ଆମର ହିତ ସାଧନ କରିବା ପାଇଁ ଯାଇ ଆଜି ତା'ର ଏ ଅବସ୍ଥା । ଇଏ ପୁଣି ଏଠାରେ ଏକାକୀ । ତେଣୁ ତାକୁ ଆଶ୍ରୟ ଦେଲେ ସେ ବା ଆମର କି କ୍ଷତି କରିପାରିବ ?' ଏହିପରି ଯୁକ୍ତିରେ ରକ୍ତାକ୍ଷର ମନ୍ତ୍ରଣାକୁ ଗ୍ରହଣ ନକରି କାକ ଚିରଞ୍ଜୀବୀକୁ ଆଶ୍ୱାସନା ଦେଇ ଅଭୟ ପ୍ରଦାନ କଲା । ଅବମର୍ଦ୍ଦର ବିଶ୍ୱାସଭାଜନ ହେଲା ପରେ ଚିରଞ୍ଜୀବୀ ଉଲ୍ଲୁକରାଜ ନିକଟରେ ନିବେଦନ କଲା, ''ପ୍ରଭୁ, ଏପରି ଅବସ୍ଥାରେ ମୋର ବଞ୍ଚିବାରେ ଲାଭ କ'ଣ ? ତେଣୁ ଆପଣ ମୋ ପାଇଁ ଚିତାଗ୍ନି ପ୍ରସ୍ତୁତ କରନ୍ତୁ । ମୁଁ ସେଥିରେ ଆତ୍ମାହୁତି ଦେଇ ପ୍ରାଣ ବିସର୍ଜ୍ଜନ କରିବି । ଭଗବାନଙ୍କ ଠାରେ ମୁଁ ଏହାହିଁ ପ୍ରାର୍ଥନା କରିବି ଯେ ସେ ମୋତେ କାକମାନଙ୍କର ପ୍ରତିଶୋଧ ନେବାପାଇଁ ପରଜନ୍ମରେ ଉଲ୍ଲୁକ ଯୋନିରେ ଜନ୍ମଦେବେ ।' ଏପରି କହୁଥିବା ବେଳେ ରକ୍ତାକ୍ଷ ହସି ହସି କହିଲା, ''ଆମ ରାଜାଙ୍କ କୃପାରୁ ତୁ ତ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ । ତୋର ନିଆଁ କ'ଣ ହେବ ? ଯେପର୍ଯ୍ୟନ୍ତ ତୁ କୁଆ ହୋଇ ରହିଛୁ ସେପର୍ଯ୍ୟନ୍ତ ତୁ ଉଲ୍ଲୁକ ହୋଇପାରିବୁ ନାହିଁ । ବିଧାତା ଯାହାକୁ ଯେପରି ଜନ୍ମ ଦେଇଛି ସେ ସେହିପରି ହିଁ ରହିବ । ଏ ସମ୍ପର୍କରେ ଗୋଟିଏ ଉପାଖ୍ୟାନ କହୁଛି' ଶୁଣୁ –

Digitized by srujanika@gmail.com

ମୂଷିକ କନ୍ୟା କଥା

ପ୍ରାଚୀନ କାଳରେ କୌଣସି ଆଶ୍ରମରେ ଜଣେ ଋଷି ତପଶ୍ଚରଣ କରୁଥାନ୍ତି । ଦିନେ ହଠାତ୍ କୌଣସି ସଂଚାଣ ମୁଖରୁ ରକ୍ଷା ପାଇ ଗୋଟିଏ କ୍ଷୁଦ୍ର ମୂଷା ଛୁଆ ତାଙ୍କ ସମ୍ମୁଖରେ ଆସିପଡ଼ିଲା । ମୁନି ଦୟାପରବଶ ହୋଇ ନିଜର ତପୋବଳରେ ତାକୁ ଏକ ସୁନ୍ଦରୀ କନ୍ୟାରେ ପରିଣତ କରିଦେଲେ । କନ୍ୟାଟି ଆଶ୍ରମରେ ଲାଳିତ ପାଳିତ ହୋଇ ଯୌବନରେ ପଦାର୍ପଣ କଲା । ମୁନି କନ୍ୟାଟିକୁ ପୃଥିବୀର ସବୁଠାରୁ ବଳବାନ୍ ପୁରୁଷ ହସ୍ତରେ ସମର୍ପଣ କରିବା ପାଇଁ ଚିନ୍ତାକରି ଭଗବାନ୍ ସୂର୍ଯ୍ୟଙ୍କୁ ମନ୍ତ୍ର ବଳରେ ଆହ୍ୱାନ କଲେ । ତାଙ୍କୁ ପୃଥିବୀର ସର୍ବଶ୍ରେଷ୍ଠ ବଳବାନ୍ ପୁରୁଷ କହି ତାଙ୍କ ହସ୍ତରେ କନ୍ୟାଟିକୁ ସମର୍ପଣ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତେ ସୂର୍ଯ୍ୟଦେବ କହିଲେ, 'ମୁଁ ପୃଥିବୀର ସର୍ବଶ୍ରେଷ୍ଠ ବଳବାନ୍ ପୁରୁଷ ନୁହେଁ । ମେଘ ମୋ ଅପେକ୍ଷା ବଳବାନ୍ ଅଟନ୍ତି । କ୍ଷଣକ ଭିତରେ ସେ ମୋର ସମ୍ପୂର୍ଣ୍ଣ ସତ୍ତାକୁ ଘୋଡ଼ାଇ ଦିଅନ୍ତି ।' ଏଥିରେ ମୁନି ସୂର୍ଯ୍ୟଙ୍କୁ ବିଦାୟ ଦେଇ ମେଘକୁ ସ୍ମରଣ କଲେ । ତାଙ୍କୁ ନିଜର ଅଭିଳାଷ କଥା କହନ୍ତେ ସେ କହିଲେ ଯେ ତାଙ୍କ ଅପେକ୍ଷା ବାୟୁ ବଳବାନ୍ । କାରଣ ବାୟୁ ଚାହିଁବା ମାତ୍ରେ ତାଙ୍କୁ ଇତସ୍ତତଃ ବିକ୍ଷିପ୍ତ କରିଦିଅନ୍ତି । ମୁନି ମେଘଙ୍କ ଠାରୁ ଏହାଶୁଣି ବାୟୁଙ୍କୁ ସ୍ମରଣ କଲେ । କିନ୍ତୁ ବାୟୁ ମଧ୍ୟ ମୁନିଙ୍କର ଅଭିଳାଷ ଜାଣିବା ପରେ କହିଲେ, 'ମୁଁ ମେଘଙ୍କ ଅପେକ୍ଷା ବଳବାନ୍ ସତ, କିନ୍ତୁ ପର୍ବତ ଅପେକ୍ଷା ବଳବାନ୍ ନୁହେଁ । ମୋର ପ୍ରବଳ ବେଗ ପର୍ବତଗୁଡ଼ିକୁ ଦୋହଲାଇ ପାରେନାହିଁ ।' ତେଣୁ ମୁନି ଏହାପରେ ପର୍ବତରାଜଙ୍କୁ ଆହ୍ୱାନ କରି ତାଙ୍କ ନିକଟରେ ନିଜର ମନୋବାଞ୍ଛା ପ୍ରକାଶ କଲେ । କିନ୍ତୁ ପର୍ବତରାଜ ମଧ୍ୟ ନିଜ ଦୁର୍ବଳତାର ସୂଚନା ଦେଇ କହିଲେ, 'ମୁଁ ବା କି ବଳବାନ୍ । ଗୋଟିଏ କ୍ଷୁଦ୍ର ମୂଷିକ ମଧ୍ୟ ମୋ ଦେହରେ ଛିଦ୍ର କରିଦେଇ ପାରୁଛି । ଏଣୁ ସେହିଁ ମୋ ଅପେକ୍ଷା ଅଧିକ ବଳବାନ୍ ।' ଦେବତାମାନଙ୍କ ନିକଟରୁ ନିରାଶ ହୋଇ ମୁନି ପରିଶେଷରେ ଗୋଟିଏ ଅରଣ୍ୟଜାତ ମୂଷିକକୁ ଡାକି ତା' ହସ୍ତରେ କନ୍ୟାଟିକୁ ସମର୍ପଣ କରିବା ପାଇଁ ଚାହିଁଲେ । ମୂଷିକଟି କନ୍ୟାଟିର ପାଣିଗ୍ରହଣ କରିବା ପାଇଁ ନିଜର ସମ୍ମତି ପ୍ରକାଶ କରି କହିଲା, 'ଭଗବନ୍, ମୁଁ ଆପଣଙ୍କ ଅନୁରୋଧ ରକ୍ଷାକରିବା ପାଇଁ ପ୍ରସ୍ତୁତ । କିନ୍ତୁ ଆପଣଙ୍କର ଏହି କନ୍ୟା ମୋର ବିଲ ମଧ୍ୟରେ କିପରି ପ୍ରବେଶ କରିବ, ଟିକିଏ ଚିନ୍ତା କରନ୍ତୁ ।' ମୁନି ମୂଷିକ କହିବା କଥାର ବାସ୍ତବତା ଉପଲବ୍ଧି କରି କନ୍ୟାଟିକୁ ପୁଣି ତା'ର ପୂର୍ବରୂପ ଫେରାଇ ଦେଲେ । ଅର୍ଥାତ୍ କନ୍ୟାଟି ତା'ର ପୂର୍ବ ମୂଷିକ ରୂପ ଫେରିପାଇଲା ଏବଂ ସେହି ଅରଣ୍ୟଜାତ ମୂଷିକ ସହିତ ବିବାହ କରି ବିଲ ମଧ୍ୟରେ ଦାମ୍ପତ୍ୟ ଜୀବନ ଅତିବାହନ କଲା ।

Digitized by srujanika@gmail.com

ଏହିପରି ଯେତେଦୂର ଗଲେ ମଧ୍ୟ ଯିଏ ଯେପରି, ସେ ସେହିପରି ହିଁ ରହିବ । ତେଣୁ, ହେ ଚିରଞ୍ଜୀବୀ, ତୁ କଦାପି ଉଲ୍ଲୁକ ହୋଇପାରିବୁ ନାହିଁ । ରକ୍ତାକ୍ଷଠାରୁ ଏହାଶୁଣି ଚିରଞ୍ଜୀବୀ, ଉଲ୍ଲୁକରାଜ ଏହି ମନ୍ତ୍ରୀଟିର କଥା ରକ୍ଷା କରିନଥିବା ଯୋଗୁଁ ଆଶ୍ୱସ୍ତ ହେଲା ଏବଂ ଅନ୍ୟ ସମସ୍ତ ମନ୍ତ୍ରୀଙ୍କ ମୂର୍ଖତା ଉପଲବ୍ଧି କରି ନିଜର କାର୍ଯ୍ୟ ସିଦ୍ଧି ପାଇଁ ନିଶ୍ଚିତ ହୋଇଉଠିଲା ।

ଚିରଞ୍ଜୀବୀ ଏହିପରି ଚିନ୍ତା କରୁଥିଲା ବେଳେ ବୁଦ୍ଧିମାନ ଓ ବିଶ୍ୱସ୍ତ ମନ୍ତ୍ରୀ ରକ୍ତାକ୍ଷର କଥାକୁ ଅବମାନନା କରି ବଳଦର୍ପିତ ଅବମର୍ଦ୍ଦ ଚିରଞ୍ଜୀବୀ ସହିତ ନିଜର ଆବାସ ସ୍ଥାନ ପ୍ରତି ପ୍ରସ୍ଥାନ କଲା ।

ଉଲ୍ଲୁକରାଜ ଦ୍ୱାରା ପ୍ରଦତ୍ତ ମାଂସ ଇତ୍ୟାଦି ପୌଷ୍ଟିକ ଆହାର ଦ୍ୱାରା ଛିନ୍ନପକ୍ଷ ଚିରଞ୍ଜୀବୀ ହୃଷ୍ଟପୁଷ୍ଟ ଏବଂ ମୟୂର ତୁଲ୍ୟ ସୁନ୍ଦର ପକ୍ଷଯୁକ୍ତ ହୋଇଉଠିଲା । ଅବମର୍ଦ୍ଦର ସମ୍ପୂର୍ଣ୍ଣ ବିଶ୍ୱାସ ଭାଜନ ହେବା ପରେ ସେ ଦିନେ ତାକୁ କହିଲା, 'ପ୍ରଭୁ, ମୁଁ ବର୍ତ୍ତମାନ କାକରାଜ ମେଘବର୍ଣ୍ଣ ନିକଟକୁ ଯିବା ପାଇଁ ଚାହୁଁଛି । ତା'ମନରେ ବିଶ୍ୱାସ ଜାତ କରି ତାକୁ ମୁଁ ତା'ର ପୂର୍ବବାସସ୍ଥାନ ସେହି ବଟବୃକ୍ଷ ଉପରକୁ ଫେରାଇ ଆଣିବି । ତା'ହେଲେ ଆପଣ ରାତ୍ର ସମୟରେ ଆକ୍ରମଣ କରି ତାକୁ ସଦଳବଳେ ବିନାଶ କରିପାରିବେ । ଆପଣ ମୋ ପ୍ରତି ଯେଉଁ ଅନୁଗ୍ରହ କରିଛନ୍ତି ମୁଁ ତା'ର ପ୍ରତ୍ୟୁପକାର କରିବା ପାଇଁ ଚାହେଁ । ଦିବସରେ ତା'ର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆପଣ ନିଜର ମନ୍ତ୍ରୀ ଓ ଅନୁଚରମାନଙ୍କ ସହିତ ନୀଡ଼ ମଧ୍ୟରେ ଆତ୍ମଗୋପନ କରନ୍ତୁ । ମୁଁ ନୀଡ଼ ଦ୍ୱାରକୁ ଘାସ ଓ ଶୁଖିଲା ପତ୍ର ଦ୍ୱାରା ଆଚ୍ଛନ୍ନ କରିଦେଉଛି ।' ଏହିପରି କହି ଚିରଞ୍ଜୀବୀ ଉଲ୍ଲୁକରାଜର ନୀଡ଼ଗୁଡ଼ିକୁ ଘାସ ପତ୍ର ଦ୍ୱାରା ଆଚ୍ଛାଦନ କରିଦେଇ ନିଜର ସ୍ୱାମୀ କାକରାଜ ମେଘବର୍ଣ୍ଣ ନିକଟକୁ ଉଡ଼ିଗଲା ।

ମେଘବର୍ଣ୍ଣ ନିକଟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ସେ କୌଣସି ଚିତାଗ୍ନିରୁ ପ୍ରତ୍ୟେକ କାକର ଚଞ୍ଚୁରେ ଖଣ୍ଡିଏ ଖଣ୍ଡିଏ ଜଳନ୍ତା କାଠି ଧରାଇଦେଇ ଅବମର୍ଦ୍ଦ ରହୁଥିବା ବୃକ୍ଷ ନିକଟକୁ ଫେରିଆସିଲା । କାକମାନେ ସେହି ଜଳନ୍ତା କାଠିଗୁଡ଼ିକୁ ଉଲ୍ଲୁକମାନଙ୍କର ନୀଡ଼ ଉପରେ ଥିବା ଶୁଷ୍କ ତୃଣ ଓ ପତ୍ର ଉପରେ ପକାଇବାକୁ ଲାଗିଲେ । ଉଲ୍ଲୁକମାନେ ଦିନରେ କିଛି ଦେଖି ପାରୁନଥିବା ଯୋଗୁଁ ସେଠାରୁ ପଳାୟନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । ଫଳରେ ସମସ୍ତ ଉଲ୍ଲୁକ ବଂଶ ସମୂଳ ଭସ୍ମୀଭୂତ ହୋଇଗଲେ ।

ଏହାପରେ କାକମାନଙ୍କର ରାଜା ମେଘବର୍ଣ୍ଣ ନିଜର ପରିବାର ତଥା ଅନୁଚରମାନଙ୍କ ସହିତ ପୁଣି ପୂର୍ବୋକ୍ତ ବଟବୃକ୍ଷକୁ ଫେରିଆସି ଆନନ୍ଦରେ ଜୀବନଯାପନ

Digitized by srujanika@gmail.com

କଲା । ଚିରଞ୍ଜୀବୀ ନିଜ କାର୍ଯ୍ୟ ସିଦ୍ଧିର କାରଣ ସମ୍ପର୍କରେ ମେଘବର୍ଣ୍ଣଙ୍କୁ ଅବଗତ କରାଇବା ପାଇଁ କହିଲା 'ପ୍ରଭୁ, ସେଠାରେ ଆପଣଙ୍କ ଶତ୍ରୁର ଜଣେ ମାତ୍ର ବୁଦ୍ଧିମାନ୍ ମନ୍ତ୍ରୀ ଥିଲା । ତା'ର ମନ୍ତ୍ରଣାକୁ ଗ୍ରହଣ ନକରି ସେହି ମଦାନ୍ଧ ଉଲ୍ଲୁକରାଜ ମୋତେ ହେୟଜ୍ଞାନ କଲା । ସେହି ମୂର୍ଖ ଯଦି ରକ୍ତାକ୍ଷର କଥା ରକ୍ଷା କରିଥାନ୍ତା, ତା'ହେଲେ ମୁଁ ତା' ମନରେ ବିଶ୍ୱାସ ଜାତ କରାଇ ତା'କୁ ଠକି ପାରିନଥାନ୍ତି । ଏହିପରି ହିଁ କପଟ ବୃତ୍ତି ଆଚରଣ କରି ସର୍ପଟିଏ ବେଙ୍ଗମାନଙ୍କୁ ଠକି ଦେଇଥିଲା ।

ଭେକବାହନ ସର୍ପ କଥା

ଗୋଟିଏ ବୃଦ୍ଧ ସର୍ପ ନିଜର ଆହାର ସଂଗ୍ରହ ପାଇଁ ଅସମର୍ଥ ହୋଇ କୌଣସି ସରୋବର ତଟରେ ନିଶ୍ଚଳ ଭାବେ ପଡ଼ି ରହିଥାଏ । ସର୍ପଟିର ଏହି ଦୁଃଖକଷ୍ଟ ଦେଖି ଦୂରରେ ଠିଆ ହୋଇ ଗୋଟିଏ ବେଙ୍ଗ ଥଟ୍ଟାରେ ସେ ଆଉ ସେମାନଙ୍କୁ କାହିଁକି ଖାଉନାହିଁ ବୋଲି ପଚାରିଲା । ବେଙ୍ଗର ଏପ୍ରକାର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସର୍ପଟି ମିଛରେ କହିଲା, 'ଥରେ ମୁଁ ଗୋଟିଏ ବେଙ୍ଗ ପଛରେ ଗୋଡ଼ାଉଥିଲା ବେଳେ ଭ୍ରମବଶତଃ ଜଣେ ବ୍ରାହ୍ମଣ ବାଳକକୁ କାମୁଡ଼ି ଦେଲି । ବାଳକଟି ସେହିଠାରେ ହିଁ ମୃତ୍ୟୁବରଣ କଲା । ଏଥିରେ କ୍ରୋଧାନ୍ୱିତ ହୋଇ ତା'ର ପିତା ମୋତେ ବେଙ୍ଗମାନଙ୍କର ବାହନ ହେବା ପାଇଁ ଅଭିଶାପ ଦେଲା । ଏବେ ମୁଁ ଆଉ ତମମାନଙ୍କୁ ଖାଇବି କିପରି ? ବରଂ ଆସ ମୁଁ ତୁମକୁ ପିଠିରେ ବସାଇ ବୁଲାଇ ଆଣିବି ।' ଏହା ଶୁଣିପାରି ସର୍ପ ଉପରେ ବସି ଭ୍ରମଣ କରିବା ଲାଳସାର ବଶବର୍ତ୍ତୀ ହୋଇ ବେଙ୍ଗମାନଙ୍କର ରାଜା ହଠାତ୍ ପାଣି ମଧ୍ୟରୁ ବାହାରି ଆସି ନିର୍ଭୟ ମନରେ ସର୍ପର ପିଠି ଉପରେ ଚଢ଼ିଗଲା । ସାପ ମଧ୍ୟ ରାଜା ଓ ତା'ର ସଚିବମାନଙ୍କୁ ବିଭିନ୍ନ ଆଡ଼େ ବୁଲାଇ ସନ୍ତୁଷ୍ଟ କଲା; ଏବଂ ହଠାତ୍ ଗୋଟିଏ ସ୍ଥାନରେ ଶାନ୍ତ ହୋଇ ପଡ଼ିଯିବାର ଅଭିନୟ କଲା । ସେ ବେଙ୍ଗରଜାକୁ କହିଲା, 'ସ୍ୱାମୀ, ବିନା ଆହାରରେ ମୁଁ ଆଉ ଉଠିପାରୁନାହିଁ । ମୋତେ କିଛି ଖାଇବାକୁ ଦିଅନ୍ତୁ । ଆପଣଙ୍କର ଏହି ଭୃତ୍ୟ ବିନା ଆହାରରେ କେତେଦିନ ବା ସେବା କରିପାରିବ ?' ଏହା ଶୁଣି, ଥରେ ସର୍ପ ଉପରେ ବସି ବୁଲିବାର ମଜା ପାଇଥିବା ବେଙ୍ଗରାଜା ସର୍ପକୁ କହିଲା, 'ତୁ ମୋର ଅନୁଚରମାନଙ୍କ ମଧ୍ୟରୁ କିଛି କିଛି ବେଙ୍ଗକୁ ଖାଉଥା ।' ସେହିଦିନଠାରୁ ସର୍ପ ଆନନ୍ଦରେ ବେଙ୍ଗମାନଙ୍କୁ ଯଥେଚ୍ଛା ପରିମାଣରେ ଖାଇ ଅବଶିଷ୍ଟ ଜୀବନ ବିତାଇବାକୁ ଲାଗିଲା । ବେଙ୍ଗରାଜ ମଧ୍ୟ ସର୍ପ ଉପରେ ବସି ଭ୍ରମଣ କରିବାର ସୌଖୀନ ପାଇଁ ଏସବୁ ପ୍ରତି ଆଖି ବୁଜି ଦେଇଥାଏ ।

Digitized by srujanika@gmail.com

ଏହିପରି ମୂର୍ଖମାନଙ୍କ ମଧ୍ୟରେ ପ୍ରବେଶ କରି ବୁଦ୍ଧିମାନ୍ ବ୍ୟକ୍ତି ସେମାନଙ୍କୁ ଠକିଥାଏ । ମହାରାଜ, ମୁଁ ମଧ୍ୟ ଆପଣଙ୍କ ଶତ୍ରୁମାନଙ୍କ ମଧ୍ୟରେ ରହି ସେମାନଙ୍କୁ ସମୂଳେ ବିନଷ୍ଟ କଲି । ଏଣୁ ରାଜା କେବଳ ବୁଦ୍ଧିମାନ ନୁହେଁ ନୀତିଜ୍ଞ ମଧ୍ୟ ହେବା ଉଚିତ । ଅନ୍ୟଥା ମୂର୍ଖ ରାଜାମାନଙ୍କୁ ସେବକମାନେ ବିଭିନ୍ନ ଭାବରେ ଠକି ଭଣ୍ଡି ନଷ୍ଟ କରିଦିଅନ୍ତି ।

ରାଜଲକ୍ଷ୍ମୀ ଦ୍ୟୂତକ୍ରୀଡ଼ା ପରି ଛଳନାମୟୀ, ଜଳତରଙ୍ଗ ପରି ଚଞ୍ଚଳ ଏବଂ ମଦିରା ପରି ମୋହିନୀ । ଏଣୁ ସେ ଧୈର୍ଯ୍ୟଶାଳୀ, ନୀତିଜ୍ଞ, ବ୍ୟସନହୀନ ଓ ଶାସ୍ତ୍ରଜ୍ଞ ରାଜାମାନଙ୍କ ନିକଟରେ ପାଶବଦ୍ଧ ଜୀବପରି ସ୍ଥିର ହୋଇ ରହନ୍ତି ।

ଶ୍ରୀରିୟଂ ଚ ସଦା ଦେବ ଦ୍ୟୂତଲୀଳେବ ସଚ୍ଛଳା
ବାରିବୀଚୀବ ଚପଳା ମଦିରେବ ବିମୋହିନୀ ।
ସା ଧୀରସ୍ୟ ସୁମନ୍ତ୍ରସ୍ୟ ରାଜ୍ଞୋ ନିର୍ବ୍ୟସନସ୍ୟ ଚ
ବିଶେଷଜ୍ଞସ୍ୟ ସୋତ୍ସାହା ପାଶବଦ୍ଧେବ ତିଷ୍ଠତି ।

ବର୍ତ୍ତମାନ ତୁମର ଶତ୍ରୁମାନେ ନଷ୍ଟ ହୋଇଛନ୍ତି, ଏଣୁ ନୀତିଜ୍ଞ ବିଦ୍ୱାନମାନଙ୍କର ଉପଦେଶକୁ ଅନୁସରଣ କରି ଏବଂ ନିଜେ ସାବଧାନତାର ସହିତ ନିଷ୍କଣ୍ଟକ ରାଜ୍ୟ ଭୋଗ କର ।

ମନ୍ତ୍ରୀ ଚିରଞ୍ଜୀବୀଠାରୁ ଏପ୍ରକାର ନୀତିବାକ୍ୟ ଶ୍ରବଣ କରି କାକରାଜ ମେଘବର୍ଣ୍ଣ ତାକୁ ବହୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ତା'ର ମନ୍ତ୍ରଣା ଅନୁଯାୟୀ କାକମାନଙ୍କୁ ଶାସନ କରିବାକୁ ଲାଗିଲା ।'

ଏହାକହି ଗୋମୁଖ ବତ୍ସରାଜଙ୍କ ପୁତ୍ର ନରବାହନଦତ୍ତଙ୍କୁ କହିଲେ, 'ଯୁବରାଜ୍, ପଶୁପକ୍ଷୀମାନେ ମଧ୍ୟ ଏହିପରି ବୁଦ୍ଧିବଳରେ ରାଜ୍ୟଶାସନ କରିଥାନ୍ତି । କିନ୍ତୁ ବୁଦ୍ଧିହୀନ ବ୍ୟକ୍ତିମାନେ ଲୋକରେ ଉପହସିତ ହୋଇ କଷ୍ଟପାଇବା ହିଁ ସାର ହୁଏ । ଏ ସମ୍ପର୍କରେ ଏକ ମିଥ୍ୟାଭିମାନୀ ସେବକର କଥା ଶୁଣନ୍ତୁ –

ମିଥ୍ୟାଭିମାନୀ ସେବକ କଥା

କୌଣସି ଜଣେ ଧନାଢ୍ୟ ବ୍ୟକ୍ତିର ଗୋଟିଏ ମୂର୍ଖ ସେବକ ଥାଏ । ସେ ଶରୀରରେ ତୈଳ ମର୍ଦ୍ଦନ କରିବା ଜାଣି ନଥିଲା, କିନ୍ତୁ ନିଜର ଅଜ୍ଞତାକୁ ସ୍ୱୀକାର ନକରି ସେ ସେହି ଧନାଢ୍ୟ ବ୍ୟକ୍ତିଙ୍କର ଶରୀରକୁ ଏପରି କଠୋର ଭାବରେ ଘଷାମଜା କଲା ଯେ ତାଙ୍କ

Digitized by srujanika@gmail.com

ଶରୀରରୁ ଗୋଟିଏ ପ୍ରସ୍ତ ଚମଡ଼ା ଉଠିଗଲା । ଏହି ସବ୍‌ଜାଣନ୍ତା ସେବକଟିକୁ ସେ ତ ବିଦାୟ କରିଦେଲେ, କିନ୍ତୁ ବହୁଦିନ ଧରି ସେ ନିଜେ ଶାରୀରିକ ପୀଡ଼ାରୁ ମୁକ୍ତ ହୋଇନଥିଲେ । ଏହିପରି କୌଣସି ବିଷୟ ନଜାଣି ତାକୁ ଜାଣିଛି ବୋଲି ମିଥ୍ୟା ଅଭିମାନ ପୋଷଣ କରୁଥିବା ମୂର୍ଖମାନେ ନିଜେ ତ ଦୁଃଖ ଲାଭ କରନ୍ତି, ଅନ୍ୟର ମଧ୍ୟ ଅନିଷ୍ଟର କାରଣ ହୋଇଥାନ୍ତି ।

ଅଜ୍ଞାନାନୋ ହଠାତ୍‌କୁର୍ବନ୍ ପ୍ରାଜ୍ଞମାନୀ ବିନଶ୍ୟତି ।

ପୁଣି ଶୁଣନ୍ତୁ –

ଦୁଇ ମୂର୍ଖ ବ୍ରାହ୍ମଣ ପୁତ୍ର କଥା

ମାଳବ ଦେଶର ଜଣେ ବ୍ରାହ୍ମଣଙ୍କର ଦୁଇଟି ପୁତ୍ର ଥିଲେ । ପିତାଙ୍କ ଜୀବଦ୍ଦଶାରେ ପୈତୃକ ସମ୍ପତ୍ତିର ବିଭାଜନ ହୋଇନଥିଲା । ପିତାଙ୍କ ପରେ ଯେତେବେଳେ ସେମାନେ ସମ୍ପତ୍ତିକୁ ବାଣ୍ଟିବା ପାଇଁ ବାହାରିଲେ ସେତେବେଳେ ନ୍ୟୁନାଧିକ୍ୟ ପାଇଁ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହେଲା । ଏହାର ସମାଧାନ ପାଇଁ ସେମାନେ ଜଣେ ବେଦଜ୍ଞ ଅଧ୍ୟାପକଙ୍କ ନିକଟରେ ପହଞ୍ଚିଲେ । ଅଧ୍ୟାପକ ମହାଶୟ ସମାଧାନର ପନ୍ଥା ନିର୍ଣ୍ଣୟ କରି କହିଲେ, 'ତୁମେ ଦୁହେଁ ଘର ଓ ଘରେ ଥିବା ପ୍ରତ୍ୟେକ ବସ୍ତୁକୁ ଦୁଇ ସମାନ ଭାଗରେ ବାଣ୍ଟିଦିଅ । ଫଳରେ ତୁମ ଭିତରେ ଆଉ ଅଧିକ ମନାନ୍ତର ହେବନାହିଁ ।' ମଧ୍ୟସ୍ଥଙ୍କ ଉପଦେଶକୁ ଶିରୋଧାର୍ଯ୍ୟ କରି ଉଭୟ ମୂର୍ଖ ଘର, ଶଯ୍ୟା, ବାସନକୁସନ, ପଶୁପକ୍ଷୀ ପ୍ରତ୍ୟେକକୁ ଦୁଇ ସମାନ ଭାଗରେ କାଟିଦେଲେ । ଶେଷରେ ପିତାଙ୍କର ଜଣେ ଦାସୀ ରହିଲା । ତାକୁ ମଧ୍ୟ ସେମାନେ ଦୁଇ ସମାନ ଭାଗରେ କାଟି ପକାଇଲେ । ଫଳରେ ଦାସୀକୁ ହତ୍ୟା କରିଥିବା ଅପରାଧରେ ରାଜା ସେମାନଙ୍କୁ ଦଣ୍ଡିତ କରି ତାଙ୍କର ସର୍ବସ୍ୱ ହରଣ କରିନେଲେ । ଏହିପରି ମୂର୍ଖମାନେ ଅନ୍ୟ ମୂର୍ଖର ଉପଦେଶରେ ପଡ଼ି ଉଭୟ କୁଳ ନାଶ କରିଥାନ୍ତି । ତେଣୁ ବୁଦ୍ଧିମାନ୍ ଲୋକମାନେ ମୂର୍ଖ ସଂଗତି ନକରି ସତ୍‌ସଙ୍ଗତି କରିଥାନ୍ତି ।

ଦ୍ୱୌ ଲୋକୌ ନାଶୟନ୍ତ୍ୟେବଂ ମୂର୍ଖା ମୂର୍ଖୋପଦେଶତଃ
ତସ୍ମାନ୍‌ମୂର୍ଖାନ୍ନ ସେବେତ ପ୍ରାଜ୍ଞଃ ସେବେତ ପଣ୍ଡିତାନ୍ ।

ପ୍ରସଙ୍ଗ କ୍ରମେ ଅସନ୍ତୋଷ କିପରି ବ୍ୟକ୍ତି ପାଇଁ ଦୁଃଖପ୍ରଦ, ସେ ସମ୍ପର୍କରେ ଗୋଟିଏ ଛୋଟିଆ ଗଳ୍ପ କହୁଛି, ଶୁଣନ୍ତୁ –

Digitized by srujanika@gmail.com

ଅସନ୍ତୁଷ୍ଟ ସାଧୁ କଥା

କୌଣସି ଏକ ଆଶ୍ରମରେ କେତେଜଣ ସାଧୁ ରହୁଥାନ୍ତି । ପ୍ରତିଦିନ ଭିକ୍ଷାକରି ଯାହା ଆଣନ୍ତି ସେଥିରେ ସେମାନେ ସନ୍ତୋଷର ସହିତ ଉଦର ପୂରଣ କରି ସୁସ୍ଥ ସବଳ ଓ ହୃଷ୍ଟପୁଷ୍ଟ ଦେଖାଯାଉଥାନ୍ତି । ସେମାନଙ୍କୁ ଲକ୍ଷ୍ୟ କରି ଦିନେ କେତେଜଣ ବନ୍ଧୁଙ୍କ ମନରେ କୌତୂହଳ ସୃଷ୍ଟି ହେଲା । ଭିକ୍ଷା କରି ଏମାନେ କିପରି ଏତେ ସୁସ୍ଥ ଓ ମୋଟାସୋଟା ହୋଇପାରିଛନ୍ତି ବୋଲି ଜଣେ ବନ୍ଧୁ ବିସ୍ମୟ ପ୍ରକାଶ କରିବାରୁ ଅନ୍ୟ ଜଣେ ବନ୍ଧୁ ତାଙ୍କୁ ଲକ୍ଷ୍ୟ କରି କହିଲେ, 'ଦେଖ ମୁଁ ତୁମକୁ ଏକ କୌତୁକ ଦେଖାଉଛି । ଉତ୍ତମ ଭୋଜନ କରି ମଧ୍ୟ ଏହି ସାଧୁମାନେ ପୂର୍ବପରି ଦୁର୍ବଳ ହୋଇପଡ଼ିବେ ।'

ଏହିପରି କହି ସେ ସାଧୁମାନଙ୍କୁ ନିଜ ଗୃହକୁ ନିମନ୍ତ୍ରଣ କରିନେଇ ଅତ୍ୟନ୍ତ ସୁମିଷ୍ଟ ଷଡ଼ରସ ଭୋଜନ ସାମଗ୍ରୀ ଦ୍ୱାରା ଆପ୍ୟାୟିତ କରିବା ଆରମ୍ଭ କଲା । କେତୋଟି ଦିନ ପରେ ସେମାନେ ପୁଣି ଯେତେବେଳେ ଭିକ୍ଷାନ୍ନରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରନ୍ତି, ସେତେବେଳେ ପୂର୍ବୋକ୍ତ ସୁମିଷ୍ଟ ଭୋଜନ କଥା ସ୍ମରଣ କରି ଏହା ଖାଇପାରନ୍ତି ନାହିଁ । ପୂର୍ବେ ଏହି ଖାଦ୍ୟ ହିଁ ସେମାନେ ସନ୍ତୋଷର ସହିତ ଖାଉଥିଲେ । କିନ୍ତୁ ବର୍ତ୍ତମାନ ଅସନ୍ତୁଷ୍ଟ ଚିତ୍ତରେ ଆହାର କରିବା ଦ୍ୱାରା ସେମାନଙ୍କ ଶରୀର ପୁଣି ଦୁର୍ବଳ ହୋଇପଡ଼ିଲା ।

ସାଧୁମାନଙ୍କୁ ଭୋଜନ କରାଇଥିବା ସେହି ମିତ୍ର ଅନ୍ୟମାନଙ୍କୁ ଲକ୍ଷ୍ୟ କରି କହିଲା, 'ମୋ ଗୃହରେ ଭୋଜନ କରିବା ପୂର୍ବରୁ ଏହି ସାଧୁମାନେ ଭିକ୍ଷାକରି ଆଣୁଥିବା ଉପକରଣରୁ ପ୍ରସ୍ତୁତ ଖାଦ୍ୟକୁ ସନ୍ତୋଷର ସହିତ ଖାଉଥିଲେ ବୋଲି ସେପରି ମୋଟାସୋଟା ହୋଇଯାଇଥିଲେ । କିନ୍ତୁ ଆମ ଘରେ ସୁମିଷ୍ଟ ଖାଦ୍ୟ ଖାଇସାରିବା ପରେ ସେମାନେ ଭିକ୍ଷାନ୍ନରେ ଆଉ ସନ୍ତୁଷ୍ଟ ହୋଇପାରିଲେ ନାହିଁ । ତେଣୁ ଏହିପରି ଦୁର୍ବଳ ହୋଇପଡ଼ିଲେ ।

ଏଥିପାଇଁ ସୁଖଲାଭ କରିବା ନିମିତ୍ତ ଚାହୁଁଥିବା ପ୍ରାଜ୍ଞ ବ୍ୟକ୍ତିମାନେ ମନରେ ସର୍ବଦା ସନ୍ତୋଷ ଭାବ ପୋଷଣ କରିବା ଉଚିତ । ଅସନ୍ତୋଷ ଇହଲୋକ ଓ ପରଲୋକରେ ନିରନ୍ତର ଦୁଃଖ ହିଁ ଦେଇଥାଏ ।

ତସ୍ମାତ୍‌ପ୍ରାଜ୍ଞଃ ସୁଖଂ ବାଂଛନ୍ ସନ୍ତୋଷେ ସ୍ଥାପୟେନ୍ମନଃ
ଲୋକଦ୍ୱୟେଽପ୍ୟସନ୍ତୋଷୋ ଦୁଃସହାଶ୍ରାନ୍ତଦୁଃଖଦଃ ।

Digitized by srujanika@gmail.com

ମିତ୍ରଠାରୁ ଏହାଶୁଣି ଅନ୍ୟମାନେ ଅସନ୍ତୋଷକୁ ପାପର ଭଣ୍ଡାର ବୋଲି ତ୍ୟାଗ କଲେ । ବାସ୍ତବରେ ସତ୍‌ସଙ୍ଗ କାହାର ବା କଲ୍ୟାଣ ନକରେ । ପ୍ରଭୁ, ଏ ସମ୍ପର୍କରେ ସୁବର୍ଣ୍ଣ ମୁଗ୍ଧ କଥା ମଧ୍ୟ ଶ୍ରବଣ କରନ୍ତୁ –

ସୁବର୍ଣ୍ଣ ମୁଗ୍ଧ କଥା

କୌଣସି ଏକ ଯୁବକ ଜଳପାନ କରିବା ପାଇଁ ଗୋଟିଏ ପୁଷ୍କରିଣୀ ନିକଟରେ ଯାଇ ପହଞ୍ଚିଲା । ପୁଷ୍କରିଣୀର ସ୍ଥିର ଜଳରାଶି ମଧ୍ୟରେ ତଟବର୍ତ୍ତୀ ଗୋଟିଏ ବୃକ୍ଷର ଶାଖାରେ ବସିଥିବା କୌଣସି ସ୍ୱର୍ଣ୍ଣଚୂଡ଼ ପକ୍ଷୀର ପ୍ରତିବିମ୍ବ ଦେଖାଯାଉଥାଏ । ମୂର୍ଖ ଯୁବକ ତାକୁ ପ୍ରକୃତ ସୁବର୍ଣ୍ଣ ବୋଲି ଭାବି ପୁଷ୍କରିଣୀ ମଧ୍ୟରେ ପ୍ରବେଶ କଲା । କିନ୍ତୁ ସ୍ଥିର ଜଳରାଶିର ସ୍ଥିରତା ନଷ୍ଟ ହେବାରୁ ପକ୍ଷୀର ପ୍ରତିବିମ୍ବ ଆଉ ଦେଖାଗଲା ନାହିଁ । ତେଣୁ ସେ ନିରାଶ ମନରେ କୂଳକୁ ଉଠିଆସିଲା । ଜଳ ସ୍ଥିର ହେବାରୁ ପୁଣି ସେଥିରେ ପ୍ରତିବିମ୍ବ ଦେଖାଗଲା । ଯୁବକଟି ପୁଣି ଲୋଭବଶତଃ ପୁଷ୍କରିଣୀରେ ପ୍ରବେଶ କଲା । ଦୀର୍ଘ ସମୟ ଧରି ତା'ର ଏପରି ଯିବାଆସିବା ଲାଗି ରହିଥାଏ । ଏ ସମୟରେ ତା'ର ପିତା ସେଠାରେ ଆସି ଉପସ୍ଥିତ ହୁଅନ୍ତି । ସେ ପୁତ୍ରର ଏପରି ଆଚରଣ ଦେଖି ଏବଂ ପୁଷ୍କରିଣୀ ମଧ୍ୟରେ ପକ୍ଷୀଟିର ପ୍ରତିବିମ୍ବକୁ ଲକ୍ଷ୍ୟ କରି ପ୍ରକୃତ ଘଟଣା ଜାଣିପାରିଲେ ଏବଂ ପକ୍ଷୀଟିକୁ ଗଛ ଉପରୁ ଉଡ଼ାଇ ଦେଇ ମୂର୍ଖ ପୁତ୍ରଟିକୁ ପ୍ରକୃତ କଥା ବୁଝାଇ ଦେଇ ଘରକୁ ନେଇଗଲେ ।

ଏହିପରି ବିଚାରହୀନ ମୂର୍ଖମାନେ ମିଥ୍ୟା ଲୋଭରେ ପଡ଼ି ନିଜର ଅଜ୍ଞାନତା ପ୍ରଦର୍ଶନ କରିଥାନ୍ତି । ସେମାନେ ଅନ୍ୟ ପାଇଁ ଯେପରି ଉପହାସର ପାତ୍ର, ସେହିପରି ନିଜେ ନିଜ ଦୁଃଖର କାରଣ ମଧ୍ୟ ହୋଇଥାନ୍ତି । ବର୍ତ୍ତମାନ ଏହିପରି ଅନ୍ୟ ଜଣେ ମହାମୂର୍ଖର କଥା ଶୁଣିପାରନ୍ତି –

ମୂର୍ଖ ସେବକ କଥା

କୌଣସି ଜଣେ ବଣିକ ଗୋଟିଏ ଓଟ ଉପରେ ବହୁ ପଦାର୍ଥ ଧରି ବ୍ୟବସାୟ ଉପଲକ୍ଷ୍ୟରେ ଦୂରଦେଶକୁ ଯାଉଥାନ୍ତି । ତାଙ୍କ ସହିତ ଥାଆନ୍ତି ତାଙ୍କର ଭୃତ୍ୟ ଓ ଅନୁଚର । ପଶୁଟି ଅତ୍ୟଧିକ ଭାର ବହନ କରିନପାରି ମାର୍ଗ ମଧ୍ୟରେ ଅବସନ୍ନ ହୋଇପଡ଼ିଲା । ଏହା ଦେଖି ବଣିକ ତାଙ୍କ ସହିତ ଥିବା ସେବକମାନଙ୍କୁ କହିଲେ –

'ତୁମେମାନେ ଏଠାରେ ଅପେକ୍ଷା କର, ମୁଁ ଯାଇ ଅନ୍ୟ ଏକ ଓଟ କିଣି ଆଣୁଛି । ଏହାର ଅଧାବୋଝ ତା'ଉପରେ ଲଦିଦେଲେ ଆମେ ନିରାପଦରେ ଏଠାରୁ ଯାଇପାରିବା ।

Digitized by srujanika@gmail.com

ତୁମେମାନେ ମୋର ଏହି ପଦାର୍ଥଗୁଡ଼ିକୁ ଦେଖୁଥାଅ । ଯଦି ବର୍ଷା ହୁଏ ତେବେ ପେଡ଼ିଗୁଡ଼ିକ ଉପରେ ଥିବା ଚମଡ଼ା ନିର୍ମିତ ଢାଙ୍କୁଣୀଗୁଡ଼ିକୁ ଯେପରି ପାଣି ନଲାଗେ ସେଥିପାଇଁ ଦୃଷ୍ଟିଦେବ ।' ଏହାକହି ସେ ସେଠାରୁ ଚାଲିଯିବା ପରେ ହଠାତ୍ ଆକାଶରେ ମେଘ ଉଠାଇ ପ୍ରବଳ ବୃଷ୍ଟି ଆରମ୍ଭ ହେଲା ।

କ'ଣ କଲେ ଚମ ଢାଙ୍କୁଣୀଗୁଡ଼ିକୁ ପାଣି ଲାଗିବ ନାହିଁ, ଏହା ଚିନ୍ତା କରି ସେମାନେ ପେଡ଼ି ଭିତରେ ଥିବା ମୂଲ୍ୟବାନ୍ ବସ୍ତ୍ରଗୁଡ଼ିକୁ ବାହାର କରି ଢାଙ୍କୁଣୀ ଉପରେ ଥିବା ଚମଡ଼ାର ଆବରଣ ସବୁକୁ ଘୋଡ଼ାଇ ରଖିଲେ । ଏହା ଫଳରେ ପେଡ଼ିଗୁଡ଼ିକର ଆବରଣ ରୂପେ ଥିବା ଚମଡ଼ାଗୁଡ଼ିକ ରକ୍ଷା ପାଇଗଲା, କିନ୍ତୁ ପେଡ଼ି ଭିତରେ ଥିବା ବହୁମୂଲ୍ୟ ବସ୍ତ୍ରଗୁଡ଼ିକ କାଦୁଅ ଛିଟା ପଡ଼ି ନଷ୍ଟ ହୋଇଗଲା ।

ବଣିକ ଫେରିଆସି ସେବକମାନଙ୍କର ଏହି ମୂର୍ଖତାରେ କ୍ରୋଧ ପ୍ରକାଶ କରନ୍ତେ ସେମାନେ କହିଲେ, 'ପ୍ରଭୁ, ଆପଣ ପେଡ଼ି ଉପରେ ଥିବା ଚମଡ଼ାଗୁଡ଼ିକୁ ଯେପରି ପାଣି ନଲାଗେ ତା'ର ବ୍ୟବସ୍ଥା କରିବା ପାଇଁ କହିଥିଲେ । ଆମେ ତ ସେୟାହିଁ କରିଛୁ । ଏଥିରେ ଆମର ଦୋଷ ବା କଣ ?' 'ଆରେ ମୂର୍ଖ, ଚମଡ଼ା ଓଦା ହୋଇଗଲେ ଭିତରେ ଥିବା ବସ୍ତୁଗୁଡ଼ିକ ନଷ୍ଟ ହୋଇଯିବ, ଏଥିପାଇଁ ମୁଁ ତୁମମାନଙ୍କୁ ଚମଡ଼ାରେ ପାଣି ଲଗାଇବ ନାହିଁ କହିଥିଲି । ତମେ ସବୁ ମୂର୍ଖ ଚମଡ଼ାକୁ ରକ୍ଷା କରିବାକୁ ଯାଇ ମୋର ବହୁମୂଲ୍ୟ ବସ୍ତ୍ରଗୁଡ଼ିକୁ ନଷ୍ଟ କରିଦେଲ ।' ଏହାକହି ବଣିକ ମନଦୁଃଖରେ ଦ୍ୱିତୀୟ ଓଟ ଉପରେ ଅଧା ପଦାର୍ଥ ବୋଝେଇ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଦଣ୍ଡସ୍ୱରୂପ ସେବକମାନଙ୍କର ସର୍ବସ୍ୱ ହରଣ କରି ସେମାନଙ୍କୁ ବିଦାୟ କରିଦେଲେ ।

ଏହିପରି ମୂର୍ଖମାନେ ବକ୍ତା ହୃଦୟର ପ୍ରକୃତ ଭାବ ନବୁଝି ବିପରୀତ କାର୍ଯ୍ୟ କରିଥାନ୍ତି ଏବଂ ନିଜର ଏବଂ ନିଜ ସ୍ୱାମୀର ଅନିଷ୍ଟ କରିବା ସଙ୍ଗେ ସଙ୍ଗେ ଅନୁରୂପ କୈଫିୟତ୍ ମଧ୍ୟ ଦେଇଥାନ୍ତି ।

ରୋଟି ମୂର୍ଖ କଥା

ଏହି ମୂର୍ଖପରି ଆଉ ଏକ ମୂର୍ଖର କଥା ମଧ୍ୟ ଶୁଣନ୍ତୁ ।

ଜଣେ ପଥିକ ଗୋଟିଏ ପଇସା ଦେଇ ଆଠଟି ରୁଟି କିଣିଥିଲା । ସେଥିରୁ ଛ'ଟି ରୁଟି ଖାଇବା ପର୍ଯ୍ୟନ୍ତ ତା'ର ପେଟ ପୂରି ନଥାଏ । ସପ୍ତମ ରୁଟିଟି ଖାଇଲାବେଳେ ତା'ର ମନେହେଲା ଯେ ସେ ଆଁଉ ଖାଇପାରିବ ନାହିଁ । ମୂର୍ଖ ପଥିକ ଦୁଃଖରେ କାନ୍ଦିଉଠିଲା ।

Digitized by srujanika@gmail.com

ସେ ଖାଲି କହୁଥାଏ 'ମୁଁ ଭାସିଗଲିରେ, ମୁଁ ବୁଡ଼ିଗଲିରେ । ଆଗରୁ ଯଦି ମୁଁ ଏହି ଶେଷ ରୁଟିଟି ଖାଇଥାନ୍ତି, ତା'ହେଲେ ମୋର ଛ'ଟି ରୁଟି ବଳିଯାଇଥାନ୍ତା । ଏଇ ସପ୍ତମ ରୁଟିଟି ହିଁ ମୋର ପେଟ ପୂରେଇ ଦେଲା । ଆଗ ଛଅଟି ରୁଟି ମୁଁ ତୁଚ୍ଛାରେ ନଷ୍ଟ କଲି ।' ତା'ର ଏପ୍ରକାର ବିଳାପ ଶୁଣି ସେଠାରେ ବସିଥିବା ଅନ୍ୟମାନେ ହସି ହସି ଗଡ଼ିଗଲେ ।

ଇଏ ତ ଗଲା ଗୋଟିଏ ମୂର୍ଖ । ସେମିତି ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ –

ମୂର୍ଖ ଭୃତ୍ୟ କଥା

ଜଣେ ବ୍ୟବସାୟୀଙ୍କର ଭୃତ୍ୟଟି ଗୋଟିଏ ନିପଟ ମୂର୍ଖ । ଦିନେ ବଣିକ ଖାଇବାକୁ ଗଲାବେଳେ ତାକୁ କହିଦେଇ ଗଲେ 'ଆରେ, ଦ୍ୱାର ଜଗିଥିବୁ । ମୁଁ ଏଇନେ ଆସୁଛି ।' ବ୍ୟବସାୟୀ ଘରକୁ ଚାଲିଯିବା ପରେ ଭୃତ୍ୟଟି ଦୋକାନ ଦ୍ୱାରରେ ଜଗି ବସିଥାଏ । ଏତେବେଳେ ଦଳେ ନାଟୁଆ ଆସି କିଛି ଦୂରରେ ସେମାନଙ୍କର ନାଚ଼ ଆରମ୍ଭ କଲେ । ଭୃତ୍ୟଟି ତାହା ଦେଖିବାର କୌତୂହଳ ଦମନ କରିନପାରି ସେଠାକୁ ଯିବା ପାଇଁ ବାହାରିଲା । କିନ୍ତୁ ମୁନିବଙ୍କ କଥା ମନେ ପଡ଼ିଯିବାରୁ ସେ ଦ୍ୱାରବନ୍ଧ ସହିତ ଦୋକାନର କବାଟଟିକୁ ଉପାଡ଼ି ତାକୁ କାନ୍ଧରେ ଧରି ନାଚ଼ ହେଉଥିବା ଜାଗାରେ ଯାଇ ପହଞ୍ଚିଲା । ବ୍ୟବସାୟୀ ଫେରିଆସି ତାକୁ ସେଠାରୁ ଡାକିଆଣି ଭର୍ତ୍ସନା କରିବାରୁ ସେ ଉତ୍ତରରେ କହିଲା ଯେ ତା'ର କିଛି ଦୋଷ ନାହିଁ । ମୁନିବଙ୍କ କଥା ଅନୁସାରେ ଦୋକାନ ଦ୍ୱାରକୁ କାନ୍ଧ ଉପରେ ରଖି ଜଗିଛି । ଏହାଶୁଣି ସେହି ବ୍ୟବସାୟୀ ହସିବେ କି କାନ୍ଦିବେ ବୁଝିପାରିଲେ ନାହିଁ । ମୂର୍ଖମାନେ କଥାର ତାତ୍ପର୍ଯ୍ୟାର୍ଥ ନବୁଝି କେବଳ ଶବ୍ଦର ଆକ୍ଷରିକ ଅର୍ଥକୁହିଁ ଗ୍ରହଣ କରି ଅନର୍ଥ ସୃଷ୍ଟି କରିଥାନ୍ତି ।

ଏ ତ ଗଲା ଶବ୍ଦରୁ ଅନର୍ଥ ବାହାର କରିଥିବା ମୂର୍ଖର କଥା । ବର୍ତ୍ତମାନ ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ –

ମୂର୍ଖ ମଇଁଷି ଚୋର କଥା

କୌଣସି ଗୋଟିଏ ଗାଁରେ ଗୋଟିଏ ମୂର୍ଖ ମଇଁଷିଆଳ ବାସ କରୁଥାଏ । ଦିନେ ସେହି ଗାଁର କେତେକ ଲୋକ ତା'ରେ ଗୋଟିଏ ମଇଁଷିକୁ ଚୋରାଇ ନେଇ ନିକଟରେ ଥିବା ଗୋଟିଏ ଭୀଲ ବସ୍ତିର ସମ୍ମୁଖସ୍ଥ ବରଗଛ ତଳେ ମାରି ଖାଇଗଲେ । ଏଥିରେ ଦୁଃଖିତ ହୋଇ ମଇଁଷିଆଳଟି ରାଜାଙ୍କ ନିକଟରେ ଫେରାଦ କଲା । ରାଜା ତା'କଥା ଅନୁଯାୟୀ

Digitized by srujanika@gmail.com

ମଇଁଷି ଚୋରି କରିଥିବା ଗାଁ ବାଲାଙ୍କୁ ଧରାଇ ଆଣିଲେ । ସେମାନଙ୍କର ଆଗରେ ହିଁ ମଇଁଷିଆଳ କହିଲା, 'ମହାରାଜ, ମୋ ଆଖି ଆଗରେ ହିଁ ଏମାନେ ପୋଖରୀ ହିଡ଼ରେ ଥିବା ବରଗଛ ତଳେ ମୋର ମଇଁଷିଟିକୁ ମାରି ଖାଇଗଲେ ।' ଏହାଶୁଣି ଗ୍ରାମବାସୀମାନଙ୍କ ମଧ୍ୟରେ ଥିବା ଜଣେ ମୂର୍ଖ ବୁଢ଼ା କହିଲା 'ମହାରାଜ, ଆମ ଗାଁରେ ପୋଖରୀ ନାହିଁ କି ବଟବୃକ୍ଷ ନାହିଁ । ତେଣୁ ଆମେ ଏହାର ମଇଁଷିକୁ କେଉଁଠି ମାରିଲୁ, କୋଉଠି ଖାଇଲୁ । ଏଇଟା ଗୋଟିଏ ନିପଟ ମିଛୁଆ ।'

ଏଥିରେ ମଇଁଷିଆଳ ପୁଣି କହିଲା, 'ଗାଁର ପୂର୍ବଦିଗରେ ପୋଖରୀ ଅଛି । ତା'ର ଗୋଟିଏ ହିଡ଼ ଉପରେ ବରଗଛ ଅଛି । ଅଷ୍ଟମୀ ତିଥିରେ ତମେ ମୋର ମଇଁଷିଟିକୁ ମାରି ଖାଇଛ ।' ମଇଁଷିଆଳର କଥାଶୁଣି ପୂର୍ବୋକ୍ତ ସେହି ବୁଢ଼ା ରାଜାଙ୍କୁ ଜଣାଇଲା, 'ମହାରାଜ, ଇଏ ପୁଣି ମିଛ କହୁଛି । ଆମ ଗାଁରେ ପୂର୍ବଦିଗ ନାହିଁ କି ଅଷ୍ଟମୀ ତିଥି ନାହିଁ ।' ଏଥିରେ ରାଜା ତାକୁ ଆହୁରି ଉତ୍ସାହିତ କରିବା ପାଇଁ ହସି ହସି ପଚାରିଲେ, 'ତୁ ପ୍ରକୃତରେ ସତ୍ୟବାଦୀ । ଏ ପର୍ଯ୍ୟନ୍ତ ଗୋଟିଏ ବୋଲି ମିଛ ତୁ କହିନୁ । ତୁ ଏବେ ମୋତେ ଖାଲି କହ, ତମେ ସବୁ ସତରେ ମଇଁଷିଟିକୁ ଖାଇଛ କି ନାହିଁ ।' ମୂର୍ଖଟି ରାଜାଙ୍କ ଇଙ୍ଗିତ ବୁଝିପାରିଲା ନାହିଁ । ସେ ଉତ୍ସାହିତ ହୋଇ କହିଲା, 'ମହାରାଜ, ମୋ ବାପା ମରିବାର ତିନିବର୍ଷ ପରେ ମୋର ଜନ୍ମ । ଏବଂ ସେହି ବାପାହିଁ ମୋତେ ଏହିପରି କହିବା ଚାତୁରୀ ଶିଖାଇଛି । ତେଣୁ ମୁଁ କେବେ ମିଛ କହେନାହିଁ । ଆମେ ସମସ୍ତେ ମିଶି ମଇଁଷି ଖାଇବା କଥା ସତ, କିନ୍ତୁ ଆଉ ସବୁ କଥା ମିଛ ।' ମୂର୍ଖଠାରୁ ଏହାଶୁଣି ରାଜା ଏବଂ ରାଜସଭାରେ ଥିବା ଅନ୍ୟ ସମସ୍ତେ ହାସ୍ୟ ସମ୍ବରଣ କରିପାରିଲେ ନାହିଁ । ପ୍ରକୃତ ସତ୍ୟ ଜାଣିବା ପରେ ରାଜା ମଇଁଷିଆଳଟିକୁ ଉଚିତ ମୂଲ୍ୟ ଦେଇ ବିଦାୟ କଲେ ଏବଂ ସେହି ଗ୍ରାମବାସୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କଲେ ।

ଯୁବରାଜ, ମନୁଷ୍ୟର ମୂର୍ଖତା ଅପେକ୍ଷା ମୂର୍ଖତାର ସ୍ୱାଭିମାନ ଆହୁରି ହାସ୍ୟାସ୍ପଦ । ଏହି ମୂର୍ଖମାନେ ଯାହା ଗୋପନ ରଖିବା କଥା ତାକୁ ପ୍ରକାଶ କରନ୍ତି ଏବଂ ଯାହା ପ୍ରକାଶଯୋଗ୍ୟ ତାକୁ ଗୋପନ ରଖନ୍ତି ।

ଚକୋର ମୂର୍ଖକଥା

ଏହିପରି ଆଉ ଜଣେ ମୂର୍ଖ ଗୋଟିଏ ଗାଁରେ ବାସ କରୁଥାଏ । ସେ ଅତ୍ୟନ୍ତ ଗରିବ, କିନ୍ତୁ ତା' ସ୍ତ୍ରୀଟି ନିପଟ ଚଣ୍ଡୀ । ଦିନେ ସେ ତା'ର ସ୍ୱାମୀକୁ ତାଗିଦ୍ କରି କହିଲା, 'ଦେଖ,

Digitized by srujanika@gmail.com

ମୁଁ କାଲି ସକାଳୁ ମାଁ ଘରକୁ ଯାଉଛି । ପୂଜା ପାଇଁ ସେମାନେ ମୋତେ ନିମନ୍ତ୍ରଣ କରିଛନ୍ତି । ତେଣୁ ତମେ ଯଦି ମୋ ପାଇଁ ଗୋଟିଏ ନୀଳ କଇଁର ଫୁଲମାଳ ନଆଣ ତା'ହେଲେ ତମେ ମୋର ସ୍ୱାମୀ ନୁହଁ କି ମୁଁ ତୁମର ସ୍ତ୍ରୀ ନୁହେଁ ।' ପତି ବିଚ଼ାରା ଚାରିଆଡ଼େ ବୁଲି ବୁଲି ରାଜାଙ୍କ ପୁଷ୍କରିଣୀରେ ଯାଇ ପହଞ୍ଚିଲା । ସେ ଫୁଲ ତୋଳୁଥିବା ବେଳେ ସେଠାରେ ପହରା ଦେଉଥିବା ପରିଚ଼ାରକମାନେ ପଚ଼ାରିବାରୁ ସେ ନିଜର ପରିଚ଼ୟ ଦେଇ କହିଲା ''ମୁଁ ଚକୋର'' । ଏହା ଶୁଣି ରକ୍ଷକମାନେ ପରଦିନ ପ୍ରଭାତରୁ ତାକୁ ବାନ୍ଧିନେଇ ରାଜାଙ୍କ ନିକଟରେ ଉପସ୍ଥିତ କରାଇଲେ । ରାଜା ତା'ର ଦୋଷ ସମ୍ପର୍କରେ ପଚ଼ାରିବାରୁ ସେ କେବଳ ଚକୋର ପରି ସ୍ୱର ପ୍ରକାଶ କଲା । କିନ୍ତୁ ପରେ ଦଣ୍ଡଭୟ ଦେଖାଇବାରୁ ସେ ପ୍ରକୃତ ବୃତ୍ତାନ୍ତ ପ୍ରକାଶ କରନ୍ତେ ଦୟାଳୁ ରାଜା ତାକୁ ମୁକ୍ତି ଦେଲେ ଏବଂ ସେ ଫୁଲମାଳ ସହିତ ଘରକୁ ଫେରିଆସିଲା । ସେହିପରି –

ମୂର୍ଖାଭିମାନୀ ବୈଦ୍ୟକଥା

କୌଣସି ଜଣେ ବ୍ରାହ୍ମଣଙ୍କର ଗୋଟିଏ କୁଜା ପୁଅ ଥିଲା । ସେ ତାକୁ ଜଣେ ବୈଦ୍ୟଙ୍କ ନିକଟକୁ ନେଇଯାଇ ପୁଅଟିକୁ ଆରୋଗ୍ୟ କରିଦେବା ପାଇଁ ଅନୁରୋଧ କଲେ । ଏଥିରେ ବୈଦ୍ୟ କହିଲା, 'ଏଥିପାଇଁ ତୁମକୁ ଦଶ ପଇସା ଦେବାକୁ ପଡ଼ିବ । ଯଦି ମୁଁ ତୁମ ପୁଅକୁ ସୁସ୍ଥ ନକରେ, ତା'ହେଲେ, ମୁଁ ତା'ର ଦଶଗୁଣ ତୁମକୁ ଫେରାଇବି ।' ଏପରି ସର୍ତ୍ତରଖି ବ୍ରାହ୍ମଣ ଦଶ ପଇସା ନେଇ ବିଭିନ୍ନ ଉପଚ଼ାର ଦ୍ୱାରା ଚିକିତ୍ସା ଆରମ୍ଭ କଲା । କିନ୍ତୁ ବହୁଦିନର ଚିକିତ୍ସା ପରେ ମଧ୍ୟ ବ୍ରାହ୍ମଣ ସନ୍ତାନଟିର କୁଜଟି ଲୁଚିଲା ନାହିଁ । ତେଣୁ ବୈଦ୍ୟ ବ୍ରାହ୍ମଣଙ୍କୁ ଶହେଟି ପଇସା ଫେରାଇବା ପାଇଁ ବାଧ ହେଲା । କୁଜାକୁ ସଳଖ ସୁନ୍ଦର କରିବା ଅସମ୍ଭବ । ଅସମ୍ଭବକୁ ସମ୍ଭବ କରିବେ ବୋଲି ପ୍ରତିଜ୍ଞା କରୁଥିବା ମୂର୍ଖମାନଙ୍କ ଚକ୍ରାନ୍ତରେ ବୁଦ୍ଧିମାନ ଲୋକମାନେ ପଡ଼ିବା ଉଚ଼ିତ ନୁହେଁ ।

କଥା ଭଣ୍ଡାର ଗୋମୁଖଠାରୁ ଏପ୍ରକାର କଥା ସବୁ ଶୁଣି ଯୁବରାଜ ନରବାହନଦତ୍ତ ଅତ୍ୟନ୍ତ ପ୍ରୀତ ହେଲେ । କିଛି ସମୟ ପାଇଁ ଶକ୍ତିଯଶାଙ୍କ କଥା ଭୁଲିଯିବା ଯୋଗୁଁ ସେ ସମବୟସ୍କ ମିତ୍ରମାନଙ୍କ ସହିତ ସୁଖନିଦ୍ରାରେ ରାତିଟି ବିତାଇ ଦେଇପାରିଲେ ।

●

Digitized by srujanika@gmail.com

ସପ୍ତମ ତରଙ୍ଗ

ରାତ୍ରି ଶେଷ ହେଲା । ପ୍ରଭାତ ହେବାରୁ ପ୍ରାଣପ୍ରିୟା ଶକ୍ତିଯଶାଙ୍କ ସ୍ମୃତି ନରବାହନଦତ୍ତଙ୍କୁ ପୁଣି ବ୍ୟାକୁଳ କଲା । ବିବାହ ପାଇଁ ଗୋଟିଏ ମାସର ଅବଧି ତାଙ୍କ ପାଇଁ ଗୋଟିଏ ଯୁଗ ବୋଲି ମନେହେଲା । ଦିନକୁ ଦିନ ନବବଧୂ ସଙ୍ଗମ ପାଇଁ ନରବାହନଦତ୍ତ ଉତ୍କଣ୍ଠିତ ହୋଇପଡୁଥାଆନ୍ତି । ଗୋମୁଖଙ୍କଠାରୁ ଏହି ସମାଚାର ଶୁଣି ବତ୍ସରାଜ ପୁତ୍ରସ୍ନେହବଶତଃ ନିଜର ମିତ୍ରମାନଙ୍କ ସହିତ ବସନ୍ତକଙ୍କୁ ପ୍ରେରଣ କଲେ । ସେମାନଙ୍କ ଦ୍ୱାରା ଆଶ୍ୱାସିତ ହୋଇ ନରବାହନଦତ୍ତ କିଛି ପରିମାଣରେ ଧୈର୍ଯ୍ୟ ଫେରି ପାଇବାରୁ ଗୋମୁଖ ବସନ୍ତକଙ୍କୁ ଯୁବରାଜଙ୍କ ମାନସିକ ପ୍ରସନ୍ନତା ଫେରାଇ ଆଣିବା ପାଇଁ କିଛି ଗୋଟିଏ ଗଳ୍ପ କହିବା ନିମିତ୍ତ ଅନୁରୋଧ ଜଣାଇଲେ । ବୁଦ୍ଧିମାନ୍ ବସନ୍ତକ ତାଙ୍କ ଅନୁରୋଧ ରକ୍ଷାକରି ଗଳ୍ପଟିଏ ଆରମ୍ଭ କଲେ —

ଯଶୋଧର ଓ ଲକ୍ଷ୍ମୀଧର କଥା

ପ୍ରାଚୀନ କାଳରେ ମାଳବ ଦେଶରେ ଜଣେ ନୀତିନିଷ୍ଠ ପ୍ରସିଦ୍ଧ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ଔରସରୁ ଯେଉଁ ଦୁଇଟି ଯମଜ ପୁତ୍ର ଉତ୍ପନ୍ନ ହୋଇଥିଲେ ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠର ଯଶୋଧର ଏବଂ କନିଷ୍ଠର ଲକ୍ଷ୍ମୀଧର ନାମକରଣ କରାଯାଇଥିଲା । ସେମାନେ ଯୌବନରେ ପଦାର୍ପଣ କରନ୍ତେ ପିତାଙ୍କ ସମ୍ମତିକ୍ରମେ ବିଦ୍ୟା ଅଧ୍ୟୟନ ନିମିତ୍ତ ଦୂରଦେଶକୁ ପ୍ରସ୍ଥାନ କଲେ ।

ମାର୍ଗରେ ସେମାନଙ୍କୁ ଏକ ବିଶାଳ ଅରଣ୍ୟ ଅତିକ୍ରମ କରିବାକୁ ପଡ଼ିଲା । ସେହି ଅରଣ୍ୟରେ ଜଳ ଓ ବୃକ୍ଷର ଦେଖା ନଥିଲା । ଉତ୍ତପ୍ତ ବାଲୁକାରାଶି ଦ୍ୱାରା ତାହା ଥିଲା ପରିପୂର୍ଣ୍ଣ । ପ୍ରଖର ସୂର୍ଯ୍ୟକିରଣ ଏବଂ ଜଳାଭାବ ସେମାନଙ୍କୁ ଅତ୍ୟନ୍ତ ବ୍ୟଥିତ କରୁଥିଲା । ସୂର୍ଯ୍ୟାସ୍ତ ବେଳକୁ ସେମାନେ ଗୋଟିଏ ସୁମିଷ୍ଟ ଫଳ ଓ ଛାୟା ସମନ୍ୱିତ ବିଶାଳ ବୃକ୍ଷ

Digitized by srujanika@gmail.com

ନିକଟରେ ଆସି ପହଞ୍ଚିଲେ । ସେଠାରେ ଏକ ଶୀତଳ ଓ ନିର୍ମଳ ଜଳପୂର୍ଣ୍ଣ ପଦ୍ମ ପୁଷ୍କରିଣୀ ସେମାନଙ୍କର ଦୃଷ୍ଟିଗୋଚର ହେଲା । ସେଥିରେ ସ୍ନାନ କରି ସେମାନେ କିଛି ସୁମିଷ୍ଟ ଫଳ ଆହାର କଲେ । ପୁଷ୍କରିଣୀର ଜଳପାନ କରିବା ଦ୍ୱାରା ସେମାନଙ୍କର କ୍ଳାନ୍ତି ଦୂର ହେଲା । ଉଭୟେ ଏକ ଶିଳାଖଣ୍ଡ ଉପରେ ବସି ବିଶ୍ରାମ କରିବାକୁ ଲାଗିଲେ । ସୂର୍ଯ୍ୟ ଅସ୍ତ ହେବାରୁ ଯଥୋଚିତ ସଂଧ୍ୟାବନ୍ଦନା ପୂର୍ବକ ହିଂସ୍ର ଜନ୍ତୁମାନଙ୍କ କବଳରୁ ରକ୍ଷା ପାଇବା ନିମିତ୍ତ ଉଭୟେ ବୃକ୍ଷ ଉପରକୁ ଉଠିଗଲେ ।

ଧୀରେ ଧୀରେ ରାତ୍ରି ବଢ଼ିବାକୁ ଲାଗିଲା । ପ୍ରଥମ ପ୍ରହର ଶେଷ ବେଳକୁ ସେଠାରେ ସେମାନେ ଯାହା ଦେଖିଲେ ସେଥିରେ ସେମାନଙ୍କର ବିସ୍ମୟର ସୀମା ରହିଲା ନାହିଁ । ତାଙ୍କ ଚକ୍ଷୁ ସମ୍ମୁଖରେ ହିଁ ନିକଟସ୍ଥ ପୁଷ୍କରିଣୀ ମଧ୍ୟରୁ ବହୁ ପୁରୁଷ ଉପରକୁ ଉଠିଆସିଲେ । ସେମାନଙ୍କ ମଧ୍ୟରୁ କିଏ ଭୂମି ସଫା କଲା ତ କିଏ ତାକୁ ଲିପିବାରେ ଲାଗିଲା । କିଏ ପଞ୍ଚରଙ୍ଗୀ ମୁରୁଜରେ ସେଠାରେ ଚିତା ପକାଇଲା ତ ଆଉ କିଏ ସେଠାରେ ଏକ ସୁବର୍ଣ୍ଣ ନିର୍ମିତ ପଲଙ୍କ ଆଣି ପକାଇଲା । ଆଉ କେହି ତା'ଉପରେ ସୁଶୋଭିତ ଚଦର ବିଛାଇଲା ବେଳେ ଆଉ କେତେଜଣ ପୁରୁଷ ତା'ଉପରେ ଫୁଲ ପାଖୁଡ଼ା ବିଞ୍ଚିବାକୁ ଲାଗିଲେ । ଆଉ ଦୁଇଚାରି ଜଣ ପଲଙ୍କଠାରୁ ଅଳ୍ପ ଦୂରରେ ଉତ୍ତମୋତ୍ତମ ଭୋଜନ ସାମଗ୍ରୀ ଆଣି ସଜାଇ ରଖିଲେ ।

ଏମାନଙ୍କର କାର୍ଯ୍ୟ ଶେଷ ହେବା ବେଳକୁ ସ୍ୱୟଂ କନ୍ଦର୍ପଙ୍କୁ ରୂପରେ ପରାସ୍ତ କରୁଥିବା, ଦିବ୍ୟ ପରିଧେୟ ଓ ଅଳଙ୍କାରରେ ବିଭୂଷିତ ଜଣେ ଦିବ୍ୟ ପୁରୁଷ ଖଡ୍‌ଗ ହସ୍ତରେ ପୁଷ୍କରିଣୀର ଜଳରାଶି ମଧ୍ୟରୁ ଆବିର୍ଭୂତ ହେଲେ । ସେ ଆସି ପଲଙ୍କ ଉପରେ ଆସନ ଗ୍ରହଣ କରିବା ପରେ ପୂର୍ବୋକ୍ତ ପୁରୁଷମାନେ ସହସା ପୁଷ୍କରିଣୀ ମଧ୍ୟରେ ଅନ୍ତର୍ହିତ ହେଲେ ।

ଏ ସମୟରେ ଉଭୟ ଭ୍ରାତାଙ୍କୁ ଚମତ୍କୃତ କରି ପୁଷ୍କରିଣୀ ମଧ୍ୟରୁ ଦୁଇଜଣ ନାରୀଙ୍କ ଆବିର୍ଭାବ ଘଟିଲା । ସେଥିରୁ ଜଣେ ଅତ୍ୟନ୍ତ ସୁନ୍ଦରୀ, ନମ୍ରବେଶ ଧାରିଣୀ ଏବଂ ଶୁଭଙ୍କର ମାଳା ଓ ଆଭୂଷଣ ଦ୍ୱାରା ସୁଶୋଭିତା ଥିଲେ ଏବଂ ଅନ୍ୟଜଣକ ପ୍ରଚଣ୍ଡ ରୂପବତୀ ଏବଂ ବହୁବିଧ ଦୃଷ୍ଟି ଆକର୍ଷଣକାରୀ ବସ୍ତ୍ରାଳଙ୍କାରରେ ବିଭୂଷିତା । ସେ ଉଭୟେ ଉକ୍ତ ଦିବ୍ୟ ପୁରୁଷଙ୍କର ଥିଲେ ପତ୍ନୀ । ଏମାନଙ୍କ ମଧ୍ୟରୁ ଦ୍ୱିତୀୟ ଜଣକ ଥିଲେ ତାଙ୍କର କନିଷ୍ଠା ପତ୍ନୀ ଏବଂ ଅଧିକ ପ୍ରିୟପାତ୍ରୀ । ପ୍ରଥମ ପତ୍ନୀ ପତିବ୍ରତା ବୋଲି ମନେ ହେଉଥିଲେ । ସେ ଦୁଇଟି ସୁବର୍ଣ୍ଣ ଥାଳିରେ ପତି ଓ ସପତ୍ନୀ ପାଇଁ ଭୋଜନସାମଗ୍ରୀ ପରଷି ଦେଲେ । ସେମାନେ ଭୋଜନ କରିସାରିଲା ପରେ ସେ ନିଜେ ଭୋଜନ ଶେଷ କଲେ ।

Digitized by srujanika@gmail.com

ଆହାର ସମାପ୍ତ ହେବା ପରେ ସେହି ଦିବ୍ୟପୁରୁଷ କନିଷ୍ଠା ପତ୍ନୀସହ ବିଳାସ କ୍ରୀଡ଼ା ସମାପନ କରି ନିଦ୍ରାଗଲେ । ଜ୍ୟେଷ୍ଠା ସ୍ୱାମୀଙ୍କର ପଦ ମଞ୍ଚାଳନା କରି ପଲଙ୍କ ଉପରେ ବସିଥାନ୍ତି । ତାଙ୍କ ସପତ୍ନୀ ପତିଙ୍କ ନିକଟରେ ଶୋଇ ଜାଗରିତ ଥାଆନ୍ତି । ଉପରୁ ଏସବୁ ଦେଖି ସେହି ବ୍ରାହ୍ମଣପୁତ୍ରମାନେ ଏମାନଙ୍କ ପରିଚ୍ୟ ସମ୍ପର୍କରେ କଥାବାର୍ତ୍ତା କରୁଥାନ୍ତି । ଏମାନେ କୌଣସି ଦେବଦେବୀ ବୋଲି ସେମାନଙ୍କର ବିଶ୍ୱାସ ହୋଇଥାଏ । ସେମାନେ ବୃକ୍ଷରୁ ଅବତରଣ କରି ଏହି ତିନିଜଣଙ୍କର ପରିଚ୍ୟ ଜିଜ୍ଞାସା କରିବା ପାଇଁ ଜ୍ୟେଷ୍ଠା ରମଣୀଙ୍କ ନିକଟକୁ ଅଗ୍ରସର ହେଉଥିବାବେଳେ କନିଷ୍ଠା ନାରୀଟିର ଦୃଷ୍ଟି ଯଶୋଧରଙ୍କ ଉପରେ ପଡ଼ିଲା । ସେହି ଉଦ୍ଦାମ ଓ ଚପଳମତୀ ନାରୀଟି ସୁପ୍ତ ପତିଙ୍କୁ ପଲଙ୍କ ଉପରେ ଛାଡ଼ି ଯଶୋଧରଙ୍କ ନିକଟରେ ତାକୁ ଉପଭୋଗ କରିବା ପାଇଁ ପ୍ରାର୍ଥନା କଲା । ଏଥିରେ ବ୍ୟସ୍ତ ହୋଇ ସେ କହିଲେ, 'ପାପିଷ୍ଠା, ତୁ ଅନ୍ୟର ସ୍ତ୍ରୀ ଏବଂ ମୁଁ ପରପୁରୁଷ । ମୋତେ ଏପରି ଅସଙ୍ଗତ ଅନୁରୋଧ କରିବା ତୋ ପକ୍ଷରେ ଆଦୌ ଉଚିତ ନୁହେଁ ।' ଏଥିରେ ସ୍ତ୍ରୀଟି କହିଲା, 'ମୁଁ ତୋ ପରି ଶହେଜଣ ପୁରୁଷଙ୍କ ସହିତ ସଙ୍ଗମ କରିସାରିଛି । ମୋର ଆଉ ଡରଭୟ କିଛି ନାହିଁ । ତୋ'ର ଯଦି ବିଶ୍ୱାସ ନହେଉଛି ତା'ହେଲେ ମୋପାଖରେ ଥିବା ଶହେଟି ମୁଦ୍ରିକା ଦେଖ୍ । ଜଣେ ଜଣେ ପୁରୁଷଙ୍କ ଠାରୁ ରତିଶେଷରେ ମୁଁ ଗୋଟିଏ ଗୋଟିଏ ମୁଦ୍ରିକା ଅପହରଣ କରିଛି ।' ଏହାକହି ସେ ନିଜ ପଣତ କାନିରେ ବନ୍ଧାଥିବା ଶହେଟି ମୁଦ୍ରିକା ତାଙ୍କୁ ଦେଖାଇଲା । ଏଥିରେ ବ୍ୟଥିତ ହୋଇ ଯଶୋଧର ନମ୍ରଭାବରେ ନିବେଦନ କଲେ, 'ତୁ ଶହେ ପୁରୁଷଙ୍କ ସହିତ କି ଲକ୍ଷେ ପୁରୁଷଙ୍କ ସହିତ ସମାଗମ କରିଥାଇପାରୁ, ଏଥିରେ ମୋର କ'ଣ ଅଛି ? ତୁ ମୋ'ର ମାତୃତୁଲ୍ୟ । ମୁଁ ଅନ୍ୟ ପୁରୁଷମାନଙ୍କ ପରି ନୀଚ ଓ ପତିତ ନୁହେଁ ।'

ଯଶୋଧରଙ୍କଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ନାରୀଟି ଅତ୍ୟନ୍ତ କ୍ରୋଧରେ ଯାଇ ନିଜର ପତି ସେହି ଦିବ୍ୟପୁରୁଷଙ୍କୁ ଜାଗ୍ରତ କଲା ଏବଂ ଯଶୋଧରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କାନ୍ଦି କାନ୍ଦି କହିଲା, 'ତୁମେ ଶୋଇଥିବା ଅବସ୍ଥାରେ ଏହି ପାପିଷ୍ଠ ମୋତେ ଉପଭୋଗ କରି ମୋର କାୟାଭ୍ରଷ୍ଟ କରିଦେଇଛି । ଏହାକୁ ଉପଯୁକ୍ତ ଶାସ୍ତି ଦେଇ ମୋତେ କ୍ଷମା କର ।' ଏହାଶୁଣି ସେହି ଦିବ୍ୟ ପୁରୁଷ ଖଡ୍‌ଗ ହସ୍ତରେ ତା' ସମ୍ମୁଖରେ ଆସି ଠିଆହେଲେ । ଏ ସମୟରେ ଜ୍ୟେଷ୍ଠାପତ୍ନୀ ଆସି ତାଙ୍କ ପାଦ ତଳେ ପଡ଼ି କହିଲେ, 'ଆପଣ ମିଥ୍ୟାରେ ପାପରେ ଭାଗୀ ହୁଅନ୍ତୁ ନାହିଁ । ମୋ କଥା ଟିକିଏ ଶୁଣନ୍ତୁ । ଏହି ପାପିଷ୍ଠା ଆପଣଙ୍କ ସମ୍ମୁଖରେ ଠିଆ ହୋଇଥିବା ରୂପବାନ୍ ପୁରୁଷଙ୍କୁ ଦେଖି ଆପଣଙ୍କ ନିକଟରୁ ଉଠିଯାଇ ସଙ୍ଗମ ନିମିତ୍ତ ବିନୀତ ପ୍ରାର୍ଥନା କଲା । କିନ୍ତୁ ଏହି ସଜ୍ଜନ ତାକୁ ମାତୃତୁଲ୍ୟ କହି ଅସ୍ୱୀକାର

Digitized by srujanika@gmail.com

କଲେ । ସେହି କ୍ରୋଧରେ ବର୍ତ୍ତମାନ ତାଙ୍କୁ ହତ୍ୟା କରିବା ନିମିତ୍ତ ଏହି ପାପିଷ୍ଠା ଆପଣଙ୍କୁ ଜାଗ୍ରତ କରିଛି । ଦେବ, କେବଳ ଏ ଜଣକ ନୁହେଁ ରାତ୍ରିରେ ଏହି ବୃକ୍ଷ ଉପରେ ଆଶ୍ରୟ ନେଉଥିବା ଶହେଜଣ ପୁରୁଷଙ୍କ ସହ ଏହାର ସଙ୍ଗମ ହୋଇସାରିଛି । ପ୍ରତ୍ୟେକଙ୍କ ଠାରୁ ଗୋଟିଏ ଗୋଟିଏ ମୁଦ୍ରିକା ହରଣ କରି ସେଗୁଡ଼ିକ ସେ ତା'ର ପଣତକାନିରେ ବାନ୍ଧି ରଖିଛି । ଆମ ଭିତରେ ମନାନ୍ତର ବଢ଼ିବ ବୋଲି ମୁଁ ଏହାର ଏହି ଅକଥନୀୟ ପାପ କଥା ଆଣପଙ୍କୁ କହିନଥିଲି । ଯଦି ମୋ କଥାରେ ଆପଣଙ୍କର ବିଶ୍ୱାସ ହେଉନାହିଁ, ତେବେ ଏହାର ପଣତକାନିରେ ବନ୍ଧାଥିବା ମୁଦ୍ରିକାଗୁଡ଼ିକୁ ଦେଖନ୍ତୁ । ସ୍ୱାମୀଙ୍କୁ ମିଥ୍ୟା କହିବା ମୋର ପାତିବ୍ରତ୍ୟ ଧର୍ମ ନୁହେଁ । ମୋର ସତୀତ୍ୱ ପ୍ରତି ଯଦି ଆପଣ ସନ୍ଦେହ କରୁଥାନ୍ତି ତେବେ ମୋର ସତୀତ୍ୱର ପ୍ରଭାବ ଦେଖନ୍ତୁ ।' ଏହାକହି ସେ ରୋଷ କଷାୟିତ ଦୃଷ୍ଟିରେ ଗୋଟିଏ ବୃକ୍ଷକୁ ଚାହିଁବାରୁ ତାହା ଭସ୍ମୀଭୂତ ହୋଇଗଲା, କିନ୍ତୁ ତା'ପ୍ରତି ପୁଣି ପ୍ରସନ୍ନ ଦୃଷ୍ଟିପାତ କରନ୍ତେ ତାହା ପୂର୍ବ ଅପେକ୍ଷା ଅଧିକ ସୁନ୍ଦର ଭାବେ ଫଳପୁଷ୍ପରେ ପୂରିଗଲା ।

ଏହା ଦେଖି ସେ ଦିବ୍ୟପୁରୁଷ ତା'ପ୍ରତି ଅଧିକ ଆକୃଷ୍ଟ ହୋଇ ଘନ ଆଲିଙ୍ଗନ ପାଶରେ ଆବଦ୍ଧ କଲେ ଏବଂ ଦ୍ୱିତୀୟା ପତ୍ନୀକୁ, ତା'ର ପଣତ କାନିରେ ବନ୍ଧାଥିବା ମୁଦ୍ରିକାଗୁଡ଼ିକୁ ଦେଖିବା ପରେ, ନାକ କାନ୍ କାଟି ପରିତ୍ୟାଗ କଲେ । ତା'ସଙ୍ଗେ ସଙ୍ଗେ ଉଭୟ ବ୍ରାହ୍ମଣ ପୁତ୍ରଙ୍କଠାରୁ କ୍ଷମା ପ୍ରାର୍ଥନା କରି ଦୁଃଖର ସହିତ କହିଲେ, 'ମୁଁ ଏହି ଉଭୟ ପତ୍ନୀଙ୍କୁ, ସେମାନଙ୍କ ପରସ୍ପର ପ୍ରତି ଈର୍ଷାଭାବ ଜାଣି ସୁଦ୍ଧା, ସମାନ ଭାବରେ ସ୍ନେହ କରି ଆସୁଥିଲି । କିନ୍ତୁ ଆଜି ଏହି ପାପାଚାରିଣୀକୁ ରକ୍ଷା କରିବା ମୋ ପକ୍ଷରେ ଆଉ ସମ୍ଭବ ହେଲାନାହିଁ । ବିଜୁଳିକୁ କିଏ ବା ସ୍ଥିର ଭାବରେ ଧରି ରଖିପାରିବ ? ସେହିପରି ଦୁରାଚାରିଣୀ ଚପଳମତୀ ସ୍ତ୍ରୀମାନେ କାହା ନିକଟରେ ବା ଦୀର୍ଘଦିନ ରହିପାରିବେ ? ନିଜର ସତୀତ୍ୱ ପ୍ରଭାବରୁ ହିଁ ସଚ୍ଚରିତ୍ରା ନାରୀମାନେ ସ୍ୱାମୀଙ୍କର ଅଖଣ୍ଡପ୍ରୀତି ପ୍ରାପ୍ତ ହୋଇଥାନ୍ତି । ଏମାନେ ଇହଲୋକ ଓ ପରଲୋକ ଉଭୟତ୍ର ନିଜର ସ୍ୱାମୀଙ୍କୁ ରକ୍ଷା କରିଥାନ୍ତି; ମୋର ଏହି ପତ୍ନୀ ମୋତେ ଆଶୀର୍ବାଦ ଓ ଅଭିଶାପ ଦେଇ ରକ୍ଷାକରିଛି । ଏହାରି ପ୍ରସାଦରୁ ହିଁ ମୁଁ ଆଜି ଗୋଟିଏ ବ୍ୟଭିଚାରିଣୀ ନାରୀ କବଳରୁ ରକ୍ଷା ପାଇପାରିଛି ଏବଂ ବ୍ରହ୍ମହତ୍ୟା ଦୋଷରୁ ବଞ୍ଚିଯାଇ ପାରିଛି ।' ଏହା କହି ସେ ଉଭୟ ବ୍ରାହ୍ମଣ ପୁତ୍ରଙ୍କୁ ନିକଟରେ ବସାଇ ସେମାନଙ୍କର ପରିଚୟ ଓ ଭ୍ରମଣ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ଜିଜ୍ଞାସା କଲେ । ଯଶୋଧର ସେମାନଙ୍କର ପରିଚୟ ପ୍ରଦାନପୂର୍ବକ ତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରି କୌତୂହଳବଶତଃ ଜିଜ୍ଞାସା କଲେ, 'ହେ ମହାଭାଗ, ଯଦି ଗୋପନୀୟ ହୋଇନଥାଏ ତେବେ ଆପଣ ଏପ୍ରକାର ଭୋଗ ବିଳାସମୟ ଜୀବନଯାପନ କରୁଥିଲେ ସୁଦ୍ଧା ଏପରି ଜଳବାସ କରିବାର କାରଣ

Digitized by srujanika@gmail.com

ଦୟାକରି ଆମ୍ଭମାନଙ୍କୁ କହିବେ ବୋଲି ଅନୁରୋଧ ।' ଉତ୍ତରରେ ସେହି ଦିବ୍ୟପୁରୁଷ ପ୍ରସନ୍ନଚିତ୍ତରେ କହିବା ଆରମ୍ଭ କଲେ –

''ହିମାଳୟର ଦକ୍ଷିଣ ପାର୍ଶ୍ୱରେ କାଶ୍ମୀର ବୋଲି ଗୋଟିଏ ଦେଶ ଅଛି । ବିଧାତା ସତେ ଯେପରି ମନୁଷ୍ୟମାନଙ୍କୁ ସ୍ୱର୍ଗ ଲୋକ ସମ୍ପର୍କରେ ଜଣାଇବା ପାଇଁ ଏହି ଦେଶଟିକୁ ସୃଷ୍ଟି କରିଛନ୍ତି । କୈଳାସ ପର୍ବତ ଓ ଶ୍ୱେତ ଦ୍ୱୀପର ଆନନ୍ଦମୟ ନିବାସସ୍ଥଳକୁ ପରିତ୍ୟାଗ କରି ସ୍ୱୟଂ ଶିବ ଓ ବିଷ୍ଣୁ ଏହାର ସହସ୍ର ସ୍ଥାନରେ ଆବିର୍ଭୂତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ପ୍ରଦେଶ ବିତସ୍ତା ନଦୀର ଜଳରାଶି ଦ୍ୱାରା ପବିତ୍ରୀକୃତ, ବୀର ଓ ବିଦ୍ୱାନ ବ୍ୟକ୍ତିଙ୍କ ଦ୍ୱାରା ପରିପୂର୍ଣ୍ଣ, ଛନ୍ଦକପଟ ପ୍ରଭୃତି ଦୋଷରୁ ସୁରକ୍ଷିତ ଏବଂ ପ୍ରବଳ ଶତ୍ରୁମାନଙ୍କ ଦ୍ୱାରା ଅଜେୟ । ସେଠାରେ ଭବଶର୍ମା ନାମରେ ଜନୈକ ବ୍ରାହ୍ମଣ ବାସ କରୁଥିଲେ । ମୁଁ ତାଙ୍କର ଏକମାତ୍ର ପୁତ୍ର ।

ପୂର୍ବଜନ୍ମରେ ମୋର ଦୁଇଟି ସ୍ତ୍ରୀ ଥିଲେ । ଏକଦା କିଛି ଶ୍ରମଣ ଆସି କାଶ୍ମୀରରେ ପହଞ୍ଚିବାରୁ ମୁଁ ସେମାନଙ୍କର ସଂସ୍ପର୍ଶରେ ଆସି ଶାସ୍ତ୍ରୋକ୍ତ ଉପୋଷଣ ନାମକ ବ୍ରତ ଆଚରଣ କଲି । ଏହି ବ୍ରତ ସମାପ୍ତ ହେବାକୁ ଯାଉଥିବାବେଳେ ମୋର ପାପିଷ୍ଠା ପତ୍ନୀ ଆସି ହଠପୂର୍ବକ ମୋ ଶଯ୍ୟାରେ ଶୋଇଗଲା । ରାତ୍ରିର ଚତୁର୍ଥ ପ୍ରହରରେ ମୁଁ ଅର୍ଦ୍ଧଜାଗ୍ରତ ଅବସ୍ଥାରେ ସେହି କାମୋନ୍ମତ୍ତା ପତ୍ନୀ ସହିତ ରତିକ୍ରୀଡ଼ାରେ ଲିପ୍ତ ହେଲି । ଏଥିରେ ମୋର ବ୍ରତ ଖଣ୍ଡିତ ହେବାରୁ ମୁଁ ଆସି ଏହି ଜଳପୁରୁଷ ରୂପେ ଏଠାରେ ଜନ୍ମ ନେଇଛି । ସେହି ଜନ୍ମର ଉଭୟ ପତ୍ନୀ ଏବେବି ମୋର ପତ୍ନୀ ରୂପେ ରହିଛନ୍ତି । ସେଥିରୁ ଜଣେ ସେହି ପାପିନୀ ଓ ବ୍ୟଭିଚାରିଣୀ ଏବଂ ଅନ୍ୟଜଣକ ଏହି ପତିବ୍ରତା । ବ୍ରତପାଳନଜନିତ ପୁଣ୍ୟ ପ୍ରଭାବରୁ ମୁଁ ଏ ଜନ୍ମରେ ଜାତିସ୍ମର ହୋଇପାରିଛି । ବ୍ରତ ଖଣ୍ଡିତ ହୋଇନଥିଲେ ମୁଁ ଏଠାରେ ଜନ୍ମ ନେଇନଥାନ୍ତି ।''

ନିଜ ସମ୍ପର୍କରେ ଏପରି ବିବରଣୀ ଦେଇ ସେହି ଜଳପୁରୁଷ ଉଭୟ ଭ୍ରାତାଙ୍କ ଯଥୋଚିତ ସତ୍କାର କଲେ । ନିଜର ପୂର୍ବଜନ୍ମ ବୃତ୍ତାନ୍ତ ଜାଣିବା ପରେ ତାଙ୍କର ପତିବ୍ରତା ପତ୍ନୀ ମଧ୍ୟ ଭୂମିରେ ଜାନୁପାତ ପୂର୍ବକ ଆକାଶସ୍ଥ ଚନ୍ଦ୍ରମାଙ୍କୁ ଲକ୍ଷ୍ୟ କରି କହିଲା – ''ହେ ଲୋକପାଳ, ଯଦି ମୁଁ ପ୍ରକୃତରେ ପତିବ୍ରତା, ତେବେ ମୋର ପତି ଏହି ଜଳବାସରୁ ମୁକ୍ତି ଲାଭ କରି ସ୍ୱର୍ଗଲୋକକୁ ଗମନ କରନ୍ତୁ ।'' ତା'ର ପ୍ରାର୍ଥନା ଶେଷ ହେବାମାତ୍ରେ ଆକାଶମାର୍ଗରୁ ଏକ ଦିବ୍ୟ ବିମାନ ଆସି ସେଠାରେ ଉପନୀତ ହେଲା, ଏବଂ ତା' ଉପରେ ଆରୋହଣ କରି ପତିପତ୍ନୀ ସ୍ୱର୍ଗ ଅଭିମୁଖରେ ପ୍ରସ୍ଥାନ କଲେ ।

ପ୍ରକୃତରେ ପତିବ୍ରତାମାନଙ୍କ ପାଇଁ ତ୍ରିଲୋକରେ ଅସାଧ୍ୟ ବା କ'ଣ ଅଛି ?

Digitized by srujanika@gmail.com

ଅସାଧ୍ୟଂ ସତ୍ୟସାଧ୍ୱୀନାଂ କିମସ୍ତି ହି ଜଗତ୍ତ୍ରୟେ ।

ସେହି ଉଭୟ ବ୍ରାହ୍ମଣ ପୁତ୍ର ଏହି ବିଚିତ୍ର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ । ରାତ୍ରି ଶେଷ ପର୍ଯ୍ୟନ୍ତ ଏ ସମ୍ପର୍କରେ କଥାବାର୍ତ୍ତା କରି ପରଦିନ ପ୍ରଭାତରୁ ଉଭୟେ ନିଜର ଗନ୍ତବ୍ୟ ପଥରେ ଅଗ୍ରସର ହେଲେ ।

ଦିନସାରା ଚାଲି ଚାଲି ସଂଧ୍ୟାବେଳକୁ ସେମାନେ ଯାଇ ଏକ ନିର୍ଜ୍ଜନ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ପ୍ରବଳ ତୃଷାରେ ସେମାନଙ୍କର କଣ୍ଠ ଶୁଷ୍କ ହୋଇଯାଉଥାଏ । ଜଳର ଅନୁସନ୍ଧାନ କରିବା ପାଇଁ ସେମାନେ ଗୋଟିଏ ଗଛତଳେ ଠିଆ ହୋଇଥିବା ବେଳେ ଗଛ ଭିତରୁ ଶୁଣାଗଲା, 'ବ୍ରାହ୍ମଣ କୁମାର, କ୍ଷଣ ମାତ୍ର ଅପେକ୍ଷା କରନ୍ତୁ । ମୁଁ ଆପଣମାନଙ୍କ ସ୍ନାନ ଭୋଜନ ଇତ୍ୟାଦିର ବ୍ୟବସ୍ଥା କରୁଛି । ମୋର ଗୃହଦ୍ୱାରକୁ ଆସିଥିବା ଯୋଗୁଁ ଆପଣମାନେ ମୋର ଅତିଥି ।'

ବୃକ୍ଷ ମଧ୍ୟରୁ ଆସିଥିବା ଶବ୍ଦ ବନ୍ଦ ହେବାମାତ୍ରେ ସେଠାରେ ହଠାତ୍ ଏକ ସୁନ୍ଦର ଜଳପୂର୍ଣ୍ଣ ପୁଷ୍କରିଣୀ ନିର୍ମିତ ହୋଇଗଲା । ତା'ର ତଟ ଦେଶରେ ଥିବା ଏକ ଆସ୍ଥାନ ଉପରେ ପାନଭୋଜନ ଆସି ଆପେ ଆପେ ପରିବେଷିତ ହୋଇଯିବା ଦେଖି ଉଭୟଙ୍କ ବିସ୍ମୟର ସୀମା ରହିଲା ନାହିଁ । ସେମାନେ ଅତ୍ୟନ୍ତ କ୍ଷୁଧାର୍ତ୍ତ ଥିବା ଯୋଗୁଁ କାଳବିଳମ୍ବ ନକରି ପୁଷ୍କରିଣୀ ମଧ୍ୟରେ ସ୍ନାନପୂର୍ବକ ସଂଧ୍ୟାବନ୍ଦନା ପର୍ବ ଶେଷ କଲେ । ଭୋଜନ କରିବା ପାଇଁ ଆସି ନିଜନିଜ ଆସନରେ ଉପବିଷ୍ଟ ହେବାବେଳେ ବୃକ୍ଷ ମଧ୍ୟରୁ ଜଣେ ସୁନ୍ଦର ପୁରୁଷଙ୍କର ଆବିର୍ଭାବ ଘଟିଲା । ସେ ବ୍ରାହ୍ମଣପୁତ୍ରମାନଙ୍କୁ ପ୍ରଣାମ ଓ ସ୍ୱାଗତ କରି ସେମାନଙ୍କ ସମ୍ମୁଖରେ ଉପବେଶନ କରିବାରୁ ସେମାନେ ତାଙ୍କ ପରିଚୟ ଜିଜ୍ଞାସା କଲେ । ଉତ୍ତରରେ ସେ କହିଲେ ଯେ ପୂର୍ବଜନ୍ମରେ ସେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲା । ଦୈବଯୋଗରୁ କିଛି ଶ୍ରମଣଙ୍କ ସହିତ ତା'ର ସଙ୍ଗତି ହେବା ଯୋଗୁଁ ସେ ସେମାନଙ୍କ ଉପଦେଶ କ୍ରମେ ଉପୋଷଣ ବ୍ରତ ଆଚରଣ କଲା । କିନ୍ତୁ ବ୍ରତ ମଧ୍ୟରେ ହିଁ କୌଣସି ଦୁଷ୍ଟ ବଳାତ୍କାର ପୂର୍ବକ ତାକୁ ସଂଧ୍ୟା ସମୟରେ ବାଧ୍ୟକରି ଭୋଜନ କରାଇଦେବାରୁ ତା'ର ବ୍ରତ ଖଣ୍ଡିତ ହେଲା ଏବଂ ସେ ଯକ୍ଷ ଯୋନିରେ ଉତ୍ପନ୍ନ ହେଲା । ବ୍ରତ ପୂର୍ଣ୍ଣ ହୋଇଥିଲେ ତା'ର ଦେବଲୋକ ପ୍ରାପ୍ତି ହୋଇଥାନ୍ତା । ଏହିପରି ନିଜର ପରିଚୟ ପ୍ରଦାନପୂର୍ବକ ଯକ୍ଷ ବ୍ରାହ୍ମଣ ପୁତ୍ରମାନଙ୍କ ପରିଚୟ ଜାଣିବା ପାଇଁ ଚାହିଁବାରୁ ସେମାନେ ନିଜର ପରିଚୟ ଓ ଆଗମନର ଉଦ୍ଦେଶ୍ୟ ବ୍ୟକ୍ତ କଲେ ।

Digitized by srujanika@gmail.com

ବ୍ରାହ୍ମଣ କୁମାରମାନଙ୍କ କୁଳୀନତା ଓ ସତ୍‌ଉଦ୍ଦେଶ୍ୟ ଜ୍ଞାତ ହୋଇ ଯକ୍ଷ କହିଲା, 'ଆପଣମାନଙ୍କ ଅଭିଳାଷ ଜାଣି ମୁଁ ପ୍ରୀତ ହେଲି, କିନ୍ତୁ ଇତସ୍ତତଃ ଭ୍ରମଣ କରିବା ଦ୍ୱାରା ବିଶେଷ କିଛି ଲାଭ ହେବନାହିଁ । ତେଣୁ ମୁଁ ନିଜର ସିଦ୍ଧି ବଳରେ ଆପଣମାନଙ୍କୁ ସମସ୍ତ ବିଦ୍ୟା ପ୍ରଦାନ କରୁଛି ।' ଏହା କହି ଯକ୍ଷ ତାଙ୍କୁ ମନ୍ତ୍ର ସହିତ ବିବିଧ ବିଦ୍ୟା ପ୍ରଦାନ କଲା ଏବଂ ସେମାନେ ମଧ୍ୟ ତା'ର ଆଶୀର୍ବାଦରୁ ସମସ୍ତ ବିଦ୍ୟାର ଅଧିକାରୀ ହେଲେ । ଏହାପରେ ଯକ୍ଷ ସେମାନଙ୍କୁ ଉଦ୍ଦେଶ୍ୟ କରି କହିଲା, 'ବର୍ତ୍ତମାନ ମୁଁ ତୁମ ଉଭୟଙ୍କୁ ଗୁରୁଦକ୍ଷିଣା ମାଗିବି । ତୁମେମାନେ ଗୁରୁଦକ୍ଷିଣା ସ୍ୱରୂପ ମୋ ପାଇଁ ଉପୋଷଣ ବ୍ରତ ପାଳନ କରିବ । ସତ୍ୟକଥନ, ବ୍ରହ୍ମଚର୍ଯ୍ୟ ପାଳନ, ଦେବତା ପ୍ରଦକ୍ଷିଣ, ସୂର୍ଯ୍ୟାସ୍ତ ପୂର୍ବରୁ ଭୋଜନ, ମନୋସଂଯମ ଏବଂ କ୍ଷମା ପ୍ରଦାନ ଏହି ବ୍ରତର ଆଚରଣୀୟ ନିୟମ । ଏହାକୁ ଗୋଟିଏ ରାତ୍ରି ପାଳନ କରି ତା'ର ଫଳ ମୋତେ ସମର୍ପଣ କରିଦେବ । ଯାହାଫଳରେ ମୁଁ ସମ୍ପୂର୍ଣ୍ଣ ବ୍ରତର ଫଳ ଲାଭ କରିପାରିବି ।'

ଉଭୟ ଭ୍ରାତାଙ୍କୁ ଏହିପରି କହି ଏବଂ ବ୍ରତ ଆଚରଣ ନିମିତ୍ତ ସ୍ୱୀକୃତ କରାଇ ଯକ୍ଷ ବୃକ୍ଷ ମଧ୍ୟରେ ଅନ୍ତର୍ହିତ ହୋଇଗଲା । ବିନା ପରିଶ୍ରମ ଓ ପ୍ରୟାସରେ ଏହିପରି ବିବିଧ ବିଦ୍ୟା ଓ ବିପୁଳ ଅର୍ଥ ଲାଭପୂର୍ବକ ସେମାନେ ସେଠାରେ ରାତିଟି ବିତାଇଦେଲେ ।

ପରଦିନ ପ୍ରଭାତରୁ ସେମାନେ ସ୍ୱଗୃହକୁ ଫେରିଆସି ପିତାମାତାଙ୍କ ନିକଟରେ ସମଗ୍ର ବୃତ୍ତାନ୍ତ ବର୍ଣ୍ଣନା କରି ଗୁରୁଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ଉପୋଷଣ ବ୍ରତ ଆରମ୍ଭ କଲେ । ବ୍ରତ ଉଦ୍‌ଯାପନ ଦିନ ଯକ୍ଷ ଏକ ସୁଦୃଶ୍ୟ ବିମାନରେ ସେଠାରେ ଉପସ୍ଥିତ ହେଲା । କହିଲା, 'ତୁମମାନଙ୍କ ପ୍ରସାଦରୁ ମୁଁ ଯକ୍ଷ ଯୋନିରୁ ମୁକ୍ତ ହୋଇ ଦେବତ୍ୱ ଲାଭ କରିଅଛି । ତୁମ୍ଭମାନଙ୍କ ପାଇଁ ମଧ୍ୟ ଏହି ବ୍ରତ ଆଚରଣ କରିବା କଲ୍ୟାଣକର ହେବ । ଏହାଦ୍ୱାରା ମୃତ୍ୟୁପରେ ତୁମେ ଦେବଲୋକରେ ଯାଇ ବସିବ ଏବଂ ଇହଲୋକରେ ମୋର ଆଶୀର୍ବାଦରୁ ଅକ୍ଷୟ ଧନଭଣ୍ଡାରର ଅଧିକାରୀ ହେବ । ଏହା କହି ଯକ୍ଷ ନିଜର ଆକାଶଚାରୀ ବିମାନରେ ସ୍ୱର୍ଗଲୋକକୁ ପ୍ରସ୍ଥାନ କଲା । ଯଶୋଧର ଓ ଲକ୍ଷ୍ମୀଧର ମଧ୍ୟ ଯକ୍ଷର କୃପାରୁ ପ୍ରଭୂତ ଧନ ଏବଂ ଅନନ୍ତ ବିଦ୍ୟାଲାଭ କରି ସୁଖପୂର୍ବକ ଜୀବନଯାପନ କଲେ ।

ଏହିପରି ଧର୍ମପଥରେ ପରିଚାଳିତ ହୋଇ ବିପଦରେ ମଧ୍ୟ ଯେଉଁମାନେ ନିଜର ଶୀଳ ବା ଚରିତ୍ରକୁ ସୁରକ୍ଷିତ ରଖିପାରନ୍ତି, ସେମାନଙ୍କୁ ଦେବତାମାନେ ମଧ୍ୟ ରକ୍ଷା କରିଥାନ୍ତି ।

Digitized by srujanika@gmail.com

ଏବଂ ଧର୍ମ ପ୍ରବୃତ୍ତାନାଂ ଶୀଳଂ କୃଚ୍ଛ୍ରେଽପ୍ୟମୁଞ୍ଚତାମ୍
ଦେବତା ଅପି ରକ୍ଷନ୍ତି କୁର୍ବନ୍ତୀଷ୍ଟାର୍ଥସାଧନମ୍ ।

ଏହିପରି ବସନ୍ତକଙ୍କ ଠାରୁ ପୂର୍ବୋକ୍ତ ଗଳ୍ପଟି ଶୁଣି ନରବାହନଦତ୍ତ ଅତ୍ୟନ୍ତ ଆନନ୍ଦିତ ହେଲେ । ଭୋଜନ ସମୟ ଉପଗତ ହେବାରୁ ପୁତ୍ରକୁ ଶକ୍ତିଯଶା ପାଇଁ ଅତ୍ୟନ୍ତ ଉତ୍କଣ୍ଠିତ ଥିବା ଜାଣି ପିତା ଉଦୟନ ବନ୍ଧୁମାନଙ୍କ ସହ ତାଙ୍କ ନିଜ ବାସଭବନରେ ଭୋଜନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ନରବାହନଦତ୍ତ କିଛି ସମୟ ପିତା ଓ ମାତାମାନଙ୍କ ସହ ବିଭିନ୍ନ ବିଷୟରେ ବାର୍ତ୍ତାଳାପ କରି ସଂଧ୍ୟାବେଳେ ଗୋମୁଖ ପ୍ରଭୃତି ମନ୍ତ୍ରୀମାନଙ୍କ ସହିତ ସ୍ୱଭବନକୁ ପ୍ରତ୍ୟାବର୍ତ୍ତନ କଲେ । ଏଠାରେ ପୁଣି ତାଙ୍କର ମନୋବେଦନା ଆରମ୍ଭ ହେଲା । ସେଥିରୁ ମୁକ୍ତି ଦେବା ପାଇଁ ଗୋମୁଖ ଅନ୍ୟ ଏକ ଗଳ୍ପ କହିବା ଆରମ୍ଭ କଲେ –

ବାନର-ମକର କଥା

ସମୁଦ୍ର ତଟରେ କୌଣସି ଡିମ୍ବିରି ବଣ ମଧ୍ୟରେ ଗୋଟିଏ ଯୂଥଭ୍ରଷ୍ଟ ବାନର ରହୁଥାଏ । ସେହି ବାନର ବଳୀମୁଖ ଦିନେ ଗଛ ଉପରେ ବସି ଡିମ୍ବିରି ଫଳ ଖାଉଥିଲାବେଳେ ଗୋଟିଏ ଫଳ ତା'ପାଟିରୁ ଖସିଯାଇ ସମୁଦ୍ର ଜଳରେ ପଡ଼ିଗଲା । ଏ ସମୟରେ ଶିଶୁମାର ନାମକ ଗୋଟିଏ କୁମ୍ଭୀର ସେଠାରେ ବିଚ୍ରଣ କରୁଥାଏ । ସେ ଫଳଟିକୁ ଖାଇ ତା'ର ସ୍ୱାଦୁରେ ପ୍ରସନ୍ନତା ପୂର୍ବକ ସୁନ୍ଦର କଳରବ କରିବାକୁ ଲାଗିଲା । ତା'ର ଏହି ମଧୁର ମୂର୍ଚ୍ଛନାରେ ଆକୃଷ୍ଟ ହୋଇ ବାନର ଗୋଟିଏ ପରେ ଗୋଟିଏ ଡିମ୍ବିରି ଫଳ ନିକ୍ଷେପ କରୁଥାଏ । ଏହିପରି ପ୍ରତିଦିନ ବାନର କିଛି ଫଳ ଜଳରାଶି ମଧ୍ୟକୁ ନିକ୍ଷେପ କରୁଥାଏ ଏବଂ ତାକୁ ଖାଇ କୁମ୍ଭୀର ମଧୁର ଗାନ ଶୁଣାଇ ବାନରକୁ ଆନନ୍ଦ ପ୍ରଦାନ କରୁଥାଏ । କିଛି ଦିନ ମଧ୍ୟରେ ଉଭୟେ ପରସ୍ପରର ମିତ୍ର ହୋଇଉଠିଲେ । ମିତ୍ରତା ନିବିଡ଼ ହେବାରୁ କୁମ୍ଭୀର ଦୀର୍ଘସମୟ ପର୍ଯ୍ୟନ୍ତ ବାନର ସହିତ ରହି ସଂଧ୍ୟା ହେଲେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରେ ।

ଶିଶୁମାରର ସ୍ତ୍ରୀ ସ୍ୱାମୀଠାରୁ ପ୍ରତ୍ୟହ ଏହି ଦୀର୍ଘ ବିଚ୍ଛେଦ ସହ୍ୟ କରିପାରେ ନାହିଁ । ଦିନେ ସେ ମିଥ୍ୟା ଅସୁସ୍ଥତାର ଛଳନା କରି ନିଶ୍ଚେଷ୍ଟ ହୋଇ ପଡ଼ିରହିଲା । ଅସୁସ୍ଥତା ସମ୍ପର୍କରେ ଶିଶୁମାର ସ୍ନେହପୂର୍ବକ ଯେତେ ଯାହା ପଚ୍ରାରିଲେ ମଧ୍ୟ କିଛି ଉତ୍ତର ଦେଉନଥାଏ । ସେ ମୌନ ରହିବା ଦେଖି ତା'ର ମନୋଭାବ ଜାଣିଥିବା ଜଣେ ସଖୀ ଜଣାଇଲା ଯେ ଯଦିଓ ତମେ କରିପାରିବ ନାହିଁ ଏବଂ ସେ ମଧ୍ୟ ଚାହୁଁନାହିଁ, ତଥାପି ମୁଁ

Digitized by srujanika@gmail.com

ଏହାର ଅସୁସ୍ଥତାର କାରଣ ଓ ପ୍ରତିକାର ସମ୍ପର୍କରେ ତୁମକୁ ଅବହିତ କରିଦେଉଛି । ଅନ୍ତରଙ୍ଗ ସଖୀର ବେଦନା କିଏ ବା ସହିପାରେ ? ତୁମ ପତ୍ନୀର ଏପରି ଏକ ଭୟଙ୍କର ରୋଗ ଜାତ ହୋଇଛି ଯାହା ବାନରର ହୃଦୟ କମଳ ଖାଇବା ଦ୍ୱାରାହିଁ ଶାନ୍ତ ହେବ ।

ପତ୍ନୀର ସଖୀଠାରୁ ଏହା ଶୁଣି ଶିଶୁମାର ଚିନ୍ତା କଲା, 'ଏହା ତ ବଡ଼ ଚିନ୍ତାର ବିଷୟ । ବାନରର ହୃଦୟ କମଳ ମୁଁ କେଉଁଠୁ ବା ପାଇବି ? ମୁଁ ଯଦି ମୋର ପରମ ମିତ୍ର ବାନର ବଳୀମୁଖଙ୍କ ସହିତ ବିଶ୍ୱାସଘାତକତା କରେ ତେବେ କ'ଣ ତାହା ମୋ ପାଇଁ ଉଚିତ ହେବ ? ଅବଶ୍ୟ ମିତ୍ର, ଅପେକ୍ଷା ପତ୍ନୀ ମୋର ଜୀବନ ଠାରୁ ମଧ୍ୟ ଅଧିକ ପ୍ରିୟ ।' ଏହିପରି ଚିନ୍ତାକରି ସେ ପତ୍ନୀକୁ ଆଶ୍ୱାସନା ଦେଲା, 'ପ୍ରିୟେ, ତୁମେ ଅକାରଣ ଦୁଃଖ କର ନାହିଁ । କେବଳ ବାନରର ହୃଦୟ କମଳ କାହିଁକି ମୁଁ ତୁମ ପାଇଁ ଗୋଟିଏ ସମ୍ପୂର୍ଣ୍ଣ ବାନର ଆଣିଦେବି ।'

ଏହା କହି ଶିଶୁମାର ମିତ୍ର ବାନର ନିକଟରେ ଯାଇ ପହଞ୍ଚିଲା । କଥା ପ୍ରସଙ୍ଗରେ ସେ ବଳୀମୁଖକୁ କହିଲା, "ମିତ୍ର, ତୁମେ ଏପର୍ଯ୍ୟନ୍ତ ମୋର ଘର କି ମୋର ପତ୍ନୀକୁ ଦେଖିନାହଁ । ଚାଲ ଦିନେ ଯାଇ ମୋ ଘରେ ବିଶ୍ରାମ ନେବ । ପରସ୍ପରର ଘରକୁ ଯାଇ ଭୋଜନ ନ କଲେ କିମ୍ବା ପରସ୍ପରର ସ୍ତ୍ରୀମାନଙ୍କର ସାକ୍ଷାତ ନକରାଇଲେ ପ୍ରକୃତ ମିତ୍ରତା ଦୃଢ଼ ହୁଏନାହିଁ ।" ବଳୀମୁଖ ଏଥିରେ ସମ୍ମତ ହେବାରୁ ଶିଶୁମାର ତାକୁ ନିଜ ପୃଷ୍ଠରେ ବସାଇ ସ୍ୱ ଗୃହ ଅଭିମୁଖରେ ଅଗ୍ରସର ହେଲା ।

କୁମ୍ଭୀରକୁ ବିଚଳିତ ଓ ବ୍ୟାକୁଳ ମନରେ ଗତି କରୁଥିବା ଦେଖି ବାନର ଏପରି ମାନସିକ ଅସ୍ଥିରତାର କାରଣ ଜିଜ୍ଞାସା କରନ୍ତେ ମୂର୍ଖ ଶିଶୁମାର କହିଲା – "ମୋର ପତ୍ନୀ ଅତ୍ୟନ୍ତ ଅସୁସ୍ଥ । ତା'ର ଏହି ଭୟଙ୍କର ରୋଗ ପାଇଁ କୌଣସି ବାନରର ହୃଦୟ କମଳହିଁ ଏକମାତ୍ର ଔଷଧ । ଏଥିପାଇଁ ମୁଁ ତୁମକୁ ଧରିନେଉଛି । ଏହାହିଁ ମୋର ବ୍ୟାକୁଳତାର କାରଣ ।" ଏହାଶୁଣି ବୁଦ୍ଧିମାନ ବାନର ଚିନ୍ତା କଲା, "ଓହ, ଏଥିପାଇଁ କପଟ ଜାଲ ବିଛାଇ ଶିଶୁମାର ମୋତେ ତା' ଘରକୁ ଡାକି ନେଉଛି । ସ୍ତ୍ରୀକୁ ସନ୍ତୁଷ୍ଟ କରିବା ପାଇଁ ସେ ବର୍ତ୍ତମାନ ମିତ୍ରଦ୍ରୋହୀ ହେବା ନିମିତ୍ତ ପଶ୍ଚାତ୍‌ପଦ ନୁହେଁ । ପ୍ରେତ ଦ୍ୱାରା ଆବିଷ୍ଟ ବ୍ୟକ୍ତିମାନେ ନିଜ ଦାନ୍ତରେ ଆପଣା ଶରୀରର ମାଂସ କ'ଣ ଖାଆନ୍ତିନି କି ?" ଏହିପରି ଚିନ୍ତାକରି ସେ ଶିଶୁମାରକୁ କହିଲା, "ମିତ୍ର, ଏକଥା ତୁମେ ମୋତେ ଆଗରୁ କହିବା ଉଚିତ ଥିଲା । ଆଗରୁ କହିଥିଲେ ମୁଁ ବନ୍ଧୁ ପତ୍ନୀଙ୍କ ପାଇଁ ମୋର ହୃଦୟ କମଳ ନେଇ ଆସିଥାନ୍ତି । ଏବେ ତ ମୋର ସେହି ହୃଦୟ କମଳ ଡିମ୍ବିରି ଗଛର କୋଟର ଭିତରେ

Digitized by srujanika@gmail.com

ରହିଗଲା । ଚାଲ ତାକୁ ଯାଇ ନେଇ ଆସିବା । ବନ୍ଧୁ ପତ୍ନୀଙ୍କ ପାଇଁ ମୁଁ କ'ଣ ଏତିକି କରିପାରିବି ନାହିଁ ?'' ବାନରର କଥାରେ ଭୁଲିଯାଇ ବିଚରା ମୂର୍ଖ ଶିଶୁମାର ମିତ୍ର ବାନରକୁ ପୁଣି ସମୁଦ୍ରତଟକୁ ନେଇଆସିଲା । ବଳୀମୁଖ ସାକ୍ଷାତ୍ ମୃତ୍ୟୁ ତୁଲ୍ୟ କୁମ୍ଭୀରଠାରୁ ରକ୍ଷା ପାଇ ଗୋଟିଏ ଲମ୍ଫରେ ବୃକ୍ଷ ଶିଖରକୁ ଉଠିଗଲା, କହିଲା ''ଦୁଷ୍ଟ, ମିତ୍ରଦ୍ରୋହୀ ବିଦାୟ । କାହାର ହୃଦୟ କଣ ଶରୀରଠାରୁ ଭିନ୍ନ ହୋଇ ରହିପାରେ । ନିଜର ପ୍ରାଣ ବଞ୍ଚାଇବା ପାଇଁ ମୁଁ ତୋତେ ଏପରି କହିଥିଲି । ମୋତେ ସାଙ୍ଗରେ ନେବା କଥା ଭୁଲିଯାଇ ତୁ ଏଠାରୁ ଶୀଘ୍ର ପଳାୟନ କର । ଯଦି ଶୁଣିନଥିବୁ ଏବେ ସେହି ମୂର୍ଖ ଗଧର କଥା କହୁଛି, ଶୁଣ –

ମୂର୍ଖ ଗଧ କଥା

କୌଣସି ଏକ ଅରଣ୍ୟରେ ସିଂହଟିଏ ରହୁଥାଏ । ଶୃଗାଳଟିଏ ତା'ର ମନ୍ତ୍ରୀ । ଏକଦା ରାଜାଙ୍କ ପାରିଧିବେଳେ ତାଙ୍କ ବାଣଦ୍ୱାରା ବିଦ୍ଧ ହୋଇ ସିଂହଟି କ୍ଷତାକ୍ତ ହୋଇପଡ଼ିଲା । ସେ କୌଣସିମତେ ନିଜ ଜୀବନ ରକ୍ଷାକରି ଗୁମ୍ଫା ଭିତରେ ଆସି ପହଞ୍ଚିଗଲା, କିନ୍ତୁ ବିଶେଷ ଚଳପ୍ରଚଳ ହୋଇପାରିଲା ନାହିଁ । ରାଜା ଫେରିଯିବା ପରେ ସେ ଦୀର୍ଘଦିନ ଧରି ଗୁମ୍ଫା ଭିତରେ ପଡ଼ିରହିବାରୁ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥାଏ । ପଶୁ ଶିକାର କରିବା ତା'ପକ୍ଷରେ ଆଉ ସମ୍ଭବ ହେଲାନାହିଁ । ସିଂହର ଉଚ୍ଛିଷ୍ଟ ଖାଇ ଉଦରପୂରଣ କରୁଥିବା ଶୃଗାଳ ଦିନେ କ୍ଷୁଧାର୍ତ୍ତ ହୋଇ କହିଲା, 'ପ୍ରଭୁ, ଆପଣ ଗୁମ୍ଫା ବାହାରକୁ ଆସି ଶିକାର କରୁନାହାନ୍ତି କାହିଁକି ? ଆହାର ବିନା ଆପଣ ନିଜେ ତ କଷ୍ଟ ପାଉଛନ୍ତି, ଆପଣଙ୍କ ପରିଜନମାନଙ୍କୁ ମଧ୍ୟ କଷ୍ଟ ଦେଉଛନ୍ତି ।' ଶୃଗାଳର ସହାନୁଭୂତିରେ ସିଂହ ଅତ୍ୟନ୍ତ କ୍ଷୀଣ ସ୍ୱରରେ କହିଲା, 'ମିତ୍ର, ମୋର ସମଗ୍ର ଶରୀର ବାଣବିଦ୍ଧ ହୋଇ ନିଶ୍ଚେଷ୍ଟ ହୋଇଯାଇଛି । ମୁଁ ଏଠାରୁ ଘୁଞ୍ଚିବା ପାଇଁ ମଧ୍ୟ ଅସମର୍ଥ । ଯଦି ଗଧର କାନ ଓ କଳିଜା ମିଳନ୍ତା, ତେବେ ତାକୁ ଖାଇଲେ ମୋର ଏହି ବ୍ରଣଗୁଡ଼ିକ ଶୀଘ୍ର ଭରିଯା'ନ୍ତା; ମୁଁ ସୁସ୍ଥ ହୋଇଯାନ୍ତି । ତେଣୁ ତୁମେ ଯାଇ ଗଧଟିଏ ଖୋଜିଆଣ ।'

ସିଂହଠାରୁ ଏହାଶୁଣି ଶୃଗାଳ ଗଧ ଖୋଜିବା ପାଇଁ ବାହାରିଲା । ବିଭିନ୍ନ ଆଡ଼େ ସନ୍ଧାନ କରି ସେ ଗୋଟିଏ ଗାଁ ମୁଣ୍ଡରେ ଥିବା ପୋଖରୀ କୂଳରେ କୌଣସି ଧୋବାର ଗଧଟିଏ ଚରୁଥିବା ଦେଖି ତା' ନିକଟକୁ ଯାଇକହିଲା, 'ମହାଶୟ, ତୁମେ ଏପରି ଦୁର୍ବଳ କାହିଁକି ହୋଇପଡ଼ିଲ ।' ଉତ୍ତରରେ ଗଧ କହିଲା, 'ସର୍ବଦା ଧୋବାର ବୋଝ ବୋହି ବୋହି ଆଜି ମୋର ଏ ଅବସ୍ଥା ।' ଗଧ ପ୍ରତି ସହାନୁଭୂତି ପ୍ରକାଶ କରି ଶୃଗାଳ କହିଲା,

Digitized by srujanika@gmail.com

'ଏଠାରେ ଏପରି କେତେଦିନ ଆଉ ବୋଝ ବୋହିବ । ଆସ, ମୁଁ ତୁମକୁ ସ୍ୱର୍ଗତୁଲ୍ୟ ଗୋଟିଏ ଶସ୍ୟଶ୍ୟାମଳ ଅରଣ୍ୟରେ ପହଞ୍ଚାଇ ଦେବି । ସେଠାରେ ତୁମେ ଗଧୁଣୀମାନଙ୍କ ସହିତ ଖାଇପିଇ ହୃଷ୍ଟପୁଷ୍ଟ ହୋଇ କ୍ରୀଡ଼ା କରିବ ।' ଶୃଗାଳର କଥାଶୁଣି ଗଧ ବିଳାସମୟ ଜୀବନର ଲୋଭ ସମ୍ବରଣ କରିପାରିଲା ନାହିଁ । ସେ ତା'ସହିତ ଯାଇ ସିଂହ ରହୁଥିବା ଅରଣ୍ୟରେ ପହଞ୍ଚିଲା । ଗଧକୁ ଦେଖି ସେହି ବଳହୀନ ଓ ଅଶକ୍ତ ସିଂହ ଗଧର ପଛପଟୁ ଆକ୍ରମଣ କଲା । କିନ୍ତୁ ତାକୁ ସମ୍ପୂର୍ଣ୍ଣ କବଳିତ କରିବା ପୂର୍ବରୁ ଗଧ ତା'ର ଦୁର୍ବଳ ପଞ୍ଝା ମଧ୍ୟରୁ ରକ୍ଷାପାଇ ଦଉଡ଼ି ଚାଲିଗଲା । ରୁଗ୍ଣ ସିଂହ ମଧ୍ୟ ତା'ର ପଶ୍ଚାଧାବନ କରିନପାରି ଭାଗ୍ୟକୁ ଆଦରି ପଡ଼ିରହିଲା ।

ସିଂହ ଯାଇ ପୁଣି ଗୁମ୍ଫା ମଧ୍ୟରେ ନିଶ୍ଚେଷ୍ଟ ହୋଇ ପଡ଼ିଯିବା ପରେ ଶୃଗାଳ ପୁଣି ଆସି କହିଲା, 'ସ୍ୱାମୀ, ଏପରି ଗୋଟିଏ ଦୁର୍ବଳ ଗଧକୁ ଯଦି ତୁମେ ମାରିପାରିଲ ନାହିଁ; ହରିଣ, ସମ୍ବର ପ୍ରଭୃତି ଜୀବଙ୍କୁ ଶିକାର କଲେ ତୁମର କି ଅବସ୍ଥା ନହେବ ?' ଏଥିରେ ବ୍ୟଥିତ ହୋଇ ସିଂହ କହିଲା, 'ତୁ ଯାହା କହୁଛୁ ତାହା ମିଥ୍ୟା ନୁହେଁ । ମୁଁ ପ୍ରକୃତରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ତୁ ପୁଣି ଯାଇ କୌଣସିମତେ ସେହି ଗଧଟିକୁ ନେଇଆସ । ମୁଁ ପ୍ରସ୍ତୁତ ହୋଇ ବସିଥିବି । ସେ ଆସିବା ମାତ୍ରେ ତାକୁ ମାରି ତା'ର କାନ ଓ କଳିଜା ଖାଇବି ।'

ସିଂହ କଥାରେ ଶୃଗାଳ ଯାଇ ପୁଣି ସେ ଗଧ ପାଖରେ ପହଞ୍ଚିଲା । ତାକୁ ଏତେ ଶୀଘ୍ର ଦଉଡ଼ି ଆସିବାର କାରଣ ସମ୍ପର୍କରେ ପଚାରିବାରୁ ସେ ତାକୁ କିଏ ଜଣେ ଆକ୍ରମଣ କରିବା କଥା ବ୍ୟକ୍ତ କଲା । ତା'କଥା ଶୁଣି ଶୃଗାଳ ହସି ହସି କହିଲା, 'ତୁମେ ଦୁର୍ବଳ ହୋଇପଡ଼ିବାରୁ ଏହିପରି ଭ୍ରମ ଜାତ ହେଉଅଛି । ପ୍ରକୃତରେ ସେହି ଅରଣ୍ୟରେ ତୁମକୁ ଆକ୍ରମଣ କଲାପରି କୌଣସି ପ୍ରାଣୀ ନାହାନ୍ତି । ଦେଖ ମୋଭଳି କ୍ଷୁଦ୍ର ଓ ଭୟାଳୁ ପ୍ରାଣୀ ମଧ୍ୟ ସେଠାରେ ବାସ କରୁଛି । ଏଣୁ ବର୍ତ୍ତମାନ ତୁମେ ମୋ ସହିତ ଆସ । ସେହି ଅରଣ୍ୟରେ କେବଳ ଆନନ୍ଦ ଓ ଆନନ୍ଦ । ମୁଁ ସବୁବେଳେ ତୁମ ପାଖେ ପାଖେ ରହିବି । ଭୟ କରିବାର କୌଣସି କାରଣ ନାହିଁ ।' ଶୃଗାଳର ଛଳନା ବୁଝିନପାରି ଗଧଟି ତା'ସହିତ ପୁଣି ସିଂହର ଗୁମ୍ଫା ନିକଟକୁ ଗଲା । ଏହିଥର ପ୍ରସ୍ତୁତ ହୋଇ ବସିଥିବା ସିଂହ ତାକୁ ଆକ୍ରମଣ କରି ମାରିଦେଲା । ଗଧକୁ ନଖରେ ଚିରି କ୍ଳାନ୍ତ ସିଂହ ଶୃଗାଳକୁ ସେଠାରେ ରଖି ଯେତେବେଳେ ସ୍ନାନ ସାରି ଆସିବାକୁ ଗଲା, ସେତେବେଳେ କପଟୀ ଶୃଗାଳ ଗଧର ହୃଦୟ ଓ କାନ ଉଭୟକୁ ଖାଇଦେଲା ।

Digitized by srujanika@gmail.com

ସ୍ନାନ ସାରି ଫେରିଆସି ସିଂହ ଯେତେବେଳେ ଗଧର କାନ ଓ କଲିଜା କେଉଁଠି ଅଛି ବୋଲି ପଚାରିଲା ସେତେବେଳେ ଶୃଗାଳ କହିଲା – 'ପ୍ରଭୁ, ଆରମ୍ଭରୁ ହିଁ ଏ ଗଧର କାନ ଓ କଲିଜା ନାହିଁ । ନହେଲେ ଥରେ ତୁମ ଆକ୍ରମଣରୁ ବର୍ତ୍ତିଯାଇ ପୁଣି କ'ଣ ମରିବା ପାଇଁ ଆସିଥାନ୍ତା ?' ଏଥିରେ ବିଶ୍ୱାସ କରି ସିଂହ ଗଧର ଅବଶିଷ୍ଟ ମାଂସତକ ଖାଇ ତୃପ୍ତି ଲାଭ କଲା । ଶୃଗାଳ ମଧ୍ୟ ଗଧର ଚମଡ଼ାରେ ଲାଗିଥିବା ମାଂସଖଣ୍ଡ ସବୁକୁ ଚାଟି ଚାଟି ସନ୍ତୁଷ୍ଟ ହେଲା ।

ଗଳ୍ପଟି ଶୁଣାଇ ବାନର ବଳୀମୁଖ କୁମ୍ଭୀର ଶିଶୁମାରକୁ କହିଲା ''ମୁଁ ଆଉ ଗଧପରି ତୋ ସାଙ୍ଗରେ ଯିବା ସମ୍ଭବ ନୁହେଁ । ତୁ ଯଥାଶୀଘ୍ର ଏଠାରୁ ଚାଲିଯା ।'' ଶିଶୁମାର ନିଜର ଅସଫଳତା ଏବଂ ସ୍ତ୍ରୀର ରୋଗ ସମ୍ପର୍କରେ ଚିନ୍ତା କରି କରି ଘରକୁ ଫେରିଗଲା । ସ୍ତ୍ରୀ ନିକଟରେ ସମସ୍ତ କଥା ପ୍ରକାଶ କରନ୍ତେ ସେ ମନେ ମନେ ଖୁସୀ ହେଲା ଯେ ଯାହାହେଉ ବର୍ତ୍ତମାନ ଏମାନଙ୍କର ମିତ୍ରତା ନଷ୍ଟ ହୋଇଯାଇଛି । କୁମ୍ଭୀର ଆଉ ଦିନସାରା ମିତ୍ର ନିକଟରେ ଯାଇ ରହିବ ନାହିଁ । ସେହିଦିନଠାରୁ କୁମ୍ଭୀର ଦମ୍ପତି ଆନନ୍ଦ ମନରେ ସମୁଦ୍ର ମଧ୍ୟରେ ବିଚ଼ରଣ କରିବାକୁ ଲାଗିଲେ । ତେଣୁ, ଯୁବରାଜ, ବୁଦ୍ଧିମାନ ବ୍ୟକ୍ତିମାନେ ଦୁଷ୍ଟମାନଙ୍କୁ କଦାପି ବିଶ୍ୱାସ କରିବା ଉଚ଼ିତ ନୁହେଁ । ଦୁର୍ଜ୍ଜନ ଏବଂ କଳାନାଗୁଣୀକୁ ବିଶ୍ୱାସ କରି କିଏ ବା ଶାନ୍ତିରେ ରହିପାରିବ ?''

ତଦେବଂ ବିଶ୍ୱସେନ୍ନୈବ ବୁଦ୍ଧିମାନ୍ ଦୁର୍ଜନେ ଜନେ
ଦୁର୍ଜନେ କୃଷ୍ଣସର୍ପେ ଚ କୁତୋ ବିଶ୍ୱାସତଃ ସୁଖମ୍ ।

ମନ୍ତ୍ରୀ ଗୋମୁଖ ଏହିପରି କଥାଟିଏ କହି ନରବାହନଦତ୍ତଙ୍କ ମନୋରଞ୍ଜନ କରିବା ପରେ ପୁଣି ଗୋଟିଏ ହାସ୍ୟରସାତ୍ମକ କଥା କହିବା ଆରମ୍ଭ କଲେ –

ମୂର୍ଖଗାୟକ ଓ ଧନୀଶ୍ରୋତା କଥା

'କୌଣସି ଗାଁରେ ଜଣେ ଧନାଢ୍ୟ ବ୍ୟକ୍ତି ବାସ କରୁଥାନ୍ତି । ଥରେ ଜଣେ ବିଶିଷ୍ଟ ଗାୟକ ଆସି ନିଜର ମଧୁର ସଙ୍ଗୀତଗାନରେ ତାଙ୍କୁ ସନ୍ତୁଷ୍ଟ କଲା । ସେ ତତ୍‌କ୍ଷଣାତ୍ ନିଜର ଭଣ୍ଡାର ରକ୍ଷକଙ୍କୁ ଡାକି ଗାୟକକୁ ଦୁଇହଜାର ସ୍ୱର୍ଣ୍ଣମୁଦ୍ରା ଦେବାପାଇଁ ନିର୍ଦ୍ଦେଶ ଦେଲେ । ଭଣ୍ଡାର ରକ୍ଷକ ସମ୍ମତି ପ୍ରକାଶ କରି ଗାୟକ ସହିତ ସେଠାରୁ ଚାଲିଗଲା । କିନ୍ତୁ ସେ ଜାଣିଶୁଣି ଗାୟକକୁ କିଛି ଦେଲା ନାହିଁ । ଏଥିରେ ନିରାଶ ହୋଇ ଗାୟକ ଯେତେବେଳେ ଆସି ମୁନିବଙ୍କ ନିକଟରେ ଅଭିଯୋଗ କଲା, ସେତେବେଳେ ସେ କହିଲେ 'ତୁମେ ମୋତେ କ'ଣ ଦେଇଛ ଯେ ମୁଁ ତୁମକୁ ଏତେ ସ୍ୱର୍ଣ୍ଣମୁଦ୍ରା ଦେବି । କିଛି ସମୟ ସୁସ୍ୱରରେ ଗାନ

Digitized by srujanika@gmail.com

କରି ତୁମେ ମୋର କର୍ଣ୍ଣ ଯୁଗଳକୁ ଆନନ୍ଦ ଦାନ କଲ । ମୁଁ ମଧ୍ୟ ପୁରସ୍କାର ସ୍ୱରୂପ ଦୁଇହଜାର ସ୍ୱର୍ଣ୍ଣମୁଦ୍ରା ଦେବା କଥା ଶୁଣାଇ ତୁମ କାନକୁ ଆନନ୍ଦିତ କଲି ।' ଏଥିରେ ଗାୟକ କ'ଣ କହିବେ ଚିନ୍ତା କରିନପାରି କେବଳ ହସିଦେଇ ସେଠାରୁ ଚାଲିଗଲେ ।

ଦେବ, ଏହିପରି ଆଉ ଗୋଟିଏ ହାସ୍ୟ ରସାତ୍ମକ କଥା ଶୁଣନ୍ତୁ –

ଦୁଇ ମୂର୍ଖ ଶିଷ୍ୟକଥା

ଜଣେ ଗୁରୁଙ୍କର ବହୁ ଶିଷ୍ୟଙ୍କ ମଧ୍ୟରେ ଦୁଇଜଣ ମୂର୍ଖ ଶିଷ୍ୟ ଥିଲେ । ଗୁରୁଙ୍କ ନିର୍ଦ୍ଦେଶ କ୍ରମେ ସେଥିରୁ ଜଣେ ଗୁରୁଙ୍କର ଡାହାଣ ଗୋଡ଼ରେ ତେଲ ମାଲିସ୍ କରି ଧୁଆପୋଛା କରୁଥିଲା ଏବଂ ଅନ୍ୟଜଣକ ବାଁ ଗୋଡ଼ର ଅନୁରୂପ ସେବା କରୁଥାଏ । ଦିନେ କୌଣସି କାର୍ଯ୍ୟ ଉପଲକ୍ଷରେ ଗୁରୁ ଡାହାଣ ଗୋଡ଼ର ସେବା କରୁଥିବା ଶିଷ୍ୟଟିକୁ ଗାଁକୁ ପଠାଇଲେ । ଅନ୍ୟ ଶିଷ୍ୟଟି ବାଁ ଗୋଡ଼ର ସେବା କଲାପରେ ଅନ୍ୟ ଗୋଡ଼ଟିରେ ମଧ୍ୟ ତେଲ ମାଲିସ୍ କରିବା ପାଇଁ ଗୁରୁଦେବ କହିବାରୁ ସେହି ମୂର୍ଖ ଶିଷ୍ୟ କହିଲା 'ଏହି ଗୋଡ଼ ମୋର ନୁହେଁ । ତେଣୁ ମୁଁ ତାକୁ ଛୁଇଁବି ନାହିଁ । ଶିଷ୍ୟର କଥା ଶୁଣି ପୀଡ଼ାବଶତଃ ଗୁରୁ ତା'କୁ ବାଧ କରିବାରୁ ସେ ଶତ୍ରୁର ଦାଉସାଧିବା ପାଇଁ ପଥର ଛେଚି ଗୁରୁଙ୍କର ଡାହାଣ ଗୋଡ଼ଟିକୁ କ୍ଷତବିକ୍ଷତ କରିଦେଲା । ଗୁରୁଙ୍କ ଚିତ୍କାର ଶୁଣି ଅନ୍ୟ ଶିଷ୍ୟମାନେ ଆସି ତାକୁ ମାରଧର କରନ୍ତେ ଗୁରୁ ନିଜର ସ୍ୱାଭାବିକ କ୍ଷମା ଗୁଣରେ ସେମାନଙ୍କୁ ସେଥିରୁ ନିବୃତ୍ତ କଲେ ।

ପରଦିନ ଗାଁରୁ ଫେରି ଅନ୍ୟ ଶିଷ୍ୟଟି ଯେତେବେଳେ ଗୁରୁଙ୍କ ଡାହାଣ ଗୋଡ଼ର ଏ ଅବସ୍ଥା ଦେଖିଲା ସେତେବେଳେ ତା'ମନରେ ବହୁତ ଦୁଃଖ ହେଲା । ଗୁରୁଙ୍କ ଠାରୁ ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ରାଗରେ ଜଳିଉଠି ଶତ୍ରୁର ଗୋଡ଼ ଅର୍ଥାତ୍ ଗୁରୁଙ୍କର ବାଁ ଗୋଡ଼ଟିରେ ପଥର ଛେଚି ଅନୁରୂପ ଅବସ୍ଥା କରିଦେଲା । ଗୁରୁ ତାକୁ ମଧ୍ୟ ଅନ୍ୟ ଶିଷ୍ୟମାନଙ୍କ କ୍ରୋଧରୁ ବଞ୍ଚାଇନେଲେ । କିଛି ଦିନ ମଧ୍ୟରେ କ୍ଷମାସର୍ବସ୍ୱ ଗୁରୁଙ୍କର ସ୍ୱାସ୍ଥ୍ୟ ଫେରିଆସିଲା, କିନ୍ତୁ ଏହି ଦୁଇମୂର୍ଖ ଶିଷ୍ୟ ସବୁଦିନ ପାଇଁ ସମସ୍ତଙ୍କର ଦ୍ୱେଷ ଓ ହାସ୍ୟର ପାତ୍ର ହୋଇ ରହିଲେ ।

ତେଣୁ ପରସ୍ପର ପ୍ରତି ଈର୍ଷ୍ୟା କରୁଥିବା ସେବକମାନେ ନିଜର ଏବଂ ନିଜ ପ୍ରଭୁଙ୍କର ଏହିପରି କ୍ଷତି କରିଥାନ୍ତି ।

ଏ ସମ୍ପର୍କରେ ଗୋଟିଏ ଦୁଇମୁଣ୍ଡିଆ ସାପ କଥା ଶୁଣନ୍ତୁ –

Digitized by srujanika@gmail.com

ଦୁଇମୁଣ୍ଡିଆ ସାପକଥା

କୌଣସି ସ୍ଥାନରେ ଗୋଟିଏ ସାପ ଥାଏ ଯେ ତା'ର ଆଗ ଓ ପଛରେ ଦୁଇଟି ମୁଣ୍ଡ । ପଛରେ ଥିବା ମୁଣ୍ଡଟିରେ ଆଖି ନଥାଏ; କିନ୍ତୁ ପ୍ରାକୃତିକ ମୁଣ୍ଡଟି ସ୍ୱାଭାବିକ ଭାବେ ଦେଖିପାରେ । ତଥାପି ନିଜ ନିଜର ବଡ଼ିମା ନେଇ ଉଭୟଙ୍କ ମଧ୍ୟରେ କଳହ । ସାପଟି ପ୍ରାକୃତିକ ମୁହଁ ସାହାଯ୍ୟରେ ଚଲାବୁଲା କରୁଥାଏ । ଦିନେ ପଛପଟ ମୁଣ୍ଡ ଆଗକୁ ଯିବାବେଳେ କୌଣସି ଏକ ପଥର ପାଖରେ ଅଟକିଗଲା । ଆଉ ଆଗକୁ ଯିବା ସମ୍ଭବ ହେଲାନାହିଁ । ତେଣୁ ସର୍ପଟି ପଛପଟ ମୁଣ୍ଡ ଅପେକ୍ଷା ଆଗପଟର ମୁଣ୍ଡଟିକୁ ଶ୍ରେଷ୍ଠ ବୋଲି ଗ୍ରହଣ କଲା । ଏଥିରେ ବ୍ୟଥିତ ହୋଇ ଚକ୍ଷୁହୀନ ମୁଣ୍ଡଟି ବାଟ ଅବାଟ ନମାନି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବ ବୋଲି ଆଗକୁ ମାଡ଼ିଯାଏ । ଦିନେ ସେ ଆଗକୁ ଆଗକୁ ଯାଇ ଗୋଟିଏ ଜଳନ୍ତା ଅଗ୍ନିକୁଣ୍ଡ ମଧ୍ୟରେ ଖସିପଡ଼ିଲା ଏବଂ ସର୍ପ ସହିତ ପୋଡ଼ି ଭସ୍ମ ହୋଇଗଲା । ଏହିପରି ନିଜର ସାମର୍ଥ୍ୟ ସମ୍ପର୍କରେ ସଚେତନ ନହେଲେ ମନୁଷ୍ୟ ଦୁଃଖ ହିଁ ଅନୁଭବ କରିଥାଏ ।

ଏବଂ ଗୁଣସ୍ୟ ଯେଽଜ୍ଞସ୍ୟ ବହବୋ ନାନ୍ତରଂ ବିଦୁଃ
ତେ ହୀନଗୁଣସଙ୍ଗେନ ମୂଢ଼ା ଯାନ୍ତି ପରାଭବମ୍ ॥

ଚାଉଳଖିଆ ମୂର୍ଖକଥା

ଏହିପରି ଆଉ ଗୋଟିଏ କଥା ହେଲା ଯେ କୌଣସି ଗୋଟିଏ ମୂର୍ଖ ପ୍ରଥମ ଥର ଶ୍ୱଶୁର ଘରକୁ ଯାଇଥାଏ । ସେଠାରେ ତା'ର ଶାଶୁ ରାନ୍ଧିବା ପାଇଁ ଚାଉଳ ବାହାର କରି ରଖିଥାନ୍ତି । ଧୋବ ସରସର ଚାଉଳ ସବୁକୁ ଦେଖି ମୂର୍ଖ ଲୋଭ ସମ୍ବରଣ କରିପାରିଲା ନାହିଁ; ସେଥିରୁ ମୁଠିଏ ଚାଉଳ ପାଟିରେ ଭର୍ତ୍ତି କରିଦେଲା । ଏ ସମୟରେ ଶାଶୁ ଆସି ପହଞ୍ଚିଯିବାରୁ ସେ ମୂର୍ଖ ଲଜ୍ଜାବଶତଃ ତାକୁ ଗିଳିପାରିଲା ନାହିଁ କି ବାହାର କରିପାରିଲା ନାହିଁ । ଶାଶୁ ଜୋଇଁଙ୍କର ଗାଲ ଫୁଲିଥିବା ଏବଂ କଥା କହିପାରୁନଥିବା ଦେଖି ବୈଦ୍ୟଙ୍କୁ ଡକାଇ ଆଣିଲେ । ବୈଦ୍ୟ ଏହାକୁ ଶୋଥ ରୋଗ ମନେକରି ଛୁରୀଦ୍ୱାରା ତାର ପାଟି ଖୋଲିବାରୁ ଚାଉଳ ସବୁ ତଳେ ପଡ଼ିଗଲା । ତାହାଦେଖି ସେଠାରେ ଥିବା ଲୋକମାନଙ୍କର ହସି ହସି ପେଟ ଫାଟିଗଲା । ଏହିପରି ମୂର୍ଖମାନେ ଅକର୍ମ ତ କରନ୍ତି କିନ୍ତୁ ତାକୁ ଲୁଚାଇ ବି ପାରନ୍ତି ନାହିଁ ।

Digitized by srujanika@gmail.com

ଗଧ ଦୁଧ କଥା

ଗାଈ, ମଇଁଷି ପ୍ରଭୃତିଙ୍କୁ ଦୋହୁଁଥିବା ଦେଖି ଥରେ ଦଳେ ପିଲା ଗୋଟିଏ ଗଧୁଣୀକୁ ବାନ୍ଧିଆଣି କ୍ଷୀର ଦୁହିଁବା ଆରମ୍ଭ କଲେ । କିଏ ତାକୁ ଦୁହିଁଲା, କିଏ ତା'ର ମୁଣ୍ଡକୁ ଧରିଲା, କିଏ ଦୁହିଁବା ପାତ୍ର ଧରି ଠିଆ ହେଲା, ଆଉ କିଏ କିଏ ମୁଁ ଆଗ ମୁଁ ଆଗ ବୋଲି ଝଗଡ଼ା କଲେ । କିନ୍ତୁ ଏତେ କଷ୍ଟ କରି ମଧ ସେମାନେ ଗଧୁଣୀଠାରୁ କ୍ଷୀର ପାଇଲେ ନାହିଁ ।

ମୂର୍ଖପୁତ୍ର କଥା

ସେହିପରି ମହାରାଜ କୌଣସି ଜଣେ ବ୍ରାହ୍ମଣର ଗୋଟିଏ ପୁତ୍ର ଥାଏ । ବାପା ତାକୁ ସକାଳୁ ନିଜ ଗାଁକୁ ଯିବାକୁ ହେବ ବୋଲି ସଂଧ୍ୟାବେଳେ କହିଲେ । ବାପାଙ୍କ କଥା ମାନି ପୁଅଟି ସକାଳୁ ସକାଳୁ ବାପା ଉଠିବା ପୂର୍ବରୁ ଗାଁକୁ ଚାଲିଗଲା । ସଂଧ୍ୟାରେ କିଛି କାମ କରି ନପାରି ଗାଁରୁ ଫେରିଆସି ବାପାଙ୍କୁ କହିବାରୁ ବାପା କହିଲେ, 'ତୁ କ'ଣ ପାଇଁ ଯାଇଥିଲୁ ତ, ଜାଣିନୁ । କରନ୍ତୁ ଆଉ କ'ଣ ? ତୋ'ର ଯିବା କେବଳ ସାର ହେଲା, କିନ୍ତୁ ମୋର କିଛି କାମ ହେଲାନାହିଁ ।

ତେଣୁ ଅଯଥାରେ କଷ୍ଟକରି କିମ୍ବା ଅର୍ଥ ନବୁଝି ପରିଶ୍ରମ କରି କାହାର କିଛି ଲାଭ ହୁଏନାହିଁ ।

ଗୋମୁଖଙ୍କ ଠାରୁ ଏପ୍ରକାର ଶିକ୍ଷାପୂର୍ଣ୍ଣ କଥା ଶୁଣି ନରବାହନଦତ୍ତ ରାତ୍ରିର ବହୁ ସମୟ ପର୍ଯ୍ୟନ୍ତ ଉଜାଗର ରହିଲେ । ମଝି ମଝିରେ ଶକ୍ତିଯଶାଙ୍କ ସ୍ମୃତି ତାଙ୍କୁ ବ୍ୟାକୁଳ କରୁଥାଏ । ଆଖି ମୁଦି ହୋଇ ଆସିବାରୁ ସେ ସେଠାରେ ମିତ୍ରମାନଙ୍କ ସହିତ କେତେବେଳେ ଯେ ଶୋଇଗଲେ ଜାଣିପାରିଲେ ନାହିଁ ।

●

Digitized by srujanika@gmail.com

ଅଷ୍ଟମ ତରଙ୍ଗ

ପରଦିନ ରାତିରେ ନରବାହନଦତ୍ତ ନିଜ ବାସଗୃହରେ ବସି ନବବଧୂଙ୍କୁ ପାଇବା ଲାଗି ଉତ୍‌କଣ୍ଠିତ ଥିବାବେଳେ ଗୋମୁଖ ତାଙ୍କ ସମ୍ମତିକ୍ରମେ ଆଉ କେତୋଟି ମନୋରଞ୍ଜନାତ୍ମକ କଥା ଶୁଣାଇବା ଆରମ୍ଭ କଲେ ।

ବ୍ରାହ୍ମଣ ଓ ନେଉଳ କଥା

କୌଣସି ନଗରରେ ଦେବଶର୍ମା ନାମରେ ଜଣେ ବ୍ରାହ୍ମଣ ରହୁଥିଲେ । ତାଙ୍କ ସ୍ତ୍ରୀ ଦେବଦତ୍ତା ମଧ୍ୟ ଥିଲେ ଉଚ୍ଚକୂଳ ସଂଭୂତା । ସେ ଗର୍ଭ ଧାରଣ କରି ଯଥାସମୟରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ । ବ୍ରାହ୍ମଣ ନିର୍ଧନ ହେଲେ ମଧ୍ୟ ପୁତ୍ରଟିକୁ ଅକ୍ଷୟ ସମ୍ପଦ ମନେକରି ଲାଳନପାଳନ କରୁଥାନ୍ତି । ସୂତିକା ଅଶୌଚ୍ ଶେଷ ହେବା ପରେ ଦିନେ ଦେବଦତ୍ତା ସ୍ନାନ କରିବା ପାଇଁ ନଦୀକୁ ଯାଇଥାନ୍ତି । ଛୁଆଟିର ଦେଖାଶୁଣା କରିବା ଭାର ଦେବଶର୍ମାଙ୍କ ଉପରେ ନ୍ୟସ୍ତ ଥାଏ । ଏ ସମୟରେ ରାଜାଙ୍କର ଜଣେ ଦାସୀ ଆସି ଜଣାଇଲା ଯେ ଅନ୍ତଃପୁରରେ ସ୍ୱସ୍ତିବାଚ୍‌ନ ବିଧାନ କରିବା ପାଇଁ ରାଣୀ ତାଙ୍କୁ ଯଥାଶୀଘ୍ର ଯିବା ନିମିତ୍ତ କହିଛନ୍ତି । ବ୍ରାହ୍ମଣ ଭୂରି ଦକ୍ଷିଣା ଆଶାରେ ଶିଶୁଟିର ସୁରକ୍ଷା ଭାର ସେମାନେ ପାଳିଥିବା ଗୋଟିଏ ନେଉଳ ଉପରେ ଛାଡ଼ିଦେଇ ଚାଲିଗଲେ । ସେ ଯିବାପରେ ଘର ଭିତରକୁ ଗୋଟିଏ ବିଷଧର ସର୍ପ ପଶି ଆସିଲା । ନେଉଳଟି ସ୍ୱାମୀ ପ୍ରୀତିବଶତଃ ତାକୁ ଦାନ୍ତରେ କାଟି ମାରିଦେଲା । ଏ ସମୟରେ ଦେବଶର୍ମା ଫେରିଆସିଲେ । ନେଉଳଟି ତାଙ୍କୁ ଦୂରରୁ ଦେଖିପାରି ଅତ୍ୟନ୍ତ ଆନନ୍ଦରେ ତାଙ୍କ ନିକଟକୁ ଦଉଡ଼ିଗଲା । ତା' ଶରୀରରେ ରକ୍ତ ଲାଗିଥିବା ଦେଖି ବ୍ରାହ୍ମଣ ମନେକଲେ ଯେ ନେଉଳ ଶିଶୁଟିକୁ ଖାଇଯାଇଛି । ତେଣୁ ସେ ତାକୁ ସେଠାରେ ହିଁ ମାରିଦେଲେ । କିନ୍ତୁ ଘର ଭିତରକୁ ଯାଇ ସେ ଯେତେବେଳେ ସାପଟିଏ ମରିଥିବା ଏବଂ ଶିଶୁଟି ଜୀବିତ ଥିବା ଦେଖିଲେ ତାଙ୍କ ଦୁଃଖର ସୀମା ରହିଲା

Digitized by srujanika@gmail.com

ନାହିଁ । ବିନା ବିଚାରରେ ଉପକାରୀ ନେଉଳଟିକୁ ମାରି ଦେଇଥିବାଯୋଗୁଁ ସେ ପଶ୍ଚାତ୍ତାପ କରିବାକୁ ଲାଗିଲେ । ଦେବଦତ୍ତା ମଧ ତାଙ୍କୁ ଏହିକଥା ସୂଚାଇ ଦେଇ ବହୁଦିନ ପର୍ଯ୍ୟନ୍ତ ପରିହାସ କରୁଥାନ୍ତି ।

ତେଣୁ ଦେବ, ବୁଦ୍ଧିମାନ ବ୍ୟକ୍ତିମାନେ ହଠାତ୍ କୌଣସି କାର୍ଯ୍ୟ କରନ୍ତି ନାହିଁ । ସହସା କୌଣସି କାର୍ଯ୍ୟ କରିଥିବା ବ୍ୟକ୍ତି ଉଭୟ ଲୋକକୁ ନଷ୍ଟକରି ନିନ୍ଦିତ ହୋଇଥାଏ ।

ତସ୍ମାନ୍ନ ବୁଦ୍ଧିମାନ୍ କୁର୍ଯାତ୍ ସହସା ଦେବ କିଂଚ଼ନ
ସହସା ଚେ଼ଷ୍ଟମାନୋ ହି ହନ୍ୟତେ ଲୋକୟୋର୍ଦ୍ଵୟୋଃ ।

ସେହିପରି ଅବୈଧ କାର୍ଯ୍ୟ କରିବା ଲୋକ ମଧ ବିପରୀତ ଫଳହିଁ ଲାଭ କରିଥାଏ । ଏ ସମ୍ପର୍କରେ ଅନ୍ୟ ଗୋଟିଏ ଗଳ୍ପ ଶୁଣନ୍ତୁ –

ମୂର୍ଖରୋଗୀ ଓ ବୈଦ୍ୟ କଥା

କୌଣସି ପୁରୁଷ ବାୟୁ ରୋଗରେ ପୀଡ଼ିତ ଥିଲା । ଏହାକୁ କୌଣସି ବୈଦ୍ୟ ବିରେଚ଼ନ ପାଇଁ ଔଷଧ ଦେଇ କହିଲେ, 'ତୁ ଏହାକୁ ନେଇ ଘରେ ବାଟୁଥାଅ, ମୁଁ ଯାଇ ପହଞ୍ଚୁଛି ।' ବୈଦ୍ୟ ଆସିବା ବିଳମ୍ବ ଦେଖି ଏହି ମୂର୍ଖ ସେହି ଔଷଧତକ ବାଟି ପାଣିରେ ଗୋଳାଇ ପିଇଦେଲା । ବୈଦ୍ୟ ଆସିବା ବେଳକୁ ତା'ର ଅବସ୍ଥା ମରଣାନ୍ତକ । ବୈଦ୍ୟ ତାକୁ ବାନ୍ତି କରିବା ପାଇଁ କିଛି ଔଷଧ ଦେବା ଫଳରେ ସେ ବଞ୍ଚିଗଲା । ତାକୁ ଲକ୍ଷ୍ୟ କରି ବୈଦ୍ୟ କହିଲେ, 'ମୂର୍ଖ, ବିରେଚ଼ନ ପାଇଁ ଔଷଧ ମଳଦ୍ଵାରରେ ଦିଆଯାଏ; ପିଆଯାଏ ନାହିଁ । ମୁଁ ଆସିବା ପର୍ଯ୍ୟନ୍ତ ତୁ ଅପେକ୍ଷା କରିପାରିଲୁନି ।'

ଏହିପରି ଇଷ୍ଟସିଦ୍ଧି ପାଇଁ ବିଧାନ ବିଗର୍ହିତ କାର୍ଯ୍ୟ କଲେ ବିପରୀତ ଫଳ ହିଁ ମିଳିଥାଏ । ତେଣୁ ବୁଦ୍ଧିମାନ ବ୍ୟକ୍ତିମାନେ ଉଚ଼ିତ କାର୍ଯ୍ୟକୁ ଅନୁଚ଼ିତ ମାର୍ଗରେ କରନ୍ତି ନାହିଁ ।

ଇତୀଷ୍ଟମପ୍ୟନିଷ୍ଟାୟ ଜାୟତେଽବିଧିନା କୃତଂ
ତସ୍ମାନ୍ନ ବିଧିମୁତ୍ସୃଜ୍ୟ ପ୍ରାଜ୍ଞଃ କୁର୍ବୀତ କିଂଚ଼ନ ।

ସେହିପରି ବିନା ବିଚାରରେ ନିନ୍ଦନୀୟ କାର୍ଯ୍ୟ କରୁଥିବା ପୁରୁଷ ଅନ୍ୟମାନଙ୍କର ନିନ୍ଦା ଓ ଉପହାସର ପାତ୍ର ହିଁ ହୋଇଥାଏ, ଯେପରି –

Digitized by srujanika@gmail.com

ମୂର୍ଖପୁରୁଷ ଓ ତପସ୍ୱୀ କଥା

କୌଣସି ଗ୍ରାମରେ ଗୋଟିଏ ମୂର୍ଖ ଥିଲା । ସେ ଅନ୍ୟ ଗୋଟିଏ ଗ୍ରାମକୁ ଯାଉଥିବା ବେଳେ ତା'ର ଶିଶୁପୁତ୍ର ମଧ ତା'ପଛରେ ଯିବାକୁ ଲାଗିଲା । ଯାତ୍ରୀମାନଙ୍କ ଦଳରେ ସାମିଲ୍ ହୋଇ ସେମାନେ ଗୋଟିଏ ଜଙ୍ଗଲ ମଧ୍ୟରେ ଡେରା ପକାଇଲେ । ପିଲାଟି ଏଣେତେଣେ ବୁଲୁବୁଲୁ ଦୂରକୁ ଚାଲିଗଲା । ସେଠାରେ କିଛି ମାଙ୍କଡ଼ ତାକୁ ଆଞ୍ଚୁଡ଼ା ଆଞ୍ଚୁଡ଼ି କରିଦେଲେ । ସେ ଦୌଡ଼ି ଆସି ପିତାଙ୍କ ନିକଟରେ ପହଞ୍ଚିଲା । 'କିଏ ତା'ର ଏପରି ଅବସ୍ଥା କରିଛି' ବୋଲି ପଚାରିବାରୁ ପିଲାଟି କହିଲା, 'ଜଙ୍ଗଲ ଭିତରେ ଲମ୍ବା ଲମ୍ବା ବାଳଥିବା ଏବଂ ଗଛରୁ ତୋଳି ଫଳ ଖାଉଥିବା କେତେକ ଲୋକ ମୋତେ କାମୁଡ଼ି ଦେଲେ ।' ଏହା ଶୁଣି ସେହି ମୂର୍ଖ ଗୋଟିଏ ଦୀର୍ଘ ଖଡ୍‌ଗ ଧରି ସେ କହିଥିବା ମାର୍ଗରେ ଜଙ୍ଗଲ ମଧ୍ୟରେ ପ୍ରବେଶ କଲା । ପଥ ମଧ୍ୟରେ ଫଳ ଖାଉଥିବା କେତେଜଣ ଫଳାହାରୀ ଏବଂ ଜଟାଜୁଟଧାରୀ ତପସ୍ୱୀଙ୍କ ସହିତ ତା'ର ସାକ୍ଷାତ ହେଲା । ଏମାନଙ୍କୁ ସେ ପୁତ୍ରର ଅନିଷ୍ଟକାରୀ ଭାବି ହତ୍ୟା କରିବା ପାଇଁ ଖଡ୍‌ଗ ଉତ୍ତୋଳନ କଲା । ସେହି ରାସ୍ତାରେ ଆସୁଥିବା କୌଣସି ପଥିକ ବ୍ରାହ୍ମଣକୁ ଏଥିରୁ ନିବୃତ୍ତ କରି କହିଲା, 'ତୋର ପୁଅକୁ ମାଙ୍କଡ଼ମାନେ ଆଞ୍ଚୁଡ଼ା ଆଞ୍ଚୁଡ଼ି କରୁଥିବା ମୁଁ ନିଜ ଆଖିରେ ଦେଖିଛି । ତେଣୁ ତୁ ଏହି ନିରୀହ ତପସ୍ୱୀମାନଙ୍କୁ ହତ୍ୟା କରି ପାପର ଭାଗୀ ହୁଅନାହିଁ ।' ଏହା ଶୁଣି ସେ ବ୍ରହ୍ମହତ୍ୟାରୁ ରକ୍ଷା ପାଇଗଲା ।

ଏଣୁ ନବୁଝି ନବିଚାରି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ । ବ୍ୟକ୍ତିକୁ ସର୍ବଦା ନିଜର ତର୍କଜ୍ଞାନ ପ୍ରୟୋଗ କରିବା ଉଚିତ । ନୋଚେତ୍ ଏହି ମୂର୍ଖପରି ଉପହସିତ ହୋଇ ଦୁଃଖ ଭୋଗ କରିବା ହିଁ ସାର ହେବ ।

କିମନ୍ୟତ୍ ସର୍ବଦା ଭାବ୍ୟଂ ଜନ୍ତୁନା କୃତବୁଦ୍ଧିନା
ଲୋକୋପହସିତାଃ ଶଶ୍ୱତ୍ ସୀଦନ୍ତ୍ୟେବ ହ୍ୟବୁଦ୍ଧୟଃ ।

ମୂର୍ଖ ପଥିକ କଥା

କୌଣସି ଏକ ଦରିଦ୍ର ରାସ୍ତାରେ ଗଲାବେଳେ ଆଗରେ ଯାଉଥିବା ଜଣେ ବଣିକଙ୍କ ଗାଡ଼ିରୁ ଖସି ପଡ଼ିଥିବା ସ୍ୱର୍ଣ୍ଣ ମୁଦ୍ରାପୂର୍ଣ୍ଣ ଥଳିଟିଏ ପାଇଲା । ମୂର୍ଖ ସେଠାରୁ ଚାଲି ନଯାଇ ସେହି ସ୍ଥାନରେ ହିଁ ବସି ମୁଦ୍ରାଗୁଡ଼ିକୁ ଗଣିବା ଆରମ୍ଭ କରିଦେଲା । କିଛି ସମୟ ପରେ ବଣିକ ଜଣକ ତାଙ୍କ ଥଳି ପଡ଼ିଯାଇଥିବା ଜାଣିପାରି ଅଶ୍ୱପୃଷ୍ଠରେ ଫେରିଆସିଲେ ଏବଂ

Digitized by srujanika@gmail.com

ତା'ଠାରୁ ଥଳିଟି ନେଇ ଚାଲିଗଲେ । ଏତେଗୁଡ଼ିଏ ସମ୍ପତ୍ତି ପାଇ ମଧ୍ୟ ମୂର୍ଖ ତାକୁ ରକ୍ଷା କରିପାରିଲା ନାହିଁ । ପଶ୍ଚାତ୍ତାପ କରି ଦୁଃଖରେ ସେ ଘରକୁ ଫେରିଗଲା । ଏହିପରି ମୂର୍ଖମାନେ ଆଶାତୀତ ଭାବେ ପାଇଥିବା ଧନକୁ ମଧ୍ୟ ରକ୍ଷା କରିପାରନ୍ତି ନାହିଁ ।

ପ୍ରାପ୍ତୋଽପ୍ୟର୍ଥଃ କ୍ଷଣାଦେବ ହାର୍ଯ୍ୟତେ ମନ୍ଦବୁଦ୍ଧିନା ।

ମୂର୍ଖର ଚନ୍ଦ୍ର ଦର୍ଶନ କଥା

କୌଣସି ମୂର୍ଖର ବଡ଼ ଅଭିଳାଷ ଥିଲା ଯେ-ସେ ପୂର୍ଣ୍ଣମୀ ଦିନ ଚନ୍ଦ୍ରଙ୍କୁ ଦେଖିବ । ପୂର୍ଣ୍ଣମୀ ତିଥି ଆସି ପହଞ୍ଚିଲା । ସଂଧ୍ୟାବେଳେ ମୂର୍ଖ ଉତ୍କଣ୍ଠିତ ହୋଇ ବସିଥାଏ । ସେଠାରେ ଥିବା ଅନ୍ୟ ଜଣେ ପୂର୍ଣ୍ଣଚନ୍ଦ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା, 'ଏଇ ଦେଖ୍, ଏଇଟା ହିଁ ପୂର୍ଣ୍ଣଚନ୍ଦ୍ର ।' ମୂର୍ଖଟି ଚନ୍ଦ୍ର ପରିବର୍ତ୍ତେ ଅଙ୍ଗୁଳିକୁ ଚାହିଁ ରହିଥିବା ଦେଖି ସେଠାରେ ଥିବା ବ୍ୟକ୍ତିମାନେ ହସ ସମ୍ଭାଳି ପାରିଲେ ନାହିଁ ।

ବୁଦ୍ଧିମତି ସ୍ତ୍ରୀ କଥା

ମୂର୍ଖମାନେ ଯେପରି କାର୍ଯ୍ୟ ନଷ୍ଟ କରନ୍ତି ବୁଦ୍ଧିମାନ ବ୍ୟକ୍ତିମାନେ ସେହିପରି ଅସାଧ୍ୟ କାର୍ଯ୍ୟକୁ ସିଦ୍ଧ କରିଥାନ୍ତି ।

ଏ ସମ୍ପର୍କରେ ଗୋଟିଏ କଥା ଶୁଣନ୍ତୁ —

କୌଣସି ଜଣେ ସ୍ତ୍ରୀ ଏକାକିନୀ ଅନ୍ୟ ଏକ ଗାଁକୁ ଯାଉଥାଏ । ରାସ୍ତା ମଧ୍ୟରେ ଗୋଟିଏ ମାଙ୍କଡ଼ ତା' ଉପରକୁ କୁଦିପଡ଼ି ଗୋଡ଼ାଇଲା । ବାରମ୍ବାର ମାଙ୍କଡ଼ଠାରୁ ନିଜକୁ ରକ୍ଷା କରି ଶେଷରେ ସେ ଗୋଟିଏ ଗଛର ଗଣ୍ଡିକୁ ଧରି ତା'ର ଚାରିପଟେ ବୁଲିବାକୁ ଲାଗିଲା । ସେହି ମୂର୍ଖ ମାଙ୍କଡ଼ ମଧ୍ୟ ସ୍ତ୍ରୀଟିକୁ ଅନୁକରଣ କରି ଗଛର ଗଣ୍ଡିକୁ ଦୁଇ ହାତରେ ଜାବୁଡ଼ି ଧରିଲା । ଏହାଦେଖି ସ୍ତ୍ରୀଟି ମାଙ୍କଡ଼ଟିର ଦୁଇହାତକୁ ଧରିନେଇ ଗଛର ଗଣ୍ଡି ଉପରେ ତାକୁ ଚାପିଦେବା ପାଇଁ ଚେଷ୍ଟା କଲା । ମାଙ୍କଡ଼ଟି ନିଶ୍ଚଳ ହୋଇ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ । ଏ ସମୟରେ ଜଣେ ଗଉଡ଼ ସେହି ବାଟ ଦେଇ ଯାଉଥାଏ । ତାକୁ ଦେଖି ସ୍ତ୍ରୀଟି ଚିତ୍କାର କରି କହିଲା, 'ହେ ମହାଭାଗ, ତୁମେ ମାଙ୍କଡ଼ଟିକୁ ଏହିପରି ଚାପି ଧରିଥାଅ । ମୁଁ ଖସିଯାଇଥିବା ମୋର ଲୁଗା ଓ ଖୋଲି ଯାଇଥିବା ମୋର କାଞ୍ଚଲା ଟିକିଏ ସଜାଡ଼ିବି ।' ଗଉଡ଼ଟି ତାର ଅର୍ଦ୍ଧନଗ୍ନ ରୂପରେ ମୋହିତ ହୋଇ କହିଲା, 'ତୁ ଯଦି ତୋତେ ଉପଭୋଗ

Digitized by srujanika@gmail.com

କରିବାର ସୁଯୋଗ ମୋତେ ଦେବୁ ତା'ହେଲେ ମୁଁ ତୋ କଥା ମାନିବି ।' ସ୍ତ୍ରୀଟି ଏଥିରେ ସମ୍ମତା ହେବାରୁ ଗଉଡ଼ ଆସି ମାଙ୍କଡ଼ର ହାତ ଦୁଇଟିକୁ ଧରିନେଲା । ସ୍ତ୍ରୀଟି ମୁକ୍ତ ହେବା ମାତ୍ରେ ଗଉଡ଼ର ଅଣ୍ଟିରୁ ଛୁରୀଟି ବାହାର କରି ମାଙ୍କଡ଼ଟିକୁ ମାରିଦେଲା ।

ମାଙ୍କଡ଼ଠାରୁ ରକ୍ଷାପାଇ ନାରୀଟି ଗଉଡ଼କୁ ଲକ୍ଷ୍ୟ କରି କହିଲା 'ଆସ କୌଣସି ନିଭୃତ ସ୍ଥାନକୁ ଯିବା । ସେଠାରେ ମୁଁ ତୁମର ମନୋରଥ ସିଦ୍ଧ କରିବି ।' ଏହା କହି ସେ ତା'ସହିତ କିଛିଦୂର ଯିବାପରେ ବଣିକମାନଙ୍କର ଏକ ଦଳ ତା'ର ଦୃଷ୍ଟିଗୋଚ଼ର ହେଲା । ସେ ସେମାନଙ୍କ ଦଳ ମଧ୍ୟରେ ପ୍ରବେଶ କରି ଗଉଡ଼ଠାରୁ ଖସିଗଲା ଏବଂ ନିଜ ଗନ୍ତବ୍ୟ ସ୍ଥଳରେ ଯାଇ ନିରାପଦରେ ପହଞ୍ଚିଲା ।

ଏଣୁ ବୁଦ୍ଧି ହିଁ ସଂସାରରେ ପ୍ରଧାନ । ଧନହୀନ ବ୍ୟକ୍ତି ବଞ୍ଚି ଯାଇପାରେ କିନ୍ତୁ ବୁଦ୍ଧିହୀନ ବଞ୍ଚିବା ସମ୍ଭବ ନୁହେଁ ।

ଜୀବତ୍ୟର୍ଥଦରିଦ୍ରୋଽପି ଧୀଦରିଦ୍ର ନ ଜୀବତି ।

ଏ ସମ୍ପର୍କରେ ଏକ ବିଚିତ୍ର କଥା ଶୁଣନ୍ତୁ –

ଘଟ ଓ କର୍ପର କଥା

କୌଣସି ନଗରରେ ଘଟ ଓ କର୍ପର ନାମରେ ଦୁଇଟି ଚୋ଼ର ବାସ କରୁଥିଲେ । ଦିନେ କର୍ପର ଘଟକୁ ବାହାରେ ରଖି ସିନ୍ଧି ଖୋଳି ରାଜକନ୍ୟାଙ୍କ ଶୟନ କକ୍ଷରେ ଯାଇ ପ୍ରବେଶ କଲା । ସିନ୍ଧି ଖୋଳିବା ଶବ୍ଦରେ ରାଜକନ୍ୟାଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ ଯେ ପୁରୁଷଟିଏ ତାଙ୍କ ଶୟନ କକ୍ଷର ଗୋଟିଏ କୋଣରେ ନିଜକୁ ଗୁପ୍ତ କରିବା ପାଇଁ ଚ଼େଷ୍ଟା କରୁଛି । ସେ ତାକୁ ନିଜ ନିକଟକୁ ଡାକିଲେ । ତା'ସହିତ କାମବିହ୍ୱଳା ରାଜକନ୍ୟା ରତିକ୍ରୀଡ଼ା କରି ତାକୁ ପର୍ଯ୍ୟାପ୍ତ ଧନପ୍ରଦାନ ପୂର୍ବକ କହିଲେ ଯେ ସେ ଯଦି ପୁଣି ଆସିବ ତା'ହେଲେ ତାକୁ ଆହୁରି ଅଧିକ ଧନସମ୍ପତ୍ତି ଦେବେ ।

କିଛି ସମୟ ପରେ ବାହାରକୁ ଆସି କର୍ପର ଘଟ ନିକଟରେ ରାଜକନ୍ୟାଙ୍କ ସହ ଘଟିଥିବା ସମସ୍ତ ଘଟଣା ବର୍ଣ୍ଣନା କଲା ଏବଂ ରାଜକନ୍ୟାଙ୍କଠାରୁ ପାଇଥିବା ସମସ୍ତ ଧନ ସମ୍ପଦ ସହ ତାକୁ ଘରକୁ ପଠାଇଦେଲା । କାମ ଓ ଲୋଭରେ ମୋହିତ ହେଲେ କିଏ ବା ଭାବୀ ଅନିଷ୍ଟକଥା ଚିନ୍ତା କରେ !

ଆକୃଷ୍ଟଃ କାମଲୋଭାଭ୍ୟାମପାୟଂ କୋ ହି ପଶ୍ୟତି ।

Digitized by srujanika@gmail.com

ତେଣୁ କର୍ପର ପୁଣି ଯାଇ ରାଜକନ୍ୟାଙ୍କ ଶୟନ କକ୍ଷରେ ପହଞ୍ଚିଲା । ସେଠାରେ ବାରମ୍ବାର ରତିକ୍ରୀଡ଼ାରେ ଶ୍ରାନ୍ତ ଏବଂ ମଦ୍ୟପାନରେ ଉନ୍ମତ୍ତ ହୋଇ ସେ ଏପରି ଗାଢ଼ନିଦ୍ରାରେ ଶୋଇଗଲା ଯେ ରାତ୍ରି କେତେବେଳେ ଶେଷ ହେଲା ଜାଣିପାରିଲା ନାହିଁ । ସକାଳେ ଅନ୍ତଃପୁରର ରକ୍ଷକମାନେ ତାକୁ ଧରିନେଇ ରାଜାଙ୍କ ସମ୍ମୁଖରେ ହାଜର କରାଇଲେ । ରାଜା କ୍ରୋଧରେ ତା'ର ମୃତ୍ୟୁଦଣ୍ଡ ବିଧାନ କଲେ । ତାକୁ ବଧଭୂମିକୁ ନେଲାବେଳେ ଘଟ ରାତିରେ ଘରକୁ ଫେରିନଥିବା ବନ୍ଧୁର ସନ୍ଧାନରେ ଆସି ସେଠାରେ ପହଞ୍ଚିଲା । ଫାଶିଖୁଣ୍ଟରେ ଚଢ଼ିବାକୁ ଯାଉଥିବା କର୍ପର ନିକଟରେ ଘଟକୁ ଦେଖି ଇଙ୍ଗିତରେ ରାଜକନ୍ୟାଙ୍କୁ ଦୂରକୁ ନେଇଯାଇ ରକ୍ଷା କରିବା ନିମିତ୍ତ ନିର୍ଦ୍ଦେଶ ଦେଲା । ଘଟ ମଧ୍ୟ ଇଙ୍ଗିତରେ ଏଥିପାଇଁ ନିଜର ସ୍ୱୀକୃତି ଜଣାଇଲା । ଏତିକିବେଳେ ଘାତୁକମାନେ ବୃକ୍ଷଶାଖାରେ ଓହଳାଇ କର୍ପରକୁ ଫାଶୀ ଦେଲେ ।

ଏଥିରେ ବିବ୍ରତ ଓ ଦୁଃଖିତ ହୋଇ ଘଟ ଦିନସାରା ନିଜ ଘରେ ଚିନ୍ତାଗ୍ରସ୍ତ ହୋଇ ପଡ଼ିରହିଲା । ରାତି ହେବାରୁ ସେ କର୍ପର ପ୍ରସ୍ତୁତ କରିଥିବା ସିନ୍ଧି ମାର୍ଗରେ ଯାଇ ରାଜକୁମାରୀଙ୍କ ଶୟନ କକ୍ଷରେ ଉପସ୍ଥିତ ହେଲା । ସେଠାରେ ରାଜକୁମାରୀ ଏକାକିନୀ ବନ୍ଧା ହୋଇ ପଡ଼ିଥାନ୍ତି । ତାଙ୍କ ନିକଟକୁ ଯାଇ ଘଟ କହିଲା, 'ମୁଁ ଫାଶୀ ପାଇଥିବା କର୍ପରର ମିତ୍ର । ତା' ପ୍ରତି ମୋର ସ୍ନେହ ଯୋଗୁଁ ମୁଁ ତୁମକୁ ଏଠାରୁ ନେଇ ପଳାଇବା ପାଇଁ ଆସିଛି । ତେଣୁ ଆସ ସକାଳ ହେବା ପୂର୍ବରୁ ଆମେ ଦୂରକୁ ଚାଲିଯିବା । ରାଜା ତୁମର କିଛି ଅନିଷ୍ଟ କରିବା ପୂର୍ବରୁ ଆମର ଏ ସ୍ଥାନ ତ୍ୟାଗ କରିବା ଉଚିତ ।' ଏଥିରେ ରାଜକନ୍ୟା ସମ୍ମତା ହେବାରୁ ଘଟ ତାଙ୍କ ବନ୍ଧନ ଖୋଲିଦେଲା । ନିଜର ଶରୀର ସମର୍ପଣ କରିବା ପାଇଁ ଚାହୁଁଥିବା କାମପ୍ରମତ୍ତା ରାଜକନ୍ୟା ଘଟ ସହିତ ସୁଡ଼ଙ୍ଗ ମାର୍ଗରେ ଯାଇ ତା'ର ଗୃହରେ ପହଞ୍ଚିଲେ ।

ସକାଳୁ ସୁଡ଼ଙ୍ଗ ମାର୍ଗରେ ରାଜକନ୍ୟା ଅନ୍ତଃପୁରରୁ ପଳାଇ ଯାଇଥିବା କଥା ଶୁଣି ରାଜା ମନେମନେ ଚିନ୍ତା କଲେ ଯେ ଏହି ଦୁଷ୍ଟର ନିଶ୍ଚିତ ଭାବେ ଅନ୍ୟ କୌଣସି ସାହସୀ ବନ୍ଧୁ ଅଛି । ତା'ନହେଲେ ଅନ୍ତଃପୁର ଭିତରୁ କନ୍ୟାକୁ ଅପହରଣ କରିନେବା ସମ୍ଭବ ନୁହେଁ । ଏହା ଚିନ୍ତାକରି ସେ ଫାଶୀର ରଜ୍ଜୁରେ ଝୁଲୁଥିବା କର୍ପରର ଶବକୁ ରକ୍ଷା କରିବା ପାଇଁ କେତେଜଣ ବିଶ୍ୱସ୍ତ ଅନୁଚରଙ୍କୁ ନିଯୁକ୍ତ କଲେ । ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଯଦି କୌଣସି ଲୋକ ଏହି ଶବ ପାଇଁ ଶୋକ ପ୍ରକାଶ କରି ତା'ର ଦାହ ସଂସ୍କାର ଇତ୍ୟାଦି କରିବା ନିମିତ୍ତ ଚାହେଁ, ତେବେ ତାକୁ ବାନ୍ଧି ଆଣିବ । ତା'ହେଲେ ମୁଁ ସେହି ପାପିନୀ ଓ

Digitized by srujanika@gmail.com

କୁଳ କଳଙ୍କିନୀ କନ୍ୟାର ସନ୍ଧାନ ପାଇପାରିବି । ରାଜାଙ୍କ ଆଜ୍ଞାରେ କେତେଜଣ ଅନୁଚର ସେଠାରେ ଦିନରାତି କଡ଼ା ପହରା ଦେବାକୁ ଲାଗିଲେ ।

ଗୋପନରେ ଏହା ଜାଣିପାରି ଘଟ ରାଜପୁତ୍ରୀକୁ କହିଲା, 'ପ୍ରିୟେ, କର୍ପର ମୋର ପ୍ରାଣାଧିକ ବନ୍ଧୁ ଓ ପରମ ମିତ୍ର ଥିଲା । ତା'ର ଅନୁଗ୍ରହରୁ ହିଁ ମୁଁ ଏତେ ଧନରତ୍ନ ଓ ତୁମକୁ ପାଇପାରିଛି । ତା'ର ଋଣ ନ ଶୁଝିବା ପର୍ଯ୍ୟନ୍ତ ମୋ'ର ହୃଦୟ ଶାନ୍ତ ହେବ ନାହିଁ । ଏଣୁ ମୁଁ ଯାଇ ବର୍ତ୍ତମାନ ତା' ଶବ ନିକଟରେ ଶୋକ ନିବେଦନ କରୁଛି ଏବଂ ନିଜର କୌଶଳ ପ୍ରୟୋଗ କରି ତା'ର ଅଗ୍ନି ସଂସ୍କାର ପୂର୍ବକ ଅସ୍ଥିକୁ ନେଇ କୌଣସି ତୀର୍ଥରେ ବିସର୍ଜନ କରିବି । ତୁମର ଏଥିରେ ଭୟ କରିବାର କିଛି ନାହିଁ । ମୁଁ କର୍ପର ପରି ମୂର୍ଖ ନୁହେଁ ।'

ରାଜକୁମାରୀକୁ ଏହିପରି କହି ଘଟ ଏକ ପାଶୁପତ ଯୋଗୀର ଛଦ୍ମବେଶ ଧାରଣ କଲା । ଗୋଟିଏ ଖପରାରେ କିଛି ଦହି ଓ ଭାତ ରଖି ଭ୍ରମଣକାରୀ ଯୋଗୀପରି ଯାଇ କର୍ପରର ଶବ ନିକଟରେ ପହଞ୍ଚିଲା । ସେଠାରେ ଖପରାଟିକୁ ମାଟିରେ କଚାଡ଼ି ଦେଇ ''ହା କର୍ପରାମୃତଭୃତା'' ପୁଣି ''ହା କର୍ପରାମୃତଭୃତା'' ବୋଲି ଚିତ୍କାର କରି ଶୋକ କରିବାକୁ ଲାଗିଲା । ରକ୍ଷକମାନେ ଖପରାଟି ପଡ଼ି ଭାଙ୍ଗିଯାଇଥିବାରୁ ସେ ଏପରି ଶୋକ କରୁଛି ବୋଲି ମନେ କଲେ । ସେଠାରୁ ଫେରିଆସି ଘଟ ରାଜକନ୍ୟା ନିକଟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲା ।

ପରଦିନ ଜଣେ ସେବକକୁ ସ୍ତ୍ରୀର ବେଶ ଧାରଣ କରାଇ ଏବଂ ତା'ର ମୁଣ୍ଡ ଉପରେ ଧୁତୁରା ମିଶ୍ରିତ ଖାଦ୍ୟଥାଳି ରଖି, ଅନ୍ୟ ଏକ ସେବକକୁ ତା'ର ଅନୁସରଣ କରିବା ପାଇଁ କହିଲା ଏବଂ ସ୍ୱୟଂ ଘଟ ନିଶାରେ ଉନ୍ମତ୍ତ ଜଣେ ଗାଉଁଲି ବ୍ୟକ୍ତିର ଛଦ୍ମବେଶ ଧାରଣ କରି ସଂଧ୍ୟାବେଳେ ଢଳି ଢଳି କର୍ପରର ଶବକୁ ଜଗିଥିବା ରାଜ ଅନୁଚରମାନଙ୍କ ନିକଟରେ ଯାଇ ପହଞ୍ଚିଲା । ପହରା ଦେଉଥିବା ଜଗୁଆଳିମାନେ ତାହାର ଏବଂ ତା'ସହିତ ଯାଉଥିବା ସ୍ତ୍ରୀ ଓ ଅନୁଚରଟିର ପରିଚୟ ଜିଜ୍ଞାସା କରନ୍ତେ ସେ କହିଲା, ''ମୁଁ ଏହି ନିକଟରେ ରହୁଥିବା ଜଣେ ଗ୍ରାମବାସୀ । ଇଏ ମୋର ସ୍ତ୍ରୀ । ଆମେ ମୋ ଶ୍ୱଶୁର ଘରକୁ ଯାଉଅଛୁ । ଏହି ଭୋଜନ ସାମଗ୍ରୀ ବାଟରେ ଖାଇବା ପାଇଁ ଧରିଥିଲୁ । କିନ୍ତୁ କଥାବାର୍ତ୍ତା ଭିତରେ ଖାଇବା ଭୁଲିଯାଇଛୁ । ବର୍ତ୍ତମାନ ତମେସବୁ ମଧ୍ୟ ଆମର ମିତ୍ର ହେଲ । ଆମେ ଅଧା ନେଇଯାଉଛୁ, ଆଉ ଅଧା ଖାଦ୍ୟ ତମ ପାଇଁ ରହିଲା ।'' ଏହା କହି ଘଟ ତାଙ୍କୁ ସେହି ଧୁତୁରା ମିଶ୍ରିତ ଖାଦ୍ୟପଦାର୍ଥରୁ ଅଧା ଦେଇଦେଲା । ସେମାନେ ଦୀର୍ଘ ସମୟ ଧରି କ୍ଷୁଧାର୍ତ୍ତ ଥିବା ଯୋଗୁଁ ସେହି ଖାଦ୍ୟପଦାର୍ଥକୁ ଆନନ୍ଦରେ ଖାଇବାକୁ ଲାଗିଲେ ।

Digitized by srujanika@gmail.com

ଖାଦ୍ୟପଦାର୍ଥରେ ଧୁତୁରା ମିଶିଥିବା ଯୋଗୁଁ ସେମାନେ କିଛି ସମୟ ମଧ୍ୟରେ ଚେ଼ତନା ହରାଇ ପଡ଼ିଲେ । ଘଟ ସେଦିନ ରାତିରେ କିଛି କାଠ ଯୋଗାଡ଼ କରି କର୍ପରର ଶବର ଦାହ ସଂସ୍କାର ଶେଷ କଲା ।

ସକାଳେ ରାଜା ଏହି ଘଟଣା ଜାଣିପାରି ପୂର୍ବୋକ୍ତ ଅନୁଚ଼ରମାନଙ୍କ ପରିବର୍ତ୍ତେ ଅନ୍ୟ ଏକ ଦଳ ବିଶ୍ୱସ୍ତ ଅନୁଚ଼ର ସେଠାରେ ନିଯୁକ୍ତ କରି ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ କର୍ପରର ଅସ୍ଥି ସେଠାରେ ରହିଥିବା ଯୋଗୁଁ ନିଶ୍ଚିତ ଭାବେ କେହି ଜଣେ ତାକୁ ସଞ୍ଚୟ କରିବାକୁ ଆସିବ । ତାକୁ ଦେଖିବା ମାତ୍ରେ ସେମାନେ ରାଜାଙ୍କ ନିକଟକୁ ଧରି ଆଣିବେ । କେହି କିଛି ଖାଦ୍ୟପଦାର୍ଥ ଦେଲେ ଅନୁଚ଼ରମାନେ ତାକୁ ଖାଇବେ ନାହିଁ ବୋଲି ରାଜା ନିଜର କଡ଼ା ଚେ଼ତାବନୀ ଶୁଣାଇଦେଲେ । ରାଜାଙ୍କ ଆଦେଶରେ ନୂତନ ଜଗୁଆଳିମାନେ ଦିନରାତି ଅତ୍ୟନ୍ତ ସାବଧାନତାର ସହିତ ସେଠାରେ ପହରା ଦେଉଥାନ୍ତି । ଘଟ ନିଜର ଅନୁଚ଼ରମାନଙ୍କ ଠାରୁ ଏହା ଜାଣିପାରି ମୋହନ ମନ୍ତ୍ର ଜାଣିଥିବା ଜଣେ ଚଣ୍ଡୀ ସାଧକଙ୍କ ସହିତ ମିତ୍ରତା ସ୍ଥାପନ କଲା । ତାଙ୍କର ବିଶ୍ୱାସ ଜନ୍ମାଇ ସେ ନିଜର ମିତ୍ରମାନଙ୍କ ସହିତ ଯାଇ ଜାଗ୍ରତ ପହରାଦାରମାନଙ୍କୁ ଅଚେ଼ତନ କରି କର୍ପରର ଅସ୍ଥି ସେଠାରୁ ସଞ୍ଚୟ କରିଆଣିଲା ।

ଏହାପରେ ସେ ବନ୍ଧୁର ଅସ୍ଥିକୁ ଗଙ୍ଗାରେ ବିସର୍ଜ୍ଜନ କରି ରାଜକୁମାରୀ ଓ ମିତ୍ର ଚଣ୍ଡୀ ସାଧକ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲା । ରାଜା କର୍ପରର ଶବସଂସ୍କାର, ଅସ୍ଥି ସଞ୍ଚୟ ଏବଂ ରାଜକନ୍ୟାର ଅପହରଣକୁ କୌଣସି ଯୋଗସିଦ୍ଧ ବ୍ୟକ୍ତିର କାର୍ଯ୍ୟ ବୋଲି ମନେକରି ରାଜ୍ୟରେ ଘୋଷଣା କଲେ ଯେ ଯଦି ତାଙ୍କ କନ୍ୟାକୁ ଅପହରଣ କରିଥିବା ସିଦ୍ଧଯୋଗୀ ରାଜାଙ୍କ ନିକଟରେ ଆତ୍ମ ସମର୍ପଣ କରେ, ତେବେ ସେ ତାକୁ ରାଜ୍ୟର ଅର୍ଦ୍ଧେକ ପ୍ରଦାନ କରିବେ । ରାଜାଙ୍କର ଏହି ଘୋଷଣାରେ ପ୍ରଲୋଭିତ ହୋଇ ଚଣ୍ଡୀ ସାଧକ ଆତ୍ମସମର୍ପଣ ପାଇଁ ବାହାରିଲା । ରାଜକୁମାରୀ ସେମାନଙ୍କର ରହସ୍ୟ ପଦାରେ ପଡ଼ିଯିବା ଭୟରେ ତାକୁ ସେଥିରୁ ନିବୃତ୍ତ କଲେ । ଘଟ ମଧ୍ୟ ଏହି ଭୟରେ ସାଧୁ ଓ ରାଜକନ୍ୟା ସହିତ ସେଠାରେ ରହିବା ନିରାପଦ ମନେ ନକରି ଅନ୍ୟତ୍ର ପଳାୟନ କଲା ।

ପଥ ମଧ୍ୟରେ ଦୁରାଚ଼ାରିଣୀ ରାଜକନ୍ୟା ସେହି ଚଣ୍ଡୀସାଧକଙ୍କୁ ଏକାନ୍ତରେ 'ଗୋଟିଏ କର୍ପର ମୋର ଚରିତ୍ର ନଷ୍ଟ କଲା ଏବଂ ଅନ୍ୟ ଘଟ ମୋତେ ରାଜକୁମାରୀ ପଦରୁ ଓହ୍ଲାଇ ଆଣିଲା । ସେହି କର୍ପର ତ ମଲାଣି । କିନ୍ତୁ ଘଟ ଏପର୍ଯ୍ୟନ୍ତ ଜୀବିତ ଅଛି । ତୁମକୁ ଦେଖିବା ପରଠାରୁ ମୁଁ ତୁମ ନିକଟରେ ନିଜକୁ ସମର୍ପଣ କରିଦେଇଛି' ବୋଲି କହି ତା' ସହିତ ଭାବ କରି ଘଟକୁ ହତ୍ୟା କଲା ।

Digitized by srujanika@gmail.com

ଘଟର ମୃତ୍ୟୁ ପରେ ସେହି ପାପାଚାରିଣୀ ରାଜକନ୍ୟା ଚଣ୍ଡୀ ସାଧକ ସହିତ ଯାଉଥିବା ବେଳେ ଧନଦେବ ନାମକ ଜଣେ ବଣିକଙ୍କ ସହିତ ତା'ର ସାକ୍ଷାତ ହେଲା । ସେ ତାକୁ ନିଭୃତରେ କହିଲା ଯେ ସେହି ସାଧକ ବଳାତ୍କାରରେ ତାକୁ ନେଇଯାଉଛି । କିନ୍ତୁ ନରକପାଳଧାରୀ ଏହି ସାଧକ କିଏ ଆଉ ତାଙ୍କ ପରି ଧନାଢ଼୍ୟ ବଣିକ କିଏ ? ତାଙ୍କୁ ଦେଖିବାବେଳୁ ସେ ତା'ର ଅତି ପ୍ରିୟ ମନେ ହେଉଛନ୍ତି । ଏହିପରି ତାଙ୍କର ବିଶ୍ୱାସ ଜନ୍ମାଇ ସାଧକକୁ ପରିତ୍ୟାଗ କରି ରାଜକୁମାରୀ ଗୋପନରେ ଧନଦେବ ସହିତ ପଳାୟନ କଲା ।

ପ୍ରଭାତରୁ ଉଠି ଚଣ୍ଡୀ ସାଧକ ଦେଖିଲା ଯେ ସ୍ତ୍ରୀମାନଙ୍କ ଠାରେ ବ୍ୟଭିଚାର ବ୍ୟତୀତ ସ୍ନେହ କି ଦାକ୍ଷିଣ୍ୟ ବୋଲି କିଛି ନାହିଁ । ସେହି ବ୍ୟଭିଚାରିଣୀ ବିଶ୍ୱାସ ଜନ୍ମାଇ ତା ନିକଟରେ ଥିବା ଧନସମ୍ପଦ ସହିତ ଚାଲିଯାଇଛି । ଘଟ ପରି ତାଙ୍କୁ ହତ୍ୟା କରି ନଥିବା ଯୋଗୁଁ ସେ ନିଜକୁ ଭାଗ୍ୟବାନ୍ ମନେକଲା ଏବଂ ଏକାକୀ ନିଜ ଆଶ୍ରମକୁ ଫେରିଗଲା ।

କିଛିଦିନ ମଧ୍ୟରେ ସାଧବ ଧନଦେବ ରାଜକୁମାରୀ ସହିତ ଯାଇ ସ୍ୱଦେଶରେ ପହଞ୍ଚିଲେ । ସେ ଏହି ଦୁଷ୍ଟା ଓ ଦୁରାଚାରିଣୀ ସ୍ତ୍ରୀଟିକୁ ହଠାତ୍ ସ୍ୱଗୃହକୁ ନେବା ଉଚିତ ହେବନାହିଁ ବୋଲି ମନେକରି ସଂଧ୍ୟାହେବାରୁ ସେହି ସ୍ଥାନରେ ଥିବା ଗୋଟିଏ ବୃଦ୍ଧାର ଘରେ ଯାଇ ରାଜକୁମାରୀ ସହିତ ପହଞ୍ଚିଲେ ଏବଂ ସେଠାରେ କିଛିଦିନ କଟାଇ ଦେବାପାଇଁ ସ୍ଥିର କଲେ । ଦିନେ ରାଜକୁମାରୀ ସେହି ଅଭିଜ୍ଞା ବୃଦ୍ଧାକୁ ଧନଦେବଙ୍କ ଘରର ହାଲ୍‌ଚାଲ୍ ସମ୍ପର୍କରେ ଜିଜ୍ଞାସା କଲା । ତା'ର କୌତୂହଳ ଦୂର କରିବା ପାଇଁ ବୁଢ଼ୀ କହିଲା, 'ତାଙ୍କ ଘର କଥା ଆଉ କଅଣ ? ଏହାଙ୍କ ପତ୍ନୀ ପ୍ରତିଦିନ ଯେଉଁଠି ସେଇଠି ନୂଆ ନୂଆ ପୁରୁଷ ସହିତ ସଙ୍ଗମ କରେ । ଏହାର ଶୟନ କକ୍ଷରୁ ସର୍ବଦା ଚର୍ମ ରଜ୍ଜୁରେ ବନ୍ଧାଥିବା ଗୋଟିଏ ପେଢ଼ି ଝୁଲୁଥାଏ । ରାତିରେ ସେ ପେଢ଼ି ଭିତରେ ଯିଏ ପ୍ରବେଶ କରେ ସେ ତାକୁ ଭିତରକୁ ଟାକିନିଏ । ରାତ୍ରି ଶେଷରେ ତାକୁ ମଦୋନ୍ମତ୍ତ ଅବସ୍ଥାରେ ସେହିପରି ହିଁ ତଳକୁ ଖସାଇଦିଏ । ବ୍ୟକ୍ତିଟି ନିଶାଗ୍ରସ୍ତ ଥିବା ଯୋଗୁଁ କିଛି ଜାଣିପାରେ ନାହିଁ । ତା'ର ଏହି ବ୍ୟଭିଚାରୀ ସ୍ୱଭାବ କଥା ଏ ନଗରର ସମସ୍ତେ ଜାଣନ୍ତି । ତେଣୁ ପ୍ରତିଦିନ ତା'ପାଇଁ ପୁରୁଷର ଅଭାବ ରହେନାହିଁ । ଦୀର୍ଘଦିନ ହେଲା ବିଦେଶ ଯାଇଥିବା ତା'ର ପତି ଏପର୍ଯ୍ୟନ୍ତ ଘରକୁ ଫେରିନାହିଁ ।'

ବୁଢ଼ୀର କଥାଶୁଣି ଦୁଃଖିତମନା ଧନଦେବ ସନ୍ଦେହରେ ପଡ଼ିଲେ । ତା'କଥାର ସତ୍ୟାସତ୍ୟ ଜାଣିବା ପାଇଁ ସେ କୌଣସି ଆଳରେ ନିଜ ଘର ନିକଟରେ ଯାଇ ପହଞ୍ଚିଲେ । ସେଠାରେ ଚର୍ମ ରଜ୍ଜୁରେ ବନ୍ଧାଥିବା ପେଟିକାଟିକୁ ଦେଖି ସେ ତା ଭିତରେ ଯାଇ ବସିଗଲେ । ରଜ୍ଜୁଟି ଦୋହଲିବାରୁ ଦାସୀମାନେ ଯଥାଶୀଘ୍ର ତାଙ୍କୁ ଉପରକୁ ଉଠାଇନେଲେ । ସେଠାରେ

Digitized by srujanika@gmail.com

ପହଞ୍ଚିବାମାତ୍ରେ ନିଶାସକ୍ତା ଏବଂ କାମବିହ୍ୱଳା ପତ୍ନୀକୁ ଦେଖି ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ସେ କ୍ଷଣମାତ୍ର ବିଳମ୍ବ ନକରି ତାଙ୍କୁ ନେଇ ଶଯ୍ୟା ଉପରେ ପକାଇଦେଲା ଏବଂ ପ୍ରଚଣ୍ଡ ରମଣ କ୍ରୀଡ଼ାରେ ଉନ୍ମତ୍ତା ହୋଇଉଠିଲା । ମଦ୍ୟପାନରେ ପ୍ରାୟ ଜ୍ଞାନଶୂନ୍ୟା ଥିବା ଯୋଗୁଁ ସେ ତାଙ୍କୁ ଚିହ୍ନି ପାରିଲା ନାହିଁ । ପତ୍ନୀର ଏପ୍ରକାର ଦୁରାଚରଣ ଦେଖି ଧନଦେବଙ୍କ କାମବାସନା ପ୍ରଶମିତ ହୋଇଗଲା । ସ୍ତ୍ରୀ ମଧ୍ୟ ଅତ୍ୟଧିକ ନିଶାରେ ଚେତନା ହରାଇ ଶର୍ଯ୍ୟା ଉପରେ ଶୋଇଗଲା ।

ରାତ୍ରିଶେଷ ହେବାରୁ ଦାସୀମାନେ ତାଙ୍କୁ ଉକ୍ତ ପେଟିକା ମଧ୍ୟରେ ବନ୍ଦକରି ତଳକୁ ଓହ୍ଲାଇ ଦେଲେ । ବାହାରକୁ ଆସିବା ପରେ ଧନଦେବଙ୍କ ମନରେ ଏହି ଚିନ୍ତା ଜାଗ୍ରତ ହେଲା 'ଗୃହର ମୋହ ମୋ ପାଇଁ ବ୍ୟର୍ଥ । କାରଣ ଗୃହିଣୀ ହିଁ ଗୃହରେ ଏକମାତ୍ର ବନ୍ଧନ । ଯଦି ସ୍ତ୍ରୀମାନଙ୍କର ଏହି ପ୍ରକାର ଦଶା ହୁଏ, ତେବେ ଅରଣ୍ୟ ମଧ୍ୟରେ ଏକାକୀ ବାସ କରିବା ଅଧିକ ସ୍ପୃହଣୀୟ ।' ଏହିପରି ଚିନ୍ତାକରି କେବଳ ନିଜର ସ୍ତ୍ରୀ ନୁହେଁ ସେହି ରାଜକନ୍ୟାକୁ ମଧ୍ୟ ବୃଦ୍ଧା ନିକଟରେ ଛାଡ଼ିଦେଇ ବଣିକ ଧନଦେବ ଅନ୍ୟତ୍ର ପ୍ରସ୍ଥାନ କଲେ ।

ମାର୍ଗରେ ଯାଉଥିବା ବେଳେ ରୁଦ୍ରସୋମ ନାମକ ଜଣେ ବ୍ରାହ୍ମଣଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ସେ ମଧ୍ୟ ଦୀର୍ଘଦିନର ପ୍ରବାସ ପରେ ଘରକୁ ଫେରୁଥାନ୍ତି । କିଛି ସମୟ ବାର୍ତ୍ତାଳାପ କଲାପରେ ଉଭୟଙ୍କ ମଧ୍ୟରେ ମିତ୍ରତା ସ୍ଥାପିତ ହେଲା । ବଣିକଙ୍କ ଠାରୁ ତାଙ୍କ ସ୍ତ୍ରୀର ସମସ୍ତ ବୃତ୍ତାନ୍ତ ଅବଗତ ହେବା ପରେ ରୁଦ୍ରସୋମଙ୍କର ମଧ୍ୟ ତାଙ୍କ ନିଜ ସ୍ତ୍ରୀ ପ୍ରତି ସନ୍ଦେହ ଜାତ ହେଲା । ସେ ସଂଧ୍ୟାବେଳେ ମିତ୍ର ସହିତ ଆସି ନିଜ ଗାଁରେ ପହଞ୍ଚିଲେ । ଗାଁ ମୁଣ୍ଡରେ ଥିବା ନଦୀ ମଧ୍ୟରେ ସ୍ନାନ କରୁଥିବା ଜଣେ ଗୋପାଳ ଯୁବକ ଆନନ୍ଦରେ ଗୀତ ଗାଉଥାଏ । ତାକୁ ଦେଖି ରୁଦ୍ରସୋମ ହସିହସି ପଚାରିଲେ 'କିରେ କୌଣସି ସୁନ୍ଦରୀ ଯୁବତୀର ପ୍ରେମରେ ପଡ଼ିଯାଇଛୁ କି ? ସେଥିପାଇଁ ବୋଧହୁଏ ତୁ ସଂସାରକୁ ତୃଣଜ୍ଞାନ କରି ଏହିପରି ମସ୍ତିରେ ଗୀତ ଗାଉଛୁ ?' ବ୍ରାହ୍ମଣଙ୍କ ଠାରୁ ଏହାଶୁଣି ଯୁବକଟି ହସିଦେଇ କହିଲା, 'କେତେ ଦିନ ବା ଲୁଚାଇ ପାରିବି ? ଆମ ଗାଁର ମୁଖ୍ୟ ପୁରୋହିତ ରୁଦ୍ରସୋମ ବହୁଦିନ ହେଲା ବିଦେଶକୁ ଚାଲିଯାଇଛନ୍ତି । ତାଙ୍କ ସ୍ତ୍ରୀ ଯୁବତୀ । ସେ ମୋତେ ନିଜର ସ୍ୱାମୀ ପରି ସ୍ନେହ କରନ୍ତି । ସଂଧ୍ୟାବେଳେ ତାଙ୍କ ଦାସୀ ଆସି ମୋତେ ସ୍ତ୍ରୀର ଛଦ୍ମବେଶରେ ଘରକୁ ନେଇଯାଏ । ରାତିସାରା ଆମେ ରତିକ୍ରୀଡ଼ାରେ ଉନ୍ମତ୍ତ ରହୁ ।' ଗୌଡ଼ ଯୁବକ ଠାରୁ ଏହାଶୁଣି ରୁଦ୍ରସୋମଙ୍କ କ୍ରୋଧର ସୀମା ରହିଲା ନାହିଁ । ସେ ନିଜକୁ ସଂଯତ କରି ଘଟଣାର ସତ୍ୟତା ଜାଣିବା ନିମିତ୍ତ ଯୁବକଟିକୁ କହିଲେ, 'ଯଦି ଏମିତି କଥା, ତେବେ ମୁଁ ଆଜି ତୋର ଅତିଥି ହେଲି । ତେଣୁ ଆଜି ରାତିକ ପାଇଁ ତୁ ମୋତେ ତୋ'ର ଛଦ୍ମବେଶରେ

Digitized by srujanika@gmail.com

ସଜାଇ ଦେ । ସେହି ବ୍ରାହ୍ମଣ ଭାର୍ଯ୍ୟାଙ୍କୁ ଦେଖିବା ପାଇଁ ମୋ ମନରେ ବହୁତ କୌତୂହଳ ଜାତ ହେଉଛି । ଏଣୁ ଆଜି ତୋ ବଦଳରେ ମୁଁ ସେଠାକୁ ଯିବି ।' ଯୁବକଟି ଏଥିରେ ସମ୍ମତ ହୋଇ ଦାସୀ ଆସିବା ପର୍ଯ୍ୟନ୍ତ ତା'ର କଳା କମ୍ବଳଟିକୁ ଘୋଡ଼ିହୋଇ ବାଡ଼ିଟିଏ ଧରି ସେଠାରେ ଅପେକ୍ଷା କରିବା ପାଇଁ କହିଲା । ପୁଣି ସେ ତାଙ୍କୁ କହିଲା, 'ଦାସୀ ତୋତେ ସ୍ତ୍ରୀ ବେଶରେ ସଜାଇଦେବ । ତୁ ତା' ସହିତ ଧୀରେଧୀରେ ତାଙ୍କ ଘର ଭିତରକୁ ଚାଲିଯିବୁ । ମୁଁ ଆଜି ରାତିକ ପାଇଁ ସେହି କାମୋନ୍ମତ୍ତା ନାରୀର କବଳରୁ ରକ୍ଷା ପାଇ ବିଶ୍ରାମ କରିବି ।' ଏତିକିରେ ରୁଦ୍ରସୋମ ତା'ଠାରୁ ବାଡ଼ି ଓ କମ୍ବଳ ନେଇ ସେଠାରେ ଅପେକ୍ଷା କରିବାକୁ ଲାଗିଲେ ।

ରୁଦ୍ରସୋମଙ୍କୁ ସେଠାରେ ବସାଇ ଦେଇ ଗୋପାଳ ଯୁବକ ବଣିକ ଧନଦେବଙ୍କ ସହିତ କିଛି ଦୂରରେ ଯାଇ ଅପେକ୍ଷା କଲା । ଏ ସମୟରେ ଦାସୀ ଆସି ଚୁପ୍‌ଚାପ୍ ବସିଥିବା ରୁଦ୍ରସୋମଙ୍କୁ ନାରୀ ପରି ସଜାଇ ଦେଇ କହିଲା, ଆସ । ଗୋପାଳ ଯୁବକର ଭ୍ରମରେ ନିଆଯାଇଥିବା ରୁଦ୍ରସୋମ ନିଜ ପତ୍ନୀ ନିକଟରେ ଯାଇ ପହଞ୍ଚିଲେ । ସେ ତାଙ୍କୁ ଦେଖିବା ମାତ୍ରେ ଗାଢ଼ ଆଲିଙ୍ଗନ ପାଶରେ ଆବଦ୍ଧ କଲା । ତା'ର ଏପ୍ରକାର ବ୍ୟବହାର ଦେଖି ରୁଦ୍ରସୋମ ଚିନ୍ତା କରିବାକୁ ଲାଗିଲେ 'ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ କୁଳୀନା ସ୍ତ୍ରୀମାନେ ମଧ୍ୟ ନିକଟରେ ନୀଚ଼ ପୁରୁଷମାନଙ୍କୁ ଦେଖି ସେମାନଙ୍କ ସହିତ ସଂଗମ କରିଥାନ୍ତି । ଏହି ବ୍ୟଭିଚାରିଣୀ ସ୍ତ୍ରୀ ତା'ର ପ୍ରକୃଷ୍ଟ ଉଦାହରଣ । ବ୍ରାହ୍ମଣର ପତ୍ନୀ ହୋଇ ସୁଦ୍ଧା ସେ ଗୋଟିଏ ଗୋପାଳ ଯୁବକ ସହିତ ମାତିଛି ।' ଏହିପରି ଚିନ୍ତାକରି ଏବଂ ଅସ୍ପଷ୍ଟ ଭାବେ କିଛି ଛଳନାପୂର୍ଣ୍ଣ ବାକ୍ୟ କହି ସେ ଗୃହ ମଧ୍ୟରୁ ନିଷ୍କ୍ରାନ୍ତ ହେଲେ । ତାଙ୍କୁ ଅପେକ୍ଷା କରିଥିବା ଧନଦେବଙ୍କ ଆଗରେ ନିଜ ପତ୍ନୀର ସକଳ ବୃତ୍ତାନ୍ତ ବର୍ଣ୍ଣନା କରି ସେ କହିଲେ 'ଚାଲ, ମୁଁ ମଧ୍ୟ ତୁମ ସହିତ ଅରଣ୍ୟରେ ଯାଇ ବାସ କରିବି । ଏହି ଗୃହ ସଂସାର ଅଳୀକ ମାତ୍ର ।' ଏହାକହି ସେ ମିତ୍ର ଧନଦେବଙ୍କ ସହିତ ଅରଣ୍ୟ ଅଭିମୁଖରେ ଅଗ୍ରସର ହେଲେ ।

ପଥ ମଧ୍ୟରେ ଧନଦେବଙ୍କର ଅନ୍ୟତମ ମିତ୍ର ଶଶୀ ସହିତ ସେମାନଙ୍କର ସାକ୍ଷାତ ହେଲା । କଥା ପ୍ରସଙ୍ଗରେ ସେମାନେ ନିଜ ନିଜର ଜୀବନ କଥା ତା'ଆଗରେ ବ୍ୟକ୍ତ କଲେ । ସେମାନଙ୍କ ପତ୍ନୀମାନଙ୍କର ବ୍ୟଭିଚାର ବିଷୟ ଶୁଣିବା ପରେ ଶଶୀ ମନରେ ମଧ୍ୟ ନିଜର ପତ୍ନୀ ପ୍ରତି ସନ୍ଦେହ ଜାତ ହେଲା । ସେ ବହୁଦିନ ପରେ ବିଦେଶରୁ ଘରକୁ ଫେରୁଥାଏ । ଗଲାବେଳେ ସେ ତା'ର ପତ୍ନୀକୁ ଗୋଟିଏ ଭୂଗର୍ଭ ଗୃହ ମଧ୍ୟରେ ଆବଦ୍ଧ କରିଦେଇ ଯାଇଥିଲା । ତଥାପି ସ୍ତ୍ରୀ ଚରିତ୍ର ତ !

Digitized by srujanika@gmail.com

ସଂଧ୍ୟାବେଳେ ସେମାନେ ଯାଇ ଶଶୀର ବାସଗୃହରେ ପହଞ୍ଚିଲେ । ସେ ଉଭୟ ମିତ୍ରଙ୍କୁ ଆତିଥ୍ୟ ସତ୍କାର କରିବା ପାଇଁ ନିମନ୍ତ୍ରଣ କଲା । ସେତେବେଳେ ତା'ର ଘର ନିକଟରେ ବସିଥିବା ଗଳିତ ହସ୍ତପଦ ଗୋଟିଏ କୁଷ୍ଠରୋଗୀ ଉପରେ ତା'ର ଦୃଷ୍ଟି ପଡ଼ିଲା । ସେ ଆନନ୍ଦରେ ଭଜନ ଗାଉଥାଏ । ଶଶୀ ତାର ପରିଚୟ ଜିଜ୍ଞାସା କରନ୍ତେ ସେ କହିଲା, ''ମୁଁ କାମଦେବ ।'' ଏହାଶୁଣି ଶଶୀ ହସି ହସି କହିଲା, 'ଏଥିରେ ଆଉ ସନ୍ଦେହ କଣ ଅଛି ? ତୁମର ରୂପ ଓ ସୌନ୍ଦର୍ଯ୍ୟ ହିଁ ତୁମକୁ କାମଦେବ ବୋଲି ଚିହ୍ନିତ କରୁଛି ।' ଏଥିରେ କୁଷ୍ଠରୋଗୀଟି ଟିକିଏ ରୁଷ୍ଟ ହୋଇ ସେମାନଙ୍କୁ ଲକ୍ଷ୍ୟ କରି କହିବାକୁ ଲାଗିଲା, 'ଶୁଣ, ଏହି ଘରଟି ଶଶୀ ନାମକ ଗୋଟିଏ ମୂର୍ଖର । ସେ ନିଜର ପତ୍ନୀ ପ୍ରତି ଈର୍ଷାନ୍ୱିତ ହୋଇ ତାକୁ ଭୂଗର୍ଭ ସ୍ଥିତ ଗୋଟିଏ କୋଠରି ମଧ୍ୟରେ ଆବଦ୍ଧ କରି ବିଦେଶକୁ ଚାଲିଯାଇଛି । ପତ୍ନୀର ଦେଖାଶୁଣା ପାଇଁ ସେ ଗୋଟିଏ ମାତ୍ର ଦାସୀ ନିଯୁକ୍ତ କରିଦେଇଥିଲା । ବିଧିର ବିଡ଼ମ୍ବନାରୁ ତାର ସେହି ଯୁବତୀ ସ୍ତ୍ରୀ ମୋତେ ଏଠାରେ ଦେଖି କାମପୀଡ଼ିତ ହୋଇ ନିଜକୁ ମୋ ନିକଟରେ ସମର୍ପଣ କରିଦେଇଛି । ମୁଁ ତାକୁ ପ୍ରତିଦିନ ରାତ୍ରିରେ ରମଣ କରେ । ତା'ର ଦାସୀ ମୋତେ ପିଠିରେ ବସାଇ ତା' ନିକଟକୁ ନେଇଯାଏ । ଏଥିରୁ ତମେ କହ ମୁଁ କାମଦେବ କି ନୁହେଁ ? ମୋ ପାଇଁ ଅନ୍ୟ ସ୍ତ୍ରୀ ସମାଗମ ସମ୍ଭବ ନୁହେଁ, କିନ୍ତୁ ରତି ତୁଲ୍ୟା ସୁନ୍ଦରୀ ଶଶୀର ସ୍ତ୍ରୀ ମୋର ପ୍ରଣୟ ପ୍ରାର୍ଥିନୀ ।' ଏହି ନିର୍ଘାତ ଦାରୁଣ କଥା ଶୁଣି ଶଶୀ ନିଜର ମନୋଭାବ ଗୋପନ କରି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କୁଷ୍ଠରୋଗୀଟିକୁ ଅନୁରୋଧ କଲା, 'ତୁ ପ୍ରକୃତରେ କାମଦେବ । ତେଣୁ ମୋର ଗୋଟିଏ ପ୍ରାର୍ଥନା ରକ୍ଷା କରିବାପାଇଁ ଅନୁରୋଧ । ତୋ'କଥା ଶୁଣି ମୋ ମନରେ ଅଶେଷ କୌତୂହଳ ଜାତ ହେଲାଣି । ତେଣୁ ମୁଁ ଆଜି ରାତିରେ ତୋ'ର ଛଦ୍ମବେଶରେ ସେ ସ୍ତ୍ରୀ ନିକଟକୁ ଯିବାପାଇଁ ଚାହେଁ । କୃପା କରି ଆଜି ଗୋଟିଏ ଦିନ ପାଇଁ ମୋତେ ଏହି ସୁଯୋଗ ଦେବୁ । ପ୍ରତିଦିନ ମିଳୁଥିବା ପଦାର୍ଥ ଗୋଟିଏ ଦିନ ନମିଳିଲେ ତା'ର ମୂଲ୍ୟ ଅଧିକ ବଢ଼ିଯାଏ ।'

ଶଶୀଠାରୁ ଏହା ଶୁଣି କୁଷ୍ଠରୋଗୀଟି ନିଜର ସମ୍ମତି ପ୍ରକାଶ ପୂର୍ବକ ନିର୍ଦ୍ଦେଶ ଦେଲା, 'ଠିକ୍ ଅଛି, ତୁମେ ତୁମର ବେଶଭୂଷା ମୋତେ ଦେଇ ମୋଭଳି କୁଷ୍ଠରୋଗୀର ବେଶ ଧାରଣ କର । ହାତ ଆଉ ପାଦରେ କନା ଗୁଡ଼ାଇ ସେହି ଦାସୀ ଆସିବା ପର୍ଯ୍ୟନ୍ତ ଏଠାରେ ବସିରହ । ରାତିର ଅନ୍ଧାର ଟିକିଏ ଗାଢ଼ ହେଲେ ସେ ତୁମକୁ ନେବାପାଇଁ ଆସିବ । ମୋର ଭ୍ରମରେ ସେ ତୁମକୁ ପିଠି ଉପରେ ବୋଝ ପରି ବହିନେବା ବେଳେ ତୁମେ ମୋପରି ହିଁ ଆଚରଣ କରିବ । ପିଠିରୁ ଓହ୍ଲାଇବା ପରେ ପାଦ ଦୁଇଟି ରୋଗାକ୍ରାନ୍ତ ହୋଇଯାଇଥିବା ଯୋଗୁଁ ମୁଁ ଯେପରି ଚାଲୁଛି ତୁମେ ମଧ୍ୟ ସେହିପରି ଚାଲିବ ।'

Digitized by srujanika@gmail.com

କୁଷ୍ଠରୋଗୀଠାରୁ ଏପ୍ରକାର କଥାଶୁଣି ଶଶୀ ଅନୁରୂପ ବେଶଭୂଷା ଧାରଣ କଲା ଏବଂ ସେଠାରେ ବସି ଦାସୀର ପ୍ରତୀକ୍ଷା କଲା । କୁଷ୍ଠ ରୋଗୀଟି ଅନ୍ୟ ଦୁଇଜଣ ବନ୍ଧୁଙ୍କ ସହିତ କିଛି ଦୂରରେ ଯାଇ ଲୁଚି ରହିଲା ।

ରାତ୍ରିର ଅନ୍ଧକାର ଗାଢ଼ ହେବାରୁ ଦାସୀ ଆସି କୁଷ୍ଠରୋଗୀର ବେଶରେ ଥିବା ଶଶୀକୁ ତା'ସହିତ ଯିବାପାଇଁ କହି ପିଠିରେ ବସାଇଲା । ଏହିପରି ଶଶୀ ଯାଇ ନିଜର ସ୍ତ୍ରୀ ରହୁଥିବା ଭୂଗୃହ ମଧ୍ୟରେ ପହଞ୍ଚିଲା । ସେଠାରେ ତା'ର କାମବିହ୍ୱଳା ପତ୍ନୀ କୁତ୍ସିତ କୁଷ୍ଠରୋଗୀର ଅପେକ୍ଷା କରିଥାଏ । ତା'ର ଅଙ୍ଗସ୍ପର୍ଶ ମାତ୍ରେ ଶଶୀ ତାକୁ ନିଜର ସ୍ତ୍ରୀ ବୋଲି ଚିହ୍ନିପାରିଲା ଏବଂ ରତିକ୍ଳାନ୍ତ ହୋଇ ସେ ଶୋଇଯିବା ପରେ ଚୁପ୍‌ଚାପ୍ ବାହାରକୁ ଉଠିଆସିଲା । ଧନଦେବ ଓ ରୁଦ୍ରସୋମଙ୍କ ନିକଟରେ ନିଜ ସ୍ତ୍ରୀର ବିଚିତ୍ର ଆଚରଣ ସମ୍ପର୍କରେ ବିବରଣୀ ଦେଇ ସେ କହିଲା, 'ନୀଚାତିନୀଚ ଲୋକ ପ୍ରତି ଆକୃଷ୍ଟ ହେଉଥିବା ଏପରି ସ୍ତ୍ରୀମାନଙ୍କୁ ଧିକ୍ । ଏମାନେ ଦୂରରୁ ହିଁ ସୁନ୍ଦର । ଭଉଁରୀ ଭିତରେ ପଡୁଥିବା ନଦୀର ଜଳରାଶି ପରି ସ୍ତ୍ରୀମାନଙ୍କୁ ରକ୍ଷା କରିବା ସମ୍ଭବ ନୁହେଁ । ଦେଖ ଭୂଗର୍ଭ ପ୍ରକୋଷ୍ଠ ମଧ୍ୟରେ ଆବଦ୍ଧ କରି ରଖିଥିବା ମୋର ଏହି ସ୍ତ୍ରୀ ଗୋଟିଏ କୁଷ୍ଠରୋଗୀ ସହିତ କିପରି କାମକ୍ରୀଡ଼ା କରିଚାଲିଛି । ତେଣୁ ତୁମମାନଙ୍କ ପରି ମୋ ପାଇଁ ମଧ୍ୟ ଅରଣ୍ୟବାସ ହିଁ ଶ୍ରେୟସ୍କର ।' ଏହିପରି କହି ଶଶୀ ସମଦୁଃଖୀ ବ୍ରାହ୍ମଣ ଓ ବଣିକ ସହିତ ସେଠାରେ ରାତ୍ରିଯାପନ କଲା । ପରଦିନ ପ୍ରଭାତରୁ ସେମାନେ ଅରଣ୍ୟ ପଥରେ ଚାଲିଲେ ।

ସଂଧ୍ୟା ବେଳେ ଗୋଟିଏ ପୁଷ୍କରିଣୀ ଏବଂ ତା'ତଟରେ ଥିବା ଏକ ନିଘଞ୍ଚ ବୃକ୍ଷ ସେମାନଙ୍କର ଦୃଷ୍ଟି ଆକର୍ଷଣ କଲା । ସେଠାରେ ସ୍ନାନ ଭୋଜନ ସମାପନ କରି ସେମାନେ ରାତ୍ରି ବିଶ୍ରାମ ପାଇଁ ବୃକ୍ଷ ଉପରେ ଚଢ଼ିଗଲେ । ଏ ସମୟରେ ଅନ୍ୟ ଜଣେ ପଥିକ ଆସି ସେହି ଗଛ ତଳେ ଆଶ୍ରୟ ନେଉଥିବା ଦେଖାଗଲା ।

ରାତ୍ରିର ପ୍ରଥମ ପ୍ରହର ଶେଷ ହେଲା । ସେମାନେ ଗଛ ଉପରେ ବସି କଥାବାର୍ତ୍ତା କରୁଥାନ୍ତି । ଏ ସମୟରେ ସେହି ପୁଷ୍କରିଣୀ ମଧ୍ୟରୁ ହଠାତ୍ ଜଣେ ରୂପବାନ୍ ପୁରୁଷ ଉଠିଆସିଲେ । ସେ ଏହି ତିନିଜଣ ବନ୍ଧୁଙ୍କୁ ଆର୍ଶ୍ଚଯ୍ୟ ଚକିତ କରି ନିଜର ମୁଖ ଗହ୍ୱରରୁ ଗୋଟିଏ ଶଯ୍ୟା ଓ ଜଣେ ନାରୀକୁ ସୃଷ୍ଟି କଲେ । ସେହି ଶଯ୍ୟା ଉପରେ ନାରୀଟିକୁ ସଂଭୋଗ କରି କିଛି ସମୟ ମଧ୍ୟରେ ସେ ଗାଢ଼ ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ । ତାଙ୍କୁ ନିଦ୍ରିତ ଦେଖି ନାରୀଟି ଗଛତଳେ ଶୋଇଥିବା ପୂର୍ବୋକ୍ତ ପଥିକ ନିକଟରେ ଆସି ଶୋଇଗଲା । ପଥିକ ଅଯାଚିତ ଭାବରେ ରତିଭିକ୍ଷା କରୁଥିବା ନାରୀଟିକୁ ସଂଭୋଗ କରି

Digitized by srujanika@gmail.com

ସେମାନଙ୍କର ପରିଚୟ ଜିଜ୍ଞାସା କଲା । ଉତ୍ତରରେ ସେ କହିଲା, 'ମୁଁ ଜଣେ ନାଗକନ୍ୟା । ଇଏ ମୋର ପତି । ମୁଁ ନାଗକନ୍ୟା ବୋଲି ତୁମେ ଡରିଯାଅ ନାହିଁ । ମୁଁ ତୁମ ପୂର୍ବରୁ ଏଠାରେ ଅନ୍ୱେଶତ ଜଣ ପଥିକଙ୍କ ସହିତ ସଂଭୋଗ କରିଛି । ତୁମେ ଆଜି ଶହେ ପୂର୍ଣ୍ଣ କରିଦେଲ ।' ସେ ପଥିକକୁ ଏହିପରି କହୁଥିବା ବେଳେ ନିଦ୍ରାର ଛଳନା କରି ପଡ଼ିରହିଥିବା ପୁରୁଷଟି ହଠାତ୍ ନାଗରୂପ ଧାରଣ କରି ଉଭୟଙ୍କୁ ଦଂଶନ କଲା । ବିଷଜ୍ୱାଳାରେ ଉଭୟଙ୍କର ମୃତ୍ୟୁ ଘଟିବାରୁ ସେ ନିଜ ଫଣାରୁ ଜ୍ୱାଳାମୟୀ ଅଗ୍ନିକଣା ସୃଷ୍ଟିକରି ଉଭୟଙ୍କ ମୃତ ଶରୀରକୁ ଭସ୍ମୀଭୂତ କରିଦେଲା । ନାଗଟି ସରୋବର ମଧ୍ୟରେ ପ୍ରବେଶ କରିଯିବା ପରେ ବିସ୍ମୟ ଓ ବୈରାଗ୍ୟରେ କୌଣସିମତେ ସେଠାରେ ରାତ୍ରିଯାପନ କରି ତିନିବନ୍ଧୁ ପ୍ରଭାତରୁ ଅଭୀଷ୍ଟ ଅରଣ୍ୟ ଅଭିମୁଖରେ ଯାତ୍ରା କଲେ । ନିଜର ଶରୀର ମଧ୍ୟରେ ରଖିଥିବା ସ୍ତ୍ରୀ ଯେତେବେଳେ ସୁରକ୍ଷିତା ନୁହେଁ, ସେତେବେଳେ ଘର କଥା ବା କ'ଣ କୁହାଯାଇପାରେ ! ଏପରି ସ୍ତ୍ରୀମାନଙ୍କୁ ସହସ୍ରବାର ଧିକ୍କାର !!

ଅରଣ୍ୟରେ ମୈତ୍ରୀ ଇତ୍ୟାଦି ଚାରୋଟି ଭାବନାକୁ ସିଦ୍ଧ କରି ତିନିବନ୍ଧୁ ନିଜର ଅନ୍ତଃକରଣର ପ୍ରବୃତ୍ତିଗୁଡ଼ିକୁ ସ୍ଥିର କଲେ । ସମସ୍ତ ପ୍ରାଣୀ ପ୍ରତି ସମାନ ଭାବନା ରକ୍ଷା କରି ସେମାନେ ଅନୁପମ ଏବଂ ପରମ ଆନନ୍ଦଦାୟକ ସମାଧିରେ ମଗ୍ନ ହୋଇ ପୂର୍ଣ୍ଣସିଦ୍ଧିକୁ ପ୍ରାପ୍ତ କଲେ । ସମସ୍ତ ପାପ ଧୀରେ ଧୀରେ କ୍ଷୟ ହୋଇଯିବା ଯୋଗୁଁ ସେମାନେ ସମୟ କ୍ରମେ ମୋକ୍ଷ ଲାଭ କଲେ ।

ପାପର ଫଳ ସ୍ୱରୂପ ବହୁକଷ୍ଟ ଭୋଗକରି ଏମାନଙ୍କର ବ୍ୟଭିଚାରିଣୀ ପତ୍ନୀମାନେ ଉଭୟ ଲୋକରୁ ଭ୍ରଷ୍ଟ ହୋଇ ଶେଷରେ ନଷ୍ଟ ହେଲେ । ଏହିପରି ଅଜ୍ଞାନତାବଶତଃ କିମ୍ୱା ମୋହବଶତଃ ସ୍ତ୍ରୀମାନଙ୍କ ପ୍ରତି ଜାତ ଅନୁରାଗ କେବଳ ଦୁଃଖଦାୟକହିଁ ହୋଇଥାଏ । ଜ୍ଞାନବାନ୍ ପୁରୁଷମାନେ ସ୍ତ୍ରୀମାନଙ୍କ ପ୍ରତି ବିରକ୍ତ ହୋଇ ମୁକ୍ତିଲାଭ କରିଥାନ୍ତି ।

ଏବଂ ମୋହପ୍ରଭବୋ ରାଗୋ ନ ସ୍ତ୍ରୀଷୁ କସ୍ୟ ଦୁଃଖାୟ
ତାସ୍ୱେବ ବିବେକଭୃତାଂ ଭବତି ବିରାଗସ୍ତୁ ମୋକ୍ଷାୟ ।

ଶକ୍ତିଯଶାଙ୍କ ପ୍ରତି ଅତ୍ୟନ୍ତ ଆସକ୍ତ ନରବାହନଦତ୍ତ ଗୋମୁଖଙ୍କ ଠାରୁ ଏପରି ବିଚିତ୍ର କଥା ଶୁଣି ଧୀରେ ଧୀରେ ନିଦ୍ରାଦେବୀଙ୍କ କୋଳକୁ ଚାଲିଗଲେ ।

●

Digitized by srujanika@gmail.com

ନବମ ତରଙ୍ଗ

ପରଦିନ ରାତ୍ରିରେ ନରବାହନଦତ୍ତଙ୍କ ମନ ବିନୋଦନ ପାଇଁ ଗୋମୁଖ ପୂର୍ବପରି ପୁଣି ଗୋଟିଏ କଥା ଶୁଣାଇବା ଆରମ୍ଭ କଲେ –

ବୋଧିସତ୍ତ୍ୱଙ୍କ ଅଂଶରେ ଜନ୍ମିତ ବଣିକ କଥା

କୌଣସି ନଗରରେ ଜଣେ ବଣିକଙ୍କ ଔରସରୁ ବୋଧିସତ୍ତ୍ୱଙ୍କ ଅଶଂରେ ଗୋଟିଏ ପୁତ୍ର ଜନ୍ମଗ୍ରହଣ କରିଥିଲା । ସେ ଶୈଶବରୁ ଥିଲା ମାତୃହୀନ । ସପତ୍ନୀର କୁମନ୍ତ୍ରଣାରେ ପିତା ତାକୁ ଗୃହରୁ ନିର୍ବାସନ କଲେ । ଏଣୁ ସେ ଘରଛାଡ଼ି ପତ୍ନୀ ସହିତ ବନବାସ ପାଇଁ ଚାଲିଗଲା । ତା'ସହିତ ତା'ର କନିଷ୍ଠ ଭାଇ ମଧ୍ୟ ଯିବା ପାଇଁ ଚାହିଁଲା, କିନ୍ତୁ ସେ ତାକୁ ପଥ ମଧ୍ୟରୁ ଫେରାଇ ଦେଇ ଅନ୍ୟ ମାର୍ଗ ଅନୁସରଣ କଲେ । ସେମାନେ ଚାଲିଚାଲି ପ୍ରଚଣ୍ଡ ସୂର୍ଯ୍ୟକିରଣରେ ସନ୍ତପ୍ତ ହୋଇ କ୍ଷୁଧାତୁର ଭାବରେ କୌଣସି ଏକ ଦିଗନ୍ତବିସ୍ତୃତ ମରୁସ୍ଥଳରେ ପହଞ୍ଚିଲେ । ସାତ ଦିନ ପର୍ଯ୍ୟନ୍ତ ବଣିକ ପୁତ୍ର ଶ୍ରାନ୍ତ କ୍ଲାନ୍ତ ଏବଂ କ୍ଷୁଧା ତୃଷାତୁର ପତ୍ନୀକୁ ନିଜର ମାଂସ ଓ ରକ୍ତ ଦ୍ୱାରା ବଞ୍ଚାଇ ରଖିବାପାଇଁ ଚେଷ୍ଟା କଲା । ସେହି ପାପିଷ୍ଠା ମଧ୍ୟ ତାହା ଖାଇପିଇ ଜୀବନ ଧାରଣ କରିଥାଏ । ଅଷ୍ଟମ ଦିନ ସେମାନେ ଏକ ପାର୍ବତ୍ୟ ଅରଣ୍ୟରେ ପହଞ୍ଚିଲେ । ତାହା ଗିରି ନିର୍ଝରିଣୀ ଦ୍ୱାରା ମୁଖରିତ, ସୁମିଷ୍ଟ ଫଳ ବୃକ୍ଷ ଦ୍ୱାରା ପରିପୂର୍ଣ୍ଣ ଏବଂ ଶସ୍ୟ ଶାମଳ ତୃଣରାଶିରେ ଆଚ୍ଛାଦିତ ଥିଲା । ସେଠାରେ ଥକାମାରି ବସି ଯାଇଥିବା ପତ୍ନୀକୁ ଫଳମୂଳ, କନ୍ଦା, ଜଳ ଇତ୍ୟାଦି ଦ୍ୱାରା ଆଶ୍ୱସ୍ତ କରି ସ୍ନାନ କରିବା ପାଇଁ ସେ ନିର୍ଝରିଣୀ ମଧ୍ୟକୁ ଓହ୍ଲାଇଲା । ଏ ସମୟରେ ହସ୍ତପଦ କର୍ତ୍ତିତ କୌଣସି ପୁରୁଷ ନଦୀ ସ୍ରୋତରେ ଭାସିଯାଉଥିବା ବେଳେ ତା'ଠାରୁ ସାହାଯ୍ୟ ଭିକ୍ଷା କରୁଥିବା ସେ ଶୁଣିପାରିଲା । ଉପବାସ ଦ୍ୱାରା ଦୁର୍ବଳ ଏବଂ ପଥଶ୍ରାନ୍ତ ଥିଲେ ମଧ୍ୟ ସେହି ଦୟାଳୁ ବଣିକ ପୁତ୍ର ତାକୁ ନଦୀସ୍ରୋତରୁ ଉଦ୍ଧାର କରିଆଣିଲା । ତାକୁ ନିଜ ପିଠିରେ ବୋହିଆଣି ପଥର

Digitized by srujanika@gmail.com

ଚଟାଣ ଉପରେ ଦେହ ମୁଣ୍ଡ ପୋଛି ତା'ର ଏପରି ଅବସ୍ଥା ହେବାର କାରଣ ଜିଜ୍ଞାସା କରନ୍ତେ ଉତ୍ତରରେ ସେ କହିଲା ଯେ ଶତ୍ରୁମାନେ ତାକୁ କଷ୍ଟ ମୃତ୍ୟୁ ଦେବା ପାଇଁ ତା' ପ୍ରତି ଏପରି କ୍ରୁର ଆଚରଣ କରିଛନ୍ତି । ବଣିକ ପୁତ୍ର ପୁରୁଷଟିର କ୍ଷତସ୍ଥାନଗୁଡ଼ିକରେ ପଟି ବାନ୍ଧିଦେଇ ନିଜେ ସ୍ନାନାଦି କ୍ରିୟା ସମାପନ କଲା । ସେହିଦିନଠାରୁ ଫଳମୂଳ ଭକ୍ଷଣପୂର୍ବକ ବଣିକ ପୁତ୍ର ନିଜ ପତ୍ନୀ ସହିତ ତପଶ୍ଚରଣ ପୂର୍ବକ ସେଠାରେ ବାସ କରୁଥାଏ ।

ଏକଦା ବୋଧିସତ୍ତ୍ୱଙ୍କ ଅଂଶରେ ଜାତ ବଣିକପୁତ୍ର ଫଳମୂଳ ଆହରଣ କରିବାପାଇଁ ଦୂରକୁ ଚାଲିଯାଇଥାଏ । ଏହାକୁ ସୁଯୋଗ ମନେକରି ତା'ର ପାପିଷ୍ଠା ଦୁରାଚାରିଣୀ ପତ୍ନୀ ସ୍ମରାତୁରା ହୋଇ ସେହି ମାଦଳ ପୁରୁଷଟି ସହିତ ରମଣ କଲା । ଏହି ପୁରୁଷର ସଙ୍ଗଲାଭ କରି ସେ ନିଜର ପତିକୁ ହତ୍ୟା କରିବା ଲାଳସାରେ ପୀଡ଼ିତ ହୋଇପଡ଼ିଥିବା ଛଳନା କରି ଶୋଇରହିଲା । ସ୍ୱାମୀ ଫେରି ଆସିବାରୁ ସେ ଦୁସ୍ତର ଗିରିନଦୀର ବିପରୀତ ତଟରେ ଥିବା କୌଣସି ଔଷଧୀ ବୃକ୍ଷକୁ ଦେଖାଇ କହିଲା ଯେ ଏହାଦ୍ୱାରା ହିଁ ତା'ର ବ୍ୟାଧି ଦୂର ହେବ ବୋଲି ଦେବତାମାନେ ତାକୁ ସ୍ୱପ୍ନରେ କହିଛନ୍ତି । ସାଧୁ ବଣିକପୁତ୍ର ପତ୍ନୀର ଛଳନା ବୁଝିନପାରି ଗୋଟିଏ ତୃଣରଜ୍ଜୁ ପ୍ରସ୍ତୁତ କଲା । ତାକୁ ନଦୀ ତୀରସ୍ଥ କୌଣସି ବୃକ୍ଷଶାଖାରେ ବନ୍ଧନ କରି ତା'ରି ସାହାଯ୍ୟରେ ନଦୀର ପର ପାରକୁ ଯିବା ପାଇଁ ଅବତରଣ କଲା । ସେ ନଦୀର ମଧ୍ୟସ୍ଥଳରେ ପହଞ୍ଚିବା ବେଳକୁ ଏହି ପାପିନୀ ବୃକ୍ଷ ଶାଖାରୁ ରଜ୍ଜୁଟିକୁ ଖୋଲିଦେଲା । ଫଳରେ ବଣିକ ପୁତ୍ର ନଦୀ ସ୍ରୋତରେ ପଡ଼ିଯାଇ ଭାସିଗଲା । କିନ୍ତୁ ପୂର୍ବପୁଣ୍ୟରୁ ଗିରିନଦୀ ତାକୁ ନେଇ କିଛି ଦୂରରେ ଥିବା ତଟରେ ଲଗାଇଦେଲା । ନଦୀ ତୀରରୁ ଉପରକୁ ଉଠି ଶ୍ରାନ୍ତ ବଣିକ ପୁତ୍ର ସ୍ତ୍ରୀର କୁକର୍ମ ସମ୍ପର୍କରେ ଚିନ୍ତା କରି କରି ଗୋଟିଏ ବୃକ୍ଷର ପାଦ ଦେଶରେ ବିଶ୍ରାମ ନେଲା ।

ଏ ସମୟରେ ସେହି ନଗରର ରାଜା ମୃତ୍ୟୁବରଣ କରିଥାନ୍ତି । ପ୍ରାଚୀନ କାଳରୁ ସେହି ଦେଶରେ ଏକ ପ୍ରଥା ଥିଲା ଯେ ରାଜାଙ୍କ ମୃତ୍ୟୁ ପରେ ନଗରବାସୀ ମଙ୍ଗଳ-ଗଜକୁ ଚତୁର୍ଦ୍ଦିଗରେ ବୁଲାଇବେ । ସେ ନିଜର ଶୁଣ୍ଢ ସାହାଯ୍ୟରେ ଯେଉଁ ବ୍ୟକ୍ତିକୁ ଉଠାଇ ଆଣି ନିଜର ପୃଷ୍ଠ ଦେଶରେ ସ୍ଥାପନ କରିବ ତାକୁ ନଗରର ରାଜ ସିଂହାସନରେ ଅଭିଷେକ କରାଯିବ । ଏହି ନିୟମ ଅନୁଯାୟୀ ମଙ୍ଗଳଗଜ ଚତୁର୍ଦ୍ଦିଗରେ ଭ୍ରମଣ କରୁଥାଏ । ବଣିକ ପୁତ୍ରର ଚାରିତ୍ରିକ ମହତ୍ତ୍ୱରେ ସନ୍ତୁଷ୍ଟ ବିଧାତା ଯେପରି ସେହି ମଙ୍ଗଳଗଜର ଶୁଣ୍ଢ ଦ୍ୱାରା ତାକୁ ଟେକି ନେଇ ଗଜ ପୃଷ୍ଠରେ ସ୍ଥାପନ କଲେ । ଏଥିରେ ନଗରବାସୀ ଏବଂ ମନ୍ତ୍ରୀମାନେ ବଣିକ ପୁତ୍ରଙ୍କୁ ନେଇ ସେହି ରାଜ୍ୟର ରାଜ ସିଂହାସନରେ ଅଭିଷିକ୍ତ କଲେ । ବୋଧିସତ୍ତ୍ୱଙ୍କ

Digitized by srujanika@gmail.com

ଅଂଶ ଜାତ ବଣିକ ପୁତ୍ର ନିଜର ମୈତ୍ରୀ, କରୁଣା, କ୍ଷମା, ମୁଦିତା ଇତ୍ୟାଦି ଗୁଣ ଦ୍ୱାରା ରାଜ୍ୟ ଶାସନ କରିବାକୁ ଲାଗିଲା । ସେ ନିଜକୁ ଚପଳମନା ନାରୀମାନଙ୍କ ଠାରୁ ସର୍ବଦା ଦୂରେଇ ରଖିଥାଏ ।

ଏଣେ ତା'ର ପତ୍ନୀ ପତିର ନିଶ୍ଚିତ ମୃତ୍ୟୁ ହୋଇଥିବା ଜାଣି ନିଃଶଙ୍କ ଚିତ୍ତରେ ସେହି ଜାରପୁରୁଷଟିକୁ କାନ୍ଧରେ ବସାଇ ଏଣେତେଣେ ଘୂରିବାକୁ ଲାଗିଲା । ସେ କହୁଥାଏ 'ଇଏ ମୋର ସ୍ୱାମୀ, ଶତ୍ରୁମାନେ ଏହାଙ୍କର ହାତଗୋଡ଼ କାଟି ଦେଇଛନ୍ତି । ମୁଁ ଜଣେ ପତିବ୍ରତା ନାରୀ । ତେଣୁ ଭିକ୍ଷାକରି ଏହାଙ୍କୁ ଜୀବିତ ରଖିଛି । ମୋତେ କିଛି ଭିକ୍ଷା ଦିଅନ୍ତୁ ।' ଏହିପରି ଗାଁ ଗାଁ ନଗର ନଗର ବୁଲି ସେହି ବ୍ୟଭିଚାରିଣୀ ଶେଷରେ ବଣିକ ପୁତ୍ର ରାଜତ୍ୱ କରୁଥିବା ନଗରରେ ଆସି ପହଞ୍ଚିଲା । ସେଠାରେ ତା'ର କରୁଣ କାହାଣୀ ଶୁଣି ଲୋକମାନେ ଜଣେ ସଚ୍ଚା ପତିବ୍ରତା ବୋଲି ତାକୁ ସମ୍ମାନ କରିବାକୁ ଲାଗିଲେ । ଧୀରେଧୀରେ ତା'ର ପ୍ରଶଂସା ରାଜାଙ୍କର ମଧ୍ୟ କର୍ଣ୍ଣଗୋଚର ହେଲା । ରାଜା ତାକୁ ରାଜ ଦରବାରକୁ ଡକାଇ ଆଣିଲେ । ସେ ନିଜର ମାଦଳ ପ୍ରେମିକକୁ ବୋଝପରି ପିଠିରେ ଧରି ରାଜଦରବାରରେ ଆସି ପହଞ୍ଚିଲା । ତାକୁ ଠିକ୍ ଭାବେ ଚିହ୍ନିପାରି ଯେତେବେଳେ, 'ତା'ହେଲେ, ତୁ କ'ଣ ସେହି ପତିବ୍ରତା' ବୋଲି ପଚାରିଲେ ରାଜଲକ୍ଷ୍ମୀଙ୍କ ତେଜରେ ତେଜୀୟାନ୍ ନିଜର ସ୍ୱାମୀଙ୍କୁ ଚିହ୍ନିନପାରି ସେ ଦମ୍ଭର ସହିତ କହିଲା 'ହଁ ମହାରାଜ, ମୁଁ ହିଁ ସେହି ପତିବ୍ରତା ।' ତା'ପରେ ସେହି ବୋଧିସତ୍ତ୍ୱ ଅଂଶରେ ଜନ୍ମଗ୍ରହଣ କରିଥିବା ରାଜା ତାକୁ ଲକ୍ଷ୍ୟ କରି ହସିହସି କହିଲେ, 'ଏପରି ପରିଣାମ ଦେଖି ମୁଁ ତୋର ପାତିବ୍ରତ୍ୟ କଥା ଜାଣିପାରିଛି । ତୁ ହେଉଛୁ ସେହି ମାନବୀ ରୂପିଣୀ ରାକ୍ଷସୀ, ଯାହାକୁ ପତି ନିଜ ଶରୀରର ରକ୍ତମାଂସ ଦେଇ ମଧ୍ୟ ବଶୀଭୂତ କରିପାରିନାହିଁ; ଏଥିପାଇଁ ତୋର ପାତିବ୍ରତ୍ୟ ଆଜି ତୋତେ ଏହି ମାଦଳର ବାହନରେ ପରିଣତ କରିଛି । ଇଏ କ'ଣ ତୋର ସେହି ନିଷ୍ପାପ ସ୍ୱାମୀ, ଯାହାକୁ ତୁ ଗିରିନଦୀ ଗର୍ଭରେ ଭସାଇ ଦେଇଥିଲୁ । ତୋ'ର ସେହି ଦୁଷ୍କର୍ମ ଯୋଗୁଁ ଆଜି ଏ ମାଦଳକୁ ବୋହି ଚାଲିଛୁ ଏବଂ ତା'ର ପାଳନ ପୋଷଣ କରୁଛୁ ।'

ଏହିପରି ନିଜର ଗୁପ୍ତ ରହସ୍ୟ ପଦାରେ ପଡ଼ିଯିବାରୁ ନାରୀଟି ଚିତ୍ରାର୍ପିତା ପରି ରହିଗଲା । ମନ୍ତ୍ରୀମାନେ ଏହାର ରହସ୍ୟ ଜାଣିବା ପାଇଁ ଚାହିଁବାରୁ ରାଜା ସମସ୍ତ ସତ୍ୟ ସମାଚାର ସେମାନଙ୍କୁ ଶୁଣାଇଦେଲେ । ନଗର ବାସୀ ଏହାର ପ୍ରକୃତ ପରିଚୟ ପାଇ ତା'ର ନାକକାନ କାଟି ମାଦଳ ସହିତ ନଗର ବାହାରେ ନେଇ ଛାଡ଼ିଦେଲେ । ମାଦଳ ସହିତ ନାକଟୀର ଏବଂ ରାଜଲକ୍ଷ୍ମୀ ସହିତ ବୋଧିସତ୍ତ୍ୱଙ୍କୁ ମିଳନ କରାଇ ବିଧାତା 'ଯୋଗ୍ୟଂ ଯୋଗ୍ୟେନ ସଂଯୋଯେତ୍'ର ପ୍ରକୃତ ଉଦାହରଣ ପ୍ରଦର୍ଶନ କରାଇଲା ।

Digitized by srujanika@gmail.com

ଏହିପରି ନୀଚ୍ ଓ ଚପଳମନା ନାରୀମାନଙ୍କର ଚିତ୍ତବୃତ୍ତି ଜାଣିବା ବିଧାତା ପକ୍ଷରେ ମଧ୍ୟ ସମ୍ଭବ ନୁହେଁ । ନିଜର ସ୍ୱଭାବ ଓ ଚରିତ୍ରର ରକ୍ଷାକର୍ତ୍ତା ଏବଂ କ୍ରୋଧକୁ ଜୟ କରିଥିବା ସହୃଦୟ ବ୍ୟକ୍ତିମାନଙ୍କୁ ଅଯାଚିତ ଭାବରେ ସମସ୍ତ ସୌଭାଗ୍ୟ ଆପେ ଆପେ ଆସି ବରଣ କରିଥାନ୍ତି ।

ଏବଂ ଚାତ୍ୟକ୍ତଶୀଳାନାଂ ସସତ୍ତ୍ୱାନାଂ ଜିତକ୍ରୁଧାମ୍
ତୁଷ୍ଟେ୍ୱବାଚିନ୍ତିତା ଏବ ସ୍ୱୟମାୟାନ୍ତି ସଂପଦଃ ।

ମନ୍ତ୍ରୀ ଗୋମୁଖ ଏହିପରି କଥାଟିଏ କହି ନରବାହନଦତ୍ତଙ୍କୁ ଅନ୍ୟ ଏକ ଗଳ୍ପ ଶୁଣାଇବା ଆରମ୍ଭ କଲେ –

ବୋଧିସତ୍ତ୍ୱଙ୍କ ଅଂଶ ଜାତ ତପସ୍ୱୀ କଥା

ବୋଧିସତ୍ତ୍ୱଙ୍କ ଅଂଶରୁ ଅବତାର ଗ୍ରହଣ କରିଥିବା କୌଣସି ଜଣେ ବ୍ୟକ୍ତି ଅରଣ୍ୟ ମଧ୍ୟରେ ପର୍ଣ୍ଣକୁଟୀରଟିଏ ରଚନା କରି ତପସ୍ୟା ଆଚରଣ କରୁଥାନ୍ତି । ଏକାଗ୍ରଚିତ୍ତ ସେହି ଦୟାଶୀଳ ତପସ୍ୱୀ ବନ ପଥରେ ଯାଉଥିବା ବିପଦଗ୍ରସ୍ତ ପ୍ରାଣୀମାନଙ୍କୁ ଖାଦ୍ୟ ପାନୀୟ ଦେଇ ସେବା କରୁଥାନ୍ତି । ଅନ୍ୟର ଉପକାର ପାଇଁ ଅରଣ୍ୟ ମଧ୍ୟରେ ବିଚରଣ କଲାବେଳେ ସେ ଦିନେ ଗୋଟିଏ ଗଭୀର କୂପ ନିକଟରେ ଆସି ପହଞ୍ଚିଲେ । ତା'ମଧ୍ୟରେ କିଛି ପ୍ରାଣୀଙ୍କର ସ୍ୱର ବାରିପାରି ଭିତରକୁ ଝୁଙ୍କି ଦେଖିବା ମାତ୍ରେ ତା' ଭିତରୁ ଗୋଟିଏ ନାରୀ କଣ୍ଠର କାକୁତିପୂର୍ଣ୍ଣ ସ୍ୱର ଶୁଣାଗଲା, 'ମହାତ୍ମନ୍, ସିଂହ, ସ୍ୱର୍ଣ୍ଣଚୂଡ଼ ପକ୍ଷୀ ଏବଂ ସର୍ପ ସହିତ ମୁଁ ରାତ୍ରିର ଅନ୍ଧକାର ମଧ୍ୟରେ କୂଅରେ ଆସି ପଡ଼ିଛି । ଦୟାକରି ଆମକୁ ଏଥିରୁ ଉଦ୍ଧାର କରନ୍ତୁ ।' ଏହାଶୁଣି ତପସ୍ୱୀ ତା'କଥାରେ ସନ୍ଦେହ ପ୍ରକାଶ କରି ପଚାରିଲେ, 'ଠିକ୍ ଅଛି, ତମେ ତିନିଜଣ ରାତ୍ରିର ଅନ୍ଧାର ଭିତରେ କୂଅ ଭିତରେ ପଡ଼ିଯିବା ଅସମ୍ଭବ ନୁହେଁ, କିନ୍ତୁ ପକ୍ଷୀଟି ଆସି କୂଅ ଭିତରେ ପଡ଼ିବା ସ୍ୱାଭାବିକ ମନେ ହେଉନାହିଁ ।' ସ୍ତ୍ରୀଟି ଉତ୍ତରରେ, ବ୍ୟାଧମାନଙ୍କ ଜାଲରେ ପଡ଼ି ତାହାର ଏପରି ଦୁର୍ଦ୍ଦଶା ହୋଇଥିବା କଥା ପ୍ରକାଶ କଲା ।

ତପସ୍ୱୀ ସେମାନଙ୍କୁ ନିଜର ସିଦ୍ଧି ବଳରେ ଉପରକୁ ଉଠାଇ ଆଣିବା ପାଇଁ ଚେଷ୍ଟା କଲେ । କିନ୍ତୁ ତାହା ସମ୍ଭବ ହେଲାନାହିଁ । କାରଣ ସେ ସିଦ୍ଧିଭ୍ରଷ୍ଟ ହୋଇଯାଇଥିଲେ । କୌଣସି ଭ୍ରଷ୍ଟାସ୍ତ୍ରୀ ସହିତ ବାକ୍ୟାଳାପ କରିବା ଯୋଗୁଁ ତାଙ୍କର ସମସ୍ତ ସିଦ୍ଧି ନଷ୍ଟ ହୋଇଯାଇଥିବା ଜାଣି ପାରି ସେ ସେମାନଙ୍କୁ ଗୋଟିଏ ତୃଣ ନିର୍ମିତ ରଜ୍ଜୁ ଦ୍ୱାରା ଉପରକୁ

Digitized by srujanika@gmail.com

ଉଠାଇ ଆଣିଲେ । ସେମାନେ ତପସ୍ୱୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତେ, ସେ ବିସ୍ମୟର ସହିତ ସିଂହ, ପକ୍ଷୀ ଓ ସର୍ପଠାରୁ ସେମାନେ କିପରି ଏପ୍ରକାର ଦୁର୍ଗତିର ଶିକାର ହେଲେ ଏବଂ ମନୁଷ୍ୟମାନଙ୍କ ପରି ସ୍ପଷ୍ଟ ଭାବେ କିପରି କଥାବାର୍ତ୍ତା କରିପାରୁଛନ୍ତି, ଜାଣିବା ପାଇଁ ଚାହିଁଲେ । ତାଙ୍କର କୌତୂହଳ ଦେଖି ପ୍ରଥମେ ସିଂହ ଜଣାଇଲା 'ଆମ୍ଭେମାନେ ସମସ୍ତେ ଜାତିସ୍ମର ଏବଂ ପରସ୍ପରର ବିରୋଧୀ । ଆପଣ ଆମ ପ୍ରତ୍ୟେକଙ୍କର ନିଜ ନିଜ ବୃତ୍ତାନ୍ତ ଶୁଣନ୍ତୁ ।' ଏହା କହି ସିଂହ ନିଜ କଥା ଆରମ୍ଭ କଲା ।

ସିଂହର ଆତ୍ମବୃତ୍ତାନ୍ତ

ହିମାଳୟ ପର୍ବତ ଉପରେ ବୈଦୁର୍ଯଶୃଙ୍ଗ ନାମକ ଏକ ଉତ୍ତମ ନଗର ଅଛି । ସେଠାରେ ପଦ୍ମବେଗ ନାମକ ଜଣେ ବିଦ୍ୟାଧର ରାଜତ୍ୱ କରନ୍ତି । ତାଙ୍କ ଔରସରୁ ବଜ୍ରବେଗ ନାମକ ଗୋଟିଏ ପୁତ୍ର ସନ୍ତାନ ଜାତ ହୋଇଥିଲା । ବଜ୍ରବେଗ ସେହି ବିଦ୍ୟାଧର ନଗରରେ ରହି ନିଜ ଶାରୀରିକ ଶକ୍ତି ଗର୍ବରେ ଅନ୍ୟମାନଙ୍କର ବିରୁଦ୍ଧାଚରଣ କରୁଥାଏ । ପିତାଙ୍କର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେ ଏଥିରୁ କ୍ଷାନ୍ତ ନହେବା ଯୋଗୁଁ ପିତା ତାକୁ ମର୍ତ୍ତ୍ୟଲୋକରେ ଯାଇ ଜନ୍ମଗ୍ରହଣ କରିବା ନିମିତ୍ତ ଅଭିଶାପ ଦେଲେ । ଅଭିଶାପ ଯୋଗୁଁ ସେ ଶକ୍ତିହୀନ ଓ ବିଦ୍ୟାରହିତ ହୋଇ ଶୋକସନ୍ତପ୍ତ ଚିତ୍ତରେ ପିତାଙ୍କ ନିକଟରେ ଶାପ ମୁକ୍ତିର କିଛି ଉପାୟ କରିବା ନିମିତ୍ତ ପ୍ରାର୍ଥନା କଲା । କିଛି ସମୟ ଚିନ୍ତାକରି ପଦ୍ମବେଗ କହିଲେ, ''ତୁ ପୃଥିବୀରେ କୌଣସି ବ୍ରାହ୍ମଣର ପୁତ୍ରରୂପେ ଜନ୍ମଗ୍ରହଣ କରିବୁ । ସେଠାରେ ମଧ୍ୟ ନିଜର ଏହି ଗର୍ବିତ ସ୍ୱଭାବ ଯୋଗୁଁ ପିତାଙ୍କ ଦ୍ୱାରା ଅଭିଶପ୍ତ ହୋଇ ଗୋଟିଏ ସିଂହରେ ପରିଣତ ହେବୁ । ସିଂହ ରୂପରେ ତୁ ଯେତେବେଳେ ଯାଇ ଗୋଟିଏ କୂଅ ଭିତରେ ପଡ଼ିବୁ, ସେତେବେଳେ ଜଣେ ମହାପୁରୁଷ ତୋତେ ଉଦ୍ଧାର କରିବେ । ତାଙ୍କର ପ୍ରତ୍ୟୁପକାର କରି ତୁ ଶାପ ମୁକ୍ତ ହେବୁ ।''

ଶାପ ମୁକ୍ତିର ଉପାୟ ଶୁଣିବା ପରେ ବଜ୍ରବେଗ ମାଳବ ଦେଶରେ ବାସ କରୁଥିବା ହରଘୋଷ ନାମକ ଜଣେ ବ୍ରାହ୍ମଣଙ୍କ ଗୃହରେ ଯାଇ ଜନ୍ମଗ୍ରହଣ କଲା । ସେଠାରେ ତା'ର ନାମ ହେଲା ଦେବଘୋଷ । ଦେବଘୋଷ ନିଜ ନଗରର ବହୁ ଲୋକଙ୍କ ସହିତ ବିରୋଧାଚରଣ କରିବା ଫଳରେ ପିତା ସେଥିରୁ ତାକୁ ନିବୃତ୍ତ କରିବା ପାଇଁ ବହୁ ଚେଷ୍ଟା କଲେ, କିନ୍ତୁ ତାଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ହେଲା । ଶେଷରେ ସେ ପୁତ୍ରକୁ ଅଭିଶାପ ଦେଇ କହିଲେ, 'ତୁ ନିଜର ବୀରତ୍ୱ ପାଇଁ ଏତେ ଗର୍ବ କରିବା ଉଚିତ ନୁହେଁ । ତୋ'ର

Digitized by srujanika@gmail.com

ଦୁଷ୍ଟବୁଦ୍ଧି ଯୋଗୁଁ ତୁ ବର୍ତ୍ତମାନ ସିଂହଟିଏ ହୋଇ ଅରଣ୍ୟକୁ ଚାଲିଯା ।' ଫଳରେ ବିଦ୍ୟାଧର ପୁତ୍ର ଦେବଘୋଷ ସିଂହରେ ପରିଣତ ହୋଇ ବଣକୁ ଚାଲିଗଲା ।

'ମୋତେ ହିଁ ସେହି ସିଂହ ବୋଲି ଜାଣନ୍ତୁ । ଦୈବଯୋଗରେ ଦିନେ ବଣରେ ବୁଲୁଥିବା ବେଳେ ମୁଁ ଆସି ଏହି କୂଅ ଭିତରେ ପଡ଼ିଲି । ଆଜି ଆପଣ ମୋତେ ଏଥିରୁ ଉଦ୍ଧାର କରିଛନ୍ତି । ବର୍ତ୍ତମାନ ମୋତେ ବିଦାୟ ଦିଅନ୍ତୁ । ଯଦି ଆପଣଙ୍କ ଉପରେ କେତେବେଳେ ବିପତ୍ତି ପଡ଼େ ମୋତେ ସ୍ମରଣ କରିବେ । ମୁଁ ଆପଣଙ୍କର ପ୍ରତ୍ୟୁପକାର କରି ପିତୃଶାପରୁ ମୁକ୍ତ ହେବି ।' ଏହା କହି ସିଂହ ଅରଣ୍ୟ ମଧ୍ୟରେ ଅନ୍ତର୍ହିତ ହୋଇଯିବା ପରେ ସ୍ୱର୍ଣ୍ଣଚୂଡ଼ ପକ୍ଷୀ ନିଜର କଥା ଆରମ୍ଭ କଲା ।

ସ୍ୱର୍ଣ୍ଣଚୂଡ଼ ପକ୍ଷୀର ଆତ୍ମକଥା

ହିମାଳୟର କୌଣସି ପ୍ରଦେଶରେ ବଜ୍ରଦଂଷ୍ଟ୍ର ନାମରେ ଜଣେ ବିଦ୍ୟାଧର ଅଧିପତି ଅଛନ୍ତି । ତାଙ୍କ ରାଣୀ ଗୋଟିଏ ପରେ ଗୋଟିଏ ପାଞ୍ଚଟି କନ୍ୟାଙ୍କୁ ଜନ୍ମଦେଲେ । ଏହାପରେ ଭଗବାନ୍ ମହାଦେବଙ୍କୁ ତପସ୍ୟା କରିବା ଫଳରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଲାଭ ହେଲା । ରାଜା ଏହି ପ୍ରାଣାଧିକ ପୁତ୍ରର ନାମ ରଖିଲେ ରଜତ ଦଂଷ୍ଟ୍ର । ସ୍ନେହବଶରୁ ପିତା ପୁତ୍ରକୁ ଶୈଶବରୁ ହିଁ ସମସ୍ତ ବିଦ୍ୟାଧର ବିଦ୍ୟା ଶିକ୍ଷା ଦେଲେ । ରଜତ ଦଂଷ୍ଟ୍ର ଧୀରେ ଧୀରେ ବଢ଼ିବାକୁ ଲାଗିଲା ।

ଦିନେ ସେ ଭଗବତୀ ପାର୍ବତୀଙ୍କ ସମ୍ମୁଖରେ ତା'ର ଜ୍ୟେଷ୍ଠା ଭଗିନୀ ସୋମପ୍ରଭା ପିଂଜରକ ବାଦ୍ୟ ବଜାଉଥିବା ଦେଖି ତାହା ନିଜେ ବଜାଇବା ପାଇଁ ଅଳି କଲା । କିନ୍ତୁ ସୋମପ୍ରଭା ତାକୁ ବାଦ୍ୟଟି ନଦେବା ଯୋଗୁଁ ସେ ବଳାତ୍କାରରେ ତା'ଠାରୁ ତାହା ଛଡ଼ାଇ ନେଇ ପକ୍ଷୀ ଭଳି ଆକାଶରେ ଉଡ଼ିଗଲା । ଏଥିରେ ରୁଷ୍ଟ ହୋଇ ତାକୁ ଗୋଟିଏ ସ୍ୱର୍ଣ୍ଣଚୂଡ଼ ପକ୍ଷୀ ହୋଇଯିବା ପାଇଁ ସୋମପ୍ରଭା ଅଭିଶାପ ଦିଅନ୍ତେ ସେ ତତ୍‌କ୍ଷଣାତ୍ ଗୋଟିଏ ପକ୍ଷୀରେ ପରିଣତ ହୋଇଗଲା । କିନ୍ତୁ ନିଜର ଭୁଲ ମାଗି ଭଉଣୀର ପାଦତଳେ ପଡ଼ିବାରୁ ସେ ଭାଇର ଶାପାନ୍ତ ଘୋଷଣା କରି କହିଲା, 'ମୂର୍ଖ, ତୁ ବଡ଼ ଭଉଣୀର କଥା ଶୁଣିଲୁ ନାହିଁ । କିଛିଦିନ ପକ୍ଷୀ ରୂପେ ବିଚରଣ କରିବା ପରେ ତୁ ଯାଇ ଗୋଟିଏ କୂଅ ଭିତରେ ପଡ଼ିବୁ । ଜଣେ ମହାତ୍ମା ତୋତେ ସେଥିରୁ ଉଦ୍ଧାର କରିବେ । ତୁ ତାଙ୍କର ଉପକାର କଲେ ଶାପମୁକ୍ତ ହେବୁ ।'

Digitized by srujanika@gmail.com

'ମୁଁ ହିଁ ସେହି ସ୍ୱର୍ଣ୍ଣଚୂଡ଼ ପକ୍ଷୀ । ରାତିରେ ମୁଁ ଏହି କୂଅ ଭିତରେ ଆସି ପଡ଼ିଥିଲି । ଆପଣ ଏଥିରୁ ମୋତେ ଉଦ୍ଧାର କଲେ । ବର୍ତ୍ତମାନ ମୁଁ ଯାଉଛି । ସଙ୍କଟ ସମୟରେ ମୋତେ ସ୍ମରଣ କରିବେ । ମୁଁ ଆପଣଙ୍କର ଉପକାର କରି ଶାପମୁକ୍ତ ହେବି ।' ଏହା କହି ପକ୍ଷୀଟି ଉଡ଼ିଯାନ୍ତେ ତପସ୍ୱୀ ସର୍ପ ଆଡ଼କୁ ଚାହିଁଲେ । ସେ ନିଜର ବୃତ୍ତାନ୍ତ ଶୁଣାଇବାକୁ ଯାଇ କହିଲା –

ସର୍ପର ଆତ୍ମକାହାଣୀ

''ମୁଁ ପୂର୍ବ ଜନ୍ମରେ କଶ୍ୟପ ଋଷିଙ୍କ ଆଶ୍ରମରେ ଜଣେ ମୁନିକୁମାର ଥିଲି । ସେଠାରେ ଅନ୍ୟ ଜଣେ ମୁନି ପୁତ୍ର ମୋର ବନ୍ଧୁଥିଲା । ଦିନେ ସ୍ନାନ କରିବା ପାଇଁ ସରୋବର ମଧ୍ୟରେ ପ୍ରବେଶ କରି ଦେଖିଲୁ ଯେ ଗୋଟିଏ ତିନିମୁଣ୍ଡିଆ ସର୍ପ ଆମ ଆଡ଼କୁ ଆସୁଅଛି । ମୋ ସହିତ ସ୍ନାନ କରୁଥିବା ମିତ୍ରଙ୍କୁ ମିଥ୍ୟା ଭୟ ଦେଖାଇବା ପାଇଁ ହିଡ଼ ଉପରେ ହିଁ ସର୍ପଟିକୁ ମନ୍ତ୍ରଦ୍ୱାରା ବନ୍ଧନ କଲି । ସ୍ନାନ ସାରି ଫେରିବା ବେଳେ ନିଶ୍ଚଳ ଭାବେ ଫଣାଟେକି ରହିଥିବା ସର୍ପଟିକୁ ଦେଖି ମିତ୍ର ମୂର୍ଚ୍ଛିତ ହୋଇପଡ଼ିଲେ । ମୁଁ ମୋର ବିଦ୍ୟା ପ୍ରଭାବରୁ କିଛି ସମୟ ମଧ୍ୟରେ ତାଙ୍କ ଚେତନା ଫେରାଇ ଆଣିଲି । କିନ୍ତୁ ସେ ମୋର ଏପ୍ରକାର କୌତୁକରେ କ୍ଷୁବ୍ଧ ହୋଇ ମୋତେ ଗୋଟିଏ ତିନିମୁଣ୍ଡିଆ ସର୍ପ ହେବା ପାଇଁ ଅଭିଶାପ ଦେଲେ । ମୁଁ ତାଙ୍କୁ ଅନୁନୟ ବିନୟ କରନ୍ତେ ସେ ଶାପାନ୍ତ ସମ୍ପର୍କରେ କହିଲେ ଯେ ମୁଁ ସର୍ପ ରୂପରେ ରହିଥିବାବେଳେ କୌଣସି କୂଅ ମଧ୍ୟରେ ଯାଇ ପଡ଼ିବି । ସେଠାରୁ ମୋତେ ଯିଏ ଉଦ୍ଧାର କରିବ ତା'ର ପ୍ରତ୍ୟୁପକାର କଲେ ମୋ'ର ଅଭିଶାପର ସୀମା ଶେଷ ହେବ ।

ଏହିପରି ସର୍ପ ରୂପରେ ସେହି କୂଅ ଭିତରେ ଥିଲାବେଳେ ଆପଣ ମୋତେ ଉଦ୍ଧାର କରିଛନ୍ତି । ବର୍ତ୍ତମାନ ମୁଁ ବିଦାୟ ନେଉଛି । ଆପଣ ସ୍ମରଣ କଲେ ମୁଁ ଆପଣଙ୍କର ପ୍ରତ୍ୟୁପକାର କରି ଶାପମୁକ୍ତ ହେବି ।''

ସର୍ପ ଚାଲିଯିବା ପରେ ସେହି ପାପିଷ୍ଠା ସ୍ତ୍ରୀ ନିଜର ବୃତ୍ତାନ୍ତ କହିବା ଆରମ୍ଭ କଲା –

ସ୍ତ୍ରୀର ଆତ୍ମକଥା

''ମୁଁ ଜଣେ ରାଜକର୍ମଚାରୀ କ୍ଷତ୍ରିୟ ସନ୍ତାନଙ୍କ ଭାର୍ଯ୍ୟା । ମୋର ପତି ଶୂର, ବୀର, ତ୍ୟାଗୀ, ଯୁବକ, ରୂପବାନ ଓ ଆତ୍ମାଭିମାନୀ । ତଥାପି ମୁଁ ପାପୀଷ୍ଠା ଅନ୍ୟ ପୁରୁଷ ସହିତ

Digitized by srujanika@gmail.com

ସହବାସ କରିବାରୁ କ୍ଷାନ୍ତ ହେଲିନାହିଁ । ଏହା ଜାଣିପାରି ମୋର ସ୍ୱାମୀ ମୋତେ ଜୀବନରେ ମାରିଦେବା ପାଇଁ ବିଚାର କଲେ । ମୁଁ ମୋ'ର ଜଣେ ଅନ୍ତରଙ୍ଗା ସଖୀଠାରୁ ଏହା ଜାଣିପାରି ରାତ୍ରିର ଅନ୍ଧକାରରେ ଗୃହତ୍ୟାଗ କଲି । ଏହି ପଥରେ ଆସୁଥିବା ବେଳେ କୂଅ ଭିତରେ ପଡ଼ିଯାଇ ଆପଣଙ୍କ ଦ୍ୱାରା ଉଦ୍ଧାର ପାଇଛି । ବର୍ତ୍ତମାନ ଆପଣଙ୍କ କୃପା ହେଲେ ଅନ୍ୟତ୍ର ଯାଇ ଜୀବନଯାପନ କରିବି । ଆପଣଙ୍କର ପ୍ରତ୍ୟୁପକାର କରିବା ଅଭିଳାଷ ପୋଷଣ କରି ବିଦାୟ ନେଉଛି ।''

ବୋଧିସତ୍ତ୍ୱଙ୍କ ଅଂଶରେ ଜନ୍ମଗ୍ରହଣ କରିଥିବା ତପସ୍ୱୀଙ୍କୁ ଏହା କହି ସେହି କୁଳଟା ଗୋତ୍ରବର୍ଦ୍ଧନ ନାମକ ରାଜାଙ୍କ ରାଜ୍ୟରେ ଯାଇ ପହଞ୍ଚିଲା ଏବଂ ରାଜ ଅନ୍ତଃପୁରର କିଛି ପରିଚାରିକାଙ୍କୁ ସନ୍ତୁଷ୍ଟ କରି ମହାରାଣୀଙ୍କ ସେବିକା ଭାବେ ଜୀବନ ବିତାଇବାକୁ ଲାଗିଲା ।

ବିଟପୀ ସ୍ତ୍ରୀ ସହ ବାର୍ତ୍ତାଳାପ ଦ୍ୱାରା ତପସ୍ୱୀଙ୍କ ସମସ୍ତ ସିଦ୍ଧି ନଷ୍ଟ ହେବା ଯୋଗୁଁ ଆଶ୍ରମସ୍ଥ ସମସ୍ତ ବୃକ୍ଷ ଶୁଷ୍କ ହୋଇପଡ଼ିଲେ; ଅରଣ୍ୟ ଫଳମୂଳ ହୀନ ହୋଇପଡ଼ିଲା । ଖାଦ୍ୟ ଅଭାବରେ କ୍ଷୁଧାତୁର ବୋଧିସତ୍ତ୍ୱ ସାହାଯ୍ୟ ପାଇଁ ସର୍ବପ୍ରଥମେ ସିଂହକୁ ସ୍ମରଣ କଲେ । ସ୍ମରଣ ମାତ୍ରେ ପୂର୍ବୋକ୍ତ ସିଂହ ଆସି ସେଠାରେ ଉପସ୍ଥିତ ହେଲା । ତପସ୍ୱୀଙ୍କ ଅବସ୍ଥା ଦେଖି ମୃଗମାଂସ ସଂଗ୍ରହ କରି ସେ ତପସ୍ୱୀଙ୍କ ଜୀବନ ରକ୍ଷା କରିବା ସଙ୍ଗେ ସଙ୍ଗେ କିଛିଦିନ ତାଙ୍କ ସେବାରେ ନିଜକୁ ନିଯୁକ୍ତ ରଖିଲା । ତପସ୍ୱୀ ସୁସ୍ଥ ହେବା ପରେ ସିଂହ ତା'ର ଅଭିଶାପର ସମୟ ଶେଷ ହୋଇଯାଇଥିବା ଜଣାଇ ନିଜର ସିଂହ ଶରୀର ପରିତ୍ୟାଗ ପୂର୍ବକ ବିଦ୍ୟାଧର ରୂପ ଧାରଣ କଲା ଏବଂ ତପସ୍ୱୀଙ୍କୁ ପ୍ରଣାମ କରି ତାଙ୍କ ଠାରୁ ବିଦାୟ ଗ୍ରହଣ ପୂର୍ବକ ବିଦ୍ୟାଧର ଲୋକକୁ ପ୍ରସ୍ଥାନ କଲା ।

ସିଂହର ଶାପ ମୁକ୍ତି ପରେ ତପସ୍ୱୀ ପୁଣି କ୍ଷୁଧା ପୀଡ଼ିତ ହୋଇ ସ୍ୱର୍ଣ୍ଣଚୂଡ଼ ପକ୍ଷୀକୁ ସ୍ମରଣ କଲେ । ସେ ମଧ୍ୟ ତତ୍‌କ୍ଷଣାତ୍ ଆସି ସେଠାରେ ଉପସ୍ଥିତ ହେଲା । ତପସ୍ୱୀଙ୍କ କରୁଣ ସ୍ଥିତି ଉପଲବ୍ଧି କରି ସେ ଉଡ଼ିଯାଇ ସ୍ୱଳ୍ପ ସମୟ ମଧ୍ୟରେ ଏକ ସ୍ୱର୍ଣ୍ଣାଳଙ୍କାର ପରିପୂର୍ଣ୍ଣ ପେଟିକା ଆଣି ତପସ୍ୱୀଙ୍କୁ ପ୍ରଦାନ କଲା । କହିଲା 'ଏହି ଧନରାଶି ଦ୍ୱାରା ଆପଣ ସମଗ୍ର ଜୀବନ ଆନନ୍ଦରେ ବିତାଇ ପାରିବେ । ବର୍ତ୍ତମାନ ମୋର ଶାପର ଅବଧି ଶେଷ ହେଲା । ଆପଣଙ୍କର କଲ୍ୟାଣ ହେଉ । ମୁଁ ଆସୁଛି ।' ଏହା କହି ସେ ବିଦ୍ୟାଧର କୁମାର ରୂପ ପରିଗହ ପୂର୍ବକ ନିଜ ଲୋକକୁ ଚାଲିଗଲା । ତା'ର ଦର୍ଶନରେ ପୁତ୍ର ବିରହୀ ବଜ୍ରଦଂଷ୍ଟ୍ର ଅତ୍ୟନ୍ତ ପ୍ରୀତ ହୋଇ ତାକୁ ରାଜପଦରେ ଅଭିଷିକ୍ତ କଲେ ।

Digitized by srujanika@gmail.com

ସ୍ୱର୍ଣ୍ଣଚୂଡ଼ ପକ୍ଷୀଟି ଚାଲିଯିବା ପରେ ତା'ଦ୍ୱାରା ପ୍ରଦତ୍ତ ଅଳଙ୍କାରଗୁଡ଼ିକରୁ କିଛି ବିକ୍ରୟ କରିବା ନିମିତ୍ତ ତପସ୍ୱୀ ଦୂରବର୍ତ୍ତୀ ଏକ ନଗରରେ ଯାଇ ପହଞ୍ଚିଲେ । ସେହି ନଗରରେ ହିଁ ଉକ୍ତ ପାପାଚାରିଣୀ କ୍ଷତ୍ରିୟ ପତ୍ନୀ ମହାରାଣୀଙ୍କ ସେବାରେ ନିଯୁକ୍ତ ଥାଏ । ତପସ୍ୱୀ ନଗର ମଧ୍ୟରେ ପ୍ରବେଶ କରି ଜଣେ ବୃଦ୍ଧାର ଗୃହରେ ଆଶ୍ରୟ ନେଲେ । ପରଦିନ ଅଳଙ୍କାର ବିକ୍ରୟ ନିମିତ୍ତ ବଜାର ମଧ୍ୟକୁ ଗଲାବେଳେ କୂପ ମଧ୍ୟରୁ ସେ ଉଦ୍ଧାର କରିଥିବା ସ୍ତ୍ରୀଟି ସହିତ ତାଙ୍କର ସାକ୍ଷାତ ହେଲା । ତା' ସହିତ କଥାବାର୍ତ୍ତା କରି ସେ ଜାଣିଲେ ଯେ ସେହି ଭ୍ରଷ୍ଟଚରିତ୍ରା ନାରୀ ମହାରାଣୀଙ୍କର ସେବିକା ଭାବେ ସେଠାରେ ରହିଅଛି । ତା'ସହିତ ସୁଖଦୁଃଖ ହେଉଥିଲାବେଳେ ସରଳ ବିଶ୍ୱାସୀ ତପସ୍ୱୀ କେବଳ ତାକୁ ଯେ ସ୍ୱର୍ଣ୍ଣଚୂଡ଼ ଦ୍ୱାରା ଆନୀତ ଅଳଙ୍କାର ପେଟିକା ସମ୍ପର୍କରେ କହିଲେ ତା' ନୁହେ, ସେ ରହୁଥିବା ବୃଦ୍ଧାର ଗୃହକୁ ତା'ସହିତ ଯାଇ ପେଟିକାଟି ମଧ୍ୟ ଦେଖାଇଲେ । ସେ ଯାଇ ମହାରାଣୀଙ୍କୁ ଏହାର ସୂଚନା ଦେଲା । ତାକୁ ଦେଖି ଗୋଟିଏ ସ୍ୱର୍ଣ୍ଣଚୂଡ଼ ପକ୍ଷୀ ତାଙ୍କ ସମ୍ମୁଖରୁ ହିଁ ଅଳଙ୍କାର ପେଡ଼ିଟି ନେଇ ଉଡ଼ିଯାଇଥିବା ତାଙ୍କର ସ୍ମରଣ ହେଲା । ତାହା ପୁଣି ନଗର ମଧ୍ୟକୁ ଆସିଯାଇଥିବା ଜାଣିପାରି ରାଣୀ ତାକୁ ଉଦ୍ଧାର କରିବା ପାଇଁ ରାଜାଙ୍କୁ ଅନୁରୋଧ ଜଣାଇଲେ । ରାଜା ମଧ୍ୟ ସେହି ବିଶ୍ୱାସଘାତିନୀ ଦ୍ୱାରା ସୂଚିତ ରତ୍ନପେଟିକା ଓ ତପସ୍ୱୀଙ୍କୁ ସେବକମାନଙ୍କ ଦ୍ୱାରା ଧରିଆଣିଲେ । ତା'ଠାରୁ ସମସ୍ତ ବୃତ୍ତାନ୍ତ ଶୁଣିଲା ପରେ ରାଜା ଅବଶ୍ୟ ତା'ର ସତ୍ୟତା ଉପଲବ୍ଧି କଲେ । କିନ୍ତୁ ସେ ଅଳଙ୍କାରଗୁଡ଼ିକୁ ମହାରାଣୀଙ୍କ ନିକଟକୁ ପଠାଇ ଦେଇ ତପସ୍ୱୀଙ୍କୁ କାରାରୁଦ୍ଧ କଲେ ।

କାରାଗାର ମଧ୍ୟରେ ରହି ତପସ୍ୱୀ ଆତ୍ମରକ୍ଷା ନିମିତ୍ତ ପୂର୍ବୋକ୍ତ ତ୍ରିଫଣ ସର୍ପକୁ ସ୍ମରଣ କଲେ । ସର୍ପଟି ପୂର୍ବ ଉପକାର ସ୍ମରଣ କରି ତତ୍‌କ୍ଷଣାତ୍ ସେଠାରେ ଆସି ପହଞ୍ଚିଲା । ସେ ସାଧୁଙ୍କ ଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି କହିଲା, 'ଠିକ୍ ଅଛି ମୁଁ ବର୍ତ୍ତମାନ ହିଁ ଯାଇ ରାଜାଙ୍କୁ ଆପାଦମସ୍ତକ ବେଷ୍ଟନ କରୁଛି । ତୁମେ ଆସି ତାଙ୍କୁ ଛାଡ଼ିଦିଅ ବୋଲି ନକହିବା ପର୍ଯ୍ୟନ୍ତ ମୁଁ ତାଙ୍କୁ ଛାଡ଼ିବି ନାହିଁ । ତୁମେ ମଧ ରାଜାଙ୍କୁ ସର୍ପବେଷ୍ଟନୀରୁ ମୁକ୍ତ କରିପାରିବ ବୋଲି ସେବକମାନଙ୍କୁ କହ । ତୁମେ ଆସି ଛାଡ଼ିଦେବା ପାଇଁ ଅନୁରୋଧ କଲେ ମୁଁ ରାଜାଙ୍କୁ ମୁକ୍ତ କରିବି । ତା'ର ପ୍ରତିଦାନରେ ରାଜା ତୁମକୁ ନିଜ ରାଜ୍ୟର ଅର୍ଦ୍ଧାଂଶ ପ୍ରଦାନ କରିବେ ।'

ଏହାକହି ସର୍ପ ଯାଇ ରାଜାଙ୍କ ଆପାଦମସ୍ତକ ବେଷ୍ଟନ କଲା ଏବଂ ତାଙ୍କ ମସ୍ତକ ଉପରେ ନିଜର ତିନୋଟି ଫଣାଟେକି ଫୁତ୍‌କାର କରିବାକୁ ଲାଗିଲା । ଏହି ଘଟଣାରେ ରାଜ୍ୟବାସୀ ହତଚକିତ ହୋଇପଡ଼ିଲେ । ରାଜ୍ୟରେ କୋଳାହଳ ରଚିଗଲା । ତପସ୍ୱୀ

Digitized by srujanika@gmail.com

ଏସବୁ ଦେଖି ସେ ରାଜାଙ୍କୁ ସର୍ପମୁକ୍ତ କରିପାରିବେ ବୋଲି ସେବକମାନଙ୍କ ନିକଟରେ ପ୍ରକାଶ କଲେ । ସେବକମାନଙ୍କ ଠାରୁ ଶୁଣି ରାଜା ତାଙ୍କୁ ନିକଟକୁ ଡକାଇ କହିଲେ ଯେ ସେ ଯଦି ତାଙ୍କୁ ସର୍ପଦାଉରୁ ରକ୍ଷା କରନ୍ତି ତେବେ ସେ ନିଜ ରାଜ୍ୟର ଅର୍ଦ୍ଧେକ ଅଂଶ ତାଙ୍କୁ ପ୍ରଦାନ କରିବେ । ତାଙ୍କର ଏହି ମନ୍ତ୍ରୀମାନେ ହିଁ ସେମାନଙ୍କର ସାକ୍ଷୀ । ଏହା ଶୁଣି ପୂର୍ବ ମନ୍ତ୍ରଣା ଅନୁଯାୟୀ ତପସ୍ୱୀ ଅନୁରୋଧ କରିବା ମାତ୍ରେ ସର୍ପଟି ରାଜାଙ୍କ ଶରୀରରୁ ଓହ୍ଲାଇଗଲା । ରାଜା ସୁସ୍ଥ ହୋଇ ନିଜେ ପ୍ରତିଜ୍ଞା କରିଥିବା ଅର୍ଦ୍ଧରାଜ୍ୟ ତପସ୍ୱୀଙ୍କୁ ପ୍ରଦାନ କଲେ । ସର୍ପରୂପୀ ମୁନିକୁମାର ମଧ୍ୟ ଶାପମୁକ୍ତ ହୋଇ ରାଜଦରବାରରେ ନିଜର ବୃତ୍ତାନ୍ତ ଶୁଣାଇବା ପରେ ମହର୍ଷି କଶ୍ୟପଙ୍କ ଆଶ୍ରମକୁ ଫେରିଗଲା ।

ଏହିପରି ଉତ୍ତମ ଲୋକମାନେ ନିଶ୍ଚିତ ଭାବେ ସମସ୍ତ କଲ୍ୟାଣ ଲାଭ କରିଥାନ୍ତି ଏବଂ ଦୁଷ୍ଟ ବୁଦ୍ଧି ବ୍ୟକ୍ତିମାନେ ସର୍ବଦା କ୍ଳେଶ ହିଁ ପାଇଥାନ୍ତି । ସ୍ତ୍ରୀମାନଙ୍କ ହୃଦୟ ଅବିଶ୍ୱାସର ଆସ୍ପଦ । ଜୀବନ ଦେଲେ ମଧ୍ୟ ସେମାନେ ପ୍ରତି-ଉପକାର କରିବା ଜାଣନ୍ତି ନାହିଁ । ସେମାନଙ୍କ ସମ୍ପର୍କରେ ଆଉ ଅଧିକ କ'ଣ ବା କହିବି !

ଏବଂ ନିଶ୍ଚିତମଭ୍ୟେତି ଶୁଭମେବ ଶୁଭାତ୍ମନାଂ
ଏବଂ ଚାତିକ୍ରମୋ ନାମ କ୍ଳେଶାୟ ମହତାମପି ।
ଅବିଶ୍ୱାସାସ୍ପଦଂ ଚୈବ ସ୍ତ୍ରୀଣାଂ ସ୍ପୃଶତି ନାଶୟଂ
ପ୍ରାଣଦାନୋପକାରୋଽପି କିଂ ତାସାମନ୍ୟଦୁଚ୍ୟତେ ।

ଗୋମୁଖ ନାରୀମାନଙ୍କ ଚରିତ୍ର ସମ୍ପର୍କରେ ଏପରି ଏକ କଥା କହି ପୁଣି କିଛି ମୂର୍ଖଙ୍କ କଥା ଶୁଣାଇବା ଆରମ୍ଭ କଲେ ।

ମୂର୍ଖ ଭିକ୍ଷୁ କଥା

କୌଣସି ଏକ ବୌଦ୍ଧ ବିହାର ମଧ୍ୟରେ ଜଣେ ଭିକ୍ଷୁ ରହୁଥାନ୍ତି । ଦିନେ ସେ ଭିକ୍ଷା କରି ଯାଇଥିବା ସମୟରେ ତାଙ୍କ ଗୋଡ଼କୁ ଗୋଟିଏ କୁକୁର କାମୁଡ଼ିଦେଲା । ସେ ବିହାର ମଧ୍ୟକୁ ଫେରିଆସି କ୍ଷତ ସ୍ଥାନରେ ପଟି ବାନ୍ଧିବା ବେଳେ ଚିନ୍ତା କଲେ ଯେ ମୋର ଏହି ପଟିକୁ ଦେଖି ସମସ୍ତେ କ'ଣ ହେଲା ବୋଲି ପଚାରିବେ । ପ୍ରତ୍ୟେକଙ୍କୁ ଥର ଥର କରି କୁକୁର କାମୁଡ଼ିବା କଥା କହିବାକୁ ପଡ଼ିବ । ଏଣୁ ସମସ୍ତଙ୍କୁ ଏକା ସାଙ୍ଗରେ ଏ ସମ୍ପର୍କରେ ଜଣାଇଦେଲେ ଏ ଜଞ୍ଜାଳରୁ ମୁକ୍ତି ମିଳିବ । ଏହିପରି ଚିନ୍ତାକରି ସେହି ମୂର୍ଖ ଭିକ୍ଷୁ ବିହାରର ଛାତ ଉପରକୁ ଉଠିଗଲେ । ସେଠାରେ ଆପତ୍କାଳୀନ ସୂଚନା ଦେବା ସକାଶେ ଥିବା

Digitized by srujanika@gmail.com

ଘଣ୍ଟାଟିକୁ ସେ ଖୁବ୍ ଜୋର୍‌ରେ ବଜାଇବାକୁ ଲାଗିଲେ । ଅସମୟରେ ଘଣ୍ଟା ଶବ୍ଦ ଶୁଣି ଭିକ୍ଷୁମାନେ ସେଠାରେ ଆସି ଆଶ୍ଚର୍ଯ୍ୟ ଚକିତ ଭାବେ ରୁଣ୍ଡୀଭୂତ ହେବାରୁ ସେହି ମୂର୍ଖ ଭିକ୍ଷୁ ଖୁବ୍ ପାଟିକରି କହିଲେ, 'ମୋର ଗୋଡ଼କୁ କୁକୁର କାମୁଡ଼ି ଦେଇଛି, ଏକଥା ମୁଁ ତମ ସମସ୍ତଙ୍କୁ ଥରଥର କରି କେତେ ବା କହନ୍ତି । ତେଣୁ ଏକା ସାଙ୍ଗରେ ସମସ୍ତଙ୍କୁ କହିବା ପାଇଁ ମୁଁ ଏହି ଘଣ୍ଟା ବଜାଉଥିଲି ।' ଏହା କହି ସେ ସମସ୍ତଙ୍କୁ ନିଜର ଗୋଡ଼ଟି ଦେଖାଇଦେଲେ । ଭିକ୍ଷୁମାନଙ୍କର ବିସ୍ମୟ ଭାବ ତ କଟିଗଲା; ସେମାନେ ଏତିକି କଥା ପାଇଁ ଏତେ ବଡ଼ କାଣ୍ଡ କରିଥିବାରୁ ହସିହସି ଗଡ଼ିଗଲେ ।

ମୂର୍ଖ ଭିକ୍ଷୁର କଥା ତ ଶୁଣିଲେ, ବର୍ତ୍ତମାନ ଅନ୍ୟ ଏକ ବାହ୍ଲିକ ଦେଶବାସୀ ମୂର୍ଖକଥା ଶୁଣନ୍ତୁ –

ମୂର୍ଖ କୃପଣ କଥା

କୌଣସି ସ୍ଥାନରେ ବାହ୍ଲିକ ଦେଶରୁ ଆସିଥିବା ଏକ ବ୍ୟକ୍ତି ବାସ କରୁଥାଏ । ସେ ଯେପରି ଧନୀ ସେହିପରି କୃପଣ । ସେ ସବୁବେଳେ ବିନା ଲୁଣରେ ଛତୁଆ ଖାଉଥାଏ । ଛତୁଆ ବ୍ୟତୀତ ଜୀବନରେ ସେ ଅନ୍ୟ ଖାଦ୍ୟପଦାର୍ଥର ସ୍ୱାଦୁ କେବେ ଚାଖିନାହିଁ । କେବଳ ନିଜେ ନୁହେଁ ତା' ସ୍ତ୍ରୀକୁ ମଧ୍ୟ ତାହାହିଁ ଖାଇବାକୁ ଦିଏ ।

ଦିନେ ବିଧାତା ଦ୍ୱାରା ଅନୁପ୍ରେରିତ ହୋଇ ସେ ସ୍ତ୍ରୀକୁ କହିଲା, 'ଆଜି କ୍ଷୀରୀ ଖାଇବା ପାଇଁ ମୋର ଭାରି ମନେ ହେଉଛି । ତୁ ଆଜି ଟିକିଏ କ୍ଷୀରୀ କର ।' ପତ୍ନୀ ଖୁସିରେ କ୍ଷୀରୀ କରିବା ପାଇଁ ଚାଲିଯିବାରୁ ସେ ଘର ଭିତରେ ଥିବା ଗୋଟିଏ ଖଟିଆ ଉପରେ ଯାଇ ପଡ଼ିଗଲା । ଅବଶ୍ୟ ଶୋଇବା ପାଇଁ ନୁହେଁ, କିନ୍ତୁ ବାହାରକୁ ଗଲେ କୌଣସି ଅତିଥି ଆସିଯିବେ ବୋଲି । କିନ୍ତୁ ଏ ସମୟରେ ଘର ଭିତରକୁ ତା'ର ଜଣେ ଧୂର୍ତ୍ତ ବନ୍ଧୁ ପଶିଆସିଲେ । ସେ ମିତ୍ର କେଉଁଠି ଅଛନ୍ତି ବୋଲି ବନ୍ଧୁପତ୍ନୀଙ୍କୁ ପଚାରୁ ପଚାରୁ ବନ୍ଧୁ ପତ୍ନୀ ତା' ପ୍ରଶ୍ନର ଉତ୍ତର ନଦେଇ ସ୍ୱାମୀଙ୍କ ନିକଟକୁ ଚାଲିଗଲା । ମୂର୍ଖ କୃପଣ ସ୍ତ୍ରୀଠାରୁ ମିତ୍ର ଆସିଥିବା କଥା ଶୁଣି କହିଲା 'ମୋର ପାଦ ଦୁଇଟିକୁ ଜାବୁଡ଼ି ଧରି ତୁ ଏଇଠି ବସି ଖୁବ୍ ଜୋରରେ କାନ୍ଦିବା ଆରମ୍ଭ କରେ । ଯଦି ମିତ୍ର ଆସି କିଛି ପଚାରେ ତା'ହେଲେ ତାକୁ କହ ଯେ ମୁଁ ମରିଯାଇଛି । ସେ ଚାଲିଯିବା ପରେ ଆମେ ଖୁସିରେ କ୍ଷୀରୀ ଖାଇବା ।' ପତିର ନିର୍ଦ୍ଦେଶରେ ପତ୍ନୀ ସେଠାରେ ବସି କାନ୍ଦିବା ଆରମ୍ଭ କଲା । ଧୂର୍ତ୍ତମିତ୍ର ଏହାର କାରଣ

Digitized by srujanika@gmail.com

ମିତ୍ରର ମୃତ୍ୟୁ ବୋଲି ଶୁଣି ଚିନ୍ତା କଲା, 'ମୁଁ ତ ଏବେଏବେ ଏହାକୁ ଖୁସିରେ କ୍ଷୀରୀ ରାନ୍ଧୁଥିବା ଦେଖିଥିଲି । ସାଙ୍ଗେ ସାଙ୍ଗେ ବିନା ରୋଗରେ ମୋର ବନ୍ଧୁ ମରିଗଲା କିପରି ? ମୋତେ ଦେଖି ନିଶ୍ଚୟ ଏମାନେ ଏପରି ଛଳନା କରୁଛନ୍ତି । ତେଣୁ ମୋର ଏଠାରୁ ଚାଲିଯିବା ଉଚିତ ନୁହେଁ ।' ଏହିପରି ଚିନ୍ତା କରି ସେ ମଧ୍ୟ ସେଠାରେ ବସିଯାଇ ହା'ମିତ୍ର ହା'ମିତ୍ର ବୋଲି ଖୁବ୍ ବଡ଼ ପାଟିରେ କାନ୍ଦିବାକୁ ଲାଗିଲା । ତା'ର ଚିତ୍କାର ଏବଂ ନାରୀକଣ୍ଠର କ୍ରନ୍ଦନ ଶୁଣି ସାହି ପଡ଼ିଶାରୁ ବନ୍ଧୁବାନ୍ଧବ ଓ ସ୍ୱଜନମାନେ ଆସି ପହଞ୍ଚିଗଲେ । ଶବ ସତ୍କାର ପାଇଁ ଆୟୋଜନ ଆରମ୍ଭ ହେଲା । ଏହା ଦେଖି ସ୍ତ୍ରୀ ଯେତେବେଳେ ତା' କାନ ପାଖକୁ ଯାଇ କହିଲା 'ଏଥର ଉଠିପଡ଼, ନହେଲେ ସାହି ଭାଇମାନେ ତମକୁ ନେଇ ଶ୍ମଶାନରେ ପୋଡ଼ିଦେବେ ।' କୃପଣ ଧୀର ସ୍ୱରରେ ସ୍ତ୍ରୀକୁ ଏକାନ୍ତରେ କହିଲା, 'ଏହା ଅସମ୍ଭବ । ମୋର ଏହି ଧୂର୍ତ୍ତ ମିତ୍ର କ୍ଷୀରୀ ଖାଇବା ପାଇଁ ଏପରି ଚାଲାକି କରୁଛି । ଯଦି ମୁଁ ମରିଯାଇଛି ତେବେ ଏମାନେ ନଯିବା ପର୍ଯ୍ୟନ୍ତ ମୁଁ ଏଠାରୁ ଉଠିବି ନାହିଁ । ମୋ'ପରି ଲୋକପାଇଁ କ୍ଷୀରୀ କଣ ମୁଠିଏ ଚାଉଳ ମଧ୍ୟ ପ୍ରାଣଠାରୁ ଅଧିକ ।' ସ୍ତ୍ରୀକୁ ଏପରି କହୁଥିବା ଠଉରାଇପାରି ତା'ର ଦୁଷ୍ଟ ମିତ୍ର ଅନ୍ୟମାନଙ୍କ ସହିତ ଶ୍ମଶାନକୁ ନେଇ ତା'ର ଦାହ ସଂସ୍କାର କରିଦେଲା । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଚିତାରେ ଜଳିଗଲା ବେଳେ ମଧ୍ୟ କୃପଣ ଟିକିଏ ବି ହଲଚଲ ହେଲାନାହିଁ କି ଶବ୍ଦଟିଏ ପ୍ରକାଶ କଲାନାହିଁ । ମୂର୍ଖ ପ୍ରାଣ ଦେଲା ପଛେ ଅନ୍ୟକୁ କ୍ଷୀରୀ ଟିକିଏ ଦେଲାନାହିଁ । କିନ୍ତୁ ତା'ର ମୃତ୍ୟୁ ପରେ ଏତେ କଷ୍ଟରେ ଠୁଳ କରିଥିବା ସମ୍ପତ୍ତି ଖାଇଲା କିଏ ?

ମାର୍ଜାର ମୂର୍ଖ କଥା

ଉଜ୍ଜୟିନୀର କୌଣସି ମଠରେ ଜଣେ ମୂର୍ଖ ଅଧ୍ୟାପକ ରହୁଥିଲେ । ମୂଷାମାନଙ୍କ ଉପଦ୍ରବରୁ ରାତିରେ ସେ ଶୋଇପାରନ୍ତି ନାହିଁ । ନିଜର ଏହି ଦୁଃଖ ଜଣେ ମିତ୍ରଙ୍କୁ ଜଣାନ୍ତେ ସେ ଗୋଟିଏ ବିରାଡ଼ି ଆଣି ରଖିଲେ ମୂଷାମାନେ ଆଉ ଉପଦ୍ରବ କରିବେ ନାହିଁ ବୋଲି ଉପଦେଶ ଦେଲେ । ଅଧ୍ୟାପକ ମହାଶୟ ଜୀବନରେ କେବେ ବିରାଡ଼ି ଦେଖିନଥିବା ଏବଂ ତା'ର ରୂପ, ଗୁଣ, ରହିବା ସ୍ଥାନ ଇତ୍ୟାଦି ଜାଣିନଥିବା ଜଣାଇବାରୁ ସେ କହିଲେ ଯେ ବିରାଡ଼ିର ବର୍ଣ୍ଣ ଧୂସର କିମ୍ବା ଈଷତ୍ ଲାଲ୍, ଆଖିଗୁଡ଼ିକ ତା'ର କାଚ଼ପରି ସ୍ୱଚ୍ଛ ଏବଂ ତା'ର ପିଠି ଉପରେ ଲୋମଶ ଚମଡ଼ା ଥାଏ । ସେ ଗଳିକନ୍ଦିରେ ବୁଲୁଥାଏ । ଏପରି ଏକ ପ୍ରଣୀକୁ ନେଇ ଆସିଲେ ଆଉ ମୂଷା ଉପଦ୍ରବ ରହିବ ନାହିଁ । ଏହା କହି ମିତ୍ର ନିଜ ଘରକୁ ଚାଲିଗଲେ ।

Digitized by srujanika@gmail.com

ସେ ଚାଲିଯିବା ପରେ ଅଧ୍ୟାପକ ଶିଷ୍ୟମାନଙ୍କୁ କହିଲେ 'ବିରାଡ଼ିର ଚିହ୍ନ ସବୁ ଜାଣିଲ । ଏବେ ଗାଁର ଗଳିକନ୍ଦି ବୁଲି ସେ ଅନୁସାରେ ବିରାଡ଼ିଟିଏ ଧରି ଆଣ ।' ଶିଷ୍ୟମାନେ ଗଳିକନ୍ଦି ବୁଲିବୁଲି ଏପରି ଏକ ବିରାଡ଼ିକୁ କେଉଁଠାରେ ଖୋଜି ପାଇଲେ ନାହିଁ । ମଠକୁ ଫେରି ଆସୁଥିଲାବେଳେ ସେମାନେ ଶେଷ ଗଳି ମୁହଁରେ ଜଣେ ବାଳ ବ୍ରହ୍ମଚାରୀକୁ ଦେଖିବାକୁ ପାଇଲେ । ତା'ର ନେତ୍ର ଯୁଗଳ କାଚ ପରି ସ୍ୱଚ୍ଛ ଥିଲା । ରଙ୍ଗ କପିଳ ବର୍ଣ୍ଣ ଥିଲା ଏବଂ ସେ ପିଠି ଉପରେ ଏକ ଲୋମଯୁକ୍ତ ମୃଗଚର୍ମ ଘୋଡ଼ାଇଥିଲା । ସେମାନେ ଏହାକୁ ହିଁ ବିରାଡ଼ି ବୋଲି ମନେକରି ଗୁରୁଙ୍କ ସମୀପକୁ ନେଇଆସିଲେ । ଗୁରୁ ମଧ ତା'ଠାରେ ମିତ୍ର କହିଥିବା ଲକ୍ଷଣଗୁଡ଼ିକୁ ଦେଖି ତାକୁ ପ୍ରକୃତ ବିରାଡ଼ି ମନେକରି ମଠରେ ସ୍ଥାନ ଦେଲେ । ସେହି ବାଳବ୍ରହ୍ମଚାରୀଙ୍କୁ ତାଙ୍କ ସାଙ୍ଗମାନେ ବିଲେଇ ବିଲେଇ ବୋଲି ଡାକୁଥାନ୍ତି । ତେଣୁ ମଠରେ ମଧ ତାକୁ ସେହି ନାମରେ ଡାକୁଥିବା ଶୁଣି ସେ ନିଜକୁ ବିରାଡ଼ି ବୋଲି ହିଁ ମନେକଲା । ସଂଯୋଗବଶତଃ ବାଳକଟି ଥିଲା ଅଧ୍ୟାପକଙ୍କ ମିତ୍ରର ପୁତ୍ର ।

ପରଦିନ ପ୍ରଭାତରୁ ମିତ୍ର ଆସି ମଠରେ ନିଜ ପୁତ୍ରକୁ ଦେଖି, ତାକୁ ସେଠାକୁ କିଏ ଆଣିଲା ବୋଲି ଅଧ୍ୟାପକଙ୍କୁ ପଚାରିଲେ । ଏଥିରେ ଶିଷ୍ୟମାନେ କହିଲେ ଯେ ସେ କହିଥିବା ଲକ୍ଷଣ ସବୁ ଦେଖି ସେମାନେ ଏହି ବିରାଡ଼ିକୁ ଧରି ଆଣିଛନ୍ତି । ଏଥିରେ ଅଧ୍ୟାପକଙ୍କ ମିତ୍ର କାନ୍ଦିବେ କି ହସିବେ ବୁଝିପାରିଲେ ନାହିଁ । ସେ ସେମାନଙ୍କୁ କହିଲେ, 'ଆରେ ମୂର୍ଖ, ବିରାଡ଼ି କେଉଁଠି, ମନୁଷ୍ୟ କେଉଁଠି । ବିରାଡ଼ି ଗୋଟିଏ ପଶୁ । ତା'ର ଚାରୋଟି ଗୋଡ଼ ଓ ଗୋଟିଏ ଲାଞ୍ଜ ଥାଏ ।' ଏହା ଶୁଣି ଶିଷ୍ୟମାନେ, ତା'ହେଲେ ଆମେ ସେହିପରି ଗୋଟିଏ ବିରାଡ଼ିକୁ ଖୋଜି ଆଣୁଛୁ ବୋଲି କହି ସେହି ବ୍ରହ୍ମଚାରୀକୁ ପିତାଙ୍କ ସହିତ ପଠାଇ ଦେଲେ ।

ପ୍ରକୃତରେ ମୂର୍ଖତା କାହାକୁ ବା ହସାଇ ନଥାଏ । ଆପଣ ତ ମାର୍ଜାର ମୂର୍ଖର କଥା ଶୁଣିଲେ, ବର୍ତ୍ତମାନ ଆଉ ଜଣେ ମଠାଧିକାରୀ ମହନ୍ତଙ୍କ କଥା ଶୁଣନ୍ତୁ –

ମୂର୍ଖ ମହନ୍ତ କଥା

ପୂର୍ବେ କୌଣସି ଏକ ମଠରେ ଜଣେ ମହାମୂର୍ଖ ମହନ୍ତ ରହୁଥାନ୍ତି । ଦିନେ ଜଣେ ବିଦ୍ୱାନ୍ ପ୍ରବଚନ ଦେଉଥିବା ବେଳେ ଶୁଣିଲେ ଯେ ପୁଷ୍କରିଣୀ ଖୋଳାଇଲେ ଇହଲୋକରେ ବହୁତ ପୁଣ୍ୟ ହୁଏ । ମଠର ପ୍ରଚୁର ସମ୍ପତ୍ତି ଥିଲା । ତେଣୁ ସେ ମଠ ପାର୍ଶ୍ୱରେ ହିଁ ଏକ

Digitized by srujanika@gmail.com

ଜଳପୂର୍ଣ୍ଣ ବିଶାଳ ପୁଷ୍କରିଣୀ ଖୋଳାଇଲେ । ପ୍ରତ୍ୟହ ସେ ତା'ର ଚାରିପାର୍ଶ୍ୱରେ ବୁଲୁଥାନ୍ତି । ଦିନେ ଏହାର ଗୋଟିଏ ହିଡ଼ ଖୋଳା ଯାଇଥିବା ତାଙ୍କ ଦୃଷ୍ଟିରେ ପଡ଼ିଲା । ପରଦିନ ସେ ଦେଖିଲେ ଯେ ଅନ୍ୟ ଗୋଟିଏ ପାର୍ଶ୍ୱକୁ ମଧ୍ୟ କିଏ ଜଣେ ଖୋଳି ଦେଇ ଯାଇଛି । ପରଦିନ ଆସି ଏହାର ସନ୍ଧାନ ନେବେ ବୋଲି ମନେକରି ସେ ମଠକୁ ଫେରିଗଲେ । ପରଦିନ ପ୍ରତ୍ୟୁଷରୁ ସେ ଆସି ପୁଷ୍କରିଣୀ ତଟରେ ଅପେକ୍ଷା କରିଥାନ୍ତି । ଏ ସମୟରେ ଆକାଶ ମାର୍ଗରୁ ଗୋଟିଏ ହୃଷ୍ଟପୁଷ୍ଟ ଷଣ୍ଢ ଓହ୍ଲାଇ ଆସି ପୁଷ୍କରିଣୀର ହିଡ଼ ସବୁକୁ ଖୋଳୁଥିବା ସେ ଦେଖିବାକୁ ପାଇଲେ । ତାକୁ ଦେଖି ସେ ମନେମନେ ଚିନ୍ତାକଲେ ଯେ ଷଣ୍ଢଟି ନିଶ୍ଚୟ ସ୍ୱର୍ଗଲୋକରୁ ଆସିଛି । ଏହାର ସାହାଯ୍ୟରେ ସେ ସ୍ୱର୍ଗପୁରକୁ ଯାଇପାରିବେ । ଏହା ନିଶ୍ଚୟ କରି ଷଣ୍ଢ ଯିବା ପାଇଁ ଉଦ୍ୟତ ହେଲାବେଳେ ସେ ତା'ର ପୁଚ୍ଛକୁ ଯାଇ ଦୁଇ ହାତରେ ଭିଡ଼ିଧରିଲେ । ଷଣ୍ଢ ଥିଲା ଭଗବାନ୍ କୈଳାସ ପତିଙ୍କ ବାହନ । ସେ କ୍ଷଣକ ମଧ୍ୟରେ ମଠାଧୀଶଙ୍କୁ ଧରି କୈଳାସ ଧାମରେ ଯାଇ ପହଞ୍ଚିଲା ।

ମହନ୍ତ ମହାରାଜ କୈଳାସ ଶିଖରରେ ଦିବ୍ୟ ଲଡୁ ଆଦି ଭୋଜନ କରି ଦିବ୍ୟସୁଖରେ ସେଠାରେ କିଛିଦିନ ବାସ କଲେ । ପ୍ରତିଦିନ ନନ୍ଦୀ ପୃଥିବୀ ପୃଷ୍ଠକୁ ଆସି ଫେରୁଥିବା ଲକ୍ଷ୍ୟ କରୁଥାନ୍ତି । ଦିନେ ତାଙ୍କର ଇଚ୍ଛା ହେଲା ଯେ ମର୍ତ୍ତ୍ୟପୁରକୁ ଆସି ସେ ତାଙ୍କର ବନ୍ଧୁମାନଙ୍କୁ ସାକ୍ଷାତ କରି ଏବଂ ଏହି ଦିବ୍ୟ ଅନୁଭୂତି ବର୍ଣ୍ଣନା କରି ସେମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେବେ । ପରଦିନ ନନ୍ଦୀଙ୍କ ପୁଚ୍ଛକୁ ଧାରଣ କରି ସେହି ମୂର୍ଖ ମହନ୍ତ ନିଜ ମଠକୁ ଫେରିଆସିଲେ । ଦୀର୍ଘଦିନ ପରେ ମହନ୍ତଙ୍କୁ ଦେଖି ଏ ସମ୍ପର୍କରେ ଜିଜ୍ଞାସା କରନ୍ତେ ସେ ମଠରେ ଥିବା ସମସ୍ତଙ୍କୁ କୈଳାସ ଯାତ୍ରାର ସମଗ୍ର ବିବରଣୀ ଶୁଣାଇ ବିସ୍ମିତ କରିଦେଲେ । ସମସ୍ତେ ତାଙ୍କୁ ଅନୁରୋଧ କଲେ ଯେ ସେ ମଠରେ ଥିବା ସମସ୍ତ ଶିଷ୍ୟ ଓ ପରିଜନମାନଙ୍କୁ ଥରେ ନେଇ କୈଳାସ ବୁଲାଇ ଆଣନ୍ତୁ । ସେମାନେ ମଧ୍ୟ ସେହି ଦିବ୍ୟଲଡୁ ଖାଇ ଆନନ୍ଦଲାଭ କରିବେ ।

ସେମାନଙ୍କ ଅନୁରୋଧ ରକ୍ଷା କରି ମହନ୍ତ ତାଙ୍କୁ ଯିବାର ଉପାୟ ବତାଇ ଦେଲେ । ପରଦିନ ସମସ୍ତେ ଯାଇ ପୁଷ୍କରିଣୀ ତଟରେ ପହଞ୍ଚିବା ବେଳେ ଭଗବାନ ନନ୍ଦୀ ଆସି ସେଠାରେ ବିଚରଣ କରୁଥାନ୍ତି । ନିକଟରେ ଥିବା ସମସ୍ତ ମୂର୍ଖଙ୍କୁ ଇଙ୍ଗିତ ଦେଇ ମହନ୍ତ ଦୁଇ ହାତରେ ତାଙ୍କ ପୁଚ୍ଛ ଧାରଣ କଲେ । ଏହାପରେ ଅନ୍ୟଜଣେ ଶିଷ୍ୟ ତାଙ୍କ ପାଦ ଯୁଗଳକୁ ଭିଡ଼ି ଧରିଲା । ତା' ପାଦକୁ ଆଉ ଜଣେ, ତା' ପାଦକୁ ଆଉଜଣେ ଏହିପରି ନନ୍ଦିଙ୍କ ପୁଚ୍ଛରୁ ଏକ ଦୀର୍ଘ ମନୁଷ୍ୟମାଳା ତଳକୁ ଲମ୍ବିଗଲା । ନନ୍ଦୀ ଏମାନଙ୍କୁ ଧରି କ୍ଷିପ୍ର

Digitized by srujanika@gmail.com

ବେଗରେ ଆକାଶ ମାର୍ଗକୁ ଉଠିଲେ । ସେ କୈଳାସ ନିକଟବର୍ତ୍ତୀ ହେଲାବେଳେ ଜଣେ ଶିଷ୍ୟ ଗୁରୁଙ୍କୁ ଅନୁରୋଧ କଲା, 'ଗୁରୁଦେବ, ସ୍ୱର୍ଗଲୋକ ସମ୍ପର୍କରେ କିଛି କହି ଆମର ଆବେଗକୁ ଆହୁରି ବଢ଼ାନ୍ତୁ । ସେଠାରେ ଆପଣ କେତେ ବଡ଼ ବଡ଼ ଲଡୁ ଖାଇଥିଲେ ତାହା ପ୍ରକାଶ କଲେ ଆମର ଆତୁରତା ଆହୁରି ବଢ଼ିବ ।' ଏହାଶୁଣି ମୂର୍ଖ ମଠାଧୀଶ ନିଜର ଅବସ୍ଥା ଭୁଲିଯାଇ ପୁଚ୍ଛ ପରିତ୍ୟାଗପୂର୍ବକ ଅଙ୍ଗୁଳିଗୁଡ଼ିକୁ କୋରକିତ କରି କହିଲେ, 'ଏଡ଼େ ବଡ଼ ବଡ଼' । ପୁଚ୍ଛରୁ ହାତ ଛାଡ଼ିଯିବାରୁ ମହନ୍ତଙ୍କ ସହିତ ତାଙ୍କୁ ଧରିଥିବା ସମସ୍ତେ ଭୂମି ଉପରେ ନିର୍ଘାତ ଭାବେ କଚାଡ଼ି ପଡ଼ିଲେ । ନନ୍ଦୀ ମଧ୍ୟ ଏହା ଜାଣିନପାରି ତୀବ୍ର ବେଗରେ କୈଳାସକୁ ଚାଲିଗଲେ । ମହାମୂର୍ଖ ମଠାଧୀଶଙ୍କର ଏପ୍ରକାର ଅବସ୍ଥା ଦେଖି ଗ୍ରାମବାସୀମାନେ ବହେ ହସିଲେ । ମୂର୍ଖମାନଙ୍କର କେବଳ ଆଚରଣ ନୁହେଁ, ସେମାନଙ୍କର ଆଳାପ ମଧ୍ୟ ହାସ୍ୟାସ୍ପଦ ।

ଦେବ, ଏହି ହାସ୍ୟପୂର୍ଣ୍ଣ କଥାଟି ତ ଶୁଣିଲେ, ବର୍ତ୍ତମାନ ସେହିପରି ଆଉ ଗୋଟିଏ ମୂର୍ଖର କଥା ଶୁଣନ୍ତୁ –

ମୂର୍ଖ ସଂସର୍ଗ କଥା

ଜଣେ ମୂର୍ଖ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାପାଇଁ ବାହାରିଲା । ରାସ୍ତା ଭୁଲିଯିବା ଯୋଗୁଁ ସେ ବିପରୀତ ଦିଗରେ ଯାଉଥାଏ । ବାଟରେ ଜଣେ ଲୋକକୁ ପଚାରିବାରୁ ସେ ପ୍ରକୃତ ମାର୍ଗ ନିର୍ଦ୍ଦେଶ କରି କହିଲା, 'ନଦୀ କୂଳରେ ଯେଉଁ ଗଛଟି ଅଛି ତମେ ତା' ଉପରକୁ ଯାଅ ।' ଏହାଶୁଣି ମୂର୍ଖ ଯାଇ ଗଛ ଉପରେ ଚଢ଼ିଗଲା । ଗଛର ଡାଳଗୁଡ଼ିକ ଉପରେ ଯାଉଯାଉ ତା'ର ଭାରା ସମ୍ଭାଳି ନପାରି ସେଗୁଡ଼ିକ ନଇଁ ପଡ଼ିଲେ । ମୂର୍ଖ ମଧ୍ୟ ତା'ସହିତ ନଦୀର ଜଳରାଶି ଉପରେ ଝୁଲିରହିଲା । କାରଣ ହେଲା ଲୋକଟି ତାକୁ ଗଛ ଥିବା ସ୍ଥାନରେ ଉପରକୁ ଯିବାକୁ କହିଥିଲା ।

ନଦୀ ଉପରେ ଝୁଲି ରହିଥିବା ବେଳେ ସେ ଦେଖିଲା ଯେ ହାତୀଟିଏ ଆସି ନଦୀରୁ ପାଣି ପିଇ ଫେରୁଛି । ତା'ଉପରେ ବସିଥିବା ମାହୁନ୍ତକୁ ସେ ଡାକ ପକାଇଲା । ମାହୁନ୍ତ ତାକୁ ରକ୍ଷା କରିବାକୁ ଯାଇ ଲୋକଟିର ଦୁଇ ପାଦକୁ ଧରି ଟାଣିବା ବେଳେ ହାତୀଟି ଆଗକୁ ଚାଲିଗଲା । ଫଳରେ ସେ ମଧ୍ୟ ନଦୀର ଜଳସ୍ରୋତ ଉପରେ ଝୁଲିରହିଲା । ଏହି ଅବସ୍ଥାରୁ ମୁକ୍ତି ପାଇବାର ଉପାୟ ବତାଇ ମୂର୍ଖ ପଥିକ ମାହୁନ୍ତକୁ କହିଲା 'ତୁମେ ଯଦି ଗାଇବା ଜାଣିଥାଅ ତେବେ ଗୀତଟିଏ ଗାଅ । ଗୀତ ଶୁଣି କେହି ପଥିକ ଆମକୁ ରକ୍ଷା କରିବା ପାଇଁ

Digitized by srujanika@gmail.com

ଆସିପାରେ ।' ଏହାକୁ ପ୍ରକୃତ ଉପାୟ ମନେକରି ମାହୁନ୍ତ ମଧୁର ସ୍ୱରରେ ଗୀତଟିଏ ଗାଇବା ଆରମ୍ଭ କଲା । ଗୀତର ସ୍ୱରରେ ମୂର୍ଖ ପଥିକ ମୁଗ୍ଧ ହୋଇ ନିଜର ଉପସ୍ଥିତ ପରିସ୍ଥିତି ଭୁଲିଗଲା । ସେ ବୃକ୍ଷଶାଖାକୁ ଛାଡ଼ି ଦୁଇ ହାତରେ ଫୁଟିକି ମାରି ମାହୁନ୍ତକୁ ଧନ୍ୟବାଦ ଜଣାଇଲା । ଡାଳରୁ ହାତ ଖସିଯିବା ଯୋଗୁଁ ଉଭୟେ ନଦୀ ସ୍ରୋତରେ ପଡ଼ି ଭାସିଗଲେ ।

ଏଣୁ ଦେବ, କେବଳ ମୂର୍ଖ ନୁହେଁ, ମୂର୍ଖ ସଙ୍ଗତି ମଧ୍ୟ ଅନିଷ୍ଟର କାରଣ ହୋଇଥାଏ । ଏହାପରେ ହିରଣ୍ୟାକ୍ଷର କଥା ଶୁଣନ୍ତୁ –

ହିରଣ୍ୟାକ୍ଷ କଥା

ହିମାଳୟର ମଧ୍ୟ ଭାଗରେ ପୃଥିବୀ ରାଣୀର ମଥାମଣି ପରି କାଶ୍ମୀର ବୋଲି ଗୋଟିଏ ଦେଶ ଅଛି । ତାହା ବିଦ୍ୟା ଓ ଧର୍ମର ପୀଠସ୍ଥଳୀ । ସେଠାରେ ହିରଣ୍ୟପୁର ନାମରେ ଗୋଟିଏ ରାଜ୍ୟ ଥିଲା । ତା'ର ରାଜା ଥିଲେ କନକାକ୍ଷ । ତାଙ୍କ ରାଣୀ ରତ୍ନପ୍ରଭା । ଭଗବାନ୍ ଶଙ୍କରଙ୍କ ଉପାସନା କରିବା ଫଳରେ ସେମାନେ ଗୋଟିଏ ପୁତ୍ରଲାଭ କରିଥିଲେ । ପୁତ୍ରଟିର ନାମକରଣ କରିଥିଲେ ହିରଣ୍ୟାକ୍ଷ । ବାଳକଟି ଦିନେ ବାଟି ଖେଳୁଥିବା ବେଳେ ସେହି ମାର୍ଗରେ ଆସୁଥିବା ଜଣେ ତପସ୍ୱିନୀଙ୍କୁ ଆଘାତ କଲା । କ୍ଷମାଶୀଳା ତପସ୍ୱିନୀ ଯୋଗୀଶ୍ୱରୀ ହସିହସି ରାଜକୁମାରକୁ କହିଲେ, 'ଭଲ ଖେଳୁଆଡ଼ ବୋଲି ତୋ'ର ଗର୍ବ ବଢ଼ିଯାଇଛି । ଯଦି ତୁ ମୃଗାଙ୍କଲେଖାକୁ ନିଜର ପତ୍ନୀ ଭାବରେ ପାଉ, ଆଉ କେତେ ଗର୍ବ ନକରିବୁ ।' ରାଜକୁମାର ଏଥିରେ ବିବ୍ରତ ହୋଇ ତପସ୍ୱିନୀଙ୍କୁ କ୍ଷମାପ୍ରାର୍ଥନ ପୂର୍ବକ ପଚାରିଲେ, 'ଭଗବତି', ସେ ମୃଗାଙ୍କଲେଖା କିଏ ? ଦୟାକରି ତା' ସମ୍ପର୍କରେ କିଛି ସୂଚନା ଦେଇ ମୋର କୌତୂହଳ ଦୂର କରନ୍ତୁ ।'

ତପସ୍ୱିନୀ ପ୍ରୀତ ହୋଇ କହିବା ଆରମ୍ଭ କଲେ 'ନଗାଧିରାଜ ହିମାଳୟର ଏକ ଶିଖରରେ ଶଶୀତେଜ ନାମକ ଜଣେ ବିଦ୍ୟାଧର ରାଜତ୍ୱ କରନ୍ତି । ମୃଗାଙ୍କଲେଖା ତାଙ୍କର ଅପୂର୍ବ ରୂପବତୀ କନ୍ୟା । ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ବିଦ୍ୟାଧରମାନେ ରାତିରେ ଶୋଇପାରନ୍ତି ନାହିଁ । ସେ ତୋ'ର ଉପଯୁକ୍ତ ପତ୍ନୀ ଏବଂ ତୁ ତା'ର ଉପଯୁକ୍ତ ପତି ।' ସିଦ୍ଧ ତପସ୍ୱିନୀଠାରୁ ମୃଗାଙ୍କଲେଖାର ପରିଚୟ ପାଇ ହିରଣ୍ୟାକ୍ଷ ତାକୁ ପାଇବାର ଉପାୟ ସମ୍ପର୍କରେ ତାଙ୍କୁ ଜିଜ୍ଞାସା କଲା । ଉତ୍ତରରେ ଯୋଗୀଶ୍ୱରୀ କହିଲେ, 'ମୁଁ ତା ନିକଟକୁ ଯାଇ ତୋ ସମ୍ପର୍କରେ ତାକୁ କହିବି । ତା'ର ଅଭିପ୍ରାୟ ଜାଣିବା ପରେ ପୁଣି ଆସି ଏଠାରେ ତୋତେ ସୂଚନା ଦେବି । ନିକଟରେ ଅମରନାଥ ନାମକ ଶିବ ମନ୍ଦିର ଅଛି । ସେଠାରେ

Digitized by srujanika@gmail.com

ତୋ'ସହିତ ମୋର ସାକ୍ଷାତ ହେବ । ମୁଁ ପୂଜା କରିବା ପାଇଁ ପ୍ରତିଦିନ ସକାଳୁ ସେଠାକୁ ଆସିଥାଏ ।'

ହିରଣ୍ୟାକ୍ଷକୁ ଏହା କହି ତପସ୍ୱିନୀ ନିଜ ସିଦ୍ଧି ବଳରେ ମୃଗାଙ୍କଲେଖା ନିକଟରେ ଯାଇ ଉପସ୍ଥିତ ହେଲେ । ତା' ନିକଟରେ ସେ ହିରଣ୍ୟାକ୍ଷର ଗୁଣାବଳୀ ଏପରି ଭାବେ ବର୍ଣ୍ଣନା କଲେ ଯେ ମୃଗାଙ୍କଲେଖା ଏପରି ଜଣେ ପୁରୁଷଙ୍କୁ ପତି ରୂପେ ନପାଇଲେ ପ୍ରାଣତ୍ୟାଗ କରିବ ବୋଲି ପ୍ରତିଜ୍ଞା କଲା । ସେ ଗଭୀର ଆବେଗର ସହିତ ହିରଣ୍ୟାକ୍ଷଙ୍କ ସମ୍ପର୍କରେ ଚର୍ଚ୍ଚାକରି ତପସ୍ୱିନୀଙ୍କ ସହିତ ସେହି ଦିନଟିର ଅବଶିଷ୍ଟ ସମୟ ସହ ରାତିଟି ମଧ୍ୟ ବିତାଇଦେଲା ।

ଏଣେ ହିରଣ୍ୟାକ୍ଷ ମଧ୍ୟ ଦିନସାରା ମୃଗାଙ୍କଲେଖା ସମ୍ପର୍କରେ ଚିନ୍ତାକରି ରାତ୍ରିର ଶେଷ ପ୍ରହରରେ ଟିକିଏ ନିଦ୍ରା ଗଲା । ଏ ଅବସ୍ଥାରେ ଦେବୀ ପାର୍ବତୀ ଆସି ତାକୁ ସ୍ୱପ୍ନରେ କହିଲେ, ''ତୁ ପୂର୍ବ ଜନ୍ମରେ ବିଦ୍ୟାଧର ଥିଲୁ । ମୁନିଙ୍କ ଅଭିଶାପ ଫଳରେ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିଛୁ । ଏହି ତପସ୍ୱିନୀର କରସ୍ପର୍ଶରେ ତୁ ଶାପମୁକ୍ତ ହେବୁ । ସେତେବେଳେ ମୃଗାଙ୍କଲେଖା ସହିତ ତୋ'ର ବିବାହ ହେବ । ଏ ସମ୍ପର୍କରେ ତୋ'ର ଚିନ୍ତା କରିବାର କିଛି ନାହିଁ । ମୃଗାଙ୍କଲେଖା ପୂର୍ବଜନ୍ମରେ ତୋର ପତ୍ନୀ ଥିଲା ।' ଏହିପରି ଆଦେଶ ଦେଇ ପାର୍ବତୀ ଅନ୍ତର୍ହିତା ହେଲେ । ହିରଣ୍ୟାକ୍ଷ ଶଯ୍ୟାରୁ ଉଠି ପ୍ରାତଃକୃତ୍ୟ ସମାପନ କଲା । ପ୍ରାତଃକୃତ୍ୟ ସମାପନ ପରେ ମୃଗାଙ୍କଲେଖାର ଚିନ୍ତା ପୁଣି ତାକୁ ଆବିଷ୍ଟ କଲା । ଏଣୁ ସେ ତପସ୍ୱିନୀ ସୂଚିତ ପୂର୍ବୋକ୍ତ ଅମରନାଥ ମନ୍ଦିରକୁ ଯାଇ ମହାଦେବଙ୍କୁ ପ୍ରଣିପାତ ପୂର୍ବକ ତପସ୍ୱିନୀଙ୍କ ପ୍ରତୀକ୍ଷା କରିବାକୁ ଲାଗିଲା ।

ଏଣେ ମୃଗାଙ୍କଲେଖା ମଧ୍ୟ ଦିନସାରା ଆତୁର ଓ ଉତ୍କଣ୍ଠାର ସହିତ ହିରଣ୍ୟାକ୍ଷ ସମ୍ପର୍କରେ ଚିନ୍ତାକରି ରାତ୍ରି ଶେଷରେ କିଛି ସମୟ ପାଇଁ ନିଦ୍ରା ଗଲେ । ଦେବୀ ପାର୍ବତୀ ତାଙ୍କୁ ମଧ୍ୟ ସ୍ୱପ୍ନରେ ଅନୁରୂପ ଭାବେ ଚିନ୍ତା ନକରିବା ପାଇଁ ଆଦେଶ ଦେଇ କହିଲେ ଯେ ସେ ତପସ୍ୱିନୀଙ୍କ ହସ୍ତ ସ୍ପର୍ଶରେ ଶାପମୁକ୍ତ ହୋଇ ବିଦ୍ୟାଧର ରୂପ ପ୍ରାପ୍ତ ହିରଣ୍ୟାକ୍ଷକୁ ନିଶ୍ଚିତ ଭାବେ ପତିରୂପେ ଲାଭ କରିବ । ଏହିପରି ଆଦେଶ ଓ ସାନ୍ତ୍ୱନା ଦେଇ ଦେବୀ ଅନ୍ତର୍ହିତା ହୁଅନ୍ତେ ମୃଗାଙ୍କଲେଖା ପ୍ରଭାତରୁ ଉଠି ତପସ୍ୱିନୀଙ୍କ ନିକଟରେ ଦେଖିଥିବା ସ୍ୱପ୍ନର ବୃତ୍ତାନ୍ତ ଜ୍ଞାପନ କଲେ । ଏହାଶୁଣି ତପସ୍ୱିନୀ ମର୍ତ୍ତ୍ୟଲୋକକୁ ଅବତରଣ କରି ଅମରନାଥ ମନ୍ଦିରରେ ତାଙ୍କୁ ପ୍ରତୀକ୍ଷା କରିଥିବା ହିରଣ୍ୟାକ୍ଷ ନିକଟରେ ଆସି ପହଞ୍ଚିଲେ । ସଂଭ୍ରମର ସହିତ ତାଙ୍କୁ ପ୍ରଣତି ଜଣାଉଥିବା ହିରଣ୍ୟାକ୍ଷକୁ, 'ପୁତ୍ର, ଆସ, ବର୍ତ୍ତମାନ ଆମେ ବିଦ୍ୟାଧର

Digitized by srujanika@gmail.com

ଲୋକକୁ ଯିବା' କହି ତାଙ୍କ ହସ୍ତ ଧାରଣ ପୂର୍ବକ ଆକାଶମାର୍ଗରେ ଉଡ଼ିଗଲେ । ସେଠାରେ ହିରଣ୍ୟାକ୍ଷ ବିଦ୍ୟାଧର ରାଜପଦବୀ ଲାଭ କରି ଆନନ୍ଦରେ କାଳାତିପାତ କରିବାକୁ ଲାଗିଲେ କିନ୍ତୁ ପୂର୍ବ ଜନ୍ମର କଥା ତାଙ୍କର ବିସ୍ମରଣ ହୋଇନଥାଏ । ସେ ତପସ୍ୱିନୀଙ୍କୁ ସପ୍ରଶଂସ ଦୃଷ୍ଟିରେ ଚାହିଁ କହିଲେ, 'ମୁଁ ହିମାଳୟର ବକ୍ରକୂଟ ନାମକ ନଗରର ରାଜା ଅମୃତତେଜ । ସେହି ଜନ୍ମରେ କୌଣସି ଜଣେ ମୁନିଙ୍କୁ ଅପମାନିତ କରିବା ଯୋଗୁଁ ସେ ମୋତେ ମର୍ତ୍ତ୍ୟଲୋକରେ ଜନ୍ମନେବା ପାଇଁ ଅଭିଶାପ ଦେଇଥିଲେ । ଫଳରେ ମୁଁ ମନୁଷ୍ୟ ରୂପେ ପୃଥିବୀରେ ଜନ୍ମ ନେଇଥିଲି । ଆପଣଙ୍କ ହସ୍ତ ସ୍ପର୍ଶ ପର୍ଯ୍ୟନ୍ତ ମୋର ଅଭିଶାପର ସୀମା ଥିଲା । ମୁନିଙ୍କ ଦ୍ୱାରା ଅଭିଶପ୍ତ ହୋଇଥିବା ଦେଖି ମୋର ପ୍ରାଣପ୍ରିୟା ପତ୍ନୀ ଦୁଃଖରେ ଶରୀର ତ୍ୟାଗ କରିଥିଲା । ସେ ବର୍ତ୍ତମାନ ମୃଗାଙ୍କଲେଖା ରୂପେ ବିଦ୍ୟାଧର ପତି ଶଶୀତେଜଙ୍କ ଗୃହରେ ଜନ୍ମଲାଭ କରିଛି । ଆପଣଙ୍କର ପବିତ୍ର ହସ୍ତ ସ୍ପର୍ଶରେ ମୁଁ ବର୍ତ୍ତମାନ ଶାପମୁକ୍ତ । ଏଣୁ ଆପଣଙ୍କଠାରୁ ବିଦାୟ ନେଇ ମୁଁ ମୃଗାଙ୍କଲେଖା ନିକଟକୁ ଯାଏ ।'

ଏହିପରି କହି ବିଦ୍ୟାଧର ରାଜ ଅମୃତତେଜ ଆକାଶମାର୍ଗରେ ପ୍ରସ୍ଥାନ କରି ମୃଗାଙ୍କଲେଖା ନିକଟରେ ପହଞ୍ଚିଲେ । ଉଦ୍ୟାନ ମଧ୍ୟରେ ଅପେକ୍ଷା କରିଥିବା ମୃଗାଙ୍କ ଲେଖାଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ତପସ୍ୱିନୀ କଥିତ ରୂପ ଐଶ୍ୱର୍ଯ୍ୟ ସ୍ମରଣ କରି ପରସ୍ପର ପରସ୍ପରକୁ ଚିହ୍ନିପାରିଲେ । ବିସ୍ମୟର କଥା ପ୍ରଥମେ ଶ୍ରବଣ ଦ୍ୱାରରେ ଉଭୟେ ଉଭୟଙ୍କ ହୃଦୟ ମଧ୍ୟରେ ପ୍ରବେଶ କରି, ସେଠାରୁ ବାହାରକୁ ଫେରିନଥିଲେ ମଧ୍ୟ ପୁଣି ଦର୍ଶନେନ୍ଦ୍ରିୟ ମାଧ୍ୟମରେ ସେହିପରି ଜଣେ ଅନ୍ୟର ହୃଦୟରେ ପ୍ରବେଶ କଲେ ।

ଏ ସମୟରେ ସେହି ପ୍ରୌଢ଼ା ତପସ୍ୱିନୀ ଆସି ମୃଗାଙ୍କଲେଖାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଯାଇ ପିତାଙ୍କ ନିକଟରେ ତା'ର ବିବାହ ପ୍ରସ୍ତାବ ଜ୍ଞାପନ କରୁ । ଏହି ନିର୍ଦ୍ଦେଶ ପାଳନ କରି ମୃଗାଙ୍କ ଲେଖା ଲଜ୍ଜାବନତ ମୁଖରେ ସଖୀଙ୍କ ଦ୍ୱାରା ପିତାଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇଲେ । ପିତା ମଧ୍ୟ ପୂର୍ବରୁ ଭଗବତୀଙ୍କ ଦ୍ୱାରା ଏହାର ସୂଚନା ପାଇଥାନ୍ତି । ଏଣୁ କାଳ ବିଳମ୍ବ ନକରି ସେ ଉଭୟଙ୍କର ବିବାହ ବିଧିପୂର୍ବକ ଅନୁଷ୍ଠାନ କଲେ । ବିବାହ ପରେ ହିରଣ୍ୟାକ୍ଷ ଅମୃତତେଜ ରୂପେ ବକ୍ରକୂଟ ନଗରରେ ଯାଇ ଉପସ୍ଥିତ ହେଲେ । ସେଠାରେ ନିଜର ପୂର୍ବ ରାଜ୍ୟ ଓ ପୂର୍ବପତ୍ନୀ ପ୍ରାପ୍ତ ହୋଇ ବିଦ୍ୟାଧରମାନଙ୍କୁ ଶାସନ କରିବା ଆରମ୍ଭ କଲେ । ମନୁଷ୍ୟ ଜନ୍ମରେ ତାଙ୍କ ପିତା କନକାକ୍ଷ ମଧ୍ୟ ମନୁଷ୍ୟ ହୋଇଥିବା ଯୋଗୁଁ ସେ ସିଦ୍ଧ ତାପସୀଙ୍କ ଦ୍ୱାରା ତାଙ୍କୁ ନିଜ ନଗରକୁ ନିମନ୍ତ୍ରଣ କରି ଆଣି କିଛିଦିନ ତାଙ୍କ ନିକଟରେ ରହି ବିଦ୍ୟାଧର ସୌଭାଗ୍ୟ ଉପଭୋଗ କରିବାର ସୁଯୋଗ ଦେଲେ ।

Digitized by srujanika@gmail.com

କନକାକ୍ଷ ନିଜ ପ୍ରଜାମାନଙ୍କ କଥା ସ୍ମରଣ କରି ନିଜ ରାଜ୍ୟକୁ ଫେରିଯିବା ପାଇଁ ଇଚ୍ଛାପ୍ରକାଶ କରନ୍ତେ ଅମୃତତେଜ ବିଭିନ୍ନ ବିଳାସ ସାମଗ୍ରୀ ସହିତ ତାଙ୍କୁ ପୁଣି ମର୍ତ୍ତ୍ୟଲୋକକୁ ପଠାଇଦେଲେ ଏବଂ ଚିରକାଳ ପର୍ଯ୍ୟନ୍ତ ଆନନ୍ଦରେ ବିଦ୍ୟାଧର ରାଜ୍ୟର ଅଧିପତି ଭାବେ ଜୀବନଯାପନ କଲେ ।

ଏହିପରି ପୂର୍ବଜନ୍ମର କର୍ମଦ୍ୱାରା ଯେଉଁ ପ୍ରାଣୀର ଯାହା ପ୍ରାପ୍ୟ ତାହା ବିନା ପ୍ରଯତ୍ନରେ ସ୍ୱୟଂ ସମ୍ମୁଖରେ ଆସି ପହଞ୍ଚି ଯାଇଥାଏ ।

ଇତି ପୂର୍ବକର୍ମବିହିତଂ ଭବିତବ୍ୟଂ ଜଗତି ଯସ୍ୟ ଜନ୍ତୋର୍ଯତ୍
ତଦଯତ୍ନେନ ସ ପୁରତଃ ପତିତଂ ପ୍ରାପ୍ନୋତ୍ୟସାଧମପି ।

ଶକ୍ତିଯଶାଙ୍କ ପାଇଁ ଉତ୍ସୁକ ନରବାହନଦତ୍ତ ଗୋମୁଖଙ୍କ ମୁଖରୁ ଏହିପରି ବିବିଧ ଗଳ୍ପ ଶୁଣୁଶୁଣୁ ଗାଢ଼ ନିଦ୍ରାରେ ଅଭିଭୂତ ହେଲେ ।

●

Digitized by srujanika@gmail.com

ଦଶମ ତରଙ୍ଗ

ପରଦିନ ରାତ୍ରିରେ ମନ୍ତ୍ରୀ ଗୋମୁଖ ନରବାହନଦତ୍ତଙ୍କ ମନୋବିନୋଦନ ପାଇଁ ଅନ୍ୟ ଏକ କଥା ଶୁଣାଇବା ଆରମ୍ଭ କଲେ ।

ପ୍ରାଚୀନ କାଳରେ ଧାରେଶ୍ୱର ନାମକ ଶିବକ୍ଷେତ୍ରରେ ବହୁଶିଷ୍ୟ ପରିବେଷ୍ଟିତ ଜଣେ ମହର୍ଷି ବାସ କରୁଥିଲେ । ଦିନେ ସେ ଶିଷ୍ୟମାନଙ୍କୁ ସେମାନେ ଦେଖିଥିବା କିମ୍ବା ଶୁଣିଥିବା କିଛି ଅପୂର୍ବ ବସ୍ତୁ ବା କୌଣସି ଅପୂର୍ବ ବ୍ୟକ୍ତି ସମ୍ପର୍କରେ କହିବା ପାଇଁ ଆଦେଶ ଦେଲେ । ମହର୍ଷିଙ୍କ ଆଦେଶ ପାଳନ କରି ଜଣେ ଶିଷ୍ୟ କହିବା ଆରମ୍ଭ କଲା –

ଭଗବାନ୍, ମୁଁ ଯେଉଁ ଅପୂର୍ବ କଥା ଶୁଣିଛି, ତା'କୁ କହୁଛି, ଶୁଣନ୍ତୁ ।

ବିଦ୍ୟାଭିମାନୀ ପରିବ୍ରାଜକ କଥା

କାଶ୍ମୀର ଦେଶରେ ବିଜୟ ନାମକ ଏକ ବିଶାଳ ଶିବକ୍ଷେତ୍ର ଅଛି । ସେଠାରେ ଜଣେ ବିଦ୍ୟାଭିମାନୀ ପରିବ୍ରାଜକ ବାସ କରୁଥାନ୍ତି । ଏକଦା ସେ ଶାସ୍ତ୍ରାର୍ଥ ଦ୍ୱାରା ସର୍ବତ୍ର ବିଜୟ ଲାଭ କରିବା କାମନା କରି ଭଗବତ୍ ଉପାସନା ପୂର୍ବକ ପାଟଳିପୁତ୍ର ନଗରୀ ଅଭିମୁଖରେ ଯାତ୍ରା କଲେ । ବହୁ ନଦୀ, ଅରଣ୍ୟ, ପାହାଡ଼ ପର୍ବତ ଅତିକ୍ରମ କରି ସେ ଏକ ନିର୍ଜନ ଏବଂ ନିଃଶବ୍ଦ ଅରଣ୍ୟାନୀ ମଧ୍ୟରେ ଯାଇ ପ୍ରବେଶ କଲେ । ପଥ ପରିଶ୍ରାନ୍ତ ପରିବ୍ରାଜକ ସେଠାରେ ଗୋଟିଏ ବୃକ୍ଷର ଛାୟାରେ ବିଶ୍ରାମ ନେଉଥାନ୍ତି । କିଛି ସମୟ ପରେ ସେ ଦେଖିଲେ, ଅନ୍ୟ ଜଣେ ଦୂରପଥ ଯାତ୍ରୀ ଧୂଳିଧୂସରିତ ଶରୀରରେ ଗୋଟିଏ ଦଣ୍ଡ ଓ କୁଣ୍ଡି ଧାରଣ ପୂର୍ବକ ନିକଟସ୍ଥ ପୁଷ୍କରିଣୀର ଶୀତଳ ଜଳରାଶି ଦ୍ୱାରା ପବିତ୍ରିତ ସେହି ବୃକ୍ଷ ନିକଟକୁ ଆସୁଅଛନ୍ତି । ଦୂରରୁ ସେ ଜଣେ ଅତ୍ୟନ୍ତ ଧାର୍ମିକ ପୁରୁଷ ବୋଲି ମନେ ହେଉଥାନ୍ତି । ସେ ବୃକ୍ଷ ଛାୟାରେ ଆସି ବିଶ୍ରାମ ନେଲେ । ଉଭୟେ କିଛି ସମୟ ସେଠାରେ ଚୁପ୍‌ଚାପ୍ ବସିବା ପରେ ପରିବ୍ରାଜକ ଆଗନ୍ତୁକଙ୍କୁ ସେ କେଉଁଠାରୁ ଆସୁଛନ୍ତି

Digitized by srujanika@gmail.com

ଏବଂ କେଉଁଆଡ଼େ ଯିବେ, ସେ ସମ୍ପର୍କରେ ଜିଜ୍ଞାସା କଲେ । ଏହାର ଉତ୍ତରରେ ଧାର୍ମିକ ପୁରୁଷ ଜଣକ ଜଣାଇଲେ ଯେ ସେ ବିଦ୍ୟାକ୍ଷେତ୍ର ପାଟଳିପୁତ୍ରରୁ ଆସୁଅଛନ୍ତି ଏବଂ ଶାସ୍ତ୍ରାର୍ଥ ଦ୍ୱାରା କାଶ୍ମୀରର ପଣ୍ଡିତମାନଙ୍କୁ ପରାଜିତ କରିବା ପାଇଁ ସେଠାକୁ ଯାତ୍ରା କରୁଛନ୍ତି ।

ଧାର୍ମିକଙ୍କ କଥା ଶୁଣି ପରିବ୍ରାଜକ ମନେମନେ ଚିନ୍ତା କଲେ ଯେ ସେ ଯଦି ପାଟଳିପୁତ୍ରର ଏହି ଜଣେ ମାତ୍ର ପଣ୍ଡିତଙ୍କୁ ଶାସ୍ତ୍ରାର୍ଥ ଦ୍ୱାରା ପରାଜିତ ନକରିପାରନ୍ତି ତା'ହେଲେ ସେଠାରେ ରହୁଥିବା ପଣ୍ଡିତ ମଣ୍ଡଳିଙ୍କୁ କିପରି ବା ପରାସ୍ତ କରିବେ ? ଏହିପରି ଚିନ୍ତାକରି ସେ ସମ୍ମୁଖରେ ବସିଥିବା ପଣ୍ଡିତଙ୍କୁ ଆକ୍ଷେପ କରି କହିଲେ, 'ହେ ଧର୍ମଶୀଳ, ଆପଣଙ୍କର ଏହିପରି ବିପରୀତ ବୁଦ୍ଧି କିପରି ହେଲା ? ଆପଣଙ୍କ ପରି ମୁକ୍ତିକାମୀ ଧର୍ମଶୀଳ ବ୍ୟକ୍ତି ଏବଂ ରାଗଦ୍ୱେଷ ପ୍ରଭୃତି ସାଂସାରିକ ମାୟାଗ୍ରସ୍ତ, ଶାସ୍ତ୍ରବିବାଦୀ ବ୍ୟକ୍ତି ମଧ୍ୟରେ ଆକାଶପାତାଳ ପ୍ରଭେଦ । ଶାସ୍ତ୍ରୀୟ ବାଦବିବାଦ ମାଧ୍ୟମରେ ଆପଣ କ'ଣ ମୁକ୍ତି ଚାହୁଁଛନ୍ତି ? ଆପଣଙ୍କର ଏହି ପ୍ରୟାଶ ଉଷ୍ଣତାକୁ ଅଗ୍ନି ଦ୍ୱାରା ଏବଂ ଶୀତଳତାକୁ ତୁଷାର ଖଣ୍ଡ ଦ୍ୱାରା ପ୍ରଶମିତ କରିବା ପରି ବ୍ୟର୍ଥ । ଏଣୁ ମୂର୍ଖଙ୍କ ପରି ଆପଣ ପାଷାଣ ନିର୍ମିତ ନୌକାରେ ସମୁଦ୍ର ଲଙ୍ଘନ କରିବା ପାଇଁ କିମ୍ବା ବଡ଼ବାନଳକୁ ବାୟୁଦ୍ୱାରା ଶାନ୍ତ କରିବା ପାଇଁ ଚାହୁଁଛନ୍ତି । କ୍ଷମା ହେଉଛି ବ୍ରାହ୍ମଣର ସ୍ୱାଭାବିକ ଧର୍ମ ଏବଂ କ୍ଷତ୍ରିୟ ଧର୍ମ ଶରଣାଗତମାନଙ୍କୁ ରକ୍ଷା କରିବା, ମୁମୁକ୍ଷୁମାନଙ୍କ ଧର୍ମ ଶାନ୍ତି ଏବଂ ରାକ୍ଷସମାନଙ୍କ ଧର୍ମ କଳହ । ଏଥିପାଇଁ ମୁକ୍ତିକାମୀ ବ୍ୟକ୍ତିମାନେ ଶାନ୍ତ ଓ ସଂଯମୀ ହେବା ଆବଶ୍ୟକ । ସେମାନେ ରାଗ ଦ୍ୱେଷ ଆଦିଠାରୁ ଦୂରରେ ରହି ସାଂସାରିକ ଦୁଃଖ ଜଂଜାଳକୁ ଭୟ କରିବା ଉଚିତ । ଏ ଦୃଷ୍ଟିରୁ ଆପଣ ଶମ ବା ପ୍ରଶାନ୍ତି ରୂପକ କୁଠାର ଦ୍ୱାରା ସଂସାର ରୂପକ ବୃକ୍ଷକୁ ଛେଦନ କରନ୍ତୁ । ବିପରୀତ ଭାବରେ ଶାସ୍ତ୍ରୀୟ ବିବାଦଜନିତ ଅଭିମାନ ରୂପକ ଜଳସେଚନ କରି ସେହି ବୃକ୍ଷକୁ ବଢ଼ାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ ।' ପରିବ୍ରାଜକଙ୍କ ଠାରୁ ଏହାଶୁଣି ଧାର୍ମିକ ସନ୍ତୁଷ୍ଟ ହେଲେ ଏବଂ ତାଙ୍କୁ ଗୁରୁ ବୋଲି ପ୍ରଣାମ କରି ପାଟଳିପୁତ୍ର ଅଭିମୁଖରେ ଫେରିଗଲେ ।

ଧର୍ମଶୀଳ ବ୍ୟକ୍ତିଟିଙ୍କୁ ଏହିପରି ଫେରାଇଦେବା ପରେ ପରିବ୍ରାଜକ ହାସ୍ୟ ପ୍ରକାଶ ପୂର୍ବକ ଗର୍ବିତ ଭାବେ ସେଠାରେ ବସିଥିବା ସମୟରେ ବୃକ୍ଷ ମଧ୍ୟରେ ଥିବା ଯକ୍ଷ ଦମ୍ପତିଙ୍କ ବିନୋଦାତ୍ମକ ବାର୍ତ୍ତାଳାପ ତାଙ୍କର କର୍ଣ୍ଣଗୋଚର ହେଲା । ପରିବ୍ରାଜକ ବୃକ୍ଷ ଦେହରେ କାନ ଲଗାଇ ସେମାନଙ୍କର ହାସ୍ୟକୌତୁକ ଶୁଣିବାକୁ ଲାଗିଲେ । ଯକ୍ଷ ହସିହସି ପୁଷ୍ପମାଳା ଦ୍ୱାରା ତା'ର ସ୍ତ୍ରୀକୁ ଆଘାତ କଲା । ଛଳନାମୟୀ ତା'ର ସ୍ତ୍ରୀ ଏହି ଆଘାତରେ ନିଜକୁ

Digitized by srujanika@gmail.com

ମୃତବତ୍ କରିଦେଇ ସେଠାରେ ପଡ଼ିଗଲା । ଏଥିରେ ପରିବାରର ଅନ୍ୟମାନେ ସ୍ତବ୍ଧଚକିତ ହୋଇ ବିଳାପ କରିବାକୁ ଲାଗିଲେ ।'ବହୁ ସମୟ ପରେ ସ୍ତ୍ରୀଟି ପୁନଃଜୀବନ ପାଇଲା ପରି ଯେତେବେଳେ ଉଠିବସିଲା ସେତେବେଳେ ଯକ୍ଷ ଏତେ ଦୀର୍ଘ ସମୟ ଧରି ମୁଦ୍ରିତ ନୟନରେ କ'ଣ ଦେଖୁଥିଲା ବୋଲି ଜିଜ୍ଞାସା କରନ୍ତେ ଯକ୍ଷପତ୍ନୀ ମିଥ୍ୟାରେ କହିଲା, 'ତମେ ଯେତେବେଳେ ମତେ ଫୁଲମାଳ ଦ୍ୱାରା ଆଘାତ କଲ ସେତେବେଳେ ମୁଁ ଚେତନା ହରାଇବସିଲି । ଏ ସମୟରେ ଜଣେ କୃଷ୍ଣକାୟ ପୁରୁଷ ମୋ ନିକଟକୁ ଆସୁଥିବା ମୋ'ର ଦୃଷ୍ଟିଗୋଚର ହେଲା । ସେ ଅତ୍ୟନ୍ତ ଭୟାନକ ଓ ବିଶାଳକାୟ ଥିଲା । ସେ ହସ୍ତରେ ପାଶ ଧାରଣ କରିଥିଲା । ଚକ୍ଷୁଗୁଡ଼ିକ ତା'ର ଜଳିଲା ପରି ମନେ ହେଉଥିଲା । ମସ୍ତକର କେଶରାଶି ଉତ୍‌ଥିତ ଥିଲା । ତା'ର ବର୍ଣ୍ଣ ଏତେ କଳା ଥିଲା ଯେ ତା'ଦ୍ୱାରା ଚତୁର୍ଦ୍ଦିଗ ଅନ୍ଧକାରମୟ ଦେଖାଯାଉଥିଲା । ଏହି ଦୁଷ୍ଟ ମୋତେ ନେଇ ଯମପୁରରେ ପହଞ୍ଚାଇଲା । କିନ୍ତୁ ସେଠାରେ ଥିବା କାର୍ଯ୍ୟ ନିର୍ବାହକ ଅଧିକାରୀମାନେ ମୋତେ ମୁକ୍ତି ଦେଲେ ।'

ଯକ୍ଷିଣୀ ଠାରୁ ଏହାଶୁଣି ଯକ୍ଷ ହସି ହସି କହିଲା, 'ଛଳନା ବ୍ୟତୀତ ସ୍ତ୍ରୀମାନେ ଆଉ କିଛି ଜାଣନ୍ତି ନାହିଁ । ନାରୀ ମାତ୍ରେ ଛଳନାମୟୀ । ଫୁଲମାଳର ଆଘାତରେ ମରିବା ଯେପରି ଅସମ୍ଭବ ସେହିପରି ଯମଲୋକରୁ ଫେରିଆସିବା ତତୋଽଧିକ ଅବିଶ୍ୱାସ୍ୟ । ତୁ ତ ଛଳନାରେ ପାଟଳିପୁତ୍ରର ସ୍ତ୍ରୀମାନଙ୍କୁ ମଧ୍ୟ ବଳିଗଲୁ ।'

ଛଳନାମୟୀ ନାରୀକଥା

ପାଟଳିପୁତ୍ର ନଗରୀରେ ସିଂହାକ୍ଷ ନାମକ ଜଣେ ରାଜା ରାଜତ୍ୱ କରନ୍ତି । ଏକଦା ତାଙ୍କ ରାଣୀ, ମନ୍ତ୍ରୀ, ସେନାପତି, ପୁରୋହିତ ଏବଂ ବୈଦ୍ୟଙ୍କ ଭାର୍ଯ୍ୟାମାନଙ୍କ ସହିତ ଶୁକ୍ଳପକ୍ଷ ତ୍ରୟୋଦଶୀ ଦିନ ନଗରୀକୁ ଅନୁଗୃହୀତ କରୁଥିବା ଆରାଧ୍ୟା ଦେବୀ ସରସ୍ୱତୀଙ୍କ ଦର୍ଶନ ପାଇଁ ବାହାରିଲେ । ମନ୍ଦିର ନିକଟରେ କୁଜା, ଅନ୍ଧ, ଛୋଟା ଏବଂ ବ୍ୟାଧିଗ୍ରସ୍ତ ଭିକ୍ଷୁକମାନେ ଭିକ୍ଷା କରିବା ପାଇଁ ବସିଥାନ୍ତି । ସେମାନେ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ କହୁଥାନ୍ତି, 'ଆମେ ସବୁ ରୋଗରେ ସଢୁଛୁ । ଦୟାକରି କିଛି ଔଷଧର ବ୍ୟବସ୍ଥା କରନ୍ତୁ । ଆମକୁ ଏହି ରୋଗ ଦାଉରୁ ରକ୍ଷା କରନ୍ତୁ । ଆମ ପରି ରୋଗୀ ଆଉ ଦରିଦ୍ରମାନଙ୍କୁ କିଛି ଭିକ୍ଷା ଦିଅନ୍ତୁ । ଏ ସଂସାରର ଧନ ସମ୍ପତ୍ତି ବିଜୁଳି ପରି କ୍ଷଣସ୍ଥାୟୀ । ଯାତ୍ରା, ଉତ୍ସବ, ମେଳା ସବୁ କ୍ଷଣକ ପାଇଁ ହିଁ ସୁନ୍ଦର । ମହାଲକ୍ଷ୍ମୀ ସମୁଦ୍ର ତରଙ୍ଗ ପରି ଚଞ୍ଚଳା । ଦରିଦ୍ର ପ୍ରତି ଦୟା କରିବା, ନିରନ୍ନକୁ ଦାନ ଦେବା ସଂସାରର ସାରକଥା । ଗୁଣବାନ୍ ବ୍ୟକ୍ତିମାନେ

Digitized by srujanika@gmail.com

ସବୁଠାରେ ପୂଜା ପାଇଥାନ୍ତି । ଧନୀମାନଙ୍କୁ ଦାନ ଦେଇ ଲାଭ ବା କ'ଣ ? ତୃପ୍ତ ବ୍ୟକ୍ତିକୁ ଆହାର ପରଷିଲେ କ'ଣ ବା ଫଳ ହେବ ? ଶୀତରେ କମ୍ପୁଥିବା ବ୍ୟକ୍ତିର ଚନ୍ଦନରେ ଏବଂ ଶୀତଋତୁରେ ବର୍ଷାର ଆବଶ୍ୟକତା କ'ଣ ? ତେଣୁ ଆମପରି ଦରିଦ୍ରମାନଙ୍କୁ ଉଦ୍ଧାର କରନ୍ତୁ । ଆମକୁ ରୋଗରୁ ମୁକ୍ତ କରନ୍ତୁ ।' ଏମାନଙ୍କ କଥା ଶୁଣି ରାଣୀ ଓ ଅନ୍ୟମାନେ କୁହାକୁହି ହେଲେ ଯେ ଏମାନେ ପ୍ରକୃତ କଥା କହୁଛନ୍ତି । ଏଣୁ ଆମେ ସର୍ବସ୍ୱ ଦେଇ ଏମାନଙ୍କର ଚିକିତ୍ସା କରାଇବା ଉଚିତ । ଏହିପରି କଥାବାର୍ତ୍ତା କରି ସେମାନେ ଯାଇ ଦେବୀ ସରସ୍ୱତୀଙ୍କର ଦର୍ଶନ କଲେ ।

ମନ୍ଦିରରୁ ଫେରିବା ବେଳେ ସେମାନେ ପ୍ରତ୍ୟେକେ ଜଣେ ଜଣେ ରୁଗ୍ଣ ଭିକ୍ଷୁକକୁ ସୁସ୍ଥ କରିବା ପାଇଁ ନିଜ ସାଙ୍ଗରେ ନେଇଗଲେ । ସେମାନଙ୍କ ବାସଗୃହରେ ଏମାନଙ୍କର ରକ୍ଷଣାବେକ୍ଷଣର ବ୍ୟବସ୍ଥା କରି ନିଜ ନିଜର ଧନାଢ୍ୟ ସ୍ୱାମୀମାନଙ୍କ ସାହାଯ୍ୟରେ ଚିକିତ୍ସାର ପ୍ରବନ୍ଧ ମଧ୍ୟ କରାଗଲା । ଦିନଦିନ ଧରି ସେମାନଙ୍କ ପାଖରେ ବସି ସେବା କରିବା ଫଳରେ ଏହି ନାରୀମାନଙ୍କ ମନରେ ଧୀରେ ଧୀରେ କାମବାସନା ଜାଗ୍ରତ ହେଲା । ସେମାନେ ସବୁକିଛି ଭୁଲିଯାଇ ସର୍ବଦା ଏହି ଭିକ୍ଷୁକମାନଙ୍କ ଚିନ୍ତାରେ ହିଁ ବୁଡ଼ିରହିଲେ । କାମବାସନାରେ ଅନ୍ଧୀଭୂତ ଏହି କୁଳୀନା ନାରୀମାନେ ଭୁଲିଗଲେ ଯେ ସେମାନଙ୍କ ମନ୍ତ୍ରୀ, ସେନାପତି ପରି ସ୍ୱାମୀ କେଉଁଠି ଏବଂ ଏହି ଦରିଦ୍ର ଭିକ୍ଷୁକମାନେ କେଉଁଠି ? ପ୍ରତିଦିନ ସେମାନେ ଏହି ଭିକ୍ଷୁକମାନଙ୍କ ସହିତ କାମକ୍ରୀଡ଼ା କରନ୍ତି । ରୋଗୀ ସେବା ଦ୍ୱାରା ଅସମ୍ଭବ ନିଜ ନିଜ ସ୍ତ୍ରୀମାନଙ୍କ ଶରୀରରେ ନଖକ୍ଷତ, ଦନ୍ତକ୍ଷତାଦି ଚିହ୍ନ ଦେଖି ସ୍ୱାମୀମାନେ ବିଚଳିତ ହୋଇପଡ଼ିଲେ । ରାଜା, ମନ୍ତ୍ରୀ, ପୁରୋହିତ, ବୈଦ୍ୟ, ସେନାପତି ପ୍ରଭୃତି ଅତ୍ୟନ୍ତ ସାବଧାନତାର ସହିତ ନିଜ ନିଜର ସନ୍ଦେହ ସମ୍ପର୍କରେ ଚର୍ଚ୍ଚା କରୁଥାନ୍ତି । ଦିନେ ରାଜା ନିଜେ ଏହି ରହସ୍ୟ ଉଦ୍‌ଘାଟନ କରିବା ପାଇଁ ପ୍ରସ୍ତୁତ ହେଲେ । ଅନ୍ୟମାନଙ୍କୁ ଶୀଘ୍ର ବିଦାୟ କରି ଅନ୍ତଃପୁର ମଧ୍ୟରେ ପ୍ରବେଶ କଲେ । ସ୍ନେହ ଓ ଭୟ ପ୍ରଦର୍ଶନ କରି ରାଜା ମହାରାଣୀଙ୍କୁ ପଚାରିଲେ, 'ତୁମ ଅଧର ଓ ଓଷ୍ଠକୁ କିଏ ଦଂଶନ କରିଛି ? ତୁମର ସ୍ତନ ଯୁଗଳକୁ କିଏ ନଖଦ୍ୱାରା ବିକ୍ଷତ କରିଛି ? ଯଦି ସତ କହ ତା'ହେଲେ ଠିକ୍ ହେବ, ନୋଚେତ୍ ତୁମର ମଙ୍ଗଳ ହେବନାହିଁ ।'

ରାଜା ସନ୍ଦେହ କରିଥିବା ଜାଣି ରାଣୀ ନିଜର ଭୀତି ଭାବ ପ୍ରକାଶ ନକରି ଛଳନାପୂର୍ବକ କହିଲେ, 'ଆର୍ଯ୍ୟପୁତ୍ର, ଏକଥା କହିବାର ଯୋଗ୍ୟ ନୁହେଁ, ତଥାପି ଏଥିପାଇଁ ମୁଁ ନିଜକୁ ଧନ୍ୟ ମନେ କରୁଥିବାରୁ ଏହି ଆଶ୍ଚର୍ଯ୍ୟଜନକ କଥା ବ୍ୟକ୍ତ କରୁଛି, ଶୁଣନ୍ତୁ —

Digitized by srujanika@gmail.com

ଆପଣ ସମ୍ମୁଖରେ ଦେଖୁଥିବା କାନ୍ଥର ଚିତ୍ର ମଧ୍ୟରୁ ଗଦା ହସ୍ତରେ ଜଣେ ପୁରୁଷ ବାହାରି ରାତିରେ ମୋତେ ଉପଭୋଗ କରନ୍ତି ଏବଂ ରାତ୍ରି ଶେଷରେ ସେ ସେହି ଚିତ୍ର ମଧ୍ୟରେ ହିଁ ବିଲୀନ ହୋଇଯାନ୍ତି । ମୋର ଯେଉଁ ଅଙ୍ଗକୁ ଚନ୍ଦ୍ର ସୂର୍ଯ୍ୟ ବି ଦେଖିନାହାନ୍ତି, ତୁମ ଉପସ୍ଥିତିରେ ହିଁ ସେ ସେସବୁର ଏପରି ଅବସ୍ଥା କରିଛନ୍ତି ।' ମିଥ୍ୟା ଦୁଃଖରେ ଭାଙ୍ଗି ପଡୁଥିବା ରାଣୀଙ୍କ ଠାରୁ ଏହି ଛଳନାପୂର୍ଣ୍ଣ କାହାଣୀ ଶୁଣି ରାଜା ଏହାକୁ ଭଗବାନ୍ ବିଷ୍ଣୁଙ୍କ ମାୟା ବୋଲି ବିଶ୍ୱାସ କଲେ । ମନ୍ତ୍ରୀ, ସେନାପତି ପ୍ରଭୃତି ମଧ୍ୟ ନିଜ ନିଜ ଭାର୍ଯ୍ୟାମାନଙ୍କ ଠାରୁ ଅନୁରୂପ କାହାଣୀ ଶୁଣି ସେମାନଙ୍କ ପତ୍ନୀମାନେ ଭଗବାନଙ୍କ ଦ୍ୱାରା ଉପଭୁକ୍ତା ହେଉଥିବା ବିଶ୍ୱାସ କରି ଶାନ୍ତ ହେଲେ ।

ଏହିପରି ପାଟଳିପୁତ୍ରର ଏହି ରାଜସ୍ତ୍ରୀମାନେ ନିଜର ଛଳନାପୂର୍ଣ୍ଣ ବଚନ ଚାତୁରୀରେ ସ୍ୱାମୀମାନଙ୍କୁ ଠକିଦେଇ ପାରନ୍ତି, କିନ୍ତୁ ମୁଁ ସେମାନଙ୍କ ପରି ମୂର୍ଖ ନୁହେଁ । ପୁଷ୍ପମାଲ୍ୟର ଆଘାତରେ ମୃତ୍ୟୁବରଣ କରି ଯମପୁରରୁ ଫେରି ଆସିଥିବା ଛଳନାପୂର୍ଣ୍ଣ ବାକ୍ୟ ଦ୍ୱାରା ନିଜର ଅହମିକା ପ୍ରକାଶ କରୁଥିବା ପତ୍ନୀକୁ ଯକ୍ଷ ଏପରି ଗଳ୍ପଟିଏ ଶୁଣାଇ ହତପ୍ରଭ କରିଦେଲା । ପରିବ୍ରାଜକ ସେମାନଙ୍କର ଏ ସମସ୍ତ କଥା ଶୁଣୁଥାନ୍ତି ।

ଯକ୍ଷ ଓ ଯକ୍ଷପତ୍ନୀ ନୀରବ ହେବାରୁ ପରିବ୍ରାଜକ କୃତାଞ୍ଜଳିପୁଟରେ ନିବେଦନ କଲେ, 'ଭଗବନ୍, ମୁଁ ପରିବ୍ରାଜକ, ଆପଣଙ୍କ ଶରଣଭିକ୍ଷା କରୁଛି । ଆପଣମାନଙ୍କ ଭିତରେ ହୋଇଥିବା କଥାବାର୍ତ୍ତା ଗୋପନରେ ଶୁଣିଥିବା ଯୋଗୁଁ ମୋତେ କ୍ଷମା କରନ୍ତୁ ।' ପରିବ୍ରାଜକଙ୍କ ସତ୍ୟ କଥନରେ ପ୍ରୀତ ହୋଇ ଯକ୍ଷ କହିଲା, 'ମୁଁ ସର୍ବସ୍ଥାନଗତ ନାମକ ଯକ୍ଷ । ତୁମେ ସତ୍ୟ କଥା ପ୍ରକାଶ କରିଥିବା ଯୋଗୁଁ ମୁଁ ତୁମ ପ୍ରତି ପ୍ରସନ୍ନ । ବର ଭିକ୍ଷାକର ।' ପରିବ୍ରାଜକ ଉତ୍ତରରେ କହିଲେ, 'ଆପଣ ନିଜ ପତ୍ନୀ ପ୍ରତି କ୍ରୋଧ ପ୍ରକାଶ କରିବେ ନାହିଁ । ଏହି ବରହିଁ ମୁଁ ପ୍ରାର୍ଥନା କରୁଛି ।' ଏଥିରେ ସନ୍ତୁଷ୍ଟ ଯକ୍ଷ ପୁଣି କହିଲା, 'ମୁଁ ତୁମ ପ୍ରତି ଅତ୍ୟନ୍ତ ପ୍ରସନ୍ନ । ଏଣୁ ତୁମକୁ ଏ ବର ଦେଉଛି । ବର୍ତ୍ତମାନ ଦ୍ୱିତୀୟ ବର ମାଗ ।' ପରିବ୍ରାଜକ ସେମାନେ ଉଭୟ ପତିପତ୍ନୀ ସେହି ସମୟଠାରୁ ତାଙ୍କୁ ପୁତ୍ର ରୂପେ ସ୍ୱୀକାର କରନ୍ତୁ ବୋଲି ଦ୍ୱିତୀୟ ବର ପ୍ରାର୍ଥନା କଲେ । ପରିବ୍ରାଜକଙ୍କ ସାଧୁତାରେ ସନ୍ତୁଷ୍ଟ ହୋଇ ଯକ୍ଷ ଓ ଯକ୍ଷପତ୍ନୀ ବୃକ୍ଷ ମଧ୍ୟରୁ ବାହାରି ଆସି ବାତ୍ସଲ୍ୟଭରା ସ୍ୱରରେ କହିଲେ, 'ପୁତ୍ର, ଆଜିଠାରୁ ତୁ ଆମର ପୁତ୍ର ହେଲୁ । ଆମ ଆଶୀର୍ବାଦରୁ ତୋତେ କୌଣସି ସ୍ଥାନରେ କଦାଚିତ୍ ବିପଦ ପଡ଼ିବନାହିଁ । ଶାସ୍ତ୍ରାର୍ଥରେ, ବିଦ୍ୟା ବିବାଦରେ ଏବଂ ଦ୍ୟୂତକ୍ରୀଡ଼ାରେ ତୁ ସର୍ବଦା

Digitized by srujanika@gmail.com

ବିଜୟୀ ହେବୁ ।' ଏପରି କହି ଯକ୍ଷ ଓ ଯକ୍ଷପତ୍ନୀ ବୃକ୍ଷ ମଧ୍ୟରେ ଅନ୍ତର୍ହିତ ହେଲେ । ପରିବ୍ରାଜକ ମଧ୍ୟ ସେମାନଙ୍କୁ ପ୍ରଣତି ଜ୍ଞାପନ କରି ପାଟଳିପୁତ୍ର ଅଭିମୁଖରେ ଅଗ୍ରସର ହେଲେ ।

ପାଟଳିପୁତ୍ର ନଗରୀ ଅତ୍ୟନ୍ତ ସମୃଦ୍ଧିଶାଳୀ । ସେଠାରେ ଉପସ୍ଥିତ ହୋଇ ପରିବ୍ରାଜକ କାଶ୍ମୀର ଦେଶରୁ ଜଣେ ବିଦ୍ୟାବିବାଦୀ ଶାସ୍ତ୍ରଜ୍ଞ ପଣ୍ଡିତ ଆସିଥିବା ବିଷୟ ଦ୍ୱାରପାଳ ଦ୍ୱାରା ରାଜା ସିଂହାକ୍ଷଙ୍କୁ ସୂଚିତ କଲେ । ରାଜାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ପରିବ୍ରାଜକ ରାଜସଭା ସ୍ଥିତ ପଣ୍ଡିତମାନଙ୍କୁ ବିଦ୍ୟାବିବାଦ ପାଇଁ ଆହ୍ୱାନ କଲେ । ଯକ୍ଷଦମ୍ପତିଙ୍କ ବର ପ୍ରଭାବରୁ ପ୍ରତି ପଦରେ ସେ ପଣ୍ଡିତମାନଙ୍କୁ ପରାସ୍ତ କରୁଥାନ୍ତି । ଶେଷରେ ସେ ସେମାନଙ୍କୁ ଗୋଟିଏ ପ୍ରଶ୍ନ କଲେ । 'ଚିତ୍ରିତ ଭିତ୍ତି ଦେହରୁ ଗଦା ଓ ଚକ୍ର ହସ୍ତରେ ଜଣେ ପୁରୁଷ ଦନ୍ତରେ ଅଧର ଓଷ୍ଠ ଏବଂ ନଖ ଦ୍ୱାରା ସ୍ତନରେ କ୍ଷତ ସୃଷ୍ଟି କରି ସ୍ତ୍ରୀମାନଙ୍କୁ ଉପଭୋଗ କରେ ଏବଂ ପୁଣି ସେହି ଭିତ୍ତିଚିତ୍ର ଦେହରେ ଲୀନ ହୋଇଯାଏ । ଏହାର ରହସ୍ୟ କ'ଣ, ଉତ୍ତର ଦିଅନ୍ତୁ ?' ପଣ୍ଡିତମାନେ ଏହାର ଯଥାର୍ଥ ଉତ୍ତର ଦେଇ ନପାରି ପ୍ରକୃତ ରହସ୍ୟ ଜାଣିନଥିବା ଯୋଗୁଁ ପରସ୍ପର ପରସ୍ପରର ମୁହଁକୁ ଚାହିଁରହିଲେ ।

ପରିବ୍ରାଜକଙ୍କ ଏହି ଅଦ୍ଭୁତ ପାଣ୍ଡିତ୍ୟ ଓ ସର୍ବଜ୍ଞତାରେ ବିସ୍ମିତ ହୋଇ ରାଜା ସିଂହାକ୍ଷ ଏହି ରହସ୍ୟ ଉଦ୍‌ଘାଟନ କରିବା ନିମିତ୍ତ ତାଙ୍କୁ ହିଁ ଅନୁରୋଧ କଲେ । ପରିବ୍ରାଜକ ମଧ୍ୟ ଯକ୍ଷଠାରୁ ଶୁଣିଥିବା ରାଣୀ ଏବଂ ଅନ୍ୟାନ୍ୟ ନାରୀମାନଙ୍କ କପଟ ବୃତ୍ତାନ୍ତ ତାଙ୍କ ନିକଟରେ ବ୍ୟକ୍ତ କଲେ ଏବଂ ଶେଷରେ ଉପଦେଶ ଦେଇ କହିଲେ, 'ନାରୀମାନେ ପାପର ମୂଳ କାରଣ । ସେମାନଙ୍କୁ କଦାପି ବିଶ୍ୱାସ କରିବା ଉଚିତ ନୁହେଁ ।'

ରାଜା ସଂସାର ପ୍ରତି ବିରକ୍ତ ଏବଂ ପରିବ୍ରାଜକଙ୍କ ପ୍ରତି ସନ୍ତୁଷ୍ଟ ହୋଇ ନିଜ ରାଜ୍ୟକୁ ତାଙ୍କ ହସ୍ତରେ ଅର୍ପଣ କରିବା ପାଇଁ ଅନୁଜ୍ଞା ଚାହିଁଲେ । କିନ୍ତୁ ସ୍ୱଦେଶପ୍ରେମୀ ପରିବ୍ରାଜକ ଏଥିରେ ସମ୍ମତ ହେଲେନାହିଁ । ସେ ରାଜ୍ୟ ପରିବର୍ତ୍ତେ ବହୁ ଧନ ସମ୍ପଦ ଦ୍ୱାରା ସମ୍ମାନିତ ହୋଇ ନିଜ ରାଜ୍ୟ କାଶ୍ମୀରକୁ ଫେରିଆସିଲେ ଏବଂ ଯକ୍ଷର ଅନୁଗ୍ରହରୁ ଦାରିଦ୍ର୍ୟ ମୁକ୍ତ ହୋଇ ଆନନ୍ଦରେ କାଳାତିପାତ କରିବାକୁ ଲାଗିଲେ ।

ଶିଷ୍ୟ କଥାଟି ଶୁଣାଇ ଏହା ସେ ସେହି ପରିବ୍ରାଜକଙ୍କ ମୁଖରୁ ହିଁ ଶୁଣିଥିବା ବ୍ୟକ୍ତ କଲା । ଏହି ଅପୂର୍ବ କଥା ଦୀର୍ଘଦିନ ଧରି ମହର୍ଷି ଓ ତାଙ୍କ ଶିଷ୍ୟମାନଙ୍କୁ ବିସ୍ମିତ କରି ରଖିଥିଲା ।

Digitized by srujanika@gmail.com

ଗୋମୁଖ ଗଳ୍ପଟି ଶୁଣାଇ ନରବାହନଦତ୍ତଙ୍କୁ କହିଲେ, ''ଦେବ, ଏହିପରି ସ୍ତ୍ରୀ, ବିଧାତା ଏବଂ ସଂସାରର ଚରିତ୍ର ବଡ଼ ବିଚିତ୍ର । ଏ ସମ୍ପର୍କରେ ଏଗାରଟି ପତିଙ୍କୁ ମାରିଥିବା ଗୋଟିଏ ସ୍ତ୍ରୀର କଥା ଶୁଣନ୍ତୁ –

ଏକାଦଶ ମାରିକା କଥା

ମାଳବ ଦେଶର କୌଣସି ଗ୍ରାମରେ ଜଣେ ଗୃହସ୍ଥ ଥାଏ । ଦୁଇ ତିନୋଟି ପୁତ୍ର ସନ୍ତାନ ପ୍ରସବ କରିବା ପରେ ତା'ର ପତ୍ନୀ ଗୋଟିଏ କନ୍ୟା ସନ୍ତାନକୁ ଜନ୍ମଦେଲା । କନ୍ୟାର ଜନ୍ମ ମୁହୂର୍ତ୍ତରେ ହିଁ ପ୍ରସବ ବେଦନାରେ ମା'ର ମୃତ୍ୟୁ ହେଲା । କିଛି ଦିନ ମଧ୍ୟରେ ଗୃହସ୍ଥର ଗୋଟିଏ ପୁତ୍ର ମଧ୍ୟ ପରଲୋକକୁ ଚାଲିଗଲା । ତା'ର କିଛିଦିନ ପରେ ଅନ୍ୟ ଗୋଟିଏ ଭାଇ ମଧ୍ୟ ଷଣ୍ଢର ଆଘାତରେ ପରଲୋକ ଗମନ କଲା । ତେଣୁ ପିତା କନ୍ୟାଟିର ନାମ ରଖିଲେ ତ୍ରିମାରିକା । କନ୍ୟାଟି ଅତ୍ୟନ୍ତ ରୂପବତୀ ହେଲେ ସୁଦ୍ଧା କୁଲକ୍ଷଣୀ ଥିଲା । ସେ ଜନ୍ମ ହେବାରୁ ଘରୁ ତିନିଜଣ ମରିଗଲେ ।

କ୍ରମଶଃ ତ୍ରିମାରିକା ଯୌବନରେ ପଦାର୍ପଣ କଲା । ତା'ର ରୂପଲାବଣ୍ୟରେ ମୁଗ୍ଧ ହୋଇ ସେହି ଗ୍ରାମରେ ବାସ କରୁଥିବା ଜଣେ ଧନାଢ଼୍ୟ ଗୃହସ୍ଥ କନ୍ୟାଟିକୁ ପୁତ୍ରବଧୂ ଭାବେ ନେବାପାଇଁ ଇଚ୍ଛା ପ୍ରକାଶ କଲେ । ବିବାହ ଉତ୍ସବ ବହୁ ଧୁମ୍‌ଧାମ୍‌ରେ ପାଳିତ ହେଲା । କିଛିଦିନ ଶ୍ୱଶୁରାଳୟରେ ଦାମ୍ପତ୍ୟ ଜୀବନ କଟାଇଲା ପରେ କନ୍ୟାଟି ହଠାତ୍ ବିଧବା ହୋଇଗଲା । ଏଥିରେ ଶ୍ୱଶୁରାଳୟର ବ୍ୟକ୍ତିମାନେ ମର୍ମାହତ ହୋଇପଡ଼ିଲେ । କିନ୍ତୁ ତ୍ରିମାରିକା ସ୍ୱଳ୍ପ ବ୍ୟବଧାନରେ ହିଁ ଅନ୍ୟ ପତି ଗ୍ରହଣ କଲା । ତା'ର ଏହି ଦ୍ୱିତୀୟ ପତି ମଧ୍ୟ ଦୀର୍ଘଦିନ ଜୀବିତ ରହିଲା ନାହିଁ । କାମୋନ୍ମତ୍ତା ବିଧବା ଏହାପରେ ତୃତୀୟ ପତି ଗ୍ରହଣ କଲା । କିନ୍ତୁ ସେ ମଧ୍ୟ ଏହି ପତିଘାତିନୀ ନାରୀର ଦୁର୍ଭାଗ୍ୟରୁ ରକ୍ଷା ପାଇଲା ନାହିଁ । ପୂର୍ବପତିମାନଙ୍କ ପରି ତା'ର ମଧ୍ୟ ସ୍ୱର୍ଗବାସ ହେଲା । ଏହିପରି କ୍ରମଶଃ ତ୍ରିମାରିକାର ଦଶଟି ପତି ମୃତ୍ୟୁବରଣ କଲାପରେ ଗ୍ରାମବାସୀମାନେ ତା'କୁ ପରିହାସରେ ତ୍ରିମାରିକା ପରିବର୍ତ୍ତେ ଦଶମାରିକା ବୋଲି ଡାକିବାକୁ ଲାଗିଲେ । ସେ ଏହି ନାମରେ ହିଁ ସେହି ଅଞ୍ଚଳରେ ଅଧିକ ପରିଚିତ ହେଲା ।

ଏହାପରେ ପିତା ଲଜ୍ଜିତ ହୋଇ କନ୍ୟାଟିକୁ ଅନ୍ୟ ପୁରୁଷ ହସ୍ତରେ ସମର୍ପଣ କରିବା ପାଇଁ ଚାହିଁଲେ ନାହିଁ । ଗ୍ରାମବାସୀମାନେ ଉଭୟ ପିତା ଓ କନ୍ୟାକୁ ବାରଣ କରିବା ଯୋଗୁଁ ବିଧବା ଦଶମାରିକା ପିତୃଗୃହରେ ହିଁ ବାସ କରିବାକୁ ଲାଗିଲା ।

Digitized by srujanika@gmail.com

ଏହିପରି କିଛିଦିନ ବିତିଗଲା । ଦିନେ ଜଣେ ପଥିକ ଆସି ଗୃହସ୍ଥଙ୍କ ଅନୁମତି କ୍ରମେ ତାଙ୍କ ଗୃହରେ ରାତ୍ରିଯାପନ କଲା । ଦଶମାରିକା ତାକୁ ଦେଖି ତା'ପ୍ରତି ଆସକ୍ତ ହୋଇପଡ଼ିଲା । ପଥିକ ମଧ୍ୟ ଦଶମାରିକା ରୂପରେ ମୁଗ୍ଧ ହୋଇ ତାକୁ ପତ୍ନୀ ରୂପରେ ଲାଭ କରିବା ନିମିତ୍ତ ଇଚ୍ଛା କଲା । ଅତ୍ୟଧିକ କାମବାସନାରୁ ଅତ୍ୟନ୍ତ ନିର୍ଲଜ୍ଜ ଆଚରଣ କରୁଥିବା ଦଶମାରିକା ପିତାଙ୍କ ନିକଟରେ ଯାଇ କହିଲା, 'ବାପା, ମୁଁ ଏହାଙ୍କୁ ମୋର ଅନ୍ୟତମ ପତି ରୂପେ ବରଣ କରିଛି । ସେ ଯଦି ମରିଯା'ନ୍ତି ତା'ହେଲେ ମୁଁ ଆଉ ବିବାହ ନକରି ସନ୍ନ୍ୟାସିନୀ ବ୍ରତ ଆଚରଣ କରିବି ।' ପଥିକଙ୍କୁ ଶୁଣାଇ କନ୍ୟାର ଏହି କ୍ରୂର ଅନୁରୋଧରେ ପିତା ତାକୁ ଏଥିରୁ ନିବୃତ୍ତ କରିବା ପାଇଁ କହିଲେ, 'ମା, ତୁ ଆଉ ଏପରି କରନାହିଁ । ଏହା ଆମପାଇଁ ଅତ୍ୟନ୍ତ ଲଜ୍ଜାର କଥା ହେବ । ତୋ'ର ଦଶଟି ପତି ମରି ସାରିଛନ୍ତି । ଏ ମଧ୍ୟ ଯଦି ମରିଯାଏ ତେବେ ଲୋକଙ୍କ ଆଗରେ ଆମେ ମୁହଁ ଦେଖାଇପାରିବା ନାହିଁ ।' ଏହାଶୁଣି ମଧ୍ୟ ପଥିକ ପ୍ରେମପୂର୍ବକ କହିଲା, 'ମୁଁ ମରିବି ନାହିଁ । ପୂର୍ବରୁ ମୋର ମଧ୍ୟ ଦଶଟି ପତ୍ନୀ ମରିସାରିଛନ୍ତି । ଏଣୁ ଆମେ ଉଭୟେ ସମାନ । ମୁଁ ମହାଦେବଙ୍କ ପାଦସ୍ପର୍ଶ କରି ଏହାକୁ ପତ୍ନୀରୂପେ ଗ୍ରହଣ କରିବା ପାଇଁ ଶପଥ ନେଉଛି ।' ପଥିକର ଏପ୍ରକାର ଦମ୍ଭୋକ୍ତି ଶୁଣି କିଏ ବା ଆଶ୍ଚର୍ଯ୍ୟ ନହେବ ?

ପିତାଙ୍କ ସହିତ ଗ୍ରାମର ମୁଖିଆମାନେ ମଧ୍ୟ ଏହି ବିବାହ ପାଇଁ ସମ୍ମତି ପ୍ରଦାନ କରିବା ନିମିତ୍ତ ବାଧ୍ୟ ହେଲେ । ଦଶମାରିକା ଏକାଦଶ ପତି ଗ୍ରହଣ କଲା । କିନ୍ତୁ ଭାଗ୍ୟର ବିଡ଼ମ୍ବନା । ସେ ମଧ୍ୟ ସ୍ୱଳ୍ପ କିଛି ଦିନ ପତ୍ନୀ ସହିତ ରହି ସନ୍ନିପାତରେ ପରପାରକୁ ଚାଲିଗଲା । ଏଥିରେ ଦୁଃଖ କରିବା ପରିବର୍ତ୍ତେ ଗ୍ରାମବାସୀ କାହିଁକି ଗାଁରେ ଥିବା ଗଛପତ୍ର ମଧ୍ୟ ହସିବାକୁ ଲାଗିଲେ । ଏକାଦଶ ମାରିକା ନିଜ ପ୍ରତିଜ୍ଞା ଅନୁଯାୟୀ ଗଙ୍ଗାତଟରେ ସନ୍ନ୍ୟାସିନୀ ବ୍ରତ ଆଚରଣ ପୂର୍ବକ ବାସ କରିବାକୁ ଲାଗିଲା ।

କଥାଟି ଶୁଣି ନରବାହନଦତ୍ତ ହାସ୍ୟ ପ୍ରକାଶ କରନ୍ତେ, ଗୋମୁଖ ଉତ୍ସାହିତ ହୋଇ ପୁଣି ଏ କଥା ଆରମ୍ଭ କଲେ –

ବଳଦଜୀବୀ ମୂର୍ଖ କଥା

କୌଣସି ଗ୍ରାମରେ ଜଣେ ବହୁକୁଟୁମ୍ବୀ ପୁରୁଷ ରହୁଥାଏ । ସେ ଅତ୍ୟନ୍ତ ଗରିବ । ଘରେ ଏକମାତ୍ର ବଳଦ ହିଁ ତା'ର ସମଗ୍ର ସମ୍ପତ୍ତି । ଦିନଦିନ ଧରି ସେ ଓ ତା'ର ପରିବାର

Digitized by srujanika@gmail.com

ଉପବାସରେ ରହୁଥିଲେ ମଧ୍ୟ ଲୋଭବଶତଃ ସେ ବଳଦଟିକୁ ବିକେ ନାହିଁ । ଦାରିଦ୍ର୍ୟ ଓ କ୍ଷୁଧାରେ ପୀଡ଼ିତ ହୋଇ ଶେଷରେ ସେ ଯାଇ ଭଗବତୀ ବିନ୍ଧ୍ୟବାସିନୀଙ୍କ ସମ୍ମୁଖରେ କୁଶାସନରେ ବସି ନିରାହାର ତପସ୍ୟା ଆରମ୍ଭ କଲା । ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ବର ପ୍ରଦାନ କରି କହିଲେ, 'ବତ୍ସ, ତୋ'ର ତପସ୍ୟାରେ ମୁଁ ସନ୍ତୁଷ୍ଟ, କିନ୍ତୁ ତୋ ଭାଗ୍ୟରେ ସବୁବେଳେ ଗୋଟିଏ ବଳଦ ହିଁ ସମ୍ପତ୍ତି ହୋଇ ରହିବା ଲେଖାଅଛି । ତେଣୁ ତୁ ବଳଦକୁ ବିକ୍ରୀ କରି ହିଁ ଆନନ୍ଦରେ ଜୀବନଯାପନ କରିବୁ ।'

ଦେବୀଙ୍କ ଠାରୁ ଏହିପରି ସ୍ୱପ୍ନାଦେଶ ପାଇ ସେ ପ୍ରାତଃକାଳରୁ ଶଯ୍ୟା ତ୍ୟାଗପୂର୍ବକ ବ୍ରତ ଉଦ୍‌ଯାପନ କଲା । ଘରକୁ ଫେରିଆସି ସେ ଦେଖିଲା ଯେ ତା'ର ଅବସ୍ଥାରେ କୌଣସି ପରିବର୍ତ୍ତନ ହେଉନାହିଁ । ବଳଦଟିକୁ ବିକ୍ରୀ କରିଦେଲେ ସେ ସମ୍ପୂର୍ଣ୍ଣ ଧନଶୂନ୍ୟ ହୋଇଯିବ ବୋଲି ତାକୁ ମଧ୍ୟ ବିକ୍ରୀ କରିପାରୁ ନଥାଏ ।

ଦିନେ ତା'ର ଜଣେ ମିତ୍ର ଆସି ପହଞ୍ଚିଲେ । ତା'ର ଅବସ୍ଥା ଦେଖି ସେ ଦୁଃଖ ପ୍ରକାଶ କରନ୍ତେ ସେ ଦେବୀଙ୍କ ସ୍ୱପ୍ନାଦେଶ କଥା ତାଙ୍କ ନିକଟରେ ପ୍ରକାଶ କଲା । ମିତ୍ର ଜଣକ ଶାସ୍ତ୍ରଜ୍ଞ ଓ ବୁଦ୍ଧିମାନ୍ । ସେ ନିଜର ଉପବାସକ୍ଲିଷ୍ଟ ବନ୍ଧୁଙ୍କୁ ଦେବୀଙ୍କ ଆଦେଶର ପ୍ରକୃତ ମର୍ମ ବୁଝାଇ କହିଲେ, "ତମେ ଜଣେ ନିପଟ ମୂର୍ଖ । ଦେବୀଙ୍କ ଆଶୀର୍ବାଦକୁ ତମେ ଆଦୌ ବୁଝିପାରିଲ ନାହିଁ । ଦେବୀ କହିଛନ୍ତି ଯେ ତମ ଭାଗ୍ୟରେ ସବୁବେଳେ ଗୋଟିଏ ବଳଦ ଅଛି । ଏହାକୁ ବିକ୍ରୀ କରି ତୁମେ ସବୁବେଳେ ସୁଖରେ ରହିବ । ଅର୍ଥାତ୍ ତୁମେ ଏହି ବଳଦଟିକୁ ବିକ୍ରୀ କରି ପରିବାର ପୋଷଣ କର । ତା'ହେଲେ ତମକୁ ଆଉ ଗୋଟିଏ ବଳଦ ମିଳିବ । ତାକୁ ମଧ୍ୟ ବିକ୍ରୀ କଲେ ତୁମେ ତୃତୀୟ ବଳଦ ପାଇବ ।' ମିତ୍ର ଦେବୀଙ୍କ ଠାରୁ ପାଇଥିବା ବରର ପ୍ରକୃତ ଅର୍ଥ ବୁଝାଇ ଦେଇ ଚାଲିଯିବା ପରେ ସେ ମୂର୍ଖ ଗୋଟିଏ ପରେ ଗୋଟିଏ ବଳଦ ବିକ୍ରିକରି ଆନନ୍ଦରେ ଜୀବନଯାପନ କରିବାକୁ ଲାଗିଲା ।

ଏହିପରି ବ୍ୟକ୍ତି ନିଜର ବ୍ୟକ୍ତିତ୍ୱ ଅନୁଯାୟୀ ଦୈବୀଫଳ ଲାଭ କରିଥାଏ । ଏଣୁ ମନୁଷ୍ୟ ନିଜର ବ୍ୟକ୍ତିତ୍ୱକୁ ନିର୍ମଳ ରଖିବା ଉଚିତ । ସତ୍ତ୍ୱହୀନ ପୁରୁଷକୁ ଲକ୍ଷ୍ମୀ କଦାଚିତ୍ ବରଣ କରନ୍ତି ନାହିଁ ।

ଏବଂ ଫଳତି ସର୍ବସ୍ୟ ବିଧିଃ ସତ୍ତ୍ୱାନୁସାରତଃ
ତତ୍‌ସୁସତ୍ତ୍ୱୋ ଭବେତ୍ ସତ୍ତ୍ୱହୀନଂ ନ ବୃଣୁତେ ଶ୍ରୀୟଃ ।

କଥାଟି ଶେଷ କରି ଗୋମୁଖ ଅନ୍ୟ ଏକ କଥା ଆରମ୍ଭ କଲେ –

Digitized by srujanika@gmail.com

ସ୍ୱୟଂନିଯୁକ୍ତ ଧୂର୍ତ୍ତ ମନ୍ତ୍ରୀ କଥା

ଦକ୍ଷିଣାପଥର ଏକ ନଗରୀରେ ପୃଥ୍ୱୀପତି ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କ ରାଜ୍ୟରେ ଅନ୍ୟମାନଙ୍କୁ ଠକି ଜୀବିକା ନିର୍ବାହ କରୁଥିବା ଗୋଟିଏ ଧୂର୍ତ୍ତ ରହୁଥାଏ । ସେ ଅତ୍ୟନ୍ତ ଉଚ୍ଚାଭିଳାଷୀ । ତେଣୁ ତା'ର ଯତ୍‌କିଂଚିତ୍ ଆୟରେ ସେ ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ଅଧିକ ଆୟ ପାଇଁ ସେ ମନେମନେ ଗୋଟିଏ କୌଶଳ ଚିନ୍ତା କଲା ।

କିଛିଦିନ ନିଜକୁ ଗୋପନ ରଖି ଦିନେ ସେହି ଧୂର୍ତ୍ତ ଜଣେ ଧନାଢ୍ୟ ବଣିକର ଛଦ୍ମବେଶ ଧାରଣ କରି ରାଜଦ୍ୱାରରେ ଯାଇ ପହଞ୍ଚିଲା । ଦ୍ୱାରପାଳ ଦ୍ୱାରା ସୂଚିତ କରି ସେ ରାଜାଙ୍କ ନିକଟରେ ପହଞ୍ଚିବାରୁ ନିବେଦନ କଲା, 'ମହାରାଜ, ମୁଁ ଏକାନ୍ତରେ ଆପଣଙ୍କୁ କିଛି କହିବାକୁ ଚାହେଁ ।' ତାହାର ବହୁମୂଲ୍ୟ ବେଶଭୂଷା ଏବଂ ପ୍ରଚୁର ଉପଢୌକନ ଦ୍ୱାରା ପ୍ରଭାବିତ ହୋଇ ରାଜା ସେଠାରୁ ଅନ୍ୟମାନଙ୍କୁ ବିଦାୟ ଦେଲେ । ଧୂର୍ତ୍ତ ଏକାନ୍ତରେ ରାଜାଙ୍କୁ କହିଲା, 'ମହାରାଜ, ମୁଁ ଆପଣଙ୍କ ଠାରୁ ଧନସମ୍ପଦ କିମ୍ବା ପଦପଦବୀ ଚାହେଁନାହିଁ । ଆପଣ ପ୍ରତିଦିନ ରାଜସଭା ମଧ୍ୟରେ କ୍ଷଣକ ପାଇଁ ଗୋପନ ଆଳାପର ସୁଯୋଗ ଦେବେ । ଏଥିପାଇଁ ମୁଁ ଆପଣଙ୍କୁ ପ୍ରତିଦିନ ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରା ଭେଟି ଦେବି । କେବଳ ଏତିକି ମାତ୍ର ପ୍ରାର୍ଥନା ।'

ଧୂର୍ତ୍ତର କଥା ଶୁଣି ରାଜା ଭାବିଲେ ଯେ ଏଥିରେ ବା କ୍ଷତି କ'ଣ ? ସେ ତ ମୋ ଠାରୁ କିଛି ନେବ ନାହିଁ ବରଂ ମୁଁ ତା'ଠାରୁ ପ୍ରତିଦିନ ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରା ପାଇବି । ସମସ୍ତଙ୍କ ସମ୍ମୁଖରେ ଏହିପରି ଜଣେ ଧନିକ ବଣିକଙ୍କ ସହିତ କଥା ହେବାରେ ଲଜ୍ଜିତ ହେବାର କୌଣସି କାରଣ ମଧ୍ୟ ନାହିଁ । ଏପରି ଚିନ୍ତା କରି ରାଜା ଧୂର୍ତ୍ତର ପ୍ରାର୍ଥନା ସ୍ୱୀକାର କଲେ ଏବଂ ପରଦିନଠାରୁ ତାକୁ ଅନୁରୂପ ସୁଯୋଗ ଦେଲେ ।

ଧୂର୍ତ୍ତ ନିଜ ପ୍ରତିଶ୍ରୁତି ଅନୁଯାୟୀ ରାଜାଙ୍କୁ ପ୍ରତିଦିନ ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରା ଦେବାକୁ ଲାଗିଲା । ରାଜସଭା ଚାଲିଥିବା ବେଳେ ରାଜା ତା ସହିତ ଗୁପ୍ତ ମନ୍ତ୍ରଣା କରୁଥିବା ଦେଖି ରାଜ୍ୟବାସୀ ମନେକଲେ ଯେ ରାଜା ତାକୁ ମହାମନ୍ତ୍ରୀ ପଦରେ ନିଯୁକ୍ତ କରିଛନ୍ତି ।

ଦିନେ ଧୂର୍ତ୍ତ ଜଣେ ବରିଷ୍ଠ କର୍ମଚାରୀଙ୍କ ପ୍ରତି ବାରମ୍ବାର ଦୃଷ୍ଟିପାତ କରି ରାଜାଙ୍କ ସହିତ ଗୋପନ ଆଳାପ କରିବାକୁ ଲାଗିଲା । ଦରବାର ଶେଷ ହେବାପରେ ସେହି କର୍ମଚାରୀ ଏହାର କାରଣ ଜିଜ୍ଞାସା କରନ୍ତେ ଧୂର୍ତ୍ତ ତାଙ୍କୁ ମିଥ୍ୟାରେ କହିଲା, 'ତୁମେ

Digitized by srujanika@gmail.com

ରାଜାଙ୍କର ଅର୍ଥ ତୋଷରପାତ କରୁଛ ବୋଲି ରାଜା ତୁମ ପ୍ରତି ଅସନ୍ତୁଷ୍ଟ ହୋଇଉଠିଛନ୍ତି । ତୁମକୁ ସେ ତୁମ ପଦବୀରୁ ବହିଷ୍କାର କରିପାରନ୍ତି । ଏଣୁ ବାରମ୍ବାର ତୁମକୁ ଚାହୁଁଥିଲି । କାଲି ତୁମ ସମ୍ପର୍କରେ ରାଜାଙ୍କୁ କହି ତାଙ୍କୁ ଶାନ୍ତ କରିବି ।' ଧୂର୍ତ୍ତଠାରୁ ଏହାଶୁଣି ଭୟରେ ଉକ୍ତ କର୍ମଚାରୀ ପରଦିନ ପ୍ରଭାତରୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ନେଇ ସେହି ଧୂର୍ତ୍ତକୁ ଦେଇଆସିଲେ । ସେହିଦିନ ରାଜସଭା ଶେଷରେ ଧୂର୍ତ୍ତ ତାଙ୍କୁ କହିଲା 'ଆଜି ତୁମ ସପକ୍ଷରେ ରାଜାଙ୍କୁ ବୁଝାଇ ଦେଇଛି । ସେ ତୁମ ପ୍ରତି ପ୍ରସନ୍ନ । ଭୟ କରିବାର କିଛି ନାହିଁ । ଧୈର୍ଯ୍ୟ ରଖ । ମୁଁ ବର୍ତ୍ତମାନ ତୁମର ସମସ୍ତ ଅପରାଧ ଗୋପନ ରଖିବି ।' ଏହାକହି ସେ ଉକ୍ତ କର୍ମଚାରୀଙ୍କୁ ବିଦାୟ ଦେଲା । ଏବଂ ସେହି କର୍ମଚାରୀ ମଧ୍ୟ ବିଭିନ୍ନ ଉପଚାରରେ ସେହିଦିନଠାରୁ ଏହି ଧୂର୍ତ୍ତକୁ ସନ୍ତୁଷ୍ଟ କରିବାକୁ ଲାଗିଲା ।

ପ୍ରଥମ ପ୍ରୟାସ ଫଳପ୍ରସୂ ହେବାରୁ ଧୂର୍ତ୍ତ ଧୀରେ ଧୀରେ ସମସ୍ତ କର୍ମଚାରୀ, ରାଜପୁତ୍ର, ସାମନ୍ତ ଓ ସେବକମାନଙ୍କୁ ଏହିପରି ବିଭିନ୍ନ ଛଳନାପୂର୍ଣ୍ଣ କୌଶଳରେ ବଶୀଭୂତ କରୁଥାଏ । ପ୍ରତିଦିନ ରାଜାଙ୍କୁ ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରା ଦେଉଥିଲେ ସୁଦ୍ଧା ସେ ଦେଖିଲା ଯେ କିଛିଦିନ ମଧ୍ୟରେ ତା' ନିକଟରେ ପାଞ୍ଚକୋଟି ସ୍ୱର୍ଣ୍ଣମୁଦ୍ରା ଗଚ୍ଛିତ ଅଛି । ଦିନେ ସେ ରାଜାଙ୍କ ନିକଟରେ ଏହା ସ୍ୱୀକାର କରି ଉପାର୍ଜ୍ଜିତ ସମସ୍ତ ସ୍ୱର୍ଣ୍ଣମୁଦ୍ରା ରାଜାଙ୍କ ନିକଟରେ ନେଇ ସମର୍ପଣ କରି କହିଲା – "ଏସବୁ ଆପଣଙ୍କର । ଆପଣଙ୍କ ଅନୁଗ୍ରହରୁ ହିଁ ମୁଁ ଏତେ ଧନସମ୍ପତ୍ତି ଉପାର୍ଜନ କରିପାରିଛି । ଏଥିରେ ମୋର କିଛି ନାହିଁ । ଆପଣ ଏହାକୁ ଗ୍ରହଣ କଲେ ମୁଁ ଅନୁଗୃହୀତ ହେବି ।" ଧୂର୍ତ୍ତର ଆଚରଣରେ ରାଜା ହତଚକିତ ହୋଇପଡ଼ିଲେ । ସେ ବହୁକଷ୍ଟରେ ସେଥିରୁ ଅଧା ସ୍ୱର୍ଣ୍ଣମୁଦ୍ରା ରଖି ଆଉ ଅଧା ଧୂର୍ତ୍ତକୁ ଫେରାଇଦେଲେ । ସେହିଦିନଠାରୁ ଧୂର୍ତ୍ତ ରାଜ୍ୟର ମହାମନ୍ତ୍ରୀ ପଦରେ ନିଯୁକ୍ତ ହେଲା । ଛଳ କୌଶଳ କରି ଏତେ ଧନ ଉପାର୍ଜ୍ଜନ କରିଥିଲେ ସୁଦ୍ଧା ସେ ସେସବୁକୁ ଦାନଧର୍ମ ପାଇଁ ବିନିଯୋଗ କରି ଆନନ୍ଦରେ ଜୀବନଯାପନ କରିବାକୁ ଲାଗିଲା ।

ଏହିପରି ବୁଦ୍ଧିମାନ ବ୍ୟକ୍ତି ଅଧିକ ପାପ ନକରି ମଧ୍ୟ ପ୍ରଚୁର ସମ୍ପତ୍ତି ଲାଭ କରିପାରନ୍ତି । କୂଅ ଖୋଳିବା ବ୍ୟକ୍ତି ନିଜେ ଜଳ ଲାଭ କରେ ଏବଂ ଅନ୍ୟକୁ ଜଳଦାନ କରି ପାପରେ ଭାଗୀ ହୁଏନାହିଁ ।

ମନ୍ତ୍ରୀ ଗୋମୁଖ ରାଜକୁମାରଙ୍କୁ ଉପର୍ଯ୍ୟୁକ୍ତ ଗଳ୍ପଟି ଶୁଣାଇ କହିଲେ, ଆପଣ ତ ବିବାହ ପାଇଁ ଉତ୍ସୁକ । ବର୍ତ୍ତମାନ ସେହିପରି ଗୋଟିଏ କଥା ଶୁଣନ୍ତୁ –

Digitized by srujanika@gmail.com

ହେମପ୍ରଭା କଥା

ରତ୍ନାକର ନଗରରେ ବୁଦ୍ଧିପ୍ରଭ ନାମକ ଜଣେ ରାଜା ଥିଲେ । ମଦୋନ୍ମତ୍ତ ହସ୍ତୀ ତୁଲ୍ୟ ଶତ୍ରୁ ରାଜାମାନଙ୍କୁ ଦମନ କରି ସେ ସିଂହ ପରାକ୍ରମରେ ରାଜତ୍ୱ କରୁଥାନ୍ତି । ରତ୍ନରେଖା ନାମକ ତାଙ୍କର ଜଣେ ରାଣୀଙ୍କ ଗର୍ଭରୁ କନ୍ୟାଟିଏ ଜନ୍ମ ନେଲା । ସେସମୟର ସେ ବିଶ୍ୱସୁନ୍ଦରୀ । କୌଣସି ଅଭିଶାପବଶତଃ ସେ ମର୍ତ୍ତ୍ୟଲୋକରେ ଜନ୍ମ ନେଇଥାଏ । ରାଜା ତା'ର ନାମ ରଖିଲେ ହେମପ୍ରଭା ।

ପୂର୍ବଜନ୍ମରେ ଆକାଶରେ ଉଡ଼ିବା ତା'ର ଗୋଟିଏ ବିଳାସ ଥିଲା । ତେଣୁ ଏ ଜନ୍ମରେ ସେଥିପାଇଁ ସେ ଦୋଳିରେ ଝୁଲିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଥାଏ । କାଳେ ପଡ଼ିଯିବ ବୋଲି ବୁଦ୍ଧିପ୍ରଭ ତାକୁ ବାରମ୍ବାର ମନା କରୁଥାନ୍ତି । ଦିନେ ପିତାଙ୍କ କଥା ଅମାନ୍ୟ କରି ଖୁବ୍‌ଜୋର୍‌ରେ ପହଁଝିବାରୁ ପିତା ତାକୁ ଚାପୁଡ଼ାଟିଏ ପକାଇଲେ । ହେମପ୍ରଭା ଏହାକୁ ଘୋର ଅପମାନ ମନେକରି ଅରଣ୍ୟକୁ ଚାଲିଯିବା ପାଇଁ ଚିନ୍ତା କଲା । ଦିନେ ସେ ସଖୀମାନଙ୍କ ସହିତ ଉପବନ ବିହାରର ଛଳନା କରି ନଗର ବାହାରେ ଥିବା ଏକ ଉଦ୍ୟାନରେ ଯାଇ ପହଞ୍ଚିଲା । ସେଠାରେ ଉଦ୍ୟାନ ରକ୍ଷକମାନଙ୍କୁ ମଦ୍ୟ ପାନରେ ଉନ୍ମତ୍ତ କରାଇ ଲତା ଗହଳି ମଧ୍ୟରେ ଦୂରକୁ ପଳାୟନ କଲା । ବହୁ ଦୂରପଥ ଅତିକ୍ରମ କରି ସେ ଯାଇ ଗୋଟିଏ ଫଳପୁଷ୍ପପୂର୍ଣ୍ଣ ଅରଣ୍ୟରେ ପହଞ୍ଚିଲା । ସେଠାରେ ପତ୍ରକୁଡ଼ିଆଟିଏ ନିର୍ମାଣ କରି ଭଗବାନ ଶିବଙ୍କ ଆରାଧନାରେ ସେ ନିଜକୁ ତଲ୍ଲୀନ କରିରଖିଥାଏ । ରାଜା ଚତୁର୍ଦ୍ଦିଗ ଅନୁସନ୍ଧାନ କରି ତା'ର ପତ୍ତା ପାଇଲେ ନାହିଁ । କନ୍ୟାକୁ ମାରିଥିବା ଯୋଗୁଁ ସେ ବହୁଦିନ ପର୍ଯ୍ୟନ୍ତ ପଶ୍ଚାତାପ କରିବାକୁ ଲାଗିଲେ ।

ସମୟ ହିଁ ମନୁଷ୍ୟକୁ ଅତୀତର ଦୁଃଖ ଭୁଲିଯିବା ପାଇଁ ସାହାଯ୍ୟ କରିଥାଏ । ରାଜା ମଧ୍ୟ ଧୀରେ ଧୀରେ ମାନସିକ ଶାନ୍ତି ଫେରିପାଇବାକୁ ଲାଗିଲେ । ଦିନେ ବୁଦ୍ଧିପ୍ରଭ ମୃଗୟା ପାଇଁ ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥିବା ବେଳେ ବହୁ ଦୂରକୁ ଚାଲିଯାଇ ଅନ୍ୟ ଏକ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ସେଠାରେ ଗୋଟିଏ ପର୍ଣ୍ଣକୁଟୀର ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଆଶ୍ରୟ ପାଇଁ ନିଃଶଙ୍କ ଚିତ୍ତରେ ସେ ତା'ମଧ୍ୟରେ ପ୍ରବେଶ କଲେ । ସେଠାରେ ତପଶ୍ଚରଣ ଦ୍ୱାରା କ୍ଷୀଣ ଶରୀରା, ନିଜ କନ୍ୟାକୁ ଦେଖି ତାଙ୍କ ବିସ୍ମୟର ସୀମା ରହିଲା ନାହିଁ । ହେମପ୍ରଭା ମଧ୍ୟ ସେଠାରେ ପିତାଙ୍କୁ ଏକାକୀ ଦେଖି ବିସ୍ମିତ ହେଲା । ସେ ଜାନୁପାତ ପୂର୍ବକ ପିତାଙ୍କ ଚରଣରେ ପ୍ରଣିପାତ କଲାବେଳେ ଅଶ୍ରୁସିକ୍ତ ରାଜା ବାତ୍ସଲ୍ୟ ସ୍ନେହରେ

Digitized by srujanika@gmail.com

ତାକୁ କୋଳାଇ ନେଲେ । ବହୁଦିନ ପରେ ପରସ୍ପରକୁ ଦେଖିଥିବା ଯୋଗୁଁ କାରୁଣ୍ୟ ମିଶ୍ରିତ ଆନନ୍ଦରେ ଉଭୟେ ଏପରି କାନ୍ଦିବାକୁ ଲାଗିଲେ ଯେ ତାହା ଶୁଣି ଅରଣ୍ୟର ମୃଗମାନେ ମଧ୍ୟ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ ।

କିଛି ସମୟ ପରେ ବୁଦ୍ଧିପ୍ରଭ ଆଶ୍ୱସ୍ତ ହୋଇ ହେମପ୍ରଭାକୁ ଏହି ବୟସରେ ରାଜଲକ୍ଷ୍ମୀର ସୁଖ ପରିତ୍ୟାଗ କରି ଏପରି ତପସ୍ୱିନୀ ଜୀବନଯାପନ କରିବା ଅନୁଚିତ ବୋଲି ବୁଝାଇ ମା'ଙ୍କ ନିକଟକୁ ଫେରାଇ ନେବାପାଇଁ ଚାହିଁଲେ । କିନ୍ତୁ ପିତାଙ୍କ ପ୍ରସ୍ତାବକୁ ଅସ୍ୱୀକାର କରି ହେମପ୍ରଭା କହିଲା, 'ବାପା, ଭାଗ୍ୟ ହିଁ ମୋତେ ଏ ପରିସ୍ଥିତିରେ ଆଣି ପକାଇଛି । ଏଥିରେ ମୋର କୌଣସି ଶକ୍ତି ନାହିଁ । ରାଜଲକ୍ଷ୍ମୀର ସୁଖଭୋଗ କରିବା ପାଇଁ ମୁଁ ଆଉ ଘରକୁ ଯାଇପାରିବି ନାହିଁ । ତପସ୍ୟାର ଏହି ଆନନ୍ଦ ପରିତ୍ୟାଗ କରିବା ମୋ ପକ୍ଷରେ ସମ୍ଭବ ନୁହେଁ ।' ରାଜା କନ୍ୟାର ଏହିପରି ଅବିଚଳିତ ମନୋଭାବ ଦେଖି ସେହି ବନଭୂମିରେ ହିଁ ଏକ ସୁନ୍ଦର ବାସଗୃହ ନିର୍ମାଣ କରାଇଦେଲେ ଏବଂ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରି ଅତିଥି ସତ୍କାର ନିମିତ୍ତ କନ୍ୟା ନିକଟକୁ ପ୍ରତିଦିନ ଧନ, ମିଷ୍ଟାନ୍ନ ଇତ୍ୟାଦି ନିୟମିତ ପଠାଇବାର ବ୍ୟବସ୍ଥା କଲେ । ହେମପ୍ରଭା ମଧ୍ୟ ପିତୃଦତ୍ତ ଉପହାରରେ ଅତିଥି ସତ୍କାର କରି ନିଜେ ଫଳମୂଳ ଭକ୍ଷଣ ପୂର୍ବକ ତପଶ୍ଚରଣ କରିବାକୁ ଲାଗିଲା ।

ଦିନେ ଜଣେ ଆଜନ୍ମ ବ୍ରହ୍ମଚାରିଣୀ ସନ୍ନ୍ୟାସିନୀ ତୀର୍ଥ ଭ୍ରମଣରେ ଯାଉଥିବା ବେଳେ ହେମପ୍ରଭାଙ୍କ ଆଶ୍ରମରେ ଆସି ପହଞ୍ଚିଲେ । ରାଜକୁମାରୀ ଯଥୋଚିତ ଆତିଥ୍ୟ ସତ୍କାର କରି ତାଙ୍କୁ ସେଠାରେ କିଛିଦିନ ଅଟକାଇ ରଖିଲେ । ଦିନେ କଥା ପ୍ରସଙ୍ଗରେ ସେ ସନ୍ନ୍ୟାସ ବ୍ରତ ଗ୍ରହଣ କରିବାର କାରଣ ଜାଣିବା ପାଇଁ ଚାହିଁବାରୁ ବ୍ରହ୍ମଚାରିଣୀ କହିଲେ ଯେ ଦିନେ ସେ ତାଙ୍କ ପିତାଙ୍କ ଗୋଡ଼ ଘଷି ଦେଉଥିଲେ । ଟିକିଏ ନିଦ ଆସିଯିବାରୁ ତାଙ୍କର ଦୁଇହାତ ଶିଥିଳ ହୋଇପଡ଼ିଲା । ପିତା ଏଥିରେ ଟିକିଏ ରୁଷ୍ଟ ହୋଇ ତାଙ୍କୁ ଗୋଇଠାଟିଏ ମାରିଦେଲେ ଏବଂ ଏହାକୁ ନିଷ୍ଠୁର ଅପମାନ ଭାବି ସେ ଗୃହତ୍ୟାଗ ପୂର୍ବକ ସନ୍ନ୍ୟାସିନୀ ବ୍ରତ ଆଚରଣ କରିଛନ୍ତି । ବ୍ରହ୍ମଚାରିଣୀଙ୍କ ଠାରୁ ଏହା ଶୁଣି ହେମପ୍ରଭା ସମବୟସ୍କା ଏବଂ ସମାନ ଚରିତ୍ରବତୀ ଓ ସମମନୋଭାବାପନ୍ନା ବ୍ରହ୍ମଚାରିଣୀଙ୍କୁ ନିଜ ବନବାସ ଜୀବନର ଅନ୍ତରଙ୍ଗ ସଖୀ ରୂପେ ଗ୍ରହଣ କଲେ ।

ଦିନେ ପ୍ରଭାତରୁ ଉଠି ହେମପ୍ରଭା ସଖୀଙ୍କୁ ଉଠାଇ କହିଲେ, 'ସଖି, ଆଜି ମୁଁ ଗୋଟିଏ ସ୍ୱପ୍ନ ଦେଖିଲି । ଦେଖିଲି ଯେ ମୁଁ ଏକ ବିସ୍ତୀର୍ଣ୍ଣ ନଦୀକୁ ପାର କଲି । ଅନ୍ୟ

Digitized by srujanika@gmail.com

ତଟରେ ମୁଁ ଯାଇ ଗୋଟିଏ ଶ୍ୱେତ ହସ୍ତୀ ଉପରେ ଆରୋହଣ କଲି । ତା' ଉପରେ ବସି ମୁଁ ଗୋଟିଏ ପର୍ବତ ଶିଖରରେ ଯାଇ ପହଞ୍ଚିଲି । ସେହି ପର୍ବତ ଉପରେ ଗୋଟିଏ ସୁନ୍ଦର ଆଶ୍ରମ ଥାଏ । ତା' ମଧ୍ୟରେ ଭଗବାନ୍ ଅମ୍ବିକା ପତି ବିରାଜିତ ଥାନ୍ତି । ମୁଁ ତାଙ୍କ ସମ୍ମୁଖରେ ବୀଣା ବାଦନପୂର୍ବକ ଭକ୍ତି ସଙ୍ଗୀତ ଗାନ କଲି । ଏ ସମୟରେ ଜଣେ ଦିବ୍ୟପୁରୁଷ ମୋ ନିକଟକୁ ଆସୁଥିବା ଦେଖି ମୁଁ ତୁମ ସହିତ ଆକାଶ ମାର୍ଗକୁ ଉଡ଼ିଗଲି । ଏଥିରେ ମୋ'ର ନିଦ୍ରା ଭଙ୍ଗ ହେଲା । ଉଠି ଦେଖିଲି ରାତ୍ରି ଶେଷ ହୋଇଛି ।' ଏହା ଶୁଣି ବ୍ରହ୍ମଚାରିଣୀ ସ୍ୱପ୍ନର ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ କହିଲେ, 'କଲ୍ୟାଣି, ତୁମେ ନିଶ୍ଚିତ ଭାବେ କୌଣସି ଶାପଗ୍ରସ୍ତା ଦିବ୍ୟରମଣୀ । ତୁମର ଅଭିଶାପର ସମୟ ବର୍ତ୍ତମାନ ଶେଷ ହୋଇଆସୁଛି । ଏହାହିଁ ତୁମେ ଦେଖିଥିବା ସ୍ୱପ୍ନ ନିର୍ଦ୍ଦେଶ କରୁଛି ବୋଲି ମୁଁ କହିପାରେ ।' ଏହାଶୁଣି ରାଜକୁମାରୀ ମଧ୍ୟ ଏଥିରେ ସମ୍ମତି ଜଣାଇଲେ ।

ଉଭୟ ସଖୀ ଏହିପରି କଥାବାର୍ତ୍ତା କରି ନିତ୍ୟକର୍ମ ସମାପନ ପୂର୍ବକ ଧ୍ୟାନସ୍ଥ ହେଲେ । ସୂର୍ଯ୍ୟଙ୍କର କିରଣ ଧୀରେ ଧୀରେ ବଢ଼ିବାକୁ ଲାଗିଲା । ମଧ୍ୟାହ୍ନରେ ଜଣେ ଅଶ୍ୱାରୋହୀ ରାଜକୁମାର ଆଶ୍ରମରେ ଆସି ଉପସ୍ଥିତ ହେଲେ । ତପସ୍ୱିନୀ ବେଶଧାରିଣୀ ରାଜକୁମାରୀ ହେମପ୍ରଭାଙ୍କୁ ଦେଖି ତାଙ୍କ ମନରେ ପ୍ରୀତି ଭାବନା ଜାଗ୍ରତ ହେଲା । ସେ ଅଶ୍ୱପୃଷ୍ଠରୁ ଅବତରଣ କରି ତାଙ୍କୁ ପ୍ରଣାମ କଲେ । ରାଜକୁମାରୀ ମଧ୍ୟ ତାଙ୍କର ଉପଯୁକ୍ତ ଅତିଥି ସତ୍କାର କରି ବସିବା ପାଇଁ ଆସନଟିଏ ବଢ଼ାଇ ଦେଲେ ।

ଆସନ ଉପରେ ଉପବେଶନ କଲାପରେ ତାଙ୍କ ପ୍ରତି ଧୀରେ ଧୀରେ ଆକୃଷ୍ଟ ହେଉଥିବା ହେମପ୍ରଭା ତାଙ୍କ ପରିଚୟ ଜିଜ୍ଞାସା କରନ୍ତେ ରାଜକୁମାର କହିଲେ, 'ମହାଭାଗେ, ପ୍ରତାପସେନ ନାମରେ ଜଣେ ସାର୍ଥକନାମା ଏବଂ ସତ୍ତ୍ୱ ସମ୍ପନ୍ନ ରାଜା ଅଛନ୍ତି । ସେ ପୁତ୍ର ଲାଭ ନିମିତ୍ତ ଭଗବାନ ଶଙ୍କରଙ୍କର ଆରାଧନା କରୁଥାନ୍ତି । ଏଥିରେ ସନ୍ତୁଷ୍ଟ ହୋଇ ଦିନେ ଭଗବାନ ମହାଦେବ ତାଙ୍କ ସମ୍ମୁଖରେ ପ୍ରକଟ ହେଲେ । କହିଲେ, 'କୌଣସି ବିଦ୍ୟାଧର ତୋର ପ୍ରଥମ ପୁତ୍ର ରୂପେ ଜନ୍ମନେବ । ଅଭିଶାପ ଅବଧି ଶେଷ ହେବା ପରେ ସେ ପୁଣି ନିଜ ଲୋକକୁ ଫେରିଯିବ । ଦ୍ୱିତୀୟ ପୁତ୍ର ତୋ'ର ବଂଶ ଓ ରାଜ୍ୟ ରକ୍ଷା କରିବ ।' ଭଗବାନଙ୍କ ଆଦେଶ ଶୁଣି ରାଜା ବ୍ରତ ଉଦ୍‌ଯାପନ ପୂର୍ବକ ପାରଣା କଲେ ।

ସମୟ କ୍ରମେ ଲକ୍ଷ୍ମୀସେନ ନାମରେ ତାଙ୍କର ଏକ ପୁତ୍ର ଜାତ ହେଲା । ଦ୍ୱିତୀୟ ପୁତ୍ରର ନାମ ରଖାଗଲା ସୁରସେନ । ମୋତେ ସେହି ଲକ୍ଷ୍ମୀସେନ ବୋଲିହିଁ ଜାଣନ୍ତୁ । ମୋର

Digitized by srujanika@gmail.com

ଏହି ପ୍ରବଳ ବେଗଗାମୀ ଅଶ୍ୱ ମୃଗୟା କରୁଥିବା ବେଳେ ମୋତେ ଏଠାରେ ଆଣି ପହଞ୍ଚାଇଛି ।

ରାଜକୁମାରଙ୍କ ଠାରୁ ଏହା ଶୁଣି ରାଜକୁମାରୀଙ୍କ ମନରେ ପୂର୍ବଜନ୍ମର ସ୍ମୃତି ଜାଗ୍ରତ ହେଲା । ସେ ତାଙ୍କର ବିଦ୍ୟାଧରୋଚିତ ସମସ୍ତ ବିଦ୍ୟା ଫେରିପାଇଲେ । ଆନନ୍ଦିତ ମନରେ ନିଜର ସମଗ୍ର ବୃତ୍ତାନ୍ତ ଜ୍ଞାପନ କରି ସେ ରାଜକୁମାରଙ୍କୁ କହିଲେ, 'ଆପଣଙ୍କୁ ଦେଖିବା ମାତ୍ରେ ମୁଁ ମୋର ସମସ୍ତ ବିଦ୍ୟା ଏବଂ ପୂର୍ବଜନ୍ମର ସ୍ମୃତି ଫେରିପାଇଛି । ଆମେ ଉଭୟ ସଖୀ ଶାପଚ୍ୟୁତା ବିଦ୍ୟାଧରୀ । ଆପଣ ମଧ୍ୟ ନିଜ ମନ୍ତ୍ରୀଙ୍କ ସହିତ ଶାପଚ୍ୟୁତ ବିଦ୍ୟାଧର । ଆପଣ ମୋର ପତି ଏବଂ ଆପଣଙ୍କ ସଚିବ ମୋର ସଖୀଙ୍କ ପତି । ବର୍ତ୍ତମାନ ଆମର ଅଭିଶାପ କ୍ଷୀଣ ହୋଇଗଲା । ଆମେ ବିଦାୟ ନେଉଛୁ । ବିଦ୍ୟାଧର ଲୋକରେ ପୁଣି ଆମମାନଙ୍କର ମିଳନ ହେବ ।'

ଏହାକହି ରାଜକୁମାରୀ ଓ ତାଙ୍କ ସଖୀ ଦିବ୍ୟ ବିଦ୍ୟାଧରୀ ରୂପ ଧାରଣ କରି ଆକାଶ ମାର୍ଗରେ ବିଦ୍ୟାଧର ଲୋକକୁ ଚାଲିଗଲେ । ଲକ୍ଷ୍ମୀସେନ ସେଠାରେ ବସି ଏହି ଆଶ୍ଚର୍ଯ୍ୟଜନକ ଘଟଣାବଳୀ ସମ୍ପର୍କରେ ଚିନ୍ତା କରୁଥାନ୍ତି । ଏ ସମୟରେ ତାଙ୍କର ସନ୍ଧାନ କରୁଥିବା ତାଙ୍କ ସଚିବ ମଧ୍ୟ ସେଠାରେ ଆସି ଉପସ୍ଥିତ ହେଲେ । ଉଭୟେ ଏହି ଘଟଣା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ନିଜର କନ୍ୟାକୁ ଦେଖିବା ପାଇଁ ଉତ୍କଣ୍ଠିତ ବୁଦ୍ଧିପ୍ରଭ ମଧ୍ୟ ସେଠାରେ ଆସି ପହଞ୍ଚିଲେ । କନ୍ୟା ହେମପ୍ରଭାକୁ ସେଠାରେ ନଦେଖି ରାଜା ଲକ୍ଷ୍ମୀସେନଙ୍କ ଆଡ଼କୁ ଚାହିଁବାରୁ ସେ ଯାହାସବୁ ଦେଖିଥିଲେ ଓ ଶୁଣିଥିଲେ ସେ ସବୁର ବିବରଣୀ ରାଜାଙ୍କ ନିକଟରେ ନିବେଦନ କଲେ । ବୁଦ୍ଧିପ୍ରଭ କନ୍ୟା ବିରହ ଦୁଃଖରେ ବ୍ୟାକୁଳ ଥିବାବେଳେ ଲକ୍ଷ୍ମୀସେନ ନିଜ ସଚିବ ସହ ଶାପମୁକ୍ତ ହୋଇ ବିଦ୍ୟାଧର ରୂପ ଧାରଣ ପୂର୍ବକ ନିଜ ଲୋକ ପ୍ରତି ପ୍ରସ୍ଥାନ କଲେ । ସେଠାରେ ପୂର୍ବଜନ୍ମର ପତ୍ନୀ ହେମପ୍ରଭାଙ୍କ ସହିତ ତାଙ୍କର ପୁନର୍ମିଳନ ଘଟିଲା । ତାଙ୍କ ସହିତ ଆସି ଲକ୍ଷ୍ମୀସେନ ବୁଦ୍ଧିପ୍ରଭଙ୍କୁ ସାକ୍ଷାତ କଲେ । ବୁଦ୍ଧିପ୍ରଭ ଏସମସ୍ତ ଘଟଣାରେ ଯୁଗପତ୍ ହର୍ଷିତ ଓ ବିଷାଦିତ ହୋଇ ନିଜ ରାଜ୍ୟକୁ ଫେରିଗଲେ । ଏହାପରେ ଲକ୍ଷ୍ମୀସେନ ପତ୍ନୀ ଓ ମିତ୍ରଙ୍କ ସହିତ ଯାଇ ପିତା ପ୍ରତାପସେନଙ୍କ ନିକଟରେ ଉପସ୍ଥିତ ହେଲେ । ତାଙ୍କୁ ନିଜର ସମସ୍ତ ବୃତ୍ତାନ୍ତ ଶୁଣାଇ ଏବଂ ଉତ୍ତରାଧିକାର ସୂତ୍ରରେ ଲାଭ କରିଥିବା ରାଜ୍ୟ ଓ ସମ୍ପତ୍ତି ଅନୁଜ ସୁରସେନଙ୍କୁ ସମର୍ପଣ କରି ବିଦ୍ୟାଧର ଲୋକକୁ ଫେରିଗଲେ । ସେଠାରେ ସ୍ୱଜନମାନଙ୍କ ସହିତ ଅଖଣ୍ଡ ସୌଭାଗ୍ୟ ଭୋଗ କରି ଚିରକାଳ ଆନନ୍ଦର ସହିତ ବିତାଇବାକୁ ଲାଗିଲେ ।

Digitized by srujanika@gmail.com

ଗୋମୁଖଙ୍କ ଠାରୁ ଏହି ଦୀର୍ଘକଥା ଶ୍ରବଣ କରି ଶକ୍ତିଯଶାଙ୍କ ସହିତ ଆସନ୍ନ ବିବାହ ପାଇଁ ଉତ୍ସୁକ ଥିଲେ ସୁଦ୍ଧା ନରବାହନଦତ୍ତ ନିମିଷତୁଲ୍ୟ ରାତ୍ରିଟି ବିତାଇଦେଲେ । ବିବାହ ପାଇଁ ନିର୍ଦ୍ଧାରିତ ସୀମା ଅତିକ୍ରାନ୍ତ ହୁଅନ୍ତେ ବିବାହ ଦିବସରେ ସେ ଆସି ପିତା ବତ୍ସରାଜ ଉଦୟନଙ୍କ ନିକଟରେ ଉପସ୍ଥିତ ହେଲେ । ଏ ସମୟରେ ପ୍ରଦୀପ୍ତ ସୂର୍ଯ୍ୟବିମ୍ବ ତୁଲ୍ୟ ଆକାଶ ମାର୍ଗରୁ ଅବତରଣ କରୁଥିବା ଏକ ବିଦ୍ୟାଧର ସେନା ତାଙ୍କର ଦୃଷ୍ଟିଗୋଚର ହେଲା । ସେହି ଦଳ ମଧ୍ୟରେ କନ୍ୟା ସମର୍ପଣ କରିବାପାଇଁ ଚାହୁଁଥିବା ବିଦ୍ୟାଧରରାଜ ସ୍ଫଟିକଯଶ କନ୍ୟା ଶକ୍ତିଯଶାଙ୍କ ସହିତ ଆସୁଥାନ୍ତି । ଭାବୀ ଶ୍ୱଶୁରଙ୍କୁ ଦେଖି ନରବାହନଦତ୍ତ ତାଙ୍କର ଉଚିତ ଅଭ୍ୟର୍ଥନା କଲେ । ସମ୍ବନ୍ଧୀ ଉଦୟନ ମଧ୍ୟ ପାଦ୍ୟ ଅର୍ଘ୍ୟ ଆଦି ପ୍ରଦାନ କରି ତାଙ୍କର ସତ୍କାର କଲେ ।

ବିଦ୍ୟାଧର ଅଧିପତି ସ୍ଫଟିକଯଶ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିଜର କନ୍ୟା ଶକ୍ତିଯଶାଙ୍କୁ ବିବାହ ବେଦୀରେ ବିଧିପୂର୍ବକ ସମର୍ପଣ କଲେ । ନିଜର ସିଦ୍ଧି ପ୍ରଭାବରେ ସେ ଯୌତୁକ ସ୍ୱରୂପ ଏତେ ସମ୍ପଦ ପ୍ରଦାନ କଲେ ଯେ ସେଥିରେ ଉଭୟ ପିତା ଓ ପୁତ୍ରଙ୍କ ରାଜଭବନ ପରିପୂର୍ଣ୍ଣ ହୋଇଗଲା ।

ନରବାହନଦତ୍ତ ବିଦ୍ୟାଧର ରାଜକନ୍ୟା ଶକ୍ତିଯଶାଙ୍କୁ ପତ୍ନୀ ରୂପେ ଲାଭ କରି ସୂର୍ଯ୍ୟ କିରଣରେ ପ୍ରଫୁଲ୍ଲିତ ହୋଇଉଠିଥିବା କମଳତୁଲ୍ୟ ଦିବ୍ୟ ଆନନ୍ଦ ଅନୁଭବ କଲେ । ବିବାହ ସଂସ୍କାର ଶେଷ ହେଲା । ସ୍ଫଟିକଯଶ ବତ୍ସରାଜଙ୍କ ଠାରୁ ବିଦାୟ ନେଇ ସ୍ୱଲୋକକୁ ଫେରିଗଲେ । ନରବାହନଦତ୍ତ ନିଜ ରାଜଧାନୀ କୌଶାମ୍ବୀରେ ଦାମ୍ପତ୍ୟ ଜୀବନ କଟାଉଥିଲା ବେଳେ ମନେ ହେଉଥିଲେ ସତେ ଯେପରି ସେ ଶକ୍ତିଯଶାଙ୍କ ମୁଖକମଳ ନିକଟରେ ଭ୍ରମରଟିଏ ହୋଇଯାଇଛନ୍ତି ।

•

Digitized by srujanika@gmail.com

ଏକାଦଶ ସରିତ

ଡେକା

ନମତାଶେଷବିଘ୍ନୌଘବାରଣଂ ବାରଣାନନମ୍
କାରଣଂ ସର୍ବସିଦ୍ଧୀନାଂ ଦୁରିତାର୍ଣ୍ଣବତାରଣମ୍ ।।

Digitized by srujanika@gmail.com

ପ୍ରଥମ ତରଙ୍ଗ

ବତ୍ସରାଜ ଉଦୟନଙ୍କ ପୁତ୍ର ନରବାହନଦତ୍ତ ଶକ୍ତିଯଶାଙ୍କୁ ପତ୍ନୀ ରୂପେ ଲାଭକରି ମଦନମଞ୍ଜୁକା ପ୍ରଭୃତି ପୂର୍ବ ବିବାହିତା ରାଣୀମାନଙ୍କ ସହିତ କୌଶାମ୍ବୀ ନଗରୀରେ ପିତାମାତା ଏବଂ ମିତ୍ରମାନଙ୍କ ସହ ଭୋଗବିଳାସରେ ଜୀବନ ଯାପନ କରୁଥାନ୍ତି ।

ରୁଚିର ଦେବ ଓ ପୋତକ କଥା

ଦିନେ ନରବାହନଦତ୍ତ ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ବେଳେ ବିଦେଶାଗତ ଦୁଇଜଣ ରାଜପୁତ ତାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେଲେ । ନମସ୍କାର, ଆତିଥ୍ୟ ଆଦି ଶିଷ୍ଟାଚାର ପରେ ସେମାନଙ୍କ ମଧ୍ୟରୁ ଜଣେ ନିଜର ପରିଚୟ ଦେଇ ଯୁବରାଜଙ୍କୁ କହିଲା, 'ଆମେ ଦୁହେଁ ବୈଶାଖ ନଗରର ରାଜାଙ୍କ ସପତ୍ନୀ ପୁତ୍ର । ମୋ ନାଁ ରୁଚିରଦେବ ଏବଂ ଏହାର ନାମ ପୋତକ । ମୋ ପାଖରେ ଗୋଟିଏ ଦ୍ରୁତଗାମିନୀ ହସ୍ତିନୀ ଅଛି ଏବଂ ଏହା ପାଖରେ ଦୁଇଟି ବେଗଗାମୀ ଅଶ୍ୱ ଅଛନ୍ତି । ଏହି ପଶୁଗୁଡ଼ିକୁ ନେଇ ଆମ ଭିତରେ ବିବାଦ ସୃଷ୍ଟି ହୋଇଛି । ମୁଁ କହୁଛି ଯେ ମୋର ହାତୀ ଅଶ୍ୱ ଅପେକ୍ଷା ଅଧିକ ବେଗଗାମିନୀ, ସେ କହୁଛି ତା'ର ଅଶ୍ୱ । ମୁଁ ଯଦି ହାରିଯାଏ ତାହାହେଲେ ସେ ମୋର ହାତୀଟିକୁ ନେବ, ଏବଂ ସେ ଯଦି ହାରେ ମୁଁ ତା'ର ଅଶ୍ୱ ଦୁଇଟି ନେବି । ଏମାନଙ୍କର ଗତିବେଗ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଜାଣିପାରିବେ ନାହିଁ । ଏଣୁ ଆପଣ ଆମ ଗୃହକୁ ଆସି ଏମାନଙ୍କର ପରୀକ୍ଷା ନେବାପାଇଁ ବିନମ୍ର ଅନୁରୋଧ । ଆପଣ ସମସ୍ତ କାମନାପୂର୍ଣ୍ଣ କରୁଥିବା କଳ୍ପବୃକ୍ଷ ସଦୃଶ । ଏଥିପାଇଁ ଆମେ ବହୁ ଦୂରରୁ ଆପଣଙ୍କ ନିକଟକୁ ଆସିଅଛୁ । ଆପଣ କୃପା କଲେ କୃତାର୍ଥ ହେବୁ ।'

ରୁଚିରଦେବର କଥାରେ ନରବାହନଦତ୍ତ ହାତୀ ଓ ଘୋଡ଼ାମାନଙ୍କର ପ୍ରତିଯୋଗିତା ଦେଖିବା କୌତୂହଳରୁ ସମ୍ମତ ହେଲେ, ଏବଂ ନିଜର ଦ୍ରୁତଗାମୀ ଅଶ୍ୱଯୁକ୍ତ ରଥ ଆରୋହଣ କରି ସେହି ରାଜପୁତମାନଙ୍କ ସହ ବୈଶାଖପୁର ନଗରୀରେ ଯାଇ ଉପସ୍ଥିତ ହେଲେ, ତାଙ୍କ ରୂପ ବିଭବରେ ଆମୋଦିତ ହୋଇ ନଗରୀର ନାରୀମାନେ ନିର୍ନିମେଷ ନୟନରେ ତାଙ୍କୁ ଚାହିଁ ରହିଥାନ୍ତି । ନରବାହନଦତ୍ତ ଅବିବାହିତ କନ୍ଦର୍ପ କିମ୍ବା ଦିବସରେ ଉଦୟ

Digitized by srujanika@gmail.com

ହୋଇଥିବା ନିଷ୍କଳଙ୍କ ଚନ୍ଦ୍ର କିମ୍ବା ବିଧାତାଙ୍କ ସୃଷ୍ଟ ଅଭିନବ କନ୍ଦର୍ପ ହୋଇଥିବେ ବୋଲି ସେମାନଙ୍କ ମଧ୍ୟରେ ତର୍କବିତର୍କ ଚାଲିଥାଏ ।

ବୈଶାଖପୁରରେ ଉପନୀତ ହୋଇ ଯୁବରାଜ ନଗରୀର ପ୍ରବେଶ ପଥରେ ଏକ ଶୃଙ୍ଗାର ରସପୂର୍ଣ୍ଣ ପ୍ରାଚୀନ ମନ୍ଦିର ଦେଖିବାକୁ ପାଇଲେ । ତାହା କାମଦେବଙ୍କର ପ୍ରସିଦ୍ଧ ମନ୍ଦିର ଥିଲା । ମନ୍ଦିର ମଧ୍ୟରେ ପ୍ରବେଶ କରି ରତି ଓ ପ୍ରୀତି ପ୍ରଦାନକାରୀ କାମଦେବଙ୍କୁ ସେ ପ୍ରଣିପାତ କଲେ, ଏବଂ ସେଠାରେ କିଛି ସମୟ ବିଶ୍ରାମ କରିବା ଫଳରେ ତାଙ୍କର ପଥଶ୍ରାନ୍ତି ଦୂର ହେଲା ।

କିଛି ସମୟ ବିଶ୍ରାମ କରିବା ପରେ ରାଜପୁତ ଯୁବକମାନଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇ ସେ ମନ୍ଦିର ସମୀପବର୍ତ୍ତୀ ସେମାନଙ୍କ ଗୃହରେ ଯାଇ ପଦାର୍ପଣ କଲେ । ତାଙ୍କର ସ୍ୱାଗତ ପାଇଁ ରୁଚିରଦେବ ଯେଉଁ ଉତ୍ସବର ଆୟୋଜନ କରିଥିଲେ ତାହା ଅତ୍ୟନ୍ତ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଥିଲା । ବିଭିନ୍ନ ଜାତିର ହସ୍ତୀ ଓ ଅଶ୍ୱମାନଙ୍କୁ ଦେଖି ନରବାହନଦତ୍ତ ଅତ୍ୟନ୍ତ ଆନନ୍ଦ ଲାଭ କରୁଥାଆନ୍ତି । ରୁଚିରଦେବଙ୍କ ଆତିଥ୍ୟ ମଧ୍ୟ ଅତ୍ୟନ୍ତ ପ୍ରୀତପ୍ରଦ ଥିଲା । ଗୃହ ମଧ୍ୟରେ ପ୍ରବେଶ କରି ନରବାହନଦତ୍ତ ରୁଚିରଦେବଙ୍କ ଅଦ୍ଭୁତ ରୂପଶାଳିନୀ ଅବିବାହିତା ଭଗିନୀଙ୍କ ଦର୍ଶନ ଲାଭ କଲେ । କନ୍ୟାଟିର ସୌନ୍ଦର୍ଯ୍ୟ ଯୁବରାଜଙ୍କ ଚକ୍ଷୁ ଓ ହୃଦୟକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦନ କରିଦେଲା । ସେ ନିଜ ରାଣୀମାନଙ୍କ ବିରହ ବେଦନା ଯେ କେବଳ ବିସ୍ମୃତ ହେଲେ ତା'ନୁହେଁ, ସେମାନଙ୍କୁ ମଧ୍ୟ ଭୁଲିଗଲେ । ସେହି କନ୍ୟା ମଧ୍ୟ ନିଜର ପ୍ରୀତିପୂର୍ଣ୍ଣ ଦୃଷ୍ଟି ରୂପକ ନୀଳକମଳମାଳାଦ୍ୱାରା ସତେ ଯେପରି ଯୁବରାଜଙ୍କୁ ସ୍ୱୟମ୍ବରଣ କରିନେଲା । ଯୁବରାଜ ରୁଚିରଦେବର ଭଗିନୀ ଜୟେନ୍ଦ୍ର ସେନାର ଧ୍ୟାନରେ ନିମଜ୍ଜିତ ରହି ଅନ୍ୟ ନାରୀ ତ ଦୂରର କଥା, ନିଦ୍ରା ବି ଭୁଲିଗଲେ ।

ପରଦିନ ପ୍ରତିଯୋଗିତା ଆରମ୍ଭ ହେଲା । ଅଶ୍ୱ ବିଦ୍ୟା ବିଶାରଦ ନରବାହନଦତ୍ତ ପୋତକ ନିକଟରେ ଥିବା ପବନ ତୁଲ୍ୟ ବେଗଗାମୀ ଅଶ୍ୱଯୁଗଳକୁ ଦେଖି ବିସ୍ମିତ ହେଲେ । କିନ୍ତୁ ନିଜର ବିଦ୍ୟା ପ୍ରଭାବରେ ରୁଚିରଦେବର ହସ୍ତିନୀକୁ ଅଧିକ ବେଗବତୀ କରାଇ ପ୍ରତିଯୋଗିତାରେ ଜୟଯୁକ୍ତ କରାଇଦେଲେ । ଏହାଦ୍ୱାରା ରୁଚିରଦେବ ପୋତକର ଶ୍ରେଷ୍ଠ ଅଶ୍ୱ ଦୁଇଟିକୁ ନିଜର କରିନେଇ ପାରିଲା ।

ଯୁବରାଜ ନରବାହନଦତ୍ତ ପ୍ରତିଯୋଗିତା ଶେଷ କରି ରୁଚିରଦେବର ଗୃହକୁ ଯିବାପାଇଁ ଉଦ୍ୟତ ହେଉଥିଲା ବେଳେ ପିତାଙ୍କ ଠାରୁ ଏକ ଦୂତ ଆସି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ସେ ଉଦୟନଙ୍କଠାରୁ ଆଣିଥିବା ସନ୍ଦେଶ ଶୁଣାଇ କହିଲା, ଆପଣ ଉଦ୍ୟାନରେ ଭ୍ରମଣ କରୁଥିଲା ବେଳେ କାହାରିକୁ କିଛି ନକହି ହଠାତ୍ ଏଠାକୁ ଆସିଯିବା ଫଳରେ ସମସ୍ତେ ବ୍ୟସ୍ତ ହେଉଛନ୍ତି । ଆପଣଙ୍କ ରାଣୀମାନଙ୍କସହ ପରାମର୍ଶ କରି ଆସିବାର

Digitized by srujanika@gmail.com

କାରଣ ଜାଣିବାପାଇଁ ମହାରାଜ ମୋତେ ଆପଣଙ୍କ ନିକଟକୁ ପଠାଇଛନ୍ତି । ଆପଣ ଯେଉଁ କାର୍ଯ୍ୟରେ ଏଠାକୁ ଆସିଛନ୍ତି ସେହି କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରି ଫେରିଯିବା ପାଇଁ ମହାରାଜାଙ୍କ ଆଜ୍ଞା । ଦୂତଠାରୁ ପିତାଙ୍କ ଆଦେଶ ଶୁଣି ନୂତନ ପତ୍ନୀଲାଭ ପାଇଁ ଆଶାନ୍ୱିତ ନରବାହନଦତ୍ତ ମାନସିକ ଦ୍ୱନ୍ଦ୍ୱରେ ପଡ଼ିଗଲେ । ଏହି ସମୟରେ ଅତ୍ୟନ୍ତ ପ୍ରସନ୍ନ ଦେଖାଯାଉଥିବା ଜଣେ ସାର୍ଥବାହ ସେଠାରେ ଉପସ୍ଥିତ ହୋଇ ଯୁବରାଜଙ୍କୁ ଦୂରରୁ ନମସ୍କାର ପୂର୍ବକ ଜଣାଇଲେ –

"ଯୁବରାଜଙ୍କର ଜୟ ହେଉ । ପୁଷ୍ପଧନୁ ଓ ପୁଷ୍ପବାଣ ଧାରଣ କରୁଥିବା ବିଦ୍ୟାଧର କୁଳର ଭାବୀଚକ୍ରବର୍ତ୍ତୀଙ୍କ ଜୟହେଉ । ପ୍ରଭୁ, ବାଳକ ଭାବରେ ଜନମାନସ ଚୋରି କରୁଥିବା ଏବଂ ବୟସ୍କ ଭାବରେ ଶତ୍ରୁମାନଙ୍କୁ ଭୟ ପ୍ରଦାନ କରୁଥିବା ଆପଣଙ୍କୁ ନିଃସନ୍ଦେହ ଭାବରେ ଦେଖୁଅଛି । ଆପଣ ପାତାଳପୁରକୁ ଜୟକରି କ୍ରମଶଃ ସ୍ୱର୍ଗଲୋକକୁ ମଧ୍ୟ ଜୟ କରିଛନ୍ତି । ବର୍ତ୍ତମାନ ଆକାଶଚାରୀ ବିଦ୍ୟାଧରମାନେ ଆପଣଙ୍କୁ ଦର୍ଶନ କରି ପ୍ରୀତ ହେବେ ।"

ଏହିପରି ଭାବେ ସ୍ତୁତି କରୁଥିବା ସେହି ମହାବଣିକଙ୍କ ଉପଯୁକ୍ତ ସତ୍କାର କରି ଯୁବରାଜ ନରବାହନଦତ୍ତ ତାଙ୍କ ପରିଚୟ ଜିଜ୍ଞାସା କରନ୍ତେ, ସେ କହିବା ଆରମ୍ଭ କଲେ–

ବଣିକ ଓ ବେଳା କଥା

ପୃଥିବୀ ରାଣୀର ଶିରୋଭୂଷା ତୁଲ୍ୟ ଲମ୍ପା ନାମକ ଏକ ନଗରୀ ଅଛି । ସେହି ନଗରୀରେ କୁସୁମସାର ନାମରେ ଜଣେ ଧନିକ ବୈଶ୍ୟ ବାସ କରୁଥିଲେ । ସେହି ପରମ ଧାର୍ମିକ ବୈଶ୍ୟଙ୍କର ମୁଁ ଏକମାତ୍ର ପୁତ୍ର । ମୋର ନାମ ଚନ୍ଦ୍ରସାର । ଭଗବାନ୍ ଗୌରୀପତିଙ୍କୁ ଆରାଧନା କରି ପିତା ମୋତେ ଲାଭ କରିଥିଲେ ।

ଦିନେ ମୁଁ ମିତ୍ରମାନଙ୍କ ସହିତ ଦେବଯାତ୍ରା ଦେଖିବା ପାଇଁ ଯାଇଥିଲି । ସେଠାରେ ଭିକ୍ଷୁକମାନେ ଅନ୍ୟ ଧନିକ ବ୍ୟକ୍ତିମାନଙ୍କୁ ଭିକ୍ଷାମାଗୁ ଥାଆନ୍ତି । ସେମାନଙ୍କୁ ଦାନ କରିବା ପାଇଁ ଯଥେଷ୍ଟ ଧନ ଉପାର୍ଜ୍ଜନ କରିବା ନିମିତ୍ତ ମୋର ଇଚ୍ଛା ହେଲା । ପିତାଙ୍କ ଦ୍ୱାରା ଉପାର୍ଜିତ ସମ୍ପତ୍ତିରେ ମୁଁ ସନ୍ତୁଷ୍ଟ ନଥିଲି; ଏଣୁ ସମୁଦ୍ର ମାର୍ଗରେ ଅନ୍ୟଦ୍ୱୀପକୁ ଯାଇ ବ୍ୟବସାୟ କରିବା ପାଇଁ ସ୍ଥିର କଲି । ବିବିଧ ରତ୍ନରେ ପରିପୂର୍ଣ୍ଣ ଏକ ବ୍ୟାବସାୟିକ ଜାହାଜରେ ଆମର ଯାତ୍ରା ଆରମ୍ଭ ହେଲା । ଦୈବ ଓ ବାୟୁ ଅନୁକୂଳ ହେବାଯୋଗୁଁ ଅତି ଅଳ୍ପ ସମୟ ମଧ୍ୟରେ ମୋର ଜାହାଜ ଯାଇ ନିର୍ଦ୍ଦିଷ୍ଟ ଦ୍ୱୀପରେ ପହଞ୍ଚିଲା । ସେଠାରେ ରତ୍ନ ବ୍ୟବସାୟ କରି ମୁଁ ଯଥେଷ୍ଟ ଧନ ଉପାର୍ଜ୍ଜନ କଲି । ମୋର ଧନସମ୍ପତ୍ତି ଦେଖି ସେହି ଦ୍ୱୀପର ଲୋଭାସକ୍ତ ରାଜା ଅବିଶ୍ୱାସ ପୂର୍ବକ ମୋତେ ବନ୍ଦୀକରି କାରାଗାର ମଧ୍ୟରେ ନିକ୍ଷେପ କଲେ । ନରକତୁଲ୍ୟ ସେହି କାରାଗାରରେ ଅବିରତ କ୍ରନ୍ଦନ କରୁଥିବା କ୍ଷୁଧା ଓ ତୃଷାରେ ପୀଡ଼ିତ ପ୍ରେତତୁଲ୍ୟ କଙ୍କାଳସାର ବନ୍ଦୀମାନଙ୍କ ସହିତ ମୋତେ କିଛିଦିନ କଟାଇବାକୁ ପଡ଼ିଲା ।

Digitized by srujanika@gmail.com

ମୋର ବଂଶ ପରମ୍ପରା ଜାଣିଥିବା ସେହି ନଗରର ଜଣେ ଧନବାନ୍ ବଣିକ ମହୀଧର ରାଜାଙ୍କ ନିକଟରେ ମୋର ମୁକ୍ତି ପାଇଁ ପ୍ରାର୍ଥନା କଲେ, 'ମହାରାଜ, ଏହି ବଣିକପୁତ୍ର ଲମ୍ପାନଗରୀ ନିବାସୀ ବଣିକପତିଙ୍କ ସନ୍ତାନ । ସେ ବାଣିଜ୍ୟ କରିବା ପାଇଁ ଏହି ଦ୍ୱୀପକୁ ଆସିଥିଲେ । ଯଥାର୍ଥରେ ସେ ନିର୍ଦ୍ଦୋଷ । ଏଣୁ ତାଙ୍କୁ କାରାଗାରରେ ଆବଦ୍ଧ କରିବା ଆପଣଙ୍କ ପାଇଁ ନିନ୍ଦାର ବିଷୟ ଅଟେ ।' ହିତାକାଂକ୍ଷୀ ବଣିକଙ୍କ ଠାରୁ ମୋର ପରିଚୟ ପାଇ ରାଜା ମୋତେ କାରାମୁକ୍ତ କରି ନିଜର ମିତ୍ରଭାବେ ଗ୍ରହଣ କରିବା ସହିତ ଉପଯୁକ୍ତ ଭାବେ ସମ୍ମାନ କଲେ । ରାଜପ୍ରସାଦ ପ୍ରାପ୍ତ ହୋଇ ବଣିକ ମହୀଧରଙ୍କ ଆଶ୍ରୟରେ ବାଣିଜ୍ୟ ବ୍ୟବସାୟ କରି ଅତ୍ୟନ୍ତ ଆନନ୍ଦରେ ମୁଁ କାଳାତିପାତ କରିବାରେ ଲାଗିଲି ।

ଏକଦା ସେହି ଦ୍ୱୀପରେ ବସନ୍ତକାଳୀନ ଉତ୍ସବ ପାଳିତ ହେଉଥାଏ । ମୁଁ ଉଦ୍ୟାନଯାତ୍ରା ଦେଖିବାପାଇଁ ଉପବନ ମଧ୍ୟରେ ବିଚରଣ କରୁଥିଲାବେଳେ ସେହି ଦ୍ୱୀପରେ ବାସ କରୁଥିବା ଶିଖର ନାମକ ଜଣେ ବଣିକଙ୍କ ରୂପବତୀ କନ୍ୟା ମୋର ଦୃଷ୍ଟି ଆକର୍ଷଣ କଲା । କାମଦେବଙ୍କ ଅହଙ୍କାର ରୂପକ ସମୁଦ୍ରର ଲହରୀ ତୁଲ୍ୟ ସେହି କନ୍ୟାର ଦୃଷ୍ଟିଦ୍ୱାରା ପରିଚାଳିତ ହୋଇ ମୁଁ ଶିଖରଙ୍କ ନିକଟରେ ଯାଇ ଉପସ୍ଥିତ ହେଲି ଏବଂ ତାଙ୍କ କନ୍ୟାର ପାଣିଗ୍ରହଣ କରିବାର ଅଭିଳାଷ ପ୍ରକାଶ କଲି । ଶିଖର କିଛି ସମୟ ଚିନ୍ତା କରି କହିଲେ, 'ମୁଁ ନିଜେ ନିଜ ହାତରେ ଏହି କନ୍ୟାକୁ ସମର୍ପଣ କରିପାରିବି ନାହିଁ, ତା'ର କିଛି କାରଣ ଅଛି । ତେଣୁ ମୁଁ କନ୍ୟାଟିକୁ ସିଂହଳ ଦ୍ୱୀପରେ ବାସ କରୁଥିବା ତା'ର ଅଜାଙ୍କ ନିକଟକୁ ପଠାଇ ଦେଉଅଛି । ତୁମେ ସେଠାକୁ ଯାଇ ତାଙ୍କ ନିକଟରେ ନିଜର ଅଭିଳାଷ ପ୍ରକାଶ କଲେ ସେ ତୁମ ହସ୍ତରେ କନ୍ୟାଟିକୁ ସମର୍ପଣ କରିବେ । ମୁଁ ତାଙ୍କ ନିକଟକୁ ଏ ସମ୍ପର୍କରେ ସମ୍ମତିସୂଚକ ବାର୍ତ୍ତା ମଧ୍ୟ ପଠାଇ ଦେଉଅଛି ।' ଏହାକହି ଶିଖର ମୋର ଯଥୋଚିତ ସମ୍ମାନ କରି ବିଦାୟ ଦେଲେ ।

ପରଦିନ ଶିଖର ନିଜର ଅନୁଚର ଏବଂ ଆବଶ୍ୟକୀୟ ଖାଦ୍ୟପେୟାଦି ପଦାର୍ଥ ସହିତ କନ୍ୟାକୁ ନେଇ ସୁସଜ୍ଜିତ ନୌକାରେ ବସାଇ ଦେଇଆସିଲେ । ନୌକାଟି ସିଂହଳଦ୍ୱୀପ ଅଭିମୁଖରେ ଯାତ୍ରା କଲା । ମୁଁ ମଧ୍ୟ ସିଂହଳ ଦ୍ୱୀପକୁ ଯିବାପାଇଁ ପ୍ରସ୍ତୁତ ହେବାକୁ ଲାଗିଲି । ଏ ସମୟରେ ଆକସ୍ମିକ ବଜ୍ରପାତ ତୁଲ୍ୟ ସମ୍ବାଦ ଆସି ପହଞ୍ଚିଲା ଯେ କନ୍ୟାଟି ଯେଉଁ ନୌକାରେ ଯାତ୍ରା କରୁଥିଲା, ତାହା ସମୁଦ୍ର ମଧ୍ୟରେ ବୁଡ଼ିଯାଇଛି । ତା' ମଧ୍ୟରୁ ଜଣେ ହେଲେ କେହି ଉଦ୍ଧାର ପାଇପାରି ନାହାନ୍ତି । ସମ୍ବାଦଟି ଶୁଣିବା ମାତ୍ରେ ମୁଁ ମଧ୍ୟ ଶୋକସାଗରରେ ନିମଜ୍ଜିତ ହେଲି ।

ବୟସ୍କମାନେ ମୋତେ ବିଭିନ୍ନ ପ୍ରକାର ସାନ୍ତ୍ୱନା ଦେଇ ଆଶ୍ୱସ୍ତ କଲେ । ମୋ ମନରେ କନ୍ୟାଲାଭର ଆଶା ପୁଣି ଉଜ୍ଜୀବିତ ହେଲା । ପ୍ରକୃତ କଥା ଜାଣିବା ପାଇଁ ମୁଁ

Digitized by srujanika@gmail.com

ସିଂହଳ ଦ୍ୱୀପକୁ ଯିବା ନିମିତ୍ତ ନିଶ୍ଚୟ କଲି । ରାଜାଙ୍କର ପ୍ରିୟପାତ୍ର ହୋଇ ପ୍ରଚୁର ଧନ ସମ୍ପତ୍ତିର ଅଧିକାରୀ ହୋଇଥିଲେ ହେଁ ସେ ସମସ୍ତର ମୋହ ପରିତ୍ୟାଗ କରି ମୁଁ ନୌକା ସାହାଯ୍ୟରେ ସମୁଦ୍ର ଯାତ୍ରା ଆରମ୍ଭ କଲି ।

ଦିନେ ପ୍ରବଳ ବେଗରେ ବର୍ଷାଧାରା ରୂପ ଶରଜାଳ ବୃଷ୍ଟି କରି ମେଘରୂପକ ତସ୍କର ଆକାଶ ମାର୍ଗରୁ ଓହ୍ଲାଇ ଆସିଲା । ବିପରୀତ ବାୟୁ ଏବଂ ମୋର ଅଖଣ୍ଡ ସୌଭାଗ୍ୟରୁ ଜାହାଜଟି ବାରମ୍ବାର ଆତ୍ମରକ୍ଷା କଲେ ମଧ ଶେଷରେ ଆତ୍ମସମର୍ପଣ କରିବାପାଇଁ ବାଧ ହେଲା । ମୋର ସମସ୍ତ ସହଯାତ୍ରୀ ସେମାନଙ୍କ ସମଗ୍ର ଧନରାଶି ସହ ସମୁଦ୍ରର ଅତଳ ଗର୍ଭକୁ ଚାଲିଗଲେ । ମୁଁ ମଧ ଅଶାନ୍ତ ଜଳରାଶି ମଧରେ ବୁଡ଼ିଯାଉଥିବା ବେଳେ ସୌଭାଗ୍ୟବଶତଃ ବିଧିପ୍ରେରିତ ପରି ଗୋଟିଏ ବିରାଟ କାଠଗଣ୍ଡି ଭାସି ଯାଉଥିବା ଦେଖିବାକୁ ପାଇଲି । ତା'ର ଆଶ୍ରୟ ନେଇ ପବନର ବେଗ କିଛି ଶାନ୍ତ ହେବାରୁ ମୋର ଦୁଇହସ୍ତ ସାହାଯ୍ୟରେ ଆହୁଲା ମାରି ମୁଁ କୌଣସିମତେ କୂଳରେ ଆସି ପହଞ୍ଚିଲି ।

ଦୈବଗତି ସମ୍ପର୍କରେ ଚିନ୍ତାକରି ସମୁଦ୍ର ତୀରରେ ପଡ଼ି ରହିଥିବା ବେଳେ ଖଣ୍ଡିଏ ସୁବର୍ଣ୍ଣ ମୁଦ୍ରା ମୋର ଦୃଷ୍ଟି ଆକର୍ଷଣ କଲା । ତାକୁ ଧରି ଅତିକଷ୍ଟରେ ନିକଟସ୍ଥ ପଲ୍ଲୀ ଭିତରକୁ ଯାଇ କିଛି ଖାଦ୍ୟ ସାମଗ୍ରୀ ଓ ବସ୍ତ୍ର ସଂଗ୍ରହ କଲି । ସେସବୁଦ୍ୱାରା ସମୁଦ୍ର ଯାତ୍ରାର କ୍ଳାନ୍ତି କିଛି ପରିମାଣରେ ଦୂର ହେଲା । ସେହି ସ୍ଥାନର ଦିଗବିଦିଗ ସମ୍ପର୍କରେ ମୁଁ ଜାଣିନଥାଏ । ଭାଗ୍ୟର ବିଡ଼ମ୍ବନା ଏବଂ ପ୍ରିୟାର ବିଚ୍ଛେଦ ସମ୍ପର୍କରେ ଚିନ୍ତାକରି ମୁଁ ଏଣେତେଣେ ବୁଲୁଥାଏ । ଏ ସମୟରେ ମୁଁ ସମୁଦ୍ର ତଟରେ କେତେଜଣ ମୁନିକନ୍ୟା ବିଚରଣ କରୁଥିବା ଦେଖିପାରିଲି । ସେମାନେ ଗୁଡ଼ିଏ ବାଲୁକା ଲିଙ୍ଗ ପ୍ରସ୍ତୁତ କରି ପୂଜା କରୁଥାନ୍ତି । ସେମାନଙ୍କ ମଧରେ ଜଣେ ମୁନିକନ୍ୟାର ପରିଧାନ ମଧରେ ସୁଦ୍ଧା ଅତ୍ୟନ୍ତ ଚିତ୍ତାକର୍ଷକ ଦେଖାଯାଉଥାନ୍ତି । ତାଙ୍କୁ ଦେଖି ମୋର ମନେ ହେଲା ସେ ମୋର ପ୍ରାଣପ୍ରିୟା ପ୍ରେୟସୀର ଅନୁରୂପ, କିମ୍ବା ନିଜେ ମୋର ପ୍ରେୟସୀ । କିନ୍ତୁ ସଙ୍ଗେ ସଙ୍ଗେ ମୋର ଦୁର୍ଭାଗ୍ୟ ଏବଂ ମୃତା ପ୍ରେୟସୀର ଜୀବିତ ହେବାର ଅସମ୍ଭାବ୍ୟତା ପ୍ରତି ମୁଁ ସଚେତନ ହୋଇଉଠିଲି । କିନ୍ତୁ ଏ ସମୟରେ ମୋର ଦକ୍ଷିଣବାହୁ ବାରମ୍ବାର ସ୍ପନ୍ଦିତ ହେଲା; ସତେ ଯେପରି ସେ କହୁଥିଲା ଏହି ମୁନିକୁମାରୀହିଁ ତୋର ହଜିଯାଇଥିବା ଭାବୀ ଭାର୍ଯ୍ୟା ।

ମୁନିକୁମାରୀଙ୍କ ରୂପ ଏବଂ ବାହୁସ୍ପନ୍ଦନ ରୂପ ଶୁଭ ଶକୁନ ଦ୍ୱାରା ଅନୁପ୍ରେରିତ ହୋଇ ମୁଁ ଦେଶକାଳପାତ୍ର ଜ୍ଞାନ ହରାଇ ବସିଲି । ଧୀରେଧୀରେ ମୁନିକନ୍ୟାଙ୍କ ନିକଟକୁ ଅଗ୍ରସର ହୋଇ ପଚାରିଲି, 'ସୁନ୍ଦରୀ, ଆପଣ ରାଜପ୍ରାସାଦରେ ରହିବା ଯୋଗ୍ୟ । ଏହି ମୁନି ଆଶ୍ରମରେ ଏପରି କାହିଁକି ବିଚରଣ କରୁଛନ୍ତି ?' ସେ ଏହାର କୌଣସି ଉତ୍ତର ନଦେଇ ମୋଠାରୁ ଦୂରକୁ ଚାଲିଗଲେ । ଅଭିଶାପ ଭୟରେ ମୁଁ ମଧ ଅରଣ୍ୟ ମଧରେ

Digitized by srujanika@gmail.com

ଆତ୍ମଗୋପନ କଲି । କିନ୍ତୁ ମୋର ଚିତ୍ତବୃତ୍ତି ତାଙ୍କ ନିକଟରେ ଅଟକିଗଲା । ଅଦୂରସ୍ଥ କୌଣସି ଲତା ଅନ୍ତରାଳରୁ ମୁଁ ତାଙ୍କୁ ଅତୃପ୍ତ ନୟନରେ ଚାହିଁ ରହିଥାଏ । ସୁନ୍ଦରୀ ପୂଜା ଶେଷ କରି ମୋ ପ୍ରତି ସସ୍ନେହ ଦୃଷ୍ଟିପାତ ପୂର୍ବକ ଧୀର ପଦକ୍ଷେପରେ ଚାଲିଗଲେ । ତାଙ୍କର ଗତିରୁ ଜଣାଯାଉଥାଏ ସେ ଯେପରି ଚିନ୍ତାନ୍ୱିତା । ସେ ଚାଲିଯିବା ପରେ ମୋତେ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା । ରାତ୍ରିର ଚକ୍ରବାକ ପରି ମୋରଦଶା ଅବର୍ଣ୍ଣନୀୟ ହୋଇପଡ଼ିଲା ।

କିଛି ସମୟ ପରେ ସୂର୍ଯ୍ୟରଶ୍ମି ପରି ତେଜସ୍ୱିନୀ ଜଣେ ନାରୀ ନିଃଶଙ୍କ ଚିତ୍ତରେ ମୋ ଆଡ଼କୁ ଆସୁଥିବା ଦେଖିବାକୁ ପାଇଲି । ମୋ ପାଇଁ ସେ ଥିଲେ ମୂର୍ତ୍ତିମତୀ ଧୃତି ସମାନ । ତାଙ୍କଠାରୁ ଜାଣିବାକୁ ପାଇଲି ଯେ ସେ ମହର୍ଷି ମତଙ୍ଗଙ୍କ ବାଳ ବ୍ରହ୍ମଚାରିଣୀ କନ୍ୟା ଯମୁନା । ତାଙ୍କର ତପୋକ୍ଲିଷ୍ଟ ଶରୀର କ୍ଷୀଣ ହେଲେ ମଧ୍ୟ ରୂପ ଥିଲା କଲ୍ୟାଣମୟୀ । ସେ ପୂର୍ବୋକ୍ତ ମୁନିକୁମାରୀଙ୍କ ଥିଲେ ଅନ୍ତରଙ୍ଗା ସଖୀ ।

ନିକଟକୁ ଆସି ଯମୁନା ମୋତେ ଲକ୍ଷ୍ୟ କରି କହିଲେ, 'ଚନ୍ଦ୍ରସାର, ଧୈର୍ଯ୍ୟ ଧରି ଶ୍ରବଣ କର । ଏହିଠାରୁ କିଛି ଦୂରସ୍ଥିତ ଅନ୍ୟ ଏକ ଦ୍ୱୀପରେ ଶିଖର ନାମକ ଜଣେ ବରିଷ୍ଠ ବଣିକ ବାସ କରନ୍ତି । ତାଙ୍କର ରୂପବତୀ ପତ୍ନୀ କନ୍ୟାଟିଏ ପ୍ରସବ କଲାବେଳେ ଜଣେ ଜୈନ ମୁନି ଜିନରକ୍ଷିତ ନିଜର ଦିବ୍ୟ ଦୃଷ୍ଟି ବଳରେ ମିତ୍ର ଶିଖରଙ୍କୁ କହିଥିଲେ, 'ମିତ୍ର, କନ୍ୟାଟି ଅନ୍ୟ ମାତୃକା । ତେଣୁ ତୁମେ ସ୍ୱୟଂ କାହାରିକୁ ଏହି କନ୍ୟା ଦାନ କରିବ ନାହିଁ । ଏଥିରେ ତୁମର ଅମଙ୍ଗଳ ହେବ । କନ୍ୟାଟି ତୁମ ପାଇଁ ଶୁଭପ୍ରଦା ।' ମୁନିଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ତୁମେ କନ୍ୟାଟିର ପାଣିଗ୍ରହଣ କରିବା ନିମିତ୍ତ ଇଚ୍ଛା ପ୍ରକାଶ କରନ୍ତେ ଶିଖର ନିଜେ କନ୍ୟା ଦାନ ନକରି ତା'ର ମାତାମହଙ୍କ ଦ୍ୱାରା ଏହା କରାଇବା ପାଇଁ ଚାହିଁଥିଲେ । ତେଣୁ କନ୍ୟାଟିକୁ ସେ ନୌକା ସାହାଯ୍ୟରେ ସିଂହଳ ଦ୍ୱୀପକୁ ପ୍ରେରଣ କରିଥିଲେ । ଦୁର୍ଭାଗ୍ୟବଶତଃ ନୌକାଟି ସମୁଦ୍ର ମଧ୍ୟରେ ବୁଡ଼ିଗଲା । କିନ୍ତୁ ଆୟୁ ବଳରୁ ବିକ୍ଷୁବ୍ଧ ସମୁଦ୍ର ତାକୁ ଆଣି କୂଳରେ ଲଗାଇଲା । ସେତେବେଳେ ମୋର ପିତା ମହର୍ଷି ମତଙ୍ଗ ନିଜର ଶିଷ୍ୟମାନଙ୍କ ସହିତ ସ୍ନାନ ତର୍ପଣ କରିବା ପାଇଁ ସମୁଦ୍ର ବେଳାକୁ ଆସିଥାନ୍ତି । ବେଳାଭୂମିରେ ଅଚେତନ କନ୍ୟାଟିକୁ ଦେଖି ଦୟାଶୀଳ ମୁନି ତାକୁ ନିଜ ଆଶ୍ରମକୁ ନେଇଗଲେ । ମହର୍ଷିଙ୍କ ଆଶ୍ୱାସନାରେ ସେ ଆଶ୍ୱସ୍ତ ହେଲା । କନ୍ୟାଟିକୁ ମୋତେ ସମର୍ପଣ କରି ପିତା କହିଲେ, 'ଆଜିଠାରୁ ତୁ ଏହି କନ୍ୟାଟିକୁ ପାଳନ କରିବୁ ।'

'ସମୁଦ୍ରର ବେଳାଭୂମିରୁ ପାଇଥିବା କନ୍ୟାଟିର ନୂତନ ନାମକରଣ କରାଗଲା ବେଳା । ସେ ମୋର ସମଗ୍ର ଚିତ୍ତଭୂମିକୁ ବାତ୍ସଲ୍ୟ ସ୍ନେହରେ ଆର୍ଦ୍ର କରିଦେଲା । ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ପରିତ୍ୟାଗ କରିଥିବା ସଂସାର ମୋତେ ବର୍ତ୍ତମାନ କଷ୍ଟପ୍ରଦ ମନେହେଉଛି । ବତ୍ସ ଚନ୍ଦ୍ରସାର, ଅବିବାହିତା ନବଯୁବତୀ ବେଳାକୁ ଦେଖି ମୋ ମନରେ ଶାନ୍ତି ରହିପାରୁ

Digitized by srujanika@gmail.com

ନାହିଁ । ଏହାର ଦାୟିତ୍ୱରୁ ମୁକ୍ତ ହେଲେ ମୁଁ ପୁଣି ତପସ୍ୱିନୀ ଜୀବନ ଯାପନ ପାଇଁ ସମର୍ଥ ହେବି । ପୁତ୍ର, ମୁଁ ଯୋଗବଳରେ ଜାଣିପାରିଛି ଯେ ତୁ ପୂର୍ବ ଜନ୍ମରେ ଏହି କନ୍ୟାଟିର ସ୍ୱାମୀ ଥିଲୁ । ଭାଗ୍ୟବଶତଃ ଆଜି ତୁ ଆସି ଏଠାରେ ପହଞ୍ଚିଛୁ । ଆଶ୍ରମକୁ ଆସି ଆମେ ସମର୍ପଣ କରୁଥିବା ଏହି କନ୍ୟାଟିର ପାଣିଗ୍ରହଣ କର । ତୁମେ ଦୁହେଁ ଯେଉଁ କଷ୍ଟ ସ୍ୱୀକାର କରିଛ, ତାହା ଆଜି ସଫଳ ହୋଇଛି ।''

ବିନା ମେଘରେ ବର୍ଷାଧାରା ପରି ଯମୁନାଙ୍କ ବାକ୍ୟଗୁଡ଼ିକ ମୋର ସନ୍ତପ୍ତ ହୃଦୟକୁ ଶୀତଳ କଲା । ସେ ମୋତେ ମହର୍ଷି ମତଙ୍ଗଙ୍କ ଆଶ୍ରମକୁ ନେଇଗଲେ । କନ୍ୟାଠାରୁ ମୋର ପରିଚୟ ପାଇ ମହର୍ଷି ମନୋରାଜ୍ୟର ମୂର୍ତ୍ତିମତୀ ସମ୍ପତ୍ତିରୂପିଣୀ ବେଳାକୁ ମୋ ହସ୍ତରେ ଅର୍ପଣ କଲେ । ମୁଁ ବେଳା ସହିତ ବେଳାଭୂମିରେ କ୍ରୀଡ଼ା କରି ମତଙ୍ଗଙ୍କ ଆଶ୍ରମରେ ରହିବାକୁ ଲାଗିଲି ।

ଦିନେ ନିକଟସ୍ଥ ଏକ ପୁଷ୍କରିଣୀରେ ବେଳା ଓ ମୁଁ ଜଳକ୍ରୀଡ଼ା କରୁଥାଉ । ମହର୍ଷି ମତଙ୍ଗ ସେହି ସରୋବରରେ ସ୍ନାନ କରିବା ପାଇଁ ଆସୁଥାନ୍ତି । ଆମର ଅଜ୍ଞାତସାରରେ ଜଳଛିଟିକା ଯାଇ ତାଙ୍କ ଶରୀରକୁ ସିକ୍ତ କଲା । ମହର୍ଷି ଆମରଏହି ଅଶାଳୀନ ବ୍ୟବହାର ଦେଖି ଭବିଷ୍ୟତରେ ଆମର ବିଚ୍ଛେଦ ଘଟିବ ବୋଲି ଅଭିଶାପ ଦେଲେ । ଏଥିରେ ଆମେ ସଂଯତ ଓ ଅନୁତପ୍ତ ହୋଇ ମହର୍ଷିଙ୍କ ପଦପ୍ରାନ୍ତରେ ବିନୟ ପୂର୍ବକ ପ୍ରଣତି ଜଣାଇବାରୁ ସେ ଶାପାନ୍ତ ଘୋଷଣା କରି କହିଲେ, 'ବେଗଗାମିନୀ ହସ୍ତିନୀ ଦ୍ୱାରା ଯିଏ ଅଶ୍ୱରତ୍ନ ଯୁଗଳକୁ ପରାଜିତ କରିବେ, ସେହି ବତ୍ସରାଜଙ୍କ ପୁତ୍ର ନରବାହନଦତ୍ତଙ୍କ ଦର୍ଶନରେ ତୁମମାନଙ୍କର ଶାପ ପ୍ରଶମିତ ହେବ । ସେତେବେଳେ ଏହି ଭାର୍ଯ୍ୟା ସହିତ ତୋ'ର ପୁନର୍ମିଳନ ଘଟିବ ।' ଏହା କହି ମହର୍ଷି ସ୍ନାନ ସଂଧ୍ୟା ପ୍ରଭୃତି ଶେଷ କରି ବିଷ୍ଣୁ ଉପାସନା ଅଭିଳାଷରେ ଆକାଶ ମାର୍ଗରେ ଶ୍ୱେତଦ୍ୱୀପ ଅଭିମୁଖରେ ଯାତ୍ରା କଲେ । ଯମୁନା ମଧ୍ୟ 'ଅତୀତରେ ଜଣେ ବିଦ୍ୟାଧର ଭଗବାନ ଧୂର୍ଜଟୀଙ୍କ ପାଦାଗ୍ରରୁ ଗୋଟିଏ ଆମ୍ରବୃକ୍ଷ ଲାଭ କରିଥିଲେ । ଏହି ଶିଶୁ ବୃକ୍ଷଟିକୁ ମୁଁ ତାଙ୍କଠାରୁ ଆହରଣ କରିଥିଲି । ଉତ୍ତମ ରତ୍ନରାଶି ଦ୍ୱାରା ପରିପୂର୍ଣ୍ଣ ଏହି ବୃକ୍ଷଟିକୁ ବର୍ତ୍ତମାନ ତୁମ ହସ୍ତରେ ଅର୍ପଣ କରୁଛି ।' କହି ସେଠାରୁ ଅନ୍ୟତ୍ର ଚାଲିଗଲେ ।

ଏହାପରେ ମୁଁ ନିଜ ପତ୍ନୀ ସହିତ କିଛି ସମୟ ସେଠାରେ ବାସ କରି ଅରଣ୍ୟ ମଧ୍ୟରେ ପତ୍ନୀକୁ ହରାଇବା ଭୟରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରାଯିବା ପାଇଁ ନିଶ୍ଚୟ କଲି । ଯାତ୍ରା ପାଇଁ ପ୍ରସ୍ତୁତ ହୋଇଆସି ଆମେ ସମୁଦ୍ର ତୀରରେ ପହଞ୍ଚିଲୁ । ସଂଯୋଗବଶତଃ ଜଣେ ବଣିକଙ୍କ ଜାହାଜଟିଏ ସେହି ପଥ ଦେଇ ଯାଉଥାଏ । ତାଙ୍କୁ ଅନୁରୋଧ କରି ମୁଁ ପ୍ରଥମେ ବେଳାକୁ ତା'ଉପରକୁ ଉଠାଇଦେଲି । ମୁଁ ପରେ ପରେ ଉଠିବା ପାଇଁ ଉଦ୍ୟତ

Digitized by srujanika@gmail.com

ହେଲାବେଳେ ମହର୍ଷିଙ୍କ ଅଭିଶାପ ପ୍ରଭାବରୁ ପ୍ରଚଣ୍ଡ ପବନରେ ଜାହାଜଟି କୂଳରୁ ଦୂରେଇଗଲା । ନୌକାଟି ଦୂରକୁ ଚାଲିଯାଉଥିବା ଦେଖି ମୁଁ ମୂର୍ଚ୍ଛିତ ହୋଇପଡ଼ିଲି । ମୋତେ ମୂର୍ଚ୍ଛିତ ଅବସ୍ଥାରେ ଦେଖି ସେହି ମାର୍ଗରେ ଯାଉଥିବା ଜଣେ ତପସ୍ୱୀ ମୋତେ ତାଙ୍କ ଆଶ୍ରମକୁ ନେଇଗଲେ । ମୋର ଚେତନା ଫେରାଇ ଆଣି ମୋତେ ଧୈର୍ଯ୍ୟ ଦେବାପାଇଁ ସେ ମୋଠାରୁ ସମଗ୍ର ବୃତ୍ତାନ୍ତ ଆଗ୍ରହର ସହିତ ଶୁଣିବା ସହିତ ମୋର ଦୁର୍ଭାଗ୍ୟକୁ ଅଭିଶାପର ପରିଣାମ ବୋଲି ଜାଣି ଶାପାନ୍ତ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାପାଇଁ ଉପଦେଶ ଦେଲେ ।

ତପସ୍ୱୀଙ୍କ ନିର୍ଦ୍ଦେଶ କ୍ରମେ ମୁଁ ପତ୍ନୀର ଅନୁସନ୍ଧନାରେ ବାହାରିଲି । ମାର୍ଗରେ ସେହି ଭଗ୍ନନାବ ମିତ୍ର ବଣିକଙ୍କ ସହିତ ସାକ୍ଷାତ ହେଲା । ଶାପକ୍ଷୟ ଆଶାରେ ମୁଁ ତାଙ୍କ ସହିତ ବହୁ ଦୁର୍ଗମ ପଥ ଓ ରାଜ୍ୟ ଭ୍ରମଣକରି ଶେଷରେ ବିଶାଖପୁରରେ ଆସି ପହଞ୍ଚିଲି । ଶୁଣିଲି ବତ୍ସରାଜ ବଂଶର ଶିରୋଭୂଷା ତୁଲ୍ୟ ଆପଣ ଏଠାକୁ ଆସିଅଛନ୍ତି । ଦୂରରୁ ମୁଁ ଯେତେବେଳେ ଦେଖିଲି ଆପଣଙ୍କ ବିଦ୍ୟାବଳରେ ହସ୍ତିନୀ ବେଗଗାମୀ ଅଶ୍ୱ ଦୁଇଟିକୁ ପରାସ୍ତ କରିଛି, ସେତେବେଳେ ମହର୍ଷି ପ୍ରଦତ୍ତ ମୋର ଅଭିଶାପ କ୍ଷୀଣ ହେବାକୁ ଲାଗିଲା । ଏ ସମୟରେ ଜଣେ ବଣିକ ମୋର ପ୍ରାଣପ୍ରିୟା ପତ୍ନୀଙ୍କୁ ଆଣି ମୋ ନିକଟରେ ପହଞ୍ଚାଇଲେ । ମହର୍ଷି କନ୍ୟା ଯମୁନାଙ୍କ ଅମୃତମୟ ହସ୍ତରେ ସମର୍ପିତା କଲ୍ୟାଣମୟୀ ବେଳା ସହିତ ମୋର ପୁନଃ ସମାଗମ ଘଟିଲା । ବର୍ତ୍ତମାନ ଆପଣଙ୍କ ଅନୁଗ୍ରହରୁ ମୁଁ ଅଭିଶାପ ରୂପକ ମହାର୍ଣ୍ଣବ ଉତ୍ତୀର୍ଣ୍ଣ ହୋଇପାରିଛି । ଏଣୁ ହେ ବତ୍ସରାଜ ନନ୍ଦନ, ତୁମକୁ ମୋର ଶତକୋଟି ପ୍ରଣାମ । ବର୍ତ୍ତମାନ ମୁଁ ସମସ୍ତ ଦୁଃଖରୁ ଉଦ୍ଧାର ପାଇ ନିଜ ପ୍ରାଣାଧିକା ବେଳାଙ୍କ ସହିତ ବିଦାୟ ନେଉଛି ।'

ଏହା କହି ବଣିକ ଚନ୍ଦ୍ରସାର ବିଦାୟ ନିଅନ୍ତେ ରୁଚିରଦେବ ନରବାହନଦତ୍ତଙ୍କ ମାହାତ୍ମ୍ୟ ଜାଣି ଅତ୍ୟନ୍ତ ଆନନ୍ଦିତ ହେଲା । ତାଙ୍କ ପ୍ରତି ତା'ର ଆନୁଗତ୍ୟ ଆହୁରି ବୃଦ୍ଧିଲାଭ କଲା । ସେ ଅନୁରାଗବଶତଃ ନିଜର ବେଗବତୀ ହସ୍ତିନୀ ଏବଂ ପ୍ରତିଯୋଗିତାରେ ଜୟ କରିଥିବା ବେଗଗାମୀ ଅଶ୍ୱ ଦୁଇଟି ସହିତ ନିଜ ଭଗିନୀ ଜୟେନ୍ଦ୍ରସେନାକୁ ନରବାହନଦତ୍ତଙ୍କ ହସ୍ତରେ ସମର୍ପଣ କଲା ।

ନରବାହନଦତ୍ତ ରୁଚିରଦେବଙ୍କ ସହିତ ପୂର୍ବୋକ୍ତ ହସ୍ତିନୀ ଓ ଅଶ୍ୱ ଏବଂ ତାଙ୍କ ଭଗିନୀ ଜୟେନ୍ଦ୍ରସେନାଙ୍କୁ ସଙ୍ଗରେ ନେଇ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କଲେ । ପିତା ବତ୍ସରାଜ ଉଦୟନ ଏବଂ ମଦନମଂଚୁକା ପ୍ରଭୃତି ରାଣୀମାନେ ଜୟେନ୍ଦ୍ରସେନାଙ୍କୁ ଆଦରରେ ଗ୍ରହଣ କରି ରୁଚିରଦେବର ଯଥୋଚିତ ସତ୍କାର କଲେ । ନରବାହନଦତ୍ତ ପତ୍ନୀ ଓ ପରିବାର ସହିତ ମାତାମାନଙ୍କ ଆଦର ଯତ୍ନରେ ସମୟ ବିତାଇବାକୁ ଲାଗିଲେ ।

●

Digitized by srujanika@gmail.com

ଡଃ. ସୁଦର୍ଶନ ଆଚାର୍ଯ୍ୟ

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଜରଡ଼ା ସୁବର୍ଣ୍ଣପୁରର ପ୍ରସିଦ୍ଧ ପଣ୍ଡିତ ରାୟ ବଂଶର ଉତ୍ତର ଦାୟାଦ।

ପ୍ରଖ୍ୟାତଯଶା ସମାଲୋଚକ ତଥା ଗବେଷକ ନଟବର ସାମନ୍ତରାୟ, ଅଧ୍ୟାପକ ଚିନ୍ତାମଣି ବେହେରା, ଅଧ୍ୟାପକ ଗୌରୀକୁମାର ବ୍ରହ୍ମା, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କଠାରୁ ସାହିତ୍ୟ ବିଦ୍ୟା ଆହରଣ।

ଶ୍ରୀକାକୁଲମ୍ କଳା ମହାବିଦ୍ୟାଳୟ, ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଅବସର ଗ୍ରହଣ।

ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡ଼ିଆ କାବ୍ୟ କୌଶଳ ପରି ମୌଳିକ ସମାଲୋଚନା ଗ୍ରନ୍ଥ ସହିତ ବିଶାଳ କଥାଗ୍ରନ୍ଥ 'କଥା ସରିତ ସାଗର'ର ଓଡ଼ିଆ ଅନୁବାଦ ଏବଂ ରାମଚନ୍ଦ୍ର ଗ୍ରନ୍ଥାବଳୀ (ଚାରିଖଣ୍ଡ), ଜଗନ୍ନାଥ ନାରାୟଣ ଦେବ ଗ୍ରନ୍ଥାବଳୀ, ଊନବିଂଶ ଶତାବ୍ଦୀର ବିସ୍ମୃତ ପତ୍ରିକା 'ଇନ୍ଦ୍ରଧନୁ', ଉପେନ୍ଦ୍ର ଭଞ୍ଜଙ୍କ ପ୍ରଥମ କାବ୍ୟକୃତି 'ଚିତ୍ରଲେଖା' ପରି ଦୁଷ୍ପ୍ରାପ୍ୟ ଓ ଦୁର୍ଲ୍ଲଭ ଗ୍ରନ୍ଥଗୁଡ଼ିକ ସମ୍ପାଦିତ ହୋଇ ପ୍ରକାଶିତ।

Scanned by srujanika@gmail.com



ISBN 81-7401-565-5

9788174015655

ଫ୍ରେଣ୍ଡସ୍ ପବ୍ଲିଶର୍ସ